# କଳିଙ୍ଗା : କାରୁବାକୀ

ଧର୍ମାନନ୍ଦ

ଲେଖାଲେଖି

**କଳିଙ୍ଗା : କାରୁବାକୀ** (କାବ୍ୟଧର୍ମୀ ଐତିହାସିକ ଉପନ୍ୟାସ) ■ ଲେଖକ : **ଧର୍ମାନନ୍ଦ**, ଚଉଦ୍ୱାର, କଟକ-୭୫୪୦୨୫, ଫୋନ୍: ୯୬୯୨୩୨୧୨୦୭ ■ ପ୍ରଥମ ସଂସ୍କରଣ: ୨୦୧୪ ■ ପ୍ରକାଶକ : ଲେଖାଲେଖି, ବି.ଏଲ୍-୭, ଭି.ଏସ୍.ଏସ୍ ନଗର, ଭୁବନେଶ୍ୱର, ଫୋନ୍: ୯୯୩୭୪୭୬୧୭୩ ■ ପ୍ରଚ୍ଛଦ : ଶରତ ଚନ୍ଦ୍ର ସେଠୀ ■ ପ୍ରୁଫ୍-ରିଡର : କମଳାକାନ୍ତ ପଣ୍ଡା (କଳ୍ପାନ୍ତ) ■ ଡିଟିପି : ପ୍ରଶାନ୍ତ ନାୟକ ଓ ଟୁଟୁ ବିଶ୍ୱାଳ ■ ମୂଲ୍ୟ : ୨୦୦ ଟଙ୍କା

●●

**KALINGA : KARUBAKI** ■ *Poetic Historical Novel* by **Dharmananda,** Choudwar, Cuttack-754025, Phone: 9692321207 ■ 1st Edition : **2014** ■ Publisher : **Lekhalekhi,** B.L-7,V.S.S Nagar, Bhubaneswar-7, Phone: 9937476173 ■ Cover Design : **Sarat Chandra Sethy** ■ Proof-reader : **Kamalakanta Panda (Kalpanta)** ■ DTP : **Prasant Nayak and Tutu Biswal** ■ Price : **₹200/-**

# ସମର୍ପଣ

ମହାପ୍ରଭୁଙ୍କୁ ..., ତାଙ୍କ ମାୟାକୁ, ତାଙ୍କ ପ୍ରେମକୁ, ପ୍ରାଣଘାତକ ପୀଡାକୁ, ଅହିଂସା ପ୍ରହାରକୁ ପ୍ରଣାମ, 'ଆଉ ହବୁନି' ଶବ୍ଦ ମହିମାକୁ ପ୍ରଣାମ, କୃପା କଟାକ୍ଷକୁ ପ୍ରଣାମ, 'ଦୟାକର କ୍ଷମାକର'ଏ ଶବ୍ଦଶରକୁ ପ୍ରଣାମ । ତାଙ୍କ ପାଦପଦ୍ମରେ ଶବ୍ଦଶିଳ୍ପୀର କୋଣାର୍କ, କୋଣାର୍କ ଶିଳ୍ପୀର ଶବ୍ଦ ସୁନ୍ଦର କଳାକୃତି "କଳିଙ୍ଗା : କାରୁବାକୀ" ଉପନ୍ୟାସର ଏ ସମର୍ପଣ ।

ଭଲ ବହିଟିଏ ଜୀବନକୁ ମହିମାନ୍ୱିତ କରିଥାଏ, ମହା ଆନନ୍ଦ ଆନନ୍ଦ ଲାଗୁଥାଏ, ମହାସ୍ୱର୍ଗର ଆଲୋକ ଅମୃତ ବର୍ଷୁଥାଏ, ଧରାବତରଣକୁ ଧନ୍ୟ କରୁଥାଏ, ଗୋଟେ ବିଭୋର ପଣରେ ମାନବ ତନୁକୁ, ମନକୁ ବିହ୍ୱଳ କରୁଥାଏ, ବାନ୍ଧି ରଖିଥାଏ ଅଜସ୍ର ସ୍ୱପ୍ନ ସମ୍ଭାବନାରେ, ଚିର ସବୁଜ ଆଶାର ପାଖୁଡ଼ାପାଖୁଡ଼ା ପଦ୍ମ ଫୁଲରେ, ସିନ୍ଦୁରିତ ସୂର୍ଯ୍ୟ ସ୍ୱର୍ଣ୍ଣିମ ପ୍ରଭାତର ଐଶ୍ୱର୍ଯ୍ୟ ପ୍ରକାଶରେ, ମୁକ୍ତା ଶାମୁକା ପରି, ହୀରା ପଥର ପରି, ପହିଲି ପ୍ରୀତିର ଅଭୁଲା ପୁଲକ ପରି, ହଠାତ୍ ଦିନେ ସମୁଦ୍ର ପର୍ବତ ଦେଖି ସ୍ତମ୍ଭୀଭୂତ ହେଲାପରି, ମହାତୀର୍ଥରେ ପାଦ ଦେଉଦେଉ ଶରଧାବାଲିରେ ଗଡ଼ିଗଲା ପରି, ମହାପୁଣ୍ୟର ମହିମ୍ନ ଅନୁଭବ ପରି । ପ୍ରଣାମ... ।

# ପ୍ରାକ୍‌କଥନ

ପ୍ରଣାମ । ଲେଖକର ଅନୁଭବରେ ଲେଖିବା ଏକ କଠିନ କଳା । କଠିନ କାର୍ଯ୍ୟ । ପୁଣି ଲେଖାଟିଏ ପ୍ରକାଶିତ ନହେଲେ ଲେଖକର ଦୁଃଖ ତା ଜୀବଦ୍ଦଶାରେ ଭୋଗିଥିବା ଦୁଃଖଠାରୁ ବଳିପଡେ । ଲେଖିବା ଭିତରେ ସେ ସମସ୍ତ ଚରିତ୍ର ମଧ୍ୟରେ ଭଲମନ୍ଦ, ହସକାନ୍ଦକୁ ଅନ୍ତରଙ୍ଗ ଭାବେ ଅନୁଭବ କରିଥାଏ । ଅଙ୍ଗେ ନିଭେଇ ଥିଲାଭଳି ତାର ମନେ ହୁଏ । ସେ ପୀଡା ତାର ନିଜସ୍ୱ । ସବୁ ଚରିତ୍ର ତା'ର ପ୍ରାଣ ସର୍ବସ୍ୱ । ସମସ୍ତଙ୍କର ସେ ସ୍ରଷ୍ଟା । ସମସ୍ତଙ୍କ ସୁଖଦୁଃଖର ଚିରନ୍ତନ ସାଥିଟିଏ । ଉପନ୍ୟାସ ଲେଖିବା ବହୁତ କଷ୍ଟ । ପୁଣି ଐତିହାସିକ ଉପନ୍ୟାସ ଲେଖିବା କାଠିକର ପାଠ । ମୋ ଉପନ୍ୟାସ ସମ୍ପୂର୍ଣ୍ଣ ଐତିହାସିକ ନୁହେଁ । ଇତିହାସର ପଞ୍ଜର ଉପରେ ସତ୍ୟ, କଳ୍ପନାର ମାଟି ବୋଳି ଜୀବନର ରଙ୍ଗ ଦେଇ ଜୀବନ୍ତ କରିବାକୁ ଚେଷ୍ଟା କରିଛି । ବିଭାଜିତ ଭାରତବର୍ଷର ଦୁଇ ସ୍ୱାଧୀନ ପଡୋଶୀରାଷ୍ଟ୍ର ଭାରତ ଓ ପାକିସ୍ତାନର ସୃଷ୍ଟି, ସମ୍ପର୍କର ତିକ୍ତ-ମଧୁର ଛାପ ଏଥିରେ ସ୍ପଷ୍ଟ । ପୁରାତନ ରାଜ୍ୟ ସମ୍ପର୍କର ଛାଞ୍ଚରେ ଆଧୁନିକ ରାଷ୍ଟ୍ର ଗଢ଼ା ହୋଇଛି; ଯେପରି ରାଜାରୁ ରାଷ୍ଟ୍ରପତି । କୂଟନୀତିକ ସ୍ତରରେ ରାଜଦୂତଙ୍କ ଦ୍ୱାରା ଗୁପ୍ତଚର ବୃତ୍ତି, ଗୁପ୍ତ ତଥ୍ୟର ଆଦାନ ପ୍ରଦାନ, ପଡ଼ୋଶୀ ରାଷ୍ଟ୍ର ଦ୍ୱାରା ପ୍ରକାଶିତ ତଥ୍ୟର ଗୋପନ ଯାଞ୍ଚ, ବନ୍ଧୁତା ଓ ଶତ୍ରୁତାର ସୂକ୍ଷ୍ମ ସୂତ୍ରଟିଏ, ସୂତ୍ରଧାରଟିଏ କେତେବେଳେ ସ୍ୱୟାଂଶୁ ଭଳି ସମୁଜ୍ଜ୍ୱଳ, ଦୁଇରାଷ୍ଟ୍ରକୁ ସମୃଦ୍ଧ କରିଥାଏ କେତେବେଳେ ସ୍ୱୟଂଚାଳିତ ଅସ୍ତ୍ରଭଳି ପରସ୍ପରକୁ ଧ୍ୱଂସ କରିଥାଏ । ମଗଧ ଓ କଳିଙ୍ଗ ଦୁଇ ଶକ୍ତିଶାଳୀ ସ୍ୱାଧୀନ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ବନ୍ଧୁତା ଓ ଶତ୍ରୁତାର ଚରମ ପରିଣତି ଥିଲା କଳିଙ୍ଗ ଯୁଦ୍ଧ । ଯାହାର ପ୍ରଭାବ ଓ ପ୍ରେରଣାରେ ଅଶୋକ ଅସ୍ତ୍ରତ୍ୟାଗ କରି ବିଶ୍ୱସମ୍ରାଟର ମର୍ଯ୍ୟାଦା ଲାଭ କରିଥିଲେ । ଠିକ୍ ଯେମିତି ମହାଭାରତ ଯୁଦ୍ଧକ୍ଷେତ୍ରରେ ହଠାତ୍ ଅସ୍ତ୍ରତ୍ୟାଗ କରି ଅର୍ଜୁନ ସମସ୍ତଙ୍କୁ ହତବାକ୍ କରିଦେଇଥିଲେ । ପରେ ଶ୍ରୀକୃଷ୍ଣଙ୍କ ବିଶ୍ୱଦର୍ଶନ 'ଗୀତା'ଶ୍ରବଣରେ, ବିଶ୍ୱରୂପ ଦର୍ଶନରେ ଯୁଦ୍ଧ କରିଥିଲେ କ୍ଷତ୍ରିୟ ଧର୍ମ ପାଳନପାଇଁ । ବର୍ତ୍ତମାନ ଯେପରି ସାରାବିଶ୍ୱରେ ଯୁଦ୍ଧ ପ୍ରସ୍ତୁତି ଚାଲିଛି ସୁରକ୍ଷା, ସ୍ୱଧର୍ମର ଦ୍ୱାହିଦେଇ, ଯେଉଁଠି ଅନାହାର ଅପମୃତ୍ୟୁ ଶ୍ରେୟସ୍କର କିନ୍ତୁ ଅସ୍ତ୍ରତ୍ୟାଗ ଅସମ୍ଭବ ।

ଏଭଳି ଏକ ଉପନ୍ୟାସ ଲେଖିବାକୁ ମତେ ବାଧ୍ୟ କରିଥିଲା ଯୁବପ୍ରାଣର ଉଦ୍‌ବେଳନ, ଯୌବନର ଶକ୍ତି, ପ୍ରେରଣା, ସୃଜନୀ ଉଚ୍ଛ୍ୱାସ । ଏହି ଉପନ୍ୟାସ ଲେଖିବାପାଇଁ ଓଡ଼ିଶା ସାହିତ୍ୟ ଗନ୍ତାଘର ମଧ୍ୟରେ ସୌନ୍ଦର୍ଯ୍ୟପିପାସୁ ମୁଗ୍ଧ ଭାବୁକର ପ୍ରୀତିପୂର୍ଣ୍ଣ ଦୃଷ୍ଟିରେ ଓଡ଼ିଶାର ମାଟି, ପ୍ରକୃତିକୁ ଦେଖିବାକୁ ଯିଏ ମୋତେ ଅନୁପ୍ରେରିତ କରିଥିଲେ, ଚିଲିକା କାବ୍ୟର ରୂପ ବର୍ଣ୍ଣନାରେ, ନୀଳ ଲହରୀ, ଦୋଳାୟମାନ ପଦ୍ମାବତୀର କୃଷ୍ଣବେଣୀରେ, ନୀଳପର୍ବତର ଶୋଭାରେ, ନୀଳ ଆକାଶରେ ଧଳାମେଘର ରୋଷଣିରେ, ପ୍ରକୃତିରାଣୀର ରୂପ ପସରାରେ ମତେ ରୂପ ସୁଧାପାନ କରାଇଥିଲେ, ମୋ ଚେତନାରେ 'ଭାଷା', ଶବ୍ଦର କୁହୁକ ଛୁଆଁଇ ଥିଲେ ସେହି ସ୍ନେହ କାଙ୍ଗାଳ, ଛାତ୍ରବତ୍ସଳ, ଦୟାଶୀଳ, ଦରଦୀ କବିପ୍ରାଣ ପ୍ରାଣୋଚ୍ଛଳ ଓଡ଼ିଆ ଅଧ୍ୟାପକ ମୋ ପ୍ରାଣର ପରମପୂଜ୍ୟ ଗୁରୁ, ଦେବତା ଶ୍ରୀଯୁକ୍ତ ଅଶୋକ କୁମାର ମହାନ୍ତିଙ୍କୁ ମୋର ସୃଜନୀ ପ୍ରାଣର ନମ୍ରପ୍ରଣାମ, କୋଟି କୋଟି ପ୍ରଣାମ ଯାହାଙ୍କ ପାଦତଳର ମାଟି ମୋ'ପାଇଁ ମହାତୀର୍ଥ, ସେ ଚିର ସ୍ମରଣୀୟ । ଯାହାଙ୍କ ପାଇଁ ମୁଁ ଧନ୍ୟ ।

ସ୍ୱାଧୀନତାପ୍ରିୟ, ଦେଶାତ୍ମବୋଧକ ଯୁଦ୍ଧଭଳି ଘଟଣାକୁ ନେଇ ଉପନ୍ୟାସ ଲେଖିବାକୁ ଯିଏ ମୋତେ ଭାବ ବିଭୋର କରିଛନ୍ତି, ମୋ ରକ୍ତମାଂସକୁ ରୋମାଞ୍ଚିତ କରିଛନ୍ତି, ସିଏ ହେଉଛନ୍ତି ବନମାଳୀପୁର ହାଇସ୍କୁଲର ସର୍ବମାନ୍ୟ ହିନ୍ଦୀ ଶିକ୍ଷକ, ହୋମିଓପାଥି ଡାକ୍ତର ଶ୍ରୀଯୁକ୍ତ ଦାମୋଦର ମିଶ୍ର ଯେ ଶ୍ରେଣୀରେ ପାଠପଢା ଶେଷରେ ୧୦ ମିନିଟ୍ ଦେଶାତ୍ମବୋଧକ କାହାଣୀ ଶୁଣାଉଥିଲେ । ସେତେବେଳେ ରାଣାପ୍ରତାପ, ଶିବାଜୀ, ସୁବାଷ ବୋଷଙ୍କ ବୀରଗାଥା ଆମକୁ ରୋମାଞ୍ଚିତ କରୁଥିଲା । ସ୍ୱାଧୀନତା ଦିବସର ସଭାରେ ସେ ଶୁଣାଉଥିଲେ ସ୍ୱାଧୀନତା ପାଇଁ ଆତ୍ମବଳିଦାନର ଅମର ଅଧ୍ୟାୟକୁ, ଲୋହିତ ସଂଗ୍ରାମର ତରୁଣ ସେନାପତି, ସହିଦ୍‌ମାନଙ୍କ ବୀରତ୍ୱର କାହାଣୀକୁ । ଭାରତ, ପାକିସ୍ତାନ ଯୁଦ୍ଧରେ ଆମର ବୀର ଜବାନ୍‌ଙ୍କ ସାହସ ଓ ବଳିଦାନରେ ଆମର ଅଭୂତପୂର୍ବ ବିଜୟକୁ । ଗଇଶ ଗଛ ଉପାଡି ସଙ୍ଗେ ସଙ୍ଗେ ପାକିସ୍ଥାନର ଆମେରିକା ତିଆରି ପ୍ୟାଟେନ ଟ୍ୟାଙ୍କ ତିଆରିକରି ଭାରତର ବୈଜୟନ୍ତୀ ଟ୍ୟାଙ୍କଦ୍ୱାରା ଧ୍ୱଂସକରି ଦେଉଥିଲେ । ଆମ୍ଭେମାନେ ଆନନ୍ଦ, ବିସ୍ମୟରେ ଉଚ୍ଛୁଳି ଉଠୁଥିଲୁ । ଆମକୁ ସାହସୀ, ବୀର କରି ଗଢିବାକୁ ମାତୃଭୂମି ସେବାରେ ଆତ୍ମବଳି ଦେବାକୁ ଯେ ଆମକୁ ସଦା ପ୍ରେରଣା ଦେଉଥିଲେ ତାଙ୍କର ଅମର ଆତ୍ମା ପାଖରେ ମୋର ଭକ୍ତିପୂତ ପ୍ରଣାମ ।

ଯେଉଁ ଗାଁ ଜାହାଙ୍ଗୀରପାଟଣାର ମାଟି, ପାଣି, ପବନରେ ମୁଁ ବଢିଛି, ଯେଉଁ ସାଙ୍ଗ ସାଥି, ଗୁରୁଜନଙ୍କ ସ୍ନେହ ଆଦର ଲାଭ କରିଛି, ଯେଉଁମାନଙ୍କର ସାହାଯ୍ୟ ସହଯୋଗରେ ମୋ ଜୀବନ ପରିପୁଷ୍ଟ ହୋଇଛି ସେମାନଙ୍କର ସାନ୍ନିଧ ଚିର ଅଭୁଲା । ତାର ପ୍ରଭାବରେ ସମୃଦ୍ଧ ହୋଇଛି ମୋର ପ୍ରକାଶ, ମୋର ସୃଜନୀ । ସେମାନଙ୍କର ସ୍ନେହ ସୁରଭିରେ ସୌରଭାନ୍ୱିତ ମୋର ବ୍ୟକ୍ତିତ୍ୱ, ବର୍ଣ୍ଣିଳ ମୋର ବ୍ୟକ୍ତିସତ୍ତା

ମୋ ପାଇଁ ଚିରନ୍ତନ ସ୍ନେହର ଉତ୍ସ ଜେଜେ ଯିଏ ମତେ ସ୍କୁଲ୍,ଟିଉସନ୍ ନେଉଥିଲେ, ବାପାଙ୍କ ରାଗରୁ ରକ୍ଷା କରୁଥିଲେ, ମୋ ଅବୁଝାପଣ କାନ୍ଦକୁ ବନ୍ଦ କରିବାକୁ ମତେ ନିଦା ପାଞ୍ଚ, ଦଶ ପଇସାର ଥଳି ଦେଉଥିଲେ । ମୁଁ ରାଗରେ ମୁଠାମୁଠା ପଇସା ଫିଙ୍ଗୁଥିଲି ଘରସାରା । ଗୋଟାଇ ଗୋଟାଇ ମୁଁ ଶାନ୍ତ ହେଉଥିଲି । ହାଟ, ବାଟ, ଯାତ୍ରାକୁ ବୁଲାଇ ନେଉଥିଲେ, ବାରି ବଗିଚାରେ କାମ କରିବାକୁ, ଆମ୍ବ ତୋଟାରୁ ଆମ୍ବ ଆଣିବାକୁ, ବାଉଁଶବୁଦାରୁ ଛତୁ ତୋଳିବାକୁ ମତେ ସାଥିରେ ନେଉଥିଲେ, ମୋ' ପାଇଁ ସବୁଦିନେ ଗଜା, ଲଡୁ, ଚୁଡାଭଜା, ସେଉ ରଖୁଥିଲେ, ମତେ ଖୁଆଇସାରି ଶେଷରେ ଖାଉଥିଲେ, ମତେ ତାଙ୍କ ହାତରେ ଗଢିଥିଲେ, ତାଙ୍କ ପାଦତଳେ ଜନ୍ମଜନ୍ମର କୋଟିକୋଟି ପ୍ରଣାମ । ମୁଁ ତାଙ୍କ ସଦ୍‌ଗୁଣରୁ କାଣିଚାଏ ଜୀବନରେ ଫୁଟାଇ ପାରିଲି ନାହିଁ ଭାବିଲେ ଆଖିରେ ଲୁହ

ଆସିଯାଉଛି । ତାଙ୍କର ଧୈର୍ଯ୍ୟ, ଶାନ୍ତି, ନିଷ୍ଠା, ପରୋପକାର, ଅହିଂସଭାବ, ଈଶ୍ୱର ପ୍ରୀତି, ପ୍ରକୃତିପ୍ରାଣତା ମତେ ମୁଗ୍ଧ କରିଛି ।

ସ୍ନେହମୟୀ ବୁଢ଼ୀ ମା, ବୋଉ ଯିଏ ମୋ ଖାଇବା ପାଇଁ ବ୍ୟସ୍ତ ଥିଲେ । ମୋ' ପାଇଁ ସବୁଦିନେ ମାଛ ରଖିବା, ଆଣିବା, ଧରିବା ପାଇଁ କୁଣ୍ଠା କରୁନଥିଲେ, ତାଙ୍କ ପାଖରେ ମୁଁ ଚିରକାଳ ପିଲା ଯିଏ ମୋର କୌଣସି କଥା ଭାଙ୍ଗୁନଥିଲେ । ତାଙ୍କ ପାଦତଳେ ଭକ୍ତିପୂତ ପ୍ରଣାମ । ଶେଷରେ କଡା ପ୍ରକୃତିର ବାପା ଯାହାଙ୍କ ଅନ୍ତର ଖୁବ୍ ମିଠା ନଡ଼ିଆ ଭଳି ଭାରି ବଢିଆ ତାଙ୍କ ପାଖରେ ମୁଁ ଚିରକାଳ ନତମସ୍ତକ ।

ମୋର ଅତୀବ ପ୍ରିୟ ଥିଲା ପ୍ରକୃତି । ଜାହାଙ୍ଗୀର ପାଟଣା ଗାଁ, ଚୌଦ୍ୱାର ସହରର ମାଟି ପାଣି, ଆକାଶ, ମହାକାଶ, ନଦୀ, ନାରୀ, ନକ୍ଷତ୍ର, ନଈପଠା, ପାହାଡ଼, ତୁଠ ପୋଖରୀ, ଗାଁ ଗୋହିରୀ – ସବୁ ମୋର ଏକାନ୍ତ ଆପଣାର । ପୁଣ୍ୟତୋୟା କୁଶଭଦ୍ରା, ପୁଣ୍ୟମୟୀ ପ୍ରାଚୀନଦୀର ସବୁଜ ଶାନ୍ତ ଶସ୍ୟଶ୍ୟାମଳ ତଟଦେଶ, ସୁନ୍ଦର ଧାନକ୍ଷେତ, ବିଲ ବନାନୀ, ଆମ୍ବତୋଟା, ତାଳମାଳ, ବିରୂପା କୂଳ ଆନିକଟ, ବୁଢାଲିଙ୍ଗ, ବିରାଟ ଗାଦି, ପୁରାଣ ପ୍ରସିଦ୍ଧ ଗନ୍ଧନଦୀର ମାୟା–ମମତା ମୋ ଆଖିରେ ସ୍ୱପ୍ନର ମାୟାଞ୍ଜନ ବୋଳିଥିଲା । ସେ ସ୍ୱପ୍ନସବୁ ଥିଲା ଏକ ତରୁଣ ପ୍ରାଣର ସ୍ୱପ୍ନ, ପ୍ରିୟତମାର ସ୍ୱପ୍ନ, ପ୍ରୀତିବଧୂର ସ୍ୱପ୍ନ, ପ୍ରୀତିମଧୁର ସ୍ୱପ୍ନ । ମୋର ପ୍ରିୟଖେଳ ଥିଲା ବାଗୁଡୁଗୁଡୁ, ବାସ୍କେଟ ବଲ୍, ଫୁଟବଲ୍, ଡାଗରପୁଆ । ସବୁଠୁ ପ୍ରିୟ ଥିଲା ତିନ୍ତିବୁଡି ବନ୍ସୀ ପକେଇବା, ପୋଲୁହରେ ମାଛଧରିବା, ଘଣ୍ଟାଘଣ୍ଟା ନଈ, କେନାଲରେ ପହଁରିବା, ମହୁମାଛି ପାଳିବା, ଧରିବା, ବାରିରେ ଗଛ ଲଗାଇବା, ସମାଜ ପଢିବା,ପାଲା ଦେଖିବା, ସୂର୍ଯ୍ୟୋଦୟର ରଙ୍ଗ, ସୂର୍ଯ୍ୟାସ୍ତର ଆକାଶକୁ ଅନେଇ ରହିବା ପରମ ତୃପ୍ତିରେ, ପରମ ପ୍ରୀତିରେ । ମା' ମଙ୍ଗଳାଙ୍କ ଶରଣ ଆଶ୍ରିତ ହୋଇ, ପରିବାରର ଠାକୁର ଶ୍ରୀ ଶ୍ରୀ ଅନୁକୁଳଚନ୍ଦ୍ରଙ୍କର ଚରଣ ଆଶ୍ରିତ ହୋଇ ମହିମାମୟ ଏ ଜୀବନ ଧନ୍ୟ ହେଲା ।

ଏହି ଉପନ୍ୟାସ ଲେଖିବାପାଇଁ ମୁଁ ବହୁତ ବହି ପଢାପଢି କରିଛି । ବିଶେଷ କରି ଔପନ୍ୟାସିକ ଶ୍ରୀଯୁକ୍ତ ନୃସିଂହ ଚରଣ ପଣ୍ଡାଙ୍କ ଉପନ୍ୟାସ ''ଚଣ୍ଡାଶୋକ'' ମତେ ପ୍ରଭାବିତ କରିଛି, ତେଣୁ ତାଙ୍କୁ ମୋର ହୃଦୟର କୃତଜ୍ଞତା ଜଣାଉଛି । ପ୍ରକାଶ ପୂର୍ବରୁ ପରମହଂସ ଯୋଗାନନ୍ଦଙ୍କ ଲିଖିତ ''ଯୋଗୀର ଆତ୍ମଚରିତ'' ମୋ ହୃଦୟକୁ ରସମୟ, ରସୋତ୍ତୀର୍ଣ୍ଣ କରିଛି । ଏହା ପ୍ରତ୍ୟେକ ସଂସାରୀ ପାଇଁ ପରମ କଲ୍ୟାଣମୟ ବହିଟିଏ ଯାହାର ତୁଳନା ନାହିଁ । ଏହା ସତ୍ୟ ଯେ, ଏପରି ସରସ ସୁନ୍ଦର ସମୃଦ୍ଧ ଭାବେ ମାନବ ଜୀବନର ବୌଦ୍ଧିକ ସତ୍ୟକୁ ଲେଖାଯାଇ ପାରିବନାହିଁ । ଜୀବନ ସମସ୍ୟାର ସମାଧାନ ଯେମିତି ଫୁଲହାର ଭଳି ଗୁନ୍ଥି ହୋଇ ରହିଛି । ତାଙ୍କର ଦୟା ନହେଲେ ତାଙ୍କୁ ବୁଝି ହେବନି । ଅବିଶ୍ୱାସ ହେଲେ ହେଁ ଏହା ସତ୍ୟ ଅନୁଭବ । ପ୍ରଣାମ ।

ଇତିହାସରେ ଅନେକ ଯୁଦ୍ଧ ଘଟିଛି, କିନ୍ତୁ କଳିଙ୍ଗ ଯୁଦ୍ଧରେ ଅଶୋକ ଅତ୍ୟଧିକ ହିଂସା ପ୍ରଦର୍ଶନ କରିଥିଲେ ଯେପରି ଦୁର୍ଯ୍ୟୋଧନ ଦ୍ରୌପଦୀଙ୍କୁ ସର୍ବସମକ୍ଷରେ ଉଲଗ୍ନ କରିବାକୁ ନିର୍ଦ୍ଦେଶ ଦେଇ ଅତ୍ୟଧିକ ହିଂସା ପ୍ରଦର୍ଶନ କରିଥିଲେ । ରାମଚ଼ନ୍ଦ୍ର ସୂର୍ପଣଖାଙ୍କ ସୁନ୍ଦର ନାକ କାଟିଦେଇ ଅତ୍ୟଧିକ ହିଂସା ପ୍ରଦର୍ଶନ କରିଥିଲେ ଯାହାର ପରିଣାମ ଥିଲା ସୀତାହରଣ, ରାମ–ରାବଣ ଯୁଦ୍ଧ । ସୀତାଙ୍କୁ ଉଦ୍ଧାରକରି ଅଗ୍ନିପରୀକ୍ଷା ପାଇଁ ବାରମ୍ବାର ବାଧ୍ୟ କରିବା, ଗର୍ଭବତୀ ପତ୍ନୀ ମହାରାଣୀ ସୀତାଙ୍କୁ ଏକାନ୍ତ ବନବାସ ଦଣ୍ଡ ଦେବା ଥିଲା ରାମଚନ୍ଦ୍ରଙ୍କର ଅତ୍ୟଧିକ ହିଂସା ପ୍ରଦର୍ଶନ । ଏହାକୁ ମାନବ ସାମାଜ ନାରୀ ନିର୍ଯ୍ୟାତନା ଆଖ୍ୟା ଦେଇଛି । ନାରୀ ନିର୍ଯ୍ୟାତନା ପାଇଁ ରାମାୟଣ, ମହାଭାରତ ଯୁଦ୍ଧ ହୋଇଥିଲା । ନାରୀ ନିର୍ଯ୍ୟାତନାର ଅନ୍ତରାଳରେ ନାରୀଦ୍ୱାରା ପୁରୁଷ ନିର୍ଯ୍ୟାତନାର ଅସହ୍ୟ ଯନ୍ତ୍ରଣା ପ୍ରତି ସମସ୍ତେ ଆଖିବୁଜି ଦେଇଛନ୍ତି । ଅତ୍ୟଧିକ ହିଂସା ପ୍ରଦର୍ଶନ ପଛରେ ଥିଲା ପ୍ରେମ–ପ୍ରତିଶୋଧର ପ୍ରାଣଘାତକ ପୁରୁଷ ନିର୍ଯ୍ୟାତନା, ନାରୀର ନିଷ୍ଠୁର ଅପମାନ, ନିର୍ଦ୍ଦୟ ଆଚରଣ, ତାକୁ ଜିଣିବାକୁ କାମନାର କଟାକ୍ଷ ଭିତରେ କାଳନାଗର ଆଗ୍ନେୟ ଆହ୍ୱାନ । କେଉଁ ପୁରୁଷ ଗ୍ରହଣ ନକରିବ ସେ ଆହ୍ୱାନ ପୁଣି ଜ୍ଞାନ,ଧନ, କ୍ଷମତାର ଅଧିକାରୀ ହୋଇବି ? କ'ଣ ପତଙ୍ଗଠାରୁ ଦୁର୍ବଳ ତାର ପ୍ରାଣ, ଅଗ୍ନିର ଆହ୍ୱାନ ପାଖରେ ? ବରଂ ଭଲ, ପୋଡି ପାଉଁଶ ହେବାରେ,ପୌରୁଷର ନିଆଁରେ । ରାମାୟଣରେ ରାକ୍ଷସୀ ସୂର୍ପଣଖା ବିବାହିତ ରାମଚନ୍ଦ୍ରଙ୍କୁ ବିବାହ କରିବାକୁ ବାଧ୍ୟ କରିବା ଥିଲା ନାରୀ ଦ୍ୱାରା ପୁରୁଷ ନିର୍ଯ୍ୟାତନା । ସ୍ୱାମୀ ରାମଚ଼ନ୍ଦ୍ର ପତ୍ନୀ ସୀତାଙ୍କୁ ସ୍ୱର୍ଣ୍ଣମୃଗ ଅସମ୍ଭବ ବୁଝାଇ ବୁଝାଇ ବ୍ୟର୍ଥ ହୋଇଥିଲେ । ନିଜଇଛା ବିରୁଦ୍ଧରେ ସ୍ୱର୍ଣ୍ଣମୃଗ ଧରିବାକୁ ଯିବାକୁ ସୀତା ତାଙ୍କୁ ବାଧ୍ୟ କରିଥିଲେ । ନିଜଇଚ୍ଛା ବିରୁଦ୍ଧରେ ସ୍ୱାମୀ, ସ୍ତ୍ରୀ କଥାରେ ବାଧ୍ୟହୋଇ ଯେଉଁ କାର୍ଯ୍ୟକରେ ତାହା କିଭଳି ଯନ୍ତ୍ରଣା ଦାୟକ ତାହା ସମସ୍ତେ ଜାଣନ୍ତି । ଏହା ଥିଲା ସୀତାଙ୍କର ପୁରୁଷ ନିର୍ଯ୍ୟାତନା । ଲକ୍ଷ୍ମଣଙ୍କୁ କଟୁକଥା କହି ତାଙ୍କୁ ବାଧ୍ୟ କରିଥିଲେ ଯିବାକୁ କୁଟୀର ଛାଡି ରାମଚ଼ନ୍ଦ୍ରଙ୍କ ବିନା ନିର୍ଦ୍ଦେଶରେ । ପୁରୁଷ ନିର୍ଯ୍ୟାତନା ସହି ନପାରି ଲକ୍ଷ୍ମଣ ଯାଇଥିଲେ ଯାହାର ପରିଣାମ ଥିଲା କରୁଣ ସୀତା ହରଣ, ରାବଣ ମରଣ ।

ଦ୍ରୌପଦୀଙ୍କୁ ଲାଭ କରିବାକୁ ବ୍ୟାକୁଳ, ପ୍ରେମିକ ଦୁର୍ଯ୍ୟୋଧନକୁ ନିଜର ରାଜପ୍ରାସାଦରେ ଦ୍ରୌପଦୀ ଯେଉଁପରି ତାଚ୍ଛଲ୍ୟ, ଘୃଣା, ଅପମାନପୂର୍ଣ୍ଣ କଟୁକଥା କହି ତାଙ୍କ କୋମଳ ପ୍ରୀତିପୂର୍ଣ୍ଣ ହୃଦୟକୁ କ୍ଷତବିକ୍ଷତ କରିଥିଲେ ତାହାହିଁ ଥିଲା ନାରୀଦ୍ୱାରା ପୁରୁଷ ନିର୍ଯ୍ୟାତନା । ଯାହାର ନିଷ୍ଠୁର ପରିଣତି ଥିଲା ଦୁର୍ଯ୍ୟୋଧନ ପଶାଖେଳରେ ଦ୍ରୌପଦୀଙ୍କୁ ବାଜି ଲଗାଇବାକୁ ଯୁଧିଷ୍ଠିରଙ୍କୁ ଆହ୍ୱାନ ଦେବା ଓ ଏଥିରେ ଜିଣି ସଙ୍ଗେସଙ୍ଗେ ଦ୍ରୌପଦୀଙ୍କୁ ରାଜସଭାରେ ଉଲଗ୍ନ କରିବାକୁ ନିର୍ଦ୍ଦେଶଦେବା । ଯେଉଁ ନଗ୍ନଦୃଶ୍ୟର ନିଷ୍ଠୁର ପରିଣତି ଥିଲା ଜ୍ଞାତିକୁଟୁମ୍ବଙ୍କ ମହାବଧ, ନରମେଧ ଯଜ୍ଞ, ମହାଭାରତ ଯୁଦ୍ଧ । ଦ୍ରୌପଦୀ, ଦୁର୍ଯ୍ୟୋଧନକୁ ଭଲ ପାଉ ନଥିଲେ କିନ୍ତୁ ଭଲପାଉଥିଲେ ପ୍ରେମିକ ପୁରୁଷ ଶ୍ରୀକୃଷ୍ଣଙ୍କୁ । ଶ୍ରୀକୃଷ୍ଣ ପ୍ରେମିକ ହୋଇ ରହିବାକୁ ଚାହିଁଥିଲେ, ସ୍ୱାମୀ ହେବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ତେବେ ଦ୍ରୌପଦୀ (କୃଷ୍ଣା)ଙ୍କର ଶୁଭପରିଣୟ ଭଲ ପାତ୍ରଦ୍ୱାରା ହେବ କହି ପ୍ରବୋଧନା ଦେଇଥିଲେ । ଦ୍ରୌପଦୀ ଜାଣିଥିଲେ ପାଣ୍ଡବମାନେ ଜଉଗୃହରେ ମୃତ । ତେଣୁ ସେ ସମୟରେ ଯୁବରାଜ ଦୁର୍ଯ୍ୟୋଧନଙ୍କଠାରୁ ଅଧିକ ଯୋଗ୍ୟପାତ୍ର ଧନ, ଜ୍ଞାନ, କ୍ଷମତା, ରାଜ୍ୟ ଦୃଷ୍ଟିରୁ କିଏ ଥିଲେ ଯେ ଦୌପଦୀ ନିଜକୁ ଅହଂକାରରେ ଅନ୍ଧ କରିଦେଇଥିଲେ । ଦୁର୍ଯ୍ୟୋଧନ ଦ୍ରୌପଦୀଙ୍କୁ ମନେମନେ ଭଲ ପାଉଥିଲେ । ଏକତରଫା ହେଲେ ହେଁ ତାଙ୍କର ପ୍ରେମଥିଲା କୋମଳ, ଉଦାର, ଆତ୍ମସମ୍ମାନ ସର୍ବସ୍ୱ । ଦୌପଦୀଙ୍କୁ ଲାଭ କରିବାକୁ ସେ ଲାଖବିନ୍ଧା ସ୍ୱୟମ୍ବରରେ ଭାଗ ନେଇଥିଲେ କିନ୍ତୁ ବିଫଳ ହୋଇଥିଲେ । ବନ୍ଧୁ କର୍ଣ୍ଣଙ୍କ ଦ୍ୱାରା ପ୍ରିୟତମା ଦ୍ରୌପଦୀଙ୍କୁ ଲାଭ କରିବାକୁ ସେ ସଙ୍ଗେସଙ୍ଗେ କର୍ଣ୍ଣଙ୍କୁ ଅଙ୍ଗରାଜ୍ୟର ରାଜପଦ ଦେଇ ସମସ୍ତଙ୍କୁ ଚକିତ କରିଦେଇଥିଲେ । ଏହାଠାରୁ ଆଉ ଅଧିକ ପ୍ରେମ

ଦୁର୍ଯ୍ୟୋଧନଠାରୁ କ'ଣ କେହି ଆଶା କରିପାରେ ? ଟିକିଏ ପ୍ରେମ ପାଇଁ ଦ୍ରୌପଦୀ, ଦୁର୍ଯ୍ୟୋଧନଙ୍କୁ ଜୀବନସାରା ଜଳେଇପୋଡି ମାରିଥିଲେ । ଦୁର୍ଯ୍ୟୋଧନ ପ୍ରେମପାଇଁ ହିଂସାର ଆଶ୍ରୟ ନେଇ ନଥିଲେ, କିନ୍ତୁ ଦ୍ରୌପଦୀ ତାଙ୍କର କୋମଳ ହୃଦୟକୁ କ୍ଷତାକ୍ତକରି ହିଂସ୍ର କରିଦେଇଥିଲେ । ଉଦାରଭାବେ ସେ ବିବାହିତ ଦୁର୍ଯ୍ୟୋଧନଙ୍କୁ ମନା କରିପାରିଥାନ୍ତେ ? ଅପମାନିତ କରିବା କ'ଣ ଦରକାର ଥିଲା ? ପ୍ରେମ ଆଶାକରି ଏକତରଫା ପ୍ରେମ କରୁଥିବା ପୁରୁଷ ପକ୍ଷରେ ପ୍ରିୟତମାର ଅପମାନ ଅସହ୍ୟ, ଭୀଷଣ ପୀଡାଦାୟକ । ନମ୍ର ପ୍ରତ୍ୟାଖାନ ନକରି ଅପମାନଦେବା କେଉଁ ନାରୀପଣିଆ ଦ୍ରୌପଦୀଙ୍କର ? ଦ୍ରୌପଦୀଙ୍କୁ ପଶାଖେଳରେ ଜିତି ସେ ବହୁଭାବେ ନିର୍ଯ୍ୟାତନା ଦେଇପାରିଥାନ୍ତେ ? ବଳାତ୍କାର କରିପାରିଥାନ୍ତେ ? କିନ୍ତୁ ହଠାତ୍ ରାଜସଭାରେ ଉଲଗ୍ନ କରିବାକୁ ନିର୍ଦ୍ଦେଶ ଦେବାଦ୍ୱାରା ତାଙ୍କ ପ୍ରତି ହୋଇଥିବା ଅସହ୍ୟ ଅପମାନର ଏହା ଥିଲା ଆଗ୍ନେୟ ପ୍ରତିଫଳନ । ଏକାନ୍ତରେ ଦ୍ରୌପଦୀ ଦୁର୍ଯ୍ୟୋଧନଙ୍କୁ କଟୁ ଅପମାନରେ ଉଲଗ୍ନ କରିଦେଇଥିଲେ ଯାହାଥିଲା ତାଙ୍କପାଇଁ ମୃତ୍ୟୁଠାରୁ ଅଧିକ ଯନ୍ତ୍ରଣାଦାୟକ । ନାରୀର ପୁରୁଷ ନିର୍ଯ୍ୟାତନା ଲାଗି ଦୁର୍ଯ୍ୟୋଧନ ଜଳିପୋଡ଼ି ମରିଥିଲେ କିନ୍ତୁ ପ୍ରେମିକ ହୃଦୟ ତାଙ୍କର ଦ୍ରୌପଦୀଙ୍କୁ ହତ୍ୟା କରିପାରି ନଥିଲା । ଦ୍ରୌପଦୀଙ୍କ ପ୍ରତି ଥିଲା ଜୀବନ ଦାନର ଦୟା ତେଣୁ ସେ ଦେଇଥିଲେ ବନବାସ । ପ୍ରିୟନାରୀର ପ୍ରୀତିରେ କୃତଜ୍ଞ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ଦ୍ରୌପଦୀ ଲାଗି ହତ୍ୟା କରିନଥିଲେ, ଦୟାରେ, କ୍ଷମାରେ, ପ୍ରୀତିରେ, ପ୍ରୀତିଶକ୍ତିର ପ୍ରେରଣାରେ, ଯିଏ ଦିନେ ଦେଶକୁ ଏକାଠି ରଖିବାକୁ ଜଉଗୃହରେ ହତ୍ୟାର ଚକ୍ରାନ୍ତ କରିଥିଲେ । ଏଇ'ତ ପ୍ରୀତିଶକ୍ତିର ଚମତ୍କାରିତା । ଶେଷରେ ପାଣ୍ଡବମାନେ ଦୁର୍ଯ୍ୟୋଧନର ସମସ୍ତ ଭାଇମାନଙ୍କୁ ହତ୍ୟା କରି ସିଂହାସନ ଆରୋହଣ କରିଥିଲେ ଅଥଚ ପରସ୍ପର ମଧ୍ୟରେ ଦେଶକୁ ବାଣ୍ଟି ନଥିଲେ । ଦ୍ରୌପଦୀଙ୍କର ପାଞ୍ଚପୁତ୍ରକୁ ଅଶ୍ୱତ୍ଥାମା ହତ୍ୟା କଲାପରେ ଦୁର୍ଯ୍ୟୋଧନ ପୁତ୍ରଶୋକରେ ବିଳାପ କରିଛି ଅଧୀର ହୋଇ, ଦ୍ରୌପଦୀର ଦୁଃଖରେ ଧରାଶାୟୀ ହୋଇଛି ପିତୃପ୍ରାଣ ପ୍ରେମିକ ଦୁର୍ଯ୍ୟୋଧନ । ପ୍ରେମର ପୀଡ଼ାକୁ ସେ ଜୀବନସାରା ବହିଛନ୍ତି । ଭାରତବର୍ଷକୁ ଭାଗ ଭାଗ କରି ଭାଇମାନଙ୍କୁ ବାଣ୍ଟିଦେଲେ, ଦେଶ ଆଉ ଭାରତବର୍ଷ ହୋଇ ରହିବ ନାହିଁ, ତେଣୁ ସେ ବିଭାଜନକୁ ବିରୋଧ କରିଥିଲେ ଜୀବନ ସାରା । ତାଙ୍କର ମୃତ୍ୟୁ ପରେ ପାଣ୍ଡବମାନେ ରାଜା ହୋଇଥିଲେ ସତ କିନ୍ତୁ ଦୁର୍ଯ୍ୟୋଧନ ଏ ଦେଶର ଗୌରବ, ଯାହାଙ୍କ ଜୀବଦ୍ଦଶାରେ ଭାରତ ବର୍ଷ ଭାଗଭାଗ ହୋଇନାହିଁ, ତାଙ୍କର ମୃତ୍ୟୁରେବି ହୋଇନାହିଁ । ଦୁର୍ଯ୍ୟୋଧନର ଶବ ଉପରେ ଏ ଦେଶ ଏକାଠି ରହିଥିଲା । ଏଥିରୁ ଏ ଦେଶର ଯୁବପ୍ରାଣ ଚିରକାଳ ପ୍ରେରଣା ଲାଭ କରୁଥିବ ! ବିଭାଜିତ ଭାରତବର୍ଷର ବିକଳ ଆତ୍ମାକୁ ବୁଝିପାରୁଥିବ ତାର ଭାଗଭାଗ ହୋଇଥିବା ମାଟି, ପାଣି, ମଣିଷ, ଆକାଶ, ମହାକାଶକୁ ଏକାଠି କରିବାକୁ ହିମାଳୟର ଆହ୍ୱାନକୁ ଗ୍ରହଣ କରୁଥିବ, ସିନ୍ଧୁନଦୀର ଜଳଧାରାକୁ ପ୍ରଣାମ କରୁଥିବ, ପଦ୍ମାନଦୀର ଜଳଧାରାକୁ ପ୍ରଣାମ କରୁଥିବ, ଗଙ୍ଗାର ପବିତ୍ରତାରେ କୃତ୍ୟକୃତ୍ୟ ହେଉଥିବ, ଏ ଦେଶର ଶିଶୁ, ସୀମା ଏ ପାଖର, ସୀମା ସେ ପାଖର (ପାକିସ୍ତାନ) । ଭଲ ପାଇବାର ଶବ୍ଦ, ସ୍ୱର, ସଙ୍ଗୀତ, ଧ୍ୱନି, ପ୍ରତିଧ୍ୱନି ଛୁଇଁଯାଉଥିବ ହୃଦୟରୁ ହୃଦୟକୁ, ପବନରେ ପବନରେ, ପ୍ରୀତିରେ ପ୍ରୀତିରେ, କଥାରେ କଥାରେ, କବିତାରେ କବିତାରେ । ପ୍ରକାଶପୂର୍ଣ୍ଣ ଭଗବାନ, ପ୍ରକାଶଶୂନ୍ୟ ଆଲ୍ଲା, ଅବଧୂତଙ୍କର ଆବେଗରେ, ଅସ୍ତିତ୍ୱରେ, ଧର୍ମୀୟ ବିଶ୍ୱାସରେ, ଆତ୍ମାର ଅମ୍ଳାନ ଆଲୋକରେ, ଆଲୋକିତ ଆମର ଜ୍ଞାନ, ଧର୍ମ, ଦର୍ଶନରେ, ବିଜ୍ଞାନରେ ।

ପୁରୁଷ ନିର୍ଯ୍ୟାତନାର ଶିକାର ହୋଇ ଅଶୋକ ଅତ୍ୟଧିକ ହିଂସା ପ୍ରଦର୍ଶନ କରିଥିଲେ ମଧ୍ୟ ତାଙ୍କ ହୃଦୟ ଥିଲା କୋମଳ, ନରମ, କ୍ଷମାଶୀଳ ଓ ଦୟାପୂର୍ଣ୍ଣ । ବହୁନାରୀ ମିଳନରେ ତାଙ୍କର ଜୀବନ ଥିଲା ନାରୀମୟ । ନାରୀଭାବରେ ଅନୁପ୍ରାଣିତ ତାଙ୍କର ଜୀବନ ଧାରା । ପ୍ରିୟତମା କାରୁବାକୀଙ୍କ ସ୍ନେହଠାରୁ ପ୍ରଥମ ପତ୍ନୀ ଦିବ୍ୟା ଦେବୀଙ୍କ ସହିତ ଦେହ ମିଳନର ମୁଗ୍ଧ ଅନୁଭବ ଭିତରେ କିଏ କ୍ଷମତା ପାଇଁ ତାଙ୍କ ହୃଦୟକୁ କ୍ଷତବିକ୍ଷତ କରିଛି, କିଏ କ୍ଷମତା ଦ୍ୱାରା କ୍ଷତାକ୍ତ ହୋଇବି ତାଙ୍କ ହୃଦୟ କ୍ଷତର ଯତ୍ନ ନେଇଛି କ୍ଷମତା ବିମୁଖ, ନିର୍ବିକାର ହୋଇ ଯିଏ ଦାବି କରିନାହିଁ ମହାପାଟରାଣୀର ମର୍ଯ୍ୟାଦା, ରାଜପ୍ରାସାଦର ଭୋଗବିଳାସ । ଧନ୍ୟ ସେଇ ନାରୀ, ଯିଏ ବାଛି ନେଇଛି ନିର୍ବାଣର ପଥ, ଦୟାଧର୍ମର ପଥ, ଭିକ୍ଷୁ ଜୀବନର ପଥ । ଧନ୍ୟ ତାଙ୍କର ପ୍ରେମମୟୀ ପ୍ରିୟତମା କାରୁବାକୀ ଯିଏ ତାଙ୍କ ଆଖିରେ ରାଜା ହେବାର ସ୍ୱପ୍ନ ବୁଣିଛନ୍ତି, ଉଚ୍ଚକର୍ମ, ଉଚ୍ଚ ଅଭିଳାଷର ମାୟାବୋଳି ପରିସ୍ଥିତିର ପ୍ରତିକୂଳରେ ପ୍ରେମକୁ ପ୍ରତ୍ୟାଖାନ କରି ଦାରୁଣ ଭାବରେ ପ୍ରେମିକ ପ୍ରାଣକୁ ଅପମାନିତ କରି ତାଙ୍କର ଅସ୍ତିତ୍ୱ, ଆତ୍ମସମ୍ମାନକୁ ଉଚ୍ଛନ୍ନ କରିଦେଇଛନ୍ତି, କ୍ଷମତାବଳରେ ତାଙ୍କୁ ଅଧିକାର କରିବାକୁ ଆଗ୍ନେୟ ଆହ୍ୱାନ ଦେଇଛନ୍ତି, ମୃତ୍ୟୁ କାଳରେ ଜୀବନର ସ୍ପର୍ଶ ଦେଇଛନ୍ତି, ଜୀବନ ଦାନର ଦୟା କରିଛନ୍ତି, ପ୍ରେମ କରିଛନ୍ତି , ଘୃଣା କରିଛନ୍ତି, ହାତଧରି ଆତ୍ମସମର୍ପଣ କରିଛନ୍ତି, ହାତଛାଡ଼ି ଧିକ୍କାର କରିଛନ୍ତି । ତତଲା କଡେଇରେ କଡ ଲେଉଟାଉ ଥିବା ମାଛଭଳି ଯେ ଛଟପଟ ହୋଇ ବଞ୍ଚିଛନ୍ତି ପ୍ରେମର ଅସୀମ ଶକ୍ତି ବଳରେ ଅମରହୋଇ, ମିଳନ ଆଶାରେ ଅମୃତର ସନ୍ଧାନରେ, ମୁକ୍ତିର ପ୍ରତୀକ୍ଷାରେ ବହୁଧା ବିଭକ୍ତ ଜୀବନ ବନ୍ଧନରେ ବାନ୍ଧି ହୋଇ । ଧନ୍ୟ । ଧନ୍ୟ । ଧନ୍ୟ ଯିଏ ଦେଢଲକ୍ଷ ବନ୍ଦୀଙ୍କ ଜୀବନ ପାଇଁ ଅଶୋକଙ୍କ ପାଖରେ ରାଜକୁମାରୀ ବେଶରେ ନୁହେଁ ଭିକ୍ଷୁଣୀ ବେଶରେ ଭିକ୍ଷା ମାଗିଛନ୍ତି, ଜୀବନଦାନର ଭିକ୍ଷା ଅଶୋକଙ୍କୁ ଦେଇଥିବା ଜୀବନ ଦାନର ଭିକ୍ଷା, ଦେଢଲକ୍ଷ ବନ୍ଦୀଙ୍କ ଜୀବନ ରକ୍ଷା ପାଇଁ ଅପୂର୍ବା ସୁନ୍ଦରୀ, ସମର ବିଳାସୀ, କ୍ଷମତାପ୍ରିୟ, ପ୍ରାଣପ୍ରିୟା ରାଜକୁମାରୀର ଅସମ୍ଭବ ପରିବର୍ତ୍ତନ ଯିଏ ବିନା ଦ୍ୱିଧାରେ ଚାଲିଆସଛି ପ୍ରେମିକ ସମ୍ରାଟ ଅଶୋକଙ୍କ ପାଖକୁ ଲଣ୍ଡିତ ମସ୍ତକରେ, ଭିକ୍ଷୁଣୀ ବେଶରେ, ଗୈରିକ ବସନରେ, କ୍ଷମତା ବିମୁଖ ହୋଇ, ଧନ୍ୟ ସେଇ ନାରୀ, ପ୍ରିୟତମା ନାରୀ, ପ୍ରାଣଧିକା ରାଜକୁମାରୀ କାରୁବାକୀ ବୌଦ୍ଧଭିକ୍ଷୁଣୀ ଯାହାକୁ ସେ ଦେଇଥିଲେ ଦେଢଲକ୍ଷ ବନ୍ଦୀର 'ଜୀବନ ଦାନ' ପ୍ରତିଦାନ, ପ୍ରେମର ପ୍ରତିଷ୍ଠା ଲାଗି କଳିଙ୍ଗକୁ ସ୍ୱୟଂଶାସିତ ସ୍ୱାଧୀନ ରାଜ୍ୟର ମର୍ଯ୍ୟାଦା, କ୍ଷମତା ବିମୁଖ କଳିଙ୍ଗ କୁମାରୀକୁ ଦ୍ୱିତୀୟ ମହାପାଟରାଣୀର ଅଖଣ୍ଡ ସମ୍ମାନ ଓ କ୍ଷମତା । ଯୁଦ୍ଧରେ ବିଜୟ ଲାଭ କରି ଯିଏ ପରାଜୟକୁ ସ୍ୱୀକାର କରିଥିଲେ ପ୍ରେମ ପାଇଁ, ପ୍ରେମର ପ୍ରତିଷ୍ଠା ପାଇଁ, ପ୍ରିୟତମା ପାଖରେ, କଳିଙ୍ଗରେ, ସେଇ କଳିଙ୍ଗ ଥିଲା ତାଙ୍କ ଜୀବନର ପ୍ରାଣଦପୀ ପ୍ରିୟ, କଳିଙ୍ଗ କୁମାରୀ ଥିଲା ତାଙ୍କ ଅବାଞ୍ଛିତ ଜୀବନରେ, ଯୌବନରେ 'ଚିରବାଞ୍ଛିତା' ଯାହାଙ୍କ ମିଳନରେ ସେ ଅନୁଭବ କରିଥିଲେ ଦେହ ମିଳନର କ୍ଷୁଧା ପ୍ରେମ ନୁହେଁ, ଦେହ ମିଳନର ଊର୍ଦ୍ଧ୍ୱରେ ପ୍ରେମ ଦିବ୍ୟ,ସତ୍ୟ, ସୁନ୍ଦର, ସ୍ୱର୍ଗୀୟ । ଯାହାଙ୍କ ହାତଧରି ସେ ବଞ୍ଚିଥିଲେ ଅନାସକ୍ତ ସନ୍ନ୍ୟାସୀଭଳି । ଯାହାଙ୍କ ସ୍ନେହ, କୋମଳ ସ୍ପର୍ଶରେ ତାଙ୍କର ରୂପାନ୍ତର ଘଟିଥିଲା ଚଣ୍ଡାଶୋକରୁ ଦେବାନାଂପ୍ରିୟ ଅଶୋକର । ଯାହାଙ୍କ ଆଖିରେ ସେ ଦିନେ ଦେଖିଥିଲେ କ୍ଷମତାର ଅଗ୍ନିଶିଖା, ସେଇ ଆଖିରେ ପୁଣି ଦେଖିଲେ ଦୟା, କ୍ଷମା, କରୁଣାର, ଅହିଂସାର ଆଲୋକ ଉତ୍ସବ । ଯିଏ ଦିନେ ସଜେଇଥିଲେ

କ୍ଷମତାର ସମ୍ରାଟ କରି ସେଇ ସଜେଇ ଦେଲେ କ୍ଷମାଶୀଳ ସନ୍ନ୍ୟାସୀ କରି । ଅଶୋକ ସଜେଇଥିଲେ ପ୍ରେମିକା ସନ୍ନ୍ୟାସିନୀକୁ ସମ୍ରାଜ୍ଞୀ କରି । ସନ୍ନ୍ୟାସିନୀ କାରୁବାକୀ ସମ୍ରାଟ ଅଶୋକଙ୍କୁ ସନ୍ନ୍ୟାସୀ କରି ଯେଉଁ ପ୍ରଜ୍ଞା ଓ ପ୍ରତିଭାର ପରିଚୟ ଦେଇଛନ୍ତି ତାହା ବିଶ୍ୱ ଇତିହାସରେ ଏକ ବିରଳ ଘଟଣା, ବହୁଚର୍ଚ୍ଚିତ ଘଟଣା । ବିଶ୍ୱବନ୍ଦନୀୟ, ଚିରବନ୍ଦନୀୟ, ତାଙ୍କର ବନ୍ଦନା ଲାଗି ଯୁଗେଯୁଗେ ଶିଳ୍ପୀପ୍ରାଣର ପ୍ରଣାମ, ଶବ୍ଦ ଶିଳ୍ପୀର ପ୍ରଣାମ, କଳାଶିଳ୍ପୀର ପ୍ରଣାମ । ପୁଣ୍ୟ ପ୍ରଣାମ ।

**- ଶବ୍ଦଶିଳ୍ପୀ ଧର୍ମାନନ୍ଦ**

# କଳିଙ୍ଗର ପୂର୍ବ ପରିଚୟ

ଘଟଣାବହୁଳ କାଳଚକ୍ରରେ ହଜିଯାଇଛି ବହୁଜାତି, ବହୁ ଇତିହାସ । ଓଡିଆ ଜାତିର ଐତିହ୍ୟଦୀପ୍ତ ଇତିହାସକୁ ଉତ୍ତର ପୀଢି ପାଇଁ ସାଇତି ରଖିବାକୁ ହେଲେ ଆମକୁ ଖୋଜିପାଇବାକୁ ହେବ ଆମର ପୂର୍ବ ପରିଚୟ । ଓଡ଼ିଶାର ପୂର୍ବନାମ ଉତ୍କଳ ଓ ପ୍ରାଚୀନ ନାମ କଳିଙ୍ଗ । ବିଶ୍ୱ ମାନସରେ କଳିଙ୍ଗର ଇତିହାସ ବଞ୍ଚିରହିଛି ସୃଜନଶୀଳ କଳା ନୈପୁଣ୍ୟ ପାଇଁ, କଳିଙ୍ଗ ସାଗର ପାଇଁ, ଦେଶ ବାହାରେ ବିଦେଶରେ ଶୈଳେନ୍ଦ୍ର ସାମ୍ରାଜ୍ୟ, ମନ୍ଦିର ନିର୍ମାଣ ଲାଗି ପ୍ରଥମ ଭାରତୀୟ ଭାବେ, ତେବେ ତା'ର ଚିରନ୍ତନ ମାନବ କଲ୍ୟାଣକାରୀ ଅବଦାନ ବିଶ୍ୱଶାନ୍ତି ପାଇଁ ରକ୍ତ ପିପାସୁ ଚଣ୍ଡାଶୋକଙ୍କର ହୃଦୟ ପରିବର୍ତ୍ତନ ଲାଗି । ଆଜକୁ ଦୀର୍ଘ ୨୨୬୦ ବର୍ଷ ପୂର୍ବେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୨୬୧ରେ ଆମର ପୂର୍ବପୁରୁଷମାନେ ସ୍ୱାଧୀନତା ଓ ସମ୍ମାନ ଲାଗି ଯେଉଁ ଅଭୂତପୂର୍ବ ତ୍ୟାଗ ଓ ବଳିଦାନ ସ୍ୱୀକାର କରିଥିଲେ ତାହା ଆଜି ବି ଚେତନାରେ ଦେଦୀପ୍ୟମାନ । ଇତିହାସ ପୃଷ୍ଠାରେ ସେ ସମୟର ରାଜନୀତିକ, ଧାର୍ମିକ ଓ ସାମାଜିକ ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଜଣାଯାଏ ଭାରତବର୍ଷର ଅନେକ ସ୍ୱାଧୀନ ରାଜ୍ୟମାନଙ୍କ ମଧ୍ୟରେ କଳିଙ୍ଗ ଥିଲା ଅପରାଜେୟ । କଳିଙ୍ଗାମାନେ ଥିଲେ ଶକ୍ତିଶାଳୀ, ସ୍ୱାଧୀନତା ପ୍ରିୟ ଓ ସମରବିଳାସୀ । ମହଭାରତ ଯୁଦ୍ଧପରେ କଳିଙ୍ଗାମାନେ ସେମାନଙ୍କର ସାମରିକ ଦକ୍ଷତାର ପରିଚୟ ଦେଇଥିଲେ କଳିଙ୍ଗ ଯୁଦ୍ଧରେ । ଭାରତବର୍ଷର ଜନପଦରେ ବୌଦ୍ଧଧର୍ମ ଓ ଜୈନ ଧର୍ମର ବିକାଶ ଘଟିଥିଲ । ସ୍ୱାଧୀନ ରାଜ୍ୟମାନଙ୍କ ମଧ୍ୟରେ ଏକତାର ଅଭାବ, ଦ୍ୱନ୍ଦ୍ୱ ଓ କଳହର ବାତାବରଣ ସୃଷ୍ଟି ହୋଇଥିଲା । ବିଦେଶାଗତ ବହିଃଶତ୍ରୁ ଆକ୍ରମଣର ଦାଗ ଭାରତୀୟମାନଙ୍କର ସ୍ମୃତିପଟରୁ ଲିଭି ନ ଥିଲ । । ଖ୍ରୀଷ୍ଟପୂର୍ବ ୩୨୬ରେ ଗ୍ରୀକ୍ ସମ୍ରାଟ ଆଲେକ୍‌ଜାଣ୍ଡାର, ପୁରୁରାଜାଙ୍କୁ ପରାସ୍ତ କରି ତକ୍ଷଶିଳା ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରି ଭୟ ଓ ଆତଙ୍କର ଯେଉଁ ପାଦଚିହ୍ନ ଛାଡିଯାଇଥିଲେ ସେଥିରେ ଶକ୍ତିଶାଳୀ ନନ୍ଦ ସାମ୍ରାଜ୍ୟରେ ହୃତକମ୍ପ ସୃଷ୍ଟି ହୋଇଥିଲା । ଭୌଗୋଳିକ ଦୃଷ୍ଟିକୋଣରୁ କଳିଙ୍ଗ ଭାରତର ପୂର୍ବ ଉପକୂଳରେ ଏକ ବିଭବଶାଳୀ ରାଜ୍ୟ ଭାବରେ ନିଜର ସାର୍ବଭୌମତ୍ୱକୁ ବଜାୟ ରଖିଥିଲା ବହୁ କାଳ ଲାଗି । ସମୁଦ୍ରବକ୍ଷରେ ନୌଚାଳନା ଏବଂ ବହିର୍ବାଣିଜ୍ୟରେ ସେମାନେ ଥିଲେ ସୁଦକ୍ଷ ଓ ସ୍ୱତନ୍ତ୍ର । ସାଧବପୁଅମାନେ ବହୁମୂଲ୍ୟ ହୀରାଲୀଳା, ହାତୀଦାନ୍ତ, ଚନ୍ଦନକାଠ ଓ ପାଟବସ୍ତ୍ର ନେଇ ସୁଦୂର ଜାଭା,ସୁମାତ୍ରା, ବାଲି ଓ ବୋର୍ଣ୍ଣିଓ ଦ୍ୱୀପରେ ବ୍ୟବସାୟ କରି ପ୍ରସିଦ୍ଧି ଅର୍ଜନ

କରିଥିଲେ । ସାମରିକ ଶକ୍ତିରେ ବଳୀୟାନ୍ କଳିଙ୍ଗୀମାନେ ଦୂର ପ୍ରାଚ୍ୟରେ ରାଜ୍ୟ ଜୟ କରି ରାଜ୍ୟ ଶାସନ କରୁଥିବାର ଐତିହାସିକ ତଥ୍ୟ ସେମାନଙ୍କର ଶକ୍ତି ଓ ସାମର୍ଥ୍ୟକୁ ପ୍ରତିପାଦିତ କରେ । ଯାହାର ମୂକସାକ୍ଷୀ "ଶୈଳେନ୍ଦ୍ର ସାମ୍ରାଜ୍ୟ" । ସମଗ୍ର ଭାରତର ପୂର୍ବ ଉପକୂଳରେ ଚୋଳ, ଚେଲ, ପାଣ୍ଡ୍ୟ ଓ ଗୌଡ଼ମାନଙ୍କ ଅପେକ୍ଷା ଏମାନେ ଥିଲେ ଅଧିକ ସମର୍ଥ ।ଏଠାକାର ଶାସନ ବ୍ୟବସ୍ଥାରେ ପ୍ରଜାତନ୍ତ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ସେ ସମୟରେ କଳିଙ୍ଗ ଥିଲା ଗଙ୍ଗାଠାରୁ ଗୋଦାବରୀ ବ୍ୟାପି ଏକ ବିଶାଳ ସାମ୍ରାଜ୍ୟ । ନଦ, ନଦୀ, ପାହାଡ଼, ପର୍ବତ, ଘଞ୍ଚ ଅରଣ୍ୟପୂର୍ଣ୍ଣ ଏକ ଦୁର୍ଗମ ରାଜ୍ୟ । ଯାହାର ଜନଜାତି ଥିଲେ ଦୁର୍ଜୟ, ସମରକୁଶଳୀ ଓ ସ୍ୱାଧୀନତାପ୍ରିୟ ।

ଏଇଠି ମନରେ ସ୍ୱତଃ ପ୍ରଶ୍ନ ଉଠେ ସ୍ୱାଧୀନତା ପ୍ରିୟ ଆମର ପୂର୍ବପୁରୁଷମାନେ କାହିଁକି ସେମାନଙ୍କର ବିପର୍ଯ୍ୟୟକୁ ଅଶୋକଙ୍କ ହାତରେ ଲେଖିବାକୁ ଛାଡିଦେଇଥିଲେ ? ସେ ସମୟରେ ପ୍ରଜାତନ୍ତ୍ରର ସ୍ୱରୂପ, ମହାରାଜାଙ୍କ ନାମ, ଅଶୋକଙ୍କ କଳିଙ୍ଗ ଆକ୍ରମଣର କାରଣ ଓ ନଦ,ନଦୀ, ଦୁର୍ଗମ ପାହାଡ଼, ପର୍ବତ, ନିଘଞ୍ଚ ଅରଣ୍ୟ, ଶ୍ୱାପଦଶଙ୍କୁଳ ଭରା ସୁରକ୍ଷିତ ସୀମାନ୍ତ ଅଞ୍ଚଳକୁ ଅତିକ୍ରମ କରି ଦୁର୍ଦ୍ଧର୍ଷ ପାହାଡ଼ି ଉପଜାତିମାନଙ୍କୁ ପରାସ୍ତ କରି ଅଶୋକ କିଭଳି ଓ କେଉଁପରି କଳିଙ୍ଗର ରାଜଧାନୀ ତୋଷାଳୀ ନିକଟରେ ମହାଯୁଦ୍ଧ କରିଥିଲେ ତାହା ଭାବିଲେ ବିସ୍ମିତ ଓ ବ୍ୟଥିତ ହେବାକୁ ପଡ଼େ । ରାଜ୍ୟଜୟ ନାମରେ ଅଶୋକ ଯେଉଁ ନିର୍ମମତା ଓ ନିଷ୍ଠୁରତା ଆଚରଣ କରିଥିଲେ ତାହାର ପ୍ରକୃତ କାରଣ କ'ଣ ତାହା ଆଜି ମଧ୍ୟ ପ୍ରତ୍ୟେକ କଳିଙ୍ଗୀ ପ୍ରାଣରେ ଶିହରଣ ସୃଷ୍ଟି କରୁଛି । ଅଶୋକ ମଧ୍ୟ କଳିଙ୍ଗ ଯୁଦ୍ଧର ସଂକ୍ଷିପ୍ତ ବିବରଣୀ ମଧ୍ୟରେ କଳିଙ୍ଗର ଶାସନ ବ୍ୟବସ୍ଥା, ସମର କୌଶଳ ଓ ମଗଧର କ୍ଷୟକ୍ଷତିକୁ ଲୁଚାଇ ରଖିଛନ୍ତି କାହିଁକି ? ତାହା ମଧ୍ୟ ପ୍ରଣିଧାନ ଯୋଗ୍ୟ । କଳିଙ୍ଗର ରାଜଧାନୀ ବାହାରେ ଅଶୋକ ଯେଉଁ ଶିଳାଲିପି ପ୍ରତିଷ୍ଠା କରିଥିଲେ ତାହାର କାରଣ ମଧ୍ୟ ଅଜ୍ଞାତ । ସେହି ମହାଯୁଦ୍ଧର ବିବରଣୀ ଦେବାକୁ ଯାଇ ଅଶୋକ ଶିଳାଲିପିରେ ଲେଖିଛନ୍ତି "କଳିଙ୍ଗର ଲକ୍ଷାଧିକ ସେନା ନିହତ ଓ ଦେଢଲକ୍ଷ ବନ୍ଦୀ ହୋଇଥିଲେ ।" ଏହି ଲୋମହର୍ଷଣକାରୀ ରକ୍ତକ୍ଷୟୀ ଯୁଦ୍ଧରେ ଅଶୋକ କେଉଁ ପ୍ରିୟଜନମାନଙ୍କୁ ହରାଇଥିଲେ ତାହା ମଧ୍ୟ ଅଜ୍ଞାତ ? ସବୁଠାରୁ ପରିତାପର ବିଷୟ ଯେ ସେ ସମୟର ବିଜ୍ଞ ବୌଦ୍ଧ, ଜୈନ ସନ୍ନ୍ୟାସୀ ଓ ପଣ୍ଡିତମାନେ ମଧ୍ୟ କଳିଙ୍ଗ ଯୁଦ୍ଧର ଟିକିନିଖି ବିବରଣୀ ଲିପିବଦ୍ଧ ନକରିବା ଦୁଃଖ ଦାୟକ ଘଟଣା । ଯାହାର ରହସ୍ୟ ଏ ଯାଏ ମଧ୍ୟ ଉନ୍ମୋଚିତ ହୋଇନାହିଁ । ଦୀର୍ଘ ୧୫୦ ବର୍ଷପରେ ଖ୍ରୀଷ୍ଟାବ୍ଦ ୧୦୦ରେ କଳିଙ୍ଗୀର ଅଧିବାସୀମାନେ ଖାରବେଳଙ୍କ ନେତୃତ୍ୱରେ ମଗଧକୁ ପଦାନତ କରି ପୂର୍ବ ପରାଜୟର ପ୍ରତିଶୋଧ ନେଇଥିଲେ । ଖାରବେଳ ରାଜତ୍ୱର ୧୨ ବର୍ଷରେ ମଗଧ ଜୟକରି ସନ୍ନ୍ୟାସୀ ହୋଇଥିଲେ, ଅଶୋକ ରାଜତ୍ୱର ୧୨ ବର୍ଷରେ କଳିଙ୍ଗ ଜୟକରି ସନ୍ନ୍ୟାସୀ ସମ୍ରାଟ ହେଲାଭଳି । ଏସବୁ ସତ୍ତ୍ୱେ କଳିଙ୍ଗ ଯୁଦ୍ଧର ପ୍ରକୃତ ବିବରଣୀ ହାତୀଗୁମ୍ଫା ବା କଳିଙ୍ଗମାଟିରେ ଲିପିବଦ୍ଧ ନକରିବାର କାରଣ ଆଜିବି ଅଜ୍ଞାତ । ଏହାର ସତ୍ୟତା ଉନ୍ମୋଚନ ପାଇଁ ଯେଉଁ ଉଦ୍ୟମର ଆବଶ୍ୟକତା ରହିଛି ତାହା ଆଜିଯାଏ ହୋଇନାହିଁ ।

ସ୍ୱାଧୀନତାର ଆଦର୍ଶ ଓ ବିଶ୍ୱାସକୁ ବଞ୍ଚାଇ ରଖିବାକୁ କଳିଙ୍ଗର ବୀର ଓ ବୀରାଙ୍ଗନାମାନେ ଯେପରି ଆତ୍ମବଳି ଦେଇଥିଲେ ତାହା ଥିଲା ଅଭୂତପୂର୍ବ । ଯୁଦ୍ଧପରେ ବନ୍ଦୀମାନଙ୍କ ଜୀବନରକ୍ଷା ପାଇଁ କଳାବତୀ ବୌଦ୍ଧ ସନ୍ନ୍ୟାସିନୀ ରୂପେ ଅଶୋକଙ୍କ ପାଖରେ ସେମାନଙ୍କର ଜୀବନ ଭିକ୍ଷା



କରିଥିଲେ । ଶାନ୍ତିପାଇଁ ପ୍ରୀତିର ନିବେଦନକୁ ସେ ସ୍ୱୀକାର କରିଥିଲେ । ମଗଧର ୨ୟ ମହାରାଣୀ ଭାବେ ସେ ନିଜର ଦକ୍ଷତା ପାଇଁ ଉଚ୍ଚପ୍ରଶଂସିତ ହୋଇଥିଲେ । ଶତ୍ରୁରାଜ୍ୟର କନ୍ୟାକୁ ଉଚ୍ଚମର୍ଯ୍ୟାଦା ଦେଇ ଅଶୋକ ତାଙ୍କର ଅଗାଧ ପ୍ରେମ ଓ କଳିଙ୍ଗ ପ୍ରତି ତାଙ୍କର ପ୍ରଗାଢ ଅନୁରାଗର ପରିଚୟ ଦେଇଥିଲେ । ଅଶୋକଙ୍କ ହୃଦୟ ପରିବର୍ତ୍ତନ ପାଇଁ ସେ ନିଜକୁ ଉତ୍ସର୍ଗ କରିଥିଲେ । ତାଙ୍କରି ସ୍ନେହ ସାନ୍ନିଧ୍ୟରେ ଅଶୋକ ବୌଦ୍ଧ ଧର୍ମ ଗ୍ରହଣ କରି ଯୁଦ୍ଧର ଭୟ ସମଗ୍ର ପୃଥିବୀରୁ ଦୂର କରିବାକୁ ଚିର ଶାନ୍ତି ପାଇଁ ଆହ୍ୱାନ ଦେଇଥିଲେ ।

ବିଶ୍ୱଶାନ୍ତି ପାଇଁ କଳିଙ୍ଗକନ୍ୟା କାରୁବାକୀର ବିଶ୍ୱକଲ୍ୟାଣ ଅବଦାନ ଓ ସ୍ୱାଧୀନତା ପାଇଁ କଳିଙ୍ଗୀ ଅଧିବାସୀମାନଙ୍କର ଆତ୍ମବଳିଦାନର ଆଦର୍ଶକୁ ବିଶ୍ୱର ଜନସାଧାରଣ ହୃଦୟଙ୍ଗମ କଲେ ବିଶ୍ୱରୁ ଯୁଦ୍ଧ ଭୟ ଦୂରହେବ ଓ ବିଶ୍ୱଶାନ୍ତି ପ୍ରତିଷ୍ଠିତ ହେବ ।

## ଦେବଭୂମି କଳିଙ୍ଗ

ବିଶ୍ୱସ୍ରଷ୍ଟାଙ୍କ ବିଚିତ୍ର ବିଶ୍ୱରେ ସ୍ୱର୍ଣ୍ଣଭୂମି ଭାରତବର୍ଷ ଏକ ବିସ୍ମୟ । ବହୁ ଘଟଣା ଦୁର୍ଘଟଣାର ଏକ ଅପୂର୍ବ ମିଳନ ଘଟିଛି ଏଇ ମାଟିରେ । ଦେବଭୂମି ଭାରତବର୍ଷର ଧୂଳିକଣା ଯେପରି ପବିତ୍ର, ଧର୍ମୀୟ ଚେତନାରେ ସେହିପରି ସମୃଦ୍ଧ । ବେଦର ଓଁକାର ଧ୍ୱନି ମଧ୍ୟରେ ସଂସ୍କୃତ ଓ ସଂସ୍କୃତିର ଚିରନ୍ତନ ଜୀବନଧାରାର ସ୍ୱର ଏବେବି ଝଙ୍କୃତ ହେଉଛି ଏଇ ଭୂମିରେ । ଧର୍ମ ଓ ଜୀବନର ମିଳନ ଓ ମୁକ୍ତି ମାର୍ଗରେ ଯେଉଁ ମହାମନୀଷୀମାନେ ମୋହମାୟାଠାରୁ ଉର୍ଦ୍ଧ୍ୱରେ ରହି, ଶାନ୍ତି ଓ ପ୍ରୀତିର ସ୍ୱର୍ଗୀୟ ଐଶ୍ୱର୍ଯ୍ୟ ଅନୁଭବ କରିଛନ୍ତି, ଅହିଂସାର ଅମିୟ ଆନନ୍ଦକୁ ଉପଲବ୍ଧି କରି, ଶାନ୍ତି, ପ୍ରୀତି ଓ ଅହିଂସାର ବିଭୁ କଲ୍ୟାଣମୟ ଜୀବନ ବିତେଇବାକୁ ମାନବଜାତିକୁ ପ୍ରେରଣା ଦେଇଛନ୍ତି, ଦିବ୍ୟପ୍ରେମର ବିଭୂତି ବାଣ୍ଟିଛନ୍ତି, ମାନବ ସଭ୍ୟତାର ଭବିଷ୍ୟତକୁ ମଧୁମୟ କରି, ମାନବାତ୍ମାର ବିକାଶ ଲାଗି ନିଜକୁ ନିୟୋଜିତ କରିଛନ୍ତି, ଧରାଧାମରେ ସ୍ୱର୍ଗର ସାକାର କଳ୍ପନା କରିଛନ୍ତି, ଦେବ ମାନବର ସମ୍ଭାବନାକୁ ସ୍ୱୀକୃତି ଦେଇଛନ୍ତି, ଦିବ୍ୟ ଆନନ୍ଦର ସନ୍ଧାନ ଦେଇଛନ୍ତି, ସେମାନେ ଯୁଗେ ଯୁଗେ ନମସ୍ୟ । ସେଇ ମହାମାନବମାନେ ସତ୍ୟ, ଧର୍ମକ୍ଷେତ୍ରରେ ବହୁ ଚମତ୍କାରିତା ଦେଖାଇଛନ୍ତି, ତଥାପି ମଣିଷ ମନରୁ ହିଂସା ଓ ଦ୍ୱେଷ ଦୂର ହୋଇନାହିଁ । ଏହାହିଁ ଆଧୁନିକ ବିଶ୍ୱର ଏକ ବିଡ଼ମ୍ବିତ ସତ୍ୟ, ଯେଉଁଠି ହିଂସାର ହିଂସ୍ରତା ଆଗରେ ଅହିଂସାର ସତ୍ୟପାଠ ତଥାପି ସରିନାହିଁ, ହିଂସାମୁକ୍ତ ଜୀବନ ପାଇଁ ସଙ୍କଳ୍ପର ଯେମିତି ଶେଷନାହିଁ । ସାଧନା ଓ ସିଦ୍ଧିର ସ୍ୱକୀୟ ଗର୍ବରେ ଆଜି ସଙ୍କୁଚିତ ହୋଇଯାଇଛି ମଣିଷ, ମଣିଷର ଆତ୍ମା, ସଂକୀର୍ଣ୍ଣ ସ୍ୱାର୍ଥରେ ବନ୍ଧା ପଡ଼ିଛି । ନିଜସ୍ୱ ସଂହାର ପାଇଁ ଯେମିତି ସଜବାଜ ହୋଇ ବସିଛି ମଣିଷଜାତି, ଦେଖିଲେ ଦୁଃଖ ଓ ଦୟାରେ ତରଳି ଯାଉଛି ଦରଦୀ ହୃଦୟ, ଦୋହଲି ଯାଉଛି ମାଟିଠୁ ଆକାଶ । ଅସିର କ୍ରୂରତାଠାରୁ ମସୀର କପଟତା ମଣିଷଜାତିକୁ ଧ୍ୱଂସ ମୁଖକୁ ଟାଣି ନେଉଛି । ଏହି ଟାଣି ହୋଇଯିବାର କରୁଣ ଦୃଶ୍ୟରେ ଅଥୟ ଆକାଶ, ଅସହାୟ ଅନ୍ତରୀକ୍ଷ ଯେମିତି ଧର୍ଷିତା ଧରଣୀର ଅଥଳ ଲହୁଲୁହରେ ନୀଳ ଦିଶୁଛି, ଆର୍ତ୍ତପ୍ରାଣର ଆତୁର ପ୍ରାର୍ଥନାରେ କାତର ହୋଇ ଯେମିତି ନୀଳକଣ୍ଠ ଓହ୍ଲାଇ ଆସୁଛନ୍ତି ଧରଣୀର ହଳାହଳ ପାନକରିବାକୁ । ନୀଳମଣି ତାଙ୍କର

ନୀଳକମଳକାନ୍ତି ଓ କରୁଣାରେ, ନୀଳଜୀମୂତ ଜ୍ୟୋତି ଓ ଜୋଛନାରେ ଧରଣୀର ଆଖିରେ, ଓଠରେ ଆଶା ଆନନ୍ଦର ହସ ଫୁଟାଇବାକୁ, ଅମୃତର ସନ୍ତାନକୁ ଧ୍ୱଂସ ପଥରୁ ଫେରାଇ ନେବାକୁ କଲ୍ୟାଣ କରୁଛନ୍ତି । ମହାକାଳ ବକ୍ଷରେ ମଣିଷଜାତି ହଜିଯିବା ପୂର୍ବରୁ ମହାପୁରୁଷର ମରଦେହରେ ନରନାରାୟଣଙ୍କ ନବଜନ୍ମ ପାଇଁ, ଯୁଗଚେତନାର ସନ୍ଧିକ୍ଷଣରେ ନବଯୁଗର ଅୟମାରମ୍ଭ ପାଇଁ, ନୈରାଶ୍ୟ ପ୍ରାଣରେ ଆଶାର ଅରୁଣୋଦୟ ପାଇଁ, ମୁହୁର୍ମୁହୁଃ ହୋଇ ଭାସିଆସୁଛି ନୂତନ ସୃଜନୀର ଶଙ୍ଖଧ୍ୱନି, ନବ ପ୍ରତୀକ୍ଷିତ ପ୍ରାଣକୁ ପୁଲକିତ କରି, ଉଚ୍ଚାଟିତ କରି, ସମ୍ମୋହନର ବଂଶୀ ବାଜୁଛି ସଞ୍ଜୀବନୀର ସ୍ୱରରେ ସୁମଧୁର ହୋଇ, ପୀଡ଼ିତ ପୃଥିବୀର ପ୍ରାଣକୁ ଛୁଇଁଛୁଇଁ, ତୁହାଇ ତୁହାଇ । ଶାନ୍ତି ଓ ପ୍ରୀତିର ପ୍ରାଚୁର୍ଯ୍ୟରେ ଆକାଶ ଓ ପୃଥିବୀ ପ୍ରଣୟୋଚ୍ଛଳ । ପ୍ରାଣୋଚ୍ଛଳ । ଆନନ୍ଦ ଉଚ୍ଛଳ ।

## ଶୌର୍ଯ୍ୟଦୀପ୍ତ କଳିଙ୍ଗ

କଳିଙ୍ଗ ! କଳିଙ୍ଗା । ଅବିଜିତମ୍ । ଓଃ ଅସହ୍ୟ ପିତା, ପିତାମହଙ୍କର ସ୍ୱପ୍ନର ସାମ୍ରାଜ୍ୟ । ଧନଧାନ୍ୟ ଭରା ସୁବର୍ଣ୍ଣ ସାମ୍ରାଜ୍ୟ । ଏବେବି ମୌର୍ଯ୍ୟ ସାମ୍ରାଜ୍ୟର ସୀମାରେ ଏକ ଅବରୁଦ୍ଧ ମହୀରୁହ ଭଳି ଅଟ୍ଟହାସ କରୁଛି ମଗଧର ଶକ୍ତି ଓ ଶୌର୍ଯ୍ୟକୁ, ଦିଗ୍‌ବଳୟର ଦୀପ୍ତିମାନ ସୂର୍ଯ୍ୟକୁ । ଦିଗନ୍ତ ବିସ୍ତାରୀ ନୀଳଜଳରାଶି ବିଧୌତ ସ୍ୱର୍ଣ୍ଣାଭ ବେଳାଭୂମି, ସବୁଜ ଶ୍ୟାମଳ ସ୍ୱର୍ଣ୍ଣପ୍ରସୂ କଳିଙ୍ଗ, ଅଶୋକଙ୍କ ରସପିପାସୁ ଦୃଷ୍ଟିରେ ଯେମିତି ସ୍ୱପ୍ନିଳ ଦିଶୁଥିଲା, ରକ୍ତପିପାସୁ ନେତ୍ରରେ ସେତିକି ରକ୍ତିମ ଦିଶୁଥିଲା ଯେମିତି ନୀଳଲହରୀ ଭିତରେ ମହାକାଳ, ନୀଳଲୋମଶ ମୃତ୍ୟୁଭଳି । ପ୍ରାପ୍ତି ଓ ପୂର୍ଣ୍ଣତାର ପ୍ରତ୍ୟାଶା ଭିତରେ ପ୍ରତିଧ୍ୱନିତ ହେଉଥିଲା ପ୍ରତିଶୋଧ ପରାୟଣ ବିକ୍ଷୁବ୍‌ଧ ପ୍ରାଣର ପ୍ରତିଶବ୍ଦ । କଳିଙ୍ଗର ରାଜସଭାରେ ଅବୈଧ ରାଜପୁତ୍ରର ଅପମାନ ଅସହ୍ୟ । କାନ୍ତି ଓ କରୁଣାର ଆରକ୍ତ ଶତଦଳଭଳି ସମୁଜ୍ଜ୍ୱଳ, ସ୍ୱପ୍ନସୁନ୍ଦରୀ, ହୃଦୟ ସମ୍ରାଜ୍ଞୀ ପ୍ରାଣାଧିକା ପ୍ରିୟତମା କାରୁବାକୀର ହୃଦୟ ସାମ୍ରାଜ୍ୟରୁ ନିର୍ବାସିତ ଅଶୋକ ଏକ ଅର୍ବାଚୀନ ଅବୈଧ ରାଜପୁତ୍ର ଯାହାର ପରିଚୟ ପବିତ୍ର ପ୍ରୀତିର ପ୍ରତିଫଳନ ନୁହେଁ, ଗୋପନ ପ୍ରଣୟର ଗୋପନୀୟ ସ୍ୱାକ୍ଷର । ଅଦୃଷ୍ଟର ଇଙ୍ଗିତରେ ଅପମାନିତ ଅଶୋକ ଏବେବି ଅକ୍ଷତ । ଜଳିବାକୁ ଯା'ର ଜନ୍ମ, ବିଜୟ ଯାହାର କାମ୍ୟ , ସେ କାପୁରୁଷ ନୁହେଁ କଳିଙ୍ଗର ଶକ୍ତିପାଖରେ, ପଳାତକ ନୁହେଁ ଯେପରି କାରୁବାକୀର...ଆଃ ପ୍ରୀତିସ୍ୱଦାର ପ୍ରୀତିପାଖରେ । ମୌର୍ଯ୍ୟସାମ୍ରାଜ୍ୟର ସୀମାରେ ଅଜେୟ କଳିଙ୍ଗ-ହୃଦୟ ସାମ୍ରାଜ୍ୟର ସୀମାରେ ଅସାମାନ୍ୟା ସୁଶ୍ରୀ କାରୁବାକୀ, ଉଦୟ ଅବିଜିତମ୍ । ବହିର୍ବାଣିଜ୍ୟରେ ବିଭବଶାଳୀ କଳିଙ୍ଗ, ବିଦ୍ୟାବୁଦ୍ଧିରେ ବେଦମତୀ, ଦୟାକ୍ଷମାରେ ଦେବୋପମା, ରୂପଗୁଣରେ ଗରୀୟାନ, କାରୁବାକୀର ଆକର୍ଷଣ ଯେତିକି ଆଦିମ ସେତିକି ଅଦମ୍ୟ ଅଲଂଘ୍ୟ । କୃଷ୍ଣାଭଳି କମନୀୟ, ଲାବଣ୍ୟବତୀର ଲୋଭନୀୟ ସୌନ୍ଦର୍ଯ୍ୟରେ ଯେତିକି ଲୁବ୍ଧ ସେତିକି ମୁଗ୍ଧମୋହିତ ପ୍ରୀତିପର୍ଣ୍ଣାର ସମର୍ପିତ ମୁଦ୍ରାରେ, ପଲକରେ । ସ୍ନାୟୁରେ ସ୍ନାୟୁରେ ସ୍ନେହମୟୀର ଶିହରଣ, ମମତାବୋଳା ମଧୁର ସମ୍ଭାଷଣ । ପ୍ରୀତିମଧୁର ବିଭୋର ମୁହୂର୍ତ୍ତଭଳି ଏକାନ୍ତ ଆତ୍ମୀୟ, ଅନାବିଳ, ଅଶ୍ରୁ ଆନନ୍ଦରେ ସମୁଜ୍ଜ୍ୱଳ । ହୃଦୟର ମୁଗ୍ଧ ଅନୁଭବ ସନ୍ଧ୍ୟାଧୂପର ମହକଭଳି ମହମହ । ସଞ୍ଜଦୀପର ଘୃତଭଳି ବାସ୍ନାମୟ । ଯାହାର ଆଖିରେ, ଓଠରେ ଅନାଗତ



ଫଗୁଣର ଅଭିସାର, ଫୁଲପ୍ରଜାପତିର ପ୍ରଗଲ୍‌ଭ ଆସର, କୁହୁକମୟ କୋଇଲିର କୁହୁସ୍ୱର, ସେଠାରେ ସ୍ୱପ୍ନ କଳ୍ପନାର ତୂଳୀଧରି ଅଶୋକ ସ୍ୱୟଂ ଶିଳ୍ପୀ ଦେବକନ୍ୟାର ଜୀବନ୍ୟାସ ପାଇଁ ସତେ ଯେପରି ଅପେକ୍ଷାମାଣ ପ୍ରଗଲ୍‌ଭା । ବର୍ଷୁକୀ ମେଘର ସଙ୍ଗୀତଭଳି ପ୍ରଗଲ୍‌ଭା କାରୁବାକୀ, ଯାହାର ଅଙ୍ଗଲତାରେ ଅନିନ୍ଦ୍ୟ ସୌନ୍ଦର୍ଯ୍ୟର ପୂଜାରୀ, ପ୍ରେମିକ ଅଶୋକ ଆତ୍ମବିସ୍ମୃତ । ନୀଳମେଘ ଭଳି ଢ଼ଳଢ଼ଳ, ନଳିନୀ ଭଳି ଘନନୀଳ, ନିମ୍ନଗାଭଳି ଉଚ୍ଛଳ, ଅନୁପମାର ଅନୁପମ ପ୍ରୀତିରେ କଳକଳ ଛଳଛଳ ପ୍ରଣୟୋଚ୍ଛଳ ପ୍ରୀତିପ୍ରାଣ । ଯୌବନର ରଙ୍ଗ ଓ ତରଙ୍ଗରେ କନକିତ କାଦମ୍ବିନୀ, କଦମ୍ବିତ ଅନୂଢ଼ା ଆଷାଢ଼, ସୌଦାମିନୀ, ବର୍ଣ୍ଣମୟ ସ୍ୱର୍ଣ୍ଣିମ ଆକାଶ । ଅସିର ଅହମିକା ଆଜିଯାଏ ସେ ଅନୁଭବ କରିଥିଲେ, ଅସିର ବିଜୟକୁ ସ୍ୱୀକୃତି ଦେଇଥିଲେ ଅନ୍ଧଭାବେ । କଳିଙ୍ଗ ଯୁଦ୍ଧରେ ସେ ଅହଙ୍କାର ଚୂର୍ଣ୍ଣୀଭୂତ ହୋଇଯାଇଛି । ନିଜ ପିତାଙ୍କ ଧର୍ମପତ୍ନୀ, ମା ଧର୍ମାଙ୍କର ପ୍ରିୟପୁତ୍ର ଧର୍ମାଶୋକ ଆଜି ଜଣେ ନୃଶଂସ ନରସଂହାରକ, ଶହେ ଭାଇର ହତ୍ୟାକାରୀ ଏକଥା ଭାବିଲାବେଳେ ସେ ନିଜର ମୁଖକୁ ନିଜ ପାପୁଲିରେ ଲୁଚାଇରଖି ପ୍ରଳାପ କରୁଥିଲେ । ଶାନ୍ତି, ମୁକ୍ତିର ମାର୍ଗ ଖୋଜୁଥିଲେ । ପରବର୍ତ୍ତୀ କାଳରେ ଦିବ୍ୟା ଦେବୀଙ୍କର 'ବୁଦ୍ଧଂ ଶରଣମ୍ ଗଚ୍ଛାମି'ର ସ୍ୱର ଓ ସମର୍ପିତ ସେବା, ରାଣୀ ପଦ୍ମାବତୀଙ୍କର ସ୍ନେହ ଓ ସାହଚର୍ଯ୍ୟ, ପୁତ୍ର କନ୍ୟା, ପତ୍ନୀ ଦେବୀ ଓ ସାନଭାଇ ବିତାଶୋକ ବୌଦ୍ଧଧର୍ମ ଗ୍ରହଣ କରିଥିବାରୁ ଧାର୍ମିକ ପ୍ରଭାବ, ସର୍ବୋପରି କଳିଙ୍ଗକୁମାରୀ କାରୁବାକୀର ବଳିଷ୍ଠ ନେତୃତ୍ୱ, ବ୍ୟକ୍ତିତ୍ୱର ଦୀପ୍ତିମାନ ପ୍ରଭାବରେ, କଳିଙ୍ଗର ଉଦାର ଆତିଥେୟତାରେ ମୁଗ୍ଧ ମୋହିତ ଅଶୋକ ମାନବାତ୍ମାର ମଙ୍ଗଳ ନିମିତ୍ତ ଧାର୍ମିକ ଜୀବନପ୍ରତି ଆକୃଷ୍ଟ ହୋଇଥିଲେ । ଧାର୍ମିକ ପରିବେଶରେ ତାଙ୍କର ହୃଦୟ କୁସୁମ କୋମଳ ହୋଇଥିଲା । ତାଙ୍କର ଦେବୋପମ ଦୀପ୍ତିର ଉତ୍ତରଣ ଘଟିଥିଲା ଉତ୍ତର କାଳରେ । ସେ ବୌଦ୍ଧଧର୍ମ ଗ୍ରହଣକରି ଏହାର ପ୍ରଚାର ଓ ପ୍ରସାରପାଇଁ କାର୍ଯ୍ୟ କରିଥିଲେ ନିର୍ମଳ ହୃଦୟରେ । ନିଷ୍ପାପର ଭାବେ ସେ ଧର୍ମନିରପେକ୍ଷତାକୁ ସମ୍ମାନ ଦେଇଥିଲେ ।

ଆଜି ପର୍ଯ୍ୟନ୍ତ ପୃଥିବୀବାସୀ ଅଶୋକଙ୍କୁ ଅହିଂସା, ଶାନ୍ତି ଓ ସହାବସ୍ଥାନର ବାର୍ତ୍ତାବହ ଭାବେ ଚିହ୍ନିଛନ୍ତି । ଅଶୋକଙ୍କର ପ୍ରଚଣ୍ଡ ବ୍ୟକ୍ତିତ୍ୱର ପ୍ରକାଶ ପାଇଁ ଯେଉଁ କଳିଙ୍ଗର ବରକନ୍ୟା, ବରବଧୂ, ବରପୁତ୍ର, ବୀର, ମହାବୀରମାନେ ହୃଦୟଚିରି ରକ୍ତ ନିଗାଡ଼ି ଦେଇଛନ୍ତି ସେମାନଙ୍କୁ ବୀରଭୋଗ୍ୟା ବସୁନ୍ଧରାର ବୀରୋଚିତ ପ୍ରଣାମ । କଳିଙ୍ଗ ଜନନୀର ହୃଦୟ ବନ୍ଦନାରେ ମଗ୍ନ ଶବ୍ଦଶିଳ୍ପୀର ନମ୍ର ନୀରବ ପ୍ରଣାମ । ମାଟି ଆକାଶର ପ୍ରଣାମ । ଯେଉଁ କଳିଙ୍ଗକୁମାରୀ, କୁମାରୀପ୍ରାଣର ସ୍ନେହ ପ୍ରେମରେ ପ୍ରୀତିସିକ୍ତ କରିଛନ୍ତି ପ୍ରୀତପ୍ରାଣକୁ, ପ୍ରିୟତମର ହୃଦୟ ସଂଲଗ୍ନ ହୋଇ, ସ୍ୱପ୍ନ କଳ୍ପନାର ରଙ୍ଗ ବୁଣିଛନ୍ତି, ଆଶା ବିଶ୍ୱାସର ବଟବୃକ୍ଷ ହୋଇଛନ୍ତି, ଶକ୍ତି ସୃଜନୀର ବରଦାନ ଦେଇଛନ୍ତି, ଆଖି, ଓଠ, ହାତ ଛୁଆଇଁ ଯିଏ ଅସହାୟ ଆସାଢ଼୍ ଜୀବନରେ ଆଦ୍ୟ ଆଷାଢ଼ ଭଳି ଉଠୁରି ପଡିଛନ୍ତି, ନବଜୀବନର ସ୍ପର୍ଶ ଦେଇଛନ୍ତି, ନୀରବରେ ଲୁହ ଢାଳିଛନ୍ତି, ଅଶ୍ରୁ ଅନୁକମ୍ପାରେ ଆଉଟୁ ପାଉଟୁ ହୋଇଛନ୍ତି, ଅନୁରାଗ, ଅପମାନରେ ଆତ୍ମାଶ୍ୱାସ ଦେଇଛନ୍ତି, ଲୁହଲହୁକୁ ଏକାକାର କରିଛନ୍ତି, ସତୀସାଧ୍ୱୀ, ସ୍ୱୟଂଶ୍ରୀ ସନ୍ନ୍ୟାସିନୀ ଭଳି ବଞ୍ଚିଛନ୍ତି ସେହି ମହିମାମୟୀ ମହିୟସୀଙ୍କୁ ପ୍ରିୟତମ ଶବ୍ଦଶିଳ୍ପୀର ପ୍ରୀତିସିକ୍ତ ପ୍ରଣାମ, ପୁଣ୍ୟ ପ୍ରଣାମ । ଶୁଭ୍ରା-ସୌମ୍ୟା, ସୃଜନୀ ପ୍ରାଣର ଚିରବନ୍ଦନୀୟ ଉପହାର 'ହୃଦୟ ସୁନ୍ଦର ପ୍ରେମ', ପ୍ରୀତିମୁଗ୍ଧ ହୃଦୟର ସ୍ନିଗ୍ଧ ସୌକୁମାର୍ଯ୍ୟ 'ଅଶ୍ରୁ', ଅନାବିଳ ପ୍ରେମର ସ୍ୱର୍ଗୀୟ ଆଲୋକରେ ଆଲୋକିତ

ମୋର 'ଆତ୍ମା' । ସେମାନେ ଆଜି କାଳ କବଳିତ ସତ, କଳିଙ୍ଗାର ବୀରତ୍ୱ ବଳିଦାନ, ନିଷ୍ଠା, ଧୈର୍ଯ୍ୟ, ସାହସ ସର୍ବୋପରି ମହନୀୟ ମାନବୀୟ ଉଦାର ଆତିଥେୟତାକୁ ବିଶ୍ୱବାସୀ ଚିହ୍ନି ପାରିନାହାନ୍ତି । ଫୁଲର ପୂଜା ବେଳେ ମଣିଷ ମାଳିକୁ ଭୁଲିଗଲା ପରି କଳିଙ୍ଗବାସୀ ଏବେବି ଇତିହାସର ଅନ୍ଧାରଭିତରେ ଅବହେଳିତ । କଳିଙ୍ଗର ମହାନତା, ମହାନୁଭବତା, ସ୍ନେହଶୀଳ ସହାନୁଭବତା ଅଶୋକଙ୍କ ନିଜସ୍ୱ ଅନୁଭୂତିରେ, ଅନୁଭବରେ ଅଧିକ ଗରୀୟାନ । ବିଶ୍ୱବାସୀ କଳିଙ୍ଗବାସୀଙ୍କ ହୃଦୟକୁ ଚିହ୍ନନ୍ତୁ, ତାର ଅମିୟ ଉଦାରତାରେ ଉଦ୍‌ବୁଦ୍ଧ ହୁଅନ୍ତୁ, ଯେଉଁ ମାଟିରେ ଅଶୋକ ଶିକ୍ଷା କରିଥିଲେ ହୃଦୟ ବିଜୟର କଳା ଓ କୌଶଳ ।

## ପ୍ରିୟମ୍ବଦା କାରୁବାକୀ (କଳାବତୀ)

ଆଦ୍ୟ ଯୌବନରେ ଅଶୋକ କଳିଙ୍ଗରେ ପଦାର୍ପଣ କରିଥିଲେ ମଗଧର ରାଜଦୂତହୋଇ । ବାଲ୍ୟକାଳ ଓ କୈଶୋରର ବହୁ ଭାବମଧୁର ଦିନସବୁ କଟିଥିଲା ମାଲ୍ୟାଣୀ କୁଟୀରରେ, କଳିଙ୍ଗରେ ଅଜ୍ଞାତ ସନ୍ନ୍ୟାସୀ ଭାବରେ । ଗୌରବର୍ଣ୍ଣା ଉତୁଙ୍ଗ ଅଶୋକଙ୍କ ଉପସ୍ଥିତିରେ ମଗଧର ରାଜଅନ୍ତଃପୁରେ ଅଶାନ୍ତିର ଗୁଞ୍ଜରଣ ବିନ୍ଦୁସାରଙ୍କ ପିତୃପ୍ରାଣକୁ କ୍ଷୁବ୍ଧ କରିଥିଲା । ସେଠାରେ ଅଶୋକଙ୍କ ଜୀବନପ୍ରତି ବିପଦ ଆଶଙ୍କା କଳାମେଘପରି ଢ଼ାଙ୍କିହୋଇ ରହିଥିଲା । କାଳରାତ୍ରିରେ କ୍ରୂର ଶାଣିତ ତରବାରୀର ଚକ୍‌ର,ଅଦିନ ବିପଦପ୍ରତି ସତର୍କ କରିଦେଇଥିଲା । କ୍ଷମତା କନ୍ଦଳଠାରୁ ଦୂରେଇ ରହିବାକୁ କଳିଙ୍ଗ ରାଜଦରବାରକୁ ଅଶୋକଙ୍କୁ ରାଜଦୂତଭାବେ ପଠାଇଥିଲେ ମହାମହିମ ମଗଧ ସମ୍ରାଟ ବିନ୍ଦୁସାର । କଳିଙ୍ଗ ସହ ମଗଧର ମଧୁର ସମ୍ପର୍କକୁ ନିବିଡ଼ କରିବାକୁ ନିର୍ଦ୍ଦେଶ ଦେଇ କଳିଙ୍ଗର ନୌବାଣିଜ୍ୟ, ବିଭବ, ସେନା ଶିବିର, ଦୁର୍ଗ ଗଡ଼ଖାଇ, ଗମନାଗମନ, ନଦୀପଥ ଓ ସମୁଦ୍ରତଟ, ମାସିକ ବୃଷ୍ଟିପାତ, ଶସ୍ୟ ସଂଗ୍ରହ ସମ୍ପର୍କରେ ତଥ୍ୟସବୁ ସଂଗ୍ରହ କରିବାକୁ ଅଶୋକଙ୍କୁ ପଠାଇଥିଲେ ।

କଳିଙ୍ଗର ରାଜଦରବାରରେ ଅଶୋକ ଆନନ୍ଦରେ ଦିନ କାଟୁଥିଲେ । ଦୁଇରାଜ୍ୟର ସମୃଦ୍ଧି ଓ ସୁସମ୍ପର୍କ ନିମିତ୍ତ କାର୍ଯ୍ୟକରି କଳିଙ୍ଗ ରାଜାଙ୍କର ପ୍ରିୟପାତ୍ର ହୋଇଥିଲେ । ସକାଳର ସୂର୍ଯ୍ୟ ଉଇଁବା ପୂର୍ବରୁ ସେ ଶଯ୍ୟା ତ୍ୟାଗକରି ପ୍ରାତଃ ଭ୍ରମଣରେ ଯାଉଥିଲେ ଅନେକଦୂର । ପ୍ରକୃତିର ସୁଷମା ମଣ୍ଡିତ ରୂପ ଲାବଣ୍ୟ ତାଙ୍କୁ ମୁଗ୍ଧ କରୁଥିଲା । ରାଜକାର୍ଯ୍ୟରେ ସାରା ଦିନ ବ୍ୟସ୍ତ ରହୁଥିଲେ । ସନ୍ଧ୍ୟା ନଇଁଲେ ସୂର୍ଯ୍ୟାସ୍ତ ପୂର୍ବରୁ ସେ ସନ୍ଧ୍ୟା ଭ୍ରମଣରେ ବାହାରୁଥିଲେ । ଅନେକ ସମୟରେ ମାଲ୍ୟାଣୀ, ମା' ମଲ୍ଲୀକାର କୁଟୀରକୁ ବୁଲିଆସୁଥିଲେ । ପୂଜା, ପର୍ବ ବିଶେଷ ଦିନସବୁ କଟୁଥିଲା ସେଇଠି । ସେଇ କୁଟୀର ତାଙ୍କ ବାଲ୍ୟ ଜୀବନର ସାବକ ସ୍ୱପ୍ନଶାଳା, କୈଶୋରର ମଧୁଶାଳା । ଆଜି ଯୌବନରେ ପ୍ରୀତିସ୍ୱଦା ପ୍ରିୟମ୍ବଦା କଳାବତୀର ସ୍ନେହ ସାନ୍ନିଧରେ ଉତ୍ସବମୁଖର ପ୍ରାଣ ତାଙ୍କର ପୂରିଉଠୁଛି ପ୍ରୀତିର ମହକରେ, ପ୍ରତ୍ୟାଶାର ପୁଲକରେ, ପ୍ରୀତିପୂର୍ଣ୍ଣାର ପ୍ରୀତିସ୍ନିଗ୍ଧ ପ୍ରାଚୁର୍ଯ୍ୟରେ । ରାଜକୁମାରୀ କଳାବତୀର କୃଷ୍ଣକମଳ କମ୍ପିତ ଆଖିରେ ଧରାଦେଇଥିଲେ ଅଶୋକ । ପ୍ରୀତି ନିବେଦନ କରିଥିଲେ । ଗୋପନରେ ଡାକୁଥିଲେ କାରୁବାକୀ । କୁମାରୀ ଦେହର ସୁଠାମ ଅଙ୍ଗଲତିକାରେ ଯୌବନର କାଉଁରୀ ଫୁଲର କାରୁକଳା ମତୁଆଲା କରିଥିଲା ତାଙ୍କର ମନକୁ । ସେଇ କୁଟୀରରେ ଅନେକ ସମୟରେ ଗଳ୍ପରତ



ଥିଲେ ଅଶୋକ । ପ୍ରୀତିର ପୀୟୂଷ ପାନରେ ଆତ୍ମହରା ହେଉଥିଲେ । କଳାବତୀର ବୁଦ୍ଧି, ବିଚକ୍ଷଣତା, ତାଙ୍କୁ ମୁଗ୍ଧକରିଥିଲା । ବନ୍ୟ ହରିଣୀପରି ଚଳଚଞ୍ଚଳ ଦୁଇଆଖିରେ, ଚିରହାସ୍ୟମୟୀ ଦୁଇଓଠରେ, ସ୍ୱପ୍ନ ଓ ସାହାନାଇର ସ୍ୱରଲହରୀ ଝରିଯାଉଥିଲା । ଅନୁପମ ସ୍ୱପ୍ନ, କଳ୍ପନାରେ ହଜୁଥିଲେ ଭାବିସମ୍ରାଟ । ସନ୍ଧ୍ୟା ଆକାଶରେ ତାରାଫୁଲ ସବୁ ଫୁଟିଥିଲା, ଅଳ୍ପ ଅନ୍ଧାର ଅଳ୍ପ ଆଲୋକରେ ଅସ୍ପଷ୍ଟ ଦିଶୁଥିଲା ଘର ଅଗଣା । ଦୀପାଳୀ ଜଳୁଥିଲା । ଅଗଣାରେ ଗଳ୍ପ କରୁଥିଲେ ଅଶୋକ ପାଖରେ କଳାବତୀ । ପ୍ରାଣରେ ଅପୂର୍ବ ଆଲୋଡ଼ନ । ସ୍ୱର୍ଶାତୁର ସ୍ନେହର ଶିହରଣ । ମୁଗ୍ଧ ମାଦକତାରେ ବିଭୋର ପ୍ରଣୟୀ ଯୁଗଳ । କଳାବତୀଙ୍କର ହାତକୁ ଉଷ୍ଣ ଆବେଗରେ ଚାପିଧରିଥିଲେ ଅଶୋକ । ଅନୁରାଗମୟ ଆକାଶ, ପୃଥିବୀ । ଆସନ୍ନ ସନ୍ଧ୍ୟାର ଛାୟାଲୋକ ଫିକାରଙ୍ଗ ବୋଳିଥିଲା ଆକାଶ ପୃଥିବୀ ଉପରେ ।

ଅଶୋକ : ତମରି ପାଖେପାଖେ ଜୀବନର ପ୍ରତିଟି ମୁହୂର୍ତ୍ତ କାଟିବାକୁ ଇଚ୍ଛା ହେଉଛି । ଏ ମାଟି, ପାଣି ପବନ, ଅନ୍ଧାର, ଆଲୁଅସବୁ କେମିତି ଅପୂର୍ବ ଅପୂର୍ବ ଲାଗୁଛି । ଇଚ୍ଛା ହେଉଛି ଏମିତି ଗପିବାକୁ ଅସରନ୍ତି ଗପ । ଅନାବନା ଗପ ସବୁ ସମୟକୁ ବାନ୍ଧି ରଖିବାକୁ ପ୍ରଣୟର ପାର୍ଥିବ ରଜ୍ଜୁରେ । ଚିରନ୍ତନ ତମେ ଗପୁଥିବ, ମୁଁ ଶୋଇଶୋଇ ଶୁଣୁଥିବି, ତୁମ କୋଳରେ ମୁଁ ଗପୁଥିବି, ତୁମେ ଶୁଣୁଥିବ ବଗୁଲିଟେ ହୋଇ, ଚୁପିଚୁପି ହସୁଥିବ, ଗର୍ଭବତୀ ମେଘଭଳି ବର୍ଷୁଥିବ, ମୋ ଭିତରେ, ମତେ ଏକାକାରକରି, ମୃଦୁମୃଦୁ ଚାହୁଁଥିବ । ଆମେ ଭିଜୁଥିବା ଭିଜାମାଟିର ଗନ୍ଧରେ । ବର୍ଷାଭିଜା ଦେହ ତୁମର ବାସୁଥିବ ମହମହ । ବକ୍ଷଦେଶରେ ବର୍ଷାର ଘୁଙ୍ଗୁର ପ୍ରତିଧ୍ୱନିତ ହେଉଥିବ । ମୁଁ ଚାହିଁ ରହିଥିବି ଅପୂର୍ବ ଅନୁରାଗରେ ତମରି ତନୁଶ୍ରୀକୁ, ତମଦେହର ଦିବ୍ୟ ବିଭବକୁ, ମାଂସର ଭୂଗୋଳକୁ, କୃଷ୍ଣସୁନ୍ଦର ଭୂଲତାକୁ, ଲୋଭିଲା ଆଖିରେ, ଅତୃପ୍ତ ଓଠରେ ପିଇ ଯାଉଥିବି ତମରି ରସମୟ ରୂପ ଲାବଣ୍ୟକୁ । ତମମୁହଁରେ ମଧୁଜ୍ୟୋସ୍ନା ଆଖିରେ କାବ୍ୟତାରା, ଓଠରେ, ମଧୁଝରା ହସରେ, ତୁମକୁ ଜଡେଇଧରି ଆସାଡ୍ ହୋଇଯିବାରେ କି ଆନନ୍ଦ ପ୍ରୀତିଗୀତର ସ୍ପନ୍ଦନଭଳି, ପ୍ରୀତପ୍ରାଣର କମ୍ପନଭଳି ତା'ର ସୀମା ନାହିଁ, ସମୁଦ୍ର ଯାହାର ସୀମା, ଆକାଶ ଯାହାର ସୀମାନ୍ତ ।

କଳାବତୀ : ଲଜ୍ଜାରୁଣ ଗଣ୍ଡଦେଶରେ ଲହରୀ ଖେଳାଇ, ହାତଦୁଇ (ସ୍ମିତ ହସି)ଚାପିଧରି ତା'ପରେ...,

ଅଶୋକ : ମୁଁ ଲୋଟୁଥିବି ନୀଳଲହରୀ ଉପରେ ମହୋଦଧିର ମାୟାରେ ନୀଳପଦ୍ମପରି ତମେ ଦୋହଲୁଥିବ ଲହରୀ ଦୋଳିରେ । ମୁଁ ଚାପି ଧରୁଥିବି । ତମେ ଛଳନାରେ ଛାଟିପିଟି ହେଉଥିବ । ମୋ ଭିତରେ ରଙ୍ଗ ବୋଳୁଥିବ ନୀଳଲହରୀର ରଙ୍ଗ, ନାରୀହୃଦୟର ରଙ୍ଗ, ମତେ ମୁଗ୍ଧକରି, ତୃପ୍ତକରି ଜଡ଼ାଇ ଧରିଥିବ ପ୍ରୀତିର ପଣତରେ, ପୁଲକରେ, ପ୍ରାଚୁର୍ଯ୍ୟରେ । ଆମେ ହଜିଯାଇଥିବା ଜହ୍ନ ରାଇଜରେ, ତାରା ଫୁଲର ବଗିଚାରେ, ଏକାନ୍ତରେ, ଗୋପନରେ, ସପନରେ ।

କଳାବତୀ : କୁମାର ମୋ କୁଆଁରୀ ମନରେ ତମେ କେମିତି କବିତାର ସ୍ତବକଟିଏ ପରି ଲାଖି ରହିଛ, ଯେମିତି ବିଭୋର କବିତାର ଧାଡିଟିଏ, ଆଶାର କନକ ଶାଢୀ, ତୁମେ ବୁଝିପାରିବନି କୁମାର ! କୁମାରୀ ପ୍ରାଣର ଗୋପନ ବ୍ୟଥାକୁ, ମୁକ୍ତା ସାଇତା ଶାମୁକାର ସ୍ୱପ୍ନକୁ, 'ସ୍ୱପ୍ନ ସାଉଁଟା ସପନ ବଣିକ ତମେ, ବୁଝିପାରିବନି, ଗୋଧୁଳି ଲଗ୍ନରେ ସବିତା କାହିଁକି ଅଶ୍ରୁ ନୀରବେ ଚୁମେ' ? ଅଶ୍ରୁ ନୀରବେ ଚୁମେ' ? ତମରି କାବ୍ୟିକ ସତ୍ତା ମତେ ଅଭିଭୂତ କରିଛି । ସ୍ୱୟମ୍ବରା ସ୍ୱଜନୀର ସ୍ନେହ

ଫାଶରେ ବାନ୍ଧିହୋଇଯାଇ ନାହିଁତ ?

ଅଶୋକ : (ସ୍ମିତହସି) ତମେ ତ ସୃଜନୀ, ସ୍ୱୟମ୍ବରା । ଯାହାର ରୂପରେ ରୁକ୍ଷ ଜୀବନ ମୋର କୋମଳ ହୋଇଯାଇଛି । । ଶୁଷ୍କ ଜୀବନ ଭିଜିଯାଇଛି ବର୍ଷୁକୀ ମେଘରେ । ତମେତ ମୋ କବିତାର ଫୁଲ, କଳ୍ପନାର କବିବଧୂ । ତମରି ସ୍ନେହମୟ ସ୍ପର୍ଶରେ ମୋର ଏ ରୂପାନ୍ତର । ପ୍ରୀତପ୍ରାଣର । ସମର୍ପିତ ପ୍ରୀତିର । ପ୍ରୀତିପର୍ଣ୍ଣା, ସତରେ ତମପ୍ରୀତିର ପଟ୍ଟାନ୍ତର ନାହିଁ । ତମପ୍ରୀତିର ପ୍ରାଚୁର୍ଯ୍ୟ ଭିତରେ ମତେ ବଞ୍ଚିବାକୁ ଦିଅ ଜୀବନର ପୂର୍ଣ୍ଣତାପାଇଁ, ଅନ୍ନପୂର୍ଣ୍ଣାହୋଇ, ମୋପାଇଁ, ଆକାଶ ଗଙ୍ଗାର ଆଲୁଅହୋଇ, ଅସୀମାର ସ୍ୱର୍ଣଭଳି, ଶାଶ୍ୱତୀ (ପୃଥିବୀ)ର ଶ୍ୱେତପଦ୍ମହୋଇ ।

କଳାବତୀ : ହେ ଶ୍ୱେତପଦ୍ମର ପ୍ରିୟ । ତୁମରି କାବ୍ୟ ପ୍ରତିଭାକୁ ମୋର ପ୍ରଣାମ । କବିପ୍ରିୟାର ନିଷ୍କାମ ପ୍ରଣାମ । ଉଜ୍ଜ୍ୱଳ ହେଉ ତୁମରି ବୁଦ୍ଧିଦୀପ୍ତ ବୌଦ୍ଧିକ ଚେତନା, କବିବଧୂର କାବ୍ୟିକ କଳ୍ପନା । ମୁଁ ତ ତୁମରି ପ୍ରୀତିମଗ୍ନା ମୁଗ୍ଧା କିଶୋରୀଟିଏ । କବିପ୍ରିୟାର ମର୍ଯ୍ୟାଦା ଦେଇଛ ମତେ ଇଏ କଣ କମ୍ ସମ୍ମାନ ଏଇ କୁମାରୀ ବୟସରେ ? କେତେଜଣଙ୍କୁ ଏ ସମ୍ମାନ ମିଳେ ? ଧନ୍ୟ ପ୍ରିୟତମ । ଧନ୍ୟ ତୁମର ପ୍ରୀତିସ୍ନିଗ୍ଧ କାବ୍ୟିକ ରୂପାନ୍ତର ।

ଅଶୋକ : କେବେ ଆସିବ ସେଦିନ ? ସୌଭାଗ୍ୟର ସେ ମଧୁଲଗ୍ନ, ପ୍ରୀତିର ପାର୍ବଣ ? ହୃଦୟ ବନ୍ଧନ ଲାଗି କଢ଼ି ଓ କଳରବର ସ୍ୱର୍ଣ୍ଣପ୍ରସୂ ସକାଳ ? ମିଳନର ମହୋତ୍ସବରେ ଆମେ ଏକାକାର ହୋଇଯାଉଥିବା ମହୋଦଧିର ମୂର୍ଚ୍ଛନାରେ, ମୌସୁମୀରେ, ପୂର୍ଣ୍ଣିମା ଜ୍ୟୋସ୍ନାର ପ୍ଲାବନରେ । ମୁଁ ଆଉ ପାରୁନି ରାଜକୁମାରୀ । ଅସହ୍ୟ ଲାଗୁଛି ପ୍ରାପ୍ତିର ପ୍ରତୀକ୍ଷା ସବୁ । ନିବିଡ଼ ସ୍ନେହରେ ପ୍ରିୟତମାକୁ କୋଳାଗ୍ରତକରି ସ୍ତନମଣ୍ଡଳକୁ ଟୋଳିଧରି ଚିବୁକ ଉପରେ ଚୁମାପରେ ଚୁମା ଦେଇଚାଲିଥିଲେ ଅଶୋକ ।

କଳାବତୀ : (ମୃଦୁବାଧା ଦେଇ ମୁକୁଳିଆସି) ପ୍ରାଣର ପରୀକ୍ଷାଲାଗି, ଏ ପ୍ରତୀକ୍ଷା କୁମାର । ତମେ ଏତେ ଦୁର୍ବଳ ? ଇପ୍‌ସିତ ବସ୍ତୁ ପ୍ରତି ଏତେଟା ଆକର୍ଷଣ, ଅଥୟ ଅଭୀପ୍‌ସା ଚିରସ୍ଥାୟୀ ନୁହେଁ । ତୁମେ କଣ ବୁଝିନାହଁ ନିଷ୍ଠୁର ନିୟତିର ଦୁର୍ବାର ଅଭିସାର ? ଯିଏ ଝଡ଼ର ଇଗଲପରି ଉଡ଼ି ବୁଲୁଥାଏ ମାଟିରୁ ଆକାଶ ନିରୀହ କୃଷ୍ଣସାରର ସର୍ବନାଶ ପାଇଁ । ସେଠି ସ୍ନେହ ନାହିଁ, ଅଛି କ୍ଷଣିକରେ ସବୁ ଲୁଟିନେବାର, ଶାଣିତ, ଶ୍ୟେନଦୃଷ୍ଟି । ଧୂଳିସାତ୍, କରିବାକୁ ଆଦାମ୍ ଇଭର ସ୍ୱପ୍ନ, ଧସେଇ ପଶିବାକୁ ଧ୍ୱଂସର ମହାକାଳପରି ପ୍ରଣୟୀଯୁଗଳଙ୍କର ମରାଳମଗ୍ନ ମନରେ, ମିଥୁନମଗ୍ନ ମିଳନରେ, ଚେତନାରେ । ସେଥିରେ ତାର ଆନନ୍ଦ । ପୈଶାଚିକ ପ୍ରାଣରେ ତାର ଆଦିମ ପିପାସା ପ୍ରୀତିମଧୁ ଲୁଟିବାକୁ ମହୁଫେଣା ଭାଙ୍ଗି, ପ୍ରୀତିପୂର୍ଣ୍ଣ ସ୍ନିଗ୍ଧ, କୋମଳ, ପ୍ରଣୟୀ ଯୁଗଳଙ୍କ ପ୍ରାଣକୁ ଭାଙ୍ଗିଭୁଙ୍ଗି । ଧୈର୍ଯ୍ୟଧର କୁମାର । ଅଦୃଶ୍ୟ ନିୟତିର ମଣିଷ ସହିତ ଛକାପଞ୍ଝା ଖେଳର ସମୟ ଏ । ମାଟିର ଖେଳନା ଏ ଦେହ । ଛଳନାର ଖେଳ ଏ ମାୟା । ଧରଣୀର କୃଷ୍ଣସାରପରି ଆମକୁ ବଞ୍ଚିବାକୁ ହେବ, ଆକାଶର ଇଗଲଠାରୁ ଆତ୍ମଗୋପନ କରିବାକୁହେବ, ସତର୍କରେ ଆତଯାତ ହେବାକୁ ହେବ । ଏବେବି ସେ ଇଗଲ କେଉଁ ଘଞ୍ଚ ବନାନୀରେ, ଘୃଣା କରୁଛି ମାଟିକୁ, ମାଟିର ମଣିଷକୁ ତା ଭିତରେ ପ୍ରେମ-ପ୍ରାଚୁର୍ଯ୍ୟକୁ , ମାନବାତ୍ମାକୁ । ବସୁନ୍ଧରାର ବକ୍ଷ ବିଦାରି ରକ୍ତ ନିଗାଡ଼ିବାରେ ତା'ର ବର୍ବର ଆନନ୍ଦ । ସେ ନିଷ୍ଠୁର, ନିର୍ମମ, ନିର୍ଦ୍ଦୟ । ପାଷାଣ ପ୍ରାଣ ତାର ପଶୁପରି ପାଷଣ୍ଡ ।



ତମେ କଣ ବୁଝିନାହଁ ତୁମ ମା'ର ସମର୍ପିତ ପବିତ୍ର ପ୍ରେମକୁ ? ମାତୃସ୍ନେହରୁ ବଞ୍ଚିତହୋଇ ତମେ ବ୍ୟାକୁଳ ହୁଅନା ଚିରବାଞ୍ଛିତାର ପ୍ରୀତିସ୍ନିଗ୍ଧ ହୃଦୟ ସଂଲଗ୍ନ ସ୍ନେହରୁ ବଞ୍ଚିତହୋଇ ଅବାଞ୍ଛିତ ହେବାକୁ । ମାତୃସ୍ନେହରୁ ବଞ୍ଚିତ ରୁକ୍ଷ କର୍କଶ ପ୍ରାଣରେ ତୁମର ସ୍ନେହ କରୁଣାର ଗଙ୍ଗୋତ୍ରୀ ଭଳି ନିଷ୍ପାପ ହୋଇବହୁଛି । ମୁଁ ତୁମକୁ ମୋ କୁମାରୀ ହୃଦୟର ସମ୍ବଳ, ନିଷ୍ପାପ ସ୍ନେହ ଓ କରୁଣାରୁ ବଞ୍ଚିତ କରିବି ନାହିଁ, କୁମାର । ମତେ ବୁଝିବାକୁ ଚେଷ୍ଟାକର । ତୁମ ହୃଦୟକୁ ସ୍ନେହପ୍ରେମ, ଦୟାକ୍ଷମା, କରୁଣାର ରାଶିରାଶି ଜଳରେ ଚିରସବୁଜ କରି ତୋଳିବାକୁ ମୋର ସୃଷ୍ଟି । ତୁମରି ରକ୍ତମାଂସ ପ୍ରାଣକୁ ଚିରସୁନ୍ଦର କରି ସଜେଇବାରେ ମୋ ଜୀବନର ସାର୍ଥକତା । ତମେ ମୋ ସ୍ୱପ୍ନର ରାଜକୁମାର । ମୋ ହୃଦୟର ରାଜା । ମୋ କୁମାରୀପଣର ଗୋପନ ଅଭିଳାଷ, ଗୋପନ ଅଭୀପ୍‌ସା, ଗୋପନ ଅଭିସାର । ମତେ ବଞ୍ଚିବାକୁ ଦିଅ କୁମାର । ଫୁଲପରି ମତେ ମାଡ଼ି ଦଳି ଦିଅନାହିଁ...ଓଃ (ଆଖିରେ ଅଶ୍ରୁଧାରା)

ତମରି ହୃଦୟ ସୁନ୍ଦର ପ୍ରେମର ରଣୀ, ଏଇ ପୂଜାରିଣୀ ତମରି କ୍ଷତାକ୍ତ ହୃଦୟରେ ଦେବୋପମ ବ୍ୟକ୍ତିତ୍ୱର ବିକାଶ ପାଇଁ ମୋର ଏ ସାଧନା, ବ୍ୟର୍ଥ ହେବନାହିଁ କୁମାର । ମତେ ବୁଝିବାକୁ ଚେଷ୍ଟାକର । ମାତୃସ୍ନେହରୁ ଚିର ବଞ୍ଚିତ ତମରି ପୀଡ଼ିତ ପ୍ରାଣରେ ନାରୀତ୍ୱର ସକଳ ବିଭବରେ, ବର୍ଣ୍ଣମୟ ମାଣିକ୍ୟ ଦ୍ୟୁତିର ବର୍ଣ୍ଣାଳୀରେ ମୁଁ ଭରିଦେବି ମା'ର ସ୍ନେହସୁଧାରେ, ମାନସୀର ପ୍ରୀତିସୁଧାରେ, ଭଉଣୀର ନିର୍ମଳ ସ୍ନେହରେ, ଦେବୀର ଦିବ୍ୟଶକ୍ତିରେ, ଅଝଟ ଝିଅର ଅଳିରେ । ତମକୁ ଗଢ଼ି ତୋଳିବାକୁ ତିଳତିଳକରି ନିଜର ରକ୍ତମାଂସ ବଳିଦେବାକୁ ମୋର ଦୁଃଖନାହିଁ । ତୁମରି ଆଖିର ଧାରେଲୁହରେ, ଓଠର ଧାରେହସରେ ମୁଁ ବଞ୍ଚିପାରିବି ଜନ୍ମରୁ ଜନ୍ମାନ୍ତର ଯାଏ । ତୁମହାତରେ ହାତରଖି, ତୁମ ଛାତିରେ ମଥାରଖି ମୁଁ ଚାଲିପାରିବି ଗ୍ରହରୁ ଗ୍ରହାନ୍ତର ଯାଏ । ତୁମ ଜୀବନରେ ପୂର୍ଣ୍ଣତାପାଇଁ, ମୋ ଜୀବନ ଯଜ୍ଞର ପୂର୍ଣ୍ଣାହୂତି ପାଇଁ ପ୍ରତୀକ୍ଷାକର । ତମକୁ ମୋର ପ୍ରାଣର ମିନତି । ଅଶ୍ରୁ ଆକୁଳ ପ୍ରେମର ପ୍ରଣତି...

ଅଶୋକ : ନାଁ..ନାଁ.. ତୁମେ କାନ୍ଦନାହିଁ । ତୁମ ଆଖିରେ ଅଶ୍ରୁ ଦେଖିଲେ ମୋ ଛାତି କମ୍ପିଉଠୁଛି, ଅଗ୍ନିକଣା ବର୍ଷି ଯାଉଛି । (ଦୁଇ ହାତରେ ଲୁହ ପୋଛିଦେଇ)... ନା - ନା ମତେ କ୍ଷମାକର । ଥରୁଟିଏ, ମତେ ତୋଳିଧର ତମ ତୂଳୀରେ, ତମ କୋଳରେ । ମହୋଦଧି ଭଳି ମୁଁ ପ୍ରତିଜ୍ଞା କରୁଛି କେବେ କୂଳ ଲଙ୍ଘିବି ନାହିଁ । ଯେତେ ବାଧା ଆସୁ ଜୀବନରେ ତୁମକୁ ଆଘାତ ଦେବିନାହିଁ । ତୁମଇଚ୍ଛା ବିରୁଦ୍ଧରେ ଯିବିନାହିଁ, ତୁମରି ନିବିଡ଼ ପ୍ରୀତି, ନିରାମୟ ମମତାର ଗଙ୍ଗୋତ୍ରୀ ଧାରାରୁ କେବେବି ବଞ୍ଚିତ ହେବିନାହିଁ । ଜୀବନର ମଙ୍ଗଳ ଲଗ୍ନରେ ତମେହିଁ ମୋର ଚିରବାଞ୍ଛିତା । ଯେଉଁଠି ଥାଅ, ଯେପରି ଥାଅ, ଜୀବନ ଓ ମୃତ୍ୟୁର ପରିଧି ଭିତରେ ତୁମରି ହୃଦୟ ବିଜୟ ଲାଗି ମୋର ଜୀବନବ୍ୟାପୀ ତପସ୍ୟା ତମକୁ ହୃଦୟର ରାଣୀ କରିବାପାଇଁ ପୂର୍ଣ୍ଣେଶ୍ୱରଙ୍କ ପାଖରେ ପ୍ରାଣର ପ୍ରାର୍ଥନା, ହୃଦୟର ନିବେଦନ, ଶିବଶକ୍ତିର ବିଜୟଲାଗି, ଦୈବୀଶକ୍ତିର ବିଜୟଲାଗି । ତମେ ମୋର ନମସ୍ୟା । ଚିରବନ୍ଦନୀୟା । ମତେ କ୍ଷମାକର । ହାତଦୁଇଟା ଚାପିଧରିଲେ । (ଦୁଇଧାର ଲୁହରେ କୁମାର ପ୍ରାଣର ନିର୍ମଳ ଛବି) । ଆସୁଛିକହି ଯିବାକୁ ଉଦ୍ୟତ ହେଲେ ।

କଳାବତୀ : ଆରେ ଛାଡ଼ମ । ବହୁତ ଦୁଷ୍ଟ ହେଲଣି (ସ୍ମିତ ହସି) । ଲୁହପୋଛି ହାତଧରି, ଏଇ ମତେଛାଡ଼ି କୁଆଡ଼େ ଯିବ ? କ୍ଷମା ନାରୀ ହୃଦୟର ଭୂଷଣ । ଯାହାର ତମେ ଅଧିକାରୀ ।

ତମକୁ କ୍ଷମାନୁହେଁ ଶାସ୍ତିଲୋଡ଼ା । ସେ ଶାସ୍ତି କଣ ଜାଣିଛ ? 'କ୍ଷମା' ! କ୍ଷମତାର ପୂଜାରୀଙ୍କୁ, ହୃଦୟ ପରୀକ୍ଷାରେ ହାରିଯିବାର ପୁରସ୍କାର ।

ଅଶୋକ : (ଅଳ୍ପ ହସି) ଧନ୍ୟ ଇଚ୍ଛାମତୀ ତମରି ଇଚ୍ଛାରେ ଅଶୋକ ବଞ୍ଚିରହୁ ଯୁଗଯୁଗ ଧରି । ତୁମରି ଇଚ୍ଛାକୁ ସମ୍ମାନ ଜଣାଇ ବାଛିନେଉ ତମରି ବାଞ୍ଛିତ ବାସନାର ବିନ୍ଦୁ ବଳୟକୁ, ଦିଗଦିଗନ୍ତକୁ, ମାର୍ଗ ମୁଲକକୁ ।

ଦିନ ବିତିଯାଏ ବର୍ଷ, ମାସଧରି । ଋତୁ ବଦଳୁଥାଏ । ଫୁଲ ବଦଳୁଥାଏ । ପତ୍ର ବଦଳୁଥାଏ । ବଦଳୁ ନଥାଏ ପ୍ରୀତିପୂର୍ଣ୍ଣାର ପ୍ରତୀକ୍ଷାର ଘଡ଼ି । ପ୍ରିୟତମର ହୃଦୟସଲଗ୍ନ ସ୍ନେହପାଇଁ ସେ ଗାର କାଟୁଥାଏ ମାଟି ଉପରେ ନଖରେ, ନୀରବରେ । ସେମାନଙ୍କର ଦେଖାଚାହାଁ, ଧାରେ ଆଲୁଅ, ଧାରେ ହସରେ ଜୀବନର ଦରଦୀ ଅନୁଭବସବୁ ସ୍ମୃତିର ରୂପ ନେଉଥାଏ । ଜୀବନ ଜିଜ୍ଞାସାଠାରୁ ଧର୍ମ ଦର୍ଶନ ଯାଏ, ମାଟିଠାରୁ ମହାକାଶ ଯାଏ ଲମ୍ବିଥାଏ ସେ ଗନ୍ଧମାଳା ।

କଳାବତୀ : କୁମାର । ଜୀବନର ଆରମ୍ଭ କେଉଁଠି, ପୁଣି ଶେଷ କେଉଁଠି, କେମିତି ବୁଝିହୁଏ ନାହିଁ ଏ ଅଦ୍‌ଭୂତ ସୃଷ୍ଟି ରହସ୍ୟ । କେଉଁ ମହତ୍ ଲକ୍ଷ୍ୟରେ ମଣିଷକୁ ଈଶ୍ୱର ସୃଷ୍ଟି କରିଥିଲେ । ତାଙ୍କ ସୃଷ୍ଟିରେ ସମସ୍ତେ ଏକାପରି । ତେବେ ସଂସାରରେ ଏ ବ୍ୟତିକ୍ରମ କାହିଁକି ? ସୃଷ୍ଟିର ପ୍ରଥମ ପୁରୁଷ ଓ ନାରୀଙ୍କର ପବିତ୍ର ପ୍ରଣୟପର୍ବରୁ ଏଯେଉଁ ସମାଜ, ତାହା ଏତେ ବିପଥଗାମୀ କାହିଁକି ? କାହିଁକି ନାରୀର ସ୍ଥାନ ଏତେ ନ୍ୟୁନ ? ମା'ର ମର୍ଯ୍ୟାଦା ସତ୍ତ୍ୱେ ପ୍ରେମ ଓ ସୌନ୍ଦର୍ଯ୍ୟର ଦେବୀ ପ୍ରତି ଏ ହୀନମନ୍ୟତା କାହିଁକି ? ନାରୀ ଅବଳା, ଦୁର୍ବଳା ତ ନୁହେଁ ? ବୀର ସନ୍ତାନର ମା', ବୀର ସ୍ୱାମୀର ସୋହାଗିନୀ, କଣ କେବେ ଦୁର୍ବଳା ହୋଇପାରେ ? ତେବେ ନାରୀପ୍ରତି ଲାଞ୍ଛନା, ନିର୍ଯ୍ୟାତନା କାହିଁକି, କାହିଁକି ଦ୍ରୌପଦୀଙ୍କୁ ଖେଳନା କଣ୍ଢେଇ ଭଳି ନଚାଇଥିଲେ ମହାଭାରତର ଧର୍ମ ମହାତ୍ମାମାନେ ? ସତୀସୀତାଙ୍କୁ ଗର୍ଭାବସ୍ଥାରେ ନିଷ୍ଠୁର ନିର୍ବାସନ ଦଣ୍ଡ ଦେଇଥିଲେ ମହାରାଜ, ପୁରୁଷ ରାମଚନ୍ଦ୍ର ? ରାଧାଙ୍କୁ ସନ୍ଦେହର କଳାଧୂଆଁରେ ନିନ୍ଦୁକମାନଙ୍କର ଇଙ୍ଗିତରେ ଅଶ୍ରୁମୁଖୀ କରିଥିଲେ ପରମ ପ୍ରେମିକ ଶ୍ରୀକୃଷ୍ଣ । ତୁମ ମା'ଙ୍କ କଥା ମନେ ପଡ଼ିଲେ ପ୍ରାଣମୋର ଶିହରି ଉଠେ ଅଜଣା ଆତଙ୍କରେ । ମହାରାଜାଙ୍କର ହୃଦୟ ମଣ୍ଡନକରି ଯିଏ ତାଙ୍କର ଅନିଚ୍ଛା ସତ୍ତ୍ୱେ ବାଛି ନେଇଥିଲେ ଆତ୍ମନିର୍ବାସନ, ରାଜଅନ୍ତଃପୁରର, ଲାଞ୍ଛନା ଓ ନାନା ନିର୍ଯ୍ୟାତନାର ଅସହ୍ୟ ଯନ୍ତ୍ରଣାରେ ଛଟପଟହୋଇ । ଯେଉଁ ଭାରତ ବର୍ଷରେ ନାରୀ ଚିରବନ୍ଦନୀୟା । ଯେଉଁ ରାଜଅନ୍ତଃପୁରେ ରାଣୀମା'ଙ୍କର ଅବସ୍ଥା ଅସହ୍ୟ ସେଠାରେ ସାଧାରଣ ନାରୀର ଜୀବନ କେତେ ତୁଚ୍ଛ, ଘୃଣ୍ୟ ? ନାରୀ ଯେପରି, ପୁରୁଷର ଖେଳନା କଣ୍ଢେଇ, ନର୍କର ଦ୍ୱାର, ସକଳ ବ୍ୟଭିଚାରର ବିକୃତ ରୂପ । କିନ୍ତୁ କାହିଁକି ନାରୀର ଏ ଦୟନୀୟ ଅବସ୍ଥା ? କେଉଁ ଅପଦେବତାର ଅଭିଶାପରୁ ସେମାନେ ଅକାଳରେ ଝରିପଡୁଛନ୍ତି, ଅଶ୍ରୁମୁଖୀପରି ବଞ୍ଚିରହିଛନ୍ତି ? ବସୁନ୍ଧରାପରି ମୂକ, ବଧିରହୋଇ ସବୁ ଦୁଃଖକୁ ସହି ହସୁଛନ୍ତି ? ପୁରୁଷର ଦୃଷ୍ଟିରେ ଯେଉଁ ନାରୀ ଏତେ ଦୁର୍ବଳ ତାର ପ୍ରାଣଶକ୍ତି ଆସିଲା କେଉଁଠୁ ? ସବଂସହାର ସହନଶକ୍ତି ଆସିଲା କେଉଁଠୁ ? ସକଳ ନିନ୍ଦା, ନିର୍ଯାତନା ସହି ରୁକ୍ଷ, କର୍କଶ ହେବା ପରିବର୍ତ୍ତେ ଏତେ ମଧୁର, କୋମଳ ମମତାମୟୀ ହେଲା କିପରି ? ନାରୀର ସ୍ନେହ, ମମତାରେ, ପ୍ରେମ ପ୍ରାଚୁର୍ଯ୍ୟରେ ପରିପୁଷ୍ଟ ପରୁଷ ଏତେ ରୁକ୍ଷ, ରସହୀନ ହେଲା କିପରି ? ତାର ରକ୍ତ, ମାଂସରେ ଗଢ଼ା ପୁରୁଷ ଏତେ ବର୍ବର କାହିଁକି ? ତାର ସ୍ତନଦେଶରୁ ସ୍ନେହସୁଧା ପାନକରି ଶିଶୁ,ଯୁବକର ପୂର୍ଣ୍ଣପ୍ରାଣରେ ଏ ପ୍ରତାରଣା କାହିଁକି ? ନାରୀର ସବଂସହା ଶକ୍ତି, ସର୍ବସଂହାରିଣୀ ସ୍ୱରୂପ ଦେଖିଲେ ବୁଝିହେଉନାହିଁ । ପୃଥିବୀରେ ଜୀବନସତ୍ତାର ବୃଦ୍ଧି ଓ ବିକାଶଲାଗି ନିଜକୁ ଗୋଟାପଣେ ନିଗାଡ଼ି ଦେଇଥିବା ନାରୀର ଏ ନିନ୍ଦନୀୟ ଅବସ୍ଥା ପାଇଁ କିଏ ଦାୟୀ ? କିଏ ଉତ୍ତରଦାୟୀ କୁମାର ?

ଅଶୋକ : କଲ୍ୟାଣୀୟା ! ନାରୀତ୍ୱର ଅପମାନ, ଅସହ୍ୟ । ସମାଜର କଲ୍ୟାଣପାଇଁ, ସୃଷ୍ଟିର ସୌନ୍ଦର୍ଯ୍ୟପାଇଁ ଈଶ୍ୱର ନାରୀକୁ ସୃଷ୍ଟିକରିଥିଲେ । ବୈଦିକ ଯୁଗରେ ନାରୀ ମର୍ଯ୍ୟାଦା ଲାଭ କରିଥିଲା ସମାଜରେ, ସବୁସ୍ତରରେ । ଗୃହକଳାଠାରୁ ରଣକଳାଯାଏ, ପୂଜାପାଠ ଠାରୁ କଳାକୀର୍ତ୍ତି ଯାଏ ସବୁବିଦ୍ୟାରେ ନିପୁଣ ଥିଲା । ବସୁନ୍ଧରାପରି ହୃଦୟସୁନ୍ଦର ନାରୀର ଗୁଣଗାନ କରୁଥିଲେ ସେ ଯୁଗର ଯୁଗପୁରୁଷମାନେ । ଏକ ସ୍ୱାଧୀନ ସମାଜରେ ନାରୀର ଅଧିକାର, ଆତ୍ମମର୍ଯ୍ୟାଦା ସୁରକ୍ଷିତ ଥିଲା । ପ୍ରକୃତି କୋଳରେ ସୁସ୍ଥ, ନିର୍ମଳ ପରିବେଶରେ ନାରୀ ଓ ପୁରୁଷ ସୁଖକର, ସନ୍ତୋଷ ଜୀବନ ଯାପନ କରୁଥିଲେ । ସମୟକ୍ରମେ ସମୃଦ୍ଧ ସମାଜର ପରିଚାଳନା ନିମିତ୍ତ ନିର୍ବାଚିତ ରାଜା କ୍ଷମତାଲିପ୍ସୁ, ଯୁଦ୍ଧଖୋର ହୋଇ ରାଜ୍ୟ ବିସ୍ତାର ଲାଗି ନଗର ଜନପଦ ଧ୍ୱଂସ କରିବାରେ ଲାଗିଲେ । ଯୁଦ୍ଧ, କ୍ରୋଧ, ପ୍ରତିଶୋଧ ଓ ଧର୍ମ ଯଜ୍ଞରେ ନାରୀର ମର୍ଯ୍ୟାଦା ଧୂଳିସାତ୍ ହୋଇଗଲା । ନାରୀ ହେଲା ସମ୍ଭୋଗର ବସ୍ତୁ । ଖେଳନା କଣ୍ଢେଇ ପରି ନାରୀକୁ ପୁରୁଷ ଇଚ୍ଛାରେ ନାଚିବାକୁ ବାଧ କରାଗଲା, ବଳାତ୍କାର କରାଗଲା ନାରୀକୁ । ଯେଉଁଦିନଠାରୁ ସମାଜର ସମୃଦ୍ଧି ପରିବର୍ତ୍ତେ ସମୂହ ସ୍ୱାର୍ଥକୁ ଉପେକ୍ଷାକରି ବ୍ୟକ୍ତି ସ୍ୱାର୍ଥପାଇଁ ଧ୍ୱଂସମୁଖକୁ ଟାଣିହୋଇ ଯାଇଛନ୍ତି ସମସ୍ତେ ସେ ସମାଜରେ ନାରୀର ସ୍ଥାନ ନର୍କଠାରୁ ଆହୁରି ତଳେ । ନଗ୍ନ, ନିନ୍ଦନୀୟ ତାର ଜୀବନ । ପୂର୍ଣ୍ଣିମାରେ ଜନ୍ମହୋଇ ଯିଏ ଅମାବାସ୍ୟାକୁ ଆଦରି ନେଇଛି ନିରବରେ ତା'ଜୀବନରେ ଅନ୍ଧାରହିଁ ଅନ୍ଧାର । ଅନ୍ଧାର ଭିତରେ ନାରୀତ୍ୱର ଆତ୍ମାହୁତି ବଡ଼ କରୁଣ । କରୁଣାମୟୀର କରୁଣ ଜୀବନର ଉନ୍ନତିପାଇଁ ସ୍ନେହ, ସମ୍ମାନଦେବାକୁ , ସମାଜ କାର୍ପଣ୍ୟ, କୃପଣ ସେଥିପାଇଁ ମା'ଙ୍କ ପବିତ୍ର ପ୍ରୀତିର ଅଙ୍କୁର ହୋଇବି ମୁଁ ବଞ୍ଚିତ ହୋଇଛି ସ୍ନେହରୁ । ମା'ଙ୍କ କଥା ମନେ ପଡ଼ିଲେ ପ୍ରାଣମୋର ଫାଟିଯାଉଛି ପ୍ରତିଶୋଧରେ,ଏ ସମାଜର ଘୃଣ୍ୟ ଜଘନ୍ୟ ବିଧି,ବ୍ୟବସ୍ଥା ବିରୁଦ୍ଧରେ ଯେଉଁଠି ନାରୀର ସ୍ୱାଧନୀତା ଅପହୃତ, ଆତ୍ମମର୍ଯ୍ୟାଦା ଧୂଳିସାତ୍ । ମଙ୍ଗଳମୟଙ୍କ ପାଖରେ ପ୍ରାର୍ଥନା ମୋପରି କେହି ମାତୃସ୍ନେହରୁ ବଞ୍ଚିତହୋଇ ନିର୍ବାସିତ ଦୁଃଖ ନଭୋଗୁ !

କଳାବତୀ : ମା ଧର୍ମାଙ୍କର ନିରୀହ, ନିଷ୍ପାପ ଆଖିରେ ଅଶ୍ରୁଧାରା । ଓଃ ! ପ୍ରାଣମୋର, କାନ୍ଦିଉଠୁଛି ତାଙ୍କପ୍ରତି ହୋଇଥିବା ନିଷ୍ଠୁର ନିର୍ଯ୍ୟାତନାରେ । ନିରବ ଦର୍ଶକପରି ସେସବୁ ସହିସହି ପଥର ପାଲଟି ଯାଇଥିଲେ । ବିନା ପ୍ରତିବାଦରେ, ପ୍ରତିରୋଧରେ ସେ ସରଳ ପ୍ରାଣକୁ ତିଳତିଳ କରି ଆହୁତି ଦେଇଥିଲେ । ଅଶ୍ରୁ ଅନୁକମ୍ପାରେ ଆକୁଳ ହୋଇ ଧର୍ମର ଆଲୋକ ଦେଖାଇଥିଲେ । ରାଜଅନ୍ତପୁରରୁ ସେ ବାଛି ନେଇଥିଲେ ସ୍ୱତଃ ନିର୍ବାସନ ବାସ, ସକଳ ନିନ୍ଦାଗାଳି,ତିରସ୍କାର,ଭର୍ତ୍ସନା ଶୁଣିଶୁଣି । ମହାରାଜଙ୍କର ବିଶ୍ୱସ୍ତ ଦାସଦାସୀ ତାଙ୍କ ସେବାରେ ନିଯୁକ୍ତ ହୋଇଥିଲେ ମଧ ମହାରାଣୀଙ୍କର କ୍ରୋଧିତ ଆଖିରେ ସେମାନେ ରାଣୀମା'ଙ୍କୁ ହତାଦର କରୁଥିଲେ ଭୟ, ଆତଙ୍କରେ । ରାଣୀମା' ସବୁଜାଣି ନିରବ ରହୁଥିଲେ । ଧର୍ମ ଉପରେ ବିଶ୍ୱାସରଖି ବଞ୍ଚିଥିଲେ । ନାରୀର ସମ୍ମାନ, ସ୍ୱାଧୀନତାପାଇଁ ସେ ଯେଉଁ ଅଶ୍ରୁତର୍ପଣ କରିଥିଲେ ତାର ଅନ୍ତନାହିଁ । ଆଜି ନାରୀର ମନ ପଣ୍ୟ, ପ୍ରେମ ପୁତ୍ତଳିକା ।

ଅଶୋକ : ନା ନା ନାରୀର ମନ ପଣ୍ୟ ନୁହେଁ ପବିତ୍ର । ପ୍ରେମ ପୁତ୍ତଳିକା ନୁହେଁ , ପବିତ୍ର ଗଙ୍ଗୋତ୍ରୀର ଧାରା । ଯିଏ ଥରେ ଧରାବତରଣ କରିଛି ସେ ଅନୁଭବ କରିଛି, ମାତୃତ୍ୱର ସ୍ନେହସୁଧା, ଭଗିନୀର ନିଷ୍ପାପ ମମତା, ଅଲିଅଳି ଅଝଟ ଝିଅର ଅଳି ଗୁଣୁଗୁଣୁ ରାଗର ଗୁଞ୍ଜନ, ପ୍ରିୟତମାର ପ୍ରୀତିସ୍ନିଗ୍ଧ ପୁଲକ, ପ୍ରାଣପ୍ରିୟାର ମଧୁମୟ ବଧୂବେଶ, ମିଳନର ମୁଗ୍ଧ ମାଦକତା । ସେ ନାରୀତ୍ୱର ପୂଜାରୀ, ନାରୀଧର୍ମର ଆଜନ୍ମ ଆଶ୍ରିତ, ମା' କୋଳରୁ ମଶାଣିର ସ୍ନେହକାତର ଅଶ୍ରୁ ଅଥଳ ଆଲିଙ୍ଗନ ଯାଏ । କୋମଳ ନୀଳିମା ଭଳି ରସୋଚ୍ଛଳ ଯା'ର ଅଶ୍ରୁଅଥଳ ପ୍ରେମ, ରସାଳ ଯା'ର ମନ, ନାରିକେଳ ପରି ନିଟୋଳ କାବ୍ୟମୟ, କମନୀୟ ଯା'ର ଲୁବ୍ଧ, ଲୋଭନୀୟ ଲାବଣ୍ୟ, ତା'ର ହୃଦୟର ବର୍ଣ୍ଣମୟ ବିଭବ ବସୁନ୍ଧରାପରି ବିସ୍ମୟ, ମୁକ୍ତାପରି ବିଦ୍ୟମାନ, ମୂଲ୍ୟବାନ ।

କଳାବତୀ : ଦୁଃଖ ଲାଗୁଛି କୁମାର । ନାରୀ ହୃଦୟରୁ ପ୍ରୀତିସୁଧା ପାଇଁ ସମସ୍ତେ ମୁକ୍ତା ସାଉଁଟିବାରେ ମାତିଛନ୍ତି ଶାମୁକାର ହୃଦୟ ଚିରି ତାର ବୀଭତ୍ସ ମୃତ୍ୟୁରେ ହସିଲାପରି । ନାରୀ ମନକୁ ନବୁଝି ତାକୁ ଲୁଟୁଥିବା ଯାଏ, ତା'ର ରକ୍ତ, ମାଂସରେ ଲୋଟିଥିବାଯାଏ ମଣିଷ ମରୁଥିବ ଅଶାନ୍ତିରେ, ଅତୃପ୍ତିରେ, କାମନାର ଅଗ୍ନିକୁଣ୍ଡଳୀରେ, ବାସନାର ବିଷ ଚୁମ୍ବିବାରେ । ନାରୀତ୍ୱର ସର୍ବନାଶକରି ଜଳୁଥିବ ପୁରୁଷର ପାପାଶକ୍ତ ପଶୁତୁଲ୍ୟ ପ୍ରାଣ ପ୍ରତିଟି ମୁହୂର୍ତ୍ତରେ ।

ଅଶୋକ : ନାରୀତ୍ୱର ସମ୍ମାନପାଇଁ, ନାରୀମୁକ୍ତି ଲାଗି ନାରୀର ମହତ୍ତର ଭୂମିକା ରହିଛି । ନାରୀର ପୂର୍ଣ୍ଣ ସହାୟତା ବିନା ପୁରୁଷ ଅସହାୟ, ଅପୂର୍ଣ୍ଣ । ଅଧଃପତିତ ସମାଜରେ ନାରୀ ତାର ନାରୀଧର୍ମରେ ପୁରୁଷ ପ୍ରାଣକୁ ନାରୀମୟ, ନିରାମୟ କରିତୋଳୁ । ନାରୀ ଉଜାଗର ନହେଲେ ପୁରୁଷର ଉଦ୍ଧାର ଅସମ୍ଭବ । ଜୀବନ ମଙ୍ଗଳ ଯଜ୍ଞରେ ମୋ'ର ସହଧର୍ମୀ ହେବାକୁ ତୁମକୁ ମୋ'ର ପ୍ରାଣର ନିବେଦନ । ତୁମ ହାତ, ହୃଦୟର ଭିକ୍ଷା ମାଗୁଛି ତୁମରି ଅଭାଜନ ଏଇ ଅଶୋକ ।

କଳାବତୀ : ଦେବୀ ଧର୍ମାଙ୍କର ଦେବପୁତ୍ରଙ୍କ ଆଖିରେ ଅଶ୍ରୁ ମତେ ଆଘାତ ଦେଉଛି । ଛି.. (ଅଶ୍ରୁପୋଛି)... ଯାହାର ହାତ, ହୃଦୟ ଉପରେ ଅନେକ ଆଖି, ଅନେକ ଅଧିକାର ଏତେ ସ୍ୱାଧୀନତା ମୋର କାହିଁ ମୋର ବୋଲି କହିବାକୁ ? ମତେ ଶକ୍ତିଦିଅ, ସାହସ ଦିଅ । ମୋ ହାତ, ହୃଦୟର ସ୍ୱାଧୀନତା ଲାଗି, ଅଶ୍ରୁମୁଖୀକୁ ଆଖି ଆଗରେରଖି ମଙ୍ଗଳ ମାର୍ଗରେ କର୍ତ୍ତବ୍ୟକର । ତୁମରି ସମର୍ପିତ ହୃଦୟର ଅଧିକାରୀ ହେବାକୁ, ମତେ ମୁକ୍ତିର ମରାଳପରି ବଞ୍ଚିବାକୁଦିଅ, ମୁକ୍ତିର ମଶାଳପରି ଜଳିବାକୁଦିଅ ।

■■



# ପୁରାଣ କଥୋପକଥନ

କଳାବତୀ : ନାରୀ ଜନ୍ମ ନିର୍ମମ । ଯୁଗେ ଯୁଗେ ନାରୀ ନିର୍ଯାତିତା ପୁରୁଷ ପ୍ରଧାନ ସମାଜରେ । ଅଯୋଧାର ମହାରାଣୀ ସୀତାଙ୍କୁ ଗର୍ଭାବସ୍ଥାରେ ରାମଚନ୍ଦ୍ର ନିର୍ବାସନ ଦଣ୍ଡ ଦେଇଥିଲେ କେଉଁ ଦୋଷରେ ? ଛାର ଧୋବଣୀର ପଦେ କଥାରେ ? କୁହ ଏ କି ନ୍ୟାୟ ? କି ପୁରୁଷ ପଣିଆ ? କି ଧର୍ମ ବିଚାର ? ରାମରାଜ୍ୟରେ ଯେଉଁଠି ମହାରାଣୀ ପ୍ରତି ଏ ଦଣ୍ଡ ବିଧାନ, ସାଧାରଣ ନାରୀର କି ଦୁର୍ଦ୍ଦଶା ହୋଇ ନଥିବ ? ଧୋବଣୀ ସ୍ୱାମୀଠାରୁ ଭର୍ତ୍ସନା ଶୁଣିଲା, ମହାରାଣୀ ବନବାସ ନିର୍ବାସନ ଦଣ୍ଡ ଭୋଗିଲେ ? ଏହାଠାରୁ ବଳି କ୍ରୂରତା, ନ୍ୟାୟ ବିଚାରର କପଟତା କଣ ଥାଇପାରେ ?

ଅଶୋକ : କଲ୍ୟାଣୀୟା, ସତ୍ୟର ନିଜସ୍ୱ ସମ୍ମାନ ଅଛି । ମହାରାଣୀ ସୀତାଙ୍କୁ ମହାରାଜ ରାମଚନ୍ଦ୍ର ବିଚାରପରେ ଦଣ୍ଡବିଧାନ କରିଥିଲେ ନିଶ୍ଚୟ ।

କଳାବତୀ : କି ବିଚାର କରିଥିଲେ ? ଧୋବଣୀ ତ ଅଭିଯୋଗ କରି ନଥିଲା ରାଜ ଦରବାରରେ ସୀତାଙ୍କ ଚରିତ୍ର ବିରୁଦ୍ଧରେ ? ବିନା ଅଭିଯୋଗରେ କି ବିଚାର ?

ଅଶୋକ : ମହାରାଜ ଥିଲେ ନ୍ୟାୟ, ଧର୍ମର ଅବତାର । ମହାରାଣୀଙ୍କ ବିରୁଦ୍ଧରେ ସେ ଶୁଣିଥିଲେ ଗୋପନ ଭାବେ । ତେଣୁ ରାଜ ଦରବାରରେ ସେ ଏହାକୁ ସ୍ୱେଚ୍ଛାକୃତ ଭାବେ ଉଠାଇଥିଲେ ବିଚାର ପାଇଁ ଅପୁତ୍ରିକର ଦୁଃଖରେ । ମହାରାଣୀ ସୀତା ରାବଣପୁରରେ ବର୍ଷେ ରହିଥିଲେ । ତେଣୁ ତାର ଚରିତ୍ର ଉପରେ ପ୍ରଜାଙ୍କ ସନ୍ଦେହ ମହାରାଜାଙ୍କ ପାଇଁ ଅସହ୍ୟ । ତେଣୁ ବିଚାର ବେଳେ ସୀତାଙ୍କୁ ବିଭିନ୍ନ ଅଭିଯୋଗରେ ଅଭିଯୁକ୍ତ କରାଯାଇଥିଲା ।

ସୀତା ନିରାଡମ୍ବର ଭାବେ ସ୍ୱଇଚ୍ଛାରେ ରାମଚନ୍ଦ୍ରଙ୍କ ସହିତ ବନବାସ କରିଥିଲେ । ସେମାନେ ପଞ୍ଚବଟୀରେ ପତ୍ର କୁଟୀରରେ ରହି ଫଳମୂଳ ଖାଉଥିଲେ । ସେହି ବଣରେ ରାକ୍ଷସମାନଙ୍କ ଭୟ ଓ ଉତ୍ପାତ ଥିଲା । ସୂର୍ପଣଖା ରାକ୍ଷସୀ ସୁନ୍ଦରୀର କପଟ ରୂପକୁ ବୁଝିପାରି ରାମଚନ୍ଦ୍ର ତାର ସୁନ୍ଦର ନାସିକା ଛେଦନା କରିବାକୁ ଲକ୍ଷ୍ମଣଙ୍କୁ ଆଦେଶ ଦେଲେ । ଏହା ପରେ ସୀତା ସ୍ୱର୍ଣ୍ଣମୃଗ ନିକଟରେ ଦେଖି ତାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସ୍ୱର୍ଣ୍ଣମୃଗ ଧରିବାପାଇଁ ରାମଙ୍କୁ ବାଧ୍ୟ କରିବା ଅପରାଧ । ରାମ ବାଧ୍ୟ ହୋଇ ଧରିବାକୁ ଯାଇ ବିଫଳ ହେବାରୁ ତାହାକୁ ଶରବିଦ୍ଧ କଲେ । ସେ ମାୟାବୀ ସ୍ୱର୍ଣ୍ଣମୃଗରୂପୀ ରାକ୍ଷସ 'ତ୍ରାହି ଲକ୍ଷ୍ମଣ' କହି ପ୍ରାଣ ତ୍ୟାଗ କଲା । ଏହି ଶବ୍ଦ ଶୁଣି ସୀତା ଲକ୍ଷ୍ମଣଙ୍କୁ କୁଟୀର ଛାଡ଼ି

ନଯିବାର ଦେଖି ତାଙ୍କୁ ଧିକ୍କାର କଲେ । ଲକ୍ଷ୍ମଣ ରାମଙ୍କ ଶକ୍ତିକୁ ଜାଣି ନିଶ୍ଚିତ ଥିଲେ । ବଡ ଭାଇଙ୍କ ନିର୍ଦ୍ଦେଶରେ ସେ ଫେରିବା ପର୍ଯ୍ୟନ୍ତ ସୀତାଙ୍କୁ କୁଟୀରରେ ଜଗି ରହିଥିଲେ । ସ୍ୱାମୀ ବିପଦଗ୍ରସ୍ତ ଆଶଙ୍କା କରି ସୀତା ଭାଙ୍ଗିପଡି କ୍ରନ୍ଦନ କଲେ । ତାଙ୍କୁ ଉଦ୍ଧାର କରିବାକୁ ଲକ୍ଷ୍ମଣଙ୍କୁ ଯିବାକୁ କହିଲେ । ଲକ୍ଷ୍ମଣ ନ ଯିବାରୁ ସୀତା ଅସହ୍ୟ ଭାଷାରେ ଧିକ୍କାର କଲେ ଯେ ରାମଚନ୍ଦ୍ରଙ୍କ ଜୀବନହାନୀ ଘଟିଲେ ଲକ୍ଷ୍ମଣ ତାଙ୍କୁ ରକ୍ଷିତା କରି ରଖିବାର ପାପ ଲାଳସା ମନରେ ରଖିଛି । ସୀତା ବାଧ୍ୟକରି ଆଶାଳୀନ ଉପାୟରେ ଲକ୍ଷ୍ମଣଙ୍କୁ ଦ୍ୱାର ଜଗିବାର ସତ୍ୟଭଙ୍ଗ କରାଇ ରାମଙ୍କ ପାଖକୁ ପଠାଇଲେ । ଏଠାରେ ବିଚାର କରିବାର କଥା ରାମଚ଼ନ୍ଦ୍ର ସ୍ୱର୍ଣ୍ଣମୃଗଠାରୁ ଘଞ୍ଚ ଅରଣ୍ୟରେ ଡାକେ ଦୂରତାରେ ଥିଲେ । ସ୍ୱାମୀର ଅକାଳ ବିପଦ ଆଶଙ୍କାରେ କେଉଁ ସ୍ତ୍ରୀ ଘରେ ଏକାକୀ ରହିପାରିବ ? ସୀତା ସ୍ୱାମୀଙ୍କ ଦୁର୍ଯୋଗ ସମୟରେ ସ୍ୱାମୀଙ୍କ ପାଖକୁ ଧାଇଁ ନ ଯିବା, ସନ୍ଦେହ ପ୍ରକାଶ କରୁଥିବା ଭାଇ ଲକ୍ଷ୍ମଣଙ୍କୁ ଏକୁଟିଆ ପଠାଇବା ସ୍ୱାମୀକୁ ରକ୍ଷା କରିବାକୁ, କେଉଁ ବିଚାରଧାରା ଇଏ ? ସେ ବଞ୍ଚେଇବ ନା ମାରିବ ? ରାମଚ଼ନ୍ଦ୍ରଙ୍କୁ ସୀତାକୁ ପାଇବାର ପାପଲାଳସା ଥିଲେ ଲକ୍ଷ୍ମଣ ସାହାଯ୍ୟ ପରିବର୍ତ୍ତେ ହତ୍ୟା କରିପାରିଥାନ୍ତେ ? ରାମଙ୍କ ବନବାସକୁ ଦୁଃଖର ସହିତ ଗ୍ରହଣ କରି ଲକ୍ଷ୍ମଣ ୧୪ ବର୍ଷ ବନବାସକୁ ସ୍ୱେଚ୍ଛାକୃତଭାବେ ଗ୍ରହଣ କରିଥିଲେ ପତ୍ନୀ ବିରହ, ବିଚ୍ଛେଦ ଯନ୍ତ୍ରଣା ସହି, ଏପରି ଭାଇକୁ ନିନ୍ଦା କରିବା ଗୁରୁତର ଅପରାଧ । ପଞ୍ଚବଟୀରେ ରାକ୍ଷସମାନଙ୍କ ଉତ୍ପାତ । ସ୍ୱାମୀର ବିପଦ ବେଳେ ସୀତା ଏକୁଟିଆ ରହିବାକୁ କିପରି ନିରାପଦ ମନେକଲେ ? କୁଟୀରରେ କିଛି ମୂଲ୍ୟବାନ ସମ୍ପତ୍ତି ନଥିଲା । ସେ ନିଜେ ଅଳଙ୍କାର ଛାଡି ଆସିଥିଲେ । ସୀତା ଏକୁଟିଆ ରହିବା ନିରାପଦ ନୁହେଁ ତେଣୁ ରାମ ଲକ୍ଷ୍ମଣଙ୍କୁ ସୁରକ୍ଷା ଦାୟିତ୍ୱ ଦେଇ କୁଟୀର ଜଗାଇଥିଲେ । ନଚେତ୍ ରାମ ଲକ୍ଷ୍ମଣଙ୍କୁ ଡାକି ନେଇ ପାରିଥାନ୍ତେ ହରିଣ ଧରିବାକୁ । ସୀତା ନିରାପଦ ନୁହେଁ ଜାଣି ଲକ୍ଷ୍ମଣ କୁଟୀର ଦ୍ୱାରରେ ତିନୋଟି ଗାର ଟାଣି ସୀତାଙ୍କୁ ସତର୍କ କରାଇଥିଲେ ଏହି ଗାର ଟପିଲେ ବିପଦ । ଲକ୍ଷ୍ମଣ ଯିବା ପରେ ରାବଣ ଆସିଛି ମୁନିଋଷି ବେଶରେ ଭିକ୍ଷା ମାଗିଛି ଦ୍ୱାରଦେଶରେ । ସୀତା ଜାଣନ୍ତି ରାକ୍ଷସ ରାଜ୍ୟ ସିଏ । ହଠାତ୍ ଏ ଋଷିର ଉପସ୍ଥିତି, କୁଟୀର ବାହାରକୁ ଆସି ଭିକ୍ଷା ଦେବାକୁ ଅନୁରୋଧ, ପୁଣି ସ୍ୱାମୀର ବିପଦ ବେଳେ ଲକ୍ଷ୍ମଣ ନ ଥିବା ବେଳେ, ଗାର ନ ଡେଇଁବାର କଥା କାଟି ଭିକ୍ଷା ଦେବାକୁ । ଏତେ ଦୟା, ଧର୍ମଭାବ ଆସିଗଲା, ଏହା ଗ୍ରହଣୀୟ ନୁହେଁ । ଏପରି ପରିସ୍ଥିତିରେ କୌଣସି ପତ୍ନୀ ଏପରି କାର୍ଯ୍ୟ କରିବ ନାହିଁ । ଏପରି ବୁଦ୍ଧିଶୂନ୍ୟ କାର୍ଯ୍ୟ କରି ନିଜେ ଅପହୃତ ହୋଇ ସମସ୍ତଙ୍କୁ ବିପଦ ମଧ୍ୟକୁ ଟାଣିନେବା, ଯାହାର ପରିଣତି ସ୍ୱରୂପ ମହାଯୁଦ୍ଧ ହେଲା । ବହୁ ଧନ ଜନ ଧ୍ୱଂସ ହେଲା । ଏଥିପାଇଁ ସୀତାଙ୍କର ବୁଦ୍ଧିଶୂନ୍ୟ କାର୍ଯ୍ୟ ଦାୟୀ । ଏପରି ଗୁରୁତର ତ୍ରୁଟି ପାଇଁ ସେ ଯେପରି ଦାୟୀ ଓ ଏହାର ଭୟାବହ ପରିଣତି ପାଇଁ ସେହିପରି ଉତ୍ତରଦାୟୀ । ତେଣୁ ମହା ନିର୍ବାସନ ଦଣ୍ଡ ପୁଣି ଗର୍ଭାବସ୍ଥାରେ । ଅଯୋଧ୍ୟାର ମହାରାଣୀଙ୍କୁ ଏ ଦଣ୍ଡ ।

ବିଧିର ବିଚିତ୍ର ବିଧାନ । ରାମଚ଼ନ୍ଦ୍ର ରାଜା ହେବା ପୂର୍ବରୁ ବନବାସ ଯୋଗ । ତାଙ୍କର ପୁତ୍ର, ଅଯୋଧ୍ୟାର ଯୁବରାଜ ଜନ୍ମପୂର୍ବରୁ ବନବାସ ଯୋଗ । ସେ ପିତାଙ୍କ ସତ୍ୟ ଆଜ୍ଞା ପାଳନ କରି ବନବାସ ଦଣ୍ଡଭୋଗିଲେ । ନିଜେ ସତ୍ୟ ବିଚାରର ଆଦର୍ଶ ପାଳନ ପାଇଁ ଅଯୋଧ୍ୟାର ମହାରାଣୀ ସୀତାଙ୍କୁ ଦେଲେ ମହାନିର୍ବାସନ ଦଣ୍ଡ ଓ ନିଜର ପୁତ୍ରମାନଙ୍କୁ । ରାଜପୁତ୍ରର ଜନ୍ମ ବଣରେ, ବାଲ୍ୟକାଳ



ଜଙ୍ଗଲରେ, ଋଷି କୁଟୀରରେ ।

ସୀତାଙ୍କ ଅପରାଧ ପାଇଁ ରାମଚ଼ନ୍ଦ୍ର ସୀତାଙ୍କୁ ନିର୍ବାସନ ଦେଲେ ତେବେ ସେ ସୀତାଙ୍କ ଉଦ୍ଧାର ପାଇଁ ରାବଣକୁ ହତ୍ୟାକରି ସ୍ୱର୍ଣ୍ଣଲଙ୍କା ଧ୍ୱଂସ କରିଥିଲେ କାହିଁକି ? ରାମଚ଼ନ୍ଦ୍ର ଯେତେବେଳେ ଶୁଣିଲେ ମାୟାବୀ ରାକ୍ଷସରୂପୀ ସ୍ୱର୍ଣ୍ଣମୃଗ ଡାକିଲା 'ତ୍ରାହି ଲକ୍ଷ୍ମଣ' ସେ ନିଶ୍ଚୟ ବୁଝି ପାରିଥିବେ ଯେ ଏହା ଏକ ଷଡଯନ୍ତ୍ର । ଲକ୍ଷ୍ମଣ ଆସିବେ କାଳେ ସୀତାଙ୍କୁ ଏକୁଟିଆ ଛାଡିଦେଇ ତେଣୁ ସେ ସଙ୍ଗେ ସଙ୍ଗେ ଶର ବର୍ଷା କରି ସୀତା ଓ ଲକ୍ଷ୍ମଣଙ୍କୁ ତାଙ୍କର ନିରାପଦର ସୂଚନା ଦେଇ ପାରିଥାନ୍ତେ । ତାହା କଲେ ନାହିଁ କାହିଁକି ? ମୃତ୍ୟୁ ପୂର୍ବରୁ ରାକ୍ଷସ ସତର୍କ କରିଦେଇଥିଲା ସୀତାଙ୍କ ଜୀବନ ବିପଦପୂର୍ଣ୍ଣ । ରାବଣ ତାଙ୍କର କ୍ଷତି କରିପାରେ । ସେ ସ୍ୱର୍ଣ୍ଣମୃଗ ରୂପ ଧାରଣ କରିଥିଲା ମହାପ୍ରତାପୀ ରାବଣର ନିର୍ଦ୍ଦେଶରେ । ଏ ସବୁ ଶୁଣି ରାମଚ଼ନ୍ଦ୍ର କାହିଁକି ଶରବର୍ଷା ନ କରି ନିଜର ନିରାପଦ ଅସ୍ତିତ୍ୱକୁ ସୂଚାଇ ନଥିଲେ ? ଏହି ଘଟଣାରେ ସେ ସମଭାବେ ଦୋଷୀ । ରାମଚ଼ନ୍ଦ୍ର ସୀତାଙ୍କୁ 'ସ୍ୱର୍ଣ୍ଣମୃଗ ଅସମ୍ଭବ' ବୋଲି ବୁଝାଇଲା ବେଳେ ସେ ନିଶ୍ଚିତ ସତର୍କ ଥିଲେ କେଉଁ ରାକ୍ଷସର ମାୟାରୂପ ହୋଇପାରେ । ସେ ସ୍ୱର୍ଣ୍ଣମୃଗ ଧରିବାକୁ ଗଲାବେଳେ ମାୟାବୀ ରାକ୍ଷସର ବିପଦକୁ ପ୍ରତିହତ କରିବାର ଶକ୍ତି ଓ କ୍ଷମତା ରଖି ଏକୁଟିଆ ଯାଇଥିଲେ । ଏହା ପୂର୍ବରୁ ସେ ରାବଣର ପ୍ରିୟ ଭଉଣୀ ସୁନ୍ଦରୀ ସୂର୍ପଣଖାର ନାସିକା ଛେଦନ କରିଥିଲେ । ତାର ପ୍ରତିଶୋଧର ଭୟ ନିଶ୍ଚୟ ଥିଲା । ତେଣୁ କାହିଁକି ସ୍ୱର୍ଣ୍ଣମୃଗ 'ରାକ୍ଷସର ମାୟା' ଜାଣି ସୁଦ୍ଧା ସେ ପତ୍ନୀ ସୀତା କଥାରେ ଯାଇ ବିପଦକୁ ଡାକି ଆଣିଥିଲେ ? ସେ ଶରଶକ୍ତି ବଳରେ ସ୍ୱର୍ଣ୍ଣମୃଗକୁ ବାନ୍ଧି ପାରିଥାନ୍ତେ, ଚେତାଶୂନ୍ୟ କରିପାରିଥାନ୍ତେ ? ସେ କାହିଁକି ମାରୁଥିଲେ ? ସେ ସେହିଠାରେ ରାବଣ ସହିତ ଯୁଦ୍ଧ କରିପାରିଥାନ୍ତେ ? ରାବଣର ପଥରୋଧ କରିପାରିଥାନ୍ତେ ? ସୀତାଙ୍କ କୁଟୀରକୁ ଶର ଜାଲରେ ଅବରୁଦ୍ଧ କରିପାରିଥାନ୍ତେ ? ସେ କେବଳ ନିରବରେ ବିପଦର କଳ୍ପନା କରୁଥିଲେ ।

ସେ ଏହି ଘଟଣାରେ ନିଜକୁ ଦୋଷୀ ସାବ୍ୟସ୍ତ କରିଥିଲେ । ତାଙ୍କ ବିରୁଦ୍ଧରେ କେହି ଅଭିଯୋଗ ଆଣି ନଥିଲେ । ସେ ଦେଇଥିଲେ ନିଜକୁ ଅସମ୍ଭବ ନିର୍ଯାତନା । ପତ୍ନୀ ସୀତାକୁ ଗର୍ଭବସ୍ଥାରେ ବନବାସ ଦଣ୍ଡ ଦେଇ ନିଜେ ଗ୍ରହଣ କରିଥିଲେ ସ୍ୱତଃ ନିର୍ବାସନ ଦଣ୍ଡ । ପତ୍ନୀ ବିଚ୍ଛେଦର ଦଣ୍ଡ । ବିରହ ଜ୍ୱାଳାର ଦଣ୍ଡ । ନାରୀକୁ ଏପରି କଠୋର ଦଣ୍ଡ ନିନ୍ଦନୀୟ । ସୀତା ନାରୀ, ନିସନ୍ତାନ, ମହାରାଣୀ, ମହାରାଜାଙ୍କ ପତ୍ନୀ, ପୁଣି ଗର୍ଭବସ୍ଥା । ତାଙ୍କୁ ଦଣ୍ଡ ଦେଇ ସେ ନିଜକୁ ନିର୍ମମ ଭାବେ ଦଣ୍ଡିତ କରିଛନ୍ତି ପରୋକ୍ଷରେ । ଇଏ କ'ଣ କମ୍ କଥା ? ରାମରାଜ୍ୟରେ ସୀତା ପ୍ରଥମ ନାରୀ, ପ୍ରଥମ ପ୍ରଜା ଯେ ପାଇଥିଲେ ଚିରନ୍ତନ ନିର୍ବାସନର କଠିନ ଦଣ୍ଡ । ଏଭଳି ଦଣ୍ଡାଦେଶ ମାନବୀୟ ବିଚାରଧାରାର ବିରୋଧୀ, ବିରଳ । ସେତିକି ନୁହେଁ, ଗର୍ଭାବସ୍ଥାରେ ପ୍ରତ୍ୟେକ ସ୍ୱାମୀ ପତ୍ନୀର ଉପଯୁକ୍ତ ଯତ୍ନ ବିଶ୍ରାମ, ସେବା, ସୁଖାଦ୍ୟର ସମସ୍ତ ବ୍ୟବସ୍ଥା କରିଥାନ୍ତି । ରାମଚ଼ନ୍ଦ୍ର ନିଜେ କିଛି କରିନଥିଲେ । ଦିନେ ବଣକୁ ଯାଇନଥିଲେ । ଯେଉଁ ରାମରାଜ୍ୟରେ ଦୋଷୀକୁ ବଣକୁ ପଠାଇ ନିର୍ବାସନ ଦଣ୍ଡ ଦେବାର ବ୍ୟବସ୍ଥା ଥିଲା ସେ ରାଜ୍ୟର ଶାସନ ବ୍ୟବସ୍ଥା ଅତି କଠୋର ଥିଲା, ପ୍ରଚଣ୍ଡ ପ୍ରଜାର ସ୍ୱାଧୀନତା ଭଳି ।

ଲକ୍ଷ୍ମଣ ମଧ୍ୟ ସୀତାଙ୍କ କଥାରେ ଭାସିଯାଇ କୁଟୀର ରକ୍ଷାର ଗୁରୁଦାୟିତ୍ୱ ଛାଡି ଆସିଥିଲେ ?

କାହିଁକି ଆଣିଲେ ନାହିଁ ସାଥିରେ ବୈଦେହୀଙ୍କୁ ? କଣ ଥିଲା କୁଟୀରରେ ଏମିତି ଦୁର୍ଲଭ ବସ୍ତୁ ? ସୀତା ସନ୍ଦେହ କରୁଥିବାରୁ ତାଙ୍କୁ ସାଥିରେ ଆଣିବା ନିଶ୍ଚିତ ଥିଲା କିନ୍ତୁ ସେ ଏକୁଟିଆ ଆସିଲେ । କାହିଁକି ଗଲେ ଭାଇ ଶ୍ରୀରାମଙ୍କ ସତ୍ୟ ବାକ୍ୟ ଭାଙ୍ଗି ? ସେ କଣ ଜାଣି ନଥିଲେ ଶ୍ରୀରାମଙ୍କ ଶକ୍ତି କୁ ଯିଏ ଶିବ ଧନୁ ଭାଙ୍ଗିଥିଲେ ? ବୁଝି ନଥିଲେ ରାକ୍ଷାସର ମାୟାକୁ ? ସୂର୍ପଣଖା ସହିତ ମାୟର ଖେଳ ସେମାନେ ଖେଳି ସାରିଛନ୍ତି । ରାମଙ୍କୁ ପ୍ରାଣନାଶକ ବିପତ୍ତି ବେଳେ ସୀତାଙ୍କୁ ଛାଡିଯିବା ଦ୍ୱାରା ଲକ୍ଷ୍ମଣ ବୁଦ୍ଧି ଶୂନ୍ୟତାର ପରିଚୟ ଦେଇ ଦୋଷୀ ହୋଇଛନ୍ତି । ଲକ୍ଷ୍ମଣ କଣ ବୁଝି ନଥିଲେ ସେ କାଟିଥିବା ଲକ୍ଷ୍ମଣ ଗାରକୁ ? କୌଣସି ଶକ୍ତି ସେ ରେଖା ଡେଇଁ କୁଟୀରରେ ପ୍ରବେଶ କରିପାରିବନି କିନ୍ତୁ ସୀତା ଚାହିଁଲେ କୁଟୀର ବାହାରକୁ ଆସିପାରିବେ ? ସୀତା ଥରେ ବାହାରକୁ ଆସିଲେ ତ ବିପଦ । ଯେଉଁ ନାରୀର ସ୍ୱାମୀ ବିପଦଗ୍ରସ୍ତ, ସେ ସମ୍ଭାଳି ରହିବ କେତେ କାଳ, ଏକାକିନୀ କୁଟୀରରେ ? ତେଣୁ ଲକ୍ଷ୍ମଣଙ୍କ ଅନୁପସ୍ଥିତି ପାଇଁ ସୀତା ହରଣ ସମ୍ଭବ ହୋଇଥଲା । ସେ ଦାୟୀ । ସେ ଦୋଷୀ । ତେଣୁ ମହାରାଜ ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ ଦଣ୍ଡାଦେଶ ଦେଇଥିଲେ । ଲକ୍ଷ୍ମଣ ନିଜେ ବୈଦେହୀଙ୍କୁ ଯେପରି ପଞ୍ଚବଟୀର କୁଟୀରରେ ଏକୁଟିଆ ଛାଡି ଚାଲି ଆସିଥିଲେ, ସେହିପର ବଣରେ ଛାଡି ଆସିବେ । ଏହି ମର୍ମନ୍ତୁଦ ଦଣ୍ଡାଦେଶକୁ କାର୍ଯ୍ୟକାରୀ କରି ଲକ୍ଷ୍ମଣ ଲୁହ, କୋହରେ ଫାଟି ପଡିଥିଲେ । ଏହା ଅତୀବ କରୁଣ ଦୃଶ୍ୟ । କଠିନ ଦଣ୍ଡ ।

ସୀତା ଅଗ୍ନି ପରୀକ୍ଷା ଦେଇଥିଲେ ରାମଙ୍କ ନିର୍ଦ୍ଦେଶରେ । ସେହି ଅଗ୍ନି ପରୀକ୍ଷା ପାଇଁ ସୀତା ରାଜି ହେବାଦ୍ୱାରା ସମସ୍ତ ଜନଗଣ ସ୍ତମ୍ଭୀଭୂତ ହୋଇଥିଲେ । ରାମ ଶରମାରି ଶୀତଳ ଅଗ୍ନିଶିଖା ପ୍ରଜ୍ୱଳିତ କରିଥିଲେ ଯାହାଦ୍ୱାରା ସୀତାଙ୍କ ଶରୀର ଅଗ୍ନି ମଧ୍ୟରେ ସୁରକ୍ଷିତ ଥିଲା । ଆଜି ବିଜ୍ଞାନ ଯୁଗରେ ଏହା ସମ୍ଭବ ହେଉଛି । ମୁଣ୍ଡ ଉପରେ ନିଆଁ ଜାଳି ଚାହା କରିବା ପରି । ଧୋବଣୀର ଆକ୍ଷେପରେ ସୀତା ଅସତୀ ନଥିଲେ । ଧନ୍ୟ ମହାରାଜ ରାମଚନ୍ଦ୍ର ଯେ ଅପହୃତା ପତ୍ନୀକୁ ଉଦ୍ଧାର କରି ପତ୍ନୀର ମର୍ଯ୍ୟାଦା, ମହାରାଣୀର ସମ୍ମାନ ଦେଇଥିଲେ । ଏହା ଥିଲା ମାନବବାଦୀ ଜୀବନର ଶ୍ରେଷ୍ଠ ନିଦର୍ଶନ । ସୀତାଙ୍କ ବନବାସ ଦଣ୍ଡାଦେଶକୁ ଅଯୋଧ୍ୟାବାସୀ ଚରମ ଦୁଃଖରେ ଗ୍ରହଣ କରିଥିଲେ । ସତ୍ୟ, ନ୍ୟାୟ ଶାସନ ପ୍ରତି ଆସ୍ଥାରଖି ସେମାନେ ବିଦ୍ରୋହ କରିନଥିଲେ । ଧନ୍ୟ ରାମରାଜ୍ୟ । ଧନ୍ୟ ରାଜା । ଧନ୍ୟ ପ୍ରଜା ।

କଳାବତୀ : ନାରୀ ନିର୍ଯାତନାର ନିଷ୍ଠୁର କାହାଣୀର ଶେଷ କାହିଁ ? ପ୍ରିୟଜନ ପରିବେଷ୍ଟିତ ରାଜସଭାରେ ପ୍ରିୟଜନଙ୍କ ଦ୍ୱାରା ପଞ୍ଚସ୍ୱାମୀଙ୍କ ଆଖିଆଗରେ ରାଜବଧୂ ଦ୍ରୌପଦୀଙ୍କର ବସ୍ତ୍ରହରଣଠାରୁ ବଳି ନିଷ୍ଠୁର ଘଟଣା ସେ ଯୁଗର ପୁରୁଷମାନେ କରିପାରନ୍ତି ଭାବିଲେ ପ୍ରାଣ ମୋର ଥରିଉଠୁଛି । ଏଭଳି ଜଘନ୍ୟ ବ୍ୟଭିଚାର ଏହା କେବଳ ପୁରୁଷଙ୍କ ପାଖରେ ସମ୍ଭବ । କେଉଁଠି ଥିଲେ ଦୟାଳୁ ପୁରୁଷ ଶ୍ରୀକୃଷ୍ଣ ? ବସ୍ତ୍ରଦାନର ଦୟା । ପାପୀ ଦୁଃଶାସନ ଦ୍ୱାରା ଝିଙ୍କିଝିଙ୍କି ରଜୋବତୀ ଦ୍ରୌପଦୀଙ୍କୁ ରାଜସଭାକୁ ଆଣିବା ଠାରୁ ବସ୍ତ୍ର ମୁକୁଳା କରିବା ଯାଏ ? ସେହି ଦୃଶ୍ୟ ଦେଖିବାର ଲଜ୍ଜା ଶ୍ରୀକୃଷ୍ଣ କଲେ କେମିତି ? ସେହି ନିନ୍ଦନୀୟ ଘଟଣାକୁ ବ୍ୟାସ ଲେଖିଲେ କେମିତି ? ମହାଭାରତ କଳ୍ପନା ପ୍ରସୂତ ହେଲେ ବି ନାରୀର ସମ୍ମାନକୁ ଭୁଲିଗଲେ କେମିତି ? ତାଙ୍କର ସାଧାରଣ ଶାଳୀନତା ନ ଥିବ ? ଯଦି ସତ୍ୟ ହୋଇଥିବ ତେବେ ଲେଖିଲେ କାହିଁକି ? ଜନସାଧାରଣ ଏହି ନିଷ୍ଠୁରତାକୁ



ସହିଲେ କେମିତି ? ଏହାଦ୍ୱାରା ସମଗ୍ର ନାରୀଜାତି ଯୁଗଯୁଗ ଧରି ଅପମାନିତ ହେଉଛି ? ଏ ପୃଥିବୀରେ ନାରୀକୁ ଖେଳନା କଣ୍ଢେଇ ପରି ନଚେଇବାକୁ ପୁରୁଷର କେଉଁ ଅଧିକାର ଅଛି ?

ଅଶୋକ : କଲ୍ୟାଣୀୟା । ଜଗତର କଲ୍ୟାଣ ପାଇଁ ନାରୀର ଜନ୍ମ । ନାରୀ ନଥିବା ପୃଥିବୀଟିଏ କଳ୍ପନା କରି ଦେଖ କେତେ ନୀରସ, ରୁକ୍ଷ ଦିଶୁଚି । ନାରୀ ବିନା ପୁରୁଷର ବିକାଶ ଅସମ୍ଭବ । ତେଣୁ ନାରୀର ସ୍ଥାନ ମହନୀୟ, ନାରୀ ଚିରକାଳ ପୂଜନୀୟା, ବନ୍ଦନୀୟା । ସୃଜନୀର ବରଦାନ ନାରୀର । ନାରୀର ଶକ୍ତି ଅସୀମ । ସୃଷ୍ଟିର, ସୃଜନୀର, ଧ୍ୱଂସର । ସେ ଦେବୀ, ସେ କାଳୀ । ତା ଆଖିର ଲୁହ, ଓଠର ହସ, ହୃଦୟର ପ୍ରେମ ତାର ନିଜସ୍ୱ । ତା ଦେହରେ ଯୌବନର ଫୁଲ – ମାଂସଫୁଲର ସ୍ନିଗ୍ଧ ସୌନ୍ଦର୍ଯ୍ୟରେ କେଉଁ ତରୁଣର ପ୍ରାଣ ଆକର୍ଷିତ ହୋଇ ନାହିଁ କୁହ ? ସେ'ତ ପରମା ପ୍ରକୃତିର ପ୍ରୀତିଅର୍ଘ୍ୟ । ତାର ଅନୁପସ୍ଥିତି ଅସହ୍ୟ । ତାର ଜନ୍ମ ବିଶ୍ୱ ପାଇଁ ବରଦାନ । ତାର ନିନ୍ଦା ଶୋଭନୀୟ ନୁହେଁ ? ତମେ କାହିଁକି ଭୁଲିଯାଉଛ ତମେ ଯେ ନାରୀ ?

କଳାବତୀ : ହଁ ନାରୀ ପ୍ରତ୍ୟେକ ନାରୀପାଇଁ ଦ୍ରୌପଦୀ ଚିରକାଳ ବିବସନା ହେଉଛି । ପୁରୁଷର ଆତଙ୍କରେ ଆତଙ୍କିତ ହୋଇ ବଞ୍ଚିଛି । ପ୍ରିୟଜନ ପାଖରେ ନାରୀ ନିର୍ଯାତନା ଅସହ୍ୟ । ସେ ବର୍ବର କାହାଣୀର କଥା କିଏ ଭୁଲିବ ?

ଅଶୋକ : ବସ୍ତ୍ରହରଣର ପୂର୍ବକଥା । ପାଣ୍ଡବମାନଙ୍କୁ ଜଉଗୃହରୁ ଉଦ୍ଧାର କରିଥିଲେ ପ୍ରିୟବନ୍ଧୁ ଶ୍ରୀକୃଷ୍ଣ । ଦ୍ରୌପଦୀ ସ୍ୱୟମ୍ବର କାଳରେ ଅର୍ଜୁନ ପାଇଁ ଶ୍ରୀକୃଷ୍ଣ, ମତ୍ସ୍ୟର ଚକ୍ଷୁ ଆଗରେ ସୁଦର୍ଶନ ଚକ୍ର ରଖି କର୍ଣ୍ଣକୁ ଲକ୍ଷ୍ୟଭ୍ରଷ୍ଟ କରାଇଥିଲେ । ଦ୍ରୌପଦୀଙ୍କ ଭଳି ଅସାମାନ୍ୟା ସୁନ୍ଦରୀ ରାଜକନ୍ୟାକୁ ପାଣ୍ଡବମାନେ ଲାଭ କରିଥିଲେ ଯାହା ଶ୍ରୀକୃଷ୍ଣଙ୍କ ବିନା ଅସମ୍ଭବ ଥିଲା । ଯେଉଁ ଶ୍ରୀକୃଷ୍ଣ ପାଣ୍ଡବ ମାନଙ୍କର ଜୀବନ ରକ୍ଷା କରିଥିଲେ, ଦ୍ରୌପଦୀର ମାନରକ୍ଷା କରିଥିଲେ ସ୍ୱୟମ୍ବରର କଠୋର ସର୍ତ୍ତ ପାଳନ କରି , ଯେଉଁ ଦ୍ରୌପଦୀ ତାଙ୍କର ପ୍ରାଣଦପି ପ୍ରିୟ, ପ୍ରେମମୟୀ ପ୍ରିୟତମା, ଯାହାର ପ୍ରେମଫାସରେ ବନ୍ଧା ତାଙ୍କର ମନ ହୃଦୟ, ଯାହାର ଅଭିମାନରେ ସେ ଅଶ୍ରୁ ଛଳଛଳ, ତାର କରୁଣ ପରିଣତି ସେ ଚାହିଁ ନଥିଲେ ପଶାଖେଳ ପରେ ଦୁଷ୍ଟ ଦୁଃଶାସନ ଉଲଗ୍ନ କରିବ ଦାସ ପଞ୍ଚପତି ଆଗରେ । ଉଲଗ୍ନ ଗୋପାଙ୍ଗନା ମାନଙ୍କର ବସ୍ତ୍ରହରଣ କରି ସେ ସେମାନଙ୍କୁ ସଚେତନ କରି ଦେଇଥିଲେ ସାମାଜିକ ଶାଳୀନତା ଶିକ୍ଷା କରିବାକୁ, ସ୍ନାନ ପରେ ବାସି ବସ୍ତ୍ର ନ ପିନ୍ଧିବାକୁ ପବିତ୍ରତା ପାଇଁ । ସେହିପରି ସେ ପଶା ଖେଳରେ ସର୍ବସ୍ୱାନ୍ତ ହେବାକୁ ବିରୋଧ କରୁଥିଲେ । ନାରୀର ମର୍ଯାଦାକୁ ଧ୍ୱଂସ କରୁଥିବା ବ୍ୟକ୍ତି, ସମାଜ ଧ୍ୱଂସ ହେଇଯିବ, ନାରୀ ଲୁହର ନିଆଁରେ, ସେ ଚେତାଇ ଦେଇଥିଲେ । ତେଣୁ ଦ୍ରୌପଦୀ ବିବସନା ହେବା ସମୟରେ ତାଙ୍କ କ୍ରୋଧାଗ୍ନିରେ ମହାରାଣୀ ଭାନୁମତୀ ଜଳି ନଗ୍ନ ଅବସ୍ଥାରେ ରାଜସଭାରେ ପହଞ୍ଚି ଆର୍ତ୍ତଚିତ୍କାର କରୁଥିଲେ । ନାରୀକୁ କୌଣସି ଶକ୍ତି ଧ୍ୱଂସ କରିପାରିବନି । ତାର ମର୍ଯାଦାକୁ ଧୂଳିସାତ୍ କରିପାରିବନି ତେଣୁ ସେ ଅସହାୟ ଆର୍ତ୍ତ ଦ୍ରୌପଦୀକୁ ବସ୍ତ୍ରଦାନ କରି ଅଦୃଶ୍ୟରେ କୌରବ ମାନଙ୍କର ଅହଙ୍କାର ଚୂର୍ଣ୍ଣୀଭୂତ କରିଥିଲେ ।

ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ପଶାଖେଳକୁ ନିମନ୍ତ୍ରଣ କରିଥିଲେ ମାମୁଁ ଶକୁନି ର ପରାମର୍ଶରେ । ପଶାଖେଳରେ ପାଣ୍ଡବମାନେ ଧନ,ସମ୍ପଦ,ରାଜ୍ୟ ହରାଇଲେ । ଶେଷରେ ଦୁର୍ଯ୍ୟୋଧନର ଆହ୍ୱାନରେ ସେମାନେ ପତ୍ନୀ ଦ୍ରୌପଦୀକୁ ବାଜିରଖି ହରାଇଲେ । ଦୁର୍ଯ୍ୟୋଧନ ଚାହିଁ ନଥିଲେ ଧନରତ୍ନ,

ଚାହିଁଥିଲେ ଦ୍ରୌପଦୀକୁ । ତେଣୁ ଦୁର୍ଯ୍ୟୋଧନ ସଭାସ୍ଥଳରେ ସମସ୍ତଙ୍କର ଉପସ୍ଥିତିରେ ହଠାତ୍ ଦ୍ରୌପଦୀକୁ ଆଣି ବିବସନା କରିବାକୁ ଦୁଃଶାସନକୁ ନିର୍ଦ୍ଦେଶ ଦେଲେ । ଏଥିରୁ ସ୍ପଷ୍ଟ ଦୁର୍ଯ୍ୟୋଧନ ଦ୍ରୌପଦୀ ଉପରେ ଭୀଷଣ କ୍ରୋଧାନ୍ୱିତ ହୋଇଥଲେ । ଦ୍ରୌପଦୀ ତାଙ୍କୁ ଅପମାନ କରିଥିଲେ ରାଜପ୍ରାସାଦରେ । ନାରୀର ଅପମାନ ଅସହ୍ୟ । ନାରୀ ଅପମାନର ପୀଡା ଯେଉଁମାନେ ଏ ପୃଥିବୀରେ ଭୋଗିଛନ୍ତି ସେ ଯନ୍ତ୍ରଣାର ତୁଳନା ନାହିଁ । ସହଜେ ମାହାମାନୀ ଯୁବରାଜ ଦୁର୍ଯ୍ୟୋଧନ ଦ୍ରୌପଦୀକୁ ମନେ ମନେ ଭଲ ପାଉଥିଲେ । ତାଙ୍କୁ ପତ୍ନୀର ମର୍ଯ୍ୟାଦା ଦେବାପାଇଁ କର୍ଣ୍ଣଙ୍କ ଦ୍ୱାରା ଲାଖ ବିନ୍ଧି ଲାଭ କରିବାକୁ ସେ ସ୍ୱୟଂମ୍ବର ସ୍ଥଳରେ କର୍ଣ୍ଣକୁ ଅଙ୍ଗରାଜ୍ୟର ରାଜାରୂପେ ଘୋଷଣା କରିଥିଲେ । ସେ ଦ୍ରୌପଦୀଙ୍କୁ ପାଇବା ପାଇଁ କେତେ ବ୍ୟାକୁଳ ଥିଲେ ଏଥିରୁ ଅନୁମେୟ । କର୍ଣ୍ଣ ବିଫଳ ହେଲା ପରେ ଛଦ୍ମବେଶୀ ବ୍ରାହ୍ମଣ ଅର୍ଜୁନଙ୍କୁ ଧନରତ୍ନର ପ୍ରଲୋଭନ ଦେଖାଇଥିଲେ । ଅର୍ଜୁନ ରାଜି ନହେବାରୁ ସେ ସେଠାରେ ଯୁଦ୍ଧ ଘୋଷଣା କରିଥିଲେ ବଳପୂର୍ବକ ଦ୍ରୌପଦୀକୁ ଲାଭ କରିବାକୁ । ସେଠାରେ ସେ ପରାସ୍ତ ହୋଇଥିଲେ । ଅପମାନରେ ପୀଡିତ ହେଇଥିଲେ । ପରେ ରାଜଅନ୍ତଃପୁରେ ଦ୍ରୌପଦୀଙ୍କର ଅପମାନ ପୂର୍ଣ୍ଣ ବକ୍ତବ୍ୟ ତାଙ୍କୁ ଅସହ୍ୟ ଲାଗୁଥିଲା । ଦ୍ରୌପଦୀ ସ୍ୱୟମ୍ବର ସ୍ଥଳଠାରୁ ତାଙ୍କ ଅପମାନର ଯେମିତି ସୀମା ନ ଥିଲା । ରାଜପୁତ୍ରମାନଙ୍କୁ ନିମନ୍ତ୍ରଣ କରି ସ୍ୱୟମ୍ବର ସ୍ଥଳରେ ଏପରି ଅସମ୍ଭବ ଲାଖ ବିନ୍ଧିବାକୁ ସର୍ତ୍ତ ରଖିବା ଏକ ଦାରୁଣ ଅପମାନ । ପୁଣି ଲାଖବିନ୍ଧାରେ ପରାସ୍ତ, ଅସହାୟ ନିମନ୍ତ୍ରିତ ରାଜକୁମାରଙ୍କ ଆଗରେ ଦର୍ଶକ, ପ୍ରଜାଙ୍କୁ ଆହ୍ୱାନ କରିବା ଲାଖ ବିନ୍ଧିବାକୁ ଏହାଠାରୁ ବଳି ଅପମାନ କଣ ହୋଇପାରେ ? ଛଦ୍ମବେଶୀ ଦର୍ଶକ ଅର୍ଜୁନଙ୍କ ସଫଳତା ରାଜକୁମାରମାନଙ୍କ ପାଇଁ ଯନ୍ତ୍ରଣାଦାୟକ ଥିଲା । କର୍ଣ୍ଣଙ୍କ ବେଳକୁ ରାଜପଦ ନ ଥିବାର ସର୍ତ୍ତ ଓ ପରେ ଦର୍ଶକ ପ୍ରଜାକୁ ନିମନ୍ତ୍ରଣ, ସର୍ତ୍ତ ବଦଳାଇ ଅପମାନିତ କରିବାର ଏ ବଡ କୌଶଳ ନୁହେଁ ତ ଆଉ କଣ ? ରାଜପୁତ୍ର ଥାଉ ଥାଉ ଅଜ୍ଞାତ ପ୍ରଜା ନେଇଯିବ ରଜାଝିଅ ଦ୍ରୌପଦୀକୁ ? ଏହା ଅସମ୍ଭବ, ଅପମାନଜନକ । ଦ୍ରୌପଦୀ ଦୁର୍ଯ୍ୟୋଧନଙ୍କ ପୌରୁଷକୁ ଚ୍ୟାଲେଞ୍ଜ କରିଥିଲେ । ଖରାପ ଲୋକ କହି ଅପମାନ କରି ବିବସ୍ତ୍ର କରିଦେଇଥିଲେ ଯେମିତି ଏକାନ୍ତରେ ନିଜକୁ ବିବସ୍ତ୍ର କରି ଦୁର୍ଯ୍ୟୋଧନକୁ ବିବଶ କରିଦେଇଥିଲେ । ସେ ଚାହିଁଥିଲେ ସଙ୍ଗେ ସଙ୍ଗେ ଦାସୀ ଦ୍ରୌପଦୀକୁ ହତ୍ୟା କରିପାରିଥାନ୍ତେ । ବଳାତ୍କାର କରିପାରିଥାନ୍ତେ । ସେ ତାହା କରି ନ ଥିଲେ । ଦ୍ରୌପଦୀର ଅହଂକାରକୁ ଧ୍ୱଂସ କରିବାକୁ ସେ ତାଙ୍କୁ ବିବସ୍ତ୍ର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନାରୀ ଚିରକାଳ ନମ୍ର । ତାର ଅହଂକାରକୁ କେଉଁ ପୁରୁଷ ବରଦାସ୍ତ କରିବ ? ତାର ଅପମାନକୁ ସହି ବଞ୍ଚିବା କେଉଁ ରାଜକୁମାର ପାଖରେ ସମ୍ଭବ ?

ଦ୍ରୌପଦୀର ବସ୍ତ୍ରହରଣ ପାଇଁ ମହାଭାରତ ଯୁଦ୍ଧ ହୋଇନଥିଲା । ଏହା ନାରୀତ୍ୱର ଉଲ୍ଲଙ୍ଘନ ପାଇଁ ଦ୍ରୌପଦୀ ଦ୍ୱାରା ହୋଇଥିଲା । ଦ୍ରୌପଦୀଙ୍କୁ ଉଲଗ୍ନ କରିବାକୁ ଦୁଃଶାସନ ବ୍ୟର୍ଥ ହେଲାପରେ ଦ୍ରୌପଦୀ ଘୋଷଣା କରିଥିଲେ ନିଜର କେଶ ଆଜୀବନ ମୁକୁଳା ରଖିବାକୁ । ଏପରି ଅହଂକାର, ପ୍ରତିଶୋଧର ସୀମା କାହିଁ ? ଦ୍ରୌପଦୀଙ୍କୁ ଦୁର୍ଯ୍ୟୋଧନ ଏକ ତରଫା ଭଲ ପାଉଥିଲେ ତେଣୁ ସେ ତାଙ୍କୁ ବଳପୂର୍ବକ ଅପହରଣ କରିନଥିଲେ କିମ୍ବା ବଳାତ୍କାର କରିନଥିଲେ । ମୃତ୍ୟୁଦଣ୍ଡ ଦେଇନଥିଲେ । ତାଙ୍କର ଉପସ୍ଥିତି ଅସହ୍ୟ ଥିଲା ତେଣୁ ସେ ସମସ୍ତ ପାଣ୍ଡବଙ୍କୁ ବନବାସ ଆଦେଶ ଦେଇଥିଲେ ନିଜର କ୍ରୋଧ ଶାନ୍ତି ଲାଗି । କର୍ଣ୍ଣଙ୍କ ଦ୍ୱାରା ଦ୍ରୌପଦୀକୁ ପତ୍ନୀରୂପେ ପାଇବାର ଲୋଭ ଦୁର୍ଯ୍ୟୋଧନ ରଖିଥିଲେ



ତେଣୁ ପଶାଖେଳରେ ଜିଣି ଦ୍ରୌପଦୀଙ୍କୁ ସେ ପତ୍ନୀର ମର୍ଯ୍ୟାଦା ଦେଇପାରିଥାନ୍ତେ କିନ୍ତୁ ସେ ତାହା କଲେ ନାହିଁ । ପ୍ରେମିକ ହୃଦୟ ତାଙ୍କର ଦ୍ରୌପଦୀଙ୍କଠାରୁ ପ୍ରୀତିପୂର୍ଣ୍ଣ ବ୍ୟବହାର ଆଶା କରିଥିଲା, ଅହଙ୍କାରପୂର୍ଣ୍ଣ ଆଚରଣ ନୁହେଁ ? ପ୍ରିୟ ବାଞ୍ଛିତ ରାଜକୁମାରୀ ଠାରୁ ଲାଞ୍ଛିତ ହେବାର ଦୁଃଖ ତାଙ୍କୁ ଧରାଶାୟୀ କରିଥିଲା । ସେ ହିତାହିତ ଜ୍ଞାନ ଭୁଲି ଯାଇଥିଲେ । ନାରୀର ଅହଂକାର ପୂର୍ଣ୍ଣ ଆଚରଣ ଲାଗି ମହାଭାରତ ଯୁଦ୍ଧ ହୋଇଥିଲା । ପୁରୁଷ ପ୍ରାଣରେ ନାରୀର ନିର୍ଯ୍ୟାତନା ଅସହ୍ୟ ।

ଅଶୋକ : ମୋର କଣ ଅଛି ? ପରିଚୟ ଶୂନ୍ୟ, ଅସହାୟ, ଏକଲା ମଣିଷ ମୁଁ ।

କଳାବତୀ : ପାଣ୍ଡବମାନଙ୍କ ଠାରୁ କଣ ଅଧିକ ଅସହାୟ ? ବଣଜଙ୍ଗଲରେ ଅଜ୍ଞାତବାସ, ପରିଚୟ ଶୂନ୍ୟ ଜୀବନ ନେଇ ବଞ୍ଚିଥିଲେ ସେମାନେ । ସେମାନେ ରାଜ୍ୟ ଆଶା ଛାଡି ନଥିଲେ । ତୁମପରି ଅସହାୟ ନଥିଲେ । ତୁମେ କାହିଁକି ଅସହାୟ ହୋଇ ପଡୁଛ ? ରାମାୟଣର ରାମଚନ୍ଦ୍ର ନିଜର ରାଜ୍ୟ, ସେନାଠାରୁ ବହୁ ଦୂରରେ ଘନ ଜଙ୍ଗଲରେ ବନ୍ଧୁବାନ୍ଧି ବାନର, ଭଲ୍ଲୁକଙ୍କ ସହ, ମହାପ୍ରତାପୀ ରାବଣ ସହ ଯୁଦ୍ଧ କରିଥିଲେ ସାହସ ବଳରେ । ପାଣ୍ଡବଙ୍କ ପରି ଆଶାବାଦୀ, ରାମଚନ୍ଦ୍ରଙ୍କ ପରି ସାହସୀ ହୁଅ । ଭାଗ୍ୟ ହାତରେ ଭବିଷ୍ୟତକୁ ଛାଡିଦିଅ । ବର୍ତ୍ତମାନ ନିଜସ୍ୱ ଉଦ୍ୟମରେ ଲାଗିରୁହ ନିଷ୍ଠାର ସହ । ସଫଳତା ଆସିବ ହିଁ ଆସବ । ମୁଁ କହୁଛି ତୁମେ ଦିନେ ରାଜା ହେବ ।

ଅଶୋକ : ମୁଁ କଣ ପାରିବି ? ଅସମ୍ଭବ ତୁମ କଥା । ତମେ ମତେ... ?

କଳାବତୀ : କୁମାର । ତୁମେ ଏତେ ଅବସନ୍ନ କାହିଁକି ଦିଶୁଛ ? କଣ ଅସହାୟ ଲାଗୁଛି ମୋର କଥା ସବୁ ? ତୁମେ ଭାଗ୍ୟକୁ ବିଶ୍ୱାସ କର । ଏଇ ଭାଗ୍ୟ ତୁମକୁ ଦିନେ ରାଜା କରିଦେବ, ରାଜପଦ ଦେବ, ଏ ବିଶ୍ୱାସ ମୋର ଅଛି ।

ଅଶୋକ : କଲ୍ୟାଣୀୟା, ମତେ ଆଉ କଷ୍ଟ ଦିଅ ନାହିଁ । ବଞ୍ଚିରହିବାର ସର୍ବନିମ୍ନ ଯୋଗ୍ୟତା ମତେ ଭାଗ୍ୟ ଦେଇଛି । ଏହାଠାରୁ ଅଧିକ ଆଶା କରିବା ପାଗଳାମି । ‘‘କର୍ମୁ ଅଧିକ ଯେ ଲୋଡନ୍ତି, ଚୋର ସମାନ ଦଣ୍ଡ ପାନ୍ତି ।’’ମୋ ଦ୍ୱାରା କିଛି ସମ୍ଭବ ନୁହେଁ ।

କଳାବତୀ : କୁମାର ! ତୁମେ ମୋ ହୃଦୟର ରାଜକୁମାର, ‘‘ରାଜା’’ । ତୁମକୁ ଛାଡି ମୁଁ ବଞ୍ଚିପାରିବି ନାହିଁ । ତୁମଠାରୁ ଅନେକ କିଛି ଆଶାକରେ । ତୁମେ ପାରିବ । ଚେଷ୍ଟାକର । ସବୁ ସମ୍ଭବ । କଲେ ସବୁହେବ, ନ କଲେ କିଛି ହେବନାହିଁ । ବଟବୃକ୍ଷର କ୍ଷୁଦ୍ର ବୀଜଟିଏ ଜାଣି ନଥାଏ ସେ ଦିନେ ମହାଦ୍ରୁମ ହେବ, ତାର କୋଳରେ ଅନେକ ପଶୁପକ୍ଷୀ ଆଶ୍ରୟ ନେବେ । ମୁଁ ତୁମର ଚିର ଆଶ୍ରିତା, ଚିରବାଞ୍ଛିତା । ତମକୁ ମୋ’ରାଣ ମତେ ବଞ୍ଚିତ କରନି ଅନ୍ତତଃ ଏଇ ଜନ୍ମରେ ।

ଅଶୋକ : ରାଜକୁମାରୀ । ଏତେ ସ୍ୱପ୍ନ କାହିଁ ? ମତେ ବିସ୍ମିତ ଲାଗୁଛି ମୋର ନିରାଶ୍ରୟ ଅସ୍ତିତ୍ୱ ଉପରେ ତମେ ଆଶ୍ରୟ କରି, ମୋ ଭାଗ୍ୟକୁ ବିଶ୍ୱାସ କରି, ଅସମ୍ଭବ ଲାଗୁଛି ତମ ଆଖି, ଓଠର ଅଦମ୍ୟ ଆକର୍ଷଣ, ତୁମ ହାତ ଦୁଇଟା ଚାପି ଧରି ତମ ହୃଦୟ ଭିତରେ ହଜିଯିବାକୁ... ।

କଳାବତୀ : ତମରି ଦୃଷ୍ଟ ଚପଳତା ମୋ ହୃଦୟରେ ସଞ୍ଚିତ ସାଇତା ସମ୍ପଦ । ତମକୁ ଦେଖିଲେ ମୁଁ ହଜିଯାଏ ଜହ୍ନ ରାଇଜରେ, ତାରା ରାଇଜରେ । ତମରି ଚପଳତା, ମୁଗ୍ଧ ଚପଳ ଉର୍ମିଭଳି, ମିଳନ ଆକୁଳ ବଂଶୀଭଳି, ମହକ ମିଶ୍ରିତ ଚଇତାଳି ଭଳି । ମେଘ ମେଦୁର ମେଘଦୂତର ମାୟାଭଳି, ସ୍ୱର୍ଗଭଳି । ମୋ ହୃଦୟର କାନ୍‌ଭାସ ଉପରେ ଅଳିଭା ଚିତ୍ରଟିଏ ।

ଅଶୋକ : ରଙ୍ଗତୁଳୀର...

କଳାବତୀ : ନା... ରକ୍ତ ମାଂସର । ତମ ରକ୍ତରେ ବୀର ପ୍ରସବିନୀ ଭାରତ ବର୍ଷର ବୀର ରକ୍ତ । ତାର କମ୍ପନ ମୁଁ ଶୁଣିପାରୁଛି । ଭାଗ୍ୟ ତୁମକୁ ପ୍ରସ୍ତୁତ କରୁଛି, ତାର ନିଜସ୍ୱ ଢଙ୍ଗରେ ।

ଅଶୋକ : ହସଲାଗୁଛି । ଭାଗ୍ୟ ମତେ ପ୍ରସ୍ତୁତ କରୁଛି ତା ନିଜସ୍ୱ ଢଙ୍ଗରେ । ନିଜର ଜନ୍ମମାଟି ମଗଧଠାରୁ ନିର୍ବାସିତ ହୋଇ ନିରାଶ୍ରୟର ପରିଚୟ ନେଇ ବଞ୍ଚିଥିବା ତୁମରି ରାଜକୁମାର । ରାଜକୁମାରୀ ତୁମେ ସ୍ୱପ୍ନ ଦେଖୁନାହଁ ତ ?

କଳାବତୀ : ରାଜା...ତମେ ଖୁବ୍ ଦୁର୍ବଳ । ଏମିତି ଜୀବନସାରା ନିରାଶ୍ରୟର ପରିଚୟ ନେଇ ବଞ୍ଚିବାକୁ ତମେ କଣ ଜନ୍ମ ହୋଇଛ ? ଏଥିପାଇଁ ଭାଗ୍ୟ କଣ ତୁମକୁ ବଞ୍ଚେଇ ରଖିଛି ବାରମ୍ବାର ମୃତ୍ୟୁର ଖୁବ୍ ନିକଟରୁ ? ତୁମେ ଭାଗ୍ୟକୁ ବିଶ୍ୱାସ କର । ଭାଗ୍ୟ ଭଗବାନ । ତାଙ୍କ ସୃଷ୍ଟିରେ ସବୁ ସମ୍ଭବ । ମହାଭାରତର ଅର୍ଜୁନକୁ ଦେଖ । ଜୀବନସାରା ଯିଏ ଯୁଦ୍ଧ ପ୍ରସ୍ତୁତିରେ ଲାଗିଥିଲେ କ୍ଷତ୍ରୀୟର ଧର୍ମ ପାଳନ ଲାଗି । ତପସ୍ୟା କରି ବଣରେ, ସ୍ୱର୍ଗପୁରରେ ବହୁ ଦିବ୍ୟାସ୍ତ୍ର ଲାଭ କରିଥିଲେ । ଶ୍ରୀକୃଷ୍ଣଙ୍କୁ ମାଗିଥିଲେ ତାଙ୍କର ଯୋଗ୍ୟ ସାରଥି ହେବାକୁ । ମହାଭାରତ ଯୁଦ୍ଧ ପାଇଁ ସ୍ୱୀକୃତି ଦେଇ ସେ ଯାଇଥିଲେ ଯୁଦ୍ଧଭୂମିକୁ, କିନ୍ତୁ କଣ ହେଲା ? ଯୁଦ୍ଧକ୍ଷେତ୍ରରେ ପ୍ରିୟଜନମାନଙ୍କୁ ଦେଖି ତାଙ୍କର ଯୁଦ୍ଧପ୍ରତି ବୈରାଗ୍ୟ ଆସିଲା । କ୍ଷତ୍ରୀୟର ଧର୍ମ ପାଳନ ପ୍ରତି ତାଙ୍କୁ କଷ୍ଟ ଲାଗିଲା । ସେ ଗାଣ୍ଡିବ ଫିଙ୍ଗିଦେଇ ଶ୍ରୀକୃଷ୍ଣଙ୍କୁ କହିଲେ ରଥ ଫେରେଇ ନିଅ । ମୁଁ ଯୁଦ୍ଧ କରିବି ନାହିଁ । ହିଂସା କରିବି ନାହିଁ । ସ୍ୱଜନ ନିଧନ ଦେଖିବି ନାହିଁ । ଲୋଡା ନାହିଁ ମୋର ତୁଚ୍ଛ ରାଜପଦ, ଯଶକୀର୍ତ୍ତି, ବିଳାସ ବିଭବ, ପାପ-ପୁଣ୍ୟ, ନ୍ୟାୟ-ଅନ୍ୟାୟର ହିସାବ କିତାବ ।

ଶ୍ରୀକୃଷ୍ଣ ଅର୍ଜୁନର ଏ ଆଚରଣ ଦେଖି ହତବାକ୍ ହୋଇ ପଡିଲେ । ଏ କଣ ଅର୍ଜୁନ କହୁଛି ରଥ ଫେରେଇ ନିଅ । ସେ ଯୁଦ୍ଧ କରିବ ନାହିଁ । ପାଗଳ ନା କଣ । ହଠାତ୍ ଏ ବୈରାଗ୍ୟ ! ଏଇଥିପାଇଁ କଣ ସେ ସୁଦୂର ଦ୍ୱାରକାରୁ ଆସିଛନ୍ତି ମହାଭାରତ ଧର୍ମଯୁଦ୍ଧର ପକ୍ଷ ନେଇ । ଅର୍ଜୁନକୁ କଥା ଦେଇଛି ମହାରଥୀ ହୋଇ, ତା ରଥରେ ସାରଥିର କର୍ତ୍ତବ୍ୟ କରିବାକୁ । ନା ତାହା ହୋଇପାରିବ ନାହିଁ । ଅର୍ଜୁନକୁ ଯୁଦ୍ଧ କରିବାକୁ ହେବ । ସେ ବୁଝାଇଲେ ଅର୍ଜୁନଙ୍କୁ କ୍ଷତ୍ରୀୟ ଧର୍ମ ପାଳନ କରି ଯୁଦ୍ଧ କରିବାକୁ । ଯୁଦ୍ଧରେ ଜିତିଲେ ରାଜଭୋଗ, ମଲେ ସ୍ୱର୍ଗପ୍ରାପ୍ତି । ସଂସ୍କୃତରେ ଗାଇ ଚାଲିଲେ ମହାପୁଣ୍ୟ ପୋଥି ଗୀତା । ବୁଝେଇ ଚାଲିଲେ ଅର୍ଜୁନଙ୍କୁ ବିଶ୍ୱଦର୍ଶନ, ଜୀବନର ଲକ୍ଷ୍ୟ, ଜୀବନ ମୃତ୍ୟୁର ରହସ୍ୟ, କର୍ମ ରହସ୍ୟ । ଏତେ କଥା ସଂସ୍କୃତରେ ସେ କହିଲେ ଅର୍ଜୁନକୁ, ଯାହା ଆଜିଯାଏ ତାଙ୍କର ଅନ୍ତରଙ୍ଗ ଅର୍ଜୁନକୁ କହି ନଥିଲେ । ତାଙ୍କର ପ୍ରାଣପ୍ରିୟ ସଖୀ ଶ୍ରୀରାଧା ପ୍ରାଣପ୍ରିୟତମା ଯାଜ୍ଞସେନୀ (କୃଷ୍ଣା), ଅଷ୍ଟପାଟରାଣୀ, ମା ଯଶୋଦା, ବଡଭାଇ ବଳରାମ କାହାକୁ ସେ କହି ନାହାନ୍ତି ଏ କଥା । ସେ ପୁଣି କହିଲେ ରଣଭୂମିରେ, ଅସମୟରେ, ସ୍ଥାନ, କାଳ, ପାତ୍ରର ଊର୍ଦ୍ଧ୍ୱରେ । ସ୍ଥାନ-ରଣଭୂମି, କାଳ-ଯୁଦ୍ଧକାଳ, ପାତ୍ର-ବୈରାଗୀ ଅର୍ଜୁନ । ସେ ବୁଝାଇ ଚାଲିଛନ୍ତି ଅର୍ଜୁନକୁ ବିଭିନ୍ନ ଭାବରେ, ବିଭିନ୍ନ ଢଙ୍ଗରେ । ଅର୍ଜୁନ କିନ୍ତୁ ନାଚାର । ତାର ଗୋଟିଏ କଥା ସେ ଯୁଦ୍ଧ କରିବ ନାହିଁ । ହିଂସା କରିବ ନାହିଁ । ଜୀବନସାରା ବଣଜଙ୍ଗଲରେ ବୁଲି କଟିଲା । ବାକି ଜୀବନ ସେ ବେଶ୍ ଖୁସିରେ ବଣଜଙ୍ଗଲରେ କାଟି ପାରିବ । ସେ ଅହିଂସା ଜ୍ଞାନ ଲାଭ କରିଛନ୍ତି । ଅହିଂସା ପରମଧର୍ମ ।



ପ୍ରାଣୀହତ୍ୟା ମହାପାପ । ପୁଣି ପ୍ରିୟଜନକୁ ହତ୍ୟା ରାଜଭୋଗ ଲାଗି ଅକ୍ଷୟ ପାପ ।

ଶ୍ରୀକୃଷ୍ଣ ବୁଝାଇଛନ୍ତି କ୍ଷତ୍ରିୟ ଧର୍ମ ପାଳନ କରିବାକୁ । ପାପ-ପୁଣ୍ୟ, ହିଂସା-ଅହିଂସା, ଜୀବନ-ମୃତ୍ୟୁ, ଧର୍ମ-ଅଧର୍ମ, କର୍ମ-ଅକର୍ମ । ସବୁଶୁଣି ଅର୍ଜୁନ ନାହିଁ କରିଛନ୍ତି ଯୁଦ୍ଧ କରିବାକୁ । ସେ ପ୍ରଥମେ ଭକ୍ତି, ପରେ ଯୁକ୍ତି, ଶେଷରେ ଶକ୍ତିର ଆଶ୍ରୟ ନେଇଛନ୍ତି । ସେ ଶ୍ରୀକୃଷ୍ଣଙ୍କୁ ଶ୍ରଦ୍ଧାରେ କହିଛନ୍ତି, ତମେ ମୋର ପ୍ରିୟ ଅନ୍ତରଙ୍ଗ । ତୁମକଥା ମୁଁ ବୁଝୁଛି । ତୁମକଥା ସତ । ଯୁଦ୍ଧ କରିବା କ୍ଷତ୍ରିୟର ଧର୍ମ । ଧର୍ମଯୁଦ୍ଧରେ ଜିତିଲେ ରାଜଭୋଗ, ବୀରଗତି ପାଇଲେ ସ୍ୱର୍ଗପ୍ରାପ୍ତି । କିନ୍ତୁ ତମେ ମୋ କଥା ବୁଝ । ମୁଁ ଯୁଦ୍ଧ କରିବି ନାହିଁ । ରଥ ଫେରେଇ ନିଅ । ମୁଁ ହିଂସା କରିବି ନାହିଁ । ମୋର ଲୋଡାନାହିଁ ରାଜଭୋଗ, ସ୍ୱର୍ଗପ୍ରାପ୍ତି । ଶ୍ରୀକୃଷ୍ଣ କେଉଁଠି ଯୁଦ୍ଧରେ ନିଶ୍ଚିତ ବିଜୟର କଥା କହିନାହାଁନ୍ତି । କହିଛନ୍ତି କ୍ଷତ୍ରିୟ ଧର୍ମପାଳନ କରିବାକୁ, କର୍ମ କରିବାକୁ ଫଳାଫଳ ଆଶା ନ ରଖି । ଅର୍ଜୁନ ଅନ୍ତରଙ୍ଗ ଭାବେ ଶ୍ରୀକୃଷ୍ଣଙ୍କୁ କହିଲେ ତୁମେ ମୋର ବନ୍ଧୁ କଥାମାନି ରଥ ଫେରାଇ ନିଅ । ତୁମେ ସାରଥି, ମୁଁ ରଥୀ ମୋର ନିଷ୍ପତ୍ତି ପାଳନ ତୁମର କର୍ତ୍ତବ୍ୟ । ଶ୍ରୀକୃଷ୍ଣ ନିରବ ରହି ପୁଣି ବୁଝାଇବାରେ ଲାଗିଲେ । ଅର୍ଜୁନ ଯୁକ୍ତି କଲେ ଅହିଂସାର ଆଦର୍ଶ, ଶାନ୍ତିର ମାର୍ଗ ଜୀବନରେ ଶ୍ରେଷ୍ଠ । ସେ ଅହିଂସା ପଥରୁ ନିବୃତ୍ତ ହେବେ ନାହିଁ । ସେ ଯାହା ବୁଝିଛନ୍ତି ଠିକ୍ ବୁଝିଛନ୍ତି । ତୁମ ଜ୍ଞାନ ବିଚାରରେ ତୁମକଥା ଠିକ୍ । ମୋ ଜ୍ଞାନ ବିଚାରରେ ମୋ କଥା ଠିକ୍ । ମୋରକଥା ମାନ, ରଥ ଫେରାଇ ନିଅ । ଶ୍ରୀକୃଷ୍ଣ ବୁଝାଇଲେ ଯୁଦ୍ଧ ସପକ୍ଷରେ ଗାଣ୍ଡିବ ଧରିବାକୁ । ଅର୍ଜୁନ ଶକ୍ତି, ଜ୍ଞାନ-ଶକ୍ତି ବଳରେ ମନାକଲେ । ମୁଁ ମନା କରୁନାହିଁ ଯୁଦ୍ଧ ନହେଉ, ଧର୍ମଯୁଦ୍ଧ ନହେଉ । ମହାଭାରତ ଯୁଦ୍ଧ ବନ୍ଦହେଉ । ପାଣ୍ଡବମାନେ ବିଜେତା ହେବେ ନାହିଁ । ମୁଁ ତୁମ କଥା ବୁଝିପାରୁଚି । ମୁଁ କହୁଛି ଯୁଦ୍ଧହେଉ । ସମସ୍ତେ ଯୁଦ୍ଧ କରନ୍ତୁ । କ୍ଷତ୍ରିୟ ଧର୍ମ ପାଳନ କରନ୍ତୁ କିନ୍ତୁ ମୁଁ ଯୁଦ୍ଧ କରିବି ନାହିଁ । ମତେ କ୍ଷମାକର । ମୁଁ ଅହିଂସା ପଥରୁ ନିବୃତ୍ତ ହେବି ନାହିଁ । ଶ୍ରୀକୃଷ୍ଣ ବଜ୍ର ସ୍ୱରରେ କହିଲେ, ହେ ଅର୍ଜୁନ ମତେ ହିଂସା-ଅହିଂସା, ଧର୍ମ-ଅଧର୍ମ, ପାପ-ପୁଣ୍ୟର ପାଠ ପଢାଉଛୁ । ମୁଁ କଣ ଜାଣି ନାହିଁ, ନା ତୁମେ ଆଗରୁ ଜାଣି ନଥିଲ ? ଯୁଦ୍ଧ କରିବାକୁ କହି ମତେ ସାରଥି ହେବାକୁ ଡାକିଆଣି କହୁଛ ମୁଁ ଯୁଦ୍ଧ କରିବି ନାହିଁ । ଅହିଂସା, ଧର୍ମ, ପୁଣ୍ୟର ପାଠ ପଢାଉଛ ମତେ ? ମୁଁ ବିଶ୍ୱଦର୍ଶନକୁ ବୁଝାଇ ସାରିଲାଣି ତୁମକୁ । ତୁମେ କହୁଛ ଯୁଦ୍ଧ କରିବି ନାହିଁ । ଏ'ତ ଆଚମ୍ବିତ କଥା । ମତେ ଆଗରୁ ମନାକଲ ନାହିଁ କାହିଁକି ? ଏ ଯୁଦ୍ଧକ୍ଷେତ୍ରରେ ପ୍ରସ୍ତୁତ ରଥୀ, ମହାରଥୀ, ସେନା, ସେନାପତି ସମସ୍ତେ କଣ ଅଜ୍ଞାନୀ ? ଅଧର୍ମ କର୍ମରେ ଲିପ୍ତ ହେବାକୁ ଆସିଛନ୍ତି ? ତୁମେ ତାଙ୍କଠାରୁ କେଉଁ ଗୁଣରେ ବଡ ? ତମର ଏତେ ଜ୍ଞାନ ଆସିଲା କେଉଁଠୁ ? ଏ ଧର୍ମ-ବୈରାଗ୍ୟ, କର୍ମ-ବୈରାଗ୍ୟ ହେଲା କେମିତି ? ଅର୍ଜୁନ କ୍ରୋଧିତ ହୋଇ କହିଲେ, ମୁଁ କହୁଛି, ମୁଁ ଏକମାତ୍ର ଯୁଦ୍ଧ କରିବି ନାହିଁ । ସମସ୍ତେ ଯୁଦ୍ଧ କରନ୍ତୁ ମୋର ବିରୋଧ ନାହିଁ । ମତେ ବାଟଛାଡ । ମତେ ଆଉ ବୁଝାଅ ନାହିଁ । ମୁଁ ସବୁ ବୁଝିଛି । ଶ୍ରୀକୃଷ୍ଣ କହିଲେ ତୁମେ ସବୁ ବୁଝିଛ ତେବେ ଗାଣ୍ଡିବ ଉଠାଅ ଯୁଦ୍ଧ କର । ଅର୍ଜୁନ ମନାକଲେ । ଶ୍ରୀକୃଷ୍ଣ କହିଲେ ଆଉ କଣ ବୁଝିଛୁ ? ଏଇ ଦେଖ ବିଶ୍ୱ ବ୍ରହ୍ମାଣ୍ଡରେ ତୁମର ଅସ୍ତିତ୍ୱ କେତେ ଟିକିଏ । ତୁମର ଜୀବନକାଳ କେତେ ସ୍ୱଳ୍ପ । ତୁମେ ବିଶ୍ୱର ପାଳନକର୍ତ୍ତା ନୁହଁ । ତୁମଦ୍ୱାରା କିଛି ହେଉନାହିଁ । ତୁମେ କିଏ ? କେତେ ସ୍ୱାଧୀନ, ତମେ ଜାଣିଛ ? ଅର୍ଜୁନ କହିଲେ ମୁଁ କିଛି ନୁହେଁ ମତେ ବାଧ୍ୟ କରନ୍ତୁ ନାହିଁ । ମୁଁ ଯୁଦ୍ଧ କରିବି ନାହିଁ ।

ମୁଁ ଅହିଂସା, ଧର୍ମ, ପୁଣ୍ୟପଥରୁ ହଟିବି ନାହିଁ । ଶ୍ରୀକୃଷ୍ଣ ଅବିଚଳିତ ଭାବରେ କହିଲେ, ଅର୍ଜୁନ ମତେ ଅହିଂସା, ଧର୍ମ ଜ୍ଞାନ କଥା କହୁଛୁ । ମୁଁ କଣ ଜାଣି ନାହିଁ, ତୁ କଣ ଦେବତା ହୋଇଗଲୁ ଦେବତା ? ଏତେ ଜ୍ଞାନ ଥିଲେ କଣ ହେଲା ତୁମେ ତୁମର ନୁହଁ, ତୁମଦ୍ୱାରା ପରିଚାଳିତ ନୁହଁ, ତୁମେ ତୁମପାଇଁ ନୁହଁ । ତେଣୁ ମୁଁ କହୁଛି ତୁମେ ଯୁଦ୍ଧ କରିବ । ମୁଁ କହୁଛି ତୁମେ କରିବ । ଅର୍ଜୁନ ଉତ୍‌କ୍ଷିପ୍ତ ହୋଇ କହିଲେ ମୁଁ ବାରମ୍ବାର ମନା କରୁଛି, ମତେ କାହିଁକି କହୁଛ ଯୁଦ୍ଧ କରିବାକୁ ? ମୁଁ ଯୁଦ୍ଧ ନ କଲେ କଣ ଯୁଦ୍ଧ ବନ୍ଦ ହୋଇଯିବ ? ମୁଁ କଣ ତୁମର ରଥର ଚକ ତୁମେ କହିଲେ ଚାଲିବି, ଚାହିଁଲେ ବନ୍ଦ ହୋଇଯିବି ?

ଶ୍ରୀକୃଷ୍ଣ : ଅର୍ଜୁନ ! ତୁ ଠିକ୍ ବୁଝିପାରିଲୁ ତୁ ମୋର ରଥର ଚକ । ଯିଏ ମୋ ରଥର ଚକ ମୁଁ ଯାହା ରଥର ସାରଥି, ସିଏ ଯେତେବଡ ମହାରଥୀ ହୋଇଥାଉ ତାର ଅନ୍ୟଗତି ନାହିଁ ।

ଅର୍ଜୁନ : ରଥୀର ଆଦେଶ ପାଳନ ସାରଥିର କର୍ତ୍ତବ୍ୟ । ତମେ ମୋର ନିର୍ଦ୍ଦେଶ ପାଳନ କର । ରଥ ଫେରାଅ ।

ଶ୍ରୀକୃଷ୍ଣ : ହଁ ତାହା ସହିତ ତୁମର ସୁବିଧା, ସୁରକ୍ଷା ମୋର ପ୍ରଥମ କର୍ତ୍ତବ୍ୟ ତୁମେ କାହିଁକି ଭୁଲିଯାଉଛ ? ତମେ ଚେତନ ବା ମୃତ ବା ମୂର୍ଚ୍ଛାଗଲେ ମତେ ମୋର ଜ୍ଞାନ ମତେ ଦାୟିତ୍ୱ ନିର୍ବାହ କରିବାକୁ ପଡିବ । ରଥ ଫେରାଇନେଲେ ସମସ୍ତେ କଣ କହିବେ ? ତମକୁ ? କଣ କହିବେ ମୋତେ ? ଜାଣିଛ ? ଏହା ସମସ୍ତଙ୍କ ପାଇଁ ଅପମାନଜନକ ? ଶତ୍ରୁ ବି ସ୍ୱାଗତ କରିବ ନାହିଁ ବିନା ଯୁଦ୍ଧରେ ପ୍ରତ୍ୟାବର୍ତ୍ତନକୁ । ମୋର କର୍ତ୍ତବ୍ୟ କଣ ତମେ ଠିକ୍ ବୁଝିପାରୁଛ । ତୁମେ ଗାଣ୍ଡିବ ଉଠାଅ । ଯୁଦ୍ଧ କର ।

ଅର୍ଜୁନ : ଚିତ୍କାର କରି କହିଲେ ନା... ନା...ନା... ମୁଁ ଯୁଦ୍ଧ କରିବି ନାହିଁ ।

ଶ୍ରୀକୃଷ୍ଣ : ନିରୁପାୟ ହୋଇ ହସିଲେ ସ୍ମିତ ହାସ୍ୟ । ବିଶ୍ୱବ୍ରହ୍ମାଣ୍ଡକୁ ଧରି ରଖିପାରିବାର ଅକଳ୍ପନୀୟ ଶକ୍ତିର ଉତ୍ସ ସେଇ ଚିର ସୁନ୍ଦର ଅର୍ଦ୍ଧ ଉନ୍ମୀଳିତ ଅଧରର ସ୍ମିତହାସ୍ୟ । ଶ୍ରୀକୃଷ୍ଣ କହିଲେ, ଅର୍ଜୁନ ଦେଖ ମୋତେ ଦେଖ । ଦେଖ ମୋର ବିଶ୍ୱରୂପ । ବିଶ୍ୱଦର୍ଶନ । ମା ଯଶୋଦା ଦେଖିଥିଲେ ମୋର ମାଟିଖିଆ ପାଟିଭିତରେ ପିଲାଦିନେ ବିଶ୍ୱବ୍ରହ୍ମାଣ୍ଡର ଘୂରିବୁଲୁଥିବା ରୂପକାନ୍ତି । ପୁଣି ଦୁର୍ଯ୍ୟୋଧନର ରାଜ ସଭାରେ ତୁମମାନଙ୍କ ପାଇଁ ପାଞ୍ଚଖଣ୍ଡ ପଡା ମାଗିବାରୁ ଦୁର୍ଯ୍ୟୋଧନ ମୋତେ ବନ୍ଦୀ କରିବାକୁ ନିର୍ଦ୍ଦେଶ ଦେବାରୁ ମୋର ବିଶ୍ୱରୂପର ଦିବ୍ୟ ଜ୍ୟୋତିରେ ସମସ୍ତେ ଅନ୍ଧ ହୋଇଯାଇଥିଲେ, ମତେ ଦେଖିଥିଲେ ପିତାମହ ଭୀଷ୍ମ ପ୍ରଣିପାତ ହୋଇ । ତମେ ଏଥର ଦେଖ ବିଶ୍ୱବ୍ରହ୍ମାଣ୍ଡର ପ୍ରତିଟି ଘଟଣା, ଦୁର୍ଘଟଣା, ଅତୀତ, ବର୍ତ୍ତମାନ, ଭବିଷ୍ୟତ, ଜୀବନ ମୃତ୍ୟୁ ପ୍ରବାହର ଚିତ୍ରପଟ ।

ଅର୍ଜୁନ : ବିଶ୍ୱରୂପ ଦର୍ଶନ କରି ଅର୍ଜୁନଙ୍କ ମୋହ କଟିଗଲା ଯେତେବେଳେ ସେ ଦେଖିଲେ ଅର୍ଜୁନ ଯୁଦ୍ଧଭୂମିରେ ଛିଡାହୋଇ ଯୁଦ୍ଧ କରୁଛି । ତୁମେ କିଏ ? ସେ କହିଲେ ବନ୍ଦକର ପ୍ରଭୁ ବନ୍ଦକର । ମୁଁ ତୁମକୁ ବୁଝିପାରୁଛି । ମତେ କ୍ଷମାକର । ମୁଁ ଯୁଦ୍ଧ କରିବି ।

ଶ୍ରୀକୃଷ୍ଣ : ମୁଁ ସବୁକିଛି । ତୁମେ କହିଲେ, ମୁଁ କହିବି କିଛିନୁହେଁ । ମୁଁ ସବୁଠି ଅଛି, ତୁମେ କହିଲେ ମୁଁ କହିବି କେଉଁଠି ନାହିଁ । ମୁଁ କହିବି ପଙ୍ଗୁ, ତୁମେ କହିଲେ ପଙ୍ଗୁ, ମୁଁ କହିବି ସେ ପର୍ବତ ଲଙ୍ଘିବ । ମୁଁ ଜ୍ଞାନ-ଅଜ୍ଞାନ, ପାପ-ପୁଣ୍ୟ, ହିଂସା-ଅହିଂସା, କର୍ମ-ଅକର୍ମ, ଧ୍ୱଂସ-ସୃଷ୍ଟି-ପାଳନ ସବୁ । ହଁ-ନାହିଁର ମଧ୍ୟବିନ୍ଦୁ ମୁଁ । ମୋର ଗତି, ଶକ୍ତି, ବ୍ରହ୍ମା, ଶଙ୍କରଙ୍କୁ ଅଗୋଚର । ପ୍ରାଣୀ ଛାର, ସେ ତ ମାୟା ବନ୍ଧନରେ ବନ୍ଧା ।

ଅର୍ଜୁନ : ପ୍ରଭୁ, ତୁମେ କେଉଁଠି ଥାଅ ?

ଶ୍ରୀକୃଷ୍ଣ ହସିଲେ, ମୁଁ ! କହିଲେ ମନେପଡୁଛି ନାରଦ ପଚାରିଥିଲେ କହିଥିଲି, ନହମ୍ ତିଷ୍ଠାମି ବୈକୁଣ୍ଠେ ଯୋଗୀନା ହୃଦୟେ ନ ଚ ,

ମଦ୍ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦଃ ।

ହେ ଅର୍ଜୁନ ମୋର ଲୀଳା କୀର୍ତ୍ତନରେ, ଗୁଣଗାନରେ ପ୍ରାଣୀ ମତେ ଅନୁଭବ କରି ଚିରଶାନ୍ତି, ପ୍ରୀତି, ସୁଖ ଲାଭକରେ ।

ଅଶୋକ : ଧନ୍ୟ କଳାବତୀ, ଧନ୍ୟ ତୁମର ବାଗ୍ମିତା, ତୁମରି ତେଜାମୟ ବ୍ୟାଖ୍ୟା ମତେ ଅଭିଭୂତ କରିଦେଉଛି । ଏତେ ପାଣ୍ଡିତ୍ୟ ପାଇଲ କେଉଁଠୁ ? ଗୀତାର ମର୍ମ ରହସ୍ୟ ଏତେ ମର୍ମସ୍ପର୍ଶୀ, ମୁଁ ବୁଝି ନଥିଲି ।

କଳାବତୀ : ଭଗବାନଙ୍କୁ ବୁଝିବାର ଶକ୍ତି ମଣିଷର କାହିଁ ? ତାର ସୀମିତ ଜୀବନ କାଳରେ 'ଭଗବାନ' ଶବ୍ଦଟିଏ ଲେଖିବାକୁ ୧୨ ବର୍ଷ, ତାଙ୍କର ଲୀଳା ରହସ୍ୟ ଜାଣିବାକୁ ୧୨ ବର୍ଷ, ତାଙ୍କର ସେବା ପୂଜା କରିବାକୁ ୩୦ ବର୍ଷ ଲାଗେ । ଆଉ ସମୟ କାହିଁ ତାଙ୍କୁ ବୁଝିବାକୁ ? ବୁଢାକାଳେ ବ୍ରହ୍ମଜ୍ଞାନ । ବାନପ୍ରସ୍ଥ ଅବସ୍ଥାରେ ଅସମ୍ଭବ । ଯୋଗୀ, ମୁନିଋଷିମାନେ ତାଙ୍କୁ ବୁଝିବାକୁ କେତେ କଠୋର ତପ ଆଚରଣ କରିଛନ୍ତି । କିଏ ଭକ୍ତି, ପ୍ରୀତି, ଶକ୍ତି, ଜ୍ଞାନ, ଦର୍ଶନ, ବିଜ୍ଞାନ, ଯୁକ୍ତି, ମୁକ୍ତିର ମାର୍ଗ ବାଛିଛନ୍ତି ତଥାପି ସେ ରହସ୍ୟମୟ ଯେଉଁ ରହସ୍ୟର ଶେଷ ନାହିଁ । ଏକରୁ ଅନେକ, ଅନେକରୁ ଏକ । ସେ ଅନନ୍ତ । ମହୋଦଧି କୂଳରେ ମାଠିଆର ଶକ୍ତି ଭଳି ମଣିଷର ଶକ୍ତି ସୀମିତ ତାଙ୍କୁ ବୁଝିବାକୁ । ମଣିଷର ସୃଷ୍ଟି ମାଟି, ଆକାଶ, ପାଣି, ପବନ, ପଶୁ, ପକ୍ଷୀ,ପାହାଡ, ପର୍ବତ ଭଳି । ସେ ପ୍ରକୃତିର ଅଂଶ । ଈଶ୍ୱରଙ୍କ ଲୀଳା ରାଜ୍ୟରେ ସେ ଅବଗାହନ କରୁଛି ଦୁଃଖ, ସୁଖ, ଆନନ୍ଦ, ଅଶ୍ରୁର ଅନୁଭବ ଭିତରେ । ଆମେ ତାଙ୍କରି ସୃଷ୍ଟି, ତାଙ୍କ ପାଇଁ ସୃଷ୍ଟି, ତାଙ୍କରି କର୍ମ କରିବାକୁ, ତାଙ୍କ ଢଙ୍ଗରେ, ନିଜସ୍ୱ ଢଙ୍ଗରେ, ଛନ୍ଦରେ, ସେ ରହସ୍ୟ କେହି ଜାଣିପାରେ ନାହିଁ ତେଣୁ ପରସ୍ପର ଭିତରେ ଏତେ ଭୟ, ବିଭେଦ, କଳିଗୋଳ । ଜୀବନରେ ଭଲମନ୍ଦ, ପାପପୁଣ୍ୟ ସବୁକଥା ଆମରି ମନବୁଝା ମନଗଢା କଥା । ତାଙ୍କ ପାଖରେ ସବୁ ମଙ୍ଗଳକର । ମଙ୍ଗଳମୟ । ସେଇ ମଙ୍ଗଳମୟଙ୍କ ଶ୍ରୀଚରଣରେ ନିଜକୁ ସମର୍ପଣ କରି, ମନପ୍ରାଣ ଦେଇ ଉଚ୍ଚକର୍ମରେ ଲାଗିରୁହ, ଉଚ୍ଚଆଶା ରଖ । ଏଇ ଆଶା ତୁମକୁ ଦିନେ ସାଫଲ୍ୟ ଆଣିଦେବ, ମୋ ମନ କହୁଛି, ମୋ ଆତ୍ମା କହୁଛି, ମୋ ଅନ୍ତରର କମ୍ପନ ତୁମେ ଅନୁଭବ କର । ସତ୍ୟ ଅନୁଭବର ରୋମାଞ୍ଚ ମତେ କେମିତି ଉନ୍ମନା କରି ଦେଉଛି । ତୁମେ ପାରିବ କୁମାର, ତୁମେ ପାରିବ...

ଅଶୋକ : ହଁ ପାରିବି... ଯାହାଙ୍କ ଇଚ୍ଛାରେ ପଙ୍ଗୁ ଲଙ୍ଘୟତି ଗିରି ତାଙ୍କୁ କୋଟି କୋଟି ପ୍ରଣାମ । ଈଶ୍ୱରଙ୍କ ବିପୁଳ ବ୍ୟାପ୍ତିକୁ ବୁଝି ନ ପାରି କାହିଁକି ମଣିଷ ଅସହାୟ ହୋଇପଡେ ? ତାଙ୍କୁ ଅସ୍ୱୀକାର କରେ ?

କଳାବତୀ : ଯେଉଁମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରନ୍ତି ସେମାନେ ନାସ୍ତିକ ।

ମାନବ ଜଗତରେ ଏଇ ନାସ୍ତିକମାନେ ନିନ୍ଦୁକ ନୁହଁନ୍ତି । ଏମାନେ ମହାଶକ୍ତି ଉପରେ ବିଶ୍ୱାସ ରଖିଥାନ୍ତି, ଦେହଧାରୀ ଭଗବାନଙ୍କୁ ଅସ୍ୱୀକାର କରନ୍ତି । ସେମାନଙ୍କର ସଂଖ୍ୟା କେତେ ବା ସଂସାରରେ ? ଆସ୍ତିକଙ୍କ ଲମ୍ବାଧାଡି ପାଖରେ ନାସ୍ତିକଟିଏ ଛିଡା ହେଲେ ତାର ସୀମିତ ଅସ୍ତିତ୍ୱ ବାରି ହୋଇପଡେ । ନିଖୋଜ ହେଲା ପରି ଲାଗେ ତାର ବିଶ୍ୱାସ, ତାର ସତ୍ତା । ଜୀବନରେ ବୟସ ଅନୁସାରେ ଜ୍ଞାନ ବଦଳେ, ବିଶ୍ୱାସ ବଦଳେ । ସମୟ ଆସିବ ଯେତେବେଳେ ସେମାନେ ଜ୍ଞାନ, ବିଶ୍ୱାସ ବଳରେ ଇଶ୍ୱରଙ୍କୁ ସ୍ୱୀକାର କରିବେ ଏଥିରେ ସନ୍ଦେହ ନାହିଁ ।

ଅଶୋକ : ଇଶ୍ୱର ମହାନ୍ , ଧନ୍ୟ ତାଙ୍କର ସୃଷ୍ଟି । ଧନ୍ୟ ତାଙ୍କର ଇଚ୍ଛା, ମଙ୍ଗଳମୟ, କରୁଣାମୟ, କଲ୍ୟାଣମୟ ।

କଳାବତୀ : ତାଙ୍କର ଇଚ୍ଛା ପୂର୍ଣ୍ଣ ହେଉ । ତାଙ୍କ ଉପରେ ଭରସା ରଖି କର୍ମ ପଥରେ ଲାଗିରୁହ । ଜୀବନ ତୁମର ସାର୍ଥକ ହେବ ।

## ଅବୈଧ ରାଜଦୂତ

କଳିଙ୍ଗର ରାଜଦରବାରରେ ଅଶୋକ ସୁଚାରୁରୂପେ ରାଜକାର୍ଯ୍ୟ ସମ୍ପାଦନା କରୁଥିଲେ । ନିଜର ନିଷ୍ଠା, କର୍ମତତ୍ପରତା, ଓ ମିଷ୍ଟଭାଷା ଯୋଗୁଁ ସମସ୍ତଙ୍କ ପ୍ରୀତିଭାଜନ ହୋଇଥିଲେ । ମଗଧ ଓ କଳିଙ୍ଗର ସମ୍ପର୍କ ସୁଦୃଢ଼ ଓ ସମୃଦ୍ଧ ହୋଇଥିଲା । ପିତା ବିମ୍ବିସାରଙ୍କ ନିର୍ଦ୍ଦେଶ ଅନୁସାରେ କଳିଙ୍ଗର ଶକ୍ତି, ସେନାଛାଉଣୀ, ଦୁର୍ଗ, ଗଡ଼ଖାଇ, ସୈନ୍ୟଚାଳନା ଓ ଗତିବିଧି ସମ୍ପର୍କରେ ବଣିକମାନଙ୍କ ହାତରେ ଗୁପ୍ତରେ ସମ୍ବାଦ ପଠାଉଥିଲେ । ଗୁପ୍ତ ସମ୍ବାଦ ମହାରାଜାଙ୍କ ହସ୍ତଗତ ହେବାକ୍ଷଣି ସେ ଅଶୋକଙ୍କୁ ଆଶୀର୍ବାଦ କରୁଥିଲେ, ଜୀବନରେ ଯଶସ୍ୱୀ ହେବାପାଇଁ । ବଣିକମାନଙ୍କଠାରୁ କୁଶଳବାର୍ତ୍ତା ପଚାରି ବୁଝୁଥିଲେ । ଅଶୋକ କଳିଙ୍ଗରାଜ ସଭାରେ ସମସ୍ତଙ୍କର ପ୍ରିୟମାଣ । ତାଙ୍କର ବୁଦ୍ଧି ବିଦ୍ୟାରେ ମହାରାଜା ପ୍ରୀତ,ପ୍ରସନ୍ନ । ଉଜ୍ଜ୍ୱଳ ଭବିଷ୍ୟତ କାମନାରେ ନିମଗ୍ନ । କଳିଙ୍ଗ ବିଜୟର ସ୍ୱପ୍ନ ତାଙ୍କର ଅନେକ ଦିନର । ମଗଧ ସେନାଙ୍କୁ ଉପଯୁକ୍ତ ସମର କୌଶଳ ସହ ଗୋପନରେ ସେନା ବୃଦ୍ଧି କରୁଥିଲେ । ବିଶାଳ ମଗଧ ସାମ୍ରାଜ୍ୟରେ ସମସ୍ତ କ୍ଷମତାର କେନ୍ଦ୍ର ହୋଇ ରାଜ୍ୟ ଖବର ବୁଝୁଥିଲେ । ଥରେ ସେ ଅସୁସ୍ଥ ହୋଇ ପଡ଼ିଲେ । ମହାପାଟରାଣୀ ମହାରାଜାଙ୍କର କାର୍ଯ୍ୟ ଦେଖା ଶୁଣା କରୁଥିଲେ । ଦୁର୍ଯୋଗକୁ ଗୁପ୍ତରେ ବଣିକ ଜଣେ ମହାରାଜଙ୍କ ଦର୍ଶନ ନିମିତ୍ତ ଅଭିଳାଷ ଜଣାନ୍ତେ ମହାରାଣୀ ବଣିକଙ୍କୁ ଆଗମନର କାରଣ ପଚାରୁଥିଲେ

ମହାରାଣୀ : ବଣିକ ଆସିବାର ଅଭିପ୍ରାୟ ?

ବଣିକ : ରାଣୀମା ! ମୁଁ ମହାରାଜଙ୍କର ଦର୍ଶନ ନିମିତ୍ତ ଆସିଥିଲି ।

ମହାରାଣୀ : ବ୍ୟବସାୟ ବାଣିଜ୍ୟରେ ବାଧା ସୃଷ୍ଟି ହୋଇଛି କି ? ମହାରାଜା ଅସୁସ୍ଥ ।

ବଣିକ : ନା.. ରାଣୀମା ।

ମହାରାଣୀ : ତେବେ । ରାଜ୍ୟ ଖବର ନେଇଆସିଛୁ

ବଣିକ : ରାଜ୍ୟ ଖବର ଆଣିବା ଶୁଣି ଇତସ୍ତତଃ ହୋଇ ଚାହିଁଲା । ମହାରାଜା ଅସୁସ୍ଥ ତେଣୁ



ମହାରାଜା ମହାରାଣୀଙ୍କୁ ଗୋପନୀୟ ଗୁପ୍ତଖବର ସମ୍ବନ୍ଧରେ ନିର୍ଦ୍ଦେଶ ଦେଇଛନ୍ତି ନଚେତ୍ ମହାରାଣୀ ରାଜ୍ୟ ଖବରକଥା କହି ନଥାନ୍ତେ । ଏପରି ମହାରାଣୀଙ୍କ ସନ୍ଦେହୀ ଆଖିରେ ଧରାପଡ଼ିଲା ବଣିକ ।

ମହାରାଣୀ : ବଣିକକୁ ଆଦର ପୂର୍ବକ ବସାଇ ପଚାରିଲେ ରାଜ୍ୟର ହିତ ଖବର ଜଣାଇବାକୁ ।

ବଣିକ : ଯତ୍ନରେ ଆଣିଥିବା ତାମ୍ରମୁଦ୍ରା ରାଣୀମା'ଙ୍କୁ ଦେଲା ରାଜଦୂତ ଅଶୋକ କଳିଙ୍ଗରୁ ପଠାଇଛନ୍ତି । ଏଥିରେ ଗୁପ୍ତ ଖବର ଖୋଦିତ ହୋଇଛି । ରାଣୀମା ପ୍ରୀତହସି ବଣିକକୁ ଅର୍ଥଦେଲେ କୁଶଳରେ ଯାତ୍ରା ନିମିତ୍ତ ବିଷାକ୍ତ ଭୋଜନ ଦେଇ) ବଣିକର ବିଦାୟ ପରେ ହସି ଉଠିଲେ କ୍ରୂର କପଟ ହସ, କାଳ ନାଗୁଣୀର ହସ ।

ମଗଧର ମହାରାଣୀଙ୍କ ଓଠରେ ପୈଶାଚିକ ହସ । ଏତେଦିନ ଧର୍ମାର ଅଧର୍ମ ସନ୍ତାନ ଅଶୋକକୁ ଶେଷ କରି ଦେବାକୁ ସମୟ ଆସିଛି । ମଗଧଠାରୁ ଅନେକ ଦୂରରେ କଳିଙ୍ଗରେ ଗୁପ୍ତଚର ବୃତ୍ତି ଅପରାଧରେ ଅଶୋକ ପାଇବ ଫାଶିଦଣ୍ଡ । ମଗଧ ସାମ୍ରାଜ୍ୟର କଳଙ୍କ ସବୁଦିନ ପାଇଁ ଲିଭିଯିବ । ଜ୍ୟୋତିଷର ଭବିଷ୍ୟତବାଣୀ ମିଥ୍ୟା ହେବ ଏବଂ ମୋର ପ୍ରିୟ ବଡ଼ପୁତ୍ର ସୁମନ ରାଜ ସିଂହାସନ ଲାଭ କରିବ । ଅନେକ ରଙ୍ଗୀନ କଳ୍ପନାରେ ଉଛୁଳି ଉଠୁଥିଲେ ସେ । ମନେ ମନେ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରୁଥିଲେ କଳିଙ୍ଗ ରାଜାଙ୍କ ପାଖକୁ ଅଶୋକର ଅବୈଧ କାର୍ଯ୍ୟ ଅବଗତ କରିବାକୁ । ଚିଠିଟିଏ ଲେଖି ରାଜମୁଦ୍ରିକା ଅଙ୍କିତ କରିବା ପୂର୍ବରୁ ମହାରାଣୀ ପଢୁଥିଲେ ଶେଷଥର ପାଇଁ ଅଶୋକର ମୃତ୍ୟୁବାର୍ତ୍ତା ।

ପ୍ରିୟ କଳିଙ୍ଗ ମହାରାଜାଙ୍କୁ ମଗଧର ଶୁଭେଚ୍ଛା । ଆଶା କୁଶଳରେ ଥିବେ । ମଗଧ ଓ କଳିଙ୍ଗର ହିତପାଇଁ ଏହି ପତ୍ରର ଗୋପନୀୟତା ରକ୍ଷାକରିବେ । ଉଭୟ ବନ୍ଧୁ ରାଷ୍ଟ୍ରଙ୍କ ମଧ୍ୟରେ ଅଯଥା ସନ୍ଦେହ ସୃଷ୍ଟିକରି ଶାନ୍ତି ଓ ସ୍ୱାଧୀନତାକୁ ବିପନ୍ନ କରିବା ପାଇଁ ଅବୈଧ ରାଜପୁତ୍ର, ରାଜଦୂତ ଅଶୋକ ରାଷ୍ଟ୍ର ବିରୋଧୀ କାର୍ଯ୍ୟ କଳାପରେ ଲିପ୍ତଥିବାରୁ ମଗଧରାଜ ମର୍ମାହତ ଓ ଶଯ୍ୟାଶାୟୀ । ବନ୍ଧୁରାଷ୍ଟ୍ରର ମର୍ଯ୍ୟାଦା ପାଇଁ କଳିଙ୍ଗ ବିରୁଦ୍ଧରେ ଗୋପନୀୟ କାର୍ଯ୍ୟ ନକରିବାକୁ ମଗଧର ମହାରାଜାଙ୍କର କଠୋର ନିର୍ଦ୍ଦେଶ ସତ୍ତ୍ୱେ ଅବୈଧ ଅଶୋକ ଗଭୀର ଷଡ଼ଯନ୍ତ୍ରରେ ଲିପ୍ତ । ରାଷ୍ଟ୍ରଦ୍ରୋହ ଅପରାଧର ବିଚାର ପୂର୍ବକ ଦଣ୍ଡ ବିଧାନ କରାଗଲେ ମଗଧରାଜଙ୍କ ଆପତ୍ତି ରହିବ ନାହିଁ ।

(ଇତି) ।

ମଗଧର ମହାରାଣୀ ।

ମହାରାଣୀ ନିଜର ଜଣେ ବିଶ୍ୱସ୍ତ ସେବକକୁ ପତ୍ରସହ ଅଶୋକ ପଠାଇଥିବା ତାମ୍ରମୁଦ୍ରା ଦେଇ କଳିଙ୍ଗର ରାଜଦରବାରରେ ଗୋପନରେ ରାଜାଙ୍କୁ ଦେବାକୁ ପଠାଇଲେ । କଳିଙ୍ଗରାଜା ମଗଧ ମହାରାଣୀଙ୍କର ଗୋପନୀୟ ପତ୍ର ଓ ଅଶୋକଙ୍କର ଗୁପ୍ତବାର୍ତ୍ତା ଖୋଦିତ ମୁଦ୍ରାଦେଖି ବିସ୍ମିତ ଓ ବ୍ୟଥିତ ହେଲେ । ମହାମନ୍ତ୍ରୀଙ୍କସହ ମନ୍ତ୍ରଣାକରି ଅଶୋକଙ୍କୁ ଗିରଫ କରାଯାଇ କାରାଗାରରେ ରଖାଗଲା । ରାଷ୍ଟ୍ରଦ୍ରୋହ ଅପରାଧର ବିଚାର ବେଳେ ସମଗ ରାଜସଭାରେ ଅଶେକଙ୍କୁ ତୀବ୍ର ଭାବରେ ଲାଞ୍ଛିତ କରାଗଲା । ଅବୈଧ ରାଜପୁତ୍ରର ଅବୈଧ କାର୍ଯ୍ୟ, ଅବୈଧ ରାଜଦୂତର ଅତିବଡ଼ୀ କାର୍ଯ୍ୟ । ଏହିଭଳି କଠୋର ବାକ୍ୟ ବାଣରେ ନିନ୍ଦିତ ଅଶୋକଙ୍କୁ ନିସ୍ତୁକ ପ୍ରହାର କରାଗଲା ଓ ମୃତ୍ୟୁଦଣ୍ଡ ଘୋଷଣା କରାଗଲା । ଘଟଣା ସବୁ ଏପରି ନାଟକୀୟ ଭାବରେ ଘଟିଥିଲା ଅଶୋକ

ବିଶ୍ୱାସ କରି ପାରିଲେନି ନିଜକୁ । ମୃତ୍ୟୁର ଲୋମଶ ନୀଳହାତ ଧାଇଁଆସୁଛି ଯେମିତି ମହାକାଳ ଗର୍ଭରୁ ବିନାବାଧାରେ । ସେ ଆସାଡ଼ ହୋଇ କାରାଗୃହରେ ଅଶ୍ରୁତର୍ପଣ କରୁଥିଲେ, ମା' ଧର୍ମାଙ୍କର ଅଶ୍ରୁ ସଜଳ ଉଜ୍ୱଳ ମୁଖମଣ୍ଡଳ ଦେଖି ! ହାୟ ବିଧାତା, ହାୟ ମୋର ଜୀବନ ।

ଘନ ତିମିରପୂର୍ଣ୍ଣ କାରାଗାର ମଧ୍ୟରେ ବନ୍ଦୀ ଅଶୋକ । କାରାଗୃହର ଚତୁର୍ଦ୍ଦିଗରେ ରକ୍ଷୀମାନେ ପ୍ରହରାରତ । ପାଗଳଙ୍କ ପରି ଅଶୋକ ପଦଚାରଣ କରୁଥିଲେ କାରାବକ୍ଷର ଏ କୋଣରୁ ସେ କୋଣ । ବହୁ ଘାତ ପ୍ରତିଘାତ ଭିତରେ ବଞ୍ଚିରହି ଶେଷକୁ ଜନ୍ମମାଟି ମଗଧଠାରୁ ଅନେକ ଦୂରରେ, ମା'ଧର୍ମାଙ୍କଠାରୁ ଅନେକ ଦୂରରେ ସେ ପ୍ରାଣ ବିସର୍ଜନ କରିବେ । ହୃଦୟ ତାଙ୍କର ଫାଟି ପଡୁଥିଲା ଦୁଃଖରେ । ତାଙ୍କ ବିରୁଦ୍ଧରେ ହୋଇଥିବା ଜଘନ୍ୟ ଷଡ଼ଯନ୍ତ୍ର ମଗଧର ମହାରାଣୀଙ୍କ ବିନା ସମ୍ଭବ ନୁହେଁ । ଗୁପ୍ତବାର୍ତ୍ତା ଖୋଦିତ ମୁଦ୍ରା ମହାରାଜାଙ୍କ ହସ୍ତଗତ ହେବା ପୂର୍ବରୁ ମହାରାଣୀ ନିଜେ ହସ୍ତଗତ କରିଛନ୍ତି । କଳିଙ୍ଗର ରାଜସଭାରେ ରାଜଦୂତଙ୍କୁ ଅବୈଧ ରାଜପୁତ୍ରର ଅବୈଧ କାର୍ଯ୍ୟ, ଅବୈଧ ରାଜଦୂତର ଅତିବଡ଼ୀ କାର୍ଯ୍ୟ କହି ନିଷ୍ଠୁର ବେତ୍ରାଘାତ କରି ପ୍ରାଣଦଣ୍ଡ ହେବା ରାଜନୀତି କୂଟନୀତି ବିରୁଦ୍ଧ । ଆପତ୍ତିଜନକ କାର୍ଯ୍ୟ ପାଇଁ ରାଜଦୂତଙ୍କୁ ବହିଷ୍କାର କରାଯାଇଥାଏ । ଅଥଚ ଅଶୋକର ମୃତ୍ୟୁ ଦଣ୍ଡା କଣ ଅପରାଧ କରିଥିଲି ମୁଁ ? ଗୁପ୍ତ ଖବର ପଠାଇବା ଗୁପ୍ତଚର ବୃତ୍ତି ହୋଇପାରେ । କିନ୍ତୁ ଚୌର୍ଯ୍ୟବୃତ୍ତି ନୁହେଁ । ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ଶାନ୍ତି ଓ ସୁରକ୍ଷା ପାଇଁ ଏହା ଅପରିହାର୍ଯ୍ୟ । ଏହାଦ୍ୱାରା ଉଭୟ ରାଷ୍ଟ୍ର ମଧ୍ୟରେ ସନ୍ଦେହ, ଆଶଙ୍କା, ଭୟର ଗୋପନୀୟ କଳାମେଘ ଦୂରେଇ ଯାଇଥାଏ । କାରଣ ପ୍ରକାଶିତ ତଥ୍ୟ ଅନେକ ସମୟରେ ମିଥ୍ୟା, ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥାଏ । ପ୍ରକାଶିତ ତଥ୍ୟର ସଠିକତା ପାଇଁ ଗୋପନୀୟ କାର୍ଯ୍ୟର ଆବଶ୍ୟକତା ଅପରିହାର୍ଯ୍ୟ । ଏହାଦ୍ୱାରା ବିଶ୍ୱାସ ଦୃଢ଼ୀଭୂତ ହୋଇଥାଏ । ସ୍ୱାର୍ଥ ସୁରକ୍ଷିତ ରହେ । ମତେ ବହିଷ୍କାର ନକରି ଏଭଳି ନିର୍ଯାତନା ଓ ପ୍ରାଣଦଣ୍ଡ ଦେଇ କଳିଙ୍ଗ ରାଜ ବର୍ବର କାର୍ଯ୍ୟ କରିଛନ୍ତି । ରାଜଦୂତର ପରିଚୟ ରାଜଦୂତ । ଅବୈଧ ରାଜପୁତ୍ର, ଅବୈଧ ରାଜଦୂତର ଅତିବଡ଼ୀ କାର୍ଯ୍ୟ କହି ମତେ ସର୍ବସମକ୍ଷରେ ଲାଞ୍ଛିତ କରିବା ପଛରେ ମଗଧର ମହାରାଣୀଙ୍କ ହାତ ରହିଛି ଏହା ନିଃସନ୍ଦେହ । ମତେ ଓ ମୋର ମା'କୁ ଅପମାନିତ କରି କଳିଙ୍ଗରାଜା ହିତାହିତ ଜ୍ଞାନ ହରାଇଛନ୍ତି । ବିଚାରଶକ୍ତି ତାଙ୍କର ଲୋପ ପାଇଯାଇଛି । ନଚେତ୍ ସେ ଏପରି ହିଂସ୍ର ଆଚରଣ କରିନଥାନ୍ତେ । ଗୁପ୍ତଚର କାର୍ଯ୍ୟକୁ ରାଷ୍ଟ୍ରଦ୍ରୋହ କାର୍ଯ୍ୟ, ରାଷ୍ଟ୍ର ବିରୋଧୀ କହି ପ୍ରାଣଦଣ୍ଡ ଦେବାଠାରୁ ବଳି ନିନ୍ଦନୀୟ କାର୍ଯ୍ୟ କ'ଣ ଅଛି ?

ଈଶ୍ୱରଙ୍କ ବିଚିତ୍ର ବିଚାର ବିନା ଅପରାଧରେ ପ୍ରାଣଦଣ୍ଡ । ସକଳ ନିନ୍ଦା, ନିର୍ଯ୍ୟାତନା ସହିବାକୁ ପଡୁଛି ଜୀବନରେ ନିର୍ବିକାର ଭାବେ । ଲିଭିଯାଉଏ ଜୀବନ ଦୀପ ପ୍ରଭାତର ସୂର୍ଯ୍ୟ ଉଇଁବା ପୂର୍ବରୁ । କାଳରାତ୍ରିରେ ଲୁଚିଯାଉ ଆଶା, ପ୍ରୀତି ଅଙ୍କୁରର ସ୍ୱପ୍ନ ସମ୍ଭାବନା ସବୁ । ଦୀର୍ଘଶ୍ୱାସରେ ବିଚଳିତ ଅଶୋକଙ୍କ ପ୍ରାଣର ବ୍ୟଥା, ବେଦନା କାରାକକ୍ଷରେ ମିଳେଇ ଯାଉଥିଲା ଅନ୍ଧାରଭଳି, ଅମାବାସ୍ୟାର ଚନ୍ଦ୍ରଭଳି ।

ପ୍ରିୟତମ ଅଶୋକର ପ୍ରାଣଦଣ୍ଡ ଆଦେଶରେ ଆହତ କଳାବତୀ ମ୍ରିୟମାଣ, ମୁହ୍ୟମାନ ଦେହରେ ପ୍ରାଣ ନାହିଁ । ପ୍ରାଣର ଆଶା ନାହିଁ । ବିନା ମେଘରେ ବଜ୍ରପାତ ଭଳି ବିଧିର ଏ ବିଧାନ ବିଡ଼ମ୍ବିତ, ବେଦନାମୟ । ଅଶ୍ରୁ, ଅନୁକମ୍ପା, ଅନୁରାଗରେ ଆଉଟୁ ପାଉଟୁ ହୋଇ ବ୍ୟଥା ବତୁରା



ହୃଦୟରେ ଶେଷଥର ପାଇଁ ପ୍ରିୟତମକୁ ସାକ୍ଷାତ କରିବାକୁ ରାଜକୁମାରୀ କଳାବତୀ କାରାକକ୍ଷରେ ପହଞ୍ଚିଲେ । ଅଶୋକ ମୂର୍ଚ୍ଛାହତ ହୋଇ ପଡ଼ି ରହିଥିଲେ ପ୍ରାଣଘାତକ ପ୍ରଭାତର ପ୍ରତୀକ୍ଷାରେ, ଦୀପ ଆଲୋକରେ, ରାଜକୁମାରୀ କାରା କକ୍ଷରେ ଦେଖିଲେ ଅଶୋକ ଅଙ୍ଗାର, ଇଟା ଖଣ୍ଡରେ ସବୁଆଡ଼େ ଲେଖିଛନ୍ତି ଓଁ ନମଃ ଶିବାୟ ଶରଣମ୍ ଓଁ ନମଃ ଶିବାୟ ଶରଣମ୍, ଓଁ ନମଃ ଶିବାୟ ଶରଣମ୍, ବନ୍ଦେ ଜନନୀ ଜନ୍ମଭୂମି । ଧନ୍ୟ କଳିଙ୍ଗରାଜ, ବୈଧ ରାଜନୀତି । ବିନା ବିଚାରରେ ପ୍ରାଣ ଯାଏ ରାତିରାତି । ଧନ୍ୟ ମୋ ଜୀବନ ଗଙ୍ଗା କଳଙ୍କକୁ ଧୋଇ । ବଞ୍ଚିଥାଉ ଜନ୍ମେଜନ୍ମେ କୀର୍ତ୍ତିମାନ ହୋଇ । ଧନ୍ୟ, ଅବୈଧ ଜୀବନ ମୋର, ଅବୈଧ ପ୍ରୀତିର । ଏ'ତ ନିଦାରୁଣ ନିୟତିର ଅବୈଧ ନୀତିର । ଧନ୍ୟ କଳିଙ୍ଗର ଆତିଥ୍ୟ ଗୌରବ । ଦୟା, କ୍ଷମା, ପ୍ରୀତି, ପ୍ରାଚୁର୍ଯ୍ୟ, ବିଭବ । ଜନ୍ମିବାକୁ ଆଶା ପ୍ରିୟ କଳିଙ୍ଗରେ, କାଟିବାକୁ କାଳ ପ୍ରୀତି ବନ୍ଧନରେ ।

ଅଶୋକଙ୍କ ହୃଦୟର ଗୀତିମୟ ପ୍ରୀତିଧାରା ମୃତ୍ୟୁର, କାଳରାତ୍ରିର ପ୍ରଭାତ ପୂର୍ବରୁ, କଳାବତୀର ହୃଦୟକୁ ଆଲୋଡ଼ିତ କରିଥିଲା, ଅପୂର୍ବ ପ୍ରୀତିର ଅନୁରାଗରେ । ପ୍ରାଣମୟ ଲାଗୁଥିଲା ଅଶୋକଙ୍କର ଅଶ୍ରୁଧୌତ ନିଷ୍ପାପ ମୁଖମଣ୍ଡଳ । ସେ ଲେଖିଥିବା ପ୍ରତ୍ୟେକ ଧାଡ଼ିରେ ଜୀବନର ସ୍ପନ୍ଦନ ସ୍ପନ୍ଦିତ ହେଉଥିଲା । ବଞ୍ଚିବାର ଦୁର୍ବାର ପ୍ରାଣଶକ୍ତି ପ୍ରତିଧ୍ୱନିତ ହେଉଥିଲା । ସେଇ ମାର୍ମିକ କବିତାର ମର୍ମସ୍ପର୍ଶୀ ମର୍ମ ସେ ଅନୁଭବ କରୁଥିଲେ ମର୍ମେ ମର୍ମେ । ମୃତ୍ୟୁର କାଳରାତ୍ରିରେ ଯେ ପ୍ରିୟତମାର ପ୍ରୀତିସ୍ନିଗ୍ଧ ହୃଦୟ ଭିତରେ ଜନ୍ମେଜନ୍ମେ ବଞ୍ଚିବାର ଆଶା ବାନ୍ଧିଛନ୍ତି । ଧନ୍ୟ ପ୍ରିୟତମ । ଧନ୍ୟତୁମ ହୃଦୟର ରସାଳ ରସମୟ ରୋମାଞ୍ଚିତ ଭାବ । କରୁଣାମୟଙ୍କ କରୁଣାଲାଗି କାବ୍ୟମୟ ନିବେଦନ ଜୀବନର ଜୟଗାନ ଲାଗି । ମୃତ୍ୟୁଭୟ ତାଙ୍କୁ ବ୍ୟଥିତ କରିଛି । ଅପମୃତ୍ୟୁର ଅପମାନ ତାଙ୍କୁ ବିବ୍ରତ କରିଛି । ନିନ୍ଦା ଅପମାନରେ ନୀଳ, ଲବଣାକ୍ତ ପ୍ରାଣ ତାଙ୍କର, ବତୁରି ଯାଇଛି ଜନନୀ ଜନ୍ମଭୂମିର ପଣତ ତଳେ । ଅବୈଧ ଜୀବନ, ଅବୈଧ ପ୍ରୀତି, ଈଶ୍ୱରଙ୍କ ସୃଷ୍ଟିରେ ମଣିଷର ହାତଗଢ଼ା ସମାଜର,ଭଙ୍ଗାଗଢ଼ା ଅବୈଧ ନୀତିର, ବଦଳୁଥିବା ବିଚାରର । ଧନ୍ୟ ନିୟତି – ନିଦାରୁଣ, ନିର୍ମମ । କିଏ ବୁଝିବ ନିୟତିକୁ କେତେବେଳେ ନିର୍ମଳ ନିର୍ମୋକ କେତେବେଳେ ଅନ୍ଧକାର ଆଗ୍ନେୟ ଉଚ୍ଛ୍ୱାସ । ଅବୈଧ ନୁହେଁ ଅବୋଧ, ଅଗମ୍ୟ । କଳିଙ୍ଗ ରାଜାଙ୍କର ପ୍ରାଣଘାତକ ନିଷ୍ପତ୍ତି ନିଜସ୍ୱ ନୁହେଁ, ଅଥଚ ନିର୍ବିକାର, କେଉଁ ଚକ୍ରାନ୍ତକାରୀର ଚକ୍ରବ୍ୟୂହ ଭିତରେ । ବିନା ବିଚାରରେ ପ୍ରାଣଦଣ୍ଡ । ଅପରାଧୀକୁ ଆତ୍ମରକ୍ଷାର ସୁଯୋଗ ନଦେଇ... ନିଶ୍ଚୟ... ନିଶ୍ଚୟ... କେଉଁ ଷଡ଼ଯନ୍ତ୍ରର ଏ ଶେଷ ପରିଣତି ? ଅସହାୟ, ଅବିଶ୍ୱାସମୟ ଲାଗୁଥିଲା ଅନ୍ଧାରଘେରା ଅଶୋକଙ୍କ ମୁହଁ । କିଛି ସ୍ଥିର କରିପାରୁ ନଥିଲେ ସେ ।

ଅଶୋକଙ୍କ ମୁଖରେ ଜଳସିଞ୍ଚନ କରି କଳାବତୀ ତାଙ୍କୁ ଉଠାଇଥିଲେ । ତାଙ୍କ ଦେହରୁ ପୋଛି ଦେଉଥିଲେ କାରାକକ୍ଷର ଧୂଳିମାଟି । ବିଞ୍ଚୁଥିଲେ ପଣତରେ । ଅଶୋକ ଚେତାପାଇ ନିକଟରେ ପ୍ରିୟତମାକୁ ଦେଖି ବିସ୍ମୟ, ଭୟ ଓ ଅପମାନରେ ମୁହଁକୁ ହାତରେ ଲୁଚାଇ ଓଃ କହି ପୁଣି ଚେତା ହରାଇ ଆସାଢ଼ ହୋଇଗଲେ । କିଛି ସମୟ ପରେ ଅଶୋକଙ୍କୁ ଉଠାଇ କଳାବତୀ ତାଙ୍କୁ ସାଷ୍ଟାଙ୍ଗ କଲେ । ଅଶୋକ ନିର୍ବାକ ନୟନରେ ଚାହିଁ ରହିଥିଲେ ପ୍ରିୟତମାର ପ୍ରାଣମୟ ରୂପକୁ, ପ୍ରୀତିସ୍ନିଗ୍ଧ ଆଖିକୁ । କାରୁବାକୀ ଆଶୋକଙ୍କୁ କିଛି ଖାଦ୍ୟ ଖାଇବାକୁ ଦେଲେ । ଅଶୋକ ବାଧା ଦେବାରୁ ନିଜେ ଖୁଆଇ ଦେଲେ ପରମ ଆଦରରେ । ନାରୀତ୍ୱର ଅନାବିଳ ସ୍ନେହରେ ଅଶ୍ରୁଧାରା ବୋହିଗଲା

ପ୍ରଣୟୀ ଯୁଗଳଙ୍କ ମମତାଭରା ଆଖିରୁ । ସେ ଧରଣୀର ଧୂଳି ସାଉଁଟା ହୃଦୟକୁ ମୁକ୍ତାପରି ଚୁମୁଥିଲା ।

କଳାବତୀ : ପ୍ରିୟତମ...

ଅଶୋକ : ଆଉ ଅପମାନ କରନାହିଁ । ଅସହ୍ୟ ଲାଗୁଛି ବଞ୍ଚିବାକୁ । ରାତ୍ରି ପାହିବା ଯାଏ ମତେ ଶୋଇବାକୁ ଦିଅ କଳିଙ୍ଗ ଜନନୀର ବୁକୁରେ । ଏତିକି ମିନତି ଆତ୍ମାମୋର ଶାନ୍ତି ପାଇବ ।

କଳାବତୀ : ଅପମାନ ଦେବାକୁ ମୁଁ ଆସିନାହିଁ । ମୁଁ ଆସିଛି ପୋଛିଦେବାକୁ ତମ ଆଖିରୁ ଲୁହ, ତମ ଆତ୍ମାରୁ ଅଭିଯୋଗ । ସତ୍ୟ ଆଲୋକରେ ବଞ୍ଚିବାକୁ ମୁଁ ଆସିଛି । ମତେ ବିଶ୍ୱାସ କର । ହୃଦୟ ଖୋଲି ଥରୁଟିଏ ମତେ ଜୀବନସାରା ଜଳିପୋଡ଼ି ବଞ୍ଚିବାରୁ ତମରି ପ୍ରୀତିର ପୋଡ଼ା ପାଉଁଶ ଭିତରେ ... ଏ ।

ଅଶୋକ : ନା...ଅପରାଧୀର ଅପରାଧ ତମେ ବିଶ୍ୱାସ କରିବ କେମିତି ? ଯେଉଁ ଅପରାଧ ଅବିଶ୍ୱାସ ହେଲେ ବି ସତ । ଏକଥା କିପରି କହିବି ? ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ଶାନ୍ତି, ସ୍ୱାଧୀନତା ବଜାୟ ରଖିବାକୁ, ସନ୍ଦେହ, ଭୟ, ଆଶଙ୍କା ଦୂରେଇ ରଖିବାକୁ ପ୍ରକାଶିତ ତଥ୍ୟ ଓ ଘଟଣାର ସତ୍ୟାସତ୍ୟ ନିରୂପଣ ପାଇଁ ଗୋପନରେ ଯାଞ୍ଚକରି ଗୋପନବାର୍ତ୍ତା ପଠାଇବାକୁ ରାଜଦୂତମାନେ ନିଯୁକ୍ତ ହୋଇଥାନ୍ତି । ଏହି ଗୋପନୀୟ କାର୍ଯ୍ୟ ଉଭୟ ରାଷ୍ଟ୍ରର ମଙ୍ଗଳପାଇଁ, ଶାନ୍ତି, ସମୃଦ୍ଧି, ସ୍ୱାଧୀନତା, ସମ୍ମାନପାଇଁ ଗୁରୁତ୍ୱପୂର୍ଣ୍ଣ । ଯୁଦ୍ଧ, କିମ୍ବା ଶାନ୍ତି, ସମୃଦ୍ଧିର ବାତାବରଣ ପାଇଁ ରାଜଦୂତମାନେ ବିଶ୍ୱାସରସହ କାର୍ଯ୍ୟକରନ୍ତି । ଆପତ୍ତିଜନକ କାର୍ଯ୍ୟପାଇଁ ବହିଷ୍କାର କରିବା ବିଧି ଅଥଚ ପ୍ରାଣଦଣ୍ଡ ବିନା ବିଚାରରେ ? ଏହାଠାରୁ ବଳି ଦୁର୍ଭାଗ୍ୟ କାହିଁ ? ରାଜଦୂତକୁ ରାଷ୍ଟ୍ରବିରୋଧୀ ଷଡ଼ଯନ୍ତ୍ରର ଶିକାର କରିବାକୁ ? ସମୟ ମୁହଁରେ ସତ୍ୟ ସୁନ୍ଦର । ସେ ସୁଦିନ ଆସିବା ପୂର୍ବରୁ ... ।

କଳାବତୀ : ନା... ତମକୁ ସେଇ ସୁଦିନ ଲାଗି ଅପେକ୍ଷା କରିବାକୁ ପଡ଼ିବ । ସତ୍ୟର ଆଲୋକରେ ତମେ ସୁଚିସ୍ନାତ ହୁଅ । ସବୁ କାଳିମାକୁ ଲିଭାଇ ଦିଅ ଅଶୋକ । ଅପମାନର ଆଘାତରେ ମୁଁ ଧରାଶାୟୀ ହୋଇଯାଇଛି, ଉପୁଡ଼ା ବଟବୃକ୍ଷପରି । ଧୈର୍ଯ୍ୟ, ଧୀମତ୍ତା ହରେଇ ବସିଛି । ଜୀବନର ଏଇ ଦୁର୍ଦ୍ଦିନରେ ଏବେବି ସମୟ ଅଛି ପ୍ରିୟତମ ।

ଅଶୋକ : ନା...ନା...ମୁଁ ଆଉ ବଞ୍ଚିବାକୁ ଚାହୁଁନି । ମୁଁ ମୁକ୍ତି ଚାହେଁ, ମତେ ମୁକ୍ତିଦିଅ, ମୃତ୍ୟୁର ସାଥି ହେବାପାଇଁ ।

କଳାବତୀ : ତମରି ମୁକ୍ତିର ସମୟ ଆସିଛି ତମକୁ ବଞ୍ଚିବାକୁ ହେବ ସତ୍ୟର ଆଲୋକ ଜାଳିବାକୁ, ଜୀବନର ସାରଥି ହେବାକୁ । ମଣିଷ ଜନ୍ମ ହେଲେ ଦିନେ ମୃତ୍ୟୁର ସାଥି ହୁଏ । ଏଥିପାଇଁ ଅନେକ ସମୟ ଡ଼େରି ଅଛି, ମୋର ରାଜଦତ୍ତ ହୀରକ ଅଙ୍ଗୁରୀୟ ନେଇ ରାତ୍ରିର ଅନ୍ଧକାରରେ ତୁମେ ଚାଲିଯାଅ ବଣିକ ବେଶରେ ମଗଧକୁ, ମା ଧର୍ମାଙ୍କ କୋଳକୁ । ଅଙ୍ଗୁରୀୟ ଦେଖାଇ ସବୁ ସମସ୍ୟାର ମୁକାବିଲା କରି ନିରାପଦରେ ଫେରିଯାଅ ।

ଅଶୋକ : ମୁଁ ଯେ ବନ୍ଦୀର କଳାପୋଷାକରେ ।

କଳାବତୀ : ନା.. ମୁଁ ନେଇଆସିଛି ତୁମପାଇଁ ମୋ ଦେହରେ ବଣିକ ପୋଷାକସହ ଦୁଇହଳ ଶାଢ଼ୀ । ସଙ୍ଗେ ସଙ୍ଗେ ନିଜ ଦେହରୁ ଶାଢ଼ୀ ଓ ବଣିକର ଲୁଗାକାଢ଼ି ଅଶୋକଙ୍କୁ ଲୁଗା ଉପରେ ଶାଢ଼ୀ ପିନ୍ଧାଇ ରାଜକୁମାରୀ ବେଶରେ ସଜାଇ ଦେଲେ ।



ଅଶୋକ : ବିଜୟର ଆସନ୍ନ ମୁହୂର୍ତ୍ତରେ, ଆସନ୍ନ ମୃତ୍ୟୁ କବଳରୁ ମୁକ୍ତିପାଇ ପ୍ରିୟତମାର ହାତ ଦୁଇଟିକୁ ଜାବୁଡ଼ି ଧରି ଅଶ୍ରୁ ଆବେଗରେ ଉତ୍ତୁରି ପଡ଼ିଥିଲେ । ଜୀବନରେ ତୁମର ପ୍ରାଣଦାନର ଋଣ ଶୁଝି ପାରିବିନି, କଲ୍ୟାଣୀୟା ଉଷ୍ଣ ଆବେଗମୟ ଚୁମାଟିଏ ଦେଲେ କଳାବତୀର ପାପୁଲିରେ, ପଦ୍ମ ଫୁଲର ସ୍ନେହସିକ୍ତ ସ୍ନିଗ୍ଧ ପାଖୁଡ଼ାରେ । ଛଦ୍ମବେଶରେ ଯିବା ପୂର୍ବରୁ କଳାବତୀଙ୍କୁ ତାଙ୍କ ସହିତ ପଳାୟନ ପାଇଁ ମିନତି କଲେ । ତମକୁ ଛାଡ଼ି ବଞ୍ଚିପାରିବିନି ମୁହୂର୍ତ୍ତଟିଏ । ମୋ ସାଥିରେ... ମତେ... ।

କଳାବତୀ : ନା.. ମା' ଧର୍ମାଙ୍କ ଲାଗି ତମକୁ ଏ ପ୍ରାଣଭିକ୍ଷା ପ୍ରାଣଦାନ ସତ୍ୟ, ପ୍ରେମକୁ ଲଜ୍ଜିତ ନକରିବା ପାଇଁ । ତମରି ଅସହାୟ ନିବେଦନରେ ପ୍ରାଣମୋର ଫାଟି ପଡୁଛି ଗଭୀର ଲଜ୍ଜା, ଦୁଃଖ, ନିନ୍ଦା ଓ ଘୃଣାରେ । ରାଜକୁମାରୀର ଜନ୍ମ ରାଜକୁମାର ପାଇଁ । ଅବୈଧ ରାଜପୁତ୍ରକୁ ବିଭା ହେବାକୁ ମୋର ଜନ୍ମନୁହେଁ । ମୋଦେଶ ବିରୁଦ୍ଧରେ ଗୁପ୍ତଚର ବୃତ୍ତି କରେ । ମୁଁ ଭୀରୁ ନୁହେଁଯେ ତୁମ ସହିତ ପଳାୟନ କରିବି । ରଣ ଭୂମିରୁ ପଳାୟନ କରିବାରେ ଗୌରବ ଅଛି । ଏମିତି ଅସହାୟ ଭାବେ ପ୍ରାଣଦାନରେ ପଳାୟନ କରିବାରେ.... ।

ଅଶୋକ : ଆମ ପ୍ରେମ ... (ଉତ୍ତେଜିତ ହୋଇ)

କଳାବତୀ : ପ୍ରେମ ପ୍ରକାଶର କଥାନୁହେଁ । କଳିଙ୍ଗ ରାଜକୁମାରୀ ପ୍ରେମକରି ଜାଣେ । ପୁରସ୍କାରବି ଦେଇଜାଣେ । ତମେ ଚାଲିଯାଅ ମୁଁ ତୁମର ମୁଖ ଦେଖିବାକୁ ଚାହେଁନି ।

ଲଜ୍ଜା, ଅପମାନ, ପ୍ରାଣଦାନର ପୁରସ୍କାର ଜ୍ୱାଳାରେ ଜଳିଜଳି ଅଶୋକ ଅସହ୍ୟ ଯନ୍ତ୍ରଣାରେ, ନୀରବରେ ରାଜକୁମାରୀର ଶାଢ଼ୀ ପିନ୍ଧି ବାହାରି ଗଲେ ବନ୍ଦୀଶାଳାରୁ । ପରେପରେ ରାଜକୁମାରୀ ଶାଢ଼ୀ ପିନ୍ଧି ବାହାରି ଆସି ପ୍ରହରୀକୁ ସତର୍କ କରିଦେଇ ଚାଲିଗଲେ । ନିଦ୍ରା ବିଚଳିତ ପ୍ରହରୀ ରାଜକୁମାରୀକୁ ଦୁଇଥର ଦେଖି କିଛି ବୁଝିପାରିଲେ ନାହିଁ । ଆସିଲାବେଳେ ରାଜକୁମାରୀ ସେମାନଙ୍କୁ ଭାଙ୍ଗମିଶା ଲଡୁ ଖାଇବାକୁ ଦେଇଥିଲେ । ସେମାନେ ଶୋଇ ପଡ଼ିଲେ ସୁଖ ନିଦ୍ରାରେ । ଅଶୋକ ପ୍ରିୟତମାର ଅଶ୍ୱପୃଷ୍ଠରେ ଅନେକ ରାସ୍ତା ଅତିକ୍ରମ କରି ରାଜଧାନୀର ବାହାରେ, ଜଳାଶ୍ରୟ ନିକଟରେ ସ୍ନାନ କରୁଥିଲେ, ପ୍ରଭାତରେ ।

ଉଦିତ ସୂର୍ଯ୍ୟର ଉଜ୍ଜ୍ୱଳ ଆଭାରେ ଝଲସି ଉଠୁଥିଲା ସବୁଜ ସ୍ୱର୍ଣାଭ ପ୍ରକୃତିର ରୂପଶ୍ରୀ । ମେଘମୁକ୍ତ ନୀଳ ଗଗନରେ ସିନ୍ଦୂରିତ ସହସ୍ରାଂଶୁ । ପକ୍ଷୀକୁଳର କିଚିରି ମିଚିରି କଳରବ । ଦିଗନ୍ତ ବିସ୍ତାରୀ ସବୁଜ ସୁନ୍ଦର ଶସ୍ୟକ୍ଷେତ୍ର । ଶୁଭ୍ର ସ୍ରୋତସ୍ୱିନୀର ନିର୍ଝର । ସମଗ୍ର ପରିବେଶ ପ୍ରଭାତର ପବିତ୍ର ପୁଲକରେ ଅପୂର୍ବ, ଅନନ୍ୟ । ନିର୍ଜନ ସ୍ଥାନରେ ଅଶୋକ ସ୍ନାନ କଲାବେଳେ ତାଙ୍କର ସତର୍କ ଦୃଷ୍ଟି ନିବଦ୍ଧ ହେଇଥିଲା, ନିକଟରେ କେହି ନଥିବାର ଜାଣି ନିର୍ଭୟରେ ଜଳସ୍ନାନକରି ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କରୁଥିଲେ । ପ୍ରାର୍ଥନାସାରି ସେ ନଦୀକୂଳରେ ବାଲୁକା ଶଯ୍ୟାରେ ଶିବଲିଙ୍ଗ ନିର୍ମାଣ କରି ତାଙ୍କର ପ୍ରିୟ ଦେବଦେବ ମହାଦେବଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ । ଜୀବନର ଅଭୀପ୍ସା ତାଙ୍କୁ ନବଜୀବନ ଆଣିଦେଇଥିଲା । ପ୍ରିୟତମାର କଟୁକ୍ତି ଓ କରୁଣାମୟୀର ସ୍ନେହସଜଳ ସାନ୍ନିଧ ତାଙ୍କୁ ବିସ୍ମିତ କରିଦେଲା କିଛିକ୍ଷଣପାଇଁ । ସେ କଳିଙ୍ଗର କାରାଗୃହରୁ ପଳାୟନ କରିଛନ୍ତି । ଏ ସମ୍ବାଦରେ ସମଗ୍ର ରାଜ୍ୟରେ ସତର୍କ ଆଖି ଘୂରୁଥିବ ଅଶୋକଙ୍କୁ ବନ୍ଦୀ କରିବାକୁ । ସ୍ଥଳପଥରେ ପଳାୟନ ସମ୍ଭବ ନୁହେଁ ଜାଣି ସେ ଜଳପଥରେ ମଗଧ ଫେରିବାକୁ ମହାନଦୀର କୂଳେକୂଳେ ଚାଲୁଥିଲେ ।

ମହାନଦୀର ସୈକତ ଶଯ୍ୟାଠାରୁ ଦୁର୍ଗମ ଗିରି, ପାହାଡ଼ କଣ୍ଟା, ଜଙ୍ଗଲ ମଧ୍ୟ ଦେଇ ଚାଲୁଥିଲେ ରାତ୍ରିସାରା । କଳିଙ୍ଗରେ ଧରାପଡ଼ିଲେ ମୃତ୍ୟୁ ସୁନିଶ୍ଚିତ । ସମଗ୍ର କଳିଙ୍ଗରେ ହୁରି ପଡ଼ିଥିବ ରାଜଦୂତ ଅଶୋକର ପଳାୟନ ଖବରରେ । ଘନ ଅନ୍ଧାର ମଧ୍ୟରେ ଚାଲିଚାଲି ଗଲାବେଳେ କେଉଁଠି ବାଘ, ହାତୀ, ମାଙ୍କଡ଼, ସର୍ପ, କୁମ୍ଭୀରର ସମ୍ମୁଖୀନ ହୋଇଛନ୍ତି । ବିଷଧରଙ୍କ ପାଇଁ ତାଙ୍କର ଭୟ ନଥିଲା । ସମସ୍ତ ପ୍ରତିବନ୍ଧକକୁ ସହଜରେ ଅତିକ୍ରମ କରି ଆଗକୁ ମାଡ଼ିଚାଲିଥିଲେ ଅଶୋକ । ଦିବସରେ ଜନମାନସରୁ ନିଜକୁ ଲୁଚାଇ ରଖିବାକୁ କେଉଁଠି ସୈକତ ଶଯ୍ୟାରେ ନିଜର ସମଗ୍ର ଶରୀରକୁ ବାଲୁକାମୟ କରି ଶୋଇ ରହୁଥିଲେ ସନ୍ଧ୍ୟା ଆଗମନଯାଏ । କେଉଁଠି ପାହାଡ଼ର ଖୋଲ, ଘଞ୍ଚଲଟାତଳେ ନିଜକୁ ଡ଼ାଳ, ପତ୍ରରେ ସଜାଇ ଲୁଚି ରହୁଥିଲେ । ସବୁବେଳେ ନିରବ ରହି ନିକଟସ୍ଥ ଅଞ୍ଚଳକୁ ପର୍ଯ୍ୟବେକ୍ଷଣ କରୁଥିଲେ ସତର୍କତାର ସହିତ । ଜଙ୍ଗଲରୁ କୋଳି, ଫଳମୂଳ ଖାଇ ସେ ଚାଲୁଥିଲେ ପ୍ରିୟ ମଗଧ ରାଜ୍ୟକୁ । କଳାବତୀର କଥା ମନେ ପଡ଼ିଲେ ପ୍ରାଣ ତାଙ୍କର ଫାଟି ପଡୁଥିଲା କାତର ପ୍ରାର୍ଥନାରେ । ଆରାଧ୍ୟ ଦେବତା ମହାଦେବଙ୍କୁ ପ୍ରଣାମ କରୁଥିଲେ ପ୍ରିୟତମା କଳାବତୀର ସୁରକ୍ଷା ପାଇଁ । ଯଦି ରାଜକୁମାରୀ ଧରାପଡ଼ନ୍ତି ଅଶୋକଙ୍କ ପଳାୟନ ପାଇଁ ତେବେ ସୁକୁମାରୀ କି ଦୁଃଖ, ଦଣ୍ଡ ଭୋଗୁଥିବ ଏକଥା ଭାବି ସେ ଧରାଶାୟୀ ହୋଇପଡୁଥିଲେ ଅଶ୍ରୁ ଓ ଆତଙ୍କରେ । ସେ କିପରି ଦିନ କାଟୁଥିବ ଏହି ଚିନ୍ତାରେ ସେ ଭାଙ୍ଗିପଡୁଥିଲେ । ମନକୁ ବୁଝାଇ ଯାତ୍ରା କରୁଥିଲେ ବନ୍ୟ ସିଂହଭଳି । ଦୁର୍ବାର ତାଙ୍କର ପ୍ରାଣଶକ୍ତି । ଜୀବନର ଜୟଗାନ କରିବାକୁ ତାଙ୍କର ଜନ୍ମ । ଦୀର୍ଘଦିନ ଯାତ୍ରା ପରେ ସେ ଦିନେ ସ୍ନାନ କରୁଥିବାବେଳେ ଶବର କନ୍ୟାଟିଏ ଦେଖିଲେ ଉଲଗ୍ନ ହୋଇ ଜଳସ୍ରୋତରେ ସ୍ନାନ କରୁଛି । ସେ ଆଡ଼କୁ ଦୃଷ୍ଟି ନିକ୍ଷେପ ନକରି ସେହିପରି ସ୍ଥିର ଜଳରେ ଛିଡ଼ା ହୋଇ ସୂର୍ଯ୍ୟଙ୍କୁ ମହାଦେବଙ୍କୁ ଜଳ ଅର୍ପଣ କରୁଥିଲେ । କିଛି ସମୟପରେ ସେ ନଦୀକୂଳରେ ବାଲିରେ ଶିବଲିଙ୍ଗ ସ୍ଥାପନକରି କିଛି ବାଣୁଆ ଫୁଲରେ ସଜାଇ ପୂଜା ପୂର୍ବକ ପ୍ରଣାମ କରୁଥିଲେ । ଏହି ସମୟରେ ଶବର କନ୍ୟା ଆସି ଯୁବକ ଅଶୋକଙ୍କ ପରିଚୟ ମାଗିବାରୁ ଅଶୋକ ବିସ୍ମିତ ହେଲେ । ନିଜର ପରିଚୟକୁ ଗୋପନ ରଖିବାକୁ ସେ ନିଜର ଛଦ୍ମ ନାମ ପ୍ରକାଶ କଲେ । ଶବରୀ କନ୍ୟାର ଅନୁରୋଧରେ ସେ ନିକଟସ୍ଥ ଶବର ପଲ୍ଲୀକୁ ଯିବାକୁ ସ୍ୱୀକୃତି ଦେଲେ । ଅଶୋକ ଶବରପଲ୍ଲୀରେ ପହଞ୍ଚିଲା କ୍ଷଣି ଶବର କନ୍ୟା ଗୌରୀ ସମସ୍ତଙ୍କୁ ପରିଚୟ କରାଇଦେଲେ । ଅଶୋକ ତାଙ୍କ ଆଗମନର କାରଣ ସମ୍ପର୍କରେ ସମସ୍ତଙ୍କୁ ଅବଗତ କଲେ । କଳିଙ୍ଗ ମହାରାଜାଙ୍କ ନିର୍ଦ୍ଦେଶରେ ମୁଁ ମହାନଦୀର ସମଗ୍ର ନଦୀ ଉପତ୍ୟକା ସମ୍ପର୍କରେ ଖବର ସଂଗ୍ରହ କରୁଛି । କଳିଙ୍ଗ ଓ ମଗଧ ମଧ୍ୟରେ ସ୍ଥଳପଥରେ ବ୍ୟବସାୟ ବାଣିଜ୍ୟ ବିଳମ୍ବିତ ହେଉଛି । ତେଣୁ ଜଳପଥରେ ବ୍ୟବସାୟ ବାଣିଜ୍ୟ ଲାଗି କି ପ୍ରକାର ସୁବିଧା ସୁଯୋଗ ରହିଛି ସେ ସମ୍ପର୍କରେ ମହାରାଜଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ମୁଁ ଜଳପଥର ଅନୁଧ୍ୟାନ କରୁଛି । ଏହାଦ୍ୱାରା ବ୍ୟବସାୟ ବାଣିଜ୍ୟ ଓ ଗମନାଗମନରେ ସୁବିଧା ହେବ । ଅଶୋକ ଶବରମାନଙ୍କ ସନ୍ଦେହ ମୋଚନପାଇଁ ରାଜଦତ୍ତ ମୁଦ୍ରିକା ଦେଖାଇ ସେଠାରେ ଅତିଥିଭଳି ରହିଲେ । ଶବରମାନଙ୍କର ଆଦର ଅଭ୍ୟର୍ଥନା ଓ ଅତିଥି ସତ୍କାରରେ ଅଭିଭୂତ ହୋଇଥିଲେ ଅଶୋକ । କଳିଙ୍ଗର ପୁରପଲ୍ଲୀ ଠାରୁ ଶବରପଲ୍ଲୀ ଯାଏ ମହୋଦଧିଠାରୁ ମହାନଦୀର ବିସ୍ତୀର୍ଣ୍ଣ ଉପତ୍ୟକା ସବୁ ଖବର ସଂଗ୍ରହ ପାଇଁ, ତାଙ୍କର ଏ ପଦଯାତ୍ରା । ଶବର ଶବରୀମାନେ ପ୍ରଚୁର ଫଳ,



ମୂଳ କଦଳୀ ଖାଇବାକୁ ଦେଲେ । ରାତ୍ରି ଭୋଜନ ବେଳେ ନୃତ୍ୟ, ଗୀତ ବାଦ୍ୟର ଅପୂର୍ବ ଆସର । ହରିଣ ପୋଡ଼ି ଖାଉଥିଲେ ସମସ୍ତେ ଅତିଥିଙ୍କର ଭବ୍ୟ ସମ୍ବର୍ଦ୍ଧନା ପାଇଁ ।

ରାତ୍ରି ଯାପନ ଶେଷରେ ଅଶୋକ ପ୍ରଭାତରେ ପଦଯାତ୍ରାରେ ବାହାରି ପଡ଼ିଲେ । ଏହିପରି ସତର୍କ ପଦ ଯାତ୍ରାରେ ସେ ମଗଧ ରାଜ୍ୟରେ ଦୀର୍ଘ ୩ ମାସ ପରେ ପହଞ୍ଚିଲେ । ସେଠାରେ ସେ ଯାହା ଶୁଣିଲେ ଲୋକମୁଖରୁ ସେଥିରେ ସେ ବିସ୍ମିତ ଓ ମର୍ମାହତ ହେଲେ । ମହାରାଣୀଙ୍କ ଚକ୍ରାନ୍ତ କଥା ବୁଝିବାକୁ ତାଙ୍କୁ ବିଳମ୍ବ ହେଲା ନାହିଁ । ଅଶୋକ ଫାଶିଦଣ୍ଡରେ ପ୍ରାଣ ହରେଇଛି । ଏହି ଖବର ରାଜ ଅନ୍ତଃପୁରଠାରୁ ନଗର, ଜନପଦ ଯାଏ ଘୋଷଣା ସରିଛି । ରାଜ ପରିବାରରେ ମହାରାଜ ବିନ୍ଦୁସାର ଓ ମା’ ଧର୍ମାଙ୍କ ବ୍ୟତୀତ ସମସ୍ତେ ଆନନ୍ଦରେ ବିଭୋର । ଏତେଦିନେ ଗୃହଶତ୍ରୁର ପ୍ରାଣନାଶ ହୋଇଛି । ସମସ୍ତେ ଆଶ୍ୱସ୍ତ ହୋଇଛନ୍ତି । ମଲା ନାହିଁ ଯେ କଣ୍ଟା ଗଲା । ରାଜପୁରୀରେ ହଠାତ୍ ଅଶୋକ ସଶରୀରରେ ଉପସ୍ଥିତ ହେଲେ । ମହାରାଜା ପିତାଶ୍ରୀ ବିନ୍ଦୁସାର ମା’ ଧର୍ମାଙ୍କର ଆନନ୍ଦ କହିଲେ ନ ସରେ । ଅଶୋକଙ୍କୁ କୁଣ୍ଢେଇଧରି ଦୁହେଁ ଅଶ୍ରୁଧାରା ଢ଼ାଳିଦେଲେ ଶତ କଲ୍ୟାଣ କରି । ମହାରାଣୀ ଅଶୋକଙ୍କ ପ୍ରତାବର୍ତ୍ତନ ଦେଖି ବିଷମ ସଙ୍କଟରେ ପଡ଼ି, ‘‘ଅଶୋକ ମୃତ ଏ ଅଶୋକର ଭୂତ’’ କହି ସବୁରି ମନରେ ଆଶଙ୍କା, ଆତଙ୍କ ସୃଷ୍ଟି କଲେ । ଏସବୁ ଘଟଣା ଦେଖି, ଅଶୋକ କ୍ରୋଧରେ ଗର୍ଜନ କରି, ସମସ୍ତଙ୍କ ମନରେ ଭୀତି ସଞ୍ଚାର କଲେ । ଅଶୋକଙ୍କ ଉଗ୍ରଭାବ ଦେଖି ସମସ୍ତେ ଶିଥିଳ ହେଲେ ।

## ତକ୍ଷଶିଳାରେ ବିଦ୍ରୋହ ଦମନ

ତକ୍ଷଶିଳାରେ ରାଜକୁମାର ରମାଦତ୍ତର ଅନ୍ୟାୟ ଆଚରଣ, ଶୋଷଣ ଓ ନିର୍ଯ୍ୟାତନାରେ ବ୍ୟଥିତ ପ୍ରଜାଗଣ ବିଦ୍ରୋହ ଘୋଷଣା କରିଥିଲେ । ଜ୍ୟେଷ୍ଠ ରାଜକୁମାର ସୁମନ ବିଦ୍ରୋହ ଦମନ କରିବାକୁ ଯାଇ ଗୁରୁତର ଭାବେ କ୍ଷତାକ୍ତ ହେଲେ । ବିଦ୍ରୋହ ଦମନ ଚେଷ୍ଟା ବିଫଳ ହେଲା । ମଗଧ ସାମ୍ରାଜ୍ୟରେ ପ୍ରଜା ବିଦ୍ରୋହରେ ମହାରାଜ ବିଚଳିତ ଥିଲେ । କିପରି ଶାନ୍ତି ଓ ସଂହତି ଫେରାଇ ଆଣିହେବ ସେ ଚିନ୍ତିତ ଥିଲେ ।

ତକ୍ଷଶିଳାରେ ବିଦ୍ରୋହ ଦମନ ପାଇଁ ଅଶୋକ ପିତା ମହାରାଜା ବିନ୍ଦୁସାରଙ୍କୁ ଜଣାଇବାରୁ ମହାରାଜ ଅତ୍ୟନ୍ତ ପ୍ରସନ୍ନ ଚିତ୍ତରେ ସ୍ୱୀକୋରକ୍ତି ପ୍ରଦାନ କଲେ । ରାଜ ଅନ୍ତଃପୁରୀରେ ଅଶୋକଙ୍କ ଜୀବନ ଅସୁରକ୍ଷିତ ତେଣୁ ତାଙ୍କୁ ବିଦ୍ରୋହ ଦମନ ଓ ଶାନ୍ତି ପ୍ରତିଷ୍ଠାର ଦାୟିତ୍ୱ ଦେଇ, ମହାରାଜ ସ୍ଥିର ହେଲେ । ତକ୍ଷଶୀଳା ଯିବାକୁ ଯେଉଁ ରାଜରାସ୍ତା ସେହି ରାସ୍ତାରେ ଅଶୋକ ନଯାଇ ଜଙ୍ଗଲ ରାସ୍ତାରେ ଯିବାକୁ ଉଚିତ୍ ମନେକଲେ । ଜଙ୍ଗଲ ରାସ୍ତାରେ ଅଶ୍ୱପୃଷ୍ଠରେ ବସି ଗଲାବେଳେ ପ୍ରକୃତିର ଅପୂର୍ବ ସୁଷମାରେ ଅଭିଭୂତ ହୋଇଥିଲେ । ଜଙ୍ଗଲ ମଧ୍ୟରେ ଏକ ଜୀର୍ଣ୍ଣଶୀର୍ଣ୍ଣ କୁଟୀରରେ କ୍ଳାନ୍ତି ମେଣ୍ଟାଇବାକୁ ସ୍ଥିର କଲେ । ଅଦୂରରେ ପୁଷ୍କରିଣୀର ଅପୂର୍ବ ଲାବଣ୍ୟମୟ ନାଳିକାଇଁ, ଶ୍ୱେତପଦ୍ମ ଓ ମଧୁମକ୍ଷୀର ପ୍ରୀତି ଗୁଞ୍ଜନରେ, ପକ୍ଷୀକୁଳର ଲାସ୍ୟମୟୀ ସଙ୍ଗୀତରେ ସେ ଭୁଲିଗଲେ ପଥ କ୍ଳାନ୍ତି । ଘୋଡ଼ାକୁ ଶକ୍ତ ଭାବରେ ଶାଳ ଗଛରେ ବାନ୍ଧି ନିଦ୍ରାଗଲେ । ହଠାତ୍ ଅଜଣା ନାରୀ କଣ୍ଠର ଆର୍ତ୍ତନାଦ

ତାଙ୍କୁ ସଚେତନ କରିଦେଲା । ସେ ଦେଖିଲେ ନିକଟସ୍ଥ ପୁଷ୍କରିଣୀରେ ନାରୀଟିଏ ବୁଡ଼ିଯାଇ ପ୍ରାଣ ବିକଳରେ ବଞ୍ଚାଅ ବଞ୍ଚାଅ ଚିତ୍କାର କରୁଛି । ଅଶୋକ ରମଣୀକୁ ଉଦ୍ଧାର କରିବାକୁ ଉଦ୍ୟତ ହେଲେ । ଅବିଳମ୍ବେ ପୁଷ୍କରିଣୀ ମଧ୍ୟକୁ ଝାସ ଦେଇ ମହିଳାର ଶାଢ଼ୀ ଟାଣିଧରି କୂଳକୁ ଆଣିଲେ । ନାରୀଟି କିଛି ସମୟ ପରେ ପକୃତିସ୍ଥ ହେଲା । ଲୁଗାଧରି ଅଶୋକ ଉଦ୍ଧାର କରିଥିବାରୁ ମନେ ମନେ ଲଜ୍ଜିତ ହେଲେ ନାରୀର ନଗ୍ନରୂପ ଦେଖି । ରମଣୀର ଲଜ୍ଜା ଅବଗୁଣ୍ଠନ ମୁହଁରେ ଅସହାୟତା ଓ କୃତଜ୍ଞତାର ଛାପ । ନବବିବାହିତାର ଲଳିତ ସୌନ୍ଦର୍ଯ୍ୟରେ ଯୌବନର ଫୁଲ । ଅଶୋକ ନିଜେ ନେଇ ଆସିଥିବା ଶାଢ଼ୀଟି ରମଣୀକୁ ଲଜ୍ଜା ନିବାରଣ ପାଇଁ ଦେଲେ । ଖାଇବାକୁ କିଛି ଫଳ ଦେଲେ । ରମଣୀଙ୍କ ବିଶ୍ରାମ ପାଇଁ ଡ଼ାଳପତ୍ରର ଶଯ୍ୟା କରିଦେଲେ । କିଛି ସମୟପରେ ରମଣୀ ଗାଢ଼ ନିଦ୍ରାଗଲେ । ଅଶୋକଙ୍କ ମନରେ ଅନେକ ଆଶଙ୍କା, କିଏ ଏଇ ରମଣୀ ଘନ ବନାନୀରେ ? କାହିଁକି ଏଠାରେ ଆତ୍ମଝାସ ଦେବାକୁ ଆସିଛି ? ରହସ୍ୟମୟ ଲାଗୁଥିଲା ତା ଦେହରେ ନବବଧୂର ବେଶ, ସିନ୍ଦୂର, କଙ୍କଣ, କଜଳରଙ୍ଗ ଆଖିର କଳାତ୍ମକ ରୂପ, କାବ୍ୟମୟ ଯୌବନ, ଲାସ୍ୟମୟୀ ଦେହର ଦୀପ୍ତି, ବଉଳପାଟର ଅପୂର୍ବ ଆକର୍ଷଣ । ଅଶୋକଙ୍କ ଆଖିରେ ଅଜଣା ଆଶଙ୍କା ଓ ପ୍ରଣୟୀର ମୁଗ୍ଧ ମାଦକତା ନିବିଡ଼ ଭାବରେ ତୋଳିଧରିଥିଲା । ଅଥଚ ତରୁଣୀଟି ମହାର୍ଘ୍ୟ ଜୀବନର ଅବସାନ ପାଇଁ ଜଙ୍ଗଲ ମାର୍ଗରେ ପାଦ ଦେଇଛି । ପ୍ରହେଳିକା ପରି ଲାଗୁଥିଲା ।

ଅପରାହ୍ନରେ ସୂର୍ଯ୍ୟ ପଶ୍ଚିମ ଦିଗନ୍ତରେ ଆଙ୍କିଥିଲା ସନ୍ଧ୍ୟା ଆଗମନର ଇସାରା । ସ୍ୱର୍ଣ୍ଣାଭ ଆଲୋକରେ ସମଗ୍ର ବନ୍ୟ ପ୍ରକୃତି ପ୍ରୀତିପୂର୍ଣ୍ଣ ପରିପୂର୍ଣ୍ଣ । ସୁଷମାନ୍ୱିତ ଆଲୋକର ବର୍ଣ୍ଣାଳୀ । ସବୁଜ ଉପତ୍ୟକା, ବନଗିରି, ନଦୀ, ସବୁଜ ସ୍ନିଗ୍ଧ ସୌନ୍ଦର୍ଯ୍ୟର ବିପଣୀ । ପରମ ପ୍ରକୃତିର ପ୍ରୀତିସ୍ପଦ ଆତିଥ୍ୟରେ ପବିତ୍ର, ପୁଲକିତ, ନଶ୍ୱର ମଣିଷର ମନ । ଜୀବନର କୋଳାହଳ, ଯନ୍ତ୍ରଣାର ହଳାହଳ ଏଠାରେ ନାହିଁ । ଅଛି ମୁହୂର୍ତ୍ତକ ମଧ୍ୟରେ ମଣିଷର ବିଚଳିତ ମନକୁ ଶାନ୍ତ, ସ୍ଥିର କରିବାକୁ ସ୍ଥିତପ୍ରଜ୍ଞ ମନୀଷୀ ପରି ବିଭୁମୟ ଭାବରେ ଭାବ ବିଭୋର କରିବାକୁ । ପ୍ରୀତିପୂର୍ଣ୍ଣା ପ୍ରକୃତିର ପ୍ରାଣମୟ ପ୍ରକାଶରେ ସବୁଜସ୍ୱର୍ଣ୍ଣ ଲାବଣ୍ୟର ଧାରା ଅଶୋକ ଓ ତରୁଣୀର ପ୍ରାଣକନ୍ଦରକୁ ରୋମାଞ୍ଚିତ କରିଥିଲା, ହୃଦୟର ନିଭୃତ ନିଳୟକୁ ଛୁଇଁଛୁଇଁ । ଏହିପରି ମାର୍ମିକ ପରିବେଶରେ ଦୁଇଟି ହୃଦୟର ଆବେଗ ଓ ଉଷ୍ମତା ଉତୁରୁଥିଲା ଆଉଟା କ୍ଷୀରଭଳି । ପରସ୍ପରକୁ ଜାଣିବାର ପ୍ରୟାସ ନିବିଡ଼ ହେଉଥିଲା ନିରବ ଚାହାଣିରେ । ଗଳ୍ପରେ ମଜ୍ଜିଥିଲେ ଦୁହେଁ ଘନଘୋର ବନାନୀର ସବୁଜ ଛାତିରେ, ଜ୍ୟୋତ୍ସ୍ନାସ୍ନାତ ଚାନ୍ଦିନୀ ରାତିରେ ।

ଅଶୋକ : ଦେବୀ, କ୍ଷମାକରିବେ, ଆପଣଙ୍କ ପରିଚୟ...

ତରୁଣୀ : ମୁଁ ମଉଳା ଫୁଲ, ଏଇ ମାଟିର, ମମତାର । ମୋର ପରିଚୟ ମୁଁ ହଜାଇ ଦେଇଛି । ଆଖିରେ ଅଶ୍ରୁ, ଧରା ଶ୍ରାବଣର...

ଅଶୋକ : ଦେବୀ ଆପଣଙ୍କର ନାଁ..

ତରୁଣୀ : ତମ ଓଠରେ ଏଇ 'ଦେବୀ' ନାମ ମୋର ପ୍ରିୟ ।

ଅଶୋକ : ଦେବୀ ତୁମ ହୃଦୟର ଗୋପନୀୟ ଭାବ ବ୍ୟକ୍ତ କରିବାରେ କୁଣ୍ଠା ନାହିଁତ ?

ଦେବୀ : ସ୍ୱାମୀ ଦେବଙ୍କର ପୂଜା ପୂର୍ବରୁ ମୁଁ ମଉଳି ଯାଇଛି । ଆଖିରେ ଅବାରିତ ଅଶ୍ରୁଧାରା ।

ଅଶୋକ : ଦେବୀ ମୋ ଉପରେ ବିଶ୍ୱାସ ଥିଲେ ମତେ କୁହନ୍ତୁ ତୁମରି ହୃଦୟର ଦୁଃଖ ଯଦି



ବୁଝିପାରିବି ! କହିପାରିବାରେ ଅସମର୍ଥ ହେବିନାହିଁ । ଗଳ୍ପକଲେ ହୃଦୟର ଦୁଃଖ ବାଣ୍ଟିହେବ ନିରବରେ, ଅଶ୍ରୁ ଅନୁକମ୍ପାରେ ।

ଦେବୀ : ଦୁଃଖ ଲାଗୁଛି, ହୃଦୟର ଦୁଃଖ ମୋର ନିଜସ୍ୱ, ମୋର ହାତଗଢ଼ା,ଏଥିପାଇଁ ମୁଁ ଦାୟୀ । ମୋର ସୁଷମାନ୍ୱିତ ପୁଷ୍ପିତ ତନୁବଲ୍ଲରୀ ଦାୟୀ । ଏସବୁ ଭାଗ୍ୟର ବିଡ଼ମ୍ବନା । ନଚେତ୍ ଆପଣ ମତେ ବଞ୍ଚାଇ ନଥାନ୍ତେ ଏଇ ଘନ ଘୋର ବନାନୀରେ ?

ଅଶୋକ : ମୋ ହୃଦୟ ଦୁଃଖର ଗନ୍ତାଘର । ଯଦି ପାରିବି ତୁମର ଦୁଃଖକୁ ସାଇତି ରଖିବାକୁ ହୃଦୟ ଖୋଲିଦେବି ।

ଦେବୀ : ଆପଣଙ୍କ ନାଁ, କେଉଁଆଡ଼େ ଯାଉଛନ୍ତି ?

ଅଶୋକ : ମୋର ନାଁ ଅଶୋକ । ସଙ୍କଟପୂର୍ଣ୍ଣ ଜୀବନରେ ଶାନ୍ତି ପାଇଁ, ମୋର ସୁରକ୍ଷା ପାଇଁ ମୋର ଏ ବନଗମନ । ତକ୍ଷଶିଳାରେ ରାଜକୁମାର ରମାଦତ୍ତଙ୍କର କ୍ରୂର ଶାସନରେ ପୀଡ଼ିତ ପ୍ରଜାକୁଳ ବିଦ୍ରୋହ କରିଛନ୍ତି । ମହାରାଜଙ୍କ ଜ୍ୟେଷ୍ଠପୁତ୍ର ସୁମନ୍ତ ବିଦ୍ରୋହ ଦମନରେ ଆସି ଗୁରୁତର ଆହତ ହୋଇ ଶଯ୍ୟାଶାୟୀ । ସେଠାରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାକୁ ମହାରାଜ ବିନ୍ଦୁସାର ମତେ ପଠାଇଛନ୍ତି ।

ଦେବୀ : ଓଃ ! ବନ୍ଦକର ସେ ପାପୀ, ପଶୁ, ପାଷାଣ୍ଡ ରମାଦତ୍ତର ନାମ ଉଚ୍ଚାରଣ । ମୋର ସର୍ବାଙ୍ଗ ଜଳୁଛି ହୁତାସନ ଭଳି । ରମାଦତ୍ତ ରାଜପୁତ୍ର ହେଇପାରେ ତାର ବ୍ୟଭିଚାର, ନୃଶଂସତା, ନିଷ୍ଠୁର ଆଚରଣରେ ପ୍ରଜାକୁଳ ତ୍ରାହିତ୍ରାହି ଡ଼ାକୁଛନ୍ତି । ସେପରି ସଇତାନଠାରୁ ଦୂରେଇ ରୁହନ୍ତୁ । ଏଥିରେ ଆପଣଙ୍କର ଜୀବନର ସୁରକ୍ଷା ।

ଅଶୋକ : ଦେବୀ । ରମାଦତ୍ତ ବ୍ୟଭିଚାରଗ୍ରସ୍ତ, ନିଷ୍ଠୁର ଆପଣ କିପରି ଜାଣିଲେ ?

ଦେବୀ : ସମଗ୍ର ତକ୍ଷଶିଳାରେ ରମାଦତ୍ତ ନାଁ ରେ ଆତଙ୍କ ଖେଳିଯାଇଛି । ତା'ର ଶାସନରେ ପ୍ରଜାକୁଳ ଜୀବନ୍ତ ମୃତ୍ୟୁର ଯନ୍ତ୍ରଣା ଭୋଗୁଛନ୍ତି । ଏଠାରେ କୌଣସି ବିଭାଘର ପୂର୍ବରୁ ରମାଦତ୍ତଙ୍କ ସ୍ୱୀକୃତି ଦରକାର । ବିଭାଘରର ସ୍ୱୀକୃତି ପୂର୍ବରୁ ଜଘନ୍ୟ ସର୍ତ୍ତ ବାସର ରାତିରେ ନବବଧୂ ରାଜ ଅନ୍ତଃପୁରରେ ଥିବା ବିଳାସକକ୍ଷରେ ରାତ୍ରି ବିତାଇବ । ଏଇ ନିଷ୍ଠୁର ବିଧାନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ଜନ ସାଧାରଣଙ୍କୁ ହାତୀ ପାଦତଳେ ଚାପିଦେବା, ମୁଣ୍ଡ କାଟ କରିବା, ଜନ ମାନସରେ ଧର୍ଷଣ କରିବା, କଠିନ କର ଭାର ପ୍ରଜାକୁଳ ଉପରେ ଲଦିଦେଇ ସେ ବିଳାସ କକ୍ଷରେ ସମୟ କାଟୁଛି । ସେଇ ରାକ୍ଷସ ଲାଗି ମୋର ଏ ଅବସ୍ଥା । ମୁଁ ବ୍ରାହ୍ମଣୀ କନ୍ୟା । ବୌଦ୍ଧଧର୍ମରେ ଦୀକ୍ଷିତ । ବୌଦ୍ଧଧର୍ମର ପ୍ରଚାର ପ୍ରସାର ମୋର କର୍ମ । ମୋର ଭାବୀସ୍ୱାମୀ ବୌଦ୍ଧଧର୍ମର ଆଚାର୍ଯ୍ୟ ଥିଲେ । ଆମର ବାହାଘର ପୂର୍ବରୁ ରମାଦତ୍ତର ନିଷ୍ଠୁର ସର୍ତ୍ତ ସେ ମାନି ନେଇଥିଲେ ନିରବରେ । ମୁଁ ଜାଣି ନଥିଲି ମୋର ବାସର ରାତ୍ରି କଟିବ ରାମଦତ୍ତର ବିଳାସ କକ୍ଷରେ । ବିବାହର ଚତୁର୍ଥୀ ଦିନ ବାସର ରାତ୍ରିରେ ମୋର ସ୍ୱାମୀ ବଦଳରେ ରମାଦତ୍ତ ମୋର କରସ୍ପର୍ଶ କରନ୍ତେ ପ୍ରଚଣ୍ଡ ଚିତ୍କାର କରି ମୁଁ ରମାଦତ୍ତ ଆଖିରେ ମୁଣ୍ଡକଣ୍ଟା ଫୁଟାଇ ଦେଇଥିଲି । ବିକଟ ଶବ୍ଦରେ ରମାଦତ୍ତ ହତ୍ୟାକର ହତ୍ୟାକର ବୋଲି ଚିତ୍କାର କରୁଥାଏ ଅସମ୍ଭବ ଯନ୍ତ୍ରଣାରେ । ବାହାରେ ମୁତୟନ ରକ୍ଷୀ ହଠାତ୍ ମୋର ସ୍ୱାମୀକୁ ତରବାରୀ ମୁନରେ ହତ୍ୟାକରି ପଳାୟନକଲେ । ରମାଦତ୍ତ ଗଡୁଥିବା ବେଳେ ମୁଁ ଦରଜା

ବାହାରେ ମୋ ସ୍ୱାମୀଙ୍କର ଶବ ଦେଖି ଭାଙ୍ଗି ପଡ଼ିଲି ପ୍ରଚଣ୍ଡ ଭାବେ । ବୈଧବ ବେଶରେ ବଞ୍ଚିବା ପୂର୍ବରୁ ମଁ ସଧବା ବେଶରେ ଘନ ଜଙ୍ଗଲ ମଧ୍ୟକୁ ଧାଇଁ ଆସିଛି ଆତ୍ମହତ୍ୟା କରିବାକୁ । ରମାଦତ୍ତ ବ୍ୟଭିଚାରରେ କେତେ କୋମଳ କଳିକା ଆତ୍ମଝାସ ଦେଇଛନ୍ତି ତାର ଇୟତା ନାହିଁ । ସେ ନରାଧମ କବଳରୁ ପ୍ରଜାକୁଳକୁ ରକ୍ଷାକଲେ ମୋର ହୃଦୟର ଦୁଃଖ ଲାଘବ ହେବ । ଏଇ ମୋର ମଙ୍ଗଳସୂତ୍ର, ବଉଳପାଟ, ସୀମନ୍ତ ସିନ୍ଦୂର, ଶଙ୍ଖା ସବୁଥିରେ କଳଙ୍କର ଛାପ । ମତେ ବଞ୍ଚେଇ ପାରିବେ କଳଙ୍କକୁ ଧୋଇଦେଇ ।

ଦେବୀଠାରୁ ସମସ୍ତ ଘଟଣା ଜାଣିବା ପରେ ଅଶୋକ ମର୍ମାହତ ହେଲେ ରମାଦତ୍ତରର ବ୍ୟଭିଚାର ଓ କ୍ରୂରତାରେ । ସୁମନ୍ତ ନିଜେ ମଧ୍ୟ ବିଦ୍ରୋହ ଦମନ କରିବାରେ ବିଫଳ, ଆହତ । ବିପର୍ଯ୍ୟୟ ମଧ୍ୟକୁ ସେ ଯେପରି ଟାଣି ହୋଇ ଯାଉଥିଲେ । ଦେବୀଙ୍କୁ ଆଶ୍ୱାସନା ଦେବାକୁ ସେ ମନେ ମନେ ସ୍ଥିର କଲେ । ବଡ଼ଭାଇ ରମାଦତ୍ତର ଉତ୍ପୀଡ଼ନ ପାଇଁ ମଗଧର ରାଷ୍ଟ୍ରୀୟ ସମ୍ମାନ ଧୂଳିସାତ୍ । ଏଇ ବିଷମ ସଙ୍କଟରେ ଦେବୀକୁ ପତ୍ନୀର ମର୍ଯ୍ୟାଦା ଦେଇ ମା ଧରିତ୍ରୀର ଧୂଳି ସାଉଁଟା ଫୁଲକୁ ନିଜ ବେକରେ ପକାଇ ପାରିଲେ ଦେବୀର ଲୁଣ୍ଠିତ ସମ୍ମାନ ରକ୍ଷା ହେବ ।

ଅଶୋକ : ଦେବୀ.. ଯଦି ଆପଣଙ୍କର ଆପତ୍ତି ନଥାଏ, ତେବେ ମୁ ପ୍ରସ୍ତୁତ ଅଛି ଆପଣଙ୍କ ଆଖିରୁ ଲୁହ ପୋଛିବାକୁ । ତୁମରି କଳଙ୍କକୁ ହୃଦୟ ଭିତରେ ସାଇତିବାକୁ, ମୋର ମିନତି ମତେ ବିଶ୍ୱାସ କର । ମୁଁ ଚାହେଁ ତୁମରି ସ୍ନେହ ଓ ସମ୍ମାନ ।

ଦେବୀ : ମୁଁ ପାରିବି ନାହିଁ ପ୍ରିୟତମ ।

ଅଶୋକ : ମୋ ହୃଦୟର ଅଲିଭା କ୍ଷତ ଦେଖିଲେ ତମେ ପାରିବ ଦେବୀ... ତମେ ପାରିବ । ମୋର ଜୀବନ ଗୋଟିଏ ବ୍ୟତିକ୍ରମ । ଜୀବନ ଓ ମୃତ୍ୟୁର ଧାରେ ଧାରେ କଟିଛି ମୋର ବାଲ୍ୟକାଳ । ମୋର ପିତା ବିନ୍ଦୁସାର ମାତା ଧର୍ମାଙ୍କୁ ଗାନ୍ଧର୍ବ ମତରେ ବିବାହ କରିଥିଲେ । ପିତା ଥିଲେ ବୈଶ୍ୟ, ମା ବ୍ରାହ୍ମଣୀ, ତେଣୁ ରାଜଅନ୍ତଃପୁରେ ମହାରାଣୀଙ୍କ ନିର୍ଦ୍ଦେଶରେ ସେ ଭୋଗୁଥିଲେ ଅସୀମ ନିର୍ଯ୍ୟାତନା । ମୁଁ ଜନ୍ମ ହେବା ସମୟରେ ମହାରାଣୀ କପଟରେ ମତେ ନେଇ ଘାତକ ହାତରେ ଦେଇଥିଲେ ମତେ ଗୁପ୍ତରେ ହତ୍ୟା କରିବାକୁ । ବିଧିର ବିଧାନ ବିଚିତ୍ର । ପାହାଡ଼ ଗୁମ୍ଫାରେ ଘାତକ ମତେ ଦେଖି ଦୁଃଖ ଦୟାରେ ତରଳି ଗଲା । ମତେ ହତ୍ୟା ନକରି ଜଙ୍ଗଲରେ ପକ୍ଷୀମାରି ତାର ରକ୍ତ ମହାରାଣୀଙ୍କୁ ଦେଇଥିଲା ମୋର ମୃତ୍ୟୁର ପ୍ରମାଣ ସ୍ୱରୂପ । ମହାରାଣୀ ତୃପ୍ତ ହୋଇଥିଲେ ମୋର ପ୍ରାଣନାଶର ପ୍ରମାଣ ପାଇ । କପଟରେ ଘାତକକୁ ସୁସ୍ୱାଦ ଭୋଜନରେ ବିଷଦେଇ ହତ୍ୟା କରିଥିଲେ ସବୁ ପ୍ରମାଣ ନଷ୍ଟ କରିବାକୁ । ମୁଁ ସକାଳେ ଶବର ଶବରୁଣୀଙ୍କ ଦ୍ୱାରା ଉଦ୍ଧାର ପାଇଥିଲି । ମହାରାଜା ଗୁପ୍ତଚରଠାରୁ ଖବର ପାଇ ଶବରପଲ୍ଲୀରୁ ମତେ ନେଇଯାଇଥିଲେ । ମୁଁ ବାଳକ ଅବସ୍ଥାରେ ମୋର ମା' ଧର୍ମାଙ୍କ ବ୍ୟତୀତ କାହାକୁ ଜାଣିନାହିଁ । କୈଶୋରରେ ମଧ୍ୟ ମହାରାଣୀଙ୍କ ପୁତ୍ରମାନଙ୍କଠାରୁ ନିର୍ମମ ବ୍ୟବହାର ଓ ନିଷ୍ଠୁର ନିର୍ଯାତନା ଭୋଗିଛି । ପାଠପଢ଼ା, ସମର କ୍ରୀଡ଼ା ସବୁଥିରୁ ବଞ୍ଚିତ । ମୋ ଜୀବନପ୍ରତି ସବୁବେଳ ବିପଦ । ତେଣୁ ପିତା ମତେ କଳିଙ୍ଗର ରାଜଦୂତ କରି ପଠାଇଥିଲେ । ଦୁର୍ଭାଗ୍ୟକୁ ମହାରାଣୀଙ୍କ ଚକ୍ରାନ୍ତରେ ମୁଁ ଚୌର୍ଯ୍ୟବୃତ୍ତି ଅପରାଧରେ ଧରାପଡ଼ି କାରାରୁଦ୍ଧ ହେଲି ।



ଅବୈଧ ରାଜପୁତ୍ରର ଅବୈଧ କାର୍ଯ୍ୟ ଏହି ଘୋଷଣାରେ ପ୍ରାଣ ମୋର ଫାଟି ପଡୁଛି । କଳିଙ୍ଗରେ ମୋର ମୃତ୍ୟୁ ଘଟିଛି ଜାଣି ମହାରାଣୀ ମଗଧରେ ବିଜୟ ଉଲ୍ଲାସର ପର୍ବ ପାଳିଛନ୍ତି । ମୁଁ ସଶରୀରରେ ମଗଧରେ ପହଞ୍ଚି ବିସ୍ମିତ ହେଲି ମୋର କ୍ରିୟାକର୍ମ, ଶୁଦ୍ଧିକାର୍ଯ୍ୟ ସରିଯାଇଛି ।

ବର୍ତ୍ତମାନ ତକ୍ଷଶିଳାରେ ଶାନ୍ତି, ସ୍ଥିରତା ଫେରାଇ ଆଣିବାକୁ ପିତାଙ୍କର ନିର୍ଦ୍ଦେଶ । ରାଜପଥରେ ମୋର ଜୀବନ ପ୍ରତି ଗୁରୁତର ବିପଦ ଆଶଙ୍କା କରି ଜଙ୍ଗଲ ରାସ୍ତାକୁ ବାଛି ନେଇଛି । ମୋ ଜୀବନ ଏକ ବିଡ଼ମ୍ବିତ ଜୀବନ, ନିଆଁ ଧୂଆଁର ଜୀବନ, ଦୁଃଖ ଓ ଦୈନ୍ୟର ଜୀବନ । ମତେ ବୁଝିପାରିଲେ ହୃଦୟ ଦୁଃଖ ଲାଘବ ହେବ ଦେବୀ । ତୁମରି ଶଙ୍ଖା ସିନ୍ଦୂରରେ ଅଧିକାର ପାଇଁ ମୋର ନିବେଦନ ତମେ ଗ୍ରହଣ କରିବ ।

ଦେବୀ : ଆଖିରେ ମମତାର ଅଶ୍ରୁଧାରା । ଧନ୍ୟ ପ୍ରିୟତମ, ଧନ୍ୟ ତୁମର ଜୀବନ । ପ୍ରତିଟି ମୁହୂର୍ତ୍ତରେ ମୃତ୍ୟୁ ସହିତ ଲଢ଼ି ଶେଷକୁ ମୋତେ ବଞ୍ଚାଇଲ ମୋ ହୃଦୟ ସାମ୍ରାଜ୍ୟର ସମ୍ରାଟ ହୋଇ । ଧନ୍ୟ ତଥାଗତଙ୍କ ଲୀଳା । ପ୍ରିୟତମ ତମେ ଥରେ ପଛକୁ ଅନାଅ ରାଜବାଟୀ, ରାଜଧାନୀ, ରାଜଉଦ୍ୟାନ । ଏସବୁ ଛାଡ଼ି ଛାର ବ୍ରାହ୍ମଣୀ କନ୍ୟାର ପାଣି ଗ୍ରହଣ କରିବା, କ'ଣ ମୋର ଅଛି ? ପୁଷ୍କରିଣୀରେ ବୁଡ଼ିଗଲାପରେ କୂଳରେ ତମେ ଦେଖିଛ ମୋର ନଗ୍ନ ଦେହ ବଲ୍ଲରୀ ଯାହାକୁ ଦେଖିବାର ଅଧିକାର ଜୀବନ ସର୍ବସ୍ୱ ପ୍ରାଣପ୍ରିୟଙ୍କର । ତମେ ମୋର ବହୁଜନ୍ମର ବାଞ୍ଛିତ ବାସନାର ଅଧିକାରୀ ।

ଅଶୋକ : ସଖୀ, ତମ ହୃଦୟର ଅଧିକାରୀ ହେବାରୁ ବଞ୍ଚିତ କରନାହିଁ ରାଣୀ...

ଦେବୀ : ପ୍ରିୟତମ, ଓଃ ମୁଁ ପାରୁନି ପ୍ରିୟତମ, ନିଷ୍ଠୁର ନିୟତି କଣ ଲେଖିଛି ମୋର କପାଳରେ ? ତୁମରି ମା ଧର୍ମାଙ୍କ ପରି ମୋ ଜୀବନ ସଳିତା ରାଜ ଅନ୍ତଃପୁରରେ ଲିଭିଯିବ, ପ୍ରିୟତମ । ମତେ କ୍ଷମାକର ରାଜପ୍ରସାଦ, ରାଜବିଳାସ ଠାରୁ ବହୁଦୂରରେ ମତେ ବଞ୍ଚିବାକୁ ଦିଅ । ପ୍ରକୃତି କୋଳରେ ମତେ ବଞ୍ଚିବାକୁ ଦିଅ । ଚାରିଦିଗରେ ପାହାଡ଼, ବନଲତା, ନିର୍ଝରିଣୀର ଯାଦୁକାରୀ ସଙ୍ଗୀତର ନୀରବ ପରିବେଶରେ ବୌଦ୍ଧ ଭିକ୍ଷୁଣୀ ଭଳି ବଞ୍ଚିବାକୁ ଦିଅ ପ୍ରିୟତମ, ଏଇ ମୋର ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ । ଭୋଗ ବିଳାସର ଅନେକ ଦୂରରେ ସାଧନାର ପୀଠ । ଏଠାରେ ପତ୍ର କୁଡ଼ିଆ ନିର୍ମାଣ କରି ରହିଥିବି । ତୁମରି ଆଗମନରେ ନିଜକୁ ସଜାଉଥିବି ଫୁଲରେ । ମତେ ଏଠାରେ ଅବକାଶ ଦିଅ ।

ଅଶୋକ : ଦେବୀ, ଧନ୍ୟ ତୁମର ଅଭିଳାଷ । ପ୍ରକୃତିର ପ୍ରାଣକନ୍ଦରରେ ଶାନ୍ତି, ପ୍ରୀତି ପ୍ରାଚୁର୍ଯ୍ୟର ସମ୍ମୋହନ ଶକ୍ତିରେ ତମେ ବାନ୍ଧି ହୋଇଯାଇଛ । ଆଶ୍ରମ ଜୀବନରେ ପବିତ୍ର ପରିବେଶର ତୁଳନା ନାହିଁ । ରାଜଅନ୍ତଃପୁରୀରେ କପଟ, ପ୍ରତାରଣାର ନରକ ଲୀଳା । ପ୍ରତିଟି ପାଦରେ ମୃତ୍ୟୁ ଦୂତର ଶାଣିତ ଛୁରୀ ଉଷୁମ ଶୋଣିତ ପାଇଁ ଘୂରି ବୁଲୁଛି ଗୋପନରେ । ମୋର ଆପତ୍ତି ନାହିଁ ଏଠାରେ ଆଶ୍ରମ ଜୀବନ କାଟିବାରେ । ବୌଦ୍ଧଧର୍ମର ପ୍ରଚାର, ପ୍ରସାର ପାଇଁ ରାଜସୁଖକୁ ତ୍ୟାଗ କରିବରେ । ଭଗବାନ ବୁଦ୍ଧଙ୍କ ମହାନ ବାଣୀ । କାମନାର ବିନାଶରେ ଦୁଃଖର ବିନାଶ । ମୁଁ ରାଜକର୍ମରେ ବିବ୍ରତ ହେଲେ ଛୁଟି ଆସିବ ତୁମ ପାଖକୁ ସ୍ନେହ ସଞ୍ଜୀବନୀ ପାଇଁ । ତୁମରି ପତ୍ର କୁଡ଼ିଆରେ ରାତ୍ରୀ ଯାପନ କରିବାକୁ । ପବିତ୍ର ପରିବେଶରେ ମୁଁ ଭୁଲିଯିବି କ୍ଷତାକ୍ତ, ଯନ୍ତ୍ରଣାକ୍ତ

ଜୀବନର ତିକ୍ତ ଅନୁଭବ ସବୁ । ତୁମରି ହୃଦୟ ବନ୍ଧନରେ ପ୍ରାଣ ମୋର ପୁଲକିତ ହେଉ ଜନ୍ମ, ଜନ୍ମାନ୍ତର ଯାଏ । ଅସୀମ ତ୍ୟାଗକୁ ଆଦରି ନେଇ ଭୋଗବିଳାସକୁ ତ୍ୟାଗ କରିବା ପାଇଁ ତୁମର ଯେଉଁ ତପସ୍ୟା ତାର ତୁଳନା ନାହିଁ । ଧନ୍ୟ ଦେବୀ, ଧନ୍ୟ, ସଖୀ, ଧନ୍ୟ ତୁମର ଆଦର୍ଶ । ଧନ୍ୟ ନାରୀତ୍ୱର ନମ୍ର ପ୍ରକାଶ ।

ଫାଲଗୁନ ଆକାଶରେ ଦଶମୀ ଜହ୍ନର ଜୁଆର । ଆକାଶର ନୀଳିମାରୁ ଶୁଭ୍ର ଜ୍ୟୋତିଧାରା ଆଲୋକ ପ୍ରପାତ ଭଳି ପଡ଼ିଛି ଉଚ୍ଛୁଳି ଉଚ୍ଛୁଳି ଧରଣୀର ଛାତିରେ । ସମଗ୍ର ପରିବେଶ ଶାନ୍ତ ପବିତ୍ର । ପୁଷ୍ପିତା ପ୍ରକୃତି ପ୍ରାଣମୟୀ ଜ୍ୟୋତ୍ସ୍ନା ବିଧୌତ ରଜନୀର ରଜତ ମାୟା । ଅନତି ଦୂରରେ ଗିରିମାଳା ନିଦ୍ରାଗତ । ଜହ୍ନ କିରଣ ଝରିଝରି ପଡୁଛି ଗଛଲତାର ଫାଙ୍କେ ଫାଙ୍କେ । ସୁମଧୁର ଚଇତାଳି ବହି ଆଣୁଥିଲା ବଣୁଆ ଫୁଲର ସଙ୍ଗୀତ । ଏହିଭଳି ମାର୍ମିକ ପରିବେଶରେ ଦୁହେଁ ଆଖି ବୁଲାଉଥିଲେ ପ୍ରକୃତିର ପ୍ରୀତିସୁଧା ପାନ କରିବାକୁ । କିଛି ସମୟପରେ ଅଶୋକ ଦେବୀଙ୍କୁ କହିଲେ, ସଖୀ କିପରି ଲାଗୁଛି ପ୍ରକୃତିର ସୌନ୍ଦର୍ଯ୍ୟ ଫୁଲର ସୁଗନ୍ଧ !

ଦେବୀ : ଅନୁପମ, ଏଇ ରଜନୀ ।

ଅଶୋକ : ଏକାନ୍ତରେ ଉପଭୋଗ କରିବାକୁ ଫାଲ୍‌ଗୁନର ଜହ୍ନ ଓହ୍ଲାଇ ଆସୁଛି ଆକାଶରୁ ଧରଣୀକୁ । ଶାନ୍ତ, ସ୍ନିଗ୍ଧ, ପ୍ରକୃତି ରାଣୀର ଆଖିରେ କାମନାର କଟାକ୍ଷ, ଓଠରେ ମଧୁଛନ୍ଦାର ମାୟା ଓ ମହକ । ଏହିଭଳି ପରିବେଶରେ ଦୁଇ ତରୁଣ ତରୁଣୀ ନିବିଡ଼ ନିଶୀଥରେ ଖୁବ୍ ନିକଟରେ । ଇଚ୍ଛା ହେଉଛି ଜହ୍ନର ଜୁଆରରେ ଲହଡ଼ି ଭାଙ୍ଗିବାକୁ ।

ଦେବୀ : ଖୁବ୍ ମନୋରମ ତୁମରି କଳାତ୍ମକ କାବ୍ୟିକ ପ୍ରାଣସତ୍ତାର ଅପୂର୍ବ ଉଚ୍ଛ୍ୱାସ । ଏଇ ରାତି ଆମ ଜୀବନରେ ସ୍ମରଣୀୟ ଯାହାକୁ ଆମେ ସାଇତି ରଖିବା ସବୁଦିନ ପାଇଁ ।

ଅଶୋକ : ମଙ୍ଗଳ ଲଗ୍ନରେ ନବବଧୂ ରୂପରେ ତମରି ଯୌବନଦୀପ୍ତ ତନୁକାନ୍ତି ଅନନ୍ୟ, ଅପୂର୍ବ ! ଦେବୀଙ୍କର ହାତଧରି ଅଶୋକ ମୃଦୁମୃଦୁ ଚାପ ଦେଉଥିଲେ । ସ୍ମିତ ହସର ଲହରୀରେ ଉଷ୍ମ ଅନୁରାଗମୟ ଆନନ୍ଦ ଦୁଇ ହୃଦୟକୁ ପ୍ଲାବିତ କରୁଥିଲା । ସମର୍ପିତ ପ୍ରୀତିର ପୁଲକରେ ମଜ୍ଜିଥିଲେ ଦୁହେଁ, ହଜିଥିଲେ ଦୁହେଁ । ଭରା ଯୌବନରେ ମାଂସଳ ଫୁଲର ମହକ, ମଧୁ ମାଦକତାର କୁହୁକରେ ଆନମନା ହୋଇଯାଇଥିଲେ ଦୁହେଁ । ଚେନାଏ ଜହ୍ନ ଆଲୁଅରେ ଜାଜ୍ୱଲ୍ୟମାନ ମଣିପରି ଚମତ୍କାର ଦିଶୁଥିଲା ଦୁଗ୍ଧ ଫେନୀଳ ଦେହ । ନିଜସ୍ୱ ଦୀପ୍ତିରେ ଦୀପ୍ତିମାନ ମୁଖମଣ୍ଡଳ, ଦେହମଣ୍ଡଳ, ଗଣ୍ଡଦେଶ, ବିଭବଯୁକ୍ତ ବର୍ତ୍ତୁଳ ବକ୍ଷଯୁଗଳ । ଅଙ୍ଗ ସୌଷ୍ଠବର କମନୀୟ ପ୍ରକାଶ କାବ୍ୟମୟ ରଜନୀ, ଲୋଭନୀୟ ସୃଜନୀ । ପ୍ରକୃତିର ପ୍ରାଚୁର୍ଯ୍ୟରେ ଅସମ୍ଭାଳ ଅଶୋକ ଦେବୀଙ୍କୁ ଦୁଇ ହାତରେ ଚାପିଧରି ମୃଦୁ ଆଲିଙ୍ଗନ କରନ୍ତେ, ଦେବୀ ବାଧାଦେଇ ନିଜକୁ ମୁକୁଳିବାକୁ ବ୍ୟର୍ଥ ଚେଷ୍ଟା କରୁଥିଲେ । ନିବିଡ଼ ଭାବେ ଅଶୋକ ଚାପିଧରି ଚୁମା ପରେ ଚୁମା ଦେଉଥିଲେ । ସଧବା ସିନ୍ଦୂର ପିନ୍ଧି ଦେବୀ ଅଶୋକଙ୍କର ହୃଦୟ ସାଗରରେ ବନ୍ୟ ଝରଣା ଭଳି ଝାସ ଦେଇଥିଲେ । ଆଦିମ ଚେତନାରେ ଦୁଇଟି ଅଜଣା ହୃଦୟ, ଏକାକାର ହୋଇଯାଇଥିଲା ନିବିଡ଼ ନୀଳିମାପରି, ନୀଳ ଲହରୀପରି । ନାରୀ ହୃଦୟର ନଗ୍ନ ସୌନ୍ଦର୍ଯ୍ୟରେ ପ୍ରୀତିସୁଧା ପାନକରି ପରମ ଆନନ୍ଦରେ, ଚରମ ଆନନ୍ଦରେ ନିଦ୍ରା



ଗଲେ ଅଶୋକ । ଦେବୀ ତାଙ୍କ ପାଦ ସେବାକରି ଗଭୀର ଚିନ୍ତାରେ ଶୟନ କଲେ । ତରୁଣ ତରୁଣୀଙ୍କର ମିଳନ ମଗ୍ନ ଅନୁଭବ ଶତ କଦମ୍ବର ରୋମାଞ୍ଚଭଳି ମୂର୍ଚ୍ଛନାମୟ । ଜୀବନରେ ପ୍ରଥମକରି ନଗ୍ନନାରୀର ତନୁଶ୍ରୀ, ବନ୍ୟ ଲାବଣ୍ୟଯୁକ୍ତ ବିଭବ ମିଶ୍ରିତ ମାଂସର କୋଣାର୍କ ଦେଖି ବିମୋହିତ ଅଶୋକ ଦେହ ମିଳନର ଦିବ୍ୟ ଅନୁଭବରେ ଅମୃତ ଲାଭ କରିଥିଲେ ।

ସକାଳର ସୂର୍ଯ୍ୟ ଉଦିତ ହେବାକୁ ଡ଼େରି ଅଛି । ବ୍ରାହ୍ମ ମୁହୂର୍ତ୍ତରେ ନିତ୍ୟକର୍ମ ସାରି ଅଶୋକ ନିଜକୁ ପ୍ରସ୍ତୁତ କଲେ ତକ୍ଷଶିଳା ଯିବାପାଇଁ । ଦେବୀଙ୍କର ସ୍ନେହ, ସାନ୍ନିଧ ସାହଚର୍ଯ୍ୟରେ ପ୍ରସନ୍ନ ଦିଶୁଥିଲେ । ଦେବୀଙ୍କୁ ଫେରି ଆସିବାର ପ୍ରତିଶ୍ରୁତି ଦେଇ ମୃଦୁ ଚୁମ୍ବନଟିଏ ଆଙ୍କି ଦେଲେ ଲଜ୍ଜାରକ୍ତ ଗଣ୍ଡ ଦେଶରେ । ଦେବୀ ସେଠାରେ ଆଶ୍ରମକରି ବଞ୍ଚିରହିବାକୁ ଅଶୋକଙ୍କର ଜ୍ୱଳନ୍ତ ଜୀବନରେ ସ୍ନେହ ଶାନ୍ତିର ପୀୟୂଷ ଭରିବାକୁ ଅଶୋକଙ୍କର ଇଚ୍ଛାକୁ ନିରବ ପ୍ରୀତିର ଉପହାର ଭଳି ମାନିନେଲେ ଖୁବ୍ ନିକଟରେ ତକ୍ଷଶିଳାରେ ଶାନ୍ତି ପ୍ରତିଷ୍ଠା କରି ଦେବୀ ଆଶ୍ରମକୁ ଫେରି ଆସିବାକୁ କହି ଅଶୋକ ଅଶ୍ୱ ପୃଷ୍ଠରେ ଯିବାକୁ ବାହାରିଲେ । ଦୁଇ ପ୍ରେମୀ ଯୁଗଳଙ୍କର ବିଦାୟ ଦୃଶ୍ୟ ମର୍ମସ୍ପର୍ଶୀ, ବେଦନା ବିଧୁର । ବିନ୍ଦୁବିନ୍ଦୁ ଅଶ୍ରୁଧାରାରେ ନୀରବ ଦୁଇଟି ମୁହଁ ।

ଅଶୋକ : ମୋ ଆଖିର ବିନ୍ଦୁବିନ୍ଦୁ ଲୁହ ଯଦି ତୁମକୁ ପାରିବ ଛୁଇଁ । ସଂସାର ସାଗରରେ ପ୍ରାଣପୋତ ମୋର ନିଅ ନିଜହାତେ ବାହି ।

ଦେବୀ : ମୋ ଆଖିର ବିନ୍ଦୁବିନ୍ଦୁ ଲୁହ ଯଦି ତୁମକୁ ପାରିବ ଛୁଇଁ । ତୁମେ ମୋର, ମୁଁ ତୁମର, ଭୋଗ ବିଳାସରେ ମତେ ଭୁଲିଯିବ ନାହିଁ ।

ଅଶୋକ : ପ୍ରୀତିପୂର୍ଣ୍ଣା ତୁମ ପ୍ରୀତି ପୀୟୂଷରେ ପରାଣ ଯାହାର ଭରିଛ / ଆନନ୍ଦ ସନ୍ଧାନେ ହୃଦୟ ବନ୍ଧନେ ଆଶା, ପ୍ରତ୍ୟାଶାରେ ବଞ୍ଚିଛ ।/ ତୁମେ ମୋର ପ୍ରିୟ, ପ୍ରାଣସଖୀ ପ୍ରାୟ ହୃଦୟର ଦୁଃଖ ବୁଝିଚ / ହୃଦୟ ବିଭବ ସ୍ନେହ ପ୍ରେମସୁଧା ଅକାତରେ ତୁମେ ବାଣ୍ଟିଚ ।

ଦେବୀ : ମାଟିର ଫୁଲ ମୁଁ ମମତାର ଫୁଲ ମାଗୁଛି ହୃଦୟ ମୂଲ । ଜନ୍ମ ଜନ୍ମାନ୍ତରେ ପ୍ରୀତି ନିକିତିରେ ହେବାପାଇଁ ସମତୁଲ । ଲୋଭନାହିଁ ମୋର ରାଜସୁଖ ଭୋଗ, ସୁନା, ରୂପା, ହୀରା ନୀଳା । ପ୍ରକୃତି କନ୍ଦରରେ ତ୍ୟାଗ ତପସ୍ୟାରେ ବିତିଯାଉ ମୋର ବେଳା ।

ଅଶୋକ ଦେବୀଙ୍କୁ ଆଲିଙ୍ଗନ କରି ବିଦାୟ ନେଲେ ରାଜ କର୍ମର ଆହ୍ୱାନରେ । କଥା ଦେଲେ ସେ ଶୀଘ୍ର ଫେରି ଆସିବେ ତକ୍ଷଶିଳାରେ ଶାନ୍ତି ପ୍ରତିଷ୍ଠା ପରେ । ଦେବୀ ଚାହିଁ ରହିଥିଲେ ଦୂରଦିଗନ୍ତକୁ । ଅଖଣ୍ଡ ନୀଳିମାକୁ, ଅଶ୍ରୁସ୍ନାତ ହୋଇ । ଦେବୀ ସେହି ସ୍ଥାନରେ ପତ୍ର କୁଡ଼ିଆ ନିର୍ମାଣକରି ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାରରେ ମନୋନିବେଶ କଲେ । ଅଶୋକଙ୍କର ମଙ୍ଗଳ ପାଇଁ ସେ ପ୍ରଣତି ଢ଼ାଳୁଥିଲେ ଶୁଭ ସକାଳେ, ଶାଶ୍ୱତ ସନ୍ଧ୍ୟାରେ । ଅଶୋକ ବିସ୍ମିତ ହେଉଥିଲେ ରାଜଭୋଗର ଲାଳସା ତ୍ୟାଗକରି ଦେବୀଙ୍କର ତ୍ୟାଗମୟ ଜୀବନର ତପସ୍ୟା ଦେଖି ।

ଅଶୋକ ତକ୍ଷଶିଳାରେ ପହଞ୍ଚିବା ମାତ୍ରେ ଜନସାଧାରଣ ଆତଙ୍କିତ ହୋଇ ରାଜପ୍ରାସାଦ ଅବରୁଦ୍ଧ କଲେ । ଅବସ୍ଥା ଗୁରୁତର ଜାଣି ସେ ପ୍ରାସାଦ ଉପରେ ଘୋଷଣା କଲେ ।

‘ରମାଦତ୍ତର ଶାସନ ଶେଷ ହାଇଛି । ଶାନ୍ତି, ସ୍ଥିରତା ଓ ପ୍ରଜାକୁଳ ସହିତ ସୁସମ୍ପର୍କ ରଖିବାକୁ

ମୁଁ ଆସିଛି ରାଜାଦେଶ ପାଳନ କରି । ଆପଣମାନଙ୍କର କର୍ତ୍ତବ୍ୟ ରାଜାଦେଶ ପାଳନ କରନ୍ତୁ । କାଲି ମୁକ୍ତ ଦରବାରରେ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କର ବିଚାର ହେବ । ସମସ୍ତ ଜନ ସାଧାରଣ ଅବରୋଧ ଉଠାଇ ଜନପଦକୁ ଚାଲିଗଲେ । ସକାଳ ସୂର୍ଯ୍ୟ ଉଦିତ ହୋଇ ଆସିଲା ବେଳେ ପୀଡ଼ିତ ପ୍ରଜାକୁଳ ଦରବାରରେ ନ୍ୟାୟ ବିଚାର ଆଶାରେ ବସିଲେ । ଅଶୋକ ଘୋଷଣା କଲେ ଯେଉଁ ନୂଆ କର ଲାଗିଛି ତାହାକୁ ପ୍ରତ୍ୟାହାର କରାଗଲା । ରମାଦତ୍ତର ଅନ୍ୟାୟ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଯେଉଁମାନେ ଶହୀଦ୍ ହୋଇଛନ୍ତି, ସେମାନଙ୍କ ନାମରେ ରାସ୍ତା ଘାଟ ନାମିତ ହେବ ଓ ପ୍ରତ୍ୟେକ ପରବାରରେ ଜଣକୁ ନିଯୁକ୍ତି ଦିଆଯିବ । ଯେଉଁ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ଓ କୃଷକମାନେ ପ୍ରାପ୍ୟ ହରାଇଛନ୍ତି ସେମାନଙ୍କୁ ସବୁପ୍ରକାର ସାହାଯ୍ୟ କରାଯିବ । ସୁଧମୁକ୍ତ ଋଣ ଦିଆଯିବ । ଯେଉଁମାନେ ବିନା ବିଚାରରେ ବନ୍ଦୀ ହୋଇଛନ୍ତି ସେମାନଙ୍କୁ ମୁକ୍ତ କରାଯିବ । ରାଜ୍ୟରେ ଶାନ୍ତି, ସ୍ଥିରତା ରକ୍ଷା ହେଲେ ରାଜ୍ୟର ମଙ୍ଗଳ ହେବ । ଯେଉଁମାନେ ଶାନ୍ତି ଭଙ୍ଗ କରିବାକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କାର୍ଯ୍ୟ କରିବେ ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ ।’ ପ୍ରଜାକୁଳ ଅଶୋକଙ୍କର ଜୟଗାନ କରି ଫେରିଗଲେ ନିଜନିଜର କର୍ମ କ୍ଷେତ୍ରକୁ । ଖୁବ୍ ଶୀଘ୍ର ସେଠାରେ ଶାନ୍ତି ଫେରାଇ ଆଣିବା ସମ୍ଭବ ହେଲା । ସ୍ନେହ, ଶ୍ରଦ୍ଧା, ନମ୍ର ବ୍ୟବହାର ପାଇଁ ଅଶୋକଙ୍କର ଜୟଜୟ ଧ୍ୱନିରେ ଗଗନ ପବନ ମୁଖରିତ ହେଲା । ଅସି ପ୍ରୟୋଗ ନକରି ଶାନ୍ତି ପ୍ରତିଷ୍ଠା କରିବାକୁ ଅଶୋକଙ୍କର ପ୍ରଶଂସା ରାଜ୍ୟସାରା ବ୍ୟାପିଗଲା । ମହାରାଜ ବିନ୍ଦୁସାର ପ୍ରିୟ ପୁତ୍ର ଅଶୋକର ବୁଦ୍ଧିମତ୍ତା ଓ ବିଚକ୍ଷଣ ବ୍ୟକ୍ତିତ୍ୱରେ ମୁଗ୍ଧ ହେଲେ ।

ଅଶୋକ କିଛି କାଳ ତକ୍ଷଶିଳାର ଶାସନଭାର ସମ୍ଭାଳିଲେ । ସବୁଦିନେ ଜନପଦ ଗ୍ରସ୍ତ କରି ପ୍ରଜାମାନଙ୍କର ସୁବିଧା ଓ ଅସୁବିଧା ବୁଝୁଥିଲେ । ଏହାଦ୍ୱାରା ପ୍ରଜାକୁଳ ସହିତ ପ୍ରତ୍ୟକ୍ଷ ସମ୍ପର୍କ ପ୍ରତିଷ୍ଠା ସମ୍ଭବ ହେଲା । ପ୍ରଜାମାନେ ଆନନ୍ଦରେ କାଳାତିପାତ କଲେ । ଅଶୋକଙ୍କ ନେତୃତ୍ୱରେ ନବଯୁଗର ଆରମ୍ଭ ହେଲା । ପ୍ରଜାମାନେ ତ୍ରାହି ତ୍ରାହି ଡାକରୁ ନିସ୍ତାର ପାଇଲେ । ବହୁ ଅମୂଲ୍ୟ ଜୀବନ ରକ୍ଷା ହେଲା । ଟିକିଏ ଅବସର ମିଳିଲେ ଅଶୋକ ବୁଲି ଯାଉଥିଲେ ଦେବୀଙ୍କ ସାନ୍ନିଧ, ସାହଚର୍ଯ୍ୟ ପାଇଁ । ପରମା ପ୍ରକୃତି ରାଜ୍ୟର ଅତିଥି ହୋଇ ପ୍ରିୟତମା ସହିତ ରାତ୍ରି ଯାପନ କରିବାର ଆନନ୍ଦ ଅତୁଳନୀୟ ।

ପର୍ବତର ପାଦଦେଶରେ ଅବସ୍ଥିତ ଦେବୀଙ୍କର ଆଶ୍ରମ । ଭଗବାନ ବୁଦ୍ଧଙ୍କର ଚରମ ଉପାସିକା ସେ । ସେ ପାହଡ ପର୍ବତ ଘେରା ଘଞ୍ଚ ବନାନୀ ମଧ୍ୟରେ ସ୍ରୋତସ୍ୱିନୀ ନିକଟରେ ଆଶ୍ରମର ଶୋଭା ଅବର୍ଣ୍ଣନୀୟ । ପଶୁପକ୍ଷୀ ସମସ୍ତେ ନିର୍ଭୟରେ ବିଚରଣ କରୁଥିଲେ । ଈଶ୍ୱରଙ୍କର ବିଚିତ୍ର ଲୀଳା । ଭୟ, ଆତଙ୍କ, ଅସ୍ଥିରତା ଦୁଃଖର ପ୍ରବେଶ ସେଠାରେ ନିଷିଦ୍ଧ । ଆନନ୍ଦ ନିଳୟ ସେ ପତ୍ର କୁଟୀର । ଦୁଇଟି ମୃଗଶିଶୁ, ପାରା, ଶୁଆ, ନେଉଳ, ଗାଈ ସମସ୍ତେ ସୁଖରେ କାଳ କାଟୁଥିଲେ । ଆଶ୍ରମ ଉଦ୍ୟାନ ନାନାବିଧ ପୁଷ୍ପ, ଲତା, ଫଳ, ବୃକ୍ଷରେ ପୂର୍ଣ୍ଣମୟ ଦିଶୁଥାଏ । ରମଣୀୟ ପରିବେଶ ପବିତ୍ର ଉକ୍ତି ଭାବର ଉତ୍ସ । କାମନାର ବିନାଶରେ ଦୁଃଖର ବିନାଶ, ଏହି ବୌଦ୍ଧ ବାଣୀରେ ଉଦ୍ଦୀପ୍ତ ଦେବୀ । ଧନ୍ୟ ତାଙ୍କର ତ୍ୟାଗ, ତପସ୍ୟା । ରାଜଭୋଗକୁ ଯିଏ ତୁଚ୍ଛ ମଣେ, ଯିଏ ଦୁଃଖ ଦୈନ୍ୟ ମଧ୍ୟରେ ନିର୍ବାଣ ମାର୍ଗରେ ପରିଚାଳିତ, ଧନ୍ୟ ସେ ନାରୀ, ନିୟତିର । ନାରିକେଳ ଭଳି ରୁକ୍ଷ,



ରସମୟ । ଶାଶ୍ୱତ ସୁଖର ଅଧିକାରୀ, ଅପାର୍ଥିବ ଆନନ୍ଦର ଅଧିକାରୀ ।

ରାଜକାର୍ଯ୍ୟରୁ ବିରତି ନେଇ ଅଶୋକ ଅଶ୍ୱପୃଷ୍ଠରେ ଧାଇଁ ଆସୁଥିଲେ ଦେବୀଙ୍କର ଆଶ୍ରମକୁ ସ୍ନେହ, ସାନ୍ନିଧ, ସାହଚର୍ଯ୍ୟ ଆଶାରେ । ଆଶ୍ରମର ବର୍ଣ୍ଣାଢ୍ୟ ପରିବେଶରେ ସେ ମୁଗ୍ଧ ମୋହିତ । ସମ୍ମୋହନର ମାୟା । ସରଳ, ସୁନ୍ଦର, ନିରଳସ ଜୀବନରେ ପ୍ରଚୁର ସୁଖ ସେ ଅନୁଭବ କରୁଥିଲେ ସେଠାରେ । ଯେଉଁଠି କ୍ଷମତାର ଲଢେଇ ନାହିଁ, ଗୁପ୍ତ ଚକ୍ରାନ୍ତର ସ୍ଥାନ ନାହିଁ, ଅଛି ଆଶାପ୍ଲୁତ ପବିତ୍ର ଆନନ୍ଦ । ଆଶ୍ରମ ଜୀବନ ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟର ଗନ୍ତାଘର । ଅଶୋକଙ୍କୁ ଦେଖି ଦିବ୍ୟା, ସୁନ୍ଦରୀ ଦେବୀ ଆନନ୍ଦରେ ଅଭିଭୂତ ହେଲେ । ପ୍ରଣାମ ପୂର୍ବକ ଯଥାମାନ୍ୟ ସତ୍କାର କଲେ । ଦିନସାରା ଗଳ୍ପ କରିବାରେ ମତ୍ତ ଥିଲେ ଦୁହେଁ । ଜ୍ୟୋତ୍ସ୍ନାସ୍ନାତ ପୃଥିବୀରେ ଚୂନାଚୂନା ରୌପ୍ୟ ପୁଷ୍ପ । ସମଗ୍ର ବନାନୀ ନିଦ୍ରାମଗ୍ନ । ଆକାଶରେ ଅଖଣ୍ଡ ନୀଳିମା । ମଧୁମୟ ଦୃଶ୍ୟସବୁ ମନୋମୁଗ୍ଧକର । ରାତ୍ରି ଆଗମନରେ ଘୃତ ଦିପାଳୀର ମହୋତ୍ସବ, ମନ୍ତ୍ରଧ୍ୱନି, ଘଣ୍ଟ, ଶଙ୍ଖ ଧ୍ୱନି ସମଗ୍ର ପରିବେଶକୁ ମୋହାଚ୍ଛନ୍ନ କରି ରଖିଥିଲା । ରାତ୍ରିଭୋଜନ ପରେ  କିଛି ସମୟ ପାଇଁ ଦୁହେଁ ଗୋଟିଏ ବିରାଟ ଶାଳବୃକ୍ଷ ନିକଟରେ ବସି ବସି ଉପଭୋଗ କରୁଥିଲେ ଚାନ୍ଦିନୀ ରାତିର ଚମକକୁ । ତୋଳି ନେଉଥିଲେ ପରମ ଆଗ୍ରହରେ, ଅନୁରାଗରେ ଆଞ୍ଜୁଳା ଆଞ୍ଜୁଳା ଜ୍ୟୋତ୍ସ୍ନା । ପ୍ରଣୟୀଯୁଗଳ ଜହ୍ନ ଆଲୁଅରେ ପରସ୍ପରକୁ ଆଲିଙ୍ଗନ କରି ଚୁମ୍ବନ ଆଙ୍କୁଥିଲେ ପରସ୍ପରର ଗଣ୍ଡଦେଶ, କପାଳରେ । ଅଶୋକ ହସ୍ତ ସଞ୍ଚାଳନ କରୁଥିଲେ ପ୍ରିୟତମା ସଖୀର ଲୋଭନୀୟ  ଅଙ୍ଗ ବଲ୍ଲରୀରେ । ପରମ ତୃପ୍ତି ଆନନ୍ଦରେ ହଜିଥିଲେ ରତିକ୍ରୀଡାରେ । ଆଦାମ୍ ଓ ଇଭ୍‌ର ଶେଷହୀନ ଅନ୍ୱେଷାରେ ଅନୁପମ ଦିଶୁଥିଲେ ଦୁହେଁ । ସ୍ତନଦେଶର ଦୀପ୍ତି ଓ ଭ୍ରୂଲତାର କୃଷ୍ଣାଭ ଦ୍ୟୁତିରେ । ମିଳନ ମୁହୂର୍ତ୍ତରେ ମଧୁମୟ ଆନନ୍ଦ ଆହରଣରେ ମଗ୍ନ ଥିଲେ ଦେବୀ ଓ ଅଶୋକ । ପ୍ରତ୍ୟୁଷରେ ଅଶୋକ ଫେରିଗଲେ ତକ୍ଷଶୀଳାକୁ । ଅବସର ମିଳିଲେ ଅଶୋକ ଆସୁଥିଲେ ଆଶ୍ରମକୁ ସବୁ କ୍ଳାନ୍ତି, କାଳିମାକୁ ଦୂରକରି । ଅଶୋକଙ୍କର ମିଳନ ପର୍ବରେ ଦେବୀ ଗୋଟିଏ ପୁତ୍ର ମହେନ୍ଦ୍ର ଓ ପୁତ୍ରୀ ସଂଘମିତ୍ରାକୁ ପାଇଥିଲେ ।

କିଛିଦିନ ପରେ ମହାରାଜ ବିମ୍ବିସାରଙ୍କ ନିର୍ଦ୍ଦେଶରେ ଅଶୋକ ପାଟଳିପୁତ୍ର ଗଲେ । ସେଠାରେ ଅଶୋକଙ୍କ ବିରୁଦ୍ଧରେ କ୍ରୂର ଷଡଯନ୍ତ୍ର ଦେଖି ବିନ୍ଦୁସାର ଅଶୋକଙ୍କ ଜୀବନହାନି ଆଶଙ୍କାରେ ଅବନ୍ତିର ରାଜଧାନୀ ଉଜ୍ଜୟିନୀର ଦାୟିତ୍ୱ ଦେବାକୁ ଚାହିଁଲେ । ଅଶୋକ ମା’ ଧର୍ମାଙ୍କର ଆଶୀର୍ବାଦ ଓ ପିତାଙ୍କର ‘ଯଶସ୍ୱୀ ହୁଅ’ ବରଦାନ ଲାଭକରି ଉଜ୍ଜୟିନୀ ଗଲେ । ସେଠାରେ ସୁଚାରୁରୂପେ ରାଜ୍ୟ ଶାସନକଲେ । ସେନାବାହିନୀକୁ ଶୃଙ୍ଖଳିତ ଓ ଶକ୍ତିଶାଳୀ କରି ତୋଳିଲେ । ଜନପଦ ଗ୍ରସ୍ତକରି ପ୍ରଜାମାନଙ୍କର ଅସୁବିଧା ଦୂରକଲେ, ସାହଯ୍ୟ ସହାନୁଭୂତି ଦ୍ୱାରା ସେମାନଙ୍କର ହୃଦୟ ଜୟକଲେ । ଜନମଙ୍ଗଳ କାର୍ଯ୍ୟପାଇଁ ସମସ୍ତଙ୍କର ଶ୍ରଦ୍ଧା ଭାଜନହେଲେ ।

ରାଜଧାନୀ ପାଟଳିପୁତ୍ରରେ ମହାରାଜ ବିମ୍ବିସାରଙ୍କର ସିଂହାସନପ୍ରତି ସମସ୍ତଙ୍କର ଲୁବ୍ଧ, ଲୋଲୁପ ଦୃଷ୍ଟି । ବହୁ ଚକ୍ରାନ୍ତ, ଷଡଯନ୍ତ୍ରର ଇୟତା ନାହିଁ । ମହାରାଜ ବୃଦ୍ଧ । ଶାସନ କ୍ଷମତା ଚଳାଇବାକୁ ସେ ଦିନକୁ ଦିନ ଅକ୍ଷମ ଓ ଅସୁସ୍ଥତା ଭୋଗୁଛନ୍ତି । ମହାମନ୍ତ୍ରୀ ରାଧାଗୁପ୍ତ ଅଶୋକଙ୍କୁ ସିଂହାସନରେ ବସାଇବାକୁ ମନେମନେ ସିଦ୍ଧାନ୍ତ କରିଥାନ୍ତି । ୧୦୧ ଭାଇ ମଧ୍ୟରୁ ଅଶୋକ ଶ୍ରେଷ୍ଠ ସବୁଗୁଣରେ ।

ତାର ଶକ୍ତି, ସାହସ, ରଣକ୍ରୀଡା, ସମର କୌଶଳ, ଅସିଚାଳନା, ରାଜ୍ୟ ଶାସନ ଓ କୂଟନୀତିରେ ମଗଧବାସୀ ବିସ୍ମିତ । ଜୈନମୁନୀ ଅଶୋକଙ୍କ ଜାତକ ଲଗ୍ନ ଦେଖି କହିଥିଲେ ସେ ବିଶ୍ୱ ବିଜୟୀ ହେବେ । ଭାରତବର୍ଷରେ ଅଦ୍ୱିତୀୟ ସମ୍ରାଟଭାବେ ଖ୍ୟାତି ଲାଭ କରିବେ । ମହାମନ୍ତ୍ରୀ ରାଧାଗୁପ୍ତ ନିଜ ଝିଅ କୁନ୍ତଳାର ପରିଣୟ ଅଶୋକଙ୍କ ସହିତ କରିବାକୁ ସ୍ୱପ୍ନ ବିଭୋର । ଅଶୋକଙ୍କୁ ରାଜସିଂହାସନ ଦେଇ ନିଜଝିଅକୁ ମଗଧ ସାମ୍ରାଜ୍ୟର ମହାରାଣୀ କରି ନିଜର ଅଧିକାର ସାବ୍ୟସ୍ତ କରିବାର ଅଭିଳାଷ ପୋଷଣ କରିଥିଲେ । ମଗଧର ସିଂହାସନ କଣ୍ଟକପୂର୍ଣ୍ଣ ଜାଣି ଗୁପ୍ତ ମନ୍ତ୍ରଣା କରିବାକୁ ରାଜ୍ୟକାର୍ଯ୍ୟରେ ଉଜ୍ଜୟିନୀ ଗଲେ । ସାଥିରେ କନ୍ୟାରତ୍ନ କୁନ୍ତଳାକୁ ନେଇଯାଇଥିଲେ ଚାରିଚକ୍ଷୁର ମିଳନ ଲାଗି । ଅଶୋକଙ୍କ ସହତ ଆଲୋଚନାବେଳେ ମଗଧର ଭବିଷ୍ୟତ ଲାଗି ସତର୍କ ରହିବାକୁ ସେ ଚେତାଇ ଦେଲେ । କିଛି ଅଘଟଣ ହେଲେ ସେ ସମସ୍ତ ସାହାଯ୍ୟ ଅଶୋକଙ୍କୁ ପରୋକ୍ଷଭାବେ ଯୋଗାଇଦେବେ । ମହାରାଜ ମହାରାଣୀଙ୍କୁ ବିଶ୍ୱାସ କରନ୍ତି ନାହିଁ । ସେ ଦିନକୁ ଦିନ ଅସୁସ୍ଥ ହୋଇ ପଡୁଛନ୍ତି । ଅଶୋକ ମହାମନ୍ତ୍ରୀ ରାଧାଗୁପ୍ତଙ୍କୁ ଯଥାଯଥ ସମ୍ମାନ ଜଣାଇ ନୈଶ ଭୋଜି ନିମନ୍ତେ ନିମନ୍ତ୍ରଣ କରିଥିଲେ । ମହାମନ୍ତ୍ରୀ ଏହା ସୌଭାଗ୍ୟଜନକ କହି ସ୍ୱୀକୃତି ଦେଲେ । ପାର୍ବତ୍ୟ ପାଦଦେଶରେ ଏକ ରମଣୀୟ ସ୍ଥାନରେ ନିର୍ମିତ ଅତିଥି ଭବନକୁ ମନ୍ତ୍ରୀ ଓ ତାଙ୍କର କନ୍ୟା କୁନ୍ତଳାକୁ ଆମନ୍ତ୍ରଣ କରିଥିଲେ । ପାନ ଭୋଜନ ପରେ ସମସ୍ତେ ସେଠାରେ ରାତ୍ରି ଯାପନ କଲେ । ପ୍ରତ୍ୟୁଷରେ ମହାମନ୍ତ୍ରୀ ପାଟଳିପୁତ୍ର ଅଭିମୁଖେ ଗଲାବେଳେ ଝିଅ କୁନ୍ତଳାକୁ ସେଠାରେ ଛାଡିଦେଇ ଗଲେ । ଅଶୋକଙ୍କୁ କୁନ୍ତଳାର ବୁଝାଶୁଣା କରିବାକୁ କହିଲେ । ଏପରି ରମଣୀୟ ସ୍ଥାନରେ ରହବାକୁ କୁନ୍ତଳାର ବହୁତ ଇଚ୍ଛା, ତେଣୁ ତାଙ୍କୁ ସାଥିରେ ନେଇ ଆସିଲି । ସେ ବଡ ଅଝଟ ଝିଅ । ନୃତ୍ୟ ନିପୁଣା, ସଂଗୀତ ପ୍ରବୀଣା, ବାଦ୍ୟକାର, ରୋଷେଇରେ ନିପୁଣ, ଗୃହ କର୍ମରେ ଦିଗ୍‌ଦର୍ଶକ । ତା ପ୍ରତି ଟିକିଏ ଧ୍ୟାନ ରଖୁଥିବେ ଯେପରି ଏତେ ବଡ ବଙ୍ଗଳାରେ ସେ ଯେପରି ଏକାକୀତ୍ୱ ଅନୁଭବ ନ କରେ । ଅଶୋକର ହୃଦୟ ଜୟ ଲାଗି ଯତ୍ନ ନେବାକୁ ଇଙ୍ଗିତକଲେ କୁନ୍ତଳାକୁ । ସେ ଫେରିଗଲେ ପୂର୍ବବତ୍ ରାଜଧାନୀ ପାଟଳିପୁତ୍ରକୁ ।

ଅଶୋକ ଦିନସାରା ରାଜକର୍ମରେ ଲିପ୍ତ ରହି ଅପରାହ୍ଣରେ କ୍ଲାନ୍ତି ମେଣ୍ଟିବାକୁ ରାଜ ଉଦ୍ୟାନକୁ ଗଲେ । ସେଠାରେ କୁନ୍ତଳାଙ୍କୁ ଦେଖି ବିସ୍ମିତ ଓ ଆନନ୍ଦିତ ହେଲେ । ଦୁଇ ମୃଗ ଶିଶୁ ସାଥିରେ କ୍ରୀଡାରତ କୁନ୍ତଳାଙ୍କର ଅପୂର୍ବ ଲାବଣ୍ୟ ଖସିପଡୁଥିଲା ମଣି ମୁକ୍ତାଭଳି । ଯୌବନରେ ପାଦ ଦେଇ ସେ ତୋଳିଥିଲା ମୂର୍ଚ୍ଛନାମୟ ସଙ୍ଗୀତର ଧାରା । ତନୁ ବଲ୍ଲରୀରେ ମାଂସଳ ଫୁଲର ମହକ, ଆଖିରେ, ଓଠରେ ଅଶୁଣା ସଙ୍ଗୀତର କୁହୁକ, ମନ୍ତ୍ରମୁଗ୍ଧ କରି ଦେଇଥିଲା ଅଶୋକଙ୍କୁ । ଅଶୋକ କୁନ୍ତଳାଙ୍କ ସହ କଥାବାର୍ତ୍ତାରେ ମଜ୍ଜିଥିଲେ ଭାବର ଆଦାନ ପ୍ରଦାନରେ ଉଭୟେ ନିକଟରୁ ନିକଟତର ହୋଇଥିଲେ । ରାତ୍ରି ନଇଁ ଆସିଲା ଘନ ତିମିର ସାଥିରେ, ଧରଣୀରାଣୀକୁ ଅଚେତନ କରବାକୁ । ଅଶୋକ ରାତ୍ରି ଭୋଜନ ପାଇଁ କୁନ୍ତଳାକୁ ପାଖରେ ବସାଇଲେ । ଲଜ୍ଜା ଜୁଡୁବୁଡୁ ଯୌବନର ତନୁ ବଲ୍ଲରୀ ନମ୍ର, ନୀରବ । ସେହି ଚାହାଣିରେ ସମୟ ସ୍ଥିର ହୋଇଯାଇଥିଲା ମୁହୂର୍ତ୍ତକ ପାଇଁ । ରାତ୍ରି ଭୋଜନ ପରେ ଅଶୋକ କୁନ୍ତଳା ଗଳ୍ପରେ ମଜ୍ଜି ଗଲେ । ଅଶୋକ ଶୁଣାଉଥିଲେ ତାଙ୍କ ଜୀବନର କଳଙ୍କିତ ଜନ୍ମ କାହାଣୀ, ବାଲ୍ୟଜୀବନରେ ମାତୃ ସ୍ନେହରୁ ଦୂରରେ, କଳିଙ୍ଗରେ । କୈଶୋରରେ ମହାରାଣୀଙ୍କ ପୁତ୍ରମାନଙ୍କର ଦୌରାତ୍ମ୍ୟ, ପ୍ରତ୍ୟେକ କଥାରେ 'ଅବୈଧ' ର ଅପମାନ ମତେ ହିଂସ୍ର କରିଦେଇଛି । ମୋ ଜୀବନ ଗୋଟେ କଳଙ୍କିତ କାହାଣୀ ଯାହାର ନାୟକ ଅଦୃଷ୍ଟ ନିୟତି । କୁନ୍ତଳା ସମବେଦନା ପ୍ରକାଶ କଲା ନିରବରେ ଦୁଇ ବୁନ୍ଦା ଅଶ୍ରୁରେ । ବିଳମ୍ବିତ ରାତ୍ରିରେ କୁନ୍ତଳା ଓ ଅଶୋକ ଅଲଗା ଅଲଗା ଘରେ ଶୟନ ପାଇଁ ଗଲାବେଳେ, କୁନ୍ତଳା ଭୟଭୀତ ହୋଇ କହିଲା, ଆର୍ଯ୍ୟପୁତ୍ର ଏତେ ବଡ ଘରେ ମୁଁ ଏକାକୀ ଶୋଇବା ସମ୍ଭବ ନୁହେଁ । ଯଦି ଆପତ୍ତି ନଥାଏ ମୋ ଘରେ ରାତ୍ରି କଟାଇଲେ ଧନ୍ୟ ହେବି । ଅଶୋକ ଅଧିକ ଚିନ୍ତା ନକରି କୁନ୍ତଳାର ଶୟନ କକ୍ଷରେ ପ୍ରବେଶ କଲେ । କୁନ୍ତଳାଙ୍କୁ ଖଟପାଲିଙ୍କିରେ ଶୋଇବାର ବ୍ୟବସ୍ଥା କରି ତଳେ ଜଗିବସିଲେ । କୁନ୍ତଳା ସ୍ମିତହସି ଆମନ୍ତ୍ରଣ କଲା ଅଶୋକଙ୍କୁ ତା' ପାଖରେ ଶୋଇବାକୁ । ସେ ଆଜି ଯାଏ ଏକୁଟିଆ ଶୋଇନାହିଁ । ଅନ୍ଧାରକୁ ତାର ପ୍ରାଣର ଡର । ଅନ୍ୟ ଉପାୟ ନଦେଖି ଅଶୋକ କୁନ୍ତଳାଙ୍କ ସହିତ ଶୟନ କଲେ । ତରୁଣ ପ୍ରାଣର ସ୍ପର୍ଶରେ ଶିହରିତ ଦେହ, ମନ, ଯୌବନର କେଦାର କାନନ । ଅନୁପମ ଲାଗୁଥିଲା ରୋମାଞ୍ଚିତ ମୁହୂର୍ତ୍ତସବୁ ।

ରକ୍ତମାଂସର ମହକରେ ମୁଖରିତ ତନୁ, ମନ । ଏକାନ୍ତରେ, ନିଶୀଥରେ ମିଳନର ମହୋତ୍ସବ । ଅସମ୍ଭାଳ ଦୁଇ ପ୍ରଣୟୀଙ୍କର ବେଦନା ବିଦଗ୍ଧ ହୃଦୟ ପ୍ରସ୍ତୁତ ଥିଲା ମୁହୂର୍ତ୍ତକ ମଧ୍ୟରେ ମିଶିଯିବାକୁ ଚେତନାରେ, ବ୍ରହ୍ମରେ, ନାଦରେ, କମ୍ପନରେ । ଅଶୋକଙ୍କ ଉଷ୍ଣ ଆଲିଙ୍ଗନରେ କୁନ୍ତଳା ସ୍ନେହମୟ ଶିହରଣରେ ଉଚ୍ଛୁରି ପଡୁଥିଲେ ଉଚ୍ଛଳ ଜଳଧାରା ଭଳି । ଆସ୍ତେ ଆସ୍ତେ ପ୍ରତିବାଦର ନୀରବ ଶବ୍ଦ । କୁନ୍ତଳାଙ୍କ ମୃଦୁ ପ୍ରତିବାଦର ପ୍ରତିରୋଧ କରି ଅଶୋକ ଟାଣି ନେଇଥିଲେ ନିଜର ଛାତିକୁ । ଚାପି ଧରିଥିଲେ ବର୍ତ୍ତୁଳ ସ୍ତନମଣ୍ଡଳକୁ । ଅସଂଖ୍ୟ ଚୁମ୍ବନରେ ମୁଖ ମଣ୍ଡଳରୁ ପ୍ରୀତିସୁଧା ପାନ କରୁଥିଲେ । ଏହିପରି ପ୍ରତିବାଦ ଓ ପ୍ରତିରୋଧର ପର୍ବ ଶେଷରେ ଅଶୋକ କୁନ୍ତଳାର ଗୋପନୀୟ ଅଙ୍ଗଲତିକାର ପୁଷ୍ପିତ କାନନରେ ଝାସ ଦେଇଥିଲେ ଆତ୍ମହରା ହୋଇ । ରାତ୍ରି ଅବସାନ ପରେ ଅଶୋକ ନିତ୍ୟକର୍ମ ସାରି ବୁଲିଯାଇଥିଲେ ରାଜ୍ୟ ଖବର ବୁଝିବା ପାଇଁ । ଏହିପରି ଭାବରେ ସମୟ ବୋହି ଚାଲିଥିଲା ନିଜସ୍ୱ ଗତିପଥରେ । ଅଶୋକଙ୍କ ସହ ପରାମର୍ଶ କରି ଅଙ୍ଗସୁଧା ଲାଭ କରି କୁନ୍ତଳା ତନ୍ମୟ ହୋଇଯାଉଥିଲେ । ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖୁଥିଲେ । ଅଶୋକଙ୍କ ସହ ପରାମର୍ଶ କରି କୁନ୍ତଳା ମା' ଧର୍ମାଙ୍କୁ ନିଜର ମନ କଥା ଜଣାଇବାକୁ ଚାହିଁଲେ । କିଛିଦିନ ଏଠାରେ ଅବସ୍ଥାନ କରି ସେ ପିତାଙ୍କ ସାଥିରେ ରାଜଧାନୀ ପାଟଳିପୁତ୍ରକୁ ଫେରିଗଲେ । କୁନ୍ତଳା ବିନା ଜୀବନ ବଡ ଦୁର୍ବିସହ ଲାଗୁଥିଲା । ଅଶୋକଙ୍କର ଅନ୍ତଃହୃଦୟ ଦୁହିଁ ହୋଇଯାଉଥିଲା ଦୁଃଖରେ ।

ରାଜଧାନୀ ପାଟଳିପୁତ୍ରରେ ମହାରାଜ ବିମ୍ବିସାର ଅନେକ ସମୟ ରାଜକାର୍ଯ୍ୟରୁ ବିରତି ନେଉଥିଲେ ଭଗ୍ନସ୍ୱାସ୍ଥ୍ୟ ଓ ବାର୍ଦ୍ଧକ୍ୟର ତାଡନାରେ । ଜ୍ୟେଷ୍ଠପୁତ୍ର ସୁମନ୍ତ ଓ ମହାରାଣୀ କ୍ଷମତା ଉପଭୋଗ କରୁଥିଲେ । ବିମ୍ବିସାରଙ୍କ ମୃତ୍ୟୁ ପୂର୍ବରୁ କିପରି ଅଶୋକଙ୍କୁ ନିପାତ କରାଯିବ ସେଥିପାଇଁ ବହୁ ମନ୍ତ୍ରଣା ଓ ଗୋପନ ଷଡଯନ୍ତ୍ର ଚାଲିଥାଏ । କେଉଁ ମୁହୂର୍ତ୍ତରେ ମହାରାଜାଙ୍କର ମହାପ୍ରୟାଣ ଘଟିପାରେ । ତେଣୁ ସିଂହାସନ ଅଧିକାର ଲାଗି ସମସ୍ତ ରାଜପୁତ୍ର, ମହାରାଣୀ, ସେନାପତି ସମସ୍ତେ ଦିବାସ୍ୱପ୍ନରେ ବିଭୋରଥିଲେ । ମହାମନ୍ତ୍ରୀ ରାଧାଗୁପ୍ତ ଗୋପନବାର୍ତ୍ତା ପଠାଇଲେ ଅଶୋକଙ୍କ ପାଖକୁ

ସେନାକୁ ସତର୍କ ଅବସ୍ଥାରେ ରଖିବାକୁ । ସେନାବାହିନୀ ସମରାଭ୍ୟାସ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ ।

ମା' ଧର୍ମା ରାଜପ୍ରାସାଦରେ 'ଅବୈଧ ରାଜରାଣୀ' ପ୍ରଭୃତି କଟୁମନ୍ତବ୍ୟ ଓ ହିଂସ୍ର ବ୍ୟବହାରରେ ଅତିଷ୍ଠ ହୋଇ କାଳ କାଟୁଥିଲେ ଦୁଃଖରେ । ଅବାରିତ ଅଶ୍ରୁଧାରାର ଯେମିତି ଶେଷ ନାହିଁ । ଅଶୋକଙ୍କ ସହିତ ମିଳିତ ହେବାଠାରୁ ଏଣିକି କୁନ୍ତଳା ସମୟ ସମୟରେ ମା ଧର୍ମାଙ୍କ ସହିତ ବାର୍ତ୍ତାଳାପ କରିବାକୁ ରାଜପ୍ରାସାଦକୁ ଆସୁଥିଲେ । ଅଶୋକ ଉଜ୍ଜୟିନୀରେ ଭଲରେ ଅଛନ୍ତି କହି ସାନ୍ତ୍ୱନା ଦେଉଥିଲେ । ଭଲ ମନ୍ଦ କଥା ହେଉଥିଲେ । ଅନେକ ସମୟ ମା' ଧର୍ମାଙ୍କ ପାଖରେ ବସି ପାଦସେବା କରୁଥିଲେ ।

ଅଶୋକଙ୍କର ସ୍ୱହସ୍ତଲିଖିତ ଚିଠିଟିଏ କୁନ୍ତଳା ମା'ଧର୍ମାଙ୍କୁ ଦେଲେ । ଚିଠି ପଢ଼ି ସେ ଆନନ୍ଦିତ ହେଲେ । କୁନ୍ତଳାକୁ ଘରକୁ ବୋହୂ କରି ଆଣିବାକୁ ତାଙ୍କ ମନର ବାସନାକୁ ବ୍ୟକ୍ତ କରିଥିଲେ । ଉଭୟେ ପରସ୍ପରକୁ ଭଲପାଉଥିଲେ । ମା'ଙ୍କର ସଦୟ ସ୍ୱୀକୃତି ଓ ସମ୍ମତି ପାଇଁ ଚିଠିରେ ନିବେଦନ । ସେ କୁନ୍ତଳାକୁ ଆଶୀର୍ବାଦ ଦେଲେ ଜୀବନରେ ସଫଳ ହୁଅ । କୁନ୍ତଳା ଦିନକୁ ଦିନ ଅଧିକ ସମୟ ଯାଏ ଧର୍ମାଙ୍କ ସହିତ ବିତେଇବାରୁ ମହାରାଣୀଙ୍କ ମନରେ ସନ୍ଦେହ ଜାତ ହେଲା । କୁନ୍ତଳାର ଗତିବିଧି ଉପରେ ଗୁପ୍ତରେ ନଜର ରଖିବାକୁ ମହାରାଣୀଙ୍କର କଡା ନିର୍ଦ୍ଦେଶ । କୁନ୍ତଳା ଅଶୋକଙ୍କର ପ୍ରଣୟ ପ୍ରାର୍ଥିନୀ ଜାଣି ମନେ ମନେ କ୍ରୂର ହସ ହସୁଥିଲେ ମଗଧର ସର୍ବଶକ୍ତିମାନ ମହାରାଣୀ । ଅଶୋକଙ୍କୁ ଉଜ୍ଜୟିନୀରେ ସାକ୍ଷାତ କରିବା ଦିନଠାରୁ କୁନ୍ତଳାର ପ୍ରେମଭାବ ବୃଦ୍ଧି ପାଇଛି ଚକ୍ରବର୍ତ୍ତୀ ସୁଧଭଳି । ଅଶୋକଙ୍କୁ କାଳଫାଶରେ ବାନ୍ଧିବାକୁ ମା' ଧର୍ମା, ପ୍ରେମିକା କୁନ୍ତଳାକୁ ବ୍ୟବହାର କରିବା ଉଚିତ୍ ହେବ । ଉପଯୁକ୍ତ ସମୟକୁ ପ୍ରତୀକ୍ଷା କରି ନୀରବ ରହିଲେ ସେ ।

କଳିଙ୍ଗ କନ୍ୟା କଳାବତୀର ମଧୁର କଳରବ ସମର୍ପିତ ପ୍ରୀତିଭାବ, ସ୍ନେହ ସାନ୍ନିଧ୍ୟ ଅଶୋକଙ୍କ ମନରେ ଗଭୀର ରେଖାପାତ କରୁଥିଲା । କଳାବତୀ ବିନା ଜୀବନଟା ଅପୂର୍ଣ୍ଣ ଅପୂର୍ଣ୍ଣ ଲାଗୁଥିଲା । ବିରହ ବିଦଗ୍ଧ ହୃଦୟ ତାଙ୍କର ଫାଟି ପଡୁଥିଲା ଗତାୟୁ ଦିନର ସ୍ମୃତିରେ । କଳାବତୀର ନିବିଡ ପ୍ରେମ ନୀଳ ଆକାଶର ନୀଳିମା ଭଳି, ଦୁଗ୍ଧ ନୀଳ ଜହ୍ନଭଳି ମମତାମୟ, ମୁଲାୟମ । କଳାବତୀର ଆଖିରେ କୋଟି କଳ୍ପନାର ଇନ୍ଦ୍ରଧନୁ, ଓଠରେ କୁହୁକର ମାୟା, ମୋହବତ୍ । ଅନେକ ଦିନ ହେଲାଣି କଳିଙ୍ଗରୁ ଅପମାନ ପାଇ ଫେରି ଆସିବାର । କଳାବତୀର ଶାଣିତ ବ୍ୟକ୍ତିତ୍ୱ, ମମତା ଓ କ୍ରୂରତାର ଅପୂର୍ବ ମିଳନ ତାଙ୍କ ହୃଦୟ ରାଜ୍ୟକୁ ଦୋହଲାଇ ଦେଉଥିଲା ସ୍ମୃତିଚାରଣ ମାତ୍ରେ । ନିଜ ହୃଦୟର ବିଦଗଧ ଭାବକୁ ବ୍ୟକ୍ତ କରିବାକୁ ସେ ଲେଖୁଥିଲେ ଚିଠି ପରେ ଚିଠି ପ୍ରାଣପ୍ରିୟା କଳାବତୀର ମମତାସିକ୍ତ ସାନ୍ନିଧ୍ୟ ପାଇଁ । କ୍ରୋଧ ଓ କ୍ରୂରତାର ବିସ୍ମୃତି ପାଇଁ । ବିଶ୍ୱସ୍ତ ବଣିକ ହାତରେ ସେ ଚିଠି ପଠାଉଥିଲେ ଅତି ଗୋପନରେ କଳିଙ୍ଗ ରାଜାଙ୍କ ମାଲ୍ୟାଣୀକୁ ଦେବାପାଇଁ । ମାଲ୍ୟାଣୀ ଚିଠିସବୁ ଗୋପନରେ କଳାବତୀଙ୍କୁ ଦେଉଥିଲେ । କଳାବତୀର କୃଷ୍ଣାଭ କଟାକ୍ଷରେ ଦ୍ୟୁତି ଓ ଦୀପ୍ତିରେ ବିଭୋର, ବିସ୍ମିତ ଅଶୋକ । କୃଷ୍ଣା କାରୁବାକୀର ଚୂର୍ଣ୍ଣ କୁନ୍ତଳରେ କୃଷ୍ଣଘନର ଭ୍ରମ । ଭ୍ରୂଲତାରେ ଭ୍ରମର ଯେପରି ନୟନ କମଳକୁ ଚୁମ୍ବୁଅଛି ଚରମ ଆନନ୍ଦରେ ଅଭିଭୂତ ହୋଇ । ଆଖି, ଓଠ, ଗ୍ରୀବା ସବୁଠି ଚଳଚଞ୍ଚଳ ଯୌବନର ଉଚ୍ଛଳ ପ୍ରକାଶ । ସ୍ତନଦେଶକୁ ଆବୃତ କରି ସୂକ୍ଷ୍ମ ଆବରଣ ଅପୂର୍ବ । କଞ୍ଚାଆମ୍ବ ଭଳି କମନୀୟ ଯୌବନର ଜୀବନ୍ତ ପ୍ରକାଶ ସ୍ତନଯୁଗଳରେ । ଦୁର୍ବାଦଳର ଦୀପ୍ତିରେ ଦୀପ୍ତିମାନ ଲାବଣ୍ୟମୟୀର ଲୋଭନୀୟ ସୌନ୍ଦର୍ଯ୍ୟ । ଦେହ ବଲ୍ଲରୀରେ ସବୁଜ ଶ୍ୟାମଳିମା । କର ପଲ୍ଲବରେ ଶ୍ୱେତ ଆରକ୍ତ ଶତଦଳର ବର୍ଣ୍ଣମୟ ଛଟା । ସୁଗଠିତ ସୁଠାମ ଅଙ୍ଗସୌଷ୍ଠବ ପ୍ରିୟତମର ଆଖିରେ ଅତୁଳନୀୟ । ଅନୁପମ । ଛନ୍ଦଛପଳ ଚାଲି । ଚପଳାର ଚମକ ଭଳି ରାଜହଂସୀର ଦୋଳାୟିତ ଭଙ୍ଗୀଭଳି ମନୋମୁଗ୍ଧକର । ଭାଷାରେ, ଭାବଭଙ୍ଗୀରେ ଯୌବନର ଅପୂର୍ବ ଆବେଦନ । ଅଶୋକଙ୍କ ସ୍ମୃତିରେ ସବୁଜ, ସ୍ୱପ୍ନରେ ସଜୀବ । ଚେତନାରେ ଚିରନ୍ତନ । ଅବଚେତନାରେ ଅନନ୍ୟ । ଅବିସ୍ମରଣୀୟ । କଳାବତୀର ହୃଦୟ ଜୟ କରିବା ଲାଗି ତାଙ୍କର ଏ ଚିଠି । ଶାନ୍ତିପାଇଁ, ପ୍ରୀତିପାଇଁ ନିଜର ବିଦଗଧ ହୃଦୟର ମାର୍ମିକ ଅଭିବ୍ୟକ୍ତି ପାଇଁ ସେ ଅଜାଡି ଦେଇଥିଲେ ପ୍ରେମିକ ପ୍ରାଣର ସ୍ୱପ୍ନ ସମ୍ଭାବନାକୁ, ଅଶ୍ରୁ ଆନନ୍ଦକୁ, ମାୟା ମମତାକୁ, ସ୍ମୃତି ସୌନ୍ଦର୍ଯ୍ୟକୁ, ଆନନ୍ଦରେ, ଆବେଗରେ, ଉଷ୍ମ ଅନୁରାଗରେ ।

■■

# ଅଶୋକଙ୍କ ସିଂହାସନ ଆରୋହଣ

ମହାନ୍ ମୌର୍ଯ୍ୟସମ୍ରାଟ ବିନ୍ଦୁସାରଙ୍କ ମହାପ୍ରୟାଣ ସମ୍ବାଦରେ ସମଗ୍ର ମଗଧବାସୀ ବିସ୍ମିତ ହେଲେ । ଜ୍ୟେଷ୍ଠ ରାଜକୁମାର ସୁମନ୍ତ ଓ ମହାରାଣୀ କ୍ଷମତା ଦଖଲପାଇଁ ସେନାକୁ ସତର୍କ ରଖିବାକୁ ମହାସେନାପତି ବଜ୍ରବାହୁଙ୍କୁ ନିର୍ଦ୍ଦେଶ ଦେଲେ । କୂଟନୀତି ବଳରେ ମହାରାଣୀ ଏକଶତ ପୁତ୍ରକୁ ଏକାଠି କଲେ । ଅଶୋକ ବିରୁଦ୍ଧରେ ବ୍ୟୂହ ରଚନା କଲେ । ମହାମନ୍ତ୍ରୀ ରାଧାଗୁପ୍ତ ଝିଅ କୁନ୍ତଳାକୁ ମହାରାଣୀ କରିବାକୁ ଅଶୋକଙ୍କୁ ସିଂହାସନରେ ଅଧିଷ୍ଠିତ କରିବାକୁ ଷଡଯନ୍ତ୍ରର ଜାଲ ବୁଣିଲେ । ଅର୍ଥ ଓ ପଦବୀର ଲାଳସା ଦ୍ୱାରା ସମସ୍ତଙ୍କୁ ବଶୀଭୂତ କରି ସୁମନ୍ତଙ୍କୁ ରାଜ ସିଂହାସନରେ ବସାଇ ମୌର୍ଯ୍ୟ ସାମ୍ରାଜ୍ୟର ସମ୍ରାଟ ଭାବେ ଘୋଷଣା କରାଗଲା । ସବୁରି କଣ୍ଟା ଅଶୋକଙ୍କୁ ଉଜ୍ଜୟିନୀରେ ମୃତ ବା ଜୀବନ୍ତ ଅବସ୍ଥାରେ ଧରିବାକୁ ଏକ ବିଶାଳ ସେନାସହ ମହାସେନାପତି ବଜ୍ରବାହୁଙ୍କୁ ଉଜ୍ଜୟିନୀ ପଠାଇଲେ । କପଟ କୌଶଳରେ ମହାମନ୍ତ୍ରୀ ରାଧାଗୁପ୍ତ ଅଶୋକଙ୍କୁ ବଶୀଭୂତ କରିବାକୁ ଉଜ୍ଜୟିନୀ ଯିବାକୁ ନିର୍ଦ୍ଦେଶ ଦେଲେ । ମହାମନ୍ତ୍ରୀ ଓ ମହାସେନାପତି ବିଶାଳ ସେନାସହ ଉଜ୍ଜୟିନୀ ଅଭିମୁଖେ ଯାତ୍ରା କଲେ । ଉଜ୍ଜୟିନୀର ଅନତି ଦୂରରେ ସେନାବାହିନୀକୁ ଡ଼େରାପକାଇ ରାଧାଗୁପ୍ତ ଓ ବଜ୍ରସେନ ଅଶୋକଙ୍କୁ ପିତାଙ୍କର ପରଲୋକଗତ ସମ୍ବାଦ ଶୁଣାଇଲେ । ଅଶୋକ ଆଦର ପୂର୍ବକ ଅଭ୍ୟର୍ଥନା ଜଣାଇଲେ । ପାନ ଭୋଜନ ପରେ ମନ୍ତ୍ରଣା କଲେ । ଅଶୋକ ସିଂହାସନ ଲାଭକଲେ ଏମାନେ ନିଜନିଜ ପଦବୀରେ ଅଧିଷ୍ଠିତ ହେବାପାଇଁ ଅଶୋକ ସ୍ୱୀକୋରକ୍ତି ପ୍ରଦାନ କଲେ । ରାତ୍ରିର ଅନ୍ଧାର ମଧ୍ୟରେ ମଗଧର ବିଶାଳ ସେନା ଓ ଉଜ୍ଜୟିନୀର ସେନାସହ ସମସ୍ତେ ରାଜଧାନୀ ପାଟଳିପୁତ୍ର ଅଭିମୁଖେ ଯାତ୍ରା କଲେ । ରାଜଧାନୀ ଅଧିକାର କରିବାକୁ ମଗଧ ସେନା ଓ ଉଜ୍ଜୟିନୀ ସେନା ସହ ଅଶୋକ ରାଜଧାନୀ ପାଟଳିପୁତ୍ର ଆସୁଥିବା ଖବର ଗୁପ୍ତଚରଠାରୁ ପାଇବାପରେ ମହାରାଣୀ ଆତଙ୍କିତ ହୋଇପଡିଲେ । ରାଜଧାନୀର ଅବଶିଷ୍ଟ ସେନାକୁ ଚତୁର୍ଦ୍ଦିଗରେ ମୃତୟନକରି ବ୍ୟୂହ ରଚନା କଲେ । ଅଶୋକର ଦୌରାତ୍ମ୍ୟରୁ ସିଂହାସନକୁ ରକ୍ଷାକରିବାକୁ ପୂର୍ବ, ପଶ୍ଚିମ, ଉତ୍ତରଦିଗରୁ ମଗଧ ସେନା ତତ୍କ୍ଷଣାତ୍ ରାଜଧାନୀକୁ ଆସିବାପାଇଁ ଜରୁରୀ ନିର୍ଦ୍ଦେଶ ପଠାଇଲେ । ମଗଧର ସାଧାରଣ ଜନତାଙ୍କୁ ସାମ୍ଭାବ୍ୟ ଯୁଦ୍ଧ ସମ୍ପର୍କରେ ସଚେତନ କରିବା ପାଇଁ କଠୋର ନିର୍ଦ୍ଦେଶ ଦେଲେ । ରାଜଧାନୀ ବାହାରକୁ କେହି ଯିବେ ନାହିଁ । ଦରକାର ପଡିଲେ ସମସ୍ତେ ଯୁଦ୍ଧରେ ଭାଗନେବାକୁ, ସମରାଭ୍ୟାସରେ ଯୋଗ



ଦେବାକୁ ଘୋଷଣା କଲେ ।

ନିଜର ସେନାସହ ଅଶୋକ ରାଜଧାନୀର ଉପକଣ୍ଠରେ ପହଞ୍ଚିବା ମାତ୍ରେ ସମ୍ମୁଖରେ ବିଶାଳ ମଗଧସେନା ତାଙ୍କୁ ପ୍ରତିରୋଧ କରିବାକୁ ପ୍ରତୀକ୍ଷା କରିଛି । ସାମ୍ଭାବ୍ୟ ବିପଦ ମାଡିଆସୁଛି । ଯୁଦ୍ଧ ପୂର୍ବରୁ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ହେଲା, ଦୁର୍ଭାଗ୍ୟକୁ ଏହା ବ୍ୟର୍ଥ ହେଲା । ରଣାଙ୍ଗନରେ ବୀର ବାଦ୍ୟ, ଘଣ୍ଟ, କାହାଳୀ, ତୂରୀ, ଭେରୀ ବାଜିଉଠିଲା । ଉଭୟ ପକ୍ଷ ଭୀଷଣ ଲଢେଇରେ ମାତିଲେ । ଭୟଙ୍କର ଯୁଦ୍ଧରେ ବହୁତ ସେନା ହତାହତ ହେଲେ । ମହାରାଣୀଙ୍କ ନେତୃତ୍ୱରେ ଏକଶତ ପୁତ୍ର, ରଥୀ, ମହାରଥୀ, ସେନାପତି ସମସ୍ତେ ସାହସର ସହ ଲଢେଇ କରୁଥିଲେ । ଯୁଦ୍ଧର ଗତି ଅନେକଦିନ ଅମୀମାଂଶିତ ରହିଲା । ଅଶୋକଙ୍କୁ ସମ୍ମୁଖ ଯୁଦ୍ଧରେ ହରେଇବା ଅସମ୍ଭବ ହେଲା । ତେଣୁ ମହାରାଣୀ ଧର୍ମା ଓ କୁନ୍ତଳାଙ୍କୁ ରଣଭୂମିର ଅଗ୍ରଭାଗରେ ରଖି ଯୁଦ୍ଧ କରିବାକୁ ନିର୍ଦ୍ଦେଶ ଦେଲେ । ଖଡ଼ଗ୍ ଯୁଦ୍ଧର ଝଙ୍କାର, ଅଶ୍ୱ, ହସ୍ତିର ହୁଙ୍କାର, ତୀରବର୍ଷା, ବର୍ଚ୍ଛା କ୍ଷେପଣରେ କମ୍ପି ଉଠୁଥିଲା ରଣଭୂମି, ମୃତ୍ୟୁର ତାଣ୍ଡବ ଲୀଳାରେ । ମହାରାଣୀଙ୍କ ନିର୍ଦ୍ଦେଶରେ ସୁମନ୍ତ ରଥର ଅଗ୍ରଭାଗରେ ଧର୍ମା ଓ କୁନ୍ତଳାକୁ ବାନ୍ଧି ଯୁଦ୍ଧ କଲେ । ସମ୍ମୁଖ ଯୁଦ୍ଧରେ ପ୍ରାଣପ୍ରିୟ ମା' ଧର୍ମା, ପ୍ରଣୟିନୀ କୁନ୍ତଳାକୁ ଦେଖି ମହାମନ୍ତ୍ରୀ, ଅଶୋକ, ମହାସେନାପତି ସ୍ତମ୍ଭୀଭୂତ ହେଲେ । ଯୁଦ୍ଧର ଶେଷ ନାହିଁ । ସୁମନ୍ତ ଘୋଷଣା କଲେ ଅବୈଧ ରାଜପୁତ୍ର ଅଶୋକ, ବିଶ୍ୱାସଘାତକ ମହାମନ୍ତ୍ରୀ, ମହାସେନାପତିଙ୍କ ଆତ୍ମସମର୍ପଣ ବିନା ଶାନ୍ତି ଅସମ୍ଭବ । ଏହିଭଳି ସଙ୍କଟ ସମୟରେ ଅଶୋକ ସ୍ଥିର ଚିତ୍ତରେ ଯୁଦ୍ଧ କଲେ । ସେ ଭଲ ଭାବରେ ଉପଲବ୍ଧି କଲେ ଆତ୍ମସମର୍ପଣ ଅର୍ଥ ମୁଣ୍ଡ କାଟ । ଯୁଦ୍ଧର ଗତି ଦିନକୁ ଦିନ ବଢି ଚାଲିଲା । ଯୁଦ୍ଧସମୟରେ ସୁମନ୍ତ ନିଷ୍ଠୁର ଭାବେ ପିଟୁଥିଲେ ଧର୍ମା କୁନ୍ତଳାଙ୍କୁ । ବଞ୍ଚାଅ ବଞ୍ଚାଅ କହି ଆର୍ତ୍ତ ଚିତ୍କାର କରୁଥିଲେ ଦୁହେଁ । ଅଶୋକ, ମହାମନ୍ତ୍ରୀ, ମହାସେନାପତି ଲଢୁଥିଲେ ଜୀବନ ଓ ମରଣର ରଣ । ଅଶୋକ ଶାନ୍ତି ପ୍ରସ୍ତାବରେ ରାଜି ନ ହେବାରୁ ସୁମନ୍ତ ଉତ୍ତେଜିତ ହୋଇ ଭାଇମାନଙ୍କୁ ଏକାଠି କରି ଧର୍ମା ଓ କୁନ୍ତଳାକୁ ଉଲଗ୍ନ କରି ଗଣଧର୍ଷଣ କଲେ ଓ ସେମାନଙ୍କର ମୁଣ୍ଡ, ହାତ, ଗୋଡ, ସ୍ତନ କାଟି ଅଶୋକ ପାଖକୁ ଫିଙ୍ଗିଲେ । ଏଭଳି ଦୃଶ୍ୟ ଦେଖି ଅଶୋକ ଅଚେତନ ହୋଇ ରଥ ଉପରୁ ଖସିପଡିଲେ । ମହାମନ୍ତ୍ରୀ ଚେତାଶୂନ୍ୟ ହେଲେ । ଯୁଦ୍ଧ ପରିଚାଳନା ମହାସେନାପତି ବଜ୍ରବାହୁ ଦକ୍ଷତାର ସହ କରୁଥିଲେ । ଅଚେତନ ଅବସ୍ଥାରେ ଦୁହେଁ ଶିବିରରେ ପହଞ୍ଚିଲେ । ସାଷ୍ଟାଙ୍ଗ ହେବାମାତ୍ରେ ଅଶୋକ, ମହାମନ୍ତ୍ରୀ ନେଲେ ରକ୍ତ ଶପଥ ଯୁଦ୍ଧରେ ବିଜୟ ପାଇଁ ।

ମନ୍ତ୍ରଣା ଶେଷରେ ଅଶୋକ ପ୍ରସ୍ତାବ ଦେଲେ ସୂର୍ଯ୍ୟ ଉଦୟଠାରୁ ଅସ୍ତ ଯାଏ ଲଢେଇ କରି ମଗଧ ସେନାଙ୍କୁ ପରାସ୍ତ କରିବା ବହୁ ସମୟ ସାପେକ୍ଷ । ତେଣୁ, ରାତ୍ରିର ଅନ୍ଧକାର ମଧ୍ୟରେ ଅତର୍କିତ ଗରିଲା ଯୁଦ୍ଧରେ ସେମାନଙ୍କୁ ବିସ୍ମିତ କରି ବିଜୟ ଲାଭ କରିବା ସହଜ ହେବ । ପ୍ରସ୍ତାବ ଅନୁମୋଦନ ପରେ ଘନ ଅନ୍ଧକାର ମଧ୍ୟରେ ବିଶାଳ ସେନା ସହ ପାଟଳିପୁତ୍ର ରାଜଧାନୀ ଉପରେ ଅଚାନକ ଆକ୍ରମଣ ଆରମ୍ଭ କରିଦେଲେ । ପ୍ରଚଣ୍ଡ ଆକ୍ରମଣକୁ ସମ୍ଭାଳି ନ ପାରି ମହାରାଣୀଙ୍କ ସେନା ଛତ୍ରଭଙ୍ଗ ଦେଲେ । ସେନାର ଦୁର୍ଯ୍ୟୋଗରେ ରାଜକୁମାରମାନେ ଗୋପନୀୟ ସ୍ଥାନରେ ଜୀବନ ରକ୍ଷା ପାଇଁ ଲୁଚିଲେ । ପ୍ରଭାତ ହେଲା ବେଳକୁ ସୁରା, ସାକିର ସମ୍ମୋହନରେ ଅଚେତନ ସେନାବାହିନୀର ଶବ ଗଡୁଥିଲା । ପ୍ରଭାତ ହେବାମାତ୍ରେ ମୁହାଁ ମୁହିଁ ସଂଘର୍ଷରେ ଅନେକ ହତାହତ

ହେଲେ । ପ୍ରତିପକ୍ଷର ସେନା ଆହତ, ମୃତ, ବନ୍ଦୀ ଅବସ୍ଥାରେ ମ୍ରିୟମାଣ ହୋଇ ପଡିଥିଲେ । ଯୁଦ୍ଧରେ ବିଜୟ ଲାଭ କଲେ ଅଶୋକ । ମହାରାଣୀ ଓ ତାଙ୍କର ଅନେକ ପୁତ୍ର ବନ୍ଦୀ ହେଲେ । ଅଶୋକ ନିଆଁଭଳି ଜଳୁଥିଲେ କ୍ରୋଧରେ । ଯୁବରାଜ ସୁମନ୍ତର ମୁଣ୍ଡ, ହତ, ଗୋଡ କାଟି ମହାରାଣୀଙ୍କ ଉପରେ ଫିଙ୍ଗି ପ୍ରତିଶୋଧ ନେଲେ । ମହାରାଣୀ ଏ କରୁଣ ହୃଦୟହୀନ ଦୃଶ୍ୟରେ ଚେତନା ହରାଇ ବସିଲେ । ସମଗ୍ର ରାଜଧାନୀରେ ହତ୍ୟାର ତାଣ୍ଡବଲୀଳା । ମହାରାଣୀ ଚେତନା ପାଇବା ପରେ ଅଶୋକ ତାଙ୍କ ଦେହରୁ ଚମଡା ଉତାରି ମୁଣ୍ଡ, ହାତ, ଗୋଡ ପ୍ରଭୃତିକୁ ଖଣ୍ଡ ଖଣ୍ଡ କରି ହାଣୁଥିଲେ ଓ କୁକୁର ଆଗରେ ଫିଙ୍ଗୁଥିଲେ । ବନ୍ଦୀ ରାଜକୁମାରଙ୍କ ଛାତିରେ ଖଡ଼ଗ୍ ଭୁଷି ନିର୍ମମ ଭାବେ ହତ୍ୟା କରୁଥିଲେ । ଅନେକ ରାଜକୁମାର ଆତ୍ମଗୋପନ କରିଥିଲେ ଛଦ୍ମବେଶରେ । ଯୁଦ୍ଧରେ ବିଜୟୀ ଅଶୋକ ସିଂହାସନ ଆରୋହଣ କଲେ ନାହିଁ । ସେ ପ୍ରତିଜ୍ଞା କଲେ ଯେପର୍ଯ୍ୟନ୍ତ ମହାରାଣୀଙ୍କର ପୁତ୍ରମାନେ ଜୀବିତ ଥିବେ ସେ ପର୍ଯ୍ୟନ୍ତ ସିଂହାସନ ଶୂନ୍ୟ ରହିବ । ଏହିପରି ରାଜପରିବାରକୁ ସମୂଳେ ହତ୍ୟା କରି ନିରଙ୍କୁଶ କ୍ଷମତା ଲାଗି ଦୀର୍ଘ ୪ ବର୍ଷ ପରେ ସିଂହାସନ ଅଳଙ୍କୃତ କଲେ । ଭୟ ଓ ଆତଙ୍କରେ ପ୍ରଜାକୁଳ 'ଜୟ ମହାରାଜ ଅଶୋକଙ୍କ ଜୟ' ଘୋଷଣାରେ ଆନନ୍ଦିତ ହେଲେ । ଅଶୋକ ରାଜ୍ୟବାସୀଙ୍କୁ ସୁଖ, ଶାନ୍ତିପାଇଁ କାର୍ଯ୍ୟ କରିବାକୁ ଘୋଷଣା କଲେ । ତାଙ୍କ ରାଜତ୍ୱରେ ଭୟ, ଦୁଃଖ ଓ ଆତଙ୍କର ସ୍ଥାନ ନାହିଁ । ସମସ୍ତଙ୍କ ମଙ୍ଗଳ କାମନା କରୁଥିଲେ । ଶାନ୍ତି ଓ ସମୃଦ୍ଧିପାଇଁ ପାର୍ଥନା କରୁଥିଲେ ।

■■



# ତୈଳକୁଣ୍ଡରେ ନାବାଳିକା

ଧର୍ମପ୍ରାଣ ପତ୍ନୀ ଦେବୀଙ୍କର ଅଙ୍ଗସୁଧା ଲାଭକରି ସେ ଅନୁଭବ କରିଥିଲେ ଅନାସକ୍ତ ଶରୀରରେ ଧର୍ମୀୟ ଚେତନାର ସ୍ୱର୍ଗୀୟ ଶିହରଣ । ସେଠାରେ କାମନାର କମ୍ପନ ନଥିଲା, ଥିଲା ଭାବ ବିସ୍ମୃତ ଧର୍ମଧାରାର ଶିଥିଳ କୋମଳ ଆଲିଙ୍ଗନବଦ୍ଧତା । ବୌଦ୍ଧଧର୍ମରେ ବିଶ୍ୱାସୀ ଦେବୀଙ୍କ ପାଖରେ ଶିଶୁ ସୁଲଭ ନିରୀହତା ନିବିଡତା ତାଙ୍କୁ ମୁଗ୍ଧ କରିଥିଲା । ଆଶ୍ରମ ଜୀବନର ସାର୍ଥକତାରେ ସନ୍ତୁଷ୍ଟ ଦେବୀ ଦିବ୍ୟା ଭାବନାରେ ମଗ୍ନ ଥିଲେ । ସାଂସାରିକ ଜୀବନର ଆକର୍ଷଣ ତାଙ୍କୁ ବାନ୍ଧି ରଖିପାରିନଥିଲା । ସମ୍ରାଜ୍ଞୀ ହେବାର ସ୍ୱପ୍ନ ନଥିଲା । ରାଜା ଅନ୍ତଃପୁରେ କ୍ଷମତାର ବିଷମୟ ଖେଳ ଖେଳିବାର ଲାଳସା ନଥିଲା । ବିଳାସମୟ ଜୀବନ ପ୍ରତି ବିମୁଖ ଦିବ୍ୟା ଦେବୀଙ୍କର ସମର୍ପିତ ଜୀବନରେ ଅଶୋକ ବାଧା ସୃଷ୍ଟି କରିନଥିଲେ । ବରଂ ବିଚଳିତ ବିଷାଦଗ୍ରସ୍ତ ସମୟରେ କ୍ଷମତାର ବଳୟ ମଧ୍ୟରୁ ମୁହୂର୍ତ୍ତକ ପାଇଁ ଓହରି ଯାଇ ସେ ଦେବୀଙ୍କର ଉପଦେଶ ଓ ଉଷ୍ମ ଅବେଗରେ ଆତ୍ମବିସ୍ମୃତ ହେଉଥିଲେ । ଗିରିବନ ବେଷ୍ଟିତ ଆଶ୍ରମରେ ସେ ନିଜକୁ ହଜାଇ ଦେଉଥିଲେ । ଦେବୀଙ୍କ ପାଖରେ ସେ ଦେଖୁଥିଲେ ବୌଦ୍ଧିକ ଚେତନାର ବାଙ୍‌ମୟ ପ୍ରକାଶ–ମାନବାତ୍ମାର ମହନୀୟ ବିକାଶ ଯେଉଁଠି ଅର୍ଥ କ୍ଷମତାର ବିଭବଯୁକ୍ତ ବିଳାସ ମ୍ଳାନ, ମଳିନ, ସ୍ୱର୍ଗୀୟ ଆନନ୍ଦରେ ଦିବ୍ୟ ଭାବନାରେ, ସ୍ନେହମୟ ପ୍ରକାଶରେ । ଓଃ ! କି ସମ୍ମୋହନ ଯାହା ଅଶୋକଙ୍କୁ ଟାଣିଆଣୁଥିଲା ରାଜଅନ୍ତଃପୁରୀର ବିଳାସଯୁକ୍ତ ବିଭବରୁ । ମାତା ସୁଭଦ୍ରାଙ୍ଗୀଙ୍କ ପରି ବିଳାସ ବିମୁଖ ଦିବ୍ୟ ଭାବନାରେ ବିଭୋର ଦିବ୍ୟା ଦେବୀ ଓଃ କି ଉଦାର । ଅନୁପମ । କ୍ଷଣକୋପୀ ଚଣ୍ଡାଶୋକ ଅଶୋକ ଦେବୀଙ୍କ ଉଦାର ଅନୁପମ ମହନୀୟ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଥିଲେ । ପାଷାଣ ହୃଦୟରେ ପ୍ରାଣମୟ ପୁଲକ । ଅଶୋକ ପ୍ରଶାନ୍ତ, ପ୍ରସନ୍ନ ଦିଶୁଥିଲେ , ଅସି ଉପରେ ଆସ୍ଥା ରଖି ଦେବୀଙ୍କର ଉପଦେଶ 'ଜୀବେଦୟା' ଜୀବନ ପରମଧର୍ମ, ପାଳନ କରିବାକୁ ଯଥାସାଧ ଯତ୍ନ କରୁଥିଲେ । ଅଶୋକଙ୍କ କ୍ରୂରତାର କାହାଣୀରେ ଦେବୀ ଥିଲେ ଅବିଚଳିତ । କ୍ରୂରତା ପାଇଁ ତାଙ୍କ ଆଖିରେ ଘୃଣାନଥିଲା । ଥିଲା ପ୍ରେମ ଓ କରୁଣା । ନିଷ୍ଠୁରତା ପ୍ରତି ସେ ଥିଲେ ନିରବ, ନିର୍ବିକାର । ପବିତ୍ର ଗଙ୍ଗୋତ୍ରୀ ଭଳି କରୁଣା ଓ କଲ୍ୟାଣର କଳକଳ ଛଳଛଳ କଲ୍ଲୋଳ ଧାରାଟିଏ ।

ମାନବୀୟ ହୃଦୟରେ ଦୟା, କ୍ଷମା ଓ କରୁଣାର ସ୍ୱର୍ଗୀୟ ସ୍ପର୍ଶ ସେ ଉପଲବ୍ଧି କରିଥିଲେ

ଦେବୋପମା ପତ୍ନୀ ଦେବୀଙ୍କଠାରେ । ହୃଦୟ ପରିବର୍ତ୍ତନ ପର୍ବର ପ୍ରମୁଖ ଥିଲେ ଜନନୀ ଭଳି ଦେବୀ । ଅତୀତରେ ସେ ମୁହୂର୍ତ୍ତ ତାଙ୍କୁ ମହାନ୍ କରିଦେଇଥିଲା । ନିବିଡ ଅରଣ୍ୟରେ ପ୍ରାଣ ବିସର୍ଜନ ପାଇଁ ଉଦ୍ୟତ ଲୁଣ୍ଠିତା ଓ ପରିତ୍ୟକ୍ତା ଦେବୀଙ୍କୁ ଆହତ ଅବସ୍ଥାରେ ଯେପରି ଉଦ୍ଧାର କରିଥିଲେ ତାର ପ୍ରଭାବ ପ୍ରାଣସ୍ପର୍ଶୀ ଥିଲା । ଆରୋଗ୍ୟ ଲାଭପରେ ଦେବୀର ସାନ୍ନିଧ ଲାଭ କରି ନିଜକୁ ସୌଭାଗ୍ୟବାନ୍ ମନେ କରୁଥିଲେ ସେ । ଶେଷରେ ଦେବୀର ସମର୍ପିତ ସଂସାରରେ ସେ କ୍ରୂରତମ ମଣିଷ । ଦେବୀ ନିଜର ଅନିଚ୍ଛା ସତ୍ତ୍ୱେ କେତେଥର ରାଜଅନ୍ତଃପୁରୀକୁ ବୁଲି ଯାଇଥିଲେ । ଅବସର ସମୟରେ ଆଶ୍ରମରେ ଅଶୋକଙ୍କ ସହିତ ସ୍ନେହପୂର୍ଣ୍ଣ ଭାବରେ ତାଙ୍କର କ୍ରୂରତା ସମ୍ପର୍କରେ ଜିଜ୍ଞାସା କରିଥିଲେ ।

ଦେବୀ : ପ୍ରିୟତମ । କହିବି କହିବି ବୋଲି ଅନେକ ଦିନ ହେଲା ତମକୁ କହି ପାରିନି ।

ଅଶୋକ : କେଉଁକଥା ? ହୃଦୟଭରା କଥା ଶୁଣିବାକୁ ମୁଁ ତୁମ ପାଖକୁ ଧାଇଁ ଆସେ ଟିକିଏ ଶାନ୍ତିପାଇଁ । କ୍ଷମତାର ବଳୟ ଭିତରେ ମୁଁ କେତେ ଅଶାନ୍ତ,ଅତୃପ୍ତ ତୁମେ ଅନୁଭବ କରୁଥିବ ଦେବୀ ।

ଦେବୀ : ମୁଁ ଯାହା ଶୁଣିଲି ତାହା କଣ ସତ୍ୟ – ମୋ ବିଶ୍ୱାସର ବାହାରେ...ଖଣ୍ଡାଧାରଠାରୁ ତୁମେ ଆହୁରି କଠୋର, ନିର୍ଦ୍ଦୟ ଓ କ୍ରୂର କାହିଁକି ?

ଅଶୋକ : ଦେବୀ । କଠୋରତା ଓ କ୍ରୂରତା ହିଁ ମୋର ରକ୍ଷାକବଚ । ଅସି ହିଁ ମୋର ଶେଷ ସମ୍ବଳ । ଭାଗ୍ୟ ହିଁ ମୋର ଭରସା । କର୍ତ୍ତବ୍ୟ ପାଖରେ କଠୋର ସତ୍ୟ କିନ୍ତୁ ନିର୍ଦ୍ଦୟ ନୁହେଁ । ହୃଦୟର ଦରଦ ତୁମେ ହିଁ ବୁଝିପାରିବ ଦେବୀ ।

ଦେବୀ : ଶୁଣିଲି ଦୁଇ ନାବାଳିକାଙ୍କୁ ଅଶୋକ ବୃକ୍ଷର ଡାଳ ଭାଙ୍ଗିଥିବାରୁ ତତଲା ତୈଳକୁଣ୍ଡରେ ଆପଣ ଫିଙ୍ଗି ଦେଇଥିଲେ ।

ଅଶୋକ : ହଁ ! ଦେବୀ, ଏହା ମିଥ୍ୟା ହେଲେ ବି ସତ୍ୟର ସାକାର ରୂପ ଦେଇଥିଲି ମୁଁ । କଠୋରତାର କପଟ ଅଭିନୟ ମୋର ସୁରକ୍ଷା ପାଇଁ ଅପରିହାର୍ଯ୍ୟ ଥିଲା । କ୍ଷୁବ୍ଧ, କ୍ଷତାକ୍ତ ଅଶୋକକୁ କ୍ଷମତାଚ୍ୟୁତ କରିବାକୁ ଯେଉଁମାନେ ଷଡଯନ୍ତ୍ରରେ ଲିପ୍ତ, ସେମାନଙ୍କ ପାଇଁ ଏହା ଏକ ନିର୍ମମ ଉପହାର । ମୋର କ୍ରୋଧ ଓ କ୍ରୂରତାର ପରିଣାମ ସାମାନ୍ୟ ଅଶୋକ ଗଛର ଡାଳ ଭାଙ୍ଗିବା ଅପରାଧରେ, ସମସ୍ତଙ୍କୁ ସତର୍କ କରିଦେବାକୁ ଉଦ୍ଦିଷ୍ଟଥିଲା । ସତ୍ୟ ଓ ନ୍ୟାୟକୁ ସମ୍ବଳକରି ଜୀବନକୁ ପ୍ରତି ମୁହୂର୍ତ୍ତରେ ବିପଦାପନ୍ନ କରିବା ମୋର ନୀତି ବିରୁଦ୍ଧ । ଆଜି ଯାଏ ମୁଁ ଶାନ୍ତିରେ ନିଦ୍ରା ଯାଇନାହିଁ ଦେବୀ ! ବଣର ସିଂହ ଭଳି ପ୍ରତି ମୁହୂର୍ତ୍ତରେ ମୃତ୍ୟୁର ସତର୍କତା ମୋତେ କବଳିତ କରିରଖିଛି । ବୀରର ମୃତ୍ୟୁ ମୋର ଲୋଡା । କାପୁରୁଷର ଶିକାର ହେଲେ ଆତ୍ମା ମୋର ଶାନ୍ତି ପାଇବନି । ବଞ୍ଚିବା ପାଇଁ ଜୀବନ ଓ ମୃତ୍ୟୁର ଖେଳ ମୁଁ ପିଲାଦିନରୁ ଖେଳି ଆସିଛି । ଦେଖିପାରୁଛ ! ମୋର କ୍ଷତବିକ୍ଷତ ଶରୀରର ଅଲିଭା ଦାଗ ସବୁ । ମୋର ମୃତ୍ୟୁ କାମନାକରି କେତେଯେ ଗୋପନ ଷଡଯନ୍ତ୍ର ତାହାର ହିସାବ ନାହିଁ । ନିୟତି ସମ୍ଭବତଃ ନିର୍ବିକାର । ମୃତ୍ୟୁ ମୋର ପରମ ଆତ୍ମୀୟ ଅତିଥି । ଯିଏ ଆସେ ଅଚାନକ ଫେରିଯାଏ ମୋତେ ସ୍ୱାଗତକରି । କେଉଁ ମହାନ୍ କାର୍ଯ୍ୟପାଇଁ ଈଶ୍ୱର ମୋତେ ବଞ୍ଚାଇ ରଖିଛନ୍ତି, ମୁଁ ବିସ୍ମିତ ହୁଏ । ଚଣ୍ଡାଶୋକର ନାମରେ ଖଣ୍ଡାଧାର ଉପରେ ମୁଁ ଚାଲୁଛି ପ୍ରତିଟି ମୁହୂର୍ତ୍ତରେ । ଦେବୀ, ମୋର ନିର୍ଦ୍ଦୟତା ତୁମକୁ ବ୍ୟଥିତ କରିଥିବ ସତ୍ୟ, କିନ୍ତୁ ସତ୍ୟର ଗୋପନ ପୃଷ୍ଠା ତୁମକୁ ଶୁଣାଇବାକୁ ଏହାହିଁ ଉପଯୁକ୍ତ ସମୟ । ସତ୍ୟର ସାକ୍ଷି ସ୍ୱୟଂ ଈଶ୍ୱର । ସତ୍ୟ ସାକ୍ଷାତ ଭଗବାନ । ତୁମେ ମୂକସାକ୍ଷୀ ମୋ ସତ୍ୟପାଠର ।



# ଫାଶିଖୁଣ୍ଟରେ ସ୍ୱର୍ଣ୍ଣ ସମ୍ରାଟ୍

ତୁମେ ରାଜଅନ୍ତଃପୁରୀରେ ଏହା ଶୁଣିଥିବ ବିନା ବିଚାରରେ ସମ୍ରାଟ୍ ଅଶୋକ କାହାକୁ ଦଣ୍ଡ ଦିଅନ୍ତି ନାହିଁ । ଏଥିପାଇଁ ଦିନେ ରାତ୍ରିର ବିଳମ୍ବିତ ପ୍ରହରରେ ପାଟଳିପୁତ୍ରର ଗଳିକନ୍ଦିରେ ଛଦ୍ମବେଶରେ ଘୂରିବୁଲୁଥିଲା ବେଳେ ନଗରବାସୀଙ୍କ ନିରାପଦ ଓ ସୁନିଦ୍ରା ପାଇଁ ସୁରକ୍ଷା କର୍ମଚାରୀ କେତେ ସଜାଗ ତାହା ଜାଣିବା ମୋର ଉଦ୍ଦେଶ୍ୟ ଥିଲା । ହଠାତ୍ ନାରୀ କଣ୍ଠର କ୍ରନ୍ଦନ ଶୁଣି ବିସ୍ମିତ ହେଲି । ନାରୀ କଣ୍ଠର କ୍ରନ୍ଦନ ପୁଣି ରାତ୍ରିର ବିଳମ୍ବିତ ପ୍ରହରରେ ? ଦେଖିଲି ରାଜଦରବାରର ଜଣେ ନିଶାସକ୍ତ ସାମନ୍ତ ଦ୍ୱାରଦେଶରେ କରାଘାତ କରୁଛି ମୃତ୍ୟୁର ଧମକଦେଇ, ଦ୍ୱାର ଖୋଲିବାକୁ ଧମକ । ସୁରକ୍ଷା କର୍ମଚାରୀ ନିଦ୍ରାଗ୍ରସ୍ତ । ନିଶାସକ୍ତ ସାମନ୍ତ ଗୃହ ମଧ୍ୟରେ ପ୍ରବେଶ କରି ନାରୀ ପ୍ରତି ବଳାତ୍କାର ଉଦ୍ୟମ କରନ୍ତେ, ମୁଁ ଅବିଳମ୍ବେ ହତ୍ୟା କରିଥିଲି ସେହି ନାରୀମାଂସ ଲୋଭୀ ନରଖାଦକକୁ ଓ ଫେରିଲା ବେଳେ ନାରୀ ଜଣକ ମୋର ଅସତର୍କତା ଯୋଗୁଁ ମୋର ମୁଖ ଦେଖିପାରିଥିଲା । ମୁଁ ଝଡ ବେଗରେ ଫେରିଯାଇ ସୁରକ୍ଷାକର୍ମୀଙ୍କୁ ହତ୍ୟା କରିଥିଲି, କର୍ତ୍ତବ୍ୟରେ ଗୁରତର ଅପରାଧ ପାଇଁ । ପରଦିନ ରାଜସଭାରେ ଗୃହମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲି ଏହି ହତ୍ୟାକାଣ୍ଡର କାରଣ ଓ ହତ୍ୟାକାରୀଙ୍କୁ ପନ୍ଦରଦିନ ମଧ୍ୟରେ ଧରାଇ ନ ଦେଲେ ମୁଣ୍ଡକାଟ ହେବ । ରାଜ୍ୟ ସାରା ଏହାର ତଦନ୍ତ ପାଇଁ ଗୁପ୍ତଚରଙ୍କୁ ଗୃହମନ୍ତ୍ରୀ ନିର୍ଦ୍ଦେଶ ଦେଇ ନିଜେ ଏହାର ତଦନ୍ତ କାର୍ଯ୍ୟ ତଦାରଖ କରୁଥିଲେ । ନଗରବାସୀ କେହି ଏହା ଜାଣିନଥିଲେ । ସମୟସୀମା ଶେଷ ହେବା ପୂର୍ବଦିନ ରାତ୍ରିର ବିଳମ୍ବିତ ପ୍ରହରରେ ସ୍ୱୟଂ ଗୃହମନ୍ତ୍ରୀ ଏକାନ୍ତରେ ପାଟଳିପୁତ୍ରର ଗଳିକନ୍ଦିରେ ଘୂରିବୁଲୁଥିଲେ ସତ୍ୟର ସନ୍ଧାନ ପାଇଁ । ମୃତ୍ୟୁ ପ୍ରତୀକ୍ଷାରେ ପ୍ରଭାତ ତାଙ୍କୁ ଉପହାସ କରୁଥିଲା । ସେ ଦୃଢ ନିଶ୍ଚିତ ଥିଲେ, ସତ୍ୟର ଉଦ୍‌ଘାଟନ ପାଇଁ । ନିଜ ଜୀବନ ବିନିମୟରେ । ଭୟଭୀତ ନାରୀ ରାତ୍ରିର ଅନ୍ଧାର ଭିତରେ ହଠାତ୍ ମନ୍ତ୍ରୀଙ୍କୁ ପ୍ରଦୀପ ଜଳାଇ ଇଙ୍ଗିତ କରିଥିଲା । ଗଭୀର ନୈରାଶ୍ୟରେ ଆଶାର ଝଲକ ଭଳି ମନ୍ତ୍ରୀ ସେ ରମଣୀର କୁଟୀରରେ ପାଦ ଦେଇଥିଲେ ମୁହୂର୍ତ୍ତକ ପାଇଁ । ପ୍ରାଣ ଭୟରେ କୁଣ୍ଠିତା ରମଣୀକୁ ଅଭୟବାଣୀ ଶୁଣାଇ ମନ୍ତ୍ରୀ ମହୋଦୟ ଆଶ୍ୱାସନା ଦେଇଥିଲେ ସତ୍ୟର ପ୍ରକାଶ ପାଇଁ । ରମଣୀ ସାହସ ବାନ୍ଧି ଥରଥର କଣ୍ଠରେ ସତ୍ୟ ଘଟଣାର ବର୍ଣ୍ଣନା ସହ ଏହି ହତ୍ୟାକାଣ୍ଡରେ ମହାମହିମ ସମ୍ରାଟ ଅଶୋକ ସ୍ୱୟଂ ସଂପୃକ୍ତ ବୋଲି କହିଥିଲା । ଆଶା ଓ ଆନନ୍ଦରେ ଉଜ୍ଜ୍ୱଳ ଦିଶୁଥିଲେ, ମନ୍ତ୍ରୀବର ।

ପରଦିନ ରାଜଦରବାରରେ ମୁଁ ଦୃଢ କଣ୍ଠରେ ପଚାରିଥିଲି, ମନ୍ତ୍ରୀବର କିଛି ଖବର ମିଳିଲା ? ଗୃହମନ୍ତ୍ରୀ ଗମ୍ଭୀର ହୋଇ ଉତ୍ତର ଦେଲେ (ନମ୍ର ହୋଇ), 'ସତ୍ୟର ଉଦ୍‌ଘାଟନ ସହ ହତ୍ୟାକାରୀକୁ ମଧ୍ୟ ଚିହ୍ନଟ କରାଯାଇଛି । ହତ୍ୟାକାରୀର ଦଣ୍ଡବିଧାନ ମଧ୍ୟ ସ୍ଥିର କରାଯାଇଛି, ରାଜଧର୍ମ ଅନୁଯାୟୀ' । ମୁଁ କଠୋର କଣ୍ଠରେ କହିଥିଲି, ସାକ୍ଷୀ, ପ୍ରମାଣ ସହ ହତ୍ୟାକାରୀକୁ ହାଜର କରାଅ । ମନ୍ତ୍ରୀ ସେହି ଅସହାୟ ମହିଳାଙ୍କୁ ବୁର୍ଖା ପିନ୍ଧାଇ ଆଣିଥିଲେ ସତ୍ୟ ଘଟଣାର ସାକ୍ଷ୍ୟ ଦେବା ପାଇଁ । ବୁର୍ଖା ମଧ୍ୟରୁ ମହିଳାର କଣ୍ଠସ୍ୱର ଶୁଣି ମୁଁ ବିସ୍ମିତ ହେଲି । ମନ୍ତ୍ରୀ ସ୍ଥିର ଚିତ୍ତରେ ଲକ୍ଷ୍ୟ କରିଥିଲେ । 'ହତ୍ୟାକାରୀ କିଏ ପଚାରନ୍ତେ, ମହିଳାଜଣକ ମୋ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି ସମ୍ରାଟ ଅଶୋକ ବୋଲି କହିଥିଲେ' । ବିନା ବିଚାରରେ ଅପରାଧୀକୁ ହତ୍ୟା କରିଥିବାରୁ, ଆଇନକୁ ନିଜ ହାତକୁ ନେଇଥିବାରୁ,

ମନ୍ତ୍ରୀବର ବିଚାରପତିଙ୍କ ରାୟ ଅନୁଯାୟୀ, ଦଣ୍ଡବିଧାନ ଶୁଣାଇଥିଲେ । ମୃତ୍ୟୁଦଣ୍ଡ ଫାଶିଖୁଣ୍ଟରେ । ସମଗ୍ର ଜନତା, ରାଜଦରବାର ସ୍ତବ୍ଧ, ଚକିତ ହୋଇଥିଲା, ଏହି ରାୟ ପ୍ରକାଶରେ । ମୁଁ ନିର୍ଦ୍ଦେଶ ଦେଲି, ମନ୍ତ୍ରୀବର ଏତେ ବିଳମ୍ବ କାହିଁକି ? ମନ୍ତ୍ରୀବର (ନତ ମସ୍ତକ ହୋଇ) ନମ୍ରତାର ସହ କହିଥିଲେ, 'ସମ୍ରାଟ୍! ସମଗ୍ର ମୌର୍ଯ୍ୟ ସାମ୍ରାଜ୍ୟର ସମ୍ରାଟ ! ସେ ଆଇନ୍‌ର ଊର୍ଦ୍ଧ୍ୱରେ । ଆଇନ୍‌ର ଶାସନ ପାଇଁ ସେ ଧନ୍ୟ' । ତେଣୁ ସମ୍ରାଟ ଅଶୋକଙ୍କ ସ୍ୱର୍ଣ୍ଣମୂର୍ତ୍ତିକୁ ଫାଶିଖୁଣ୍ଟରେ ଝୁଲାଇଦେବାକୁ, ସେ ତତ୍‌କ୍ଷଣାତ୍ ନିର୍ଦ୍ଦେଶ ଦେଲେ । ମୃତ୍ୟୁଦଣ୍ଡ ପାଳିତ ହେବାରେ ମୁଁ ମୋ ରାଜ୍ୟରେ ସତ୍ୟ ବିଚାର, ସତ୍ୟ ପ୍ରକାଶର ସାହସ ଓ ସତ୍ୟକୁ ସମ୍ମାନ ଦେଇ ଫାଶିଖୁଣ୍ଟରେ ସ୍ୱର୍ଣ୍ଣମୂର୍ତ୍ତି ଝୁଲିବାକୁ ସ୍ୱୀକୃତି ଦେଇଥିଲି ଓ ନିଜକୁ ଧନ୍ୟ ମନେ କରିଥିଲି । ମୁଁ ସେହି ମହିଳାଙ୍କ ସାହସ ଓ ମନ୍ତ୍ରୀଙ୍କ ବିଚାରରେ ମୁଗ୍ଧ ହୋଇ ପୁରସ୍କାର ଦେଇଥିଲି । ସତ୍ୟର ପ୍ରକାଶ, ସୁରକ୍ଷା ଓ ସ୍ୱାଭିମାନ ପାଇଁ ସାହସ ଲୋଡା । ଶୃଙ୍ଖଳିତ ନ୍ୟାୟ ଶାସନରେ ହିଁ ନାଗରିକର ସାହସ ଓ ଅଧିକାର ସୁରକ୍ଷିତ ରହିଥାଏ ।

ଦେବୀ ! ବିନା ବିଚାରରେ ଦୁଇ ନାବାଳିକାଙ୍କର ନାରକୀୟ ଦଣ୍ଡ ପାଇଁ ଏହି ଅପରାଧୀ ... ଗୋପନ ସତ୍ୟର ଗୂଢ ରହସ୍ୟ ବୁଝିପାରିଲେ ମୋତେ ଅପରାଧରୁ ମୁକ୍ତି ଦେବ । ମୁଁ ଆଶ୍ୱସ୍ତ ହେବି । ଜୀବନରେ ତୁମକୁ ନିବିଡ ଭାବେ ଭଲପାଏ । ତୁମରି ଭଲପାଇବାର ଆଖିରେ ଅଶୋକ ଯୁଗଯୁଗ ପାଇଁ ଅପରାଧୀ ହୋଇ ରହିନଯାଉ ତା'ର ନୀରବ ସାକ୍ଷୀ ତମେ ରହିବ । ସେଥିପାଇଁ କହିବାକୁ ବାଧ ହେଉଛି, ଯାହା ସତ୍ୟ ମୋ ଅନୁଭବରେ, ମୋ ଅନ୍ତରରେ ତାହା ଏବେ ବି ସୁରକ୍ଷିତ । ସମସ୍ତଙ୍କ ପାଇଁ ଗୋପନୀୟ ।

ଦେବୀ ! ରାଜଅନ୍ତଃପୁରୀରୁ ସ୍ୱେଚ୍ଛାରେ ନିର୍ବାସନ ନେଇ ତମେ ପବିତ୍ର ଜୀବନ କାଟୁଛ, ବନପର୍ବତରେ । ଅଥଚ ମୁଁ ପ୍ରତିମୁହୂର୍ତ୍ତରେ କଣ୍ଟକିତ ଆତଙ୍କିତ ଜୀବନ କାଟୁଛି । ମୁଁ ଏଯାଏଁ ବଞ୍ଚିରହିଛି ଏହା ହିଁ ବିସ୍ମୟ । ସେଦିନର ଘଟଣା ମୋର ସଦ୍ୟ ମନେପଡୁଛି । ସତ୍ୟ ଘଟଣାବଳୀ କହିବା ପୂର୍ବରୁ ମୁଁ ତୁମ ମନରେ ସନ୍ଦେହ ଦୂର ପାଇଁ କେତେକ କଥା କହୁଛି । ମନଦେଇ ଶୁଣ । 'ରାଜ ଉଦ୍ୟାନରେ କେହି ନଗରବାସୀ ପ୍ରବେଶ ନିଷେଧ । ଏହା ମଧ୍ୟରେ ରାଜପରିବାରର ସନ୍ତାନସନ୍ତତିମାନେ ଥିବା ନିଶ୍ଚିତ । ରାଜପରିବାରର ଦୁଇ ନାବାଳିକାକୁ ମୋର ପ୍ରିୟ ଅଶୋକ ବୃକ୍ଷର ଡାଳ ଭାଙ୍ଗିବାର ଅପରାଧରେ ଉତ୍‌କ୍ଷିପ୍ତ ହୋଇ ସମସ୍ତଙ୍କ ଅଗୋଚରରେ ମୃତ, ଜୀବନ୍ତ ବା ଆହତ କଳିକାକୁ ଉତ୍ତପ୍ତ ତୈଳକୁଣ୍ଡରେ ଫିଙ୍ଗିବା ଅସମ୍ଭବ । ନିର୍ଦ୍ଦୟତା ନୁହେଁ ହୃଦୟହୀନତା, ବିଭତ୍ସ ବର୍ବରତା' । ତେବେ ତୁମ ମନରେ ପ୍ରଶ୍ନ ଉଠୁଥିବ, କିଏ ସେହି କୋମଳ କଳିକା ଥିଲେ ଓ ପ୍ରକୃତରେ କ'ଣ ଘଟିଥିଲା ?

ଦେବୀ! ସେଦିନ ଶୀତ ସକାଳ କୁହୁଡି ଘେରା ପରିବେଶରେ ମୁଁ ଉଦ୍ୟାନରେ ବୁଲି ଦେଖେ ତ ଦୁଇ ନାବାଳିକା ଅଶୋକ ବୃକ୍ଷର ଡାଳ ସହ ଫୁଲ ଡାଲା ଧରି ତଳେ ପଡିଛନ୍ତି ମୃତ ଅବସ୍ଥାରେ । ସେ ଦୁହେଁ ମାଳିର ଦୁଇ ଝିଅ ଥିଲେ । ମୃତ ଅବସ୍ଥାରେ ସେମାନଙ୍କୁ ଆବିଷ୍କାର କରି, ବ୍ୟଥିତ ହୋଇଥିଲି । ପୂର୍ବମୁହୂର୍ତ୍ତରେ ମୋର ପ୍ରିୟ ଅଶୋକ ବୃକ୍ଷର ଡାଳ ଭାଙ୍ଗି ପଡିଥିବା ଦେଖି କ୍ରୋଧରେ ଉତ୍‌କ୍ଷିପ୍ତ ହେଲାଭଳି । ଏହି ଅବସ୍ଥାରେ କ'ଣ କରିବି ମୁଁ ସ୍ଥିର କରିପାରିନଥିଲି । ମୋ ବିରୁଦ୍ଧରେ ହତ୍ୟା ଷଡଯନ୍ତ୍ରର ଶେଷ ଯେମିତି ନାହିଁ । ମୋ ଜୀବନ ସହିତ ମୃତ୍ୟୁ ଯେମିତି ସମତାଳରେ



ତାଳ ଦେଇ ଚାଲିଛି । ବିନିଦ୍ର ରଜନୀ ଓ ପ୍ରାଣନାଶର ଭୟ ଆଶଙ୍କାରେ ତୁମର ପ୍ରିୟ ଅପରାଧୀ ଅଶୋକର ମୁଣ୍ଡରେ ଦୁର୍ବୁଦ୍ଧି କି ସୁବୁଦ୍ଧି ଜୁଟିଲା ମୋ ବିରୁଦ୍ଧରେ ଷଡଯନ୍ତ୍ରରେ ଲିପ୍ତ ଥିବା ବ୍ୟକ୍ତିଙ୍କୁ କ୍ରୂର ଉପହାର ଦେବାପାଇଁ । ହଠାତ୍ ମୃତ ଶବ ଦୁଇଟିକୁ ଉଠାଇ କ୍ଷିପ୍ର ଗତିରେ କପଟ କ୍ରୋଧରେ ଉତ୍ତପ୍ତ ତୈଳକୁଣ୍ଡରେ ନିକ୍ଷିପ୍ତ କରି ହସୁଥିଲି ହୋ ହୋ ହେଇ । କ୍ରୂର କପଟ ହସ । ସମସ୍ତଙ୍କ ଅଲକ୍ଷ୍ୟରେ ଏହା ଘଟିଥିଲା । ଏହା ଦେଖି ରାଜପରିବାରଠାରୁ ନଗରବାସୀଙ୍କ ମଧ୍ୟରେ ଜନରବ ବ୍ୟାପିଗଲା ବନାଗ୍ନି ଭଳି । ମୋ ବିରୁଦ୍ଧରେ ଷଡଯନ୍ତ୍ରରେ ଲିପ୍ତ ବ୍ୟକ୍ତିଙ୍କ ପାଇଁ ଭୟ ଓ ଆତଙ୍କର ଭୀଷଣ ଜନରବ ଓ ତା'ର କ୍ରୂରତମ ପରିଣତି ଅଶୋକ ବୃକ୍ଷର ଡାଳ ଭାଙ୍ଗିବାର ସାମାନ୍ୟ ଅପରାଧ ପାଇଁ । ମୁଁ ନୀରବ ଓ ନିର୍ବିକାର ଥିଲି । ପରେ ମାଳିକୁ ଏକାନ୍ତରେ ଭେଟି ଆଶ୍ୱାସନା ଦେଇଥିଲି । ସ୍ୱର୍ଣ୍ଣମୁଦ୍ରା ସହ ଦୁଇପୁତ୍ରଙ୍କୁ ନେଇ ଆଶ୍ୱସ୍ତ ହେବାକୁ ଓ ଦୁଃଖ ଭୁଲିଯିବାକୁ । କିନ୍ତୁ ସତ୍ୟକୁ ମୁଁ ଗୋପନ ରଖିଥିଲି ମୋର ସୁରକ୍ଷା ବଳୟକୁ ଆହୁରି ଗୋପନୀୟ, ଅଗମ୍ୟ, କ୍ରୂର ଓ କଠୋର କରିବାକୁ ।

ଦେବୀ ! ତୁମଠାରୁ ଆଜିଯାଏଁ ଶାନ୍ତି ଓ ପ୍ରୀତି ମାଗି ଆସିଛି । ଆଜି ଏହି ଅପରାଧୀ ମାଗୁଛି ତୁମଠାରୁ, ନ୍ୟାୟ ଓ ନମ୍ରତା ବିନମ୍ରହୋଇ । ସେ ନିରୀହ, ନିଷ୍ପାପ ବାଳିକାଦ୍ୱୟଙ୍କ ଅକାଳ ମୃତ୍ୟୁରେ ହୃଦୟ ମୋର ଥରିଉଠୁଛି, କରୁଣା ଓ ଦୟାରେ । କି ଅପରାଧ କରିଥିଲେ ସେମାନ ? ଫୁଟିବା ଆଗରୁ ଝରିପଡିଲେ ମହାକାଳ କୋଳରେ । ଅଥଚ ତୁମର ଏହି ଅପରାଧୀ ଏବେ ବି ବଞ୍ଚିରହିଛି ଗୋପନ ଯନ୍ତ୍ରଣାରେ ଛଟପଟହୋଇ ସତ୍ୟକୁ ଚାପି ରଖି । ଦେବୀଙ୍କ ଆଖି ଅଶ୍ରୁ ସଜଳ ହୋଇ ଉଠିଲା ଅଶୋକଙ୍କ ଆଖିରେ ସତ୍ୟର ଅଶ୍ରୁଧାରା ଦେଖି । ଦେବୀ କାନ୍ଦିଉଠି କୁଣ୍ଢାଇ ଧରିଥିଲେ ପ୍ରିୟତମଙ୍କୁ । ନିବିଡ ଭାବରେ ବୋବ ପରେ ବୋବ ଦେଇ କହୁଥିଲେ, 'ଅପରାଧୀ କହି ମୁଁ ଅପରାଧୀ ତୁମ ପାଖରେ । ମୋତେ କ୍ଷମା କରିଦିଅ ପ୍ରିୟତମ' । ଦୁଇଟା ହୃଦୟ ଅଶ୍ରୁ ଓ ଅନୁକମ୍ପାରେ ଅନୁରାଗମୟ ହୋଇଉଠିଥିଲା, ପ୍ରେମ ଓ କରୁଣାର ମିଳନ ସ୍ରୋତ ଭଳି ପୂତ, ପବିତ୍ର, ଫଲଗୁମୟ । ପ୍ରାଣମୟ ପୁଲକରେ ଅପୂର୍ବ ଦିଶୁଥିଲେ ଦୁଇ ପ୍ରଣୟୀ ଯୁଗଳ । ଅସ୍ତ ସୂର୍ଯ୍ୟର ଆଭାରେ ଐଶ୍ୱର୍ଯ୍ୟମୟ ଦିଶୁଥିଲା ପୃଥିବୀ ଓ ଆକାଶ । ପ୍ରକୃତିର କରୁଣାମୟ ପ୍ରକାଶ । ବିହଙ୍ଗମ ଦଳ ଉଡିଯାଉଥିଲେ ନୀଳ ଗଗନରେ । ସମଗ୍ର ପରିବେଶ ଦୟା ଓ କରୁଣାରେ ଆନନ୍ଦମଗ୍ନ । ଅନନ୍ୟ । ଆନନ୍ଦରେ ରାତ୍ରି ଯାପନ କରି ଅଶୋକ ସକାଳେ ଫେରିଆସିଥିଲେ ରାଜପ୍ରାସାଦକୁ, ପ୍ରସନ୍ନ ଚିତ୍ତରେ । ସତ୍ୟକୁ ପ୍ରକାଶ କରି ପୁଲକିତ ଆତ୍ମା ତାଙ୍କର ଉଲ୍ଲସି ଉଠୁଥିଲା ।

ରାଜପ୍ରାସାଦରେ କୋଳାହଳ ମୁଖରିତ ପରିବେଶ । ସମ୍ରାଟ୍‌ଙ୍କ ଆଗମନକୁ ସ୍ୱାଗତ ଜଣାଉଥିଲେ ମନ୍ତ୍ରୀ ପରିଷଦ ଓ ସଭା ସଦ୍‌ଗଣ । ରାଜ୍ୟର ଖବର ଓ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରି ମହାରାଜ୍ ସନ୍ତୋଷ ପ୍ରକାଶ କଲେ । କଳିଙ୍ଗକୁ ଛାଡି ଦାକ୍ଷିଣାତ୍ୟର ରାଜ୍ୟ ଓ ଉତ୍ତରପୂର୍ବାଞ୍ଚଳ ମୌର୍ଯ୍ୟ ସାମ୍ରାଜ୍ୟଭୁକ୍ତ କରିବାକୁ ମନ୍ତ୍ରଣା କଲେ । ଏଥିପାଇଁ କଳିଙ୍ଗ ସହ ସୁସମ୍ପର୍କ ରଖିବା ଅପରିହାର୍ଯ୍ୟ ବୋଲି ମହାମନ୍ତ୍ରୀ ପରାମର୍ଶ ଦେଲେ । ମୌର୍ଯ୍ୟ ସାମ୍ରାଜ୍ୟର ସୀମାବୃଦ୍ଧି କଳିଙ୍ଗ ପ୍ରତି କୌଣସି ବିପଦର କାରଣ ନୁହେଁ ବା କଳିଙ୍ଗର ଶ୍ରୀବୃଦ୍ଧି ଓ ବିଦେଶରେ ସାମ୍ରାଜ୍ୟ ପାଇଁ ମଗଧ ଈର୍ଷାନ୍ୱିତ ନୁହେଁ । ଏହି ଧାରଣା କଳିଙ୍ଗର ରାଜଦୂତକୁ ଦେବାକୁ କହି ଅଶୋକ ପ୍ରସ୍ତାବକୁ ସ୍ୱୀକୃତି ଦେଲେ । ଉତ୍ତରପୂର୍ବାଞ୍ଚଳରେ ଅଶୋକ ସ୍ୱୟଂ ସୈନ୍ୟ ପରିଚାଳନା କରି ସାଫଲ୍ୟ ଲାଭ କଲେ । ଅଶୋକଙ୍କ ଯୁଦ୍ଧ ପରିଚାଳନା ଓ

ରଣକୌଶଳ ନିକଟରେ ଶତ୍ରୁପକ୍ଷ ପରାଜିତ ହେଲେ । ସୁଦୂର ଦକ୍ଷିଣର ଚେଳ, ଚୋଳମାନଙ୍କୁ ଛାଡିଦେଲେ ଦକ୍ଷିଣାବର୍ତ୍ତ ମୌର୍ଯ୍ୟ ସାମ୍ରାଜ୍ୟଭୁକ୍ତ ହେଲା । ସିଂହଳସହ ମଗଧର ଜଳପଥରେ ବାଣିଜ୍ୟ ବୃଦ୍ଧି ପାଇଲା । ଅଶୋକ ଓ ଦେବୀଙ୍କର ପୁତ୍ର ମହେନ୍ଦ୍ର, କନ୍ୟା ସଂଘମିତ୍ରା ସିଂହଳରେ ବୌଦ୍ଧଧର୍ମ ପ୍ରଚାରକରି ସେଠାରେ ରାଜପରିବାରର ପ୍ରିୟଭାଜନ ହେଲେ । ଏହାଦ୍ୱାରା ମଗଧ ଓ ସିଂହଳର ସମ୍ପର୍କ ଦୃଢୀଭୂତ ହେଲା । ସିଂହଳରେ ବାଣିଜ୍ୟପଥ ସହ ନୌବହର ନିର୍ମାଣ କରାଗଲା । କଳିଙ୍ଗସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଯୋଗୁଁ ମଗଧର ବାଣିଜ୍ୟ କାରବାର ସୁରକ୍ଷିତ ଥିଲା ।

ରାଜ୍ୟ ଜୟ ପରେ ଅଶୋକ କ୍ଳାନ୍ତ ଅନୁଭବ କେଲ । ବିଜୟର ପର୍ବ ପାଳିବାକୁ ରାଜ୍ୟରେ ଉନ୍ନତି ପ୍ରତି ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇ ବିଳାସବ୍ୟସନରେ ବୁଡି ରହିଲେ । ମଦ, ମାଂସ ଓ ମାତ୍ସର୍ଯ୍ୟରେ ଆଗ୍ରହ ପ୍ରକାଶ କଲେ । ମହାପାଟରାଣୀ ଅସନ୍ଧିମିତ୍ରାଙ୍କ ଅନିଚ୍ଛା ସତ୍ତ୍ୱେ ସମ୍ରାଟ ଏକ ବିଳାସ ପ୍ରାସାଦ ପ୍ରତିଷ୍ଠା କଲେ । ଅଶୋକଙ୍କ ନିର୍ଦ୍ଦେଶରେ ୫୦୦ ସଦ୍ୟ ଯୌବନପ୍ରାପ୍ତ ସୁନ୍ଦରୀ କିଶୋରୀମାନଙ୍କୁ ଗୁପ୍ତଚରଙ୍କ ଦ୍ୱାରା ଅପହରଣ କରାଯାଇ ଏହି କେନ୍ଦ୍ରରେ ନୃତ୍ୟ ଗୀତର ଶିକ୍ଷା ସହ କାମକଳାର ଶିକ୍ଷା ଦିଆଗଲା । ଏଥିପାଇଁ ଗ୍ରୀକ୍ ଦେଶରୁ ମଧ୍ୟ ସୁନ୍ଦରୀ ରମଣୀମାନଙ୍କୁ ଓ ସୁନ୍ଦର ଗୀତ ଗାଉଥିବା ବାଳିକାମାନଙ୍କୁ ଅଣାଗଲା । ଗ୍ରୀକ୍ ଦେଶରୁ ବହୁମୂଲ୍ୟ ସୂକ୍ଷ୍ମବସ୍ତ୍ର, କାଚଦ୍ରବ୍ୟ, ଅତର ଓ ସୁରା ଆମଦାନୀ କରାଗଲା ।

## ବିଳାସ ପ୍ରାସାଦ

ବିଳାସ ପ୍ରାସାଦକୁ ସମ୍ରାଟଙ୍କ ମନମୁତାବକ ଅତୀବ ରମଣୀୟ କରି ଗଢାଯାଇଥିଲା । କେନ୍ଦ୍ରରେ ମଧ୍ୟରେ ପୁଷ୍କରଣୀ, ସ୍ନାନାଗାର, ରାଜଉଦ୍ୟାନ, ଜଳଉତ୍ସ ନିକଟରେ ନୃତ୍ୟଗୀତ ପାଇଁ ପ୍ରଶସ୍ତ ପ୍ରାସାଦ ଥିଲା । ରମଣୀମାନଙ୍କ ରହିବା ଓ ନୃତ୍ୟଗୀତ ଶିଖିବା ଗୃହ ନିକଟରେ ଥିଲା । ସେହି ପ୍ରାସାଦକୁ ରଙ୍ଗ ଓ ତୂଳୀରେ ନୂଆ ନୂଆ ରୂପ ଦିଆଯାଇଥିଲା । ବିଭବମୟ, ବିଳାସମୟ ପ୍ରାସାଦର ପ୍ରତିଟି କୋଣ-ଅନୁକୋଣ ଅନୁପମ ଦିଶୁଥିଲା । କୋଣମାନଙ୍କରେ ମାର୍ବଲର ମିଥୁନମଗ୍ନ ନର୍ତ୍ତକୀ, ଅପ୍ସରା, ଅର୍ଦ୍ଧନଗ୍ନ ନାରୀର ବିଭିନ୍ନ ଭଙ୍ଗୀର ପ୍ରତିମା ରଖାଯାଇଥିଲା । ବହୁମୂଲ୍ୟ କାଚର ଦର୍ପଣରେ ପ୍ରାସାଦର ଅଭ୍ୟନ୍ତର ଝଲସି ଉଠୁଥିଲା ନଗ୍ନ ଚିତ୍ର ଓ ମିଥୁନମଗ୍ନ ମୂର୍ତ୍ତିର ମିଳନମୁଦ୍ରାରେ । ଅତି ଆଡମ୍ବରପୂର୍ଣ୍ଣ ଐଶ୍ୱର୍ଯ୍ୟମୟ ଅନ୍ତଃପୁର । ସୁବାସମୟ ଅତରର ଭୁରୁଭୁରୁ ସୁଗନ୍ଧରେ ସୌରଭାନ୍ୱିତ ରାଜପ୍ରାସାଦ ଫୁଟନ୍ତା ଫୁଲର ପାଖୁଡା ଭଳି ମୁକୁଳା ଲାବଣ୍ୟର ମେଖଳାଭଳି , ଲାବଣ୍ୟମୟୀର ନଗ୍ନ ନିଟୋଳ ମାଂସଳ ଦେହର ଦୃଶ୍ୟ ଭଳି । ଚମତ୍କାର ସେ ଦୃଶ୍ୟ, ସେ ରୋମାଞ୍ଚ, ଯୌବନର, ମିଳନର । କଳା କଳ୍ପନାର କଳାତ୍ମକ ପ୍ରକାଶରେ କମନୀୟ କାମିନୀ ଓ କାଞ୍ଚନର ବର୍ଣ୍ଣମୟ ବିଳାସକ୍ଷେତ୍ର ବାସ୍ତବତାର ରୂପ ନେଇଥିଲା । ଦ୍ୱାରଦେଶରେ ହାତୀଦାନ୍ତର କାରୁକାର୍ଯ୍ୟ । କାନ୍ଥରେ ମୃଗ ଶିଙ୍ଗର ଶୋଭା, ତୈଳ ଚିତ୍ରର ନଗ୍ନ ଦୃଶ୍ୟକାନ୍ତି ଅତୀବ ଆକର୍ଷଣୀୟ । ବ୍ୟୟ ବହୁଳ ଏହି ପ୍ରାସାଦ ପାଲଟି ଥିଲା କାମନାର କୈଳାସ, ବାସନାର ବୈକୁଣ୍ଠ । କକ୍ଷର ମଧ୍ୟଭାଗରେ କୋମଳ ଶଯ୍ୟାରେ ବହୁମୂଲ୍ୟ ସିଂହାସନ ଓ ଶୟନକକ୍ଷ । ଶୟନ କକ୍ଷର ବାତାୟନ ଦେଇ ଅନନ୍ତ ଆକାଶର



ନୀଳିମା, ତାରାଙ୍କିତ ଆକାଶର ତନ୍ଦ୍ରା ବିଜଡିତ ରୋମାଞ୍ଚ, ଜ୍ୟୋତ୍ସ୍ନାସ୍ନାତ ଚନ୍ଦ୍ରମାର ଚପଳ ଲାବଣ୍ୟ ବେଶ୍ ଉପଭୋଗ୍ୟ । ଉଦ୍ୟାନ ମଧ୍ୟରେ ମୃଗମାନଙ୍କର ବିହାର ଓ ମୟୂର ମୟୂରୀମାନଙ୍କର ଛନ୍ଦବଦ୍ଧ ନୃତ୍ୟ ମନୋମୁଗ୍ଧକର । ରାଜହଂସୀର ଜଳକ୍ରୀଡା ଓ ଜଳ ବିହାରର ଅନୁପମ ଦୃଶ୍ୟରାଜି ବେଶ୍ ଉପଭୋଗ୍ୟ । ମନୋରମ, ମନଛୁଆଁ ।

ସୂର୍ଯ୍ୟାସ୍ତର ଅସ୍ତରାଗରେ ପ୍ରକୃତିର ବିଲୋଳ ରୂପଶୋଭା ସମ୍ରାଟଙ୍କ ଆଖିରେ ଆବଦ୍ଧ ତୈଳଚିତ୍ର ଭଳି ଆଙ୍କି ହୋଇଯାଉଥିଲା । ଉପଭୋଗର ମୁଗ୍ଧ ମାଦକତାରେ ମସଗୁଲ ସମ୍ରାଟ ଅଶୋକ, ମଦିରା ପାନରେ ବିଭୋର । ସନ୍ଧ୍ୟା ନଇଁ ଆସୁଥିଲା, ଅସୁମାରୀ ସ୍ୱପ୍ନ ଓ କଳ୍ପନାରେ, ରୂପବତୀର ରଙ୍ଗବୋଳା ଆସକ୍ତ ଆଖିରେ , ରୂପସୀଙ୍କ ଗହଣରେ ଇନ୍ଦ୍ରଧନୁର ରଙ୍ଗ ବୁଣି ବୁଣି, ପରୀରାଇଜରୁ ପ୍ରିୟ ପୃଥିବୀକୁ ପ୍ରିୟତମର ପ୍ରତୀକ୍ଷିତ ହୃଦୟ ନୀଳୟକୁ । ସନ୍ଧ୍ୟାର ସ୍ୱାଗତ ଉତ୍ସବ ସହ ନୃତ୍ୟ ଗୀତର ଆସରରେ ଆମୋଦିତ ମଗଧର ନିଷିଦ୍ଧ ନିଳୟ ନୃତ୍ୟରତା ନାୟିକା ନଗ୍ନ ନୀଳପଦ୍ମା । ରୂପବତୀ ନାରୀ, ନାରୀର ନୂପୁର, ଆସକ୍ତ ସମ୍ରାଟ ଅଣାୟତ୍ତ ପ୍ରକୃତି ।

ସବୁଠି ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟର ପୂର୍ଣ୍ଣମୟ ସ୍ୱାକ୍ଷର । ବିଭବମୟ ବିଳାସ ବିଳାସିତାର ନୂପୁର ନିକ୍ୱଣରେ, ରଙ୍ଗ ଅଧରରେ, କୃଷ୍ଣବେଣୀରେ , ବର୍ତ୍ତୁଳ ବକ୍ଷୋଜରେ । ଫୁଟନ୍ତା ଫୁଲର ଶୋଭା ମନଲୋଭା । ସ୍ୱର୍ଗର ନନ୍ଦନକାନନ ସେ ଉଦ୍ୟାନ । କୃଷ୍ଣମୟ କାମନା, ବାସ୍ନାମୟ ବାସନାରେ ଆମୋଦିତ ଅନ୍ତଃପୁରୀ । ଅରୁଣରାଗ ଅଧର ରୋମାଞ୍ଚିତ ପ୍ରୀତି ବିଭୋର । ଚିର ବସନ୍ତର ଚିରନ୍ତନ ପ୍ରକାଶ । ଚପଳ ଯୌବନର ଚଳଚଞ୍ଚଳ ପ୍ରକାଶ ସବୁଠି ଆନନ୍ଦ ଉଚ୍ଛ୍ୱାସ । ଉଚ୍ଛ୍ୱସିତ ରାଜହଂସୀର ମିଥୁନମଗ୍ନ ଜଳକ୍ରୀଡା । ପୃଥିବୀର ବାହୁବନ୍ଧନୀରେ ଆଲିଙ୍ଗନବଦ୍ଧ ଅସ୍ତସୂର୍ଯ୍ୟର ଆତ୍ମସମର୍ପଣ ଅନୁପମ, ଅନନ୍ୟ । ସନ୍ଧ୍ୟା ନଇଁ ଆସୁଥିଲା । ନୀରବି ଆସୁଥିଲା ନଗରର କୋଳାହଳ । ମୃଦୁମନ୍ଦ ପବନରେ ରାଜଉଦ୍ୟାନର ମୁକୁଳା ମୁହୂର୍ତ୍ତସବୁ ଖେଳି ବୁଲୁଥିଲା ଲାବଣ୍ୟବତୀର ବେପଥୁ ଅଙ୍ଗବାସରେ, ବ୍ରୀଡାନତାର ବଧୁଲି ଚାଲିରେ ବେଗମତୀ ନଦୀର ଲହରୀ ତୋଳିଥିଲା ମୃଦୁମନ୍ଦ ସ୍ନିଗ୍ଧ ଶିହରଣ ଦେହରେ, ମନରେ । ଏ ଜ୍ୟୋସ୍ନାସ୍ନାତ ରଜନୀ, ତାରାଙ୍କିତ ଆକାଶ, ତୃପ୍ତ ଜଳଧାରା । ମତୁଆଲା ମଧୁମୟ ମନ ଗର୍ଭବତୀ ମେଘ ଭଳି ଗଦ୍ୟମୟ, ଗୋପନୀୟ । ଲୁବ୍ଧ ଲୋଭନୀୟ ସାଗରର ନୀଳିମା ଭଳି ସୂର୍ଯ୍ୟୋଦୟର ଲାଲିମା ଭଳି ଉତ୍ସବମୟ ଉତ୍ସବମୁଖର, ମଧୁ ମନ୍ଦାକିନୀ, ମଧୁଛନ୍ଦା, ନଳିନୀ ମାଧୁରୀ । ପ୍ରାଣର ଆବେଗରେ ଉଷ୍ଣ ଅନୁରାଗମୟ ପ୍ରଣୟିନୀର ପାଦତୁ ପଣତ । ସଦ୍ୟ ଯୌବନର ଫୁଲ । ମୁକୁଳା ମାଂସର ଫୁଲ । ମୁଖରିତ ମାଟିଠୁ ଆକାଶ । ସମ୍ମୋହିତ ସନ୍ଧ୍ୟାର ପ୍ରକାଶ ।

ସମ୍ରାଟଙ୍କ ଆଗମନକୁ ଶୁଭେଚ୍ଛା ଜଣାଇ ସ୍ୱାଗତ ସଙ୍ଗୀତ ଗାଉଥିଲେ ଅଗଣିତ ସୁନ୍ଦରୀଗଣ । ନୃତ୍ୟରତା ନୂପୁରର ତାଳେ ତାଳେ ପ୍ରଦୀପ ସବୁ ଜଳୁଥିଲା, ଦୁଗ୍ଧ ଆରକ୍ତ କରପଲ୍ଲବରେ । ନୃତ୍ୟ ସଙ୍ଗୀତର ମୁଗ୍ଧ ସମାରୋହରେ ସୁରାସକ୍ତ ସମ୍ରାଟ ହଜିଯାଉଥିଲେ ଅର୍ଦ୍ଧନଗ୍ନ ନର୍ତ୍ତକୀର ଆଖିରେ, ଓଠରେ, ଅନାବୃତ ସ୍ତନ ଯୁଗଳରେ । ମାଂସ ଫୁଲର ମହକରେ ମୁହୂର୍ତ୍ତକ ମଧ୍ୟରେ ଆଦିମ ହୋଇ ଉଠୁଥିଲେ ମଦମତ୍ତ ଅଶୋକ । ସୁରାପାନରେ ଆସକ୍ତ ହୋଇ ସୁନ୍ଦରୀମାନଙ୍କର ଅର୍ଦ୍ଧନଗ୍ନ, ନଗ୍ନ ଅଙ୍ଗଲତାରେ ନିଖୋଜ ହୋଇ ଯାଇଥିଲେ ନାରୀମାଂସର ଅପୂର୍ବ ଆକର୍ଷଣରେ । ପୁଷ୍ପମଣ୍ଡିତ ସୁକୋମଳ ଶଯ୍ୟାରେ, ଭୁରୁଭୁରୁ ଅତରର ସୁଗନ୍ଧରେ । ସୁରାପାତ୍ର ଭଳି ମନ ଭରି ଉପଭୋଗ କରୁଥିଲେ

ନୃତ୍ୟରତା ସୁନ୍ଦରୀମାନଙ୍କର ସୁସଜ୍ଜିତ ସୁଠାମ ଅଙ୍ଗଲତିକାକୁ । ମନୋରମାଙ୍କ ମେଳରେ ଜଳକ୍ରୀଡାଠାରୁ ରତିକ୍ରୀଡା ଯାଏ ଅଶୋକ ଆନନ୍ଦର ପର୍ବ ପାଳୁଥିଲେ ପ୍ରୀତି ବିଭୋର ହୋଇ । ରାତ୍ରିର ବିଳମ୍ବିତ ପ୍ରହରରେ ସେ ଫେରୁଥିଲେ ରାଜଅନ୍ତଃପୁରୀକୁ ହିତାହିତ ଜ୍ଞାନ ହରାଇ ।

ମହାରାଣୀ ଅସନ୍ଧିମିତ୍ରାଙ୍କ ଆଖିରେ ନୀରବ ଅଶ୍ରୁ । ସେ ଅସହାୟା । ଅସ୍ଥିର । ଜୀବନର ସକଳ ପ୍ରାପ୍ତି ମଧ୍ୟରେ ସେ ଅସନ୍ତୁଷ୍ଟ ହୋଇ ଜଳୁଥିଲେ ଜୀବନ୍ତ ଜୁଇରେ । ମହାରାଜ କିପରି ଫେରିବେ ନିଜର ଉପେକ୍ଷିତ ବାହୁବନ୍ଧନୀକୁ ! ହୃଦୟ ସଂଲଗ୍ନ ହୋଇ ସାଉଁଟୁଥିବେ ତାଙ୍କର ଅଲିଅଳ ଅବୁଝା ମନକୁ ଯିଏ ଉବୁଟୁବୁ ହେଉଛନ୍ତି ସୁରା ଓ ସୁନ୍ଦରୀମାନଙ୍କ ନିଶାରେ, ନିଶୀଥରେ । ସେ ଦିନ କ'ଣ ଆଉ ଆସିବନି ? ଏହି ଚିନ୍ତାରେ ମହାରାଣୀ ବିଚଳିତ । ସମ୍ରାଟଙ୍କୁ ବୁଝାଇବାକୁ ଯାଇ ସେ ବ୍ୟର୍ଥ ହୋଇଛନ୍ତି । ସବୁ ଉଦ୍ୟମ ତାଙ୍କର ବିଫଳ ହୋଇଛି । ନା ଆଉ ସହିହେବନାହିଁ ବିରହ ଜ୍ୱାଳା, ଉପେକ୍ଷିତ ବିଚ୍ଛେଦ ଯନ୍ତ୍ରଣା । ବିଳାସ ପ୍ରାସାଦର ସୁନ୍ଦରୀ ତନ୍ୱୀ, ସୁରାସିକ୍ତା ତରୁଣୀମାନଙ୍କୁ ଜାଳିପୋଡି ଧ୍ୱଂସ ନ କଲେ ଆଉ ରକ୍ଷାନାହିଁ । ନିଜର ଅବହେଳିତ ଦେହ ଭଳି, ମନ ଭଳି ମଗଧ ସାମ୍ରାଜ୍ୟର ଅବସ୍ଥା ଅଣାୟତ୍ତ ହୋଇପଡିଲାଣି । ବାହ୍ୟ ଶତ୍ରୁ ଓ ଷଡଯନ୍ତ୍ରକାରୀ ସମ୍ରାଟଙ୍କ ଦୁର୍ବଳତା ଓ ଆସକ୍ତିର ସୁଯୋଗ ନେଇ ସାମ୍ରାଜ୍ୟକୁ ଖଣ୍ଡ ବିଖଣ୍ଡ କରିଦେବେ । ରାଜ୍ୟର ସମସ୍ତ ଦାୟିତ୍ୱ ତୁଲାଇବାକୁ ପଡୁଛି ତାଙ୍କୁ । ବିଶ୍ରାମ ନାହିଁ, ଶାନ୍ତି ନାହିଁ । ନାରୀମନ ତାଙ୍କର ବୁଝୁନାହାନ୍ତି ସମ୍ରାଟ । କେତେଦିନ ସମ୍ଭାଳିବେ ସେ ମଗଧର ଶାସନ ଦାୟିତ୍ୱ ? ସାମ୍ରାଜ୍ୟର ସ୍ୱାର୍ଥ ଓ ସୁରକ୍ଷା ଦୃଷ୍ଟିରୁ ସମ୍ରାଟଙ୍କୁ ବିଳାସ ପ୍ରାସାଦରୁ ଫେରାଇ ଆଣିବାର ଗୁରୁଦାୟିତ୍ୱ ତାଙ୍କର । ଦେଶର ସ୍ୱାର୍ଥପାଇଁ ସେ ନିଜକୁ ଉପେକ୍ଷା କରିପାରନ୍ତି କିନ୍ତୁ ସାମ୍ରାଜ୍ୟକୁ ନୁହେଁ, ସମ୍ରାଟ ଅଶୋକଙ୍କୁ ନୁହେଁ । ଅଶୋକଙ୍କ ଚିନ୍ତାରେ ମହାରାଣୀ ବ୍ୟଥିତ ଓ ବିବ୍ରତ । ମନେମନେ ଉପାୟ ଚିନ୍ତା କରୁଥିଲେ ସେ ଯେ କୌଣସି ମତେ ସମ୍ରାଟଙ୍କ ମନକୁ ରମଣୀମାନଙ୍କ ପ୍ରତି ସନ୍ଦେହାପନ୍ନ କରିପାରିଲେ, ସେମାନେ ଚରିତ୍ରହୀନା ବୋଲି ହୃଦବୋଧ କରାଇପାରିଲେ, ସେମାନଙ୍କୁ ଧ୍ୱଂସ କରାଇବାକୁ ମୁହୂର୍ତ୍ତ ଟିଏ ଲାଗିବନାହିଁ ।

ବିଳାସ ପ୍ରାସାଦରେ ରାଜ୍ୟରୁ ବଛା ବଛା ପାଞ୍ଚଶତ ସୁନ୍ଦରୀ ରମଣୀମାନଙ୍କୁ ରଖାଯାଇ ସେମାନଙ୍କୁ ଦିବ୍ୟ ଭୋଜନ ସହ ମୂଲ୍ୟବାନ ଅଳଙ୍କାର, ଆସବାବପତ୍ର ଦିଆଯାଇଥିଲା । ନୃତ୍ୟଗୀତ, ସଙ୍ଗୀତ ଶିକ୍ଷା ଦିଆଯାଇ ସମ୍ରାଟଙ୍କ ପାଇଁ ଉପଯୁକ୍ତ କରାଯାଉଥିଲା । ସବୁଦିନ ରାତ୍ରିରେ ସମସ୍ତଙ୍କୁ ଦେହଦାନ କରିବା ସମ୍ରାଟଙ୍କ ପାଇଁ ସମ୍ଭବ ନ ଥିଲା । ଅତୃପ୍ତ ତରୁଣୀମାନେ ମିଳନ ଆଶାରେ ବ୍ୟାକୁଳ ଥିଲେ । ରାଜଧାନୀର କେତେକ ବିଶିଷ୍ଟ ସାମନ୍ତଙ୍କ ପୁତ୍ର ସମସ୍ତଙ୍କ ଅଗୋଚରରେ ନାରୀ ଜଗୁଆଳୀଙ୍କୁ ଉତ୍କୋଚଦେଇ ଏକାନ୍ତରେ ସେମାନଙ୍କୁ ଉପଭୋଗ କରୁଥିଲେ । ଏହିଭଳି ଦେହଦାନର ପର୍ବ ଚାଲିଥିଲା ସମ୍ରାଟଙ୍କ ଅଗୋଚରରେ ।

## ଗିରିକର ଦଣ୍ଡଶାଳା

ମୌର୍ଯ୍ୟ ସାମ୍ରାଜ୍ୟର ସୁରକ୍ଷା ଦୃଷ୍ଟିରୁ ରାଜ୍ୟରେ ଶାନ୍ତି ଶୃଙ୍ଖଳା ପାଇଁ ଅଶୋକ ଏକ ଦଣ୍ଡଶାଳା ନିର୍ମାଣ କରିଥିଲେ ରାଜଧାନୀ ପାଟଳିପୁତ୍ରର ଅନତି ଦୂରରେ । ଏହାର ପରିଚାଳନା ପାଇଁ ମହାରାଜ



ଗିରିକଙ୍କୁ ନିଯୁକ୍ତି ଦେଇଥିଲେ ଯିଏ ନିଷ୍ଠୁରତା ଓ ବର୍ବରତାର ସୀମା ଟପି ଯାଇଥିଲା, ସମ୍ରାଟଙ୍କ ନିର୍ଦ୍ଦେଶ ମାତ୍ରେ ନିଜର ନିର୍ଦ୍ଦୋଷ, ନିରୀହ ପିତାମାତାଙ୍କ ମୁଣ୍ଡକାଟି । ରାଜଆଜ୍ଞା ନିକଟରେ ସବୁ ତୁଚ୍ଛ ସେ ମଣିଥିଲା । କର୍ତ୍ତବ୍ୟ ପାଖରେ ସ୍ନେହ, ମମତାର ସ୍ଥାନ ନାହିଁ ଏକଥା ବୁଝିଥିଲେ ଚଣ୍ଡାଳ ଗିରିକ । ଦଣ୍ଡଶାଳାର ମୁଖ୍ୟ ଥିଲେ ସେ । ଦଣ୍ଡଶାଳାର ଦଶଟି ଗୃହ ଥିଲା । ଛୋଟ ଛୋଟ ଅପରାଧୀଙ୍କୁ ଛୁଞ୍ଚିରେ ଫୋଡି ନିର୍ଯ୍ୟାତନା ଦିଆଯାଉଥିଲା, ବେତ୍ରାଘାତ ହେଉଥିଲା, ବଡ ବଡ ଅପରାଧ ଯଥା ବିଦ୍ରୋହ, ନରହତ୍ୟା, ନାରୀ ଧର୍ଷଣ ପାଇଁ ନିଷ୍ଠୁର ମୃତ୍ୟୁଦଣ୍ଡ ଦିଆଯାଉଥିଲା । ଜଳନ୍ତା ଅଗ୍ନିକୁଣ୍ଡ, ତୈଳକୁଣ୍ଡରେ ଫିଙ୍ଗା ଯାଉଥିଲା । ଗରମ ଲୌହ ଶାବଳରେ ଭୁଷି ଦିଆଯାଉଥିଲା । ହାତୀ ପାଦତଳେ ଚାପି ଦିଆଯାଉଥିଲା । ଗୁପ୍ତଚର ବୃତ୍ତି ପାଇଁ ଶୂଳି ଦଣ୍ଡର ଜଘନ୍ୟ ବ୍ୟବସ୍ଥା ଥିଲା । ଚୋରୀ ପାଇଁ ହସ୍ତ ଛେଦନ କରାଯାଉଥିଲା । ଦଣ୍ଡାଦେଶ ପାଳନରେ ଆନନ୍ଦିତ ହେଉଥିଲା, ପାଷଣ୍ଡ ଗିରିକ ।

ଏହିପରି ଭୟଙ୍କର ଦଣ୍ଡାଦେଶକୁ କାର୍ଯ୍ୟକାରୀ କରିବାରେ ଗିରିକ ଥିଲା ସିଦ୍ଧହସ୍ତ । ମଣିଷ ଦେହଧାରୀ ରାକ୍ଷସ । ତା'ର ନାଁ ଶୁଣିଲେ ଦଣ୍ଡଶାଳାକୁ ଯିବା ପୂର୍ବରୁ ଅନେକ ମୃତ୍ୟୁବରଣ କରୁଥିଲେ । ଗିରିକର ବଳିଷ୍ଠ ବପୁ, ମୋଟା ନିଶ, କୋଷମୁକ୍ତ ଖଡଗ୍, କଳା ପୋଷାକ ଦେଖି ଅନେକ ଅପରାଧୀ ଭୟ, ଆତଙ୍କରେ ପ୍ରାଣ ହରାଉଥିଲେ । ଗିରିକ ଦଣ୍ଡାଦେଶ ପାଳନ କରିବାରେ ନିଷ୍ଠୁରତାର ସୀମା ଟପି ଯାଉଥିଲା । ମଣିଷର ମରଣାନ୍ତକ କଷ୍ଟ ଓ ବିଭତ୍ସ ଯନ୍ତ୍ରଣା ଦେଖି ସେ ଆତ୍ମସନ୍ତୋଷ ଲାଭ କରୁଥିଲା । ଯିଏ ଥରେ ଦଣ୍ଡଶାଳାକୁ ଯାଉଥିଲା ସେ ଜାଣିଥିଲା ଯମପୁରରୁ ଫେରି ଆସିବା ଅସମ୍ଭବ ।

ଥରେ କଳିଙ୍ଗର ଦଳେ ଜୈନ ସନ୍ନ୍ୟାସୀ ମଗଧ ପରିଭ୍ରମଣ କରୁଥିଲେ । ଶାନ୍ତି ଓ ଅହିଂସାର ଅମିୟ ବାଣୀ ପ୍ରଚାର କରିବାକୁ । ମଗଧର ସୁରକ୍ଷା କର୍ମୀମାନେ ହଠାତ୍ ସେମାନଙ୍କୁ ଗିରଫ କଲେ ଓ ଗୁପ୍ତଚର ବୃତ୍ତିର ମିଥ୍ୟା ଅଭିଯୋଗ କଲେ । ଗିରିକର ଦଣ୍ଡଶାଳାରେ ସେମାନଙ୍କୁ ନିଷ୍ଠୁର ନିର୍ଯ୍ୟାତନା ଦିଆଗଲା । ରାଜଦରବାରରେ ସେମାନେ କହିଲେ, ଜୈନଙ୍କର ଅହିଂସାର ବାର୍ତ୍ତା ପ୍ରଚାର କରିବାକୁ ଆମ୍ଭେମାନେ ମଗଧ ଆସିଛୁ । ଆମକୁ ମିଥ୍ୟା ଗୁପ୍ତଚର ବୃତ୍ତି ଅପରାଧରେ ଦଣ୍ଡିତ କରାଯାଉଛି । ଆମକୁ ଉଦ୍ଧାର କରନ୍ତୁ ମଣିମା । ଅଶୋକଙ୍କ ଦୟାର୍ଦ୍ର ହୃଦୟ ମାନବତାର ସ୍ପନ୍ଦନରେ ନିକ୍ୱଣିତ ହୋଇଉଠିଲା । ସେମାନଙ୍କୁ ତୁରନ୍ତ ମୁକ୍ତି ଦେବାକୁ ମହାମହିମ ସମ୍ରାଟ ନିର୍ଦ୍ଦେଶ ଦେଲେ । ଅଶୋକଙ୍କ ଉଦାରତାର ଭୂୟସୀ ପ୍ରଶଂସା କରୁଥିଲେ ସନ୍ନ୍ୟାସୀମାନେ ।

ଜନପଦରେ ଯାତ୍ରା କଲାବେଳେ ସନ୍ନ୍ୟାସୀଗଣ ଗୁପ୍ତରେ ବୁଝିଥିଲେ ବିଳାସ ପ୍ରାସାଦର ଅବସ୍ଥିତି ସମ୍ପର୍କରେ । କଳିଙ୍ଗର ୨୦ ଜଣ ଅପହୃତା ସୁନ୍ଦରୀମାନଙ୍କୁ ଠାବ କରିବା ଥିଲା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ସେମାନଙ୍କ ଉଦ୍ଦେଶ୍ୟ ବ୍ୟର୍ଥ ହୋଇଥିଲା । ସେମାନେ କଳିଙ୍ଗ ଫେରିଥିଲେ । କଳିଙ୍ଗର ମହାରାଜ ଦଳେ ବଣିକଙ୍କ ମଧ୍ୟରେ ଗୁପ୍ତଚର ପଠାଇବାକୁ ସ୍ଥିର କଲେ ।

■■

# ରାଜଭୋଗ

ଦୀର୍ଘଦିନ ପରେ ବିଦ୍ରୋହ ଦମନ ସାରି ଅଶୋକ ଆତ୍ମତୃପ୍ତି ଲାଭ କରିଥିଲେ, ସମସ୍ତ ଭାଇମାନଙ୍କୁ ନିର୍ଦ୍ଦୟଭାବେ ହତ୍ୟାକରି । କଣ୍ଟକ ମୁକ୍ତ ରାଜସିଂହାସନରେ ବସି ସୁଖ ସମୃଦ୍ଧି ଓ ସମ୍ଭୋଗ ସ୍ୱପ୍ନରେ ବିଭୋର । ଶିକାର ପାଇଁ ଘନ ଜଙ୍ଗଲରେ ପ୍ରବେଶ କରିବା ଓ କ୍ଷୁଧାର୍ତ୍ତ ବାଘ ଓ ଦସ୍ୟୁମାନଙ୍କ ସହିତ ଲଢେଇ କରିବାର ଦୃଶ୍ୟ ଉପଭୋଗ କରିବା, ଚଢେଇ ଲଢେଇର ଦୃଶ୍ୟ, ବନପର୍ବତର ଶୋଭା, ନଦୀ ଉପତ୍ୟକାର ସୁରମ୍ୟ ଦୃଶ୍ୟରାଜି ତାଙ୍କୁ ମୁଗ୍ଧ କରୁଥିଲା । ପ୍ରଶାନ୍ତ ଚିତ୍ତରେ ପ୍ରତିଦିନ ସକାଳେ ସୂର୍ଯ୍ୟୋଦୟ ପରେ ଅର୍ଦ୍ଧନଗ୍ନ ସୁନ୍ଦରୀମାନେ ଅଶୋକଙ୍କୁ ସୁଗନ୍ଧଯୁକ୍ତ ତୈଳ ଲଗାଇ ସମଗ୍ର ଶରୀରରେ ମାଲିସ କରୁଥିଲେ । ରୂପବତୀମାନଙ୍କର ଦେହ ମଣ୍ଡଳ ଅତୀବ ଆକର୍ଷଣୀୟ । ଲୁବ୍ଧ ଲୋଭନୀୟ ଦିଶୁଥିଲା ଗୋପନୀୟ ଅଙ୍ଗ ସୌଷ୍ଠବ । ଅଶୋକ ଉତ୍‌ଫୁଲ୍ଲିତ ଚିତ୍ତରେ ଉପଭୋଗ କରୁଥିଲେ ଅନୂଢା ତରୁଣୀ ମାନଙ୍କର ଅନାବୃତ ଅବୟବ, ଲଜ୍ଜାନତ ମୁଖରେ ପୂର୍ଣ୍ଣମୀର ଚନ୍ଦ୍ରମଣ୍ଡଳ ଓ ଆଖିରେ ପ୍ରୀତିସ୍ନାତାର ହୃଦୟ ସର୍ବସ୍ୱ ଆବେଦନ, ଓଠରେ ଅନାହତ ଅଜଣା ସଙ୍ଗୀତର ଅପୂର୍ବ ରୋମାଞ୍ଚ, ଛାତିରେ କଦମ୍ବ ଫୁଲର ଲୋଭନୀୟ ଲାବଣ୍ୟ, ଉତ୍ତୁରା ଯୌବନର ଚଳଚଞ୍ଚଳ ପ୍ରକାଶ, କଟୀରେ କଟାକ୍ଷରେ । କାମନାର କୃଷ୍ଣଚୂଡା ଫିଟିଫିଟି ପଡୁଥିଲା ଚୂର୍ଣ୍ଣ କୁନ୍ତଳରୁ ଚୂନା ଚୂନା ଜ୍ୟୋତ୍ସ୍ନା ଭଳି । ଚୂତପଲ୍ଲବର ମୁକୁଳ ମହକ ଭଳି ଖେଳିବୁଲୁଥିଲା ଯୌବନର ଜହ୍ନ ପ୍ରୀତିପର୍ଣ୍ଣାର ତନୁରେ ତୁନବଲ୍ଲରୀର ଅପହଞ୍ଚ ଇଲାକାରେ । ତୈଳ ମାଲିସ ପରେ ସୁନ୍ଦରୀମାନଙ୍କ ସହିତ ଜଳକ୍ରୀଡାରେ ଆନନ୍ଦ ଉନ୍ମତ୍ତ ଥିଲେ ଅଶୋକ । ଜଳକ୍ରୀଡାରେ ରତିକ୍ରୀଡାର ରଙ୍ଗରସରେ ସମସ୍ତେ ଉତ୍‌ଫୁଲ୍ଲିତ । ଉଚ୍ଛାଟିତ ମନ, ଉତ୍ସବମୁଖର ମାଟିରୁ ଆକାଶ । ଅନୁପମ ଆନନ୍ଦରେ ଆତ୍ମବିଭୋର ସୁନ୍ଦରୀମେଳରେ ଅଶୋକ ।

ସ୍ନାନାଦି ପର୍ବ ଶେଷରେ ଦିବ୍ୟ ଭୋଜନରେ ତୃପ୍ତ ଅନ୍ତେବାସୀ । ଅଶୋକ ରାଜକାର୍ଯ୍ୟ ମହାମନ୍ତ୍ରୀ ଓ ନବାଗତା ମହାରାଣୀ ଅସନ୍ଧିମିତ୍ରାଙ୍କୁ ଦେଇ ନିଶ୍ଚିତ । ସୁରାସିକ୍ତ ପ୍ରାଣ ତାଙ୍କର ସୌନ୍ଦର୍ଯ୍ୟ ସମ୍ଭାରରେ ପ୍ରୀତ, ପୁଲକିତ । ଦିନରାତି ସେ ମଜ୍ଜି ରହିଥିଲେ ମଦ, ମାଂସ, ସମ୍ଭୋଗ ଶୃଙ୍ଗାରରେ । ଆଦିମ ଆନନ୍ଦରେ ସେ ଉଚ୍ଛୁଳି ଉଠୁଥିଲେ ସମୁଦ୍ର ଭଳି ବେଳାଭୂଇଁର ସ୍ୱର୍ଣ୍ଣିମ ବେଳାରେ । ନୀଳ ଲହରୀ ପରି ସେ ସାଉଁଟି ନେଉଥିଲେ ଶାମୁକାଙ୍କୁ, ତା' ହୃଦୟର ସଞ୍ଚିତ ସମ୍ପଦକୁ, ଶାମୁକା ଭିତରେ



ସାଇତା ମୁକ୍ତାକୁ । ମହୋଦଧି ଭଳି ରତିମଗ୍ନ ମନ ତାଙ୍କର ମଧୁମୟ ଚେତନାରେ ନିମଗ୍ନ; ନାରୀ ଭଳି, ନିମ୍ନଗା ଭଳି, ନାରିକେଳ ଭଳି । ଅର୍ଦ୍ଧ ନାରୀଶ୍ୱର ଭଳି, ଋତୁପର୍ଣ୍ଣାର ରଙ୍ଗ ଭଳି, ସଜ ସକାଳର ସଦ୍ୟ ସବୁଜିମା ଭଳି, ଐଶୀଯୁକ୍ତ ଅସୀମାର ସ୍ପର୍ଶ ଭଳି, ସବୁକିଛି ନିମଜ୍ଜିତ ସତ୍ୟମ୍ ଶିବମ୍ ସୁନ୍ଦରମ୍ ସତ୍ତାରେ, ସ୍ୱରଲିପିରେ । ବସୁନ୍ଧରାର ବିଭବ ବିଳାସରେ । ବିଳାସିତାର ବର୍ଣ୍ଣାଢ୍ୟ ବେଶରେ, ନିଖୁଣ ନଗ୍ନ ସୌନ୍ଦର୍ଯ୍ୟର ନୀରବ ପ୍ରକାଶରେ, ମିଥୁନମଗ୍ନ ନର୍ତ୍ତକୀ ନାୟିକାର ଲାଜନୀଳ ଆଖିରେ ଆୟତ ଅଧରରେ, ବର୍ତ୍ତୁଳ ସ୍ତନ ମଣ୍ଡଳରେ । ଭୁରୁଭୁରୁ ଅତରର ସୁଗନ୍ଧରେ ବାସ୍ନାମୟ ଅନ୍ତଃପୁର । କାନ୍ଥରେ ଅର୍ଦ୍ଧନଗ୍ନ ସୁନ୍ଦରୀର ବିଭିନ୍ନ ମୁଦ୍ରା ଓ ଭଙ୍ଗୀମାର ତୈଳଚିତ୍ର ଖୁବ୍ ଆକର୍ଷଣୀୟ । କେଉଁଠି ମିଥୁନମଗ୍ନ ମରାଳ ଯୁଗଳର ଜଳକ୍ରୀଡା, କେଉଁଠି ଯୁଗଳ ମୂର୍ତ୍ତିର ଶେଷହୀନ ପ୍ରକାଶ ଇନ୍ଦ୍ରଧନୁର ରଙ୍ଗ ଭଳି ବର୍ଣ୍ଣାଢ୍ୟ ବର୍ଣ୍ଣିଳ । ବିଭବ ଓ ବିଳାସିତାର ଅପୂର୍ବ ବିଳାସରେ ଅବିକଳ୍ପନୀୟ ଅନ୍ତଃପୁରୀ । କାନ୍ଥର ଥାକରେ ପ୍ରଦୀପର ଶୋଭା, ଚାରିଆଡେ ଚାରୁଚିତ୍ରପଟ୍ଟ ରତିକନ୍ୟାର, ଦେବକନ୍ୟାର, ବିରହୀ ଯକ୍ଷବଧୂର । ଅର୍ଦ୍ଧନଗ୍ନ ନାରୀର ନିଟୋଳ ମାଂସଳ ସ୍ତନ ଯୁଗଳ, ଘନକୃଷ୍ଣ କଟାକ୍ଷ, ଭାରି ଭାରି ଭୂଲତା, ଚୂର୍ଣ୍ଣକୁନ୍ତଳରେ କୃଷ୍ଣଘନର ଭ୍ରମ, କଟୀରେ କୃଷ୍ଣଚୁଡାର କାନ୍ତି, ଗୋପନୀୟ ଅଙ୍ଗବାସରେ ସୂକ୍ଷ୍ମବସ୍ତ୍ରର ସ୍ୱଚ୍ଛଆବରଣ, ବଡ ବଡ ଦର୍ପଣରେ ପ୍ରତିବିମ୍ବିତ ନଗ୍ନ ସୌନ୍ଦର୍ଯ୍ୟର ବିରଳ ଦୃଶ୍ୟସବୁ । ଆଦିମର ସ୍ୱର୍ଶ ଲାଗି ଅଦମ୍ୟ ଅଭିଳାଷ, ଅଶୋକଙ୍କୁ ଟାଣି ନେଇଥିଲା ନାରୀ ସର୍ବସ୍ୱ ନର୍ତ୍ତକୀ ପାଖକୁ, କାମନା ସର୍ବସ୍ୱ ନିଷିଦ୍ଧ ନିଳୟକୁ ଯେଉଁଠି ସେ ଆତ୍ମବିସ୍ମୃତ ହେଉଥିଲେ ମାଂସଫୁଲର ମହକରେ, ମଦିରାରେ, ମଧୁଭରା ଯୌବନରେ । ବିଳାସିତାର ବଳୟରେ ଭଉଁରି ପରି ଘୂରି ବୁଲୁଥିଲେ । ଭ୍ରମର ପରି ଖେଳିବୁଲୁଥିଲେ ନାୟିକାଠୁ ନର୍ତ୍ତକୀ ଯାଏ । ରୂପବତୀଠାରୁ ରଙ୍ଗବତୀ ଯାଏ । ପାଦଠୁ ପଣତ ସବୁଠି ଯୌବନର ଛାପ । ପ୍ରୀତିସ୍ନିଗ୍ଧ ପ୍ରାଣର ସ୍ୱାକ୍ଷର । ସମୟର ସାହାନାଇରେ ହଜିଯିବାକୁ ବ୍ୟାକୁଳ, ମିଳନର ଜ୍ୱାଳାରେ, କଳ୍ପନାରେ, କଟାକ୍ଷରେ ।

ଜୀବନକୁ ଉପଭୋଗ କରିବାରେ, ସେ ନିଜକୁ ନିୟୋଜିତ କରିଥିଲେ ଲାବଣ୍ୟମୟୀର ଲୋଭନୀୟ, ଲୁବ୍ଧ ଶୃଙ୍ଗାରରେ । ଆତ୍ମହରା ହେଉଥିଲେ ନର୍ତ୍ତକୀର ବାହୁ ବନ୍ଧନୀରେ, ନୂପୁର ନିକ୍ୱଣରେ । ରଣକ୍ଳାନ୍ତ ପ୍ରାଣ ତାଙ୍କର ତୃପ୍ତ ହୋଇଥିଲା ଚିତ୍ତ ବିନୋଦନରେ, ଐଶୀ ପ୍ରାଚୁର୍ଯ୍ୟରେ ବିଭବ ବିଳାସରେ । ଲାବଣ୍ୟବତୀର ଲୁବ୍ଧ ଲୋଭନୀୟ ମୁଖମଣ୍ଡଳରେ, ଘନକୃଷ୍ଣ ଚୂର୍ଣ୍ଣ କୁନ୍ତଳରେ, କୃଷ୍ଣ କଟାକ୍ଷ, କୃଷ୍ଣମୟ କାମନାରେ । ସଦ୍ୟ ଯୌବନର ଫୁଲ, ପାଖୁଡା ମେଲୁଥିଲା ନୀଳୋତ୍ପଳ ଭଳି ସୂକ୍ଷ୍ମ ଅଙ୍ଗବାସ ତଳେ । ସୁଠାମ ଅଙ୍ଗ ସୌଷ୍ଠବରେ ଚନ୍ଦ୍ରକାନ୍ତିର ଚର୍ଚ୍ଚିତ ରୂପକାନ୍ତି ଝଟକୁଥିଲା ଦୁଗ୍ଧ ଅଳତାର ଫେନୀଳ ଲାବଣ୍ୟରେ । ରୂପାନ୍ୱେଷୀ ଅଶୋକଙ୍କ ଆଖିରେ ନାରୀ ସୁଲଭ ଯୌବନ, ସୌନ୍ଦର୍ଯ୍ୟର ସୁଧା ପସରା ଭଳି କାବ୍ୟମୟ କମନୀୟ । ତାଙ୍କର କଳାତ୍ମକ ଚେତନାରେ କାବ୍ୟମୟ ପୃଥିବୀ କାବ୍ୟମୟ ପ୍ରକୃତି । ଯୌବନର ଉଷ୍ମ ଶିହରଣ, ସ୍ନାୟୁରେ, ସ୍ନାୟୁରେ ଆଦିମ ଅଭିଳାଷ , ବିଳାସିତାର ରୂପ ବିଭବରେ ରସମୟ ରସଘନ, ରସଯୁକ୍ତ, ରସସିକ୍ତ । ପାଞ୍ଚଶତ ସୁନ୍ଦରୀ ତରୁଣୀଙ୍କର ଉଦ୍ଧତ ଦେହ ମଣ୍ଡଳ, ସିଂହକଟୀର କମନୀୟତା ତାଙ୍କୁ ମୁଗ୍ଧ କରିଥିଲା । ସେ ବୁଡି ରହିଥିଲେ ସୁରାରେ, ସୁନ୍ଦରୀର ଅନାବୃତ୍ତ ଦେହ ବଲ୍ଲରୀରେ, ଦିବ୍ୟ ଆନନ୍ଦରେ, ଦେହ ମିଳନର ଅନୁଭବରେ, ଅନୁପମ ରୂପ ଲାବଣ୍ୟରେ । ପ୍ରତିଦିନ ସୁନ୍ଦରୀମାନେ ସ୍ନାନ ପୂର୍ବରୁ ସମ୍ରାଟଙ୍କ ସର୍ବାଙ୍ଗ ଶରୀରରେ

ସୁଗନ୍ଧିତ ତୈଳ ମର୍ଦ୍ଦନ କରୁଥିଲେ । ଗାଧୋଇ ଦେଉଥିଲେ ଭିଜାଭିଜା ତନୁବଲ୍ଲରୀରେ ଭୁରୁଭୁରୁ ସୁଗନ୍ଧରେ । ଭାସମାନ ଶୁଭ୍ର ରଜତ ମସୃଣ ମାର୍ବଲ ମେଘଭଳି ବୋଲି ହେଉଥିଲେ ଅଶୋକଙ୍କ ସୁଠାମ ଅଙ୍ଗଲତିକାରେ । ଅରଣ୍ୟ ମଧ୍ୟରେ ସୁନ୍ଦରୀମାନଙ୍କ ସହିତ ପ୍ରକୃତିରାଣୀର ସୌନ୍ଦର୍ଯ୍ୟ ସମ୍ଭାର ଦେଖି ମୁଗ୍ଧ ହେଉଥିଲେ, ତୃପ୍ତ ହେଉଥିଲେ, ଆତ୍ମହରା ହେଉଥିଲେ, ଆତ୍ମବିସ୍ମୃତ ହେଉଥିଲେ । ଦିନସବୁ କଟୁଥିଲା ନାରୀମାଂସର ମହକରେ, ମାଂସଫୁଲର ସୁଷମାରେ, ମଦିରାରେ, ମିଳନମୁଖର ଚେତନାରେ ।

ମହାରାଣୀ ଅସନ୍ଧିମିତ୍ରାଙ୍କର ବିବାହର ଅଳ୍ପଦିନ ମଧ୍ୟରେ ସେ ହରାଇଥିଲେ ସ୍ୱାମୀ ସୁହାଗକୁ, ସ୍ନେହସିକ୍ତ ସୁଖ ସାନ୍ନିଧ୍ୟକୁ । ଉପେକ୍ଷିତ ଦେହମନର ନିଷିଦ୍ଧ ଯନ୍ତ୍ରଣାର ଉପଶମ ପାଇଁ ମହାରାଜାଙ୍କ ସମୟନାହିଁ । ସଦ୍ୟ ଯୌବନରେ ଉପେକ୍ଷିତ ପ୍ରାଣ ତାଙ୍କର ଫାଟିପଡୁଥିଲା ଦୁଃଖରେ, ନୀରବରେ ନୈରାଶ୍ୟରେ । ପାଞ୍ଚଶତ ରମଣୀମାନଙ୍କ ନିକଟରେ ନିମଜ୍ଜିତ ମହାରାଜ । ବିବାହର ଛଅମାସ ବିତିଲା ପରେ ମଧ୍ୟ ବିଳାସ ପ୍ରାସାଦରୁ ଫେରିଆସିବାକୁ ମହାରାଜ ବିତ୍‌ସ୍ପୃହ । ବିଳାସ ମଧ୍ୟରେ ସେ ବୁଡ଼ିରହିଛନ୍ତି । କିପରି ବୁଝିବେ ନାରୀମନର ମିଳନ ଆକୁଳ ବ୍ୟାକୁଳ ବେଦନାକୁ ? ଅଖଣ୍ଡ ଯୌବନର ଅଧିକାରୀ ହୋଇ ମଧ୍ୟ ମହାରାଣୀ ଜଳିପୋଡ଼ି ଯାଉଥିଲେ ବିରହ ବହ୍ନିରେ । ଗୋପନ ବ୍ୟଥାର ଅଶାନ୍ତିରେ ମହାରାଣୀ ଆହତ, ଅଶାନ୍ତ, ଅତୃପ୍ତ । ମନର ଜ୍ୱାଳାକୁ କେତେଦିନ ଯାଏ ଜଳାଇ ରଖିଥିବେ ? ବିବାହର ଏତେଦିନ ପରେ ମଧ୍ୟ ମହାରାଜାଙ୍କର ମୋହ ଭାଙ୍ଗିଲା ନାହିଁ । ଦେହମନର ଅତୃପ୍ତ ଯନ୍ତ୍ରଣା ସହ ରାଜ୍ୟ ପରିଚାଳନାର ଗୁରୁଦାୟିତ୍ୱ ମଧ୍ୟରେ ଟିକେ ଶାନ୍ତିପାଇଁ ସେ ଯେମିତି ଜଳିପୋଡ଼ି ଯାଉଥିଲେ, ଝରାଫୁଲର ପାଖୁଡ଼ାଭଳି । ଅବହେଳିତ ଯୌବନ ତାଙ୍କର ମରୁମୟ ଲାଗୁଥିଲା । ଟିକିଏ ଶାନ୍ତିପାଇଁ, ପ୍ରାଣ ସର୍ବସ୍ୱ ପ୍ରିୟତମର ପ୍ରୀତିପାଇଁ ଧୀରେଧୀରେ ରୁକ୍ଷ କର୍କଶ ହୋଇ ଉଠିଥିଲେ ମହାରାଣୀ ଅତୃପ୍ତ କ୍ଷୁଧାରେ, କ୍ଷମତାର ଖଣ୍ଡାଧାରରେ ।

ବିଚଳିତ ପ୍ରାଣ ତାଙ୍କର ବ୍ୟାକୁଳ ହୋଇଉଠୁଥିଲା ମିଳନ ଆକୁଳ ମୁହୂର୍ତ୍ତରେ ପ୍ରିୟତମର ହୃଦୟ ସଲଗ୍ନ ସ୍ନେହପାଇଁ । ବିଳାସ ପ୍ରାସାଦର ଅଜ୍ଞାତକୁଳ କିଶୋରୀମାନେ ଯେପରି ତାଙ୍କର ହୃଦୟ ସମ୍ପତ୍ତି ଛଡ଼ାଇ ନେଇଛନ୍ତି ଦିନେ ନୁହେଁ ଦୀର୍ଘଦିନଧରି । ମହାରାଣୀଙ୍କ ବିବାହ ପରେ ମହାରାଜ ନିଷିଦ୍ଧ ନିଳୟର ନୟନାକ୍ଷୀଙ୍କଠାରୁ ଫେରିଆସିବାକୁ ସମସ୍ତେ ଥିଲେ ଆଶାୟୀ । ମହାରାଜାଙ୍କର ମନ ଏପରି ବାନ୍ଧି ହୋଇଯାଇଥିଲା ସୁରାସିକ୍ତା ସୁନ୍ଦରୀମାନଙ୍କର ବାହୁବନ୍ଧନୀରେ, ହୃଦୟ ବନ୍ଧନୀରେ, ସେଠାରୁ ଫେରିଆସିବା ଅସମ୍ଭବ ମନେ ହେଉଥିଲା । ମହାରାଜ ଏପରି ଭୋଗବିଳାସରେ ବୁଡ଼ିରହିଲେ ମୌର୍ଯ୍ୟ ସାମ୍ରାଜ୍ୟ ଖଣ୍ଡ ଖଣ୍ଡ ହୋଇଯିବ । ଶତ୍ରୁମାନେ ଦୁର୍ବଳତାର ସୁଯୋଗ ନେଇ ରାଜଅନ୍ତପୁରୀରେ ବିଦ୍ରୋହ କରିପାରନ୍ତି । ହତ୍ୟାର ଲେଲିହାନରେ ମଶାଣି ପାଲଟିଯିବ ପାଟଳିପୁତ୍ରର ରାଜପ୍ରାସାଦ । ନା...ନା... ଏକଥା ହୋଇ ପାରିବନାହିଁ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ କଳେ ବଳେ କୌଶଳେ ମହାରାଜାଙ୍କୁ ଫେରାଇ ଆଣିବାକୁ ପଡ଼ିବ । ବିଳାସ ପ୍ରାସାଦରେ ବ୍ୟଭିଚାରର ବିଷମଞ୍ଜି ପୋତି ମହାରାଜାଙ୍କ ମନରେ ଥରେ ସନ୍ଦେହ ଭରିଦେଲେ ସେହି କେନ୍ଦ୍ରର ଧ୍ୱଂସ ସାଧନ ସମ୍ଭବ ହେବ । ମହାରାଣୀ ଫେରିପାଇବେ ତାଙ୍କର ହୃଦୟ ସର୍ବସ୍ୱ ସମ୍ରାଟଙ୍କୁ । ରାଜ୍ୟବାସୀ ଆଶ୍ୱସ୍ତ ହେବେ ମହାରାଜାଙ୍କ ପରିବର୍ତ୍ତନରେ । ଶାସନ ଶୃଙ୍ଖଳା ସହ ରାଜ୍ୟର ଉନ୍ନତିର ଦ୍ରୁତ ବିକାଶ ପାଇଁ । ମଗଧ ସାମ୍ରାଜ୍ୟକୁ



ଧ୍ୱଂସମୁଖକୁ ଟାଣିନେବାକୁ ମହାରାଜାଙ୍କର ଅଧିକାରନାହିଁ । ମୌର୍ଯ୍ୟ ସମ୍ରାଟ ହୋଇ ଅର୍ଦ୍ଧନଗ୍ନ ନାରୀ ନର୍ତ୍ତକୀ ମଧ୍ୟରେ ବୁଡ଼ିରହି ରାଜକାର୍ଯ୍ୟରେ ଅବହେଳା କରିବାର ଅଧିକାର ନାହିଁ । ମହାରାଣୀ ତଥା ମୌର୍ଯ୍ୟ ସାମ୍ରାଜ୍ୟର ଏକାନ୍ତ ନିଜସ୍ୱ ହେଉଛନ୍ତି ମହାରାଜା । ସେଥିପାଇଁ ଅନେକଥର ମହାରାଣୀ ବୁଝାଇଛନ୍ତି ବିଳାସ ପ୍ରାସାଦ ବିରୁଦ୍ଧରେ । ଏହାଦ୍ୱାରା ରାଜ୍ୟର ମଙ୍ଗଳ, ରାଜ୍ୟବାସୀଙ୍କର ଉନ୍ନତି ସମ୍ଭବ । ନିଶାସକ୍ତ ସମ୍ରାଟ ମହାରାଣୀଙ୍କର ସକଳ ଅନୁରୋଧକୁ ଏଡ଼ାଇ ଦେଇଥିଲେ । ମହାରାଣୀ ଅଶ୍ରୁବିସର୍ଜନ କରୁଥିଲେ, ନୀରବରେ, ନିର୍ବିକାର ହୋଇ । ଅସହାୟ ମନ, ଅବହେଳିତ ଆତ୍ମା, ଉପେକ୍ଷିତ କୋମଳାଙ୍ଗ । ବିରହୀ ମନ ତାଙ୍କର ଛଟପଟ ହେଉଥିଲା ରାତ୍ରିର ବିଳମ୍ବିତ ପ୍ରହର ଯାଏ । ଉପାୟ ଖୋଜୁଥିଲେ ମନେମନେ ମହାରାଜାଙ୍କର ମଙ୍ଗଳ ପାଇଁ, ମଙ୍ଗଳମୟଙ୍କ ପଦ୍ମପୟରେ ପ୍ରଣତି ଢାଳିଥିଲେ । ପ୍ରଦୀପ ଜାଳୁଥିଲେ, ପୁଷ୍ପଫଳ ସମର୍ପଣ କରି, ଉପବାସ ବ୍ରତ ପାଳୁଥିଲେ । ସନ୍ନ୍ୟାସୀମାନଙ୍କର ସେବା କରୁଥିଲେ, ଭଲମନ୍ଦ ବୁଝୁଥିଲେ ଭାଗ୍ୟର ପରିବର୍ତ୍ତନ ପାଇଁ ।

ଏହିପରି ବିଳାସବ୍ୟସନରେ ବୁଡ଼ି ରହିଥିଲେ ମହାମହିମ ମୌର୍ଯ୍ୟ ସମ୍ରାଟ । ସମୟ ଗଡ଼ି ଚାଲୁଥିଲା ନିଜସ୍ୱ କକ୍ଷରେ । ମହାରାଣୀ ଚିନ୍ତିତ । ସମସ୍ୟାର ସମାଧାନ ପାଇଁ ସେ ଜାଲ ବିଛାଉଥିଲେ ସମସ୍ତଙ୍କ ଅଲକ୍ଷ୍ୟରେ । ହଠାତ୍ ଦିନେ ରାଜଧାନୀ ପାଟଳିପୁତ୍ରର ଅନତି ଦୂରରେ କଳିଙ୍ଗର ଦଳେ ବଣିକ ଗୁପ୍ତଚର ବୃତ୍ତି ଅଭିଯୋଗରେ ବନ୍ଦୀ ହୋଇ ମହାରାଣୀଙ୍କ ପାଖରେ ଉପସ୍ଥିତ ହେଲେ । ମହାରାଣୀ ସେମାନଙ୍କୁ ସତ୍ୟକଥା ପ୍ରକାଶ କରିବାକୁ ଓ ସେମାନଙ୍କ ଉଦ୍ଦେଶ୍ୟ ଜାଣିବାକୁ ଚାହିଁଲେ । ବଣିକ ଦଳର ସଭାପତି ବିଶ୍ୱନାଥ ବୈଶ୍ୟ ରାଣୀମା'ଙ୍କୁ କହିଲେ କଳିଙ୍ଗରୁ ୨୦ ଜଣ ତରୁଣୀ ଅପହୃତ ହୋଇଛନ୍ତି । ସେମାନଙ୍କ ଅବସ୍ଥିତି ଓ କାର୍ଯ୍ୟକଳାପ ସମ୍ବନ୍ଧରେ ଜାଣିବାକୁ କଳିଙ୍ଗ ମହାମହିମ ସମ୍ରାଟ ଆମକୁ ପଠାଇଛନ୍ତି । ମଗଧ ଓ କଳିଙ୍ଗ ଉଭୟ ବନ୍ଧୁ ରାଷ୍ଟ୍ର ହୋଇଥିବାରୁ ଆମର କୌଣସି ମନ୍ଦ ଅଭିଳାଷ ନାହିଁ । ଆମକୁ କ୍ଷମା କରନ୍ତୁ ଓ ଯଥା ସମ୍ଭବ ସାହାଯ୍ୟ କରନ୍ତୁ । ରାଣୀ ମା' ଆମର ସନ୍ଦେହ ହେଉଛି ସେମାନେ ପାଞ୍ଚଶତ ସୁନ୍ଦରୀ ମହିଳାମାନଙ୍କ ମଧ୍ୟରେ ରହିଥାଇ ପାରନ୍ତି ।

ମହାରାଣୀ କୁଟିଳ ହସର ଧାରେ ଧାରେ ବଣିକମାନଙ୍କୁ କହିଲେ 'ବିଳାସ ପ୍ରାସାଦକୁ କୌଣସି ପୁରୁଷ ଯିବା ନିଷେଧ । ମହାରାଜଙ୍କର ଜନ୍ମଦିନ ଦୁଇଦିନ ମଧ୍ୟରେ ପଡ଼ିବ । ଜନ୍ମଦିନ ମହାଆଡ଼ମ୍ବର ସହକାରେ ପାଳନ କରାଯିବ ସେଠାରେ । ସମ୍ରାଟ ଅଶୋକ ସେଠାରୁ ଫେରିଲା ବେଳେ ରମଣୀମାନେ ତାଙ୍କୁ ରାତ୍ରିର ଅନ୍ଧାର ମଧ୍ୟରେ ମଶାଲ ଜାଳି ଶୁଭବିଦାୟ ଜଣାଇବେ । ଏହି ସମୟରେ ତୁମେମାନେ ନାରୀ ବେଶରେ ସେହି ରମଣୀମାନଙ୍କ ମେଳରେ ପଶିଯିବ । ଏଥିପାଇଁ ସତର୍କତାର ସହିତ ନିକଟସ୍ଥ ବୃଦାମୂଳରେ ଆତ୍ମଗୋପନ କରିଥିବ । ବର୍ତ୍ତମାନ ରାଜପ୍ରାସାଦରେ ତୁମେମାନେ ବନ୍ଦୀଭାବେ ରହିବ । ଅଶୋକଙ୍କ ଜନ୍ମଦିନରେ ପଶି ସୁନ୍ଦରୀମାନଙ୍କୁ ଚିହ୍ନଟ କରିବ ଓ ରାତ୍ରି ପ୍ରଭାତ ହେବା ପୂର୍ବରୁ ସେଠାରୁ ଫେରିଆସିବ । ବଣିକମାନେ ନଜରବନ୍ଦୀରେ ରହିଲେ ରାଜପ୍ରାସାଦର ଅନତି ଦୂରରେ ।

ନିର୍ଦ୍ଦିଷ୍ଟ ଦିନ ଅଶୋକଙ୍କ ଜନ୍ମଦିନ ମହା ସମାରୋହରେ ପାଳିତହେଲା । ରାତ୍ରିରେ ଅଶୋକ ଫେରିଲାବେଳେ ସୁନ୍ଦରୀମାନଙ୍କ ଗହଣରେ ରମଣୀ ବେଶରେ ଲୁଚି ରହିଥିବା ବଣିକ ଦଳ ବିଳାସ ପ୍ରାସାଦରେ ପ୍ରବେଶ କଲେ । ରୂପବତୀ ନାମ୍ନୀ କଳିଙ୍ଗ କୁମାରୀକୁ ଚିହ୍ନିପାରି ଇସାରାରେ କଥାହେଲେ ।

ରୂପବତୀ କୋଡିଏ ଜଣ କଳିଙ୍ଗକନ୍ୟାମାନଙ୍କ ଦୁଃଖ କଥା କହିଲେ । ଅଶୋକଙ୍କ ଏହି ବିଳାସମୟ ପ୍ରାସାଦ ବ୍ୟଭିଚାରର କେନ୍ଦ୍ର ହୋଇଛି ।

କଳିଙ୍ଗର ମହାରାଜାଙ୍କୁ କହି ସେମାନଙ୍କୁ ଶୀଘ୍ର ଉଦ୍ଧାର କରିବାକୁ ରୂପବତୀ ଧୀରକଣ୍ଠରେ କାତରହୋଇ କହିଲେ । ଅଶୋକଙ୍କ ବିଦାୟ ପରେ ପ୍ରତିଦିନ ବହୁ ସମ୍ଭ୍ରାନ୍ତ ଯୁବକ ନାରୀ ଦ୍ୱାରରକ୍ଷୀଙ୍କୁ ଉତ୍କୋଚଦେଇ ବ୍ୟଭିଚାରରେ ଲିପ୍ତ ରହୁଛନ୍ତି ନାରୀବେଶରେ । ନାରୀମାଂସ ସହିତ ଖେଳଖେଳି ମତୁଆଲା ସମସ୍ତେ । ଅଶୋକଙ୍କ ହିତାହିତ ଜ୍ଞାନନାହିଁ ବିଳାସ ବ୍ୟସନରେ । ସୁରାସାକୀରେ ଆସକ୍ତହୋଇ ରାଜ୍ୟ ଚଳାଇବାର ଦକ୍ଷତା ସେ ଯେମିତି ହରାଇଛନ୍ତି । ଆମ୍ଭେମାନେ ଅପହୃତ ହେଲାପରେ ଆମର ମାନ ସମ୍ମାନ ମାଟିରେ ମିଶିଯାଇଛି । ଆମେ ଗଣିକାହୋଇ କଳିଙ୍ଗକୁ କଳାମୁହଁରେ ଯିବୁ ନାହିଁ । ମରିବୁ ପଛେ କଳିଙ୍ଗ ଯିବୁନାହିଁ । ଏଠାରେ ଦାସୀରୂପେ ଜୀବନ ବିତାଇବା ଆମପାଇଁ ମଙ୍ଗଳକର । ଆମକୁ ବ୍ୟଭିଚାରରୁ ମୁକ୍ତ କରନ୍ତୁ । ମୌର୍ଯ୍ୟ ସାମ୍ରାଜ୍ୟର ଶାସନଭାର ମହାରାଣୀ ତୁଲାଉଛନ୍ତି । ତୁମ୍ଭେମାନେ ପ୍ରଭାତ ପୂର୍ବରୁ ଫେରିଯାଅ । ନଚେତ୍ ମୃତ୍ୟୁଦଣ୍ଡ ନିଶ୍ଚିତ । ଆମର ମୃତ୍ୟୁକୁ ଭୟ ନାହିଁ । ଆମେ ଜାଣିବାକୁ ଚାହୁଁ ମଗଧ ସମ୍ରାଟଙ୍କ ମନୋଭାବ, କାର୍ଯ୍ୟକଳାପ, ସାମ୍ରାଜ୍ୟର ଭଲମନ୍ଦ ଓ ସୈନ୍ୟବାହିନୀ ସମ୍ପର୍କରେ । କାରଣ ମଦ୍ୟପ ସମ୍ରାଟଙ୍କୁ ବିଶ୍ୱାସ କରିବା ଠିକ୍ ନୁହେଁ । କଳିଙ୍ଗ ବ୍ୟତୀତ ସମସ୍ତ ରାଜ୍ୟ ଜୟକରି ଅଶୋକ ଅଣାୟତ୍ତ ହୋଇ ପଡିଛନ୍ତି । ''କେତେବେଳେ କେଉଁକଥା ?'' ରୂପବତୀ କହିଲେ । ମଗଧ ସୈନ୍ୟ ଶକ୍ତିଶାଳୀ ହେଲେ ମଧ ସେନାପତି ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ବ୍ୟଭିଚାରରେ ଲିପ୍ତ ଅଛନ୍ତି । ତେଣୁ କଳିଙ୍ଗ ଉପରେ ଆକ୍ରମଣ ପାଇଁ କୌଣସି ଯୋଜନା ସମ୍ରାଟଙ୍କ ନାହିଁ ।

ବର୍ତ୍ତମାନ ନାରୀରୂପେ କେତେକ ସମ୍ଭ୍ରାନ୍ତ ଯୁବକ ଆସିଲେଣି । ସତର୍କତା ସହିତ ଲକ୍ଷ୍ୟ କରନ୍ତୁ । ନାରୀ-ଦ୍ୱାରପାଳ ସେମାନଙ୍କଠାରୁ ତାମ୍ବୁଳ ଖାଇ ବେହୋସ ହୋଇ ପଡିଛନ୍ତି । ସମ୍ଭ୍ରାନ୍ତ ଯୁବକମାନେ ବ୍ୟଭିଚାରରେ ଲିପ୍ତ ରହିଲେଣି । କେତେକ ଯୁବକ ନାରୀରୂପୀ ବଣିକମାନଙ୍କ ସହିତ ବ୍ୟଭିଚାର ପାଇଁ ଆଗ୍ରହ ପ୍ରକାଶ କରନ୍ତେ ରୂପବତୀ ସେମାନଙ୍କୁ ପ୍ରାସାଦର ନିଭୃତ କକ୍ଷକୁ ସେମାନଙ୍କୁ ନେଇଯାଇଥିଲେ । ବଣିକମାନେ ସେହି ନିଭୃତ ଅନ୍ଧକାର କୋଠରୀରେ ଆଲିଙ୍ଗନ କରିବାକୁ ଯାଇ ଆଠଜଣ ଯୁବକମାନଙ୍କୁ ହତ୍ୟା କରିଥିଲେ ସତର୍କତାର ସହିତ ଧରାପଡିବା ଭୟରେ ।

ରାତ୍ରିର ତୃତୀୟ ପ୍ରହରରେ ପ୍ରହରୀ ଖବରଦେଲା ବଣିକମାନେ ନିଜର ବନ୍ଦୀଘରୁ ଗାତଖୋଳି ଚାଲିଯାଇଛନ୍ତି । ମହାରାଣୀ କ୍ରୂର ହସର ରେଖାଟାଣି ମହାରାଜାଙ୍କୁ କହିଲେ ,'ସମ୍ରାଟ ଆଜି ଶୁଭରାତ୍ରିରେ ସର୍ବନାଶ ହୋଇଯାଇଛି । ନଜରବନ୍ଦୀ ଥିବା ଗୁପ୍ତଚର ବୃତ୍ତିରେ ବନ୍ଦୀ କଳିଙ୍ଗର ବଣିକମାନେ ଫେରାରହୋଇ ଯାଇଛନ୍ତି '। ମହାମହିମର ଅଶୋକ ଏକଥା ଶୁଣି ବିଚଳିତ ହୋଇପଡିଲେ । ମହାରାଣୀ ଚେତାଇଦେଲେ ସେମାନେ କୋଡିଏ ଜଣ ନିଖୋଜ କଳିଙ୍ଗର ସୁନ୍ଦରୀମାନଙ୍କ ସମ୍ବନ୍ଧରେ ଗୁପ୍ତଚର ବୃତ୍ତି କରିବାକୁ ଆସିଥିଲେ । ମୋର ସନ୍ଦେହ ହେଉଛି ସେମାନେ ବିଳାସ ପ୍ରାସାଦକୁ ଯାଇଥାଇ ପାରନ୍ତି ? ଏହି ସମୟରେ ଦୁଇଜଣ ନାରୀ ଦ୍ୱାରରକ୍ଷୀ ମହାରାଜାଙ୍କୁ ଖବରଦେଲେ,' ମୁଖ୍ୟଦ୍ୱାରରେ ନାରୀ-ଦ୍ୱାରରକ୍ଷୀ ବିଷାକ୍ତ ତାମ୍ବୁଳ ଖାଇ ବେହୋଶ ହୋଇ ପଡିଛନ୍ତି । ବିଳାସ ପ୍ରାସାଦ୍ରରେ ଆଠଜଣ ସମ୍ଭ୍ରାନ୍ତ ଯୁବକ ମରି ପଡିଛନ୍ତି । ସେଠାରେ କେତେକ ଯୁବତୀଙ୍କର ଚଳପ୍ରଚଳ



ସନ୍ଦେହଜନକ ଲାଗୁଛି । ସେମାନେ ପଳାଇ ଯିବାକୁ ଚେଷ୍ଟା କରୁଥାଇ ପାରନ୍ତି । ଆପଣ ଶୀଘ୍ର ଆସନ୍ତୁ । ଅଶ୍ୱ ପ୍ରସ୍ତୁତ ଅଛି ' । ମହାରାଣୀ ଦେଖିଲେ ଏହା ସୁବର୍ଣ୍ଣ ସୁଯୋଗ । ଏତେଗୁଡାଏ ହତ୍ୟାକାଣ୍ଡ, ଦ୍ୱାରରକ୍ଷୀର ମୃତ୍ୟୁ ଜାଣି ଅଶୋକ ହତୋତ୍ସାହ ହୋଇ ପଡିଲେ । ଅଶୋକ ଚିନ୍ତାକରି ପାରିଲେ ଏହାର ନିର୍ଦ୍ଦୟ ପରିଣତି । କଳିଙ୍ଗର ଝିଅମାନେ ଏଠାରେ ଯୌନ ଜୀବନ କାଟୁଛନ୍ତି ଜାଣିଲେ ମଗଧ ସାମ୍ରାଜ୍ୟର ମାନ ସମ୍ମାନ ମାଟିରେ ମିଶିଯିବ । ଦୁଇ ଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଯିବ । କିଛି ସ୍ଥିରକରି ପାରିଲେ ନାହିଁ । ସମ୍ରାଟଙ୍କ ସହିତ ମହାରାଣୀ ଯିବାକୁ ବାହାରି ପଡିଲେ । ସାଥିରେ ଦୁଇଦଳ ସେନାଙ୍କୁ ନେଇଗଲେ । ସେମାନଙ୍କୁ ବିଳାସ ପ୍ରାସାଦର ଚାରିପଟେ ଜଗାଇଦେଇ ଅଶୋକ ଅନ୍ତଃପୁରକୁ ପ୍ରବେଶକଲେ । ମୁଖ୍ୟଦ୍ୱାରରେ ଚାରିଜଣ ମୃତ ଦ୍ୱାରରକ୍ଷୀ । ନିଭୃତ କୋଣରେ ନାରୀରୂପୀ ଯୁବକମାନେ ମୃତ । ସେ ଅସମ୍ଭବଭାବେ ବ୍ୟସ୍ତ ହୋଇପଡିଲେ । ସମ୍ରାଟ ଅଶୋକ ଆସିବା ଜାଣି କଳିଙ୍ଗର ବଣିକମାନେ ପଛଦ୍ୱାର ଦେଇ କଳିଙ୍ଗ ରମଣୀମାନଙ୍କ ସହିତ ଚାଲିଯିବାକୁ ବାହାରିଲେ । ହଠାତ୍ ଦ୍ୱାରରକ୍ଷୀ ପ୍ରତିବାଦ କରିବାରୁ ସେମାନେ ତାକୁ ହତ୍ୟାକରି ପ୍ରାସାଦ ବାହାରକୁ ଚାଲିଗଲେ । ବାହାରେ ଥିବା ସୈନ୍ୟମାନଙ୍କୁ ଦେଖି ସ୍ତମ୍ଭୀଭୂତ ହୋଇଗଲେ । କିଛି ସମୟପରେ ବଣିକମାନେ ପରାସ୍ତ ହୋଇ ବନ୍ଦୀହେଲେ । ବିଭବମୟ ପ୍ରାସାଦରେ ବ୍ୟଭିଚାର ଲୀଳା ଚାଲିଥିବାର ଜଘନ୍ୟ ଘଟଣା ତାଙ୍କୁ କ୍ରୋଧାନ୍ୱିତ କଲା । କଳିଙ୍ଗର ବଣିକମାନଙ୍କୁ କଳିଙ୍ଗ ଫେରିବାକୁ ସୁଯୋଗ ଦେଲେ, ଦଣ୍ଡାଦେଶ ଦେଲେ ମଗଧର ସମ୍ମାନ ଚାଲିଯିବ । ଅଶୋକ ଜଣେ କଳଙ୍କିତ ସମ୍ରାଟ ହୋଇ ରହିଯିବେ ସବୁଦିନ । ତେଣୁ ମଗଧର ସମ୍ମାନପାଇଁ ସେ ସମସ୍ତ ଦ୍ୱାରରକ୍ଷୀ ଯୁବତୀ, ରମଣୀ, ମୃତ ଶବମାନଙ୍କୁ ଘରେରଖି ବନ୍ଦୀକଲେ । ଏତେଦିନ ହେଲା ବ୍ୟଭିଚାରରେ ଲିପ୍ତଥିବା ରମଣୀମାନଙ୍କୁ ସେ ଉପଭୋଗ କରୁଥିବାରୁ ଭୟଙ୍କର ଦୁଃଖ, ଲଜ୍ଜାରେ ମହାରାଣୀଙ୍କ ସମ୍ମୁଖରେ କଳଙ୍କିତ ଦିଶୁଥିଲେ । ସବୁ କଳଙ୍କକୁ ପୋଛିଦେବାକୁ ଯାଇ ସବୁ ପ୍ରମାଣକୁ ନଷ୍ଟକରିବାପାଇଁ ସେ ପ୍ରାସାଦରେ ଅଗ୍ନି ସଂଯୋଗ କରିଦେଲେ । ମହାରାଣୀଙ୍କ ଆଖିରେ ଅପରାଧୀ ଭଳି ଅଶୋକ ଦିଶୁଥିଲେ ସେଠାରେ ସମୟ କାଟୁଥିବାରୁ । ମୁହୂର୍ତ୍ତକ ମଧ୍ୟରେ ପ୍ରାସାଦ ଜଳିପୋଡି ପାଉଁଶ ହୋଇଗଲା । ଅଶୋକ ରାଜପ୍ରାସାଦକୁ ଫେରିଆସିଲେ ଅବସନ୍ନ ହୋଇ । ମହାମହିମ ମୌର୍ଯ୍ୟସମ୍ରାଟ ମହାରାଣୀଙ୍କୁ ଅବହେଳା କରିଥିବାରୁ ଅନୁତାପ କରୁଥିଲେ । ମହାରାଣୀଙ୍କ କୋଳରେ ମଥାରଖି ଅସହାୟ ହୋଇପଡୁଥିଲେ । ଅଶୋକ ନିଜସ୍ୱ ଚେତନା ଫେରି ପାଇଥିବାରୁ ମହାରାଣୀ ମନେମନେ ଆନନ୍ଦିତ ହେଲେ । ମହାରାଣୀ ଅଶୋକଙ୍କୁ ଧୀରକଣ୍ଠରେ ବୁଝାଉଥିଲେ ''ବ୍ୟଭିଚାରଗ୍ରସ୍ତ ରମଣୀଗଣ, ସମ୍ଭ୍ରାନ୍ତ ଯୁବକଗଣ, ଦ୍ୱାରରକ୍ଷୀଗଣ ପାପାଗ୍ନି ମଧ୍ୟରେ ପାଉଁଶହୋଇ ଯାଇଛନ୍ତି । ସମ୍ରାଟ ଏବେ ପ୍ରକୃତ ସତ୍ୟକୁ ଉପଲବ୍ଧି କରିପାରିଛନ୍ତି । ତାଙ୍କର ଆତ୍ମା କଳୁଷିତ ହୋଇନାହିଁ । ତେଣୁ ଅନୁତାପର ଅଶ୍ରୁ ଝରାଇବାର ସମୟ ଏବେ ନୁହେଁ । ଆଜି ପବିତ୍ର ଜନ୍ମଦିନରେ ଶୁଭରାତ୍ରିରେ ମହାରାଜ ମହାରାଣୀଙ୍କର ବାହୁବନ୍ଧନରେ, ବକ୍ଷଦେଶରେ ନିବିଡଭାବେ ହଜିଯାଇଥିଲେ ଆଦିମ ଆନନ୍ଦରେ, ମହାରାଣୀଙ୍କ ବୁଦ୍ଧିକୁ ପ୍ରଶଂସାକରି । ଭୁଲ୍ ବାଟରୁ ଠିକ୍ ବାଟକୁ ଫେରିଆସିଥିବାରୁ ଅଶୋକ ପ୍ରାଣଶକ୍ତି ଫେରି ପାଇଥିଲେ । ସେ ଅନୁଭବ କରୁଥିଲେ ମର୍ମେମର୍ମେ ଜୀବନର ଶାଶ୍ୱତ ସୌନ୍ଦର୍ଯ୍ୟକୁ । ମାତା ସୁଭଦ୍ରାଙ୍ଗୀଙ୍କ ଉଦ୍ଦେଶ୍ୟରେ ହାତଯୋଡି ପ୍ରଣାମ କଲେ ସୁକର୍ମଯୁକ୍ତ ଜୀବନପାଇଁ ସୁରା, ସାକୀଠାରୁ ଦୂରେଇ ରହିବାପାଇଁ ।

ମହାରାଣୀ ଅଶୋକଙ୍କୁ କହୁଥିଲେ ମହାରାଜ କଠୋର କର୍ତ୍ତବ୍ୟ ନିକଟରେ ଦୁର୍ବଳତା ଶୋଭା ପାଏନାହିଁ । ସମ୍ରାଜ୍ୟର ସୁପରିଚାଳନାପାଇଁ ନିଜକୁ କର୍ମମୁଖର ରଖନ୍ତୁ କର୍ମଯୋଗୀ ଭଳି । ଆପଣ ସମ୍ରାଟ । ନିଜସ୍ୱ ସମ୍ମାନବୋଧ ରହିଛି । ସୁନ୍ଦରୀମାନଙ୍କ କଥା ଚିନ୍ତାକରି ଅନୁତାପ କରିବା ଠିକ୍‌ନୁହେଁ । ନାରୀର ମନ, ପୁରୁଷର ଭାଗ୍ୟ ଦେବତାମାନଙ୍କୁ ଅଗୋଚର । ନିଜଉପରେ ବିଶ୍ୱାସ ରଖି ରାଜକାର୍ଯ୍ୟ ସମ୍ଭାଳନ୍ତୁ । ମୌର୍ଯ୍ୟ ସାମ୍ରାଜ୍ୟର ସମ୍ମାନ ପାଇଁ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ହଜାଇ ଦିଅନ୍ତୁ । ପୌରୁଷଦୀପ୍ତ ପ୍ରାଣରେ ପାପବୋଧର ସ୍ଥାନନାହିଁ ।

ପରଦିନ ସକାଳେ ବନାଗ୍ନି ଭଳି ବ୍ୟାପୀ ଯାଇଥିଲା ଅଗ୍ନିକାଣ୍ଡରେ ବିଳାସ ପ୍ରାସାଦର ଧ୍ୱଂସ ଖବର । ଅଶୋକଙ୍କ କ୍ରୂରତା, ନିଷ୍ଠୁରତା ଓ ନିର୍ଦ୍ଦୟତାର ସୀମା ନ ଥିଲା । ପାଟଳିପୁତ୍ରର ଜନସାଧାରଣ ଚଣ୍ଡାଶୋକ କହି ଆତ୍ମତୃପ୍ତି ଲାଭକରୁଥିଲେ ଭୟ ବିଜଡିତ ପ୍ରାଣରେ । ପାଞ୍ଚଶତ ରମଣୀଙ୍କ ମୃତ୍ୟୁରେ ହାହାକାର କରି ଉଠୁଥିଲେ ମାଟିରୁ ଆକାଶ, ଆଇମା'ର ପଣତଠାରୁ ନବବଧୂର ତଳିପା ଯାଏ । ଅଶୋକ ରାଜପ୍ରାସାଦରୁ ବାହାରି ବିଶ୍ରାମ ନେବାକୁ ଯାଇଥିଲେ ଘନଜଙ୍ଗଲ ଘେରା ପାହାଡ ନିକଟସ୍ଥ ପ୍ରାଣପ୍ରିୟା ପତ୍ନୀ ଦେବୀଙ୍କର ଆଶ୍ରମ କୁଟୀରକୁ । ମନରୁ ସବୁ ଦୁର୍ଭାବନାକୁ ଦୂରକରି ଶାନ୍ତିପ୍ରୀତି ଫେରିପାଇବାକୁ । ସାଙ୍ଗରେ ମହାରାଣୀ ଅସନ୍ଧିମିତ୍ରାଙ୍କୁ ନେଇଯାଇଥିଲେ । ଦେବୀଙ୍କ ପାଖରେ ଉଭୟ ପହଞ୍ଚି ଯଥାମାନ୍ୟ ଗ୍ରହଣ କଲେ ।

ଦେବୀଙ୍କୁ ପ୍ରସନ୍ନ ବଦନରେ ଦେଖି ଅଶୋକ ଆପଣାର ଭାବରେ ବିଭୋର ହୋଇଗଲେ । ମୁହୂର୍ତ୍ତକ ମଧ୍ୟରେ ଆଶ୍ରମର ଖାଦ୍ୟ, ପାନୀୟ ଗ୍ରହଣକରି ଗଳ୍ପ ଆଲୋଚନାରେ ମଜ୍ଜିରହିଲେ । ଅଶୋକ ଆଶ୍ରମର ଦୂରନ୍ତ ଆକାଶକୁ ଦେଖୁଥିଲେ ପରମ ଆନନ୍ଦରେ । ବନପର୍ବତର ହୃଦୟ କନ୍ଦରରେ ଆଶ୍ରମ ଜୀବନରେ ପ୍ରୀତିସ୍ପଦ ଶାନ୍ତିକୁ ପ୍ରାଣଭରି ଉପଭୋଗ କରୁଥିଲେ । କେଉଁଠି ବନପକ୍ଷୀର ବିଭୋର ସଂଗୀତ, କେଉଁଠି ବନଫୁଲର ମତୁଆଲା ମହକ, କେଉଁଠି ଫଳଭାରରେ ଆନତ ବିଟପୀ ବୃନ୍ଦ । କେଉଁଠି ମୟୂର ମୟୂରୀର ଗୀତିମୁଗ୍ଧ ନୃତ୍ୟଚପଳ ଚାଲି । ଗିରି କାନନର କମନୀୟ ରୂପଚିତ୍ର ପ୍ରୀତିସ୍ପଦାର ଆଖିରେ କଳାତ୍ମକ । ଚାରୁ ଚିତ୍ରଶାଳାର ଅପୂର୍ବ ପରିପାଟୀ ଅଶୋକଙ୍କ ଅବଚେତନ ମନ ରାଜ୍ୟକୁ ଆଚ୍ଛନ୍ନ କରିଥିଲା । ପ୍ରକୃତିର ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟରେ ମନ୍ତ୍ରମୁଗ୍ଧ ମହାରାଜ, ପ୍ରୀତିମୁଗ୍ଧ ମହାରାଣୀ । ଅନତି ଦୂରକୁ ବୁଲିଯାଇଥିଲେ ସମସ୍ତେ । ଆଖିପୂରେଇ ଦେଖୁଥିଲେ ପ୍ରକୃତିର ପ୍ରାଣମୟ ପ୍ରଶାନ୍ତ ରୂପକୁ ପ୍ରିୟତମା, ପ୍ରାଣପତ୍ନୀର ସ୍ନେହମୟ ସରଳ ବିଭବ ବିଳାସରେ । ପ୍ରକୃତିରାଣୀର ଓଠରେ ଅଖଣ୍ଡ ସଙ୍ଗୀତର ମୂର୍ଚ୍ଛନା । ସବୁଜକୃଷ୍ଣ କାନନର ଶ୍ୟାମଳ କୋମଳ ତନୁଲତା ଅଶୋକଙ୍କ ସୌନ୍ଦର୍ଯ୍ୟ ପିପାସୁ ଆଖିରେ କାବ୍ୟମୟ, କଳାତ୍ମକ, କମନୀୟ । ନୀରବତାର ନିଜସ୍ୱ ସଂଗୀତ । ପ୍ରାଣମୟ ପ୍ରକୃତିର ମଧୁମୟ ମାଦକ ବେଳାରେ ସମସ୍ତେ ବିଭୋର । ଅଶୋକ ଅନୁରାଗମୟ କଣ୍ଠରେ କହୁଥିଲେ ଜୀବନର ମର୍ମସ୍ପର୍ଶୀ ମର୍ମଗାଥାକୁ । ''ଦେବୀ ତୁମେ କେତେ ସୁନ୍ଦର । ତୁମର ହୃଦୟର ସୌନ୍ଦର୍ଯ୍ୟ ମତେ ବାନ୍ଧିରଖିଥିବ ଜନ୍ମରୁ ଜନ୍ମାନ୍ତର ଯାଏ । ମୋପରି ଅପରାଧୀ ନରାଧମ ତୁମର ପଣତ ତଳେ ଆଶ୍ରିତ ଏହାହିଁ ମୋର ଗୌରବ । ତୁମେହିଁ ମୋର ଏକାନ୍ତ ଅନ୍ତରଙ୍ଗ । ରାଜଅନ୍ତଃପୁରେ ଚିର ଅଶାନ୍ତ ତୁମର ଏଇ ଅଶୋକ । ଅଶୋକ କହିବାକୁ ଲାଜ ଲାଗୁଛି । ଲୋକମୁଖରେ 'ଚଣ୍ଡାଶୋକ ନାମ' ମତେ ହତୋତ୍ସାହ କରିଦେଇଛି । ରାଣୀହଂସପୁରେ ମହାରାଣୀ



ମୋତେ ସ୍ନେହମୟ ହୃଦୟରେ ସାଇତି ରଖିଛନ୍ତି, ମୁଁ ବଞ୍ଚିରହିଛି ଜୀବନରେ ତଳପାହାଚର ଦୂବଘାସ ଭଳି, ଦୁଃଖ ଯନ୍ତ୍ରଣା, ଅପନିନ୍ଦାରେ ନୀଳ । ତୁମେ ହିଁ ମୋର ସମ୍ବଳ । ଟିକିଏ ସ୍ନେହ ସାନିଧ୍ୟପାଇଁ ପାଗଳ ଏଇ ଅଶୋକ ।

ଦେବୀଙ୍କ କଣ୍ଠରେ ଉଦାର ହୃଦୟର ପ୍ରକାଶ । 'ମହାରାଜ ଉଦାମ ଦିଶୁଛନ୍ତି କାହିଁକି ? କ'ଣ କିଛି ଅସୁବିଧା ଘଟିଛିକି ?' ରାଣୀ ସେକଥା କହିବାକୁ ମୋର ଧୈର୍ଯ୍ୟ ନାହିଁ । ମହାରାଣୀ ଏ ବୁକୁଫଟା ପ୍ରାଣର ବ୍ୟଥାକୁ... ? '' ରାଜଅନ୍ତଃପୁରେ କିଛି ଅଘଟଣ ଘଟିଛିକି ?'' ଦେବୀ କହୁଥିଲେ ଆହତ କଣ୍ଠରେ । ମହାରାଣୀଙ୍କ ଓଠରେ ଶବ୍ଦସବୁ ଶୂନ୍ୟ ହୋଇଯାଇଥିଲା । ''ଏ ଜୀବନଟା ବିତିଗଲା ଲୋକମୁଖରେ ନିନ୍ଦା, ଭର୍ତ୍ସନା, ଅପବାଦର କାହାଣୀ ଭଳି । ଚଣ୍ଡାଳଠାରୁ ଚଣ୍ଡାଶୋକ ଏଇ ଦୁଃଖରେ ସମ୍ରାଟ ବିଚଳିତ । ସତ୍ୟ ଘଟଣାର କେହିକ'ଣ କେବେ ହିସାବ ରଖେ ? ଲୋକମୁଖରେ ନିନ୍ଦା ବିନାଗ୍ନିଠାରୁ ଆହୁରି ତୀବ୍ର, ଖଡ୍‌ଗଧାରଠାରୁ ଆହୁରି କ୍ରୂର । ଶାଣିତ କଟାକ୍ଷ ସବୁଠି । ମହାରାଜ ଆଜି ସମସ୍ତଙ୍କ ପାଖରେ ସଇତାନ ପାଲଟି ଯାଇଛନ୍ତି । ସତ୍ୟ ଘଟଣା କହିଲେ ମୌର୍ଯ୍ୟ ସାମ୍ରାଜ୍ୟର ସମ୍ମାନ ଧୂଳିସାତ୍ ହୋଇଯିବ ।''

ଦେବୀ ସ୍ଥିରଦୃଷ୍ଟିରେ ଅଶୋକଙ୍କୁ ଚାହିଁ କହିଲେ, କେଉଁ ଜଘନ୍ୟ ଘଟଣାପାଇଁ ମହାରାଜ ଆଜି ମ୍ରିୟମାଣ । ତମକୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିବାର ଦାୟିତ୍ୱ ମୋର । ମତେ ସବୁକଥା ହୃଦୟ ଖୋଲି କହନ୍ତୁ ମୋର ମନର ଅବସ୍ଥା ବୁଝି, ଅଶୋକ ନୀରବଥିଲେ । ମହାରାଣୀ କହିଲେ,''ସେଇ ଜଘନ୍ୟ ବ୍ୟଭିଚାରଗ୍ରସ୍ତ ବିଳାସ ପ୍ରାସାଦରେ କାଲି ରାତ୍ରିରେ ଅଗ୍ନିସଂଯୋଗ କରିଥିଲେ ମହାରାଜ ନିଜେ । ମଗଧର ସମ୍ମାନପାଇଁ ସବୁ ପ୍ରମାଣକୁ ନଷ୍ଟ କରିଦେଇଥିଲେ ମହାରାଜା ନିଜେ । ମହାରାଜ ଅଞ୍ଜଥିଲେ ସେଠାରେ ତାଙ୍କ ଅନୁପସ୍ଥିତିରେ ଚାଲିଥିବା ବ୍ୟଭିଚାର ସମ୍ପର୍କରେ । ସମ୍ରାଟଙ୍କ ନିଶାସକ୍ତ ଜୀବନର ଦୁର୍ବଳତାରୁ ମୌର୍ଯ୍ୟଶାସନର ବିଭାଜନପାଇଁ କୂଟନୀତିର ଜାଲ ବିଛାଇଥିଲେ କଳିଙ୍ଗର ଗୁପ୍ତଚରଗଣ । ତେଣୁ ସେଇ ସୁନ୍ଦରୀମାନଙ୍କ ସହିତ ଗୁପ୍ତଚର ବୃତ୍ତିରେ ଲିପ୍ତ କଳିଙ୍ଗର ବଣିକଦଳ ଓ ନାରୀ ଦ୍ୱାରରକ୍ଷୀମାନେ ସମସ୍ତେ ଧ୍ୱଂସ ପାଇଛନ୍ତି । ସେଇ ବିଭବଯୁକ୍ତ ବିଳାସମୟ ପ୍ରାସାଦ ପରିଣତ ହୋଇଛି ଧ୍ୱସଂସ୍ତୂପରେ । ରାଜଧାନୀର କୋଳାହଳଠାରୁ କିଛିଦିନ ଦୂରରେ ରହିବାକୁ ଆମେ ଫେରିଆସିଛୁ ଆପଣଙ୍କର ସାନ୍ନିଧ ଲାଭପାଇଁ ।

ଦେବୀ ସ୍ଥିରଚିତ୍ତରେ କହୁଥିଲେ '' ମୁଁ ଅନେକଥର ମହରାଜାଙ୍କୁ ବାରଣ କରିଥିଲି ବିଳାସ ପ୍ରାସାଦରେ ସମୟ ଅତିବାହିତ କରିବାକୁ । ପାଞ୍ଚଶତ ସୁନ୍ଦରୀ ତରୁଣୀମାନଙ୍କର ଅତୃପ୍ତ କାମବାସନାକୁ ସମ୍ରାଟ ପୂର୍ଣ୍ଣକରିବା ଅସମ୍ଭବ । ଜୀବନର ସବୁ ସମୟରେ ସେ ମୃତ୍ୟୁପରି ପରମ ଆତ୍ମୀୟ ସହିତ ଆତିଥ୍ୟ ଲାଭ କରିଥିବାରୁ ବହୁ କାଳ ଚକ୍ରାନ୍ତ ମଧ୍ୟରୁ ମହାରାଜା ବଞ୍ଚିଯାଇଥିଲେ । ଷୋଡଷୀ ସୁନ୍ଦରୀମାନେ ଯେ ଷଡଯନ୍ତ୍ରରେ ଲିପ୍ତ ନ ଥିବେ କିଏ କହିବ ? ମୁଁ ବହୁପୂର୍ବରୁ ସତର୍କ କରାଇ ଦେଇଥିଲି ମହାରାଜଙ୍କ ଜୀବନ ବିପନ୍ନ ହୋଇପାରେ । ସୁରାସାକୀର ଯୁଗ୍ମ ଜୀବନରେ ସେ ବଞ୍ଚିରହିଛନ୍ତି । ଆମମାନଙ୍କର ପରମ ସୌଭାଗ୍ୟ । ମୋର ତ ଭୟ ଥିଲା ନାରୀମାୟା ନାରାୟଣଙ୍କୁ ଅଗୋଚର । ମୌର୍ଯ୍ୟ ସାମ୍ରାଜ୍ୟର ପତନ ପାଇଁ ସେମାନେ ବାଟ ଖୋଜୁଥିଲେ । ଏହା ଅସମ୍ଭବ ନୁହେଁ । ବିଳାସ ପ୍ରାସାଦର ଧ୍ୱସଂଦ୍ୱାରା ମୌର୍ଯ୍ୟ ସାମ୍ରାଜ୍ୟ ଧ୍ୱଂସମୁଖରୁ ବର୍ତ୍ତିଗଲା । ଏଥିପାଇଁ

ମହରାଜା ଚିନ୍ତା ନ କରି ଜୀବନର ମହତ୍ତର ମୂଲ୍ୟବୋଧକୁ ଉପଲବ୍ଧି କରନ୍ତୁ ।

ପ୍ରକୃତିର ରମଣୀୟ ପରିବେଶ । ମହୋତ୍ସବମୟ ଉପତ୍ୟକା, ସୁଉଚ୍ଚ ପର୍ବତମାଳା । ଘନଜଙ୍ଗଲ ମଧ୍ୟରେ ଝରଣାରାଣୀର କୁଳୁକୁଳୁ ମୁଗ୍ଧ ମୋହିତ ସ୍ୱାଗତ ସଂଗୀତ । ଗିରିବାଳାର ଦୃଶ୍ୟ, ମୃଗଶିଶୁର ନୃତ୍ୟରେ ସମ୍ରାଟ ଆମୋଦିତ । ଏଠାରେ କିଛିଦିନ ଅବସ୍ଥାନ କଲେ ତାଙ୍କର ମନ ପରିବର୍ତ୍ତନ ହୋଇଯିବ । ଜୀବନରେ ଶାନ୍ତିର ମର୍ହାଘ୍ୟ ଅନୁଭୂତି । ସୌମ୍ୟା ପ୍ରକୃତିର ପ୍ରୀତିସ୍ପନ୍ଦ ପ୍ରାଣ କନ୍ଦରରେ ଅନୁଭୂତ ହେଉଛି ନୀଳ ଆକାଶର ନୀଳିମା ଭଳି, କୃଷ୍ଣା କାନନର ଶ୍ୟାମଳିମା ଭଳି । ସବୁଠି ଚିରଯୌବନର ଚିନ୍ମୟ ପ୍ରକାଶ । ଚେତନାର ଉତ୍ତରଣ ଯେମିତି ଉଜ୍ଜ୍ୱଳ ସେମିତି ଅହିଂସାର ଅମିୟ ପ୍ରକାଶରେ ଆତ୍ମୀୟ ଅନାବିଳ ଅନୁରାଗମୟ । ଜୀବନରେ ନୈସର୍ଗିକ ସତ୍ୟକୁ ଉପଲବ୍ଧି କରିବାକୁ ଏ ଜୀବନ । ଜୀବନ ସତ୍ୟ । ଜୀବନର ସୌନ୍ଦର୍ଯ୍ୟବୋଧକୁ ସାଉଁଟି ନେବାକୁ ସ୍ମୃତି । ଘନ କାନନର କଳାତ୍ମକ ବିଭବରେ ମାଟିରୁ ଆକାଶ କୃଷ୍ଣମୟ, କମନୀୟ । ବିପୁଳ ବିଶ୍ୱରେ ବିଶ୍ୱ ବନ୍ଦନୀୟାଙ୍କର ବ୍ୟାପ୍ତି ବର୍ଣ୍ଣମୟ ବର୍ଣ୍ଣିଳ । ନୀଳ ଆକାଶରେ କୃଷ୍ଣା କାଦମ୍ବିନୀର ନୃତ୍ୟଚପଳ ଚାଲି ଅତୁଳନୀୟ । ମଧୁମୟ ଜୀବନର ମୁଗ୍ଧ ମାଦକତା ପ୍ରକୃତିର ପ୍ରାଣସ୍ପର୍ଶୀ ସାନ୍ନିଧ୍ୟରେ ସର୍ଜନଶୀଳ ସ୍ମରଣୀୟ । ଅହିଂସାର ଅମିୟ ଅନୁଭୂତି, ସରଳ ଜୀବନର ସାତ୍ତ୍ୱିକ ସାବଲୀଳ ସୌନ୍ଦର୍ଯ୍ୟ ସହିତ ଅଶୋକ ଘୂରି ଘୂରି ଅନୁଭବ କରୁଥିଲେ ଅନାବିଳ ଅମିୟ ଆନନ୍ଦକୁ । ପ୍ରସନ୍ନ ବଦନରେ ପୁଲକର ଫୁଲ ଝରି ଝରି ପଡୁଥିଲା ପ୍ରୀତିପୂର୍ଣ୍ଣାର ଆଖିରେ, ଓଠରେ । ହୃଦୟ ତାଙ୍କର ନାଚି ଉଠୁଥିଲା ବନପ୍ରଦେଶର ବିଭବରେ, ବନ୍ୟ ଲାବଣ୍ୟରେ, ବର୍ଣ୍ଣମୟ ପ୍ରକାଶରେ, ଉତ୍ତୁରି ପଡୁଥିଲା ମାଟି, ମାଟିର ମୁଲକ, ଆକାଶ, ଆକାଶର ଝଲକ, କାକଳିର କଳରବ, କୁଳୁକୁଳୁ ରାଗିଣୀର ରାଗରେ ମୁହୁର୍ମୁହୁ କୁହୁତାନରେ । କୋଳାହଳଠାରୁ ଅନେକ ଦୂରରେ ସମସ୍ତେ ଆତ୍ମବିସ୍ମୃତ ହୋଇଥିଲେ ପରିବେଶର ପ୍ରାଚୁର୍ଯ୍ୟରେ, ପ୍ରକୃତିର ଆତିଥ୍ୟରେ ।

ଅଶୋକ ରାତ୍ରିଯାପନ କରିଥିଲେ ଦେବୀ ଦିବ୍ୟାଙ୍କର କୁଟୀରରେ । ଦଶମୀ ଆକାଶର ଜହ୍ନରେ ମତୁଆଲା ଦିଶୁଥିଲା ବନ୍ୟ ପ୍ରକୃତିର ବିଭବ ବିଳାସ । ଗଛପତ୍ରର ଫାଙ୍କେଫାଙ୍କେ ରଜତ ଜ୍ୟୋତ୍ସ୍ନାର ଜୁଆର ରଜନୀ ରାଣୀର କାବ୍ୟମୟ ଗୋପନ ଅଭିସାର ଅତୀବ ରମଣୀୟ । ରାତ୍ରି ଭୋଜନ ପରେ ଅଶୋକ ଓ ରାଣୀମାନଙ୍କ ସହିତ ଜ୍ୟୋତ୍ସ୍ନାସ୍ନାତ ଜଙ୍ଗଲର ଅନତି ଦୂରକୁ ବୁଲି ଯାଉଥିଲେ, ଅଶୋକ ଦେବୀଙ୍କୁ କହୁଥିଲେ ‘‘ରାଣୀ ଅଶିଣ ସକାଳ ପରି ମୋ ଜୀବନ ଅପୂର୍ଣ୍ଣ । ଶୂନ୍ୟତାର ମରୁମୟ ହାହାକାର । ତୁମ କୋଳରେ ପୁତ୍ର ମୋର, ଝିଅ ମୋର ଏବେ ଅନେକ ଦୂରରେ ସିଂହଳରେ ବୌଦ୍ଧଧର୍ମର ପ୍ରଚାର ପ୍ରସାର ପାଇଁ । କ୍ଷମତାର ବିଷାକ୍ତ ବଳୟ ମଧ୍ୟରେ ମୋ ଜୀବନ ସବୁ ବେଳେ ବିପନ୍ନ । ପୁତ୍ର କନ୍ୟାକୁ ଉପଯୁକ୍ତ ସ୍ନେହ ଦେଇ ପାରିନାହିଁ । ଏହା ମୋର ଦୁର୍ଭାଗ୍ୟ । ତମରି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଆଜି ସୁଦୂର ସିଂହଳରେ । ଏଥିରେ ହୃଦୟ ମୋର ଆନନ୍ଦରେ ଉତ୍ତୁରି ପଡୁଚି । ମୋ ପରି ଚଣ୍ଡାଳ ପାଖରୁ ବାତ୍ସଲ୍ୟ ମମତା ପାଇ ନାହାନ୍ତି । ତୁମରି ଲାଗି ଚଣ୍ଡୋଶୋକର ଗୌରବ ଆଜି ମଧ୍ୟ ଉଜ୍ଜ୍ୱଳ । ଧନ୍ୟ ମୋର ପ୍ରାଣଧନ । କ୍ଷମତା ପାଇଁ ସିଂହାସନ ପାଇଁ ଆସକ୍ତିନାହିଁ । ଦିବ୍ୟସନ୍ତାନ ସେମାନେ । କ୍ଷମତାର କୋଳାହଳଠାରୁ ସେମାନେ ବହୁଦୂରରେ । ପ୍ରାଣମୋର ଉଚ୍ଛୁଳି ଉଠୁଛି ତମରି ସେବା, ସାଧନାର, ତ୍ୟାଗ, ତପସ୍ୟାରେ ।



ସେମାନେ ମୋର ସମ୍ମାନକୁ ଦେଶ ବିଦେଶରେ ଟେକ ରଖିଛନ୍ତି । ମୁଁ ହତଭାଗ୍ୟ ରାଜପ୍ରାସାଦରେ ବିଷମୟ ବିପନ୍ନ ଜୀବନ କାଟୁଛି ଅସହାୟ ହୋଇ । ମୋ ଦୁଃଖର ଯେମିତି ସୀମାନାହିଁ । ସାନଭାଇ ବିତାଶୋକ ରାଜକାର୍ଯ୍ୟ ଛାଡି ବୌଦ୍ଧଧର୍ମର ପ୍ରଚାର ପାଇଁ ସନ୍ନ୍ୟାସୀ ଜୀବନ କାଟୁଛନ୍ତି ଗ୍ରାମ, ନଗର ମଧ୍ୟରେ ତୁମେ କ୍ଷମତାର ଅନେକ ଦୂରରେ ଶାନ୍ତ ସରଳ ଜୀବନ କାଟୁଛ । ପୁତ୍ରମଣି ମୋର ତ୍ୟାଗ, ତପସ୍ୟାର ତପସ୍ୱୀ । ସିଂହାସନର ଲୋଭନାହିଁ, କ୍ଷମତାର ଲାଳସା ନାହିଁ । ଧନ୍ୟ ଧନ୍ୟ ସେମାନେ । ପ୍ରାଣମୋର କୃତ୍ୟ କୃତ୍ୟ ହୋଇଯାଉଛି ସେମାନଙ୍କ ଆଦର୍ଶ ଜୀବନଧାରାରେ । ଭଗବାନ ବୁଦ୍ଧଙ୍କର କେଉଁ ଇଚ୍ଛା ମୁଁ ବୁଝିପାରୁନି କାହିଁକି ମତେ ବଞ୍ଚେଇ ରଖିଛନ୍ତି ? କେଉଁ ମହତ୍ କାର୍ଯ୍ୟପାଇଁ ମରଣାନ୍ତକ ବିପନ୍ନ କ୍ଷମତା ବଳୟ ମଧ୍ୟରେ ଦେବୀ... ? ମତେ କ୍ଷମା କରିବ ପଞ୍ଚଶତ ରମଣୀଙ୍କର ଅକାଳ ମୃତ୍ୟୁରେ ମ୍ରିୟମାଣ ତମର... । ମୌର୍ଯ୍ୟ ସାମ୍ରାଜ୍ୟ ସୁରକ୍ଷା ଓ ସ୍ୱାର୍ଥ ଦୃଷ୍ଟିରୁ ମୁଁ ବାଧ୍ୟ ହୋଇଥିଲି ଗୋପନୀୟ ବ୍ୟଭିଚାରକୁ ପୋଡି ପାଉଁଶ କରିଦେବାକୁ । ସମସ୍ତ ବ୍ୟଭିଚାର ସତ୍ତ୍ୱେ ସେମାନଙ୍କୁ ଛାଡିଦେବାକୁ ଚିନ୍ତାକରୁଥିଲି । ସେମାନେ କେଉଁ ମୁହଁରେ ଜୀବନସାରା ବଞ୍ଚିଥାନ୍ତେ ? କେଉଁ ସମାଜ କୁଳଟାମାନଙ୍କୁ ଗ୍ରହଣ କରିଥାନ୍ତା ? ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ମୁଁ ନିଷ୍ପତ୍ତି ନେଇଥିଲି କାରଣ ନୃତ୍ୟକଳାରେ ନିପୁଣ ସୁନ୍ଦରୀମାନେ ଗୁପ୍ତଚର ବୃତ୍ତି କରିବାକୁ ମୁଁ ଚାହୁଁନଥିଲି । ଏହି ଜଘନ୍ୟ ଅପରାଧପାଇଁ କ୍ଷମା କରିବେ ।

ଦେବୀ ସହାସ୍ୟ ବଦନରେ ଅଶୋକଙ୍କୁ ସାନ୍ତ୍ୱନା ଦେଉଥିଲେ । ମହରାଜ ! ଜୀବନରେ ଅନେକ ଆଗକୁ ଯିବାକୁ ଅଛି । ଭାଙ୍ଗି ପଡିଲେ ଚଳିବନାହିଁ । କର୍ତ୍ତବ୍ୟ ନିକଟରେ ଦୁର୍ବଳତା ଶୋଭା ପାଏନାହିଁ । ଚଣ୍ଡାଶୋକରୁ ଧର୍ମାଶୋକରେ ଆପଣ ଦିନେ ପରିଚିତ ନ ହେବେ, ଏ କଥା କିଏ କହିବ ? ପାଞ୍ଚଶତ ରମଣୀମାନଙ୍କ ଆତ୍ମୀୟ ସ୍ୱଜନଙ୍କ ପାଖକୁ ଏକଶତ ସ୍ୱର୍ଣ୍ଣମୁଦ୍ରା ଦେଇ ସାନ୍ତ୍ୱନା ଦିଅ ପରୋକ୍ଷରେ । ପ୍ରତ୍ୟକ୍ଷ ଭାବେ ନୀରବ ରହିବା ବୁଦ୍ଧିମାନର କାର୍ଯ୍ୟ ହେବ । ଯେଉଁ ତରୁଣୀମାନେ କଳିଙ୍ଗରୁ ଅପହୃତା ହୋଇ ଆସିଥିଲେ ସେମାନଙ୍କର ନିକଟ ଆତ୍ମୀୟଙ୍କୁ ସ୍ୱର୍ଣ୍ଣମୁଦ୍ରା ଦେବାକୁ ହେବ, ସମସ୍ତ ରାଜପରିଚୟ ଗୋପନ ରଖି । ଆଉ ଏପରି ବ୍ୟଭିଚରଠାରୁ ନିଜକୁ ଦୂରେଇ ରଖ । ଏହାଦ୍ୱାରା ରାଜ୍ୟର ଓ ପ୍ରଜାକୁଳର ମଙ୍ଗଳ ହେବ ।

ରାତ୍ରିର ନିବିଡ ଅନ୍ଧାର । ଉପରେ ଜହ୍ନର ଫେନୀଳ ଯୌବନ । ଦେବୀ ଦିବ୍ୟାଙ୍କର ବାହୁବନ୍ଧନୀରେ ରହି ଅଶୋକ ଆତ୍ମବିସ୍ମୃତ ହୋଇଥିଲେ ଆଦିମ ଆହ୍ଲାଦରେ । କହୁଥିଲେ ନିବିଡ ଆଶ୍ଲେଷରେ, ‘‘ଦେବୀ ତୁମ ପାଇଁ ଏ ଜୀବନ ଧନ୍ୟ । ତମେ ସାକ୍ଷାତ୍ ଦେବୀ’’ । ପ୍ରଭାତର ସିନ୍ଦୁରା ଫାଟିବା ବେଳେ ଅଶୋକ ଉଠିପଡି ନିତ୍ୟକର୍ମ ସାରି ବାହାରିଲେ । ମହାରାଣୀ ଉଜାଗରରେ ରାତ୍ରି କାଟିଥିଲେ । ପୁଷ୍କରିଣୀରେ ପଦ୍ମଫୁଲର ଶୋଭା, ମଧୁମକ୍ଷୀ ଗୁଞ୍ଜନରେ ବହୁଗୁଣିତ ହୋଇଥିଲା । ଦେବୀ ମହାରାଣୀ ଓ ମହାରାଜ ପ୍ରଭାତରେ ବନ ପ୍ରଦେଶର ନୈସର୍ଗିକ ଶୋଭା ଦେଖୁଦେଖୁ ଅଭିଭୂତ ହେଲେ । ପୁଷ୍କରିଣୀରେ ଜଳକ୍ରୀଡାରେ ଆମୋଦିତ ହେଲେ । ବେଶ୍ ଉପଭୋଗ୍ୟ ଲାଗୁଥିଲା ମାଦକଭରା ମୁହୂର୍ତ୍ତସବୁ । ଦୁଇଦିନ ପରେ ମହାରାଜା, ମହାରାଣୀ ମହାଆନନ୍ଦରେ ରାଜପ୍ରାସାଦକୁ ଫେରି ଆସିଲେ । ଜନପଦରେ ବିଳାସ ପ୍ରାସାଦର ଧ୍ୱଂସ ଘଟଣା, ବନାଗ୍ନି ଭଳି ଜନରବ,ତାଙ୍କୁ ବ୍ୟଥିତ କରିନଥିଲା ।

ଅସ୍ଥିରମନା ଅଶୋକ ଗୃହମନ୍ତ୍ରୀଙ୍କୁ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇ ରାଜସଭାକୁ ସ୍ତବ୍ଧ ଚକିତ କରିଦେଇଥିଲେ । ପରଦିନ ରାଜସଭାରେ କଳିଙ୍ଗର ରାଜଦୂତ ଅଭିଯୋଗ କରିଥିଲେ, କଳିଙ୍ଗର ୮ ଜଣ ବଣିକଙ୍କୁ ଗୁପ୍ତଚର ବୃତ୍ତି କରୁଥିବାର ମିଥ୍ୟା ଅଭିଯୋଗ କରି ମହାରାଣୀ ସେମାନଙ୍କୁ ବନ୍ଦୀକରି ରଖିଥିଲେ । ସେମାନେ ଫେରାର୍ ହୋଇଗଲେ କିପରି ? ସେମାନେ ଏବେ କେଉଁଠି ? ମୃତ ନା ଜୀବିତ ? ତାହା ଜଣାଇବାକୁ ଦାବି କଲେ । ଏଥିପାଇଁ ସମ୍ରାଟ୍ ଅଶୋକ ଏକ ତଦନ୍ତ କମିଶନ୍ ବସାଇବାକୁ ଘୋଷଣା କଲେ । ଦୀର୍ଘ ୧୫ ଦିନ ଧରି ତଦନ୍ତ ପରେ ବଣିକ ମାନଙ୍କର ସନ୍ଧାନ ମିଳିଲାନାହିଁ । କଳିଙ୍ଗର ରାଜଦୂତ ଆଶଙ୍କା ପ୍ରକାଶ କଲେ ସେମାନଙ୍କୁ ସମ୍ଭବତଃ ଗୋପନରେ ହତ୍ୟା କରାଯାଇଛି । ସେମାନଙ୍କର ପଳାୟନ ଘଟଣା ସନ୍ଦେହପୂର୍ଣ୍ଣ ଓ ବିସ୍ମୟଜନକ ଥିଲା ।

କିଛିଦିନ ପରେ ବଣିକମାନଙ୍କର ଖୋଜ ଖବର ନ ମିଳିବାରୁ କଳିଙ୍ଗର ରାଜା,ପ୍ରଜା ସମସ୍ତେ କ୍ଷୁବ୍ଧ । ମଗଧରେ ସେମାନଙ୍କୁ ହତ୍ୟା କରାଯାଇ ପ୍ରକୃତ ତଥ୍ୟକୁ ଲୁଚାଇ ଦିଆଯାଇଛି । ଏପରି ବର୍ବର କାର୍ଯ୍ୟ କୌଣସି ବନ୍ଧୁ ଠାରୁ ଆଶା କରାଯାଏ ନାହିଁ । କଳିଙ୍ଗର ରାଜସଭାରେ ମହରାଜ ଘୋଷଣା କଲେ, ବଣିକମାନଙ୍କର ସନ୍ଧାନ ନ ମିଳିଲେ ମଗଧ ସହିତ ସମ୍ପର୍କର ପୁନର୍ବିଚାର କରାଯିବ ଏବଂ ସମ୍ରାଟ ଅଶୋକଙ୍କୁ ଏହାର ଦୃଢ ବିରୋଧ କରାଯିବ । ଏପରି ଜଘନ୍ୟ ଘଟଣା ପାଇଁ କ୍ଷୁବ୍ଧ ହୋଇ ମଗଧରୁ କିଛିଦିନ କଳିଙ୍ଗର ରାଜଦୂତକୁ ଫେରାଇ ଅଣାଯାଉ ଓ ମଗଧର ରାଜଦୂତଙ୍କୁ କଳିଙ୍ଗର ରାଜସଭାରୁ ବହିଷ୍କାର କରାଯାଉ । ଏଭଳି ଦୃଢ ନିଷ୍ପତ୍ତି ଗ୍ରହଣ କରିବାକୁ ସେ ଘୋଷଣା କଲେ । କଳିଙ୍ଗ ସାଗରରେ ଆସୁଥିବା ମଗଧର ବାଣିଜ୍ୟପଥକୁ ଅବରୋଧ କରାଯାଉ । କଳିଙ୍ଗର ୨୦ ଜଣ ସୁନ୍ଦରୀ ଯୁବତୀ ନିଖୋଜ ହେବା ପଛରେ ମଗଧର ହାତ ରହିଛି ଏଥିରେ ସନ୍ଦେହନାହିଁ । ଅଗ୍ନି ବିଧ୍ୱସ୍ତ ବିଳାସ ପ୍ରାସାଦରେ କଳିଙ୍ଗ କନ୍ୟାମାନେ ଧ୍ୱଂସପାଇ ଯାଇ ନ ଥିବେ ଏକଥା କିଏ କହିବ ?

ମଗଧ ବିରୁଦ୍ଧରେ ନିନ୍ଦା ସୂଚକ ପ୍ରସ୍ତାବ ପାସ୍ ହେଲା ପରେ ମଗଧର ରାଜଦୂତ ନମ୍ର ହୋଇ କହିଲେ ମହରାଜ ମଗଧ ସମ୍ରାଟଙ୍କୁ ଆଉ କିଛିଦିନ ସମୟ ଦିଅନ୍ତୁ, ପ୍ରକୃତ ସତ୍ୟର ଉଦ୍‌ଘାଟନ ପାଇଁ । ଏଥିପାଇଁ ହଠାତ୍ ମଗଧ ସହିତ କଳିଙ୍ଗର ରାଜନୈତିକ, କୂଟନୈତିକ ସମ୍ପର୍କ ତୁଟାଇ ଦେବା ଉଚିତ ହେବ ନାହିଁ । ଏହାଦ୍ୱାରା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କରେ ଭଟ୍ଟା ପଡିଯିବ । ଜନସାଧାରଣ ଓ ବଣିକକୁଳ ଅସୁବିଧାର ସମ୍ମୁଖୀନ ହେବେ । କଳିଙ୍ଗ ଓ ମଗଧର ଶକ୍ତିର ଅପଚୟ ତଥା ଅଯଥା ରକ୍ତପାତ, ବନ୍ଧୁତ୍ୱ ବିରୋଧୀ କାର୍ଯ୍ୟ ଉଭୟ ଦେଶର ଜନତାଙ୍କ ପାଇଁ କ୍ଷତିକାରକ ହେବ । ଗୋପନ ସତ୍ୟର ଅନାବରଣ ପାଇଁ କ୍ରୋଧ ସମ୍ବରଣ କରିବାକୁ ମୁଁ ଅନୁରୋଧ କରୁଛି । ବଣିକମାନଙ୍କୁ ଠାବ କରିବାକୁ ଦୁଇ ଦେଶର ମିଳିତ ତଦନ୍ତ କମିଶନ ବସାଯାଉ । ମଗଧ ରାଜଦୂତଙ୍କର ଗଠନମୂଳକ ଶାନ୍ତି ପ୍ରସ୍ତାବକୁ ମହାରାଜ ସ୍ୱୀକୃତି ଦେଲେ । ଖୁବ୍ ଶୀଘ୍ର ମିଳିତ ତଦନ୍ତ କମିଶନ ଗଢାଗଲା । ଦୀର୍ଘଦିନ ଧରି ତଦନ୍ତ ପରେ ପ୍ରକୃତ ସତ୍ୟର ଉଦ୍‌ଘାଟନ ସମ୍ଭବ ହେଲାନାହିଁ । ବନ୍ଦୀ ବଣିକମାନେ ଗାତ ଖୋଳି ପଳାୟନ ପରେ ଧରାପଡିଯିବା ଭୟରେ ସମ୍ଭବତଃ ରମଣୀ ବେଶରେ ବିଳାସ ପ୍ରାସାଦରେ ଆତ୍ମଗୋପନ କରିଥିଲେ । ଆକସ୍ମିକ ଅଗ୍ନିକାଣ୍ଡରେ ସମସ୍ତେ ସେଠାରେ ଧ୍ୱଂସ ପାଇଥିଲେ ।



ମୌର୍ଯ୍ୟ ସାମ୍ରାଜ୍ୟର ସୀମା ବୃଦ୍ଧି ଯୋଗୁଁ ମଗଧର ଶକ୍ତିକୁ ସନ୍ଦେହପୂର୍ଣ୍ଣ ମନେ କରୁଥିଲେ । ସୁଦୂର ଦାକ୍ଷିଣାତ୍ୟଠାରୁ ଉତ୍ତର ପୂର୍ବାଞ୍ଚଳ ପର୍ଯ୍ୟନ୍ତ ମୌର୍ଯ୍ୟ ସାମ୍ରାଜ୍ୟ ଏକ ବିଶାଳ ସାମ୍ରାଜ୍ୟରେ ପରିଣତ ହୋଇଥିଲା । କଳିଙ୍ଗର ମହାରାଜ ତଦନ୍ତ କିମଶନର ବିଫଳତା ପାଇଁ ବ୍ୟଥିତ ଥିଲେ । ଉଭୟ ରାଷ୍ଟ୍ର ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସବୁବେଳେ ଶୀତଳ ଓ ଉଷ୍ମ ଥିଲା । ବାଣିଜ୍ୟିକ ସମ୍ପର୍କ ସୁଦୃଢ ଥିଲା । କଳିଙ୍ଗରୁ ହାତୀ, ହାତୀଦାନ୍ତ, ମୂଲ୍ୟବାନ ପଥର, ମୂର୍ତ୍ତି, ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ ପାଟବସ୍ତ୍ର ମଗଧକୁ ଯାଉଥିଲା । ମଗଧରୁ ବହୁମୂଲ୍ୟ ଜିନିଷ ଯଥା: କାଠ, କାଚ, ଧାତୁ ,ସୁଗନ୍ଧଦ୍ରବ୍ୟ କଳିଙ୍ଗ ଆସୁଥିଲା । ବହିର୍ବାଣିଜ୍ୟରେ କଳିଙ୍ଗ ସମୃଦ୍ଧ ଥିଲା । କଳିଙ୍ଗ ସାଗର ଉପରେ ଏହାର ଆଧିପତ୍ୟ ଥିଲା । ସିଂହଳ, ଜାଭା, ସୁମାତ୍ରା ଦ୍ୱୀପ ମାନଙ୍କରେ ବୋଇତରେ ଯାଇ ବାଣିଜ୍ୟ କରି ବିପୁଳ ବିଭବ ସହ ଫେରୁଥିଲେ, ସେକାଳର କଳିଙ୍ଗାମାନେ । ମଗଧରୁ ଅଶୋକଙ୍କ ପୁତ୍ର ମହେନ୍ଦ୍ର ଓ ସଂଘମିତ୍ରା ଯାଇ ସୁଦୂର ଶ୍ରୀଲଙ୍କାରେ ବୌଦ୍ଧଧର୍ମର ପ୍ରଚାର ସହ ସେଠାରେ ରାଜାରାଣୀଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରାଇଥିବାରୁ ମଗଧ ଓ ଶ୍ରୀଲଙ୍କା ମଧ୍ୟରେ ରାଜନୈତିକ, କୂଟନୈତିକ, ବାଣିଜ୍ୟିକ ସମ୍ବନ୍ଧ ବୃଦ୍ଧିପାଇଥିଲା ଓ ସାଂସ୍କୃତିକ ସମ୍ବନ୍ଧ ସୁଦୃଢ ହୋଇଥିଲା ।

ପିତାମହ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ପିତା ବିନ୍ଦୁସାରଙ୍କ ସ୍ୱପ୍ନର କଳିଙ୍ଗ ଏବେ ବି ସ୍ୱାଧୀନ ରାଜ୍ୟ ଭାବରେ ମଗଧର ସୀମାନ୍ତରେ ମହୀରୁହ ଭଳି ସୁଦୃଢ । ଅଶୋକଙ୍କ ଆଖିରେ କଳିଙ୍ଗ ବିଜୟର ସ୍ୱପ୍ନ ବହୁଦିନର । ଅବିଜିତମ୍ କଳିଙ୍ଗ ବିରୁଦ୍ଧରେ ସଂଘର୍ଷ ବୁଦ୍ଧିମତାର କାର୍ଯ୍ୟ ନୁହେଁ । କୂଟବୁଦ୍ଧି ଓ କୂଟନୀତି ବଳରେ କଳିଙ୍ଗକୁ ଜୟ କରିବା ସମ୍ଭବ । ମଗଧବାସୀ ସମୁଦ୍ର ବକ୍ଷରେ ନୌଯୁଦ୍ଧ ପାଇଁ ପାରଙ୍ଗମ ନଥିଲେ । ସେମାନଙ୍କୁ ସୁଦକ୍ଷ କରିବାକୁ ଉଭୟ ରାଷ୍ଟ୍ର ମଧ୍ୟରେ ମିଳିତ ଯୁଦ୍ଧ ଅଭ୍ୟାସ ଆୟୋଜନ କରିଥିଲେ । ଆନ୍ଧ୍ର, ସାତକର୍ଣ୍ଣ, କେରଳ ଓ ଶ୍ରୀଲଙ୍କାର ବଛା ବଛା ଅବସରପ୍ରାପ୍ତ ନୌସେନାପତିଙ୍କୁ ଅଣାଯାଇ ମଗଧର ନୌସେନାଙ୍କୁ ଉପଯୁକ୍ତ ତାଲିମ୍ ଦେଲେ । ଶ୍ରୀଲଙ୍କାରେ ମଗଧ ପାଇଁ ଏକ ବିଶାଳ ନୌବହର ନିର୍ମାଣ କଲେ । ଗ୍ରୀକ୍‌ର ଯବାନମାନେ ମଗଧ ସେନାଙ୍କୁ ଆଧୁନିକ ଢାଞ୍ଚାରେ ଉପଯୁକ୍ତ ତାଲିମ୍ ଦେଇଥିଲେ ।

କଳିଙ୍ଗରାଜ କଳିଙ୍ଗସାଗରରେ ମଗଧ ବଣିକମାନଙ୍କଠାରୁ ଅଧିକ କର ଆଦାୟ କରୁଥିଲେ । ଏହାଦ୍ୱାରା ମଗଧର କ୍ଷତି ଘଟୁଥିଲା । ମଗଧର ବଣିକମାନେ ଧନରତ୍ନ ସହ କଳିଙ୍ଗ ସାଗର ଦେଇ ତାମ୍ରଲିପ୍ତି ବନ୍ଦରକୁ ଆସିଲା ବେଳେ ଜଳଦସ୍ୟୁ ମାନଙ୍କର ଶିକାର ହେଉଥିଲେ । ଏହାପଛରେ କଳିଙ୍ଗର ହାତ ରହିଛି । ଏଥିରେ ମଗଧ ସମ୍ରାଟ ଚିନ୍ତିତ ଓ ବ୍ୟଥିତ ଥିଲେ ।

ଭାତୃଯୁଦ୍ଧର ଅବସାନ ପରେ ଅଶୋକ ତାଙ୍କ ରାଜତ୍ୱର ଅଷ୍ଟମ ବର୍ଷରେ ପଦାର୍ପଣ କରି ନିଜକୁ ସୌଭାଗ୍ୟଶାଳୀ ମନେ କରୁଥିଲେ । ମଗଧ ସେନାଙ୍କୁ ସୁଦୃଢ କରି କଳିଙ୍ଗର ସମକକ୍ଷ କରିଥିଲେ । ମଗଧ ସାମ୍ରାଜ୍ୟଭୁକ୍ତ ଦେଶ ଗୁଡିକ କଳିଙ୍ଗର ଗୁପ୍ତ ସହାୟତାରେ ହିଂସାକାଣ୍ଡରେ ଲିପ୍ତଥିଲେ । ଅଶୋକ ଏହାକୁ ଦୃଢ ହସ୍ତରେ ଦମନ କରିଥିଲେ । ମଗଧ ସୀମାନ୍ତରେ ଅସ୍ଥିରତା ସୃଷ୍ଟି କରିବାକୁ କଳିଙ୍ଗର ଗୃହମନ୍ତ୍ରୀ ଗୁପ୍ତରେ ଅସନ୍ତୁଷ୍ଟ ମଗଧ ସୀମାନ୍ତର ଲୋକଙ୍କୁ ତାଲିମ୍ ଓ ଅର୍ଥ ଦେଉଥିଲେ । ଏହି ସତ୍ୟର କୌଣସି ପ୍ରମାଣ ନ ଥିବାରୁ ମୌର୍ଯ୍ୟ ସମ୍ରାଟ୍ ଅସହାୟ ଥିଲେ କଳିଙ୍ଗ ନିକଟରେ ପ୍ରତିବାଦ କରିବାକୁ । ଉପଯୁକ୍ତ ସମୟ ଆସିବାକୁ ସେ ଅପେକ୍ଷା କରିଥିଲେ । ମଗଧର

ଅପରାଧୀମାନେ କଳିଙ୍ଗ ସହାୟତାରେ ଚୋରା ବ୍ୟବସାୟରେ ଲିପ୍ତ ଥିବାରୁ ମଗଧର କ୍ଷତି ଘଟୁଥିଲା । ମଗଧର ଅପରାଧୀଗଣଙ୍କୁ କଳିଙ୍ଗ ଗୁପ୍ତରେ ଆଶ୍ରୟ ଦେଇଥିଲା । ସେମାନେ ଚୋରାରେ ବ୍ୟବସାୟ କରିବା ସହିତ ମଗଧରେ ଗୁପ୍ତଚର ବୃତ୍ତିରେ ଲିପ୍ତ ଥିଲେ । ମଗଧ ସେନାର ଶକ୍ତି, ସୈନ୍ୟ ସଞ୍ଚାଳନ ସମ୍ପର୍କରେ ଟିକିନିଖି ଖବର କଳିଙ୍ଗର ମହାମନ୍ତ୍ରୀଙ୍କୁ ଦେଉଥିଲେ । ସୀମାନ୍ତର ସୁଉଚ୍ଚ ପାହାଡରେ ଅଗ୍ନି ଜଳାଇ ଗୁପ୍ତଚର ବୃତ୍ତିରେ ଲିପ୍ତ ବଣିକ, ଅପରାଧୀମାନେ ଧୂମ୍ର କୁଣ୍ଡଳୀ ଦ୍ୱାରା ସଙ୍କେତ ଦେଉଥିଲେ । ସୀମାନ୍ତର ପଶୁ ଚରାଳିମାନେ ଅବାଧରେ ସୀମାନ୍ତ ଅତିକ୍ରମ କରି ମଗଧ ସେନାର ଯୁଦ୍ଧାଭ୍ୟାସ ଓ ସୈନ୍ୟ ସଞ୍ଚାଳନ ସମ୍ବନ୍ଧରେ ଗୁପ୍ତ ଖବର ଜଣାଉଥିଲେ । ଗୁପ୍ତ ତଥ୍ୟର ଗୁରୁତ୍ୱ ଅନୁଯାୟୀ ସେମାନେ କଳିଙ୍ଗରୁ ଉପଯୁକ୍ତ ଅର୍ଥ ପ୍ରତିମାସରେ ନେଉଥିଲେ । କଳିଙ୍ଗ ରାଜ୍ୟରୁ କେତେକ ତରୁଣୀ ରାଜଧାନୀ ପାଟଳିପୁତ୍ରରେ ନୃତ୍ୟ ଓ ଗୀତ ମାଧ୍ୟମରେ ମଗଧର ସାମନ୍ତ, ସେନାପତି, ସମ୍ଭ୍ରାନ୍ତ ଓ ଯୁବକ ମାନଙ୍କର ମନୋରଞ୍ଜନ କରି ଗୁପ୍ତତଥ୍ୟ ସଂଗ୍ରହ କରୁଥିଲେ ଓ କଳିଙ୍ଗକୁ ପଠାଉଥିଲେ । ଦେଶର ସ୍ୱାର୍ଥ ପାଇଁ ସେମାନେ ଅବିବାହିତ ରହି ନିଜର ଯୌବନକୁ ବିକ୍ରି କରିଥିଲେ ମହତ୍ତର ତ୍ୟାଗ ପାଇଁ ।

ମଗଧର ରାଜପ୍ରାସାଦରେ ଦୁଇଜଣ ଦାସୀ ଛଦ୍ମନାମରେ କାର୍ଯ୍ୟରତ ଥିଲେ । ସେମାନେ କଳିଙ୍ଗର ରାଜଦୂତଙ୍କୁ ସଙ୍କେତ ମାଧ୍ୟମରେ ଗୁପ୍ତତଥ୍ୟ ପ୍ରଦାନ କରୁଥିଲେ । ପାଟଳିପୁତ୍ରରେ ଥିବା ଗଣିକାମାନଙ୍କୁ ଅର୍ଥଲୋଭରେ ବଶୀଭୂତ କରି କଳିଙ୍ଗର ଗୁପ୍ତଚରଗଣ ଗୁପ୍ତତଥ୍ୟମାନ ପ୍ରକାଶ କରୁଥିଲେ । ଧର୍ମକ୍ଷେତ୍ରରେ ମେଳା ଓ ଉତ୍ସବ ଅନୁଷ୍ଠାନରେ ସନ୍ନ୍ୟାସୀ, ଭିକ୍ଷୁ, ପଙ୍ଗୁ, ପାଗଳମାନଙ୍କ ଦ୍ୱାରା ଗୁପ୍ତତଥ୍ୟ ସଂଗ୍ରହ କରୁଥିଲେ । ନବ ନିର୍ମିତ ଦୁର୍ଗ, ଗଡଖାଇ, ପ୍ରାସାଦ, ସେତୁ, ସେନା ଶିବିର, ବୌଦ୍ଧ ବିହାର, ଚୈତ୍ୟ, ମନ୍ଦିର, ଜନବସତିର ଅବସ୍ଥିତି ସାଙ୍କେତିକ ଚିହ୍ନ ମାଧ୍ୟମରେ ପ୍ରଦାନ କରୁଥିଲେ । ରାଜପରିବାରରେ କ୍ଷମତା ଲୋଭର ଚକ୍ରାନ୍ତ, ଷଡଯନ୍ତ୍ର, ଗୁପ୍ତ ମନ୍ତ୍ରଣା, ଗୋପନୀୟ ଘଟଣା ସମ୍ପର୍କରେ ଆଗୁଆ ଖବରମାନ ପଠାଉଥିଲେ ଗୁପ୍ତଚରମାନେ । ମଗଧରେ କୃଷି ଉତ୍ପାଦନ, ବ୍ୟବସାୟ ବାଣିଜ୍ୟର ଉନ୍ନତି, ବୃଷ୍ଟିପାତ, ମରୁଡି, ଶସ୍ୟ ସଂଗ୍ରହ ଓ ସୈନ୍ୟ ଶକ୍ତି ସମ୍ପର୍କରେ ସମସ୍ତ ଖବର ପଠାଉଥିଲେ ଗୋପନରେ ।

ସୁଚତୁର ସମ୍ରାଟ୍ ଅଶୋକ ଗୋପନରେ ସୈନ୍ୟ ଶକ୍ତି ବୃଦ୍ଧି କରୁଥିଲେ । ମଗଧର ନୌସେନାରେ ମଗଧ, ଶ୍ରୀଲଙ୍କା, ବିନ୍ଧ୍ୟ, ସାତପୁରା, କେରଳର ସୁଦକ୍ଷ ନାବିକମାନେ ଭାଗ ନେଇଥିଲେ । ଗୋପନୀୟ ଭାବେ ମଗଧର ସୀମାନ୍ତ ଗ୍ରାମବାସୀମାନଙ୍କୁ ଓ ଯୁବକମାନଙ୍କୁ ସାମରିକ ଶିକ୍ଷା ଦେଉଥିଲେ । ମଗଧର ବିଶାଳ ସେନାକୁ ଶାନ୍ତିସେନାର ମର୍ଯ୍ୟାଦା ଦେଇ ଶାନ୍ତିରକ୍ଷା କରିବାକୁ ଗୁରୁଦାୟିତ୍ୱ ଦେଇଥିଲେ ସମ୍ରାଟ୍ ଅଶୋକ । ଶାନ୍ତିସେନାରେ ଅବସରପ୍ରାପ୍ତ ସେନା,ସାମନ୍ତଙ୍କୁ ନିଯୁକ୍ତି ଦେଇଥିଲେ । ସୀମାନ୍ତ ପ୍ରଦେଶରେ ବିଦ୍ରୋହ ଦମନ ପାଇଁ ଶାନ୍ତିସେନା ପଠାଯାଉଥିଲା । ନବଯୁବକ ମାନଙ୍କୁ ଶାନ୍ତିରକ୍ଷା ସହ ପ୍ରତିରକ୍ଷା, ପ୍ରତି ଆକ୍ରମଣ ଓ ଯୁଦ୍ଧ କୌଶଳ ଶିକ୍ଷା ଦିଆଯାଉଥିଲା ସୀମାନ୍ତରେ । ଯୁଦ୍ଧକାଳୀନ ପରିସ୍ଥିତିରେ ଦେଶରକ୍ଷା ପାଇଁ ଶାନ୍ତିସେନା ଯେପରି ସମସ୍ତ ଦାୟିତ୍ୱ ତୁଲାଇ ପାରିବେ । କଳିଙ୍ଗରେ ଥିବା ମଗଧର ରାଜଦୂତ କଳିଙ୍ଗରୁ ଗୁପ୍ତତଥ୍ୟ ସଂଗ୍ରହ କରୁଥିଲେ ବିଭିନ୍ନ ଉପାୟରେ ଓ କଳିଙ୍ଗର ସାମାଜିକ ଜୀବନକୁ ନିରୀକ୍ଷଣ କରିଥିଲେ । କଳିଙ୍ଗରେ ରାଜତନ୍ତ୍ର ପରିବର୍ତ୍ତେ ପ୍ରଜାତନ୍ତ୍ର ସୁଦୃଢ ଥିଲା । ଜନମାନସରେ ଜୈନଧର୍ମର ବହୁଳ ପ୍ରସାର ଘଟିଥିଲା । ପ୍ରଜାମାନେ ରାଜଧର୍ମ



ପାଳୁଥିଲେ ନିଷ୍ଠାର ସହିତ । ସବୁ ଧର୍ମକୁ ଆଦର କରୁଥିଲେ । ବୌଦ୍ଧଧର୍ମ ପ୍ରତି ଉଦାର ମନୋଭାବ ଥିଲା । କଳିଙ୍ଗାମାନେ ଥିଲେ ଶାନ୍ତ, ସରଳ, ଉଦାର ଓ ଧର୍ମପ୍ରିୟ । ସେମାନଙ୍କ ଉପରେ ଯୁଦ୍ଧ ଲଦି ଦିଆ ନଯିବା ଯାଏଁ ସେମାନେ ଅସ୍ତ୍ର ଉତ୍ତୋଳନ କରନ୍ତି ନାହିଁ । ଥରେ ଯୁଦ୍ଧ ଲାଗିଲେ ଅହିଂସାର ପୂଜାରୀ କଳିଙ୍ଗବାସୀ ହିଂସ୍ର ପାଲଟି ଯାଉଥିଲେ, ଜାତୀୟ ସ୍ୱାର୍ଥ ଓ ସ୍ୱାଧୀନତା ଲାଗି । କୁଣ୍ଠା ନଥିଲା କଳିଙ୍ଗ ଜନନୀର ସମ୍ମାନ ପାଇଁ ଆତ୍ମବଳି ଦେବାକୁ । ଜନ୍ମଭୂମିର ପବିତ୍ରତା ପାଇଁ କଳିଙ୍ଗର ବୀରପୁତ୍ର ମାନେ ଆତ୍ମବଳିଦାନର ଅମର ଅଧ୍ୟାୟକୁ ଉଜ୍ଜୀବିତ ରଖିଥିଲେ ଚିନ୍ତାରେ, ଚେତନାରେ, ବୀରଗତିରେ ସ୍ୱର୍ଗପ୍ରାପ୍ତିରେ ଆତ୍ମ ସମ୍ମାନ, ଆତ୍ମ ଅଭିମାନର ଗୌରବ, ଗରିମାରେ, କଥାରୁ ଗାଥା ହୋଇ କାହାଣୀରୁ କିମ୍ବଦନ୍ତୀ ଯାଏ । ସେଥିପାଇଁ କୌଣସି ବହିଃଶତ୍ରୁ କଳିଙ୍ଗ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବାକୁ ସାହସ କରୁନଥିଲେ । ଶାନ୍ତିପ୍ରିୟ କଳିଙ୍ଗର ଅହିଂସ ଅଧିବାସୀ କର୍ମ ଧର୍ମରେ ବ୍ୟାପ୍ତ ରହି ପଡୋଶୀ ରାଜ୍ୟ ଜୟଠାରୁ ନିଜକୁ ଦୂରେଇ ରଖିଥିଲେ । ସମସ୍ତଙ୍କର ଧର୍ମୀୟ ଭାବନାକୁ ଓ ଶାସନ ପଦ୍ଧତିକୁ ସମ୍ମାନ ଦେଇଥିଲେ ସେମାନେ । ଅତିଥି ଚର୍ଚ୍ଚାରେ ଆତ୍ମ ବିଭୋର ହୋଇ କାଟୁଥିଲେ, ଅଖଣ୍ଡ ଶାନ୍ତିର ଜୀବନ । ଜୀବନର କ୍ରୂରତା, କପଟତା ଛୁଇଁ ନଥିଲା ସେମାନଙ୍କର ପବିତ୍ର ପ୍ରାଣକୁ । ସେମାନେ ଥିଲେ ସ୍ୱାଧୀନତା ପ୍ରିୟ, ସେମାନଙ୍କର ସବୁଠାରୁ ପ୍ରିୟ ଥିଲା ସ୍ୱାଧୀନ ପ୍ରଜାତନ୍ତ୍ର । ଶକ୍ତି ଓ ସମୃଦ୍ଧି ସମ୍ପନ୍ନ ସୁଖମୟ ଜୀବନ ସେମାନେ କାଟୁଥିଲେ, ଆଜୀବନ । ଉଦାର ଧର୍ମଧାରାର ଉପାସକ ହୋଇ । ସେମାନଙ୍କ ଆତିଥ୍ୟର ତୁଳନା ନାହିଁ, ପଡୋଶୀ ପ୍ରୀତିର ଉପମା ନାହିଁ ଯେମିତି ଆତ୍ମସମ୍ମାନର ବିକଳ୍ପ ନାହିଁ । ସବୁଠି ଶୃଙ୍ଖଳା ଓ ସୌନ୍ଦର୍ଯ୍ୟର ସ୍ୱାକ୍ଷର । ଅଖଣ୍ଡ ଆନନ୍ଦର ସ୍ୱର୍ଗୀୟ ଜୀବନଧାରା ମହତ୍ତ୍ୱର ଚେତନା ଲାଗି ଉତ୍ସର୍ଗୀକୃତ ନିଜସ୍ୱ ଗୌରବରେ ଗରୀୟାନ, ମହିମାରେ ମହମହ ମହୀୟାନ, ମୁକ୍ତିର ମରାଳ ଭଳି, ମହୋଦଧିର ମୁଗ୍ଧ ଅନୁଭବ ଭଳି, ଫୁଲସଞ୍ଜୀର ଘୃତ ସଞ୍ଜୀବତୀ ଭଳି । ଜୀବନର ସୌନ୍ଦର୍ଯ୍ୟକୁ ସେମାନେ ଉପଭୋଗ କରୁଥିଲେ ମିଳନ ମୁଖର ମୁହୂର୍ତ୍ତ ଭଳି ମନଭରି, ପ୍ରାଣଭରି । ଅନ୍ତରଙ୍ଗତାର ରଙ୍ଗରେ ରଙ୍ଗୀନ ଜୀବନ ରସାଳ ଜୀବନଧାରା । ପ୍ରାଣମୟ ପୁଲକର ପ୍ରୀତିସ୍ନିଗ୍ଧ ପ୍ରକାଶରେ ପଲ୍ଲବିତ ପୁରପଲ୍ଲୀ, ପଲ୍ଲୀବଧୂର ଛନ୍ଦ ଚପଳ ଚାଲିରେ, ଚାହାଣିରେ, ଚମକରେ, ବାରଓଷା ତେରପର୍ବର ପବିତ୍ରତାରେ ପୁଲକିତ ପଲ୍ଲୀ ,ପଲ୍ଲବିତ ପଲ୍ଲୀବାଳା । ଉତ୍ସବମୁଖର ଜୀବନର ମହାର୍ଘ୍ୟ ମୁହୂର୍ତ୍ତସବୁ ମଧୁମୟ, ଫଲଗୁମୟ, ପୂର୍ଣ୍ଣମୟ । ଫଗୁଣର ଫୁଲଭଳି, ପ୍ରଜାପତିର ପ୍ରୀତିଭଳି, ସ୍ୱର୍ଣ୍ଣପ୍ରସୁ ସାୟାହ୍ନ ଭଳି, କନକିତ କାଦମ୍ବିନୀ, କମନୀୟ କଦମ୍ବ ଫୁଲର କୋଳାକୋଳି, କଦମ୍ବଡାଳରେ କଳରବ ପରି ଉତ୍ସବମୁଖର ପଲ୍ଲୀର ଜୀବନ, ପଲ୍ଲୀବାଳାର କୈଶୋର, ପଲ୍ଲୀବଧୂର ଯୌବନ । ରସାଣିତ, ରସସିକ୍ତ, ବିଭବମୟ, ବିଭୁମୟ । ପ୍ରାଚୁର୍ଯ୍ୟ, ଐଶ୍ବର୍ଯ୍ୟର ଅସରନ୍ତି ଗନ୍ତାଘର ଯେମିତି ଅନୁପମ ଅମିୟ ଆନନ୍ଦର ଶ୍ରୀମନ୍ଦିର ।

ମଗଧ ସୀମାନ୍ତରେ ଉଗ୍ରବାଦୀ କାର୍ଯ୍ୟ, ଅର୍ନ୍ତଘାତି କାର୍ଯ୍ୟ, ଅଗ୍ନିକାଣ୍ଡ, ଗୋପନ ହତ୍ୟା ଓ ଲୁଣ୍ଠନ ଭଳି ଘଟଣାରେ ମହାରାଜ ବ୍ୟଥିତ ଥିଲେ । ଉଗ୍ରବାଦର କାରଣ ଓ ଏହାର ପ୍ରତିକାର ପାଇଁ ସେ ମହାମନ୍ତ୍ରୀଙ୍କ ଠାରୁ ସମସ୍ତ ବିବରଣୀ ଚାହିଁଲେ । ମହାମନ୍ତ୍ରୀ ସଂଗୃହୀତ ତଥ୍ୟକୁ ଅଶୋକଙ୍କ ପାଖରେ ଉପସ୍ଥାପନ କଲେ । ସୀମାନ୍ତରେ ବିଦ୍ରୋହ, ଅଶାନ୍ତି, ଧ୍ୱଂସକାରୀ ଶକ୍ତି, ରାଷ୍ଟ୍ର ବିରୋଧୀ ବ୍ୟକ୍ତିମାନଙ୍କ ପଛରେ କଳିଙ୍ଗର ଗୁପ୍ତ ସାହାଯ୍ୟ, ସହାନୁଭୂତିକୁ ଏଡାଇ ଦିଆଯାଇ ନ ପାରେ ।

ପ୍ରତ୍ୟକ୍ଷ ପ୍ରମାଣ ଅଭାବରୁ କଳିଙ୍ଗ ନିକଟରେ ପ୍ରତିବାଦ କରିବା ସମ୍ଭବନୁହେଁ । କଣ୍ଟାକୁ କଣ୍ଟାରେ କାଢିଲା ଭଳି କଳିଙ୍ଗର ସୀମାନ୍ତର ଲୋକମାନଙ୍କୁ ଅର୍ଥଦେଇ ସ୍ୱାଧୀନତା ପାଇଁ ଉତ୍ସାହିତ କରି ଉଗ୍ରବାଦୀ କାର୍ଯ୍ୟ ଚଳାଇଲେ କଳିଙ୍ଗର ସେନା ସୀମାନ୍ତ ବିଦ୍ରୋହ ଦମନରେ ଲାଗି ରହିବେ । ଫଳରେ କଳିଙ୍ଗର ପ୍ରଜାତନ୍ତ୍ର ଦୁର୍ବଳ ହୋଇପଡିବ । ସୀମାନ୍ତରେ ଅସ୍ଥିରତା ବଢିଲେ କଳିଙ୍ଗ ବାଧ୍ୟହେବ ମଗଧ ବିରୋଧୀ କାର୍ଯ୍ୟକଳାପରୁ ଓହରି ଯିବାକୁ । ସୀମାନ୍ତରେ ଛଳନାପୂର୍ଣ୍ଣ ଯୁଦ୍ଧ ପ୍ରସ୍ତୁତି ଦ୍ୱାରା କଳିଙ୍ଗ ସେନାକୁ ବର୍ଷବ୍ୟାପୀ ସୀମାନ୍ତରେ ଅହୋରାତ୍ର ନିୟୋଜିତ କରିହେବ । ଏହାଦ୍ୱାରା କଳିଙ୍ଗର ବିପୁଳ ବ୍ୟୟ ବଢିଯିବ । ରାଜକୋଷ ଦୁର୍ବଳ ହେଲେ ଜନ ଅସନ୍ତୋଷ ବଢିବ ଓ ସେନାରେ ବିଦ୍ରୋହ ଦେଖାଦେବ । ଏହି ଅବସରରେ କଳିଙ୍ଗ ଉପରେ ଜଳପଥରେ ଅତର୍କିତ ଆକ୍ରମଣ କରି କଳିଙ୍ଗ ରାଜଧାନୀ ତୋଷାଳୀକୁ ଅଧିକାର କରିହେବ । ରାଜଧାନୀ ଅଧିକାର କଲେ ସମଗ୍ର କଳିଙ୍ଗର ସେନା ହତୋତ୍ସାହ ହୋଇ ଆତ୍ମସମର୍ପଣ କରିବେ । ପଣବନ୍ଦୀ ଥିବା ରାଜଧାନୀର ଲକ୍ଷ ଲକ୍ଷ ଦେଶବାସୀଙ୍କ ଜୀବନ ପାଇଁ ସେମାନେ ଯୁଦ୍ଧ କରିବେ ନାହିଁ । ଉପଯୁକ୍ତ ସମୟ ଆସିବା ପର୍ଯ୍ୟନ୍ତ ଏହାକୁ ଗୋପନୀୟ ରଖାଯିବ । କଳିଙ୍ଗ ସହିତ ବନ୍ଧୁତ୍ୱ ସୁଦୃଢ ପାଇଁ ଛଳନାର ଆଶ୍ରୟ ନିଆହେବ । କଳିଙ୍ଗର ସନ୍ଦେହ ଦୂର ପାଇଁ ଦୁଇ ରାଷ୍ଟ୍ର ମଧ୍ୟରେ ମିଳିତ କ୍ରୀଡାଉତ୍ସବ, ସମର କୌଶଳ ପ୍ରଦର୍ଶନୀ, ବାଣିଜ୍ୟ ସମ୍ମିଳନୀ, ବର୍ଷବ୍ୟାପୀ ସାଂସ୍କୃତିକ ଉତ୍ସବ, ସର୍ବଧର୍ମ ସମ୍ମିଳନୀ ପ୍ରଭୃତି ଆୟୋଜନ କରାଯିବ । କଳିଙ୍ଗର ବନ୍ଦୀମାନଙ୍କୁ ମଗଧରୁ ପ୍ରତି ତିନିମାସ ବ୍ୟବଧାନରେ ବନ୍ଧୁତ୍ୱ ବୃଦ୍ଧିପାଇଁ ଛାଡି ଦିଆଯିବ । ଗୁରୁତର ଅପରାଧରେ ଜଡିତ ଥିବା କଳିଙ୍ଗର ବିଶିଷ୍ଟ ବ୍ୟବସାୟୀ, ରାଜନୀତିଜ୍ଞ, ଗୁପ୍ତଚର, ସେନାକର୍ମୀଙ୍କୁ ଅପରାଧ ମୁକ୍ତ କରାଯିବ କିମ୍ବା କଳିଙ୍ଗରେ ସେମାନଙ୍କର ବିଚାର ପାଇଁ ବ୍ୟବସ୍ଥା କରାଯିବ । ଏହାଦ୍ୱାରା ମଗଧର ଶକ୍ତିବୃଦ୍ଧିକୁ କେହି ସନ୍ଦେହ କରିବେ ନାହିଁ । ମହାମନ୍ତ୍ରୀଙ୍କ ବୁଦ୍ଧି ଓ ବିଚକ୍ଷଣତାରେ ଖୁସିହୋଇ ପ୍ରସ୍ତାବକୁ ସ୍ୱୀକୃତି ଦେଲେ ।

ମିଳିତ ସମରକ୍ରୀଡା ପାଇଁ କଳିଙ୍ଗକୁ ନିମନ୍ତ୍ରଣ କରାଗଲା । ଏହା ଅତୀବ ରୋମାଞ୍ଚପୂର୍ଣ୍ଣ ଓ ଆକର୍ଷଣୀୟ ଥିଲା । କଳିଙ୍ଗର ରଣକ୍ରୀଡା ଓ ରଣକୌଶଳକୁ ଅନୁଧ୍ୟାନ କରୁଥିଲେ ମଗଧର ସେନା, ସେନାପତି ଓ ରାଜନ୍ୟମଣ୍ଡଳୀ । ମଗଧ ଉତ୍ସବ କଳିଙ୍ଗରେ ବର୍ଷବ୍ୟାପୀ ଚାଲିଲା ମଗଧରେ କଳିଙ୍ଗ ଉତ୍ସବ ଭଳି । କଳିଙ୍ଗରେ ମଗଧ ଉତ୍ସବ ବର୍ଷବ୍ୟାପୀ ଚାଲିଥିବା ବେଳେ ଗୁପ୍ତଚରଗଣ କଳିଙ୍ଗର ଶକ୍ତି, ସୈନ୍ୟବାହିନୀର କାର୍ଯ୍ୟ ଦକ୍ଷତା, ଦୁର୍ଗ, ପ୍ରାସାଦ, ଗଡଖାଇ, ଅସ୍ତ୍ର ଭଣ୍ଡାର, ଖାଦ୍ୟ ଭଣ୍ଡାର, ନଦୀପଥ, ସମୁଦ୍ର ପଥ, ପାହାଡ ଓ ଜଙ୍ଗଲ ଅଞ୍ଚଳର ସବିଶେଷ ବିବରଣୀ ସଂଗ୍ରହ କରି ମଗଧ ପଠାଉଥିଲେ । ପ୍ରକୃତ ଯୁଦ୍ଧର ବହୁପୂର୍ବରୁ ଶାନ୍ତି ସମୟରେ ସମସ୍ତ ସମରତଥ୍ୟ ସଂଗ୍ରହ କରିଥିଲେ ଶିଳ୍ପୀ, କଳାକାର, ବଣିକଦଳ, ଗୁପ୍ତଚର ମେଳରେ । ରାଜପ୍ରାସାଦର ନିକଟରେ ମାଳି ଘରେ ରହି ମାଲ୍ୟାଣୀକୁ ଅର୍ଥ ଲୋଭରେ ବଶୀଭୂତ କରି ରାଜ୍ୟ ସମ୍ବନ୍ଧୀୟ ସୂଚନା ଆଦାୟ କରୁଥିଲେ ।

ଧର୍ମ ସମ୍ମିଳନୀରେ କଳିଙ୍ଗର ଧୀମାନ ବରେଣ୍ୟ ପଣ୍ଡିତ ମଣ୍ଡଳୀ ମାନବଧର୍ମର ପ୍ରଚାର ପାଇଁ ଗୁରୁତ୍ୱ ଦେଉଥିଲେ । ଗୁରୁମୁଖୀ ଜୀବନ ପାଇଁ ଆହ୍ୱାନ ଦେଇଥିଲେ । ଗୁରୁମୁଖୀ ଆମର ପରମ୍ପରା । ଜୀବନ କାଳରେ ଗୁରୁଙ୍କର ଶରଣାପନ୍ନ ହେବାକୁ ସେମାନେ ଗୁରୁତ୍ୱ ଦେଇଥିଲେ । ଜୀବନରେ ଜଣେ ସଦ୍‌ଗୁରୁଙ୍କ ଠାରୁ ସତ୍‌ଦୀକ୍ଷା ନେବାର ଆବଶ୍ୟକତା ରହିଛି ବୋଲି ସେମାନେ ବୁଝାଉଥିଲେ ।



ଧର୍ମ ମହାତ୍ମାମାନେ ବିଭିନ୍ନ ଦୃଷ୍ଟିକୋଣରୁ ଧର୍ମର ବାଖ୍ୟା କରୁଥିଲେ । ବୁଦ୍ଧଧର୍ମ, ଜୈନଧର୍ମ, ବୈଦିକ ଧର୍ମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରକାଶ କରିଥିଲେ । ଏହି ସନ୍ନ୍ୟାସୀମାନଙ୍କ ସେବାକାରୀ ତଥା କେତେକ ଛଦ୍ମବେଶୀ ସନ୍ନ୍ୟାସୀ ଗୁପ୍ତତଥ୍ୟ ସଂଗ୍ରହ କରୁଥିଲେ । ସନ୍ନ୍ୟାସୀମାନଙ୍କର ଅବାଧ ପ୍ରବେଶ ଥିଲା ରାଜଅନ୍ତଃପୁରରେ, ରାଜ କର୍ମଚାରୀଙ୍କ ଗୃହ ମଧ୍ୟରେ ଧର୍ମର ପ୍ରଚାର ପାଇଁ ।

ମଗଧର ସୈନ୍ୟ ଶକ୍ତି ବୃଦ୍ଧିରେ କଳିଙ୍ଗର ମହାରାଜ ପ୍ରତିବାଦ କରିଥିଲେ । ଏହାଦ୍ୱାର ଶୀତଳ ଯୁଦ୍ଧର ବାତାବରଣ ସୃଷ୍ଟି ହେବ । ଯୁଦ୍ଧ ଆଶଙ୍କାରେ କଳିଙ୍ଗ ଉଦ୍‌ବିଗ୍ନ । ଅଶୋକ ଜଣାଇଥିଲେ ଶୀତଳ ଯୁଦ୍ଧର ଆଶଙ୍କାନାହିଁ । କଳିଙ୍ଗ ଆମର ବନ୍ଧୁରାଷ୍ଟ୍ର ଓ କଳିଙ୍ଗ ସାଗର ମଧ୍ୟରେ ମଗଧର ବ୍ୟବସାୟ, ବାଣିଜ୍ୟ ବୃଦ୍ଧି ପାଉଛି । ନିକଟରେ ବିଜିତ ରାଜ୍ୟମାନଙ୍କରେ ବିଶୃଙ୍ଖଳା, ବିଦ୍ରୋହ ଓ ଆଇନ୍ ଶୃଙ୍ଖଳାର ଅବନତି ପାଇଁ ସେଠାରେ ଶାନ୍ତିସେନା ଗଠନ କରାଯାଇଛି । କଳିଙ୍ଗ ବିରୁଦ୍ଧରେ ଏହା ଅଭିପ୍ରେତ ନୁହେଁ । କଳିଙ୍ଗର ମହାରାଜ ସତର୍କତା ସହିତ ମଗଧର ସୈନ୍ୟଶକ୍ତି ଉପରେ ଦୃଷ୍ଟି ରଖିଥିଲେ ।

## ପଦ୍ମାବତୀ ପରିଣୟ

ଅଶୋକଙ୍କର ମନ 'ବିଳାସ ପ୍ରାସାଦ'ର ଧ୍ୱଂସପରେ ଅବରୁଦ୍ଧ ହୋଇଯାଇଥିଲା ରାଜକାର୍ଯ୍ୟରେ । ମହାରାଣୀ ଅସନ୍ଧିମିତ୍ରାଙ୍କ ସ୍ୱାସ୍ଥ୍ୟରେ ଅବନତି ତାଙ୍କୁ ବ୍ୟଥିତ କରିଥିଲା । ମହାରାଣୀ ଅଶୋକଙ୍କ ମନକଥା ବୁଝି ଆଉ ଗୋଟିଏ ରାଣୀ ଗ୍ରହଣ କରିବାକୁ ଉପଦେଶ ଦେଲେ । ସମ୍ମତ ହେଲେ ସମ୍ରାଟ । ମହାମନ୍ତ୍ରୀଙ୍କ ଆୟୋଜନରେ ଅଶୋକଙ୍କର ବିବାହ ଉତ୍ସବ ରାଣୀ ପଦ୍ମାବତୀଙ୍କ ସହିତ ମହାଆଡମ୍ବରରେ ପାଳିତ ହେଲା । ମିଳନ ରାତ୍ରିରେ ପଦ୍ମାବତୀଙ୍କୁ କଳିଙ୍ଗର ପାଟଶାଢୀ ଓ ବହୁମୂଲ୍ୟ ଗହଣା ଉପହାର ଦେଲେ ଅଶୋକ । ସ୍ୱର୍ଣ୍ଣଜରି ଲଗା ପାଟଶାଢୀର ସୌନ୍ଦର୍ଯ୍ୟରେ ପଦ୍ମାବତୀଙ୍କର ସମଗ୍ର ଶରୀର ଉଦ୍‌ଭାସିତ ହୋଇଥିଲା । ନିବିଡ ଭାବରେ ଲୋଟି ପଡିଥିଲେ ଆଲିଙ୍ଗନବଦ୍ଧ ଆଶୋକଙ୍କ ବାହୁ ବନ୍ଧନୀରେ । ପ୍ରୀତିର ପ୍ରାଚୁର୍ଯ୍ୟରେ ରତିମଗ୍ନା ରାତି ବୋଲୁଥିଲା ତରଳ ଅନ୍ଧାର, ମାଟିରୁ ଆକାଶ ଯାଏ ଆନନ୍ଦରେ । ମିଳନ ମୁଖର ଆଦିମ ଉନ୍ମାଦରେ ଉତ୍ସବମୁଖର ରାତ୍ରି, ଆହ୍ଲାଦରେ ଆମୋଦିତ ପ୍ରୀତପ୍ରାଣ, ତାରାଙ୍କିତ ରାତ୍ରିର ଆକାଶ । ଡେରିରେ ଉଠୁଥିଲା ଜହ୍ନ, ସ୍ୱପ୍ନ ଓ କଳ୍ପନାର ରଙ୍ଗ ବୁଣି ବୁଣି । ମଧୁଶଯ୍ୟାର ମଧୁପର୍ବ । ବାସର ରାତ୍ରିରେ ପୁଷ୍ପିତ ପାଖୁଡାର କୋମଳ ସ୍ପର୍ଶରେ, ମଧୁମୟ ଲାଗୁଥିଲା, ମହମହ ବାସୁଥିଲା ମାଂସର ଫୁଲ । ମିଳନ ଆକୁଳ ପ୍ରାଣରେ ରୋମାଞ୍ଚ ସଦ୍ୟସ୍ନାତ, ସୁରଭିତ, ସୁଷମାନ୍ୱିତ । ଲୁବ୍ଧ ଲୋଭନୀୟ ପଦ୍ମାବତୀର ଅନୁପମ ଅନାବରଣ ଦେହ । ଅମୃତ କଳସ ଦେହ । ସେ ଦେହରେ ଐଶ୍ୱର୍ଯ୍ୟ ଉଜ୍ଜ୍ୱଳ , ଦୁଇ ଦିବ୍ୟ ସ୍ତନପଦ୍ମର ପୁଷ୍ପିତ ଲାବଣ୍ୟପ୍ରଭା, ମନଲୋଭା ପୀୟୂଷ ପ୍ରତିମାଭଳି ଢଳଢଳ,ଆନନ୍ଦ ଉଚ୍ଛଳ । ଅମୃତ କଳସ ଢାଳି ଅଶୋକ ପାନ କରୁଥିଲେ ପ୍ରୀତିସୁଧା ସଞ୍ଜୀବନୀ ସୁରା ଭଳି । ସ୍ନାୟୁରେ ସ୍ନାୟୁରେ ତରଳ ଅନ୍ଧାରେ ମଦିରାରେ । ମାଦକଭରା ରାତ୍ରିର ସୁଖନିଦ୍ରାରେ ମୋହାଛନ୍ନ ମୁଗ୍ଧ ମୋହିତ ସ୍ୱପ୍ନ ବିଭୋର ସମ୍ରାଟ୍ ଅଶୋକ ।

ଉଷାର ଅରୁଣୋଦୟରେ ଉତ୍ସବମୁଖର ଆକାଶ ପ୍ରକୃତି ପୃଥିବୀ । ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାର

ମଧ୍ୟରେ ସକାଳ ଖେଳି ବୁଲୁଥିଲା  କୁମାରୀ ଭଳି । ମହାରାଜ  ପଦ୍ମାବତୀଙ୍କ ସହିତ ସକାଳର ସଦ୍ୟସ୍ନାତ ସ୍ନିଗ୍ଧ ଲାବଣ୍ୟକୁ ଉପଭୋଗ କରୁଥିଲେ ପ୍ରୀତିସ୍ନିଗ୍ଧାର ପାଖେ ପାଖେ । ପ୍ରାଣମୟ ପୁଲକରେ ଦେଖୁଥିଲେ ଫୁଲଭର୍ତ୍ତି ଅଶୋକ ବୃକ୍ଷକୁ ଋତୁମତୀ ଫୁଲକୁ, ଫୁଟନ୍ତା ଫୁଲର ବଗିଚାକୁ । ସବୁଜ ପତ୍ର ଓ ଫୁଲରେ ଶୋଭାମୟ ଦିଶୁଥିଲା ସବୁକିଛି । ସୂର୍ଯ୍ୟୋଦୟର ଲାଲିମାରେ ପଦ୍ମାବତୀର ଗଣ୍ଡଦେଶ ଭରିଯାଇଥିଲା ଲାଲିମା ଲାବଣ୍ୟରେ । ଚିବୁକକୁ ଚିପିଦେଇ ଚୁମାଟିଏ ଦେଲେ ଅଶୋକ । ଲଜ୍ୟା, ସଙ୍କୋଚରେ ଅପ୍ରତିଭ ଦିଶୁଥିଲେ ରାଣୀ । ଅଶୋକଙ୍କର ଆଖି ରହିଥିଲା ସୌମ୍ୟା ପ୍ରକୃତି, ରମ୍ୟା ରାଜବଧୂର ଲାବଣ୍ୟମୟୀ ସ୍ନିଗ୍ଧ ସୌନ୍ଦର୍ଯ୍ୟରେ । ରାଜ ଉଦ୍ୟାନରେ କ୍ରୀଡାରତ ହରିଣ, ମୟୂର ଓ କଳରବ ମୁଖରିତ ବିହଙ୍ଗମ କୁଳର ସ୍ୱର ସଙ୍ଗୀତରେ ଅଭିଭୂତ ଅଶୋକ ଏକାଗ୍ରଚିତ୍ତରେ ଦେଖୁଥିଲେ ବର୍ଣ୍ଣମୟ ପ୍ରକୃତିର ସ୍ୱର୍ଣ୍ଣମୟ ସୁରମ୍ୟ ପ୍ରକାଶକୁ । ହୃଦୟ ତାଙ୍କର ଉଚ୍ଛୁଳି ଉଠୁଥିଲା ଦିବ୍ୟ ଆନନ୍ଦରେ । ଆଦିମତାର ଅନିନ୍ଦ୍ୟ ସୌନ୍ଦର୍ଯ୍ୟରେ । ଫୁଟନ୍ତା ଫୁଲର ସୁରଭିରେ, ନଗ୍ନ ଆକାଶର ନୀଳିମାରେ, ମଗ୍ନ ପ୍ରକୃତିର ସମ୍ମୋହନରେ । ରାଜଉଦ୍ୟାନରୁ ଫେରି ରାଜକାର୍ଯ୍ୟରେ ମନୋନିବେଶ କଲେ ଅଶୋକ ।

ସାୟାହ୍ନ ସୂର୍ଯ୍ୟଙ୍କର ସ୍ୱର୍ଣ୍ଣପ୍ରସୂ ପ୍ରଭାରେ ପ୍ରାଣମୟ ପ୍ରକୃତି । ଅସ୍ତସୂର୍ଯ୍ୟର ବିଲୋଳ ଆଭାରେ ଆଲୋକିତ ରାଜଉଦ୍ୟାନ । ନବାଗତା ରାଣୀ ସମ୍ରାଟଙ୍କ ସହ ଉଦ୍ୟାନରେ ପଦଚାରଣ କରୁଥିଲେ । ଆଖି ତାଙ୍କର ଲମ୍ବିରହିଥିଲା ଦିଗ୍‌ବଳୟରେ । ଗଙ୍ଗାନଦୀର  ଫେନୀଳ ଯୌବନ, ଫେନୋଚ୍ଛଳ ନୀଳ ଲହରୀ । 'ପଦ୍ମା ତୁମକୁ ଲାଭକରି ପ୍ରାଣମୟ ଲାଗୁଛି ପ୍ରକୃତି, ପୃଥିବୀ । ବହୁଦିନ ପରେ ମୁଁ ଅନୁଭବ କରୁଛି ତୁମରି ଅକୁଣ୍ଠ ସାନ୍ନିଧ୍ୟ, ସ୍ନେହକାତର ଉଷ୍ମ ଶିହରଣ । ନାରୀକେଳ ପରି  ଯୌବନର ସ୍ନିଗ୍ଧ ଲାବଣ୍ୟ ମନମୁଗ୍ଧକର, ମନ୍ତ୍ରମୁଗ୍ଧକର । ତୁମକୁ ପାଇ ପ୍ରାଣମୋର ଉଚ୍ଛୁଳି ଉଠୁଛି ଆନନ୍ଦରେ, ଐଶ୍ଚର୍ଯ୍ୟରେ, ପ୍ରାଚୁର୍ଯ୍ୟରେ । ମରୁମୟ ଜୀବନରେ ତମେ ମଧୁ ମନ୍ଦାକିନୀ ଧାରା, ସୁଲଳିତ ସଲିଳର କଳକଳ ସ୍ୱର ଝଙ୍କାର, ସୁମଧୁର ସମୀରର ଅବୋଧ ସଙ୍ଗୀତ ।' ହୃଦୟର ବିଭବରେ, ବ୍ୟାପ୍ତିରେ ବର୍ଣ୍ଣମୟ ଜୀବନ, ପୂର୍ଣ୍ଣମୟ ଜୀବନର ଧାରା । ନୀଳପଦ୍ମର ସ୍ନିଗ୍ଧ ଲାବଣ୍ୟ ଭଳି ପଦ୍ମାବତୀଙ୍କର ସୌନ୍ଦର୍ଯ୍ୟ ସମ୍ଭାର  ଅଶୋକଙ୍କ କାବ୍ୟମୟ  ମୁଗ୍ଧଦୃଷ୍ଟିରେ ପ୍ରୀତିସ୍ନିଗ୍ଧ, ରସସ୍ନିଗ୍ଧ । ସେ ଚାହିଁ ରହିଥିଲେ ଏକାଧାରରେ ରଙ୍ଗ ବଦଳାଉଥିବା ଆକାଶକୁ, ପ୍ରାଣପ୍ରିୟ ପ୍ରକୃତିକୁ, ପ୍ରତୀକ୍ଷିତ ସନ୍ଧ୍ୟାକୁ । ରାଜଉଦ୍ୟାନର ଅନତି ଦୂରରେ ଗଙ୍ଗାନଦୀର ଲାସ୍ୟମୟୀ ସ୍ୱର୍ଣ୍ଣନୀଳ ଶୋଭା, ସୌମ୍ୟା ପ୍ରକୃତିର ପ୍ରୀତିରେ ପ୍ରାଣୋଚ୍ଛଳ, ପ୍ରଣୟୋଚ୍ଛଳ । ଅଶୋକ ମୁଗ୍ଧ ଚିତ୍ତରେ ରାଣୀ ପଦ୍ମାବତୀଙ୍କୁ କହୁଥିଲେ, ''ପ୍ରାଣେଶ୍ୱରୀ, ସନ୍ଧ୍ୟାର ଏହି ମାଦକ ବେଳାରେ ନିଖୋଜ ହେବାର ନିଶା ଆନ୍ଦୋଳିତ କରୁଛି ଦେହ, ମନ, ଆତ୍ମାର କୋଣ, ଅନୁକୋଣ'' । ପଦ୍ମାଙ୍କର ଲଜ୍ୟା ଅବନତ ମୁଖମଣ୍ଡଳରେ ସ୍ୱୟଂପ୍ରଭାର କାନ୍ତି । ସେ ହସୁଥିଲେ ଧୀରେଧୀରେ ପ୍ରୀତିସ୍ନାତ, ପୌରୁଷଦୀପ୍ତ ମହାରାଜାଙ୍କର ସୁଦୃଢ ବାହୁ ବନ୍ଧନୀରେ । ନିଜକୁ ବନ୍ଧନ ମୁକ୍ତ କରିବାର ନିଚ୍ଛକ ଛଳନା ଆମୋଦ ଦାୟକ । 'ମହାରାଜ୍ ! ବାସ୍ତବତାରେ ବୁଡି ରହିବାରେ, ବନ୍ୟପ୍ରକୃତିର ଶୋଭା ସମ୍ଭାରରେ ଜୀବନର ମିଠାସ୍ ଅନୁଭବକୁ ଉପଲବ୍ଧି କରିବାରେ ନିଜସ୍ୱ ଆନନ୍ଦ ଅଛି । ଗଙ୍ଗାନଦୀରେ ନୌବିହାର, ଚନ୍ଦ୍ରିକା ଚର୍ଚ୍ଚିତ ନିଶୀଥରେ ଆନନ୍ଦମୟ ଲାଗୁଥିବ । ତାରାଞ୍ଚିତ ଆକାଶର ତନ୍ଦ୍ରାଳସ, ତୃପ୍ତିର, ପ୍ରୀତିର, ପରମ ପ୍ରାପ୍ତିର । ଅମୃତମୟ ଲାଗୁଥିବ ତୁମ ପାଖରେ, ବଳିଷ୍ଠ ବାହୁବନ୍ଧନୀରେ । ଅସଜଡା ଅସାଡ୍ ଆଖିରେ, ଓଠରେ, ଉଷ୍ମ, ଆର୍ଦ୍ର, ଅନାବରଣରେ ।



ରାଜୋଦ୍ୟାନରେ ରଙ୍ଗରସ, ରତିକ୍ରୀଡା, ପୁଷ୍କରିଣୀରେ ଜଳକ୍ରୀଡା, ସ୍ୱର୍ଗର ଆନନ୍ଦ ଭଳି, କଳ୍ପନା ଭଳି, ସ୍ୱପ୍ନଭଳି, ସତ୍ୟଭଳି । ମନଭରି ଉପଭୋଗ କରିବାକୁ ଏ ଜୀବନ, ଏ ଯୌବନ, ସମର୍ପି ଦେବାକୁ ତୁମରି ପ୍ରୀତିସ୍ନିଗ୍ଧ ହୃଦୟରେ, ପ୍ରୀତିପୂର୍ଣ୍ଣ କଟାକ୍ଷରେ, କାମନାରେ, ଆଲିଙ୍ଗନରେ, ଆତ୍ମ ସମର୍ପଣରେ । ଗର୍ଭବତୀ ମେଘର ଗୋପନୀୟ ସୌନ୍ଦର୍ଯ୍ୟ ପରି, ବେଗମତୀ ନଦୀର ବିଶାଳ ଜଳଧାରା ପରି ନାରୀମନର ନୀରବ ପ୍ରକାଶକୁ ତମେ ଦେଇଛ ଭାଷା ରକ୍ତମାଂସର ରଙ୍ଗତୂଳୀରେ । ହୃଦୟ ସଂଲଗ୍ନ  ପ୍ରାଣର ମୁଗ୍ଧ ଅନୁଭବ, ଯୌବନର ରଙ୍ଗ ଉତୁରା ଅନୁଭବ, ପ୍ରକାଶର ନୁହେଁ, ମହାଚ୍ଛନ୍ନ ମୂର୍ଚ୍ଛିତ ଅନୁଭବର । ତୁମ ପାଖରେ ଜୀବନର ପୂର୍ଣ୍ଣତା ଫାଲ୍‌ଗୁନ ପୂର୍ଣ୍ଣିମାର ଜ୍ୟୋସ୍ନାଭଳି, ପୁଣ୍ୟତୋୟାର ପ୍ଲାବନ ଭଳି ପ୍ରାଣସ୍ପର୍ଶୀ । ହଜିଯିବାକୁ  ଇଚ୍ଛା ହେଉଛି ବିହଙ୍ଗ ଭଳି, ଆକାଶରେ ଆକାଶରେ ତରଙ୍ଗ ଭଳି, ପୃଥିବୀରେ ପୃଥିବୀରେ ତଡିତ୍ ଭଳି, ମେଘରେ ମେଘରେ ତୁମ ସାଥୀରେ । ମହାରାଜ୍ ! ତୁମର ସ୍ନେହ, ସାନ୍ନିଧ୍ୟ, ସାହଚର୍ଯ୍ୟରେ ଜୀବନ ମୋର ସାର୍ଥକ । ପ୍ରାଣେଶ୍ୱର ହୋଇ ମୋ ଜୀବନକୁ ଭରିଛ ପ୍ରୀତି ପ୍ରାଚୁର୍ଯ୍ୟରେ, ଐଶୀ, ଐଶ୍ୱର୍ଯ୍ୟରେ ।

ଅଶୋକ ସ୍ମିତହସି କହୁଥିଲେ, ପରିଣୟ ପୂର୍ବର ପ୍ରସ୍ତୁତି ପର୍ବ ସମ୍ପର୍କରେ । ପଦ୍ମାବତୀ ତୁମକୁ ଏକାନ୍ତରେ, ଜନପଦର ନଦୀ ବନ୍ଧରେ କଳସ ଧରି ଛିଡା ହୋଇଥିବାର ଦେଖି ପ୍ରାଣ ମୋର ଉଚ୍ଛୁଳି ପଡିଥିଲା ପ୍ରଣୟ ଉଚ୍ଛଳ ପ୍ରେମରେ । ପଦ୍ମଫୁଲର ଲାବଣ୍ୟ ଭଳି ଲାବଣ୍ୟମୟ ଦିଶୁଥିଲ ତୁମେ, ପଦ୍ମାବତୀ । ଅପୂର୍ବ ଆଲୋଡନରେ ଆଖି ମୋର ଅବରୁଦ୍ଧ ହୋଇ ଯାଇଥିଲା ମୁହୂର୍ତ୍ତକ ପାଇଁ । ଅନୁପମ ଶିହରଣରେ ରୋମାଞ୍ଚିତ ମୋର ଦେହ, ମନ ସମର୍ପିତ ସମର୍ପିତ ଲାଗୁଥିଲା, ସୁବାସିତ ସୁବାସିତ ଲାଗୁଥିଲା ଲାବଣ୍ୟ ବିଳାସରେ । ମହାମନ୍ତ୍ରୀଙ୍କର ପରାମର୍ଶରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ଆମେ । ରାଣୀ ! ତୁମ ସୌନ୍ଦର୍ଯ୍ୟର ତୁଳନା ନାହିଁ  ତୁମ ପ୍ରୀତିଭଳି । ମାର୍ବଲର ମସୃଣ କୋମଳ ମୂର୍ତ୍ତିଟିଏ ତୁମେ, ଲୋଭନୀୟ ଲାବଣ୍ୟର, ନୀଳନୀଳ ଲାବଣ୍ୟର, ଢଳଢଳ ଲାବଣ୍ୟର ।

ସନ୍ଧ୍ୟାପରେ ଘୃତ ଦୀପସବୁ  ଜଳି ଉଠିଲା ରାଜଅନ୍ତଃପୁରୀର ନିଭୃତ କକ୍ଷରେ । ଦ୍ୱାରଦେଶରେ ମଶାଲଧାରୀ ନାରୀ ଦ୍ୱାରରକ୍ଷୀ । ମନ୍ଦିରରେ ଶଙ୍ଖଧ୍ୱନି । ଘଣ୍ଟା, କାହାଳୀର ସ୍ୱରରେ ଶବ୍ଦାୟିତ ପରିବେଶ । ପବିତ୍ର । ପୁଲକିତ । ରାଜବଧୂ ପଦ୍ମାବତୀ ଘୃତସଞ୍ଜ ଦେଉଥିଲେ ଅଗଣାରେ । ପାଟବସ୍ତ୍ରରେ ଅପୂର୍ବା ଦିଶୁଥିଲେ ପାଟରାଣୀ । ଅଶୋକ ଚାହିଁ ରହିଥିଲେ ରାଣୀଙ୍କର ଭକ୍ତିଭାବ ପୂର୍ଣ୍ଣ ଜୀବନଧାରାକୁ । ଅପୂର୍ବ ଆକର୍ଷଣରେ ଅନୁପମ ସାନ୍ଧ୍ୟ ପରିବେଶ, ସନ୍ଧ୍ୟାରେ ଗଳ୍ପରତ ଥିଲେ ଦୁହେଁ । ଜୀବନର ବ୍ୟଥା, ଗାଥା, ଗୌରବ, ସୌଭାଗ୍ୟ, ଦୁର୍ଭାଗ୍ୟର କଥାକୁ ବାଣ୍ଟୁଥିଲେ ପରମ ଆଦରରେ, ଆଗ୍ରହରେ । ରାଣୀ ପଦ୍ମାବତୀ ପାଟଶାଢୀର ପ୍ରଶଂସା କରୁଥିଲେ । 'ମହରାଜ୍ ! ଏ ସ୍ୱର୍ଣ୍ଣଜରିଯୁକ୍ତ  ଅପୂର୍ବ ପାଟବସ୍ତ୍ର କେଉଁଠୁ ଆଣିଥିଲେ ?' ମହାରାଜ ସ୍ମିତ ହସି କହିଥିଲେ, ଏ ପାଟବସ୍ତ୍ର କଳିଙ୍ଗରୁ ମଗାଇଥିଲି ରାଣୀ । 'ଧନ୍ୟ କଳିଙ୍ଗ, ଧନ୍ୟ ତା'ର ଶିଳ୍ପୀ' । ଶୁଣିଥିଲି ପ୍ରସ୍ତର ଗାତ୍ରରେ ସେମାନେ ଫୁଟାଉଛନ୍ତି ସୌମ୍ୟକାନ୍ତି ଯୁକ୍ତ, ପୁଷ୍ପିତ, ମସୃଣ ମୂର୍ତ୍ତିସବୁ । ଏବେ ଦେଖୁଛି ପାଟବସ୍ତ୍ରର ସୂକ୍ଷ୍ମ କାରୁକାର୍ଯ୍ୟକୁ । ଜୀବନର କଳାତ୍ମକ ପ୍ରକାଶରେ ପଟୁ ,ପାରଦର୍ଶୀ । ପ୍ରସ୍ତର ବକ୍ଷରେ ଫୁଟାନ୍ତି ଫୁଟନ୍ତା ଫୁଲର ସୌନ୍ଦର୍ଯ୍ୟକୁ । ଦେବକନ୍ୟାର ଦିବ୍ୟ ସୌନ୍ଦର୍ଯ୍ୟକୁ । ଦେହମିଳନର

ମୁଗ୍ଧ ସୌନ୍ଦର୍ଯ୍ୟକୁ । ମନ୍ଦିର ମାଳିନୀ କଳିଙ୍ଗ, ସର୍ଜନ ଶିଳ୍ପୀର କଳିଙ୍ଗ, ସ୍ପର୍ଶାତୁର ପ୍ରୀତିର କଳିଙ୍ଗ । ପଦ୍ମାବତୀ, 'ପ୍ରିୟତମ ମହୋଦଧି ଦେଖିବାର ଲୋଭ ମୋର ବହୁଦିନର । କେବେ ବୁଲିଯାଆନ୍ତେ ସ୍ୱର୍ଣ୍ଣିମ ବେଳାଭୂମିକୁ ବନଭୂମିକୁ । ମହୋଦଧିର ଆକର୍ଷଣ ମୋତେ ଅଭିଭୂତ କରିଛି । ଆପଣ କ'ଣ... ।'

ଅଶୋକ କିଛି ସମୟ ନୀରବ ରହି କହିଲେ, 'ରାଣୀ ! ମହୋଦଧିର ଆକର୍ଷଣ ମୋର ବହୁଦିନର ।' ମୌର୍ଯ୍ୟ ସମ୍ରାଟ୍ ଭାବେ ବିନା ନିମନ୍ତ୍ରଣରେ କଳିଙ୍ଗ ଯିବା ସମ୍ଭବନୁହେଁ । ପୂର୍ବରୁ ମଗଧର ରାଜଦୂତ ଭାବେ ମୁଁ ଦେଖିଛି କଳିଙ୍ଗର ମାଟିଠାରୁ ମହୋଦଧି, ଆକାଶଠାରୁ ମହାକାଶ, କଳିଙ୍ଗର ଜନପଦ, ନଗର ପ୍ରାନ୍ତର, ଦୁର୍ଗ, ଗଡଖାଇ, ଶସ୍ୟ ଶ୍ୟାମଳା କ୍ଷେତ । ଶୁଣିଛି ତା'ର ଚିରସୁନ୍ଦର ଗୀତ, ସାଗରର ସ୍ୱର୍ଣ୍ଣିମ ବିଳାସ । ଯେତେ ଦେଖିଥିଲେ ମଧ୍ୟ ଆଖି ମୋର ଅତୃପ୍ତ, ପ୍ରାଣମୋର ଅପୂର୍ଣ୍ଣ । କଳିଙ୍ଗ ବୁଲି ମହୋଦଧି ବେଳାରେ କିଛିଦିନ ଜୀବନକୁ ନିବିଡ ଭାବେ ଉପଭୋଗ କରିବାକୁ ମୋର ଇଚ୍ଛା । ସେହି ସୁଦିନ ପାଇଁ ପରମେଶ୍ୱରଙ୍କ ପାଦପଦ୍ମରେ ନିବେଦନ କର । କାଲି ସାୟାହ୍ନରେ ଗଙ୍ଗାନଦୀରେ ନୌବିହାର କରି ଜୀବନକୁ ଉପଭୋଗ କରିବା । ଜ୍ୟୋତ୍ସ୍ନାସ୍ନାତ ପାହାଡ, ପୁରପଲ୍ଲୀ, ନୀରବ ତଟଦେଶର ଶୋଭାକୁ ସାଉଁଟି ରଖିବାର ସ୍ମୃତିରେ । ପାନ ଭୋଜନ ପରେ ସୁନିଦ୍ରା ଯାଇଥିଲେ ।

ପରଦିନ ଗଙ୍ଗାନଦୀରେ ନୌଭ୍ରମଣ ବେଶ୍ ଆମୋଦିତ, ଆକର୍ଷଣୀୟ । ଲୋଭନୀୟ ସୂର୍ଯ୍ୟାସ୍ତର ଅସ୍ତରାଗ ଢଳି ପଡିଥିଲା ଝରଣା ଭଳି ନୀଳ ଆକାଶରୁ ଫେନୀଳ ଜଳରାଶିକୁ । ନଦୀ କୂଳର ସାବ୍‌ଜା ସାବ୍‌ଜା ନୀରବ ସୌନ୍ଦର୍ଯ୍ୟ ଚୋରାଇ ନେଇଥିଲା ପ୍ରଣୟ ଯୁଗଳଙ୍କ କଳାତ୍ମକ, କଟାକ୍ଷକୁ, କାବ୍ୟମୟ କଟାକ୍ଷକୁ । କବି ପାଲଟି ଥିଲେ ଦୁହେଁ କୋଳାକୋଳି ହୋଇ, ମୁଗ୍ଧ କଳରବରେ । ବିହଙ୍ଗମ ଦଳ ଉଡି ବୁଲୁଥିଲେ ଅବାଧରେ । ମୁକ୍ତ ଗଗନର ମରାଳ ଭଳି ଉଭୟ ଉପଭୋଗ କରୁଥିଲେ ଜୀବନର ସର୍ଜନଶୀଳ ସାରସ୍ୱତ ସୌନ୍ଦର୍ଯ୍ୟକୁ । ଗଦ୍ୟମୟ ସୌନ୍ଦର୍ଯ୍ୟକୁ, ପଦ୍ୟମୟ ସୌନ୍ଦର୍ଯ୍ୟକୁ ।

ରାଜଅନ୍ତଃପୁରୀରେ ସନ୍ଧ୍ୟାକାଳୀନ କୋଳାହଳ । ପ୍ରାସାଦ ମଧ୍ୟରେ ପ୍ରଜ୍ୱଳିତ ପ୍ରଦୀପର ସ୍ତିମିତ ଆଲୋକଧାରା । ରାଜଗୃହ ସବୁ ରାଜବଧୂ ଭଳି ଆଲୋକିତ । ଅନତି ଦୂରରେ ମନ୍ଦିରରେ ମଙ୍ଗଳ ଆଳତି । ସନ୍ଧ୍ୟା ଧୂପ ଓ ସୁଗନ୍ଧରେ, ଶଙ୍ଖଧ୍ୱନି ଓ ସଙ୍ଗୀତରେ ମୁଖରିତ, ମର୍ମରିତ ପବିତ୍ର ପରିବେଶ । ମୌର୍ଯ୍ୟ ସାମ୍ରାଜ୍ୟର ମହାମହିମ ସମ୍ରାଟ୍ ନବାଗତା ରାଣୀ ପଦ୍ମାବତୀଙ୍କୁ ସତୃଷ୍ଣ ନୟନରେ ଚାହିଁ ରହିଥିଲେ । ଆଖିଆଗରେ ତାଙ୍କର ନାଚି ଉଠୁଥିଲା ଚଳଚ୍ଚିତ୍ର ଭଳି ଚିରସୁନ୍ଦରୀ ପ୍ରେମମୟୀ କଳିଙ୍ଗକୁମାରୀ କାରୁବାକୀର କୃଷ୍ଣ କମନୀୟ କଟାକ୍ଷ । ଆଃ ! କି ତୀବ୍ର ସେ ଚାହାଣିର ଗଭୀରତା ? କି ତୀବ୍ର ସେ ପ୍ରଶାନ୍ତ ନୀରବତା ? ମଧୁସ୍ନାତ ମଧୁରାତି ପରି ରହସ୍ୟମୟ, ରୋମାଞ୍ଚମୟ । ପଲକରେ ନୀରବ ପ୍ରୀତିର ନିବିଡତା, କେତେବେଳେ ଗୋଟାପଣେ ସାଉଁଟି ନେଇ ହଜାଇ ଦେବାର ନିର୍ଜନତା । ପଦ୍ମାବତୀ ସମ୍ରାଟ୍‌ଙ୍କର ଭାବନା ରାଜ୍ୟରେ ଭାସି ବୁଲୁଥିବା ମେଘଖଣ୍ଡ ସବୁକୁ ଦେଖୁଥିଲେ ମନଭରି । ନିକଟରେ ଅଶୋକଙ୍କୁ ଦେଖି ଲଜ୍ଜା ଅବଗୁଣ୍ଠନ ତଳେ ଉଲ୍ଲସିତ ହେଉଥିଲେ । ଧୀର ମଧୁର ସ୍ୱରରେ କହିଲେ, 'ସମ୍ରାଟ୍ ! ଆଜି ଏପରି ଭାବପ୍ରବଣ ଦିଶୁଛନ୍ତି, କ'ଣ ଭାବୁଛନ୍ତି ?



ଅଶୋକ : ରାଣୀ ମୁଁ ତୁମରି କଥା ଭାବୁଥିଲି । ବାସର ରାତିରେ କହିଥିଲି ନା ସିଂହଳରୁ ମଣିମୁକ୍ତାମାଳ ଉପହାର ଦେବିବୋଲି । ଏ ଯାଏ ପହଞ୍ଚନାହିଁ ତୁମ ମନଲାଖି ଉପହାର ସବୁ ଯାହା ସିଂହଳର ରାଜା ପଠାଇଥିଲେ । ତେବେ କଳିଙ୍ଗରୁ ଆସିଥିବା ଏହି ପାଟବସ୍ତ୍ର ତୁମକୁ ଖୁବ୍ ମାନିବ । ପିନ୍ଧି ଦେଖିଲ କେମିତି ଲାଗୁଛି ? ଖୁସିରେ ବିଭୋର ହୋଇ ଲୁଗା ବଦଳାଉଥିବା ବେଳେ ଅଶୋକ ଦେଖୁଥିଲେ, ଲଜ୍ଜା ଅବନତ ରାଜବଧୂର ଗୋପନୀୟ ଅଙ୍ଗଲତିକାକୁ । ବାହୁ ବନ୍ଧନୀରେ ଚାପିଧରି ଦୃଷ୍ଟ ହସ ହସୁଥିଲେ । କଳିଙ୍ଗର ପାଟଶାଢୀ ଖୁବ୍ ପସନ୍ଦ । 'କଳିଙ୍ଗ କଳାର ଦେଶ ମୁଁ ଶୁଣିଛି, କଳିଙ୍ଗର ଶିଳ୍ପୀ ଶିଳାଦେହରେ ଫୁଟାଇପାରେ ଜୀବନର ଛବି, ଯୌବନର ଦୀପ୍ତି' , ମିଳନମଗ୍ନ ରାଜହଂସୀର ରୋମାଞ୍ଚ ବେପଥୁ , ନାଗକନ୍ୟାର ବିରହ ବିଳାସ । ଧନ୍ୟ କଳିଙ୍ଗ, ଧନ୍ୟ ତା'ର ଶିଳ୍ପୀ । ଧନ-ଧାନ୍ୟ ଭରା ଶସ୍ୟ ଶ୍ୟାମଳା କଳିଙ୍ଗ କିପରି ଦିଶୁଥିବ ସାଗରର ନୀଳ ଲହରୀ କୋଳରେ ? ସ୍ରୋତସ୍ୱିନୀ ନଦୀ ନିର୍ଝରିଣୀ କୂଳରେ, ନୀଳ ଆକାଶର ନୀଳିମାରେ ? ଲାବଣ୍ୟମୟ ଦିଶୁଥିବ ଜହ୍ନ । ଜହ୍ନରାତିର ମୁକୁଳା ଜହ୍ନ । ତୁମ ସାଥୀରେ ମହୋଦଧିର ମାଦକତାକୁ ଉପଭୋଗ କରିବାକୁ ମୋର ବହୁତ ଇଚ୍ଛା ।

ଅଶୋକ : ହଁ ରାଣୀ ! ଏତେ ସୌଭାଗ୍ୟ ପାଇଁ ଭାଗ୍ୟଦେବୀ ଯଦି ପ୍ରସନ୍ନ ହୁଅନ୍ତି, କଳିଙ୍ଗ ଯଦି ମଗଧର ଶାସନାଧୀନ ହୁଅନ୍ତା, ତେବେ ଆମେ ସମୁଦ୍ରକୂଳରେ ଗଢନ୍ତେ ଆମ ସ୍ୱପ୍ନର ସ୍ୱର୍ଗପୁରୀ, ଫେରନ୍ତା ପକ୍ଷୀର ଚଟିଘର କି ଆନନ୍ଦରେ ! ଯେଉଁଠି ଦିନରାତି ଆମେ ଉପଭୋଗ କରନ୍ତେ ଜୀବନର ସୁଷମାକୁ । ସୁଧାଭଳି, ସ୍ୱର୍ଗସୁଧା ଭଳି । ନୀଳ ଆକାଶ ତଳେ ନୀଳ ସାଗରର ଫେନୀଳ ରୂପକାନ୍ତି କିପରି ରମଣୀୟ ଦିଶୁଥିବ କନକ ସୂର୍ଯ୍ୟର ପିତଲୋହିତ ବର୍ଣ୍ଣାଳୀରେ ? ତୁମେ ଆଉ ମୁଁ ଏକାନ୍ତରେ ହଜିଯା'ନ୍ତେ ବେଳାଭୂମିର ସ୍ନିଗ୍ଧ କୋମଳ ବାଲୁକା ଶଯ୍ୟାରେ । କଳିଙ୍ଗର ଶିଳ୍ପୀ ଦ୍ୱାରା ଗଢନ୍ତେ ମନଲୋଭା ମନ୍ଦିର, ଯେଉଁଠି ମିଥୁନ ମଗ୍ନ ଯକ୍ଷବଧୂର ନଗ୍ନ ସୌନ୍ଦର୍ଯ୍ୟ ଫିଟିଫିଟି ପଡୁଥିବ ଫୁଟନ୍ତା ଫୁଲର ପାଖୁଡା ଭଳି, ପ୍ରୀତିସିକ୍ତ ପ୍ରଣୟୀ ଯୁଗଳଙ୍କ ଅନୁରାଗମୟ ଆଖିରେ, ଆଲିଙ୍ଗନବଦ୍ଧ ଶିଳାକନ୍ୟାର କାମନାଯୁକ୍ତ କଟାକ୍ଷରେ ।

ପଦ୍ମାବତୀ ସ୍ୱାମୀଙ୍କ ଇଚ୍ଛାରେ ଅନୁରକ୍ତ ହୋଇ କହୁଥିଲେ, 'କଳିଙ୍ଗକୁ ଛାଡି ସମଗ୍ର ଉତ୍ତର ଓ ମଧ୍ୟ ଭାରତ ଆମର କରଗତ । ସିଂହଳର ମଣିମୁକ୍ତା ହାର ଅପେକ୍ଷା କଳିଙ୍ଗର କାରୁକାର୍ଯ୍ୟ ମୋରପ୍ରିୟ । ସମ୍ରାଟ୍ କଳିଙ୍ଗ ବିଜୟର ସ୍ୱପ୍ନ ଦେଖିଲେ... ?

'ସ୍ୱପ୍ନରେ ମୁଁ ବିଶ୍ୱାସ କରେନାହିଁ ରାଣୀ ! ବାସ୍ତବତାରେ ବିଶ୍ୱାସୀ ମୁଁ । ମଗଧରେ ରହି ମହୋଦଧିର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖିବାର ସ୍ୱପ୍ନ ସ୍ୱପ୍ନହୋଇ ନ ରହୁ । କଳିଙ୍ଗ ମଗଧର ପ୍ରିୟ ପଡୋଶୀ, ସମକକ୍ଷ, ଶକ୍ତିରେ, ସମୃଦ୍ଧିରେ । ତେବେ କଳିଙ୍ଗ ବିଜୟର ସ୍ୱପ୍ନ ଖାଲି ଆମର କାହିଁକି ? ପିତା ପିତାମହଙ୍କର ସେ ସ୍ୱପ୍ନର ସୀମା କାହିଁ ? କଳିଙ୍ଗ ବିଜୟପାଇଁ ଏ ଯେଉଁ ମହାଯୁଦ୍ଧ ତା'ର ଗୋପନୀୟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ସମ୍ମୁଖ ଯୁଦ୍ଧରେ କଳିଙ୍ଗକୁ ହରାଇବା ଅସମ୍ଭବ । ତଥାପି କଷ୍ଟଲବ୍ଧ ବିଜୟପାଇଁ ପ୍ରାଣବଳି ଦେବାକୁ ମଗଧର ସେନା ସାମନ୍ତ ପ୍ରସ୍ତୁତ । ସେହି ପ୍ରସ୍ତୁତି ପର୍ବରେ ମୁଁ ନିଜକୁ ଉତ୍ସର୍ଗ କରିଦେଇଛି । ବୀରର ଜୀବନ ମୋର ଲୋଡା, ବୀରର ମୃତ୍ୟୁ ମୋର ଲୋଡା । ମୁଁ ସବୁ ହରେଇପାରେ, ମୋର କୁଣ୍ଠାନାହିଁ ପ୍ରିୟ କଳିଙ୍ଗଲାଗି, ପ୍ରାଣପ୍ରିୟ କଳିଙ୍ଗଲାଗି ... ।

ରାଜଦରବାରରେ ରାଜନ୍ୟ ମଣ୍ଡଳୀ ମଧ୍ୟରେ ସିଂହାସନ ଆରୋହଣ କରିଥିଲେ ମହାମହିମ ସମ୍ରାଟ୍ ଅଶୋକ । ରାଜ୍ୟର ସୀମାନ୍ତ ପ୍ରଦେଶରେ ଶାନ୍ତି ଓ ସ୍ଥିରତା ପାଇଁ ଗୃହମନ୍ତ୍ରୀ କେଉଁ ପଦକ୍ଷେପ ନେଇଛନ୍ତି ପଚାରି ବୁଝୁଥିଲେ । ତାଲିମ୍‌ପ୍ରାପ୍ତ ନୌସେନାର ଦକ୍ଷତା ସମ୍ପର୍କରେ ବୁଝୁଥିଲେ । ସାମ୍ରାଜ୍ୟର ସୁରକ୍ଷା ପାଇଁ ସେନାବାହିନୀର ସଂଖ୍ୟା ବୃଦ୍ଧି ଘଟିଥିଲା, ଶାନ୍ତିସେନା ଦ୍ୱାରା । କଳିଙ୍ଗ ସୀମାନ୍ତରେ ମଗଧର ଉଗ୍ରବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାରୁ କଳିଙ୍ଗର ଦୁଇତୃତୀୟାଂଶ ସେନା ଉତ୍ତରପୂର୍ବ ସୀମାନ୍ତରେ ବିଦ୍ରୋହ ଦମନରେ ଲାଗିଛନ୍ତି । କଳିଙ୍ଗ ସୀମାନ୍ତରେ ଉପଦ୍ରବ ପାଇଁ କଳିଙ୍ଗରାଜା ଚିନ୍ତିତ । ମଗଧ ସୀମାନ୍ତର ଅନେକ ଦୂରରେ କଳିଙ୍ଗର ଅପରାଧୀଙ୍କୁ ଉଗ୍ରବାଦୀ କାର୍ଯ୍ୟକଳାପ ପାଇଁ ଗୋପନରେ ଗରିଲା ଯୁଦ୍ଧ ସମ୍ବନ୍ଧରେ ଶିକ୍ଷା ଦିଆଯାଉଛି । ଫଳରେ ମଗଧ ସୀମାନ୍ତରେ ଶାନ୍ତି ଫେରିଆସିଛି । ମଗଧର ବିଶାଳ ସେନାକୁ ପ୍ରସ୍ତୁତ କରାଯାଇଛି । ଯେ କୌଣସି ପରିସ୍ଥିତିକୁ ସମ୍ଭାଳିବାକୁ ସେମାନେ ସମର୍ଥ । ଶ୍ରୀଲଙ୍କାରେ ବିଶାଳ ନୌବହରର ନିର୍ମାଣ କାର୍ଯ୍ୟ ସମାପ୍ତ  ଜଳାବତରଣ ଉତ୍ସବ ପାଇଁ । ସୁଦୂର ଦକ୍ଷିଣର ସୁଦକ୍ଷ ନାବିକ, ଶ୍ରୀଲଙ୍କା ଦ୍ୱାରା ତାଲିମ୍‌ପ୍ରାପ୍ତ ମଗଧର ନୌସେନା କଳିଙ୍ଗର ଶକ୍ତି ସହିତ ସମକକ୍ଷ । କଳିଙ୍ଗ ରାଜଧାନୀରେ ମଗଧର ରାଜଦୂତ ବନ୍ଧୁତ୍ୱ ସମ୍ପର୍କ ବଜାୟ ରଖିଛନ୍ତି । ଗୁପ୍ତଖବର ଠିକ୍ ସମୟରେ ପହଞ୍ଚାଉଛନ୍ତି । କଳିଙ୍ଗ ସୀମାନ୍ତରେ ଉପଦ୍ରବ ପାଇଁ କଳିଙ୍ଗର ମହାରାଜ ମଗଧକୁ ସନ୍ଦେହ କରୁଥିଲେ ମଧ୍ୟ ମଗଧ ଆକ୍ରମଣର କୌଣସି ସୂଚନା ନାହିଁ । କଳିଙ୍ଗର ବହୁ ଅର୍ଥ ବ୍ୟୟ ହେଉଛି, ବିଦ୍ରୋହ ଦମନପାଇଁ । କଳିଙ୍ଗ ସାଗରରେ ମଗଧ ବଣିକ ଉପରେ କଳିଙ୍ଗାମାନଙ୍କର ଉପଦ୍ରବ ବୃଦ୍ଧି ପାଉଛି । ଅତ୍ୟଧିକ ଶୁଳ୍କ ଦେଇଦେଇ ସେମାନେ ଅତିଷ୍ଠ । ଏହାର ପ୍ରତିକାର ପାଇଁ ମଗଧର ବଣିକ ଗୋଷ୍ଠୀ  ନିବେଦନ କରିଛନ୍ତି । ମହାରାଜ ସବୁ ଶୁଣି ନୀରବ ରହିଲେ ଉପଯୁକ୍ତ ସମୟ ଆସିବା ଯାଏ ।

ମଧୁମୟ ଦାମ୍ପତ୍ୟ ଜୀବନ ମଧ୍ୟରେ ବିଭୋର ଥିଲେ, ଅଶୋକ ଓ ପଦ୍ମାବତୀ । ବିବାହ ବାର୍ଷିକୀରେ ଅଶୋକଙ୍କୁ ପଦ୍ମାବତୀ ପଚାରିଲେ, ‘ମହାରାଜ୍ ! କହୁଥିଲେ ସିଂହଳର ମହାରାଜା ଆମ ବିବାହ ବାର୍ଷିକୀକୁ ମୂଲ୍ୟବାନ୍ ମଣିମୁକ୍ତା ହାର, ପାଟଶାଢୀ, ବହୁମୂଲ୍ୟ  ଅଳଙ୍କାର, ସ୍ମାରକୀସବୁ ପଠାଇଥିଲେ । ଆମ ବିବାହ ବାର୍ଷିକୀ ଦୁଇଦିନ ପରେ ପଡିବ । କେବେ ପହଞ୍ଚିବ ସିଂହଳର ଉପହାର ? ଅଶୋକ ଧୀର କଣ୍ଠରେ କହିଲେ, ରାଣୀ ! ମୁଁ ଚିନ୍ତିତ, କିଛି ଅଘଟଣ ଘଟିଛି କି ? ଦୁଇଦିନ ମଧ୍ୟରେ ସିଂହଳର ବାଣିଜ୍ୟପୋତ ସହ ମଗଧର ବଣିକମାନେ ତାମ୍ର ଲିପ୍ତ ବନ୍ଦରରେ ପହଞ୍ଚିବେ ।

ମହା ସମାରୋହରେ ପାଳନ କରିଥିଲେ ଅଶୋକ ଓ ପଦ୍ମାବତୀ ବିଳାସମୟ ବିବାହ ବାର୍ଷିକୀ । ପହଞ୍ଚି ନ ଥିଲା ସିଂହଳର ମଣିମୁକ୍ତା ଉପହାର । ସାନ୍ତ୍ୱନା ଦେଇଥିଲେ ମହରାଜ୍, ଖୁବ୍ ଶୀଘ୍ର ପହଞ୍ଚିଯିବ । ପରଦିନ ଅଶୋକଙ୍କୁ ଦୂତ ଜଣାଇଲେ, ‘ମହାରାଜ୍ ! ସର୍ବନାଶ । ସିଂହଳର ଉପହାର କଳିଙ୍ଗର ନାବିକମାନେ ଲୁଣ୍ଠନ କରି ସାଗର ଗର୍ଭରେ ଜଳପୋତକୁ ବୁଡାଇ ଦେଇଛନ୍ତି’ । ଏହି ସମ୍ବାଦରେ ଅଶୋକ କ୍ରୋଧିତ ହେଲେ । ମନ୍ତ୍ରଣା କରୁଥିଲେ ଏହାର ପ୍ରତିକାର ପାଇଁ । କଳିଙ୍ଗ ସାଗରରେ କଳିଙ୍ଗର ଆଧିପତ୍ୟ ସହ ମଗଧର ସୀମାନ୍ତରେ ବିଦ୍ରୋହ ପାଇଁ କଳିଙ୍ଗ ଦାୟୀ । ସୀମାନ୍ତରେ ଚୋରାକାରବାର ବୃଦ୍ଧି ଫଳରେ ମଗଧର ବଣିକ ଗୋଷ୍ଠୀ ବିପୁଳ କ୍ଷତିର ସମ୍ମୁଖୀନ । ଗୁପ୍ତଚର ବୃତ୍ତିର ମିଥ୍ୟା ଅଭିଯୋଗରେ ମଗଧର ଆଠଜଣ  ବଣିକଦଳ ଫାଶିଦଣ୍ଡ  ପାଇଛନ୍ତି, କଳିଙ୍ଗରେ । କଳିଙ୍ଗର କାର୍ଯ୍ୟକଳାପ ନିନ୍ଦନୀୟ । ବର୍ଷେ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଛଳନା ନୁହେଁ ତ ଆଉ କ’ଣ ? ସେ ଗର୍ଜି ଉଠିଲେ । ମନେ ପଡୁଥିଲା ସେ ରାଜଦୂତ ଭାବେ କଳିଙ୍ଗର ରାଜସଭାରେ ପାଇଥିବା ଜଘନ୍ୟ ଅପମାନ । ଭାଗ୍ୟବଳରୁ ସେ ଫେରିଆସିଥିଲେ, ଫାଶିଖୁଣ୍ଟରେ ଝୁଲିବା ପୂର୍ବରୁ । ଗୁପ୍ତଚର ବୃତ୍ତି ଅଭିଯୋଗରେ ସେ ଯେଉଁଳି ନିର୍ଯ୍ୟାତିତ ହୋଇଥିଲେ, ତାହା ଭୁଲିବାର ନୁହେଁ । ସେଦିନ କଥା ମନେପଡିଲେ, ପ୍ରତିଶୋଧର ପ୍ରଳୟ ନିଆଁରେ ପୋଡିଯାଉଛି ପ୍ରାଣ, ପୋଡିଯାଉଛି ପ୍ରିୟତମାର ପ୍ରେମ, ପ୍ରତିଜ୍ଞା, ପୋଡିଯାଉଛି ଅବୈଧ ରାଜପୁତ୍ରର ପରିଚୟ । ଓଃ ! କି ନିଷ୍ଠୁର ସେଦିନର ଦୁଃଖଦ ସ୍ମୃତିସବୁ । ଏଣିକି କ୍ରମାନ୍ୱୟରେ ମଗଧର ବାଣିଜ୍ୟତରୀ ଲୁଣ୍ଠନ ହେବାର ଖବର ରାଜଧାନୀ ପାଟଳିପୁତ୍ରରେ ପହଞ୍ଚୁଥିଲା । ଅଶୋକ କଳିଙ୍ଗର ରାଜଦୂତଙ୍କୁ ଡାକି ଏହାର ପ୍ରତିବାଦ କରିଥିଲେ । ବିନା ବିଚାରରେ କୌଣସି ତଦନ୍ତ ନ କରି ମଗଧର ବଣିକମାନଙ୍କୁ ଗୁପ୍ତଚର ବୃତ୍ତି ଅଭିଯୋଗରେ ମୃତ୍ୟୁଦଣ୍ଡ ଦିଆଯିବାରୁ କଳିଙ୍ଗର ଭର୍ତ୍ସନା କରିଥିଲେ ।

ମହାରାଜା, ମହାମନ୍ତ୍ରୀଙ୍କୁ ଡାକି କଳିଙ୍ଗ ଆକ୍ରମଣର କଳ୍ପନା କରୁଥିଲେ । ମହାମନ୍ତ୍ରୀ ମନ୍ତ୍ରଣା କକ୍ଷରେ ମହାରାଜାଙ୍କୁ  ଚିନ୍ତିତ ଦେଖି କହିଲେ, ମହାରାଜ୍ ! କେଉଁ କାର୍ଯ୍ୟପାଇଁ ଆପଣ ଉଦ୍‌ବିଗ୍ନ ? ମହାରାଜ୍ କହିଲେ,‘ମହାମନ୍ତ୍ରୀ ! ସକଳ ପ୍ରାପ୍ତି ମଧ୍ୟରେ ଅପ୍ରାପ୍ତି, ଅତୃପ୍ତ ଜୀବନର ଆଗ୍ନେୟ ଅଭିଳାଷ, ମୋତେ ଅସ୍ଥିର କରୁଛି । କଳିଙ୍ଗ ରାଜଦରବାରରେ ଯେଉଁ ଅପମାନ ତାହା ମୋ’ ହୃଦୟକୁ ଦଗ୍ଧ କରୁଛି କାଳ ବୈଶାଖୀର ବହ୍ନିଭଳି । କେବେ ସେ ସୁଦିନ ଆସିବ କଳିଙ୍ଗ ଅଧିକାର କରି ପିତା, ପିତାମହଙ୍କ ସ୍ୱପ୍ନକୁ ସାକାର କରିବାକୁ ? ମଗଧର ଶକ୍ତି ସମ୍ପର୍କରେ ତୁମର ମତାମତ କ’ଣ ?’ ମହାମନ୍ତ୍ରୀ ରାଧାଗୁପ୍ତ କହିଲେ, ‘ମଣିମା ! ମଗଧର ଶକ୍ତି କଳିଙ୍ଗର ସମକକ୍ଷ । ମଗଧର ନୌବହର ନିର୍ମାଣ ଶେଷ ହୋଇଛି । ନିର୍ଦ୍ଦେଶ ଦେଲେ ଜଳାବତରଣ ଉତ୍ସବ ଅନୁଷ୍ଠିତ ହେବ, ଗୋପନରେ । ଆଗାମୀ କୃଷ୍ଣପକ୍ଷରେ କଳିଙ୍ଗର ରାଜଧାନୀ ତୋଷାଳୀରେ ପ୍ରଜାତନ୍ତ୍ର ଉତ୍ସବ ମହା ସମାରୋହରେ ପାଳିତ ହେଲାବେଳେ ଜଳପଥରେ କଳିଙ୍ଗ ସାଗରର ଦକ୍ଷିଣରୁ ଅତର୍କିତ ଆକ୍ରମଣ କରି ରାଜଧାନୀ ଅଧିକାର କରିନେଲେ, କଳିଙ୍ଗର ମନୋବଳ  ଭାଙ୍ଗିପଡିବ । ଯୁଦ୍ଧରେ ବିଜୟ ଆମର ନିଶ୍ଚିତ । ଉପଯୁକ୍ତ ସମୟ ପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ପଡିବ । ବିଜୟ ପାଇଁ ଧୈର୍ଯ୍ୟ ଓ ସାହସ ଆମର ଶ୍ରେଷ୍ଠ ସମ୍ବଳ । ଅତର୍କିତ ଗରିଲା ଯୁଦ୍ଧଦ୍ୱାରା ବିଜୟ ସମ୍ଭବ । ନଚେତ୍ ସମ୍ମୁଖ ସ୍ଥଳଯୁଦ୍ଧ ଓ ଜଳଯୁଦ୍ଧରେ କଳିଙ୍ଗାଃମାନଙ୍କୁ ପରାଜିତ କରିବା ଅସମ୍ଭବ ।’ ଅଶୋକଙ୍କ ଓଠରେ ନିଷ୍ପତ୍ତିମୂଳକ ସୂଚନା । ଯୁଦ୍ଧ ପ୍ରସ୍ତୁତି ଶୀଘ୍ର ସମ୍ପନ୍ନ କର, ଗୋପନୀୟ ଭାବେ । ମହାମନ୍ତ୍ରୀ ରାଜକାର୍ଯ୍ୟରେ ଗୋପନୀୟ ଭାବେ ସମର ପ୍ରସ୍ତୁତି ପାଇଁ ଯୋଜନା କରିବାରେ ଲାଗିଲେ । କଳିଙ୍ଗର ପ୍ରଜାତନ୍ତ୍ର ଉତ୍ସବ ମାସେ କାଳ ଚାଲିଥିଲା । କଳିଙ୍ଗର ଘନ ଜଙ୍ଗଲ ପୂର୍ବ ପଶ୍ଚିମ ସୀମାନ୍ତରେ ଦୁର୍ଦ୍ଧର୍ଷ ଭିଲ୍‌ମାନେ ଯେପରି ଯୁଦ୍ଧରେ ଭାଗ ନ ନିଅନ୍ତି ସେଥିପ୍ରତି ବିପୁଳ ଅର୍ଥଦ୍ୱାରା ସେମାନଙ୍କୁ ବଶୀଭୂତ କରିଥିଲେ ।

ଗଙ୍ଗାନଦୀର ତଟଦେଶରେ ପଦଚାରଣ କରୁଥିଲେ ସମ୍ରାଟ ଅଶୋକ । ଅପରାହ୍ଣର ଆକାଶ ବିଲୋଳ ପ୍ରକୃତିର ଆଭାରେ ଆଲୋକିତ । ଅନନ୍ତ ନିଳିମା ତଳେ ପକ୍ଷୀକୁଳର କୂଜନ, ଅଦୂରରେ

ମସ୍ୟଧରାଳୀଙ୍କର କର୍ମମୁଖର ଜୀବନଧାରା, ମନ୍ଦ ମନ୍ଦ ଗନ୍ଧବହର ସୁଗନ୍ଧ ସମ୍ଭାର । ରାଜୋଦ୍ୟାନରୁ ଅନନ୍ତ ଆକାଶ ଯାଏ ଚାହିଁ ରହିଥିଲେ ମୌନ ମୁଦ୍ରାରେ । ହୃଦୟର ଅପୂର୍ବ ଆଲୋଡନ । କଳିଙ୍ଗ ବିଜୟପାଇଁ ତାଙ୍କର ଜୀବନବ୍ୟାପୀ ତପସ୍ୟା । ତାଙ୍କ ଧମନୀରେ ନିନ୍ଦା, ଅପମାନର ରକ୍ତକଣିକା ତାଙ୍କୁ ଧିକ୍କାର କରୁଥିଲା । କଳିଙ୍ଗର ରାଜଧାନୀରେ ରାଜଦୂତ ଭାବେ କାର୍ଯ୍ୟକରି ସେ ଗୁପ୍ତଚର କାର୍ଯ୍ୟ ଅଭିଯୋଗରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିଲେ । ମୃତ୍ୟୁ ପୂର୍ବରୁ ପ୍ରିୟତମା କାରୁବାକୀଙ୍କଠାରୁ ରାଜମୁଦ୍ରିକା ନେଇ ଯେପରି ଚୋରଭଳି ପଳାୟନ କରିଥିଲେ, ସେକଥା ମନେ ପଡିଲେ ଶିହରୀ ଉଠିଲା ତାଙ୍କର ପୌରୁଷଦୀପ୍ତ ପ୍ରାଣ । କ୍ରୁରହସର ଧାର ଲାଖି ରହିଥିଲା ଓଠରେ । ଦିଗ୍‌ବଳୟକୁ ଚାହିଁ ମନେପକାଉଥିଲେ ମହୋଦଧିର ମାୟାକୁ, ପ୍ରିୟତମାର ସ୍ମୃତିକୁ । ମଗଧ ସୀମାରେ 'ଅବିଜିତମ୍ କଳିଙ୍ଗ' ହୃଦୟ ସାମ୍ରାଜ୍ୟରେ 'ଅବିଜିତମ୍ କାରୁବାକୀ ' । ପ୍ରାଣଦପି ପ୍ରିୟ କଳିଙ୍ଗର ମଧୁସ୍ମୃତି ତାଙ୍କୁ ଯେଉଁଭଳି ମୁଗ୍ଧ କରୁଥିଲା ସେପରି କ୍ଷୁବ୍ଧ କରୁଥିଲା । କଳିଙ୍ଗ ଯୁଦ୍ଧ ସମ୍ପର୍କରେ କଳନା କରୁଥିଲେ ସେ, ଯୁଦ୍ଧ ତିନିମାସ ଲାଗିବ ବୋଲି । କଳିଙ୍ଗ ବିଜୟ ହେବ ତାଙ୍କ ଜୀବନର ସର୍ବଶେଷ ବିଜୟ । ଜଣେ ବୌଦ୍ଧ ସନ୍ନ୍ୟାସୀ ଭବିଷ୍ୟତ ବାଣୀ କରିଥିଲେ, ''ଦିନେ ଅଶୋକ ସମଗ୍ର ଭାରତର ମହାମହିମ ସମ୍ରାଟ୍ ହେବ, ମହାନ୍ ସନ୍ନ୍ୟାସୀ ହେବ'' । ଜୀବନରେ ଉଚ୍ଚ ଅଭିଳାଷକୁ ବଞ୍ଚାଇ ରଖିଥିଲେ ବୌଦ୍ଧ ସନ୍ନ୍ୟାସୀ । ନଚେତ ଯୁବରାଜ ଓ ୧୦୦ ଭାଇଙ୍କ ମଧ୍ୟରୁ ସେ ଆଜି ବିଶାଳ ମୌର୍ଯ୍ୟ ସାମ୍ରାଜ୍ୟର ସିଂହାସନ ଆରୋହଣ କରିନଥାନ୍ତେ ? କେଉଁ ମହାନ୍ କାର୍ଯ୍ୟ, ମହତ୍ ଉଦ୍ଦେଶ୍ୟ ପାଇଁ ସେ ବଞ୍ଚି ରହିଛନ୍ତି ? ସେ ଜାଣନ୍ତି ନାହିଁ ।

ପ୍ରେରଣାଦିଏ ନାରୀ । ମୋ ଭାଗ୍ୟରେ ତାହାହିଁ ଘଟିଥିଲା । ସେ ଥିଲେ ଚରମ ସ୍ୱାଧୀନତା ପ୍ରିୟ, ସମ୍ମାନ ପ୍ରିୟ, ଖଣ୍ଡାଧାର ଭଳି ଦୁରନ୍ତ ଅଭିମାନରେ ଝଟକୁଥିବା ଗିରିଶୃଙ୍ଗର ସ୍ନିଗ୍ଧ ତୁଷାରକାନ୍ତି । ସେ ଆଖି ଦୁଇଟା ଥିଲା ଶ୍ୟାମଳ ସୁନ୍ଦର ତନୁବଲ୍ଲରୀର ସର୍ବଶ୍ରେଷ୍ଠ ସମ୍ପଦ । ରସମୟ ଲାବଣ୍ୟର ନଈଭଳି କାବ୍ୟମୟ ଶ୍ୟାମଳ ସ୍ୱର୍ଣ୍ଣିମ ଦେହ, ଦିବ୍ୟ ଦେହ, ଦିବ୍ୟ ସୁନ୍ଦର ଦେହ, ଦେବକନ୍ୟାର ଦେହ, ଅମୃତ କଳସ ଦେହ, ସ୍ୱର୍ଗ ସୁନ୍ଦର ଦେହ, ଭୂସ୍ୱର୍ଗ ସୁନ୍ଦର ଦେହ, ସୁନ୍ଦର ସର୍ବସ୍ୱ ଦେହ, ସ୍ୱର୍ଣ୍ଣପ୍ରଭାର ଦେହ, ସଦ୍ୟ ଫୁଟନ୍ତା ପଦ୍ମ ପାଖୁଡାଦେହ, ସପ୍ତମ ଋତୁର ଦେହ, ଦୀପ୍ତ କନକ ଦେହ, କନକ ପ୍ରଭାତ ଦେହ, କନକ କବିତା ଦେହ, କନକ ଚମ୍ପା ଦେହ, କନକ କଦମ୍ବ ଦେହ, କନକ କାଦମ୍ବିନୀ ଦେହ, କାବ୍ୟଲୋକର ଦେହ, ସେ ଦେହର ଦେବୀ, ପୂଜାରିଣୀ ସେ । ପ୍ରଣାମ ସେ ଦେହକୁ, ଦେହଶିଳ୍ପୀକୁ, ଶିଳ୍ପୀସ୍ୱପ୍ନକୁ, ତାର ସର୍ଜନାକୁ, ସର୍ଜନ ଶକ୍ତିକୁ । ଦେବଶିଳ୍ପୀର କୋଣାର୍କ ସେ ଦେହ, କାରୁକାର୍ଯ୍ୟର କରିସ୍ମା ସେ ଦେହ, ସକଳ ସୌନ୍ଦର୍ଯ୍ୟର ଗନ୍ତାଘର ସେ ଦେହ । ସେ ଦେହର ଦିବ୍ୟ ବିଭବ କୋମଳ କୃଷ୍ଣସାର ଆଖି,ଐଶ୍ୱର୍ଯ୍ୟ ଉଜ୍ଜ୍ୱଳ ଆଖି । ତା ଭିତରେ ଥିଲା ଅସମ୍ଭବ ଶକ୍ତି, ମହାଶକ୍ତିର ଅନନ୍ତ ଉଚ୍ଛ୍ୱାସ । କୃଷ୍ଣଘନ ଭଳି ଢଳଢଳ ଦୁଇ ଦିବ୍ୟଆଖି ଭିତରେ ମୁଁ ଦେଖୁଥିଲି ଅଖଣ୍ଡ ଭାରତର ସ୍ୱପ୍ନ, ସିନ୍ଧୁନଦୀର ସ୍ୱର୍ଣ୍ଣିମ ଊର୍ମି ଉଚ୍ଛ୍ୱାସ, ପଦ୍ମାର ନୀଳ ଧବଳ ଜଳରାଶି, ହିମାଳୟର ବ୍ୟାପ୍ତି ଦିଗ୍‌ବଳୟର ଦୀପ୍ତି, ମହୋଦଧିର ମାୟା, ମହାନଦୀର ଶୁଭ୍ରମର୍ମର ଜଳଧାରା, ଆକାଶବ୍ୟାପୀ ଅଖଣ୍ଡ ନୀରବତା, ଆକାଶଗଙ୍ଗାର ସ୍ନିଗ୍ଧ ସୌନ୍ଦର୍ଯ୍ୟ, ଜହ୍ନ, ତାରାଫୁଲର ମହୋତ୍ସବ, କେତେବେଳେ ରଙ୍ଗ ବୋଳୁଥିଲା ମାଟିରେ, ମହକ ଖେଳୁଥିଲା ପବନରେ, ମୁଁ ଜାଣିପାରୁ ନ ଥିଲି । ଏକ ମହାଭାବରେ



ମଗ୍ନ ମୋହିତ ମୋର ତନୁମନ ମୋତେ ମେଘାଛନ୍ନ କରିରଖିଥିଲା । ତନ୍ଦ୍ରାଚ୍ଛନ୍ନ କରି ରଖିଥିଲା । ସେ ଆଖିରେ ମାୟା ଥିଲା, ମମତା ଥିଲା, ସ୍ୱପ୍ନ ଥିଲା ମୋ ସର୍ଜନା ପ୍ରାଣକୁ ମନ୍ତ୍ରମୁଗ୍ଧ କରି ରଖିଥିଲା । ପ୍ରଣାମ ସେ ଆଖିକୁ , ପ୍ରଣାମ ପାର୍ଥିବ ତନୁର ପ୍ରୀତିକୁ । ଦିବ୍ୟା ଦେବୀ ଭଳି ସେ ମୋତେ ଦେଖୁଥିଲେ । ମୁଁ ଜାଣିଥିଲି ସେ ମାୟା ଅଳୀକ, ସେ ମମତା ଅତୁଟ, ସେ ସ୍ୱପ୍ନ କ୍ଷଣ ଭଙ୍ଗୁର । ସବୁ ଜାଣି ବି ମୁଁ ନିଜକୁ ସମ୍ଭାଳି ପାରିଲି ନାହିଁ । ଆତ୍ମଝାସ ଦେଲି ସେ ଆଖିରେ, କରୁଣାର ଆଲୋକରେ, ଅନନ୍ତ ଅନୁରାଗରେ, ସ୍ନେହ ଚପଳ ଆକର୍ଷଣରେ । ମୁଁ ଯେପରି ତାର ମାୟାରେ ଚଳଚଞ୍ଚଳ ଥିଲି , ଅଦୃଷ୍ଟ ଇଙ୍ଗିତରେ ପରିଚାଳିତ ହେଉଥିଲି । ମତେ ଗଢିବାକୁ ଯେପରି ସେ ପାର୍ଥିବ ସୁଖ, ସମ୍ପଦ ତ୍ୟାଗକରି ଦୁଃଖ,କଷ୍ଟ ଅସହାୟ ଜୀବନକୁ ବାଛିନେଇଥିଲେ । ତାଙ୍କ ଆଖିରେ ଲୁହ ଦେଖିଲେ, ଦୁଃଖରେ ବତୁରା ମୁହଁ ଦେଖିଲେ ମୋର ଅନ୍ତର ଆତ୍ମା ଉଚ୍ଛନ୍ନ ହୋଇଉଠୁଥିଲା । ତାଙ୍କ ଓଠରେ ହସ ଫୁଟେଇବାକୁ ମୁଁ ଯେପରି ହିମାଳୟର ଆହ୍ୱାନକୁ ଗ୍ରହଣ କରିଥିଲି ଭାବିଲେ ବିସ୍ମିତ ହୁଏ । ସେ ଥିଲେ ଦେବକନ୍ୟା ଦୈବୀଶକ୍ତିର ଅଧିକାରୀ । ତେଣୁ ଦୁଃଖ ଥିଲା ତାଙ୍କର ଚିର ସହଚର । ସେଇ ଦୁଃଖରେ ଲହୁ ଲୁହାଣ ହୋଇ ମୁଁ ଜୀବନର ସାର୍ଥକତା ଅନୁଭବ କଲି । ସତ୍ୟର ଆଲୋକରେ ଉଦ୍‌ଭାସିତ ହେଲା ମୋର ଆତ୍ମା । ଈଶ୍ୱରଙ୍କ ସଂସାରରେ ତାଙ୍କର ଇଚ୍ଛାକୁ ସମ୍ମାନଦେଇ ବଞ୍ଚିରହିଲି । ସଫଳ ହେଲି । ମୋ ସଫଳତାର ରହସ୍ୟ ସେ । ରହସ୍ୟମୟ ଲାଗୁଛି ମୋ ଜୀବନର ଘଟଣାବଳୀ । ତାସ ମୁଠାର ପତାଭଳି କେତେ ରଙ୍ଗର, କେତେ ଚିତ୍ରିତ ଛବି, ସବୁ ଭିନ୍ନଭିନ୍ନ । ଦୁଃଖସୁଖର ଲୁଚକାଳି ଭଳି ଜୀବନର ଅନୁଭବ କେତେ ଜୀବନ୍ତ, ଆଗ୍ନେୟ, ଅବିସ୍ମରଣୀୟ ।

ମୋ ପରି ଅସ୍ତିତ୍ୱଶୂନ୍ୟ ମଣିଷପାଇଁ ସେ ଯେମିତି ଜନ୍ମ ହୋଇଥିଲେ । ମତେ ଜୀବନ୍ୟାସ ଦେଇଥିଲେ । ସ୍ୱପ୍ନ ଦେଖାଇଥିଲେ, ସଂଗ୍ରାମୀ ଜୀବନର ସ୍ୱପ୍ନ, ଲଢୁଆ ସ୍ୱପ୍ନ । ମୁଁ ମୋହଗ୍ରସ୍ତ ଥିଲି । ତାଙ୍କର ଅଭିମାନ ଥିଲା, ଅନୁରାଗ ଥିଲା, ଥିଲା ଅପ୍ରତିହତ ଆଗ୍ନେୟ ଆହ୍ୱାନ । ଦୁଇ ଦିବ୍ୟଆଖି ଉପରେ କୃଷ୍ଣ ଭ୍ରୂଲତା ଯେମିତି ଦୀପ୍ତିମାନ ସେମିତି ଦୁର୍ବାର । ଜଣେ ଦୁର୍ଦ୍ଧର୍ଷ ସେନାପତିର ଆଖିରେ ସେ ଯେମିତି ମୋତେ ଦେଖୁଥିଲେ ଖୁବ୍ ନିକଟରେ ।

ମୁଁ ଖୁବ୍ ଛୋଟ ଦିଶୁଥିଲି । ଗୋଟାପଣେ ଥରୁଥିଲି । ତାଙ୍କ ପାଖରେ ମତେ ସେ କେବେ ଛୋଟକରି ଦେଉ ନଥିଲେ । ତାଙ୍କ କଥାରେ, ଚାହାଣିରେ ଅଦ୍ଭୁତ ଶକ୍ତି ଥିଲା, ମୁଁ ଟାଣି ହୋଇଯାଉଥିଲି । ହାତଛୁଆଁ ପଦେ କଥାରେ ମୁଁ ପ୍ରକୃତିସ୍ଥ ହେଉଥିଲି । ଅସୀମ ଶକ୍ତିର ସ୍ପର୍ଶ, ବିଜୟୀ ସେନାପତିର ରୋମାଞ୍ଚ, ସ୍ନେହର ଶିହରଣରେ ଅପହଞ୍ଚ ଲକ୍ଷ୍ୟ ସବୁ ମୋ ହାତ ମୁଠାରେ, ମୁଁ ଯେମିତି ଅନୁଭବ କରୁଥିଲି । ସେ ଥିଲେ ମହିୟସୀ, ମହିମାମୟୀ, ଚିର କରୁଣାମୟୀ, ଚିର କଲ୍ୟାଣୀୟା । ଗଙ୍ଗୋତ୍ରୀଭଳି ପବିତ୍ର, ଗଙ୍ଗାଭଳି ପ୍ରବହମାନ ଯାହାଙ୍କ ଧୈର୍ଯ୍ୟ, ଧୀମତ୍ତାର ପଟ୍ଟାନ୍ତର ନାହିଁ । ଯାହାଙ୍କର ଦୁର୍ବାର ପ୍ରେରଣା ଓ ପ୍ରାଣଶକ୍ତି ମତେ ସାଫଲ୍ୟ ମଣ୍ଡିତ କରିଛି, ମୋର ଦୁର୍ବଳ ବ୍ୟକ୍ତିତ୍ୱକୁ ପରଶମଣି ପରି ଶୁଦ୍ଧ ସୁବର୍ଣ୍ଣର କଠିନ ସ୍ପର୍ଶ ଦେଇଛନ୍ତି, କ୍ଷମା ସୁନ୍ଦର ଜୀବନର ଜୟଗାନ କରିଛନ୍ତି, ତାଙ୍କୁ ସଜାନା ପ୍ରାଣର ପ୍ରଣାମ-ସମର୍ପିତ ପ୍ରାଣର ପ୍ରଣାମ । ସେ ଆଖି ଦେଇଛି ମତେ କଳାଶକ୍ତି ଦିବ୍ୟପରିଚୟ, ତା' ଲାଗି ପ୍ରାଣର କଷ୍ଟ ଜୀବନଠୁ ମରଣ ବିଜୟ । ଯିଏ ମତେ ସରସ ସୁନ୍ଦର କରି ସଜେଇଛନ୍ତି, ଯୌବନର ମୁଗ୍ଧ ଅନୁଭବରେ ଆତ୍ମବିଭୋର କରିଛନ୍ତି, ମୋ ସହିତ ନୀରବରେ ଦୁଃଖସୁଖ ବାଣ୍ଟିଛନ୍ତି, ନାରୀଶକ୍ତି,

ନାରୀତ୍ୱର ଜୟଗାନ କରିଛନ୍ତି, ନାରୀଭାବରେ ମତେ ମୁଗ୍ଧ କରିଛନ୍ତି, ସେଇ ପ୍ରାଣ ସର୍ବସ୍ୱ ପ୍ରିୟତମା ପାଖରେ ଚିରଋଣୀ । ତାଙ୍କ ପାଇଁ ମୋ ପ୍ରାଣର ପ୍ରୀତି ପୁଷ୍ପାଞ୍ଜଳି ।

ତାଙ୍କ ଜୀବନର ଚଲାପଥରେ ଛାଇଭଳି ଲାଗିରହିଥିଲା ପରମ କଲ୍ୟାଣୀୟା, କଳିଙ୍ଗକୁମାରୀ କାରୁବାକୀ । ଆଲୋକ ବର୍ତ୍ତିକା ଭଳି ଯିଏ ତାଙ୍କୁ ଦେଇଥିଲେ ସ୍ନେହ, ପ୍ରେମ, ଆଲୋକ, ଉଷ୍ମତା, ଯେ ବାଣ୍ଟିଥିଲେ କୈଶୋରରେ କିଶୋରୀ ପ୍ରାଣର ନିର୍ମଳ ନିଷ୍ପାପ ସ୍ନେହ । ଆଦ୍ୟ ଯୌବନରେ, କୁଆଁରୀ ମନର ମାନ, ଅଭିମାନ, ପ୍ରୀତିର ସପନ, ଅସରା ଅସରା ଲୁହ । କେବେ ସନମାନ, କେବେ ଅପମାନ ଆହ୍ୱାନ ଦେଇ ପାଦେ ଲୋଟୁଥିବ, ଭିଡ଼ି ଧରୁଥିବ, ଦେଇ, ଦେବାଦେବୀ ରାଣ । କହିବିନି ଆଉ କଡ଼ାକଥା କେବେ, କହି କାନ୍ଦୁଥିବ କରୁଥିବ କେତେ ପଣ । ସୁନାଟା ମୋହର, ଛାଡ଼ିଯାଅ ନାହିଁ, କେତେକଥା ସହି, ରଖିଛି ଜୀବନ, ଛାଡ଼ିଗଲେ ମତେ ଛାଡ଼ିଯିବ, ମୋର ପ୍ରାଣ । ତମକୁ ମୋ'ରାଣ, ରଖମୋର ମାନ, ଦିଅ ଯେତେ ଅପମାନ । ତୁମ ମୁହଁ ଚାହିଁ ବଞ୍ଚିଛି ଏଯାଏ, ଜାଣେ, କେହିନୁହଁ କେହିନୁହଁ । ଏଇ ଦେଖ' ଆଖିଲୁହ, ଜାଣେନି କେମିତି ବଞ୍ଚିଛି ଧରିମୁଁ, ଅକାଳେ ଉଜୁଡା ଦେହ । ତୁମ ଆଖିଓଠ, କୁହୁକରେ ଭରା, କେମିତି ଜାଣିବି, ତୁମେ ଯେତେବେଳେ ଛୁଅଁ । ଦେହ, ମନ,ପ୍ରାଣ ଟାଣି ହୋଇଯାଏ, ତୁମେ ଯେତେବେଳେ କୁହ, କଣ' ମୁଁ ତୁମର କେହି ନୁହଁ ? ମୁଁ ତୁମର କେହି ନୁହେଁ ? ତୁମ ଆଖିଲୁହ ପିଇପିଇ, ମରିବି ବୋଲି ମୁଁ ମରି ପାରିଲିନି, ପ୍ରୀତିବୋଲି କିଛି ଜାଣି ପାରିଲିନି, ସେତ ଅଲିଭା ଜଳନ୍ତା ଜୁଇ । କେବେ ଡ଼ରାଉଛି, କେବେ କୋଳାଉଛି, ହୋଇମୋର କଳାଛାଇ । ସାତ ସପନରେ, ନୀତି ନୀରବରେ, ନାଲିକଇଁ ଭଳି, ଯାଏ ନାଚିନାଚି ଛୁଇଁ । ନିବିଡ଼ ପ୍ରୀତିରେ, ଲାଜ ସରମରେ, ହସୁଥିବ ଚାହିଁଚାହିଁ । ଏତେ ଭଲପାଏ, ''ଭଲପାଏ ବୋଲି'' ମତେ କେବେ କହିନାହଁ । ଜାଣେନି କେମିତି ଝୁରୁଛି ଏ ପ୍ରାଣ, ତା'ର ପ୍ରୀତିରେ ବିଭୋର ହୋଇ । ପ୍ରୀତିରେ ବିଭୋର ହୋଇ । ମିଳନ ନଈର ଦୁଇକୂଳ ଛୁଇଁ ନୀରବେ ଯାଉଛି ବହି । ନୀରବେ ଯାଉଛି ବହି । ଯୌବନରେ ଯିଏ ସଜଫୁଟା ଫୁଲ, ମହକ ବାଣ୍ଟିଛି, ମିଠା ସପନର ରଙ୍ଗ ବୋଳିଛି, କବିତା ଲେଖିଛି ସରସ ପ୍ରୀତିର ସ୍ପର୍ଶଦେଇ । ମାଟି ଆକାଶର ମିଳନ କବିତା, ରଙ୍ଗତୂଳୀରେ ରମ୍ୟ ରୂପ ତା, ଫୁଟିଛି ପ୍ରାଣର ସ୍ପର୍ଶପାଇ, ଫୁଟିଛି ପ୍ରାଣର ସ୍ପର୍ଶପାଇ । ମିଳନ ଆକୁଳ ଆଖିରେ କବିତା, ଓଠରେ ବ୍ୟାକୁଳ ପ୍ରାଣର ବାରତା, ଅପାଶୋରା ତାର, ଚିର କୁମାରୀ ପ୍ରାଣର ପ୍ରୀତି । ପ୍ରୀତି ନୁହଁ ପ୍ରତିଶକ୍ତି ପରିଚୟ, ଜାଣିବାକୁ ଯାର, କଠିନ ପ୍ରାଣର ପଣ, ମାଗିଛି ପଣତ ପାତି । ଧନ୍ୟ ହେ ପ୍ରାଣସଖୀ, ଧନ୍ୟ ତୁମରି ପ୍ରୀତି, ଯା'ଲାଗି ମିଳନ 'ଜୀବନ ମରଣ ଗୀତି' । ଯା'ଲାଗି 'ଜୀବନ ମହାମିଳନର ଗୀତି ' ।

ଅଶୋକ ଜୀବନରେ ରାଜା ହେବା ଅସମ୍ଭବ ଥିଲା । ଭାଗ୍ୟ ବଳରେ ତାହା ସମ୍ଭବ ହୋଇଥିଲା । ଠିକ୍ ସେହିପରି କଳିଙ୍ଗାଃକୁମାରୀ କାରୁବାକୀର ଜୀବନଧାରା । ଧୀବର କନ୍ୟା ରାଜପରିବାରରେ ପାଳିତା ରାଜକୁମାରୀ ଯାହାର ବଂଶ ପରିଚୟ ଅଜ୍ଞାତ ତେବେ ତାର ପ୍ରଜ୍ଞା, ପ୍ରତିଭା, ବ୍ୟକ୍ତିତ୍ୱରୁ ସ୍ପଷ୍ଟ, ତାର ପିତାମାତା ସାଧାରଣ ପ୍ରଜା ନ ଥିଲେ । କୌଣସି ରାଜା ସଦ୍ୟଜାତ ଶିଶୁକୁ ରାସ୍ତାରୁ ଆଣି ରାଜ ପରିବାରରେ ପାଳନ କରିବା ଅସମ୍ଭବ । କଳାବତୀ ରାଜାଙ୍କ ଗୋପନ ପ୍ରୀତିର ସ୍ତବକଟିଏ ଯାହାର ଜନ୍ମ ସମୟରେ ପ୍ରିୟତମାର ମୃତ୍ୟୁ, ବ୍ୟଥିତ କଳିଙ୍ଗରାଜା ତାର ଲାଳନ



ପାଳନର ସମସ୍ତ ଦାୟିତ୍ୱ ଗ୍ରହଣ କରିଥିଲେ । ଜଣେ ସାଧାରଣ ଝିଅ ପକ୍ଷରେ ପ୍ରବାସୀ ବଣିକଙ୍କ ସହ ପଳାୟନ ସମ୍ଭବ କିନ୍ତୁ ରାଜକୁମାରୀ ପକ୍ଷେ ଅସମ୍ଭବ । ଏଥିରୁ ସ୍ପଷ୍ଟ କାରୁବାକୀ ଥିଲେ ରାଜକୁମାରୀ । କଳିଙ୍ଗର ମୌସୁମୀ ଜଳବାୟୁରେ ବଢ଼ିଥିବା ରାଜକୁମାରୀର ରଙ୍ଗଥିଲା ଶ୍ୟାମଳ,ସ୍ୱଚ୍ଛ,ସ୍ପର୍ଶକାତର । ଯୌବନରେ ଅପୂର୍ବା ଦିଶୁଥିଲେ । ଶ୍ୟାମଳ ଲାବଣ୍ୟରେ ଲୋଭନୀୟା । ବର୍ତ୍ତୁଳ ମୁଖମଣ୍ଡଳ, ପୁଷ୍ପଗୁଚ୍ଛିତ ଦୋଳିତ ଲମ୍ବିତ ଘନକୃଷ୍ଣକେଶ, ହୃଦୟର କଥାକୁ, ବ୍ୟଥାକୁ କଳାତ୍ମକ ଭାବେ ପ୍ରକାଶ କରିବାରେ ପରିପକ୍ୱ ପ୍ରାଣୋଚ୍ଛଳ ଦୁଇ କୃଷ୍ଣକମଳ ଆଖି । ଲାବଣ୍ୟ ଲଳନା ପ୍ରୀତିର କବିତା ଦେଇଛି ବିଭୋରେ ଲେଖି । ଯୌବନରେ କେଉଁ କବିର କୋମଳ ହୃଦୟ ନଯିବ ଲାଖି ? ପ୍ରୀତି ପିପାସାରେ, ମିଳନ ଆଶାରେ, ପ୍ରାଣ ଲୋଡୁଥିବ ପ୍ରାଣସଖୀ । କାହିଁ ଜହ୍ନ ? କାହିଁ କଇଁ ? ମିଳନର ଗୀତି ଗାଉଥିବ ବେଳାଭୂଇଁ । ବିରହୀ ପରାଣ ଛୁଇଁ, ଦୂରେ ବହୁଦୂରେ ଚାହିଁ ଚାହିଁ । ସେହି ଆଖିରୁ, ଆଲୋକ ଅମୃତ ଧାରା, ଆସୁଥିବ ଝରିଝରି । ଅତୁଳ ସୁଷମା ସ୍ନେହ ସରାଗରେ କିଣିନେବ କ୍ଷଣେ ପ୍ରିୟତମ ମନ, ହୃଦୟ ନିମିଷେ ଭରି । ସ୍ନେହବୋଳା କଥା କହୁଥିବ ହାତଧରି । ଜନମେ ଜନମେ ପାଇଛି ଯାହାକୁ କିଏ ହେବ ତାର ସରି ? କିଏ ହେବ ତାର ସରି ? ନିନ୍ଦା ଗାଳି ସହି ବଞ୍ଚିଛି ଗରବେ ମରଣ ପାରିନି ମାରି । ଅକାଳେ ଦେଖିଲେ କେତେ ଆଶଙ୍କାରେ ପରାଣ ଉଠଇ ଥରି । ସେତ କାଳଜୟୀ, କଳାଶକ୍ତି ଲାଗି ପ୍ରିୟକବି ହାତଧରି । ସେତ ଜହ୍ନରାତି,ସ୍ମୃତି ଯାର ପ୍ରୀତି ଚନ୍ଦନ ମହକ ପରି । କିଏ ସେ ଭୁଲିଛି କୁମାରୀ ଆଖିର ଲୁହ । ଯେତେ ନାହିଁ ନାହିଁ କୁହ । ପ୍ରଣାମ ।

ଅନାବିଳ ଦୁଇ ଘନକୃଷ୍ଣ ଆଖି, ଘଞ୍ଚ ଭ୍ରୂଲତାର ସ୍ୱାଗତ ତୋରଣ ତଳେ, କୃଷ୍ଣକାନ୍ତ କୋଣାର୍କର କମନୀୟ କାନ୍ତିଭଳି ଢଳଢ଼ଳ, ସମୁଜ୍ଜ୍ୱଳ, ସ୍ୱପ୍ନପ୍ରବଣ । ଯା'ର ଚାହାଣିରେ ଚରିନ୍ତନ ପ୍ରୀତିର ପାର୍ବଣ, ଚିରବସନ୍ତର ଋତୁ, କୁମାରୀ ପ୍ରାଣର ଚପଳତା, ଚପଳା ପରି ଚଞ୍ଚଳତା । ଦୁଇଆଖି ଭିତରେ ଦୂରଦିଗନ୍ତର ଦୀପ୍ତି, ବିଶ୍ୱ ବ୍ରହ୍ମାଣ୍ଡର ବ୍ୟାପ୍ତି, ସାଗରର ଗଭୀରତା, ଆକାଶର ନୀରବତା, ଆକାଶଗଙ୍ଗାର ଆଲୋକ ଉତ୍ସବ ଯେମିତି ଆକର୍ଷଣୀୟ, ସେମିତି ଅନାହତ, ଅପ୍ରତିହତ, ଅଦୃଶ୍ୟର ଉଷ୍ଣ ଆଲିଙ୍ଗନ । ମିଳନ ଆଶାରେ ଉଚ୍ଛନ୍ନ, ପ୍ରଶାନ୍ତ, ପ୍ରମତ୍ତ, ପ୍ରସନ୍ନ, ପ୍ରୀତିପୂର୍ଣ୍ଣ । ଅପୂର୍ବ ସେ ଆଖି । ଅପୂର୍ବାର ଆଦ୍ୟ ପରିଚୟ ପରି ଅପାଶୋରା ଅବିସ୍ମରଣୀୟା । ଦିବ୍ୟ ଜଳଧାରା ଭଳି, ସ୍ୱଚ୍ଛ ସଳିଳପୂର୍ଣ୍ଣ ହ୍ରଦ ଭିତରେ ପ୍ରତିବିମ୍ବିତ ଉର୍ଦ୍ଧ୍ୱମୁଖୀ ବନପର୍ବତର ସବୁଜଶ୍ରୀ । କେଉଁଠି ମେଘର ଫସଲ, ଦିଗବଧୂର ପଟୁଆର, ସ୍ୱୟମ୍ବରାର ସ୍ୱୟମ୍ବର, ସୁନ୍ଦରୀଙ୍କ ଶୋଭାଯାତ୍ରା । କାନ୍ତକୋମଳ କମନୀୟ, ଲାବଣ୍ୟ କମଳ ପରି ଲୋଭନୀୟ ସେହି ଆଖି । ସର୍ଜନର ବର୍ଣ୍ଣାଢ଼୍ୟ ପ୍ରକାଶ, କଳା ସର୍ଜନାର ବର୍ଣ୍ଣ ବିଳାସ । ରାଜବଧୂର ସକଳ ବିଭବରେ ବିଭବାନ୍ୱିତ ତାର ଦେହ, ତାର ଦୃଷ୍ଟି, ଦିବ୍ୟ । ଅସୀମାର ସ୍ପର୍ଶଭଳି, ଅନନ୍ତର ଆକର୍ଷଣଭଳି, ଅପୂର୍ବାର ପ୍ରକାଶଭଳି ପ୍ରାଣସ୍ପର୍ଶୀ । ସ୍ୱର୍ଗୀୟ ସୁରମ୍ୟ ସୁଷମା ସର୍ବସ୍ୱ । ସେହି ଆଖି ଶିଳ୍ପୀପ୍ରାଣର ଶ୍ରେଷ୍ଠ ପ୍ରକାଶ । ସର୍ଜନପଣର ବିଭବ ବିଳାସ, କବି ଆତ୍ମାରେ ଯାଇଛି ଏଭଳି ମିଶି । ଲକ୍ଷେ କୋଣାର୍କ କଳାସୁଷମାକୁ ଏକାଠିକରି ମୁଁ ନିମିଷେ ପାରୁନି ବସି । ସ୍ନେହବୋଳା କଥା ମିଠା ଚାହାଣିରେ ଦେଇଛି ହସି । ଭୁଲି ମୁଁ ଯାଇଛି ଜୀବନ ଯାତନା ଏକାକାର କରି ଦିବସ,ନିଶି । ସେହି ଆଖି, ମିଠା ସକାଳର ପହିଲି କିରଣ, ପ୍ରୀତି ପରଶରେ ଉଷ୍ଣ, ଅରୁଣ, ଦେଖିଛି ନୀରବେ ଆକାଶଗଙ୍ଗାର

ଛବି । ଲୋଭନୀୟ  ଦୁଇ ଲଜ୍ଜା ଅବନତ କୃଷ୍ଣଡ଼ୋଳାରେ ନିରେଖି ନିମିଷେ, ପଢୁଛି କବିତା, ପ୍ରୀତିରେ ପାଲଟି କବି, ପ୍ରୀତିରେ ପାଲଟି କବି । ଦେଖିଲି ଯେବେମୁଁ କୁମାରୀ ଦେହର ଦିବ୍ୟସୁନ୍ଦର ଛବି, ଅସରା ଅସରା ରଙ୍ଗ ତୂଳୀରେ ସାରି ପାରିନାହିଁ  ଅପସରା ଭାବିଭାବି । ସେତ ଅପାଶୋରା, ପ୍ରୀତିର ପସରା, ବେସୁରା ରାଗିଣୀ, ଗୁଣୁଗୁଣୁ । ସ୍ୱପ୍ନସାଉଁଟା, ଜହ୍ନରାତିରେ ପ୍ରଣୟ ମନ୍ଦିରେ, ପାଦର ନୂପୁର ଝୁଣୁଝୁଣୁ ।

ସେହି ଆଖି, ଝରାଇ ଦେଇଛି କୁମାରୀ ଆଖିର ଅସରା ଅସରା ଲୁହ । ନୀରବେ ପିଇଛି ବିରହୀ ପ୍ରାଣର ବ୍ୟଥାରେ ବତୁରା କୋହ । ବିଜନ ବେଳାରେ ବ୍ୟାକୁଳ ଭାବରେ ପ୍ରିୟକଥା ଭାବି ଭାବି । ପ୍ରଣୟୀ ପ୍ରାଣର ଅଶ୍ରୁ ଢ଼ାଳିଛି କୁଣ୍ଢାଇ ଧରିଛି ଛବି । ନବବଧୂ ଆଶା, ସ୍ୱପ୍ନ ବିଭୋରେ ସରଗ ରାଇଜେ ଘୂରି । ବୁଲାଇ ନେବାକୁ ପ୍ରାଣ ପ୍ରିୟତମ ପ୍ରିୟ କବି ହାତଧରି । ପ୍ରୀତିର ତୃଷ୍ଣା' ପିଇଛି ନୀରବେ କାମନା କୃଷ୍ଣହୋଇ । କୃଷ୍ଣପ୍ରେମରେ ଲୁହ ପଖାଳିଛି, ଲୁହରେ ଲେଖିଛି 'କ୍ଷମା କରିଦେବ' କୃଷ୍ଣ ପ୍ରେମକୁ ଧ୍ୟାୟୀ । ସେ ଆଖି ଦେଇଛି ମତେ, କଳାଶକ୍ତି ଦିବ୍ୟ ପରିଚୟ । ବଞ୍ଚିବା ବଢ଼ିବା କଳା, ଜୀବନ'ଠୁ ମରଣ ବିଜୟ । ଏମିତି'ତ ଦିନ ନାହିଁ, ସେ ଆଖି ଦେଖୁନି ମତେ ଲୁଚିଛପି ଘୁରିଘୁରି ଚେତନାରେ ମୋର । କେତେ ଅଶ୍ରୁ ଅଭିମାନ, ଲାଜପ୍ରେମ ସମ୍ବୋଧନ, କଥାଦେଇ କଥା ରଖିବାର । କି ଭାବରେ ଆଶାସିକ୍ତ, ପ୍ରୀତିସିକ୍ତ, ନେତ୍ରାତିଥି ମୋର । ଜନ୍ମେ ଜନ୍ମେ ଲଭିବାକୁ ସ୍ନେହ,ପ୍ରେମ ସେଇ କୁମାରୀର । କେତେବେଳେ କୋମଳ କୁସୁମ କମନୀୟ ଫୁଲର ପାଖୁଡ଼ା, କେତେବେଳେ ତପ୍ତ ଲେଲିହାନ୍ କ୍ରୋଧପୂର୍ଣ୍ଣ କଡ଼ା । ଆଷାଢ଼ର ମେଘ ଭଳି ଅବାରିତ, ଅଶାନ୍ତ, ଉଚ୍ଛନ୍ନ, ସକାଳର ଖରାଭଳି ସ୍ୱତଃଉଷ୍ଣ, ପ୍ରଶାନ୍ତ, ପ୍ରସନ୍ନ । କେତେବେଳେ ମେଘଢ଼ଙ୍କା ଆକାଶର ଶୂନ୍ୟ ନୀରବତା, ଭୀତିପ୍ରଦ, ପ୍ରୀତିପଦ, ପ୍ରୀତିସ୍ନିଗ୍ଧା ସ୍ନେହ ଚପଳତା । ଚପଳ ମେଘର ଚାଲି ଚପଳାର ରିମ୍ ଝିମ୍ ସୁର, ଚପଳା ହରିଣୀ ଆଖି, ସେ ଆଖିରେ 'ପ୍ରୀତି ନିରନ୍ତର'। ସେ ଆଖି ଆଲୋକ ଧାରା ଅମୃତ ପରଶ, ଲଭିବାକୁ ଯୁଗଯୁଗ ବସି ବର୍ଷ ମାସ । ଆଲିଙ୍ଗନବଦ୍ଧ ଆଖି ଅଚୁମ୍ବିତ ଅଧରର ବାଣୀ, ବ୍ୟାକୁଳ ବିଭୋର ପ୍ରାଣ, ପାଖେ ଯେବେ ବସି, କହୁଥିବ ହୃଦୟର ରାଣୀ । ବସୁଥିବ, ହସୁଥିବ, ବାସୁଥିବ ମହମହ ହୋଇ, ତା ଆଗରେ ଚାଲିଗଲେ ଚାହୁଁଥିବ ଛୁଉଁଥିବ ମତେ ଚମକାଇ । ଦୁଃଖ ତାର ଅତି ଆପଣାର, ଭଲପାଏ ଏତେ ଗୋପନରେ, ଯାଚିଦେଲା ତାର ପରିଚୟ, ଜାଣି ମୁଁ ନଥିଲି ଯାହା ,ସାତ ଜନମରେ । ସେବେ'ଠୁ ଦୁଃଖ ମୋର ପ୍ରିୟ ହୃଦୟର ମାଳା, ମୁଁ କାହୁଁ ଜାଣିବି, 'ପ୍ରୀତିରେ ଏତେ କଷଣ' ଥିଲେ 'ପ୍ରୀତି କଳା' । ଏଡିକି' ମିଠା ଏ ପ୍ରୀତି, ଏଡ଼ିକେ' ପାରିବ ? ପ୍ରୀତିରେ ଏତେ କଷଣ କିଏ ବା ଜାଣିବ । କୃଷ୍ଣର ଶରୀର ଅବା ରାଧାର ବିରହ, ସହି କି ପାରିବ ପୀଡ଼ା ଲାଗୁଛି ସନ୍ଦେହ । ଧନ୍ୟ  ଜନମ, ଜୀବନ ମୋର ପ୍ରୀତିପୀଡ଼ା ଲାଗି, ନଭୋଗନ୍ତୁ ପ୍ରିୟଜନ ଭୋଗୁଛି ମୁଁ ସମସ୍ତଙ୍କ ଲାଗି । ପ୍ରୀତି କଷଣର ନାହିଁ ଆନ ପ୍ରତିକାର, ତା'ର ବିନା ସ୍ନେହ ପ୍ରେମ, ଦେହ ମନ ହୃଦ ମିଳନର । ସେଇ ଆଖି ଆଖିରେ ମହକ ଭରା, ମହକି ଉଠୁଛି ଜହ୍ନ, ଆକାଶ, ତାରା । ଦେଖିଛି ପ୍ରୀତିରେ, ସେ ଆଖିରେ ହାଲ୍କା ନୀଳ ଆକାଶର ଦିବ୍ୟ ତନୁକାନ୍ତି, ଶୁଭ୍ରଘନ ତୋରଣ ସ୍ଫଟିକ କି ସୁନ୍ଦର ବର୍ଣ୍ଣମୟ ରତ୍ନ ପନ୍ତିପନ୍ତି ।

କଳିଙ୍ଗ ଅଧିକାରର ସ୍ୱପ୍ନରେ ଉଚ୍ଚାଟିତ ତାଙ୍କର ପ୍ରାଣସଉା ଫାଲଗୁନର ଜହ୍ନଭଳି, ଜହ୍ନରାତିର ଜ୍ୟୋସ୍ନାଭଳି । ଆନନ୍ଦରେ ଅଧୀର । କାରୁବାକୀର ସ୍ନିଗ୍ଧ ସୌନ୍ଦର୍ଯ୍ୟରେ ମୁଗ୍ଧ ମହାରାଜ । ଦୀପ୍ତିମାନ ବଦନ କମଳର ବିମଳ ପ୍ରଭାରେ, ବିଭବାନ୍ୱିତ ବିଳାସରେ । କାରୁବାକୀ... କାରୁବାକୀ... ଆଃ.... ମଧୁଚ୍ଛନ୍ଦା ଭଳି ମୁଗ୍ଧ ମୋହିତ ରୂପ ଲାବଣ୍ୟରେ ,ରଣକଳାରେ, ଗୃହକର୍ମରେ ନିପୁଣ, ରାଜନୀତି, କୂଟନୀତି, ଧର୍ମ ଧାରଣାରେ, ବିଳାସ ଶୂନ୍ୟ ସରଳ ଜୀବନରେ, ଚାରୁକଳାର ଅପୂର୍ବ ପରିପାଟୀରେ ଅତୁଳନୀୟ । ନାରୀଭଳି, ନାରିକେଳ ଭଳି, ନଦୀଭଳି । ସୁନ୍ଦର ସୁଠାମ ସ୍ନିଗଧ ମାର୍ବଲର ମସୃଣ ସୁରମ୍ୟ କିଶୋରୀଟିଏ । ଏକୋଇଶିଟି ବସନ୍ତର ବନ୍ଦନାରେ ବିଭବମୟ କାରୁବାକୀର ବିପୁଳ ଶୋଭାରାଶି । ଅଖଣ୍ଡ ସୌନ୍ଦର୍ଯ୍ୟର ଅଧିକାରୀ । ବଦନ କମଳରେ ଚନ୍ଦ୍ରମଣ୍ଡଳର ଚିତ୍ତସ୍ପର୍ଶୀ ଜ୍ୟୋସ୍ନାଧାର, ଓଠଧାରେ ଆନନ୍ଦ ପ୍ରୀତିର ଗୀତି, କଟାକ୍ଷରେ କୃଷ୍ଣସାରର ଚାହାଣି, କୃଷ୍ଣମୟ ରଙ୍ଗ, ଆଖିରେ ଆଶାର ଆକାଶ, ପୃଥିବୀର ପ୍ରକାଶ, ପ୍ରକୃତିର ଅମଳିନ ହସ । ଓଠ, ଗ୍ରୀବା, ଦେହରେ ଲାବଣ୍ୟର ବହ୍ନି । କୃଷ୍ଣ କୁନ୍ତଳର ଦୋଳାୟମାନ ଗତିରେ, ପଦଯୁଗଳର ଛନ୍ଦୋବଦ୍ଧ ଚାଲିରେ । ସ୍ତନମଣ୍ଡଳର ଅପୂର୍ବ ଲାବଣ୍ୟରେ, ଲାସ୍ୟମୟ ପ୍ରକାଶରେ, ଲୋଭନୀୟ, କମନୀୟ, କଳାତ୍ମକ, କଞ୍ଚା ଆମ୍ବଭଳି, ପକ୍ୱ ପିଜୁଳି ଭଳି । ହୃଦୟ ସାମ୍ରାଜ୍ୟର ସମ୍ପଦକୁ  ସାଇତି ରଖିଲାଭଳି ସ୍ତନମଣ୍ଡଳର ଦର୍ପିତ ଦୁର୍ଗଦ୍ୱୟ ଅଗମ୍ୟ ଅଲଂଘ୍ୟ ଗୋପନୀୟ । ଓଠରେ ନବ କିଶଳୟର ଅରୁଣରାଗ ଅଧର ଅପୂର୍ବ ।

ସନ୍ଧ୍ୟା ଆଗମନରେ ଆଲୋକିତ ଅନ୍ତଃପୁରୀ । ରାଣୀ ପଦ୍ମାବତୀ ସମ୍ରାଟଙ୍କର ମୁଖମଣ୍ଡଳରେ ଚିନ୍ତା, ଅସ୍ଥିରତାର ଚିହ୍ନଦେଖି ଟାଣି ଧରିଥିଲେ । ମହାରାଜାଙ୍କୁ ଘରମଧ୍ୟରେ ଆବଦ୍ଧ ରଖି ତାରାଞ୍ଚିତ ଆକାଶର ରୋମାଞ୍ଚକୁ ରକ୍ତମାଂସ ସ୍ନାୟୁର ସମୁଦ୍ରରେ ଉପଭୋଗ କରିବାକୁ । ମହାରାଜ ଟାଣିହୋଇ ଯାଇଥିଲେ ପଦ୍ମାବତୀଙ୍କର ପ୍ରୀତିଦଗ୍ଧ ହୃଦୟକୁ  ଶାନ୍ତ, ଶୀତଳ କରିବାକୁ । ରାଣୀ ମା'ଙ୍କର ବହୁବନ୍ଧନୀରେ ବାନ୍ଧିହୋଇ ଯାଇଥିଲେ ନିବିଡ ଭାବରେ ଯେମିତି ନିମ୍ନଗା ନଦୀବନ୍ଧ ନିକଟରେ । ରାଣୀ ମା', ''ମହାରାଜା ଚିନ୍ତିତ କାହିଁକି, ସାମାନ୍ୟ ମଣିମୁକ୍ତାର ଉପହାର  କଳିଙ୍ଗ ସାଗରରେ ଲୁଣ୍ଠିତ, ହୋଇଯାଇଥିବାରୁ ?'' ଆପଣଙ୍କ ଚିନ୍ତା ମୁକ୍ତଲାଗି ମୁଁ ସମର୍ଥ । ଆମେ ମହୋଦଧି କୂଳରେ କିଛିଦିନ ବୁଲିଗଲେ କିପରି ହୁଅନ୍ତା ? ''କେବେ ବେଳାଭୂଇଁର ବାଲୁକା ଶଯ୍ୟାରେ ମନ୍ଦିର ତୋଳିବାରେ, ଝାଉଁବଣର ସାଇଁ ସାଇଁ ପବନରେ ହଜିଯିବାକୁ ତାରାମଣ୍ଡଳକୁ ଚନ୍ଦ୍ରମଣ୍ଡଳକୁ ଦିଗ୍‌ବଳୟର ଦୀପ୍ତିମଣ୍ଡଳକୁ ?  କେତେ ଆନନ୍ଦଦାୟକ ସୁଖମୟ ଲାଗୁଥାନ୍ତା ଜହ୍ନରାତିରେ ଏକାନ୍ତରେ ଉପଭୋଗ କରିବାକୁ ମହଦୋଧିର ମିଳନସୁଖର ବେଳାଭୂଇଁକୁ ? ନୀଳଚନ୍ଦ୍ରର ଉପତ୍ୟକାକୁ ? ଶୁଭ୍ର ରଜତ ରଶ୍ମିରେ ଜାଜ୍ୱଲ୍ୟମାନ ପ୍ରକୃତିର ପ୍ରୀତିସ୍ନିଗ୍ଧ ପ୍ରକାଶକୁ ? ଯେଉଁଠି କାବ୍ୟମୟ ଦିଶୁଥିବ ନୀଳ ଲହରୀର ଆନନ୍ଦ ନୀଳିମା । ବେଳାଭୂଇଁକୁ ଛୁଇଁ ଛୁଇଁ ସବୁଜ ସାବଜା ଶ୍ୟାମଳିମା । ତୁମେ ଆଉ ମୁଁ ଆଲିଙ୍ଗନ ବଦ୍ଧ ମୁଦ୍ରାରେ ହଜିଯାଇଥିବା ନିବିଡଭାବେ ନଗ୍ନ ନୀଳିମା ପରି, ନୀଳପଦ୍ମ ପରି ।

''ରାଣୀ ଜୀବନରେ ସୁଖର ଉପଲବ୍ଧି ଗତାୟୁର ପାଦଚିହ୍ନ ଭଳି । ପ୍ରାଚୁର୍ଯ୍ୟର ଚାରିକାନ୍ଥ ମଧ୍ୟରେ ଅବରୁଦ୍ଧ ହୋଇ ପଡିଛ ତୁମେ । ସ୍ୱାଧୀନତାର ଆଲୋକ ନଥିଲେ ଜୀବନ ବୃଥା । ମହୋଦଧିକୁ ବୁଲିଯିବାକୁ ମୋର ଅବଚେତନ ଇଚ୍ଛାକୁ ଉଜ୍ଜୀବିତ କରିଛ ତୁମେ । ଜାଣି ଖୁସିହେବ କଳିଙ୍ଗ ସାଗରରେ ମଗଧର ଅଧିକାର ପାଇଁ କଳିଙ୍ଗ ବିରୁଦ୍ଧରେ ସମର ପ୍ରସ୍ତୁତି ଚୁଡାନ୍ତ ରୂପ ନେଇଛି । କଳିଙ୍ଗ ବିଜୟର ଉପହାର ଦେଇ ତୁମକୁ ବୁଲାଇ ନେବି ମହୋଦଧିର ବେଳାଭୂମିକୁ ।''

''ମହାରାଜ, କଳିଙ୍ଗ ବିଜୟ କଣ ସମ୍ଭବ ? ଏକ ଶକ୍ତିଶାଳୀ ସ୍ୱାଧୀନ ପ୍ରଜାତନ୍ତ୍ରକୁ ମଗଧର ଶାସନାଧୀନ କରିବା କଣ ସମ୍ଭବ ? ଜଳଭାଗରେ ତଥା ବିଶାଳ କଳିଙ୍ଗ ସାଗରରେ ସେମାନଙ୍କ ଉପଦ୍ରବ, ସ୍ଥଳଭାଗରେ ସମର କୁଶଳ କଳିଙ୍ଗର ଶକ୍ତି ନିକଟରେ ମଗଧ ଶକ୍ତିର ତୁଳନା କଲେ ସଫଳତା ଆମ ସପକ୍ଷରେ ଯିବ । ମୋର ମନେ ହେଉଛି ସମ୍ମୁଖ ସମରରେ କଳିଙ୍ଗର ପରାଜୟ ଅସମ୍ଭବ । କଳିଙ୍ଗ ଏକ ଶାନ୍ତିପ୍ରିୟ ମହାନ୍ ଦେଶ । ପଡୋଶୀ ରାଜ୍ୟ ମଗଧ ସହିତ ସମ୍ପର୍କ ନିବିଡ । ଏପରି ସମୟରେ କଳିଙ୍ଗ ଅଧିକାର ପାଇଁ ଆପଣ କିପରି ନିଷ୍ପତି ନେଉଛନ୍ତି ? ମୋର ଇଚ୍ଛା ଆପଣଙ୍କ ସହିତ କଳିଙ୍ଗ ଯୁଦ୍ଧରେ ଅଶଂ ଗ୍ରହଣ କରିବାକୁ । କଳିଙ୍ଗ ସହିତ ସଂଗ୍ରାମ ପୂର୍ବରୁ ସମସ୍ତ ଘଟଣା ଓ ପୂର୍ବ ପ୍ରସ୍ତୁତିକୁ ଠିକଣାଭାବେ ଅନୁଧ୍ୟାନ କରିବା ଉଚିତ ।''

ମହାରାଜ : ରାଣୀ କଳିଙ୍ଗ ଯୁଦ୍ଧ ପାଇଁ ଭୟଭୀତ ହେବାର କାରଣ ନାହିଁ । କଳିଙ୍ଗ ଓ ସୁଦୂର କେରଳ ପୁତ୍ରମାନଙ୍କ ବ୍ୟତୀତ ସମଗ୍ର ଭାରତବର୍ଷ ମୌର୍ଯ୍ୟ ସାମ୍ରାଜ୍ୟର ଅଧିକାର ସ୍ୱୀକାର କରିଛନ୍ତି । କଳିଙ୍ଗ ବିରୁଦ୍ଧରେ ଯୁଦ୍ଧପାଇଁ ସମର ପ୍ରସ୍ତୁତି ଚୁଡାନ୍ତ ହୋଇଛି । କଳିଙ୍ଗ ବିରୁଦ୍ଧରେ ଯୁଦ୍ଧ ଘୋଷଣା ପାଇଁ ଅନେକ କାରଣ ଅଛି । ମଗଧର ସୀମାନ୍ତ ପ୍ରଦେଶରେ ଗରିଲା ଯୁଦ୍ଧ ଚଳାଇ କଳିଙ୍ଗ ଅବାଞ୍ଛିତ ବ୍ୟକ୍ତିମାନଙ୍କୁ ଗୁପ୍ତରେ ତାଲିମ୍ ଓ ଅର୍ଥ ଦେଉଛି, ମଗଧ ସାମ୍ରାଜ୍ୟର ଅସ୍ଥିରତା ପାଇଁ । ସିଂହଳର ମହାରାଜା ଆମର ବିବାହ ବାର୍ଷିକ ଉତ୍ସବକୁ ପଠାଇଥିବା ବହୁମୂଲ୍ୟ ମଣିମୁକ୍ତା ହାର, ସ୍ୱର୍ଣ୍ଣ ଅଳଙ୍କାର, ପାଟଶାଢ଼ୀ ଓ ଉପହାର ସବୁ କଳିଙ୍ଗ ସାଗରରେ ଲୁଣ୍ଠନ କରି ଶୂନ୍ୟ ଜଳପୋତକୁ ତାମ୍ରଲିପ୍ତ ପଠାଇଥିଲେ ଆମକୁ ଅପମାନ ଦେବାକୁ । ସିଂହଳ ଓ ମଗଧର ଶତ୍ରୁ କଳିଙ୍ଗ । କଳିଙ୍ଗ ସାଗରରେ ସେମାନଙ୍କର ଦୌରାତ୍ମ୍ୟ ଅସହ୍ୟ । ମଗଧର ବଣିକମାନେ ସେମାନଙ୍କୁ କର ଦେଇଦେଇ ଅତିଷ୍ଠ । ଅତ୍ୟଧିକ କରଦେଇ ନ ପାରିବାରୁ ମଗଧର ଜଳପୋତକୁ କଳିଙ୍ଗର ନାବିକମାନେ ବୁଡାଇ ଦେଉଛନ୍ତି ଧନରତ୍ନ ଲୁଟିକରି । ଏଭଳି ବର୍ବର କାର୍ଯ୍ୟ କଳିଙ୍ଗଠାରୁ ଆଶା କରାଯାଇ ପାରେନା । କଳିଙ୍ଗର ପ୍ରୋତ୍ସାହନରେ ବିଦେଶୀ ଜଳଦସ୍ୟୁମାନେ ତତ୍ପର । ମଗଧ ସାମ୍ରାଜ୍ୟର ଆପରାଧୀ ମାନେ ଚୋରା ବ୍ୟବସାୟରେ ଲିପ୍ତ ରହିଛନ୍ତି । ଯାହାଫଳରେ ମଗଧର ବଣିକ ଖଜଣା ଦେଇ ସେମାନଙ୍କ ସହିତ ପ୍ରତିଦ୍ୱନ୍ଦିତା କରିପାରୁନାହାଁନ୍ତି । ଏହିପରି କଳିଙ୍ଗ ଅଧିବାସୀଗଣ ବିପୁଳ ଧନସମ୍ପତ୍ତିର ଅଧିକାରୀ । ବହିର୍ବାଣିଜ୍ୟରେ ସେମାନଙ୍କର ଏକଚାଟିଆ ଅଧିକାର । କଳିଙ୍ଗ ସାଗରରେ ଅସମ୍ଭବ ଆଧିପତ୍ୟ ମଗଧ ସ୍ୱାର୍ଥ ବିରୋଧୀ । ତକ୍ଷଶୀଳା ବିଦ୍ରୋହ ପଛରେ କଳିଙ୍ଗର ଗୋପନ ଭୂମିକାକୁ ଅସ୍ୱୀକାର କରାଯାଇ ନପାରେ ? ସବୁଠାରୁ ଦୁର୍ଭାଗ୍ୟର କଥା, ରାଣୀ, କହିବି କହିବି ବୋଲି କହିପାରି ନାହିଁ ଲାଜ, ସଙ୍କୋଚ, ଅପମାନରେ, ଅଭିମାନର ଅଗ୍ନିକୁଣ୍ଡଳୀ ଭିତରେ ଅବରୁଦ୍ଧ ଅଶୋକ ତୁମର ଏବେବି ଦଗ୍ଧିଭୂତ ।

କଳିଙ୍ଗର ରାଜସଭାରେ ଯେଉଁ ନିଷ୍ଠୁର ଅପମାନ, ନିର୍ଦ୍ଦୟ ପ୍ରାଣଦଣ୍ଡ ଆଦେଶ ଓଃ ସେକଥା ମନେ ପଡିଲେ ହୃଦୟ ମୋର ଫାଟି ପଡୁଛି ଆଗ୍ନେୟ ଅପମାନରେ । ମୁଁ ଜଳୁଛି ସେହିଦିନ ଠାରୁ । ଅନେକ ଚେଷ୍ଟାକରି ମଧ୍ୟ ମୁଁ ଭୁଲି ପାରୁନି ଅପମାନର ଜ୍ୱାଳାକୁ । ଅଭିମାନର ଜ୍ୱାଳାମୁଖୀ ଯନ୍ତ୍ରଣାକୁ ।

ପ୍ରୀତିପ୍ରଦାୟିନୀ, ପ୍ରୀତିସ୍ୱଦା, ପ୍ରିୟମ୍ବଦା ରାଣୀ ପଦ୍ମାଙ୍କ କଣ୍ଠରେ ମଧୁର ପ୍ରୀତିର ନିବେଦନ । ''ମହାରାଜ ଆପଣଙ୍କ ହୃଦୟର କ୍ଷତ, ଅପମାନର ଜ୍ୱାଳାକୁ ପ୍ରଶମିତ କରିପାରିଲେ ପ୍ରାଣମୋର



ସାର୍ଥକ ହେବ ।'' ହୃଦୟ ଖୋଲି କୁହନ୍ତୁ ବ୍ୟଥାଭରା ହୃଦୟ ଗାଥାକୁ, ଅନ୍ତହୀନ ଅନ୍ତରର କ୍ଷତକୁ । ମୁଁ ଶୁଣିଛି ବହୁ ନିନ୍ଦା ଓ କୁତ୍ସିତ କାହାଣୀକୁ, ସତ୍ୟର ଅପଳାପକୁ । ବହୁ ଷଡଯନ୍ତ୍ରର ଶିକାର ହୋଇ ମଧ୍ୟ ଚକ୍ରାନ୍ତକାରୀଙ୍କ ଚକ୍ରବ୍ୟୂହ ମଧ୍ୟରୁ, ଫେରି ଆସିଛନ୍ତି ମୃତ୍ୟୁ ଗହ୍ୱରରୁ , କ୍ଷମତାର ବିଷ ବଳୟରୁ । ଦିନେ ସମ୍ରାଟ ହେବେ ଏହା ମୁଁ ଶୁଣିଛି ରାଜପରିବାର ଠାରୁ । ପିଲାଦିନେ ଜ୍ୟୋତିଷ ଭବିଷ୍ୟତ ବାଣୀ କରିଥିଲେ । ଅଶୋକ ଅଟକି ଯାଇ କହିଲେ'' ରାଣୀ, ମହାମହିମ ସମ୍ରାଟ କଥା ଶୁଣିଛନ୍ତି, ମହାମାନ୍ୟ ସନ୍ନ୍ୟାସୀ ହେବା କଥା ଜ୍ୟୋତିଷ ମଧ୍ୟ କହିଛନ୍ତି କାଳଚକ୍ରର କରାଳ ଚକ୍ରବ୍ୟୂହ ମଧ୍ୟରେ । ଜୀବନରେ ସେ ସୁଦିନ କେବେ ଆସିବ ? କ୍ଷମତାର ବିଷାକ୍ତ ବଳୟ, ରକ୍ତସ୍ନାତ କ୍ଷମତା ଯୁଦ୍ଧ, ଗୋପନୀୟ ଷଡଯନ୍ତ୍ରରୁ ମୁକ୍ତି ମିଳିବ, ମୁକ୍ତିର ମରାଳ ଭଳି ଜୀବନକୁ ଉପଭୋଗ କରିହେବ ପ୍ରକୃତିର ପ୍ରଶାନ୍ତ, ପବିତ୍ର ନିଳୟରେ, ଦିବ୍ୟାଦେବୀଙ୍କ ପରି କୋଳାହଳ ଶୂନ୍ୟ ପରିବେଶରେ ଶାନ୍ତି ସ୍ନିଗ୍ଧ ମଧୁମୟ ଜୀବନ । ନିଷ୍ଠୁରତାର ନିନ୍ଦା କାହାଣୀ ଆଜି କିମ୍ବଦନ୍ତୀ ,ଜନମୁଖରେ । ବନାଗ୍ନି ଭଳି ଜନରବରୁ ମୁକ୍ତି କାହିଁ ? ମୁଁ ଯେମିତି ଜନ୍ମ ହୋଇଛି ନିନ୍ଦା, ଅପମାନ, ନିଷ୍ଠୁରତା ନିର୍ଦ୍ଦୟତାର ଅବତାର ହୋଇ ! ଅନୁତପ୍ତ ଅଶୋକର ଅବହେଳିତ ପ୍ରାଣକୁ ସାନ୍ତ୍ୱନା ଟିକିଏ ଦେଇ ପାରିଲେ ପ୍ରାଣମୋର ବିଲୋଳ ଆନନ୍ଦରେ ପୁଲକିତ ହୋଇ ଉଠିବ ଘନକୃଷ୍ଣ ମେଘମାଳାରେ ବିଜୁଳିର ଝଲକ ଭଳି । ଅପଲକ ଆଖିରେ ପ୍ରୀତିର ପୁଲକ ଭଳି । ଜୀବନ ମୋର ଜୀବନ୍ତ ମୃତ୍ୟୁର ଏକ ଲୁଚକାଳି ଖେଳ, ସେଇ ଲୁଚକାଳି ଖେଳ ଭିତରେ ଲହୁ ଲୁହାଣ ହୋଇ ଏବେ ବି ବଞ୍ଚିଛି ଜନମୁଖରେ ଚଣ୍ଡାଶୋକ ହୋଇ । ଅଖ୍ୟାତ ଅଶୋକ ଆଜି ପ୍ରଖ୍ୟାତ ଚଣ୍ଡାଶୋକ ରାଜଦରବାରର ରକ୍ତସ୍ନାତ ପ୍ରାଚୀର ମଧ୍ୟରେ ।

କେଉଁଠୁ ଆରମ୍ଭ କରବି ସଖୀ ? ପ୍ରାଣର ବ୍ୟଥାକୁ କଥାକୁ ସାଇତିରଖିବ ତୁମେ ସ୍ମୃତିରେ । କରୁଣାର ଗଙ୍ଗାଭଳି ମତେ ଧୋଇଦିଅ । ପୁଣ୍ୟମୟ ହୋଇଉଠୁ ପ୍ରାଣ , ପୂର୍ଣ୍ଣମୟ ହୋଇଉଠୁ ଆତ୍ମାର ଦୀପ୍ତିମାନ ଜ୍ୟୋତିରେ । ପାଷାଣ ପ୍ରାଣରେ ଗଙ୍ଗୋତ୍ରୀର ଅନୁଭବ ମତେ ଉଦାର କରିଦେଉ । ଅନିସନ୍ଧିତ୍ସୁ ସନ୍ନ୍ୟାସୀଟିଏ କରିଦେଉ । କ୍ଷମତାର ବ୍ୟାଘ୍ର ପିଠିରେ କେତେଦିନ ? ଅନିଦ୍ରା ଜୀବନର ଶିକାର ହେବା ଅପେକ୍ଷା ହିଂସ୍ରତା ସହ ବଞ୍ଚିବାକୁ ଜୀବନ ମୋର ବିଧିନିର୍ଦ୍ଦିଷ୍ଟ । ମୁକ୍ତିର ପଥ ଖୋଜୁଛି କ୍ରାନ୍ତିର ପଥିକଟିଏ । ସେ ପଥ କେତେଦୂର ? କେବେ ଆସିବ ସେ ସୁଦିନ ? ତାରି ପ୍ରତୀକ୍ଷାରେ ଦିନ, ମାସ, ଋତୁ, ବର୍ଷସବୁ ବଦଳୁଛି କିନ୍ତୁ ମୋର ବଦଳିବାର ବେଳ କେବେ ଆସିବ ପ୍ରିୟତମା ?

ଅପୂର୍ବ ପ୍ରୀତିର ପରିପୂର୍ଣ୍ଣ ଚିରନ୍ତନ ସ୍ୱର୍ଗୀୟ ପ୍ରକାଶ । ସଦ୍ୟସ୍ନାତ ଦୂର୍ବାଦଳ, ସୂର୍ଯ୍ୟସ୍ନାତ ନୀଳୋତ୍ପଳ ସଦ୍ୟ ଫୁଟନ୍ତା ଫୁଲଭଳି, ଫେନୀଳ ଫାଲଗୁନ୍‌ର ଜ୍ୟୋତ୍ସ୍ନା ଭଳି ପ୍ରିୟମ୍ବଦାର ପ୍ରୀତି ମୁଖରିତ, ଉତ୍ସବ ମୁଖର ଅନୁରାଗମୟ ପ୍ରୀତପ୍ରାଣର କୋଣ ଅନୁକୋଣ । ଯାହାର କଟୀରେ ବେଳାଭୂମିର ବିଚୀମାଳା, କଟାକ୍ଷରେ କୃଷ୍ଣଘନର ଚପଳତା, କରପଲ୍ଲବରେ ଦୁଧ ଅଳତାର ବର୍ଣ୍ଣଛଟା, ତନୁବଲ୍ଲରୀରେ ଚିରବସନ୍ତର ବର୍ଣ୍ଣମୟ ବର୍ଣ୍ଣମାଳା, ତାରା ସ୍ମୃତିରେ ଆସକ୍ତ ଅଶୋକ । ପ୍ରୀତିରେ ନିଶାସକ୍ତ । ମରୁମୟ ଲାଗୁଥିଲା ମଗଧ । ମରୀଚିକାମୟ ଲାଗୁଥିଲା ମାଂସ ଫୁଲର ଅପହଞ୍ଚ ମହକ, ମୁଲକ । ମୋହମୟ ମୂର୍ତ୍ତ ମାନସରେ ଖେଳି ବୁଲୁଥିଲା ସୂର୍ଯ୍ୟମୁଖୀଭଳି ମାନସୀ ମଞ୍ଜରୀ, ସ୍ମୃତିମଧୁର ଫୁଲହୋଇ, ପ୍ରୀତିମଧୁର ପ୍ରଜାପତିହୋଇ । ଅସ୍ତବ୍ୟସ୍ତ ବିଷର୍ଣ୍ଣ ଅଶୋକ । ଗୋଧୂଳିର ବିଦୀର୍ଣ୍ଣ ଆକାଶଭଳି

ବ୍ୟଥାତୁର ଅଶୋକ । ହାରିଯିବାର ଭୟ କଳିଙ୍ଗଃର ଶକ୍ତି ପାଖରେ, କାରୁବାକୀର ପ୍ରୀତିପାଖରେ । ଝାପ୍‌ସା ଦିଶୁଥିଲେ । ମୁହଁସଞ୍ଜ, ମୁହଁଅନ୍ଧାରଭଳି । ଭାବନାରେ ବୁଡ଼ିଯାଉଥିଲେ ସୌଭାଗ୍ୟ ଯାହାର ଗର୍ବ । ଜନନୀ ଯାହାର ଗୌରବ । ଅସି ଯାହାର ଗରିମା, ତା ମାନସରେ ପରାଜୟର ପରାଭବ, ପ୍ରକୃତ ପରାଜୟର ବହୁପୂର୍ବରୁ, ପ୍ରୀତିଦଗ୍ଧ ପ୍ରାଣରେ ଯନ୍ତ୍ରଣା, ପ୍ରୀତିସ୍ନିଗ୍ଧ ପୁଲକ ପ୍ରାପ୍ତିରୁ ବଞ୍ଚିତ ହେବାର ବହୁପୂର୍ବରୁ । ଅସହ୍ୟ ସେ ପୀଡ଼ା, ପୋଡ଼ାଜଳା । ପ୍ରାଣାନ୍ତକ କାଳାନ୍ତକ । ଅସହ୍ୟ ସେ ଅପମାନ । ଅସହ୍ୟ ପ୍ରିୟତମାର ପ୍ରତ୍ୟାଖାନ ପ୍ରୀତିଦାନର ପ୍ରତିଦାନ । କଳିଙ୍ଗ ବିନା ମଗଧ ଯେମିତି ସଙ୍କୁଚିତ ହୋଇଯାଉଛି । କାରୁବାକୀ ବିନା ହୃଦୟ ସାମ୍ରାଜ୍ୟ ଯେମିତି ସୀମାରୁଦ୍ଧ ହୋଇଯାଉଛି ।

ସନ୍ଧ୍ୟା ଆକାଶରେ ରକ୍ତିମ ଆଭା ଅପସରି ଯାଉଥିଲା ଧୀରେଧୀରେ । ସନ୍ଧ୍ୟା ଆଗମନୀର ଅନ୍ଧାର ବାରିହୋଇ ପଡୁଥିଲା । ରାଜଉଦ୍ୟାନର ଏପାଖ ସେପାଖ ଘୂରିଘୂରି ଦେଖୁଥିଲେ ବିଚିତ୍ର ସୃଷ୍ଟିର ବୈଚିତ୍ର୍ୟମୟ ପ୍ରକୃତିକୁ, ପୃଥିବୀକୁ, ପ୍ରକାଶକୁ । ଗୋଟିକ ପରେ ଗୋଟିଏ ଫୁଟିଉଠିଲା ଅଗଣିତ ତାରାଫୁଲ । ନିବିଡ଼ ଅନ୍ଧାର ଭିତରେ ଆଲୋକର ପ୍ରକାଶ, ତାରାଞ୍ଚିତ ଆକାଶ ଭିତରେ ଆଶାର ରୋମାଞ୍ଚ କ୍ଷଣିକପାଇଁ ତାଙ୍କୁ ସ୍ତମ୍ଭୀଭୂତ କରିଦେଲା । ଜୀବନରେ ଅନେକ ଘାତ,ପ୍ରତିଘାତଦେଇ ସେ ବଞ୍ଚିଛନ୍ତି ବୁଦ୍ଧିବଳରେ, ଅସିବଳରେ, ମାତୃଶକ୍ତିର ଐଶୀ ଆଶୀର୍ବାଦ ବଳରେ । ପରାଜୟ ନ ଜାଣି ପରାଜୟ ଆଶଙ୍କାରେ ଅସ୍ଥିରହେବା ଅନୁଚିତ୍ ମନେକଲେ ସେ ନିଜକୁ ଭାଗ୍ୟବାନ ମନେକରି ମା'ଙ୍କର ଆଶୀର୍ବାଦ କାମନା କରୁଥିଲେ, ପୂର୍ବଜଙ୍କ ସ୍ୱପ୍ନକୁ ସାକାର ରୂପଦେବାକୁ, ମା'ମୁଖରୁ ଶୁଣିଥିବା ଜୈନସନ୍ନ୍ୟାସୀଙ୍କର ଭବିଷ୍ୟତ ବାଣୀକୁ ବାସ୍ତବତାରେ ପରିଣତ କରିବାକୁ । ମନେମନେ ଗର୍ବ କରୁଥିଲେ ସେ । ସେ ଦିନେ ମୌର୍ଯ୍ୟ ସାମ୍ରାଜ୍ୟର ମହାମହିମ ସମ୍ରାଟ ହେବେ । ଏଇ ଚିନ୍ତା ଓ ଚେତନା ତାଙ୍କୁ ଅସୀମ ଶକ୍ତି ଆଣିଦେଉଥିଲା । ବିପଦପୂର୍ଣ୍ଣ, ବିଷାଦଗ୍ରସ୍ତ, ଦ୍ୱନ୍ଦ୍ୱସଙ୍କୁଳ ମୁହୂର୍ତ୍ତମାନଙ୍କରେ ସିଦ୍ଧାନ୍ତ ସେ କରୁଥିଲେ । ସିଦ୍ଧି, ସାଧନାର ସାର୍ଥକତା ତାଙ୍କୁ ଭାଗ୍ୟବାଦୀ କରିଦେଇଥିଲେ । ସ୍ମିତ ହସିହସି ସେ ଫେରୁଥିଲେ ରାଜ ଉଦ୍ୟାନରୁ ।

■■



# ଶୈଶବ

ଶୈଶବ ଚିରସବୁଜ, ସୁନ୍ଦର । ସ୍ୱର୍ଗୀୟ, ଶୈଶବର ସ୍ମୃତି, ଅଭୁଲା ତାର ସ୍ୱର, ସ୍ୱରଲିପି, ଅଲିଭା ଅକ୍ଷରଭଳି, ଅନାବନା ଗୀତଭଳି । ଅଙ୍କାବଙ୍କା କଥା, ଓଠରେ, ଆଉଟୁପାଉଟୁ ଭାବ ଆଖିରେ, ଅନାବିଳ, ଅନୁରାଗମୟ । ଶୈଶବ, ଅରୁଣ ଉଷାର ସକାଳ, ଦରୋଟିଆ ଭାଷାର ସକାଳ, ଦରଫୁଟା କଢିର ସକାଳ, ସ୍ୱପ୍ନିଳ, ସ୍ୱର୍ଣ୍ଣିମ, ବର୍ଣ୍ଣମୟ,ବର୍ଣ୍ଣାଢ୍ୟ । ରସମୟ, ରସାଳ । ପ୍ରଭାତୀ ତାରାର ସ୍ନିଗ୍ଧ ନୀରବତା, ପ୍ରଭାତୀ ପକ୍ଷୀର ମୁଗ୍ଧ ଗୀତିକଥା, ଅରୁଣ ଉଷାର ଆଲୋକ, ଓଁଙ୍କାର ଧ୍ୱନି ବ୍ରହ୍ମମୟ ଚେତନାର କୋଣେକୋଣେ, ପବିତ୍ର, ପୁଲକିତ, ଦିବ୍ୟ ଦିବ୍ୟ ଦେବୋପମ ।

ଶୈଶବର ସ୍ମୃତି ଚିରନ୍ତନ । ଜୀବନର ସ୍ୱର୍ଗୀୟ ଅନୁଭବ । ଚିରସୁନ୍ଦର ସେ ସ୍ମୃତି, ଅନୁଭୂତି, ଆଇମା'ର ଅସରା ଗପର ପସରା ଭଳି ତାର ଶେଷ କାହିଁ ? ଯେଉଁଠୁ ଦେଖିଲେ ସୁନ୍ଦର ଦିଶୁଛି । ଯେଉଁଠୁ ଆଙ୍କିଲେ ଆନନ୍ଦ ଲାଗୁଛି, ପହିଲି ପ୍ରେମର ପ୍ରୀତିଭଳି, ଚିଠିଭଳି । ଗୀତଭଳି, ଦରଫୁଟା ଗଦ୍ୟଭଳି । ପ୍ରୀତିମଗ୍ନା ମୁଗ୍ଧା କିଶୋରୀର ପହିଲି ଶାଢୀପିନ୍ଧା ଦୃଶ୍ୟ ଭଳି । ପଣତଢଙ୍କା ନବବଧୂର ଛବିଭଳି । ଚହଲି ଚାହୁଁଥିବାର ଉଚ୍ଛୁରି ପଡିବାର ମୁହୂର୍ତ୍ତଏ । ଢଳଢଳ ଆଖିଓଠ ଉବୁଟୁବୁ ମନ କିଛି ନକହି କହିଦେବା, ନଛୁଇଁ ଛୁଇଁଦେବାରେ କଳକଳ ଛଳଛଳ ଭାବ । ନିର୍ମଳ, ନିଷ୍ପାପ ମୁହଁ । ମିଠାମିଠା ମୁଗ୍ଧ ନୀରବତା । ରସମୟ ରୋମାଞ୍ଚିତ, ପ୍ରୀତିସିକ୍ତ ସ୍ୱତଃ ଭାବୁକତା । ଅସୀମ ଉତ୍ସାହପୂର୍ଣ୍ଣ ଉଚ୍ଚାଟିତ ମନ, ଆନନ୍ଦ ଉତ୍ସବମୟ ଉଚ୍ଛ୍ୱସିତ ମନ, ଉତ୍ସୁକିତ ଆଖିରେ ଇସାରା ଉନ୍ମୀଳିତ, ଉନ୍ମନାଭାବ । ହୃଦୟର ଉଚ୍ଛୁଳା ସଙ୍ଗୀତ ମୁଗ୍ଧ କଳରବ । ଅବିରତ ସଞ୍ଜଠୁ ସକାଳ, କୃଷ୍ଣମୟ ଚେତନାରେ ନୀଳ । କେତେବେଳେ ଗଙ୍ଗୋତ୍ରୀ ଭଳି, ଗଙ୍ଗଶିଉଳିର ବାସ୍ନାଭଳି, ଗୋଧୂଳି ଆକାଶର ରଙ୍ଗଭଳି, ଆକାଶଗଙ୍ଗାର ଆଲୋକ ଉତ୍ସବ ଭଳି, ତାର ଆଦିଅନ୍ତ ନାହିଁ । ଦିଗନ୍ତଭଳି ଦୀପ୍ତ, ଦିବ୍ୟ ।

ଶୈଶବ ସ୍ୱର୍ଣ୍ଣିମ ସମ୍ଭାବନାର ଧାନକେଣ୍ଡା, ଧର୍ମଦାଣ୍ଡରେ ଧୂଳିଧୂସରିତ ବଡପଣ୍ଡା । ଭୟ, ଚିନ୍ତା, ଆଶଙ୍କାମୁକ୍ତ ଅନାବିଳ ଅନୁପମ । ଦାନ୍ତଉଠା ବୟସ ଏ । ଆଣ୍ଠୁପକା ବୟସ ଏ । ଦାନ୍ତ ଫାଙ୍କରେ ହସ । ଦରୋଟିଆ କଥା । ଅ ଅ...ଉ ଉ... ଓ ଓ.... ତା ତା....ଦା ଦା... ତାଇ ତାଇ... ଧି ଧି... ଦାଇ ଦାଇ... ପା ପା... ବାପା ବାପା... ବୁ ବୁ... ର ଚିହ୍ନାଚିହ୍ନା ସ୍ୱର । ଅବୋଧ

ଆପଣାର । ଭାବଗୁମ୍ଫିତ ଆଦି ମାନବର ଭାଷା । ଅସମ୍ଭବ ଯାହାର ପାଠୋଦ୍ଧାର । ଓଁଙ୍କାର ଭଳି ସ୍ୱରବର୍ଣ୍ଣର ବର୍ଣ୍ଣମାଳା ତାର ଓଠରେ ସ୍ୱର୍ଗୀୟ ସଙ୍ଗୀତର କମ୍ପନ । ଆଖିରେ ଅନନ୍ତ ଅଭୀପ୍ସା । ଆଲୋକର ଇସ୍ତାହାର ।

ଧୂଳିସାଉଁଟା କାରୁବାକୀର ଶୈଶବ, ଧୂଳିସାତ୍ ଅଶୋକର ଶୈଶବ, ଧୂଳିମାଟିରେ ସ୍ମୃତିସାଉଁଟା ପାଠକର ଶୈଶବ, ଲେଖକର ଶୈଶବ– ଏକ ଦିବ୍ୟ ଅନୁଭବ, ସ୍ୱର୍ଗୀୟ ଆନନ୍ଦର ଅନୁଭବ । ସେ ଅନୁଭବର ତୁଳନାନାହିଁ, କଳନାନାହିଁ । ସେ ଅନୁଭବରେ କ୍ଲାନ୍ତିନାହିଁ, କଳୁଷନାହିଁ । ଚିରକାଳ ପ୍ରୀତ, ପୀୟୂଷପୂର୍ଣ୍ଣ, ଅନନ୍ତ ଐଶ୍ୱର୍ଯ୍ୟମୟ, ଆନନ୍ଦମୟ, ଆଲୋକମୟ । ଧନ୍ୟ ଶୈଶବ । ଶିବଭଳି ନଗ୍ନ, ନୃତ୍ୟଚପଳ । ମଗ୍ନ ମିଳନମୁଖର । ଅନନ୍ତ ଅନ୍ୱେଷାପୂର୍ଣ୍ଣ, ଅନନ୍ତ ଅଭିଳାଷପୂର୍ଣ୍ଣ ସେ ଆଖି ଢଳଢଳ । ଛଳଛଳ । କାନ୍ତ, କୋମଳ ସମୁଜ୍ଜ୍ୱଳ । ପ୍ରଣାମ ଶୈଶବ ପ୍ରଣାମ । କଳିଙ୍ଗା ଜନନୀର କୋଳରେ ଶୈଶବ କଟିଛି । ବୋଉ ଆମ୍ବରସ ଭାତ, ମାଛଭାତ, ଦୁଧଭାତ ଖୋଇ ଦେଉଥିବେ, ଖେରସ ଗଛରେ ଚଢେଇ ଆସିଲାଣି, ଚଢେଇ ଉଡିଗଲେ କହି ଚଢେଇ ଖୋଜୁଥିବେ । ଖାଇଦେବ ଖାଇଦେବ, ଖାଇଦେ ଖାଇଦେ କହି ଗେଲକରୁଥିବେ । ରାଜକୁମାରର, ରାଜକୁମାରୀର, ପ୍ରଜାର, ପାଠକର, ଲେଖକର । ପ୍ରଣାମ ।

■■



# କାରୁବାକୀ

କାରୁବାକୀ, କଳିଙ୍ଗାଃକନ୍ୟା, କଳିଙ୍ଗର ମାଟି, ପାଣି, ପବନରେ ଯାହାର ପରିଚୟ ସେହି ସ୍ନେହ ଛଳଛଳ ଝିଅଟି ଚିରନ୍ତନ ମାନୁଷୀ ପ୍ରେମର ପାର୍ଥିବ ପରିଚୟଟିଏ । ଫଟୋଚିତ୍ରଟିଏ ଯାହାର ପ୍ରେମରେ ପ୍ରେମିକ ପୁରୁଷ ଅଶୋକ ଆତ୍ମଝାସ ଦେଇ ଦିବ୍ୟଜ୍ଞାନ ଲାଭ କରିଥିଲେ । ସେହି ମହାନ, ମହିୟସୀ, ବିଶ୍ୱବନ୍ଦନୀୟା, ବିଶ୍ୱକଲ୍ୟାଣୀୟାର ହୃଦୟ ବନ୍ଦନା ଲାଗି ସମର୍ପିତ ପ୍ରାଣରେ ପ୍ରୀତିମଗ୍ନ କଳିଙ୍ଗ କୁମାର, ରାଜକୁମାର ନୁହଁନ୍ତି 'ରାଜାଃ' ନୁହଁନ୍ତି କିନ୍ତୁ ଚେତନାରେ ଚିରନ୍ତନ ରକ୍ତମାଂସର ରାଜକୁମାର, ହୃଦୟରାଜ୍ୟର 'ରାଜାଃ' । କଳିଙ୍ଗାଃର ସ୍ମୃତି, ଶକ୍ତି, ଶୌର୍ଯ୍ୟ, ସାହସ ଯାହାର ରକ୍ତରେ, ଚେତନାରେ ଚଳଚଞ୍ଚଳ ତାର ପରିଚୟ ଏ ମାଟିର, ପାଣି–ପବନର, ଆକାଶ ଅନ୍ତରୀକ୍ଷର ଯାହାର ବ୍ୟାପ୍ତି ଅନନ୍ତ ବ୍ରହ୍ମରୁ ଅନନ୍ତ ବ୍ରହ୍ମାଣ୍ଡଯାଏ 'ପ୍ରେମର', ମାନବର ପ୍ରେମ, ଦିବ୍ୟ ହୃଦୟର ପ୍ରେମ, ଦିବ୍ୟଜ୍ଞାନପୂର୍ଣ୍ଣ ପ୍ରେମ, ଦିବ୍ୟଶକ୍ତିପୂର୍ଣ୍ଣ ପ୍ରେମ । 'ମରାମରା' ଶବ୍ଦଟିଏ ଦସ୍ୟୁ ହୃଦୟରେ ଦେବଶକ୍ତିର ଅବତରଣ ପରି, ସେ' ତ ଶରୀରଟିଏ । ସ୍ୱର୍ଗୀୟ ସୌନ୍ଦର୍ଯ୍ୟରେ ସୁଧାସିକ୍ତ, ସ୍ନେହସିକ୍ତ, ଚିରନ୍ତନ ଶକ୍ତି ଓ ପ୍ରୀତିର ପୁଷ୍ପିତ କଳିକାଟିଏ । ଯାହାର ରୂପରେ ହଜିଥିଲେ ରାଜକୁମାର, ଯାହାର ଆଖିରେ ଖୋଜୁଥିଲେ ନିଜର ପରିଚୟ । ରାଜକୁମାରୀର କୃଷ୍ଣକମଳ ଆଖିରେ ସ୍ନେହସିକ୍ତ, ସମ୍ମୋହନ ଓ ଚିର ପ୍ରୀତିସିକ୍ତ ସମ୍ବୋଧନ 'ରାଜାଃ' 'ରାଜାଃ' 'ରାଜାଃ' ତାଙ୍କ ହୃଦୟରେ ଅପୂର୍ବ କମ୍ପନ ସୃଷ୍ଟି କରୁଥିଲା । 'ରାଜାଃ' ରାଜକୁମାରୀ ଅଧରରେ, ଉନ୍ମୁକ୍ତ ଶବ୍ଦଟିଏ, ଶବ୍ଦଶକ୍ତିଟିଏ, ଯାହାର ତରଙ୍ଗରେ କମ୍ପନ ସୃଷ୍ଟି ହେଉଥିଲା । ଚେତନାର କୋଣ, ଅନୁକୋଣ ପ୍ରତିଧ୍ୱନିତ ହେଉଥିଲା । ଅନନ୍ତ ଆବେଗରେ ଆଉଟୁପାଉଟୁ କରି ଦେଉଥିଲା ଅନ୍ତର୍ନିହିତ, ଅନ୍ତଃପ୍ରାଣ ଶକ୍ତିକୁ । 'ରାଜାଃ' 'ରାଜାଃ' ଶବ୍ଦ, ଶବ୍ଦର ପ୍ରତିଶବ୍ଦ, ଶବ୍ଦଶକ୍ତି, ଶବ୍ଦଶକ୍ତିର ଗତି ଓଠରୁ ଅନନ୍ତ ବ୍ରହ୍ମାଣ୍ଡ ଯାଏ ଆଚ୍ଛନ୍ନ କରି ରଖିଥିଲା ମନକୁ, ଆତ୍ମାକୁ, ଚେତନାକୁ, କଳ୍ପନାକୁ । ବାଲ୍ୟକାଳରେ ସେ ଶୁଣିଥିଲେ ଜ୍ୟୋତିଷମାନେ କହୁଥିଲେ ସେ ଦିନେ ସମଗ୍ର ଭାରତ ବର୍ଷରେ ମହାରାଜା ବା ମହାସନ୍ନ୍ୟାସୀ ହେବେ । ଏଥିରେ ମଗଧର ରାଜପରିବାରରେ ଭୂମିକମ୍ପ ସୃଷ୍ଟି ହୋଇଥିଲା । ମହାରାଣୀଙ୍କର ବଡ଼ ପୁତ୍ର ସୁମନ୍ତ ଓ ଏକଶତ ପୁତ୍ର ଥାଉଥାଉ, ରାଜ ସିଂହାସନ ଆରୋହଣ କରିବ ମହାରାଜାଙ୍କ ରକ୍ଷିତା, ଧର୍ମାର ପୁତ୍ର ଅଶୋକ । ଶିଶୁର ଭବିଷ୍ୟତ ବାଣୀ ଭୟ ଆତଙ୍କର କଳାବାଦଲ ଢାଙ୍କିଥିଲା ମହାରାଣୀଙ୍କ ମନ

ଆକାଶରେ, କୃଷ୍ଣଜନ୍ମ ଶୁଣି କଂସର ମନ ମେଘାଛନ୍ନ ହେଲାଭଳି । ଶିଶୁ ଜୀବନ କେତେ ଅସହାୟ। ସନ୍ନ୍ୟାସୀର ଭବିଷ୍ୟତବାଣୀ କେତେ ବା ସତ ? ତଥାପି ଶିଶୁର ଜନ୍ମପ୍ରତି ପ୍ରାଣଘାତକ ଆଚରଣ ପ୍ରଦର୍ଶନ କରିଥିଲେ ମହାରାଣୀ । ବହୁ କୁଟିଳ ଚକ୍ରାନ୍ତର ଷଡଯନ୍ତ୍ର ରଚନା କରିଥିଲେ ନିଜପୁତ୍ରର ସିଂହାସନ ସୁରକ୍ଷିତ ରଖିବାକୁ । ତେବେ ବିନ୍ଦୁସାର ଥିଲେ ମୃତ୍ୟୁ ବିପକ୍ଷରେ । ତେଣୁ ଅଶୋକଙ୍କୁ ସନ୍ନ୍ୟାସୀ ପରି ବଞ୍ଚିବାକୁ ନିଃସ୍ୱଭଳି ଛାଡିଥିଲେ, ମଗଧରୁ ନିର୍ବାସନ ଦେଇ କଳିଙ୍ଗରେ । ଅଥଚ ସାନ ଭାଇ ବିତାଶୋକ ମା'ଧର୍ମାଙ୍କ ପାଖରେ ଧାର୍ମିକ ଜୀବନ ବିତାଇଥିଲେ, ଲଣ୍ଡିତ ମସ୍ତକରେ, ଧାର୍ମିକ ଜାତକ ବଳରେ ବଞ୍ଚିଥିଲେ । ସେ ରାଜା ହେବେ ନାହିଁ ଏହି ବିଶ୍ୱାସରେ । କାହାର ସନ୍ଦେହ ନ ଥିଲା ସାନଭାଇ ପ୍ରତି ।

ଆଜି ନିଜର ଜନ୍ମଭୂମି ମଗଧଠାରୁ, ଜନ୍ମଦାତ୍ରୀ ମା ଧର୍ମା, ପିତା ମହାରାଜ ବିନ୍ଦୁସାରଙ୍କ ଠାରୁ ବହୁଦୂରରେ ପଡୋଶୀ ରାଜ୍ୟରେ ନିଃସ୍ୱ, ନିରାଶ୍ରୟ ଭଳି ବଞ୍ଚିଥିବା ମାଲ୍ୟାଣୀ କୁଟୀରରେ ରାଜପରିବାରର ପରିଚୟ ନଥିବା ଅଶୋକର ସ୍ଥିତି, ଶୂନ୍ୟରୁ ନିମ୍ନ ? କ'ଣ ଅଛି ଧନ,ଜ୍ଞାନ, କ୍ଷମତା ? କାହିଁ ସେନା, ସୈନ୍ୟଶକ୍ତି ? କାହିଁ ରାଜ ପରିଚୟ ? ଶୂନ୍ୟ ସ୍ଥିତି ଯାହାର, ସେ କାହିଁକି ରାଜ ସିଂହାସନର ସ୍ୱପ୍ନ ଦେଖିବ ? କିନ୍ତୁ ଏ କଣ ? ରାଜକୁମାରୀର ସ୍ପର୍ଦ୍ଧିତ ସମ୍ବୋଧନ 'ରାଜାଃ', ସ୍ନେହସିକ୍ତ ଆଲିଙ୍ଗନ ତାଙ୍କୁ ଯେମିତି ଉଛନ୍ନ କରି ଦେଉଛି, ଅସମ୍ଭାଳ କରିଦେଉଛି ଯେମିତି 'ରାଜାଃ' ଶବ୍ଦଟିଏ ନୁହେଁ ସତ୍ୟଟିଏ । ସ୍ୱପ୍ନନୁହେଁ ଦୁରନ୍ତ ସମ୍ଭାବନାଟିଏ । ଆଶାର ଆଲୋକରେ ଅନ୍ତରାତ୍ମାକୁ ଆଲୋକିତ କରୁଥିବା ଅଲୌକିକ ଆମନ୍ତ୍ରଣଟିଏ । ରାଜକୁମାରୀ ପାଇଁ ସେ ରାଜା ହେବେ, ତାପାଇଁ ପରିଚୟଟିଏ ଲୋଡ଼ା ଯୋଗ୍ୟ ପ୍ରେମିକର, ପ୍ରାଣପ୍ରିୟତମର । ପୁରୁଷ ପୁଙ୍ଗବ ପୁରୁଷାର୍ଥର । ପରିଚୟ ହରେଇ ସେ ବଞ୍ଚିଛନ୍ତି କଳିଙ୍ଗରେ । ଜୀବନରେ ଆଉ କେତେବର୍ଷ ସେ ବେଶ୍ ଖୁସିରେ ବଞ୍ଚିପାରିବେ ବିନା ପରିଚୟରେ ? କଣ ହେବ ତାଙ୍କର 'ରାଜପୁତ୍ର'ର ପାର୍ଥିବ ପରିଚୟ ? କିନ୍ତୁ ରାଜକୁମାରୀ ? ତାର ପରିଚୟ 'ରାଜକୁମାରୀ', ଜ୍ଞାନ, ଧନ, କ୍ଷମତାର ଅଧିକାରୀ । ଅନେକ ରାଜକୁମାରଙ୍କ ଆଖି ତା ଉପରେ । ସେ ତ ଅନନ୍ୟା ରାଜକନ୍ୟାଟିଏ, ରକ୍ତମାଂସର ଅପୂର୍ବ କଳିକାଟିଏ । ତାର ଆଖି ଯେ କାହିଁକି ମୋ ଉପରେ ? ମୋ ପରି ପରିଚୟ ନ ଥିବା... ହୃଦୟ ତାଙ୍କର କାନ୍ଦୁଥିଲା... କଣ ଅଛି ତାଙ୍କର ନା ରାଜ୍ୟ ନା ରାଜସିଂହାସନ ନା ରାଜପ୍ରାସାଦ ନା ରାଜବିଳାସ...? ରାଜକୁମାରଙ୍କ ଲମ୍ବାଧାଡ଼ିରେ ତାଙ୍କର ସ୍ଥାନ କେଉଁଠି ? ଅସହାୟ ଅର୍ଜୁନଭଳି ନୁହେଁ ତ ଆଉକଣ ? ମାଛର ଆଖିକୁ ସେମାନେ ସିନା ଦେଖୁଥିଲେ, ତାଙ୍କୁ ଦେଖାଯାଉଛି ରାଜକୁମାରୀର ଆଖି । ଅପୂର୍ବ ଅନୁରାଗମୟ ଆଖି । କୃଷ୍ଣକଜଳ ଆଖି, କୃଷ୍ଣ କମଳ ଆଖି, ଆଖିର ଭୂଲତା, ଦୁଇ ଭୂଲତାର ମିଳନ ବିନ୍ଦୁରେ କୃଷ୍ଣ ବିନ୍ଦୁଟିଏ । ଉହୁଙ୍କି ଚାହୁଁଥିବା ଉଜ୍ଜ୍ୱଳ ଦିଶୁଥିବା ଅମ୍ଳାନ ଆହ୍ୱାନଟିଏ । ମାଛ ଆଖିରେ ଲାଖ ବିନ୍ଧିଲେ ହାତମୁଠାରେ ରାଜକୁମାରୀ । ଏଠି ରାଜକୁମାରୀର ଆଖିରେ ଶର ବିନ୍ଧିବାକୁ ରାଜକୁମାରୀ ଧରେଇ ଦେଇଛି ଶର, ଶିଖେଇ ଦେଇଛି ଧର୍ନୁବିଦ୍ୟା, ଲକ୍ଷ୍ୟଭେଦର କଳା କୌଶଳ । ଶର ତ ନୁହେଁ ଶବ୍ଦଟିଏ ''ରାଜାଃ'' । ଲକ୍ଷ୍ୟଭେଦ ନକଲେ ସର୍ବସ୍ୱ ହରାଇବାର,ରାଜକୁମାରୀ ନିଜହାତରେ ଅନ୍ଧ ହୋଇଯିବାର ଭୟ, ଆତଙ୍କଟିଏ । ତାଙ୍କୁ ଅନ୍ଧ ନକରି ଆଖିକୁ ଶର ମାରିବାର, ଲକ୍ଷ୍ୟ ଭେଦ କରିବାର ଆହ୍ୱାନ ଆଗରେ ସେ ମାପୁଥିଲେ ମୁଣ୍ଡ ଉପର ଆକାଶଠାରୁ ମାଟିର ଦୂରତା । କାହିଁ ଘୂର୍ଣ୍ଣାୟମାନ ମାଛ ଉପରେ ରାଜକୁମାରୀର ଆଖି, ଆଖିର ପ୍ରତିବିମ୍ବ ହୃଦୟର ପ୍ରେମପାତ୍ରରେ । ସେଠି ବିଫଳ ହେଲେ କ୍ଷତିନାହିଁ । ଏଠି ବିଫଳ ହେଲେ ରାଜକୁମାରୀ ନିଜହାତରେ ନିଜକୁ ଅନ୍ଧକରି ଦେବାର ଆତଙ୍କଟିଏ । ଏ 'ତ ମହାଭାରତ ନୁହେଁ ଯେଉଁଠି ସାଧାରଣ ମଣିଷକୁ ରାଜକୁମାରଙ୍କ ପରି ସୁଯୋଗ ଦିଆଯିବ । ଅନେକ ପ୍ରତିଯୋଗୀଙ୍କ ପ୍ରତିଦ୍ୱନ୍ଦ୍ୱିତା । ଏଠି ଏକକ ପ୍ରତିଯୋଗୀ, ନିଜର ପ୍ରତିଦ୍ୱନ୍ଦ୍ୱିତା ନିଜ ସହିତ । ରାଜକୁମାରୀର ଆଖି ଦେଖିଲେ ମନେ ହେଉଥିଲା କିଛି ଅସମ୍ଭବ ନୁହେଁ । ମୁହଁ ବୁଲେଇ ଛିଡ଼ାହେଲେ ଅନ୍ଧାର ଦିଶୁଥିଲା, ଇଚ୍ଛା ହେଉଥିଲା ରାଜକୁମାରୀର ଅଜାଣତରେ ଅନ୍ଧାର ଭିତରେ ହଜିବାକୁ, ନିଜର ଠିକଣା ହଜେଇ ଦେବାକୁ । ମୋର ଇଚ୍ଛା ଉପରେ ମୋର କେତେ ବା ଅଧିକାର ? ସେତ ଛଡେଇ ନେଇଛି କେଉଁଦିନରୁ ? କାଳେ ଅସହାୟ ହେବି, କଣ କିଛି କରିଦେବି, ଅନ୍ଧାରେ ହଜିଯିବି, ତା ଇଚ୍ଛାଆଗରୁ ଓହରିଯିବ ସେଇଥିପାଇଁ ସେ ଜଗେଇ ଦେଇଛି ତା ଆଖିକି, ଜାବୁଡି ଧରିଛି ମୋ ଛାତିକି । ସେ ବଞ୍ଚିବାକୁ ଚାହେଁ । ତାର ପରିଚୟ ଲୋଡା । ହଁ ପ୍ରେମରେ ପରିଚୟ କଣ ? ପ୍ରୀତି ସମ୍ମାନର ପରିଚୟ ପ୍ରିୟତମା । ପ୍ରୀତିମଗ୍ନାର ପରିଚୟ, ପ୍ରିୟତମ । ପ୍ରିୟତମର ସ୍ନେହ, ସାନ୍ନିଧ, ଅଡୁଆ-ଆକଟ କଥାସବୁ । ସେ ରାଜକୁମାରୀ । କଣ ଦେବ ମୋର ପରିଚୟ ? ପ୍ରିୟତମ ପାଖରେ ପ୍ରଚଣ୍ଡ ଅଭିମାନ, ସ୍ୱେଚ୍ଛାକୃତ ଆତ୍ମନିର୍ବାସନ । ତାକୁ ଉଦ୍ଧାର କରିବାର ଆଗ୍ନେୟ ଆହ୍ୱାନ । ବିନା ପରିଚୟରେ ସେ ଏତେକାଳ ବଞ୍ଚିଥିଲେ । ବାକିଦିନ ପାଇଁ ପରିଚୟ ଅଲୋଡା ଥିଲା । ଏ କ'ଣ ? ମୋ ଭାଗ୍ୟରେ ? ବିଭୋର ପ୍ରେମଭାବର ଏ କି ପରିଣତି ? ରାଜକୁମାରୀ ପାଇଁ ବଞ୍ଚିବାକୁ ପଡିବ । ତା ପାଇଁ ମୋର ପରିଚୟଟିଏ ଲୋଡା । ଛୋଟବଡ ପରିଚୟ ନୁହେଁ । କମ୍‌ବେଶି ନୁହେଁ । ପୂର୍ଣ୍ଣ ପରିଚୟଟିଏ ''ରାଜାଃ'' ଯେଉଁ ପ୍ରତ୍ୟୟ ସେ ଆଙ୍କି ଦେଇଛି ମୋ ଆଖିରେ, ଯେଉଁ ପରିଚୟ ସେ ଲେଖିଦେଇଛି ମୋ ପ୍ରେମରେ । କେଉଁ ପ୍ରେମିକ ଲିଭେଇ ପାରିବ ପ୍ରୀତିମଗ୍ନାର ହାତଲେଖା ଅଲିଭା ଅକ୍ଷରସବୁ ? ଯାହାର ଚିରନ୍ତନ ପ୍ରୀତିଫାସରେ ହାତ, ହୃଦୟ ମୋର ବନ୍ଧା । ଚିରକାଳ ବାନ୍ଧିହୋଇ ରହିବାରେ ବିଭୋର, ବିସ୍ମିତ ।

'ରାଜାଃ, ରାଜାଃ,ରାଜାଃ', ଧ୍ୱନି,ପ୍ରତିଧ୍ୱନି,ଶକ୍ତି-ପ୍ରତିଶକ୍ତିର ଅନନ୍ତ ସ୍ପର୍ଶ ସେ ଅନୁଭବ କରୁଥିଲେ ଲୋମକୂପରେ । ପ୍ରଥମେ ନିଜର ପରିଚୟ । ରାଜାହେବାର ପରିଚୟ । ରାଜା ହେବାର ପରିଚୟ ନ ରଖି ରାଜକୁମାରୀଙ୍କୁ ରାଣୀ କରିବାର ସ୍ୱପ୍ନ ମିଳେଇବାରେ ଲାଗିଥିଲା । ସେଇ ମୁହୂର୍ତ୍ତରେ ମନେହେଲା ସେ ଦେଖୁଛନ୍ତି ନିଜକୁ, ନିଜ ଭିତରେ ଅନନ୍ତ ଶକ୍ତିକୁ । ସେଠାରେ ଆଉ ରାଜକୁମାରୀ ନ ଥିଲା, ରାଣୀର ସ୍ୱପ୍ନ ନ ଥିଲା । ଥିଲା ନିଜକୁ ପ୍ରତିଷ୍ଠା କରିବାର ଦୁର୍ବାର ସଙ୍କଳ୍ପଟିଏ । ଅସମ୍ଭବକୁ ଅସ୍ୱୀକାର କରିବାର ଅଦମ୍ୟ ଅଭିଳାଷ । ''ରାଜକୁମାରୀର ପ୍ରୀତିସର୍ବସ୍ୱ ହୃଦୟର ସମ୍ପଦ ''ରାଜାଃ'' ତାଙ୍କୁ ଦେଇଥିଲା ନବଜନ୍ମ, ନୂଆକରି ବଞ୍ଚିବାକୁ ସ୍ୱପ୍ନ । ନିଜର ଲୁକ୍କାୟିତ ଶକ୍ତି, ପ୍ରତିଭାକୁ ପ୍ରକାଶ କରିବାକୁ ଆନ୍ତରିକ ପ୍ରଚେଷ୍ଟା, ଅସମ୍ଭବ ପ୍ରାଣଶକ୍ତି । ସୁପ୍ତସିଂହର ଶକ୍ତି ସେ ଅନୁଭବ କରୁଥିଲେ ନିଜ ମଧ୍ୟରେ । ନୂତନ ଉତ୍ସାହରେ ସେ ଉଛୁଳି ପଡୁଥିଲେ, ଉଛନ୍ନହୋଇ ଉଠୁଥିଲେ । କିଏ ଯେମିତି ତାଙ୍କୁ ଓଲଟ ପାଲଟ କରିଦେଇଛି ? 'ରାଜାଃ' ଯାହା ସେ କେବେ ଭାବି ନ ଥିଲେ ସେହି ଶବ୍ଦଶକ୍ତି ତାଙ୍କୁ ରୂପାନ୍ତରିତ କରିଦେଲା । ସେ ଭାବିବାକୁ ଲାଗିଲେ ସେ ରାଜା ହେବେ । ରାଜକୁମାରୀ ହୃଦୟର ରାଜାଃ ।

‘ରାଜାଃ ରାଜାଃ ରାଜାଃ’ ମହାଭାରତର ରାଜାଃ ଏହିଶବ୍ଦରେ ଯେମିତି ଯାଦୁଥିଲା, ଶକ୍ତିଥିଲା ସେହିଭଳି ଭୟ ଲାଗୁଥିଲା । ଏହା କଣ ଏତେ ସହଜ କଥା ? ରାଜକୁମାରୀଠାରୁ ନିଜର ଦୂରତାଠାରୁ ବେଶୀ ଦୂର ଦିଶୁଥିଲା ରାଜସିଂହାସନ । ଆଗ ରାଜସିଂହାସନ ପରେ ରାଜକୁମାରୀ । ଅସହାୟ ଲାଗୁଥିଲା । ମହାଭାରତର ମହାଯୁଦ୍ଧ କଥା ମନେ ପଡିଲାବେଳେ । ଭ୍ରାତୃଯୁଦ୍ଧରେ କୌରବ ଶହେଭାଇଙ୍କ ରକ୍ତରେ ରାଜସିଂହାସନ ପ୍ରତିଷ୍ଠା ହୋଇଥିଲା । ତାଙ୍କର ବଡ ମା’ ମହାରାଣୀଙ୍କ ୧୦୦ ପୁତ୍ରଙ୍କୁ ଯୁଦ୍ଧରେ ହତ୍ୟାକରି ସିଂହାସନ ପାଇବା ଅସମ୍ଭବ । ସେଠାରେ ଥିଲେ ପାଣ୍ଡବ ପାଞ୍ଚଭାଇ, ବନ୍ଧୁ । ଏଠାରେ ସେ ଏକା । ସେମାନେ ଲଢିଥିଲେ ବଡ ମା’ଙ୍କ ପୁତ୍ର ମାନଙ୍କ ସହ, ଏ ଲଢିବେ ବଡମା’ଙ୍କ ପୁତ୍ରମାନଙ୍କ ସହ । ସେମାନେ ଲଢିଥିଲେ ସିଂହାସନ, ସତ୍ୟର ପ୍ରତିଷ୍ଠାପାଇଁ, ଯାଙ୍କ ପାଇଁ ପ୍ରେମର ପ୍ରତିଷ୍ଠା । ଏ କଣ ମହାଭାରତ ଯୁଦ୍ଧ ପରେ ଦ୍ୱିତୀୟ ମହାଭାରତ ଯୁଦ୍ଧର ପୁନରାବୃତ୍ତି ନୁହେଁ ତ ?

ଅସହାୟ ଅର୍ଜୁନଭଳି ସେ ଅନୁଭବ କରିଥିଲେ ଏକ ନିଶ୍ଚିତ ରକ୍ତକ୍ଷୟୀ, ମରଣାନ୍ତକ ଆସନ୍ନ ମହାଯୁଦ୍ଧ, ନିଜର ରକ୍ତ ସମ୍ପର୍କୀୟ ୧୦୦ ଭାଇଙ୍କ ସମ୍ମୁଖରେ । ଖ୍ରୀ.ପୂ. ୧୦୦୦ ମହାଭାରତ ଯୁଦ୍ଧ ପରଠାରୁ ଖ୍ରୀ.ପୂ. ୨୬୧ ମାତ୍ର ୭୦୦ ବର୍ଷ ପରେ ଏ ମହାଯୁଦ୍ଧ । ଏହିଭଳି ଆତ୍ମସଙ୍କଟ ସମୟରେ ସେ ପଢୁଥିଲେ ‘‘ଗୀତା’’, ଭଗବାନ ଶ୍ରୀକୃଷ୍ଣଙ୍କର ବିଶ୍ୱଦର୍ଶନ, ଜ୍ଞାନରୂପର ବିଶ୍ୱଦର୍ଶନ । ରାଜା, ପ୍ରଜା, ଗୁଣୀ, ଜ୍ଞାନୀର ସମ୍ବଳ ଗୀତା ।

ଗୀତା...ଗୀତା...ଗୀତାଃ ! ଭଗବାନ ଶ୍ରୀକୃଷ୍ଣ ତାଙ୍କର ପ୍ରିୟ ଅର୍ଜୁନଙ୍କୁ ଶୁଣାଇଥିଲେ ଅସମୟରେ, ରଣକ୍ଷେତ୍ରରେ, ଭ୍ରାତୃଯୁଦ୍ଧର ପୂର୍ବରୁ ଅସହାୟ ଅର୍ଜୁନଙ୍କୁ ଶକ୍ତି, ସାହସରେ ଭରିଦେବାକୁ । ବୀରର କର୍ମ ପାଳନ କରିବାକୁ । ଅସମ୍ଭବ ଗୀତାର ସ୍ଥାନ, କାଳ, ପାତ୍ର । ସ୍ଥାନ-ଯୁଦ୍ଧକ୍ଷେତ୍ର, କାଳ-ଭ୍ରାତୃଯୁଦ୍ଧ ପୂର୍ବରୁ, ପାତ୍ର-ପ୍ରିୟ ଅର୍ଜୁନ । କାହା ସହିତ କାହାର ସାମଞ୍ଜସ୍ୟ ନାହିଁ । ଶ୍ରୀକୃଷ୍ଣଙ୍କର ଅର୍ଜୁନ ବ୍ୟତୀତ ଅନେକ ପ୍ରିୟଥିଲେ । ପରମକଲ୍ୟାଣୀୟା, ପ୍ରେମମୟୀ ଶ୍ରୀରାଧା, ପ୍ରୀତିସ୍ନିଗ୍ଧା କୃଷ୍ଣା, ଚିର କରୁଣାମୟୀ ମା’ ଯଶୋଦା । ସେ କାହାକୁ କହିନାହାନ୍ତି, ଅର୍ଜୁନଙ୍କୁ ମଧ୍ୟ ଦୀର୍ଘଦିନର ସମ୍ପର୍କ, ୧୩ ବର୍ଷର ବନବାସ କାଳରେ । ମନେହୁଏ ଯଦି ମହାଭାରତ ଯୁଦ୍ଧ ହୋଇନଥାନ୍ତା ‘‘ଗୀତା’’ର ବିଶ୍ୱଦର୍ଶନ ଶ୍ରୀକୃଷ୍ଣ କାହାକୁ ଦେଇ ନ ଥାନ୍ତେ । ସଂସ୍କୃତରେ ଶ୍ରୀକୃଷ୍ଣ ବୁଝାଇଲେ ସଂସାରୀ ଯୋଗୀ ମୁଖରେ ସୁନ୍ଦର ଯୋଗ ମହାତ୍ମ୍ୟ । ଏତେ ସଂସ୍କୃତ ସେ କାହାକୁ କେଉଁଠି କହି ନଥିଲେ, ଶ୍ରୀରାଧା, ଅଷ୍ଟରାଣୀ, ସଖୀ ଦ୍ରୌପଦୀଙ୍କ ପାଖରେ । ସେ ଥିଲେ ଅଲୌକିକ ପ୍ରେମିକ ପୁରୁଷ,ପ୍ରେମର ପ୍ରାଚୁର୍ଯ୍ୟପୂର୍ଣ୍ଣ ପ୍ରକାଶରେ ସମସ୍ତଙ୍କୁ ସେ ଦେହଦାନ କରିଥିଲେ । ଯାଜ୍ଞସେନୀଙ୍କର ପ୍ରାଣପ୍ରିୟ ଥିଲେ ଶ୍ରୀକୃଷ୍ଣ । ସେ କହିଲେ ଅର୍ଜୁନ, ଅର୍ଜୁନ ନୁହେଁ ଦ୍ୱିତୀୟକୃଷ୍ଣ, ‘ମୁଁ ଅର୍ଜୁନ’ । ଗୋଟିଏ ମଣିଷ ଦୁଇଟି ଶରୀର । ରାଜପୁରୀରେ ସେ ଥିଲେ କୁଶଳୀ ରାଜନୀତିଜ୍ଞ, ଯୋଦ୍ଧା, ସମରପ୍ରିୟ ସେ ଥିଲେ ପରମଜ୍ଞାନୀ ପୁରୁଷ, ଗୀତାର ଆକଣ୍ଠ ଉଚ୍ଚାରଣ କରି । ଶ୍ରୀକୃଷ୍ଣଙ୍କ ପରେ ଏପରି ବିଶ୍ୱଜ୍ଞାନର ଉଦାତ୍ତ ଉଚ୍ଚାରଣ ଆଉ କେହି କରିନାହାନ୍ତି । ଶାନ୍ତି ସମୟରେ ସମ୍ଭବ ହୋଇନି । ଯୁଦ୍ଧ ସମୟରେ ଅସମ୍ଭବ । ବିଶ୍ୱଜ୍ଞାନ, ବିଶ୍ୱଦର୍ଶନ ସେ ଶୁଣାଇ ବିଫଳ ହେଲେ ଅର୍ଜୁନଙ୍କ ପାଖରେ । ତେଣୁ ସେ ସେହି ରଣକ୍ଷେତ୍ରରେ ସ୍ଥୂଳ ଶରୀରରେ ବିଶ୍ୱଦର୍ଶନ କରାଇଥିଲେ । ଅର୍ଜୁନ ବିଶ୍ୱଦର୍ଶନ କରି ଗାଣ୍ଡିବ



ଧରିଲେ, ବ୍ୟକ୍ତିର ଅଳୀକ ସ୍ଥିତିକୁ ବୁଝିପାରି । ଅର୍ଜୁନଙ୍କ ବିନା ସେ ଯୁଦ୍ଧ କରିପାରିଥାନ୍ତେ କିନ୍ତୁ ସେ ଚାହୁଁଥିଲେ ଅର୍ଜୁନ ହିଁ କରିବ । ତେଣୁ ସେ ଅସହାୟ ଅର୍ଜୁନଙ୍କୁ ‘ଅସମ୍ଭବରେ’ ପରିଣତ କରିଥିଲେ । ତାଙ୍କର ଇଚ୍ଛାରେ ଏ ଶରୀର, ମନ, ଆତ୍ମା ତାଙ୍କ ଅଧିକାରରେ ବସ୍ତୁ, ବ୍ୟକ୍ତି, ବିଶ୍ୱବ୍ରହ୍ମାଣ୍ଡ । ତାଙ୍କ ପାଖରେ ଶରଣାପନ୍ନ ହେବା ହିଁ ଶ୍ରେଷ୍ଠ ମାର୍ଗ । ଭକ୍ତିର, ପ୍ରୀତିର ଶକ୍ତି, ଯୁକ୍ତି, ନୀତି, ନିୟତିର ଶରଣାପନ୍ନ । ଭ୍ରାତୃଯୁଦ୍ଧ ଆଗରେ ଅର୍ଜୁନର କୋମଳ ଅହିଂସ ବାଖ୍ୟାକୁ ଅସ୍ୱୀକାର କରିଥିଲେ ତାଙ୍କ ଆଗରେ, ତାଙ୍କ ଇଚ୍ଛାରେ ଅସମ୍ଭବ ସମ୍ଭବ ।

ଅଶୋକଙ୍କ ମନରେ ଅସହାୟ ଭାବ । ମହାଯୁଦ୍ଧ ଭାତୃଯୁଦ୍ଧ । ଯୁଦ୍ଧରେ ବିଜୟୀ ହେଲେ ସିଂହାସନ । ରାଜ ସିଂହାସନର ‘ରାଜାଃ’ । ପରେ ରାଜକୁମାରୀ ସହିତ ଶୁଭ ପରିଣୟ । ଏହା କଣ ସମ୍ଭବ ? ମଗଧର ପଡୋଶୀ କଳିଙ୍ଗ । କଳିଙ୍ଗ ରାଜକୁମାରୀ ସହିତ ଶୁଭ ପରିଣୟ ଅସମ୍ଭବ । ଦୁଇ ଶକ୍ତିଶାଳୀ ପଡୋଶୀ ମଧ୍ୟରେ ଏ ସମ୍ବନ୍ଧକୁ ସ୍ୱୀକାର କରିବ କିଏ ? ବରଂ ସନ୍ଦେହ, ଭୟର କାରଣ ଯୁଦ୍ଧରେ ପରିଣତ ହୋଇ ଶାନ୍ତି, ସ୍ଥିରତାକୁ ଧ୍ୱଂସ କରିଦେବ । ମଗଧ ଓ କଳିଙ୍ଗର ଯୁଦ୍ଧ ଆଶଙ୍କା ଅମୂଳକ ନୁହେଁ । ମଗଧରେ ଯୁଦ୍ଧ ସିଂହାସନ ପାଇଁ, କଳିଙ୍ଗରେ ଯୁଦ୍ଧ ରାଜକୁମାରୀ ପାଇଁ । ଯୁଦ୍ଧ, ହିଂସା, ରକ୍ତପାତର ଯେମିତି ସୀମା ନାହିଁ । ମଗଧର ଏତେଶକ୍ତି ସତ୍ତ୍ୱେ ପିତା, ପିତାମହ କଳିଙ୍ଗକୁ ଛାଡି ଭାରତବର୍ଷକୁ ଅଧିକାର କରିଛନ୍ତି । କଳିଙ୍ଗର ଶକ୍ତି ମଗଧର ସମକକ୍ଷ । କଳିଙ୍ଗଠାରୁ ମଗଧ ପାଞ୍ଚଗୁଣ ବଡ ସୀମା ଦୃଷ୍ଟିରୁ ହୋଇ ମଧ୍ୟ ମଗଧ କଳିଙ୍ଗ ବିଜୟର ସାହସ କରିନାହିଁ । କେଉଁ ସାହସରେ କଳିଙ୍ଗ ସହିତ ଯୁଦ୍ଧ କରିବେ ? କେଉଁ ଭରସା ଅଛି ସେ ଯୁଦ୍ଧରେ ଜିତିବେ ? କେଉଁ ନିଶ୍ଚିତତା ଅଛି ସେ ରାଜକୁମାରୀ ସହିତ...! ନା ଅସମ୍ଭବ । ଏ ସବୁ ଭାବ ପ୍ରବଣତା । ମନର ଅସ୍ଥିର ପ୍ରକାଶ, ସ୍ୱପ୍ନ ବିଳାଶ । ଏଠାରେ ବାସ୍ତବତା ବଡ କରୁଣ, ନିର୍ମମ । କଣ ଲାଭହେବ ତାଙ୍କର ଏ ମହାଯୁଦ୍ଧରେ ? ମଗଧ ଯୁଦ୍ଧରେ ରାଜସିଂହାସନ, କଳିଙ୍ଗ ଯୁଦ୍ଧରେ ରାଜକୁମାରୀ । ଯଦି ରାଜକୁମାରୀ ସେହି ଯୁଦ୍ଧରେ ପ୍ରାଣ ହରାନ୍ତି । ଆଉ କାହା ସହିତ ପରିଣୟରେ ଆବଦ୍ଧ ହୁଅନ୍ତି । ତେବେ ସେ କଣ ସମ୍ଭାଳି ପାରିବେ ସେହି ପରିଣତିକୁ ? ଯାହାପାଇଁ ପ୍ରାଣପୀଡା, ପ୍ରାଣାନ୍ତକ ସଂଗ୍ରାମ ତାକୁ ହରେଇ ବସିଲେ କଣ ହେବ ତାଙ୍କର ? କଣ ମିଳିବ ଜୀବନରେ ? ସୁଖ ନା ଶାନ୍ତି ? ଯଦି ଭାଗ୍ୟବଳରୁ ସେ ରାଜକୁମାରୀଙ୍କୁ ଲାଭକରନ୍ତି କଣ ଲାଭହେବ ତାଙ୍କର ? ଜୀବନବ୍ୟାପୀ ଧ୍ୱଂସଲୀଳା କଣ ରାଜକୁମାରୀର ଦେହମିଳନ ପାଇଁ ? କଣ ଅଛି ତା ଦେହରେ । ହୀରା, ଲୀଳା, ମୋତି, ମାଣିକ୍ୟ ? କଣ ଅଛି ସ୍ୱର୍ଗ, ସ୍ୱର୍ଗପରି ସୁଖ, ଶାନ୍ତି ? ନା ସ୍ୱଦେହରେ ସ୍ୱର୍ଗ ଯାତ୍ରା । ସେ ତ ନାରୀ । ନାରୀଦେହ । ନଗ୍ନ ନାରୀଦେହ । ତାର ସ୍ପର୍ଶ ମିଳନ ଯଦି ଶେଷକଥା ତେବେ ସେ ଯେକୌଣସି ନାରୀ ସହିତ ଜୀବନର ସେଇ ମହାର୍ଘ୍ୟ ଅନୁଭୂତି ଲାଭ କରିପାରିବେ । ରାଜକୁମାରୀର ଦେହ ଯେକୌଣସି ନାରୀ ଦେହଠାରୁ ଭିନ୍ନ ନୁହେଁ । ପରିଣୟ ପରେ କେଉଁ ନାରୀ ପ୍ରେମଦାନରୁ ପୁରୁଷକୁ ବଞ୍ଚିତ କରେ ଯେ ସେ ବଞ୍ଚିତ ହେବେ ? ତେବେ କାହିଁକି ରାଜକୁମାରୀର ଦେହ, ଦେହମିଳନ ଏତେ ମହାର୍ଘ୍ୟ ମନେ ହେଉଛି ? ମନର ମିଳନ ଘଟିଛି ପ୍ରଥମ ସାକ୍ଷାତରୁ । ମନରାଜ୍ୟରେ ରାଜକୁମାରୀ ତାଙ୍କର ଚିରନ୍ତନ ପ୍ରେମର ଚିରସୁନ୍ଦର ସାଥିଟିଏ । ସେଠାରେ ହିଂସା ନାହିଁ, ହିଂସ୍ରତା ନାହିଁ । ଅହିଂସାରେ ଦୀକ୍ଷିତ ଦୁଇ ମନ ମିଳିତ ହୋଇ ପାରୁଛନ୍ତି ପ୍ରତିଟି ମୁହୂର୍ତ୍ତରେ, ଚାହିଁବାମାତ୍ରେ,

କାହିଁ ଶାରୀରିକ ଦୂରତା ପ୍ରତିବନ୍ଧକ ହେଉନାହିଁ ତ ? ବେଶ୍ ଖୁସିହୋଇ ପାରୁଛନ୍ତି ସେ । ନିଜ ଶରୀରରେ ପ୍ରଚଣ୍ଡ ପ୍ରେମ, ମିଳନ, କାମନା ତୃପ୍ତିଲାଭ କରିପାରୁଛନ୍ତି । ଗୋପନ ପ୍ରାଣର ଶିହରଣ ତାଙ୍କୁ ତୃପ୍ତି, ଆନନ୍ଦରେ ବିଭୋର କରିଦେଉଛି । ତାଙ୍କୁ, ଏ ମନ ଶରୀର ଛୁଇଁପାରୁଛନ୍ତି ଦେଖିପାରୁଛନ୍ତି । ଦେହ କଣ ଲୋଡା ? ଦେହର ସ୍ଥିତି କେତେ, ମନବିନା ? ସେହିମନର ଅଧିକାରୀ ସେ । ତା ମନର ଚିରସୁନ୍ଦର ପ୍ରିୟତମ । ସେହିଭାବରେ ସେ ବଞ୍ଚିପାରିବେ ବାକି ଜୀବନ ।

ଦ୍ରୌପଦୀର ଦେହଲାଗି ଦୁର୍ଯ୍ୟୋଧନ ପ୍ରତିମୁହୂର୍ତ୍ତରେ ଜଳିପୋଡି ମହାଯୁଦ୍ଧରେ ନୃଶଂସ ମରଣ ମଲାଭଳି ସେ ମରି ପାରିବେନି କଲ୍ୟାଣୀୟାର ଦେହଲାଗି । ଦେହ ଆଜିଅଛି କାଲି ନଥିବ । ମନ, ଆତ୍ମା ବଞ୍ଚିଥିବ । ମନକୁ, ଆତ୍ମାକୁ ସିନା କେହି ପବନଭଳି ନିଜ ଦେହରେ ଦେଖାଇ ପାରିବେନାହିଁ, ନିଜେ ଦେଖି ପାରିବେନି କିନ୍ତୁ ତାର ସ୍ଥିତି, ବାସ୍ତବ ଅନୁଭବ ସମସ୍ତଙ୍କର ଅଛି । କିଏ ଅସ୍ୱୀକାର କରିପାରିବ ସେ ଅନୁଭବକୁ ? ଛବିକୁ ଅନୁଭବକରେ ଆଖି, ଶଦ୍ଦକୁ କାନ, ଗନ୍ଧକୁ ନାକ, ସ୍ୱାଦକୁ ଜିଭ, ସ୍ପର୍ଶକୁ ଦେହ । ମନକୁ ଅନୁଭବକରେ କିଏ ? ବରଂ ମନ ଶରୀରକୁ ଅନୁଭବକରେ । ମାନସୀର ମନଟା ତାଙ୍କର ହୋଇଯାଇଛି । ଦେହଟା କଣ ଲୋଡା ଲହୁଲୁହାଣ ସଂଘର୍ଷ ଭିତରେ ? ଯଦି ତାର ଦେହ ମିଳନ ହିଁ କୁସୁମିତ ଜୀବନର ଶ୍ରେଷ୍ଠ ମାନବୀୟ ଅନୁଭବ ତେବେ 'ସେ ଦେହକୁ' ତାର କାହିଁକି ଏକାଠି କରିପାରୁନାହାନ୍ତି ? ଏତେ ଘନିଷ୍ଠତା ସତ୍ତ୍ୱେ କାହିଁକି ତାପ୍ରତି ଥିବା ସମ୍ମାନବୋଧ, ଭୟ, ଲଜ୍ଜା ତାକୁ ଅବରୋଧ କରିରଖୁଛି ? ଦେହ ମିଳନର କଥା ସେ କହିପାରୁନାହାନ୍ତି, ତା'ଠାରୁ ଶୁଣିପାରୁନାହାନ୍ତି, କିନ୍ତୁ ଚାହୁଁଛନ୍ତି ନିବିଡଭାବେ । ସେହି ଚାହିଁବା ଭିତରେ ଶ୍ରଦ୍ଧାରସହ ବଞ୍ଚିବାକୁ ପ୍ରେମର ପୀଡାକୁ ସମ୍ବଳକରି, ତମାମ ଜୀବନ ଚାଲିବାକୁ ସେ କେମିତି ଭିତରେଭିତରେ ଦୃଢ ହୋଇଯାଉଛନ୍ତି । ଆଶ୍ଚର୍ଯ୍ୟ ଲାଗୁଛି ଦେହର ଆକର୍ଷଣ ଦେହପ୍ରତି । ମନର ଆକର୍ଷଣ ମନପ୍ରତି । ଧନ୍ୟ କଲ୍ୟାଣୀୟା ଧନ୍ୟ ତୁମରି ମନ । ମତେ ହଜାର ହଜାର କିଲୋମିଟର ଦୂରରେ ଉଛନ୍ନ, ଅସମ୍ଭାଳ କରିଦେଉଛି । ଧନ୍ୟ ତୁମର ଦେହ, ମୋତେ ଟାଣିଧରିପାରୁଛି ଦୂରାଦୁରାନ୍ତରୁ । ଜ୍ଞାନ,ଧନ,କ୍ଷମତା, ପାପପୁଣ୍ୟ, ଭଲମନ୍ଦ, ବିଚାର ବିଶ୍ୱାସର ଚକ୍ରବ୍ୟୂହ ଭିତରୁ । ମୋତେ ପ୍ରେରଣା ଦେଇପାରୁଛ ଅଦୃଶ୍ୟରେ, ଅଦୃଶ୍ୟରେ ଗତିକରି ପାରୁଛ । ଅସମ୍ଭବ ଇଚ୍ଛାସବୁକୁ ମୋ ଭିତରେ ଭରିଦେଇ ପାରୁଛ, ସମ୍ଭବ ନକରି ମୋତେ ଅସମ୍ଭାଳ କରିଦେଉଛ । ସତରେ ମୁଁ ବୁଝିପାରୁନି ତୁମକୁ, ତୁମ ପ୍ରେମକୁ । ତୁମଦେହର ଦିବ୍ୟଶକ୍ତିକୁ, ଦିବ୍ୟ ସୌନ୍ଦର୍ଯ୍ୟକୁ । ସତରେ ତମେ ମୋ ପାଇଁ ଦେବୀ, ଦିବ୍ୟ ପ୍ରେମର ଅଖଣ୍ଡ ସ୍ରୋତଟିଏ, ସନ୍ଧାନଟିଏ ।

ମୁଁ ବୁଝିପାରୁନି କାହିଁକି ତୁମର ଦିବ୍ୟଦେହର ସନ୍ଧାନ ଦେଇ, ଦେହମିଳନର ସ୍ୱପ୍ନ ଦେଖାଇ ମୋତେ ଧରାଇଦେଇଛ ଧ୍ୱଂସର ମାନଚିତ୍ରଟିଏ ? ନୃଶଂସ ନରସଂହାରରେ ଲାଲ ଦିଶୁଥିବା ନିଷ୍ଠୁର ନକ୍ସାଟିଏ ? ସବୁ ଦିଶୁଛି ଅଙ୍କାବଙ୍କା, ଅବୋଧ୍ୟ, ଅସାଧ । କାହିଁ ସରଳ ରେଖାଟିଏ ତ ନାହିଁ ? ସିଧା ବାଟଟିଏ ନାହିଁ । ମନର ଅଯାଚିତ ମିଳନସତ୍ତ୍ୱେ ଦେହମିଳନରେ ଦାବିକୁ ମୁଁ କାହିଁକି ଏଡେଇ ଦେଇପାରୁନାହିଁ ? କଣଅଛି ତୁମ ଦେହରେ ? ଏ ଦେହ କଣ ହୋଇଯାଇଛି, ମୋ ଅଲକ୍ଷ୍ୟରେ, ଲକ୍ଷ୍ୟରେ । ମୋ ଚେତନାର ବିରୋଧସତ୍ତ୍ୱେ ବଡ ଅସହାୟ ଲାଗୁଛି ଏ ମାନବ ଶରୀରର ଅଦ୍ଭୁତ ଆକର୍ଷଣରେ । ଆମେ ଗୋଟିଏ ମଣିଷ ଦୁଇଟା ଦେହ ନୁହେଁ ତ ? ଅର୍ଦ୍ଧନାରୀ ଈଶ୍ୱର ନୁହେଁ ତ ?



ମୋ ଦେହ, ତୁମଦେହ । ଦେହଉପରେ ଆମର ଅଧିକାର କେତେ ସତରେ ? ଦେହ ଉପରେ ମନ, ଆତ୍ମା, ଈଶ୍ୱରଙ୍କ ଅଧିକାର ଯେଉଁଠି, ସେଠାରେ ଆମର ନିଜସ୍ୱ ନିଷ୍ପତ୍ତି ନେବାର ଅଧିକାର କେତେ ? ନୀରବରେ ଦେହମିଳନ ଚାହିଁବା, ଚାହିଁଚାହିଁ ଟାଣି ହେବାର ଯନ୍ତ୍ରଣାରେ ପ୍ରେମର ପୀଡ଼ାକୁ ବୋହିବାକୁ ଆମେ ବଞ୍ଚିରହିବା ପ୍ରେମମୟ ଈଶ୍ୱରଙ୍କ ନିର୍ଦ୍ଦେଶପାଇଁ ।

ଆଉ ଗୋଟିଏ କଥା ମନକୁ ଆସୁଛି । ସୁନ୍ଦର ଝିଅଟିଏ ଦେଖିଲେ ପୁଅଟିଏ, ସୁନ୍ଦର ପୁଅଟିଏ ଦେଖିଲେ ଝିଅଟିଏ ମାନସରାଜ୍ୟରେ କେତେବେଳେ କେମିତି ମନେପକାଇ ଖୁସିହୁଅନ୍ତି ମନରେ ସ୍ମୃତିରେ । ପ୍ରତ୍ୟେକ ପୁରୁଷ, ନାରୀଜୀବନରେ ଯେମିତି ବହୁନାରୀ, ବହୁପୁରୁଷର ସୌନ୍ଦର୍ଯ୍ୟ, ସମ୍ଭୋଗ ଇଚ୍ଛା । ମୋର ଜୀବନରେ ଏମିତି କେତେ ଅନୁଭବ ଅଛି । ସୁନ୍ଦରୀ ନାରୀଟିଏ ଦେଖିଲେ ମନେମନେ ଖୁସିହେବା, ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିର ଜୟଗାନ କରିବା, ନାରୀ ସୌନ୍ଦର୍ଯ୍ୟର ପ୍ରଣାମ କରିବା, ସ୍ମୃତିରେ କମ୍ ସମୟପାଇଁ ରଖି ଲିଭାଇ ଦେବା ସମ୍ଭବ ହୋଇଛି । କିନ୍ତୁ ତୁମେ ଯେମିତି ମୋ ଦେହରେ, ମନରେ, ସ୍ମୃତିରେ, ଚେତନାରେ ଚିରକାଳ ବାନ୍ଧିହୋଇ ଯାଇଛ, ବୋଲିହୋଇ ଯାଇଛ; ମୁଁ ବିସ୍ମିତ ହୋଇଛି । ଅନ୍ୟନାରୀର ସୌନ୍ଦର୍ଯ୍ୟରେ ମୁଁ କିଛି ସମୟ ଆହ୍ଲାଦିତ ହୋଇଛି କିନ୍ତୁ ସ୍ମୃତିରୁ ଲିଭାଇ, ମନରୁ ହରାଇ ଦୁଃଖ, ଯନ୍ତ୍ରଣା ଅନୁଭବ କରିନାହିଁ । କିନ୍ତୁ ତୁମେ ଅନନ୍ୟା, ତୁମର ଅନୁଭବ ଅସୀମ । ତୁମକୁ ହରେଇବା, ସ୍ମୃତିରୁ ଲିଭେଇବା ଅସମ୍ଭବ । ତୁମକୁ ହରେଇବା ଯାହା ଚିରକାଳ ଅଦୃଶ୍ୟ ଯନ୍ତ୍ରଣାରେ କାତର କମ୍ପିତ ଜୀବନ ବିତେଇବା ସେଇୟା । ତାହାବୋଧେ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଚାହାନ୍ତିନାହିଁ । କାରଣ କଣ ଜାଣିଛ ? ଦେହମିଳନର ଇଚ୍ଛାକରି ମିଳିତ ନହେବାର କଷ୍ଟକୁ ପୁଞ୍ଜିକରି ଆମେ ବଞ୍ଚିପାରିବା କିନ୍ତୁ ମନରୁ ହରାଇ ବଞ୍ଚିପାରିବା ନାହିଁ କାରଣ ତାର କଷ୍ଟ ସମ୍ଭାଳି ପାରିବାନାହିଁ । ଆମେ ମଣିଷ ଶରୀର । ଦେବତା ନୁହେଁ । ମୃତ୍ୟୁଠାରୁ ମଶାଣିର ଲମ୍ବା ଆଖି, ଲମ୍ବା ପ୍ରତୀକ୍ଷା ଏ ଦେହଉପରେ ।

ମୋତେ କାହିଁକି ତୁମେ ଏମିତି ଅସମ୍ଭାଳ କରୁଛ ? ଉଚ୍ଛନ୍ନ କରୁଛ ? ମୁଁ କାହିଁକି ରାଜାହେବି ? ମୁଁ ରାଜାହେଲେ ତମେ କାହିଁକି ରାଣୀହେବ ? କଣ ଅଛି ମୋ'ଠି ? ମୁଁ ନିଃସ୍ୱ ମଣିଷଟିଏ । ଦୁର୍ଭାଗ୍ୟକୁ କିମ୍ବା ସୌଭାଗ୍ୟକୁ ତୁମକୁ ପ୍ରେମକରି ବସିଛି । ମୋ ନିଜର ଚିନ୍ତା, ଦୁଃଖ ସ୍ୱପ୍ନଅଛି । ନିଜକୁ ଦେଖିବି କଣ ତୁମଚିନ୍ତା, ତୁମଦୁଃଖ,ତୁମ ସ୍ୱପ୍ନରେ ମୁଁ ଏମିତି ବୁଡିରହୁଛି ଯେ ମୋପାଇଁ ଟିକିଏ ବେଳନାହିଁ । ନିଜପ୍ରତି ଏମିତି ନିଷ୍ଠୁର କେଉଁ ମଣିଷହେବ କୁହ ? ତୁମପ୍ରେମରେ ମୁଁ ସତରେ ସର୍ବସ୍ୱ ତୁମକୁ ଦେଇଦେଇଛି ନହେଲେ ମୋକଥା ଭାବିବାକୁ ମୋତେ ସମୟ ହୁଅନ୍ତାନାହିଁ । ତୁମେ ଏମିତି ପ୍ରେମକାଙ୍ଗାଳ ଯେ ମୋର ଅବହେଳିତ ପାର୍ଥିବ ଶରୀରର ଯତ୍ନକଥା ଭୁଲିଯାଇଛ । ମୁଁ ବଞ୍ଚିଲେତ ତୁମକଥା ବୁଝିବି । ଏତିକି ଛୋଟିଆ କଥାଟିଏ ତୁମ ଚେତନାରେ ପଶୁନାହିଁ ? କେଉଁ ପ୍ରାଣସଖୀ ପ୍ରିୟମ୍ବଦାର ଚେତନାରେ କେବେ ପଶିଛି ମୁଁ ଜାଣିନି ? ଏମିତି ଅବହେଳିତ ହୋଇ ଛାଟିପିଟିହୋଇ ମରିବାକୁ ତୁମେ ଚାହିଁଛ । ମୋତେ ଛଟପଟ କରି ଖୁସିହେଉଛ ବୋଧେ । ତୁମେ ରାଜକୁମାରୀ । ତୁମେ ଯାହାକୁ ବାହାହେବ ସେ ରାଜାର ରାଣୀହେବ । ତୁମେ କାହିଁକି କହୁଛ ମୋତେ ? କାହିଁକି ଚାହିଁଛ ମୁଁ ରାଜାହେବି ? ଏହାର ଘଟଣାଚକ୍ରକୁ କେବେ ଅନୁଭବ କରିଛ ? କେତେ ତୀବ୍ର, ହଳାହଳମୟ, ହିଂସା ହିଂସ୍ରତାପୂର୍ଣ୍ଣ ଏହାର ପରିଣତି ?

ଶେଷରେ ତୁମର ପାର୍ଥିବ ଦେହ, ଦେହମିଳନର କି ନିଶ୍ଚିତତା ଅଛି ଯେ ମୁଁ ରାଜାହେବି ? ତୁମର ମୃତ୍ୟୁ ହୋଇପାରେ ? ମୋର ମୃତ୍ୟୁ ଉପରେ କଣ ଅଧିକାର ଅଛି ଯେ ତୁମକୁ ଛଡାଇ ଆଣି ପାରିବି ? ତୁମେ ଆଉ କାହାର ବିବାହ ବନ୍ଧନରେ ଆବଦ୍ଧ ହୋଇପାର, ଚାହଁ କି ନ ଚାହଁ ? ମୁଁ କଣ ଏତେ ପାଷଣ୍ଡ ଯେ ଦୁଇଟା ଯୁଦ୍ଧପରେ ତୁମ ଘରସଂସାରକୁ ଧୂଳିସାତ୍‌କରି ତୁମକୁ ରାଣୀକରିବି ? ମୋତେ କ୍ଷମାକର ? କ୍ଷମତାର ସ୍ୱପ୍ନରୁ... । କ୍ଷମତା ଚିର ଅଶାନ୍ତି, ଅତୃପ୍ତି, ହିଂସାର ରାକ୍ଷସଟିଏ । ବାଘ ପିଠିରେ ବସି ଓହ୍ଲେଇ ନପାରିବାର ଅସହାୟତା ।

ମହାଭାରତରେ ଦ୍ରୌପଦୀଙ୍କ ପ୍ରେମର ପରମ ପ୍ରେମିକ ଥିଲେ ପ୍ରେମିକପୁରୁଷ ଶ୍ରୀକୃଷ୍ଣ । ସୁନ୍ଦରପଣରେ ସ୍ୱର୍ଗସୁନ୍ଦର ଶ୍ରୀକୃଷ୍ଣଙ୍କର କୃଷ୍ଣଶ୍ୟାମଳ କାବ୍ୟମୟ ଲୋଭନୀୟ ରୂପଲାବଣ୍ୟର ଐଶ୍ୱର୍ଯ୍ୟ ଦେଖିଲେ, ମାଧୁର୍ଯ୍ୟ ଦେଖିଲେ କେଉଁ କୁମାରୀ, ନାରୀ ତାଙ୍କ ପ୍ରେମରେ ନ ପଡିବ ? ପ୍ରୀତିସ୍ନାତ ନ ହେବ ? ମହିମାନ୍ୱିତ ନହେବ ? ମୂର୍ଚ୍ଛିତ ନ ହେବ ? ଭାବିଲେ ବିସ୍ମିତ ହେବାକୁ ହୁଏ , ବୟସ୍କାମାନେ ଯାହାଙ୍କୁ ପ୍ରେମିକଭାବେ ପାଇବାକୁ ପାଗଳ । ଯାହାଙ୍କ ଅଙ୍ଗସୁଧା ଲାଭପାଇଁ ମୁନିଋଷିମାନେ ନାରୀଦେହର ଦିବ୍ୟତନୁ ଲାଭ କରିଥିଲେ ଷୋଳସହସ୍ର, ଗୋପାଙ୍ଗନା ହୋଇ । ଏଇ'ତ ଦେହର ଯାଦୁ, ରହସ୍ୟ, ଦେହ ମିଳନର ରୋମାଞ୍ଚ । ମନଠାରୁ ଦେହ ଶ୍ରେଷ୍ଠ । ପୁରୁଷଠାରୁ ନାରୀଦେହ ଶ୍ରେଷ୍ଠ । ପ୍ରେମମୟୀ ନାରୀଦେହକୁ ଲୋଭକରି ଲାଭକରିବାକୁ ବ୍ୟାକୁଳ ହେବା ପ୍ରେମମୟ ପୁରୁଷର କଥା ଜାଣିଥିଲୁ, ଅନୁଭବ କରିଛୁ । କିନ୍ତୁ ପୁରୁଷ, ନାରୀ ଜନ୍ମନେବା, ନାରୀଦେହଧରି ନାରୀତ୍ୱର ଜୟଗାନ କରିବା, ନାରୀହୃଦୟର ପ୍ରେମସୁଧାରେ ପ୍ରେମିକ ପୁରୁଷପ୍ରାଣକୁ ପ୍ରୀତିସିକ୍ତ କରିବାର ସେଇ ରସାଳ ଅନୁଭବପାଇଁ । ତା'ର ତୁଳନା ନାହିଁ । ସୁନ୍ଦରୀ ଗୋପାଙ୍ଗନା ରୂପରେ ମୁନିଋଷିମାନେ ପ୍ରେମରେ ପଡିବାକୁ ଯେଉଁ ଉଦ୍ୟମ କରିଥିଲେ, ଦିବ୍ୟ ପ୍ରୀତିସୁଧା ପାନକରିଥିଲେ ନାରୀଅଙ୍ଗରେ, ତାର ପଟାନ୍ତର ନାହିଁ । ଧନ୍ୟ ନାରୀ, ଧନ୍ୟ ନାରୀଦେହ, ଧନ୍ୟ ନାରୀତ୍ୱର ନୀରବ ଆକର୍ଷଣ । ଇଚ୍ଛା ହେଉଛି ନାରୀଜନ୍ମ ନେବାକୁ । ନାରୀତ୍ୱ ଉପଭୋଗ କରିବାକୁ । ନାରୀ ହୃଦୟ, ଦିବ୍ୟ ପ୍ରେମରେ ପୁରୁଷ ପ୍ରାଣକୁ ପ୍ଲାବିତ କରିବାକୁ, ରସସିକ୍ତ କରିବାକୁ, ପ୍ରୀତିସିକ୍ତ କରିବାକୁ ।

ନାରୀର ସ୍ୱାଧୀନତାକୁ ସମ୍ମାନ ଦେବା ପୁରୁଷ ସମାଜର କର୍ତ୍ତବ୍ୟ । ବ୍ୟକ୍ତି ସ୍ୱାଧୀନତାକୁ ସ୍ୱୀକାର କରିବା ହିଁ ମାନବ ଜୀବନର ଶ୍ରେଷ୍ଠ ବିକାଶ । ମହାଭାରତର ପ୍ରେମିକ ପୁରୁଷ ଶ୍ରୀକୃଷ୍ଣ ତାଙ୍କର ପ୍ରିୟ ଅର୍ଜୁନ ହାତରେ ଦ୍ରୌପଦୀଙ୍କୁ ଦେଇ ନିଜର ପ୍ରେମସମ୍ବନ୍ଧ ସୁଦୃଢ କରିଥିଲେ, ବୟସ୍କା ଶ୍ରୀରାଧାଙ୍କ ସହିତ ପ୍ରୀତିମିଳନର ମଧୁପାନ କରିଥିଲେ, ଗୋପଙ୍ଗନାଙ୍କୁ ପ୍ରୀତିଦାନ ଦେଇଥିଲେ, ବ୍ୟକ୍ତି ସ୍ୱାଧୀନତାକୁ ସମ୍ମାନ, ସ୍ୱୀକୃତି ଦେଇଥିଲେ । ସବୁଠାରୁ ଗୌରବମୟ ବ୍ୟକ୍ତି ସ୍ୱାଧୀନତାର ଘଟଣା ସର୍ବଜନ ପୂଜିତ ପରମ ସତୀ ପାଞ୍ଚାଳୀଙ୍କ ଭାଗ୍ୟରେ ଘଟିଥିଲା । ମା' କୁନ୍ତୀଙ୍କ କଥାମାନି ସେ ପାଞ୍ଚଭାଇଙ୍କ ସହିତ ସମ୍ବନ୍ଧ ରଖିଥିଲେ ପାଳିକରି । ମାତା କୁନ୍ତୀ ମଧ୍ୟ ସୂର୍ଯ୍ୟ, ଇନ୍ଦ୍ର, ପବନ, ପ୍ରଭୃତି ଦେବତାଙ୍କଦ୍ୱାରା ଛଅପୁତ୍ରଙ୍କୁ ଜନ୍ମ ଦେଇଥିଲେ । ବଡଭାଇ ବ୍ୟାସଙ୍କ ସହିତ ଭାଇବୋହୂର ମିଳନଦ୍ୱାରା ଭରତ ବଂଶ ରକ୍ଷା ହୋଇଥିଲା । ଏଥିରୁ ସ୍ପଷ୍ଟ ସେ ସମାଜରେ ଥିଲା ବ୍ୟକ୍ତି ସ୍ୱାଧୀନତାର ପୂର୍ଣ୍ଣ ପରିଚୟ । ତାର ପରିଣାମ ଥିଲା ସ୍ୱୟମ୍ବର ବ୍ୟବସ୍ଥା ଅର୍ଥାତ କୁମାରୀ କନ୍ୟାର ପତି ନିର୍ବାଚନର ଅଖଣ୍ଡ ଅଧିକାର ଯେଉଁଠି ବୃଦ୍ଧ,ବିବାହିତ ଭାଗ ନେଉଥିଲେ । ଯେଉଁଠି ରାଜପରିବାରରେ ନାରୀକୁ



ଏତେ ସ୍ୱାଧୀନତା ଦିଆଯାଇଥିଲା ସେ ସମାଜରେ ନାରୀ ପରମପୂଜ୍ୟା ଥିଲା । ପାଞ୍ଚଭାଇଙ୍କ ସହିତ ଦେହ ମିଳନରେ କୁଣ୍ଠା କରିନଥିଲେ ଯାଜ୍ଞସେନୀ । ପରମ ଆଦରରେ ସେ ସମସ୍ତଙ୍କୁ ପ୍ରେମଦାନ, ଦେହଦାନ କରିଥିଲେ, ସମସ୍ତଙ୍କୁ ଦୁଃଖସୁଖ ବାଣ୍ଟିଥିଲେ ।

ଧନ୍ୟ ଦ୍ରୌପଦୀ, ଧନ୍ୟ ତାର ଶକ୍ତି, ସାହସ, ସ୍ୱାଧୀନତା । ମହାଭାରତରେ, ସମାଜରେ ନାରୀର ସ୍ୱାଧୀନତା ଆଜି ଭାରତୀୟ ସମାଜରେ ବିରଳ । ବ୍ୟକ୍ତି ସ୍ୱାଧୀନତା ଯେ ଚେତନାର ଚରମ ବିକାଶ ଆଜି ଭାରତୀୟ ସମାଜ ବୁଝିବାକୁ ଅକ୍ଷମ । ଯେତେଦିନ ଯାଏ ଆମେ ସମାଜରେ ନାରୀକୁ ତାର ବ୍ୟକ୍ତି ସ୍ୱାଧୀନତାକୁ ବଳପୂର୍ବକ ଅପହରଣକରି ଘରକୋଣରେ ରଖିଥିବୁ ସେତେଦିନ ଆମେ ମାନବର ପୂର୍ଣ୍ଣ ବିକାଶଠାରୁ ଦୂରେଇ ରହିଥିବୁ । ଅବଶ୍ୟ ଏଥିପାଇଁ ସମସ୍ତ ନାରୀ,ପୁରୁଷ ପାଇଁ ଶିକ୍ଷା ଓ କର୍ମ ନିଯୁକ୍ତି ସୁବିଧା ସମ୍ଭବ ହୋଇନାହିଁ । ଆର୍ଥିକ ଅବହେଳାର ଶିକାର ହୋଇ ନାରୀ ଆଜି ବନ୍ଦୀ ଘରକୋଣରେ । ଯେଉଁଦିନ ସମସ୍ତ ନାରୀ ଶିକ୍ଷା ଓ କର୍ମ ନିଯୁକ୍ତି ଲାଭ କରିବେ ସେମାନେ ପୁରୁଷ ପ୍ରଧାନ ସମାଜର ବିଶ୍ୱାସ ଓ ପରମ୍ପରାକୁ ଭାଙ୍ଗି ପାଶ୍ଚାତ୍ୟର ବ୍ୟକ୍ତି ସ୍ୱାଧୀନତାକୁ ଗ୍ରହଣ କରିବେ । ପାଶ୍ଚାତ୍ୟରେ ବ୍ୟକ୍ତି ସ୍ୱାଧୀନତାକୁ ଧନ୍ୟ କହିବ । ନାରୀ ତାର ପ୍ରିୟ ପୁରୁଷର ପ୍ରେମରୁ ବଞ୍ଚିତ ହେଲେ, ବା ଅବହେଳାର ପାତ୍ର ହେଲେ ନିଜଇଚ୍ଛା ଅନୁଯାୟୀ, ଛାଡପତ୍ର ଦେଇ ପୁନଃବିବାହ କରେ । ବାହାହୋଇ ମଧ୍ୟ ପ୍ରେମିକକୁ ସମ୍ମାନି ଦିଏ । ସ୍ୱାଧୀନ ତାର ଦେହ, ତାର ମନ, ତାର ଆତ୍ମା, ତାର ପ୍ରେମ, ତାର ପରିଣୟ । ପାଶ୍ଚାତ ସମାଜଠାରୁ ଭାରତୀୟ ସମାଜ ଅନେକ ପଛରେ ଯେଉଁଠି ପୁରୁଷର ବିବାହକୁ ସମାଜିକ ସମ୍ମାନ ଦିଆଯାଉଛି, ବହୁପୁରୁଷ, ବହୁନାରୀ ମିଳନର ସ୍ୱାଧୀନତାକୁ ସମ୍ମାନ ଦିଆଯାଉଛି, ମଣିଷର ସ୍ୱାଧୀନ ପ୍ରବୃତ୍ତିକୁ ସ୍ୱୀକୃତି ଦିଆଯାଉଛି । ସେ ସମାଜ ଧନ୍ୟ । ସ୍ୱାଧୀନତା ପୂର୍ବରୁ ଭାରତୀୟ ସମାଜରେ ରଜା, ସାମନ୍ତ, ଧନୀକ, ସମସ୍ତେ ବହୁ ନାରୀସହ ସମ୍ବନ୍ଧ ରଖିଥିଲେ । ମୁସଲମାନ, ଖ୍ରୀଷ୍ଟିୟାନ ସମ୍ପ୍ରଦାୟରେ ଏହା ସମ୍ଭବ । ହିନ୍ଦୁ ସମାଜରେ ଏହାକୁ ବିରୋଧକରି ଆମର ବ୍ୟକ୍ତିତ୍ୱକୁ, ଇଚ୍ଛାକୁ, ସ୍ୱାଧୀନତାକୁ, ମାନବ ବିକାଶକୁ ଚାପି ଦିଆଯାଇଛି । ଭାରତୀୟ ସମାଜରେ ନାରୀର ଏ ସ୍ୱାଧୀନତା କାହିଁ ? ଆମଦେଶ ଆର୍ଥିକ ସମୃଦ୍ଧହେଲେ, ନାରୀଶକ୍ତି, ଶିକ୍ଷା ଓ କର୍ମସଂସ୍ଥାନ ଲାଭକଲେ ସମାଜର ପରିବର୍ତ୍ତନ ସହଜହେବ ନଚେତ୍ ଆମର ନାରୀଶକ୍ତି ଯୁଗଯୁଗ ଅବହେଳିତ ହୋଇରହିବ । ନାରୀକୁ ଅବହେଳା କରି ତାକୁ ସ୍ୱାଧୀନତାରୁ ବଞ୍ଚିତକରି ସମାଜ ଉନ୍ନତି କଥା ଚିନ୍ତା କରାଯାଇ ନପାରେ । ବହୁନାରୀ ବହୁପୁରୁଷ ଦ୍ୱାରା ସ୍ୱର୍ଗସୁଖ, ସ୍ୱର୍ଗଶାନ୍ତି, ସ୍ୱର୍ଗସମୃଦ୍ଧି ସମ୍ଭବ । ସମାଜ ବ୍ୟକ୍ତି ଦ୍ୱାରା ସୁଦୃଢ, ସମୃଦ୍ଧ ସୁଖୀ ହେବ । ଦେହଦାନ ଏତେ ସହଜ କଥାନୁହେଁ ନଚେତ୍ ପାଶ୍ଚାତ୍ୟ ସମାଜ ଧ୍ୱଂସ ହୋଇଯାଇଥାନ୍ତା । ଦେହଦାନ ସମ୍ଭବ ବ୍ୟକ୍ତି ମଧ୍ୟରେ, ପୁରୁଷ ନାରୀ ମଧ୍ୟରେ, ନାରୀ ପୁରୁଷ ମଧ୍ୟରେ, ସେତିକି ସ୍ନେହପ୍ରେମ, ଶ୍ରଦ୍ଧା ସଦିଚ୍ଛା, ସମ୍ମାନ ସମ୍ଭ୍ରମ ତ୍ୟାଗ, ପରସ୍ପର ମଧ୍ୟରେ ଜାଗ୍ରତହେଲେ । ଦେହଦାନ ପୂର୍ବରୁ ମନଦାନ ଏତେ ସହଜ ନୁହେଁ ।

ଦ୍ରୌପଦୀ ପାଞ୍ଚସ୍ୱାମୀଙ୍କୁ ଦେହଦାନ କରି ଧନ୍ୟ । ଅଥଚ ଦୁର୍ଯ୍ୟୋଧନକୁ ଦେହଦାନ କରିଥିଲେ ମହାଭାରତ ଯୁଦ୍ଧ ସମ୍ଭବ ହୋଇ ନଥାନ୍ତା । ପାରିବାରିକ ଜୀବନରେ ସେପରି ଅସୁବିଧା ହୋଇନଥାନ୍ତା । ରାଜସିଂହାସନର ଲୋଭପାଇଁ ଦୁର୍ଯ୍ୟୋଧନ ଯେପରି ପାଣ୍ଡବମାନଙ୍କୁ ଜଉଗୃହରେ ହତ୍ୟାର ଷଡଯନ୍ତ୍ର ରଚନା କରିଥିଲା, ଦ୍ରୌପଦୀଙ୍କୁ ପାଇଥିଲେ ସେ ଅନ୍ୟମାନଙ୍କୁ ସମ୍ମାନ ଦେବା ଦୂରକଥା, ହତ୍ୟା

କରିଥାନ୍ତା । ଦେହ ମିଳନର ଅଧିକାର, ନାରୀର ଏକାନ୍ତ । ଏଥିରେ ସ୍ୱୀକୃତି ବିନା ପୁରୁଷର ଅଧିକାର ନାହିଁ । ମୋର ସମସ୍ତ ଜ୍ଞାନ, ବିଚାରସତ୍ତ୍ୱେ ମୁଁ ତୁମରି ଆକର୍ଷଣ ଆଗରୁ ଓହରି ପାରୁନି । ମତେ ବଞ୍ଚିବାକୁହେବ ତୁମପାଇଁ । ତୁମରି ନିର୍ଦ୍ଦେଶିତ ସଂଙ୍କଟ ଶଙ୍କୁଳ ମାର୍ଗରେ ଚାଲିବାକୁହେବ ଜୀବନ ମୃତ୍ୟୁର ଆଶା ନରଖି । ତୁମରି ପ୍ରେମ,ଏ ଦେହର ରୂପଚିତ୍ରଟିଏ । ସ୍ନେହ ସଜଳ ସ୍ମୃତିସବୁ ଯଥେଷ୍ଟ, ତୁମରି ମନରେ ସୁଖ ଆଣିଦେବାକୁ, ମୁଁ ରାଜା ହେବାକୁ ଚେଷ୍ଟା କରିବାଟା ଯେ ବିଧି ନିର୍ଦ୍ଧିଷ୍ଟ ।

ମୋ ପରି ଅସହାୟ ମଣିଷକୁ ପ୍ରେମଦାନ କରି କାରୁବାକୀ ଯେପରି ରାଜା ହେବାର ପ୍ରାଣଶକ୍ତି ଦେଇ ମତେ ଅସମ୍ଭାଳ କରିଥିଲେ 'ଅଛୁଶକ୍ତିର' ପ୍ରଭାବରେ, ସେହିପରି 'ନାହିଁଶକ୍ତିର' ପ୍ରଭାବରେ, ସେ ମୋତେ ଗୁପ୍ତଚର ବୃତ୍ତି ଅଭିଯୋଗରେ ବନ୍ଦୀ ଅବସ୍ଥାରେ ମୋର ସେବାକରି ଜୀବନଦାନ ଦେଇ ମୁକ୍ତିର ପଥ ଦେଖାଇ ତିରସ୍କାର କରିଥିଲେ, କୋମଳ ହୃଦୟ ଉପରେ ଛୁରୀକାଘାତ କରି । ଗଲାବେଳେ କ୍ରୋଧ ଅନୁରାଗରେ ଉତୁରି ପଡିଥିଲେ । ''ତୁମର ପରିଚୟ ତୁମେ । ରାଜକୁମାରୀର ଜନ୍ମ ରାଜା, ରାଜକୁମାରପାଇଁ । ଅବୈଧ ରାଜକୁମାର ପାଇଁ ରାଜକୁମାରୀର ଜନ୍ମନୁହେଁ । କଳିଙ୍ଗ ରାଜକୁମାରୀ ପ୍ରେମକରି ଜାଣେ, ପୁରସ୍କାରବି ଦେଇଜାଣେ । ମୁଁ ତୁମକୁ ଘୃଣାକରେ ମୋ ଦେଶ ବିରୁଦ୍ଧରେ ଗୁପ୍ତଚର ବୃତ୍ତି କରୁଥିବାରୁ ।'' ଓଃ ସେ କଥାସବୁ ଅସହ୍ୟ, ସେ ପୀଡାର ଉପଶମ ନାହିଁ । ପ୍ରିୟତମା ପ୍ରାଣସଖୀର ଯନ୍ତ୍ରଣା କାତର ପ୍ରାଣର ଅପମାନ । ''ଅବୈଧ ରାଜପୁତ୍ର, ଘୃଣା, ପ୍ରୀତି ପ୍ରତ୍ୟାଖାନ, ପ୍ରୀତି ପୁରସ୍କାର, ଜୀବନଦାନ, ରାଜାପାଇଁ ଜନ୍ମ '' ପ୍ରଭୃତି ଶବ୍ଦ ଯେତିକି ଶାଣିତ ସେତିକି ଶୋଣିତସିକ୍ତ ଥିଲା, ମୋ ହୃଦୟ କଳିକାକୁ, ଚେତନାକୁ ଦଳି ମକଚି ଫିଙ୍ଗିଦେଲା ଭଳି । ଓଃ ମୋତେ ବନ୍ଦୀରୁ ମୁକ୍ତିଦେଇ ରାଜ ପରିବାର ଦ୍ୱାରା ଭୟଙ୍କର ଭାବେ ନିର୍ଯ୍ୟାତିତ ହୋଇ ନୀରବ ରହିଥିଲେ । ନୀରବରେ ଲୁହ ଢାଳୁଥିଲେ, ଖୁବ୍ ନୀରବରେ । ନିରପେକ୍ଷ ଭାବରେ କିଛି ନଜଣାଇବାର ସଂକଳ୍ପ କରିଥିଲେ । ଅହିଂସ ଉପାୟରେ ମୋତେ ଜାଳିପୋଡି, ଚିନ୍ତା, ଭୟ, ଆଶଙ୍କା, ଆତଙ୍କରେ ଉଛନ୍ନ କରୁଥିଲେ । ମୁଁ କିଛି ନଜାଣିପାରି ଚିଠି ଦେଇଥିଲି ପାରାଦ୍ୱାରା । କୌଣସି ଉତ୍ତର ନପାଇ ଅଜଣା ଆଶଙ୍କାରେ ଅସ୍ଥିର ହେଉଥିଲି । ମୋ ଉପରେ ପ୍ରତିଶୋଧ ନେବାର ଏପରି ଅହିଂସ, ନୀରବ ପଥଟିଏ ପ୍ରସ୍ତୁତକରି ସେ ମୋର ଚେତନା, ପ୍ରାଣଶକ୍ତିକୁ ଲହୁଲୁହାଣ କରି ଦେଇଥିଲେ । ମୁଁ ପାପୀ ଆତ୍ମାଟିଏ ହୋଇଥିଲେ ଆରାମରେ 'ଦୁର୍ଭାଗ୍ୟ' କହି ବଞ୍ଚିପାରିଥାନ୍ତି । କଷ୍ଟ ପାଇନଥାନ୍ତି । ମୁଁ ବିକଳ ଭାବେ ଚାହୁଁଥିଲି ସେ ମୋପ୍ରତି ହିଂସା ଆଚରଣକରୁ । ମୋତେ ଦଣ୍ଡଦେଉ । ଯାହାଫଳରେ ମୋ ଚେତନାର ଦୁଃଖ ଲାଘବ ହୋଇଥାନ୍ତା, ତାହା ନକରି ସେ ଅହିଂସ ନିର୍ଯ୍ୟାତନା ଦେଲା ନିର୍ବିକାର ଭାବେ କୌଣସି ମନ୍ଦ ଉଦ୍ଦେଶ୍ୟ ନ ରଖି । ଇଚ୍ଛା ହେଉଥିଲା ଜୀବନକୁ ମୋର ଏକା ନିଃଶ୍ୱାସରେ ଶେଷ କରିଦେବି । ଆତ୍ମହତ୍ୟା କରିଦେବି କିନ୍ତୁ ଏ କଣ ତାର ଅଶ୍ରୁମୁଖୀ ମୁହଁ ମତେ ସବୁଥର ନିବୃତ୍ତ କରିଥିଲା ଏପରି ନିନ୍ଦନୀୟ କାର୍ଯ୍ୟ କରିବାକୁ । ଅଥଚ ବଞ୍ଚିବା ପାଇଁ ମୋ ଚେତନା ଚାରିପଟେ ନିଆଁ ଜାଳି ଦେଇଛି ଦୟା, ପ୍ରେମ, କ୍ଷମା,ଘୃଣା, ପୁରସ୍କାର,ପ୍ରତ୍ୟାଖାନ, ପାପପୁଣ୍ୟ, ବିଚାର ଅବିଚାରର ଅଲିଭା ନିଆଁ । ତା ଦୁଃଖରେ ମୁଁ ଜଳିଜଳି ନିଶେଃଷ ହେବାରେ ଲାଗିଥିଲି । ସେ ନୀରବରେ ସବୁ ଦେଖି ମୁହଁ ଖୋଲୁ ନ ଥିଲା । ମୋ ଚାରିପାଖରେ ନିଆଁ । ମୋର ସୁଖ,ଶାନ୍ତି ପୋଡି ପାଉଁଶ ହୋଇଯାଉଥିଲା ଅହିଂସାର ନୀରବ ନିଆଁରେ, ଏହାହିଁ ଥିଲା ମୋ ପ୍ରେମର କରୁଣ



ପରିଣତି । ନିଜକୁ ତାର ଦୁଃଖ, ଦୁର୍ଭାଗ୍ୟ ପାଇଁ ଦାୟୀକରି ନିର୍ଯ୍ୟାତନା ଦେବା, ଲୁହ ଢାଳିବା,ଲହୁ ଢାଳିବା, ଇଶ୍ୱରଙ୍କ ପାଖରେ ବଞ୍ଚିବାକୁ ବ୍ୟାକୁଳ ନିବେଦନ କରିବା ଥିଲା ମୋର ଦରଦୀ ପ୍ରାଣର ପ୍ରାପ୍ୟ ।

ଇଶ୍ୱର ଦୟାପୂର୍ଣ୍ଣ । ତାଙ୍କର ଅସୀମ କରୁଣାରୁ ମୁଁ ବଞ୍ଚିଗଲି ମୃତ୍ୟୁ, ପାଗଳାମି ପାଖରେ । ଏପରି ତୀବ୍ର ମାନସିକ ଜ୍ୱଳନ ଭୋଗୁଥିବା ପ୍ରେମର ପୀଡାକୁ ସମ୍ଭାଳି, ଅହିଂସ ଉପାୟରେ ପ୍ରାଣସଖୀଦ୍ୱାରା ନିର୍ଯ୍ୟାତିତ ହେବା ଓ ନିଜେ ନିଜକୁ ନିର୍ଯ୍ୟାତନା ଦେଇ ବଞ୍ଚିବା ଏକ ବିରଳ ଘଟଣା । ଯାହା ମୋ ଜୀବନକୁ ବହୁ ରଙ୍ଗରେ ବିଚିତ୍ରବର୍ଣ୍ଣା କରିଦେଇଛି । ଅଶ୍ଳୁଳ ସେ ପ୍ରୀତି, ସ୍ମୃତି, ଅନୁଭୂତି । ମୋ ପ୍ରେମରେ ନଥିଲା ଜହ୍ନରାତି, ଥିଲା ଅମାବାସ୍ୟାର ଅନ୍ଧାର । ଅନ୍ତରୀକ୍ଷ ଯାଏ ଲମ୍ବିଥିଲା ସେ ଅନ୍ଧାରର ବର୍ଗମାଳା । ସେହି ଅନ୍ଧାର ଭିତରେ ନିଜର ତ୍ୟାଗ, ପରିଚୟ ପାଇଁ ଆର୍ତ୍ତ ଚିତ୍କାର କରୁଥିଲି । ଜୀବନରେ ହାରିଯିବା, ଅନ୍ଧାର ଭିତରେ ହଜିଯିବାକୁ ମୁଁ ଭୟ କରୁଥିଲି । ତେଣୁ ନିଜର ପରିଚୟପାଇଁ ଦେଖିଲି ନିଜ ମୁହଁ, ହାତ, ହୃଦୟସବୁ ସୁରକ୍ଷିତ । ମୁଁ ଇଶ୍ୱରଙ୍କ ସନ୍ତାନ, ଶକ୍ତିର ତନୟ । ମହାରାଜ ବିନ୍ଦୁସାର ମୋର ପିତା । ମୋ ରକ୍ତରେ କୃପାଣର ଶାଣିତ ଆହ୍ୱାନ । ରାଜା ହେବାକୁ କଳେବଳେ ଛଳେ, ଅଦମ୍ୟ ଅଭିଳାଷ ଜାଗିଉଠିଥିଲା ।

କାରୁବାକୀଙ୍କର ପ୍ରଛନ୍ନ ପ୍ରାଣ ଶକ୍ତି, ଅଦୃଶ୍ୟ ଆକର୍ଷଣ, ପ୍ରେରଣା ଅଶୋକଙ୍କୁ ବିଜୟ ଆଣିଦେଇଥିଲା ଯୁଦ୍ଧରେ । ମୃତ୍ୟୁମୁଖରୁ ବଞ୍ଚିଯାଇଥିଲେ ଆଲୌକିକ ଭାବରେ । ତାରି ଲାଗି ସେ ହେଲେ ସାଧାରଣ ମଣିଷରୁ ସମ୍ରାଟ । ସେହିଁ ମତେ ସମ୍ରାଟ କରିଥିଲା ତା ପ୍ରୀତିଶକ୍ତିରେ, ସେହିଁ ମୋତେ ଶେଷରେ ସନ୍ନ୍ୟାସୀ କରିଦେଲା ତାର ତ୍ୟାଗଶକ୍ତିରେ । ଯେଉଁଦିନ ଦେଖିଲି କଳିଙ୍ଗଯୁଦ୍ଧ ଶେଷରେ ଦେଢଲକ୍ଷ କଳିଙ୍ଗସେନାଙ୍କୁ ହତ୍ୟା କରିବାର ପୂର୍ବରାତିରେ ସେ ବୌଦ୍ଧ ସନ୍ନ୍ୟାସିନୀ ବେଶରେ, ଲଣ୍ଡିତ ମସ୍ତକରେ, ମୋ ସମ୍ମୁଖରେ ଉପସ୍ଥିତ ହୋଇ ଉଚ୍ଚାରଣ କରିଥିଲା ''ବୁଦ୍ଧଂ ଶରଣଂମ୍ ଗଛାମି । ଧର୍ମଂ ଶରଣଂମ୍ ଗଛାମି । ସଘଂ ଶରଣଂମ୍ ଗଛାମି ।'' ମାଗି ନଥିଲା ପ୍ରେମ । ପ୍ରେମର ପ୍ରତିଦାନ । ମାଗିଥିଲା ଜୀବନଦାନ, ଭିକ୍ଷା ନୁହେଁ ତାର ଅଧିକାର । ସେ ମୋତେ ଦେଇଥିବା 'ଜୀବନଦାନ'ର ପ୍ରତିଦାନ । କଲ୍ୟାଣୀୟାର ପଣତ କାନିରେ ମୋ ଜୀବନର ଅଧିକାର ସମର୍ପି ଦେଇଥିଲି ନୀରବରେ । ଅଶ୍ରୁସ୍ନାତହୋଇ । ଦେଢଲକ୍ଷ କଳିଙ୍ଗର ବନ୍ଦୀ ସେନାଙ୍କୁ ମୁକ୍ତକରି, ମୋତେ କଳିଙ୍ଗରେ ଗଣହତ୍ୟା ପାପ ପୂର୍ବରୁ ଉଦ୍ଧାରକରି, କଳିଙ୍ଗର ସ୍ୱାଧୀନତା ମାଗିନଥିଲା । ପ୍ରେମ ନିବେଦନ କରିନଥିଲା । ମୁଁ ତାର ସ୍ନେହ, ସାହାଯ୍ୟପାଇଁ ପ୍ରେମ ନିବେଦନ କରୁଥିଲି, ବଞ୍ଚିବାପାଇଁ ବ୍ୟାକୁଳ ହୋଇ ସେ କହିଥିଲା କ'ଣ ଜାଣ ? '' ପରାଧୀନ କଳିଙ୍ଗା ରାଜକୁମାରୀର ପ୍ରୀତିଦାନର ଅଧିକାର କାହିଁ ? ଆପଣଙ୍କର କଳିଙ୍ଗର ମାଟି, ଗୋଡି, ନଦନଦୀ, ମହୋଦଧି, ମଣିଷ, ପ୍ରକୃତି, ରାଜକୁମାରୀ ହୋଇଯାଇଛି, ଏ ଯୁଦ୍ଧରେ ବିଜୟୀ ହୋଇ । ଆପଣ ଚାହିଁଲେ ସବୁ ଲୁଣ୍ଠନ କରିନେଇପାରନ୍ତି । ମୋ ହୃଦୟରୁ ତୁମେ ଲୁଣ୍ଠନ କରିନିଅ ପ୍ରେମ । ଫେରେଇ ନିଅ ତୁମ ପ୍ରେମର ଦାବି । ମତେ କ୍ଷମାକର ।''

କେଉଁ ପ୍ରିୟତମ ସମ୍ଭାଳି ପାରିବ ପ୍ରାଣସଖୀର କଠୋର କଥା ? କୋମଳ ପ୍ରାଣର କମ୍ପିତ ବ୍ୟଥା । ପୃଥିବୀର କେଉଁ ପ୍ରିୟତମ ପ୍ରାଣ ସଖୀକୁ ପରାଧୀନ କରି ରଖିପାରିବ ? ତାର ହୃଦୟ ଲୁଣ୍ଠନ

କରି ପ୍ରୀତି ଲାଭ କରିପାରିବ ? ତା ସ୍ୱାଧୀନତାକୁ ସମ୍ମାନ ନ ଦେଇ ଯେ ମୁଁ ପାରିଥାନ୍ତି, ମୁଁ ଯେ ସମ୍ରାଟ । ମହାଭାରତର ମହାମହିମ ସମ୍ରାଟ । ଧନ୍ୟ କଲ୍ୟାଣୀୟା ମୋର । ମାଗି ନାହିଁ ପ୍ରେମ । ମାଗି ନାହିଁ କ୍ଷମତା, ମହାରାଣୀ ପଦ, ରାଜଭୋଗ, ରାଜବିଳାସ, ମୋର ବିଶାଳ ବିଭବ, ଧନ, ଜ୍ଞାନ, କ୍ଷମତାର 'ରାଜା' ଜାଣିବି । ସେ ନିର୍ଭୟରେ ଚାଲିଆସିଛି ଲଣ୍ଡାହୋଇ, ନତମସ୍ତକ ହୋଇନୁହେଁ । କେଉଁ ପ୍ରିୟତମ ଚାହିଁବ ତା ଆଗରେ ପ୍ରାଣସଖୀର ନତମସ୍ତକ ? ଛିଡାହେବ ନତହୋଇ, ଲଣ୍ଡାହୋଇ, ନୀରବ ହୋଇ... ନା... ନା... ସେ ପାରିବେନି । ତାର ପ୍ରେମ, ତ୍ୟାଗ, ବୀରତ୍ୱ, ବଳିଦାନ, ବଳିଷ୍ଠ ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ଆଲୋକରେ ମୁଁ ଦିବ୍ୟଜ୍ଞାନ ଲାଭ କରିଥିଲି । ସ୍ୱଇଚ୍ଛାରେ ମୁଁ ଫେରାଇ ଦେଇଥିଲି କଳିଙ୍ଗର ସ୍ୱାଧୀନତା, ପ୍ରତ୍ୟକ୍ଷ ଦାୟିତ୍ୱ ନେଇଥିଲି ସେବା, ନିର୍ମାଣ, ଖୁସି, ଶାନ୍ତିର ପ୍ରତ୍ୟାବର୍ତ୍ତନ ଲାଗି । ତାର ତ୍ୟାଗଭାବରେ, ଲଣ୍ଡିତ ମସ୍ତକରେ କ୍ଷୁବ୍ଧହୋଇ ଯାଚି ଦେଇଥିଲି ମୋର ପ୍ରାଣଦଣ୍ଡ ଭାର । ମୋ ଜୀବନର ସୁରକ୍ଷା ଭାର '' ଦ୍ୱିତୀୟ ମହାପାଟରାଣୀ'' ପଦବୀ । ସେ ପ୍ରତ୍ୟାଖାନ କରିଥିଲା ନୀରବରେ । କିନ୍ତୁ ମୋ ଜୀବନ ସୁରକ୍ଷାର ଦାବିକୁ ମୋ ହୃଦୟର ଲୋଭକୁ ସେ ଏଡେଇ ପାରିନଥିଲା । ସେଇ ଗୁରୁ ରାଜଦାୟିତ୍ୱକୁ ଜୀବନର ଶେଷ ପର୍ଯ୍ୟନ୍ତ ତୁଲାଇଥିଲେ ନିର୍ବିକାର ଭାବେ ଦୀର୍ଘ ୨୮ ବର୍ଷଧରି କଳିଙ୍ଗ ଯୁଦ୍ଧପରେ ।

ଧନ୍ୟ କଳିଙ୍ଗ କନ୍ୟା, ଧନ୍ୟ ତାର କାଳଜୟୀ ପ୍ରେମ । କାଳଜୟୀ ତ୍ୟାଗ, କରୁଣାମୟ ପ୍ରକାଶ, କଲ୍ୟାଣମୟ ସ୍ପର୍ଶ, ସ୍ନିଗ୍ଧକମଳ କୋମଳ ଲାବଣ୍ୟର ସ୍ପର୍ଶ ।

■■



# କଳିଙ୍ଗ ସ୍ମୃତି ପଦ୍ମାବତୀଙ୍କୁ

ଆଜକୁ ଦଶବର୍ଷ ତଳର କଥା । ମହାରାଣୀଙ୍କ ଚକ୍ରାନ୍ତ ଯୋଗୁଁ ରାଜଅନ୍ତଃପୁରୀରେ ଜୀବନ ମୋର ବିପଦ ସଙ୍କୁଳ ଥାଏ ପ୍ରତି ମୁହୂର୍ତ୍ତରେ । ଅନେକ ଅଘଟଣରୁ ମୁକ୍ତି ପାଇଥିଲି । ବଣିକମାନଙ୍କ ମେଳରେ ସମଗ୍ର କଳିଙ୍ଗ ବୁଲି ଦେଖିଥିଲି । ତେଣୁ ମୋର ସୁରକ୍ଷା ପାଇଁ ପିତାଙ୍କ ନିର୍ଦ୍ଦେଶରେ କଳିଙ୍ଗରେ ମଗଧର ରାଜଦୂତ ଭାବେ ମୁଁ କାର୍ଯ୍ୟ କରିବାକୁ ଯାଇଥିଲି । କୂଟନୀତିରେ ପ୍ରବୀଣ ଥିବାରୁ ମଗଧ ପାଇଁ ଗୁପ୍ତଚର ବୃତ୍ତି କରୁଥିଲି ପିତାଙ୍କ ନିର୍ଦ୍ଦେଶରେ । ରାଜଦୂତ ଭାବେ କଳିଙ୍ଗର ରାଜସଭାରେ ମୁଁ ସମସ୍ତଙ୍କର ପ୍ରୀତିଭାଜନ ହୋଇଥିଲି । ମୋର ବାଲ୍ୟକାଳ କଥା ତଥା ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ କଳିଙ୍ଗର ରାଜପରିବାର ଜାଣିଥିଲେ । ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେମ ମତେ ଉଦ୍‌ବୁଦ୍ଧ କରିଥିଲା । ଦୂତାବାସରେ ରହୁଥିଲେ ମଧ୍ୟ ରାଜପରିବାରରେ ମୋର ଅବାଧ ପ୍ରବେଶ ଥିଲା । କଳିଙ୍ଗ ରାଜ କୁମାରଦେବଙ୍କ କନ୍ୟା ସୁଶ୍ରୀ କାରୁବାକୀ ଅପୂର୍ବ ସୌନ୍ଦର୍ଯ୍ୟମୟୀ ଥିଲେ । ଧିଶକ୍ତି ସମ୍ପନ୍ନା, ଗୁଣବତୀ, ନୃତ୍ୟକଳା ନିପୁଣା, ପ୍ରବୀଣ ରାଜନୀତିଜ୍ଞ, ସମରପଟୁ ତଥା କୂଟନୀତି ନିପୁଣା ଥିଲେ । ମହାରାଜ କୁମାରଦେବ ଅପୁତ୍ରିକ ଥିଲେ । ଏକମାତ୍ର କନ୍ୟା ସୌଭାଗ୍ୟରୁ ରଣକଳା ଠାରୁ ନୃତ୍ୟକଳା, ରାଜନୀତିଠାରୁ କୁଟନୀତି ସବୁ କ୍ଷେତ୍ରରେ ନିପୁଣା ଥିଲେ । ପ୍ରାତଃକାଳୀନ ଉଦ୍ୟାନ ଭ୍ରମଣ ସମୟରେ ଅଶୋକ ରାଜଉଦ୍ୟାନରେ ମାଳିକୁ ଭେଟୁଥିଲେ । ମାଳିଘର ସହିତ ସମ୍ବନ୍ଧ ବହୁ ପୂର୍ବରୁ ସୁଦୃଢ । ବଣିକଙ୍କ ମେଳରେ ବାଣିଜ୍ୟ ମେଳାରେ ଅଂଶଗ୍ରହଣ କରିବାକୁ ଆସିବା ସମୟରେ ମାଳି ଘରେରାତ୍ରି ଯାପନ କରୁଥିଲେ । ମାଳିର ଆତିଥ୍ୟ, ଉଦାରତା, ଅନୁପମ ଅନୁରାଗମୟ ଅତିଥି ସତ୍କାର ମାନବାତ୍ମାର ଦେବୋପମ ପ୍ରକାଶରେ ସମୁଜ୍ଜ୍ୱଳ । କଳିଙ୍ଗର ପୁରପଲ୍ଲୀରେ ଆତିଥେୟତା ଅଭୁଲା ,ଅବିସ୍ମରଣୀୟ । ରାଜଅନ୍ତଃପୁରେ ମୋର ଜୀବନପ୍ରତି ବିପଦ ଥିବାରୁ, ଆଶଙ୍କିତ ପିତା ମତେ ବଣିକଙ୍କ ମେଳରେ କଳିଙ୍ଗ ପଠାଇଥିଲେ । କଳିଙ୍ଗର ପାଣି ପବନରେ ଗଢା ମୋର ରକ୍ତମାଂସ । ବିଦ୍ୟାଶିକ୍ଷା ଠାରୁ କୁସ୍ତିକସରତ୍, ଯୁଦ୍ଧକୌଶଳ, ଅସ୍ତ୍ରଶିକ୍ଷା କଳିଙ୍ଗରେ । କଳିଙ୍ଗ ମୋର ପ୍ରାଣଦପି ପ୍ରିୟ ।

କଳିଙ୍ଗର ରାଜପୁରୀରେ ମୋର ଅବାଧ ପ୍ରବେଶ ଥିଲା । ସୁଶ୍ରୀ କାରୁବାକୀ ମାନବତାର ମହାନ ଗୁଣରେ ଗରୀୟାନ୍ ଥିଲା । ପ୍ରତିଦିନ ବର୍ତ୍ତାଳାପ, ଉଦ୍ୟାନରେ ଭ୍ରମଣ, ଯୁକ୍ତିତର୍କ ମଧ୍ୟରେ

ସାହିତ୍ୟ,ଧର୍ମ,ରାଜତନ୍ତ୍ର ଓ ପ୍ରଜାତନ୍ତ୍ର ମଧ୍ୟରେ ପାର୍ଥକ୍ୟ, ଜନସାଧାରଣଙ୍କର ଶାନ୍ତି ଓ ସମୃଦ୍ଧି ପାଇଁ ବାସ୍ତବ ପଦକ୍ଷେପ ପ୍ରଭୃତି ସମସ୍ତ ବିଷୟରେ ନିପୁଣା ଥିଲା କାରୁବାକୀ । ସମୟ କଟି ଯାଉଥିଲା ତାର ନିଜସ୍ୱ ଗତିରେ । ଥରେ ଚନ୍ଦ୍ରଭାଗା ବୁଡଯାତ୍ରାରେ ବାଣିଜ୍ୟମେଳା, ସାଂସ୍କୃତିକ ଉତ୍ସବ ମହାସମାରୋହରେ ପାଳିତ ହେଉଥିଲା । ଏହି ମେଳାରେ ବହୁ ଜନସାଧାରଣ ରାଜନ୍ୟ ମଣ୍ଡଳୀ ସମସ୍ତେ ମହାଆନନ୍ଦରେ ମଜ୍ଜିରହିଥିଲେ । ରାଜମଣ୍ଡପରେ ମହାରାଜ କୁମାରଦେବ କଳିଙ୍ଗର ରାଜନ୍ୟ ମଣ୍ଡଳୀ, ରାଜକୁମାରୀ ସୁଶ୍ରୀ କାରୁବାକୀ ପଡୋଶୀ ରାଜ୍ୟର ରାଜଦୂତ ଓ ଦର୍ଶକମାନେ ଉପସ୍ଥିତ ଥିଲେ । କଳିଙ୍ଗରେ ମହାନ୍ ସାଂସ୍କୃତିକ ଉତ୍ସବ, ମହନୀୟ ପରମ୍ପରା, ବର୍ହିବାଣିଜ୍ୟରେ ବିପୁଳ ଲାଭ, ମଗଧ ସହିତ ବନ୍ଧୁତା, ବନ୍ଧୁରାଷ୍ଟ୍ରମାନଙ୍କ ସହିତ ସୁସମ୍ପର୍କ ସମ୍ବନ୍ଧରେ ମହାରାଜ କୁମାରଦେବ, ମହାରାଣୀ ଜନସାଧାରଣଙ୍କୁ ଏହି ପବିତ୍ର ଚନ୍ଦ୍ରଭାଗା ବୁଡ ଉତ୍ସବରେ ଉଦ୍‌ବୋଧନ ଦେଉଥିଲେ । ଏହି ସମୟରେ ପ୍ରବଳ ଅଗ୍ନିକାଣ୍ଡ ଘଟି ଉତ୍ସବ ମଣ୍ଡପ ଅଗ୍ନିର ବଳୟ ମଧ୍ୟରେ ବ୍ୟାପିବାକୁ ଲାଗିଲା । ସମସ୍ତ ରାଜନ୍ୟ ମଣ୍ଡଳୀ ନିରାପଦ ଥିଲେ । ୫ଜଣ ଶ୍ରମିକ ପୋଡିମରିଥିଲେ । ରାଜକୁମାରୀ ସୁଶ୍ରୀ କାରୁବାକୀ କାଠ ନିର୍ମିତ ପାହାଚରୁ ତରବରରେ ଆସୁଥିବାବେଳେ ଖସିପଡିଥିଲେ ଅଗ୍ନିଘେର ମଧ୍ୟରେ । ସମସ୍ତଙ୍କ ପାଟିରେ 'ରକ୍ଷାକର' 'ରକ୍ଷାକର' ଚିତ୍କାର । ସାହସ ନାହିଁ କାହାର ରାଜକୁମାରୀଙ୍କୁ ଉଦ୍ଧାର କରିବାକୁ । ରାଣୀ ମୂର୍ଚ୍ଛାପ୍ରାୟ । ହଠାତ୍ କାଳବିଳମ୍ବ ନକରି ଅଶୋକ ସିଂହପରି କୁଦି ପଡିଥିଲେ ଅଗ୍ନିବଳୟ ମଧ୍ୟକୁ । କାରୁବାକୀଙ୍କୁ କାନ୍ଧରେ ପକାଇ ଅଗ୍ନିଝାସ ମଧ୍ୟରୁ ବାହାରି ଆସିଥିଲେ ବିଜୟ ଦର୍ପରେ । ସେ ଅଗ୍ନିଧାସର ପ୍ରଭାବରେ ଶରୀରରେ ପୀଡା ଅନୁଭବ କରୁଥିଲେ । ସୁଶ୍ରୀ କାରୁବାକୀ ଭୟ ଓ ଆଶଙ୍କାରେ ସଜ୍ଞାହୀନ ଥିଲେ । ଅଶୋକଙ୍କ ସାହସିକ କାର୍ଯ୍ୟରେ ସମସ୍ତେ ମନ୍ତ୍ରମୁଗ୍ଧ ଥିଲେ । ସେହିଦିନଠାରୁ ସୁଶ୍ରୀ କାରୁବାକୀଙ୍କ ସହିତ ସୁସମ୍ପର୍କ ଗଢିଉଠିଥିଲା ।

ଅଶୋକ କଳିଙ୍ଗର ରାଜନ୍ୟ ମଣ୍ଡଳୀ ଓ ଅଧିବାସୀଙ୍କ ସ୍ନେହ ଶ୍ରଦ୍ଧାରେ ଅଭିଭୂତ ହୋଇଥିଲେ । କଳିଙ୍ଗରେ ଆତିଥେୟତାରେ ଆତ୍ମୀୟ ଅନ୍ତରଙ୍ଗତାରେ ସେ ନିଜକୁ ଭାଗ୍ୟବାନ ମନେ କରୁଥିଲେ । ଦୋଳପୂର୍ଣ୍ଣିମା ଓ ହୋଲି ଉତ୍ସବ ପାଇଁ ରାଜକାର୍ଯ୍ୟ ବନ୍ଦଥିଲା । ଦୋଳପୂର୍ଣ୍ଣିମା ମହାଆଡମ୍ବରରେ ପାଳିତ ହେଲା ରାଜଦରବାରରେ । ଭଗବାନ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କର ଯୁଗଳ ମୂର୍ତ୍ତି ଦୋଳ ଉତ୍ସବରେ । ବିଭାନରେ ନାନାଦି ଫୁଲ । ଛୋଟଛୋଟ ଆମ୍ବକଷି ଝୁଲୁଥାଏ ବିଭାନରେ । ଫୁଲହାର, ରଙ୍ଗବେରଙ୍ଗ ଚିତ୍ର ଓ କାରୁକାର୍ଯ୍ୟର କଳାତ୍ମକ ଚାତୁର୍ଯ୍ୟରେ ଆକର୍ଷଣୀୟ । ଅବିର ବୋଳି ଜନସାଧାରଣ ପରସ୍ପରକୁ ବନ୍ଧୁଭାବରେ ସ୍ୱାଗତ କରୁଥିଲେ ପ୍ରେମଭାବରେ ବିଭୋର ହୋଇ । ଗଉଡମାନଙ୍କ ଲଉଡି ଖେଳ ଓ ଲୋକଗୀତର ତାଳେତାଳେ ଅପୂର୍ବ ଆକର୍ଷଣୀୟ ସେ ଦୃଶ୍ୟ, ଦିବ୍ୟଭାବନାରେ ବିହ୍ୱଳିତ ଜନଜୀବନ । ପୁରପଲ୍ଲୀରେ ଦୋଳମଣ୍ଡପରେ ଦୋଳଯାତ୍ରା । ଘଣ୍ଟ, କାହାଳୀ ଧ୍ୱନିରେ ମୁଖରିତ ଗ୍ରାମପଥ, ମର୍ମରିତ ପଲ୍ଲୀ ଜୀବନର ମାଦକଭରା ମୁହୂର୍ତ୍ତ । ଗୋମୟରେ ଲିପାପୋଛା ହୋଇ ପବିତ୍ର ଘରଦାଣ୍ଡରେ ଠାକୁର ଭୋଗ ଖାଇବାର ପୂଜାରେ ମୁଗ୍ଧ ମୋହିତ ଆବାଳ ବୃଦ୍ଧ ବନିତା । ଦୋଳଯାତ୍ରାରେ ଭିଡ ଠାକୁରଙ୍କ ଦିବ୍ୟ ଦର୍ଶନପାଇଁ । କୋଳାହଳ ମୁଖରିତ ପରିବେଶ ପବିତ୍ର ପୁଲକିତ ପ୍ରୀତିସ୍ନିଗ୍ଧ ।

ଦୋଳପୂର୍ଣ୍ଣିମାର ପରଦିନ ହୋଲି ଉତ୍ସବର ମାଦକ ମୁହୂର୍ତ୍ତ ସବୁ ଅଭୁଲା, ଅବିସ୍ମରଣୀୟ ।



ରାଜଦରବାରରୁ ପୁରପଲ୍ଲୀଯାଏ ହୋଲିର ମହୋତ୍ସବ ରଙ୍ଗ, ଅବିରର ଉତ୍ସବ । ପରସ୍ପରରେ ଅବିରବୋଳି ଆନନ୍ଦ ବିଭୋର ସର୍ବେ । ବାଜା, ମୃଦଙ୍ଗ, ଖୋଳ, ତାଳ, ଘଣ୍ଟଧ୍ୱନିରେ ଉତ୍ସବ ମୁଖର ଗ୍ରାମଦାଣ୍ଡ । ହୋଲିକା ରାକ୍ଷସୀର ଦାହ ପରେ ମନଭରି ସ୍ନାନଦୃଶ୍ୟ ଭୁଲିବାର ନୁହେଁ । ପ୍ରେମଭାବରେ ବିଭୋର ଜୀବନଧାରା ରାଜଅନ୍ତଃପୁରୀ ରଙ୍ଗ ଓ ଅବିରରେ ଉତ୍ସବମୟ । କାରୁବାକୀ ଫିଙ୍ଗୁଥିଲେ ରଙ୍ଗପାଣି, ବୋଳୁଥିଲେ ଅବିର ଅଶୋକଙ୍କ ଦେହରେ, ମଥାରେ । ଅପୂର୍ବ ରୋମାଞ୍ଚରେ ଶିହରିତ ହେଉଥିଲା ସ୍ନାୟୁକେନ୍ଦ୍ରର ଗୋପନ ଗ୍ରନ୍ଥିସବୁ ।

ବଣଭୋଜିରେ ବୁଲିଯାଇଥିଲେ ରାଜପରିବାର । କାରୁବାକୀ, ଦାସୀ ଏବଂ ରାଜଦୂତ ଅଶୋକ ସାମିଲ ହୋଇଥିଲେ ବଣଭୋଜିରେ । ଭୋଜି ଉତ୍ସବରେ ମାତିଥିଲେ କେତେକ । କେତେକ ବୁଲିବୁଲି ଦେଖୁଥିଲେ ବନଭୂମିର ବନ୍ୟ ଲାବଣ୍ୟକୁ, ସୁଶୋଭିତ ସାବ୍‌ଜା ସୌନ୍ଦର୍ଯ୍ୟକୁ, ନୀଳ ଆକାଶର ଅନନ୍ତ ନୀଳିମାକୁ । ପଶୁପକ୍ଷୀମାନେ ଆନନ୍ଦରେ ଗାଉଥିଲେ ଅବୋଧ ଗୀତିମୟ ଗୀତିକୁ, ବଣ ପ୍ରଦେଶର ଗାଥାକୁ, କଥାକୁ, କାହାଣୀ, କିମ୍ବଦନ୍ତୀକୁ । ଅନତି ଦୂରରେ ପୁଷ୍କରିଣୀର ସ୍ୱଚ୍ଛ ଜଳଧାରାରେ ସନ୍ତରଣ ରତ ରାଜହଂସୀ, ବତକ ପ୍ରଭୃତି ପକ୍ଷୀକୁଳ । ଏକ ବିରାଟ ବୃକ୍ଷମୂଳରେ ବସିଥିଲେ କାରୁବାକୀ ଓ ଅଶୋକ । ସେମାନେ ଆତ୍ମହରା ହୋଇଥିଲେ ବନ୍ୟ ପ୍ରକୃତିର ଲୋଭନୀୟ ଲୁବ୍ଧ ସୌନ୍ଦର୍ଯ୍ୟରେ । ଅବାଧରେ ବୁଲୁଥିବା ବନ୍ୟପ୍ରାଣୀମାନଙ୍କ ବନ୍ୟବିଳାସରେ । ଅଦୂରରେ ହରିଣୀ ପଲର ଚଞ୍ଚଚଞ୍ଚଳ ଗତିରେ ଗୀତିମୟ ପ୍ରକୃତି । ବୃକ୍ଷଡାଳରେ ଶୃଙ୍ଗାର ଲାଗି ପାଖାପାଖି ବସିଥିଲେ ପ୍ରଣୟ ପ୍ରଣୟିନୀ ପକ୍ଷୀଯୁଗଳ । ସେମାନଙ୍କ ନୀରବତା, ସର୍ଜନ ସଙ୍ଗୀତ, ଥଣ୍ଟଘସି ପ୍ରେମର ଆଦନ ପ୍ରଦାନରେ ଆନନ୍ଦ ବିଭୋର ପକ୍ଷୀଯୁଗଳ । ଦେହଲାଗି ଚୁପିଚୁପି କଥା ହେଉଥିଲେ । ନୀରବ ଆଖିର ଭାଷାରେ ଫୁଟିଉଠିଥିଲା ପ୍ରୀତିର କଳିକା, ଖୋଲିଯାଉଥିଲା ଗୋପନ ମନର ଅଗମ୍ୟ ଗ୍ରନ୍ଥିସବୁ । ସ୍ନାୟୁରେ ସ୍ନାୟୁରେ ଶିହରଣ । ଚୋରାଚପଳ ଚାହାଣିରେ ଲଜ୍ଜାବନତ ରାଜକୁମାରୀ ରତିମଗ୍ନ ମରାଳ ଯୁଗଳପରି । ଆଖି ଆଗରେ ଆଦିବାସୀ ଯୁଗଳ ବନ୍ୟଫଳ ଓ କାଠ ସଂଗ୍ରହରେ ବ୍ୟସ୍ତ । ସରଳ ଜୀବନର ପ୍ରାଚୁର୍ଯ୍ୟରେ ସେମାନେ ବିଭୋର, ଆନନ୍ଦରେ, ଆଶା ପ୍ରତ୍ୟାଶାରେ, ଉତ୍ସବମୁଖର ମହୋତ୍ସବରେ । ସେମାନଙ୍କୁ ଦେଖୁ ଦେଖୁ ସୁଶ୍ରୀ କାରୁବାକୀ ଅଶୋକଙ୍କୁ କହିଲେ'କେତେ ସୁନ୍ଦର ସେମାନଙ୍କର ସରଳ ଜୀବନ ସତେ ?'

ଅଶୋକ : ହଁ ରାଜକୁମାରୀ , ବହୁତ ସୁନ୍ଦର ସେମାନଙ୍କର ଚଳଣି, ଚାହାଣି । ମତେ ମୁଗ୍ଧ ଲାଗୁଛି ସେମାନଙ୍କର ସରଳ ଜୀବନ । ଦୁଃଖ, ହତାଶା, ଚିନ୍ତା, ବିଫଳତା ତାଙ୍କୁ ସ୍ପର୍ଶକରି ନାହିଁ । ଆଦିବାସୀ ଜୀବନର କଥା, ବ୍ୟଥାକୁ ଅନୁଭବ କଲେ ପ୍ରାଣମୋର ସାର୍ଥକ ହେବ ।

କାରୁବାକୀ : କଳିଙ୍ଗର ମାଟି, ପାଣି, ପବନରେ ଆପଣଙ୍କର ରକ୍ତ, ମାଂସ ଗଢ଼ା । କଳିଙ୍ଗର ପୁରପଲ୍ଲୀ, ନଗର, କାନନ, ବୁଲିଛନ୍ତି ଆପଣ । ଆପଣଙ୍କ ଦୃଷ୍ଟିରେ କଳିଙ୍ଗରେ ଏହି ଆଦିବାସୀଙ୍କ ଜୀବନଧାରା ସମ୍ପର୍କରେ ଆପଣଙ୍କର ଅନୁଭବ ଶୁଣାନ୍ତୁ । ମୁଁ ମୁଗ୍ଧ ମୋହିତ ସେମାନଙ୍କ ବଂଶୀଧ୍ୱନିଠାରୁ ଜଳକ୍ରୀଡାଯାଏ, ଚଳଣିଠାରୁ ଚାହାଣି ଯାଏ ।

ଅଶୋକ : କଳିଙ୍ଗ ମୋର ପ୍ରାଣପ୍ରିୟ । ପୂର୍ବଜନ୍ମର କେଉଁ କର୍ମଫଳ ଯୋଗୁ ମଗଧରେ ଜନ୍ମହୋଇ କଳିଙ୍ଗରେ ବଢ଼ିଛି । କାରଣ କଳିଙ୍ଗ ମୋର ପ୍ରାଣଦପୀ ପ୍ରିୟ । ଏ ମାଟିର ମମତା

ଅଭୁଲା ମୋ ଚିନ୍ତାରେ ଚେତନାରେ । କଳିଙ୍ଗର ପୁରପଲ୍ଲୀଠାରୁ ଜଙ୍ଗଲ ଘେରା ଆଦିବାସୀ ପଲ୍ଲୀରେ ମୁଁ ଅନୁଭବ କରିଛି ନିବିଡ ଭାବରେ । ପ୍ରକୃତିର ପ୍ରାଣକନ୍ଦର ଭିତରେ ପଲ୍ଲବିତ ପଲ୍ଲୀ ଜୀବନ ଓ ପୁଲକିତ ଜୀବନଧାରାରେ ଭାବ ବିହ୍ୱଳିତ ଅମୃତର ସନ୍ତାନ । ଘନ ଜଙ୍ଗଲଘେରା ଆଦିବାସୀ ପଲ୍ଲୀରେ ପ୍ରାଣମୟ ଅମୃତମୟ ଆନନ୍ଦମୟ । ସେମାନଙ୍କ ଆଖିରେ ଓଠରେ ଆପଣାର ଅପଣାର ଭାବ, ଚିରବସନ୍ତର ହସ । ଆଶା ଆନନ୍ଦର ସମୁଜ୍ଜ୍ୱଳ ପ୍ରକାଶ । ଅତିଥିଙ୍କୁ ଆପଣାର ଭାବରେ ବିଭୋର କରିବାକୁ ବ୍ୟାକୁଳ । ପ୍ରାଣସତ୍ତା ଯେମିତି ଉଚ୍ଛୁଳି ପଡୁଛି ଐଶ୍ୱର୍ଯ୍ୟରେ, ପ୍ରାଚୁର୍ଯ୍ୟରେ । ଚିରଜୀବନ୍ତ ମଲ୍ଲିମୟ ପଲ୍ଲୀର ପ୍ରାଣମୟ ପ୍ରକାଶ ।

ପର୍ବପର୍ବାଣିର ଦେଶ କଳିଙ୍ଗ । ବାରମାସରେ ତେରପର୍ବ । ବର୍ଷସାରା ବନ୍ଧୁବାନ୍ଧବ, ଯାତ୍ରାତୀର୍ଥର ଭିଡ । ପଣାସଂକ୍ରାନ୍ତି ଦିନ କଳିଙ୍ଗର ନବବର୍ଷ । ନୂଆପାଞ୍ଜି ଓ ନବବସ୍ତ୍ର ସହ ବନ୍ଧୁମିଳନର ଆନନ୍ଦ । ବସନ୍ତ ଓ ବୈଶାଖର ମିଳନ ସମୟରେ ଋତୁମତୀ ବୃକ୍ଷଲତା । ନବ କଳିକାର ନବପଲ୍ଲବ ଶୋଭା ଅତୁଳନୀୟ । ବସନ୍ତର ରାସଉତ୍ସବ ଭଳି ରସମୟ, ରସସ୍ନିଗ୍ଧ ପଲ୍ଲୀ ପ୍ରକୃତି । ଫୁଲ ପ୍ରଜାପତିର ଭିଡ ବସନ୍ତ ଉତ୍ସବ ଉପଭୋଗରେ । ନବବର୍ଷର ପୁଲକରେ ଆଶା ଆନନ୍ଦରେ ସମସ୍ତେ ବିହ୍ୱଳିତ । ପଣାସଂକ୍ରାନ୍ତି ଦିନ ନଡିଆ, କଦଳୀ, ଛେନା, ଗୁଡ, ବେଲପଣା ପିଇ ସମସ୍ତେ ଆନନ୍ଦ ବିଭୋର । ନବବର୍ଷର ଶୁଭାରମ୍ଭ । ଶୁଭକାର୍ଯ୍ୟର ମହାର୍ଘ୍ୟ ମୁହୂର୍ତ୍ତ । ଅନ୍ତରଙ୍ଗତାର ନିବିଡ ଭାବ ଜନମାନସର ପ୍ରାଣ କନ୍ଦରରେ ।

## ପଦ୍ମାଙ୍କ ସହ କଥୋପକଥନ

ଆମ ଜୀବନଧାରାରେ ପ୍ରତିଫଳିତ ଆମର ଚିରଞ୍ଜୀବୀ ସଂସ୍କୃତି । ଆଦର୍ଶର ଅନୁକରଣ, ଗୁରୁଜନଙ୍କୁ ସମ୍ମାନ, ସତ୍ୟପ୍ରତି ଅଗାଧ ନିଷ୍ଠା, ଆତ୍ମସଞ୍ଜମ ଓ ଶୃଙ୍ଖଳିତ ହେବାକୁ ଭାରତୀୟ ସଂସ୍କୃତି ଆମକୁ ଶିକ୍ଷା ଦେଇଛି । କାୟ-ମନ-ବାକ୍ୟରେ ସଞ୍ଜମତା ହିଁ ତପସ୍ୟା । ଗୃହସ୍ଥ ଜୀବନ ଏକ ତପୋବନ ଯେଉଁଠି ଧୈର୍ଯ୍ୟ, ସହିଷ୍ଣୁତା, ସଞ୍ଜମତା ଶିକ୍ଷା କରିବାକୁ ପଡିଥାଏ । ସତ୍ୟ,ସଞ୍ଜମ ଓ ସାଧୁତା ହିଁ ଆମ ସଂସ୍କୃତିର ଲକ୍ଷଣ । ଆଧ୍ୟାତ୍ମିକତା ଆମର ଲକ୍ଷ ଓ ଆଦର୍ଶ । ଆତ୍ମା ପରମାତ୍ମାର ପରମ ସଂଯୋଗ ଭଳି ସଞ୍ଜୀବୀତ ଆମର ସଂସ୍କୃତି । ଆମର ଭକ୍ତି ଭାବନା ବିଭୁମୟ, ବିଭବମୟ । ମାନବ ମଧ୍ୟରେ ମାଧବ ବିଦ୍ୟମାନ । ଦାନ, ଧର୍ମ, ଯଜ୍ଞ, କର୍ମଫଳ, ସ୍ନେହ, ପ୍ରେମ, କ୍ଷମା, ସହିଷ୍ଣୁତା ଓ ଉଦାରତା ଆମର ଜାତୀୟ ଜୀବନକୁ ସମୃଦ୍ଧ କରିଛି । ଭାରତୀୟ ସଂସ୍କୃତି ଚିରଉଦାର, ଧର୍ମ ନିରପେକ୍ଷ । ଅତିଥିସେବା ଆମର ପରମ ଧର୍ମ । ମହାଭାରତର ସଂସ୍କୃତି ଓ ସମୃଦ୍ଧି ପାଇଁ ଭଗବାନଙ୍କଠାରୁ ମହାପୁରୁଷ ଯାଏ ଜନ୍ମ ନେଇଛନ୍ତି ଏଇ ମାଟିରେ, ମାଟିତ ନୁହେଁ ମାନବଜାତିର ମହାତୀର୍ଥ, ମହାମାନବର ପଦପାତରେ ପାବନୀ ମାଟିଠୁ ମହାକାଶ । ମହାଭାରତର ଗୌରବ ବୋଧରେ ଗରୀୟାନ ଆମର ସଂସ୍କୃତି ଚିରମହାନ । ଆମ ସଂସ୍କୃତି ଆମ ଜୀବନ, ଆତ୍ମସମ୍ମାନ ଓ ସ୍ୱାଭିମାନର ସ୍ୱାକ୍ଷର । ପଲ୍ଲୀ ଜୀବନ, ପ୍ରାଚୀନ ପରମ୍ପରାର ପ୍ରାଣକେନ୍ଦ୍ର । ପ୍ରାଚୀନ ସଂସ୍କୃତି ଆମର ବିଶ୍ୱାସର ବଡଦିନ । ଗୀତା, ବେଦ, ରାମାୟଣ, ମହାଭାରତ ଆମ ଜୀବନଧାରାରେ ଜୀବନ୍ତ । ଅର୍ନ୍ତମୁଖୀ



ଆମର ଦୃଷ୍ଟି ଓ ଦର୍ଶନ । ଆଧ୍ୟାତ୍ମିକତାର ପୂର୍ଣ୍ଣମୟ ବିକାଶ ପାଇଁ ବିଭୁମୟ ଆମର ପ୍ରାଣସତ୍ତା, ବିଶ୍ୱକଲ୍ୟାଣମୟ ଆମର ଜୀବନଧାରା । ଆମ ସଂସ୍କୃତି ଜାତୀୟ ଜୀବନଧାରାର ଜାହ୍ନବୀ, ଆଧ୍ୟାତ୍ମିକତାର ଅନନ୍ତ ଉତ୍ସ । ଐତିହ୍ୟଦୀପ୍ତ ଉଦ୍‌ବୁଦ୍ଧ ଅତୀତ ଆମ ସଂସ୍କୃତିର ସମୁଜ୍ଜ୍ୱଳ ପ୍ରକାଶ । ଏହା ସେବା ସାଧନାର, ପ୍ରେମ ପୌରୁଷର, କରୁଣା ଓ କଲ୍ୟାଣର, ସକଳ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ ଏହାର ସ୍ଥାନ ଓ ସମ୍ମାନ ।

ଅଳସ ଅପରାହ୍ନର ଅସ୍ତମୁଖୀ ସୂର୍ଯ୍ୟ ନଇଁ ଯାଉଥିଲେ ବାରୁଣୀ ଗଗନରେ । ଦୂର ଚକ୍ରବାଳରେ ଦୀପ୍ତିମାନ ଦେବୋପମ ଅପୂର୍ବ ପ୍ରକାଶ । ସନ୍ଧ୍ୟା ଆକାଶରେ ପକ୍ଷୀକୁଳର ନୀଡ ଫେରନ୍ତା କାକଳି ଓ କଳରବରେ ମୁଖରିତ ରାଜଉଦ୍ୟାନ । ହରିଣ, ମୟୂରୀଙ୍କର ନୃତ୍ୟ ଚପଳ ଚାଲି ବେଶ୍ ମନୋମୁଗ୍ଧକର । ବାସନାମୟ, ରଙ୍ଗମୟ ରାଜ ଉଦ୍ୟାନର ପୁଷ୍ପିତ ବିଳାସ । କାରୁବାକୀ ଅଶୋକଙ୍କ ସହିତ ବାର୍ତ୍ତାଳାପରେ ମଗ୍ନ ଥିଲେ । ଅଶୋକ ନିବିଷ୍ଟ ଚିତ୍ତରେ ମଗଧର ଶାସନ, ସଂସ୍କୃତି, ଶିକ୍ଷା, ଧର୍ମ, ଦର୍ଶନ ସମ୍ପର୍କରେ ଆଲୋଚନା କରୁଥିଲେ ଅନାସକ୍ତ ଭାବରେ ।

କାରୁବାକୀ : କଳିଙ୍ଗରେ ବଣିକଙ୍କ ମେଳରେ କୈଶୋର କାଟିଛନ୍ତି ଆପଣ । ଏବେ ରାଜଦୂତ ଭାବେ କାଟୁଛନ୍ତି ସମ୍ଭ୍ରାନ୍ତ ଜୀବନ । କଳିଙ୍ଗର ଜୀବନଧାରା ସମ୍ପର୍କରେ ଆପଣଙ୍କର ମତାମତ କଣ ?

ଅଶୋକ : କଳିଙ୍ଗର ମାଟି, ପାଣି, ପବନରେ ପରିପୃଷ୍ଟ ମୋର ଜୀବନଧାରା । ପ୍ରାଣଦପୀ ପ୍ରିୟ, ମାଟି ମା'ର ପାଦଠୁ ପଣତ । ମୋର ରକ୍ତମାଂସରେ କଳିଙ୍ଗର ଅନୁଭବ ଅବିସ୍ମରଣୀୟ । କୈଶୋରର ସ୍ମୃତି ସଜଳ ମୁହୂର୍ତ୍ତସବୁ ମହାର୍ଘ୍ୟ ଅନୁଭୂତି ଭଳି ଅଭୁଲା । ବଣିକଙ୍କ ମେଳରେ ମୁଁ କାଟିଛି ଜୀବନର ସ୍ମୃତିମଧୁର, ପ୍ରୀତିମଧୁର ଦିନସବୁ କଳିଙ୍ଗରେ । କଳିଙ୍ଗର ଆତିଥ୍ୟୟତା, ମାନବତା ଓ ଉଦାରତାର ଉପମା ନାହିଁ । ମାନବାତ୍ମାର ଦେବୋପମ ପ୍ରକାଶରେ ଦୀପ୍ତିମାନ କଳିଙ୍ଗର ଶାନ୍ତିପ୍ରିୟ ଅଧିବାସୀ । ହିଂସାମୁକ୍ତ ଅହିଂସ ଜୀବନର ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ସମଗ୍ର ଆର୍ଯ୍ୟାବର୍ତ୍ତରେ ବିରଳ । ବହିର୍ବାଣିଜ୍ୟରେ ଯେମିତି ବିଭବଶାଳୀ, ସୁଦକ୍ଷ ନୌଚାଳନା, ସମୁଦ୍ର ବକ୍ଷରେ ଦୁଃସାଧ୍ୟ ସମରାଭ୍ୟାସ, ଗିରିକାନନରେ ଥିବା ସେହି ଦୁର୍ଗମ ଦୁର୍ଗସମୂହ, ଜନପଦରେ, ଏକାନ୍ତରେ ନିର୍ଭୟ ପଦଚାରଣ, ବ୍ୟକ୍ତି ସ୍ୱାଧୀନତା, ପ୍ରଜାତନ୍ତ୍ରରେ ଧର୍ମନିରପେକ୍ଷତା, ଶୃଙ୍ଖଳିତ ଶାସନଧାରା କଳିଙ୍ଗକୁ ମହାନ କରି ତୋଳିଛି ବିଶ୍ୱଦରବାରରେ । ବିପୁଳ ଧନରତ୍ନ, ମଣିମୁକ୍ତାର ଗନ୍ତାଘର କଳିଙ୍ଗର ରାଜପୁରୀ ସ୍ୱର୍ଗର କୁବେରପୁରୀ ।

ମହୋଦଧି ମୁଖରିତ କଳିଙ୍ଗର ଉପକୂଳ ମନଛୁଆଁ ମନୋମୁଗ୍ଧକର । କଳିଙ୍ଗର ପ୍ରକୃତି ପ୍ରାଣମୟ । ତାର ପ୍ରକାଶ ପ୍ରାଚୁର୍ଯ୍ୟମୟ । ସାବ୍‌ଜା, ସାବ୍‌ଜା ବନଭୂମୀ, ସବୁଜ ଶ୍ୟାମଳ କେଦାର କାନନ ଓ ସବୁଜ କୃଷିକ୍ଷେତର ସବୁଜ ସ୍ୱର୍ଣ୍ଣ ରୂପକାନ୍ତି ଏବେବି ଲାଖିରହିଛି ମୋର କାବ୍ୟିକ ଆଖିରେ କଳ୍ପନାରେ । ଅପାଶୋରା ଶୋଭାର ଗନ୍ତାଘର, ଅଖଣ୍ଡ ସୌନ୍ଦର୍ଯ୍ୟର ସମ୍ଭାର । ମହୋଦଧିର ଉତ୍ସବମୁଖର ବେଳାଭୂମି, ପଲ୍ଲୀବାଳାର କ୍ରୀଡାଭୂମି, ପଲ୍ଲିବଧୂର ପ୍ରୀତିସ୍ନିଗ୍ଧ ପାଦପଲ୍ଲବ, ମଲ୍ଲୀମୟ ପଲ୍ଲୀର ସେହି ଲୋଭନୀୟ ଲାବଣ୍ୟ, ଋତୁମତୀ ଫୁଲମାନଙ୍କର ପୁଷ୍ପିତ ପାଖୁଡା, ବାସ୍ନାମୟ ମାଟିଠୁ ଆକାଶ, ପବନରେ ପବନରେ, କବିତା । କବିତାରେ ସୁଷମାର ସୁରଭିତ ସ୍ପର୍ଶ । ଗୋହିରିବିଲରେ

ଗୀତିମୟ କୃଷକ, ଗଦ୍ୟମୟ କୃଷିକ୍ଷେତ । କାବ୍ୟମୟ କାଦମ୍ବିନୀ (ମେଘ)ର କୋଳାକୋଳି ଭାବ । କଦମ୍ବିତ ଅନୂଢା ଆଷାଢ, ଉଚ୍ଛୁଳା ଆକାଶ । ବିଭୋର ପ୍ରାଣର କୋଣ ଅନୁକୋଣରେ ନାନାବାୟା ଗୀତ, ଲୋକଗୀତ, ହୃଦପଖଲା ପ୍ରିୟଗୀତର ସ୍ୱର ଲହରୀ । ନୃତ୍ୟ ସଙ୍ଗୀତର ଲାସ୍ୟମୟ ସ୍ୱରରେ ଶିହରଣ ହୃଦୟରେ, ଦେହବଲ୍ଲରୀରେ । କବି ପାଲଟି ଯାଉଥିବାର କ୍ଷଣିକ ଅନୁଭୂତି ଯେମିତି ଅପାଶୋରା, ଅପୂର୍ବ ସମୟର ସୀମାଟପିଯାଇଛି ଯେମିତି ହୃଦୟର ଅନୁଭବ, ଯେମିତି ରସାଳ, ତୁମ ସହିତ ଗଳ୍ପ କରିବାରେ ସେମିତି ରସସ୍ନିଗ୍ଧ । କଳିଙ୍ଗ ଜନସାଧାରଣଙ୍କର ଧର୍ମଧାରଣା ମଗଧରେ ବିରଳ । ସେଠାରେ ଧର୍ମକୁ ନେଇ ରାଜନୀତିଠାରୁ କୂଟନୀତି ଯାଏ ବିଭତ୍ସ ଷଡଯନ୍ତ୍ରର ଗୋପନୀୟ କାର୍ଯ୍ୟକଳାପରେ ମୁଁ ବ୍ୟଥିତ । କଳିଙ୍ଗରେ ଧର୍ମୀୟ ବିକାଶରେ କୋଳାହଳ ନାହିଁ । ଜୈନଧର୍ମ ଓ ବୌଦ୍ଧଧର୍ମ ମଧ୍ୟରେ ସାମ୍ୟ ଓ ପ୍ରୀତିର ସମନ୍ୱୟ ମୋତେ ମୁଗ୍ଧ କରିଛି । କ୍ଷମତାର ଲାଳସା ନାହିଁ, ଅର୍ଥଲାଭର ଲୋଭ ନାହିଁ, ପ୍ରାଚୁର୍ଯ୍ୟ ଐଶ୍ୱର୍ଯ୍ୟ ସତ୍ତ୍ୱେ ବିଳାସ ନାହିଁ । ଧର୍ମୀୟ ନିରପେକ୍ଷତା ,ରାଜଧର୍ମର ସୁରକ୍ଷା ଓ ସମ୍ମାନ ପାଇଁ ଜରୁରୀ । କଳିଙ୍ଗର ଶାନ୍ତିପ୍ରିୟ ଅଧିବାସୀଙ୍କର ଗୌରବ ଗାରିମାର ତୁଳନା ନାହିଁ । ବାରମାସରେ ତେର ଓଷା । ପର୍ବପର୍ବାଣିର ଭିଡ, ବନ୍ଧୁମିଳନ ଓ ଅତିଥି ଚର୍ଚ୍ଚାର ଅପୂର୍ବ ଆନନ୍ଦ ଯାହାର ତୁଳନାନାହିଁ ।

ଇଚ୍ଛା ହେଉଛି କଳିଙ୍ଗ ଉପକୂଳରେ ଛୋଟ ଘରଟିଏ କରି ଜୀବନର ଅବଶିଷ୍ଟ ସମୟକୁ କାଟିବାକୁ । ମହୋଦଧିର ମାୟା ମତେ ମନ୍ତ୍ରମୁଗ୍ଧ କରିଛି । ବେଳାଭୂମିର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ସ୍ୱର୍ଣ୍ଣପ୍ରଭା, ଚପଳ ତରଙ୍ଗମାଳା ମଧ୍ୟରେ ହଜିବାକୁ, ହଜାଇଦେବାକୁ ମନରେ ଅନେକ କଳ୍ପନା । ଆଶା ପ୍ରତ୍ୟାଶାରେ ପୁଲକିତ ଦେହମନ । କଳିଙ୍ଗରେ ଜନ୍ମ ହୋଇଥିଲେ... ପରମ ସୌଭାଗ୍ୟବାନ ମନେ କରିଥାନ୍ତି ।

କାରୁବାକୀ : କଳିଙ୍ଗ ଓ ମଗଧର ସୁସମ୍ପର୍କ ପାଇଁ ଆପଣଙ୍କର ବିଚକ୍ଷଣ ବିଜ୍ଞତା, ଦୂରଦୃଷ୍ଟି, ମିଷ୍ଟଭାଷା ଓ ଉତ୍ତମ ବ୍ୟବହାରରେ ସମସ୍ତେ ପ୍ରୀତ । କଳିଙ୍ଗ କନ୍ୟାକୁ ବିବାହ କରୁନାହାନ୍ତି । ଦୂରପାହାଡ ଓ ଧାନକ୍ଷେତକୁ ଯୋଡି ଦେଉଥିବା ଦିଗ୍‌ବଳୟ ଭଳି ଆପଣ ଯୋଡିହୋଇ ରହନ୍ତେ କଳିଙ୍ଗରେ... ।

ଅଶୋକ : ଏତେ ସୌଭାଗ୍ୟ ମୋର କାହିଁ ? ଏତେ ସ୍ୱପ୍ନପାଇଁ ରାତି କାହିଁ ରାଜକୁମାରୀ ? ଜୀବନ ଯାହାର ପ୍ରତିଟି ମୁହୂର୍ତ୍ତରେ ବିପନ୍ନ ତାର ଜୀବନରେ ସ୍ୱପ୍ନ ସର୍ଜନର ବିକାଶପାଇଁ ସବୁ ଅବରୁଦ୍ଧ ।

କାରୁବାକୀ : ସେହି ଅବରୁଦ୍ଧ ଶିଳାଖଣ୍ଡଗୁଡିକୁ ଯଦି ମୁଁ କାଢିଦିଏ ଆପଣଙ୍କର ହୃଦୟ କଣ ଉଚ୍ଛୁଳି ଉଠିବ ସର୍ଜନର ସ୍ୱର ଓ ସଙ୍ଗୀତରେ, କଳା ଓ କଳ୍ପନାରେ ?

ଅଶୋକ : ରାଜକୁମାରୀ କଷ୍ଟ ଦିଅନ୍ତୁ ନାହିଁ । ହୃଦୟର ବିଭବକୁ ଯେଉଁ ଶିଳାଖଣ୍ଡ ସବୁ ଲୁଚାଇ ରଖିଛନ୍ତି ତାକୁ କାଢିବାକୁ କିଏ ଚାହିଁବ ?

କାରୁବାକୀ : ହୃଦୟର ଭାର ଲାଘବ ପାଇଁ ଏହା ଜରୁରୀ । ଏକଥା ବୁଝିପାରୁଥିବେ ଭଲଭାବରେ । ତକ୍ଷଶିଳାରେ ବିଦ୍ରୋହ ଦମନ କରି ଆପଣ ଦେଶବାସୀଙ୍କ ହୃଦୟ ଜୟ କରିଛନ୍ତି । ଆପଣ ସମର କୁଶଳୀ ହୋଇ ଶାନ୍ତି ଓ ଅହିଂସା ଦ୍ୱାରା ବିଦ୍ରୋହ ଦମନ କଲେ କିପରି ?



ଅଶୋକ : ବିଦ୍ରୋହ ଦମନ ପାଇଁ ହୃଦୟର ଦରଦ ଲୋଡା, ଦରଜ ଲୋଡା । ନଚେତ୍ ଅସିମୁନରେ ଉତ୍ୟକ୍ତ କ୍ଷୁବ୍ଧ ଜନଗଣକୁ ଦମନ କରିବା ସମ୍ଭବ ନୁହେଁ । ନିଷ୍ଠୁର ପ୍ରଜା ପୀଡନ ଦ୍ୱାରା ଜନଗଣ ବ୍ୟଥିତ ଥିଲେ । ସେହି ନିଷ୍ଠୁର ନିର୍ଦ୍ଦେଶ ପ୍ରତ୍ୟାହର ଦ୍ୱାରା ଶାନ୍ତିର ବିଜୟ ସମ୍ଭବ ହୋଇଥିଲା । ଅହିଂସାର ଜୟ ହୋଇଥିଲା । ବିଦ୍ରୋହ ଦମନ ପାଇଁ ଅସି ଅପେକ୍ଷା ମସୀର, ବୁଦ୍ଧି ଓ ବିଚକ୍ଷଣ ପ୍ରକାଶର ଅଧିକ ଆବଶ୍ୟକତା ରହିଛି ଏହାକୁ ଅସ୍ୱୀକାର କରିହେବ ନାହିଁ ।

କାରୁବାକୀ : ଓଠରେ ସ୍ମିତହାସ୍ୟ ଖେଳାଇ କହିଲେ ସଲ୍ଲଜ ଭଙ୍ଗୀରେ, ରାଜଦୂତ ହୋଇ ଆପଣ କିପରି ଅନୁଭବ କରୁଛନ୍ତି କଳିଙ୍ଗକୁ ?

ଅଶୋକ : କଳିଙ୍ଗର ରାଜଦୂତ ହେବା ମୋ ପାଇଁ ପରମ ସୌଭାଗ୍ୟ । ଯେମିତି ଭାଗ୍ୟ ମୋତେ ବଞ୍ଚେଇ ରଖିଛି ବାଲ୍ୟକାଳରୁ । ବୁଝିହେଉନି ବିଧିର କି ଉଦ୍ଦେଶ୍ୟ ରହିଛି ଏହି ଅସହାୟ ଅଶୋକ ପାଇଁ ? ରାଜଅନ୍ତଃପୁରୀର କ୍ଷମତା କନ୍ଦଳଠାରୁ ମୁକ୍ତି ମିଳିଛି । ଶାନ୍ତିମୟ ଜୀବନ ତୃପ୍ତ ମନେ ହେଉଛି କଳିଙ୍ଗରେ ତୁମରି ସ୍ନେହ ସାନ୍ନିଧ୍ୟରେ, ଦୃଷ୍ଟି ଦର୍ଶନରେ । ସ୍ୱସ୍ତିମୟ ଜୀବନ ଖୁବ୍ ମଧୁର, ମନଛୁଆଁ, ମନୋରମ ଓ ମୁଲାୟମ ଲାଗୁଛି ।

ଏହିପରି ବିତୁଥିଲା ଦିନ କୁଶଳରେ, କଳ୍ପନାରେ । ଜୀବନର କଳାତ୍ମକ ପ୍ରକାଶରେ, ହସଖୁସିରେ ରାଜକୁମାରୀଙ୍କ ସହିତ । ସମୟକ୍ରମେ ଗଳ୍ପରତ ଦୁଇ ହୃଦୟରେ ଅଙ୍କୁରିତ ପ୍ରୀତିର ଅଙ୍କୁର, ଆଶାର ଅରୁଣୋଦୟ, ଆବେଗଭରା, ଉଷ୍ମ ଉର୍ମିଳ, ଫେନାୟିତ ନୀଳ ତରଙ୍ଗ ଭଳି । ଅଜାଣତରେ ଛୁଇଁ ନ ଛୁଇଁବାର, ନ ଛୁଇଁ ଛୁଇଁଦେବାର ଇଚ୍ଛାରେ ଏପଟ ସେପଟ ହେଉଥିଲା ଭୟ ଓ ଭଲ ପାଇବାର ଲହରୀ ସବୁ ଜଳ ଭଉଁରୀରେ ଉବୁଟୁବୁ ହେଲାଭଳି ତରୁଣ ପ୍ରେମର ଚିନ୍ମୟ ଭାବରେ ବିଭୋର ଦୁଇଟି ଅଜ୍ଞାତ ହୃଦୟ । ଭଲପାଇବାର ଉନ୍ମୁକ୍ତ ଆବେଗ ନିର୍ଝରଭଳି, ନୀଳିମାଭଳି ନିବିଡ, ନିରୁପମ । ମୁକ୍ତିତୀର୍ଥ 'ଚନ୍ଦ୍ରଭାଗା' ମିଳନତୀର୍ଥ ଅର୍କକ୍ଷେତ୍ର କୋଣାର୍କର କୋଳ ମଣ୍ଡନକରି ଚନ୍ଦ୍ରଭାଗା, ମହୋଦଧିର କୂଳ ପ୍ଲାବନକରି ମର୍ମର ମୁଖର । ନୀଳ ତରଙ୍ଗର ମାୟାରେ ମୁଗ୍ଧ ମୋହିତ ବନଭୂମି । ଜନଗଣ ଭକ୍ତିଭାବରେ ବିହ୍ୱଳ । ଚନ୍ଦ୍ରଭାଗାରେ ପବିତ୍ର ବୁଡ ପକାଇ ଜୀବନକୁ ସାର୍ଥକ କରିବାକୁ ସମସ୍ତେ ଧାଇଁ ଆସିଛନ୍ତି କେଉଁ ଦୂରଦୁରାନ୍ତରୁ । ପ୍ରାଣରେ ପ୍ରାଣରେ ପ୍ରାଣମୟ ପବିତ୍ର ପୁଲକ । ଉଷାର ଅରୁଣୋଦ୍ୟ । ପ୍ରାତଃ କାଳର ସୁଶୀତଳ ସମୀରଣ ପ୍ରତ୍ୟେକ ପ୍ରାଣକୁ ଆର୍ଦ୍ର କରିଛି । ପବିତ୍ର ସ୍ନାନ ପର୍ବରେ ସମସ୍ତେ ଅପେକ୍ଷା କରିଛନ୍ତି ସେଇ ଅନୁପମ ଦୃଶ୍ୟକୁ । ମହୋଦଧିର ମିଳନ ବିନ୍ଦୁରେ ସିନ୍ଦୂରିତ ସ୍ୱର୍ଣ୍ଣିମ ସୂର୍ଯ୍ୟକୁ । ସୂର୍ଯ୍ୟଦେବଙ୍କର ବିସ୍ମୟ ବିଜଡିତ ଅରୁଣ ଅଞ୍ଜଳକୁ । ସମସ୍ତଙ୍କ ଆଖିରେ ବୁଣି ହୋଇ ଯାଉଛି ଭକ୍ତି ଓ ପ୍ରୀତିର ଦିବ୍ୟ ଭାବ ।

ଚନ୍ଦ୍ରଭାଗା ବୁଡଯାତ୍ରାରେ ମହୋଦଧି ନିକଟରେ ବିରାଟ ବିପଣି ସମ୍ଭାର । ଚାନ୍ଦୁଆ ତୋରଣରେ ସାଜସଜ୍ଜା ଓ କିଣାବିକାରେ କୋଳାହଳ ମୁଖରିତ ପରିବେଶ । ସୂର୍ଯ୍ୟଙ୍କର ଅରୁଣୋଦୟ କନକକାନ୍ତି ଦର୍ଶନରେ ମନେ ହେଉଥିଲା ନୀଳ ଦର୍ପଣ ଉପରେ ସ୍ୱର୍ଣ୍ଣ ଫଳକର ଲମ୍ଫଦାନ । ପାପମୁକ୍ତ ମନ, ଆନନ୍ଦ ମୁଖରିତ । ହଠାତ୍ ଭିଡ ଭିତରେ ଆର୍ତ୍ତ ଚିତ୍କାର । ଅଗ୍ନିକାଣ୍ଡରେ ଆହତ ହୋଇ ପ୍ରାଣ ବିକଳରେ ସମସ୍ତେ ଧାଉଁଥିଲେ । ପ୍ରଳୟଙ୍କରୀ ଅଗ୍ନିଶିଖା ନୃତ୍ୟମଣ୍ଡପ, ରାଜମଣ୍ଡପ ଓ ଯାତ୍ରାଭୂମିକୁ ଭସ୍ମୀଭୂତ କରିବାରେ ଲାଗିଥିଲା । ଏହି ଦାରୁଣ ଦୁର୍ଦ୍ଦିନରେ ରାଜକୁମାରୀ କାରୁବାକୀ ଅଗ୍ନିଘେର ମଧ୍ୟରେ

ରହିଯାଇଥିଲେ । ତାଙ୍କୁ ଉଦ୍ଧାର କରିବାପାଇଁ ସାହସ ନଥିଲା କାହାର । ଏହି ସମୟରେ ଅଶୋକ ଆଖି ପିଛୁଳାକେ ଅଗ୍ନି ମଧକୁ ଝାସଦେଇ କାରୁବାକୀଙ୍କୁ ଉଦ୍ଧାର କରିଥିଲେ, ଆହତ ହୋଇଥିଲେ । ସମସ୍ତେ ତାଙ୍କ ସାହସକୁ ଧନ୍ୟ ଧନ୍ୟ କରୁଥିଲେ । ଅଶୋକ ଆତ୍ମତୃପ୍ତି ଲାଭ କରୁଥିଲେ ନିଜର ପ୍ରିୟ ରାଜକୁମାରୀଙ୍କୁ ଉଦ୍ଧାର କରିଥିବାରୁ ।ଏହି ଘଟଣାରେ କଳିଙ୍ଗର ମହାରାଜ ଅଶୋକଙ୍କୁ ବିଶିଷ୍ଟ ସେବାପଦକ ଦେଇ ସମ୍ମାନିତ କରିଥିଲେ । କାରୁବାକୀ ଜୀବନ ଫେରି ପାଇଥିବାରୁ କୃତଜ୍ଞତାରେ ଅଶ୍ରୁସ୍ନାତ ହୋଇଥିଲେ ।

କଳିଙ୍ଗର ରାଜ ଅନ୍ତଃପୁରୀରେ ପ୍ରୀତିସ୍ନିଗ୍ଧ ଆତିଥ୍ୟରେ ମୁଗ୍ଧ ଅଶୋକ କାରୁବାକୀଙ୍କ ସହିତ ସାନ୍ଧ୍ୟ ଭ୍ରମଣ, ରାଜୋଦ୍ୟାନରେ ଗଳ୍ପରତ, ପଦଯାତ୍ରାରେ କଟୁଥିଲା ଦିନସବୁ । ଜୀବନ ବଞ୍ଚାଇଥିବାରୁ କାରୁବାକୀ କୃତଜ୍ଞତାରେ ନିକଟତର ହୋଇଥିଲେ ଅଶୋକଙ୍କର ଦେବାନାଂପ୍ରିୟ ପ୍ରାଣରେ । ପ୍ରୀତିସ୍ନିଗ୍ଧ ରସାଳ ପ୍ରାଣରେ ଅଙ୍କୁରିତ ଆଶା ପ୍ରୀତି ମୁକ୍ତ ପାଣିପବନରେ, ମାଟିର ମହକରେ ମହକୁଥିଲା ରଜନୀଗନ୍ଧା ଭଳି । ପୁଷ୍ପିତ ଜୀବନ । ପ୍ରୀତିସ୍ପନ୍ଦ ଜୀବନଧାରା । ଯୌବନର ପାଦ ଦେଶରେ ଅଶୋକ, ତାରୁଣ୍ୟର ଲାସ୍ୟମୟୀ ଛନ୍ଦରେ କାରୁବାକୀ । ପ୍ରେମତରୁର ସାବ୍‌ଜା ପତ୍ରଭଳି ପବିତ୍ର ଦୁଇ ପ୍ରଣୟୀ ଯୁଗଳଙ୍କର ଗୋପନୀୟ ହୃଦୟ ସମ୍ଭାର । ସମୁଦ୍ର କୂଳରେ ଶିବିର ପଡିଥିଲା ମହାରାଜାଙ୍କର ବଣଭୋଜି, ମୃଗୟା ଉଦ୍ଦେଶ୍ୟରେ । ପୂର୍ଣ୍ଣମୀର ଜହ୍ନ ରୁପାଫୁଲ ବିଞ୍ଛୁଥିଲା ମେଘ ମଣ୍ଡଳରେ ରହିରହି । ଖୁବ୍ ଆକର୍ଷଣୀୟ ପରିବେଶ । ହାଲ୍‌କା ହାଲ୍‌କା ଥଣ୍ଡା ପବନରେ ପୁଲକିତ ପ୍ରାଣ ସ୍ୱର୍ଗୀୟ ପରିବେଶରେ । କଥାଛଳରେ କାରୁବାକୀ କହୁଥିଲେ, ରାଜକୁମାର ଭଲ ପାଇବାର ପୂର୍ଣ୍ଣଚ୍ଛେଦ ସବୁବେଳେ ପରିତ୍ୟକ୍ତ । ଥରେ ମୁକୁଳି ଆସିଲେ ଏଇ ଭାବମୟ ବନ୍ଧନୀରୁ ଦୁର୍ଗନ୍ଧମୟ ଦୁର୍ଗମ ଲାଗେ ଏହାର ସୁଗମ, ସମର୍ପିତ ଭାବଧାରା । ମରୀଚିକା ପଛରେ ଧାଇଁବାରେ କଣ ଆନନ୍ଦ ଥାଏ ଯେ ମଣିଷ ଭଲପାଇବାର ଭାବଧାରାରେ ଭାସିଯାଏ ? ଯାହାର ପରିଣତି ଅସମ୍ପୂର୍ଣ୍ଣ । କୂଳକିନାରା ଭଳି ପଙ୍କ କାଦୁଅରେ କର୍ଦ୍ଦମାକ୍ତ, ପଙ୍କିଳ । ସବୁଜାଣି ମଧ୍ୟ କେଉଁ ଅନାହତ ଆକର୍ଷଣରେ ତମେ ଟାଣି ହୋଇଯାଉଛ କୁମାର ? ମୁଁ ମଧ୍ୟ ବିଡମ୍ବିତ ବାସ୍ତବତାର କଥା କହିଲା ବେଳେ ଥରି ଉଠୁଛି ମୋର ଆଖି, ଓଠ, ଗୋପନୀୟ ଲୋଭନୀୟ ହୃଦୟ ମଣ୍ଡଳ । ଅସ୍ପଷ୍ଟ କଥାର ସ୍ୱରବର୍ଣ୍ଣ ସବୁ ନୀରବ ସଙ୍ଗୀତରେ ଟାଣି ହୋଇଯାଉଛି । ମୋର ହୃଦୟ ମହାମେରୁ ପରି ଅଟଳ, ଅଚଳ । ମୋର ଜ୍ଞାତସାରରେ ଅଗମ୍ୟ, ଅସାଧ୍ୟ ।

ଅଶୋକ ଅନାବିଳ ଭଲ ପାଇବାର ଦୃଶ୍ୟ, ଛବି, ସଂଳାପ ବାଢୁଥିଲେ ବିଳାସମୟ ରାତ୍ରିର ଚନ୍ଦ୍ରିକା ଚର୍ଚ୍ଚିତ ରୋଷଣିରେ । ରସସ୍ନିଗ୍ଧ ରାତ୍ରିର ଆର୍ଦ୍ରତାରେ, ହୃଦୟର ଉଷ୍ମତାରେ । ରାଜ କୁମାରୀ, ମୁଁ ମଧ୍ୟ ଟାଣି ହୋଇଯାଉଛି ସେଇ ଅଗମ୍ୟ, ଅବୋଧ, ହୃଦୟର ମହୋଦଧି ମଧ୍ୟକୁ । ଜାଣେନି ଏହାର ଅନ୍ତିମ ପରିଣତି କଣ ? କୈଶୋରର ଛନ୍ଦ ଚପଳ ତମ ଚାହାଣି, ନୃତ୍ୟ ଚପଳ ଚାଲିରେ, କୃଷ୍ଣଘନର କଟାକ୍ଷରେ ମୁଁ ହଜିଯାଉଛି ଦିଗହଜା ପକ୍ଷୀଭଳି । ଭିଜିଯାଉଛି ମୌସୁମୀର ପହିଲି ସ୍ପର୍ଶରେ ରୌଦ୍ରଦଗ୍ଧ ଧରାଭଳି । ଚୋରା ଚଇତାଳିର କାକଳିଭଳି ମୁକୁଳଭଳି, ଆମ୍ରକୁଞ୍ଜର କୋକିଳଭଳି, କୁହୁ କୁହୁ ସ୍ୱର ସଙ୍ଗୀତରେ ମୁହୁର୍ମୁହୁ ହୋଇ । ରାଜ କୁମାରୀ, 'ନାରୀର ସାନ୍ନିଧ ଲାଭ କରିଛି ସତ, ତୁମଠାରେ ଯେଉଁ ତାରୁଣ୍ୟ କୈଶୋରର, ସୁରଭି ଯୌବନର, ଉଷ୍ମ ଅନୁରାଗମୟ କୃଷ୍ଣାଭ କଟାକ୍ଷ, ପ୍ରୀତିପ୍ରର୍ଣ୍ଣାର ଆଖିରେ ଓଠରେ ବନପକ୍ଷୀର କାକଳି ମତେ ପାଗଳ କରିଦେଇଛି । ତୁମ ବିନା ଯେପରି



ଅନ୍ତଃହୀନ ମୋର ଅସ୍ତିତ୍ୱ । ଜୀବନରେ ମୁଁ ଯେପରି ଟାଣି ହୋଇଯାଉଛି ତୁମରି ଅନନ୍ତ ଅନୁଭବ ମଧ୍ୟରେ ପ୍ରାଣସତ୍ତାର କୋଣ ଅନୁକୋଣରେ । ପ୍ରିୟତମା ତୁମରି ସ୍ନେହ ଓ ସାନ୍ନିଧରେ କୃତଜ୍ଞ ଅଶୋକ । ତୁମରି ବାହୁ ବନ୍ଧନୀ ରେ ବଞ୍ଚିବାପାଇଁ ଏ ପ୍ରୟାସ ଯେମିତି ଅସମ୍ଭବ ସେମିତି ସମ୍ଭାବନାପୂର୍ଣ୍ଣ । ବଢନ୍ତା ନଈର ସୁଅଭଳି କି ତୀବ୍ର ହୃଦୟର ପ୍ରତୀକ୍ଷିତ ମୁହୂର୍ତ୍ତସବୁ , ସ୍ୱାଗତ ପର୍ବର ପୂର୍ବ ପ୍ରସ୍ତୁତିରେ ।''

ପ୍ରିୟତମ, ତୁମରି ଓଠରେ 'ପ୍ରିୟତମା' ଶବ୍ଦ ରେ ମୁଁ ଖସି ଆସିଛି ଆକାଶରୁ ପୃଥିବୀକୁ । ମିଠାସ ଯୌବନର ଏ କଣ୍ଠସ୍ୱର ମୋର କଣ୍ଠରୁଦ୍ଧ କରୁଛି କିଛି କହିବା ପୂର୍ବରୁ, ଶୂନ୍ୟରେ ମିଳାଇ ଯାଉଛି ପ୍ରତିବାଦର ପ୍ରତିଶବ୍ଦ ସବୁ । ଏହି ଶବ୍ଦ ମଧ୍ୟରେ ଯାଦୁ ଅଛି, ଯନ୍ତ୍ରଣା ବି । ସେ ଯନ୍ତ୍ରଣା ଯେମିତି ଯୁଗଯୁଗର । ରହସ୍ୟମୟ ଲାଗୁଛି ଏ ରାତି । ସ୍ପନ୍ଦନ ବଢି ଚାଲିଛି ଛାତିରେ । ଅନେକ ଆଶା ରେ ଉଜ୍ଜ୍ୱଳ ଦିଶୁଛି ଦିଗ୍‌ବଳୟ ଉପରେ ପୂର୍ଣ୍ଣଚନ୍ଦ୍ରର ମାଦକଭରା ଦୃଶ୍ୟରାଜି ।

ପ୍ରିୟତମା ! ଏ ଜହ୍ନ,ଏ ଆକାଶ, ଏ ନିର୍ଝର, ଏ ନୀଳିମା ସବୁ ପୁରୁଣା ପ୍ରେମ ରାଜ୍ୟରେ । ଏଇ ସ୍ପନ୍ଦନର ମୃଦୁ କମ୍ପନଭଳି ଆମେ ନୂଆକରି ଭଲପାଇବା ଫୁଲକୁ, ପ୍ରଜାପତିକୁ, ନଦୀ, ନିର୍ଝର, ନୀଳିମାକୁ । ଚକ୍ରବାଳର ଜ୍ୟୋର୍ତିମୟ ପ୍ରକାଶଭଳି ଭଲ ପାଇବାର ସୀମାନାହିଁ । ଭଲକରି ବାହ୍ୟ ପ୍ରକୃତିକୁ ଭଲପାଇବାର ଇୟତା ନାହିଁ । ଅନ୍ତଃ ପ୍ରକୃତିର ମନ୍ମୟ ଦୃଶ୍ୟ ମୋହାଚ୍ଛନ୍ନ କରି ରଖିଛି ମାଟିରୁ ଆକାଶ । ଆମେ ଭଲ ପାଇବା ପ୍ରକୃତିକୁ, ଏଇ ପ୍ରିୟ ପୃଥିବୀକୁ, ଫିକାନୀଳ ଦିଶୁଥିବା ଫେନୀଳ ଆକାଶକୁ । ସାଇତି ରଖିବା ହୃଦୟର ଅନୁପମ ଅନୁଭବକୁ ଜନ୍ମ ଜନ୍ମାନ୍ତର ଯାଏ । ଘୂରି ବୁଲୁଥିବା ଗ୍ରହରୁ ନକ୍ଷତ୍ରକୁ, ଆକାଶରୁ ମହାକାଶକୁ । ସମୟ ଚକ୍ରରେ ବିଲୀନ ବ୍ରହ୍ମରେ, ଅନନ୍ତ ନିରାକାର ମଧ୍ୟରେ ଆତ୍ମବିସ୍ମୃତ ହେବାଯାଏ । ଏଇ ଜୀବନରେ ଲୀଳାଖେଳା, ମୋହମାୟା, ମାଟିର ବନ୍ଧନ ଭଳି, ମା'ର କୋଳଭଳି, ସ୍ନିଗ୍ଧ ସୁନ୍ଦର ଏ ଜୀବନ । ପ୍ରାଣମୟ ଏ ଜୀବନଧାରା ।

ସୂର୍ଯ୍ୟୋଦୟ ର ସକାଳ । ସୂର୍ଯ୍ୟସ୍ନାତ ଫୁଲ । ସୂର୍ଯ୍ୟମୁଖୀ ର ପ୍ରେମପ୍ଳୁତ ଅନୁରାଗମୟ ଆଖି । ପ୍ରାଣ ଖୋଲି ଥରୁଟିଏ ଦେଖ ପୁଷ୍ପିତ ପାଖୁଡା ସବୁ କିପରି ଚୁପି ଚୁପି ଚାହୁଁଛି, ନୀରବରେ ନିଃଶବ୍ଦରେ । କାରୁବାକୀ ଦେଖ, କୃଷ୍ଣ କମନୀୟ ଭ୍ରମର ଓ ଗୁଞ୍ଜନରତ ମଧୁପକ୍ଷୀର ଅଭିସାର । ପ୍ରେମ ପ୍ରଣୟର, ପୁଲକ ପବିତ୍ରତାର । ମୃଦୁମନ୍ଦ ପବନରେ ଜୀବନର ମଦିରା ମୁହୂର୍ତ୍ତ ସବୁ ମୁଖରିତ ମଧୁପାନରେ । ସୌନ୍ଦର୍ଯ୍ୟରେ ସୁରଭିରେ । ସ୍ୱପ୍ନ କଳ୍ପନାର ରସମୟ ରୂପକଳ୍ପରେ । ମଧୁପର ଲୁବ୍ଧ ଆଖି, ପ୍ରଜାପତିର ପଣତ, ଭ୍ରମରର ଭୀତିପ୍ରଦ ରୂପ ଯେମିତି ପ୍ରେମାସ୍ପଦ ସେମିତି ପ୍ରାଣମୟ । ପ୍ରକୃତିର ବିଚିତ୍ର ସମ୍ଭାର । ଜୀବନ୍ତ, ପ୍ରାଣବନ୍ତ ପ୍ରକୃତିର ଅମିୟ ଆତିଥ୍ୟ । ରୂପ ରସ ରଙ୍ଗ ଛନ୍ଦର ଝୋଟି, ସବୁଠି ସର୍ଜନର ସ୍ୱୟମ୍ଭୁ ପ୍ରକାଶ । ମନକୁ ଛୁଇଁଲା ଭଳି, ମୋହିଲା ଭଳି, ମନମୁଗ୍ଧକର ମନୋରମ ପ୍ରକୃତି । ମର୍ମରିତ ପ୍ରକୃତିର ପ୍ରୀତିସ୍ନିଗ୍ଧ ପ୍ରାଣ । ରାଜକୁମାରୀ ତୁମକୁ ଦେଖିବା ଦିନ ଠାରୁ ମୁଁ ଅନୁଭବ କରୁଛି ଜୀବନର ଗଭୀରତା, ଗୋପନୀୟ ପ୍ରାଣ ପ୍ରବଣତା । ମତେ ମୁଗ୍ଧ ଚକିତ କରିଛି ତମରି କୃଷ୍ଣାଭ କଟାକ୍ଷ, ଲାଳିତ୍ୟପୂର୍ଣ୍ଣ ଲାସ୍ୟମୟୀ ଭାବଭଙ୍ଗୀ, ମୁଗ୍ଧ ଭାବୁକତା । ଆଗରୁ ଶୁଷ୍କ ଧୂସର ପରିତ୍ୟକ୍ତ ପ୍ରାଣମୋର ପତ୍ରଝଡା ବୃକ୍ଷଭଳି ନିଃସଙ୍ଗ, ନିର୍ମମ ଥିଲା । ଏବେ ମୁଁ ଅନୁଭବ କରୁଛି ପତ୍ରଝଡା ଡାଳରେ ନବପଲ୍ଲବର ନବପ୍ରକାଶ । ମଧୁମୟ ଲାଗୁଛି ତୁମରି ସ୍ୱର ଓ ସଂଳାପ । ନୀରବ ସଙ୍ଗୀତର ମଧୁମୟ ମୂର୍ଚ୍ଛନା ଯାହା ନିଃଶବ୍ଦରେ ଲିପିବଦ୍ଧ ହୋଇଯାଇଛି ହୃଦୟରେ । ରସମୟ କାବ୍ୟିକ ପାଖୁଡାରେ ।

କୁମାର, କଳିଙ୍ଗକୁମାରୀକୁ ଟାଣି ଧରିବାର ସ୍ୱପ୍ନ ଓ ଆବେଗ ତୁମ ଭିତରେ । ଏହାର ବାସ୍ତବତା ଯେମିତି ରଙ୍ଗହୀନ, ରସହୀନ, ରୋଷଣିହୀନ । ଶୁଷ୍କ, ନୀରସ ବାସ୍ତବତାକୁ ଅନୁଭବ କରିବାର ସାମର୍ଥ୍ୟ ତୁମର ଅଛିତ ? କାଚଖଣ୍ଡ ଭଳି ଜୀବନ । କାଚଘର ପରି ପ୍ରୀତିର ପାର୍ବଣ, ପ୍ରୀତିର ପ୍ରବଣତା । ଜୀବନର ବାସ୍ତବ ଅନୁଭବ ଆଗରେ ଏସବୁ ମୂଲ୍ୟହୀନ ।

ରାଜକୁମାରୀ, ମୋ ଜୀବନଟା ମରୁମୟ । ମରୁଭୂମିର ମରୁଦ୍ୟାନ ଭଳି ମୁଁ ଅନୁଭବ କରିଛି ତୁମକୁ, ତୁମରି ଭିତରେ ଗୁମ୍ଫିତ ଆବେଗ ଆକୁଳ ବ୍ୟାକୁଳ ଭାବକୁ । ରସହୀନ ଜୀବନ ତୁମରି ଭାବନାରେ ରସମୟ, ରସସ୍ନିଗ୍ଧ, ତୁମରି କଳ୍ପନାରେ କମନୀୟ, କଳାତ୍ମକ । ମଗଧର ରାଜଅନ୍ତଃପୁରୀ ରେ ସୁଖ ସୌଭାଗ୍ୟ ରୁ ସ୍ୱୟଂ ନିର୍ବାସିତ । ସେଠାରେ ମୃତ୍ୟୁର ଅଜଣାହାତ, ହୃଦୟହୀନତାର ତାଣ୍ଡବଲୀଳା ଭଳି ଅବୋଧ୍ୟ । କଳିଙ୍ଗର ପ୍ରାଣବାୟୁ ମୋ ଜୀବନର ଇନ୍ଧନ । ବନ୍ଧନହରା ଜୀବନରେ ତୁମେତ ବନ୍ଧୁ, ବାନ୍ଧବୀ, ବନ୍ଦନୀୟା । ମହାନ୍ ଗୁଣାବଳୀରେ ଗରୀୟାନ ତୁମେ । ଗୌରବ ଉଜ୍ଜ୍ୱଳ ତୁମର ଅସିକ୍ରୀଡା । ଅବ୍ୟର୍ଥ ଧନୁଚାଳନା । ଅଶ୍ୱପୃଷ୍ଠରେ ତୁମର ସମର ବିଳାସ ଓ ପ୍ରତିରକ୍ଷାର କଳାତ୍ମକ ସାହସିକତା ମତେ ମନ୍ତ୍ରମୁଗ୍ଧ କରିଛି । ମୁଁ ମୋହାଚ୍ଛନ୍ନ ହୋଇପଡିଛି ତମରି ମହନୀୟ ଆତିଥ୍ୟରେ, ସ୍ନେହ ସାନ୍ନିଧ୍ୟରେ । ତୁମରି କଳ୍ପନା, କବିତାରେ, ତୁମରି ଚିନ୍ତା ଚେତନାରେ ସଞ୍ଜୀବୀତ ଲାଗୁଛି ଏ ଜୀବନ । ଚିନ୍ମୟ ଚକିତ ଏ ଜୀବନର ଧାରା ।

କୁମାର, ଭାବପ୍ରବଣତାରେ ଭାସିଯିବାର ସମୟ ଏ ନୁହେଁ । ଭଲ ପାଇବାର ନିବିଡତା ଭିତରେ ଅସହାୟତା ଲୁଚିରହିଛି ତାହା କଣ ଅନୁଭବ କରିପାରୁନା ? ଭଲ ପାଇବାର ସୌଭାଗ୍ୟ ଓ ବିଭବ ଭିତରେ ମହାକାଳ ଲୁଚିରହିଛି । ଯୁଗେଯୁଗେ ପ୍ରୀତିର ବନ୍ଧନ ବାସ୍ତବତାର ନିଷ୍ଠୁରତା ନିକଟରେ ବନ୍ଧନହୀନ । ବାସ୍ନାହୀନ । ଏହି ପ୍ରୀତି ପାର୍ବଣ ଲାଗି ଇତିହାସ ଅନେକଥର ରକ୍ତସ୍ନାତ ହୋଇଛି । ଉଜୁଡି ଯାଇଛି ସୁନାର ସଂସାର । ଉପୁଡି ଯାଇଛି ଜୀବନର ବଟବୃକ୍ଷ । ହିସାବ ରଖିନି ଇତିହାସ । ଲୁହ ଲହୁର ବିଡମ୍ବିତ କାହାଣୀ, କିମ୍ବଦନ୍ତୀ । ଭଲ ପାଇବାର ନିବିଡତାକୁ ନେଇ କେତେ ଯୁଦ୍ଧ ଘଟିଛି, କେତେ ନାରକୀୟ ଲୀଳା ମହାକାଳ ଦେଖିଛି । ବସ୍ତ୍ରହରା ଦ୍ରୌପଦୀ ଭଳି, ବିବଶ ସୀତା ଭଳି । ସବୁଠି ରଣହୁଙ୍କାର, ରଣ ପ୍ରସ୍ତୁତି । କିଏ ଦେଖୁଛି ଗୋଟିଏ ଜୀବନ ପାଇଁ କୋଟିଏ ଜୀବନର ଧ୍ୱଂସ ସାଧନକୁ ? ଭଲପାଇବାର ବିଭୀଷିକାକୁ ? କେତେ ଭୟାନକ ଏଇ ସଜୀବ ଭଲପାଇବା ? ସବୁଜ ଆଶା ବାନ୍ଧିବା ? ଚଢେଇଟିଏ ହୋଇଥିଲେ ଗଛଡାଳରେ ବସା ବାନ୍ଧିବା କୁଟାକାଠିରେ ସ୍ନେହ ମମତାରେ । ପକ୍ଷୀକୁଳକୁ ଦେଖ, କିଚିରି ମିଚିରି କଳରବର କୋଳାହଳ ଭିତରେ ବସା ବାନ୍ଧିବାର କି ବ୍ୟାକୁଳ ପ୍ରୟାସ, ମହୋଦଧି ଓ ନଦୀର ମିଳନ ଦୃଶ୍ୟଭଳି । ଜୀବନର ମହୁରତ୍ ଉପଭୋଗ ଭଳି । ମଣିଷର ଆଖି, ଅନ୍ତର ମଧ୍ୟରେ କାଳାନ୍ତର, କାଳନାଗ, କାଳଫାଶ ହୃଦୟର ବନ୍ଧନକୁ ଟୁକୁଡା ଟୁକୁଡାକରି ଫିଙ୍ଗିବାକୁ । ନାରୀ ଓ ନିଆଁର ଖେଳ ଏ ଜୀବନ । ନାରୀର ସୌନ୍ଦର୍ଯ୍ୟ ମଣିଷର କାଳ ହୋଇଛି । କେତେ ଧ୍ୱଂସର ସ୍ତୂପ ତୋଳା ହୋଇଛି ତାର ହିସାବ ନାହିଁ । ନାରୀ ନାରୀ, ପୁରୁଷ ପୁରୁଷ । ସେଠାରେ ପ୍ରେମର ପ୍ରବଣତା ବିରୁଦ୍ଧ । ବରଂ ଅନାସକ୍ତ ଆତ୍ମୀୟତାର ଅପୂର୍ବଭାବ, ବିଭୋରକରି ରଖୁ ଜୀବନକୁ, ଯୌବନକୁ, ଯୌବନର ଫୁଲକୁ । ତାରୁଣ୍ୟର ପ୍ରଜାପତିକୁ । ମାଟିର ପୃଥିବୀରେ ପଦଚାରଣ କରିବାକୁ ଏ ଜୀବନ । ଜହ୍ନ ଆଲୁଅରେ, ଫର୍ଚ୍ଚା ଆକାଶରେ



ଉଡିବାକୁ ଏ ଜୀବନ ନୁହେଁ । ଏଇ ମାଟିର ମହକରେ ମହକିଉଠୁ ଏ ଜୀବନ । ମାଟିର ମିଠାସରେ ମଦମତ୍ତ ହୋଇଉଠୁ ମାଟିରୁ ହୃଦୟର ଗୋପନ ଗବାକ୍ଷ । ତାରି ଭିତରେ ବଞ୍ଚିବାର ସାର୍ଥକତା ଅଛି, ଅଛି ନିର୍ଲିପ୍ତ ଅନୁଭବ, ଅନାସକ୍ତ ପ୍ରାଣର ।

ପୃଥିବୀ ଖୁବ୍ ଆପଣାର । ଏହାର ପ୍ରାଣମୟ ପ୍ରକୃତି ଉପଭୋଗର । ଉତ୍ସବ ମୁଖର । ଆନନ୍ଦ ବିଭୋର । ସେଇ ପ୍ରକୃତି ଭିତରେ ହଜିଯିବାରେ, ମାଟି ଓ ମରାଳର ମିଳନ ଲଗ୍ନରେ ମନଭରି ବାସ୍ତବତାକୁ ଉପଭୋଗ କରିବାରେ ହୃଦୟର ସ୍ୱାକ୍ଷର ଅଛି, ବଞ୍ଚିରହିବାର ବାଞ୍ଛିତ ଅଭିଳାଷ ଅଛି । ଅନୁରାଗମୟ ଜୀବନର ଘନୀଭୂତ ବାସ୍ତବତାକୁ ସ୍ୱୀକାର କର କୁମାର । ସେଇଠି ବଞ୍ଚିହେବ, କାରୁବାକୀର ସମାଧି ପାଖରେ । ମାଟିରେ ମିଶିଯାଇଥିଲେ ଜୁଇର ଜ୍ୱଳନରେ, ମଶାଣି ଭୂଇଁରେ ମହାକାଳର ଶାଣିତ ଶେଯରେ । ସେଇଠି ତୁମେ ଅନୁଭବ କରିପାରିବ ମତେ,ମୋ ଭିତରେ ଗୋପନୀୟ ସ୍ମୃତିକୁ, ଅଲିଭା ଘୃତ ସଞ୍ଜବତୀକୁ । ଆମର ଏଇ ମିଳନ ଅପାର୍ଥିବ ଆନନ୍ଦର ଉତ୍ସହେଉ । ସେଇଠି ତୁମେ ଅନୁଭବ କରିପାରିବ ମତେ, ମୋ ଭିତରେ ଗୋପନୀୟ ସ୍ମୃତିକୁ, ଅଭିଲା ଘୃତ ସଞ୍ଜୀବତୀକୁ । ପାର୍ଥିବ ଜୀବନର ନଶ୍ୱର ନହେଉ । ଏତିକି ନିବେଦନ ତୁମରି ଦରଦୀ ହୃଦୟ ନିକଟରେ, କଳିଙ୍ଗ କୁମାରୀର ଅବଦମିତ ଅଭିମାନ, ସ୍ୱାଭିମାନ ଭିତରେ ମହକିଉଠୁ ତୁମରି ପ୍ରେମ, ପବିତ୍ରତା ।

ଅଶୋକଙ୍କ ହୃଦୟ ତରଳ ମହମପରି ତରଳି ଯାଉଥିଲା ପ୍ରିୟତମାର ପ୍ରୀତିସ୍ନିଗ୍ଧ ନୀରବ ଅଭିମାନରେ । ବାସ୍ତବତାର ଅନେକ ଦୂରରେ ମୋହମାୟାର ମାର୍ମିକ ଅନୁଭବ ତାଙ୍କୁ ଅବରୁଦ୍ଧ କରି ରଖିଥିଲା ଅଶ୍ରୁ, ଆବେଗର ଗୁମ୍ଫିତ ଭାବରେ । କାରୁବାକୀର ହାତ ସେ ଧରି ପକେଇଥିଲେ ଅଧୀରରେ, ଅତୃପ୍ତିରେ । ହାତ ଓ ହୃଦୟର ନିବିଡ ସ୍ପର୍ଶରେ ଭିଜିଯାଉଥିଲା ଆକାଶ । ଅଶରୀର ଆତ୍ମା । ରୋମାଞ୍ଚିତ ଲୋମକୂପ । ଅଶ୍ରୁମଥିତ ପ୍ରାଣର ଅନୁରାଗମୟ ଉଚ୍ଛ୍ୱାସ । ସେଇ ଭାବକୁ ଧରି ରଖିବାକୁ ଯୁଗେ ଯୁଗେ କବି, କଳାକାର, ସଙ୍ଗୀତଜ୍ଞ, ଚିତ୍ରକର ଯତ୍ନ କରିଛନ୍ତି ପ୍ରେମୀଯୁଗଳର ଅସ୍ପଷ୍ଟ ଆଖି, ଅଧରର ଭାଷାକୁ ସ୍ୱର ଦେବାକୁ, ଶବ୍ଦାୟିତ କରିବାକୁ । ବହୁ ଯତ୍ନରେ ସାଇତି ରଖିଛନ୍ତି ସେଇ ବିରଳ ଦୃଶ୍ୟ, ବିଲୋଳ ଭାବରାଶିକୁ କଳାର ନୂପୁର ପିନ୍ଧି, ନିହାଣ ଧରି, ଲେଖନୀ ମୁନରେ । ତଥାପି ସରିନି । ଅସରା ସେ ଭାବ ବିଭୋର ଦୃଶ୍ୟ, ଶବ୍ଦ । ଯେଉଁଠି ସବୁକିଛି ନୀରବ, ନିଃଶବ୍ଦ, ନିବିଡ । ଆତ୍ମୀୟତାରେ ଅନୁପମ । ଋତୁ, ମାସ, ବର୍ଷ ବିତିଯାଇଛି ସମୟର ସୁଅରେ । ମୁଗ୍ଧ ପ୍ରଣୟର ପ୍ରାଣମୟ ଦୃଶ୍ୟ ଓ ପ୍ରକାଶରେ ପୂର୍ଣ୍ଣମୟ ସ୍ରଷ୍ଟା, ଅପୂର୍ଣ୍ଣ ତାର ସୃଷ୍ଟି । ଅଶୋକ ଅନୁଭବ କରୁଥିଲେ ଯେମିତି ତାଙ୍କରି ହାତମୁଠାରୁ ଖସିଯାଉଛି ଆଶାସିକ୍ତ ପ୍ରତ୍ୟାଶିତ ହାତ । ଅବରୁଦ୍ଧ ଲାଗୁଚି ଅନୂଢା ହୃଦୟ । ସେ ଚାହିଁ ରହିଥିଲେ ନିବିଡ ଭାବେ କାରୁବାକୀର କୃଷ୍ଣମୟ ଚୂର୍ଣ୍ଣ କୁନ୍ତଳକୁ, ଲାବଣ୍ୟମୟ ମୁଖମଣ୍ଡଳକୁ, ସ୍ୱତଃ ଉଦ୍ଭାସିତ ଶତଦଳଯୁକ୍ତ ସ୍ତନମଣ୍ଡଳକୁ । ଆଖି ତାଙ୍କର ଲାଖି ରହିଥିଲା । ସମ୍ମୋହିତ ମନ । ଶବ୍ଦାୟିତ ମନ । ଶବ୍ଦାୟିତ ନିଃଶବ୍ଦ ମୁହୂର୍ତ୍ତ । ସେ ନୀରବତା ଭାଙ୍ଗି କହୁଥିଲେ ଭାବ ପ୍ରଗଲ୍ଭ ହୋଇ ।

ଅଶୋକ : ରାଜକୁମାରୀ ତୁମକୁ ମୁଁ ଭଲପାଏ । ତୁମେ ମତେ ଭଲପାଅ ଏଇ ଆଶାରେ ମୋ ହୃଦୟର ଫୁଲ ଫୁଟିଛି । ହୃଦୟର ଫୁଲ । ଫୁଲର ଫସଲରେ ସବୁଠି ତୁମରି ସ୍ପର୍ଶ । ତୁମରି ରଙ୍ଗ । ତୁମେ ମତେ...

କାରୁବାକୀ : ନା କୁମାର... ନା... ହୃଦୟର ପ୍ରେମକୁ କେହି କଣ ଅସ୍ୱୀକାର କରେ ?

ତୁମର ପ୍ରେମକୁ ମୁଁ ସ୍ୱୀକାର କରୁଛି । ହୃଦୟର ଫୁଲକୁ ମୁଁ ତୋଳିଧରିଛି, ତୁମେ ମତେ ବଞ୍ଚିବାକୁ ଦିଅ । ବାଞ୍ଛିତ ବାସନା ଭିତରେ ଦଳି ମକଚି...

ଅଶୋକ : ନା ରାଜକୁମାରୀ... ତୁମକୁ ନେଇ ବଞ୍ଚିବାକୁ ସ୍ୱପ୍ନ ଦେଖିଛି ।

କାରୁବାକୀ : ସ୍ୱପ୍ନରେ ବଞ୍ଚି ହୁଏନି କୁମାର । ବାସ୍ତବତାର ସୂର୍ଯ୍ୟାଲୋକକୁ ଥରେ ଦେଖ । ସ୍ନିଗ୍ଧ ସୁନ୍ଦର, ସତ୍ୟର ସମୁଜ୍ଜ୍ୱଳ ପ୍ରକାଶକୁ । ଜୀବନର ଜ୍ୟୋତିକୁ । ନାରୀମନ ନଦୀପରି, ନିୟତିପରି, ବଦଳୁଥିବ ଋତୁପର୍ଣ୍ଣା ପରି ରଙ୍ଗରେ, ବହି ଚାଲୁଥିବ ଜନ୍ମରୁ ଜନ୍ମାନ୍ତର ଯାଏ । ଅବରୁଦ୍ଧ ହେବାକୁ...

ଅଶୋକ : ମୁଁ ବୁଝିପାରୁଛି ତୁମକୁ, ତୁମ ହୃଦୟର ଗୋପନ ବ୍ୟଥାକୁ । ବୀରା, ବାଗଦତ୍ତାର ବ୍ୟଥାକୁ, ଅବରୁଦ୍ଧ ହେଲେ ତୁମେ ଆଘାତ ପାଇବ ।

କାରୁବାକୀ : ପୁରୁଷର ଆଘାତ ଭିତରେ ଯୁଗେଯୁଗେ ବଞ୍ଚିରହିଛି ନାରୀ । ପୁରୁଷର ପୌରୁଷ ନିକଟରେ ନାରୀ ନଗଣ୍ୟ । ନାରୀ ପ୍ରେମ ଓ ସୌନ୍ଦର୍ଯ୍ୟକୁ ନେଇ ଯୁଗେ ଯୁଗେ ଲୋମହର୍ଷଣକାରୀ ନାରକୀୟ ଲୀଳା । ଧ୍ୱଂସର ତାଣ୍ଡବ ନୃତ୍ୟ । ଧନ, ଜୀବନହାନୀର ନିର୍ଦ୍ଦୟ ଇତିହାସ । ରାଜନନ୍ଦିନୀ ସୀତା, ରାଜକୁମାରୀ କୃଷ୍ଣା ପୁରୁଷର ପାପ ଲାଳସାରେ ଲେଲିହାନ୍ ହୋଇ ଜଳିଥିଲେ ଜୀବନସାରା । ସେଇ ଲେଲିହାନ୍ ଭିତରେ ଲୀନ ହୋଇଯାଇଥିଲା ଅଗଣିତ ବିଧବାର ଲୁହ, ନୀରବି ଯାଇଥିଲା ଶିଶୁକଣ୍ଠର ସ୍ୱର ।

କାରୁବାକୀ : ମତେ ନେଇ ମଗଧ ଓ କଳିଙ୍ଗରେ ବିତର୍କ ହେଉ ମୁଁ ଚାହେଁନା । ମୁଁ କଳିଙ୍ଗର ରାଜକୁମାରୀ । କଳିଙ୍ଗର ଜନସାଧାରଣଙ୍କ ମନରେ ଆଘାତ ଦେବାକୁ ମୁଁ ଉଚିତ ମନେ କରୁନାହିଁ । ତୁମେ ରାଜଦୂତ । ତୁମେ ନିଜକୁ ଦୃଢ଼ରଖ । ପ୍ରେମର ବନ୍ଧନ ଆମକୁ ବାନ୍ଧିରଖୁ ଆମରି ଭାବନାରେ, ଚେତନାରେ । ହାତ ହୃଦୟର ବନ୍ଧନ ଅପେକ୍ଷା ଆତ୍ମା ଓ ଅନ୍ତରଙ୍ଗତାର ବନ୍ଧନ ଆମରି ଆଶା, ପ୍ରତ୍ୟାଶାକୁ ପ୍ରୀତିସିକ୍ତ କରୁ । କଳିଙ୍ଗ ରାଜକୁମାରୀର ଆତିଥ୍ୟରେ ତୁମେ ନିଜକୁ ସୌଭାଗ୍ୟବାନ ମନେକର । ସ୍ନେହ ପ୍ରେମର ସଶ୍ରଦ୍ଧ ଅନୁରାଗ ବ୍ୟତୀତ ମୁଁ ଅଧିକ କଣ ଦେଇପାରିବି ତୁମକୁ ?''

ଅଶୋକ : ପଦ୍ମା, ମୁଁ ଭୁଲିପାରୁନି ସେଇ ଅଶ୍ରୁସଜଳ ଅତୀତକୁ, ଅନୁରାଗମୟ ଆତିଥ୍ୟକୁ, କଳିଙ୍ଗ ରାଜକୁମାରୀର ସମର୍ପିତ ସ୍ନେହ, ପ୍ରେମକୁ । କେତେ ଗଭୀର ସେଇ ନୀରବ ଚାହାଣିର ନିବିଡତା । ନାରୀର ହୃଦୟ ଭିତରେ ଏତେ ବିଭବ ଥାଏ ମୁଁ ଅନୁଭବ କରିଥିଲି ସେଦିନ । ରାଜ ଦରବାରରେ ମୁଁ ନିଜକୁ ସୌଭାଗ୍ୟବାନ୍ ମନେ କରୁଥିଲି । ସମଗ୍ର କଳିଙ୍ଗରେ ଶାନ୍ତି ଓ ପ୍ରଗତିର ସୁସ୍ଥ ବାତାବରଣ ମତେ ଅଭିଭୂତ କରିଥିଲା । ନିରପେକ୍ଷ ଶୃଙ୍ଖଳିତ ଶାସନଧାରାରେ ସାମିଲ ହୋଇଥିଲେ ଶାନ୍ତିପ୍ରିୟ ଜନସାଧାରଣ । ଜୈନଧର୍ମ ଓ ବୌଦ୍ଧଧର୍ମର ମିଳନ ଘଟିଥିଲା କଳିଙ୍ଗରେ । ସେଠାରେ ଧର୍ମକୁ ନେଇ ସାମାଜିକ ସମସ୍ୟା ନଥିଲା । ଭାରତୀୟ ସଂସ୍କୃତିର ସୁରକ୍ଷା ସହ ଜୈନଧର୍ମ ଓ ବୌଦ୍ଧଧର୍ମର ବିକାଶ ଘଟିଥିଲା, ରାଜଅନ୍ତଃପୁରରେ ଧର୍ମ ନିରପେକ୍ଷତା ସ୍ୱାଗତଯୋଗ୍ୟ ଥିଲା । ବୌଦ୍ଧପୀଠ ଗୁଡ଼ିକର ଯତ୍ନ ଓ ସୁରକ୍ଷା ରାଜ ପୃଷ୍ଠପୋଷକତା ଲାଭ କରିଥିଲା । ପ୍ରାତଃକାଳରେ ବୌଦ୍ଧଭିକ୍ଷୁମାନେ ଲଣ୍ଡିତମସ୍ତକ, ଗୈରିକ ବସନରେ ଜନପଦରେ ପଦଯାତ୍ରା କରୁଥିଲେ । ଭଗବାନ ବୁଦ୍ଧଙ୍କର ମହାନ ବାଣୀ ପ୍ରଚାର କରୁଥିଲେ ନିର୍ବିଘ୍ନରେ । ବୁଦ୍ଧ ପୂର୍ଣ୍ଣିମାରେ ବୌଦ୍ଧସଭା ଅନୁଷ୍ଠିତ ହେଉଥିଲା । ସବୁଧର୍ମର ବିଦ୍ୱାନ ପଣ୍ଡିତ ମଣ୍ଡଳୀ ଭାରତୀୟ ଧର୍ମ, ଦର୍ଶନର ବାଖ୍ୟା କରୁଥିଲେ ।

■■



# ପରିଚୟ କୈଶୋରର

କିଶୋର ସନ୍ନ୍ୟାସୀ ଅଶୋକ । ପରିଚୟଶୂନ୍ୟ ରାଜକୁମାର ଅଶୋକ । ଉତ୍ତୁଙ୍ଗ, ଉଜ୍ଜ୍ୱଳ, ଗୌରବର୍ଣ୍ଣ, ଲଣ୍ଡିତ ମସ୍ତକ । ବାଲ୍ୟଚପଳତାର ବୟସ ତଥାପି ଯାଇନି । କୈଶୋରର ଆଦ୍ୟ ସ୍ପର୍ଶରେ ଢଳଢଳ ମନ, ଖୁଜୁବୁଜୁ ପାଦ । ପାଦତଳର ପୃଥିବୀ, ଆଖିଆଗର ଆକାଶକୁ, ଖେଳି ସାରିବାକୁ ଇଚ୍ଛା, ଖେଦି ଦେଖିବାକୁ ଇଚ୍ଛା, ଅସରନ୍ତି ଇଚ୍ଛା । କଳୁଷମୁକ୍ତ କୈଶୋର ପ୍ରାଣରେ ଅପୂର୍ବ ଉନ୍ମାଦନା, ଅଦ୍ଭୁତ ଆଲୋଡନ ସବୁ ଜାଣିବାକୁ । ଆପଣାର ଆପଣାର ଆଖିରେ ଦେଖିବାକୁ, ଆପଣାର ଆପଣାର ଭାବରେ ବାନ୍ଧିହୋଇଯିବାକୁ । ସକାଳ, ସନ୍ଧ୍ୟାରେ ବିଶ୍ୱପ୍ରକୃତିର ବର୍ଣ୍ଣମୟ ଛଟାରେ ଭାବବିଭୋର ହୋଇଯିବାକୁ । ନଦୀପଠାରେ ସବୁଜ ଶସ୍ୟକ୍ଷେତ୍ର, ନଦୀଜଳରେ ସୁବର୍ଣ୍ଣ ସୂର୍ଯ୍ୟୋଦୟର ପ୍ରତିଛବି, ନୀଳଆକାଶରେ ଢଳଢଳ, ନୀଳନୀଳ ସୂର୍ଯ୍ୟ, ଶିଶିରସ୍ନାତ ଦୂର୍ବାଦଳର ସୂର୍ଯ୍ୟସ୍ନାନ, ନାଲି ଗୁରୁଗୁରୁ ରେଶମି ରଙ୍ଗର ସାଧବବୋହୂର ସଜ ସକାଳର ଚାଲି, ଦିଗନ୍ତବ୍ୟାପୀ ଧାନକେଣ୍ଡା ଛୁଇଁଛୁଇଁ, ଥିରିଥିରି ପବନ । ସୁଲୁସୁଲିଆ ପବନରେ ନୃତ୍ୟଚପଳ ଚାଲି, ଚୂନାଚୂନା ନୀଳ ଲହରୀମାଳା,ନଦୀଜଳର ଛାତିରେ । ସଲସଲ ମନ, ଖିଲିଖିଲି ହସ, ଶବ୍ଦାୟିତ ସ୍ୱର ପ୍ରିୟଗୀତର ଖିଅ ଧରି, ମନଛୁଆଁର ସଙ୍ଗୀତର ସ୍ୱରଧରି । ଶୁଭ୍ର ମେଘଖଣ୍ଡ, ଉଡନ୍ତା ବଗପଲ, ଚଢେଇଙ୍କ କିଚିରିମିଚିରି ସ୍ୱର, ସବୁ ମନଛୁଆଁ । ନଦୀଜଳକୁ ଦିଭାଗ କରି ପହଁରିବାରେ, ମନଇଚ୍ଛା ବୁଡିବାରେ, ଡେଇଁବାରେ, ଉଚ୍ଛୁଳା ଆନନ୍ଦରେ ଭିଜିଭିଜି ଫେରିବାରେ । ଅସରନ୍ତି ସେ ମଜା, ମନମତାଣିଆ ସେ ମଉଜ, ସେ ମହକ । ନବବଧୂର ନଦୀସ୍ନାନ, ଗ୍ରାମବଧୂର ସଲ୍ଲଜ ସମ୍ଭ୍ରମ । କୁମାରୀମେଳର ସ୍ନାନଯାତ୍ରା । ହଳଦୀମଖା ମୁହଁ, ନଦୀପଖଳା ଦେହର ସୁଗନ୍ଧ ବୋଳି ହୋଇଯାଏ ମହମହ ହୋଇ । ମିଠାମିଠା ଲାଗେ । ମିଳିମିଶି ଶାଗ ତୋଳିବା, ଛତୁ ତୋଳିବା, ବଣରେ କୋଳି ତୋଳିବା, କଳି କରିବା, ପୂଜା କରିବା, ପହଁରିବା, ପାଠପଢ଼ିବାର ଅପୂର୍ବ ବୟସ ଏ, ଅପୂର୍ବ ଅନୁଭବ ଏ । ବାଡବତା ନାହିଁ, ଛନ୍ଦକପଟ ନାହିଁ, ଆକଟ ଅଟକ ନାହିଁ । ନିର୍ମଳ କୋମଳ ପ୍ରାଣ । ନିସର୍ଗ ନୀଳୋତ୍ପଳ, ନିମଗ୍ନ ନିର୍ଝର । ନିଟୋଳ ମାଂସଳ ନିରୁପମ ଦେହର ଭୂଗୋଳ । ବାଛୁରୀଛୁଆର ବଳ ଦେହରେ ଖେଳି କୁଦିବାକୁ, ପ୍ରଜାପତିର ମନ ଉଡିବୁଲିବାକୁ । କୈଶୋର ଯେମିତି ଅନୁଚ୍ଚାରିତ ଉଚ୍ଚାଟିତ ଅନୁଭବଟିଏ । ଭଲଲାଗେ ଜାମୁକୋଳି, ପିଜୁଳି, କଷିକାକୁଡି ଖାଇଲେ, ଆମ୍ବବଉଳ

ହେଲେ, ଆମ୍ବ ପାଚିଲେ । କ୍ରୀଡା ଚପଳ ବୟସ ଏ । ଧୂଳିମାଟିର ବୟସ ଏ । ଡଙ୍ଗା ଛାଡିବାର ବୟସ ଏ । ପ୍ରଜାପତି ଧରିବାର ବୟସ ଏ । ଏକାଠି ଧୁନି କରିବା, ନିଆଁ ପୁଇଁବାର ବୟସ ଏ । ପୁଚି ଖେଳିବାର, ବାଟି ଖେଳିବାର, ପେଣ୍ଡୁ ଖେଳିବାର, ଦୋଳି ଖେଳିବାର, କୋଳି ତୋଳିବାର ଅପୂର୍ବ ବୟସ ଏ । ଜହ୍ନ ଦେଖିଲେ ଆନନ୍ଦରେ ଉଚ୍ଛୁଳିବାର ବୟସ ଏ, ହେଲେ ଜହ୍ନରାଇଜକୁ ବୁଲିଯିବାକୁ ଇଚ୍ଛା ହୁଏନି । ସ୍ୱପ୍ନ ଦେଖିହୁଏ ସ୍ୱପ୍ନରେ ରଙ୍ଗ ଥାଏ, ଡେଣା ନଥାଏ ଉଡିବାକୁ ସ୍ୱପ୍ନ ରାଜ୍ୟରେ । ଭଲଲାଗେ ଗାଁ ଦାଣ୍ଡ, ଆମ୍ବତୋଟା । ଭାରିଭାରି ଲାଗେ ଗାଁ ଗୋହିରି, ଡରଡର ଲାଗେ ନିଛାଟିଆ ଖରାବେଳ, ଏକୁଟିଆ ସଞ୍ଜବେଳ, ଛାପିଛାପି ଅନ୍ଧାର । ମିଠାମିଠା ଲାଗେ ଲୁଚାଛପା ବୋହୂଚୋରି ଖେଳ । ଭାରି କଷ୍ଟଲାଗେ ସ୍କୁଲ ଯିବାବେଳ । ଖୁବ୍ ମିଠା ପୁନେଇ ପରବର ପିଠା । ଘରେ ଅଜା, ଆଇ, ମାମୁଁ, ନାନୀ କୁଣିଆଙ୍କ ଭିଡ । ଆହାଃ କି ଆନନ୍ଦ ନୂଆଡ୍ରେସ କିଣାହେଲେ, ଆଗପିନ୍ଧି ଗାଁ ଦାଣ୍ଡେ ଘୂରିବୁଲିବାକୁ । କେମିତି ଲାଗୁଛି କହି ମନଖୁସିରେ ମାତିବାକୁ । ସେ ଆନନ୍ଦ ଜହ୍ନକୁ ଛୁଇଁବାର ଆନନ୍ଦଠୁଁ ଅଧିକ, ଉଚ୍ଛୁଳା ନଈର ଆନନ୍ଦ ଲହରୀଠୁ ଅଧିକ । ଆମ ଗାଁରେ ଡ୍ରାମା, ପାଲା, ଦାସକାଠିଆ, ଧୁଡୁକି, ଯାତ୍ରା, ସାପଖେଳ, ମୂଷାଖେଳ, ମୁଣ୍ଡପୋତା କେଳା, ବାଉଁଶଦୋଳି, ରଜଦୋଳିର ଆନନ୍ଦ ଭଳି କୋମଳ କୈଶୋର ପ୍ରାଣ ଚିରକାଳ ଆନନ୍ଦମୁଖର । ଚାରିପଟେ ଆନନ୍ଦ ଉତ୍ସବ, ମିଠାମିଠା ଗୀତ, ବାଦ୍ୟ, ରଙ୍ଗ ମହୋତ୍ସବ । ଦିଗହଜା, ଲାଜହଜା, ଦେହଭିଜା । ବାଟରେ ସାର୍‌ଙ୍କୁ ଦେଖିଲେ ଡରଡର, ଲାଜଭିଜା । ସବୁ କିଣିବାକୁ ଜିଦ୍‌କରି ନକିଣିଲେ ଲୁହଭିଜା । ଡାଗରପୁଆ ଖେଳୁଥିଲେ, ତିନ୍ତିବୁଡି ମାଛ ଧରୁଥିଲେ, ବାପା ଯଦି ଦେଖିଦେଲେ, ମାଡଦେଲେ, ପ୍ରାଣଛଡା ଡରଲାଗେ । ଜେଜେ ଯଦି ଆସିଗଲେ ବାପାଠୁ ଛଡେଇନେବେ, ଓଲଟି ତାଙ୍କୁ ଗାଳିଦେବେ କ’ଣ ହେଲା ଖେଳୁଥିଲା, କଣ କରିଦେଲା ? ଆନନ୍ଦ ଉଚ୍ଛନ୍ନ ମନ ଜେଜେ ପାଖେ ଥିଲେ, ସାନବାପା ସାଥେ ବୁଲିଗଲେ, ବଡବଡ ରସଗୋଲା ଯେବେ ଖୋଇଦେଉଥିଲେ, ଖାଳେଇ ଖାଳେଇ ମାଛ ଧରି ଆଣି ଅଜାଡିଲେ । ଜିଦ୍‌କରି କାନ୍ଦି ଗଡୁଥିଲେ ଅଚାନକ ଆସି ତୋଳିଧରୁଥିଲେ । ମାମୁଁଘରେ ମିଠାମିଠା ମାଲପୁଆ ଖାଇବାର ଲୋଭ, ମାଛଭାତ, ଘିଅଭାତ, ମୁଗଡାଲି ଆଳୁଭଜା ପେଟଭରି ଖାଇବାର ଲୋଭ । ଘିଅଭାତ ବାସନାରେ ପେଟ ପୂରିବାର ଅନୁଭବ, ଆକଣ୍ଠ ଖାଇବାର ଅନୁଭବ, ବୋଉ ନାଁଧରି ତାର ପୁଅ ଆସିଛି କହି ମାମୁଁଘର, ଗାଁ ଦାଣ୍ଡରେ ହଠାତ୍ ଶୁଣିବାର, ସ୍ନେହସିକ୍ତ ସ୍ପର୍ଶାତୁର ଶ୍ରେଷ୍ଠ ଅନୁଭବ । ବୋଉ କଥାରେ ଗାଁର ଗୁରୁଜନଙ୍କୁ ମୁଣ୍ଡିଆ ମାରିବାର ଦିବ୍ୟ ଅନୁଭବ । ଆମ ଗାଁ, ଠାକୁର ପରି ବୋଉର ପ୍ରିୟ ମାମୁଁଘର, ଗାଁ ଠାକୁରାଣୀ, ବୁଢୀଠାକୁରାଣୀ, ବୁଢାବରଗଛ, ନଈ, ପୋଖରୀ, ବିଲ, ଆକାଶ, ଅଜାଘର ସିନ୍ଦୁକ, ପଡିଶାର ଘରବାରି । ଅଚିହ୍ନା ଆନନ୍ଦରେ ଉଚ୍ଛୁଳା ମନ ବୋଉ ସାଥିରେ ବୁଲୁଥିଲେ ଏଘର ସେଘର, ବୋଉ ଗପୁଥିଲେ ତା’ ସଂସାରର ସୁଖଦୁଃଖ, ଶାଶୂଘର ଯେତେ ଦୁଃଖ ହେଉ ସେ ତ ସୁଖ ସରଗର, ସ୍ୱପ୍ନ ସାତଜନମର । ବାପଘର ଇଶାଣଠାରୁ ଶାଶୂଘର ମଶାଣି ଯାଏ ତାର ଦୁଃଖସୁଖର ଶୋଭାଯାତ୍ରା କେତେବେଳେ କରୁଣ କାବ୍ୟମୟ । କେତେବେଳେ ମଧୁର ସମ୍ମୋହନଟିଏ । ସେଇ ମାୟାରେ ବଞ୍ଚିଥାଏ, ସେଇ ସ୍ମୃତିରେ ସେ ସୁଖଦୁଃଖ ସାଉଁଟୁଥାଏ, ଧୂଳି ସାଉଁଟିଥାଏ, ଲୁହ ସାଉଁଟୁଥାଏ ଶୈଶବର, କୈଶୋରର, ଯୌବନର । ଜୀବନର ବାଟ ଚାଲୁଥାଏ ଚାଲୁଥାଏ । ପିଲାମାନେ ମଣିଷ ହେଲେ ତାର ଦୁଃଖଯିବ ଏଇ ଆଶାରେ



ସେ ଭୁଲିଯାଏ ଦୁଃଖକୁ । ପଣତ କାନିରେ ଲୁହପୋଛେ । ସେ ବାନ୍ଧିହୋଇ ରହିଥାଏ ସେଇ ମାଟିର ଗନ୍ଧରେ, ଆକାଶର ସ୍ନେହରେ । ସେଇ ତାର ସଞ୍ଚିତ ସମ୍ବଳ ସ୍ମୃତିର, ପ୍ରୀତିର, ଅଶ୍ରୁର । ବେକରେ ପଣତ ଗୁଡାଇ ମୁଣ୍ଡିଆମାରେ । ତାର ପିଲାଙ୍କ କଲ୍ୟାଣ କାମନା କରେ । ତାର ଦିନ କଟିଯାଏ । ପ୍ରଣାମ ବୋଉ ପ୍ରଣାମ । ତୋ ସାଥିରେ ତୋ ସ୍ମୃତିରେ ଚିରନ୍ତନ ।

ଖୁବ୍ ଭଲଲାଗେ ବୁଢୀମା’ ଗାଳି ଦେଉଥିଲେ, ଖେଳଛାଡି ବହିପଢିବାକୁ ଆକଟ କରୁଥିଲେ, ବାପାଙ୍କୁ କହିଦେବ କହି ଡର ଦେଖାଉଥିଲେ । ଡରଡର ଲାଗେ, ହଠାତ୍ ଘଡ଼ଘଡ଼ି ମାରିଲେ, କଳାହାଣ୍ଡିଆ ମେଘ ଆସିଲେ, ବାତ୍ୟା ଆସିଲେ, ବନ୍ୟା ଆସିଲେ, ନଈବନ୍ଧ ଟଳମଳ ହେଲେ, କଲିଗୋଳ ହେଲେ, ଗାଁରେ କେହି ମରିଗଲେ, ଖୁବ୍ ଦୁଃଖଲାଗେ ବାଡଭାଙ୍ଗି ଗାଈ ଖାଇଗଲେ, କିଏ ଚୋରି କରିନେଲେ, କିଏ ମାଡ ଖାଇଲେ, ଗାଳି ଶୁଣିଲେ, କେଉଁ ସାଙ୍ଗ କଥା ନକହିଲେ, ଡରଲାଗେ ଡଙ୍ଗାରେ ବସି ନଈମଝିରେ ପାଣିକୁ ଦେଖିଲେ, ହାଟରେ ଏକୁଟିଆ ବସିଥିଲେ, ସାନବାପା ଫେରିବାରେ ଡେରିକଲେ, ବସରେ ବସିଲେ ଡରଲାଗେ, ଅନ୍ଧାରରେ ବାଉଁଶଗଛ ମଡମଡ ହେଲେ ଡରଲାଗେ, ସଞ୍ଜବେଳେ ବିଲୁଆ ଭୁକିଲେ ଡରଲାଗେ, ଶ୍ମଶାନକୁ ଶବଗଲେ, ମଡାଉଠିଲେ ଡରଲାଗେ, ଜୁଇ ଜଳିଲେ ଡରଲାଗେ, ଭଉଁରୀ ଭିତରେ ଡରଲାଗେ, କଳାବଉଦ, କଳାଘୁମର ପାଣି ଦେଖିଲେ ଡରଲାଗେ, ସବାଖିଆ କେଳା ଆସବା କଥା ଶୁଣିଲେ ଡରଲାଗେ, ଡାହାଣୀ, ଚିରୁଗୁଣୀ, ଭୂତ କଥା ପଡିଲେ ଡରଲାଗେ, ନିଛାଟିଆ ନଈତୁଠ, ନିଛାଟିଆ ଖରାବେଳ ଖୁବ୍ ଡରଲାଗେ, ଏକୁଟିଆ ହାଟରୁ ଫେରିଲେ ଡରଲାଗେ । ଗାଁ ଦାଣ୍ଡ ଆସିଲେ, ଗା ଁମଣିଷ ଦେଖିଲେ ସାହସରେ ମନ କୁଣ୍ଢେମୋଟ ହୋଇଯାଏ । ଡର ଚାଲିଯାଏ ତା ବାଟରେ, ମନ ଉଚ୍ଚାଟ ଲାଗେ । ଘରଲୋକ ଦେଖିଲେ ଆନନ୍ଦ ଲାଗେ, ଅଧୀର ଲାଗେ । ଗାଁ ଗୋଟାକ ମଣିଷ ଯେମିତି ଆପଣାର ସେମିତି ଅନ୍ତରଙ୍ଗ ଘରମଣିଷ । ପର ଭାବର ପରିଚୟ ନାହିଁ, ସମସ୍ତେ ଯେମିତି ଆତ୍ମୀୟ ଆପଣାର, ଅପୂର୍ବ ପରିଚୟ । ଅପୂର୍ବ ଅନୁଭବ ଏ କୈଶୋରର ।

କିଶୋର ସନ୍ନ୍ୟାସୀ ଅଶୋକ କୈଶୋରର ମୁଗ୍ଧ ଅନୁଭବରେ ଆନନ୍ଦମଗ୍ନ । ବଣିକଙ୍କ ମେଳରେ ସେ ଆସିଥିଲେ କଳିଙ୍ଗ । ରହିଥିଲେ ରାଜଧାନୀ ତୋଷାଳୀର ରାଜନଅର ପାଖରେ ଥିବା ମାଲ୍ୟାଣୀ କୁଟୀରରେ । ମାଲ୍ୟାଣୀ ମା’ ମଲ୍ଲିକାଙ୍କର ଆଦର ଯତ୍ନରେ ଦିନ ତାଙ୍କର କଟୁଥିଲା । ସେ ଦୟାନଦୀ ନିକଟସ୍ଥ ଶିବ ମନ୍ଦିରକୁ ସବୁଦିନ ପ୍ରାତଃକାଳରେ ଯାଉଥିଲେ ପୂଜାର୍ଚ୍ଚନା ଲାଗି । ମାଲ୍ୟାଣୀ ମଲ୍ଲିକା ରାଜପରିବାରର ପୂଜାଲାଗି ଫୁଲତୋଳି ଦେଉଥିଲେ । ଫୁଲଗୁନ୍ଥି ହାର କରୁଥିଲେ । ରାଜପରିବାରର ପିଲାମାନେ କେବେ କେମିତି ମାଲ୍ୟାଣୀ କୁଟୀରକୁ ଆସୁଥିଲେ ବରକୋଳି, ପିଜୁଳି, ଜାମୁକୋଳି ଖାଉଥିଲେ, କାକୁଡି, ଆମ୍ବ ତୋଳୁଥିଲେ । ରାଜକୁମାରୀ କାରୁବାକୀ ଆସୁଥିଲେ ସେହି କୁଟୀରକୁ, କୁମାର ସନ୍ନ୍ୟାସୀ ସହିତ ଖେଳୁଥିଲେ, ଗପୁଥିଲେ, ଥଟ୍ଟାମଜା କରୁଥିଲେ । ଦୁହିଁଙ୍କ ମଧ୍ୟରେ ନିର୍ମଳ ସ୍ନେହର ସମ୍ପର୍କଟିଏ ଯୋଡି ହେଉଥିଲା । ପ୍ରତି ସଂକ୍ରାନ୍ତିରେ ପ୍ରତ୍ୟୁଷରୁ କାରୁବାକୀ ମହାଦେବ ମନ୍ଦିରକୁ ଯାଉଥିଲେ ପୂଜାର୍ଚ୍ଚନା ଲାଗି, ଜଣେ ଦୁଇଜଣଙ୍କୁ ସାଥି କରି ।

ଫ୍ରକପିନ୍ଧା ଦେହଉପରେ ଓଢଣୀର ଦୁଇଧାର ଓହଳି ପଡିଛି ତଳକୁ । କାରୁବାକୀ ମନ୍ଦିର ଭିତରେ ଦୀପରେ ଅଗ୍ନି ସଂଯୋଗ କରୁଥିଲେ । ହଠାତ୍ ଅସାବଧାନତା ଯୋଗୁଁ ପ୍ରଜ୍ୱଳିତ ଦୀପଶିଖା

ସ୍ପର୍ଶରେ ଓଢଣୀରେ ଅଗ୍ନିସଂଯୋଗ ହେବା ଦେଖି 'ବଞ୍ଚାଅ' 'ବଞ୍ଚାଅ' ଚିତ୍କାର କଲେ । ନିଆଁ ଫର୍କରେ ଲାଗିଲାଣି । ସମସ୍ତେ କିଂକର୍ତ୍ତବ୍ୟ ବିମୂଢ । ହଠାତ୍ ଅଶୋକ ଛାଞ୍ଚୁଣୀ ମୁଠାରେ କାରୁବାକୀକୁ ପିଟିପିଟି ନିଆଁ ଲିଭେଇଦେଲେ । ପୋଡା ବସ୍ତ୍ରକୁ ରାଜକୁମାରୀଙ୍କ ଦେହରୁ ଟାଣି ବାହାର କରିଦେଲେ । ରାଜକୁମାରୀ ବଞ୍ଚିଗଲେ । କିନ୍ତୁ ହଠାତ୍ ବସ୍ତ୍ରହୀନ ହୋଇ ଲଜ୍ଜା ସମ୍ଭ୍ରମରେ ବସିପଡିଲେ କାନ୍ଥକୁ ମୁହଁକରି । ଅଶୋକ ନିଜର କାନ୍ଧ ଗାମୁଛାକୁ ତାଙ୍କ ପିଠିଉପରେ ପକାଇଦେଲେ । ରାଜକୁମାରୀ ଗୁଡାଇଦେଲେ ଦେହରେ । କିନ୍ତୁ ଯିବେ କିପରି ଘରକୁ ଗାମୁଛା ପିନ୍ଧି ? ଲଜ୍ଜା ସଙ୍କୋଚରେ ସେ ଅସହାୟ, କ'ଣ କରିବେ ? ଅଶୋକ ଭାବିଭାବି ମନ୍ଦିର ପଛପଟେ ମା'ପାର୍ବତୀଙ୍କ ମନ୍ଦିରରୁ ଛୋଟ କଳାଶାଢୀଟିଏ ଆଣିଦେଲେ । ରାଜକୁମାରୀ କାରୁବାକୀ ଏହାକୁ ଦେଖି କହିଲେ; ''ଏ କଣ'' ? ଅଶୋକ କହିଲେ ପିନ୍ଧିଦିଅ, ଘରକୁ ଗଲେ ବଦଳାଇଦେବ । କାରୁବାକୀ ଆଉ ଅପେକ୍ଷା ନ କରି ପିନ୍ଧିଲେ । ପ୍ରଥମ କରି ଶାଢୀ ପିନ୍ଧିବାର ସେ ଦୃଶ୍ୟ ଦେଖି ଅଶୋକ ସାମାନ୍ୟ ହସିଦେଲେ । ଲଜ୍ଜାରେ ଝାଉଁଳି ପଡିଲେ କାରୁବାକୀ । ଅଶୋକ ଏମିତି ତାଙ୍କର ଜୀବନ, ସମ୍ମାନ ରକ୍ଷା କରିଥିବାରୁ ସେ କୃତ୍ୟ କୃତ୍ୟ ହୋଇଯାଉଥିଲେ ମହାଭାବରେ । ଗଲାବେଳେ ଅଶୋକ ତାଙ୍କ ମୁଣ୍ଡ ଉପରକୁ ଓଢଣୀ ଟାଣି ଦେଇ କହିଲେ,' କେହି ତୁମକୁ ନ ଦେଖିଲା ପରି ଚାଲିଯାଅ ଆଉ ଲାଜ ଲାଗିବ ନାହିଁ' । ଘରେ ସମସ୍ତେ ଏ ସବୁଘଟଣା ଦେଖି ଶୁଣି, ଅଶୋକ କାରୁବାକୀର ଜୀବନ ବଞ୍ଚାଇଥିବାରୁ ଆନନ୍ଦିତ ହେଲେ । ଅଶୋକଙ୍କ ପ୍ରତି ସମସ୍ତଙ୍କର ଶୁଭଦୃଷ୍ଟି ଥିଲା । ରାଜପରିବାରରେ କେବେକେବେ ଭୋଜନ କରୁଥିଲେ । କିଶୋର ବ୍ରାହ୍ମଣ ସନ୍ନ୍ୟାସୀ ପ୍ରତି ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା ଥିଲା । ଅଶୋକ ଏହି ଘଟଣାଠାରୁ ଆକର୍ଷିତ ହୋଇଥିଲେ ଅଜଣାଭାବରେ । କାରୁବାକୀଙ୍କୁ ଦେଖିଲେ ଥଟ୍ଟାଟାପରା କରୁଥିଲେ; ''ମା'ଦେବୀ ଆସିଲେଣି ଫୁଲ ଆଣ, ଭୋଗ ଆଣ'' । କାରୁବାକୀ ଚିଡୁଥିଲେ, ଲଜ୍ଜିତ ହେଉଥିଲେ । ଦିନ କଟୁଥିଲା ହସ ଖୁସିରେ, ମହାଆନନ୍ଦରେ ।

କାରୁବାକୀ : ତମେ ସେଦିନ ମୋ ଜୀବନ ବଞ୍ଚାଇଦେଲ । ତମେ ନ ଥିଲେ...

ଅଶୋକ : ଝାଡୁ ତମ ଜୀବନ ବଞ୍ଚାଇଦେଲା, ଝାଡୁ ନ ଥିଲେ ମୁଁ କଣ କରିଥାନ୍ତି ?

କାରୁବାକୀ : ମୁଁ ପୋଡିଯାଇଥାନ୍ତି !

ଅଶୋକ : ନା ମୁଁ ପରା ଥିଲି ।

## ଜୀବନର ମାୟା

ଶିଶୁଟିଏ ଜନ୍ମହେବା ପାଇଁ ପିତାମାତାଙ୍କ କେତେ ତପସ୍ୟା ଲୋଡା । ପ୍ରେମ, ଧର୍ମ, ମିଳନ ଓ ସଙ୍କଳ୍ପର ସମ୍ଭାବନାଟିଏ ଶିଶୁ । ଶିଶୁଟିଏ ଜନ୍ମଦେବା ଯେପରି କଷ୍ଟ ତାକୁ ତାର ସାଧାରଣ ପରିବେଶରେ ସାଧାରଣ ମଣିଷଟିଏ କରିବା ବହୁତ କଷ୍ଟ । ବହୁଯତ୍ନ, ବହୁ ବାଧାବିଘ୍ନ, ପ୍ରତିକାର ମଧ୍ୟରେ ସେ ବଡ ହୁଏ । କିନ୍ତୁ ବଡମଣିଷ ହେବା , ଅସାଧାରଣ ପ୍ରତିଭାର ଅଧିକାରୀ ହେବା ଅସମ୍ଭବ ଘଟଣା । ପୁଣି, ପ୍ରତିକୂଳ ପରିବେଶରେ ଏଭଳି ଚିନ୍ତାକରିବା ଅସମ୍ଭବ । ଇତିହାସକୁ ଚମକେଇଦେଇ ସମାଜର ପ୍ରତିକୂଳ ପରିବେଶରେ ଏମିତି ଅସାଧାରଣ ଘଟଣା ବେଳେବେଳେ



ଘଟେ । ଖୁବ୍ କମ୍ ଲୋକଙ୍କ ଜୀବନରେ ଘଟେ, ପାଗଳ ମୁଣ୍ଡରେ ହାତୀ କଳସ ଢାଳି ରଜାପଦ ଦେଲାଭଳି । ସେମାନଙ୍କର ମଧ୍ୟରେ ରକ୍ଷିତାର ପୁତ୍ର ଅଶୋକ ଥିଲେ ଅନ୍ୟତମ । ଦରିଦ୍ର ନେପୋଲିୟନ, ଦୁଷ୍ଟ ଲର୍ଡ କ୍ଲାଇବ, ନିରାଶ୍ରୟ ପଳାତକ ହୁମାୟୁନ, ଆଶ୍ରିତ ଆକବର, ଅଜ୍ଞାତ ଚ଼ନ୍ଦ୍ରଗୁପ୍ତ, ସୂତପୁତ୍ର କର୍ଣ୍ଣ, ସାନପୁଅ ଆଉରଙ୍ଗଜେବ ପ୍ରଭୃତି ନିଜନିଜର ଭାଗ୍ୟକୁ ବଦଳାଇ ଦେଇଥିଲେ । ଅଶୋକଙ୍କ ଭାଗ୍ୟ ଥିଲା ଅସାଧାରଣ । ସେ ଥିଲେ ସମ୍ରାଟ ବିନ୍ଦୁସାର ଓ ରକ୍ଷିତା ପତ୍ନୀ ଧର୍ମାଙ୍କର ପୁତ୍ର । ତାଙ୍କର ଜନ୍ମଲଗ୍ନରେ ଜୈନ ସନ୍ନ୍ୟାସୀମାନେ ଭବିଷ୍ୟତବାଣୀ କରିଥିଲେ ସେ ଦିନେ ସମସ୍ତ ଭାଇମାନଙ୍କୁ ହତ୍ୟାକରି ଭାରତବର୍ଷର ସମ୍ରାଟ ହେବେ ବା ମହାସନ୍ନ୍ୟାସୀ ହେବେ । ଯୁବରାଜ ସୁମନ୍ତ (ସୁମନ) ଥାଉଥାଉ ଏହି ଭବିଷ୍ୟତ ବାଣୀରେ ବିଚଳିତ ହୋଇଥିଲେ ମହାରାଣୀ । ତାର ମୃତ୍ୟୁପାଇଁ ଷଡଯନ୍ତ୍ରର ଜାଲ ବୁଣୁଥିଲେ । ତେବେ ସେ ମହାସନ୍ନ୍ୟାସୀ ହେବେ ଏଇ ବାଣୀଟି ଲାଗି ମହାରାଜ ଅଶୋକର ଜୀବନପ୍ରତି ଦୟାକରି ସନ୍ନ୍ୟାସୀ କରିଦେଇଥିଲେ । ତେବେ ମଗଧରେ ରାଜପରିଚୟ ସମ୍ପର୍କ, ଭବିଷ୍ୟତରେ ବିପଦ ହୋଇପାରେ, ତେଣୁ ମହାରାଣୀ ଘୋଷଣା କରିଥିଲେ ସେ ବଞ୍ଚୁ କି ମରୁ ମଗଧରେ ତାର ସ୍ଥାନ ନାହିଁ । ମହାରାଜ ବିନ୍ଦୁସାର ବହୁଚିନ୍ତା କରି ବଣିକଙ୍କ ମେଳରେ କିଶୋର ଅଶୋକଙ୍କୁ ପଠାଇଥିଲେ କଳିଙ୍ଗ ସନ୍ନ୍ୟାସୀ କରି । ଭବିଷ୍ୟତ ବାଣୀ ଲାଗି ସେ ବାଲ୍ୟକାଳରେ ବଞ୍ଚିତ ହୋଇଥିଲେ ରାଜଭୋଗ, ବିଳାସ ବିଭବଠାରୁ । ମୃତ୍ୟୁ ସହିତ ଲୁଚକାଳି ଖେଳୁଥିଲେ ଶୈଶବରୁ । ରକ୍ଷିତା ପୁତ୍ରର ସୀମିତ ଭବିଷ୍ୟତକୁ ସମାଧି ଦେବାକୁ ମହାରାଣୀ ତତ୍ପର ଥିଲେ । ରାଜ୍ୟ ଶାସନରେ ତାର ଭାଗ ବା କେତେ ? ତେବେ ଭବିଷ୍ୟତ ବାଣୀର ଭୟ ମହାରାଣୀଙ୍କୁ ନିଷ୍ଠୁର କରିଦେଇଥିଲା ଯୁବରାଜ ସୁମନର ଭବିଷ୍ୟତ ସିଂହାସନର ସୁରକ୍ଷାଲାଗି । ଯେଉଁ ମୌର୍ଯ୍ୟ ସାମ୍ରାଜ୍ୟରେ ବେଣାମୂଳରେ କନ୍ଦରଖି ପିମ୍ପୁଡିଦ୍ୱାରା ତାର ମୂଳପ୍ରାଟନ କରାଯାଉଥିଲା ସେଠାରେ ଅଶୋକଙ୍କୁ ନିର୍ବାସନ ଦଣ୍ଡ, ସନ୍ନ୍ୟାସୀ ଜୀବନ ଅତୀବ ଦୟାପୂର୍ଣ୍ଣ ଥିଲା, ପ୍ରେମିକ ପିତା, ସମ୍ରାଟ ବିନ୍ଦୁସାରଙ୍କର ଧର୍ମାକୁ ସାନ୍ତ୍ୱନା ଦେବାକୁ । ତେଣୁ, ଅଶୋକଙ୍କ ସାନଭାଇ ବିତାଶୋକ ଏଭଳି ଦଣ୍ଡ ଭୋଗିନଥିଲେ । ତାଙ୍କୁ ଦେଖି ମା' ଧର୍ମା ଦୁଃଖ ଭୁଲିଯାଇଥିଲେ । କୁମାର ଅଶୋକଙ୍କ ନିର୍ବାସନ ଦଣ୍ଡ ଓ ସନ୍ନ୍ୟାସୀ ଜୀବନରେ ସମ୍ରାଟ ହେବା ଯେପରି ଅସମ୍ଭବ ଥିଲା ସେହିପରି ମହାରାଣୀ କୁନ୍ତୀଙ୍କର ଜ୍ୟେଷ୍ଠପୁତ୍ର ଅବୈଧ ରାଜକୁମାର କର୍ଣ୍ଣଙ୍କ ଜୀବନ, ଧୀବର, ସାରଥି ରାଧାପାଖରେ ପାଳିତ ହୋଇ ଅଙ୍ଗରାଜ୍ୟର ରାଜା ହେବା ଥିଲା ଅସାଧାରଣ ଘଟଣା । ଅଖ୍ୟାତ ଚ଼ନ୍ଦ୍ରଗୁପ୍ତ ମହାନ୍ ଚାଣକ୍ୟଙ୍କ ସହାୟତାରେ ସୁଦୂର ତକ୍ଷଶିଳାରୁ ଆସି ମଗଧରେ ମୌର୍ଯ୍ୟ ଶାସନ ପ୍ରତିଷ୍ଠା କରିବା, ଶକ୍ତିଶାଳୀ ନନ୍ଦରାଜାଙ୍କୁ ଧ୍ୱଂସ କରିବା, ଥିଲା ଅସାଧାରଣ ଘଟଣା । ପାଣ୍ଡବମାନଙ୍କ ୧୨ ବର୍ଷ ବନବାସ ପରେ ପୁଣି ୧ ବର୍ଷର ଅଜ୍ଞାତବାସ ସର୍ତ୍ତ ପୂରଣ କରିବା ଥିଲା ଅସାଧାରଣ ଘଟଣା । ସମ୍ରାଟ ଶାହାଜାହାନଙ୍କ କନିଷ୍ଠ ପୁତ୍ର ଆଉରଙ୍ଗଜେବଙ୍କୁ ସିଂହାସନ ରାସ୍ତାରୁ ହଟେଇବାକୁ ସବୁବେଳେ ଦୁର୍ଗମ ଅଞ୍ଚଳକୁ ଯୁଦ୍ଧପାଇଁ ଦାକ୍ଷିଣାତ୍ୟକୁ ପଠାଉଥିଲେ । ମୃତ୍ୟୁ ପରିବର୍ତ୍ତେ ସେ ବିଜୟ ବାର୍ତ୍ତା ନେଇ ଫେରୁଥିଲେ । ସେ ଭାଗ୍ୟବାନ ଥିଲେ ବହୁଯୁଦ୍ଧ କ୍ଷେତ୍ରରେ । ତେଣୁ ସିଂହାସନ ଯୁଦ୍ଧରେ ସମସ୍ତ ଭାଇମାନଙ୍କୁ ହତ୍ୟାକରି ପିତାଙ୍କୁ ବନ୍ଦୀକରି ସେ ସିଂହାସନ ଆରୋହଣ କରିଥିଲେ । ପାଣ୍ଡବମାନେ ସିଂହାସନ ପାଇଁ କୌରବ ୧୦୦ ଭାଇଙ୍କୁ ହତ୍ୟା କରିଥିଲେ ନିର୍ମମ ଭାବେ । ପ୍ରତିକୂଳ ପରିବେଶରେ

ସାଧାରଣ ମଣିଷଟିଏ ପରି ବଞ୍ଚିବା ଯେଉଁଠି କଷ୍ଟକର, ସେଠାରେ ସମ୍ରାଟ ହେବା, ସିଂହାସନ ଆରୋହଣ କରିବା ଅସମ୍ଭବ ଘଟଣା । ଜ୍ଞାନ, କର୍ମ କେତେବେଳେ ଭାଗ୍ୟର ଅନୁକୂଳରେ, କେତେବେଳ ପ୍ରତିକୂଳରେ ସାଧାରଣ ମଣିଷକୁ ପ୍ରତିଷ୍ଠା ଆଣିଦେଇଛି ଭାବିଲେ ବିସ୍ମିତ ହେବାକୁ ପଡେ ।

ରକ୍ଷିତା ମା'ର ପୁତ୍ର, ରାଜପୁତ୍ର ଅଶୋକ, କୁମାର ବୟସରେ ମଗଧରୁ ନିର୍ବାସିତ ହୋଇ କଳିଙ୍ଗରେ । କୁମାର ବୟସରେ ସନ୍ନ୍ୟାସୀ । ରାଜପରିଚୟ ହରାଇ ନିଃସ୍ୱ, ନିରାଶ୍ରୟ ଜୀବନ କାଟିବାକୁ ଆସିଥିଲେ । ସମୟର ପ୍ରତିକୂଳରେ ସେ ବଞ୍ଚିଥିଲେ ସନ୍ନ୍ୟାସୀର ଜୀବନ ନେଇ । ସାଧାରଣ ସନ୍ନ୍ୟାସୀର ଜୀବନ । ସାଧାରଣ ସନ୍ନ୍ୟାସୀଟିଏ ଦିନେ ସମ୍ରାଟ ହେବ, ସିଂହାସନ ଆରୋହଣ କରିବ ଏଭଳି ସ୍ୱପ୍ନ ଦେଖିବା ସମ୍ଭବ ନୁହେଁ ପୁଣି ନିଜ ରଜ୍ୟରୁ ନିର୍ବାସିତ ହୋଇ ।

ଏଭଳି ଜଣେ ସାଧାରଣ କିଶୋର ସନ୍ନ୍ୟାସୀକୁ ଅସାଧାରଣ କରି ଗଢିଥିଲେ କଳିଙ୍ଗ ରାଜକୁମାରୀ କାରୁବାକୀ । ଅଶୋକଙ୍କୁ ମହାସମ୍ରାଟ, ମହାସନ୍ନ୍ୟାସୀ କରି, ସେ ଅସମ୍ଭବକୁ ସମ୍ଭବ କରିଥିଲେ । ତେଣୁ, କାରୁବାକୀ ଥିଲେ ଅସାଧାରଣ, ଅନନ୍ୟା, ଅପରାଜେୟ ଇଚ୍ଛାଶକ୍ତିର ଅଧିକାରୀ । ତାଙ୍କ ଆଖିରେ ଯାଦୁ ଥିଲା, ଓଠରେ କୁହୁକ ଥିଲା, ହାତ ସ୍ପର୍ଶରେ ଅନନ୍ତ ଶକ୍ତିର ଦିବ୍ୟଶକ୍ତିର ଅନୁଭବ ଥିଲା । ସେ ଥିଲେ ଦେବୀ, ଦୈବୀଶକ୍ତିର ଅଧିକାରୀ, ଦିବ୍ୟଶକ୍ତିର ଅଧିକାରୀ । ଅଶୋକଙ୍କୁ ବାନ୍ଧି ରଖିଥିଲେ ସ୍ନେହରେ, ଲୁହରେ, ହୃଦୟରେ, ପ୍ରେମରେ, ଘୃଣାରେ, କ୍ରୋଧରେ, କ୍ଷମାରେ । ସେ ଅଶୋକଙ୍କୁ ଦେଖାଇଥିଲେ କ୍ଷମତାର ସ୍ୱପ୍ନ କେତେବେଳେ ତାଙ୍କ ଅନ୍ତରଙ୍ଗ ହୋଇ, କେତେବେଳେ ତାଙ୍କ ହୃଦୟକୁ କ୍ଷତବିକ୍ଷତ କରି, କେତେବେଳେ ନିବିଡ ପ୍ରୀତିର ମଧୁସ୍ନାନ କରାଉଥିଲେ, କେତେବେଳ ନିନ୍ଦା, ଅପମାନ ଦେଇ ଅଶ୍ରୁସ୍ନାନ କରାଉଥିଲେ । ତାଙ୍କ ପୌରୁଷକୁ ଚ୍ୟାଲେଞ୍ଜ କରିଥିଲେ, ବ୍ୟକ୍ତିତ୍ୱକୁ ଉଚ୍ଛନ୍ନ କରିଦେଇଥିଲେ । ସ୍ୱପ୍ନ, ସ୍ୱପ୍ନଭଙ୍ଗର ମୁହୂର୍ତ୍ତ ଅସହ୍ୟ ଥିଲା । ଜୀବନପ୍ରତି ଯେମିତି ଜୀବନ୍ତ ମୃତ୍ୟୁ ଥିଲା । ବଞ୍ଚିରହିବା ଯେମିତି କଷ୍ଟ ମରିଯିବା ଥିଲା ଅସମ୍ଭବ କଷ୍ଟ । ଅସମ୍ଭବ ସେ ପୀଡା-ପ୍ରେମର, ପୀଡା-ପରିଚୟ ଖୋଜିବାର ପୀଡା-ନୀରବରେ ନିର୍ଦ୍ଦୋଷରେ ନିନ୍ଦାଗାଳି ସହିବାର ପୀଡା, ମିଥ୍ୟା ଚରିତ୍ର ସଂହାରର ପୀଡା । ପୁଣି, ପ୍ରାଣପ୍ରିୟ ପ୍ରାଣସଖୀଠାରୁ, ପ୍ରିୟତମାଠାରୁ, ପ୍ରୀତିପର୍ଣ୍ଣାଠାରୁ ।

ତେଣୁ ମନରେ ପ୍ରଶ୍ନ ଉଠେ କେମିତି ଥିଲା କାରୁବାକୀ ? କଣ ଥିଲା ତାର ମୁହଁରେ ? ତାର ଦେହରେ ? କେମିତି ସୁନ୍ଦର ଦିଶୁଥିଲା ସେ ? କି ଗୁଣର ଅଧିକାରୀ ଥିଲା ସେ ? କେମିତି ଥିଲା ତା ଦେହର ରଙ୍ଗ ? ତା ବୌଦ୍ଧିକ ଚେତନାର ଦିଗ୍‌ବଳୟ ? କଣ ଥିଲା ତାର ବ୍ୟକ୍ତିତ୍ୱରେ ? ଅନେକ ପ୍ରଶ୍ନର ଅନେକ ଉତ୍ତର । ସର୍ଜନର ଉତ୍ତର ଅସାମାନ୍ୟ । ସେ ନିଶ୍ଚିତ ସୁନ୍ଦରୀ ଥିଲା କିନ୍ତୁ ବିଶ୍ୱସୁନ୍ଦରୀ ନୁହେଁ । ସାଧାରଣ ସୁନ୍ଦରୀ, ଅସାଧାରଣ ତାର ବ୍ୟକ୍ତିତ୍ୱ । ଅସୀମ ଧୀଶକ୍ତି, ବଳିଷ୍ଠ ନେତୃତ୍ୱ, ବିଚକ୍ଷଣ ବୁଦ୍ଧିମତୀ, ତପସ୍ୱିନୀ, ସ୍ନେହମୟୀ, ଜ୍ୟୋର୍ତିମୟୀ । କଳିଙ୍ଗର ଜଳବାୟୁରେ ତାଙ୍କ ଦେହର ରଙ୍ଗ ଗୌରବର୍ଣ୍ଣ ନଥିଲା । ମନେ ହେଉଥିଲା ଶ୍ୟାମଳ ସ୍ୱର୍ଣ୍ଣାଭ ତନୁ ବଲ୍ଲରୀରେ ହଳଦୀ ଗୁରୁଗୁରୁ ଲାବଣ୍ୟ ଚନ୍ଦନ ନେସି ହୋଇ ଯାଇଛି । ଲହୁଣୀ ଭଳି ଚିକ୍‌କଣ, କନକ କାନ୍ତି ପଦ୍ମପାଖୁଡା ଭଳି କୋମଳ, ଢଳଢଳ ମୁଖମଣ୍ଡଳ, ସ୍ଫୀତ ସ୍ତନ ମଣ୍ଡଳ, ବର୍ଦ୍ଧିଷ୍ଣୁ ମାଂସର ସ୍ନିଗ୍ଧ



କୋମଳ ଲାବଣ୍ୟ, ନୃତ୍ୟ ଚପଳ ପାଦ ଯୁଗଳ । ସବୁଠାରୁ ଆକର୍ଷଣୀୟ ଥିଲା ତାର ଆଖି । କମନୀୟ କୃଷ୍ଣ କୋଣାର୍କଠୁ ବଳି ତାର ଘନକୃଷ୍ଣ ଆଖିର ଭ୍ରୂଲତା । ମନେହେଉଥିଲା ମୁଖଶାଳା ମନ୍ଦିରକୁ ବଳି ସୁନ୍ଦର । କାବ୍ୟମୟ ଲଳିତ ଲାବଣ୍ୟର ଗୀତି ମୁଗ୍ଧ ପ୍ରକାଶ । ଗୋଟେ ହୃଦପଖଲା ଗୀତର ଅକ୍ଷରଭଳି ସେ ଆଖି, ଆଦ୍ୟ ପରିଚୟ ଭଳି ସେ ଭ୍ରୂଲତା, ପ୍ରୀତଗୀତର ସ୍ମୃତିଭଳି ସେ ଚାହାଣି । କବିମନ ଭୁଲା ସେ ଚାହାଣି କାବ୍ୟତାରାର ଚାହାଣି । ଗୋଟିଏ କୃଷ୍ଣ କାହିଁକି କୋଟିଏ କୃଷ୍ଣକୁ ଚୋରେଇ ନେବାକୁ ସେ ଚାହାଣି । ଢଳଢଳ ସେ ଆଖି ପ୍ରେମରେ, ଛଳଛଳ ସେ ଆଖି ଲୁହରେ । ସେ ଚାହାଣି ଭିତରେ ଆକାଶଗଙ୍ଗାର ରୋଷଣି, ଶ୍ୱେତ ସୁବର୍ଣ୍ଣ ବର୍ଣ୍ଣାଳୀ, ସ୍ୱର୍ଣ୍ଣିମ ସାନ୍ଧ୍ୟଧାନର ଶେଷ ସ୍ପର୍ଶ । ସେ ଚାହାଣି ଭିତରେ ଝଲସି ଉଠୁଛି ଚନ୍ଦ୍ରକାନ୍ତି, ତାରାଞ୍ଚିତ ଆକାଶର ଆଲୋକ ତରଙ୍ଗ । ସେ ଚାହାଣି ଭିତରେ ସ୍ୱପ୍ନପୁରୀର ଚାରୁଚିତ୍ରପଟ, ଦିଗାଙ୍ଗନାର ବର୍ଣ୍ଣବିଳାସ, ମାଟି ଆକାଶର ମିଳନ ଉତ୍ସବ, ଜଳପରୀର ଜଳକ୍ରୀଡା, ଯକ୍ଷବଧୂର କାମନା କଟାକ୍ଷ । ସେ ଚାହାଣି ଭିତରେ ମହାକାଳ ସ୍ତବ୍ଧ, ସମୟ ସ୍ଥିର । କେଉଁଠି ଋତୁ ରଙ୍ଗ ବଦଳଉଚି, ଋତୁମତୀ ସଜଫୁଲ, ସୁନ୍ଦର ପକ୍ଷୀ, ସୁଲୁସୁଲିଆ ପବନରେ ସଜେଇ ସଜେଇ ଦେଖୁଛି, ମହମହ ବାସୁଛି, କେଉଁଠି ମୌସୁମୀ ମୂର୍ଚ୍ଛନା, ଇନ୍ଦ୍ରଧନୁର ଆଟୋପ, ସବୁଜ ସ୍ୱର୍ଣ୍ଣ ପଣତ ଉପରେ ମୁକ୍ତା ବିନ୍ଦୁ ।

କେଉଁଠି ପ୍ରୀତି ବିଭୋର ଫଗୁଣ, ଫୁଲ ପ୍ରଜାପତିର ଅଭ୍ୟର୍ଥନା, ଆମ୍ବ ବଉଳର ଚହଟା ବାସ, କୋଇଲିର ମିଠା କୁହୁତାନ, ମିଳନ ସଙ୍ଗୀତ ଲାଗି ପ୍ରୀତିମୁଗ୍ଧ ନିମନ୍ତ୍ରଣ, ହଳଦୀବସନ୍ତର ତୋରା ଗୋରା ରଙ୍ଗର ରୋଷଣି, ଶାଗୁଆ ସ୍ୱପ୍ନର ରଙ୍ଗ ବୁଣୁଛି ଶୁଆ ନାଲିନାଲି ଥଣ୍ଟରେ, ମୁକ୍ତ ମେଘର ତୋରଣ, ସୁଷମା ସମ୍ଭାର, ସ୍ୱର୍ଗ ସମ୍ପଦର ଶୋଭାଶାଳା । କେତେ ରଙ୍ଗର ଆକାଶ ? କେତେବେଳେ ନୀଳ, ଫିକାନୀଳ, ଘନନୀଳ, ପୀତ, ଲୋହିତ, ଶୁଭ୍ର, ସ୍ୱର୍ଣ୍ଣାଭ ତ କେତେବେଳେ ମେଘାଛନ୍ନ, ମେଘମୁକ୍ତ, ମେଘଖଣ୍ଡର ବୈଦୁର୍ଯ୍ୟପୂର୍ଣ୍ଣ ଚିତ୍ରଶାଳା, ସ୍ୱର୍ଗ ଶିଳ୍ପୀର ସର୍ଜନ ସ୍ପର୍ଶରେ ସୁଷମାନ୍ୱିତ, ନୈସର୍ଗିକ ଶୋଭାସମ୍ପଦର ଗନ୍ତାଘର, ଝଲମଲ ଦିଶୁଛି ରସପିପାସୁ, ରୂପପିପାସୁ ପ୍ରେମିକ, ପୂଜାରୀ, କବି, କଣ୍ଠଶିଳ୍ପୀ, ଶିଳ୍ପୀର ସର୍ଜନ ବନ୍ଦିତ ଆଖିରେ, ସ୍ୱପ୍ନ ବିଭୋର ଆଖିରେ, ଅନିନ୍ଦ୍ୟ-ଆନନ୍ଦପୂର୍ଣ୍ଣ ଆଖିରେ, କେଉଁଠି ମିଳନମଗ୍ନ ଦିଗବଧୂ, ନବବଧୂ, ଗ୍ରାମବଧୂ । କେଉଁଠି ମୁକ୍ତଛନ୍ଦରେ ମଧୁଛନ୍ଦା, ମିଳନବାସରେ ମତୁଆଲା । ପ୍ରଣୟୀ ପ୍ରାଣରେ ପ୍ରୀତିଦାନ, ଚୁମୁଥିବେ ଭୁଲି ନିନ୍ଦା, ଗାଳି, କ୍ରୋଧ ଅପମାନ । ପୁର୍ନମିଳନର ଆଶା ଆନନ୍ଦରେ, ପୋଛୁଥିବେ ପ୍ରୀତିଅଶ୍ରୁ, ଉଚ୍ଛ୍ୱାସରେ । ପ୍ରୀତିପର୍ବ ପାଳିବାରେ ଯେ କି ଆନନ୍ଦ, ସେ ତ ମହାପୁଣ୍ୟ ପର୍ବ , କିଏ କହେ ମନ୍ଦ ? କିଏ ବା କହିବ ମୂଢ଼ କିଏ ବା ଜାଣିଛି ? ପ୍ରୀତି ଅନୁଭବ ବିନା ସଂସାରରେ ବଞ୍ଚିଛି ? ଜାଣେ ନିନ୍ଦା କରେ, ଯୁଗେ ଯୁଗେ ଦୁଷ୍ଟ, ଦୁର୍ବୃତ୍ତ, ପିଶାଚ । ନରଦେହଧାରୀ, ନୀଚ, ନର୍କଗାମୀ ଅଧମ ରାକ୍ଷସ ।

କେଉଁଠି ମଧୁମାଳତୀର, ମଲ୍ଲୀ ଗୋଲାପର, ଯୁଈ, ଯାଇ, ହେନା, କିଆ, କେତକୀର, କୁସୁମ, ବକୁଳ, ବଉଳ ବାସ, ମହମହ ବାସ, ଶେଫାଳି ଫୁଲର ସଜ ସକାଳର ଚହଟା ପ୍ରୀତିର ବାସ, ମୁକୁଳା ମାଟିରେ ମିଳନ ମଧୁର ଲାଜ ସରସର ନରମ ହସ, କେଉଁଠି କୃଷ୍ଣଚୁଡାର ରକ୍ତିମ ଛଟା, ଲାଲ ଗୋଲାପର ଲୋଭନୀୟ ସୌନ୍ଦର୍ଯ୍ୟ, ଅର୍ଜୁନ ଫୁଲର ଦୋଳାୟମାନ ଦୃଶ୍ୟ ସୁବର୍ଣ୍ଣ ମୁକୁଟ ଝରା, କଦମ୍ବ ଫୁଲର ବର୍ତ୍ତୁଳ ବିଭବମୟ ଶ୍ୱେତପୀତ କାନ୍ତି, ଚମ୍ପାଫୁଲର ମହକ ମନଛୁଆଁ,

କନିଅରର ସ୍ନିଗ୍ଧ କୋମଳ ସୌନ୍ଦର୍ଯ୍ୟ, ଟଗରର ଶୁଭ୍ର ଧବଳ ରୂପକାନ୍ତି, ତୋରା ଗୋରା ଗେଣ୍ଡୁଫୁଲର ପସରା, ମନମୁଗ୍ଧକର । କେଉଁଠି, କାଶତଣ୍ଡୀର ଆକାଶଛୁଆଁ ଲହରୀ । ମନୋମୁଗ୍ଧକର ସେ ଚାହାଣି । ସେ ଚାହାଣି ଭିତରେ ଚଳଚଞ୍ଚଳ ହରିଣୀର ମନୋହାରିଣୀ ନୃତ୍ୟ, ଶିଳାଶଯ୍ୟାରେ ପାହାଡର ପାଦଦେଶକୁ ବହିଯାଇଥିଲା ଶୀତଳ ସ୍ନିଗ୍ଧ ଜଳଧାରା, ଅନୁପମ ସେ ଚାହାଣି, ଅନୁରାଗମୟ ସେ ଚାହାଣି, ନୀରବ ପ୍ରକାଶର ଚାହାଣି, ନିବିଡ ପ୍ରେମର ଚାହାଣି, ନୀଡହରା ପକ୍ଷୀର ଚାହାଣି, ବସା ବାନ୍ଧୁଥିବା ଚଢେଇର ଚାହାଣି, କରୁଣ କୋମଳ ଚାହାଣି ।

ସେ ଚାହାଣି ଭିତରେ ବୁଡିରହିଥିଲେ ଅଶୋକ, ବାୟାଚଢେଇର ଦୋଳାୟମାନ ବସାରେ ସ୍ୱପ୍ନବିଭୋର ହୋଇ, ବାସ୍ନାବିଭୋର ହୋଇ । ପ୍ରିୟତମାର ସ୍ୱପ୍ନ, ପ୍ରୀତିର ବାସ୍ନା । ହଳଦୀମଖା ଦେହର ସ୍ୱପ୍ନ, ହଳଦୀ ପତର ପିଠାର ବାସ୍ନା । କେତେ ରଙ୍ଗର ସ୍ୱପ୍ନ, କେତେ ବାଗର ବାସ୍ନା । ସେ ଚାହାଣି ଭିତରେ ଜହ୍ନଆଲୁଅ ଅଜାଡି ହୋଇପଡୁଥିଲା, ଆକାଶଗଙ୍ଗାର ଆଲୁଅ ଛୁଇଁ ଯାଉଥିଲା । ସେ ଚାହାଣି ଭିତରେ ପ୍ରୀତିମଗ୍ନାର ପ୍ରୀତିର ସରସ ରୂପ, ଲାଜ ସରସର ବାସର ରାତିର ବେଶ, ସୁନାଗୋରା ତୋରା ବେଶ । ରୁପାଚାନ୍ଦ ଅବା ପଡିଛି ଆକାଶରୁ ଖସି, ଅନ୍ଧାର ଘରେ ଆଲୁଅ ଦେଇଛି ନେସି । ମିଳନ ଆଶାରେ ଲଜ୍ଜା ଅବନତ ଆଖି । ସେ ଆଖିରେ ସୁଷମା, ଦେଇଛି କି ରଙ୍ଗେ ଲେଖି । ଅତୁଳ ସୁଷମା ହୋଇଛି କି ଠୁଳ, ଯତନେ କରି କି ହୃଦ ଗଳାମାଳ, ଗୋପନେ ଚାପନ୍ତେ ଦିଶୁଛି କି ସ୍ଥୂଳ । କୋମଳ ମାଂସଳ ବିଭବେ ବର୍ତ୍ତୁଳ, ଦିବ୍ୟ ଦୁଇ ସ୍ତନ ଦିଶେ ଢଳଢଳ । ଦେଖୁଛି କି ନେତ୍ର ଅପୂର୍ବ କମଳ । କାନ୍ତ କମନୀୟ କଦମ୍ବ ଯୁଗଳ । ଆହା କି ସୁନ୍ଦର ମାଂସର ଭୂଗୋଳ । ଖସିକି ପଡିବ ଭାରି ରତ୍ନଭାର । ଦୁଲକୁଚି ଧୀରେ କହି ଧରଧର । ସୁଷମା ରାଇଜେ ସେ ତ ଗନ୍ତାଘର । ପ୍ରୀତିପଦ୍ମ ତାର ନାହିଁ ପଟ୍ଟାନ୍ତର । ପ୍ରିୟମ୍ବଦା ପ୍ରୀତି ବିଭବକୁ ଦେଖି, କେଉଁ ପୁରୁଷ ବା ନ ରହିବ ଲାଖି ? ନାହିଁ ବୋଲି ସିନା ଦେଖନ୍ତି ନୀରବେ । ନିଜ ଧନ ବୋଲି ଚାଲନ୍ତି ଗରବେ । ଯେତେ ଯତ୍ନ କରି ରଖିଲେ ଗୋପନେ । ଦେଖନ୍ତି ସରବେ ହୋଇ ଏକଧ୍ୟାନେ । ନିଜ ରତ୍ନ ବୋଲି ନିରେଖି ଲୁଚାଇ । ଚାଲୁଥାନ୍ତି ଆଖି, ନାକକୁ ଫୁଲାଇ । ଫୁଲେଇ ବୋଲିତ କରି ଗଳାମାଳ , ଜପୁଥାନ୍ତି ବସି ଧରି ହୃଦଥାଳ । ଅଯତ୍ନରେ ରତ୍ନ ରଖି ରତ୍ନମଣୀ, ଦେଖାନ୍ତି ବଡିମା ବଡଲୋକୀ ଠାଣୀ । ଧରିବାକୁ ଯତ୍ନେ ମନର ମଣିଷ । କି ରଙ୍ଗେ ଫିଙ୍ଗନ୍ତି ରତ୍ନ ଫିଙ୍ଗା ଫାଶ । ମିଠାମିଠା କଥା କଟୀ, କଟାକ୍ଷରେ । ଜିଣିନେବ କିଣିନେବ କି ପ୍ରକାରେ । ମିଥ୍ୟା, ମୋହ, ମାୟା-ମମତା ଯାଦୁରେ, ହରିନେବେ ସୁଖଶାନ୍ତି ନିଃଶବ୍ଦରେ । ଦେଖାଇବେ ପ୍ରୀତି ଆକଶ କୁସୁମ, ମିଳନେ ବିରହେ ହେବ ମତିଭ୍ରମ । କେତେବେଳେ ଘିଅ, କେତେବେଳେ ନିଆଁ ବୁଝିପାରିବନି କିଛି । ନିଆଁ ହେଲେ ମଲ, ଘିଅ ହେଲେ ମଲ, ଭଲମନ୍ଦ ବାଛିବାଛି । କିଏ ସେ ହରିବ ତାଙ୍କ ହୃଦକ୍ଳେଶ । ସଯତ୍ନେ ମିଶାଇ ସଂସାରର ବିଷ । କରୁଥାନ୍ତି କେତେ ଲୀଳା, ମହାଲୀଳା । ଧନ୍ୟ ଯେ ବୁଝିଛି ତାଙ୍କ ଲୀଳାଖେଳା ।

ସେ ଚାହାଣି ଭିତରେ ଥିଲା ଅସୀମଶକ୍ତି, ଅସମ୍ଭବ ପ୍ରେରଣା, ଅବଦମିତ ପ୍ରାଣଶକ୍ତି । ପଙ୍ଗୁକୁ ଗିରି ଲଙ୍ଘିବାକୁ ସେ ପ୍ରେରଣା, ଦୁର୍ବାର ପ୍ରେରଣା । ପୁଣି ପଙ୍ଗୁର ପାଗଳାମି, ତାର ସାହସ, ସ୍ୱୀକାରକ୍ତି ଦେଖିଲେ ବିସ୍ମିତ ହେବାକୁ ହୁଏ । କିସ ପୁଣି ଅସମ୍ଭବ ଅସାର ସଂସାରେ ? ଧନ୍ୟ ପଙ୍ଗୁ



ଲଙ୍ଘୁଥିବ ଗିରି ଯା'ର ସାହସରେ । ମୂକ ମୁଖେ ବେଦ ଜ୍ଞାନ, ଜ୍ଞାନୀଗୁଣୀ ମୂକ । ସନ୍ନ୍ୟାସୀ ହୋଇବ ରାଜା, ହେବ ରାଜ ଅଭିଷେକ । ସେ ଚାହାଣି ଭିତରେ ପ୍ରେମ ଥିଲା, ଘୃଣା ଥିଲା, ଆନନ୍ଦ ଥିଲା, ଈର୍ଷା ଥିଲା, ଦୁଃସାହସ ଥିଲା, ଦୁର୍ବୁଦ୍ଧି ଥିଲା, ଦୟା ଥିଲା, କ୍ଷମା ଥିଲା, କରୁଣା ଥିଲା, କ୍ରୂରତା ଥିଲା, କୋମଳ ଥିଲା, କଠିନ ଥିଲା, ସମର୍ପଣ ଥିଲା, ପ୍ରତ୍ୟାଖାନ ଥିଲା, ଆପଣାର ଥିଲା, ପରପୀଡା ଥିଲା । ଜୀବନ୍ତ ସୌନ୍ଦର୍ଯ୍ୟ ଥିଲା, ସ୍ନିଗ୍ଧ ସୌନ୍ଦର୍ଯ୍ୟ ଥିଲା, ସେ ସୌନ୍ଦର୍ଯ୍ୟରେ ମିଶିରହିଥିଲା ପ୍ରେମ, ଘୃଣା, କ୍ରୋଧ, କରୁଣା, ଦୟା, କ୍ଷମା, କ୍ଷମତାର ପୌରୁଷ ଓ ନାରୀତ୍ୱର ନୀରବ ସମ୍ମୋହନ । ବୁଢୀଆଣି ଜାଲ ଭଳି ସେ ଚାହାଣି ଖୁବ୍ ସରୁ, ଖୁବ୍ ଶକ୍ତ, ଖୁବ ସୁନ୍ଦର, ଖୁବ୍ ମାରାତ୍ମକ । ମୁକୁଳି ଆସିବାର ରାସ୍ତା ନାହିଁ । ମୃତ୍ୟୁ, ମୁକ୍ତି, ରୂପାନ୍ତର ତାର ଶେଷ କଥା । ଥରେ ସେ ଚାହାଣି ଭିତରେ ଚାହିଁଦେଲେ, ଛୁଇଁଦେଲେ ଫେରିପାରିବନି ସେଇ ରୂପରେ । ଫେରିବ ତାର ଦୟାରେ, ତାର ମାୟାରେ ତାର ହୋଇ, ତାର ହାତଗଢା, ହୃଦୟ ଗଢା ମଣିଷ ହୋଇ । ସଅଁବାଳୁଆରୁ ପ୍ରଜାପତିର ରୂପାନ୍ତର ଭଳି ତମେ ଅନୁଭବ କରିବ ସେ ରୂପାନ୍ତରକୁ ସେଇ ପରିବର୍ତ୍ତନ , ଶିଳ୍ପୀ ହାତରେ ପାଦତଳର ପଥର, ପ୍ରିୟପୂଜାର ମୂର୍ତ୍ତିଭଳି । ଶିଳ୍ପୀ ବନ୍ଦନା ଛଡା, ତାର ଜୟଗାନ ଛଡା, ତାର ପୂଜା, ତାର ପ୍ରାର୍ଥନା ଛଡା ପଥରର ଅନ୍ୟଗତି ନାହିଁ । ସେ ମଣିଷ ହେଉ କି ପାଷାଣ ହେଉ, ଦେବତା ହେଉ କି ରାକ୍ଷସ ହେଉ । ଅହଲ୍ୟା ପଥର ହେଲା କ୍ରୋଧରେ, ପଥର ଅହଲ୍ୟା ଜୀବନ୍ତ ହେଲା କରୁଣାରେ, ପ୍ରଭୁଙ୍କର ପାଦସ୍ପର୍ଶରେ । ପ୍ରଭୁ ଶ୍ରୀରାମଚନ୍ଦ୍ର ପଥର ଉପରେ ପାଦ କାହିଁକି ରଖନ୍ତେ ? ରାସ୍ତା ଉପରେ ପଥର ଥିଲା ନା ରାସ୍ତା କଡରେ ପଥର ଥିଲା, ନା ଆଶ୍ରମ ବଗିଚାରେ ଥିଲା ? ରାମଚନ୍ଦ୍ର ଝୁଣ୍ଟିପଡି ଦେଖିଲେ ସୁନ୍ଦର ନାରୀମୂର୍ତ୍ତି ପଥରର , ତାଙ୍କର ଦୟା ହେଲା । ସେ କହି ଉଠିଲେ' ଆହା କେଡେ ସୁନ୍ଦର ମୂର୍ତ୍ତି ? ଜୀବନ ଥିଲେ କେଡେ ସୁନ୍ଦର ଦିଶୁଥାନ୍ତା ?' ପଥରର ଦିବ୍ୟ ତନୁକାନ୍ତି ତାଙ୍କ ମନକୁ ଚହଲେଇ ଦେଇଥିଲା । ତାଙ୍କ ଦିବ୍ୟ ଦେହ ସ୍ପର୍ଶରେ ଜୀବନ୍ତ ପାଲଟି ଗଲା ପଥର ଅହଲ୍ୟା । ସେ ଯେତେବେଳେ ଜାଣିଲେ ଋଷି ଗୌତମଙ୍କ ଶାପଗ୍ରସ୍ତ ହୋଇ ଅହଲ୍ୟା ପଥର ପାଲଟି ଯାଇଛନ୍ତି ସେ ଭୀଷଣ ଦୁଃଖିତ ହେଲେ । ହଠାତ୍ ପଥର ଅହଲ୍ୟାଙ୍କ ମାନବୀୟ ପରିବର୍ତ୍ତନ ଦେଖି ସମସ୍ତେ ଆନନ୍ଦିତ ହେଲେ । ଶବ୍ଦଶକ୍ତିର ତରଙ୍ଗରେ ସେ ମଣିଷରୁ ପଥର ପାଲଟି ଥିଲେ । ଜୀବନରୁ ଜଡ । ପୁଣି ପାଦସ୍ପର୍ଶରେ ଜଡରୁ ଜୀବନ୍ତ । ପଥରରୁ ପତ୍ନୀ ଅହଲ୍ୟା । ଶକ୍ତିର ଅଦ୍ଭୁତ ବ୍ୟବହାରର ଅଧିକାରୀ ଥିଲେ ସେ ଯୁଗର ମୁନିଋଷି, ମନୀଷୀମାନେ ।

ସେଇ ଚାହାଣି ଭିତରେ ଅଶୋକ ଦେଖୁଥିଲେ ନିଜକୁ, ମାପୁଥିଲେ ନିଜ ପ୍ରତିଭାକୁ, ସ୍ୱପ୍ନର ସକାଳକୁ, ସମ୍ଭାବନାର ସୂର୍ଯ୍ୟୋଦୟକୁ । ତାଙ୍କ ଚେତନାରେ ଶକ୍ତିର ଆଲୋଡନକୁ ସେ ଅନୁଭବ କରୁଥିଲେ । ସେଇ ଚାହାଣି ଭିତରେ ଶକ୍ତି ସଞ୍ଚରି ଯାଉଥିଲା । ତାଙ୍କ ଶିରାରେ ଶିରାରେ, ଚେତନାରେ ଚେତନାରେ ସେ ବିସ୍ମିତ ହେଉଥିଲେ ଏତେ ଶକ୍ତି ଆସୁଛି କେଉଁଠୁ ? ଜୀବନରେ ସିଂହାସନ, ସମ୍ରାଟ, କିଛି ଅସମ୍ଭବ ନୁହେଁ । ଏଭଳି ଆତ୍ମପ୍ରତ୍ୟୟ ତାଙ୍କ ଭିତରେ ସୃଷ୍ଟି ହୋଇଥିଲା । ସେଇ ଚାହାଣି ତାଙ୍କର ପ୍ରିୟ ଥିଲା । ସେ ଚାହାଣିକୁ ଚାହିଁ ରହିବାରେ ସେ ଅପୂର୍ବ ଆନନ୍ଦ ଲାଭ କରୁଥିଲେ ।

କାରୁବାକୀର ପ୍ରୀତିମୁଗ୍ଧ ଚାହାଣିର ସେ ଥିଲେ ପରମପ୍ରେମିକ, ପୂଜକ, ପ୍ରଶଂସକ । ସେଇ ଚାହାଣିର ସ୍ପର୍ଶ ଯେମିତି ମନମୋହକ ସେମିତି ମହମହ, ମିଠାମିଠା । ପ୍ରୀତିମଧୁର ଦିବ୍ୟ ସମ୍ମୋହନ,

ସ୍ନେହମୟ ସ୍ୱତଃ ସମ୍ବୋଧନ 'ରାଜାଃ' ତାଙ୍କ ଦେହମନକୁ ମୁହୂର୍ତ୍ତକେ ଉଚ୍ଛନ୍ନ କରିଦେଉଥିଲା । ସେ ଅସାଡ୍ ହୋଇଯାଉଥିଲେ । ସେ ଅପଲକ ନୟନରେ ଦେଖୁଥିଲେ ପ୍ରାଣସଖୀର କୃଷ୍ଣକୋମଳ ଦୁଇ ଦିବ୍ୟ ନୟନକୁ, ତା' ଉପରେ ଧ୍ୟାନମଗ୍ନ ଦୁଇ ଭ୍ରୂଲତାକୁ, ଦୁଇ ଭ୍ରୂଲତାର ମିଳନ ବିନ୍ଦୁରେ କୃଷ୍ଣ କୁଙ୍କୁମକୁ । ସେଇ କୋମଳ କଟାକ୍ଷରେ ପ୍ରେମ, କରୁଣାର ପ୍ରକାଶ ଯେମିତି ପ୍ରାଣମୟ, ସେମିତି କଠୋର କ୍ରୂରତାର ପ୍ରକାଶ, ପ୍ରାଣାନ୍ତକ । ସେଇ ଚାହାଣି ତାଙ୍କ ଚେତନାକୁ ଆଚ୍ଛନ୍ନ କରି ରଖିଥିଲା, ଆକ୍ରାନ୍ତ କରିରଖିଥିଲା ଜୀବନର ଶେଷଯାଏ । ସେଥିରୁ ମୁକ୍ତି ପାଇବାକୁ ସେ ବହୁଚେଷ୍ଟା କରିଛନ୍ତି ବିଫଳ ହୋଇଛନ୍ତି । ସେ ବହୁରାଣୀ, ରକ୍ଷିତା, ରମଣୀମାନଙ୍କ ସହ ଦେହମିଳନର ମୁଗ୍ଧ ଅନୁଭବରେ ବିଭୋର ହୋଇଛନ୍ତି । ନାରୀଦେହର ନଗ୍ନତାରେ ସେ ନିମଗ୍ନ ହୋଇଛନ୍ତି ବହୁଭାବରେ, ବହୁରଙ୍ଗରେ, ବହୁଛନ୍ଦରେ । ବହୁନାରୀଙ୍କ ସାନ୍ନିଧ୍ୟରେ ତାଙ୍କର ଜୀବନ ନାରୀମୟ । ତା ସତ୍ତ୍ୱେ ସେ ଅନୁଭବ କରିଛନ୍ତି କାରୁବାକୀର ଅନୁପସ୍ଥିତିକୁ । ଦେହ ମିଳନର ଅପୂର୍ଣ୍ଣତାକୁ । ମିଳନ ମୁହୂର୍ତ୍ତରେ ତାଙ୍କ ଚେତନାରେ କାରୁବାକୀଙ୍କର ଅବାଧ ପ୍ରବେଶ ମହାଆନନ୍ଦରେ ଭାଗ ନେବାର, ମିଶିଯିବାର ସ୍ୱର୍ଗୀୟ ଅନୁଭବରେ, ନଗ୍ନ ହୋଇ, ମଗ୍ନ ହୋଇ, ଉଚ୍ଛନ୍ନ ହୋଇ ଦେହରେ, ମନରେ, ଆତ୍ମାରେ, ଆକାଶରେ, ଅନ୍ତରୀକ୍ଷରେ, ଆକାଶଗଙ୍ଗାରେ ତାର ତୁଳନା ନାହିଁ, ତାର ଶେଷ ନାହିଁ । ସେ ଆଲୋକପରି ସତ୍ୟ, ଆନନ୍ଦ ଅନୁଭବ ପରି ସତ୍ୟ । ସେ ଚାହାଣି, ସେ ଚେତନାରୁ ମୁକ୍ତି ନାହିଁ । ନାରୀଦେହର ଖେଳ ସେ ଖେଳିଛନ୍ତି, ମାଂସର ଭୂଗୋଳ ସେ ପଢ଼ିଛନ୍ତି, ମାଂସଫୁଲର ମହକରେ ମହକିଛନ୍ତି, ମତୁଆଲା ହୋଇଛନ୍ତି ବାରମ୍ବାର କିନ୍ତୁ ସେ ଅନୁଭବ କରିଛନ୍ତି ସେ ଚାହାଣିର ପ୍ରକାଶପୁଞ୍ଜରେ ଆଲୋକିତ ତାଙ୍କର ଆତ୍ମା, ଆନନ୍ଦମୟ ତାଙ୍କର ମନ । ଶରୀରର ଅଦ୍ଭୁତ ରୂପାନ୍ତର ଯେମିତି ବିସ୍ମୟକର ସେମିତି ଅବିସ୍ମରଣୀୟ । ଚାହିଁବାମାତ୍ରେ ଚଳଚ୍ଚିତ୍ରପରି ଚେତନାରେ ଜୀବନ୍ତ ପ୍ରକାଶ ଅପୂର୍ବ, ଅପୂର୍ବ ସେ ଅନୁଭବ । ଚାହିଁଲେ ନ ଚାହିଁଲେ ଫରକ ନାହିଁ ଚେତନାରେ ତାଙ୍କର ଅବାଧ ପ୍ରବେଶ , ଉଜ୍ଜ୍ୱଳ ପ୍ରକାଶକୁ ସମ୍ମାନ ଦେବାକୁ ହେବ ହିଁ ହେବ । ଆଲୋକ ତରଙ୍ଗରେ ସେ ଚାହାଣି, ସେ ଛବି, ସେ ରୂପ, ଶବ୍ଦ ତରଙ୍ଗରେ ସେ ସୁର, ସେ ଶବ୍ଦ । ସେ କଥା ଚେତନାରେ ଚଳଚଞ୍ଚଳ, ପ୍ରାଣଚଞ୍ଚଳ, ପ୍ରାଣମୟ । ତାଙ୍କୁ ଅଟକେଇବା ଅସମ୍ଭବ, ଅସ୍ୱୀକାର କରିବା ଅସମ୍ଭବ, କିଏ ଅଟକେଇବ ଆଲୋକ ତରଙ୍ଗକୁ ? କିଏ ଅସ୍ୱୀକାର କରିବ ଚେତନାରେ ଚଳଚ୍ଚିତ୍ରକୁ, ତାର ଜୀବନ୍ତ ଅନୁଭବକୁ ? ସେଇ ବଳିଷ୍ଠ ଚାହାଣିରେ ବୌଦ୍ଧିକ ବିସ୍ଫୋରଣ, ପରମାଣୁର ପ୍ରଚଣ୍ଡ ବିସ୍ଫୋରଣ ସେ ଅନୁଭବ କରିଥିଲେ ।

ସେ ଚାହାଣି ଭିତରେ ଦେହ ମିଳନର ଦିବ୍ୟ ଦୃଶ୍ୟ ସେ ଦେଖିଛନ୍ତି, ଦିବ୍ୟ ଆନନ୍ଦରେ ଅସାଡ ହୋଇଛନ୍ତି । ମଧୁମିଳନର ମୁଗ୍ଧପାଠକ ସେ, ପଢ଼ିଛନ୍ତି ବହୁ ବର୍ଣ୍ଣନା । କେଉଁଠି ଶରୀରବ୍ୟାପୀ ସରୀସୃପର, ଅଜଗରର ଗୁଡେଇହେବାର ଅଦ୍ଭୁତ ଅନୁଭବ, କେଉଁଠି ଚିମୁଟା ମଧ୍ୟରେ ଲାଲ ଉତ୍ତପ୍ତ ଲୁହାଖଣ୍ଡ, କେଉଁଠି ଛୋଟଭୂମି ଉପରେ ଅବାଧ୍ୟ କର୍ଷଣର ଆନନ୍ଦ କଷ୍ଟ, କେଉଁଠି ସମୁଦ୍ର ମଧ୍ୟରେ ପାହାଡ଼ି ନଦୀର ଲମ୍ଫଦାନ । କେଉଁଠି ପାହାଡ, ଝରଣା, ଜଙ୍ଗଲର ଦୃଶ୍ୟ, କେଉଁଠି ନିର୍ଜନ ଦ୍ୱୀପରେ ଏକ୍‌ଲା ବୁଲିବାର ଆନନ୍ଦ, କେଉଁଠି ବତୀଘର, କେଉଁଠି କାତ ମାରିବାର କଷ୍ଟ ଭିତରେ ନଦୀ ପାରିହେବାର ଅଜସ୍ର ଆନନ୍ଦ ଅନୁଭବ, ଯେମିତି ରୀତିଯୁଗରୁ ମଧ୍ୟଯୁଗ, ଆଧୁନିକ ଯୁଗରୁ ୱେବ୍‌ସାଇଟ



ଯୁଗଯାଏ, ନୂଆନୂଆ ପ୍ରତୀକ, ନୂଆନୂଆ ସେ ଅନୁଭବର ନାମ; ତାର ଶେଷ ନାହିଁ । ଆଦିମ ଅନୁଭବକୁ ପ୍ରକାଶ କରିବାକୁ କେତେ ଚିତ୍ର, ଚିତ୍ରକଳ୍ପ,ରୂପ, ରୂପକଳ୍ପ, ପ୍ରତୀକ, ପ୍ରତିଛବି, ଛବି, ଶବ୍ଦ, ପ୍ରତିଶବ୍ଦ ଲମ୍ବିଛି ତାର ବର୍ଣ୍ଣମାଳା କୋଣାର୍କରୁ ଅଜନ୍ତା ଏଲୋରା ଯାଏ, ଆମେରିକାର କ୍ଲବହାଉସ୍‌ଠାରୁ ଫ୍ରାନ୍ସର ନାଟ୍ୟଶାଳାଯାଏ । ଯେଉଁଠି ଶୃଙ୍ଗାର ଓ ଦେହମିଳନର ଅସମ୍ଭବ ଭାବଭଙ୍ଗୀ, ଦୃଶ୍ୟଛବିକୁ ଜୀବନ୍ତ ରୂପେ ପ୍ରକାଶ କରିଥାନ୍ତି କଳାକାରମାନେ, ଦେହଶିଳ୍ପୀମାନେ ବିନା ବାଧାରେ, ସଙ୍କୋଚରେ, ସମ୍ଭ୍ରମରେ, ଦର୍ଶକଙ୍କ ଆଗରେ । ମଣିଷର ଆଦିମ ପ୍ରବୃତ୍ତି, ଆଦିମ ଅନୁଭବ, ଆଦିମିଳନର ଇଚ୍ଛା ପ୍ରତି ସମ୍ମାନବୋଧ, ବ୍ୟକ୍ତି ସ୍ୱାଧୀନତା ପ୍ରତି ଅସୀମ ସମ୍ମାନ , ସ୍ୱୀକୃତି । ଆମେ ବର୍ତ୍ତମାନର ଭାରତୀୟ ସମାଜରେ ଏସବୁ ଚିନ୍ତା କରିବା ସମ୍ଭବ ନୁହେଁ ଯେଉଁଠି ଆମର ଆଦି ଚେତନା ଓ ଆଦିମ ପ୍ରବୃତ୍ତିକୁ ଅବରୁଦ୍ଧ କରି ରଖାଯାଇଛି ଅଶ୍ଳୀଳତା ନାଁରେ ମିଥ୍ୟା ଆଦର୍ଶର ଦ୍ୱାହିଦେଇ । ଏହା ହିଁ ବିଡମ୍ବନା । ନଗ୍ନତା, ଅଶ୍ଳୀଳତା ନୁହେଁ । ଅଶ୍ଳୀଳତା ଆମର ନୈତିକ ସ୍ଖଳନ । ଜୀବନ ଜୀବିକାରେ ମିଥ୍ୟା, ଦୁର୍ନୀତି, ଦୃଷ୍ଟବୁଦ୍ଧି, ଆଳସ୍ୟ, ଜାଲିଆତିର ଜୟଜୟକାର । ବିଶ୍ୱଚକ୍ଷୁରେ ନିନ୍ଦିତ ହୋଇବି ଆମର ନିଦ ଭାଙ୍ଗୁ ନାହିଁ । ଅତୀତରେ ଭାରତବାସୀମାନେ ଆମଠାରୁ ଏ କ୍ଷେତ୍ରରେ ନିଶ୍ଚୟ ଉନ୍ନତ ଥିଲେ । ମନ୍ଦିରଗାତ୍ରରେ ରତି କ୍ରୀଡାର ନିଖୁଣ ମୂର୍ତ୍ତି ସ୍ଥାପନ, ଶକ୍ତି ସଂଯୁକ୍ତ ଶିବଲିଙ୍ଗର ପୂଜା ଆମ ପାଇଁ ଆଦର୍ଶ ନୁହେଁ ଆଜି କେବଳ ଗତାନୁଗତିକ, ପୂର୍ବଜଙ୍କ ଅନୁକରଣ ମାତ୍ର । ଅନୁସରଣ ଯେମିତି ଅସମ୍ଭବ ଅକଳ୍ପନୀୟ ଲାଗୁଛି । ସେ ଯୁଗରେ ମନ୍ଦିରରେ ନଗ୍ନମୂର୍ତ୍ତି ସ୍ଥାପନର ସାହସ, ସ୍ୱୀକୃତି , ସଚେତନତା ରଜାର, ଶିଳ୍ପୀର, ପ୍ରଜାର, ବିଜ୍ଞ ପରିଷଦବର୍ଗର । ରାଜ ପରିବାରରେ ମହାରାଣୀ, ରାଣୀ ଥିବା ସତ୍ତ୍ୱେ ରାଜାଙ୍କର ରକ୍ଷିତା ଗ୍ରହଣ, ବହୁ ରମଣୀଙ୍କ ମେଳରେ ରାତ୍ରୀଯାପନ କରିବା ଲଜ୍ଜାକର ଘଟଣା ନଥିଲା । ପାରିବାରିକ ସମ୍ମାନହାନୀ, ରାଜ ସମ୍ମାନହାନୀ ଘଟୁ ନଥିଲା । ଏହା ସେ ସମୟର ସମାଜରେ କଳଙ୍କିତ ଘଟଣା ନଥିଲା । ରାଜା, ସାମନ୍ତ, ଧନିକ, ପ୍ରଜା ସମସ୍ତେ ବହୁନାରୀ ଗ୍ରହଣ କରିଥିଲେ । ସୁଖୀ ଦୀର୍ଘ ନିରାମୟ ଜୀବନ ବଞ୍ଚିଥିଲେ । ସମସ୍ତଙ୍କ ପାଇଁ ସ୍ୱାଗତଯୋଗ୍ୟ ଥିଲା ।

ସ୍ୱର୍ଗରେ ଦେବଦେବୀମାନଙ୍କର,ଦିଗାଙ୍ଗନା, ଅପସରାମାନଙ୍କର ଦେହମିଳନରେ, ବହୁନାରୀ, ବହୁପୁରୁଷ ମିଳନରେ ବାଧା ନାହିଁ । ସ୍ୱର୍ଗପୁରୀରେ ଭଲ ଭୋଜନ, ପାନୀୟ, ଆକଣ୍ଠ ସମ୍ଭୋଗ ସହ ଚିରସୁସ୍ଥ, ସୁନ୍ଦର, ଅମର ସୁଖୀ ଜୀବନ । ସର୍ଜନା, କଳ୍ପନାର ଅପୂର୍ବ ଭାବ ବିନ୍ୟାସ, କର୍ମଧାରା । ସ୍ୱର୍ଗ କଳ୍ପନା ନୁହେଁ । ସ୍ୱର୍ଗ ସତ୍ୟ, ଅମର ଜୀବନ, ଆକଣ୍ଠ ସମ୍ଭୋଗ, ସର୍ବମୟ ସୁଖ, ଆନନ୍ଦ ପାନ, ଆନନ୍ଦ ଦାନ, ଶୃଙ୍ଖଳାର ପୂର୍ଣ୍ଣମୟ ଜୀବନ । ସତ୍ୟ ଶିବ ସୁନ୍ଦର ଜୀବନର ଚରମ ଉତ୍କର୍ଷ, ଚରମ ପ୍ରକାଶ ସ୍ୱର୍ଗୀୟ ଜୀବନ । ଏହାକୁ ଆମ ସମାଜରେ ନୈତିକ ସ୍ଖଳନ କହି, ଅନୈତିକ କହି ଆମକୁ ଯେପରି ଚେତନାର ଶୀର୍ଷ ଅନୁଭବରୁ ବଞ୍ଚିତ କରାଯାଇଛି ତାହା ନିନ୍ଦନୀୟ । ଏହି ସତ୍ୟର ଉପଲବ୍ଧି ବ୍ୟତୀତ ଅନ୍ୟଗତି ନାହିଁ । ଜ୍ଞାନ, ଧନ,କ୍ଷମତାଧାରୀ ବିଜ୍ଞ ବ୍ୟକ୍ତିମାନେ ଆଜି ପାଶ୍ଚାତ୍ୟମୁଖୀ ବ୍ୟକ୍ତି ସ୍ୱାଧୀନତାର ଚରମ ଅନୁଭବକୁ ଆପଣେଇବା ପାଇଁ ତତ୍ପର । ଶିକ୍ଷିତ ଯୁବକ ଆଜି ନଗ୍ନ ୱେବ୍‌ସାଇଟରେ ମାନବ ମିଳନର ମନମୋହକ ଦୃଶ୍ୟ ଦେଖିବାରେ ବିଭୋର ଯେମିତି ଆମେ ସାଧାରଣରେ ଦେଖିଥାଉ ଷଣ୍ଢର ମିଳନ, କୁକୁର, କୁକୁଡାର ମିଳନ ଦୃଶ୍ୟ । ପୁଣି ମଣିଷ ପଶୁର

ମିଳନ ଦୃଶ୍ୟକୁ ଦେଖୁଛି ମଣିଷ । ଅର୍ଥ ଶୋଷଣର ମୁଖା ପିନ୍ଧି ଆମକୁ ଅନ୍ଧାରରେ ରଖିବାର ମିଥ୍ୟା ଅଭିନୟ କରାଯାଉଛି । ନାରୀଦେହକୁ କେତେବେଳେ ସଜେଇ, କେତେବେଳେ ଅଧା ଲଙ୍ଗଳାକରି ବିଜ୍ଞାପନରେ । ଆମ ଆଖିରେ ନଚେଇ ନଚେଇ ତେଲ, ଲୁଣ, ପାଣି, ସାବୁନ, ଅତରମାନ ବିକୁଛନ୍ତି ଦଶଗୁଣ ଅଧିକ ଦାମ୍‌ରେ । ଅତର ବିକ୍ରୀ ହେବ ନାରୀ ସ୍ତନଦେଶ ଉନ୍ମୁକ୍ତ ଥିବ, ବ୍ରା ଦିଶୁଥିବ, ସର୍ବନିମ୍ନ ସାମର୍ଥ୍ୟରେ ଧରି ରଖିବାର ଚେଷ୍ଟା କରୁଥିବ । ଉଲଗ୍ନ ନାଭିଦେଶକୁ ଯିଏ ଦେଖିବ ସେ ଅନୁଭବ କରିବ ନଇ ନ ଦେଖି ଲଙ୍ଗଳା ହେବା ଯାହା, ନଇ ଦେଖି ଲଙ୍ଗଳା ହେବା ଏକା କଥା । ତେବେ ଜୈନମୁନିମାନଙ୍କ ପରି ଅଲେଖବାବାଙ୍କ ପରି ରହିଲେ ଭଲ ହୁଅନ୍ତା । ସମାଜରୁ ଯୌନତା, ହିଂସ୍ରତା ଲୋପ ପାଆନ୍ତା । ଏମିତି ଏ ଲୁଚକାଳି, ନାଟକ କେତେ ଦିନ ? ଆମକୁ ଶୋଷଣ କରିବ କାହିଁକି ? ଆମ ବୌଦ୍ଧିକ ବିକାଶକୁ ଅବରୁଦ୍ଧ କରି, ବିକାରଗ୍ରସ୍ତ କରି ?

ଦେହମିଳନର ଅନୁଭବ ଦିବ୍ୟ, ସ୍ୱର୍ଗୀୟ । ମାନବ ଚେତନାରେ ଚରମ ଆନନ୍ଦର ଅପୂର୍ବ ଅନୁଭବ । ରସମୟ, ରସଚ୍ଛୋଳ, ରସାଳ ଭଳି ରସାମୃତ, ରସପ୍ଲୁତ ସେ ଅନୁଭବ, ଅନନ୍ୟ ଅବିସ୍ମରଣୀୟ । ମିଳନ ପୂର୍ବରୁ ଯେପରି ଉଚ୍ଛାଟ, ଉଚ୍ଛନ୍ନ ମନ, ମିଳନପରେ ସେମିତି ଆସାଡ୍‌, ନିଥର ମନ । ଏକାକାର ମନ ରୋମାଞ୍ଚରେ, ଆହ୍ଲାଦରେ, ଅନନ୍ତ ଐଶ୍ୱର୍ଯ୍ୟରେ । ସେ ମୁହୂର୍ତ୍ତ ଯେମିତି ମିଠାମିଠା, ମହମହ ଉତ୍ସବ ମୁଖର ତାର ତୁଳନା ନାହିଁ । ଅଦ୍ଭୁତ ସେ ଅନୁଭବ, ସେ ଆକର୍ଷଣ । ବାରମ୍ବାର ଦେହମିଳନର ଦିବ୍ୟ ଅନୁଭବର ଆନନ୍ଦପାନରେ କ୍ଳାନ୍ତିନାହିଁ । ସବୁବେଳେ ତନ୍ଦ୍ରାଚ୍ଛନ୍ନ, ତଟକା, ତୃପ୍ତିକର, ନୂଆ । ସୁନାର ସୂର୍ଯ୍ୟୋଦୟ ଭଳି, ସତେଜ ସକାଳ ଭଳି, ସବୁଜ ନଦୀପଠା ଭଳି, ନେଳିଆ ପାହାଡ ଭଳି, ଶାଗୁଆ ଗଛଲତା ଭଳି ସୁନ୍ଦର ଯୌବନର ଚିରସୁନ୍ଦର ଅନୁଭବ । ସୁନ୍ଦର ସ୍ମୃତିରେ, ପ୍ରୀତିରେ, ମିଳନରେ, ପୁର୍ନମିଳନର ପ୍ରତ୍ୟାଶାରେ, ମିଳନ ପ୍ରତୀକ୍ଷାରେ, ପୁର୍ନମିଳନରେ । ମୁଗ୍ଧବିଭୋର ମୁହୂର୍ତ୍ତ ଏ, ଆନନ୍ଦ ଐଶ୍ୱର୍ଯ୍ୟର ମୁହୂର୍ତ୍ତ ଏ, ମୁହୁର୍ମୁହୁଃ ଦେହମନକୁ ଆଚ୍ଛନ୍ନ କରି ରଖିବାର ଅପୂର୍ବ ମୁହୂର୍ତ୍ତ ଏ । ରକ୍ତମାଂସର, ଦେହଦାନର, ଦେହମିଳନର । ଅବାରିତ ମୌସୁମୀର ମୂର୍ଚ୍ଛନାଭଳି, ଅବାରିତ କୋଇଲିର କୁହୁକୁହୁ ଧ୍ୱନିଭଳି , ଅବାରିତ ଶୁଭ୍ର ଶୀତଳ ହିମପାତ ଭଳି, ଅବାରିତ ଶୀତ ସଞ୍ଚାର ପବନ ଭଳି, ଅବାରିତ ଜହ୍ନର ଶୀତଳ ଜ୍ୟୋତ୍ସ୍ନା ଭଳି, ଅବାରିତ ଫୁଲେଇ ନଈର ନିମନ୍ତ୍ରଣ ଭଳି, ଅବାରିତ ନଦୀପଠାର ଆକର୍ଷଣ ଭଳି, ଅବାରିତ ମହୋଦଧିର ମୁଗ୍ଧ ସଙ୍ଗୀତ ଭଳି । ମନଛୁଆଁ, ମନୋରମ, ମନମୋହକ ସେ ଅନୁଭବ ଦେହମିଳନର । ସମର୍ପିତ, ସ୍ପର୍ଶକାତର, ସ୍ନେହ ସଜଳ ସେ ଅନୁଭବ । ଇନ୍ଦ୍ରିୟ ଆସକ୍ତ ଅନିନ୍ଦ୍ୟ ଅନୁଭବ ଇନ୍ଦ୍ରପୁରୀର ଐଶ୍ୱର୍ଯ୍ୟମୟ ଅନୁଭବ । ନାରୀଦେହ, ପୁରୁଷଦେହର ଏକାତ୍ମ ହେବାର ଅନୁଭବ । ପ୍ରତୀକ୍ଷା ଶେଷରେ, ପ୍ରତ୍ୟାଶା ଶେଷରେ, ପୁଣି ଏକାଠି ହେବାର ଆଶାରେ । କୁଠାକାଠିର ଚଟିଘରେ ଚଢେଇଭଳି, ଝାଟିମାଟିର କୁଡିଆ ଘରେ କୃଷକ ଭଳି, ପାଟମଠାର ମଖମଲି ଶେଯରେ ସମ୍ଭ୍ରାନ୍ତଭଳି, ଝରାପତ୍ର ଝରାଫୁଲ ଉପରେ ଝରାଲୁହ ଝରାଆନନ୍ଦରେ ଆଲିଙ୍ଗନବଦ୍ଧ ପ୍ରଣୟୀଯୁଗଳ ଭଳି । ମିଳନ ମଗ୍ନ, ମିଳନ ମୁଖର, ମିଳନ ମୁଗ୍ଧ ସେ ଅନୁଭବ ଦୁଗ୍ଧଫେନୀଳ ଯୌବନର, ଆନନ୍ଦମୟ ଯୌବନର, ଲାବଣ୍ୟମୟ ଯୌବନର, ଲାଜ ସରସର ଯୌବନର, ସ୍ନେହ ସରସର ଯୌବନର । ପ୍ରୀତିରେ ସରସ, ମିଳନେ ହରଷ, ମହମହ ବାସ । ଭୁଲି ଜୀବନର କଳୁଷ, କ୍ଳାନ୍ତି, କ୍ଲେଶ ।



ଦେହମିଳନ ଯେମିତି ମୁଖଶାଳା ଦେଇଗଲେ ମନ୍ଦିର, ମନ୍ଦିର ଭିତରେ ଦେବଦର୍ଶନ, ଦିବ୍ୟ ଦର୍ଶନ, ଆନନ୍ଦ ମନ, ଆନନ୍ଦ ଚୈତନ୍ୟ । ମାନବ ଶରୀରରେ ଆନନ୍ଦର ଭିନ୍ନଭିନ୍ନ ଅନୁଭବରେ ଦେହମିଳନର ଆନନ୍ଦ ଅନୁଭବ, ସର୍ବୋତ୍ତମ ଅନୁଭବ । ସେହି ସର୍ବୋତ୍ତମ ଅନୁଭବ ହିଁ ସ୍ୱର୍ଗପ୍ରାପ୍ତି । ସ୍ୱର୍ଗୀୟ ସେ ଅନୁଭବ, ଚରମ ଆନନ୍ଦମୟ ସେ ଅନୁଭବ, ବିଭୁପ୍ରାପ୍ତିପରି, ବିଭୁକୃପାପରି, ବିଭୁକଲ୍ୟାଣମୟ ସେ ଅନୁଭବ, ବିଶ୍ୱକଲ୍ୟାଣମୟ ସେ ଅନୁଭବ । ଜ୍ଞାନୀ ଗୁଣୀ, ରାଜା, ପ୍ରଜା, ଋଷି ମୁନି, ସାଧୁ ସନ୍ନ୍ୟାସୀ, ଚୋର ଚଣ୍ଡାଳ, ପାପୀ, ପୁଣ୍ୟପ୍ରତିମ, ଯୁବକ ଯୁବତୀ, ବୁଢାବୁଢୀ ସମସ୍ତଙ୍କର । ପଶୁର, ପକ୍ଷୀର, ମାନବର, ଦେବତାର । ମାଟିରେ, ଆକାଶରେ, ସ୍ୱର୍ଗରେ, ସ୍ୱପ୍ନରେ । ତେଣୁ ମନ୍ଦିର ଦେହରେ ଦେହ ମିଳନର ଦୃଶ୍ୟ । କାମନାର କୈଳାସ, ବାସନାର ବୈକୁଣ୍ଠ ସେ ମିଳନ । କାମନା ପୂର୍ଣ୍ଣ, ବାସନା ପୂର୍ଣ୍ଣ, ପୁର୍ଣ୍ଣ କଳସୀଭଳି, ପୂର୍ଣ୍ଣମୀ ଜହ୍ନଭଳି, ପୂର୍ଣ୍ଣମୟ ପ୍ରକାଶଭଳି, ପୁଣ୍ୟତୋୟାର ସାଗର ସଙ୍ଗମ ଭଳି, ତ୍ରିବେଣୀ ସଙ୍ଗମ ଭଳି, ଆତ୍ମା ପରମାତ୍ମାର ପରମ ସଂଯୋଗ ଭଳି, ସ୍ୱୟଂପ୍ରଭା ସ୍ୱୟାଂଶୁ ଭଳି, ଶକ୍ତି ସଲଗ୍ନ ସୁନ୍ଦର ସ୍ନେହଭୂ ସ୍ୱୟଂଭୂ ଭଳି ସମୁଜ୍ଜ୍ୱଳ, ପ୍ରାଣୋଚ୍ଛଳ, ପ୍ରୀତିଉଚ୍ଛଳ, ଆନନ୍ଦ ଉଚ୍ଛଳ । ସେଇ ସୁଖ, ସେଇ ସ୍ୱର୍ଗସୁଖ, ଦେହ ମିଳନର ଦିବ୍ୟସୁଖ ଯାହାର ତୁଳନା ନାହିଁ । ସମସ୍ତଙ୍କ ପାଇଁ ସମାନ ସେ ଅନୁଭବ, ସେ ଆନନ୍ଦ, ବିଭୁକୃପା, ବିଭୁପ୍ରାପ୍ତି, ବିଭୁ ଆନନ୍ଦଭଳି । ଖାଦ୍ୟର ସ୍ୱାଦ ଭଳି ଭିନ୍ନ ନୁହେଁ, ସ୍ପର୍ଶର ଆନନ୍ଦ ଭଳି ଭିନ୍ନ ନୁହେଁ, ସ୍ୱର ସଙ୍ଗୀତ ଭଳି ଭିନ୍ନ ନୁହେଁ, ଦୃଶ୍ୟର ବର୍ଣ୍ଣାଳୀ ଭଳି ଭିନ୍ନ ନୁହେଁ । ଯେଉଁଠି ଜ୍ଞାନ, ଧନ, କ୍ଷମତା ଅହଙ୍କାର ଶୂନ୍ୟ, ସଂସାରୀ ସନ୍ନ୍ୟାସୀର ସାଧନା ସରିଯାଇଛି । ନାରୀଦେହ ମିଳନ ପୁରୁଷଦେହ ମିଳନ, ଅର୍ଦ୍ଧାଙ୍ଗ ଈଶ୍ୱର ଅର୍ଦ୍ଧାଙ୍ଗ ପାର୍ବତୀର ଅତୀନ୍ଦ୍ରିୟ ଅନୁଭବ । ପ୍ରକୃତି ପୁରୁଷର ପ୍ରାଣସର୍ବସ୍ୱ ମିଳନ, ପ୍ରୀତିସର୍ବସ୍ୱ ମିଳନ । ମୁକ୍ତପକ୍ଷୀର ମିଳନ, ମୁକ୍ତିକାମୀ ଆତ୍ମାର ମିଳନ । ମହାମିଳନ । ମହୋଦଧିମୟ ସେ ମିଳନ । ମହୋତ୍ସବମୟ ସେ ମିଳନ । ପୁରୁଷର ନାରୀ ବେଶ, ଋଷିର ନାରୀ ଜନ୍ମ, ନାରୀର ପୁରୁଷ ବେଶ । ନାରୀର ଆକର୍ଷଣ ପୁରୁଷ ପ୍ରତି, ପୁରୁଷର ନାରୀପ୍ରତି, ଦେହର ଦେହପ୍ରତି, ବସ୍ତୁର ବସ୍ତୁପ୍ରତି, ଅଣୁର ପରମାଣୁ ପ୍ରତି, ନିକଟରେ, ଦୂରରେ, ଦୂରଦୁରାନ୍ତରେ, ଗ୍ରହଗ୍ରହାନ୍ତରେ । ଅଜଣା ସେ ଆକର୍ଷଣ, ଅଦ୍ଭୁତ ସେ ଆକର୍ଷଣ, ନୀରବ ଆକର୍ଷଣ, ନିବିଡଭାବେ ଧରି ରଖିବାକୁ, ଧରି ଘୂରିବାକୁ, ଧରି ବଞ୍ଚିବାକୁ ନମ୍ର ନିମନ୍ତ୍ରଣ, ନିର୍ଭରଯୋଗ୍ୟ ସେ ନିମନ୍ତ୍ରଣ ।

ସେ ରୂପକଳ୍ପ ଯେମିତି ଦୁଇ ଶରୀରକୁ ଏକାଠି କରି ଜଡାଇ ଧରିବାର, ପରସ୍ପରକୁ ଅନୁଭବ କରିବାର, ମୁକୁଳା ମାଂସର ମହକରେ ମହକିବାର ମହମହ ଅନୁଭବ । ବାହୁବନ୍ଧନୀରେ ଦୁଇ ମୁକୁଳା ଦେହ ପ୍ରୀତିମଧୁର ସନ୍ଧାନରେ ସ୍ୱତଃ ଅସଞ୍ଜିତ, ଅସମ୍ଭାଳ ମାଂସର ଅପୂର୍ବ ମାପଦଣ୍ଡଟିଏ, ବଳିଷ୍ଠ ବଳମଟିଏ, ବର୍ଦ୍ଧିଷ୍ଣୁ ବ୍ୟାସାର୍ଦ୍ଧ ଭଳି, ବ୍ୟାସଭଳି ସରଳ, ଶକ୍ତ, ସାବଲୀଳ । ପୀୟୂଷପୂର୍ଣ୍ଣ ପିଚ୍ଛିଳ କୋମଳ ପିଚକାରିଟିଏ । ଯେମିତି ପ୍ରୀତି ପିପାସିତ ପ୍ରତିଯୋଗୀ । ବିଶ୍ୱକଲ୍ୟାଣରେ ବ୍ରତୀ ବିହ୍ୱଳ ବିନ୍ଧାଣୀ । ବୀଜମନ୍ତ୍ରର ବାହକ, ବିଶ୍ୱ ବିଧାତାର ଗୋପନ ବାର୍ତ୍ତାବହ । ମିଥୁନମଗ୍ନ ନଗ୍ନମୈଥୁନ । ମେଦୁର ମାଂସଳ ମହେଶ୍ୱର, ସ୍ନିଗ୍ଧ ଚିକ୍‌କଣ କୋମଳ କୀର୍ତ୍ତି ସ୍ତମ୍ଭଟିଏ, ସୁନ୍ଦର ସୃଷ୍ଟିର ସଂଯୋଗ ସେତୁଟିଏ । ପ୍ରାପ୍ତି ଆଶାରେ ଅନ୍ତଃଶରୀରରେ ପୁନଃପୁନଃ ଅବାଧ ପ୍ରବେଶ, ଅବାଧ୍ୟ ପ୍ରବେଶ । ପ୍ରାପ୍ତିରେ ଆତ୍ମବିଭୋର, ଆସାଡ, ମହା ଆନନ୍ଦରେ ଲୀନ । ଉଲଗ୍ନ ସଲଗ୍ନ ହୋଇ ଶରୀରର ସର୍ବାଙ୍ଗ

ସନ୍ଧାନ କରି ଅନ୍ଦିକନ୍ଦି, ସନ୍ଧି ସାଉଁଟି ସାଉଁଟି, ରୁନ୍ଧିରୁନ୍ଧି, ସାନ୍ଧିସାନ୍ଧି, ଖୁନ୍ଦିଖୁନ୍ଦି ଖାପି ହୋଇଯିବାରେ, ବିଭୋର ଖୁସିରେ, ରତ୍ନ ବିବରରେ ପ୍ରୀତିରତ୍ନ ସାଉଁଟିବାରେ ସମର୍ପିତ ସାଧନା ମାର୍ଗ ।

ଆଜି ପାଶ୍ଚାତ୍ୟର ମୁକ୍ତ ପ୍ରେମର ସମାଜ ବ୍ୟବସ୍ଥାରେ ଆମେ ପାଗଳ ଅଥଚ ଏହାର ପ୍ରତିଷ୍ଠା ପାଇଁ ଆମର ଶକ୍ତି ନାହିଁ । ସେହି ଶକ୍ତିଥିଲା ଗୋପପୁରର ସାହସୀ ଶ୍ରୀକୃଷ୍ଣଙ୍କର । ସେ ମୁକ୍ତପ୍ରୀତିର ସମାଜ ବ୍ୟବସ୍ଥାର ପ୍ରତିଷ୍ଠାତା ଥିଲେ । ସେ ସମାଜରେ ନଗ୍ନତା ଥିଲା, କାମୁକତା ନଥିଲା । ବର୍ତ୍ତମାନ ଆଦିବାସୀ ସଂସ୍କୃତିରେ ଉଲଗ୍ନ ସ୍ନାନ ଭଳି ସେ ସମାଜରେ ସମସ୍ତଙ୍କର ଉଲଗ୍ନ ସ୍ନାନ ନିନ୍ଦନୀୟ ନ ଥିଲା । ଏହା ଥିଲା ସେ କାଳର ସାମାଜିକ ବ୍ୟବସ୍ଥା । ତେବେ ସ୍ନାନପରେ କୁମାରୀମାନେ ବାସିଲୁଗା ପିନ୍ଧିବାକୁ ସେ ବାରଣ କରିଥିଲେ । ଉଲଗ୍ନ ସ୍ନାନକୁ ବିରୋଧ କରିନଥିଲେ, କାରଣ ପ୍ରତିଷ୍ଠିତ ସମାଜ ବ୍ୟବସ୍ଥାକୁ ହଠାତ୍ ବନ୍ଦ କରିବା ସମ୍ଭବନୁହେଁ, କେବେ ବି ସମ୍ଭବ ହୋଇନାହିଁ । ଯେମିତି ଏ ଯାଏ ଆମେ ଆମ ସମାଜକୁ ସୁଧାରି ପାରିନାହୁଁ ଦେବଦର୍ଶୀ ମହାତ୍ମାଙ୍କ ଦେହ ଅବସାନ ପରେ ସ୍ୱାଧୀନତାର ୫୦ ବର୍ଷ ପରେ, ସର୍ବନିମ୍ନ ସଂଜ୍ଞା ତ୍ୟାଗ ନ କରିପାରି ଆଜି ସମଗ୍ର ବିଶ୍ୱରେ ଅଛୁଆଁ, ପଛୁଆ, ଆଗୁଆ, ଆଦିବାସୀ ପରିଚୟ ଦେଇ ନିଜକୁ ଛୋଟ କରିଦେଇଛୁ । ସାମାଜିକ ସାମ୍ୟ ପାଇଁ ଚେଷ୍ଟା ନ କରି ଅସହାୟ ହୋଇ ପଡିଛୁ । ସାମାଜିକ ସଂସ୍କାର ପାଇଁ ସମସ୍ତଙ୍କୁ ସାମାଜିକ ସମତା, ସମ୍ମାନ ଦେବାକୁ ଏ ଦେଶରେ ସାମୂହିକ ଉଦ୍ୟମ ହେଉନାହିଁ, ଏହାଠାରୁ ବଳି ନିନ୍ଦନୀୟ ଘଟଣା କଣ ଅଛି ? ତେବେ ଖ୍ରୀଷ୍ଟପୂର୍ବ ଭାରତରେ ବିଦେଶୀ ଶକ୍ତିଙ୍କ ଆକ୍ରମଣ, ସ୍ତ୍ରୀଲୋକଙ୍କ ପ୍ରତି ଧର୍ଷଣ ଯୋଗୁଁ ଭାରତରେ ଲୁଗା ପିନ୍ଧିବା, ଶରୀରକୁ ବିକୃତ କରିବାର ପ୍ରଥା ଆରମ୍ଭ ହେଲା । ପୂର୍ବେ ଭାରତୀୟ ସମାଜ ଥିଲା । ସୁନ୍ଦର, ଶୃଙ୍ଖଳିତ, ସ୍ୱାଧୀନ ଓ ସମ୍ମାନପ୍ରିୟ । ଶ୍ରୀକୃଷ୍ଣ ସମସ୍ତଙ୍କର ପ୍ରୀତିପାତ୍ର ଥିଲେ । ଶ୍ରୀରାଧା, ଗୋପାଙ୍ଗନାଙ୍କ ସହିତ ତାଙ୍କର ସମ୍ବନ୍ଧ ସ୍ୱାଧୀନ, ପ୍ରୀତିପୂର୍ଣ୍ଣ, ସମ୍ମତିପୂର୍ଣ୍ଣ ଥିଲା । ଛୋଟବଡ ବିଭେଦ ନ ଥିଲା ନଚେତ୍ ରାଜପୁତ୍ର ଶ୍ରୀକୃଷ୍ଣ କେଉଁ ଅଭାବରେ ପ୍ରତିଦିନ ଜଙ୍ଗଲକୁ ଯାଉଥିଲେ ଗୋପାଳ ବାଳକଙ୍କ ସହ ଗାଈପଲ ନେଇ ? କି ଚମତ୍କାର ସେ ଅନୁଭବମୟ ସମାଜ ! ରାଜା ଛାଡିଛି ପୁଅକୁ ବଣକୁ ! ରାଜାପୁଅର ସାଙ୍ଗ ସାଧାରଣ ଘରର ଗୋପାଳ ବାଳକ । ଆଜିର କର୍ମ ବିମୁଖ ଭାରତୀୟ ସମାଜରେ ଏଭଳି କଳ୍ପନା କରିବା ସମ୍ଭବ ନୁହେଁ । ସ୍ତ୍ରୀ ପୁରୁଷ କର୍ମଠ ଥିଲେ, ସ୍ୱାଧୀନ ପ୍ରୀତିପୂର୍ଣ୍ଣ ଜୀବନ ଯାପନ କରୁଥିଲେ । ଏହା ଆମର ପ୍ରାଚୀନ ସାମାଜିକ ବ୍ୟବସ୍ଥା ଥିଲା । ହଠାତ୍ କିଛି ହୋଇନଥିଲା, ଶ୍ରୀକୃଷ୍ଣ ହଠାତ୍ କିଛି କରିନଥିଲେ । ସେ ସଂସ୍କାର ଚାହିଁଥିଲେ ସମାଜ ବ୍ୟବସ୍ଥାର ନୁହେଁ, ସୁସ୍ଥ ଜୀବନର । ସେ ଆଠଟି ପତ୍ନୀ ଗ୍ରହଣ କରିଥିଲେ, ବହୁ ନାରୀ ମିଳନର ଅନୁଭବ ତାଙ୍କର ଥିଲା । ସେ ଥିଲେ ମୁଗ୍ଧ ପ୍ରଣୟର ପାଠକ, ପ୍ରେମିକ । ତେଣୁ ଦେହ ମିଳନରେ କାମୁକତା ନଥିଲା, ପାପବୋଧ ନଥିଲା, ପରକୀୟା ନଥିଲା । ସ୍ୱର୍ଗରେ ମଧ୍ୟ ସେହି ବ୍ୟବସ୍ଥା । ଅବିବାହିତା ମେନକା ଅପସରା ବିବାହିତା ଇନ୍ଦ୍ରଙ୍କ ସାଥିରେ ମିଳିତ ହେଉଥିଲେ । ଋଷି ବିଶ୍ୱାମିତ୍ରଙ୍କ ସହିତ ସଂସାର କରିଥିଲେ ଅଖଣ୍ଡ ଯୌବନ, ଅମର ଜୀବନ, ଜନ୍ମ ନିରୋଧ ଅଭ୍ୟାସ ପାଇଁ । ସେ ଇନ୍ଦ୍ରଙ୍କ ପରି, ତାଙ୍କ ପୁତ୍ର ଅର୍ଜୁନଙ୍କ ସହିତ ମିଳନପାଇଁ ଯିଦ ଧରୁଥିଲେ । ରାଧା ଚନ୍ଦ୍ରସେଣାର ପତ୍ନୀ ହୋଇ ଶ୍ରୀକୃଷ୍ଣଙ୍କୁ ଦେହଦାନ କରିଥିଲେ ପ୍ରୀତିରେ । ପ୍ରୀତିପୂର୍ଣ୍ଣ ସମ୍ମତିରେ । ସେ ପୁଣି ବୟସ୍କା, ସମ୍ପର୍କୀୟା । ଆଜି ଆମେ ପାଶ୍ଚାତ୍ ଦର୍ଶନକୁ ବଡ



ଭାବୁଛୁ, ଯେଉଁଠି ବାପର ଝିଅପ୍ରତି, ମା'ର ପୁଅପ୍ରତି ଆକର୍ଷଣ ଅଛି । ମହାତ୍ମାଗାନ୍ଧୀ ସ୍ୱୀକାର କରିଛନ୍ତି ସେହି ସାମଗ୍ରିକ ସତ୍ୟକୁ । ନାରୀଭାବରେ ବିଭୋର ହୋଇଛନ୍ତି, ଯୌବନପ୍ରାପ୍ତ ଝିଅମାନଙ୍କ ସହିତ ଏକାଠି ଶୋଇଛନ୍ତି, ବ୍ରହ୍ମଚର୍ଯ୍ୟ ପାଳିଛନ୍ତି, ସେ ପ୍ରେମରେ ପଡିଛନ୍ତି, ବେଶ୍ୟାଳୟକୁ ଯାଇଛନ୍ତି କିନ୍ତୁ ସମ୍ଭ୍ରମ ହରାଇନାହାନ୍ତି । ସେ ଅନୁଭବ କରିଛନ୍ତି ନାରୀ ଭାବରେ ପୁରୁଷ ଅଭିଷିକ୍ତ ହେଲେ ସମାଜର ସମସ୍ତ ସମସ୍ୟାର ସୁଖଦ ସମାଧାନ ହୋଇପାରିବ । ସତ୍ୟ ଅନୁଭବକୁ ସେ ଲେଖି ଯାଇଛନ୍ତି, ସ୍ୱୀକାର କରିଛନ୍ତି ଇଏ କ'ଣ କମ୍ ସାହସ ସେ ସମୟରେ ? ଧନ୍ୟ ମହାତ୍ମା, ଧନ୍ୟ ତୁମର ଅହିଂସ ଅନୁଭବ, ନାରୀ ଦେହର ନୀରବ ଅନୁଭବ । ନାରୀମୟ । ପ୍ରତ୍ୟେକ ମହାପୁରୁଷ କହିଛନ୍ତି ମାନବ ମଙ୍ଗଳଲାଗି ପ୍ରକୃତିର ପ୍ରତିବନ୍ଧକ ଛାଡି ସମସ୍ତ ପ୍ରତିବନ୍ଧକ ହଟାଅ କାରଣ ସବୁ ଯାନ୍ତ୍ରିକ ଦୁଃଖଦାୟକ ।

ସେ ଚାହାଣି-ସାୟାହ୍ନର ଶେଷ ସ୍ପର୍ଶ ସେ ଚାହାଣି । ଜୀବନର ସର୍ବଶ୍ରେଷ୍ଠ ଅନୁଭବ, ସର୍ବୋତ୍ତମ ସାର୍ଥକ ଅନୁଭବ, ସେ ଚାହାଣି । ସେଇ ଚାହାଣିର ଜୟଗାନ କରିଛନ୍ତି ରୋମାଣ୍ଟିକ କବି, ଜୀବନବୋଧର କାଳଜୟୀ ପ୍ରଣୟକବି ମାୟାଧର ମାନସିଂହ, ଯାହାଙ୍କ ଜୀବନର ଦିବ୍ୟ ଅନୁଭବ ସାରସ୍ୱତ ସ୍ପର୍ଶରେ ସମୁଜ୍ଜ୍ୱଳ, କାଳୋତ୍ତୀର୍ଣ୍ଣ, ଚିର ଭାସ୍ୱର ।''ସବୁ ଯାଇ ରହିଯାଏ କେବଳ ସେ କେମନ୍ତ କେଜାଣି , କେଉଁ ଏକ କିଶୋରୀର ଲାଜ ପ୍ରେମ ମଧୁର ଚାହାଣି । ପାଇବାକୁ ସେ ଦୁଇର ପରିପୂର୍ଣ୍ଣ ଆତ୍ମସମର୍ପଣ, ହେ ସଖୀ କରୁଛି ମୁଁ କି ଜନ୍ମେ ଜନ୍ମେ ଧରାବତରଣ ।'' ସେଇ ଚାହାଣିଭିତରେ ଦେବଶିଶୁର ସ୍ୱର୍ଗାରୋହଣ ପୁଣି ଧରାବତରଣର ଦିବ୍ୟସୁନ୍ଦର ଅନୁଭବ । ତାର ପ୍ରାପ୍ତିରେ, ପୀୟୂଷ ପାନ, ଅମୃତ ଶିଶୁର, ଅମୃତ ଯୌବନର, ଅମୃତ ଦେହଦାନର । ସେଇ ଆଖି ଦୁଇଟା ଉଜ୍ଜ୍ୱଳ, ଆଶାନ୍ୱିତ, ବୁଦ୍ଧିଦୀପ୍ତ, ଅସୀମ ଶକ୍ତିର ଉତ୍ସ ।

ସେ ଚାହାଣି ବୌଦ୍ଧିକ, ବୁଦ୍ଧିଦୀପ୍ତ ବୌଦ୍ଧିକ ଚାହାଣି, ଭାବଗୁମ୍ଫିତ ବେଦମୟ ଚାହାଣି, ଅବଦମିତ ସେ ଚାହାଣି । ପୁଷ୍ପିତ ପ୍ରୀତିର ଚାହାଣି, ସ୍ନେହମୟ ଚାହାଣି- ପ୍ରେମମୟ ଚାହାଣି- ସ୍ୱପ୍ନମୟ ଚାହାଣି- ସତ୍ୟସୁନ୍ଦର ଚାହାଣି- ସର୍ଜନାର ସାରସ୍ୱତ ଚାହାଣି ଚିରବନ୍ଦନୀୟ ସେ ଚାହାଣି । ପ୍ରୀତିସ୍ପଦାର ପ୍ରତିସ୍ପର୍ଦ୍ଧିତ ଚାହାଣି, ପ୍ରିୟମ୍ବଦାର ପ୍ରୀତି ସମର୍ପିତ ଚାହାଣି । କଲ୍ୟାଣୀୟା ପ୍ରେମମୟୀ ପ୍ରାଣସଖୀ, କାରୁବାକୀର ପ୍ରେମ କରୁଣାପୂର୍ଣ୍ଣ ଚାହାଣି । ସେଇ ଚାହାଣିରେ ଅଶୋକ ଅନୁଭବ କରୁଥିଲେ ଚେତନାର ରୂପାନ୍ତର, ଶକ୍ତିର ରୂପାନ୍ତର, ଶୌର୍ଯ୍ୟର ରୂପାନ୍ତର । ସେ ଚାହାଣିର ମୃତ୍ୟୁ ନାହିଁ, ବିଚ୍ଛେଦ ନାହିଁ । ସେ ଯେଉଁଠି ଥାଆନ୍ତୁ, ଯେପରି ଥାଆନ୍ତୁ ସେ ଚାହାଣି ତାଙ୍କୁ ଛୁଇଁ ଯାଉଛି ଅଦୃଶ୍ୟରେ, ଅଲକ୍ଷରେ । ସେ ଚାହାଣିର ସେ ମୁଗ୍ଧ ପ୍ରେମିକ, ଗୁଣମୁଗ୍ଧା ପ୍ରିୟତମାର, ପ୍ରୀତିମଗ୍ନା ପ୍ରାଣସଖୀର ।

କୋମଳ କୈଶୋର ଦିନସବୁ କଟୁଥିଲା ଆନନ୍ଦରେ । ସନ୍ନ୍ୟାସୀ ଅଶୋକଙ୍କର ଥିଲା ରାଜଅନ୍ତଃପୁରୀରେ ଅବାଧ ପ୍ରବେଶ । କାରୁବାକୀଙ୍କ ସହ ମୃଦୁ, ମନ୍ଦ, ମଧୁର ମେଳାପ, ଆଳାପ ଆଲୋଚନାରେ ମୁଗ୍ଧ ଅଶୋକ । କେତେବେଳେ କେମିତି କାରୁବାକୀ ତାଙ୍କୁ ଖୁଆଇ ଦେଉଥିଲେ ପ୍ରସାଦ, ପାଦୁକ ସମସ୍ତଙ୍କ ଅଲକ୍ଷ୍ୟରେ, ଆନନ୍ଦରେ । ସତର୍କ ସୁନ୍ଦର, ନିର୍ମଳ କୋମଳ ବ୍ୟବହାରରେ ବାନ୍ଧି ହେଇଯାଇଥିଲେ ଅଶୋକ । ବେଳେବେଳେ ରାଜପୁରୀର ବିଭବ ବିଳାସ ତାଙ୍କୁ ଲୋଭାନ୍ୱିତ, ଈର୍ଷାନ୍ୱିତ ଲାଗେ । କାହିଁ ରାଜକୁମାରୀ କାରୁବାକୀ, କାହିଁ ସନ୍ନ୍ୟାସୀ କିଶୋର ଅଶୋକ ? ବନ୍ଧୁତା

ସତ୍ୟ, ସମାନତା ସର୍ବତ୍ର ଅସମ୍ଭବ । କେତେବେଳେ କେମିତି ଫୁଲେଇ ହୋଇ ଗପନ୍ତି ପ୍ରାଚୁର୍ଯ୍ୟର ଆକ୍ଷେପକୁ, ଅଶୋକଙ୍କ ଆଗରେ । ଈର୍ଷାରେ ଆହତ ଅଶୋକ ନୀରବ, ନିର୍ବିକାର । ଶୁଣୁଥାନ୍ତି ଚୁପ୍‌ଚାପ । ଦେଖୁଥାନ୍ତି ରାଜକୁମାରୀର ଆଦର କାଇଦା, ଆଡମ୍ବରକୁ ଆନନ୍ଦରେ ଜ୍ୱଳନରେ । ସେ ଯେ ସନ୍ନ୍ୟାସୀ ନୁହଁନ୍ତି 'ରାଜକୁମାର' କେମିତି ବୁଝିବେ ରାଜକୁମାରୀ ? ତାଙ୍କ ଧମନୀରେ ରାଜଶକ୍ତିର ରକ୍ତ । ସନ୍ନ୍ୟାସୀର ବ୍ରତ ପାଳୁଛନ୍ତି ସେ କଳିଙ୍ଗରେ । ଅନେକ ସମୟ ମାଲ୍ୟାଣୀ ମଲ୍ଲିକା କୁଟୀରରେ କଟେ ହସଖୁସି, ଥଟ୍ଟାମଜା, ଆନନ୍ଦ ଉଲ୍ଲାସରେ । ରାଜକୁମାରୀ ଆନନ୍ଦରେ ଗପୁଥିବା କାହାଣୀ, କବିତା, କିମ୍ବଦନ୍ତୀ, ପୁରାଣ ଇତିହାସକୁ ଶୁଣୁଥାନ୍ତି ନିବିଡଭାବେ । ମୁଗ୍ଧମୁଗ୍ଧ ଲାଗେ ତୃପ୍ତତୃପ୍ତ ଲାଗେ । ବେଳେବେଳେ ବିଦୁଷୀର ବୌଦ୍ଧିକ ବାଖ୍ୟା, ବିସ୍ଫୋରଣ ପାଖରେ ମ୍ଳାନ ଲାଗେ । ଅଶୋକ ପରୋକ୍ଷରେ ଜ୍ଞାନ,ବିଜ୍ଞାନ, ପୁରାଣ, ସାହିତ୍ୟ, ଦର୍ଶନ, ଧର୍ମତତ୍ତ୍ୱରେ ପରିପୃଷ୍ଟ ହେଉଥିଲେ ଧୀରେଧୀରେ ରାଜକୁମାରୀ ପାଖରେ । ଧର୍ନୁବିଦ୍ୟା, ଅସିଚାଳନା, ବର୍ଚ୍ଛାଚାଳନା, ପ୍ରତିରକ୍ଷା, ଅଶ୍ୱଚାଳନାର ଶିକ୍ଷା ରାଜକୁମାରୀଠାରୁ ଦେଖିଦେଖି ଶିଖିଥିଲେ । କାରୁବାକୀଙ୍କୁ ସାହାଯ୍ୟ କରୁକରୁ ସେ ଅସ୍ତ୍ର ସାଧନାରେ ମଗ୍ନ ଥିଲେ । ହସ୍ତୀପୃଷ୍ଟରେ ଅସାଧାରଣ ସମର କୌଶଳ ଦେଖି ସେ ଆଚମ୍ବିତ ହୋଇଥିଲେ । ରାଜକୁମାରୀଙ୍କ ସହିତ ଛଳଯୁଦ୍ଧର କୌଶଳ ଆୟତ୍ତ କରିଥିଲେ । ଯୁଦ୍ଧରେ ଧର୍ମପାଳନର ଦୁର୍ବଳତାକୁ ସେ ହସିହସି ଉଡାଇ ଦେଇଥିଲେ । କେବେ କେମିତି ରାଜକୁମାରୀଙ୍କୁ ଯୁଦ୍ଧ ଅଭ୍ୟାସ କାଳରେ ପରାଜିତ କରିଦେଉଥିଲେ । ରାଜକୁମାରୀ ସନ୍ନ୍ୟାସୀ ଅଶୋକଙ୍କୁ, ଆନନ୍ଦରେ ପ୍ରଶଂସାରେ ପୋତି ପକାଉଥିଲେ । ମାଲ୍ୟାଣୀର ଦୁଆର, ଘର, ରାଜଉଦ୍ୟାନ ଥିଲା ମିଛିମିଛିକା ସମର କ୍ଷେତ୍ର । ସନ୍ନ୍ୟାସୀ କୁମାରଙ୍କ ସହାୟତାରେ, ସଫଳତାରେ ରାଜକୁମାରୀଙ୍କ ମନ ଗର୍ବରେ ତଳେ ଲାଗୁନଥିଲା । ସେ ଖୁସିରେ ଆତ୍ମହରା ହୋଉଥଲେ । ଅଶୋକଙ୍କ ସଫଳତାକୁ ଅନ୍ୟ ଆଗରେ ପ୍ରକାଶ କରୁଥିଲେ, ଚିଡାଉଥିଲେ । ଆଜି ସନ୍ନ୍ୟାସୀ ଗୋଟିଏ ଶରରେ ଚଢେଇମାରି ପାପ କରିଛନ୍ତି । ଅଶୋକ ପ୍ରତିବାଦ କରି କହୁଥିଲେ ନା ନା ମୁଁ ମାରିନି, ଶର ବାଜିଗଲା କେମିତି ? ପିଜୁଳି, କଦଳୀ, ନଡିଆ, ଉଖୁଡା, ଆମ୍ବ,ପଣସ ପ୍ରତିଦିନ ଫଳ ଖାଇବାକୁ ଦେଉଥିଲେ । ବୟସରେ ସାମାନ୍ୟ ବଡଥିଲେ । ସମବୟସ୍କା କିଶୋରୀ ପ୍ରାଣର ସ୍ନେହ ମମତାର ନିର୍ଝର ଯେମିତି ଝରିପଡୁଥିଲା । ନୀଳ ଆକାଶରୁ ନେଳିଆ ନଈକୁ ସବୁଜ ଧରିତ୍ରୀକୁ । କେତେବେଳେ ଉତ୍ସାହିତ କରୁଥିଲେ, ଆକଟ କରୁଥିଲେ ଅଶୋକଙ୍କୁ । ମୁଗ୍ଧ ଚାତକ ପରି ସେ ଚାହିଁ ରହୁଥିଲେ ସେଇ ଚାହାଣିକୁ, ଚପଳ ଚାହାଣିକୁ, ଚଞ୍ଚଳ ଚାହାଣିକୁ,ଛଟକ ଚାହାଣିକୁ ।

ବୟସର ଫଗୁଣରେ ଫୁଲୁଥିଲା ଦେହ, ପୂବେଇ ପବନରେ ପୁଲକିତ ହେଲାଭଳି । ମସୃଣ ମାଂସର ମେଘ ମେଦୁର ସ୍ପର୍ଶ । ରାଜକୁମାରୀକୁ ଭଲ ଲାଗୁଥିଲା ଅଶୋକଙ୍କ ପାଖରେ ଘଣ୍ଟା ଘଣ୍ଟା ବସିବାକୁ, ଗପିବାକୁ, ଚିଡେଇବାକୁ, ହଠାତ୍ ଚକିତ କରିଦେବାକୁ । ଅଶୋକ ହସୁଥିଲେ ରାଜକୁମାରୀର ହସରେ, ତା'ର କପଟ କ୍ରୋଧରେ । ଗପୁଥିଲେ ବିନମ୍ର ସମ୍ଭ୍ରମରେ । ଥରେ ଜଙ୍ଗଲରେ ବଣଭୋଜିର ଆନନ୍ଦ ଓ ଝରଣାରେ ସ୍ନାନ କାଳରେ ରାଜକୁମାରୀର ଓଢଣୀ ଭାସିଯିବାରୁ ଅଶୋକ ପାଣିକୁ ଡେଇଁପଡି ତାହାକୁ ଆଣିଦେଇଥିଲେ । ଓଦା ସରସର ଅର୍ଦ୍ଧ ଉଲଗ୍ନ ରାଜକୁମାରୀର ସୁଠାମ ଦେହ, ଉଜ୍ଜ୍ୱଳ ମୁଖ, ଦୀପ୍ତ ସ୍ତନମଣ୍ଡଳ ଦେଖି ଅଶୋକ ସତୃଷ୍ଣ ନୟନରେ ଚାହିଁ ରହିଥିଲେ ସଲ୍ଲଜ ହୋଇ । ଧୀରେ ହସୁଥିଲେ କାରୁବାକୀ ଅଶୋକଙ୍କୁ ଦେଖି । ତାଙ୍କ ରୂପମୁଗ୍ଧ ସ୍ତାବକ, ସ୍ତବ୍ଧ



ସନ୍ନ୍ୟାସୀଙ୍କୁ ଦେଖି । ସନ୍ନ୍ୟାସୀ ଅଶୋକଙ୍କ ସାଥିରେ ମଜା କରିବାକୁ କାରୁବାକୀ, ତାର ସାଙ୍ଗମାନଙ୍କ ଆଗରେ ତାଙ୍କୁ 'ହୁଣ୍ଡା' କହୁଥିଲେ । 'ଗ୍ରାମ୍ୟ' ଶବ୍ଦ ଶୁଣି ଅପ୍ରସ୍ତୁତ ହେଉଥିଲେ ସେ । ଦିନେ ଏକାନ୍ତରେ କାରୁବାକୀର ସାଙ୍ଗ ଅଶୋକଙ୍କୁ ଦେଖି ମଜା କରିବାକୁ କହିଲା; ''ତମେ ରାଜକୁମାରୀକୁ ଆଖି ମାରିଛ'', ମୁଁ କହିଦେବି । 'ନାଇଁତ' କହି ସେ ଫେରିଯାଇଥିଲେ କିନ୍ତୁ ରାତିରେ ତାଙ୍କୁ ନିଦ ଲାଗୁନଥିଲା । ଭାବନାରେ ବୁଡିଥିଲେ ସେ । ସେ ତ ଏପରି କରିନାହାଁନ୍ତି । ସେ ଦେଖିଲେ ସେଠାରେ କହି ପାରିଥାନ୍ତେ ? ରାଜକୁମାରୀ ମତେ ସିଧା ସଳଖ ପଚାରି ପାରିଥାନ୍ତେ ? ଏହି ଘଟଣାରେ ନିରପରାଧ ହୋଇବି ଏପରି ନିନ୍ଦାକଥାରେ ସେ ଗଭୀର ଗ୍ଲାନିବୋଧରେ ଆକ୍ରାନ୍ତ ହେଲେ । କାହିଁକି ଏମିତି ଘଟିଲା ? ରାଜକୁମାରୀ ନିଜେ ନକହି ତାଙ୍କ ସାଙ୍ଗକୁ କହିଲେ କାହିଁକି ? ଆତ୍ମସମ୍ମାନ ସର୍ବସ୍ୱ ପ୍ରାଣରେ ଯେମିତି ନିଆଁ ଲାଗିବାର ଦାରୁଣ ଦୁଃଖରେ ସେ ଅଶ୍ରୁସ୍ନାତ ହେଲେ ତାଙ୍କର ଚେତନା ଯେପରି ଉଚ୍ଛନ୍ନ ହେଇଉଠିଲା । ସେ ଦୁଇଦିନ ଘରୁ ବାହାରି ପାରିଲେ ନାହିଁ । ରାଜକୁମାରୀ ମାଲ୍ୟାଣୀ କୁଟୀରକୁ ଆସିଲେ ନାହିଁ । ତୃତୀୟ ଦିନ ରାଜକୁମାରୀ ବ୍ୟସ୍ତହୋଇ ଆସି ଦେଖିଲେ କୁଟୀରରେ ଶୋଇଛନ୍ତି ଦିନବେଳା କୁମାର । ସେ କହିଲେ ଘରକୁ ଆସିବାକୁ । ତାଙ୍କୁ ଦେଖି ଅଶୋକଙ୍କୁ ଜୀବନ ଫେରିପାଇଲା ପରି ଲାଗିଲା । ସେ ବାଷ୍ପରୁଦ୍ଧ । 'ହଁ ଯିବି' କହି ଶୋଇ ରହିଲେ । ରାତ୍ରିରେ ସେ ଗଲେ । ରାଜକୁମାରୀଙ୍କୁ ଏକାନ୍ତରେ ତାଙ୍କ କୋଠରି ଭିତରେ ଅଶ୍ରୁସ୍ନାତ ଆବେଗରେ କହୁଥିଲେ ଦୀର୍ଘସମୟ ଧରି ଅପୂର୍ବ ପାଣ୍ଡିତ୍ୟରେ ନିଜର ସମ୍ମାନବୋଧ, ସମ୍ଭ୍ରମକୁ, ସତ୍ୟ ସ୍ୱାଭିମାନକୁ । ରାଜକୁମାରୀ କୁଣ୍ଢାଇ ଧରି ଲୁହପୋଛି ଦେଉଥିଲେ । ଶାନ୍ତହେବାକୁ ବ୍ୟାକୁଳ ଅନୁରୋଧ କଲେ । ସେ ଭୀଷଣଭାବେ ରାଜକୁମାରୀକୁ ଗାଳିଦେଲେ । ରାଜକୁମାରୀ କ୍ଷମାକର, ଶାନ୍ତହୁଅ କହି ତୁନେଇବାକୁ ଚେଷ୍ଟାକଲେ ।

ଅଶୋକ : ତୁମେ ନିଜକୁ ଖୁବ୍ ବଡବୋଲି ଭାବିଛ ? ତୁମର ଗର୍ବ ତୁମେ ମୋତେ ଯାହା ପାରୁଛ ତାହା କହୁଛ ? ମୁଁ ତମର କିଏ ? ତୁମେ ଯାହା ପାରିବ ତାହା କହିବ; ଶେଷକୁ ସାଙ୍ଗ ଦ୍ୱାରା ମତେ...

ତୁମେ ବଡଲୋକ ବୋଲି ତୁମର ଅହଙ୍କାର । ତୁମେ ରାଜକୁମାରୀ ,ତମ ମନରେ ଏତେ କଥା ? ତମେ ଜାଣିଛ ମୁଁ କିଏ ? ମୁଁ ବି ତୁମପରି ରାଜକୁମାର, ମୋ ଦେହରେ ରାଜ ପରିବାରର ରକ୍ତ ବୋହୁଛି । ରାଜ ସିଂହାସନରେ ମୋର ଅଧିକାର ନାହିଁ ତେଣୁ, ମୋର ଏ ସନ୍ନ୍ୟାସୀ ବ୍ରତ । ସାମ୍ରାଜ୍ୟରୁ ନିର୍ବାସନ । କଳିଙ୍ଗରେ ତୁମ ସାଥିରେ ସାକ୍ଷାତ... । ତମେ ମତେ, ମତେ...''ଦେଖ ମୋର ରାଜରକ୍ତ'' କହି ସେ ଛୁରୀରେ ତାଙ୍କ ଧମନୀକୁ କାଟି ଦେଇଥିଲେ । ରକ୍ତଧାର ଦେଖି ରାଜକୁମାରୀ ତାଙ୍କ ହାତକୁ ଚାପିଧରି ପ୍ରବୋଧନା ଦେଲେ ''ମତେ କ୍ଷମା କରିବନି, ରାଜାଃ'' । ତାଙ୍କ ହୃଦୟରୁ ଝରିପଡିଥିଲା ସ୍ନେହ, କୋମଳ ସ୍ନିଗ୍ଧ ଶୀତଳ ସମ୍ବୋଧନଟିଏ । ସେହି'ରାଜାଃ'ଶବ୍ଦରେ ସ୍ତବ୍ଧ, ଶାନ୍ତ ହୋଇଯାଇଥିଲେ ସେ ମୁହୂର୍ତ୍ତକ ମଧ୍ୟରେ । ଚୁମାଟିଏ ଦେଲେ ତାଙ୍କର କପାଳରେ । ରାଜକୁମାରୀ ଅଶୋକଙ୍କର ସାହସ, ସତ୍ୟନିଷ୍ଠା । ସମ୍ମାନବୋଧ, ବଳିଷ୍ଠ ବ୍ୟକ୍ତିତ୍ୱରେ ବିସ୍ମିତ, ବିମୋହିତ ହେଲେ । ଅଶୋକ ଫେରି ଆସିଲାବେଳେ କହୁଥିଲେ 'ମୋ କଥା କାହାକୁ କହିବ ନାହିଁ ମୋ'ରାଣ' ନଚେତ୍ ମୁଁ... ନା...ମୁଁ କହିବି ନାହିଁ' କହି ରାଜକୁମାରୀ ଅଶୋକଙ୍କୁ ମାଲ୍ୟାଣୀ କୁଟୀରରେ ଛାଡିଦେଇ ଆସିଥିଲେ । ତାଙ୍କ ଆଖିରୁ ଦୁଇଧାର ଲୁହ ଅଗ୍ନିପୂର୍ଣ୍ଣିମାର ଜହ୍ନ ଆଲୁଅରେ

ଚିକ୍ ଚିକ୍ କରୁଥିଲା । ଅଶୋକଙ୍କ ପ୍ରତି ତାଙ୍କର ଦୟା, କ୍ଷମା, ସ୍ନେହ ପ୍ରେମର ଅଦୃଶ୍ୟ ବନ୍ଧନଟିଏ ତାଙ୍କୁ ବାନ୍ଧି ରଖିଥିଲା । ପରେ ଅଶୋକଙ୍କ ଜୀବନର ସମସ୍ତ ଘଟଣା ଶୁଣି ତାଙ୍କୁ ପରମ ଶ୍ରଦ୍ଧାରେ, ପ୍ରେମରେ ଡାକୁଥିଲେ ''ରାଜାଃ'' । ଏହି ନାମ ଶୁଣିଲେ ଅଶୋକଙ୍କ ହୃଦୟ ଭିତରେ ଅଜଣା ଶିହରଣ ଖେଳିଯାଏ । ତାଙ୍କର ଜାତକ ତାଙ୍କୁ ଏ ସ୍ୱୀକୃତି ଦେଇଥିଲା । ସନ୍ନ୍ୟାସୀ ଜାଣିବି, ରାଜକୁମାରୀର ଏ ସ୍ୱୀକୃତି ତାଙ୍କୁ ସ୍ତମ୍ଭୀଭୂତ କରି ଦେଉଥିଲା । ଅପୂର୍ବ ଆଲୋଡନରେ ସେ ଅନୁଭବ କରୁଥିଲେ ବିଜୁଳିର ଚମକ ଦେହସାରା । ଶବ୍ଦର, ଆଲୋକର ଅସମ୍ଭବ ଶକ୍ତି ।

ଏହି ଘଟଣା ତାଙ୍କ ଜୀବନରେ ଚିରସ୍ମରଣୀୟ ଘଟଣା । ଏଭଳି ର୍‍ୟାଗିଂକରି ଅଶୋକଙ୍କର ଦୁର୍ବଳ ପ୍ରାଣଶକ୍ତିକୁ ସେ ଶକ୍ତ, ସାମର୍ଥ୍ୟପୂର୍ଣ୍ଣ କରିଦେଇଥିଲେ ''ନାହିଁଶକ୍ତିର''ପ୍ରଚଣ୍ଡ ପ୍ରଭାବରେ । ସ୍ୱଭାବରେ ଡରକୁଳା, ଲାଜକୁଳା ଅଶୋକ, ସତ୍ୟ ଓ ସମ୍ମାନବୋଧକୁ ଯେପରି ପାଣ୍ଡିତ୍ୟପୂର୍ଣ୍ଣଭାବେ ଅନର୍ଗଳ କହିବାରେ ଲାଗିଲେ, ରାଜକୁମାରୀ କାହିଁକି ଅଶୋକ ନିଜେ ମଧ୍ୟ ବିସ୍ମିତ ହେଇଥିଲେ । ତାଙ୍କ ଭିତରେ ଏତେ ଶକ୍ତି, ଏତେ ଜ୍ଞାନ, ଏତେ ସାହସ କେଉଁଠୁ ଆସିଲା ? ଅସମ୍ଭବ ଲାଗୁଥିଲା ସେ ସ୍ମୃତି, ସେ ଅନୁଭୂତି, ସେ ଜହ୍ନରାତି । ସେ ଜହ୍ନରାତିରେ ସ୍ପର୍ଶାତୁର ରାଜକୁମାରୀର ସ୍ନେହ ଶକ୍ତି । ସ୍ନେହମୟ ବୋକଟିଏ ।

ଦିନେ କାରୁବାକୀ ଖେଳୁଖେଳୁ କାନର ଝରାପେଣ୍ଡିଫୁଲ ହଜାଇ ଦେଲେ । ଘରେ ମା' ବ୍ୟସ୍ତହୋଇ ଭର୍ତ୍ସନା କଲେ ''ଦାୟିତ୍ୱହୀନ କହି'' । ଏହି ଶବ୍ଦ ତାଙ୍କୁ ଭୀଷଣ ବାଧିଲା । ରାତ୍ରିରେ ସେ ଅଶୋକଙ୍କ ଆଗରେ ମା'ଙ୍କ ତିରସ୍କାର କଥା କହି କାନ୍ଦୁଥିଲେ ଅସହାୟଭାବେ । କହିଲେ ମୁଁ କୂଅକୁ ଡେଇଁପଡି ଆତ୍ମହତ୍ୟା କରିବି । ଅଶୋକ ତାଙ୍କର ହାତ ଦୁଇଟାକୁ ଭିଡି ଧରିଥିଲେ । 'ନା, ଏପରି କରନା, ଏହା ମହାପାପ, ସେ କଥା ମୁହଁରେ ଧରନା..' ସେ କହିଲେ ହଁ କରିବି, ବଞ୍ଚିବାକୁ ବହୁତ କଷ୍ଟ ଲାଗୁଛି । ଅଶୋକ ଚାପିଧରି କହିଲେ ''ଇଏ କଣ ଏମିତି କହୁଛ ? ମୁଁ ଅଛି ତୁମ ପାଖେ ପାଖେ । ତୁମର କିଛି ହେବନି'' । ଏଇ ଦେଖ, ମତେ ଦେଖ, ମୋ ମୁହଁକୁ ଥରେ ଦେଖ । ତମ 'ରାଜାଃ'କୁ କଣ... । କାରୁବାକୀ ''ରାଜାଃ'' ଶବ୍ଦରେ ଆସାଡ୍ ହୋଇଯାଇଥିଲେ । ତାଙ୍କ ଆଖିରୁ ଧାର ଧାର ଲୁହ ବହୁଥିଲା ଶ୍ରାବଣୀର ଧାରାହୋଇ, ଦୁର୍ଭାଗ୍ୟରେ ଭାଗ୍ୟହୋଇ । ଏହି ଘଟଣାରେ ତାଙ୍କ କୁମାରୀ ହୃଦୟ ପ୍ରୀତିସ୍ନାତ ହୋଇଥିଲା, ଅଶ୍ରୁ, ଅନୁକମ୍ପାରେ । ଅଶୋକ ରାଜକୁମାରୀଙ୍କ ଜୀବନ ରକ୍ଷାକରି ତାଙ୍କ ସ୍ନେହ ପ୍ରେମରେ ପ୍ରଗଲ୍‌ଭ ପ୍ରେମିକ, ଭାବୁକ, କବି ପାଲଟିଥିଲେ, ଧୀରେଧୀରେ, ଯୌବନର କାବ୍ୟମୟ ସ୍ପର୍ଶରେ, କୁମାରୀ ପ୍ରାଣର କାଉଁରୀ ସ୍ପର୍ଶରେ, ପ୍ରୀତପ୍ରାଣର ସମ୍ମୋହନରେ, ସ୍ୱୀକୃତିରେ, ସମର୍ପଣରେ । ଧାରେହସ, ଧାରେଲୁହ, ଲାଜ ସରସର ଦେହରେ ସ୍ୱପ୍ନସାଉଁଟା ସ୍ମୃତିରେ, ଆନନ୍ଦ ଉଚ୍ଛନ୍ନ ମନ ପ୍ରଣୟୀର, ପ୍ରୀତିମଗ୍ନାର, କାଦମ୍ବିନୀର, କୁମୁଦିନୀର, ପ୍ରିୟମ୍ବଦାର ପ୍ରଣୟ ଉଚ୍ଛଳ ମନ । ଢଳଢଳ, ଦୁଗ୍ଧ ଫେନୀଳ, ଦୀପ୍ତ କମଳ, ମୁକୁଳା ମୁକୁଳ ଭଳି ମହମହ ମିଠାମିଠା ସେ ମହକ, ମନଛୁଆଁ ସେ ମହକ । ମନୋମୁଗ୍ଧକର ସେ ସଙ୍ଗୀତ ମୁରଲୀ ଧ୍ୱନିଭଳି, ହୃଦପଖଲା ଗୀତର ସ୍ୱରଭଳି, ସ୍ନେହ କୋମଳ ସ୍ପର୍ଶଭଳି, ଶିହରଣ ଭଳି, ସଦ୍ୟସ୍ନାତ, ସଦ୍ୟସୁନ୍ଦର । ଯୌବନର କେତେ ଜହ୍ନରାତି, ମଧୁସ୍ମୃତି ତାଙ୍କୁ ଉଚ୍ଚାଟ ଆନନ୍ଦିତ କରୁଥିଲା, ସ୍ୱପ୍ନ ବିଭୋର କରୁଥିଲା ।



# ପ୍ରଣମ୍ୟ ବିଦାୟ

ସମୟ ବହିଚାଲିଥିଲା ତା' ବାଟରେ । ଦିନେ ରାଜକୁମାରୀ କର୍ମ ନିଯୁକ୍ତି ପାଇ ଚାଲିଗଲେ ସୁଦୂର ଦାକ୍ଷିଣାତ୍ୟର ଗୋଦାବରୀ ତଟକୁ, ସୀମାନ୍ତରେ ଯୁଦ୍ଧ ଅଭ୍ୟାସ, ସୁରକ୍ଷା ଦାୟିତ୍ୱ ନେଇ । ଯିବା ପୂର୍ବରୁ ସାକ୍ଷାତ କରିଥିଲେ ଦୁହେଁ ସେଇ ମାଲ୍ୟାଣୀ କୁଟୀରରେ । ସେ ସାକ୍ଷାତ ଥିଲା ସଂକ୍ଷିପ୍ତ, ସ୍ୱଳ୍ପ ସମୟପାଇଁ । ବାଷ୍ପରୁଦ୍ଧ ଦୁହେଁ । ନୀରବ ଚାହାଣିରେ ଲୁହବିନ୍ଦୁ, ପରସ୍ପର ବିଦାୟ ଦେବାର ବେଳ, କର୍ମର ଆହ୍ୱାନ । କିଏ ଜାଣେ କେବେ ଦେଖା ହେବ ? ପ୍ରିୟତମଠାରୁ ପ୍ରିୟତମାର ବିଦାୟ । ଏ ବିଦାୟ ଚିରକାଳ ସ୍ମରଣୀୟ, ଚିର ସଂଜୀବିତ, ଚିର ଅଶ୍ରୁସ୍ନାତ । ପ୍ରତ୍ୟେକଙ୍କର ଏ ଅଶ୍ରୁଳ ଅନୁଭବ ସ୍ୱତନ୍ତ୍ର । ଯେମିତି ଅଦୃଶ୍ୟ ଆହ୍ୱାନଟିଏ, ଅଦମ୍ୟ ଆହ୍ୱାନଟିଏ ପୁଣି ଫେରିଆସିବାର ପୁର୍ନମିଳନର ପ୍ରାଣଛୁଆଁ ପ୍ରତିଶ୍ରୁତି, ଲୁହର ନୀରବ ସ୍ୱୀକୃତି । ସଂକ୍ଷିପ୍ତ ବିଦାୟର ବେଳ, ଅଶ୍ରୁ ସଜଳ, ସ୍ନେହ ଛଳଛଳ, ପ୍ରୀତିକାଙ୍ଗାଳ, ଆଶାରେ ଉଜ୍ଜ୍ୱଳ, ଶୁଭକାମନାରେ ସମୁଜ୍ଜ୍ୱଳ । କାନ୍ଦକାନ୍ଦ ମୁହୂର୍ତ୍ତ ଏ । କିଛି ନକହି ପାରିବାର ମୁହୂର୍ତ୍ତ ଏ । ଭଲମନ୍ଦ ଭୁଲିଯିବାର ମୁହୂର୍ତ୍ତ ଏ । ନିଛକ ଭଲପାଇବାର ମୁହୂର୍ତ୍ତ ଏ । ନୀରବ ପ୍ରୀତିର ମୁହୂର୍ତ୍ତ ଏ ନୀରବ ସ୍ମୃତିର । ନିର୍ମଳ ନିର୍ଝର ଭଳି ଅନେଇ ରହିବାର ମୁହୂର୍ତ୍ତ ଏ । ଥମ୍‌ଥମ୍ ଆକାଶଭଳି ଅନେଇ ରହିବାର ମୁହୂର୍ତ୍ତ ଏ । ହୃଦପଖଲା ପ୍ରୀତିରେ ଅଶ୍ରୁସ୍ନାତ ହେବାର ନୀରବ ମୁହୂର୍ତ୍ତ ଏ । ବିଦାୟ ଲୁହର, କୋହର, ଆଶାର, ଆନନ୍ଦର ବିଦାୟ । ଦିବ୍ୟ ଅନୁଭବ ଏ ବିଦାୟ, ପ୍ରୀତପ୍ରାଣର ପ୍ରୀତି ସଜଳ ବିଦାୟ, ଅଶ୍ରୁସଜଳ ବିଦାୟ, ସ୍ନେହ ସଜଳ ବିଦାୟ । ଭୁଲିନଯିବାକୁ ଭାବବିଭୋର ସର୍ତ୍ତଟିଏ, ମନେ ରଖିବାକୁ ଅମ୍ଳାନ ଆହ୍ୱାନଟିଏ, ଚିରସୁନ୍ଦର ସ୍ମୃତିର ଆଲବମ୍‌ଟିଏ । ଏକ୍‌ଲା ଚାଲିବାକୁ ସ୍ନେହ ପ୍ରେମର ସମ୍ବଳଟିଏ । ଅଶ୍ରୁର ରୋମନ୍ଥନ, ହୃଦୟ ମନ୍ଥନର ମୁହୂର୍ତ୍ତ । ଏ ନିବିଡ ଅନୁଭବର, ନୀରବ ଅନୁଭବର ଆସାଡ ମୁହୂର୍ତ୍ତ ଏ । ଅଶ୍ରୁ ଝରୁଥିବ, ପ୍ରୀତି ଝରୁଥିବ, ଝରୁଥିବା ହୃଦୟର ନିସର୍ଗ ନୀଳିମା । ହାତର ସ୍ପର୍ଶ, ଉଷ୍ମ ଆଲିଙ୍ଗନ ଅବା ଅଶ୍ରୁଳ ଚୁମ୍ବନ । ଛାଡିଯିବାର ମୁହୂର୍ତ୍ତରେ ଆଖି ପହଁରା ଛୁଇଁବାର ଦୃଶ୍ୟ, କିଛି ଛାଡିଯିବାର, ଭଲମନ୍ଦ ପାଖରେ ହାରିଯିବାର, ଋଣୀ ହୋଇ ରହିଯିବାର, ଆଖି ଲୁହକୁ ଏକାକାର କରିବାର, ପାପୁଲିରେ, ପଣତରେ । ପ୍ରାଣମୟ ସେ ଦୃଶ୍ୟ । ପ୍ରଣାମ ବିଦାୟ । ପ୍ରଣମ୍ୟ ବିଦାୟ । ବିଦାୟର ସେ ହୃଦବତୁରା, ହୃଦୟଥରା ଦୃଶ୍ୟ । ତମେ ତ କବିତା କରୁଣ କବିତା କଟା କଳିଜାର, ଅଶ୍ରୁ ଏଲିଜିର ଏକ୍‌ଲା ଚାଲିବାର । ବିଦାୟ ଶବ୍ଦରେ ସ୍ତବ୍ଧ ଅଶୋକ । ଶକ୍ତ ଶିଳାଶଯ୍ୟାରେ ସ୍ନେହ କୋମଳ ଜଳଧାରା ଭଳି ସେ ଜୁଡୁବୁଡୁ କବିତାରେ, ବିଦାୟର ଶବ୍ଦ ସନ୍ଧାନରେ ଲେଖିଥିଲେ; 'ହେ ବନ୍ଧୁ, ହେ ବିଦାୟ କବିତା ' ।

ହେ ବନ୍ଧୁ, ହେ ବିଦାୟ, ହେ ବନ୍ଧୁ, ହେ ବିଦାୟ । ଦୁଃଖରେ ବତୁରା ଆଖି, ଅଶ୍ରୁରେ ଅଥୟ । କେତେ ଆପଣାର ତମେ, ତମରି ହୃଦୟ, ହେ ବନ୍ଧୁ, ହେ ବିଦାୟ ।

ତମେ ଆସିବାର ବେଳ, କିଏ ଜାଣେ ସଞ୍ଜ କି ସକାଳ,ସାଥିହୋଇ ଚାଲୁଥିଲେ, ଚାଲିଯିବ ତୁଟାଇ ଜଞ୍ଜାଳ । ବିଦାୟର ବେଳ ଚିରକାଳ ବେଦନାରେ ନୀଳ । ହେ ବନ୍ଧୁ, ହେ ବସୁନ୍ଧରା, କେମିତି କହିବି ପ୍ରାଣବ୍ୟଥା । ଅଶ୍ରୁ ଅଥଳ ଅପାଶୋରା ମନେ ପଡୁଥିବ ତୁମ କଥା । ବନ୍ଧୁର ପଥେ ଚାଲିବାକୁ ହେବ ଏକାଏକା, ମୁଣ୍ଡଟେକି ବାଟ ଚାଲିବାକୁ ହେବ ଏକାଏକା । ଯେଉଁ ମାଟି, ଗୋଡି

ଯତନରେ ଗଢା, ଗଢିବା ତାହାକୁ ପ୍ରାଣଦେଇ । ସର୍ଜନା, ସ୍ୱପ୍ନ, ଶକ୍ତି ସମ୍ବଳ 'ଆଶୀର୍ବାଦ' ଛଡା କିଛିନାହିଁ । ଫେରାଇ ଆଣିବା ଏ ଦେଶର ଖ୍ୟାତି, ଜାଳିବା ଆମେରେ ଜ୍ଞାନଦୀପ ଜ୍ୟୋତି, ଭୁଲିବାନି କେବେ ଭାଇ-ବନ୍ଧୁ-ପ୍ରୀତି,ଏକାଠି ଚାଲିବା ହେଉ ଆମ ନୀତି, ଜୀବନର, ଜୀବନର । ଗୁରୁକୃପା ବଳେ ସଫଳ ହୋଇବା, ଗୁରୁଜନ ସେବା ସଭିଏଁ କରିବା, ଏ'ତ ବରଦାନ ଅମୃତର, ଅମୃତର । ବିଦାୟ ବେଳାରେ କ୍ଷମା କରିଦେବ, କରିଥିଲେ କିଛି ଗୋଳମାଳ । ର୍‍ୟାଗିଂ ବେଳର ମିଠା ମଧୁସ୍ମୃତି ମନେ ପଡୁଥିବ, କରୁଥିଲେ ବସି ଖୋଳତାଳ । ଯେତେଦୂରେ ଗଲେ ଜହ୍ନହୋଇ ତୁମେ ଘୂରୁଥିବ ମନେ, ଘେନ ବିଦାୟ ବେଳର ସମ୍ବର୍ଦ୍ଧନା । ତୁମ ସ୍ନେହଶ୍ରଦ୍ଧା ଭୁଲିବାର ନୁହେଁ, ଜୀବନରେ ଆମେ, ଯେତେ ବଡହେଲେ, ତୁମବିନା, ତୁମବିନା ।

ରାଜକୁମାରୀର ବିଦାୟରେ ଅଶ୍ରୁସ୍ନାତ ଅଶୋକ । ମଧୁସ୍ମୃତିର ଯନ୍ତ୍ରଣାରେ ଅସ୍ଥିର । ବିରହ ପ୍ରାଣ ତାଙ୍କର ଏକ୍‌ଲା, ନିଃସଙ୍ଗ, ଗତିହୀନ, ପ୍ରାଣହୀନ । ମିଳନ ଆକୁଳ ଆକାଂକ୍ଷା, ଅଙ୍କକଷା, ଆଶା ପ୍ରତ୍ୟାଶାରେ ପ୍ରାଣଶୂନ୍ୟ । ଯେମିତି ଦେହର ପଞ୍ଜୁରି ପଡିରହିଛି ପ୍ରାଣର ପକ୍ଷୀ ଉଡିଯାଇଛି ଫେରିବାର ପ୍ରତିଶ୍ରୁତି ଦେଇ, ଯାହାର ଦେଖା ନାହିଁ, ପ୍ରତୀକ୍ଷାର ସମୟ ନାହିଁ । ଉଚ୍ଛନ୍ନ ଅସମ୍ଭାଳ ସେ ଅନୁଭବ । ବିଦାୟ ଭଳି ବିରହର ଲୁହ ପଖଳା ସେ ଅନୁଭବ ବଡ କରୁଣ ମର୍ମାନ୍ତିକ, ମନ ବୁଝେନି କି ମନକୁ ବୁଝେଇ ହୁଏନି । ମନକଥା ମନରେ ମରେ । ଦିନଯାଇ ରାତି ସରେ । ସରେନି ସେ ଅବୁଝାପଣ, ସ୍ମୃତି ସାଉଁଟା ବେଳ । ଲୁହ ସାଉଁଟା ସଞ୍ଜଠୁ ସକାଳ । ପ୍ରିୟଜନର ବିରହ, ପ୍ରାଣସଖୀର ବିରହ, ପ୍ରୀତପ୍ରାଣର ବିରହ ଅସହ୍ୟ, ଅଶ୍ରୁମୟ । କହି ହୁଏନି, ରହି ହୁଏନି । କାହାକୁ କହିବି ସେ କଥା, କିଏ ବୁଝିବ ସେ କଥା, ଖାସ୍ ସାଙ୍ଗ ନହେଲେ କିଏ ବା ଶୁଣିବ ? ସାନ୍ତ୍ୱନା ଦେବ । ସାଙ୍ଗ...ସାଙ୍ଗ, ତାର ସଂସାର ଅଛି ସୁଖଦୁଃଖ ଅଛି, ଅଧିକ ସେ କଣ କରିପାରିବ ? ସାନ୍ତ୍ୱନା ଦେବ, ସମଦୁଃଖୀ ହେବ, ସମବେଦନା ପ୍ରକାଶ କରିବ ସହାନୁଭୂତିର ସହ ଶୁଣିବ ସେ କଥା, ସେ ବ୍ୟଥା, ବୁକୁଫଟା, ବେଦନା ଦାୟକ । ଗର୍ଭବତୀ ମେଘ ଭଳି ଗୋପନୀୟ, ଗଦ୍ୟମୟ, ଗୋଧୂଳି ଆକ୍ରାନ୍ତ । ନିଦ ନଥାଏ, ଖୁସି ନଥାଏ, ଶାନ୍ତି ନଥାଏ, ଆନନ୍ଦ ନଥାଏ । ନିସ୍ୱଃ ନିସ୍ୱଃ ଲାଗୁଥାଏ ନିସଙ୍ଗ ବଂଶୀଧ୍ୱନି ଭଳି, ନିଶୂନ ଖରାବେଳ ଭଳି, ନିଝୁମ ରାତିର ଅନ୍ଧାର ଭଳି, ନୀରବ ଶୁଶ୍ମାନ ଭଳି, ନୀଳ ଲୋମଶ ହାତ ଭଳି, ନିର୍ଜନ ନଇତୁଠ ଭଳି । ସମୟ ଯେମିତି ସବୁ ଛଡେଇ ନେଇଥାଏ, ସବୁ ଉଜାଡି ଦେଇଥାଏ କୁଟାକାଠିର ଚଟିଘର, ଛଣକୁଟାର ତାଟିଘର, ମାଟି ଆକାଶର ସ୍ୱପ୍ନ ସାମ୍ରାଜ୍ୟକୁ । ନୀରବ ବାରିପାତ, କରୁଣ ସଙ୍ଗୀତର ନହବତ ମନ ମାଡିମାଡି ପଡେ, ଆଖିକୁ ଅନ୍ଧାର ଅନ୍ଧାର ଦିଶେ, କାନ ଅଡୁଆ ଅଡୁଆ ଶୁଣେ, ଖାଁ ଖାଁ ଭାଁ ଭାଁ ଲାଗେ । ଶୂନ୍ୟ କୁଟୀର, ଶୂନ୍ୟ ଆକାଶ, ସବୁ ଶୂନ୍ୟ, ସବୁ ନିଃଶବ୍ଦ, ସବୁଠି ନିସ୍ତବ୍ଧତା । ଉଡିଯାଇଛି ଚଢେଇ, ହଜିଯାଇଛି କିଚିରି ମିଚିରି କଳରବ, ପାହାନ୍ତା ପହର କୋଳାହଳ । ସ୍ୱାଦହୀନ ସକାଳ, ରଙ୍ଗଶୂନ୍ୟ ସାୟାହ୍ନ, ଶୂନ୍‌ଶାନ୍ ସନ୍ଧ୍ୟା । ଘନଘୋର ଅନ୍ଧାର ଭିତରେ ଅଜଣା ଆତଙ୍କ, ଆଉ ସେ ଫେରିବନି, ଏ ଆଖି ଦେଖିବନି । ମନେ ପଡୁଥିବ, ମନ ପଡୁଥିବ ଉଠୁଥିବ, ମନର ପାହାଡ କୂଳରେ ସ୍ମୃତି ମଥା ପିଟୁଥିବ ଢେଉଭଳି । ସେଥିରୁ ଯେମିତି ନିସ୍ତାର ନାହିଁ, ତାର ତୀବ୍ରତାରୁ ତ୍ରାହି ନାହିଁ । ସବୁ ସହିବାକୁ ହେବ,ସ୍ମୃତି ସାଉଁଟି ସାଉଁଟି, ଲୁହ ସାଉଁଟି ସାଉଁଟି, ଧାନସାଉଁଟା ଝିଅଭଳି, ପ୍ରୀତିସାଉଁଟା ପ୍ରିୟତମ ଭଳି । ବଡ ବିକଳ



ସେ ଅନୁଭବ ଯେମିତି ଜୀବନରେ ବିଫଳ, ସବୁ ହରେଇ ବ୍ୟାକୁଳ । ନିଃସ୍ୱ, ନିରାଶ୍ରୟ ପରି ଲାଗେ । ମନ ମରିଯାଏ, ମଉଳି ଯାଏ ମିଠାମିଠା ଆନନ୍ଦପଣିଆ । ପାଣିଚିଆ ଲାଗେ ଜୀବନର ବାକିଦିନ ସବୁ, ପ୍ରୀତିଶୂନ୍ୟ ଲାଗେ ପରୀକନ୍ୟା ସବୁ । ରଙ୍ଗ ନଥାଏ, ସ୍ୱପ୍ନ ନଥାଏ, ସବୁଜିମା ହଜିଯାଇଥାଏ, ଥୁଣ୍ଟାଗଛ ଭଳି, କାଠଗଡ ଭଳି, ପଡିରହେ ପିଣ୍ଡ, ପରିଚୟ ଶୂନ୍ୟ, ବ୍ରହ୍ମାଣ୍ଡରେ ।

ଅଶୋକ ଉବୁଟୁବୁ ତାର ବିରହରେ, ବିରହ ବ୍ୟଥାରେ, ଯେମିତି ସବୁ ସରିଯାଇଛି, ଆବେଗ ନାହିଁ, ଆନନ୍ଦ ନାହିଁ, ଉତ୍ସାହ ନାହିଁ, ଉଚ୍ଛ୍ୱାସ ନାହିଁ । ଯିଏ ନିଜେ'ରାଜାଃ'ର ସ୍ନେହମୟ ସମ୍ବୋଧନରେ ସିଂହାସନର ସ୍ୱପ୍ନ ଦେଖାଉଥିଲା, ତାକୁ ରାଣୀ ସଜେଇବାର ନୀରବ ଏକଚାଟିଆ ଅଧିକାର ଦେଇଥିଲା, ଦୁଃଖସୁଖ, ସ୍ନେହ ପ୍ରୀତି ବାଣ୍ଟିଥିଲା ସେ ଯେମିତି ଉଡିଯାଇଛି ଉଡା ଚଢେଇ ଭଳି । ଏଭଳି ଦାରୁଣ ଦୁଃଖରେ ଭାଙ୍ଗି ପଡିଥିଲେ ଅଶୋକ, ସନ୍ନ୍ୟାସୀ ଅଶୋକ । ଯେମିତି ରାଜାର ସ୍ୱପ୍ନଠାରୁ ଅଭିନେତାର ସ୍ୱପ୍ନଭଙ୍ଗ, ଧରାଶାୟୀ, ଧୂଳିସାତ୍, ପରାଜିତ ପ୍ରାଣ, ପୀଡାସର୍ବସ୍ୱ ସେ ପ୍ରାଣ । କାରୁବାକୀର ପୀଡା, ପ୍ରୀତିହୃଦୟର ପୀଡା ଯାହାକୁ ଦଣ୍ଡେ ନ ଦେଖିଲେ ଉଚ୍ଛନ୍ନ, ସେ ଆଜି ଯୋଜନ ଯୋଜନ ଦୂରରେ, କର୍ମର ତାଡନାରେ, କର୍ତ୍ତବ୍ୟର ଆହ୍ୱାନରେ । ତା ପାଖରେ ପହଞ୍ଚିବାର ରାସ୍ତା ନାହିଁ । କେବଳ ମନଟା ଅଛି କ୍ଷଣିକେ ଛୁଇଁ ପାରୁଛି, ପେଟ ପୂରୁନି ସେ ମନ ଦର୍ଶନରେ, ସ୍ମୃତି ଶ୍ରବଣରେ । ତଥାପି ମନଭଳି ଦିବ୍ୟ ଅନୁଭବଟିଏ ମଣିଷକୁ ଦେଇଛନ୍ତି ଭଗବାନ । ମନ ନଥିଲେ ଶ୍ମଶାନ ଲାଗୁଥାନ୍ତା ଏ ଦେହ । କାହିଁ କେତେ ମୁଲକ ବୁଲିଯାଉଚି ମନ । ଏଇ ମନ ଉଚ୍ଛନ୍ନ କରୁଛି ଦେହକୁ, ଚେତନାକୁ, ଚିନ୍ତା କଳ୍ପନାକୁ । ସେ ଯେମିତି କ୍ରୀତଦାସ, ତାର ଅଧୀନ, ପରାଧୀନ, ଅସମ୍ଭାଳ ଭଲମନ୍ଦରେ କରିବାକୁ ତାର ଜୟଗାନ । ଅଦ୍ଭୁତ ଏ ମନ, ଅଶରୀର ଏ ମନ । ଅସମ୍ଭବ ଏହାର ଯନ୍ତ୍ରଣା ଅନ୍ତହୀନ ଏହାର ସ୍ଥିତି । ମନ ପାଖର ଯେମିତି ମୁକ୍ତିନାହିଁ ଯେତେ ଯୁକ୍ତି, ଭକ୍ତି, ଜ୍ଞାନ, ବିଜ୍ଞାନ, ଧନ, କ୍ଷମତା ଥାଉ, ମନ ନାଚୁଥିବ, ନଚଉଥିବ ମଣିଷକୁ, ଅଦୃଶ୍ୟ ନଟୀଭଳି । ଘୂରୁଥିବ ନଟୁଭଳି, ଉଡୁଥିବ ଉଡନ୍ତା ଥାଳିଆଭଳି ।

ବିରହ ଦୁଃଖରେ ବିବ୍ରତ ଅଶୋକ ବିଚଳିତ, କିଂକର୍ତ୍ତବ୍ୟ ବିମୂଢ । ଏହିଭଳି କଟୁଥିଲା ଦିନ । ଦିନେ ଏଇ ମନ ତାଙ୍କୁ ଉଚ୍ଛନ୍ନ କଲା, କେମିତି ହୁଅନ୍ତା ଚିଠି ଖଣ୍ଡେ ଲେଖିଲେ ? ଡରିମରି ସେ ଲେଖିଲେ ଚିଠିଖଣ୍ଡେ ଭାବ ପ୍ରୀତିରେ ବିଭୋର ହୋଇ, ସମ୍ମାନ, ସମ୍ଭ୍ରମ ସହିତ ସଞ୍ଚିତ ସାହିତ୍ୟିକ ଭାଷାରେ । ସଂକ୍ଷିପ୍ତ, ଶାଣିତ, କୋମଳ ପ୍ରୀତିପୂର୍ଣ୍ଣ ସେ ଚିଠି ସୁନ୍ଦର ଢଳଢଳ ନୀଳ ଅକ୍ଷରରେ । ସେ ଭାବିଥିଲେ ରାଜକୁମାରୀ ପଢି ଆନନ୍ଦିତ ହେବେ । ଏ ଚିଠି ପ୍ରଥମ ପ୍ରେମର ଚିଠି, ତାଙ୍କ ହୃଦୟର ପ୍ରଥମ ଚିଠି, ପ୍ରେମର ପୁଷ୍ପିତ ଚିଠି, ପ୍ରୀତିସ୍ନାତ ଚିଠି, ପ୍ରୀତପ୍ରାଣର ଚିଠି, ଗୁଣମୁଗ୍ଧ ପ୍ରିୟତମର ଚିଠି । କ'ଣ ଭାବିବେ ? ଖରାପ କାହିଁକି ଭାବିବେ ? ପ୍ରେମର ଚିଠି, ପ୍ରୀତି ହୃଦୟର ଚିଠିକୁ ପଢି କିଏ ପ୍ରତ୍ୟାଖାନ କରିଛି ଯେ ସେ କରିବେ ? କିଏ ବିଭୋର ନହୋଇଛି ? ସାଇତି ନରଖିଛି ? ସେ ଚିଠିକୁ, ଯୌବନର ଚିଠିକୁ, ପ୍ରୀତିମଧୁର ସ୍ୱପ୍ନକୁ, ଲାଜନୀଳ ଅକ୍ଷରକୁ ? ସେ ଚିଠି ଥିଲା ଜଣେ ତରୁଣର, ପ୍ରେମିକର, ଯୌବନର, ଦୀପ୍ତ ଚେତନାର । କେତେ ଜଣଙ୍କ ଜୀବନରେ ଆସିଛି ସେଇ ପରମ ସୌଭାଗ୍ୟ ଯିଏ ଲେଖିଛି ସେ ଚିଠି, ପଢିଛି ସେ ଚିଠି, ପାଇଛି ସେ ଚିଠି । ପରମ ଆନନ୍ଦ ପୂର୍ଣ୍ଣ ସେ ଚିଠି, ପ୍ରିୟତମର ଚିଠି, ପ୍ରୀତପ୍ରାଣର ଚିଠି, ପ୍ରାଣମୟ ସେ

ଚିଠି । ସେ ଚିଠିରେ ନ ଥିଲା ଅଶ୍ଳୀଳତା, ଅସଜ୍ଞାତ ଅସଭ୍ୟତା । ଥିଲା ସ୍ପର୍ଶାତୁର ପ୍ରୀତିପୂର୍ଣ୍ଣ ନମ୍ର ନିବେଦନଟିଏ । ଚଠିଟି ପଢ଼ି ଭଲ ଲାଗିଲେ ଫଟୋଟିଏ ପଠାଇବାକୁ । ବାସ୍ ଏତିକି । କିଛି ସ୍ୱପ୍ନ, ସମ୍ଭାବନାର ପୁଷ୍ପଗୁଚ୍ଛ ବିନା ଅଧିକ କିଛି ନଥିଲା ସେ ଚିଠିରେ ।

ରାଜକୁମାରୀ ସେ ଚିଠି ପାଇଲେ, ପଢ଼ିଲେ, ପଠାଇଲେ ତାର ପ୍ରତ୍ୟୁତ୍ତର । ଡାକବାଲାର ଡାକଶୁଣି ଛନକା ପଶିଲା ଛାତିରେ, କିଏ ଦେଇଛି ଚିଠି ? କେଉଁଠୁ ଆସିଛି ? ସେ ଯେତେବେଳେ ଦେଖିଲେ ଠିକଣା ଲେଖା ଅକ୍ଷର, ଭୟ ବିସ୍ମୟ ଆନନ୍ଦରେ ଯେମିତି ଫାଟି ପଡୁଥିଲେ । ପ୍ରାଣସଖୀ ଦେଇଛି ସେ ଚିଠି – ପ୍ରଥମ ଚିଠି – ପ୍ରୀତିମଗ୍ନାର ଚିଠି – କେତେ ସୁନ୍ଦର ହୋଇଥିବ ସେ ଚିଠି, ସେ ଅକ୍ଷର ? ପରମ ଆଗ୍ରହରେ ଖୋଲିଲେ ସେ ଚିଠି । ଫଟୋ ନଥିଲା ମନ ଖଟା ହେଲାଭଳି ଲାଗିଲା । ଯେତେବେଳେ ସେ ଚିଠି ପଢ଼ି ସାରିଲେ ପ୍ରାଣ ତାଙ୍କର ଅସହ୍ୟ ଦୁଃଖରେ ଫାଟି ପଡିଲା, ଛଟପଟ ଲାଗିଲା ତତଲା କଡେଇରେ ମାଛ କଡ ଲେଉଟାଇଲା ଭଳି, ଡେଇଁବାକୁ ସାମର୍ଥ୍ୟ ନଥିଲେ ମୃତ୍ୟୁ ନିଶ୍ଚିତ । ପରକଟା ମାଛର ସାମର୍ଥ୍ୟ କେତେ ? ସେ ଜାଣିଲେ ସେ ଚିଠି ସେ ଖୋଲିବା ଆଗରୁ ସେନା ପରିଷଦ ଖୋଲି ସାରିଥିଲେ । ପଢ଼ି ଭର୍ତ୍ସନା କରିଥିଲେ ପ୍ରେମଚିଠିକୁ । ରାଜକୁମାରୀକୁ ସତର୍କ କରାଇ ଦେଇଥିଲେ ସେନାପତିର ଆସନରେ ଦୟା, ଦୁର୍ବଳତାର ସ୍ଥାନନାହିଁ । ରାଜକୁମାରୀ ସମସ୍ତଙ୍କୁ ଅସ୍ୱୀକାର କରି ଯଥା ସମ୍ଭବ ସମ୍ମାନ ରକ୍ଷା କରିଥିଲେ । ମନ ତାଙ୍କର ମଉଳି ଯାଇଥିଲା । କ୍ରୋଧ, ନିଷ୍ଠୁରତାରେ ଯେମିତି ପ୍ରତିଶୋଧ ନେବାକୁ ଫାଟି ପଡୁଥିଲେ । ସେ ଲେଖିଲେ ସେ ଚିଠିର ଉତ୍ତର । ‘‘ତୁମ ଚିଠି ସମସ୍ତେ ଖୋଲି ପଢ଼ିଛନ୍ତି, ଭର୍ତ୍ସନା କରିଛନ୍ତି । କେଉଁ ସାହସରେ ତମେ ଲେଖିଛ ଏ ଚିଠି ? ମୁଁ ତୁମକୁ ଘୃଣା କରେ, ଛୋଟ ଲୋକର ପୁଅ, ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇଛ । ତମକୁ ସାଙ୍ଗେ ସାଙ୍ଗେ ପାଇଥିଲେ ଦେଖିଥାନ୍ତ କଣ ବୋଲି କଣ କରିଥାନ୍ତି ? ତମେ ସେମାନଙ୍କୁ ଚିଠି ଲେଖିଛ ସେ ଝିଅ ସହିତ ମୋର ସମ୍ବନ୍ଧ ଅଛି । ସମସ୍ତଙ୍କୁ ଜାଣିଲି, ତମକୁ ଜାଣିଲି ଆଉ ଲେଖିବନି ।’’ ବାସ ଏତିକି ପଢ଼ିଲାବେଳେ ଯେମିତି ଚାପୁଡା ଖାଇଲା ପରି ଲାଗୁଥିଲା । ମୋ ଚିଠିକୁ ଅନ୍ୟମାନେ ଖୋଲିବାକୁ ସାହସ କଲେ କେମିତି ? ପୁଣି ପ୍ରାଣସଖୀକୁ ତିରସ୍କାର । ମୋ’ ପାଇଁ ତାଙ୍କୁ ନିର୍ଯ୍ୟାତନା, ଯେମିତି ପ୍ରାଣ ଛାଡି ଛାଡି ଯାଉଥିଲା । ଏତେ କାଳ ସ୍ନେହର ଶିଳାକୁ ଯୋଡି ଯୋଡି ସେମାନେ ତୋଳିଥିବା ସ୍ୱପ୍ନପୁରୀ ଯେମିତି ଧୂଳିସାତ୍ ହୋଇଯାଇଛି । ସ୍ନେହ ପ୍ରେମର ସମ୍ପର୍କ ଯେମିତି ଉଜୁଡି ଯାଇଛି, ଆଉ ଜୀବନରେ ଯୋଡିହେବ ନାହିଁ । ଯାର କୈଫତ ନାହିଁ । ଅସମ୍ଭବ ଯନ୍ତ୍ରଣା ଯାହାର ଇତିକଥା । କୌଣସି ସମ୍ପର୍କ ଚିରସ୍ଥାୟୀ ନୁହେଁ । ତେବେ ଅପମାନିତ ହୋଇ ସମ୍ପର୍କ ତୁଟାଇବାରେ, ଅପମାନ ବୋହି ବଞ୍ଚିବାରେ ପୁଣି ପ୍ରିୟଜନଠାରୁ ଅସହ୍ୟ ସେ ଯନ୍ତ୍ରଣା,ଜୀବନରେ ବାକିଦିନ ସବୁ... ।

ଯେଉଁମାନେ ଏ ଚିଠି ଖୋଲି ପଢ଼ିଥିଲେ ଅନ୍ୟାୟଭାବେ, ଇଚ୍ଛାହେଉଥିଲା ମାଟିରେ ମିଶାଇ ଦେବାକୁ । ଆଉ ରାଜକୁମାରୀ ଲାଗି ପାହଡ ଲଙ୍ଘିବାକୁ, ସମୁଦ୍ର ଲଙ୍ଘିବାକୁ, ଅସମ୍ଭବକୁ ସମ୍ଭବ କରିବାକୁ । ପ୍ରୀତପ୍ରାଣର ପୀଡାରେ ଅସହ୍ୟ ଅଶୋକ । ବିରହ ଜ୍ୱାଳାରେ ଜଡ ପାଲଟିଥିବା ତାଙ୍କର ପ୍ରାଣସତ୍ତା ଯେମିତି ମାଟି ଫଟାଇ ଆକାଶମୁଖୀ ସ୍ୱୟଂକ୍ରିୟ, ଶକ୍ତିଚାଳିତ ରକେଟ୍ ଭଳି ସୀମା ଲଙ୍ଘୁଥିଲା ମେଘର, ପବନର, ଶୂନ୍ୟତାର, ଶୂନ୍ୟଶକ୍ତିର । ରାଜକୁମାରୀଙ୍କ ଚ୍ୟାଲେଞ୍ଜକୁ ସେ ଗ୍ରହଣ କରିଥିଲେ ଜଣେ ଦୁର୍ଦ୍ଧର୍ଷ ସେନାପତି ଭଳି । ତାଙ୍କର ଡରକୁଳା ଦୁର୍ବଳ ପ୍ରାଣ ଅସୀମ ଶକ୍ତିର ସ୍ପର୍ଶ ପାଇଥିଲା ।



ଏହି ଘଟଣାରେ ସେ ଭୀଷଣ ଆଘାତ ପାଇଲେ । ଶଯ୍ୟାଶାୟୀ ହେଲେ । ମଗଧରେ ଖବର ପାଇଲେ ପିତା ମହାରାଜ ବିନ୍ଦୁସାର, ମା’ ଧର୍ମା । ବଣିକଙ୍କ ଠାରୁ ମା’ଙ୍କ ଅସୁସ୍ଥତାର ଖବର ପାଇ କିଛିଦିନ ପରେ ସେ ଫେରିଥିଲେ ମଗଧ, ମା’ଙ୍କୁ ଦେଖିବାକୁ ପିତା ବିନ୍ଦୁସାରଙ୍କ ନିର୍ଦ୍ଦେଶରେ । ବହୁଦିନ ରହିବାକୁ ମହାରାଣୀ ଅଶୋକଙ୍କୁ ବିରୋଧ କରିବାରୁ, ମହାରାଜ ଅଶୋକଙ୍କୁ ରାଜଦୂତଭାବେ କଳିଙ୍ଗକୁ ପଠାଇଲେ । ରାଜଦୂତଭାବେ ସେ ମହାଆନନ୍ଦିତ ହେଲେ । ସେ କଳିଙ୍ଗର ଦକ୍ଷିଣ ସୀମାନ୍ତକୁ ବୁଲିଯାଇଥିଲେ କାରୁବାକୀଙ୍କ ନେତୃତ୍ୱରେ କଳିଙ୍ଗର ସମରାଭ୍ୟାସ ଦେଖିବାକୁ । ଭାଗ୍ୟବଳରୁ ସେ ରାଜକାର୍ଯ୍ୟରେ ନିଯୁକ୍ତ ଭବ୍ୟ ରାଜପଦରେ । ସେ କୃତ୍ୟ କୃତ୍ୟ ହୋଇ ଯାଇଥିଲେ ଭାଗ୍ୟ ନିକଟରେ । ଧନ୍ୟ ତାଙ୍କର ଜନ୍ମ । ଧନ୍ୟ ତାଙ୍କର ପିତାମାତା ଯାହାଙ୍କ କଲ୍ୟାଣରୁ ସନ୍ନ୍ୟାସୀରୁ ରାଜଦୂତ, ଜୀବନଦାନର ଦୟାରୁ ଯଶୋମୁଖୀ । ମନେ ପଡୁଥିଲା ସେ ଚିଠି । ସେ ଚିଠିର ପରମ ଗ୍ରାହକ ସ୍ୱୟଂ ପ୍ରାଣସଖୀ ଆଜି କଳିଙ୍ଗ ସେନାର ସେନାପତି ।

■■

# ପ୍ରେମ ଚିଠି

ସେ ଚିଠି ଯୁବପ୍ରାଣର ଚିଠି, ଯୌବନର ଚିଠି, ଉଦ୍ଦାମ ଯୌବନର, ଉଛଳ ଯୌବନର । ସେ ଚିଠି ପ୍ରିୟତମର ଚିଠି, ପ୍ରାଣସ୍ପର୍ଶୀ ଚିଠି, ପୀଡାସର୍ବସ୍ୱ ସେ ଚିଠି, ପ୍ରେମ ସୁନ୍ଦର ସେ ଚିଠି । ସେ ଚିଠି, ନିର୍ମଳ ହୃଦୟର ଚିଠି, ନୀଳ ସ୍ୱପ୍ନର ଚିଠି, ନିବିଡ ପ୍ରୀତିର ଚିଠି, ପ୍ରୀତପ୍ରାଣର ଚିଠି । ଧନ୍ୟ ସେ ଚିଠି, ସେ ଚିଠିର ପ୍ରେରକ, ତାକୁ ପଢି ବିଭୋର ପ୍ରୀତିରେ ଆକ୍ରାନ୍ତ ହେବାର ଅଜସ୍ର ଅନୁଭବ । ସେ ଅନୁଭବ ଦିବ୍ୟ ସୁନ୍ଦର, ସର୍ଜନ ସ୍ୱପ୍ନରେ ସମୃଦ୍ଧ । ନବଯୁଗର ନିର୍ମାଣ ଲାଗି, ନିଷ୍ପ୍ରାଣ ପ୍ରାଣରେ ନବ ଚେତନାର ଶୁଭ ଶଙ୍ଖଧ୍ୱନି । ମାତୃଭୂମିର ମଙ୍ଗଳ ଲାଗି, ମହାଶକ୍ତିର ସାଧନା ଲାଗି, ପ୍ରୀତପ୍ରାଣର ସ୍ୱର୍ଗୀୟ ସଙ୍କଳ୍ପଟିଏ, ସମୁଜ୍ଜ୍ୱଳ ସମ୍ଭାବନାଟିଏ । ମିଳନ, ବିରହ, ବିଦାୟ, ବ୍ୟଥା, ଆନନ୍ଦର ଊର୍ଦ୍ଧ୍ୱରେ ଅତି ମାନସ ଅନୁଭବଟିଏ । ଶ୍ରୀ ମା' ଅରବିନ୍ଦଙ୍କର ସ୍ୱପ୍ନର ଭାରତଟିଏ, ଅଖଣ୍ଡ ଭାରତ, ଅନୁପମ ଭାରତ, ଆଦ୍ୟାଶକ୍ତି ଭାରତ । ସେ ତ ଯୁବଚେତନାର ଚିରନ୍ତନ ପ୍ରକାଶଟିଏ, ଆଗ୍ନେୟ ଶପଥଟିଏ, ଅସୀମ ଶକ୍ତିର ଉତ୍ସଟିଏ । ଦେବଭୂମିର ଦୁଃଖରେ ଦୁଃଖୀ, ତାର ଗୌରବରେ ଗୌରବ ଉଜ୍ଜ୍ୱଳ । ଅତୀତର ଗ୍ଲାନି ଭୁଲି, ବର୍ତ୍ତମାନର ବିଭେଦତା ଭୁଲି, ଭବିଷ୍ୟତର ସ୍ୱପ୍ନ, ସମୃଦ୍ଧି, ସାମ୍ୟ, ସର୍ଜନ, ଶକ୍ତି, ଶୌର୍ଯ୍ୟରେ ସମର୍ପିତ ସାଧନା ମଗ୍ନ ଯୁବପ୍ରାଣଙ୍କୁ ଏକାଠି କରିବାକୁ, ସୀମା ଏ ପାଖରୁ ସୀମା ସେପାଖରୁ ସ୍ୱର୍ଗୀୟ ଆହ୍ୱାନଟିଏ, ଅମ୍ଳାନ ଉତ୍ସାହଟିଏ । ଅତିମାନସ ଦେବଶକ୍ତିର ସ୍ୱର୍ଗୀୟ ଉତ୍ତରଣଟିଏ ଯାହାର ଧରାବତରଣରେ ଧନ୍ୟ ଭାରତର ମାଟି, ପ୍ରକୃତି, ଆକାଶ, ଅନ୍ତରୀକ୍ଷ । ଧନ୍ୟ ଧନ୍ୟ ମା'ଶ୍ରୀମା, ମହାଯୋଗୀ ମହାତ୍ମା ଶ୍ରୀଅରବିନ୍ଦ ଯାହାଙ୍କ ଜନ୍ମଲଗ୍ନରେ ଏ ଦେଶ ଏକାଠି ଥିଲା ପରାଧୀନ ହୋଇ, ମୃତ୍ୟୁପୂର୍ବରୁ ଭାଗଭାଗ ଦୁଇ ସ୍ୱାଧୀନ ଦେଶକୁ ଏକାଠି କରିବାର ଆହ୍ୱାନ ଥିଲା, ଯୁବଶକ୍ତିକୁ ସେ ଆହ୍ୱାନ, ସମସ୍ତ ପ୍ରତିବନ୍ଧକ ବିରୁଦ୍ଧରେ ସେମାନେ ଦିନେ ଏକାଠି ହେବେ ଶକ୍ତିବଳରେ, ବିଶ୍ୱରେ ସେମାନେ ଭାରତର ପରିଚୟ ଦେବେ, ଟେକ ରଖିବେ ଏ ମାଟିର,ଏ ଜାତିର । ସେ ସୁଦିନ ନିଶ୍ଚୟ ଆସିବ, ଅଖଣ୍ଡ ଭାରତର ନିର୍ମାଣ ହେବ, ସେମାନେ ନେତୃତ୍ୱ ନେବେ । ଏ ମାଟି ଗଙ୍ଗାନଦୀର ମାଟି, ସିନ୍ଧୁନଦୀର ମାଟି, ବ୍ରହ୍ମପୁତ୍ରର ମାଟି, ହିମାଳୟର ମାଟି, ହିନ୍ଦୁକୁଶର ମାଟି, ମହୋଦଧିର ମାଟି, ମୁକ୍ତିଚେତନାର ମାଟି, ଦିବ୍ୟଜ୍ଞାନର ମାଟି, ଦେବାନାଂପ୍ରିୟ ମାଟି, ଭାରତର ମାଟି, ମହାଶକ୍ତିର ମାଟି, ମହାମାନବର ଦେବମାନବର ଚରଣ ଚୁମ୍ବିତ ମାଟି । ଏ ମାଟିରେ ଜନ୍ମ ହୋଇଥିବା, ଏ ମାଟିକୁ ଭଲପାଉଥିବା ଯୁବପ୍ରାଣ ପାରିବ, ଅସମ୍ଭବକୁ ସମ୍ଭବ କରିପାରିବ ପ୍ରୀତିରେ, ପ୍ରୀତିଶକ୍ତିରେ, ପ୍ରତିଶକ୍ତିର ପରିଚୟରେ । ମାଟିର ମଣିଷ ଆକାଶର ସ୍ୱପ୍ନ ଦେଖେ ପ୍ରୀତିରେ । ଜହ୍ନରାଇଜକୁ ବୁଲିଯାଏ, ତାରା ରାଇଜକୁ ଉଡିଯାଏ, ଆକାଶଗଙ୍ଗାର ଆଲୋକ ଉତ୍ସବ ଦେଖୁଥାଏ, ଦେଖୁଥାଏ ବିଭୋର ହୋଇ । ପ୍ରୀତିଶକ୍ତିରେ ସ୍ୱପ୍ନ ଅଛି, ସର୍ଜନ ଅଛି, ଶକ୍ତି ଅଛି, ସାହସ ଅଛି, ସଂକଳ୍ପ ଅଛି, ସମ୍ଭାବନା ଅଛି । ପ୍ରୀତି ଦିଏ ଶକ୍ତି, ସାଧନା ପାଇଁ ସାହସ, ସମ୍ଭାବନା ପାଇଁ ସଂକଳ୍ପ । ସବୁ ଅଛି ଏ ମାଟିରେ । ସବୁ ସମ୍ଭବ ପ୍ରୀତିରେ । ସମ୍ଭାବନା ପାଇଁ ସାହସ, ସଂକଳ୍ପ, ସକଳ ସାଧନା ଲୋଡା । ଯୁବପ୍ରାଣର ସାଧନା, ପ୍ରୀତିପ୍ରାଣର ସାଧନା, ପ୍ରତିଶକ୍ତିର ସାଧନା । ପ୍ରୀତିପ୍ରାଣର ମିଳନରେ, ବିରହରେ, ବ୍ୟଥାରେ ଆନନ୍ଦରେ ମଣିଷ ଅନୁଭବ କରିଥାଏ ଅସମ୍ଭବ ଶକ୍ତିକୁ ।ଏତେ ଶକ୍ତି ତା'ଭିତରେ କେଉଁଠୁ ଆସେ ସେ ଜାଣି ନଥାଏ ? ଏତେ ଆକର୍ଷଣ କେଉଁଠୁ ଆସେ ସେ ବିସ୍ମିତ ହୁଏ ? ସମସ୍ତ ଆସକ୍ତିଠାରୁ, ସେ ଆକର୍ଷଣ ଅଧିକ, ସିଂହାସନଠାରୁ, ସ୍ୱର୍ଣ୍ଣ ଅଳଙ୍କାରଠାରୁ, କ୍ଷମତାଠାରୁ, ବିଳାସଠାରୁ, ସମସ୍ତ ବାଧାବିଘ୍ନ, ବିପତ୍ତି ବିପର୍ଯ୍ୟୟ ସତ୍ତ୍ୱେ । ବଡ ବିସ୍ମୟକର ପ୍ରୀତିର ସେ ଅନୁଭବ, ସେ ଆକର୍ଷଣ । ପ୍ରୀତିରେ ମଣିଷ ଅସ୍ୱୀକାର କରେ ସ୍ୱାର୍ଥୀ ସମାଜର ହାତଗଢା ନୀତିନିୟମକୁ, କାଇଦା କଟକଣାକୁ । ପ୍ରୀତିରେ ନଥାଏ ଭୀତି, ଯିଏ ଶୁଣୁଥାଏ ପ୍ରୀତପ୍ରାଣର ଚିରସୁନ୍ଦର ଗୀତି ।

ସେ ଚିଠି ପ୍ରଥମ ପ୍ରେମର ଚିଠି, ତରୁଣ ପ୍ରାଣର ଚିଠି, ପୁଷ୍ପିତ ଅନୁରାଗପୂର୍ଣ୍ଣ ଚିଠି, ଚିରସୁନ୍ଦର ଚିଠି, ଚିରବସନ୍ତର ଚିଠି, ଚିରନ୍ତନ ସେ ଚିଠିର ଅକ୍ଷର, ଅନୁଭବ । ପ୍ରୀତିର, ପୀଡାର, ପ୍ରବାହର, ଚେତନାର, ବ୍ରହ୍ମର, ବ୍ରହ୍ମାଣ୍ଡର । ଆଉଟା ସୁନାର ସକାଳଭଳି ସୂର୍ଯ୍ୟସ୍ନାତ ସେ ଚିଠି । ତରୁଣ ପ୍ରାଣର ତୂର୍ଯ୍ୟନାଦ ସେ ଚିଠି । ପ୍ଲାବନ ପ୍ରୀତିର ପ୍ରବାହ ସେ ଚିଠି । ସ୍ୱପ୍ନ ସର୍ଜନର ମିଳନ ସେ ଚିଠି । ସୁନ୍ଦର ଓ ମଙ୍ଗଳର ମହାମନ୍ତ୍ର ସେ ଚିଠି । ସତ୍ୟ ଶିବର ସ୍ପର୍ଶ ସେ ଚିଠି । ପ୍ରୀତିର ପରମ ସମର୍ପଣ ସେ ଚିଠି । ଆଶାନ୍ୱିତ ପ୍ରାଣର ପ୍ରକାଶ ସେ ଚିଠି । ପ୍ରୀତିସିକ୍ତ ସେ ଚିଠି, କଲ୍ୟାଣୀୟାକୁ ସେ ଚିଠି । ପ୍ରାଣସଖୀକୁ ସେ ଚିଠି । ତରୁଣ ପ୍ରିୟତମର, ପ୍ରୀତିସ୍ନାତ ପ୍ରିୟତମର, ପ୍ରୀତିପ୍ରତ୍ୟାଶାରେ ପୀଡିତ, ବିଭୋର ପ୍ରିୟତମର ସେ ଚିଠି । ପ୍ରଣାମ ପ୍ରାଣସଖୀ ପ୍ରଣାମ । କୋଟି କୋଟି ପ୍ରଣାମ । ଜନ୍ମଜନ୍ମର ପ୍ରଣାମ । ଏ ମାଟିର ପ୍ରଣାମ । ମହୋଦଧିର ପ୍ରଣାମ । ମହାକାଳର ପ୍ରଣାମ । ଅଶ୍ରୁର ପ୍ରଣାମ । ପ୍ରୀତିର ପ୍ରଣାମ । ସାରସ୍ୱତ ପ୍ରଣାମ । ସର୍ଜନର ପ୍ରଣାମ, ପ୍ରାଣର ପ୍ରଣାମ, ପ୍ରିୟତମର ପ୍ରଣାମ, ନମ୍ର ପ୍ରଣାମ, ନୀରବ ପ୍ରଣାମ । ପ୍ରଣାମ, ପ୍ରୀତିର, ଶକ୍ତିର, ପ୍ରତିଶକ୍ତିର ପ୍ରଣାମ । ଧନ୍ୟ ତୁମେ , ଧନ୍ୟ ତୁମର ଜୀବନ, ଜନ୍ମ ଏ ମାଟିରେ, ଅହିଂସ ମାଟିରେ, ଅଙ୍କୁରିତ ପ୍ରୀତିରେ । ଧନ୍ୟ ତୁମେ ରୂପରେ ରମ୍ୟା ପାର୍ବତୀ, ଦାନରେ ଦିବ୍ୟା ଲକ୍ଷ୍ମୀ, ଜ୍ଞାନରେ ମଗ୍ନା ସରସ୍ୱତୀ, ଦକ୍ଷତାରେ ଦେବୀ ଆଦ୍ୟାଶକ୍ତି । ଧନ୍ୟ ପ୍ରାଣ ତୁମରି ସେବାରେ, ସ୍ନେହରେ, ସମ୍ମୋହନରେ, ପ୍ରୀତିରେ, ପ୍ରାଚୁର୍ଯ୍ୟରେ, ସ୍ୱପ୍ନରେ, ସର୍ଜନରେ, ଶକ୍ତିରେ, ସଫଳତାରେ, ଐଶ୍ୱର୍ଯ୍ୟରେ, ଆନନ୍ଦରେ । ଚିର ବନ୍ଦନୀୟା ତୁମେ, ଚିର କଲ୍ୟାଣୀୟା ତୁମେ, ଚିର କରୁଣାମୟୀ, ଗଙ୍ଗାଭଳି ଗୌରବମୟୀ, ସିନ୍ଧୁଭଳି ଶକ୍ତିମୟୀ, ସରସ୍ୱତୀ ଭଳି ପୁଣ୍ୟମୟୀ, ବ୍ରହ୍ମପୁତ୍ର ଭଳି ବରଦାୟିନୀ । ତୁମ ସୌନ୍ଦର୍ଯ୍ୟର ତୁଳନାନାହିଁ, ତୁମ ଶକ୍ତିର କଳନା ନାହିଁ, ତୁମ ସର୍ଜନାର ଶେଷ ନାହିଁ । ଦେବୀଶକ୍ତିର ଧରାବତରଣ ତୁମ ଦେହରେ, ଦୁର୍ବାର ପ୍ରେମର ପ୍ରବାହ ତୁମ ଚାହାଣିରେ, ଦୂରନ୍ତ ଆକର୍ଷଣର ଅନୁଭବ ତୁମ ସ୍ପର୍ଶରେ, ଦିବ୍ୟଶକ୍ତିର ସଞ୍ଚାର ତୁମ

ସ୍ୱରରେ । ତୁମେ ପ୍ରୀତିମୟୀ, ଶକ୍ତିମୟୀ, ଅମୃତମୟୀ । ମହାକାଳର ପ୍ରିୟ ତୁମେ, ମହାଶକ୍ତିର ପୁତ୍ରୀ ତୁମେ । ମହାଭାରତର ମଶାଲ ତୁମେ । ମୋହମାୟାର ମରୁଦ୍ୟାନ ତୁମେ, ତୁମେ ଚାହିଁଲେ ମରୁଭୂମିକୁ ମେଘ ଆସେ, ମନଭରି ହସେ । ମହାର୍ଘ୍ୟ ସେ ଅନୁଭବ, ମହମହ ପ୍ରୀତିର ସେ ଅନୁଭବ, ଚିରବନ୍ଦିତ ଅନୁଭବ ଚିରବାଞ୍ଛିତ ପ୍ରୀତିର, ପ୍ରୀତି ହୃଦୟର, ପୁଷ୍ପିତ ଚେତନାର, ଅନୁରାଗମୟ ଆତ୍ମାର । ଅମ୍ଳାନ ଆତ୍ମାର ଅମ୍ଳାନ ଅନୁଭବ । ଧନ୍ୟ ତୁମେ ଧନ୍ୟ ତୁମରି ପ୍ରେମ । ମାନୁଷୀ ତନୁରେ ଦିବ୍ୟ ସୁନ୍ଦର ପ୍ରେମ । ଧନ୍ୟ ସେ ପ୍ରେମର ପୂଜକ, ସାଧକ, ପ୍ରେମିକ ପ୍ରିୟତମର । ପ୍ରଣାମ । ପ୍ରଣାମ । ପ୍ରଣାମ । ଧନ୍ୟ ତୁମ ବନ୍ଦନାରେ ଶତମୁଖ, ତୁମ ପୀଡାରେ ଶତଖଣ୍ଡ । ପ୍ରୀତିରେ ସୂର୍ଯ୍ୟସ୍ନାତ ଅଶ୍ରୁରେ ଆକ୍ରାନ୍ତ । ତୁମେ ସୁନ୍ଦର, ଚିରସୁନ୍ଦର । ଏ ଆଖିରେ, ଆତ୍ମାରେ, ଅନୁଭବରେ । ତୁମ ପ୍ରୀତିରେ 'ପ୍ରେମିକ' କବି, 'ସନ୍ନ୍ୟାସୀର ସ୍ୱପ୍ନ' ସମ୍ରାଟର । ତୁମକୁ ଶେଷକରି ହେବନି ଶବ୍ଦର କବିତାରେ, ଛବିର ବର୍ଣ୍ଣନାରେ, ବନ୍ଦନାରେ । ତମେ ତ ସର୍ଜନ ସ୍ୱୟମ୍ବରା ।

## ସ୍ୱୟମ୍ବରାର ସ୍ୱୟମ୍ବର

ସ୍ୱୟମ୍ବରା, ତୁମ ଲାଗି ହୃଦୟଟିଏ ଲୋଡା । ଅନୁପମ, ମୁଲାୟମ, ମମତାସ୍ନିଗ୍ଧ, ଏକାନ୍ତ ନିଜସ୍ୱ । ମନଲାଖି ମଣିଷଲାଗି ବ୍ୟାକୁଳ ତୁମର ମନ । ପ୍ରାଣର ପରୀକ୍ଷା ଲାଗି ତୁମରି ପ୍ରତୀକ୍ଷା ଯେମିତି ସର୍ତ୍ତହୀନ, ଶବ୍ଦଶୂନ୍ୟ । ଆଖିରେ ଓଠରେ ଅନ୍ତରର ଅନ୍ୱେଷା, ବିଜଡିତ ବିସ୍ମୟ ଅଭୀପ୍‌ସା । ଶିଳାପରି ଶାଣିତ ତୁମରି କଟାକ୍ଷ । ସମ୍ମୋହନର ସ୍ପର୍ଶରେ ଶକ୍ତିଶୂନ୍ୟ ସମୟ, ନୀରବ, ନିର୍ବିକାର । ହୃଦୟ ସାଉଁଟିବାର ବେଳ ଯେତିକି ବିଳମ୍ବିତ ସେତିକି ବିଡମ୍ବିତ, ତୁମରି ପ୍ରତ୍ୟାଶାରେ ଆଉଟୁ ପାଉଟୁ ହେଉଥିବା ଆଶାୟୀ, ଉଜ୍ଜ୍ୱଳ ଆଖିସବୁ । ଅଙ୍କ କଷିବା ପରି ଏକାଗ୍ରତା ତୁମ ଆଖିରେ, ଯେମିତି ଫୁଲକଷିର ସ୍ୱପ୍ନ, ସମ୍ଭାବନାରେ ସମୁଜ୍ଜ୍ୱଳ । ତୁମ ମନରେ ମୁହୂର୍ତ୍ତେ ଉଚ୍ଛୁଳି ପଡିବାର ମାଦକତା ଭରି ରହିଛି, ମହୁଭର୍ତ୍ତି ମହୁଫେଣା ପରି । ତୁମ ହାତରେ ଫୁଲତୋଡା ପ୍ରିୟତମର ହୃଦୟମଣ୍ଡନ ପାଇଁ ଖିଲିଖିଲି ହୋଇ ହସୁଛି । ତୁମେ କିନ୍ତୁ ସବୁ ଆବେଗକୁ ଚାପିରଖି ଚୁପ୍‌ଚାପ୍ । ସମସ୍ତଙ୍କୁ ଟାଣି ଧରିଲାପରି ତମରି ସ୍ପର୍ଦ୍ଧିତ ଚାହାଣି ଭିତରେ ଅପୂର୍ବ ଆଲୋଡନ, ପୁଞ୍ଜୀଭୂତ ପ୍ରକାଶର ପ୍ରାଚୁର୍ଯ୍ୟ । ଧାରେ ହସରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ରଖିବାର ମାୟା । ଧସେଇ ପଶିବାର ପ୍ରୟାସ । ନଛୁଇଁ ଛୁଇଁ ଦେବାର ରୋମାଞ୍ଚିତ ଅନୁଭବସବୁ କୁହୁଳା ନିଆଁର କୁହୁକ ଭଳି ପ୍ରହେଳିକାମୟ । ମଙ୍ଗଳ ଲଗ୍ନରେ ମୁଖରିତ ଜନପଥପରି ମତୁଆଲା ତମ ମନ, ଅକଳନ, ଅବିକଳ୍ପ । ମାପିଚୁପି ଦେଖିଲାପରି ମନ୍ଦ ଚାହାଣିର ଛନ୍ଦ ଭିତରେ କେତେଥର ଛନ୍ଦି ହୋଇପଡିଲଣି ତମେ । ତଥାପି ତମରି ପ୍ରତୀକ୍ଷା ପ୍ରିୟତମର ହୃଦୟ ସନ୍ଧାନରେ...ଯାହାର ପୂର୍ଣ୍ଣତା ପ୍ରୀତିପୂର୍ଣ୍ଣ ପ୍ରାଣର ଅତୁଟ ବନ୍ଧନରେ...

ସ୍ୱୟମ୍ବରା, ତମେହିଁ ତ ସର୍ଜନ । ବିକସିତ, ସୁଷମାନ୍ୱିତ ତମରି ସ୍ୱରୂପ । ସ୍ରଷ୍ଟା ଭିତରେ ସଞ୍ଜୀବନୀର ମଧୁର ସଞ୍ଚାର । ତମେ ତ ତମରି ବିକଳ୍ପ । ତଥାପି କେମିତି ଖୋଜୁଥାଅ ତମେ, ତମକୁ ବୁଝିପାରିଲା ପରି ସତ୍ତାଟିଏ, ସ୍ରଷ୍ଟାଟିଏ, ସ୍ପନ୍ଦନଟିଏ । ସାମଗ୍ରିକ ଭାବରେ ସମର୍ପଣ କରିସାରିବା ପରେ ସ୍ୱତନ୍ତ୍ର ରହିବାର ସ୍ୱୀକୃତିଟିଏ । ସ୍ରଷ୍ଟାର ସ୍ୱର୍ଗୀୟ ଅନୁଭବ ଭିତରେ ଉଚ୍ଛୁଳି ଉଚ୍ଛୁଳି ନିରାକାର



ନୀଳିମା ପରି ଏକାକାର ହୋଇଯିବାରେ ତମରି ସ୍ଥିତି– ସ୍ଥିତି ତ ନୁହେଁ, ସ୍ୱାୟତ୍ତ ସ୍ୱତନ୍ତ୍ରତା । ସୃଷ୍ଟି ଚେତନାରେ ଧ୍ୟାନମଗ୍ନ ସ୍ରଷ୍ଟାର ପ୍ରାଣ ସ୍ପନ୍ଦନରେ ତମରି ସ୍ପର୍ଶ, ତମରି ପ୍ରତିଧ୍ୱନି । ତମରି ପ୍ରେମ, ପୁଲକରେ ପରିପୃଷ୍ଟ କଥା–କାହାଣୀ, କଳ୍ପନା–କିମ୍ବଦନ୍ତୀ, ଲୋକଗୀତ, ଲୋକଗାଥା । ନୃତ୍ୟେଠୁ, ନାୟିକା ସବୁ ତମରି ସୃଷ୍ଟି, ତମରି ସାଧନା । ତମେ ଆସିବାର ବେଳ ସକାଳ କି ସଞ୍ଜବେଳ, ମଧ୍ୟାହ୍ନ କି ମଧ୍ୟରାତ୍ର । ପ୍ରିୟତମର ଅଜ୍ଞାତରେ ତମେ ଯେମିତି ଆସିଥାଅ ଉଚ୍ଛନ୍ନ ହେଇ, ଉଜାଗର ରହି ସେମିତି ଜ୍ଞାତସାରରେ ଚାଲିଯାଅ ଖୋଜଚିହ୍ନକୁ ରଖିଦେଇ । ପ୍ରତିଶ୍ରୁତିଶୂନ୍ୟ, ପ୍ରତ୍ୟାଶାପୂର୍ଣ୍ଣ ତମରି ଫେରନ୍ତା ପାଦଚିହ୍ନ । ସ୍ୱୟମ୍ବରା, ପ୍ରିୟତମର ହୃଦୟ ସଂଲଗ୍ନ ମୁହୂର୍ତ୍ତ ସବୁକୁ ସାଉଁଟି ନେବାକୁ ତମର ଏ ସ୍ୱୟମ୍ବର । କାହିଁକି ତମରି ଏ ଛଳନା ? ସ୍ରଷ୍ଟାର ଛଳଛଳ ଆଖିଭିତରେ କଳକଳ ହୋଇ ବହିବାକୁ ? ଥରୁଟିଏ ବୁଝିବାକୁ ଚେଷ୍ଟାକର ସ୍ୱୟମ୍ବରା । ସ୍ରଷ୍ଟାର ହୃଦୟ ଭିତରେ ତମରି ପାଇଁ ସୁରକ୍ଷିତ ଇଲାକାଟିଏ, କେତେଦିନ ସେ ସଜେଇ କରି ଚାହିଁଥିବ ? ତାର ଚାହାଣି ଭିତରେ ପୂର୍ଣ୍ଣଛେଦ ନ ଥିବ, ଅପୂର୍ଣ୍ଣ ରହିବାର ଅପୂର୍ବ ଅଭିଳାଷଟିଏ, ତାକୁ ଉଦ୍‌ବେଳିତ କରୁଥିବ । ଆସକ୍ତି ନଥିବ, ଆତ୍ମୀୟତାରେ ଉଦାର, ଅନୁପମ ଦିଶୁଥିବ । ତମରି ବିଛେଦରେ ବିଦୀର୍ଣ୍ଣ ମରାଳ ପରି ବିଳପି ଉଠୁଥିବ ତାରଆତ୍ମା । ତମେ ଆସିବ, ନ ଆସିବାର କାରଣ ହିଁ ନାହିଁ । ତମରି ଆସିବାର ବିଶ୍ୱାସ ଭିତରେ ସେ ବଞ୍ଚୁଥିବ, ବର୍ଷ, ମାସ, ଋତୁ ବହିଯାଉଥିବ, ଫୁଲ, ପ୍ରଜାପତି ଖତେଇ ହେଉଥିବେ, ବଡ ବିକଳ ଦଶୁଥିବ ତାରମୁହଁ ? କିନ୍ତୁ କୁହତ, ତୁମ ବିନା ଫୁଲ, ପ୍ରଜାପତିରେ ତାର ଯାଏ ଆସେ କେତେ ? ତୁମେ ଆସିଲେ ନୁଖୁରା ବସନ୍ତ ନୂପୁର ପିନ୍ଧି ନୃତ୍ୟଶୀଳ ଛନ୍ଦରେ ଘୂରିଯାଏ, ରଙ୍ଗ ରୋଷଣିରେ ଫୁଲପରି ଝରିଯାଏ, ଥୁଣ୍ଟାଗଛରେ ନବପଲ୍ଲବର ଆସର ମେଲେ । ଫୁଲ, ପ୍ରଜାପତିର ଅସମ୍ଭବ ଭିଡ ତମ ଚାରିପାଖରେ ତମକୁ ମସଗୁଲ କରିଦିଏ । ନିଜସ୍ୱ ସୃଷ୍ଟି ଭିତରେ ସେ ତୁମର ସ୍ପର୍ଶକୁ ଅନୁଭବ କରୁଥାଏ, ଆଉଟୁ ପାଉଟୁ ହେଉଥାଏ ଦିବ୍ୟ ଆନନ୍ଦରେ, ଉତ୍ତୁରି ପଡୁଥାଏ ତମେ ଆସିବାର ଭାବରେ ଭାବବିଭୋର ହୋଇ । ତମରି ଆଗମନରେ, ତାର ତୃପ୍ତି, ତପ୍ତ ତପସ୍ୟା । ତମେ ଆସିବ ଆସିବ ବୋଲି ଅହୋରାତ୍ର ଉଜାଗର ତାର ମୁଦ୍ରିତ ଦୃଷ୍ଟିପଟଳ ଜ୍ଞାନ ଚକ୍ଷୁ (ତୃତୀୟ ଚକ୍ଷୁ) ଅଥଚ କେତେ ତୀବ୍ର ସେହି ସନ୍ଧାନୀ ଆଖିର ଆଲୋକ ଗୁଚ୍ଛସବୁ । ଏମିତି କିଛି ନାହିଁ ଯାହା ଅପହଞ୍ଚ, ତାର ଚିନ୍ମୟ ଚେତନାର ଚଉହଦି ଭିତରେ । କାହିଁ କେଉଁଠି, କେତେ ଦୂରରେ ତମେ ଆତ୍ମଗୋପନ କରିଛ ? ଚେତନାର ବାହାରେ ଚଳତ୍‌ଶକ୍ତି ଶୂନ୍ୟ ହୋଇଯାଇ ନାହଁତ ? ତେବେ ତମେ ଆସିବାରେ ଏତେ ଡେରି କାହିଁକି ? କାହିଁକି ତମର ଏ ଆତ୍ମ ଅଭିମାନ ? କାହିଁକି ଏ ସ୍ୱୟମ୍ବରର ଆୟୋଜନ ? କାହିଁ କେତେ ଦୂରରେ ସ୍ରଷ୍ଟା, ତମ ଦୃଷ୍ଟିର ଆଢୁଆଳରେ, ତଥାପି...ଅପଲକ ତାର ଆଖିରେ ଆଶାର ଆଲୋକ, ଆଶଙ୍କାର ଅନ୍ଧାର, କେତେ ସ୍ୱୟମ୍ବରରୁ ସେ ଫେରିଛି ନିଷ୍ଫଳ ହୋଇ । ସବୁଠି ସୁନ୍ଦରୀ, ସ୍ୱୟମ୍ବରା କାହିଁ ? ସ୍ରଷ୍ଟା ହୃଦୟ ସର୍ବସ୍ୱ ସ୍ୱୟମ୍ବରା, ସ୍ୱୟମ୍ବରର ଭିଡଭିତରୁ ସ୍ରଷ୍ଟାକୁ ଭିଡି ଧରିବାର ସାମର୍ଥ୍ୟ ତୁମର ଅଛି ଅଥଚ ତମ ଚାଲି, ଚାହାଣିରେ ଏତେ ଶିଥିଳତା କାହିଁକି ? ସନ୍ଦେହ ଲାଗୁଛି, ତୁମେ ସୁନ୍ଦରୀ ସର୍ବସ୍ୱ ନୁହଁ ତ ? କାହିଁକି ତୁମର ଏ କୃତ୍ରିମ କପଟତା ? ସବୁବେଳେ ଏମିତି ଅଚାନକ ତମେ ଆସ ସମସ୍ତଙ୍କୁ ଚମକେଇ ଦେଇ ସ୍ରଷ୍ଟାର ବାହୁ ବନ୍ଧନରେ ବାନ୍ଧି ହୋଇଯାଅ, ହୃଦୟର ବନ୍ଧନୀ ଭିତରେ ଛନ୍ଦି ହୋଇଯାଅ । ମିଳନ ମଗ୍ନ ମତୁଆଲା ତୁମ ମନ,

କେମିତି କଳ୍ପନାର ରଙ୍ଗ ଓ ତୂଳୀରେ ସୃଷ୍ଟିକୁ ବାସ୍ତବ ରୂପ ଦେଉଥାଏ । ତମରି ସ୍ପର୍ଶରେ କେତେ ଜୀବନ୍ତ, ଜୀବନ ଓ ଯନ୍ତ୍ରଣାରେ ସଦ୍ୟସ୍ନାତ, ଅରୁଣ ଆରକ୍ତ ।

ସ୍ରଷ୍ଟାର ଅଭିମାନକୁ ତମେ ଅନୁଭବ କର । ଏକାନ୍ତରେ ଆଲିଙ୍ଗନ କର, ଥରୁଟିଏ, ସ୍ୱୟମ୍ବରା, ଥରୁଟିଏ । ସମୟର ସ୍ଥିର ତରଙ୍ଗରେ ସୀମିତ ତାର ଆୟୁ । ତମରି ଲାଗି ଅମର ତାର ଅସ୍ତିତ୍ୱ, ଅନାହତ ତାର ଆତ୍ମପ୍ରକାଶ । ଯୁଗେ ଯୁଗେ ସେ ଜନ୍ମନିଏ ମହାକାଳର ଜରାୟୁ ଭିତରୁ ମହୀରୁହ ହୋଇ । ଖାସ୍ ତମରି ପାଇଁ ମାଟିରୁ ମହାକାଶ ଯାଏ ସେ ଆଶା ବାନ୍ଧିଥାଏ । ତମରି ସ୍ନେହ ସଲଗ୍ନ ସାନ୍ନିଧ ପାଇଁ ତାର ଏ ରୂପାନ୍ତର ଜନ୍ମଜନ୍ମର, ମାୟାବନ୍ଧନରୁ ମୁକ୍ତି ଲୋଡାନାହିଁ ତାର, ମୁକ୍ତି ସଂଗ୍ରାମର ସଙ୍କଟ ସଙ୍କୁଳ ମାର୍ଗଟିଏ, ସେ । ମଣିଷ ମନର ଅବଦମିତ ମୁକ୍ତି ଚେତନାକୁ ଚିରଞ୍ଜୀବୀ କରିବାକୁ, ସୈତାନ ଗୋଷ୍ଠୀ ର ଚକ୍ରାନ୍ତ ବିରୁଦ୍ଧରେ, ଧର୍ମ ଧାରଣାର ଚକ୍ରବ୍ୟୂହ ଭିତରେ ସେ ଏକ ଅସମ୍ଭବ ଅବରୋହ । ତାର ପ୍ରତିଧ୍ୱନି ଭିତରେ ଆଗ୍ନେୟ ଆହ୍ୱାନ । ଆସନ୍ନ ମଙ୍ଗଳ ଲଗ୍ନରେ ସ୍ୱୟମ୍ବରା, ତମେ ସ୍ରଷ୍ଟାର ହୃଦୟକୁ ଅଳଙ୍କୃତ କର, ଆଚ୍ଛନ୍ନ କରିଦିଅ ମୁକ୍ତି ଚେତନାରେ, ମାନବତାର ଦିବ୍ୟ ଭାବନାରେ । ଏକାଠି କରିଦିଅ ଏ ଦେଶର ମାଟି ଆକାଶକୁ, ଧର୍ମ ମଣିଷକୁ, ସର୍ଜନ ବଳରେ, ସ୍ୱପ୍ନ ବଳରେ, ଶକ୍ତି ବଳରେ । ଥରୁଟିଏ ଏକାଠି କରିଦିଅ ଆମକୁ ଥରୁଟିଏ ।

ସ୍ୱୟମ୍ବରା ଦେଖ– ଆଖି ଖୋଲି ଦେଖ –ଥରୁଟିଏ ଦେଖ – ଏ ଦେଶର ଦୁଃଖ – ତା ହୃଦୟରେ ଦୁଃଖକୁ – ହୃଦୟଥରା ଦୁଃଖକୁ । କେମିତି ନିଗିଡି ପଡୁଛି ଲହୁସବୁ ଲୁହସବୁ ନୀରବରେ । ଆହା କହିବାକୁ କାହାର ବେଳ ନାହିଁ । ସାହା ହେବାକୁ କାହାର ବଳ ନାହିଁ । ଯୁବଶକ୍ତି ଶୋଇପଡିଛି । ତାର ଚେତନା ହଜିଯାଇଛି । ସେ ଅନୁଭବ କରିପାରୁନି, ତାକୁ ଉଠାଇବ କିଏ ? ଚେତାଇବ କିଏ ? କ'ଣ ଟିଭି ସିରିଏଲ ? କ୍ରିକେଟ ପଡିଆ ? ନା ବିଜ୍ଞାପନର ଅଧା ଲଙ୍ଗଳା ସୁନ୍ଦରୀମାନେ ? ନା କମ୍ପୁଟରରେ ପ୍ରେମ ଚିଠିର ଚ୍ୟାଟିଙ୍ଗ ? ତମେ ଥରେ ଦେଖ ଏ ଦେଶର ଦୁଃଖକୁ, ଭାଗଭାଗ ହୋଇଥିବା ତାର ମାଟିକୁ, ଆକାଶକୁ, ଧର୍ମକୁ, ବିଶ୍ୱାସକୁ, ମାହାତ୍ମ୍ୟକୁ, ମହାତ୍ମାଙ୍କୁ । ସ୍ୱାଧୀନତା ପାଇଁ କେତେ ବଳିଦାନ, କେତେ ପ୍ରାଣଥରା ଯନ୍ତ୍ରଣାକୁ ଆପଣେଇ ନେଇଥିଲେ ଏ ଦେଶର ଯୁବକୁଳ । ଦେଶ ସ୍ୱାଧୀନ ହୋଇଛି, ଭାଗଭାଗ ହୋଇଛି, ଧର୍ମ ନାଁରେ, କ୍ଷମତା ଦଖଲ ନାଁରେ । ଯୁବଶକ୍ତି ଆଖିରେ ଅନ୍ଧପୁଟୁଳି ବନ୍ଧାଯାଇଛି । ବୁଦ୍ଧିଆ ଶିକ୍ଷିତ ଯୁବକ ପାଇଁ ସରକାରୀ ସେବାର ସୁଯୋଗ । ପେଟପାଟଣା ଛାଡି କିଏ କାହିଁକି ଗରିବ ଅବହେଳିତ ଦେଶବାସୀ ପାଇଁ ଲଢେଇ କରିବ ? ସରକାର ସେ ରାସ୍ତା ବନ୍ଦ କରିଦେଇଛନ୍ତି । ଯୁବଶକ୍ତିର ହାତଗୋଡ କାଟି, ମୁହଁରେ ପଟିଦେଇ ପଙ୍ଗୁ କରିଦେଇଛନ୍ତି ସେମାନେ କେବଳ ଭୋଟ୍ ଦେଇପାରିବେ, ଦଳକୁ, ନେତାକୁ ଭୋଟ ମାଗିପାରିବେ ନାହିଁ, ଦଳରେ ରହିପାରିବେ ନାହିଁ, ନେତା ହୋଇପାରିବେ ନାହିଁ । ସେଥିପାଇଁ ସରକାରୀ ଚାକିରି, ଦେଶ ସେବକର ଦାୟିତ୍ୱ'ଏକ ଲାଭଜନକ ବ୍ୟବସାୟ'ର ନାମ ଦିଆଯାଇଛି ସେ ଏକ ଭିନ୍ନ ଦେଶ ସେବା ''ସେଥିପାଇଁ ସରକାରୀ ଚାକିରିଆ ର ପେଟପାଟଣା ଦୂରେଇଦେବାର ବିଚିତ୍ର ସର୍ତ୍ତ ବ୍ୟବସ୍ଥା କେଉଁ ଦେଶର ସମ୍ବିଧାନରେ ଅଛି ? ଅଛି ଆମରି ଉଧାରି ସମ୍ବିଧାନରେ । ପ୍ରତିବାଦ, ପ୍ରତିଶକ୍ତି ବିନା କେଉଁ ଜାତି ଉପରକୁ ଉଠିଛି ? ସ୍ୱାଧୀନ ଦେଶରେ ଶିକ୍ଷିତ ବୁଦ୍ଧିଆ ଆଗୁଆ ଯୁବଶକ୍ତିଙ୍କୁ ଚାକିରି ଫାନ୍ଦରେ ଏମିତି ପଙ୍ଗୁ କରିଦିଆଯାଇଛି ଯେମିତି କ୍ଷମତାରେ ଗରିବର



ସ୍ଥାନ ନାହିଁ, କ୍ଷମତା ପାଇଁ ଗରିବର ଶବ୍ଦ ଶୁଭିବ ନାହିଁ, ନାମକୁ ମାତ୍ର କ୍ଷମତା ଭାଗଭାଗ ହେଉଥିବ ସେଇ କ୍ଷମତାଧାରୀଙ୍କ ଭିତରେ, ତାଙ୍କରି ପିଲା, ପରିବାର, ପ୍ରିୟଜନଙ୍କ ଭିତରେ । ଏଇଥିପାଇଁ କଣ ଏ ଦେଶ ସ୍ୱାଧୀନ ହୋଇଥିଲା ? କଣ ଏଇମାନଙ୍କ ସୁଖସୁବିଧା ପାଇଁ ? ବଦମାସ୍, ବନ୍ଦୀ, ବ୍ୟବସାୟୀ, ଓକିଲ, କଣ୍ଟ୍ରାକ୍ଟର, ଧନିକର ପୁଅ, ବେକାରି, ବାତେରା, ନିର୍ବୁଦ୍ଧିଆ, ପଛବେଞ୍ଚରେ ବସୁଥିବା ପିଲା ଭୋଟ ମାଗିପାରିବ, ନେତା ହୋଇପାରିବ, ଦଳରେ ରହିପାରିବ, ନିର୍ବାଚନ ଲଢିପାରିବ ସେଥିରେ ତାର ବ୍ୟବସାୟ ବୁଡି ଯିବନି । କିନ୍ତୁ, ସରକାରୀ ଚାକିରିଆର ଚାକିରି ଚାଲିଯିବ ''ଲାଭଦାୟକ ବ୍ୟବସାୟ'' ନାଁରେ ବୁଡିଯିବ, ଏହାଠାରୁ ବଳି ବଡ ଚକ୍ରାନ୍ତ କଣ ଅଛି କ୍ଷମତା ଲୋଭୀଙ୍କର ? ଦେଶର ସମ୍ପତ୍ତି ବାଣ୍ଟିକରି, ଲୁଟିକରି, ଖୁଣ୍ଟିକରି ଖାଉଥିବା, ଖଜଣା ଦେବାକୁ ଠକୁଥିବା, ଗରିବ ରିହାତିକୁ ଗୌରବରେ ମାଡି ବସୁଥିବା କ୍ଷମତାଲୋଭୀ ବୃଦ୍ଧମାନଙ୍କର ଜ୍ଞାନ ଉଦୟ କେବେ ହେବ ? ୧୦୦୦ ବର୍ଷ ପରାଧୀନତା ପରେ ମାତ୍ର ୫୦ ବର୍ଷର ସ୍ୱାଧୀନତା । ୫୦ ବର୍ଷରେ ଆମେ ପୃଥିବୀର ସବୁଠାରୁ କଳଙ୍କିତ ଦେଶ, ଦୁର୍ନୀତିଗ୍ରସ୍ତ ଦେଶ । ଯେମିତି ମିଥ୍ୟା, କପଟ, ଦୁର୍ନୀତିରେ ବୁଡିଛି ଭାରତମାଆର ପାଦଠୁ ପଣତ । ସେ ବୁଡିନାହିଁ ତାକୁ ବୁଡେଇ ଦେଇଛନ୍ତି ଏ ଦେଶର ଅସହାୟ ବୁଦ୍ଧିଜୀବୀ, ଆଇନକୁ ଆଖିଠାର ମାରୁଥିବା ଓକିଲମାନେ । କାଗଜ ନୋଟର ସୁଅରେ ଭାସିଯାଇଛନ୍ତି ସମସ୍ତେ, ତାର ମାୟାରେ ମାତିଛନ୍ତି ସମସ୍ତେ । ଭାବିବାକୁ ବେଳ କାହିଁ ? ଆମ ଚରିତ୍ର କଳଙ୍କିତ । ଯେଉଁମାନେ ସ୍ୱାଧୀନ ଭାରତର କ୍ଷମତା ଉପଭୋଗ କରୁଛନ୍ତି ସେମାନେ ମନେରଖିବା ଉଚିତ୍, ସେମାନେ ଏ ଦେଶର ସ୍ୱାଧୀନତା ଆଣିନାହାଁନ୍ତି । ଯେଉଁମାନେ ଏ ଦେଶର ସ୍ୱାଧୀନତା ଆଣିଛନ୍ତି ସେମାନଙ୍କର ନୀତି, ଆଦର୍ଶ, ସ୍ୱପ୍ନ, ସଙ୍କଳ୍ପକୁ ପରିତ୍ୟାଗ କରିବାର ଅଧିକାର ନାହିଁ । ଥରେ ଅନୁଭବ କରିଦେଖ ପ୍ରିୟତମାର ପ୍ରଣୟ ଫାଶରୁ ମୁକୁଳି ଆସି ବନ୍ଦୀଶାଳାରେ ପିଟା ଖାଇବାର ଅନୁଭବକୁ । ବୃଦ୍ଧ ପିତାମାତାଙ୍କୁ ଫେରି ଆସିବାର ପ୍ରତିଶୃତି ଦେଇ ଫାଶିଖୁଣ୍ଟରେ ସ୍ୱର୍ଗାରୋହଣ କରିବାର ଅଶ୍ଳୀଳ ଅନୁଭବକୁ, ମର୍ମଥରା ଦୃଶ୍ୟକୁ, ଅମର ତ୍ୟାଗକୁ । ମାପ ଥରେ ମାପ ତୁମର ସୁଖସୁବିଧାକୁ, ସ୍ୱାର୍ଥଲାଳସାକୁ, ଭୋଗବିଳାସକୁ, କ୍ଷମତାକୁ ଜାବୁଡି ଧରିବାର କୂଟନୀତିକୁ । ହୁସିଆର ! ବୁଝିବିଚାରି ବଦଳିଯାଅ ନଚେତ୍ ଈଶ୍ୱର ବଦଳେଇଦେବେ ତମ ମୁହଁକୁ, ତମ ମାନଚିତ୍ରକୁ ଯେମିତି ବଦଳାଇ ଦେଇଥିଲେ ମହାଭାରତ ଯୁଦ୍ଧରେ, ଦ୍ୱିତୀୟ ବିଶ୍ୱ ମହାଯୁଦ୍ଧରେ । ରାଜତନ୍ତ୍ରକୁ ସମାପ୍ତ କରିଦେଇଥିଲେ, ଲୋକଙ୍କ ହାତକୁ କ୍ଷମତା ଦେଇଥିଲେ । ଯେମିତି ବଦଳାଇ ଦେଇଛନ୍ତି ବିଦେଶୀମାନେ ତୁମର ଧର୍ମ, ଧାରଣାକୁ, ମାଟି, ମଣିଷକୁ, ତମେ ଚିହ୍ନିପାରିବନି ତମର ପୂର୍ବପରିଚୟକୁ । ଯେମିତି ଭାଗଭାଗ କରିଦେଇଛନ୍ତି ତୁମର ଧର୍ମକୁ, ମଣିଷକୁ, ଭଗବାନଙ୍କୁ, ମାଟିକୁ, ଆକାଶକୁ, ଶକ୍ତିକୁ, ସାମର୍ଥ୍ୟକୁ, ପ୍ରଜ୍ଞା ପ୍ରତିଭାକୁ, ସୁଖକୁ, ଶାନ୍ତିକୁ । ସମୟ ଆସିଛି ଏକାଠି କର ଏ ଦେଶର ମାଟିକୁ, ଭୂଗୋଳକୁ, ଇତିହାସକୁ, ଶକ୍ତିକୁ, ଶାନ୍ତିକୁ । ବିଭାଜନର ସୀମା ଏପଟେ ସ୍ୱାଧୀନତା ଦିବସ, ଶହିଦ୍‌ର ସ୍ମୃତିଚାରଣ । ସୀମା ସେପଟେ ସେଇ ଦୃଶ୍ୟ । ସୀମା ଏପଟେ ଏ ଦେଶର ଯୁବକ ଶିକ୍ଷିତ, ଅଜ୍ଞାନ । ସୀମା ସେପଟେ ଏଇ ଅନୁଭବ, ସବୁଠି ଭାଗ, ସବୁଠି ସ୍ୱତନ୍ତ୍ର । ଏହାର ପରିଣତିରେ ତମେ ପଙ୍ଗୁ, ଦୁର୍ବଳ, ଅସହାୟ, ଭୟକାତର, କ୍ଷମତାବିଳାସୀ ପାଲଟିଯାଇଛ । ତୁମେ ସ୍ୱର୍ଗକୁ ଯିବ, ସାଥିରେ ନେଇପାରିବ ଏ ଦେଶର ଦୁଃଖକୁ ? ନଦେଖି ନଶୁଣି ରହିପାରିବ ତାର

ସ୍ୱରକୁ, ଛବିକୁ ? ଆସ ସଙ୍କଳ୍ପ କର, ଯୁବଶକ୍ତିକୁ ଜାଗ୍ରତ କର, ବୁଦ୍ଧିଆ, ଶିକ୍ଷିତ ଗରିବଙ୍କୁ କ୍ଷମତାର ସୁଯୋଗ ଦିଅ, ଧର୍ମକୁ ଏକାଠି କରି ବଞ୍ଚିବା ବଢିବାର ବାଟ ତିଆରି କର । ତମେ ଜନ୍ମ ହୋଇଛ ସ୍ୱାଧୀନ ଭାରତରେ, ଯେମିତି ମହାନ ବିପ୍ଳବୀ, ମହାମାନବ, ମହାତ୍ମା ମହାଯୋଗୀ ଶ୍ରୀଅରବିନ୍ଦ ଜନ୍ମହୋଇଥିଲେ ଅଖଣ୍ଡ ଭାରତରେ । ଅଖଣ୍ଡ ଭାରତର ଶୁଭକାମନା କରିଛନ୍ତି, ସମ୍ଭାବନାର ଆଲୋକ ଦେଖାଇ ଆମଠାରୁ ବିଦାୟ ନେଇଛନ୍ତି, ତାଙ୍କରି ଜନ୍ମଲଗ୍ନରେ ଏ ଦେଶର ସ୍ୱାଧୀନତା ଆସିଛି, ଶ୍ରାବଣରେ । ପନ୍ଦର ଅଗଷ୍ଟ ଶୁଭଦିନ, ଶୁଭ ସଙ୍କଳ୍ପର ଦିନ, ସ୍ମୃତିଚାରଣର ଦିନ, ଅଖଣ୍ଡ ଭାରତର ନିର୍ମାଣ ପାଇଁ ନିଜକୁ ସମର୍ପଣ କରିବାର ଦିନ, ସେଇ ସୁଦିନର ସାକ୍ଷୀ ଶ୍ରାବଣୀ ।

■■



# ସାକ୍ଷୀ ଶ୍ରାବଣୀ

ଶ୍ରାବଣୀ ସହିତ ସାକ୍ଷାତ ହେବା ଦିନଠାରୁ ମୁଁ ନିଜକୁ ଭୁଲିବାକୁ ଆରମ୍ଭ କରିଛି । କେତେ ସୁନ୍ଦର ଏଇ ନାଁ, କୁହୁକ କନ୍ୟାପରି ମତେ କେମିତି କିମିଆ କରି ରଖିଛି । ତା' ଭିତରେ କିଛି ଯାଦୁ ଅଛି, ଯାହା ମୋର ଚେତନାକୁ ଆଚ୍ଛନ୍ନ କରି ରଖିଛି । ପରିଚିତ ପୃଥିବୀରେ ଅନେକ ଚିହ୍ନାମୁହଁକୁ ଅତିକ୍ରମ କରି ମୋ ଆଖିରେ ସେ ଯେମିତି ସ୍ଥିର ଚିତ୍ରଟିଏ ହୋଇଯାଇଛି । ଚିତ୍ର ପ୍ରତିମାଟିର ଆଖି ଦୁଇଟିରୁ ଦୁଇଧାର ଲୁହ ବୋହିଚାଲିଛି । ତା' ଦୁଃଖରେ ଦୟାର୍ଦ୍ର ହୃଦୟ ମୋର ଦଧୀଚି ପାଲଟିଯାଇଛି । ତା ସହିତ ପରିଚିତ ହେବା ପୂର୍ବରୁ ମୁଁ ଦୁଃଖ କଣ ଜାଣି ନଥିଲି, କାହା ଦୁଃଖରେ କେବେ ଭାଗ ବାଣ୍ଟିନଥିଲି । ପରିଚିତ ହେବା ପରେ ତାର ଦୁଃଖକୁ ବୋହିବାକୁ ମୋର ଏ ପାଗଳାମି । ଯୌବନରେ ଉଜ୍ଜ୍ୱଳ ଦିଶୁଥିବା ଯୁବକଟିଏ ମୁଁ । ଯୁବପିଢିର ଉଦୀୟମାନ ଉଲ୍‌କାଟିଏ । ଦୁଃଖର ପଥରକୁ ବୋହି ଯେ କେବେ ହସି ନାହିଁ, ତାର ଦୁଃଖକୁ ଫୁଲପରି ବୋହି ହସିବାକୁ ଏତେଶକ୍ତି ମୋର କେଉଁଠୁ ଆସିଲା ଜାଣିପାରୁ ନାହିଁ ? ଜୀବନସାରା ତାର ଦୁଃଖକୁ ବୋହିବାରେ, ପ୍ରତ୍ୟେକ ତରୁଣ ପ୍ରାଣରେ ବାଣ୍ଟିବାରେ ଯେ କି ଆନନ୍ଦ ତାହା ଅନୁଭବର କଥା । ତାର ଆଖିରୁ ଲୁହ ପୋଛିବାକୁ ଯାଇ ମୋର କୁନିକୁନି ପାପୁଲି ଦୁଇଟା ଓଦା ହୋଇଗଲାଣି, କୁନିକୁନି ଦୁଇଟା ପାଦତଳେ ଜମାଟ ବାନ୍ଧିଥିବା ଲୁହର ପାହାଡ ଭିତରେ ମୁଁ ପୋତି ହୋଇ ପଡିଲିଣି ତଥାପି ସେ କାନ୍ଦୁଛି କଇଁକଇଁ ହୋଇ । ଲୁହ ଛଳଛଳ ଆଖି ଦୁଇଟା ଭିତରେ ଏତେ ଲୁହ ଆସିଲା କେଉଁଠୁ ? ମୁଁ ବୁଝିପାରୁନଥିଲି ତା ଆଖିରେ ଭାରତ ମହାସାଗର କେମିତି ଲୁହ ପାଲଟୁଥିଲା ? ସେ ଲୁହରେ ହିମାଳୟର ହୃଦୟ କେମିତି ଜମାଟ ବାନ୍ଧୁଥିଲା ? ମୋର ମନେ ପଡୁଛି ପରିଚିତ ହେବା ଦିନ ତା ଆଖିରେ ଲୁହ ବୋହୁନଥିଲା, ତା' ଦୁଃଖର ପ୍ରତିଟି ପୃଷ୍ଠା ପଢି ଶୁଣାଉଥିଲାବେଳେ ମୁଁ ଅନୁଭବ କରୁଥିଲି ତାର ହୃଦୟରୁ ଲହୁ ଝରୁଛି, ହୃଦୟର ଲହୁରେ ଲାଲ୍ ଲାଲ୍ ଦିଶୁଛି ମାଟିଠୁ ଆକାଶ । ମତେ ଶୁଣେଇ ଶୁଣେଇ ସେ କହୁଥିଲା ଲୋହିତ ସଂଗ୍ରାମର ଅସମାପ୍ତ ଇତିହାସ । ଲହୁ ଲୁହାଣ ହୋଇ ଫାଶୀଖୁଣ୍ଟରେ ନୀଳ ପଡିଆସୁଥିବା ବୀର ଶହିଦ୍‌ର ମୁହଁ, ଲବଣାକ୍ତ, ଲାଲ ଦିଶୁଥିବା ପାଦତଳର ମାଟି, କେମିତି ମ୍ଲାନ ଦିଶୁଥିଲା, ମୌନ ସାକ୍ଷୀଟିଏ ପରି ଛିଡା ହୋଇଥିଲା ଶ୍ରାବଣୀ । ଯେଉଁଦିନ ଭାରତ ମାଆର ଛାତି ଉପରେ ଲୁହାର କିଳା ପିଟା ହେଉଥିଲା, ଭାଇ ଛାତିରେ ଭାଇ ଛୁରୀ ଭୁସୁଥିଲା, ଘରୁ ଭିଡିଆଣି ହଜାର

ହଜାର ସ୍ତ୍ରୀ ଲୋକଙ୍କୁ ଉଲଗ୍ନ କରି ଏକତ୍ର ଗଣଧର୍ଷଣ କରାଯାଉଥିଲା, ଛୋଟପିଲାଙ୍କ ଛାତିରେ ଖଣ୍ଡା ପୂରେଇ ଉପରକୁ ଟେକାଯାଉଥିଲା, ପୁରୁଷଲୋକମାନଙ୍କୁ ଏକାଠି କରି ମୁଣ୍ଡ କଟାଯାଉଥିଲା, ଟ୍ରେନ୍‌ରେ, ବସ୍‌ରେ, ବସ୍ତିରେ, ରାସ୍ତାଘାଟରେ ଦେଖିଲାମାତ୍ରେ ଗୁଳିକରି ହତ୍ୟା କରାଯାଉଥିଲା, ସଂଖ୍ୟାଲଘୁ ହିନ୍ଦୁ ମୁସଲମାନମାନଙ୍କ ସମ୍ପତ୍ତି ଲୁଟ କରାଯାଉଥିଲା, ନିଆଁ ଲଗାଇ ଜିଅନ୍ତା ପୋଡି ଦିଆଯାଉଥିଲା, ଅସହାୟଭାବେ ହଜାର ହଜାର ଶିଶୁ, ବୃଦ୍ଧ, ମହିଳା ସମସ୍ତେ ମରୁଥିଲେ କ୍ଷମତାଲୋଭୀ ରାକ୍ଷସ ମାନଙ୍କ ହାତରେ । କ୍ଷମତା ଦଲାଲମାନଙ୍କର ଅଦୃଶ୍ୟ ହାତର ଛୁରି ଘୂରି ବୁଲୁଥିଲା ତମାମ୍ ଭାରତବର୍ଷ ସାରା । ଆବାଳ ବୃଦ୍ଧ ବନିତା କେହି ବାଦ୍ ପଡିନଥିଲେ ବର୍ବରମାନଙ୍କର ଚକ୍ରବ୍ୟୂହ ଭିତରୁ । ଦୀର୍ଘଦିନ ଧରି ନାରକୀୟ ଲୀଳା ଚାଲିଥିଲା ସଂଖ୍ୟାଲଘୁମାନଙ୍କ ରକ୍ତଶୋଷଣ କରିବାପାଇଁ । ଆତଙ୍କିତ ହୋଇ କୋଟି କୋଟି ଭାରତୀୟ କାନ ଡେରୁଥିଲେ ରେଡିଓକୁ । ଦେଶ ସ୍ୱାଧୀନ ହେବାକୁ କେତେ ଡେରି ? ସ୍ୱାଧୀନ ହେବା ପୂର୍ବରୁ ସେମାନଙ୍କୁ ଶୁଣେଇ ଦିଆଗଲା ଦେଶ ଭାଗ ଭାଗ ହୋଇଗଲା । ଯେଉଁ ଭିଟାମାଟିରେ ସେମାନେ ପୁରୁଷ ପୁରୁଷ ହେଲା ରହି ଆସୁଥିଲେ, ତାକୁ ଛାଡିବାକୁ ସମୟ ନଥିଲା, ସୁରକ୍ଷା ବ୍ୟବସ୍ଥା ନଥିଲା । ଯେଉଁ ଦେଶର ସ୍ୱାଧୀନତା ପାଇଁ ବିଦେଶୀମାନଙ୍କ ସହିତ ସେମାନେ ପୁରୁଷ ପୁରୁଷ ଲଢିଥିଲେ ସେଇମାନେ ଭାଗଭାଗ ହୋଇଗଲେ । କ୍ଷଣିକ ଭିତରେ ଶତ୍ରୁ ପାଲଟିଗଲେ, ସଇତାନ ପାଲଟିଗଲେ, ଖୁନୀ ପାଲଟିଗଲେ, ଦୁଇଦୁଇଟା ସ୍ୱାଧୀନ ପତାକା ଉଡାଉଥିଲେ ଦିଲ୍ଲୀରେ, କରାଚୀରେ, ମଧ୍ୟରାତ୍ରୀରେ, ସ୍ୱପ୍ନର ରଙ୍ଗ ବୁଣୁଥିଲେ ଲଣ୍ଡନର ନୀଳ ଆଖିରେ । ଉଚିତ୍ ଅଭିମାନରେ ଜୟଗାନ କରୁଥିଲେ ମାଲିକର ମଙ୍ଗଳ ହେଉ ଯେତେ ଦୂରରେ ଥାଆନ୍ତୁ, ଯେଉଁଠି ଥାଆନ୍ତୁ ସେମାନେ ଆମ ସ୍ୱାଧୀନତାର ମାଲିକ, ଦୁଃଖ ଦୁର୍ଭାଗ୍ୟର ସାକ୍ଷୀ, ଆମ ଧର୍ମ ବିଶ୍ୱାସର ସାକ୍ଷୀ ଯେଉଁମାନେ ଏ ଦେଶର ବଣଜଙ୍ଗଲରେ ଧର୍ମ ଦୀକ୍ଷା ଦେଇଥିଲେ ଅର୍ଥ ଔଷଧ ଚାଉଳ ବଦଳରେ । ଯୁଗଧର୍ମ କେବେ ବୁଝିବେ ଏ ଦେଶବାସୀ ? ଧନ୍ୟ ଆମର ପୂର୍ବଜ ଯେଉଁମାନେ ଜୀବଦ୍ଦଶାରେ ଦୁଇଟି ଧର୍ମକୁ ପାଳନ କରିଥିଲେ । ବହୁଧର୍ମ ପାଳନ ପାପ ନୁହେଁ ।

ସେଇ ଲୋମହର୍ଷଣକାରୀ ନାରକୀୟ ଦୃଶ୍ୟର ସାକ୍ଷୀ ଶ୍ରାବଣୀ । ସବୁବର୍ଷ ପରି ଏ ବର୍ଷ ସେ ଛିଡା ହୋଇଥିଲା ପଛ ଧାଡିରେ, ସ୍ୱାଧୀନତା ଦିବସର ଉତ୍ସବ ଦେଖିବାପାଇଁ । ସେ ଆଶ୍ଚର୍ଯ୍ୟ ହେଉଥିଲା, ସମସ୍ତଙ୍କ କଣ୍ଠରେ ଅସୁମାରୀ ସ୍ୱପ୍ନର ସଙ୍କେତ, ସୁଜଳା-ସୁଫଳା ସୁନାର ଭାରତବର୍ଷର ରମଣୀୟ ଚିତ୍ର । କେହି ଯେମିତି କରୁଣ ବାସ୍ତବତାକୁ ବିଶ୍ୱାସ କରୁନଥିଲେ । ଅଶ୍ରୁମଥିତ, ଅତୀତର ଅତୃପ୍ତ ଆତ୍ମା ପ୍ରତି କାହାର ସମବେଦନା ନଥିଲା । ସ୍ୱଦେଶୀ ଶାସନର ସୌଭାଗ୍ୟ ପାଇଁ ନିଜକୁ ଗର୍ବିତ ଗୌରବାନ୍ୱିତ ମନେ କରୁଥିଲେ ବକ୍ତାଠାରୁ, ଶ୍ରୋତାଯାଏ । ଜାତୀୟ ସମ୍ପତ୍ତିକୁ ଅନାୟାସରେ ଲୁଟିବାର ଲାଳସା ଯେମିତି ବ୍ୟାସାର୍ଦ୍ଧ ଭଳି ଛୁଉଁଥିଲା ଭାରତବର୍ଷର ପାଦଠୁ ପଣତ । ଆଇନର ହାତଗୋଡ ଯେତିକି ଅଚଳ ହୋଇପଡୁଥିଲା ସେତିକି ମାଡି ମାଡି ପଡୁଥିଲା ଅନ୍ଧକାର । ଅଥଚ ଅସହାୟ ମଣିଷର ଆର୍ତ୍ତନାଦ କାହାର କର୍ଣ୍ଣଗୁହାରେ ପ୍ରବେଶ କରୁନଥିଲା । ଆତଙ୍କରାଜ, ଗୁଣ୍ଡାରାଜ ଭିତରେ କେମିତି ଆତଙ୍କିତ ହୋଇ ବଞ୍ଚିଛନ୍ତି ଏ ଦେଶର ଲୋକେ । ଯୋରଯାର ମୁଲକ ତାର, ନୀତିରେ ସାଧାରଣ ମଣିଷର ସ୍ୱାଧୀନ ଅଧିକାର ଯେମିତି ଜଖମ ହୋଇଯାଇଛି ଜଖମ୍ । ତାର ପାଟିରେ ଅଦୃଶ୍ୟ ହାତର ପଟି । ଆଃ, ତା ଛାତି ଭିତରେ କିଏ ହାତପୂରେଇ କାଟି ନେଉଛି ତାର



କଳିଜା, ତା'ର ହୃଦୟ, ସେ ଚିତ୍କାର କରିପାରୁନି । ପଥର ପାଲଟି ଯାଉଛି । ତାର ମୁହଁରେ ଆତଙ୍କରାଜର ଅନ୍ଧାରକୁ କେହି ଦେଖୁନଥିଲେ ।

ଭାଗଭାଗ ହେବା ଦିନଠାରୁ ସୀମା ସେପାଖର ମାଟି, ମଣିଷ, ଆକାଶ, ଶାସନ, ସଂସ୍କୃତି ସବୁ ଯେମିତି ଶତ୍ରୁ ପାଲଟି ଯାଇଛି ସବୁଦିନପାଇଁ । କେହି କହୁନାହିଁ ସୀମା ସେପାଖର ମାଟି ଆମର, ଆକାଶ ଆମର, ମଣିଷ ଆମର, ଆମ ପୂର୍ବପୁରୁଷଙ୍କର ସମ୍ପତ୍ତି, ସମସ୍ତେ ଯେମିତି ପାଶୋରି ଦେଇଛନ୍ତି, ସ୍ୱପ୍ନ ବିଭୋର ହୋଇ, କର୍ମ ବିମୁଖ ହୋଇ । ଶତ୍ରୁ କଣ ଭୁଲିଯାଏ ତାର ପୂର୍ବ ପରିଚୟ ? ତା'ର ପୂର୍ବପୁରୁଷକୁ ? ପୂର୍ବପୁରୁଷର ଗୌରବମୟ ଇତିହାସକୁ, ଧର୍ମକୁ, ବିଶ୍ୱାସକୁ ? ହରେଇଦିଏ ପୂର୍ବଜନଙ୍କ ସମ୍ପତ୍ତିକୁ, ମାଟି ମଣିଷ ଆକାଶ ଉପରେ ଅଧିକାରକୁ ? ଏମିତି ଶତ୍ରୁ କାହିଁ ପୃଥିବୀରେ ? ଯିଏ ହଜେଇଦେବ ତା ପୂର୍ବଜଙ୍କ ଅଧିକାର ? ଜନ୍ମଜନ୍ମର ଅଧିକାର ? ବାସ୍ତବ ଭାରତବର୍ଷର ବିକଳଚିତ୍ର କେବେ ଆଙ୍କିବ ଏ ଦେଶର ଶିଳ୍ପୀ ଶବ୍ଦରେ ? ଶିଳାରେ, ତୂଳୀରେ, ରଙ୍ଗରେ ? ଶ୍ରାବଣୀ ଅପେକ୍ଷା କରିଛି କେବେ ବିଚାର କରିବାର ବେଳ ଆସିବ ? ଯେଉଁମାନେ ଏ ଦେଶକୁ ଲହୁଲୁହାଣ କରିଥିଲେ, ଏବେ ଲୁଟି ଚାଲିଛନ୍ତି ନିର୍ଭୟରେ, ସେମାନଙ୍କର ବିଚାର କେବେ ହେବ ?

ସେ ବଞ୍ଚିଛି, ବଞ୍ଚିଥିବ । ଗୁଳିଗୋଳାକୁ ତାର ଖାତିର ନାହିଁ । ସୀମାନ୍ତରେ ସବୁଦିନେ ଉଭୟପଟରୁ ଗୁଳି ଫୁଟୁଛି । ସମସ୍ତେ ତାକୁ ହତ୍ୟାକରିବାକୁ ତତ୍ପର । ତଥାପି ସେ କହି ବୁଲୁଛି ଇତିହାସ ବଞ୍ଚିଥିବା ଯାଏ ସେ ବଞ୍ଚିଥିବ, ଭାରତମାଆର ଛାତିରୁ ଯେଉଁଦିନ ଲୁହାର କୀଳା ଓପଡାଯିବ, ସେଦିନ ସେ ମୁହଁ ଖୋଲିବ... । ସେଦିନର ପ୍ରତୀକ୍ଷାରେ କେଶ ମୁକୁଳା ଦ୍ରୌପଦୀ ଭଳି ନୂପୁର ଛିଡାଇ ନୁଖୁରା ଶ୍ରାବଣୀ ଏବେବି ଛିଡା ହେଇଛି ଫାଶିଖୁଣ୍ଟ ପାଖରେ ଯେଉଁଠି ଦୁଇଟା ସ୍ୱାଧୀନ ପତାକା ମା'ର ପଣତ କଟା ପତାକା ଫରଫର ହୋଇ ଉଡୁଛି । ସ୍ୱାଧୀନତା ଉତ୍ସବଶେଷରେ ମୁଁ ଫେରୁଥିଲି ଧାରାଶ୍ରାବଣର ବର୍ଷା ଧାରାରେ ଭିଜିଭିଜି । ଭିଡଭିତରେ ଶ୍ରାବଣୀ ଅଦୃଶ୍ୟ ହୋଇଯାଇଥିଲା । ମତେ ଅସହ୍ୟ ଲାଗୁଥିଲା ପ୍ରତୀକ୍ଷିତ ସକାଳର ପ୍ରାଦଶବ୍ଦ ।

■■

# ମିଳନର ମଧୁସ୍ମୃତି ୱାଘା

ଧନ୍ୟ, ମିଳନ ଓ ବିଦାୟର ସେଇ ହୃଦୟ ଥରା ଅନୁଭବକୁ, ଅଶ୍ରୁକୁ ମୁଁ ଧରିରଖିଛି । ପ୍ରଣାମ ୱାଘା, ପ୍ରଣାମ, ତୋର ସ୍ପର୍ଶକୁ, ଅଶ୍ରୁରେ ଆଉଟୁପାଉଟୁ ହେଉଥିବା ତୋର ଆଖିକୁ । ସୀମାନ୍ତର ଦୁଇପଟେ ଏ ଦେଶର ମାଟି, ମଣିଷ, ଆକାଶକୁ ପ୍ରାଣଭରି ଭଲପାଉଥିବା ପ୍ରିୟଜନଙ୍କର ଭିଡ । କେତେ ଡେରି ସେ ସାୟାହ୍ନ ? ମିଳନ ପ୍ରତୀକ୍ଷାରେ ବ୍ୟାକୁଳ ହୃଦୟର ମୂର୍ଚ୍ଛନା ଆଉଟୁପାଉଟୁ କରିଦେଉଛି ଆଖି, ଓଠ, ଆଙ୍ଗୁଠିସବୁ । ସୂର୍ଯ୍ୟ ନଇଁଲେ । ମା'ର ପଣତ କଟା ପତାକା ଉଠିଲା ମାଟିରୁ ଆକାଶକୁ । ଦିବସ ଶେଷରେ ସେ ଦେଖିବ ତାର ହାତଗଢା ମାଂସର କଳିକା ପୁତ୍ରକନ୍ୟା ମାନଙ୍କୁ ତା'ର କୋଳରେ ମରିଶୋଇଥିବା ପୁଅକୁ, ତାର ହିସାବ କରିବ । ଧର୍ମର ଧାରୁଆ ଛୁରୀରେ, ଅବ୍ୟର୍ଥ ଗୁଳିରେ, ଘାତକ ବୋମାରେ, କେତେ କଷ୍ଟରେ ମରିଛି ତା ପୁଅ, ତା ଝିଅ । କିଏ ମରିପଡିଛି ଶୈଶବରେ ସୂର୍ଯ୍ୟୋଦୟ ପୂର୍ବରୁ ? କିଏ କୈଶୋରରେ ସୁବର୍ଣ୍ଣ ସକାଳପୂର୍ବରୁ ? କିଏ ଯୌବନରେ ମିଳନର ମଧୁସ୍ନାନ ପୂର୍ବରୁ ? କିଏ ଜୀବନର ମହାଯାତ୍ରା ପୂର୍ବରୁ ଶୋଇଛି ଯେ, ଶୋଇଛି ଆଉ ଉଠିବେ ନାହିଁ ? ସେ ଜାଣିଛି ସେ ଆଉ ଉଠିବ ନାହିଁ, ଭାଗ୍ୟକୁ ଦୋଷ ଦେଇ ଲାଭ କଣ ? ଭାଗ୍ୟ କଣ ବୁଝିପାରିବ ତାର କଲିଜାକଟା ଦୁଃଖକୁ ? ଭାଗ୍ୟ କଣ ସିଲେଇ କରିଦେବ ତାର କଟା ପଣତକୁ, ଫଟା ଶାଢୀକୁ ? କେମିତି କହିବ ସେ ? କାହାକୁ କହିବ ? କା' ଆଗେ କହିବ ? ତାର ପୁଅମାନେ କାଟିଦେଇଛନ୍ତି ତାର ପଣତ । ଫାଡି ଦେଇଛନ୍ତି ତାର ଶାଢୀକୁ, ଯେଉଁ ଶାଢୀରେ ସେମାନଙ୍କୁ ଘୋଡେଇ ପୋଡେଇ ଥନ ଚିପୁଡି କ୍ଷୀର ଦେଇଛି, ତାହାକୁ ଆଡକରି ଛାଇ କରିଛି, ତା ଆଖିରୁ ଲୁହକୁ ପୋଛି ଦେଇଛି, ତା' ପିଲାର ମଙ୍ଗଳ କାମନା କରିଛି । ବଢିଲା ପିଲାଏ, ତାଙ୍କ ସଂସାରରେ ମାତିଛନ୍ତି । ବୁଢୀ ମା'ଟା ପ୍ରତି ତାଙ୍କର ସମୟ କାହିଁ ? କିଏ କେବେ କହିଛି ମା', ମୁଁ ବହୁତ ପାଠ ପଢିଛି, ବଡ ଚାକିରି କରିଛି । ବହୁତ ଧନ, ଜ୍ଞାନ, କ୍ଷମତା ପାଇଛି, ତୋର କଲ୍ୟାଣରେ, କହ ? ମୁଁ ତୋର କଣ ସେବା କରିପାରିବି ? ମୋ ଖୁସିରେ ତୁ ଏତେ ଖୁସି ? ତୋ ହୃଦୟରେ କିଛି ଦୁଃଖ ନାହିଁ ତ ? ତୁ କେବେ କହିବୁ ତୋ ଦୁଃଖ ? କହ ତୋର ଯଦି କିଛି ଦୁଃଖ ଅଛି କହ ମା ? ମୁଁ ନିଶ୍ଚୟ ପାରିବି । ମୋ ପୁଅ କହିଲା ସୁନାର କଣ୍ଢେଇ ଆଣି ଦେଇଦେଇଛି, ମୋ ଝିଅ କାନ୍ଦିଲା ମୁଁ ରୁ ପାର ଚାନ୍ଦ ଗଢି ଦେଇଛି ? ସ୍ତ୍ରୀ କହିଲା, ଲଣ୍ଡନ ବୁଲେଇ ନେଇଛି ?



ତୋ କଥା କାହିଁ କେହି କେବେ କହିନି ? ତୋ ପାଇଁ ମୋର ସମୟ କାହିଁ ? ମୁଁ କହୁନାହିଁ ମୁଁ ଭୁଲିଯାଇଛି ତତେ ? ମୁଁ ତତେ ପଚାରିପାରିନି ? ମୋ ଜୀବନକୁ ଛଡେଇ ନେଇଛନ୍ତି ସ୍ତ୍ରୀ, ପିଲାମାନେ । ଟିଭି ଦେଖା, କ୍ରିକେଟ୍, ଚାକିରି ବ୍ୟବସାୟ, ସ୍ତ୍ରୀର ମାର୍କେଟିଙ୍ଗ ଓ ସିନେମା, ପିଲାଙ୍କର ଟିଉସନ୍, ଟିଫିନ୍, ସ୍କୁଲ, ପାଠପଢା, ଭବିଷ୍ୟତ ଚିନ୍ତା ଭିତରେ ମୋର ସମୟ କାହିଁ ? ମୋ କଥା ଭାବିବାକୁ ? ତୋ କଥା ମନେ ପଡିଛି । ଅପସରି ଯାଇଛି । ମନରେ ସବୁ ମୋର ଅଛି ତଥାପି ଅସହାୟ । ଖାଲି ଭଲ ଖାଇବି, ନାଁଇବି, ପିନ୍ଧିବି, ବୁଲିବି । ଆମର ମୃତ୍ୟୁକୁ ଭୟ ନାହିଁ ମା' । ଜୀବନବୀମା କରିଛି । ଦୁର୍ଘଟଣାକୁ ଭୟ ନାହିଁ ମା' । ବ୍ୟାଙ୍କବାଲାନ୍ସ କରିଛି । ସେମାନଙ୍କ ଭବିଷ୍ୟତ ଚିନ୍ତାରେ ବଞ୍ଚିଛି ମତେ ସମୟ ଅଭାବ । ହଁ ପଚାରିବି ତତେ ? ଆଜି ପଚାରୁଛି କହ ତୋର କିଛି ଦୁଃଖ ନାହିଁ ତ ? ଦେଢଶହ କୋଟି ପିଲାର ମା' ତୁ ! ତୋର ଦୁଃଖରେ ମୁଁ ନିଶ୍ଚୟ କାନ୍ଦି ପାରିବି ? ମୁଁ ତୋର ସ୍ତନ ଭାଙ୍ଗି କ୍ଷୀର ଖାଇଛି ? ମୁଁ କାନ୍ଦିପାରିବି ? ମୁଁ ପରା ତୋର ପୁଅ ? ତୁ ମତେ କୋଳେଇ କାଖେଇ ମଣିଷ କରିଛୁ ? କହ ତୋର ଦୁଃଖ କଣ ମା ? ତୁ କିଛି କହୁନୁ କାହିଁକି ? ତୁ କହିଲୁ ଏ ଫଟା ଶାଢୀ କାହିଁକି ପିନ୍ଧିଛୁ ? ମୋର ଅଭାବ କଣ ଅଛି ? ମୋ ପାଖରେ ଅକଳନ ଧନ, ବିଲିୟନ ବିଲିୟନ ଡଲାର । ମା' ତୁ ଏତେ ପାଠ ପଢିନୁ, ଗଣିପାରିବୁ ଆଙ୍ଗୁଠିରେ । ମୁଁ ଗଣିଦେବି ଆଙ୍ଗୁଠିରେ କମ୍ପ୍ୟୁଟର କହିଦେବ କେତେ ଟଙ୍କା ଅଛି ? ପିଲାଦିନେ ପଚାରୁଥିଲି କାହିଁକି ଏ ଫଟା ଶାଢୀ ପିନ୍ଧିଛୁ ? କିଛି କହୁନଥିଲୁ । ଭାବୁଥିଲି ଆମେ ଗରିବ ଅଛୁ । ମା' ସେଇଟା ଚୁପ୍‌ଚାପ୍ ପିନ୍ଧୁଛି ? ତୋତେ ପଚାରିଲେ ତୁ ଚୁପ୍‌ଥିଲୁ । ମୁଁ ପଚାରି ପଚାରି ଚୁପ୍ ହୋଇଯାଇଥିଲି । ଆଜି ଦେଖୁଛୁ ମୋ ପାଖରେ ଏତେ ଧନ, ସମ୍ମାନ । ତୁ କାହିଁକି ସେଇ ଚିରାଫଟା ପୁରୁଣା ଶାଢୀଟା ପିନ୍ଧିଛୁ ? ମତେ ବଡ ଲାଜ ଲାଗୁଛି, ସେ ଫଟା ଫଡା ଶାଢୀଟା ଦେଖି । ପୁଅ ପାଠ ପଢୁଛି, କହୁଛି ଆମେରିକା ଯିବ, ତୋର କ୍ଲୋନିଂ କରିବ ? ଝିଅ କହୁଛି ସେ ଭଲ ପଢୁଛି ସ୍ପେଶ ଟେକ୍ନୋକ୍ରାଟ ହେବ । ମହାକାଶକୁ ଯିବ, ଗ୍ରହ ନକ୍ଷତ୍ରରେ ଜୀବନର ସନ୍ଧାନ କରିବ ? ତୋ'ପରି ମା ଯଦି କେଉଁ ଗ୍ରହରେ ମିଳିଯା'ନ୍ତି ତାକୁ ନେଇଆସିବ । ତୋ ସାଥିରେ ପାନ ଖାଇବ ଗପସପ କରିବ । ସେ ଏ ଚିରା ଶାଢୀଟା ଦେଖିଲେ କଣ କହିବ ? ପୁଅ କହୁଥିଲା ତାକୁ ଲାଜ ଲାଗୁଛି ବିଦେଶରେ ସେ କେମିତି ତୋ ଫଟା ଶାଢୀପିନ୍ଧା ଫଟୋ ଦେଖାଇବ ତାର ସାଙ୍ଗସାଥୀ ମାନଙ୍କୁ ।

ମା : ବାପରେ ତୋ ଝିଅ ରାଇଜରେ ରାଣୀହେଉ, ତୋ ପୁଅ ଜଗତଜିତା ହେଉ । ମୋ ଦେହର କ୍ଲୋନିଂ କରିବ । ଡରଲାଗୁଛି ମୋ ଦୁଃଖର କ୍ଲୋନିଂ କରିବନି ତ ? କ୍ଲୋନିଂ କଥା ଶୁଣି କେମିତି କହିବି ମୋ ଦୁଃଖକୁ ?

ପୁଅ : ମା' ଦେହର କ୍ଲୋନିଂ ହୁଏ ! ଦୁଃଖର କ୍ଲୋନିଂ ନୁହେଁ ।

ମା : ନା, ନା, ତତେ ମୋର କୋଉ ବଳଅଛି ? ତୋ ପୁଅକୁ କେଉଁ ବିଶ୍ୱାସ ଅଛି ମୋର ଦୁଃଖକୁ କ୍ଲୋନିଂ କରିବନି ?

ପୁଅ : ନା, ମା' ତୋ ଦେହକୁ କ୍ଲୋନିଂ କରିବ ।

ମା : ସେଇ ଦେହରେ ଦୁଃଖ ଅଛି !

ପୁଅ : ହଁ, ମା' ! ପୁଅକୁ ଅସମ୍ଭବ ଲାଗୁନଥିଲା, ଦୁଃଖର କ୍ଲୋନିଂ । ସେ ଚୁପ୍ ରହିଲା,

ଆଉ ପଚାରିଲା ନାହିଁ ତୋର ଦୁଃଖ କଣ ଅଛି ?

ମା : ଝିଅକୁ କହିବୁ ଗ୍ରହନକ୍ଷତ୍ର ବୁଲିଦେଖିବ ମଣିଷକୁ, ଦେବତାକୁ । ମୋପରି ବୁଢୀଟେ ମିଳିଲେ ତା ସାଥିରେ ନେଇଆସିବ ? ଅନେକ ବୁଢୀ ମିଳିବେ । ସେମାନଙ୍କ ଭିତରୁ ମୋପରି ଫଟାଶାଢୀ ପିନ୍ଧିଥିବା ଗୋଟିଏ ବୁଢୀ ବାଛି ଆଣିବ । ସେ ବୁଝିପାରିବ ମୋ ଦୁଃଖ । ମୁଁ ଭାବୁଥିଲି ଏ ପୃଥିବୀରେ ଫଟାଶାଢୀ ପିନ୍ଧା ମା'ବୁଢୀ ମୁଁ ଏକା, ଏକା ହୋଇଛି । ଏବେ ଭାବୁଛି,ଏ ଗ୍ରହ ନକ୍ଷତ୍ର ଗହଣରେ, ତାରାମଣ୍ଡଳରେ, ଜହ୍ନରାଇଜରେ ଫଟାଶାଢୀ ପିନ୍ଧା ମା'ବୁଢୀ ମୁଁ ଏକା । କହ ଏମିତି କିଏ ଅଛି ? ତୋପରି ପୁଅ, ନାତି ଥାଉ ଥାଉ ?ଦେଢଶହ - ଶହେ ପଚାଶ କୋଟି ?

ପୁଅ : (ଆଉ ସମ୍ଭାଳିପାରିଲାନି) ମା' ! ଆଉ କୁହନା ମା' କୁହନା କହି କାନ୍ଦିଥିଲି ଉଚ୍ଛନ୍ନ ହୋଇ । ନା ସେ କେବେ ବି ପଚାରିବିନି ମା'ର ଦୁଃଖ କଣ ଅଛି ? ମୋ ପିଲାମାନେ ନ ଜାଣନ୍ତୁ ଯେ ତୋର ସେ ଦୁଃଖ କଣ ? ତାଙ୍କୁ ମୋର କେଉଁ ବଳଅଛି ? କିଏ ଜାଣେ ଜାଣିଲେ କ୍ଲୋନିଂ ନ କରିବେ ? ଝିଅ କଣ ନଭାବିବ ? ଯେବେ ଜାଣିବ ଗ୍ରହ ଗ୍ରହାନ୍ତରେ ଘୂରିଘୂରି ଏମିତି ଫଟା ଶାଢୀ ପିନ୍ଧା ମା'ଟେ ସେ ପାଇଲାନି । କଣ କହିବ ସେ ? ତାର ମିଶନ୍ ବିଫଳ ହୋଇଛି । ନା ସେ ମହାକାଶରୁ ଫେରିଆସିଛି ? ସେ ଯଦି କାନ୍ଦିବ ? ବାପା ମୁଁ ଆମ ମା'ଭଳି ମା ପାଇଲିନି ? କଣ କହି ବୁଝେଇବି ? ମା',‘ମା'କଣ ଆଉ ଗୋଟାଏ ଥାଏ ? ହୃଦୟଥରା ଲୁହରେ ସେ ଫାଟି ପଡୁଥିଲେ । ଆଉ କେଉଁ ବ୍ରହ୍ମାଣ୍ଡରେ ଯେ ତୁ ଖୋଜିବୁ । ମା'ର ହାତଗଢା ମଣିଷ ସେ ? ଚାଣ୍ଡାଲୁଣୀ ?

ମା' ମତେ କ୍ଷମା କର । ମତେ କ୍ଷମାକର । ଆଉ କେବେ ବି କହିବିନି ତୋର କଣ ଦୁଃଖ ଅଛି ମା ?

ଘଣ୍ଟା ବାଜିଲା । ଠିକ୍ ସାୟାହ୍ନର ଶେଷସ୍ପର୍ଶ ସେ ଘଣ୍ଟାରେ । ବିକଟାଳ ଶବ୍ଦକରି ବିରାଟ ଲୁହାର କବାଟ ଖୋଲିଗଲା । ଅସୀମ ଆନନ୍ଦରେ, ପରମ ଆଗ୍ରହରେ ଦୁଇ ସୀମାନ୍ତର ସ୍ନେହ କାଙ୍ଗାଳ ପୁତ୍ର କନ୍ୟା, ଯୁବକ ବୁଢା ,ସେନା ସେବକ ପରସ୍ପର ହାତ ମିଳାଇଲେ । ଗଳା ଲଗାଇଲେ । କିଏ ଚୁମ୍ବନ ଦେଲା, କିଏ କାନ୍ଦି ପକେଇଲା, ଯେମିତି ବହୁ ପ୍ରତୀକ୍ଷିତ ମିଳନର ମୁହୂର୍ତ୍ତ ଏ, ଲୁହା ଫାଟକର ବନ୍ଦୀଶାଳାରୁ ମୁକ୍ତିର ମୁହୂର୍ତ୍ତ ଏ । ଲୁହ, କୋହ, ସ୍ନେହ, ପ୍ରେମରେ ବତୁରିଯାଇଥିଲା ହୃଦୟ, ଉଛୁଳି ପଡୁଥିଲା ଅଶ୍ରୁ, ପରସ୍ପରକୁ ଆଲିଙ୍ଗନ କରିବାର ଅପୂର୍ବ ଅନୁଭବ, ଜଡାଇ ଧରିବାର ଅପୂର୍ବ ସ୍ପର୍ଶ । ସେଇ ସମୟରେ ସମସ୍ତେ ଭୁଲିଯାଇଥିଲେ ସେମାନଙ୍କର ତେଲ, ଲୁଣର ସଂସାରକୁ, ଟି.ଭି.କୁ, କ୍ରିକେଟକୁ, ପୁତ୍ର, ପତ୍ନୀକୁ, ତାଙ୍କର ଦାବିକୁ, ଦୁଃଖକୁ, ଅନିଶ୍ଚିତତାକୁ ।

ସେମାନେ ସମସ୍ତେ ଏକାକାର ହୋଇଯାଇଥିଲେ ପରମ ଆତ୍ମୀୟ ଭଳି, ପରମ ପ୍ରୀତିର ପରମ ସଂଯୋଗ ଭଳି । ସେମାନଙ୍କୁ ଯେମିତି ପୃଥିବୀର କୌଣସି ଶକ୍ତି, ରାଷ୍ଟ୍ରର ହାତଗଢା ନୀତି ତାଙ୍କୁ ଅଟକାଇ ପାରିନଥିଲା ଏକାଠି ହେବାରୁ । ବର୍ଲିନ ପାଚେରି ଡେଇଁପଡିଥିଲେ ଯେମିତି ସେମାନେ ପରସ୍ପରର କୋଳକୁ, ଗୁଳିଗୋଳାକୁ ଖାତିର ନ କରି, କେବେ ଶବହୋଇ, କେବେ ଶହିଦ୍ ହୋଇ, କେବେ ଶରୀର ନେଇ । ବିଶ୍ୱାସ ଲାଗୁନଥିଲା ଏମିତି ଏକାଠି ହେବାକୁ । ଲାଗୁଥିଲା ଯେମିତି ଆମେ ଯୁଗଯୁଗ ଧରି ବଞ୍ଚିଥିଲୁ ଏକାଠି । ବଞ୍ଚିପାରିବୁ ଏକାଠି । ତେବେ ଏ



ବାଡବତା ପାଚେରି ଉଠିଛି କାହିଁକି ? କିଏ ବସେଇଛି ଏ ପାଚେରି ? ଏଇ ପାଚେରି ବସାଇବାକୁ ତ ଆମେ ଇଂରେଜ ବିରୁଦ୍ଧରେ ଲଢେଇ କରିନଥିଲୁ । ଆମେ ନିରକ୍ଷର ଗ୍ରାମବାସୀ, ଆମର ଶକ୍ତି କେତେ ? ଆମକୁ ଖୋଜିଲେ ଗାନ୍ଧୀ ମାହାତ୍ମା, ସୀମାନ୍ତ ଗାନ୍ଧୀ, ଆସ, ଯୋଗଦିଅ ଇଂରେଜ ବିରୁଦ୍ଧରେ ଦେଶ ସ୍ୱାଧୀନ ହେବ । ତୁମେମାନେ ଭଲରେ ରହିବ । ତୁମ ପିଲାମାନେ ଭଲରେ ରହିବେ ? କିନ୍ତୁ କେହି'ତ କହି ନଥିଲେ ପାଚେରି କଥା ? ଆମକୁ ନକହି ପାଚେରି ପକାଇବାର ଅଧିକାର ଦେଲା କିଏ ? ତାଙ୍କର ଏ ଅଧିକାର ଆସିଲା କେଉଁଠୁ ? ସେମାନେ କିଏ ? ସେମାନେ ସ୍ୱାଧୀନତା ଆଣିନଥିଲେ ? ସେମାନେ ଏତେପାଠ ପଢିଥିଲେ, ଲଢେଇ ଜାଣିନଥିଲେ ? ଇଂରେଜ ବିରୁଦ୍ଧରେ ଜିତିବାକୁ ତାଙ୍କର ବଳନଥିଲା ? ପଛୁଆ ପୁଅର ବଳ କେତେ ? ଯିଏ ମାଟି ସାଥିରେ ମିଶି ମାଟି ନ ହୋଇଛି, ପଥର ସାଥିରେ ପଥରହୋଇ କଥା ନହୋଇଛି, ପବନ ସାଥିରେ ଗୀତ ନଗାଇଛି, ପାଣି କାଦୁଅକୁ ଖାତିର ନକରିଛି, ଯିଏ ଠେଙ୍ଗାଧରି ଜାଣିନି, ଭୂତ ସାଥିରେ ପାଣି ବୋହିନି, ବାଗୁଡୁଗୁଡୁ ଖେଳିନି, ଘଉଡେଇ ଦେଇନି, ଅନ୍ଧାରେ ବାଟଚାଲି ଶିଖିନି, ଡାହାଣୀ ଚିରିଗୁଣୀ ଦେଖିନି, ଦୁଃଖରେ ବଞ୍ଚିଶିଖିନି, ଯିଏ ମାଡଖାଇ ପଡିଶାର ମଡା ଉଠେଇନି, ସବୁଦୁଃଖକୁ ପଛକରି, ତତଲା ଲୁହକୁ ପୋଛିକରି, ତାର ବଳ କାହିଁ ? ବଳ କେଉଁଠୁ ଆସିବ ? ସେ ବଳ ଆମ ବାହୁର ବଳ, ଦେହର ବଳ, ଗାଁର ବଳ, ନଇ, ପାହାଡର ବଳ, ବଣ ଜଙ୍ଗଲର ବଳ, ଠେଙ୍ଗାପାହାରର ବଳ, ଧନୁତୀରର ବଳ, ଧର୍ମଦେବତାର ବଳ, ମାଟି ଆକାଶର ବଳ, ସରଳ ବିଶ୍ୱାସର ବଳ, ଭାଇଭାଇର ବଳ, ଘର ତୋଳିବାର ବଳ, ବଢିପାଣିରେ ବନ୍ଧ ବନ୍ଧେଇବାର ବଳ, ଘରପୋଡି ରେ ନିଆଁ ଲିଭେଇବାର ବଳ, ଭରାନଈ ପହଁରିବାର ବଳ, ମାଛ ଧରିବାର ବଳ, ଭୋଜିଭାତର ବଳ, ଯାତରାତିଥିର ବଳ, ନିଆଏ ନିଶାପର ବଳ, ସତ କହିବାର ବଳ, ଧର୍ମର ବଳ, ଦୁଃଖର ବଳ, ଦୟାର ବଳ, ସ୍ନେହର ବଳ, ଲୁହର ବଳ, ଅନ୍ଧାରର ବଳ, ଆଲୁଅର ବଳ, ଅହିଂସର ବଳ, ଆତ୍ମାର ବଳ । ସେଇ ବଳ ଉପରେ ସେମାନେ ବିଶ୍ୱାସ କରିଥିଲେ ଗାନ୍ଧୀ ମାହାତ୍ମା କଥାରେ, ସାହସ ବାନ୍ଧିଥିଲେ । ଆମକୁ ସାହାଯ୍ୟ ମାଗିଥିଲେ, ଗାଁ ଗାଁ ବୁଲି ସେମାନେ ଖାଲିପାଦରେ ଗାନ୍ଧୀବୁଢା ସାଥିରେ । ଗାନ୍ଧୀବୁଢା କଥାରେ ଆମେ ଅଣ୍ଟାରେ ଗାମୁଛା ଭିଡିଥିଲୁ, ଠେଙ୍ଗା ଧରିଥିଲୁ, ଶପଥ କରିଥିଲୁ, ଅହିଂସର ଲଢେଇ ଲଢିବୁ । ନହେଲେ ଆମର କେତେ ଶକତି, ଗିଆନ ? ଆମେ ଅଜ୍ଞାନ । ମରିବୁ ପଛେ ଛାଡିବୁ ନାହିଁ । ଗୁଳିଗୋଳାକୁ ଡରିବୁ ନାହିଁ । ଆମେ ସଭିଏଁ ଭାଇରେ ଭାଇ ଗାନ୍ଧୀବୁଢା ପଛରେ ରହି, ଇଂଗ୍ରେଜକୁ ଦେବା ହଟାଇ । ଅହିଂସା ଆମ ବଳ, ଇଂଗ୍ରେଜ ଯଦି କରିବ ଗୋଳ, ଦେଖିବ ଆମ ଠେଙ୍ଗାର ବଳ, ପୂରିବ ତାର କାଳ । ଡରିବା ନାହିଁ ବନ୍ଧୁକ ଗୁଳି ବେତର ମାଡ । ମରିବା ଯାଏ ଗରଜୁଥିବା ‘‘ଛାଡରେ ଛାଡ ଭାରତ ଛାଡ’’ । ଆମେ ସଭିଏଁ ସ୍ୱାଧୀନ ହେବା, ଶପଥ କର ଜେଲଯିବା, ଆମକୁ ଦେଖି ବିଦେଶୀ ଗୋରା ହୋଇବେ ଟଳମଳ । ଭଲରେ ଯିବେ ଏ ଦେଶ ଛାଡି, ଛାଡି ନଗଲେ କାହିଁ କେଉଁଠି ପାଇବେ ଥଳକୂଳ ? ଠେଙ୍ଗାମାଡରେ ଭାଙ୍ଗିଲେ ହାଡ, ଦିନ ଆସିବ, କହିବେ ଭାଇ, ଛାଡରେ ଛାଡ ଭାରତ ଛାଡ । ଛାଡି ନଗଲେ ଛଡେଇ ଦେବେ ଛାତି ଚମଡା ହାଡ ।

ସେଇଆ ହେଲା । ଆମ ବଳରେ ପାଠୁଆ ପୁଅ ହୋସ୍ ପାଇଲା, ତା କଲମ ଚାଲିଲା । ତା

ଇଲମ ଚାଲିଲା । ତା ଗୋଡକୁ ଧରି ଆମେ ଛିଡାକଲୁ, ତା ପାଟିରେ କଥାଦେଲୁ । ସେ ଛିଡା ହେଲା କଥା କହିଲା, କଲମ ଚଲେଇଲା ଇଂରେଜ ବିରୁଦ୍ଧରେ, କଲମ । ଗାନ୍ଧୀ ବୁଢାର ଅହିଂସ କଥାକୁ ବୁଦ୍ଧିଆ ଇଂରେଜମାନେ ହସି ଉଡେଇ ଦେଇଥିଲେ, କହୁଥିଲେ ପାଗଳ ? ଏତେ ବଡ ପାଗଳ ଏ ପୃଥିବୀରେ କାହିଁ ? ଇଂରେଜ ବିରୁଦ୍ଧରେ କହିଲେ, ସ୍ୱାଧୀନତାର କଥା ଉଠିଲେ ହାଡଭଙ୍ଗା ମାଡ । ଜେଲରେ ବେଠି ଖଟଣି, ବନ୍ଧୁକ ଗୁଳି । ଗାନ୍ଧୀବୁଢାର ଅହିଂସ କଥା ଶୁଣି ସେମାନେ ଠୋ ଠୋ ହସୁଥିଲେ । ଦୟାକରି ମାଡରୁ ଛାଡି ଦେଇଥିଲେ । ସେମାନେ କଳ୍ପନା କରିନଥିଲେ ଗାନ୍ଧୀବୁଢାଟା ଅହିଂସା କଥା କହିକହି ଏ ନିରକ୍ଷର ଗାଁଲୋକଙ୍କୁ ଉଠେଇଦେବ ? ଏକାଠି କରିଦେବ ? ସେମାନେ ଶେଷ ପର୍ଯ୍ୟନ୍ତ ବୁଝିପାରିଲେନି ଏ ଗାନ୍ଧୀବୁଢାଟା, ଏ ଅଜ୍ଞାନ ଭୟାଳୁ ଗାଁ ଲୋକଙ୍କ ଦ୍ୱାରା ଆମକୁ କେମିତି ହଟେଇପାରିବ ? ସ୍ୱରାଜ ଆଣିଦେବ ? ସେମାନେ କେମିତି ବୁଝିବେ ? ଏହାଠାରୁ ପାଗଳାମି ଆଉ କଣ ଅଛି ? ଇଂରେଜ ବୁଟ୍‌ର ଶବ୍ଦରେ, ଅନ୍ଧାର ରାତିରେ ଗାଁର ନିଦଭାଙ୍ଗେ, ବେତମାଡରେ ଚମଡା ଛାଡିଯାଏ, ବେଠି ଖଟଣିରେ ହାଡ ଭାଙ୍ଗିଯାଏ । ଥରେ ସନ୍ଦେହ ହେଲେ ବନ୍ଧୁକ ମୁନରେ ସଂଗୀନ୍ ହୋଇଯାଏ । ସେଇ ଭୟାଳୁ, ନିଦ୍ରାଳୁ, ଦୟାଳୁ, ଅଜ୍ଞାନ ଗ୍ରାମବାସୀ, ଜଙ୍ଗଲବାସୀଙ୍କୁ ଅହିଂସା ଦୀକ୍ଷା ଦେଉଛି ଗାନ୍ଧୀ । ସତ୍ୟାଗ୍ରହ କଥା କହୁଛି । ହତିଆର ନ ଥିବା ଲୋକର, ଏ ଫିକର । ପାଗଳ, ଫକୀରର ଫିକର ଫନ୍ଦି କେତେ ? ଗୋରା ସାହେବର ଗୁଳି, ବନ୍ଧୁକ ଆଗରେ ? ଉଡାଜାହାଜ, ବୁଡାଜାହାଜ ଆଗରେ ? ଟ୍ରେନ, ଟ୍ରକ ପାଖରେ ? ଟେଲିଫୋନ, ଟେଲିଗ୍ରାମ ପାଖରେ ? ସେନା ପୋଲିସ ପାଖରେ, ଗୁଇନ୍ଦା ଆଖି ଆଗରେ ? ଯେଉଁଠି ଜମିଦାରର ଶକ୍ତିକୁ ସେମାନେ ମାଟିରେ ମିଶେଇ ଦେଇଛନ୍ତି । ଅସ୍ତ୍ରଶସ୍ତ୍ରକୁ ଦଳିଚକଟି ଦେଇଛନ୍ତି ? କାହାର ସାହସ ନାହିଁ ଟେକା ପକାଇବାକୁ ୧୮୫୭ର ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମର ବିଫଳତା ପରେ । ସଦା ସତର୍କ ଇଂଗ୍ରେଜ, ସନ୍ଦେହ ଗଛପତ୍ରକୁ । ଦୀର୍ଘ ୭୦ ବର୍ଷ ୧୮୫୭ରୁ ୧୯୨୦ ପର୍ଯ୍ୟନ୍ତ ସେମାନେ ସମସ୍ତଙ୍କୁ ଜଗିଛନ୍ତି ଗୋଡେ ଗୋଡେ । ପାଠପଢ କି ମାଟିତାଡ, ଘାସକାଟ କି ଆକାଶରେ ଉଡ । ତାଙ୍କର ଗୋଲାମ ହୋଇ ରହିବାକୁ ଯୁଗେ ଯୁଗେ ତାଙ୍କ ହାତରୁ ଗୁଳିର ଶେଷ ନାହିଁ । ବନ୍ଧୁକର ବିଶ୍ରାମ ନାହିଁ । ସନ୍ଦେହ ଆଖିରେ ପଲକ ପଡେନି । ସମସ୍ତେ ଶୋଇଲେ ସେମାନେ ଚେଇଁଥାନ୍ତି, କାନ ଡେରିଥାନ୍ତି ।

ଚାହିଁଥିଲେ, ଲାଲାଜୀଙ୍କୁ ଠେଙ୍ଗାମାଡରେ ପିଟିପିଟି ଲାହୋର ମାଟିକୁ ଲାଲ କଲାଭଳି, ୧୯୧୯ରେ ଡାୟାର ହାତରେ ପଞ୍ଜାବକୁ ଲାଲ କଲାଭଳି, ସେଇ ଦୁର୍ବଳ, ଡେଙ୍ଗା ବୁଢାକୁ ଏକା ପାହାରେ ପିଟି ମାରିଦେଇଥାନ୍ତେ । ସେମାନେ ଦୟାରେ ମାରି ନଥିଲେ ଗାନ୍ଧୀକୁ । ୧୯୨୦ରେ ଅସହଯୋଗ ଆନ୍ଦୋଳନରେ ଗ୍ରାମବାସୀଙ୍କ ଯୋଗଦାନ ଦେଖି ଗାନ୍ଧୀଙ୍କର ବହୁତ ବଳ ବଢିଗଲା । ଅହିଂସର ବଳ ଆଗରେ କେମିତି ଇଂରେଜ ନିଜକୁ ତଉଲିବାକୁ ଆରମ୍ଭ କଲା । ଭୟ ବିସ୍ମୟରେ ଦମନ ଲୀଳା ଚଳାଇଲା । ଗାନ୍ଧୀଙ୍କୁ ମାରିବାକୁ ବଳ ପାଇଲାନି । ବହୁତ ଡେରି ହୋଇଯାଇଥିଲା । ଗାନ୍ଧୀକୁ ଜଗି ରହିଲା । ଇଂରେଜ ବୁଝିପାରିଲା ଗାନ୍ଧୀବୁଢାର ବୁଦ୍ଧିକି । ସିଦ୍ଧିକି । ଭାରତବର୍ଷ ଗାଁର ଦେଶ । ଗ୍ରାମ ଜନତାର ଦେଶ । ଗ୍ରାମବାସୀ ଉଠିପଡିଛନ୍ତି । ଅଜ୍ଞାନ ଭୟାଳୁ ଗ୍ରାମବାସୀଙ୍କୁ ଅହିଂସାର ଆଶ୍ରୟ ମିଳିଯାଇଛି । ମରିବାକୁ ଅମର ଯାତ୍ରାର ସମ୍ମାନ ମିଳିଯାଇଛି, ଦେଶପାଇଁ, ସ୍ୱରାଜ ପାଇଁ ।



ଏବେ ଚେତା ପଶିଲା ସବୁଲୋକଙ୍କୁ କେଉଁ ଜେଲରେ ରଖିବେ ଇଂରେଜ । ଖାଇବାକୁ ଦେବେ କେଉଁଠୁ ? କେତେ ମାରିବେ ? ପିଟିବେ ? କଳାପାଣି ପଠାଇବେ ? କେତେକାଳ ? କେତେକାଳ ? ହନୁମାନର ଲାଙ୍ଗୁଡରେ ନିଆଁ ଲଗେଇଥିଲେ ରାକ୍ଷସମାନେ, ସେଇ ନିଆଁରେ ଲଙ୍କାପୋଡି ଛାରଖାର ହୋଇଗଲା । ସେଇ ଅହିଂସର ନିଆଁ ଗାନ୍ଧୀ ଲଗେଇ ଦେଇଛି ଗାଁରେ । ସେ ନିଆଁ ଲିଭିବାର ନୁହେଁ । ଗୁଳି ବନ୍ଧୁକର ଭୟ ନଥିଲା ଇଂଗ୍ରେଜର । ଅହିଂସର ଶକ୍ତି ଅଛି, ପ୍ରଥମ କରି ଇଂଗ୍ରେଜମାନେ ଅନୁଭବ କଲେ, ଯେମିତି ଅଶୋକ ଅନୁଭବ କରିଥିଲେ ସନ୍ନ୍ୟାସିନୀ କାରୁବାକୀର ଚାହାଣିରେ, ଆତ୍ମସମର୍ପଣ ସମୟରେ । ଦେଢଲକ୍ଷ ବନ୍ଦୀଙ୍କୁ ମୁକ୍ତି କରିବାକୁ, କଳିଙ୍ଗର ସ୍ୱାଧୀନତା ଫେରାଇଦେବାକୁ । ଅଦ୍ଭୁତ ସେ ଚାହାଣି, ସେ ଶକ୍ତି, ସେ ଶକ୍ତିର ପ୍ରଭାବ, ତାର କରିସ୍ମା । ତାର ଚକ୍‌ମା ଆଗରେ ଅସହାୟ ଗୁଳିବନ୍ଧୁକ, ଅସିର କ୍ରୁରତା, ମସୀର କପଟତା, ମାଡ, ମୃତ୍ୟୁର ବର୍ବରତା । ଅହିଂସର ଶକ୍ତି ଆଗରେ ନତମସ୍ତକ ଅଶୋକ କଳିଙ୍ଗକୁ ସ୍ୱାଧୀନତା ଦେଇଥିଲେ, ଚଣ୍ଡାଶୋକ ହୋଇ ଅସ୍ତ୍ରତ୍ୟାଗ କରିଥିଲେ, ଯାହା ଦିନେ ଅସମ୍ଭବ ଲାଗୁଥିଲା, କଳ୍ପନା ବାହାରର ଜଣାପଡୁଥିଲା ତାହା ଦିନେ ସମ୍ଭାବନାର ରୂପନେଲା । ଆଣ୍ଟୁପିନ୍ଧା ଫକୀର ଗାନ୍ଧୀବୁଢାର ଚାହାଣିରେ ଅହିଂସା ଶକ୍ତିର ଚମକରେ ଇଂରେଜର ଶକ୍ତି ହଜିଗଲା, ବଳ ହଜିଗଲା, ବାଧ୍ୟ ହେଲେ ଦେଶକୁ ସ୍ୱାଧୀନତା ଦେବାକୁ । ଯେଉଁ ଦେଶର ଲୋକଙ୍କ ରକ୍ତମାଂସରେ ଦୁଇଦୁଇଟା ବିଶ୍ୱଯୁଦ୍ଧ ସେମାନେ ଲଢିଥିଲେ, ଇଜ୍ଜତ ବଞ୍ଚେଇଥିଲେ ଇଜ୍ଜତ, ସେଇ ଦେଶର ସ୍ୱାଧୀନତା ପୂର୍ବରୁ ଧର୍ମର ଫାଶ ଫିଙ୍ଗି ଦିଖଣ୍ଡ କଲେ ଏ ଦେଶର ମାଟି, ଆକାଶ, ମଣିଷ, ମଣିଷର ମନକୁ । ଜୀବନସାରା ଲଢିଲଢି ବୁଢା ହୋଇଯାଇଥିଲେ ମହାତ୍ମାମାନେ । ବୁଢାଲୋକର ଯୁ 'କେତେ ? ବଳ ଥିଲେ, ଯୁଆନ ଥିଲେ ନିଶ୍ଚୟ ଦେଶକୁ ଏକାଠି କରିଥାନ୍ତେ, ଭାରତକୁ ବିଶ୍ୱଶକ୍ତିର ମର୍ଯ୍ୟାଦା ଦେଇଥାନ୍ତେ । ବିଭାଜନର ଦୁଃଖରେ ଜଳିଛନ୍ତି, ମରିଛନ୍ତି, ପଶ୍ଚାତାପ କରିଛନ୍ତି ? ଲୁହ ଢାଳିଛନ୍ତି । ଗାନ୍ଧୀଠୁ ସୀମାନ୍ତ ଗାନ୍ଧୀ, ଜିନ୍ନାଠୁ ନେହୁରୁ ? କ୍ଷମତାର ଭୟାବହତା ଅନୁଭବ କରିଛନ୍ତି ଥରେ କ୍ଷମତାର ବାଘ ପିଠିରେ ବସିଲା ପରେ ? ଓହ୍ଲେଇବାରେ କି ଅସହାୟତା ? ନୀରବ ଅଶ୍ରୁରେ ଦେହ ଛାଡିଲେ କିନ୍ତୁ ମରିବା ପୂର୍ବରୁ ଆଶା କରିଛନ୍ତି ଦିନ ଆସିବ ... ।

''ସ୍ୱାଧୀନ ଦେଶର ସାହସୀ ଶିଶୁ ଦିନେ ଯୁବକ ହେବେ । ଆମର ଭୁଲପାଇଁ ଆମକୁ କ୍ଷମା କରିବେ, ଅହିଂସ ବଳରେ ବଳୀୟାନ ହେବେ । ନିଶ୍ଚୟ ଏ ଦେଶକୁ ଏକାଠି କରିଦେବେ । ନିଜକୁ ପ୍ରତିଷ୍ଠା ନ କରି ବିଶ୍ୱର ନେତୃତ୍ୱ ନେବା ସମ୍ଭବ ନୁହେଁ । ସେମାନେ ବୁଝିପାରିବେ ।'' ସେମାନେ ଏକାଠି ଲଢିଥିଲେ, ଏକାଠି ରହିବାର ସ୍ୱପ୍ନ ଦେଖିଥିଲେ, ଏକାଠି ବସି କ୍ଷମତାର ଭାଗ ବାଣ୍ଟିଥିଲେ, ପୁଣି ଏକାଠି ହେବାର ସ୍ୱପ୍ନ ଦେଖୁଥିଲେ, ସମୟ ନ ଥିଲା । ସେମାନେ ସ୍ୱପ୍ନ ଦେଖେଇ ଦେଇ ଗଲେ ଏ ଦେଶର ଶିଶୁକୁ, ଯୁବକକୁ, ଯୁବତୀକୁ । ସେମାନେ ମନେପକାଇ ଦେଇଛନ୍ତି ଖ୍ରୀଷ୍ଟପୂର୍ବ ଯୁଗରେ ତୁମେ ଥିଲ ଶ୍ରେଷ୍ଠଶକ୍ତି ବିଶ୍ୱର । ମଧ୍ୟଯୁଗରେ ଧ୍ୱଂସଲୀଳା, ପରାଧୀନତା ୧୦୦୦ ବର୍ଷର । ଖ୍ରୀଷ୍ଟପର ଯୁଗରେ ଥରୁଟିଏ ଏକାଠି ହୁଅ, ଥରୁଟିଏ ଆମକୁ କ୍ଷମା କରିଦିଅ । ଏଇଥିପାଇଁ ଆମେ ଜୀବନ ତମାମ୍ ତମରି ସୁଖ ଓ ସମୃଦ୍ଧି ପାଇଁ ଲଢିଛୁ । ହେ ଭଗବାନ ଆମେ ପାରିଲୁ ନାହିଁ । ଇଶ୍ୱର ତୁମକୁ ଶୁଭବୁଦ୍ଧି ଦେବେ । ତୁମେ ସାହସୀ ହେବ, ବୁଦ୍ଧିମାନ୍ ହେବ, ଆମକୁ ବିଭାଜନର

ଦାରୁଣ ଦୁଃଖରୁ ଉଦ୍ଧାର କରିବ । ଆମର ଆତ୍ମା ସ୍ୱର୍ଗରେ ଶାନ୍ତି ଲାଭ କରିବ । ଆମ ମୁହଁକୁ ଚାହିଁ ହଜାର ହଜାର ଗ୍ରାମବାସୀ ଜୀବନ ଉଜାଡି ଦେଇଛନ୍ତି, ଜୀବନ ତମାମ୍ ଜେଲ ଯାଇଛନ୍ତି, ମାଡ ଖାଇଛନ୍ତି, ଫାଶିରେ ଚଢିଛନ୍ତି, ଗୁଳି ସହିତ ଲଢିଛନ୍ତି ଖାଲି ହାତରେ, ଖୋଲା ଦେହରେ, ତମରି ପାଇଁ, ଖାସ୍ ତମରି ପାଇଁ । ସେ ଇତିହାସକୁ ଆମେ ରଖିନାହୁଁ, ରଖିଛି ତୁମରି ମା', ଏଇ ମାଟି, ମାତୃଭୂମି ତାରି ଫଟା ଶାଢୀରେ ସେ ଇତିହାସ । ଦୁଃଶାସନ ସିନା ଦୁର୍ଯ୍ୟୋଧନ ପାଇଁ ଦ୍ରୌପଦୀର ଶାଢୀ ଭିଡି ଧରିଥିଲା, ଆମେ ଆମର ମା' ମାତୃଭୂମିର ଶାଢୀକୁ ଫାଡି ଦେଇଛୁ ଆମେ ... । ତମେ ନିଶ୍ଚୟ ପାରିବ ଭାରତ ମାଆର ଆଖିରୁ ଲୁହ ତମେ ପୋଛିପାରିବ ? ତମେ ଦେଖି ପାରିବନି ତା ଲୁହ ସେ ପୋଛୁଥିବ ପଣତରେ । ସେ ପରା ମା ମାତୃଭୂମି ସେ କଣ ଆମପରି ମଣିଷ ଯେ କାନ୍ଦିବ ? ସେ ପରା ମାଟି, ଗୋଡି, ଆକାଶ ? ମା' କଣ କେବେ କାନ୍ଦିବ ତା ସନ୍ତାନର ଅକଲ୍ୟାଣ ହେବ ? ଯେତେ ଦୁଃଖହେଉ ପଛେ, ସେ କେବେବି ବୋହିବାକୁ ଦେବନି ତା ଆଖିର ଲୁହକୁ ମାଟି ଛୁଇଁବାକୁ । ସେ ମା....ଆମ ମା...ତୁମ ମା...ସମସ୍ତଙ୍କର ମା...ସବୁଦିନ ଆମ ମା...ଆମର କଲ୍ୟାଣରେ ତା'ର ଜୀବନ... ତା'ର ଆନନ୍ଦ...ତା'ର ଅଶ୍ରୁ । ଯେମିତି ପ୍ରେମିକା କଥାରେ ପାଗଳ ପ୍ରେମିକ ତା' ମାଆର ମୁଣ୍ଡକାଟି ତାକୁ ଉପହାର ଦେବାକୁ ଯାଉଥିଲା ତାର ପ୍ରଚଣ୍ଡ ପ୍ରେମର ପ୍ରଦର୍ଶନ ପାଇଁ । ବାଟ ମଝିରେ ଝୁଣ୍ଟି ପଡିଲା ବେଳେ ମା'ର କଟାମୁଣ୍ଡ କହୁଥିଲା ଲୁହଝରେଇ, ଲହୁଝରେଇ ''ବାପରେ ବଡ କଷ୍ଟ ହେଉଥିବ ?'' ମୁଣ୍ଡ ସିନା ଯୋଡି ହେବନି ହେଲେ ମାଟି, ମଣିଷ, ନଈ, ଆକାଶକୁ ଯୋଡିବାରେ ଅସୁବିଧା କେଉଁଠି ? ଶହେ ପଚାଶ କୋଟି ମା'ର ପୁଅ କ'ଣ ଅକ୍ଷମ ? ଧନ୍ୟ ହରିୟାନାର ସେଇ ସତୁରୀ ବର୍ଷର ବୁଢୀମା' ଯିଏ ଚିଠିଟିଏ ଲେଖି ଆତ୍ମହତ୍ୟା କରିଥିଲା, ''ପୁଅ ମୋ ସେବାପାଇଁ ନେତାଜୀ ତତେ ଫେରେଇ ଦେଲେ । ତୁ ଆଜାଦ୍‌ହିନ୍ଦ୍ ସେନାରେ ଭର୍ତ୍ତିହୋଇ ପାରିଲୁ ନାହିଁ । ଏଥର ନେତାଜୀ ନିଶ୍ଚୟ ସେନାରେ ଭର୍ତ୍ତି କରିବେ'' । ଚିଠିଟି ପଢୁପଢୁ ଲୁହ ଛଳଛଳ ହୋଇ ନେତାଜୀ କହୁଥିଲେ, ''ଧନ୍ୟ ଯୁବକ, ଧନ୍ୟ ତୁମର ମା' । ଯେଉଁ ଦେଶର ମା' ନିଜ ପୁଅକୁ ସେନାରେ ଭର୍ତ୍ତି କରିବାପାଇଁ ଆତ୍ମହତ୍ୟା କରିପାରେ, ଆତ୍ମବଳି ଦେଇପାରେ ସେ ଦେଶ ନିଶ୍ଚୟ ସ୍ୱାଧୀନ ହେବ । ଆଜିଠାରୁ ତୁମକୁ ଆଜାଦ୍‌ହିନ୍ଦ୍ ଫୌଜରେ ଭର୍ତ୍ତି କରାଗଲା ।'' ଧନ୍ୟ ସେଇ ମା' ଯିଏ ତାର ପିଲାର ମଙ୍ଗଳ ପାଇଁ କଟାମୁଣ୍ଡରୁ ଲୁହ ଝରେଇ ପାରେ । ଆନନ୍ଦରେ ମୁଣ୍ଡକାଟି ଆତ୍ମହତ୍ୟା କରିପାରେ ।

ସେମାନେ ସମୟ ସୁଅରେ ମାଟିରେ ଶୋଇଛନ୍ତି ସତ କିନ୍ତୁ, ସେମାନେ ଆମପାଇଁ ତାଙ୍କର ସ୍ୱପ୍ନ, ସଙ୍କଳ୍ପ, ଆଶୀର୍ବାଦକୁ ଛାଡିଯାଇଛନ୍ତି, ଏକାଠି ହେବାକୁ, ମାଟି ମା'ର ଡାକ ଶୁଣିବାକୁ, ଆକାଶର ଆଖିରେ ଅହିଂସର ମନ୍ତ୍ର ପଢିବାକୁ, ଏଇଥିପାଇଁ ସେମାନେ ମହାନ୍ । ଆମେ ତାଙ୍କର ମହାନ ଦାୟାଦ । ସେମାନେ ମନେ ପକାଇଛନ୍ତି ସହରର ଶିକ୍ଷିତ ସ୍ୱାର୍ଥୀ ଲୋକେ ଏ ଦେଶକୁ ଏକାଠି କରିପାରିବେନି । କରିବେ ସେଇ ଗାଁର ଲୋକେ, ଜଙ୍ଗଲ ପାଖ ପାହାଡତଳ ଗାଁର ଲୋକେ ଏ ଦେଶକୁ ଏକାଠି କରିଦେବେ ? ସେମାନଙ୍କର ସାହସ ଅଛି, ଶକ୍ତିଅଛି । ଗ୍ରାମବାସୀମାନେ ଏ ଦେଶର ମହାନ୍ ଶକ୍ତି । ତାଙ୍କ କଥା ଶୁଣୁଥିବ । ଦରିଦ୍ର ଗ୍ରାମବାସୀର ସାହସୀ ଗ୍ରାମବାସୀର କଥା । ସେମାନେ ଆମର ହୃଦୟ, ହୃଦୟର ସ୍ପନ୍ଦନ । ସେମାନେ ନଥିଲେ ? ଆମେ ତାଙ୍କର ସ୍ୱର ଶୁଣୁଛୁ



ସ୍ୱର୍ଗରେ । ତମେ ଶୁଣିପାରୁନାହଁ ? କାନଡେର, ମନ୍ଦିରରେ, ମସଜିଦ୍‌ରେ ଶୁଣିପାରିବ ସେ ସ୍ୱର ।

ଗ୍ରାମବାସୀ : ଆମ ବାହୁବଳରେ ଆମେ ସ୍ୱାଧୀନତା ଆଣିଛୁ । ଆମକୁ ନ ଜଣାଇ ଆମ ଦେଶକୁ ଭାଗ ଭାଗ କଲ କାହିଁକି ? ତମର ସୁଖ, ସ୍ୱାର୍ଥ, ସୁବିଧାପାଇଁ ତମେ ଏ ପାପ କାମ କରିଚ ? ଇଂରେଜମାନେ ତମକୁ ଗୋଲାମିର ପୁରସ୍କାର ଦେଇଗଲେ ଭାଗଭାଗ ହୋଇ ସୁଖରେ ରହିବ, ଶାନ୍ତିରେ ରହିବ, ସମୃଦ୍ଧି ବଢିବ । ଆମ ସୁଖ ସୁବିଧା କଥା କେବେ ଭାବିଛ ? ଆମେ ଗାଁର ମଣିଷ, ମାଟି ମା'ର ମଣିଷ । ଗାଁ ଆମର ଅତି ନିଜର । ଗାଁରେ ଆମେ ବଞ୍ଚିଶିଖିଛୁ, ଜୀବନର କଳାକୁ ଆପଣେଇଛୁ । ତୁମ ଉପରେ ନିର୍ଭର କରିନୁ । ତୁମ ପାଖରେ ହାତ ପାତିନୁ । ଗାଁ ଲୋକେ କେବେ ସହରରେ ରହନ୍ତିନି । ଗାଁରେ ଯେଉଁ ସରସତା, ଶାନ୍ତି, ସହରର ଗହଳଚହଳରେ କାହିଁ ? ତମେ ଶିକ୍ଷିତ ଲୋକ, ସହରୀ ଲୋକ, ଏ ଦେଶକୁ ଭାଗ ଭାଗ କରି ରଖିଥିବ, ଏ ଦେଶର ଧନ ଦଉଲତ ଲୁଟି ଖାଉଛ, ଖୁଣ୍ଟି ଖାଉଛ, ଆଇନକୁ ଆଖି ଦେଖେଇ ଖାଉଛ , ବୁଦ୍ଧି ବଳରେ । ଏଇ ତମ କଲମର କରାମତି ? ତମ ମତି ଗତି ? ଦମ୍ ଥିଲାତ ଲଢିଲନି ଇଂରେଜ ସାଥିରେ ଏକଲା ? ଆମକୁ କାହିଁକି ଡାକୁଥିଲ ? ଆମେ ଲଢେଇ କରି ସ୍ୱାଧୀନତା ଆଣିଛୁ । ଆମେ ଛଡେଇନେବୁ ଆମ ଅଧିକାରକୁ । ଆମେ ଓପାଡିଦେବୁ ତମେ ପୋତିଥିବା କୀଳାକୁ, କବାଟକୁ । ଇଂଗ୍ରେଜ ଆମକୁ ପାରିଲାନି ? ତୁମେ କଣ ପାରିବ ? ତମର ଶକ୍ତି କେତେ ଆମେ ତମକୁ ଜାଣିଛୁ ? ଇଂରେଜଙ୍କୁ ପିଟିଥିଲୁ ଠେଙ୍ଗାରେ । ତମକୁ କଣ ଠେଙ୍ଗାରେ ପିଟିବୁ ? ନା ତମେପରା ଆତ୍ମୀୟ, ପ୍ରିୟଜନ । ତମ ସାଙ୍ଗେ ଲଢିବୁ ଯେମିତି ଲଢିଥିଲୁ ମହାଭାରତ ଯୁଦ୍ଧରେ । ଧର୍ମର ପକ୍ଷନେଇ ଲଢିବୁ ? ଅହିଂସର ଲଢେଇ ଲଢିବୁ । ତମ ଗୁଳି ବନ୍ଧୁକ, ଆଇନ କାନୁନ କାମ କରିବନି । ତମେ ଆମକୁ ମାରିପାରିବନି । ଆମେ ଗାଁ ଲୋକ ? ଗାଁ ଲୋକର ଧର୍ମକୁ ତମେ ଜାଣିଛ ? ଆମେ କେବେ ଜିଲ୍ଲା ପାରିହୋଇ, ରାଜ୍ୟ ପାରିହୋଇ, ଘର କରୁନା, ବେପାର କରୁନା । ତେବେ ଆମ ଦେଶରେ ଆମେ ଏକାଠି ରହିବୁନି କାହିଁକି ? ତମେ କିଏ ଆମକୁ ଅଲଗା ଅଲଗା ରଖିବାକୁ ? ଗୋଟାଏ ଦେଶ ଭାରତବର୍ଷ, ଦୁଇଟା ଦେଶର ନୁହଁ, ଶହଶହ ଦେଶର ଭାରତବର୍ଷ । ସବୁ ରାଜ୍ୟ ଗୋଟାଏ ଗୋଟାଏ ଦେଶ । ଆମେରିକାର ଲୋକେ ଗଣତନ୍ତ୍ରରେ, ବ୍ୟକ୍ତି ସ୍ୱାଧୀନତାରେ, ଧର୍ମ ସ୍ୱାଧୀନତାରେ ୫୦ଟା ଦେଶକୁ ଏକାଠି କରି ଖୁସିରେ ଅଛନ୍ତି ଆମେ କାହିଁକି ଦୁଃଖରେ ରହିବୁ ତୁମ ଖୁସି ଲାଗି ? ସ୍ୱାର୍ଥ ଲାଗି ? ତାର ସୁରକ୍ଷା ଲାଗି ?

ଲଜ୍ଜା ଲାଗୁନି ଧର୍ମ ନାଁରେ ତମେ ବାଣ୍ଟିଛ ଦେଶକୁ ? ପୃଥିବୀରେ ଏମିତି କେଉଁ ଦେଶ ଅଛି ଗୋଟାଏ ଧର୍ମର ଦେଶ ? ଧର୍ମନିରପେକ୍ଷ ଦେଶ ? ଧର୍ମପ୍ରିୟ ଦେଶ ? ଦେଶ ଆଗ ଧର୍ମପଛ । ଇଂରେଜ ସାଥିରେ ଲଢେଇ କଲାବେଳେ କେଉଁଠି ଥିଲା ତମର ଧର୍ମ ରାଜନୀତି ? ଧର୍ମପ୍ରିୟତା, ଧର୍ମ ନିରପେକ୍ଷତା ? ଆମ ଛାତିରୁ ଲହୁ ବୋହିଲାବେଳେ ତମେ ଦେଖିଛ ତାର ରଙ୍ଗକୁ ? ସ୍ୱାଧୀନତାପାଇଁ ସେ ଲହୁ ବୋହୁଥିଲା , ଦେଖିଛ ତାର ଧର୍ମକୁ ? ଧର୍ମ ବଳରେ ତମେ ଦେଶକୁ ସ୍ୱାଧୀନ କରିନାହଁ ତେଣୁ ଧର୍ମ ବଳରେ ତମେ ଦେଶକୁ ଦିଖଣ୍ଡ କରିବାର ଅଧିକାର ତୁମର ନାହିଁ । ଯେଉଁମାନେ ସେ ଭୁଲ କରିଛନ୍ତି ତମେ କଣ ତାକୁ ଠିକ୍‌କରି ପାରିବନି ? ତମର କଣ ଶକ୍ତି ନାହିଁ, ସାହସ ନାହିଁ ? ସ୍ୱାଧୀନ କଣ ହୋଇଛ ? ତମେ ଦି'ଅକ୍ଷର ପଢିଛବୋଲି ଲେଖିଛ ତମ ଇତିହାସ

କେତେଦିନ ଜେଲରେ ଥିଲ, କେଉଁଠି ଥିଲ ? କେତେ ବେତ ମାଡ ଖାଇଲ ? କେବେ ମୁକ୍ତି ପାଇଲ ? ଆମେ ଅଜ୍ଞାନ । ଆମ ଧର୍ମ ଆମର । ଆମେ ଲେଖିନାହୁଁ, ରଖିନାହୁଁ ଆମର ଇତିହାସ, ମାଡ, ମୃତ୍ୟୁର ଇତିହାସ,ଲାଠି,ଫାଶିର ଇତିହାସ, ଘର ଉଜୁଡିଯିବାର ଇତିହାସ, ଆମେ ହଜେଇଦେଇଛୁ ଆମ ଇତିହାସ, ସ୍ୱାଧୀନତାର ସ୍ୱପ୍ନ ବିଭୋର ହୋଇ ।

ତମେ ଜାଣିଛ ଧର୍ମ କଣ ? ମଣିଷର ଧର୍ମ ? ଗାଁ ମଣିଷର ଧର୍ମ, ଈଶ୍ୱର, ଆଲ୍ଲାଙ୍କ ଧର୍ମନୀତି ଜାଣିଛ ? ସତକୁହ ଆଲ୍ଲା, ଈଶ୍ୱରଙ୍କ କଥା କହିବାକୁ ତମକୁ ଅଧୀକାର ଦେଇଛନ୍ତି ? ତମେ ମଣିଷ ଆମେ ମଣିଷ । ମଣିଷ ହୋଇ ତମେ ଆମର ଅଧିକାର ଛଡେଇ ନେଇଛ ? ଈଶ୍ୱର ତମପରି ମଣିଷକୁ କୁହ କେମିତି ବଞ୍ଚେଇ ରଖିଛନ୍ତି ? ଦୟା କରିଛନ୍ତି ? ତମେ କଣ ଈଶ୍ୱରଙ୍କୁ ବୁଝିପାରିଛ ? ନା ବୁଝିପାରିବ ? ତମେ କଣ ତାଙ୍କ ଜ୍ଞାନର ସମକକ୍ଷ ନା କ୍ଷମତାର ସମକକ୍ଷ ? ନା ତମପରି ଶରୀରଧାରୀ ମଣିଷ ? ଅନ୍ଧାର ରାତିରେ ତାରକାମଣ୍ଡଳକୁ ଥରେ ଦେଖ ବୁଝିପାରିବ ଈଶ୍ୱରଙ୍କ ବିଶାଳତା, ଦୟା, କରୁଣାର ମହାନତା । ଈଶ୍ୱରଙ୍କ କଥା କହି ତମେ ଈଶ୍ୱରଙ୍କ ସଂସାରକୁ ଅବହେଳା କରିବାଠୁ ବଳି ଅଜ୍ଞାନତା ଆଉ କଣ ଅଛି ? ଆମ ଅଧିକାର ଆମକୁ ଫେରେଇଦିଅ ନଚେତ୍ ଆମେ ଛଡେଇନେବୁ ଆମ ଅଧିକାର ? ଅହିଂସ ବଳରେ ? ଯେମିତି ଲଢିଥିଲୁ ଇଂରେଜ ସାଥିରେ । ତମ ଉପରେ ଆମର ଆଉ ଭରସା ନାହିଁ ? ଆମେ ଖୋଜୁଛୁ ଆମକଥା, ଆମଦୁଃଖ, ଆମଧର୍ମକୁ ବୁଝିଲାଭଳି ଆଉଗୋଟେ ଗାନ୍ଧୀଯୁବକକୁ ? ଯିଏ ଆମର ନେତା ହେବ ? ଆମ ଅଧିକାର ପାଇଁ ଲଢେଇ କରିବ ଲଢେଇ ? ଆମ ଧର୍ମ ବଞ୍ଚିବା ବଢିବାର ଧର୍ମ, ସତ୍ୟ ପ୍ରେମ, ସରଳତାର ଧର୍ମ, ଅହିଂସ ଭାଇଚାରାର ଧର୍ମ । ତିକ୍ତତା ଭୁଲି ଭଲପାଇବାର, କ୍ଷମା କରିବାର ଧର୍ମ । ତମେ ଜ୍ଞାନ ବଳରେ ଧର୍ମ କଥା କହୁଛ ? ତମ କଥା ଆମେ ଶୁଣି ଆସୁଛୁ । ଆମର ଜ୍ଞାନ ଅଛି ବହୁତ ଜ୍ଞାନ ଅଛି, ଅନୁଭବ ଅଛି । ତୁମ ବିଚାରରେ ତୁମଠାରୁ କମ୍ ହୋଇପାରେ କିନ୍ତୁ ତମେ ନିଶ୍ଚୟ ସ୍ୱୀକାର କରିବ ଆମର ଜ୍ଞାନ ଅଛି । ଆମ ଜ୍ଞାନ ବଳରେ ଧର୍ମର କଥା କହୁଛୁ ତମେ ଶୁଣ । ସମ୍ମାନ ଦିଅ । ସ୍ୱୀକାର କର । ତମର ଜ୍ଞାନ, ତମର ଧର୍ମ ଆମ ଉପରେ ଲଦନାହିଁ, ଆଉ ବୁଝାଅ ନାହିଁ । ତମେ ମନ୍ଦିର ଯାଉଛ ସପ୍ତାହକୁ ଅନେକ ଥର, ଥରେ ମସ୍‌ଜିଦ୍ ଗଲେ କ୍ଷତି କଣ ? ତମେ ସବୁଦିନେ ମସ୍‌ଜିଦ୍ ଯାଉଛ, ସପ୍ତାହକୁ ଥରେ ଗୀର୍ଜା ଗଲେ କ୍ଷତି କଣ ? ତମେ ସବୁଦିନେ ଗୀର୍ଜାକୁ ଯାଉଛ ,ସପ୍ତାହକୁ ଥରେ ମନ୍ଦିର ଗଲେ କ୍ଷତି କଣ ? ଆମେ ତ ପୃଥିବୀର ଭିନ୍ନଭିନ୍ନ ଭାଷା ପଢୁଛୁ, ବୁଝୁଛୁ, ଭିନ୍ନଭିନ୍ନ ଖାଦ୍ୟ ଖାଉଛୁ । କାହିଁ ପାପ ତ ଲାଗୁନି । କିଛି ଅସୁବିଧା ହେଉନି । ପୃଥିବୀର ଭିନ୍ନଭିନ୍ନ ଧର୍ମର କଥା, ବିଶ୍ୱାସ, ବ୍ୟବହାରକୁ ପଢିଲେ, ବୁଝିଲେ, ଅଭ୍ୟାସ କଲେ କଣ ପାପ ହେବ ? ସତ କୁହ କେତେ ପାପ ହେବ ? ମାପ ଅଛି ତୁମ ପାଖରେ ? ମାପିବାକୁ ସେ ପାପର ମାତ୍ରା ଈଶ୍ୱର ତୁମକୁ ଅଧିକାର ଦେଇଛନ୍ତି ? ତମେ ତ ଗୋଡ କାଢିଲେ, ମନ ବୁଝିଲେ, ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାରକୁ ଗଲେ ଜାଣିବ ? ତମେ ସପ୍ତାହକେ ଥରେ ଯାଉନାହଁ କାହିଁକି ? ଆଉ କେତେ ଜ୍ଞାନ ହେଲେ ତମେ ଯିବ ? କେତେ ଧନ, କ୍ଷମତା ହେଲେ ଯିବ ? ରାଜତନ୍ତ୍ରରୁ ଗଣତନ୍ତ୍ର । ଧର୍ମାନ୍ଧତାରୁ ଧର୍ମ ସ୍ୱାଧୀନତା ଇଏ କଣ କମ୍ କଥା ଆମ ପାଇଁ ଏ ଯୁଗରେ । ଦୁଇ ତିନିଟା ଧର୍ମକୁ ପାଳନ କଲେ ବିଶ୍ୱାସ କଲେ କ୍ଷତି କଣ ? ତମର ଏତେ ଜ୍ଞାନ ଅଛି । ତୁମେ ପାଳନ ନକର



ସମସ୍ତଙ୍କ ପାଖକୁ ଯାଅ, ଶ୍ରଦ୍ଧାରେ ବସ, ଶୁଣ, ତାଙ୍କୁ ଶ୍ରଦ୍ଧାରେ ଡାକ ତୁମପାଖକୁ, ତାଙ୍କୁ ବସାଅ, ତମ ଧର୍ମର କଥା ଶୁଣାଅ ଥରୁଟିଏ ସପ୍ତାହରେ ଥରୁଟିଏ । ଏତିକି କର । ଦେଖିବ କେମିତି ବଦଳିଯିବ ଏ ପୃଥିବୀ, ପୃଥିବୀର ଦୁଃଖ, ଦୁଃଖୀ ଗ୍ରାମବାସୀର ଦୀର୍ଘଶ୍ୱାସ, ତତଲା ନିଃଶ୍ୱାସ । ତୁମପ୍ରତି ତାଙ୍କର ସନ୍ଦେହ, ଅବିଶ୍ୱାସ । ଦେଖିବ କେମିତି ବିନା ଲଢେଇରେ, ବିନା ରକ୍ତପାତରେ ଏ ଦେଶ ଏକାଠି ହୋଇଯିବ ଧର୍ମ ବଳରେ, ଅହିଂସ ବଳରେ ତମେ ବୁଝିପାରିବନି, ଯେମିତି ଇଂରେଜମାନେ ବୁଝିପାରିନଥିଲେ ଫକୀର ମହାତ୍ମାର ଅହିଂସର ମନ୍ତ୍ରଫୁଙ୍କା ପାଠକୁ, ବାଟକୁ, ବଳକୁ, କଳକୁ, କୌଶଳକୁ ।

ତମେ ଏତେ ପାଠ ପଢିଛ ପାଠୁଆ ଲୋକକୁ ନେଇ ବସାଅ ମନ୍ଦିରରେ, ମସ୍‌ଜିଦ୍‌ରେ, ଗୀର୍ଜାରେ, ଗୁରୁଦ୍ୱାରରେ ଆମେ ଅଜ୍ଞାନୀ ଗ୍ରାମବାସୀ ତମ ପଛରେ ଯିବୁ, ତମ ପଛରେ ବସିଛୁ । ତମେ କହିବ ଆମେ ଶୁଣିବୁ । ଆମେ କହିବୁ ତମେ ଶୁଣିବ ଧର୍ମଜ୍ଞାନ କଥା, ଈଶ୍ୱର ଅନୁଭବ କଥା, ସତ୍ୟ ପ୍ରକାଶର କଥା । ଆମର ଏତେ ଜ୍ଞାନ କାହିଁ ? ତମ କଥା ସିନା ସବୁ ବୁଝିପାରିବୁନି । ତମେତ ଆମ କଥାସବୁ ବୁଝିପାରିବ ? ସପ୍ତାହରେ ନିଶ୍ଚୟ ଥରେ ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର ଯାଇପାରିବ ? ସତରେ କଣ ତମେ ଯାଇପାରିବ... ? ତମର ଧର୍ମ, ଜ୍ଞାନ, କ୍ଷମତାର, ବ୍ୟକ୍ତି ସ୍ୱାଧୀନତାର, କଣ ଏତେ ସାହସ ଅଛି ? ଯଦି ନାହିଁ ଦୟାକରି ଆଉ କୁହ ନାହିଁ ଧର୍ମର କଥା, ଈଶ୍ୱରଙ୍କ କଥା, ତୁମେ ବହୁତ ଜାଣିଛ ତମ ଗର୍ବର କଥା ? ଯଦି ତମ କଥାରେ ବଳନାହିଁ, କଲମରେ କାଳିର ବଳନାହିଁ, କଳ କବ୍‌ଜାରେ ବଳ ନାହିଁ, ମଗଜରେ ହିମତ୍ ନାହିଁ ? ସବୁଥାଇ ତମେ ଯଦି ଥରୁଟିଏ ସପ୍ତାହରେ ମନ୍ଦିର ମସ୍‌ଜିଦ୍, ଗୀର୍ଜା ଯାଇପାରିବ ନାହିଁ, ଈଶ୍ୱର, ଆଲ୍ଲା, ଖ୍ରୀଷ୍ଟଙ୍କ ପ୍ରେମର କଥା ଶୁଣିପାରିବନି, ଧିକ୍ ଧିକ୍ ଶତଧିକ୍ ତମ ଜ୍ଞାନକୁ, ବିଜ୍ଞାନକୁ, କ୍ଷମତାକୁ, ବ୍ୟକ୍ତି ସ୍ୱାଧୀନତାକୁ ? ତେଲ, ଲୁଣ, ପାଣି, ଅତର ବିକୁଚ ଲଙ୍ଗଳା ଝିଅକୁ, ଛୁଆକୁ ଆମ ଆଗରେ ନଚଉଛ । ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାରକୁ ଯିବାକୁ ଲଙ୍ଗଳା ଝିଅକୁ ନଚାଅ, ଛୁଆକୁ ନଚାଅ ଆମେ ନିଶ୍ଚୟ ଯିବୁ, ଆମ ପିଲାମାନେ ନିଶ୍ଚୟ ଯିବେ ? ଧର୍ମ, ଈଶ୍ୱରଙ୍କୁ ବୁଝିପାରିବେ । ପୃଥିବୀର ଦୁଃଖ ହାଲକା କରିପାରିବେ । ଈଶ୍ୱରଙ୍କ ଚିନ୍ତାକୁ ଦୂର କରିପାରିବେ, ଶାନ୍ତି, ସୁଖରେ, ସମୃଦ୍ଧିରେ, ସମ୍ଭୋଗରେ ବଞ୍ଚିପାରିବେ ଈଶ୍ୱରଙ୍କର ପ୍ରିୟହୋଇ, ପ୍ରିୟଜନହୋଇ, ଧର୍ମର ଦିବ୍ୟ ଜ୍ଞାନପାଇ, ସତ୍ୟର ଆଲୋକରେ ଆଲୋକିତହୋଇ ।

ତମେ କଣ ଏତେ ମଙ୍ଗଳ ଆମର ଚାହଁ ? ସତରେ କଣ ଏତେ ମଙ୍ଗଳ ଚାହଁ ମଣିଷର ? ମଣିଷ ଜାତିର ? ମଣିଷ ମନର, ମଣିଷ ଧର୍ମର, ମଣିଷ ଜ୍ଞାନର, ମଣିଷ ବିଶ୍ୱାସର ? ତେବେ ଆମ ହାତ ଧରି ଆମକୁ ନେଇଯାଅ ଥରୁଟିଏ ସପ୍ତାହରେ ମନ୍ଦିରକୁ, ମସ୍‌ଜିଦ୍‌କୁ, ଗୀର୍ଜାକୁ, ଗୁରୁଦ୍ୱାରକୁ । ଥରୁଟିଏ ସୁଯୋଗ ଦିଅ ବେଦ, ବାଇବେଲ, କୋରାନ୍ ପଢିବାକୁ, ଶୁଣିବାକୁ, ଜାଣିବାକୁ ? ସତକୁହ କାହିଁକି ଆମକୁ ଆମର ଧର୍ମଗ୍ରନ୍ଥ ବେଦ ପଢିବାରୁ, ଶୁଣିବାରୁ, ଜାଣିବାରୁ ଆମକୁ ବଞ୍ଚିତ କରିଛ ? ବଞ୍ଚିତ କରିଛ ବିଶ୍ୱବାସୀଙ୍କୁ ? ୧୫୦ କୋଟି ଦେଶର ଲୋକଙ୍କ ଭିତରେ ୧୦୦୦ ଲୋକ ବେଦ ପଢନ୍ତି କି ନାହିଁ ସନ୍ଦେହ । କଣ ଟିଭି, ରେଡିଓ, କମ୍ପୁଟରରେ ବେଦର ପ୍ରଚାର ହେବ ତ ?

ଯେମିତି ତମେ ଆମକୁ ନେଇଯାଇଥିଲ ମଧ୍ୟଯୁଗରେ ରାଜାର ଖଣ୍ଡାମୁନରେ ଭୟ ଦେଖାଇ ମନ୍ଦିରରୁ, ମସ୍‌ଜିଦ୍‌କୁ, ଆଧୁନିକ ଯୁଗରେ ମସ୍‌ଜିଦ୍‌ରୁ ଗୀର୍ଜାକୁ ଅର୍ଥଲୋଭରେ ଖାଦ୍ୟ, ଔଷଧ ଟଙ୍କା ଦେଖାଇ । କମ୍ପୁଟର ଯୁଗରେ ତମେ ଆଜି ଗୀର୍ଜାରୁ ମନ୍ଦିରକୁ ଯାଇପାରିବନି ଜ୍ଞାନ ବଳରେ ? ଯାଅ ତମର କଲ୍ୟାଣ ହେବ । ମାନବଜାତିର କଲ୍ୟାଣ ହେବ ? ମା ପୃଥିବୀର ପରମ କଲ୍ୟାଣ ହେବ । ବେଦର ପ୍ରଚାର ପ୍ରସାରକର ପୃଥିବୀରେ ଟିଭି, କମ୍ପୁଟରରେ ବିଶ୍ୱଭାରତ ନିର୍ମାଣ ପାଇଁ, ବସୁଧୈବ କୁଟୁମ୍ବକମ୍ ପାଇଁ

ଅହିଂସାର ଅପୂର୍ବ ଶକ୍ତି । ତାର ସାଧନା କର । ଅହିଂସାର ପୀଡା ପ୍ରାଣାନ୍ତକ, ମୃତ୍ୟୁଠାରୁ । ଯେମିତି ଗଜପତି ପୁରୁଷୋତ୍ତମଙ୍କୁ କାଞ୍ଚି ନରପତି ତାଙ୍କର ଝିଅ ପଦ୍ମାବତୀର ବିବାହ ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିଲେ ରାଜଦୂତ ଫେରାଇ ଦେଇଥିଲେ ଅହିଂସାର ଅପମାନ ସହ, ମୋ ଝିଅ ପଦ୍ମାବତୀ କହୁଛି '' ସେ ତମ ଚଣ୍ଡାଳ ରଜାକୁ ବାହା ହେବନି'' ? ମୁଁ କଣ ଏତେ ଛୋଟ ଲୋକ ସବୁଜାଣି ଗୋଟେ ଚଣ୍ଡାଳକୁ ବାହାଦେବି ମୋ ଝିଅକୁ । 'ଚଣ୍ଡାଳ' ଶବ୍ଦରେ ଯେଉଁ ଅପମାନ ପୀଡା ଭୋଗିଥିଲେ ଗଜପତି ପୁରୁଷୋତ୍ତମଦେବ ସେ ପୀଡା ଥିଲା ପ୍ରାଣପ୍ରିୟା ପ୍ରିୟତମାର ଯାହାକୁ ସେ ଭଲ ପାଉଥିଲେ ପ୍ରାଣଭରି ନିବିଡଭାବେ,ଏକତରଫା ହେଉପଛେ ତାଙ୍କର ପ୍ରେମଥିଲା ନିର୍ମଳ, କୋମଳ, ପ୍ରୀତିପୂର୍ଣ୍ଣ । ରାଜକୁମାରୀ ପଦ୍ମାବତୀର 'ଚଣ୍ଡାଳ' ଶବ୍ଦର ଅପମାନ ଥିଲା ଅସହ୍ୟ । ସେ ହିଂସା କରି ନଥିଲା । ଅହିଂସାର ପୀଡାଥିଲା ପ୍ରାଣଘାତକ ଯେଉଁ ପୀଡାରୁ ମୁକ୍ତିପାଇଁ କଳିଙ୍ଗର କାଞ୍ଚି ଅଭିଯାନ ଥିଲା ଜୀବନ ମରଣର ଯୁଦ୍ଧ । ଯେଉଁ ଯୁଦ୍ଧରେ ଭାଗ ନେଇଥିଲେ ସ୍ୱୟଂ ଜଗନ୍ନାଥ, ବଳଭଦ୍ର । ସେହି ଯୁଦ୍ଧରେ ବିଜୟୀ ଗଜପତୀ ପଦ୍ମାବତୀଙ୍କୁ ବିବାହ କରିଥିଲେ ଚଣ୍ଡାଳ ବେଶରେ । ଶ୍ରୀଗୁଣ୍ଡିଚାରେ ଛେରା ପହଁରା କରିବା ସମୟରେ ।

କାଞ୍ଚିକୁ କ୍ଷମା କରିଥିଲେ । ଅହିଂସାର ପୀଡା, ଅସମ୍ଭବ ଶକ୍ତିର ପୀଡା ସମ୍ଭାଳି ପାରନଥିଲେ ଜୟଚନ୍ଦ୍ର ନିଜ କନ୍ୟା ସଂଯୁକ୍ତାର ସ୍ୱୟମ୍ବରରେ । ପୃଥିବୀରାଜର କାଷ୍ଠ ପୁତ୍ତଳିକାକୁ ଫୁଲମାଳ ଦେଇ ତାଙ୍କୁ ସ୍ୱାମୀ ଘୋଷଣା କରିବା ଓ ଲୁଚି ପଳାୟନ କରିବା । ସେ ପୀଡା ଏତେ ଭୟଙ୍କର ଥିଲା ସେ ସଂଯୁକ୍ତା ତାଙ୍କୁ ହିଂସା ବଳରେ ହାଣିଥିଲେ ବୋଧେ ଏତେ କଷ୍ଟ ହୋଇ ନଥାନ୍ତା ? ତେଣୁ ସେ ବିଦେଶୀ ଶତ୍ରୁ ମହମ୍ମଦଘୋରୀଙ୍କୁ ଏ ଦେଶକୁ ଡାକି ଆଣିଥିଲେ ? ତା ସହିତ ଏ ଦେଶର ଧ୍ୱଂସକୁ, ପରାଧୀନତାକୁ ? ଅହିଂସାର ଶକ୍ତି ଅଜୟ, ଅବିଜିତମ୍ ଅନୁଭବ କରିଥିଲେ ମହାମାନବ ମହାତ୍ମାଗାନ୍ଧୀ । ୧୮୫୭ର ବିଦ୍ରୋହ ଦଳିମକଚି ଯେପରି ଦମନ କରିଥିଲେ ଇଂରେଜମାନେ ସେଥିରୁ ଗାନ୍ଧିଜୀ ବୁଝିପାରିଥିଲେ ହିଂସା ବଳରେ ଇଂରେଜକୁ ଜିଣିବା ଅସମ୍ଭବ ? ତେଣୁ ଗୋଟିଏ ଶକ୍ତିଶାଳୀ ହିଂସ୍ର ଜାତିଠାରୁ ଏ ଦେଶର ସ୍ୱାଧୀନତାକୁ ହିଂସା ବଳରେ ଛଡେଇ ଆଣିବା ଅସମ୍ଭବ । ତେଣୁ ସେ ଖୋଜୁଥିଲେ ହିଂସାର ପ୍ରତି ଅସ୍ତ୍ରଟିଏ, ହିଂସାକୁ ପ୍ରତିହିତ କରିବାପାଇଁ ଛୋଟିଆ ଶକ୍ତିଶାଳୀ ଅସ୍ତ୍ରଟିଏ ତାହା ଥିଲା ଅହିଂସା, ଅହିଂସର ଦୀକ୍ଷାରେ ଦୀକ୍ଷିତ ଲକ୍ଷଲକ୍ଷ ଗ୍ରାମବାସୀ, ଅଜ୍ଞାନ ଗ୍ରାମବାସୀ, ବିଳାସ ବିଭବ ବୁଝୁନଥିବା ଗ୍ରାମବାସୀ, ସରଳ 'ସ୍ୱରାଜ'ରେ ବିଶ୍ୱାସ କରୁଥିବା ଗ୍ରାମବାସୀ । ସେଇ ଗ୍ରାମବାସୀ ଏ ଦେଶକୁ ଏକାଠି କରିପାରିବେ । ବିଶ୍ୱରେ ଏ ଦେଶର ସମ୍ମାନକୁ ପ୍ରତିଷ୍ଠିତ କରିପାରିବେ । ସେମାନେ ଲଙ୍ଗଳା ମଣିଷ, ଲୁହାର ମଣିଷ, ମାଟିର ମଣିଷ, ଆକାଶର ମଣିଷ ସେମାନଙ୍କ କଥା ଶୁଣ । ସେମାନଙ୍କୁ



ଏକାଠି କରିଦିଅ ଅହିଂସ ର ମନ୍ତ୍ରରେ, ପଥରେ, ପ୍ରୀତିରେ ଥରୁଟିଏ, ଥରୁଟିଏ ।

ସନ୍ଧ୍ୟା ନଇଁ ଆସିଥିଲା । ସମୟ ଶେଷ ହୋଇ ଯାଇଥିଲା । ସାକ୍ଷାତର ଶେଷ ପର୍ବରେ ବିଦାୟର ଅଶ୍ରୁବିଭୋର ପ୍ରେମର ଅଶ୍ରୁ, ହୃଦୟର ପ୍ରାଣଥରା ଅଶ୍ରୁ, ଦୁଃଖରେ ବତୁରା ଅଶ୍ରୁ । ସେଇ ଦୁଃଖରେ ଲୁହସବୁ ଥପ୍‌ଥପ୍ ହୋଇ ପଡୁଥାଏ । ବଡ କରୁଣ, କଷ୍ଟଦାୟକ ସେ ମୁହୂର୍ତ୍ତ, ମନେ ହେଉଥିଲା ଯେମିତି ଆମକୁ ଜବରଦସ୍ତ କଳେବଳେ କୌଶଳେ ମାଡିମକଚି, ଦଳିମକଚି, ଅଲଗା ଅଲଗା କରିଦେଇଥିଲେ ଇଂରେଜମାନେ । ସେ ଲୁହରେ ଲହୁ ଝରୁଥିଲା । କାନ୍ଦ କାନ୍ଦ କୋହର, ଓଠଥରା, ଅଶ୍ରୁ ଉତୁରା ସେ ବେଳ । ଆଖିରେ ଲୁହ ସମ୍ଭାଳୁ ନଥିଲା ଯେମିତି ସରୁନଥିଲା ସେ ଲୁହ । ସେଇ ଲୁହ ବିନ୍ଦୁ ସବୁ ଟୋପାଟୋପା ରକ୍ତଭଳି ଖସୁଥିଲା ମୋ ଛାତିରୁ କଲିଜା ଫଟେଇ, ଏତେ ଲୁହ ଅଛି ମୋ ଛାତିରେ, ମୋ ଆଖିରେ ମୁଁ ଜାଣି ନଥିଲି ? ସେଦିନ ଜାଣିଲି ସେ ଲୁହ ଯେମିତି ଗଙ୍ଗାସାଗର ର ଲୁହ, ସିନ୍ଧୁସାଗରର ଲୁହ, ହିନ୍ଦୁକୁଶର ଲୁହ, ହିମାଳୟର ଲୁହ, ହିନ୍ଦ୍‌ସାଗରର ଲୁହ, ସେ ଲୁହ ଶୁଖିବନି । ସେ ଲୁହ ଟୋପା ଟୋପା ଟପ୍ ଟପ୍ ଖସିପଡୁଥିଲା ଶୁଖିଲା ମାଟିର ଛାତିରେ ସେ ଶୁଖି ଯାଉଥିଲା ଛଟ୍‌ପଟ୍ ହୋଇ, ଚଟ୍‌ପଟ୍ ହୋଇ ଯେମିତି ପ୍ରବଳ ତୃଷାର୍ତ୍ତ ମାଟି'ମା ପିଇଯାଉଥିଲା ଢକ୍‌ଢକ୍ ପାଣି ପିଇଲାଭଳି ? ଶୁଖିଲା ଦିଶୁଥିଲା ତା ମୁହଁ ଯେମିତି ଏତେ ଦୁଃଖକୁ ଚାପି ରଖିଛି ମୋ ଆଖିରୁ ଲୁହ ସେ ପିଇ ଯାଉଛି, ସେ ଲୁହ ସେ ଦେଖିପାରିବନି । ଚାଲି ଚାଲି ଗଲାବେଳେ ପାଦ ଯେମିତି ପଡୁଥିଲା ପଛକୁ, ମନ ଉଡୁଥିଲା ଲାହୋର ସହରର ଆଲୁଅ ଦେଖିବାକୁ । ସିନ୍ଧୁନଦୀରେ ଜହ୍ନ ଦେଖିବାକୁ, ଡଙ୍ଗାରେ ବସିବାକୁ, ପ୍ରାଣସଖୀକୁ ଜଡେଇ ଧରିବାକୁ, ଚୁମାଟେ ଦେବାକୁ, ଗୀତଗୋଟେ ଗାଇବାକୁ, ନଇଁରେ ପହଁରିବାକୁ, ଲଙ୍ଗଳା ପହଁରିବାକୁ, ଗ୍ଲାଇଡରଟେ ଧରି ହିନ୍ଦୁକୁଶ ପର୍ବତମାଳାରେ ଚକ୍‌କର କାଟିବାକୁ, ଚୂନାଚୂନା ବରଫରେ ଭିଜିବାକୁ, ପ୍ରବଳ ଥଣ୍ଡାରେ ଥରିବାକୁ, ପରସ୍ପରକୁ ପ୍ରାଣଖୋଲି ଧରିବାକୁ ନିଆଁ ପାଖରେ, ନୀରବରେ, ନିଃଶବ୍ଦରେ, ନିବିଡ ମୋହବତ୍‌ରେ... ।

ଆଗକୁ ଗଲାବେଳେ ପାଦ ଥରୁଥିଲା ଆଖିକୁ ଅନ୍ଧାର ଦିଶୁଥିଲା, ଆସାଡ୍ ଲାଗୁଥିଲା । ଅସହାୟ ଲାଗୁଥିଲା ପ୍ରାଣଥରା ଦୁଃଖରେ ଲୁହର ଓଜନ ବଢିଯାଇଥିଲା, ବଡକଷ୍ଟ ଲାଗୁଥିଲା, କରୁଣ ଲାଗୁଥିଲା ପ୍ରିୟତମା ପ୍ରାଣସଖୀର ଅହିଂସ ନିର୍ଯ୍ୟାତନାର ଦୁଃଖଭଳି, ତା'ଦୁଃଖରେ ଲୁହର ଓଜନ ଭଳି ଓଜନିଆ ଲାଗୁଥିଲା । ଖସିପଡୁଥିଲା ସେଇ ଲୁହ । କାନ୍ଦୁରା ମୁହଁରେ ଝାପ୍‌ସା ଅନ୍ଧାରେ ବୁଢୀଟିଏ ପାଖରେ ଛିଡା ହୋଇଥିବାର ଦିଶୁଥିଲା ।

ବୁଢୀ ମା' : ବାପରେ ବଡକଷ୍ଟ ହେଉଥିବ ? ତୋ ଆଖିରେ ଏତେଲୁହ ମୁଁ ସହିପାରୁନି । ଧାଇଁଆସିଛି ତତେ ଦେଖିବାକୁ । ମୁଁ ସେଇ ଫାଟକ ପାଖରେ ରହୁଛି । ଆସିବୁ ଆଉ ତୁ କେବେ ? ମତେ ମନେ ରଖିଥିବୁ । ମତେ ଭୁଲିଯିବୁନି ପୁଅ, ମୋ ଧନପରା ।

ମୁଁ : ମା ତୁ ତ ସୁବୁଦିନେ ଦେଖୁଥିବୁ ସମସ୍ତଙ୍କ ଲୁହ ? ତତେ ବଡ କଷ୍ଟ ହେଉଥିବ ? ତୁ ସେଠାରେ ରହୁଛୁ ସମସ୍ତେ ଆସୁଛନ୍ତି ଚାଲିଯାଉଛନ୍ତି, ତୁ ସେଠାରୁ ଚାଲିଯାଉନୁ କାହିଁକି ?

ବୁଢୀ ମା' : କେଉଁଠିକି ଯିବି ? ସେଇ ତ ମୋ ଘର ବାରି । ଘରବାରି ଛାଡି କୁଆଡେ ଯିବି ?ଏତେ ବର୍ଷାରେ, ବରଫରେ, ଶୀତରେ, ଝଡରେ, ଖରାରେ, ବାତ୍ୟାରେ, ବନ୍ୟାରେ ମୁଁ ଯାଇନି । ମୁଁ ଯାଇପାରିବିନି । ଗଲେ ବଞ୍ଚିପାରିବିନି ।

ମୁଁ : ତୁ ଏମିତି ଲୁହରେ ବଞ୍ଚିଥିବୁ, ସମସ୍ତଙ୍କୁ ଲୁହ ପିଇପିଇ, ତୋ ଆଖିରୁ ଲୁହ ଝରୁଥିବ ?

ବୁଢୀ ମା' : ସେଇଟା ମୋର ଭାଗ୍ୟ ? ନା'ରେ ପୁଅ, ଦେଖୁନୁ ମୋର ଆଖିକୁ, ଆଖିର ଲୁହକୁ । ମୁଁ କେବେବି ଖସିପଡିବାକୁ ଦେଇନାହିଁ । ଯେତେ କଷ୍ଟହେଉ ମୋ ପୁଅର ଅକଲ୍ୟାଣ ହେବ ମୁଁ କାନ୍ଦିଲେ... ମୁଁ ପରା ମା... ମା' କଣ କେବେ କାନ୍ଦେ ? ଲୁହ ଝରାଏ ? ଲୁହ ଚାପିବାରେ, ପୋଛିବାରେ, ପିଇବାରେ ତାର... ।

ମୁଁ : ତୁ କଣ ଏମିତି ? ବଞ୍ଚିଥିବୁ ବର୍ଷମାସ, ଖରା କାକରରେ, ଶୀତ ବରଷାରେ ?

ବୁଢୀ ମା' : ହଁ ଯେତେ ଦିନଯାଏ ଏ ଚିରାଶାଢୀ ମୁଁ ପିନ୍ଧିଛି ମୋର ଆଉ କଣ ଲୋଡା ? ସୁଖରେ କି ପ୍ରୟୋଜନ ? ଦୁଃଖ ମୋର ପ୍ରିୟ ଆପଣାର । ମୋ ଦୁଃଖ ବୁଝିବାକୁ କଣ ଏ ଯାଏ ଜନ୍ମ କରିନି ଗୋଟେ ପୁଅକୁ ? ସେମିତି ପୁଅକୁ ପ୍ରତୀକ୍ଷା କରିଛି । ସେ ନିଶ୍ଚୟ କେଉଁଠି ଜନ୍ମ ହୋଇଥିବ ? ମୋ ପାଖକୁ ଆସିବାକୁ ବାଟ ଖୋଜୁଥିବ । ଏତେ ଦୂରରେ ସେ ମୋ ଲୁହକୁ ଦେଖିପାରୁଥିବ, ଦୁଃଖରେ ବତୁରା ମୋ ହୃଦୟର ସ୍ପନ୍ଦନକୁ ଶୁଣିପାରୁଥିବ, ମୋ ପାଇଁ ନୂଆଶାଢୀ ଆଣିଥିବ, ସେ ନିଶ୍ଚୟ ଆସୁଥିବ । ସେଇ ସକାଳର ପ୍ରତୀକ୍ଷାରେ, ବାପରେ' ମୋ ଆଖିରୁ ଲୁହ ପିଇଦିଏ ଓଠ, ପୋଛିଦିଏ ପଣତ ପାପୁଲି,ହେଲେ ତଳେ ପଡିବାକୁ ଦିଏନି । କାଳେ ପୁଅ ମୋର କହିବ ମା ତୁ କାନ୍ଦୁଛୁ, ମୁଁ ହତଭାଗ୍ୟ, ଭାଗ୍ୟହୀନ ଡେରି କରିଦେଲି । ସେ ସମ୍ଭାଳି ପାରିବନି ମୋ ଆଖିରେ ଲୁହ, ତଳେ ପଡୁଥିବାର ...

ମୁଁ ଆଉ ସମ୍ଭାଳି ପାରୁନଥିଲି । ପ୍ରାଣ ମୋର ଫାଟି ପଡୁଥିଲା । ଭାବୁଥିଲି କେଡେ ଚଣ୍ଡାଳ ମୁଁ ମୋ ମାଆକୁ ମୁଁ ନେଇପାରୁନି ମୋ ସାଥିରେ, ମୋ ଚଟିଘରକୁ । ମୁଁ ଶପଥ କରୁଥିଲି ମା ମୁଁ ନିଶ୍ଚୟ ଖୋଜିଆଣିବି ତୋର ପୁଅକୁ, ଯାହାର ପ୍ରତୀକ୍ଷାରେ ନିତି ତୁ ପଣତପାତି, ସମସ୍ତଙ୍କର ଲୁହ ପୋଛୁଛୁ । ମୁଁ ନିଶ୍ଚୟ ପାରିବି ଯେତେ କଷ୍ଟହେଉ, ଦେଢଶହ କୋଟି ଲୋକଙ୍କ ଭିତରୁ ସୀମା ଏ ପାଖରୁ, ସୀମା ସେପାଖରୁ... । ପ୍ରଣାମ ମା ପ୍ରଣାମ... । ବସ୍‌ରେ ବସିଥିଲି । ଅମୃତସର ସେନା ଶିବିରରେ କେତେବେଳେ ବସ ପହଞ୍ଚିଲା ଜାଣିନି । ଶୋଇଛି ଯେ ଶୋଇଛି । ସେନା ଖଟରେ ଶୋଇ ସ୍ୱପ୍ନ ଦେଖୁଛି ସେଇ ଲୁହ ବତୁରା ଦୃଶ୍ୟସବୁ ଲୋମଟାଙ୍କୁରା ଦୃଶ୍ୟସବୁ କେମିତି ଭାଗଭାଗ ହେଉଥିଲା ଏ ଦେଶ । ପରସ୍ପରକୁ ପଶୁଭଳି ହାଣୁଥିଲେ ମୋ ଦେଶବାସୀ, ବସ୍‌ରେ ପଶି, ଟ୍ରେନରେ ପଶି, ଗାଁରେ,ସହରରେ,ଗର୍ଭିଣୀର ସ୍ତ୍ରୀ ହାତଗୋଡ ସ୍ତନ କାଟୁଥିଲେ, ପେଟରେ ଖଣ୍ଡାଭୁଷି ଛୁଆ ବାହାର କରୁଥିଲେ । ସ୍ୱାମୀ ଆଗରେ ସ୍ତ୍ରୀକୁ ଲଙ୍ଗଳା କରି ଧର୍ଷଣ କରୁଥିଲେ, ଧରି ଧରି ହାଣୁଥିଲେ, ଶବ ଗଣୁଥିଲେ, ଅଖାରେ ପୁରାଉଥିଲେ,ଆଖି ତାଡୁଥିଲେ, ଛାତି ତାଡୁଥିଲେ,ଏତେ ନିର୍ମମ ଭାବେ, ନିଷ୍ଠୁର ଭାବେ, ନୃଶଂସ ଭାବେ ମୋର ମନେ ପଡୁଥିଲା କଣ ଏମିତି ଏମାନେ ହାଣିଥିଲେ ବିଦେଶୀ ଗୋରା ଇଂରେଜମାନଙ୍କୁ ? ତାଙ୍କର ସ୍ତ୍ରୀଙ୍କୁ, ପିଲାଙ୍କୁ ? ତାଡିଥିଲେ ତାଙ୍କ ମୁଣ୍ଡ, ଆଖି, ଛାତି, ପେଟ, ସ୍ତନ, ହାତ, ଗୋଡ ? ତେବେ କାହିଁକି ଏମିତି ହାଣୁଛନ୍ତି ? କି ପାପ କରିଛନ୍ତି ? କାହାର କ୍ଷତି କରିଛନ୍ତି, କେତେ ପାପ କରିଛନ୍ତି, ଧର୍ମର ପାପ କରିଛନ୍ତି, ସୈତାନ ହୋଇଛନ୍ତି, ନା ସେମାନେ ପାପୀ ନୁହଁ ପ୍ରିୟଜନ, ସେମାନେ ମଣିଷ, ମାଟିମାର ମଣିଷ । ଧନ୍ୟ ସେ ମା ଯିଏ ଦେଖୁଥିଲା ସେଇ ହଣାକଟାର ଦୃଶ୍ୟକୁ ମାଟିହୋଇ ପଥର ହୋଇ । ଜାଣିନି ତା



ଆଖିର ଅଗ୍ନିକଣାରେ ଲଣ୍ଡନରେ ନିଆଁ ଲାଗିଥିଲା କି ? ତା ଓଠର ଦୀର୍ଘଶ୍ୱାସରେ ଆଣ୍ଟାର୍କିକ ମହାସାଗର ନୀଳ ପଡିଯାଇଥିଲା କି ? ତା ଦୁଃଖରେ ଇଂରେଜ କେବେ ଅନୁତାପ କରିଥିଲା କି ? ଅଶ୍ରୁ ଝରାଇଥିଲା କି ?

ମହାଭାରତର ଶାନ୍ତନୁ ପ୍ରିୟମ୍ବଦା, ପ୍ରାଣପ୍ରିୟା, ପ୍ରିୟତମା ପ୍ରାଣସଖୀ ଗଙ୍ଗାଙ୍କର ପ୍ରଣୟ ପ୍ରାର୍ଥୀ ହୋଇଥିଲେ, ବିଭୋର ପ୍ରୀତିରେ ପ୍ରୀତି ନିବେଦନ କରିଥିଲେ, ପରିଣୟ ପାଇଁ ପ୍ରାଣର ସର୍ତ୍ତ ବାଢିଥିଲେ, ତାଙ୍କୁ ଛାଡି ବଞ୍ଚି ନପାରିବାର ଅସହ୍ୟ ବିରହ ବ୍ୟଥାକୁ ବ୍ୟକ୍ତ କରିଥିଲେ । ଗଙ୍ଗା ତାଙ୍କର ପ୍ରେମ କୋମଳ ହୃଦୟରେ ମହାରାଜ ଶାନ୍ତନୁଙ୍କୁ ସ୍ଥାନ ଦେଇଥିଲେ । ପରିଣୟ ପାଇଁ ସମ୍ମତି ଦେଇଥିଲେ । ପ୍ରୀତିମୁଗ୍ଧ ଶାନ୍ତନୁଙ୍କ ପାଇଁ କୋମଳପ୍ରାଣର ସର୍ତ୍ତଟିଏ ରଖିଥିଲେ ''ମତେ ଗାଙ୍ଗୀ କହିଲେ ମୁଁ ତୁମ ପାଖେ ରହିବନି '' । ମହାରାଜ ଏହାକୁ ଆନନ୍ଦର ସହ ଗ୍ରହଣ କରିଥିଲେ, ବିସ୍ମିତ ହୋଇଥିଲେ ପ୍ରିୟମ୍ବଦାର ପ୍ରୀତି କୋମଳ ସର୍ତ୍ତରେ । ରାଜଅନ୍ତଃପୁରେ କଣ ଅଭାବ ଅଛି ଯେ ମୁଁ ତାଙ୍କୁ କଷ୍ଟ ଦେବି ? କଣ ଆବଶ୍ୟକତା ଅଛି ଯେ ମୁଁ ପ୍ରାଣସଖୀକୁ ଆଘାତ ଦେବି ? ଗାଙ୍ଗୀ କହିବି ? ଯାହା ସହିତ ଜୀବନ ବଞ୍ଚିବି ? ଅସମ୍ଭବ ? ତାର ପୀଡାତ ମୋପାଇଁ ପୀୟୂଷ, ଆନନ୍ଦର ଅସରନ୍ତି ଉତ୍ସ । ତାକୁ କାହିଁକି କହିବି ଗାଙ୍ଗୀ ? ଏଇ ସର୍ତ୍ତ ଏତେ କୋମଳ ଥିଲା ଶାନ୍ତନୁ ହସି ଦେଇଥିଲେ ଯେମିତି ପରମ ଦୟାଳୁ ଇଂରେଜମାନେ, ଭାରତୀୟଙ୍କୁ ସ୍ୱାଧୀନତା ଦେଇଥିଲେ ଅହିଂସାର ଜୟଗାନ କରି, 'ଦିଖଣ୍ଡ' ହେବାର କୋମଳ ସର୍ତ୍ତରେ, ଧର୍ମର ବିକାଶ ଲାଗି, ଧର୍ମର ସ୍ୱତନ୍ତ୍ରତା ଲାଗି ଭବିଷ୍ୟତରେ ସୁଖ ଶାନ୍ତିରେ ରହିବାକୁ । ସେମାନେ ବୁଝିଥିଲେ ଥରେ ଏମାନେ ଭାଗ ଭାଗ ହେଲେ ବୁଝି ପାରିବେ ସୁଖ ଶାନ୍ତିରେ ରହବାକୁ ସ୍ୱପଟିଏ ଲୋଡା, ସ୍ୱପ୍ନ ପାଇଁ ଲୋଡା ଅନ୍ଧାର, ସେଇ ଅନ୍ଧାରେ ଶୋଇପଡିବାକୁ...ହେଲେ ଶୋଇବାକୁ କିଏ ଦେବ ? ସେମାନେ ଛାଡି ଯାଇଥିବା ବନ୍ଧୁକର ଗୁଳି, ବୋମାର ଗର୍ଜନ, ଯୁଦ୍ଧର ଆତଙ୍କ, ନା ସୀମାନ୍ତରେ ଶାନ୍ତିର ପ୍ରୟାସ ଯାହାକୁ ସେମାନେ ବୁଝିବିଚାରି କାଟିଛନ୍ତି ଅଧେ ଅଧେ କରି ନୁହେଁ ରାଧେ ରାଧେ କରି, ଦିଭାଗେ ଭାଗେ କରି ଭାରତକୁ 'ପୁଣି ଭାରତ' ପାକିସ୍ଥାନ କରି ସ୍ୱାଧୀନ ଦେଶ ନୁହେଁ, 'ସ୍ୱାଧୀନ କରଦ ରାଜ୍ୟ' କରି । ଧନ୍ୟ ବଣିକ ଜାତିର ବୁଦ୍ଧି । ବିପଦର ବନ୍ଧୁହୋଇ ଗୁଳି ବନ୍ଧୁକ ବିକିବାର ଏ ବୁଦ୍ଧିକୁ କେବେ ବୁଝିବେ ଏ ଦେଶର ନିରକ୍ଷର ଗ୍ରାମବାସୀ ? ସହରର ଶିକ୍ଷିତ ସ୍ୱାର୍ଥୀ କ୍ଷମତାଲୋଭୀ ଧର୍ମ କଳହ ପ୍ରିୟ, ବିଳାସ ପ୍ରିୟ ଦେଶ ସେବକମାନେ ? କଣ ବୁଝେଇବେ ଏ ଗୁଢକଥା ନିରକ୍ଷର ଗ୍ରାମବାସୀଙ୍କୁ, ଯାହାର ପୁଅ ଲଣ୍ଡନରେ ପଢୁଛି, ଝିଅ ଆମେରିକାରେ ଉଡୁଛି, ବହୁଦେଶୀୟ କମ୍ପାନୀରେ ଡ଼ଲାର ଗଣିବାର ସ୍ୱପ୍ନ ଦେଖୁଛି । ଡଲାରର ସ୍ୱପ୍ନ । ରଙ୍ଗୀନ ସ୍ୱପ୍ନ ରଙ୍ଗୀନ ସୁରାରେ, ରଙ୍ଗବେରଙ୍ଗର ସୁନ୍ଦରୀମାନଙ୍କ ଗହଣରେ ,ସ୍ୱର୍ଗର ନନ୍ଦନକାନନରେ । ଯେଉଁ ସ୍ୱପ୍ନ ସେମାନେ ଦେଖାଇଥିଲେ ଏ ଦେଶର ରାଜାଙ୍କୁ, ''ହାତପାଣ୍ଠି ଦେଇ'' ସାମନ୍ତକୁ, ଶିକ୍ଷତକୁ, ଜମିଦାରକୁ ହାତଗଣ୍ଠିକରି ଯିଏ ମନା କରିଥିଲେ ସେମାନଙ୍କୁ ଜେଲରେ, ଗୁଳିରେ, ଫାଶିରେ, ଲାଠିରେ ମିଶେଇ ଦେଇଥିଲେ ମାଟିରେ, ମୂକ କରିଦେଇଥିଲେ ମୃତ୍ୟୁର ଧମକରେ । ଯେଉଁମାନେ ମୁକୁଳି ଆସିଥିଲେ 'ମାଡମୃତ୍ୟୁ'ର ବର୍ଲିନ ପ୍ରାଚୀର ଡେଇଁ ସେମାନେ ଆଣିଥିଲେ ଏ ଦେଶର ସ୍ୱାଧୀନତା ।

ଗାନ୍ଧିଜୀ ବୁଝିଥିଲେ ଇଏ ସ୍ୱାଧୀନତା, ନା ଚିରଶତ୍ରୁତା ! ତେଣୁ ସେ ସ୍ୱାଧୀନତା ଦିବସ

ପାଳିନଥିଲେ ଦିଲ୍ଲୀରେ, ରାଜଧାନୀରେ ୧୫ ଅଗଷ୍ଟ ୧୯୪୭ର ଶ୍ରାବଣ ରାତିରେ, ରକ୍ତସ୍ନାତ ଦ୍ୱିଖଣ୍ଡିତ ଭାରତ ମାଆର ଛାତିରେ । ସେ ନୀରବ ଅଶ୍ରୁ ଢାଳୁଥିଲେ ସୁଦୂର କଲିକତାରେ ଯେଉଁଠି ଧର୍ମବଳି ପଡିଥିଲେ ଏ ଦେଶର ତରୁଣତରୁଣୀ, ବାଳକ, ବୃଦ୍ଧ ରକ୍ତର ହୋରି ଖେଳିଥିଲେ ଧର୍ମବିଶ୍ୱାସର ଜୟଧ୍ୱନି କରୁଥିଲେ । ଇଂରେଜମାନେ ହସୁଥିଲେ ଶତ୍ରୁକୁ 'ସ୍ୱାଧୀନତା' ଯେଉଁଠି ଶାନ୍ତିପାଇଁ ଚିରଶତ୍ରୁତା । ଚିର ପରାଧୀନତା ଭଲ କିନ୍ତୁ ଚିରଶତ୍ରୁତା ଭଲନୁହେଁ ଯେତେ କଷ୍ଟହେଉ, ପାପହେଉ ଦେଶକୁ ଭାଗଭାଗ କରିବା ଭଲନୁହେଁ । ତେଣୁ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ଜତୁଗୃହରେ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ଯେମିତି ପାଣ୍ଡବମାନେ ନିରୀହ ଧର୍ମପ୍ରିୟ ଦୁର୍ଦ୍ଦକ୍ଷର, ମା ଗାନ୍ଧାରୀ ଆଗରେ । ଗଙ୍ଗାଭଳି କି କରୁଣ, କି ଦାରୁଣ ସେ ଦୃଶ୍ୟ । ସିଂହାସନ ପାଇଁ ଦୁର୍ଯ୍ୟୋଧନର ଭ୍ରାତୃହତ୍ୟାର ଚକ୍ରାନ୍ତ ଠାରୁ, ପାଣ୍ଡବମାନଙ୍କର ମା ହାତରେ ପୁତ୍ରହତ୍ୟାର ଚକ୍ରାନ୍ତ ବଳି ପଡିଥିଲା ପାପରେ, ପୀଡାରେ, ପ୍ରତାରଣାରେ, ପୁଣି ଶ୍ରୀକୃଷ୍ଣଙ୍କ ଉପସ୍ଥିତିରେ, ଯିଏ ପାଣ୍ଡବମାନଙ୍କୁ ଉଦ୍ଧାର କରିଥିଲେ ଜତୁଗୃହରୁ ଗୁପ୍ତ ସୁଡଙ୍ଗ ଖୋଳି । ପାଣ୍ଡବମାନେ ଦୁର୍ଯ୍ୟୋଧନର ଚକ୍ରାନ୍ତ ଜାଣି କାହିଁକି ଆତ୍ମଗୋପନ କରିଥିଲେ ଜଙ୍ଗଲରେ ? ପ୍ରକାଶରେ ସତ୍ୟ ପ୍ରକାଶ କରି ଦୁର୍ଯ୍ୟୋଧନର ନିନ୍ଦା ନକରି, ତାର ବିରୋଧ ନକରି ? କି ଉଦ୍ଦେଶ୍ୟରେ ? ଜତୁଗୃହର ତଦନ୍ତ ପାଇଁ ଆମରଣ ଅନଶନ ତ କରିପାରିଥାନ୍ତେ ? ମହାରାଜ ଅନ୍ଧ ଧୃତରାଷ୍ଟ୍ର ସାନଭାଇ ପଣ୍ଡୁଙ୍କ ପାଇଁ ଦେଶକୁ ଭାଗଭାଗ କରିଥିଲେ ନା ନିଜ ଭାଗ ବୁଝିବାକୁ ଦାୟିତ୍ୱ ଦେଇଥିଲେ ? ଦେଶରୁ ତଡିଦେଇ ନଥିଲେ, ହତ୍ୟାକରି ନଥିଲେ, ରାଜକାର୍ଯ୍ୟ ଦାୟିତ୍ୱ ଦେଇଥିଲେ । ପଣ୍ଡୁପୁତ୍ର ପାଣ୍ଡବ ମାନଙ୍କର ଦାବି ଆସିଲା କେଉଁଠୁ ? ଯୁବରାଜ ଦୁର୍ଯ୍ୟୋଧନର ୧୦୦ ଭାଇ ବଞ୍ଚିଲା ପରି ପାଣ୍ଡବମାନେ ବଞ୍ଚିବାରେ ଅସୁବିଧା କେଉଁଠି ଥିଲା ? ଅନ୍ଧ ଅସହାୟ ମହାରାଜ ଧୃତରାଷ୍ଟ୍ର ଦେଶକୁ ବାଣ୍ଟି ନଥଲେ । ଆଖି ଥାଉଥାଉ ଶକ୍ତିଶାଳୀ ଯୁବରାଜ ଦୁର୍ଯ୍ୟୋଧନ ଦେଶକୁ ବାଣ୍ଟିଥାନ୍ତା କିପରି ? ପୁଣି ପିତାମହ ଭୀଷ୍ମ ଯେଉଁ ହସ୍ତୀନାର ରାଜସିଂହାସନର ସୁରକ୍ଷା ପାଇଁ ସଙ୍କଳ୍ପବଦ୍ଧ ! ପାଣ୍ଡବଙ୍କ ପୂର୍ବରୁ କେବେ ତାଙ୍କର ପିତା, ପିତାମହ, ପ୍ରପିତାମହ ଏ ଦେଶକୁ ଭାଇ ଭାଇ ମଧ୍ୟରେ ଭାଗ ଭାଗ କରିଥିଲେ କି ? ବଡଭାଇ ମହାରାଜ ଧୃତରାଷ୍ଟ୍ରର ପୁଅ ଯୁବରାଜ ଦୁର୍ଯ୍ୟୋଧନ ରାଜା ନ ହୋଇ ସାନଭାଇ ପଣ୍ଡୁଙ୍କର ''ଯେ କି ମହାରାଜାଙ୍କ ତତ୍ତ୍ୱାବଧାରକ'' ତାଙ୍କ ପୁଅ ଯୁଧିଷ୍ଠିର ରାଜାହେବେ ଏ ଦେଶରେ ? ଏ'କି ନ୍ୟାୟ ବିଚାର ? ଏ' କି ଯୁକ୍ତି ? ବଡପୁଅ ରାଜା ହେବ । ରାଜାର ବଡପୁଅ ରାଜା ନହୋଇ 'ତତ୍ତ୍ୱାବଧାରକ' ସାନଭାଇ ପଣ୍ଡୁଙ୍କର ବଡପୁଅ ରାଜାହେବ କିପରି ? ପୁଣି ମହାରାଜା ବଞ୍ଚିଥାଉଥାଉ ? କେଉଁ ନ୍ୟାୟରେ ? ପାଣ୍ଡବମାନେ ଥିଲେ କ୍ଷମତା ଲୋଭୀ । ସେମାନେ ଚାହୁଁଥିଲେ କ୍ଷମତା, ସିଂହାସନ, ଦେଶକୁ ଭାଗ ଭାଗ କରିବାକୁ । ଦେଶକୁ ବାଣ୍ଟିବାର କଷ୍ଟ କି ଦାରୁଣ ବୁଝିଥିଲେ ଦୁର୍ଯ୍ୟୋଧନ ତେଣୁ ପାଣ୍ଡବମାନଙ୍କର ହତ୍ୟାପାଇଁ ଜତୁଗୃହର ଚକ୍ରାନ୍ତ କରିଥିଲେ, ଭୀମଙ୍କୁ ବିଷ ଲଡୁ ଦେଇଥିଲେ ? କାରଣ ସେମାନଙ୍କର କ୍ଷମତା ଲୋଭ, ତାର ନିଷ୍ଠୁର ପରିଣତି ପ୍ରତି ଦୁର୍ଯ୍ୟୋଧନ ସତର୍କ ଥିଲେ, ବିଚଳିତ ଥିଲେ । ସାଧାରଣରେ ଭାଇର ଘରବାରି ଭାଗ ବେଳେ ଟିକିଏ ଏପଟ ସେପଟ ହେଲେ କି ଦୁଃଖରେ ଛାତି ଫାଟି ଗଲା ପରି ଲାଗେ ସମସ୍ତେ ଜାଣନ୍ତି ? ଯେଉଁଠି ରାଜା,ରାଜ୍ୟ ଓ ସିଂହାସନର ପ୍ରଶ୍ନ ସେଠାରେ ଦୟାର ପ୍ରଶ୍ନ କାହିଁ ? ଦୁର୍ଯ୍ୟୋଧନକୁ ହତ୍ୟାକରି ପାଣ୍ଡବମାନେ ଯୁଦ୍ଧରେ ଜିତି ସିଂହାସନ ଆରୋହଣ କରିବାରେ



କିଛି ଅସୁବିଧା ନଥିଲା ? ମା ଦ୍ୱାରା ସାନପୁଅ ଦୁର୍ଦ୍ଦକ୍ଷକୁ ହତ୍ୟା କରିବାର ଜଘନ୍ୟ ଅପରାଧ ପାଣ୍ଡବମାନେ କଲେ କାହିଁକି ? ଯେଉଁ ରାଜ୍ୟରେ ନିଜ ରକ୍ତର ଭାଇମାନଙ୍କ ମଧ୍ୟରେ ଦେଶ ବଣ୍ଟାଯାଏ ନାହିଁ ସେଠାରେ ଦେଶକୁ କେମିତି ବଣ୍ଟାଯିବ ଦାଦାପୁଅଙ୍କୁ, ପାଣ୍ଡବମାନଙ୍କୁ ? ଦୁର୍ଯ୍ୟୋଧନର ନିଜର ୧୦୦ ଭାଇ ଥାଉଥାଉ, ବାପ ଧୃତରାଷ୍ଟ୍ର ରାଜାର ବଡପୁଅ ଥାଉଥାଉ, ମୃତ ସାନଭାଇ ପଣ୍ଡୁଙ୍କର ବଡପୁଅ କିପରି ଯୁବରାଜ ହେବ ବୁଝିହେଉନି ?

ମହାରାଜ ଶାନ୍ତନୁ ଗଙ୍ଗାଙ୍କର ପ୍ରୀତି ଲାଭକରି ନିଜକୁ ଧନ୍ୟ ମନେ କରିଥିଲେ । ସୁଖଶାନ୍ତିରେ କଟୁଥିଲା ଜୀବନ । ଯେଉଁଦିନ ଦେଖିଲେ ଗଙ୍ଗାଦେବୀ ନିଜହାତରେ ନବଜାତ ଶିଶୁପୁତ୍ର ଯୁବରାଜଙ୍କୁ ଜଳସ୍ରୋତରେ ଭସାଇ ଦେଉଛନ୍ତି ସେ ଅସମ୍ଭବ ଦୁଃଖ, ବିସ୍ମୟରେ ପଥର ପାଲଟି ଯାଇଥିଲେ । ମା'ର ପୁତ୍ରହତ୍ୟା ପିତାର ନୀରବ ଉପସ୍ଥିତିରେ । ଧନ୍ୟ ସେ ମାର ଶକ୍ତି କ୍ରୂରତାର, ଧନ୍ୟ ସେ ପିତାର ଶକ୍ତି ସହିବାର । ଅହିଂସର ଶକ୍ତିବଳରେ ସେ ସହିଥିଲେ ସେ ପୀଡା । ଭୟଙ୍କର ପୀଡା । ଥରେ ନୁହେଁ ଛଅଥର । ସେଇ ହୃଦୟଥରା ଦୃଶ୍ୟକୁ ଚାପି ଧରିଥିଲେ ଅହିଂସାର ପଥର ତଳେ । ମହାରାଣୀ ଗଙ୍ଗା ସହିତ ହିଂସା ଆଚରଣ ନ କରି ଅହିଂସା ପ୍ରୀତିଭାବ ଅବ୍ୟାହତ ରଖିଥିଲେ । ଅହିଂସାର ଶକ୍ତି ଅଦ୍ଭୁତ । ଗଙ୍ଗାଙ୍କର ଅହିଂସ ନିର୍ଯ୍ୟାତନା ମହାରାଜା ସ୍ୱାମୀଙ୍କ ପାଇଁ ଥିଲା ଅସହ୍ୟ, ମର୍ମାନ୍ତିକ । ଯେମିତି ପ୍ରାଣସଖି ହାତରେ ନିଜ କଲିଜା କାଟିବାର ସେ ଦୃଶ୍ୟକୁ ଦେଖି ନୀରବ ରହିବା, ହିଂସା ଆଚରଣ ନ କରିବା ।

ଗାନ୍ଧିଜୀ ଏହି ଅହିଂସର ଶକ୍ତି ଆହରଣ କରିଥିଲେ ଆମର ଧର୍ମ ଦର୍ଶନରୁ, ପୁରାଣ, ଇତିହାସରୁ । ସେ ଅନୁଭବ କରିଥିଲେ ପ୍ରବଳ ପ୍ରତାପୀ ବ୍ରିଟିଶ ବିରୁଦ୍ଧରେ ଅହିଂସା ହିଁ ଶ୍ରେଷ୍ଠ ଶକ୍ତିଶାଳୀ ଅସ୍ତ୍ର । ଅହିଂସା ବଳରେ ସେ ସ୍ୱାଧୀନତା ଆଣିଥିଲେ ଯାହା ଏକ ବିରଳ ଘଟଣା ଥିଲା କାରଣ ବିଶ୍ୱବ୍ୟାପୀ ସମସ୍ତ ଦେଶ ସଶସ୍ତ୍ର ସଂଗ୍ରାମ ଦ୍ୱାରା ସ୍ୱାଧୀନତା ପାଇଥିଲେ ବ୍ରିଟିଶଠାରୁ କେବଳ ଭାରତ ବ୍ୟତୀତ । ଏହି ଘଟଣା ଆମର ଅହିଂସା ପ୍ରତି ଅଙ୍ଗୀକାର ବଦ୍ଧତା, ପୂର୍ବଜମାନଙ୍କ ପ୍ରତି ଶ୍ରଦ୍ଧା ସମ୍ମାନର ସ୍ୱାକ୍ଷର ବହନ କରେ । ଅହିଂସାର ପ୍ରଚଣ୍ଡ ଶକ୍ତି ଆଗରେ ପ୍ରତିଶକ୍ତି ନାହିଁ । ଏହା ଦିବ୍ୟ ଭଗବତ୍ ଅସ୍ତ୍ର । ଏହାର ତୁଳନା ନାହିଁ । ସବୁଯୁଗରେ ସବୁ ସମୟରେ ଶକ୍ତିଶାଳୀ ଅସ୍ତ୍ର ଅହିଂସା ।

କଳିଙ୍ଗ ଯୁଦ୍ଧ ପରେ ସନ୍ନ୍ୟାସିନୀ କାରୁବାକୀ ବୋହୂ ହୋଇ ଯାଇଥିଲେ ମଗଧକୁ, ଛାତିରେ ଚାପି ଧରିଥିଲେ ଲକ୍ଷେ ପ୍ରିୟ ଦେଶବାସୀଙ୍କ ନିର୍ମମ ହତ୍ୟାକୁ, ଅସହ୍ୟ ଦୁଃଖକୁ, ପ୍ରତିଶୋଧ ଭାବନା ନରଖି, ପ୍ରୀତିଦାନ କରିଥିଲେ ଅହିଂସାର ଅଦ୍ଭୁତ ଶକ୍ତିବଳରେ ହିଂସା, ପ୍ରତିହିଂସା, ଇର୍ଷା ଉପରେ ବିଜୟ ଲାଭ କରିଥିଲେ । ଅଶୋକ ଲକ୍ଷେ ଲୋକଙ୍କୁ ହତ୍ୟାକରି କାରୁବାକୀଙ୍କୁ ନିର୍ଯ୍ୟାତନା ନଦେଇ କେତେ ବଡ ବିଶ୍ୱାସରେ ସେ ଯାଚି ଦେଇଥିଲେ ମଗଧର ଦ୍ୱିତୀୟ ପାଟରାଣୀର ବିରଳ ମର୍ଯ୍ୟାଦା ପୁଣି ସନ୍ନ୍ୟାସିନୀକୁ, ଶତ୍ରୁରାଜ୍ୟର କନ୍ୟାକୁ, ଶତ୍ରୁର ସର୍ବନାଶ କରି । ସେମାନେ ଅହିଂସାର ଅମର ଅବତାର । ସେମାନେ ଅହିଂସାର ପୀଡାକୁ ଯେପରି ସହିଛନ୍ତି, ହିଂସାର ଆଶ୍ରୟ ନେଇଛନ୍ତି, ଧ୍ୱଂସ ଯୁଦ୍ଧରେ ରକ୍ତସ୍ନାତ ଯୁଦ୍ଧ ଲଢିଛନ୍ତି, ଅତୀତକୁ ଭୁଲି ପରସ୍ପରକୁ କ୍ଷମା କରିଛନ୍ତି, ପ୍ରୀତିଦାନ କରିଛନ୍ତି, ତାହା ପ୍ରତ୍ୟେକ ଭାରତୀୟ ପାଇଁ ପ୍ରାତଃସ୍ମରଣୀୟ । ଚିରକାଳ ଅନୁକରଣୀୟ ଶତ୍ରୁର, ମିତ୍ରର, ଧର୍ମାନ୍ଧର, ଧର୍ମପ୍ରିୟର, ଧର୍ମ ନିରପେକ୍ଷତାର । ସେମାନେ ପାରିଲେ ଏତେ ବଡ ମହାଯୁଦ୍ଧ, ହିଂସା

ଉପରେ ଅହିଂସର ବିଜୟ ଆଣିପାରିଲେ । ଆମେ ପାରିବାନି ? ନିଶ୍ଚୟ ପାରିବା । ଅହିଂସ ଶକ୍ତି ବଳରେ ଏ ଦେଶବାସୀ, ଏ ଦେଶର ମାଟି, ଆକାଶ, ମଣିଷ, ଈଶ୍ୱର ଏକାଠି ହୋଇପାରିବେ । ସେ ସୁଦିନ ଆସନ୍ନ । ଆସନ୍ନ ସେ ମଙ୍ଗଳଲଗ୍ନ । ମାହେନ୍ଦ୍ର ମୁହୂର୍ତ୍ତ । କଳିଙ୍ଗ ରାଷ୍ଟ୍ର, ମଗଧ ରାଷ୍ଟ୍ର ସ୍ୱାଧୀନ, ସ୍ୱତନ୍ତ୍ର ।

ସେମାନେ ଏକାଠି କରିଥିଲେ ମହାଭାରତର ସୀମା ସ୍ୱତନ୍ତ୍ରତାକୁ ସୁରକ୍ଷିତ ରଖିଥିଲେ । ଆମେ କାହିଁକି ପାରିବାନି ପାକିସ୍ଥାନକୁ ଭାରତରେ ମିଶାଇ ? ଭାରତକୁ ପାକିସ୍ଥାନରେ ମିଶାଇ ? ସେମାନେ ପାରିଲେ ଆମେ ପାରିବାନି ? ତାଙ୍କଠାରୁ କଣ ଅଧିକ ଦୁଃଖ, ହିଂସା, ହତ୍ୟାକାଣ୍ଡ ଆମେ ଦେଖିଛେ ? କଳିଙ୍ଗ କନ୍ୟା କାରୁବାକୀର ଆହ୍ୱାନ ଏବେ ବି ଶୁଣାଯାଉଛି । ସେ ଆହ୍ୱାନ ସମଗ୍ର ଆର୍ଯ୍ୟଭାରତ ବିରୁଦ୍ଧରେ, ମୌର୍ଯ୍ୟ ଭାରତ ବିରୁଦ୍ଧରେ, ହିମାଳୟ ବିରୁଦ୍ଧରେ, ହିନ୍ଦୁକୁଶ ବିରୁଦ୍ଧରେ, ଅତୀତକୁ ଭୁଲି ଏକାଠି ହେବାକୁ ସେ ଆହ୍ୱାନ, ଅହିଂସ ବଳରେ ବଳୀୟାନ ହୋଇ । ''ହଁ ସମ୍ଭବ'' ଏଇ ଶବ୍ଦଟିଏ ଉଚ୍ଚାରଣ କର ସବୁଦିନ । ତୁମ ମନ ହୃଦୟ ଚେତନାକୁ ଏକାଠି କରିଦିଅ ଏଇ ଚିନ୍ତାରେ, ଶବ୍ଦରେ । ଦେଖିବ ସେ ସକାଳ ଏତେ ଡେରିନୁହଁ ? ଖୁବ୍ ନିକଟରେ । ତୁମହାତ ମୁଠାରେ ସୁନାର ସୂର୍ଯ୍ୟୋଦୟ ପଦ୍ମାର ନୀଳଜଳରେ, ସିନ୍ଧୁର ସ୍ୱର୍ଣ୍ଣିମ ତୀରରେ, ଗଙ୍ଗାର ଗୀତିମୟ ତରଙ୍ଗରେ । ତଡିତ୍‌ରେ ।

ପ୍ରେମ । ପ୍ରେମର ଶକ୍ତି ଅସୀମ । ଅସୀମ ମା'ର ପ୍ରେମ । ମାତୃଭୂମିର ପ୍ରେମ । ପ୍ରାଣସଖୀର ପ୍ରେମ । ଅସମ୍ଭବ ଶକ୍ତିର ଉତ୍ସ, ସେ ଅନୁଭବ । ସେ ସ୍ପର୍ଶ । ପ୍ରେମ ଚିରକାଳ ଅହିଂସାମୟ । ପ୍ରେମ ଅହିଂସାର ମହାଯୁଦ୍ଧ କଳିଙ୍ଗ ଯୁଦ୍ଧ, କାଞ୍ଚି ଯୁଦ୍ଧ ଯେମିତି ମହାଭାରତ ଯୁଦ୍ଧ ଗଙ୍ଗାର ଅହିଂସ ନିର୍ଯ୍ୟାତନା । ମୃତ୍ୟୁଞ୍ଜୟୀ ମହାବୀର ଭୀଷ୍ମଙ୍କ ଅହିଂସ ଆଦର୍ଶ ହସ୍ତିନାର ସିଂହାସନ ସୁରକ୍ଷାର ଶପଥ ନଚେତ୍ କାହିଁ ଦୁର୍ଯ୍ୟୋଧନ ଧୃତରାଷ୍ଟ୍ରର ଏତେ ଅହଙ୍କାର ? ଯେମିତି ସଂଯୁକ୍ତାର ବରମାଲ୍ୟ କାଷ୍ଠମୂର୍ତ୍ତିରେ । ପିତା ଜୟଚନ୍ଦ୍ର ଅପମାନ କରିଥିଲେ ପ୍ରେମିକକୁ, ପ୍ରିୟତମ କନ୍ୟାର ଅପମାନ ପିତାକୁ ବଡ ଅସହ୍ୟ ସେ ପୀଡା, ଯନ୍ତ୍ରଣା ମର୍ମାନ୍ତିକ ଯାହାର ପରିଣାମରେ ଭାରତର ପରାଧୀନ ଦୁଃଖ ୧୦୦୦ ବର୍ଷ ।

ପ୍ରାଣସଖୀର ଅହିଂସ ସର୍ତ୍ତ ବଡ କଠୋର, ମହାଭାରତରେ ପ୍ରାଣସଖୀର 'ଗାଙ୍ଗୀ' ଶବ୍ଦ ଭୀଷ୍ମଙ୍କ 'ସୁରକ୍ଷା', କଳିଙ୍ଗ ଯୁଦ୍ଧରେ 'ଅବୈଧ', 'ଘୃଣା', କାଞ୍ଚି ଯୁଦ୍ଧରେ 'ଚଣ୍ଡାଳ', ତିରୋରୀ ଯୁଦ୍ଧରେ ସଂଯୁକ୍ତାର ''କାଷ୍ଠ ପୁତୁଳା ଦ୍ୱାରପାଳଙ୍କୁ ବରମାଲ୍ୟ'' । କୋମଳ ହୃଦୟର କ୍ରୁର କଠୋର ପ୍ରକାଶ । ଅହିଂସାର ନିର୍ଯ୍ୟାତନା ମରଣଠୁ ବଳି ପ୍ରାଣଘାତକ । ପ୍ରଣାମ ସେ ଶବ୍ଦକୁ, ଶବ୍ଦଶକ୍ତିକୁ, ସେଇ ଶବ୍ଦକୁ ସାଇତି ଥିବା ପ୍ରାଣସଖୀ ମାନଙ୍କୁ ।

ମହାତ୍ମା ଏ ଦେଶର ଅଛୁଆଁ ଲୋକଙ୍କୁ ଆଲୁଅକୁ ଆଣିଥିଲେ । ଅଛୁଆଁକୁ ପାପ ବୋଲି କହୁଥିଲେ । ଯେଉଁମାନେ ଯୁଗଯୁଗ ଧରି ଅବହେଳିତ ଥିଲେ, ସେ ସେମାନଙ୍କୁ ସମାଜର ମୁଖ୍ୟଧାରାକୁ ଆଣିଲେ । ମନ୍ଦିର ପ୍ରବେଶ କରାଇଲେ । ତାଙ୍କର ମାଟି ଦେହ ଶ୍ମଶାନ ଗ୍ରାସ କଲା । ଆମେ ୫୦ ବର୍ଷ ପରେ ଯେଉଁଠି ସେଇଠି । ଆଦିବାସୀ, ହରିଜନ ଗ୍ରାମରେ ପଛୁଆ, ଆଗୁଆ ଲୋକମାନେ ସମୂହ ଭୋଜିଭାତରେ ଯୋଗଦେବା ସମ୍ଭବ ହେଲା ନାହିଁ । ବୁଦ୍ଧିଆ ଲୋକମାନେ ସେମାନଙ୍କର ଆର୍ଥିକ ଉନ୍ନତି ନକରି ପଙ୍ଗୁକରି ରଖିଲେ । ମଦ ବିରୁଦ୍ଧରେ ଲୋକ ଏକାଠି ହୋଇଥିଲେ ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ସୁରକ୍ଷା ପାଇଁ । ଆଜି ମଦ୍ୟର ବନ୍ୟା ହାଟ, ବାଟ, ଛକରେ । ପାଠପଢାରେ ସମୟ ନାହିଁ ଅଥଚ ପ୍ରତ୍ୟେକ ପରିବାରରେ ୫ଟି ଉନ୍ନତ ଅମଳକ୍ଷମ ହାଇବ୍ରିଡ ଗଛ ନାହିଁ ବିନା ଯତ୍ନରେ, ରତ୍ନ ଗଛ: ସଜନା, ଅମୃତଭଣ୍ଡା, କଦଳୀ, ପିଜୁଳି, ଲେମ୍ବୁ ଗଛଟିଏ ଲଗାଇବାକୁ ଆମେ ଅକ୍ଷମ ଅଥଚ ଈର୍ଷାରେ ଗାଇଛେଳି ପୂରାଇ ଖୁଆଇ ଦେବାରେ ସିଦ୍ଧହସ୍ତ । ଧନ୍ୟ ଏ ଦେଶର ଜନତା ସଭାସମିତିକୁ ଯିବାକୁ ସମୟ ନାହିଁ । ଚେତନା ନାହିଁ । ଦୁର୍ବଳ ପ୍ରକୃତି । ଦୁର୍ବିସହ ମଣିଷ ପ୍ରକୃତି । ଶୋଷଣ ଅସହାୟତାର ଭିନ୍ନ ଭିନ୍ନ ବାଟ, ରଙ୍ଗ, ଚିତ୍ରପଟ୍ଟ ସବୁଠି ।

ଏତେ ଦୁଃଖରେ ଆମେ ବଞ୍ଚିଛୁ, ଆମର ମଙ୍ଗଳ ହେବ, ଏଇ ଆଶାରେ । ସବୁ ଭଗବାନଙ୍କର ଇଚ୍ଛାରେ ହେଉଛି । ଏହା ହିଁ ସତ୍ୟ ଆମର ପୀଡା, ନିର୍ଯ୍ୟାତନାରେ ଆମର ମଙ୍ଗଳ ହେବ କଣ ? ଆମଠାରୁ ଅଧିକ ମଙ୍ଗଳ ହେବ ଭଗବାନଙ୍କର । ତେଣୁ ତାଙ୍କର ମଙ୍ଗଳ ପାଇଁ ଆମେ ପୀଡା, ଯନ୍ତ୍ରଣା, ଦୁଃଖ, ନିର୍ଯ୍ୟାତନାର ଦିନ କାଟୁଛୁ । ଏଥିରୁ ମୁକ୍ତି କେବେ ? କେବେ ଆସିବ ସେ ମଙ୍ଗଳର ଦିନ ? ସମୃଦ୍ଧିର ଦିନ ? ଶାନ୍ତିର ଦିନ ? ଏକାଠି ରହିବାର ଦିନ ? ଧର୍ମକୁ ଏକାଠି କରିବାର ଦିନ ? ଦେଶକୁ ନୂଆକରି ଗଢିବାର ଦିନ ? ଭଗବାନଙ୍କ ମଙ୍ଗଳ ପାଇଁ ଆମେ ଦିଖଣ୍ଡ ହୋଇଥିଲୁ । ଭଗବାନଙ୍କ ମଙ୍ଗଳ ପାଇଁ ଆମେ ଏକାଠି ନିଶ୍ଚୟ ହେବୁ ଆମ ସତ୍ତାର ସର୍ବାଙ୍ଗୀନ ଉନ୍ନତି ପାଇଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ମୌଳିକ ବୈଶିଷ୍ଟ ଏହି ଯେ ସତ୍ତାର ଭୌତିକ, ଜୈବିକ, ମାନସିକ ବିକାଶ ଓ ପୂର୍ଣ୍ଣ ରୂପାନ୍ତର ହିଁ ପୂର୍ଣ୍ଣଯୋଗ । ସେହି ପୂର୍ଣ୍ଣ ଜୀବନ, ପୂର୍ଣ୍ଣ ରୂପାନ୍ତର ପାଇଁ ପ୍ରସ୍ତୁତ ହେବାକୁ ପଡିବ ନିରନ୍ତର ସୂର୍ଯ୍ୟାଲୋକ ଭଳି, ଫୁଲର ସୁଗନ୍ଧ ଭଳି, ହୃଦୟର ସ୍ପନ୍ଦନ ଭଳି । ହେ ଦିବ୍ୟ ଦେବଦର୍ଶୀ, ସ୍ପନ୍ଦନ ପ୍ରିୟଦର୍ଶୀ, ପ୍ରିୟଙ୍କୁ ପ୍ରିୟମ୍ୱଦାର ପ୍ରୀତିରେ ବିଭୋର ହୁଅ, ବିକଶିତ ହୁଅ ଦେବ ଭାରତର ମିଳନପାଇଁ, ବିଶ୍ୱଭାରତର ନିର୍ମାଣ ପାଇଁ, ଅତିମାନସ ଚେତନାର ଅମର ଅନୁଭବ ପାଇଁ, ପୀଡିତ ପାର୍ଥିବ ପ୍ରାଣରେ, ତୁମରି ପ୍ରୀତି, ପ୍ରୟାସରେ, ପ୍ରାଚୁର୍ଯ୍ୟରେ, ପୀୟୂଷରେ ।

କଲ୍ୟାଣୀୟା,ଏ ଦେଶର ମାଟି ଆକାଶକୁ ଏକାଠି କରିବାର ସ୍ୱପ୍ନରେ ବିଭୋର ହେବାକୁ ତୁମକୁ ଏ ଚିଠି । ସବୁ ଜାଣିବାପରେ, ବୁଝିବା ପରେ, ଅବୁଝାପଣର ଏ ଚିଠି । ତୁମକୁ ଏ ଚିଠି, ଖାସ୍ ତୁମକୁ, ତୁମପାଇଁ, କାରଣ ଆଙ୍କିହେବ ନାହିଁ ତୁମକୁ ତୂଳୀରେ, ଲେଖିହେବ ନାହିଁ କବିତାରେ, ବୁଝିହେବ ନାହିଁ, ଥରେ ନ ଦେଖିଲେ ତୁମକୁ, ତୁମ ଆଖିକୁ । ସେ ଆଖିରେ ଅନନ୍ତ ପ୍ରୀତିର ଉତ୍ସକୁ, ଅନନ୍ତ ଶକ୍ତିର ସ୍ପର୍ଶକୁ, ଅନାହତ ଆକର୍ଷଣକୁ । ଆକାଶଛୁଆଁ ସେ ଆକର୍ଷଣ, ସେ ଆନନ୍ଦ । ସେଇ ଆନନ୍ଦର ଚିଠି, ଅସୀମ ଆନନ୍ଦର, ଅସୀମ ଆଶାର, ଅସୀମ ତୃଷ୍ଣାର, ତୃପ୍ତିର, ତନ୍ଦ୍ରାର, ତାରୁଣ୍ୟର ଏ ଚିଠି, ଖାସ୍ ତୁମପାଇଁ ।

## ପ୍ରୀତିସ୍ନାତ ହୃଦୟର ଚିଠି

ମୋ ହୃଦୟର ମଧୁସ୍ନାତା କଲ୍ୟାଣୀୟା...

ଯେତେବେଳେ ଆରମ୍ଭ କରିଛି, ତୁମକୁ ଲେଖିବାକୁ, ଜାଣିନି କେମିତି ସାରିବି, ଯାହାକୁ ସାରିହେବ ନାହିଁ, ବୁଝିହେବ ନାହିଁ, ମାରିହେବ ନାହିଁ । ଶବ୍ଦର ଶକ୍ତି କାହିଁ ପ୍ରୀତିସ୍ନାତ ହୃଦୟର

ପ୍ରକାଶପୁଞ୍ଜୀକୁ ପ୍ରତିଫଳିତ କରିବାକୁ ତୁମ ହୃଦୟର ନୀରବ ଉପତ୍ୟକାରେ ? କେମିତି ଲେଖିବି ? ତୁମକୁ ଦେଖିଲାବେଳେ, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱଭଳି ପ୍ରାଣପ୍ରିୟ ମାତୃଭୂମି ଭାରତବର୍ଷ, ପ୍ରାଣପ୍ରିୟା ମୋ ହୃଦୟର ମଧୁସ୍ନାତା । ତୁମରି କୃଷ୍ଣଭ୍ରୂଲତା , କୃଷ୍ଣମୟ ଆଖି, ଆଖିର କୃଷ୍ଣାଭ ଡୋଳାରେ ମଧ୍ୟରାତ୍ରିର ଅନ୍ଧାର, ମଧ୍ୟାହ୍ନର ଉଜ୍ଜ୍ୱଳତା ଯେମିତି ରହସ୍ୟମୟ । ଯାହା ଭିତରେ ମୁଁ ଦେଖୁଛି ପ୍ରେମ ପ୍ରଣୟର, ସୌନ୍ଦର୍ଯ୍ୟ ସୁଗନ୍ଧର, ସ୍ୱପ୍ନ ଓ ଦୃଶ୍ୟର ପ୍ରୀତିସ୍ନାତା ପୃଥିବୀଟିଏ । ବାସ୍ତବ ପୃଥିବୀରେ ମୋର ଯାତ୍ରା ଆରମ୍ଭ କରିଛି ଶବ୍ଦର, କାର୍ଯ୍ୟର, ସଙ୍କଳ୍ପର, ସମ୍ଭାବନାର , ଏକବିଂଶ ଶତାବ୍ଦୀର ସେ ସଂକଳ୍ପ, ସେ ସମ୍ଭାବନାଟିଏ ଦୂଷିତ, ଦୁର୍ନୀତିଗ୍ରସ୍ତ, ପଙ୍ଗୁପ୍ରାୟ ଜାତୀୟ ଶକ୍ତିକୁ ମୁକ୍ତିଚେତନାରେ ମୁଖରିତ କରିବାକୁ, ସୁରଭିତ କରିବାକୁ । ମୁଁ ଅନୁଭବ କରୁଛି ତାର ସର୍ବବ୍ୟାପୀ ସ୍ଥିତିକୁ, ମୋ ସମ୍ମୁଖରେ ତମକୁ ଦେଖିଲାଭଳି । ତୁମରି ଉଷ୍ମ ଆହ୍ୱାନକାରୀ ପ୍ରତିଧ୍ୱନି ''ଆଉ ହବୁନି'' ଭିତରେ ମାତୃଭୂମିର ଡାକରା ମୋ କାନରେ ଗୁଞ୍ଜରି ଉଠୁଛି । ତାର ସମ୍ମାନ ପାଇଁ, ମୋ ଜୀବନକୁ ଉତ୍ସର୍ଗ କରିଛି, ଜୀବନ ସ୍ରୋତର ପ୍ରତିବନ୍ଧିତ ସୀମାନ୍ତରେ ଯୁଦ୍ଧ କରିବାକୁ, ମୋର ହସ, କାନ୍ଦ, ଦୁଃଖ ଯନ୍ତ୍ରଣା, ସମ୍ମାନ, ସୌଭାଗ୍ୟକୁ ତୁମପାଇଁ ସମର୍ପିତ କରିଛି, ଆଗାମୀ ଦିନରେ ଦେଖିବାକୁ ତୁମରି ବଧୂବେଶ ମଣ୍ଡିତ ମୁହଁରେ ବସନ୍ତର ହସ ,ତୁମରି ଅମର ମହାଯାତ୍ରା ପୂର୍ବରୁ ସୂର୍ଯ୍ୟାସ୍ତର ଶେଷ ହସ, ମୁଁ ତୁମକୁ ଅନୁଭବ କରୁଛି ହୃଦୟର ଗଭୀରରେ, ଗଭୀର ପ୍ରୀତିରେ । ବିଗତ ଦିନରେ ମୁଁ ତୁମକୁ ଦେଖିଛି ପ୍ରତିଦିନ ଘରପାଖେ, ପରେ ସପ୍ତାହରେ ଥରେ ସେନା ଶିବିରରେ କିନ୍ତୁ ବର୍ତ୍ତମାନ, ମୋ' ପାଇଁ ସ୍ୱପ୍ନଟିଏ ମାତ୍ର । ଖୁସି ବିଭୋର ମୋ ଜୀବନପାଇଁ, ମୁଁ ଚାହୁଁଛି ପାଖରେ ରଖିବାକୁ ତୁମରି ଫଟୋଟିଏ । ଦୁର୍ଭାଗ୍ୟକୁ, ମୋ ଇଚ୍ଛାକୁ ତମେ ଅବହେଳା କରିଛ । ତୁମପାଇଁ ମୁଁ ବ୍ୟଥିତ, ମର୍ମାହତ । ତୁମକୁ ଅଧିକ ଲେଖିବାକୁ ମୋ ପାଖରେ ଶକ୍ତି ନାହିଁ, ଶବ୍ଦ ନାହିଁ ।

ମିଳନ ଓ ବିଦାୟର ଏଇ ପୃଥିବୀରେ ପ୍ରିୟତମା... ଯଦି ତୁମେ ମତେ ଭଲପାଉଥିବ ତୁମ ହୃଦୟରେ, ଚିନ୍ତନରେ, ପ୍ରେମରେ, ସ୍ନେହରେ, ମନରେ, ସ୍ମୃତିରେ, ତମେ ମତେ ଅବହେଳା କରିବ ନାହିଁ କିମ୍ବା ଡେରି କରିବ ନାହିଁ ପଠାଇବାକୁ ତୁମ ଚିଠି ସହିତ ପ୍ରୀତପ୍ରାଣର ଫଟୋ ଯାହାକୁ ମୁଁ ରୂପ ଦେଇପାରିବିନି ଶବ୍ଦର କବିତାରେ, ରଙ୍ଗତୂଳୀର ଚିତ୍ରରେ ।

ତୁମରି ପ୍ରୀତିରେ ଚିରନ୍ତନ...ହୃଦୟ ବନ୍ଦିତ ରା...ଜାଃ...

କାରୁବାକୀ ସେଠାରେ ଅଶୋକଙ୍କୁ ମଗଧର ରାଜଦୂତ ଭାବେ ଦେଖି ଅତ୍ୟନ୍ତ ପ୍ରୀତ ହୋଇଥିଲେ, ସ୍ୱାଗତ କରିଥିଲେ । ପୂର୍ବର ସ୍ନେହ ପ୍ରେମର ସମ୍ବନ୍ଧ ସୁଦୃଢ ହୋଇଥିଲା । ସନ୍ନ୍ୟାସୀ ଅଶୋକର କଥା ଶୁଣି ସ୍ତବ୍ଧ, ସ୍ତମ୍ଭୀଭୂତ ହୋଇଥିଲେ । ତାଙ୍କର ଭୂୟସୀ ପ୍ରଶଂସା କରୁଥିଲେ । ପ୍ରିୟଜନ, ପ୍ରିୟ ସେନାପତିମାନଙ୍କ ଆଗରେ ତାଙ୍କୁ ପରିଚିତ କରିଦେଉଥିଲେ, ତାଙ୍କର ଗୁଣଗାନ କରୁଥିଲେ । ସମସ୍ତେ ଶ୍ରଦ୍ଧା, ଆନନ୍ଦରେ ଅଶୋକଙ୍କୁ ସ୍ନେହ ସମ୍ମାନ ଅଜାଡି ଦେଇଥିଲେ । ଅଶୋକ ରାଜଦୂତ ଭାବରେ କଳିଙ୍ଗର ବହୁ ଅଞ୍ଚଳ ବୁଲି ଗଡ, ଗଡଖାଇ, ସେନା ଛାଉଣୀ, ଗମନାଗମନ, ସମରାଭ୍ୟାସ, ସମର କୌଶଳ ସମ୍ବନ୍ଧରେ ଟିକିନିଖି ବିବରଣୀ ସଂଗ୍ରହ କରୁଥିଲେ, ଗୋପନରେ ପଠାଉଥିଲେ ମଗଧ । ହଠାତ୍ ମହାରାଜ ବିନ୍ଦୁସାର ଅସୁସ୍ଥ । ମହାରାଣୀ ଶାସନ ଦାୟିତ୍ୱନେଇ ବଣିକଙ୍କ ଠାରୁ ଅଶୋକ ପଠାଇଥିବା ଗୁପ୍ତ ଖବର ପାଇ କଳିଙ୍ଗ ରାଜାଙ୍କୁ ଜଣାଇଥିଲେ



ତଥ୍ୟ ପ୍ରମାଣ ସହ ଅଶୋକଙ୍କୁ ପ୍ରାଣଦଣ୍ଡ ଦେବାକୁ । ଅଶୋକ ଧରାପଡି ବନ୍ଦୀ, ନିର୍ମମ ନିର୍ଯ୍ୟାତନା, ପ୍ରାଣଦଣ୍ଡ ଆଦେଶ ପାଇଲେ । ବନ୍ଦୀଶାଳାରେ ହଠାତ୍ ଛଦ୍ମବେଶରେ ରାଜକୁମାରୀ କାରୁବାକୀ ତାଙ୍କୁ ମୁକ୍ତିଦେଇ ପ୍ରେମ ପ୍ରତ୍ୟାଖାନ କରି, ପୁଣି ଦାରୁଣ ଅପମାନ ଦେଇଥିଲେ ଜୀବନଦାନ ଦେଇ । ଅଶୋକ ଅସହ୍ୟ ଯନ୍ତ୍ରଣାରେ, ମୁକ୍ତିର ଆନନ୍ଦରେ ମଗଧରେ ବହୁକଷ୍ଟରେ ପହଞ୍ଚି ଦେଖିଲେ ରାଜପୁରୀରେ ତାଙ୍କର ଶୁଦ୍ଧିକ୍ରିୟା ସରିଯାଇଛି । ସମସ୍ତେ ଆନନ୍ଦିତ । ଏଥିରେ ସେ ଭୀଷଣ କ୍ରୋଧରେ ଫାଟିପଡିଲେ । ମହାରାଜ ବିନ୍ଦୁସାର ପରିସ୍ଥିତିକୁ ସମ୍ଭାଳିବାକୁ ଅଶୋକଙ୍କୁ ଉଜ୍ଜୟିନୀର ଶାସକ କରି ପଠାଇଲେ । ଉଜ୍ଜୟିନୀରେ ସେ କାରୁବାକୀଙ୍କୁ ଚିଠିପରେ ଚିଠି ଦେଇଥିଲେ । କାରୁବାକୀ ଉତ୍ତର ଦେଇନଥିଲେ । କାରୁବାକୀ ତାଙ୍କ ଲାଗି ନିର୍ଯ୍ୟାତନା, ଲାଞ୍ଛନା ଭୋଗିଥିଲେ ତାଙ୍କୁ କିଛି ନ ଜଣାଇ ସେ ଅହିଂସ ଉପାୟରେ ପ୍ରତିଶୋଧ ନେଇଥିଲେ । ଅଶୋକ ଏଭଳି ଘଟଣାରେ ଭୀଷଣ ଦୁଃଖ ଭୋଗିଥିଲେ । ମହାରାଜ ପରେ ଅସୁସ୍ଥ । ସିଂହାସନ ଯୁଦ୍ଧରେ ବିଜୟୀ ହୋଇ ଅଶୋକ ଶେଷରେ ସନ୍ନ୍ୟାସୀରୁ ସମ୍ରାଟ ହୋଇଥିଲେ ।

■■

# କଳିଙ୍ଗ ଯୁଦ୍ଧ -ଖ୍ରୀଷ୍ଟପୂର୍ବ ୨୬୧

ଅମାବାସ୍ୟାର ଘନତିମିର । କଳିଙ୍ଗ ସାଗରର ଜଳଭାଗ କାଳିମାମୟ । କାଳରାତ୍ରିର କବଳିତ ମୁହୂର୍ତ୍ତସବୁ । ଦାକ୍ଷିଣାତ୍ୟରୁ ବିଶାଳ ନୌବାହିନୀ ସହ ଅନେକ ଛୋଟ ଛୋଟ ନୌକାବାହି ପୋତ ସବୁ ସିଂହଳ, ମଗଧ ଓ କେରଳର ସାହସୀ ଅଧିବାସୀ ଗଣ ନୌଚାଳନାରେ ନିପୁଣ,ସୁଦକ୍ଷ କଳିଙ୍ଗବାସୀଙ୍କ ସମକକ୍ଷ । କୃଷ୍ଣପକ୍ଷର ଘନ ଅନ୍ଧକାର ମଧ୍ୟରେ ସୁଦୂର ଦାକ୍ଷିଣାତ୍ୟରୁ ପୋତସବୁ କଳିଙ୍ଗ ସାଗରରେ ପ୍ରବେଶ କରିବାରେ ଲାଗିଥାଏ । କଳିଙ୍ଗର ମୁଷ୍ଟିମେୟ ତଟରକ୍ଷୀଙ୍କୁ ଛାଡ଼ିଦେଲେ କଳିଙ୍ଗ ସାଗର ଥିଲା ନିରାପଦ ଓ ନିର୍ଭରଶୀଳ । ସାମୁଦ୍ରିକ ଆର୍ଦ୍ରତା ଓ ସ୍ରୋତର ଅନୁକୂଳରେ ବାହିଚାଲିଥିଲା ସୁବିଶାଳ ନୌବହର । ନୌବହର ମଧ୍ୟରେ ସୁସଜ୍ଜିତ ସେନା ଜାଗ୍ରତ । କଳିଙ୍ଗ ରାଜଧାନୀରେ ପ୍ରଜାତନ୍ତ୍ରର ବାର୍ଷିକ ଉତ୍ସବରେ ବିଭୋର ଜନସାଧାରଣ । ମଗଧର ପୋତମାନ କଳିଙ୍ଗ ଉପକୂଳରେ ପ୍ରବେଶମାତ୍ରେ ମଶାଲ ଜାଳି କଳିଙ୍ଗର ତଟରକ୍ଷୀ ସତର୍କ ସୂଚନା ଓ ପରିଚୟ ମାଗନ୍ତେ ମଗଧର ପୋତଚାଳକ ସନ୍ତର୍ପଣରେ ଧୀରକଣ୍ଠରେ ଉତ୍ତର ଦେଇଥିଲେ । କଳିଙ୍ଗରେ ପ୍ରଜାତନ୍ତ୍ରର ବାର୍ଷିକ ଉତ୍ସବ ଉପଲକ୍ଷେ ସିଂହଳ ଓ ମଗଧର ମହାରାଜା ମଧୁର ସମ୍ପର୍କକୁ ବଜାୟ ରଖିବା ପାଇଁ ବନ୍ଧୁତ୍ୱର ନିଦର୍ଶନ ସ୍ୱରୂପ ଏହି ଜଳବାହି ପୋତମାନଙ୍କରେ ପଠାଇଛନ୍ତି ବହୁମୂଲ୍ୟ ଉପହାର । ଏହା ଶୁଣି ତଟରକ୍ଷୀ କେତେକ ନୌକା ମଧ୍ୟରେ ମୂଲ୍ୟବାନ ଉପହାର ଦେଖି ସଶ୍ରଦ୍ଧ ସମ୍ମାନରେ ପୋତ ଗୁଡ଼ିକୁ ଯିବାକୁ ଅନୁମତି ଦେଇଥିଲା । ନୌବହର ପୋତସବୁ ଆଗକୁ ମାଡ଼ିଚାଲିଥିଲେ ନିର୍ଦ୍ୱନ୍ଦ୍ୱରେ ନିର୍ଭୀକଭାବରେ । ଘନ କୃଷ୍ଣାଭ ଜଳରାଶି ଉପରେ ନୌଯାତ୍ରାର ଦୁଃସାହସିକତା ସମସ୍ତଙ୍କୁ ମୁଗ୍ଧ କରିଥିଲା ।

ଗଙ୍ଗାଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିଶାଳ କଳିଙ୍ଗର ଦକ୍ଷିଣପୂର୍ବ ସୀମାନ୍ତରେ ରାଜଧାନୀ ଥିଲା ତୋଷାଳୀ । ବିତ୍ତଶାଳୀ । ସମୃଦ୍ଧିଶାଳୀ । ଏକମାତ୍ର ମଗଧ ଥିଲା ଶକ୍ତିଶାଳୀ ପଡ଼ୋଶୀ ରାଷ୍ଟ୍ର କଳିଙ୍ଗର । ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସତ୍ତ୍ୱେ ନିରାପଦ ସୀମାନ୍ତରେ କଳିଙ୍ଗବାସୀ ଗଡ଼ିଥିଲେ ସୁବିଶାଳ ଦୁର୍ଗ, ଗଡ଼ଖାଇ, ସେନାଛାଉଣୀ । ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସୀମାନ୍ତରେ ସୁସଜ୍ଜିତ ଥିଲେ କଳିଙ୍ଗ ସେନା ରାଜଧାନୀର ବହୁଦୂରରେ । ଦାକ୍ଷିଣାତ୍ୟ ସୀମାପ୍ରତି ତଟରକ୍ଷୀମାନଙ୍କ ବ୍ୟତୀତ ଅବହେଳିତ ଥିଲା ଜଳପଥ ଓ ପୂର୍ବ ମୁଖୀ ମହୋଦଧିର ସୀମାନ୍ତ ସବୁ । କଳିଙ୍ଗ ସୀମାନ୍ତରେ କେତେକ ଉପଦ୍ରୁତ



ଅଞ୍ଚଳରେ ବିଦ୍ରୋହ ଦମନରେ ଅଧିକାଂଶ ସେନା ଲାଗିଥିଲେ ସୀମାନ୍ତରେ ଶାନ୍ତି ସ୍ଥିରତା ପାଇଁ । ରାଜଧାନୀରେ ବାର୍ଷିକ ଉତ୍ସବରେ ଭାଗନେଇ ଥିଲେ ମୁଷ୍ଟିମେୟ ସେନା ଓ ସେନାପତିଗଣ । ଉତ୍ସବ ମୁଖର ରାଜଧାନୀ ସଜ୍ଜିତ ହୋଇଥିଲା ରାଜବଧୂ ଭଳି ଚୂନଧୌତ ଧବଳ ରଙ୍ଗରେ । ସମୁଦ୍ର କୂଳେ କୂଳେ ତଟରକ୍ଷୀ ମାନଙ୍କୁ ହତ୍ୟାକରି ନିର୍ବିଘ୍ନରେ, ନିର୍ଭୟରେ ମାଡିଚାଲିଥିଲା ମଗଧର ନୌସେନା । କଳିଙ୍ଗବାସୀଙ୍କ ପାଇଁ ଏହା ଦିବାସ୍ୱପ୍ନ ଭଳି ବିସ୍ମୟ ଥିଲା । ମଗଧର ଏତାଦୃଶ ସାହସ ସମ୍ପର୍କରେ ସମସ୍ତେ ଅଜ୍ଞ ଥିଲେ । ରାତ୍ର ପ୍ରଭାତ ହେଲା ବେଳକୁ କଳିଙ୍ଗ ସାଗରର ଜଳଭାଗ ଓ ତଟଦେଶରେ ମଗଧର ଦୁଇଲକ୍ଷ ସେନା ସମ୍ମୁଖ ଯୁଦ୍ଧପାଇଁ ପ୍ରସ୍ତୁତ ଥିଲେ । ପ୍ରଭାତର ସିନ୍ଦୂରା ଫାଟିବା ସହ କଳିଙ୍ଗର ରାଜଧାନୀ କୁ ଶତ୍ରୁ ସୈନ୍ୟ ମାଡି ଆସୁଥିବାର ଦୁଃସମ୍ବାଦରେ ସମସ୍ତେ ମ୍ରିୟମାଣ । ମଗଧର ଜଳପୋତକୁ ଧ୍ୱଂସକରି କଳିଙ୍ଗ ସାଗରରେ ଆଧିପତ୍ୟ ପାଇଁ ନୌସେନାପତି ମାନେ ନୌବହର ସହ ଜଳଭାଗରେ ଅର୍ଦ୍ଧଚନ୍ଦ୍ରପରି ଘେରି ରହିଲେ, ମଗଧ ନୌବହର ଉପରେ ଷଣ୍ଢଆସି ଆକ୍ରମଣ ପାଇଁ । ବିଧିର ବିଧାନ ବିଚିତ୍ର । କଳିଙ୍ଗର ଗୁରୁତ୍ୱପୂର୍ଣ୍ଣ ନୌବହରମଧ୍ୟରେ ମଗଧର କେତେକ ଆତ୍ମଘାତୀ ସେନା ପଶିଯାଇ କଳିଙ୍ଗର ନୌବହର ନିକଟକୁ ଆସି ଆକ୍ରମଣ କରିବାର ସୁଯୋଗ ଦେଇଥିଲେ । କଳିଙ୍ଗର ବିଶାଳ ନୌବହର ମଗଧର ପୋତଗୁଡିକ ନିକଟବର୍ତ୍ତୀ ହେବାମାତ୍ରେ ନିଜ ନିଜର ପୋତରେ ସେମାନେ ହଠାତ ଅଗ୍ନି ସଂଯୋଗକରି ଜଳମଧ୍ୟରେ ସଲିଳ ସମାଧି ନେଇଥିଲେ ।

ଏହିଭଳି ଭାବରେ ଭୀଷଣ ଅଗ୍ନିକାଣ୍ଡରେ କଳିଙ୍ଗର ଦୁର୍ଦ୍ଧର୍ଷ ନୌବହର ଅଚାନକ ଭାବରେ ଧ୍ୱଂସ ପାଇଥିଲା । ମଗଧର ବିଶାଳ ନୌବହରର ସମ୍ମୁଖୀନ ହେବାକୁ କଳିଙ୍ଗାମାନେ ସମର୍ଥ ନଥିଲେ । କଳିଙ୍ଗର ପଶ୍ଚିମ ଓ ଉତ୍ତର ପଟୁ ମଗଧର ଦୁଇଲକ୍ଷ ଲେଖାଏଁ ଚାରିଲକ୍ଷ ଦୁର୍ଦ୍ଧର୍ଷ ସ୍ଥଳସେନା, ୯,୦୦୦ ଗଜାରୋହୀ , ୨୦,୦୦୦ଅଶ୍ୱାରୋହୀ ବାହିନୀ କଳିଙ୍ଗ ସୀମାନ୍ତରେ ଷଣ୍ଢଆସି ଆକ୍ରମଣ ଚଳାଇ ରଖିଥିଲେ । ଅସମୟରେ ବଜ୍ରପାତ ପରି ସବୁଘଟଣା ଅପ୍ରତ୍ୟାଶିତ ଭାବରେ ଘଟିଗଲା । କିଂକର୍ତ୍ତବ୍ୟବମୁଖ କଳିଙ୍ଗର ମହାରାଜ । ମଗଧର ସ୍ଥଳସେନା କଳିଙ୍ଗର ରାଜଧାନୀର ନିକଟବର୍ତ୍ତୀ ହେବାରେ ଲାଗିଲେ ।ବାଧାଦେବାକୁ କେହିନଥିଲେ । ମଗଧର ଜଳତରୀ ଗୁଡିକ ମହାନଦୀ, କୁଆଖାଇ, ଚିଲିକା ହ୍ରଦ, କୁଶଭଦ୍ରା, ପ୍ରାଚୀ ମୁହାଣ ଦେଇ ତୋଷାଳୀର ନିକଟବର୍ତ୍ତୀ ହୋଇଥିଲେ । ମଗଧସେନା ରାଜଧାନୀର ନିକଟବତ୍ତୀ ହେବା ଦେଖି ମହାରାଜା ଯୁଦ୍ଧ ସ୍ଥଗିତରଖି ଶାନ୍ତି ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିବାକୁ ମହାମହିମ ମଗଧ ସମ୍ରାଟଙ୍କ ନିକଟକୁ ଶାନ୍ତିବାର୍ତ୍ତା ସହ ରାଜଦୂତକୁ ପଠାଇଥିଲେ । ଯୁଦ୍ଧ ବିରାମ ପାଇଁ ବିଚାର କରିବାସହ ଅଶୋକ ସମୟ ଗଡ଼ାଇ ଚାଲିଲେ । କଳିଙ୍ଗର ସେନା ଯୁଦ୍ଧବିରାମ ପାଳନ କରୁଥିବା ବେଳେ ଗ୍ରୀକ୍ ସେନାପତି ଯବନମାନଙ୍କ ପରାମର୍ଶରେ ବିଶ୍ୱାସଘାତ କରିବାକୁ ସମ୍ରାଟ ଅଶୋକ ସେନାପତିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାତ୍ରିର ଅନ୍ଧକାର ମଧ୍ୟରେ ମଗଧରସେନା କଳିଙ୍ଗସେନା ଉପରେ ଅପ୍ରତ୍ୟାଶିତ ଆକ୍ରମଣ କରି ଅସ୍ତ୍ରାଗାର ଓ ଖାଦ୍ୟଭଣ୍ଡାର ଗୁଡ଼ିକ ନିଜ ଅଧୀନକୁ ନେଇ ଯାଇଥିଲେ । ଏହାଦ୍ୱାରା କଳିଙ୍ଗର ମନୋବଳ ଭାଙ୍ଗିପଡିଥିଲା । କପଟ ଯୁଦ୍ଧର କ୍ରୂର ପରିଣତି ସମ୍ପର୍କରେ ଅଜ୍ଞଥିଲେ ସେମାନେ । ପଶ୍ଚିମ ଓ ଉତ୍ତରପଟୁ ଚାରିଲକ୍ଷ ମଗଧ ସେନାଙ୍କ ସମ୍ମୁଖୀନ ହୋଇଥିବା କଳିଙ୍ଗର ସୁଦକ୍ଷ ସେନାପତିମାନଙ୍କୁ ମହାରାଜା ଆଦେଶ ଦେଇଥିଲେ ରାଜଧାନୀ ରକ୍ଷାକରିବାକୁ କାଳବିଳମ୍ବ ନକରି ଫେରି ଆସିବାକୁ । ଏହା ଫଳରେ

ତିନିଦିଗରୁ ଷଣ୍ଢଆସି ଆକ୍ରମଣର ଶିକାର ହୋଇଥିଲା କଳିଙ୍ଗର ସେନାବାହିନୀ । ରାଜଧାନୀ ରକ୍ଷା କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିଲେ କଳିଙ୍ଗ ସେନା । ମହାପ୍ରତାପୀ, ପ୍ରବଳ ପରାକ୍ରମୀ କଳିଙ୍ଗ ସେନାଙ୍କ ଗରିଲା ଯୁଦ୍ଧ ଆଗରେ ବିପର୍ଯ୍ୟୟଗ୍ରସ୍ତ ମଗଧର ମନୋବଳ ଭାଙ୍ଗିପଡୁଥିଲା । ଖଣ୍ଡା, ଖଡ୍‌ଗର, ଧନୁ, ଗଦା, ଲୌହ ମୂଷଳ ଶଙ୍କୁ, ବନାଟି, ଆଗ୍ନେୟାସ୍ତ୍ର ସହ ରଥାରୋହୀ, ଗଜାରୋହୀ, ଅଶ୍ୱାରୋହୀ, ପଦାତିକ ବାହିନୀ ଭୀଷଣ ସଂଗ୍ରାମରେ ଲିପ୍ତଥିଲେ । ସ୍ୱୟଂ ସମ୍ରାଟ ଅଶୋକ ମ୍ରିୟମାଣ ହୋଇ ସମ୍ମୁଖ ରଣାଙ୍ଗନରେ ଯୁଦ୍ଧ ପରିଚାଳନା କରୁଥିଲେ ବିପର୍ଯ୍ୟମୁଖୀ ମଗଧ ସେନାର ପରାଜୟ ହେବାପୂର୍ବରୁ ଭାଗ୍ୟଦେବୀ ପ୍ରସନ୍ନ ଥିଲେ । ପଶ୍ଚିମ ଓ ଉତ୍ତର ଦିଗରେ ମଗଧସେନା ରାଜଧାନୀ ତୋଷାଳୀ ଅଭିମୁଖେ ମାଡ଼ିଆସୁଥିବାର ଖବର ପାଇ ଅଶୋକ ପ୍ରୀତ ହୋଇଥିଲେ । ଏହା ଦ୍ୱାରା ମଗଧ ସେନାର ମନୋବଳ ବୃଦ୍ଧି ପାଇଥିଲା । ମହାବିକ୍ରମରେ ଯୁଦ୍ଧର ଗତି ପରିଚାଳନା କରୁଥିଲେ ସ୍ୱୟଂ ଅଶୋକ । ରାଜଧାନୀ ନିକଟରେ କଳିଙ୍ଗ ସେନା ଶେଷ ସଂଗ୍ରାମ ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ । ଅବଶିଷ୍ଟ ଖାଦ୍ୟ ସମ୍ବଳ ଓ ଅସ୍ତ୍ରଶସ୍ତ୍ର ସହ ପ୍ରତୀକ୍ଷା କରୁଥିଲେ ସେହି ସମୟକୁ । କଳିଙ୍ଗ ସୀମାନ୍ତରୁ ଫେରୁଥିବା ସେନାନୀଙ୍କୁ ହଠାତ୍ ରାତ୍ରିର ଅନ୍ଧକାର ମଧ୍ୟରେ ଲକ୍ଷାଧିକ ମଗଧ ସେନା ଜଉଗଡ଼ ନିକଟରେ ଅବରୁଦ୍ଧ କରି ରଖିଥିଲେ । କ୍ଷୁଧା, ତୃଷା ଓ ଅନାହାରମୁଖୀ କଳିଙ୍ଗର ଫେରନ୍ତା ସେନା ଅଟକି ରହିଥିଲେ ଅସହାୟ ଭାବେ । ସେମାନଙ୍କ ସହିତ ଯୋଗାଯୋଗ କରିବାର ସମସ୍ତ ଚେଷ୍ଟା ବିଫଳ ହୋଇଥିଲା । ଚତୁର୍ଦ୍ଦିଗରୁ ସେମାନଙ୍କୁ ଅବରୁଦ୍ଧକରି ରଖିଥିଲେ ଅଶୋକ । ଆତ୍ମସମର୍ପଣ ପାଇଁ କୁମାରଦେବଙ୍କର ନିର୍ଦ୍ଦେଶ ମଧ୍ୟ ରାଜଧାନୀରୁ ସେମାନଙ୍କ ପାଖରେ ପହଞ୍ଚି ନଥିଲା । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼େଇକରି ଆତ୍ମବଳି ଦେଇଥିଲେ ସେମାନେ । ବୀରଗତି ପୂର୍ବରୁ ମଗଧ ସେନାକୁ ସେମାନେ ବିପର୍ଯ୍ୟସ୍ତ କରିଦେଇଥିଲେ । ହତାହତର ସୀମା ନଥିଲା । ଅନ୍ତିମ ସମୟ ପର୍ଯ୍ୟନ୍ତ ମଗଧ ସେନା ପରାଜୟ ଆଶଙ୍କାରେ ଆତଙ୍କିତ ଥିଲା । ଆହତ ପଙ୍ଗୁପ୍ରାୟ ଅବଶିଷ୍ଟ ମଗଧ ସେନା ଫେରିପାରି ନଥିଲେ ତୋଷାଳୀକୁ ସାହାଯ୍ୟ ପ୍ରତୀକ୍ଷାରେ ।

ରାଜଧାନୀ ତୋଷାଳୀ ନିକଟସ୍ଥ ଧଉଳି ନିକଟରେ ବିଶାଳ କଳିଙ୍ଗର୫ ଲକ୍ଷ ସେନା ମଗଧ ବାହିନୀ ସହିତ ଭୟଙ୍କର ସଂଘର୍ଷରେ ଲିପ୍ତ ରହିଥିଲେ । ଉଭୟ ପଟରୁ ଭୀଷଣ ଯୁଦ୍ଧରେ ହତାହତ ହୋଇଥିଲେ ସେନାବାହିନୀ । ଯୁଦ୍ଧର ବିରାମ ନଥିଲା । କଳିଙ୍ଗ ସେନା ସୂର୍ଯ୍ୟାସ୍ତ ପରେ ଯୁଦ୍ଧ କରୁନଥିଲେ ଧର୍ମଯୁଦ୍ଧରେ କ୍ଷତ୍ରିୟର ଧର୍ମରକ୍ଷା ପାଇଁ । ଯବନ ସେନାପତି ଓ ଯବନସେନା ମଗଧସେନାରେ ସାମିଲି ହୋଇଥିଲେ । ସେମାନେ ଥିଲେ ନିଷ୍ଠୁର, ନିର୍ଦ୍ଦୟ, ନିର୍ମମ ଓ ଯୁଦ୍ଧଖୋର । ହିଂସା ଓ ହତ୍ୟାର ଉପାସକ ଥିଲେ ସେହି ବର୍ବର ଯବନ ସେନା । ସେମାନଙ୍କର ପ୍ରରୋଚନାରେ କଳିଙ୍ଗ ବିଜୟ ପାଇଁ ଅନ୍ୟାୟ ଯୁଦ୍ଧର ଆଶ୍ରୟ ନେବାକୁ ମୌର୍ଯ୍ୟ ସମ୍ରାଟ ରାଜି ହୋଇଥିଲେ । ଫଳରେ ଯୁଦ୍ଧରେ କ୍ଷୟକ୍ଷତି ଭୀଷଣ ରୂପ ନେଇଥିଲା । ନଗର, ଜନପଦସବୁ ଧ୍ୱଂସ ହୋଇଥିଲା ଅଗ୍ନିସଂଯୋଗ ଦ୍ୱାରା । ପରାଜିତ ସେନାକୁ ନିର୍ମମ ଭାବେ ହତ୍ୟା କରିଥିଲେ ଯବନମାନେ । ଏହି ଭୀଷଣ ସଂଗ୍ରାମ ସମୟରେ ଅନ୍ୟାୟ ଯୁଦ୍ଧର ପ୍ରତିବାଦ କରିଥିଲେ କଳିଙ୍ଗର ମହାରାଜ କୁମାରଦେବ । ଅନ୍ୟାୟ ଯୁଦ୍ଧପାଇଁ ନିର୍ଦ୍ଦେଶ ଦେଇଥିଲେ । ରାତ୍ରିର ଅନ୍ଧାକାର ମଧ୍ୟରେ ଅତର୍କିତ ଗରିଲା ଯୁଦ୍ଧ ଚାଲୁରହିଥିଲା । ଏଭଳି ଭୀଷଣ ଓ ଭୟାବହ ସଂଗ୍ରାମ ସମ୍ଭବତଃ ମହାଭାରତ ଯୁଦ୍ଧପରେ ଆଉ



ଘଟିନଥିଲା । ଅଶ୍ୱାରୋହୀ, ଗଜାରୋହୀ, ରଥାରୋହୀ ସେନାଙ୍କର ପ୍ରଚଣ୍ଡ ଚିତ୍କାରରେ ରଣଭୂମି ଶ୍ମଶାନ ସଦୃଶ୍ୟ ଲେଲିହାନ ଦିଶୁଥିଲା । ଏହି ଭୀଷଣ ଯୁଦ୍ଧରେ କଳିଙ୍ଗର ନାରୀ ବାହିନୀର ନେତୃତ୍ୱ ନେଇଥିଲେ ନାରୀ ସେନାପତି ସ୍ୱୟଂ ସୁଶ୍ରୀ କାରୁବାକୀ । ଧନୁଚାଳନା ଓ ଖଡଗ୍ ଚାଳନାରେ କଳିଙ୍ଗର ନାରୀ ବାହିନୀ ଅପୂର୍ବ କୃତିତ୍ୱ ଲାଭ କରିଥିଲା । ନାରୀ ସେନା ସହ ଲଢ଼େଇର ଅନୁଭୂତି ଥିଲା ପ୍ରଥମ । ଶତ୍ରୁ ସେନା ବିବ୍ରତ ଓ ବିଚଳିତ ଥିଲେ । ଯୁଦ୍ଧର ପରିସମାପ୍ତି ଅସମ୍ଭବ ମନେ ହେଉଥିଲା । ଯୁଦ୍ଧ ୩ ମାସ ମଧ୍ୟରେ ଶେଷହେବ ବୋଲି ଅଶୋକ ଚିନ୍ତା କରିଥିଲେ କିନ୍ତୁ ଏହା ୬ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା । ଯୁଦ୍ଧର ଗତି ଅସମାପ୍ତ ଥିଲା । ପ୍ରଚଣ୍ଡ ଯୁଦ୍ଧରେ ରଣଭୂମି ଶ୍ମଶାନ ସଦୃଶ୍ୟ ଲେଲିହାନ ହୋଇ ଉଠୁଥିଲା ହତାହତ ସେନାର ଆର୍ତ୍ତନାଦରେ । ପ୍ରଚଣ୍ଡ ଶୀତଋତୁରେ ଯୁଦ୍ଧର ଆରମ୍ଭ ହୋଇ ଏହା ବର୍ଷାଋତୁ ପର୍ଯ୍ୟନ୍ତ ଲାଗି ରହିଥିଲା । ରୌଦ୍ର କଷ୍ଟ ହୋଇଥିଲା । ସାଧାରଣ ଜନତା ଓ ସେନା ଖାଦ୍ୟାଭାବର ଶିକାର ହୋଇଥିଲେ । ଲଗାତାର ଲଘୁଚାପ ଜନିତ ପ୍ରଳୟ ବର୍ଷାରେ ସମୁଦ୍ର ପଥରେ ମଗଧରୁ ଆସୁଥିବା ଖାଦ୍ୟ ପଦାର୍ଥ ନଷ୍ଟ ହୋଇଯାଇଥିଲା । ମୃତାହତ ଶବମାନଙ୍କର ଦୁର୍ଗନ୍ଧରେ ପରିବେଶ ଦୂଷିତ ଓ କର୍ଦ୍ଦମାକ୍ତ ହୋଇଥିଲା । ଯୁଦ୍ଧର ଗତି ଭୀଷଣ ହୋଇ ଉଠିଥିଲା ବେଳେ ଦୟାନଦୀର ସ୍ୱଚ୍ଛ ସଲିଳ ନୀଳ ଜଳରାଶି ଲୋହିତ ବର୍ଣ୍ଣ ଧାରଣ କରିଥିଲା । ଯୁଦ୍ଧର ସମାପ୍ତି ହୋଇ ନଥିଲା । କଳିଙ୍ଗର ଲକ୍ଷାଧିକ ଓ ମଗଧର ତଦନୁରୂପ ସେନା ମୃତ୍ୟୁ ବରଣ କରିଥିଲେ । ଯୁଦ୍ଧ ଲାଗିରହିଥିଲା । ଅଶୋକ ନିଜର ପ୍ରିୟ ପୁତ୍ର ଓ ବନ୍ଧୁ ପ୍ରିୟଜନଙ୍କୁ ହରାଇ ବିବ୍ରତ ହୋଇ ପଡିଥିଲେ । କଳେ ବଳେ କୌଶଳେ ଯୁଦ୍ଧଜୟ ପାଇଁ କୂଟନୀତିର ଆଶ୍ରୟ ନେଇଥିଲେ । ଯୁଦ୍ଧବିରତି ଓ ଶାନ୍ତିପ୍ରସ୍ତାବ ମାଧ୍ୟମରେ ଯୁଦ୍ଧର ଗତି ଶିଥିଳ କରି ଅଶୋକ କଳିଙ୍ଗ ମହାରାଜା ଓ ମହାସେନାପତିଙ୍କର ମୃତ୍ୟୁର ଚକ୍ରାନ୍ତ କରିଥିଲେ କୂଟନୈତିକ ଷଡଯନ୍ତ୍ରରେ ଆକସ୍ମିକ ମୃତ୍ୟୁବରଣ କରିଥିଲେ ସେମାନେ ରାଜନର୍ତ୍ତକୀ ଠାରୁ ମଗଧର ବିଷାକ୍ତ ସୁରାପାତ୍ରରେ ବିଷାକ୍ତ ସୁରାପାନ କରି । ସେହି ସୁନ୍ଦର କାଚର ବିଷାକ୍ତ ସୁରାପାତ୍ର ରାଜନର୍ତ୍ତକୀ ଉପହାର ରୂପେ ପାଇଥିଲେ ମଗଧର ବଣିକଠାରୁ ।

ଯୁଦ୍ଧବିରତି ଘୋଷଣା ହୋଇନଥିଲା । ଯୁଦ୍ଧ ଚାଲୁରହିଥିଲା । ରାଜକୁମାରୀ ସୁଶ୍ରୀ କାରୁବାକୀ କପଟ ଯୁଦ୍ଧରେ ମୃତ୍ୟୁବରଣ କରିଲେ ବୋଲି ଘୋଷଣା କରାଗଲା । କଳିଙ୍ଗର ମହାରାଣୀ ମହାରାଜଙ୍କର ମୃତ୍ୟୁପରେ ଅଗ୍ନିକୁଣ୍ଡରେ ଆତ୍ମଝାସ ଦେଇଥିଲେ । ଏହି ସମୟରେ କାରୁବାକୀ ଅସୀମ ସାହସ ଓ ଧୈର୍ଯ୍ୟଧରି ମହାରାଣୀଙ୍କ ବେଶପୋଷାକରେ ଯୁଦ୍ଧର ନେତୃତ୍ୱ ନେଇଥିଲେ । କାରୁବାକୀଙ୍କର କପଟ ମୃତ୍ୟୁ ଖବରରେ ଅଶୋକ ଭାଙ୍ଗିପଡିଥିଲେ । ବନ୍ଦୀ ଅବସ୍ଥାରେ ଥିବା ସେନାଙ୍କୁ ସେ ହତ୍ୟା କରିଥିଲେ ନିର୍ମମ ଭାବେ କାରୁବାକୀଙ୍କ ସାନ୍ନିଧ ପାଇଁ । ଯୁଦ୍ଧରେ ବିଜୟ ଅପେକ୍ଷା ଶୀଘ୍ର ସମାପ୍ତି ଚାହୁଁଥିଲେ ଅଶୋକ । କାରୁବାକୀ ମୃତ ଓ ଆହତ ଜୀବନ୍ତ ଭାବେ ଆତ୍ମସମର୍ପଣ ନକଲେ ଅବଶିଷ୍ଟ ଦେଢଲକ୍ଷ ବନ୍ଦୀ କଳିଙ୍ଗ ସେନାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ ଅଶୋକ । ଏହି ହତ୍ୟା ଧମକରେ ଦବିଯାଇଥିଲେ କାରୁବାକୀ । କଳିଙ୍ଗ ରାଜନ୍ୟମଣ୍ଡଳୀ ଓ ପାରିଷଦବର୍ଗଙ୍କ ମିଳିତ ବୈଠକରେ କାରୁବାକୀ ଶାନ୍ତି ଓ ସ୍ଥିରତା ପାଇଁ ସମ୍ମାନର ସହ ଆତ୍ମସମର୍ପଣ କରିବାକୁ ପ୍ରସ୍ତାବ ଦେଇଥିଲେ ଓ ଏହା ଗୃହୀତ ହୋଇଥିଲା । ଯୁଦ୍ଧର ଲେଲିହାନ୍ ମଧ୍ୟରେ ଆହତ ସେନାଙ୍କର

ସେବାରେ ନିରବଛିନ୍ନ ଭାବେ ଲାଗିରହିଥିବା ବୌଦ୍ଧ ସନ୍ନ୍ୟାସୀ ଉପଗୁପ୍ତଙ୍କ ପାଖରେ ସୁଶ୍ରୀ କାରୁବାକୀ ଆତ୍ମସର୍ମପଣ କରି ଲଣ୍ଡିତ ଓ ଗୈରିକ ବସନରେ ଅଶୋକଙ୍କ ପାଖରେ ଉପସ୍ଥିତ ହୋଇଥିଲେ । କାରୁବାକୀଙ୍କୁ ବୌଦ୍ଧ ସନ୍ନ୍ୟାସିନୀ ବେଶରେ ଦେଖି ଅଶୋକ ସ୍ଥିର ଚକିତ ହୋଇଥିଲେ । ଯୁଦ୍ଧ ବନ୍ଦପାଇଁ ନିର୍ଦ୍ଦେଶଦେବା ସହ ଯୁଦ୍ଧବନ୍ଦୀମାନଙ୍କୁ ଫେରାଇ ଦେବାକୁ ମଗଧସେନାକୁ ନିର୍ଦ୍ଦେଶ ପଠାଇଥିଲେ ।

ମଗଧର ବିଜୟ କାହାଣୀ ରାଜଧାନୀଠାରୁ ସୁଦୂର ପାଟଳିପୁତ୍ର ଯାଏ ପ୍ରତିଧ୍ୱନିତ ହେଉଥିଲା ଭାଟମାନଙ୍କ ଦ୍ୱାରା । ଯୁଦ୍ଧରେ ମଗଧସେନାର ବିଜୟବାର୍ତ୍ତା ଗର୍ବର ସହିତ ପ୍ରଚାରିତ ହୋଇଥିଲା ଜନପଦରେ, ଜନମୁଖରେ । ମହାରାଣୀ ଅସନ୍ଧିମିତ୍ରା ରାଜ୍ୟ ଶାସନରେ ପ୍ରତ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ । ଯୁଦ୍ଧର ଗତି ନିରୀକ୍ଷଣ କରିବାକୁ ନବାଗତା ରାଣୀ ପଦ୍ମାବତୀ ମହାରାଜା ଅଶୋକଙ୍କ ସହିତ ଯୁଦ୍ଧ ଭୂମିରେ ଅବତୀର୍ଣ୍ଣ ହୋଇଥିଲେ । କଳିଙ୍ଗର ଦୁର୍ଗ ସବୁ ଗୋଟିକ ପରେ ଗୋଟିଏ ଅଧିକୃତ ହୋଇଥିଲା । ଯୁଦ୍ଧ ଲାଗିରହିଥିଲା ଲେଲିହାନ ଭଳି । ସମାପ୍ତିର ଆଶା ନଥିଲା । ସମଗ୍ର କଳିଙ୍ଗର ସ୍ପର୍ଦ୍ଧିତ ବକ୍ଷ ଉପରେ ମଗଧ ସେନାର ଦର୍ପିତ ପାଦକୁ ପ୍ରତିରୋଧ କରୁଥିଲେ ଆବାଳ ବୃଦ୍ଧ ବନିତା ନିଜ ନିଜର ପ୍ରାଣପାତରେ । ମହୋଦଧିର ବିସ୍ତୀର୍ଣ୍ଣ ଜଳରାଶିଠାରୁ ଦୁର୍ଗମ ଗିରି କାନନ ଯାଏ, ସୁରମ୍ୟ ଜନପଦଠାରୁ ସୌମ୍ୟା ରାଜଧାନୀ ଯାଏ ସବୁଠି ଘନଘୋର ଯୁଦ୍ଧର ତାଣ୍ଡବଲୀଳା । ଅଶୋକଙ୍କର ସୁଚିନ୍ତିତ ସମର କୌଶଳ ଓ ପୂର୍ବପ୍ରସ୍ତୁତି ଯୋଗୁ କଳିଙ୍ଗ ଦୁର୍ଗର ପତନ ଘଟିଥିଲା ସତ କିନ୍ତୁ କଳିଙ୍ଗ ସେନାର ଶକ୍ତି ଓ ପ୍ରଜାର ପ୍ରତିରକ୍ଷା କୌଶଳ, ପ୍ରାଣଘାତକ ପ୍ରଚଣ୍ଡ ପ୍ରତିରୋଧରେ ଅଶୋକ ସ୍ତମ୍ଭୀଭୂତ ହୋଇଥିଲେ ଯେପରି ୨୦୦୦ବର୍ଷ ପରେ ମଧ କଳିଙ୍ଗର ଦୁର୍ଦ୍ଧର୍ଷ ସାମରିକ ଶକ୍ତିର ପରିଚୟ ପାଇଥିଲେ ଇଂରେଜମାନେ । ଘୁମୁସରର କନ୍ଧ, କେଉଁଝରର ଭୂୟାଁ, ସମ୍ବଲପୁରର ସାନ୍ତାଳ, ଖୋର୍ଦ୍ଧାର ପାଇକ, ସୁନ୍ଦରଗଡ଼ର ମୁଣ୍ଡାଙ୍କର ଦୁର୍ଦ୍ଧର୍ଷ ରଣ କୌଶଳ, ପ୍ରଚଣ୍ଡ ପ୍ରତିରୋଧରେ ଆକ୍ରାନ୍ତ ହୋଇଥିଲେ ଇଂରେଜମାନେ । ଓଡ଼ିଶାସାରା ଗଡ଼ପୂର୍ଣ୍ଣ । ସେହି ଗଡ଼’ତ ସାମରିକ କେନ୍ଦ୍ର, ସେନା ଛାଉଣୀ, ସଂଗ୍ରାମର ପୀଠ, ସ୍ୱାଧୀନତାର ପୁଣ୍ୟ ପୀଠ । ଓଡିଶାର ଆଦିବାସୀ ମାନେ ଥିଲେ ସରଳ, ସ୍ୱାଧୀନତା ପ୍ରିୟ, ଦୁର୍ଦ୍ଦାନ୍ତ, ଦୁର୍ଦ୍ଧର୍ଷ । ପ୍ରଥମ ଭାରତୀୟ ମୁକ୍ତି ସଂଗ୍ରାମର ମଶାଲ ଜାଳିଥିଲେ ସେମାନେ । ସେହି ବନବାସୀମାନଙ୍କୁ ଅଶୋକ ଶାନ୍ତିର ଜୀବନପାଇଁ ସତର୍କ କରିଥିଲେ । ଯୁଦ୍ଧ ଶେଷ ହେବ କେବେ ? ଏହି ପ୍ରଶ୍ନ ତାଙ୍କୁ ଆନ୍ଦୋଳିତ କରୁଥିଲା । ମଗଧର ଶକ୍ତି ଉପରେ ଆସ୍ଥାରଖି ସେ କଳିଙ୍ଗ ବିଜୟର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଦିବାସ୍ୱପ୍ନ ନୁହେଁ ତ ? ଅନେକ ଆଶଙ୍କାରେ ଅସ୍ଥିର ଦିଶୁଥିଲା ତାଙ୍କର ମୁହଁ ।

ଘନ ତମିସ୍ରାପୂର୍ଣ୍ଣ ରାତ୍ରୀର ନୀରବତା ଶ୍ୱାନକୁଳର ପୈଶାଚିକ ଚିତ୍କାରରେ ମିଳାଇ ଯାଉଥିଲା । ରଣକ୍ଳାନ୍ତ ରଣଭୂମିରେ ଆହତ ସେନାର ଆର୍ତ୍ତଚିତ୍କାର ରହିରହି ଶୁଭୁଥିଲା ଅନତି ଦୂରଯାଏ । ମଶାଲ ଜାଳି ବୌଦ୍ଧଭିକ୍ଷୁ ଓ ଜୈନ ସନ୍ନ୍ୟାସୀଗଣ ଆହତ ସେନାର ସେବା ଶୁଶ୍ରୂଷାରେ ଲାଗିପଡ଼ି ଥିଲେ ରାଷ୍ଟ୍ରୀୟତାର ଉର୍ଦ୍ଧ୍ୱରେ । ମଶାଲର ମ୍ଳାନ ଆଲୋକରେ ତେଜୋମୟ ଦିଶୁଥିଲା ସେମାନଙ୍କର କରୁଣାମୟ ମୁଖମଣ୍ଡଳ । ଯୁଦ୍ଧର ହିଂସ୍ରତାଠାରୁ ଅନେକ ଦୂରରେ ସେମାନେ ମଙ୍ଗଳମୟ ଜୀବନର ଶୁଭକାମନା କରୁଥିଲେ । ସେମାନଙ୍କର ଅହିଂସ ପ୍ରାଣର ଆର୍ଦ୍ରତା ଅନୁଭବ କରୁଥିଲେ ଆହତ, ଆର୍ତ୍ତ ସେନା ।



ମାନବତାର ହୃଦୟ ତରଳ ମହମ ପରି ଉଷ୍ମ ଶିହରଣ ତୋଳିଥିଲା ତପ୍ତପ୍ରାଣରେ । ଆହତ ଆଖିରେ ସ୍ନେହ, କରୁଣାର ଆର୍ଦ୍ର ଅନୁନୟ । ଆକୁଳ ଅନୁକମ୍ପା । ସେଠାରେ ମୃତ୍ୟୁର ବିଜୟ ଗୌରବ ଗ୍ଳାନିପୂର୍ଣ୍ଣ । ଜୀବନର ଅଧିକାର ପାଇଁ ଅବଦମିତ ଚିନ୍ମୟ ଚେତନାର ଉତ୍ତରଣ । ଅବତରଣ । ଯୁଦ୍ଧର କ୍ରୂରତା, ହିଂସ୍ରତା, ଅର୍ଥହୀନ ଉତ୍ତେଜନା ପରି କ୍ଷଣିକ ଅସାର ମନେ ହେଉଥିଲା । ରାତ୍ରିର ଅନ୍ଧାର କ୍ରମେ ଗାଢତର ହେଉଥିଲା ।

ଅଶୋକଙ୍କ ହୃଦୟ ଦୟାରେ ବିଗଳିତ ହେଉଥିଲା ଅହିଂସ ପ୍ରାଣ ବୌଦ୍ଧଭିକ୍ଷୁ, ଭିକ୍ଷୁଣୀ ଓ ଜୈନମୁନିମାନଙ୍କର ସେବା ଶୁଶ୍ରୂଷା ଅବଲୋକନ କରି । ହିଂସାର ହିଂସ୍ରତା ଆଗରେ ଅହିଂସାର ବିଜୟ କେତନ ଅପରାଜୟ । ମାନବାତ୍ମାର ମଙ୍ଗଳ ପାଇଁ ସେମାନଙ୍କର ଉତ୍ସର୍ଗୀକୃତ ଜୀବନରେ ଦୁଃଖନାହିଁ, ଆସକ୍ତି ନାହିଁ, ଅଛି ଅସରନ୍ତି ଐଶ୍ୱର୍ଯ୍ୟ ଆନନ୍ଦ । ଧନ୍ୟ ସେମାନଙ୍କର ଜୀବନ । ଜୀବନ ଯାତ୍ରା । ମାନବଜାତିର ନମସ୍ୟ ସେମାନେ । ସେମାନଙ୍କର ମୁଖରେ ପ୍ରସନ୍ନ ଭାବ, ସେବାର ପ୍ରେମର ଦୟା କରୁଣାର । ଅହିଂସା ଓ ଆନନ୍ଦର ନିର୍ମଳ ଦେବୋପମ ମୂର୍ତ୍ତି ସବୁ । ଆଖିରେ କରୁଣାର ଧାରା, ଓଠରେ ପୀୟୂଷର ପ୍ରବାହ, ଅନ୍ତରରେ ଅନାବିଳ ଫଲ୍‌ଗୁମୟ ପ୍ରେମ ସମସ୍ତଙ୍କୁ ଆଦର କରିବାକୁ, ଆପଣାର କରିବାକୁ, ଆନନ୍ଦ ଦେବାକୁ ଅହିଂସ ବାଣୀ ଓ ବୋଧି । ରଣକ୍ଷେତ୍ରରେ ସନ୍ନ୍ୟାସୀ ସନ୍ନ୍ୟାସିନୀମାନଙ୍କ ଜୀବନ ସାଉଁଟିବାର ଦୃଶ୍ୟ କୁଢ଼କୁଢ଼ ଶବ ଭିତରୁ, ଅଶୋକଙ୍କ ମନରେ ଗଭୀର ରେଖାପାତ କରିଥିଲା ।

ପ୍ରେମ ଓ ପ୍ରତିଶୋଧର ଶେଷ ପାହାଚ ଉପରେ ସେ ଜଳୁଥିଲେ ଅହଂକାରର ଅନଳରେ, ଯେଉଁଠି ଆତ୍ମଝାସଦେଇ ଅନୁଭବ କରିଥିଲେ ଅହିଂସ ଶକ୍ତି, ପ୍ରତିଶକ୍ତିକୁ । ସେ ଗାଇ ଉଠିଥିଲେ– ‘ଶାନ୍ତି ଅହିଂସ ପ୍ରୀତି, ଶାନ୍ତି ଅହିଂସ ପ୍ରୀତି । ବିଶ୍ୱଗାଇବ ମହାଭାରତର ବିଜୟୀ ଗୀତି ।’’

କଳିଙ୍ଗ ଯୁଦ୍ଧର ମୀମାଂସା ହେବା ପୂର୍ବରୁ କଳିଙ୍ଗ ରାଜାଙ୍କ ମୃତ୍ୟୁରେ ଯୁଦ୍ଧ ପରିସମାପ୍ତି ଘଟିଥିଲା ଅତି ନାଟକୀୟଭାବେ । ବିଜୟର ଗୌରବ ପାଖରେ ମ୍ଳାନ ଦିଶୁଥିଲା ତାଙ୍କର ବୀରତ୍ୱ । ପରାଜୟ ଆଶଙ୍କାରେ ଅସହାୟ ତାଙ୍କର ବ୍ୟକ୍ତିତ୍ୱ । ପ୍ରେମ ପ୍ରତିଶୋଧର ଅନଳରେ ସେ ଜଳୁଥିଲେ ହୁତ୍‌ହୁତ୍‌ହୋଇ । ଆନନ୍ଦ ତାଙ୍କର ମିଳେଇ ଯାଇଥିଲା କଂସ, କୃଷ୍ଣଙ୍କୁ ଦେଖିଲା ଭଳି । ପ୍ରତିହିଂସା ଓ ପ୍ରତିଶୋଧର ପିଶାଚ ପ୍ରବୃତ୍ତି ତାଙ୍କୁ ପାଗଳ କରିଦେଇଥିଲା । ତାଙ୍କ ଚେତନାର ଚିତ୍ରପଟ୍ଟ ବଦଳି ଯାଇଥିଲା । ନିଜପାଖରେ ନିଜେ ଛୋଟ ହୋଇଯାଉଥିଲେ । ଭାରସାମ୍ୟ ହରାଇଲେ । ବହୁ ଧନଜନ ବ୍ୟୟରେ କଳିଙ୍ଗ ବିଜୟ କରି ସେ କ’ଣ ପାଇଲେ ? ଶାନ୍ତି ସ୍ୱପ୍ନ । ଶାନ୍ତିପାଇଁ ନିଜ ଭିତରେ ଭୀଷଣ ଭୟଙ୍କର ବିଭତ୍ସ ବିଭୀଷିକା ସହିତ ସଂଘର୍ଷ କରୁଥିଲେ । କଳିଙ୍ଗ ଯୁଦ୍ଧର ସମାପ୍ତି ଘଟିଲା ସତ୍ୟ କିନ୍ତୁ ତାଙ୍କ ହୃଦୟ ରାଜ୍ୟରେ ଯେଉଁ କଳିଙ୍ଗ ଯୁଦ୍ଧର ବୀଭତ୍ସତା, ତା’ର ଶେଷ ନ ଥିଲା ଆଖିରେ, ଅହଙ୍କାର ନ ଥିଲା ଓଠରେ ।

■■

# ମହାମନ୍ତ୍ରୀଙ୍କ ଆତ୍ମସମର୍ପଣ

କଳିଙ୍ଗ କନ୍ୟା ଅପୂର୍ବ ରୂପସୀ କଳାବତୀର ପ୍ରୀତିପାଇଁ, ନାରୀର ହୃଦୟ ଜିଣିବାକୁ ଅଶୋକ କଳିଙ୍ଗ ଜୟ କରିଥିଲେ । ଗୋଟିଏ ହୃଦୟ ଜୟ କରିବାକୁ ଆଶାରଖି ସେ କୋଟି କୋଟି ହୃଦୟ ଜୟ କରିଥିଲେ ଯୁଦ୍ଧପରେ, ''ଯୁଦ୍ଧ ପରିତ୍ୟାଗ କରି'' ଘୋଷଣା କରିଥିଲେ ''କଳିଙ୍ଗ ଅବିଜିତମ୍'' । ମା' ଧର୍ମାଙ୍କର ଅହିଂସ ଆଚରଣ ଓ ଦିବ୍ୟା ଦେବୀ ପତ୍ନୀଙ୍କର ଅସୀମ ଧୈର୍ଯ୍ୟ ଓ ରାଜରାଣୀର ବିଳାସ ବିଭବ ତ୍ୟାଗ, ଅପୁତ୍ରିକ ମହାରାଣୀ ଅସନ୍ଧିମିତ୍ରାଙ୍କର ପ୍ରସନ୍ନ ଭାବ, ଉଦାର ବ୍ୟବହାର, ଉତ୍ତମ ଆଚରଣ କଳିଙ୍ଗୀଃ କନ୍ୟା କାରୁବାକୀର, ଦୟା, କ୍ଷମା, ମମତା ଓ ମାନବିକତାର ସ୍ୱର୍ଗୀୟ ଝଲକ ଅଶୋକଙ୍କର କଠୋର ହୃଦୟ ଉପରେ ତରଳ ମହମ ପରି, ମଖନ ପରି ପଡ଼ିଥିଲା । ଅହିଂସାର ପୂଜାରି, ଦୟା, ଧର୍ମ, କ୍ଷମାର ଉପାସକ ଅଶୋକଙ୍କ ମନ, ହୃଦୟରେ ମାନବିକତାର ଦେବୋପମ ଉତ୍ତରଣ ଘଟିଥିଲା ଉତ୍ତର କାଳରେ । କଳିଙ୍ଗର ମାଟି, ଗୋଡି, ପାହଡ, ନଦୀ ସେ ଜୟ କରିଥିଲେ ଯୁଦ୍ଧରେ । କିନ୍ତୁ କଳିଙ୍ଗୀଃମାନେ ଥିଲେ ଅପରାଜେୟ । କଳିଙ୍ଗର ମହାରାଜାଙ୍କ ସହିତ ସମ୍ମୁଖ ଯୁଦ୍ଧରେ ଜିତି ନଥିଲେ ଅଶୋକ । କଳିଙ୍ଗ ବିରୁଦ୍ଧରେ ବିଜୟ ଅସମ୍ଭବ ଥିଲା । ତେଣୁ ତାଙ୍କର ମହାମନ୍ତ୍ରୀ ରାଧାଗୁପ୍ତ ଓ ଯବନ ସେନାପତିଙ୍କ ସହିତ କୁମନ୍ତ୍ରଣାକରି କପଟ ଉପାୟରେ କଳିଙ୍ଗ ରାଜନର୍ତ୍ତକୀକୁ ବଶୀଭୂତ କରିଥିଲେ । କଳିଙ୍ଗର ମହାରାଜ, ମହାସେନାପତି ବିଷାକ୍ତ ସୁରାପାତ୍ରରୁ ସୁରାପାନ କରି ଅକାଳ ମୃତ୍ୟୁ ଲଭିଥିଲେ । ହଠାତ୍ ଯୁଦ୍ଧର ଗତି ବଦଳି ଯାଇଥିଲା । ଯୁଦ୍ଧ ମୀମାଂସା ହୋଇ ପାରିନଥିଲା । ଶେଷ ପର୍ଯ୍ୟାୟ ଯୁଦ୍ଧପୂର୍ବରୁ ଯୁଦ୍ଧଶେଷ ହୋଇଥିଲା ନାଟକୀୟ ଭାବେ ।

କଳିଙ୍ଗର ମହାମନ୍ତ୍ରୀ ବନ୍ଦୀ ଅବସ୍ଥାରେ ଆତ୍ମସମର୍ପଣ କରିବାକୁ ବାଧ୍ୟ କରାଗଲା । ସେ ଆତ୍ମସମର୍ପଣ ଚୁକ୍ତିରେ ସ୍ୱାକ୍ଷର କରିଥିଲେ କଳିଙ୍ଗର ମହାମନ୍ତ୍ରୀ ଭାବେ ନୁହେଁ, ଜଣେ ସାଧାରଣ ନାଗରିକ ଭାବେ ମଧ୍ୟ ନୁହେଁ । ସେ ସ୍ୱାକ୍ଷର କରିଥିଲେ ଜଣେ ବିଦେଶୀର ବନ୍ଦୀଭାବେ ।

ମହାମନ୍ତ୍ରୀ : ବନ୍ଦୀର ସ୍ୱାଧୀନତା କାହିଁ ଯେ ସେ ଆତ୍ମସମର୍ପଣ କରିବ ? କାହାପାଖରେ, କେଉଁ ସର୍ତ୍ତରେ ? କ'ଣ ବଞ୍ଚିରହିବାକୁ ? ଅଙ୍ଗୀକାରବଦ୍ଧ ସେବକ ସେ । ତାଙ୍କର ଆତ୍ମସମର୍ପଣର ସ୍ଥାନ କାହିଁ ? ଆତ୍ମରକ୍ଷା ହିଁ ତାଙ୍କ ପାଇଁ ବନ୍ଦୀର ସୁରକ୍ଷା ଓ ଧନଜୀବନର ସୁରକ୍ଷା । ଆତ୍ମସମର୍ପଣ



କହିଲେ ସେ ବୁଝନ୍ତି କଳିଙ୍ଗର ସାଧାରଣ ନାଗରିକଙ୍କର ସୁଖ, ସେବା ଓ ସୁବିଧା ପାଇଁ ଆତ୍ମସମର୍ପଣ କଲାପରେ ଆଉ କିପରି ଆତ୍ମସମର୍ପଣ କରିବେ ? ଥରେ ମଲାପରେ ଆଉ କଣ ଥରେ ମରିହୁଏ ? ମହାବୀର ଆଲେକଜାଣ୍ଡାର ପୁରୁଙ୍କର ବୀରତ୍ୱ ଓ ବାଗ୍ମୀତାରେ ମୁଗ୍ଧ ହୋଇଥିଲେ । ମହାରାଜ ପୁରୁ ବନ୍ଦୀ ଅବସ୍ଥାରେ ରାଜକୀୟ ବ୍ୟବହାର ଆଶା କରିଥିଲେ । ମୁଗ୍ଧ ଆଲେକ୍‌ଜାଣ୍ଡର ବୀରତ୍ୱର ଉଚିତ୍ ଅଭିମାନରେ ପୁରୁଙ୍କର ରାଜ୍ୟ ଫେରାଇ ଦେଇଥିଲେ ।

ବିଦେଶୀ ହାତରେ ବନ୍ଦୀହୋଇ ରାଜ୍ୟ ଓ ରାଜକୀୟ ସମ୍ମାନଫେରି ପାଇବାରେ ଗୌରବ ଅଛି କିନ୍ତୁ ପ୍ରିୟ ପଡୋଶୀ କେବେ ବିଦେଶୀ ହୋଇ ନପାରେ । ମହାଭାରତର ଇତିହାସ ସବୁବେଳେ ମହାନ, ଜୀବନ, ମୃତ୍ୟୁ ଯାହାକୁ ସୀମାବଦ୍ଧ କରିପାରିନାହିଁ । ରକ୍ତର ବନ୍ଧନ ମତେ ବଞ୍ଚିରହିବାକୁ ବାଧ୍ୟ କରିଛି ନଚେତ୍ ବନ୍ଦହେବା ପୂର୍ବରୁ ଆତ୍ମହତ୍ୟା କରି ପାରିଥାନ୍ତି । ସେ ନିର୍ଲ୍ଲଜତା ମୋର ନଥିଲା ।

ଅଶୋକ : ତୁମେ କଣ ଆଶାକର ?

ମହାମନ୍ତ୍ରୀ : ପଡୋଶୀଠାରୁ ପ୍ରତାରଣା ଆଶାକରେ ନାହିଁ । ସ୍ନେହ ଓ ସହିଷ୍ଣୁତା ଅଶାକରେ । ମୋ ଜୀବନ ବିନିମୟରେ ମୁଁ ଦାସତ୍ୱ ଆଶାକରେ ନାହିଁ ।

ଅଶୋକ : କଳିଙ୍ଗ ଆଜି ମୋର ଶାସନାଧୀନ । କଳିଙ୍ଗର ସ୍ୱାଧୀନତା ବ୍ୟତୀତ ମୁଁ ସବୁ ଦେଇ ପାରିବି ।

ମହାମନ୍ତ୍ରୀ : ସ୍ୱାଧୀନତା କେହି କାହାକୁ ଦିଏ ନାହିଁ । ଏହା ପଣ୍ୟ ନୁହେଁ । ସ୍ୱାଧୀନତା କାହାଠାରୁ ଗ୍ରହଣ କରିବାଠାରୁ ବଳି ଲଜ୍ଜା କଣ ଅଛି ? ନିଜସ୍ୱ ଶକ୍ତି ଓ ସ୍ୱାଭିମାନ ଦ୍ୱାରା ଏହାକୁ ବଞ୍ଚେଇ ରଖି ହୁଏ । ଯେତେଦିନ ଯାଏ କଳିଙ୍ଗର ପ୍ରଜା ସ୍ୱାଧୀନ ମତ ବ୍ୟକ୍ତ କରିବାର ଅଧିକାର ବଞ୍ଚେଇ ରଖିଥିବେ ସେତେଦିନ ପର୍ଯ୍ୟନ୍ତ କଳିଙ୍ଗର ସ୍ୱାଧୀନତା ବଞ୍ଚିରହିଛି ବୋଲି ମୁଁ ଅନୁଭବ କରେ । କଳିଙ୍ଗ ଅପାଣଙ୍କର ଶାସନାଧୀନ ହେଲେ ହେଁ ପରାଧୀନ ହୋଇଛି ଏହା ମୁଁ ଭାବୁନାହିଁ । ଯୁଦ୍ଧରେ କଳିଙ୍ଗର ପତନ ଘଟିଛି ସାମୟିକପାଇଁ କିନ୍ତୁ ପରାଜୟ ହୋଇନାହିଁ । ଯୁଦ୍ଧରେ ଜୟ ପରାଜୟ ଘୋଷଣା କରିବାର ଅଧିକାର କଳିଙ୍ଗ ଜନସାଧାରଣଙ୍କ ଦ୍ୱାରା ସ୍ୱୀକୃତ ମହାରାଜାଙ୍କର ଅଛି । ମହାମନ୍ତ୍ରୀଙ୍କର ନାହିଁ । କଳିଙ୍ଗ ଯୁଦ୍ଧର ସମାପ୍ତି ପୂର୍ବରୁ ଷଡଯନ୍ତ୍ର ଦ୍ୱାରା ମହାରାଜା ଓ ମହାସେନାପତି ମୃତ । ଯେ ପର୍ଯ୍ୟନ୍ତ କଳିଙ୍ଗରାଜା ପରାଜୟକୁ ସ୍ୱୀକୃତି ଦେଇ ନାହାନ୍ତି, ସନ୍ଧିପତ୍ରରେ ସ୍ୱାକ୍ଷର କରିନାହାନ୍ତି ସେ ପର୍ଯ୍ୟନ୍ତ କଳିଙ୍ଗକୁ ପରାଜିତ କରିଛନ୍ତି ବୋଲି କହି ଆଉ ଅଧିକ ଲଜ୍ଜିତ କରନ୍ତୁ ନାହିଁ ।

ଅଶୋକ : କଳିଙ୍ଗର ମହାରାଜା କିଏ ?

ମହାମନ୍ତ୍ରୀ : କଳିଙ୍ଗର ମହାରାଜ ବର୍ତ୍ତମାନ ପ୍ରତ୍ୟେକ ଜନସାଧାରଣ, ସେମାନେ ମହାସଭାରେ ମହାରାଜା ବାଛିବା ପର୍ଯ୍ୟନ୍ତ ସମସ୍ତେ ଜଣେ ଜଣେ ମହାରାଜା । ସମଗ୍ର କଳିଙ୍ଗ ସେମାନଙ୍କର ରାଜ୍ୟ । କଳିଙ୍ଗର ସୁରକ୍ଷା ଓ ସମୃଦ୍ଧି ପାଇଁ ସେମାନେ ଉତ୍ତରପୁରୁଷ ପାଖରେ ଉତ୍ତରଦାୟୀ । ବର୍ତ୍ତମାନ ପ୍ରତ୍ୟକ କଳିଙ୍ଗୀଃର ହୃଦୟ ଜୟ ନକରିବା ଯାଏ ଆପଣ କଳିଙ୍ଗ ବିଜୟ କରିଛନ୍ତି ବୋଲି ଭାବିବା ହାସ୍ୟାସ୍ପଦ । କଳିଙ୍ଗର ମାଟି, ଗୋଡି, ପାହାଡ଼, ପର୍ବତକୁ ନିଜର ଶାସନାଧୀନ କରିଛନ୍ତି ଏକଥା ମଗଧର ଜନସାଧାରଣଙ୍କୁ କହି ପାରିବେ ? କଳିଙ୍ଗ ଯୁଦ୍ଧରେ ଜୟ, ପରାଜୟ ମୀମାଂସା ହେବାର ବହୁପୂର୍ବରୁ

ଆପଣ ଏହାକୁ ଅମୀମାଂସିତ କରିଦେଲେ କାହିଁକି ? ମୋର ଦୃଢ ବିଶ୍ୱାସ ମୁଁ ମୁକ୍ତକଣ୍ଠରେ କହିପାରେ କ୍ଷମତା ଲୋଭର ଜଘନ୍ୟ ଷଡଯନ୍ତ୍ରରେ ମହାରାଜା ଶିକାର ହୋଇନାହାନ୍ତି । ଏହାର ସମ୍ଭାବନାକୁ ଯେ କେହି ଅସ୍ୱୀକାର କରିବ, କାରଣ ପ୍ରକୃତ କ୍ଷମତା ଜନସାଧାରଣଙ୍କ ହାତରେ । ତେଣୁ କେହି କ୍ଷମତାଲୋଭୀ ହେବା ଅସମ୍ଭବ । ଆପଣ ମଗଧର ମହାରାଜ । ଆପଣଙ୍କର କଥା ଆଇନ୍ । ସବୁ କ୍ଷମତା ଆପଣଙ୍କର ଇଚ୍ଛା ଓ ହାତମୁଠାରେ । କଳିଙ୍ଗରେ ଜଣେ ବ୍ୟକ୍ତି ସବୁ କ୍ଷମତା ନିଜ ହାତମୁଠାରେ ରଖିପାରିବ ନାହିଁ । ଏହା ନିଶ୍ଚିତ ମହାରାଜାଙ୍କ ନିଧନପାଇଁ ନିମ୍ନସ୍ତରର ଷଡଯନ୍ତ୍ର ହୋଇପାରେ । ଏହା ପଛରେ ଆପଣଙ୍କର ଅଦୃଶ୍ୟ ହାତ ରହିଛି । ଏହାକୁ ଆପଣ ଅସ୍ୱୀକାର କରିପାରିବେ ?

ଅଶୋକ : ମହାମନ୍ତ୍ରୀ ! ବନ୍ଦକର ବାଜେକଥା ? ବନ୍ଦୀର କି ଆସ୍ପର୍ଦ୍ଧା ?

ମହାମନ୍ତ୍ରୀ : ବନ୍ଦୀର ଆଖି କାନ ନାକ ସବୁ ମହାମହିମ ସମ୍ରାଟଙ୍କର । ତେବେ ମୁଁ ଆପଣଙ୍କୁ ଲଜ୍ଜିତ କରିବାକୁ ଚାହୁଁନାହିଁ । ଯାହା ସତ୍ୟ ତାହାହିଁ କହୁଛି । ରାଜନର୍ତ୍ତକୀର ଅଜ୍ଞାତ ସାରରେ ସୁରା ପାତ୍ରକୁ କେଉଁ ଅଜ୍ଞାତ ଅତିଥି ଦ୍ୱାରା ବଦଳେଇ ଦିଆଯାଇଥିଲା, କିମ୍ବା ଉପହାର ଦିଆଯାଇଥିଲା । ସେ ପାତ୍ରରେ ବିଷର ପ୍ରଭାବ ଥିଲା । ସୁନ୍ଦର ସୁରାପାତ୍ରରେ ସୁରାଢାଳି ରାଜନର୍ତ୍ତକୀ ରାଜା ଓ ସେନାପତିଙ୍କୁ ଆପ୍ୟାୟିତ କଲାବେଳେ ମୁଗ୍ଧହୋଇ ରାଜନର୍ତ୍ତକୀର ଓଠରେ ସୁରାପାତ୍ରକୁ ସ୍ପର୍ଶ କରାଇଛନ୍ତି, ଯଦିଓ ରାଜନର୍ତ୍ତକୀ ସୁରାପାନ କରନ୍ତି ନାହିଁ । ବିଷ ପ୍ରଭାବରୁ ସମସ୍ତେ ମୃତ୍ୟୁ ବରଣ କରିଛନ୍ତି । ବିଷାକ୍ତ ସୁରାପାତ୍ର ସମ୍ପର୍କରେ ରାଜନର୍ତ୍ତକୀ ଅଜ୍ଞ ଏକଥା ତାଙ୍କର ମୃତ୍ୟୁ ସୂଚେଇ ଦେଇଛି । ସବୁ ପ୍ରମାଣ କୁ ଶେଷ କରିଦେବାପାଇଁ ରାଜନର୍ତ୍ତକୀର ମୃତ୍ୟୁକୁ ଷଡଯନ୍ତ୍ରର ମୁଖ୍ୟ ନିଶ୍ଚୟ ଚାହିଁଥିଲେ । ଯେଉଁ ସୁରାପାତ୍ର ଜବତ କରାଯାଇଛି ତାହା କଳିଙ୍ଗ ନିର୍ମିତ ରାଜଦତ୍ତ ସୁରାପାତ୍ର ନୁହେଁ । ଏଥିରୁ ଷଡଯନ୍ତ୍ର ସ୍ପଷ୍ଟ । ଏକଥା କଣ ସତ୍ୟ ଆପଣ କାହାକୁ ଅର୍ଥଲୋଭ, କ୍ଷମତାଲୋଭରେ ବଶୀଭୂତ କରିପାରି ନାହାନ୍ତି । ଆତିଥେୟତାର ଅମର୍ଯ୍ୟାଦା କରିବାଠାରୁ ବଳି ପ୍ରତାରଣା କଣ ଥାଇପାରେ ? କଳିଙ୍ଗ ମହାରାଜାଙ୍କୁ ହତ୍ୟା କରିବାର ନିଷ୍ପତ୍ତି ଷଡଯନ୍ତ୍ରକାରୀ ନେଲେ କାହିଁକି ? ସମ୍ମୁଖ ଯୁଦ୍ଧରେ ମହାରାଜାଙ୍କୁ ହରେଇବାର ଭୟଥିଲା କି ? ଯୁଦ୍ଧରେ ହାରିଯିବାର ଭୟ ଓ ଅପମାନ ବ୍ୟକ୍ତିତ୍ୱକୁ ଅନ୍ଧ କରିଦେଇଥିଲା କି ? କଳିଙ୍ଗର ଶକ୍ତି ସମ୍ପର୍କରେ ମଗଧ ଅଜ୍ଞାତ ନୁହେଁ । ଶକ୍ତିର ପରୀକ୍ଷା ଶକ୍ତି ସ୍ଥଳରେ ହୁଏ । ନିଜସ୍ୱ ଶକ୍ତିର ସମ୍ମାନ ଅଛି । ମଗଧର ଶକ୍ତି ମହାରାଜାଙ୍କ ଅଜ୍ଞାତ ରହିଗଲା, 'ଏହାହିଁ ମୋର ଦୁଃଖ । ଜଣେ ନାଗରିକ କିପରି ଆତ୍ମସମର୍ପଣ କରିବ ମୁଁ ବୁଝିପାରୁନାହିଁ । ତାର ଆତ୍ମାକୁ କଣ ଆପଣ ସୁରକ୍ଷିତ ରଖିପାରିବେ, ନା ଜୀବନକୁ ଆପଣ ରୋଗ, ବ୍ୟାଧି, ବାର୍ଦ୍ଧକ୍ୟରୁ ? ଆପଣ ଯଦି ଭାବୁଥାନ୍ତି ଆପଣଙ୍କ ମୁଖ ନିସୃତ ବାଣୀ ଯେପରି ଆଇନ ଓ ଆତ୍ମସମର୍ପଣ କହିଲେ ଆପଣଙ୍କ ସମ୍ମୁଖରେ ସଶରୀରରେ ସମର୍ପଣ କରିବା ତେବେ ମୋର କିଛି କହିବାର ନାହିଁ, ଯେତେଦିନ ପର୍ଯ୍ୟନ୍ତ କଳିଙ୍ଗର ଜନସାଧାରଣ ତାଙ୍କର ଯୋଗ୍ୟତମ ମହାମନ୍ତ୍ରୀ ମନୋନୀତ ନ କରିଛନ୍ତି ।

ଅଶୋକ : ମୋଠାରୁ କ'ଣ ଆଶା କରୁଛ ମହାମନ୍ତ୍ରୀ !

ମହାମନ୍ତ୍ରୀ : ଜଣେ ବନ୍ଦୀ ଆପଣଙ୍କଠାରୁ କଣ ଆଶା କରିପାରେ ? ଯେତେଦିନ ପର୍ଯ୍ୟନ୍ତ କଳିଙ୍ଗର ଦେଢଲକ୍ଷ ସେନାବନ୍ଦୀ ହୋଇ ରହିଥିବେ ସେ ପର୍ଯ୍ୟନ୍ତ ମତେ ମହାମନ୍ତ୍ରୀ ନ କହି ବନ୍ଦୀବୋଲି ସମ୍ବୋଧନ କଲେ ପ୍ରୀତହେବି । ଏହାଠାରୁ ଅଧିକ କଣ ଆଶା କରିବି ? ଜଣେ



ବନ୍ଦୀଠାରୁ ଆପଣ ଅଧିକ କଣ ଆଶା କରିପାରିବେ ?

ଅଶୋକ : ଧନ୍ୟ କଳିଙ୍ଗର ମହାମନ୍ତ୍ରୀ । ଧନ୍ୟ ତୁମେ । କଳିଙ୍ଗର ଗର୍ବ, ଗୌରବ । କଳିଙ୍ଗର ବୀରତ୍ୱରେ ମୁଁ ମୁଗ୍ଧ, ବିସ୍ମିତ । କଳିଙ୍ଗାଃମାନେ ଅଜୟ ଏକଥା ମୁଁ ଶୁଣିଥିଲି ପିତା, ପିତାମହଙ୍କଠାରୁ । ଆଜି କଳିଙ୍ଗର ମାଟି, ଗୋଡି, ବନ, ପର୍ବତ, ନଦୀ, ମହୋଦଧି ଅଧିକାର କରି ମୁଁ ଅନୁଭବ କରୁଛି କଳିଙ୍ଗାମାନେ ଅପରାଜେୟ । ସେମାନଙ୍କୁ ଅସି ମୁନରେ ଅଧିକାର କରିବା ସମ୍ଭବ ନୁହେଁ । ଏଥିପାଇଁ ଆନ୍ତରିକତାର ନିବିଡ ସ୍ପର୍ଶ ଦରକାର । ମୁଁ ଘୋଷଣା କରୁଛି କଳିଙ୍ଗ ମୌର୍ଯ୍ୟ ସାମ୍ରାଜ୍ୟର ଅଧିକାରଭୁକ୍ତ ହେଲେ ହେଁ ମୌର୍ଯ୍ୟ ସାମ୍ରାଜ୍ୟର ସ୍ୱୟଂଶାସିତ ରାଜ୍ୟ ହୋଇରହିବ । କଳିଙ୍ଗର ଜନସାଧାରଣ ସ୍ୱାଧୀନ ମତବ୍ୟକ୍ତ କରିବେ ଓ ବହୁମତରେ ସେମାନଙ୍କର ଶାସନମୁଖ୍ୟଙ୍କୁ ନିର୍ବାଚିତ କରିବେ । କଳିଙ୍ଗର ସର୍ବାଙ୍ଗୀନ ମଙ୍ଗଳ କାମନା କରୁଛି । ଧ୍ୱଂସସ୍ତୂପ ଭିତରୁ କଳିଙ୍ଗର ପୁନରୁଦ୍ଧାର ମୁଁ ଚାହେଁ । କଳିଙ୍ଗାମାନଙ୍କ ହୃଦୟର ଦୁଃଖ ଓ ଶୋକର ସମାପ୍ତି ମୁଁ ଚାହେଁ । ମହାମନ୍ତ୍ରୀ ମୁଁ ତୁମକୁ ମନ୍ତ୍ରୀପଦରୁ ଅବ୍ୟାହିତ ଦେଉଛି । ତୁମର କର୍ତ୍ତବ୍ୟବୋଧ ଓ ନିଷ୍ଠାପରତାରେ ମୁଁ ମୁଗ୍ଧ ।

ମହାମନ୍ତ୍ରୀ : ଏହା ମୋର ସୌଭାଗ୍ୟ ମୁଁ ଆଜି ଗୁରୁଦାୟିତ୍ୱରୁ ମୁକ୍ତ ।

ଅଶୋକ : ନା, ଗୁରୁଦାୟିତ୍ୱ ମୁଁ ତୁମକୁ ଦେଉଛି ପାଳନ କରିବାକୁ କଳିଙ୍ଗ ପ୍ରଧାନମନ୍ତ୍ରୀ ଭାବେ । ମୁଁ ଦାୟିତ୍ୱ ଦେଉଛି କଳିଙ୍ଗର ପୁନଃରୁଦ୍ଧାର ଓ ପୁନଃନିର୍ମାଣ ପାଇଁ । ଶାନ୍ତି ସ୍ଥିରତା ରକ୍ଷା କରିବା ତୁମର ପ୍ରଥମ କାର୍ଯ୍ୟହେବ । ଏହାର ପ୍ରତ୍ୟକ୍ଷ ଦାୟିତ୍ୱରେ ମୁଁ ରହିବି । (ମଗଧ ସମ୍ରାଟ ମହାରାଜ ଅଶୋକଙ୍କର ଜୟଧ୍ୱନିରେ ମୁଖରିତ ଗଗନ-ପବନ ।)

ମହାମନ୍ତ୍ରୀ : ଆପଣଙ୍କର ନିଷ୍ପତ୍ତି ଶିରୋଧାର୍ଯ୍ୟ । ଆପଣଙ୍କର ଘୋଷଣାରେ ଆଜି କଳିଙ୍ଗ ଜନସାଧାରଣଙ୍କ ପ୍ରାଣରେ ଆନନ୍ଦର ଲହରୀ ଖେଳାଇ ଦେଇଛି । ହତାଶ ପ୍ରାଣରେ ଆଶା ପ୍ରେମର ବିଜୟ ଉଲ୍ଲାସ ଖେଳିଯାଉଛି । କଳିଙ୍ଗ ଓ ମଗଧର ନିବିଡ ସମ୍ପର୍କପାଇଁ ମୁଁ ଚେଷ୍ଟା କରିବି । କଳିଙ୍ଗର ରାଜସଭାରେ ଆପଣଙ୍କୁ ଅନ୍ୟାୟ ଭାବରେ ଅପମାନିତ କରାଯାଇଥିବାରୁ ଆମେ ଲଜ୍ଜିତ । କ୍ଷମା କରିବେ ମହାରାଜା କଳିଙ୍ଗାମାନେ ବୀରଜାତି, ବହିର୍ବାଣିଜ୍ୟ ପେଷା । କଳିଙ୍ଗର ରାଜକୁମାରୀ କାରୁବାକୀ ଓ ଆପଣଙ୍କ ପ୍ରେମ ସମ୍ପର୍କକୁ କଳିଙ୍ଗ ଜନସାଧାରଣ ସ୍ୱୀକୃତି ଦେବାକୁ ଚାହାନ୍ତି । ସମସ୍ତେ ଆପଣଙ୍କର ଆତ୍ମତ୍ୟାଗରେ ପ୍ରୀତ । ଆପଣଙ୍କ ଶକ୍ତିରେ ନୁହେଁ, ପ୍ରୀତିରେ, ନିର୍ମଳ ହୃଦୟ ସ୍ପର୍ଶରେ । କଳିଙ୍ଗ ଜନସାଧାରଣଙ୍କ ଦୁଃଖ ଆପଣ କ୍ଷମାଶୀଳ ହୃଦୟରେ ଅନୁଭବ କରିଛନ୍ତି । ଏହା ଆମର ପରମ ସୌଭାଗ୍ୟ ।

## କାରୁବାକୀଙ୍କ ଆତ୍ମସମର୍ପଣ

ବୌଦ୍ଧ ସନ୍ନ୍ୟାସୀ ଉପଗୁପ୍ତ ସନ୍ନ୍ୟାସିନୀ କାରୁବାକୀଙ୍କୁ ସାଥିରେ ନେଇ ରାତ୍ରିର ଅନ୍ଧକାର ମଧ୍ୟରେ ଅଶୋକଙ୍କ ନିକଟକୁ ଗଲେ । ଅଶୋକ ଏତେ ରାତ୍ରିରେ ଉପଗୁପ୍ତଙ୍କ ସାକ୍ଷାତପାଇଁ ଆସିଛନ୍ତି ଜାଣି ବିସ୍ମିତ ହେଲେ । ଅଶୋକଙ୍କ ଅନୁମତି ପାଇ ଉପଗୁପ୍ତ ଓ କାରୁବାକୀ ପ୍ରବେଶ କଲେ ଅତିଥିଗୃହକୁ । ପ୍ରଦୀପ ଆଲୋକରେ ଆଲୋକିତ ଗୃହ ।

ଅଶୋକ : ବସନ୍ତୁ । ଏତେ ରାତ୍ରିରେ ! ଇଏ କିଏ ?

ଉପଗୁପ୍ତ : ସନ୍ୟାସୀ ପାଇଁ ଦିନରାତି ସମାନ । ସଂସାରର କଲ୍ୟାଣ କାମନା ତା ଜୀବନର ବ୍ରତ । ଅହିଂସା ତାର ପ୍ରାଣ । ଗଛଟିଏ କଟାହେଲେ ମୁଁ ସହିପାରେ ନାହିଁ । ଆପଣ ଲକ୍ଷେ ବନ୍ଦୀଙ୍କୁ ହତ୍ୟାକରି ହିଂସାର ଯେଉଁ ଇତିହାସ ସୃଷ୍ଟିକଲେ ମୁଁ ସମ୍ଭାଳିପାରିଲି ନାହିଁ । ପୁଣି ପ୍ରଭାତରେ ଦେଢଲକ୍ଷ ବନ୍ଦୀଙ୍କ ହତ୍ୟା ଧମକ ମତେ ଅସ୍ତବ୍ୟସ୍ତ କଲା । ମୁଁ ଆସିଛି ଆପଣଙ୍କୁ ସାକ୍ଷାତ କରିବାକୁ । ଏ ଭୀଷଣ ହିଂସାରୁ କ୍ଷାନ୍ତ ହୁଅନ୍ତୁ ମହାରାଜ । ମାନବଜାତି ଯୁଗଯୁଗ ପାଇଁ ଆପଣଙ୍କ ଯଶରେ କଳଙ୍କ ବୋଳିବେ ।

ଅଶୋକ : ମତେ କ୍ଷାନ୍ତ କରିବାକୁ ଆସିଛନ୍ତି ଜାଣି ଧନ୍ୟ ହେଲି । ମୋ ସର୍ତ୍ତ ତମେ ଜାଣିଛ ?

ଉପଗୁପ୍ତ : ଜାଣିଛି ।

ଅଶୋକ : କାରୁବାକୀର ସନ୍ଧାନ ବିନା ମୁଁ ବଞ୍ଚିପାରିବିନି । ସତ୍ୟ ପ୍ରକାଶ କର । କେଉଁଠି ? କିପରି ଅଛି ? ଜୀବନ୍ତ ନା ମୃତ ? କାହିଁକି ମତେ କ୍ଷମତାର ସମ୍ରାଟ କରିଛି ମୋ କୋମଳ ହୃଦୟକୁ ଚିରକାଳ କ୍ଷତବିକ୍ଷତ କରି । ମତେ ଅପମାନ କରିଛି ମୋ ବ୍ୟକ୍ତିତ୍ୱକୁ ଆହ୍ୱାନ କରିଛି ବଞ୍ଚିବାର ରାସ୍ତା ଅବରୁଦ୍ଧ କରି ? କି ପାପ କରିଥିଲି ମୁଁ ? କି କ୍ଷତି କରିଥିଲି ତାର ? ମତେ ଏତେବଡ ଦଣ୍ଡ କାହିଁକି ? ଜୀବନତମାମ ମୋ ଚେତନାକୁ ଉଚ୍ଛନ୍ନ କରିଛି କାହିଁକି ? କାହିଁକି ମତେ ଟାଣି ଆଣିଛି ଏ ମହାଯୁଦ୍ଧକୁ ? ମୋର ପରିଚୟ ବିନା କଣ ସେ ବଞ୍ଚିପାରିବନି ? ମୋ ପରିଚୟ ମୁଁ ଖୋଜୁଛି ହିଂସା, ହତ୍ୟା, କ୍ରୋଧ, ପ୍ରତିଶୋଧର ନିଆଁରେ ଧ୍ୱଂସ ହୋଇ । ନରମେଧ ଯଜ୍ଞରେ ଲକ୍ଷେ ବନ୍ଦୀଙ୍କୁ ଆହୁତି ଦେଇ । ତାର ପରିଚୟ କାହିଁ ? ତାର ସନ୍ଧାନ କାହିଁ ? ସେ କେଉଁଠି ?କାହିଁ ମଗଧ ସାମ୍ରାଜ୍ୟ, ସିଂହାସନଠାରୁ ବହୁଦୂରରେ ସନ୍ନ୍ୟାସୀଭଳି ବଞ୍ଚିଥିଲି ଶାନ୍ତିରେ । କାହିଁକି ମତେ ସ୍ୱପ୍ନ ଦେଖାଇଥିଲା କ୍ଷମତାର ? କାହିଁକି ମୋ ସାଥିରେ ମମତାର ମାୟା ଲଗାଇଥିଲା ? କାହିଁକି ମୋ ସହିତ ଲୁଚକାଳି ଖେଳୁଥିଲା ? କାହିଁକି ହିଂସାର ଖଣ୍ଡାଧାରରେ ଚାଲିବାକୁ ମତେ ଉଚ୍ଛନ୍ନ କରୁଥିଲା ? ଶେଷରେ ମୋ ପୌରୁଷକୁ ହତ୍ୟାକରି ମୋ ପ୍ରୀତିକୁ ପ୍ରତ୍ୟାଖାନ କରିଥିଲା । ମୋ ମୃତ୍ୟୁଦଣ୍ଡକୁ ସ୍ୱୀକାର ନକରି ମତେ ଦୟା କରିଥିଲା ମତେ ମୁକ୍ତି ଦେଇଥିଲା, ମତେ ପୁରସ୍କାର ଦେଇଥିଲା ବଞ୍ଚିରହିବାକୁ ରକ୍ଷାକବଚ 'ରାଜମୁଦ୍ରିକା' । ଗଲାବେଳେ ମତେ ଧିକ୍କାର କରି କହିଥିଲା,''କଳିଙ୍ଗର ରାଜକୁମାରୀ ପ୍ରେମକରି ଜାଣେ, ପୁରସ୍କାର ଦେଇବି ଜାଣେ । ମୋ ଦେଶ ବିରୁଦ୍ଧରେ...ମୁଁ ଘୃଣା କରେ'' ।

ତମେ ହେଉଛ ନାରୀ । ପ୍ରେମ କରିବ, ଘୃଣା କରିବ । ଗେଲ କରିବ, ଗାଳି କରିବ । ପ୍ରଶଂସା କରିବ, ନିନ୍ଦା କରିବ । ପ୍ରତ୍ୟାଖାନ କରିବ, ପୁରସ୍କାର ଦେବ । ମୋ ପରିଚୟ ଜାଣିବି ମୋ ସହିତ ସ୍ନେହ ପ୍ରେମର ସମ୍ପର୍କ ଯୋଡିବ ସେଥିପାଇଁ ଶେଷରେ ମୋତେ ଅପମାନ କରିବ ? ଜୀବନରେ କିଏ ମତେ ଅପମାନ ନ ଦେଇଛି ? ଶେଷକୁ ତମେ ମୋତେ ଆଶ୍ରୟ ଦେଇ ଅପମାନ ଦେଲ ?ଏହାଠାରୁ ବଳି ହିଂସା ମୋ ପ୍ରତି କଣ ହୋଇପାରେ ? କଣ ମୁଁ କାମୁକ, ଲମ୍ପଟ ଥିଲି ନା ତୁମକୁ ବଳାତ୍କାର କରିଥିଲି ? ତମେ ମୋ ସରଳ ଉଦାର ବ୍ୟକ୍ତିତ୍ୱକୁ ହତ୍ୟାକଲ ? ଗୋଟିଏ ନାରୀ ପାଖରେ ପୁରୁଷର ପୁରୁଷପଣିଆ, ସମ୍ମାନବୋଧ କେତେ ବଡ ତମେ ବୁଝିପାରିବନି ? ତମେ ତ ଥିଲ ପ୍ରାଣସର୍ବସ୍ୱ ପ୍ରିୟତମା । ତମ ଆଖିରେ ଲୁହ ଦେଖିଲେ ମୁଁ ଭିଜୁଥିଲି, ଓଠରେ ହସ ଦେଖିଲେ ମୁଁ ଉଚ୍ଛୁଳୁଥିଲି,



ତୁମପାଦରେ କଣ୍ଟାଫୁଟିଲେ ମୋ ହୃଦୟରୁ ରକ୍ତ ଝରୁଥିଲା । ତୁମରି ସୁଖ, ଶାନ୍ତି, ମଙ୍ଗଳପାଇଁ ମୁଁ ପ୍ରତିଦିନ ଇଶ୍ୱରଙ୍କୁ ପ୍ରଣତି ବାଢୁଥିଲି । ତମେ କେମିତି ବୁଝିବ ସେ ଦୁଃଖର ବୋଝ, ପାହାଡଠୁ ବଡ ପଥରଠୁ ଟାଣ । ତମେ ଜହ୍ନ, ମୁଁ ବାମନ ? ବାମନର ହାତମୁଠାରେ ଜହ୍ନହୋଇ ଧରାଦେଇଥିଲ ତମେ ? ମୁଁ ଧରିଛି ସେ ଜହ୍ନକୁ ? ମୁଁ ହରେଇଛି ସେ ଜହ୍ନକୁ ? ଜହ୍ନ ଆକାଶର ଜହ୍ନକୁ ଧରିରଖିବା ସମ୍ଭବ ନୁହେଁ ତମେ ଜାଣିବି ମୋତେ ଉଚ୍ଛନ୍ନ କରିଥିଲ, ମୋ ସହିତ ମାୟା ଲଗାଇଥିଲ । ସେଇ ସ୍ନେହ ପ୍ରେମର ମାୟାକୁ ତମେ ତୁଟାଇଥିଲ ? ପୁରସ୍କାର କହି ମତେ ତିରସ୍କାର କରିଥିଲ ? ସବୁ ତୁମେ ? ମତେ ଟିକିଏ ସୁଯୋଗ ଦେଇନଥିଲ ଶାନ୍ତିରେ କଥା ହେବାପାଇଁ ? ସମୟ ଦେଇ ନଥିଲ ମୋର ଦୋଷ ତ୍ରୁଟିକୁ ସୁଧାରିବାକୁ ? କେଉଁ ରାଜଦୂତ ଗୋପନୀୟ କାର୍ଯ୍ୟରେ ଲିପ୍ତ ନୁହେଁ ଯେ ମୁଁ ମହାପାପ କରିଥିଲି ? ତମେ ମୋତେ ଘୃଣା କରିଥିଲ ? କେଉଁ ବିଚାରରେ ତମେ ମତେ ଶେଷକୁ ଘୃଣା କଲ ? ଘୃଣାର ପାତ୍ର କହି ଏଡେଇଦେଲ ? କଣ ମୁଁ ଅଳିଆ ଆବର୍ଜନା ? ତମେ କଣ ଏତେ ସୁନ୍ଦର ? 'ମୋ ଆଖିରେ ସୁନ୍ଦର' ବୋଲି ତମେ କଣ ଭାବୁଥିଲ ତୁମଠାରୁ କେହି ସୁନ୍ଦରୀ ନାହାନ୍ତି ? ଦେଖ ମୋ ଚାରିପାଖେ ସୁନ୍ଦରୀଙ୍କ ଭିଡ । ସେ ଭିଡ ଭିତରେ ତମେ ହଜିଯିବ ! ସୁନ୍ଦରୀ ପ୍ରତିଯୋଗିତାରେ ଥରେ ଭାଗନେଇ ଦେଖ ତମେ ନିଶ୍ଚୟ ହାରିଯିବ । ସୁନ୍ଦରୀର ମର୍ଯ୍ୟାଦା ମୁଁ ତୁମକୁ ଦେଇଛି । ତୁମ ନିର୍ମଳ ସୌନ୍ଦର୍ଯ୍ୟର ପ୍ରଶଂସକ ଥିଲି, ତୁମ ପ୍ରୀତିର ପୂଜାରୀ ଥିଲି, ତୁମ ଦୁଃଖସୁଖରେ ଭାଗ ବାଣ୍ଟୁଥିଲି । ତୁମେ ଭାଙ୍ଗିଦେଲ ମୋ କୁଟାକାଠିର ଚଟି ଘର ? ମୋ ସ୍ୱପ୍ନର ଚଟିଘର ? ବାୟାଚଢେଇର ବସାଭଳି ଦୋହଲୁଥିଲା ସୁଖୀ ସମ୍ରାଟର ଚଟିଘର, ଯେଉଁଠି ମୁଁ ଶାନ୍ତିନିଦ୍ରା ଯାଉଥିଲି । ସ୍ୱପ୍ନସବୁ ନେସି ହୋଇଯାଉଥିଲା ସେଇ ଚଟିଘରେ, ମାଲ୍ୟାଣୀ କୁଟୀରରେ । ତମେ ମାୟା ଲଗାଇ ମୋତେ ମନ୍ତ୍ରମୁଗ୍ଧ କରିଦେଲ । ମତେ ମନ୍ତ୍ରଯନ୍ତ୍ର କରିଦେଲ । କ୍ଷମତାର ମନ୍ତ୍ର ଫୁଙ୍କିଲ ମୋ କାନରେ । ବଡ ହେବାର ସ୍ୱପ୍ନ ଆଙ୍କିଲ ମୋ ଆଖିରେ । ଅଭିମାନର ଅଶ୍ରୁ ଢାଳିଲ ମୋ ଆଗରେ । ଆତ୍ମହତ୍ୟାର ଧମକ ଦେଇ ମୋତେ ଅଧିକାର କଲ । ମୋ ଯୌବନକୁ ଲୁଣ୍ଠନ କଲ ? ମତେ ଜଡେଇ ରଖିଲ ତମ ସ୍ନେହରେ, ସାନ୍ନିଧ୍ୟରେ । ମୋ ଚାରିପଟେ ଘୂରିବୁଲିଲ ତମେ । ବାହାର ଦୁନିଆର କେଉଁ କୁମାରୀ ସହିତ ମୋର ସମ୍ପର୍କ ନଥିଲା, କି ସମ୍ବନ୍ଧ ମଧ୍ୟ ନଥିଲା । ତୁମପାଖରେ ମୁଁ ପୂର୍ଣ୍ଣତା ଅନୁଭବ କରୁଥିଲି, ତୁମ ପ୍ରୀତିସ୍ପର୍ଶରେ ପ୍ରସ୍ଫୁଟିତ ହୋଇ, ତୁମ ଦେହ ଲାବଣ୍ୟରେ ଲୋଭାନ୍ୱିତ ହୋଇ, ତୁମରି ଛନ୍ଦ ଚପଳ ଚାଲିରେ ଭାବବିଭୋର ହୋଇ, ତୁମ ଅଶ୍ରୁ ଅଭିମାନରେ ଆଉଟୁ ପାଉଟୁ ହୋଇ, ତୁମ ସ୍ୱପ୍ନର ସୌଦାଗର ହୋଇ । ତୁମ ଆଖିରେ ରାଜକୁମାରର ସ୍ୱପ୍ନ, ତୁମ ଓଠରେ'ରାଜାଃ'ସମ୍ବୋଧନରେ ମୁଁ ଚଢୁଥିଲି ମାଟିରୁ ଆକାଶକୁ ଲମ୍ବିଥିବା ସିଡି । ଯୌବନର ଅସୀମ ଶକ୍ତି, ସାହସର ସନ୍ଧାନ ଦେଇଥିଲ ତମେ । ଜହ୍ନକୁ ହାତମୁଠାରେ ଧରିବାର ଲୋଭ ଦେଖାଇଥିଲ ତମେ । ସ୍ୱର୍ଣ୍ଣମୃଗକୁ ଧରିବାକୁ ଯାଇ ରାମଚନ୍ଦ୍ର ସୀତାଙ୍କୁ ହରେଇଲା ପରି ଜହ୍ନ ଧରିବାକୁ ଇଚ୍ଛାକରି ତୁମକୁ ହରାଇଥିଲି । ତୁମ ଇଚ୍ଛାରେ ମୁଁ ନାଚୁଥିଲି, ପର୍ବତ ଲଙ୍ଘୁଥିଲି ମୋ ଇଚ୍ଛାରେ ତମେ ଟିକିଏ ବି ହଲୁ ନଥିଲ, ଚହଲୁନଥିଲ । ମତେ ଚଲୁକରି ଚାପିରଖିଥିଲ ମୋ ଚେତନାକୁ । ମୋ ଚେତନାର ବହ୍ନିକୁ ତମେ କେତେ ସମୟ ଚାପିରଖିଥାନ୍ତ ? ସେଇ ବହ୍ନି ଆଲୋକରେ ତମେ ଛୋଟ ଦିଶିଲ; ଛଟା କାଢିଲ, ଅର୍ଦ୍ଧସତ୍ୟକୁ ମିଥ୍ୟାର ଆରୋପ ଦେଇ ଅଭିନୟ କଲ, ମତେ ଆଡ ଆଖିରେ

ବି ଅନେଇଲ ନାହିଁ । କ୍ଷଣିକ ଭିତରେ ମୋତେ ପର କରିଦେଲ । ପରଲଗା ପକ୍ଷୀ ତୁମେ, ଏକ୍‌ଲା ଉଡିବାର ଆନନ୍ଦ ତମେ ଚାଖିଛ, ସେଥିରୁ ମତେ ଭାଗ ଦିଅନ୍ତ କାହିଁକି ? ନା ଥିଲା ମୋର ପର ତୁମସାଥେ ଉଡିବାକୁ, ନା ଥିଲା ତୁମକୁ ପର କରିଦେବାର ଅଭିନୟ ପଟୁତା । ତମେ ତ ଯତ୍ନରେ କାଟିଥିଲ ମୋର ପରକୁ ପଞ୍ଜୁରୀମୁକ୍ତ କରିବା ପୂର୍ବରୁ ପରମ ଶ୍ରଦ୍ଧାରେ । ମୁଁ ତ ତୁମର ଗୋଟାପଣେ, ଉଡିବି କାହିଁକି ? ତେଣୁ ତୁମର ପରକଟା କତୁରୀକୁ ଚୁମ୍ବନ ଦେଇଥିଲି । କି ଉପକାର ମୋର କରୁଛ ମତେ ସବୁଦିନେ ତୁମର କରି ରଖିବାକୁ ତୁମରି ଅସରନ୍ତି ସ୍ନେହଶ୍ରଦ୍ଧା, ଭକ୍ତିପ୍ରୀତି ପାଖରେ ମୁଁ ଯେମିତି ଚିରଋଣୀ । ଭାଗ୍ୟର ବିଡମ୍ବନା, ସେଇ କଟାପର ପୁଣି କଅଁଳିଲା । ଈଶ୍ୱରଙ୍କ ଅନନ୍ତ ଆଶୀର୍ବାଦ ମୋପରି ଅକ୍ଷମ ପ୍ରତି, ମୁଁ ଉଡି ଶିଖିଲି । ଆଜି ମନ ଉଡୁଛି ଆକାଶରେ, ମୌର୍ଯ୍ୟଭାରତର ଆକାଶରେ । ମୋର ପ୍ରାଣପ୍ରିୟ କଳିଙ୍ଗର ମାଟି ଉପରେ ଅବତରଣ କରିଛି । ମୋର ପରିଚୟ ମୁଁ ଗଢିଛି ତୁମପାଇଁ ମୋର ଏକଶତ ଭାଇଙ୍କୁ ହତ୍ୟା କରି ରାଜକୁମାର ନୁହେଁ ରାଜାଃ, ସମ୍ରାଟର ସମ୍ମାନ ପାଇଛି । ମୋର ପରିଚୟ ତୁମେ ଚାହିଁଥିଲ ? କଳିଙ୍ଗ ବିଜୟ ନ କରି କଳିଙ୍ଗ ରାଜକୁମାରୀର ପରିଚୟ ମୁଁ କେଉଁଠୁ ପାଇବି ? ମୁଁ ସମ୍ରାଟ, ସମ୍ରାଟର ପରିଚୟ ଶକ୍ତି । ଜାଣିଥିଲି କଳିଙ୍ଗ ଶାନ୍ତିପ୍ରିୟ, ଶକ୍ତିଶାଳୀ, ଶକ୍ତିପ୍ରିୟ । ଶକ୍ତିର ସମ୍ମାନ ସେମାନେ ଜାଣନ୍ତି । ତେଣୁ ସମ୍ରାଟର ପରିଚୟ ନେଇ ମଗଧରୁ କଳିଙ୍ଗକୁ ଆସିବା, ବିନା ଯୁଦ୍ଧରେ, ସମ୍ଭବ ନଥିଲା । ତେଣୁ ତୁମରି ପରିଚୟ ପାଇଁ, ମୋର ପରିଚୟ ଦେବାକୁ ଏ ମହାଯୁଦ୍ଧ ଥିଲା ବିଧି ନିର୍ଦ୍ଦିଷ୍ଟ । କଳିଙ୍ଗବାସୀ ମୋର ଶତ୍ରୁ ନୁହଁନ୍ତି । କଳିଙ୍ଗ ଶତ୍ରୁ ନୁହେଁ ପ୍ରିୟ ପଡୋଶୀ । ଯୁଦ୍ଧରେ ଭୂଗୋଳ ବଦଳିପାରେ ପଡୋଶୀ ବଦଳି ପାରିବ ନାହିଁ । ପଡୋଶୀ ସହ ଏ ଯୁଦ୍ଧ ମୋର ବ୍ୟକ୍ତିଗତ । ରାଜକୁମାରୀ ମୋର ଶତ୍ରୁ ନୁହନ୍ତି ମୋର ସ୍ମୃତିରେ ସାଇତା ସମ୍ପଦ, ମୋ ପ୍ରୀତିର ପରଶମଣି ଯାହାର ଛୁଆଁରେ ମୁଁ ଅନୁଭବ କରୁଥିଲି ମୋର ଆକାଶଛୁଆଁ ପରିଚୟ । ଯାହାର ଚୁମାରେ ମୁଁ ଅନୁଭବ କରୁଥିଲି ଅନନ୍ତ ଶକ୍ତିର ଆଲିଙ୍ଗନ, ଅନୁଭବ କରୁଥିଲି ବିଜୟପ୍ରତି ଅଙ୍ଗୀକାରବଦ୍ଧ ଦୁର୍ଦ୍ଧର୍ଷ ସେନାପତିର ଶକ୍ତି, ସାହସ ଓ ସଙ୍କଳ୍ପ । କୁଣ୍ଠା ପଥରଭଳି ରାଜକୁମାରୀର କଠିନ ହୃଦୟ । ରାଜକୁମାରୀର ହୃଦୟ ବିଜୟ ଲାଗି ମୋର କଳିଙ୍ଗ ବିଜୟ । ଏତେ ଧନଜନ ହରାଇ, ପ୍ରିୟଜନ ହରାଇ ମୁଁ ପାଇନି ତାର ପରିଚୟ । ଅଜ୍ଞାତ ତାର ପରିଚୟ । ତାର ସନ୍ଧାନ ପାଇଁ ଦେଶଭକ୍ତ ଲକ୍ଷେ କଳିଙ୍ଗୀଃକୁ ହତ୍ୟାକରି ମୁଁ ଧରିତ୍ରୀକୁ ଲାଲ କରିଛି, ଧଉଳୀକୁ ଲାଲ କରିଛି, ଦୟାର ନୀଳ ଜଳଧାରାକୁ ଲୋହିତ ବର୍ଣ୍ଣ କରିଛି । ବିଫଳ ହୋଇଛି ତାର ପରିଚୟ ପାଇବାରେ । ପୁଣି ଧମକ ଦେଇଛି ପ୍ରଭାତ ପୂର୍ବରୁ ପରିଚୟ ନ ପାଇଲେ ଦେଢଲକ୍ଷ ନିରୀହ ବନ୍ଦୀଙ୍କୁ ହତ୍ୟା ଧମକ । ଯଦି ରାଜକୁମାରୀ ଜୀବିତ ଥାଆନ୍ତି, ସେ ଅଜ୍ଞାତ ଥାଆନ୍ତି, ତାଙ୍କ ଧମନୀରେ ରକ୍ତଥିଲେ ସେ ଦେଖିବେ ପ୍ରଭାତରେ ଗଣହତ୍ୟାର ହୃଦୟ ବିଦାରକ ଦୃଶ୍ୟ... ।

କାରୁବାକୀ : କୁମାର ! ଗର୍ଜିଉଠିଲେ ସନ୍ନ୍ୟାସିନୀ, କ୍ଷାନ୍ତହୁଅ, କ୍ଷାନ୍ତହୁଅ । ଶଦ୍ଦର ସୀମାଅଛି । ସହିବାର ସୀମାଅଛି । ହିଂସାର ସୀମାଅଛି । ହତ୍ୟାର ସୀମାଅଛି ।

ଅଶୋକ : ତମେ କିଏ ?

କାରୁବାକୀ : ମୁଁ ସେଇ,ଯାହାପାଇଁ ତମର ଏ ନରମେଧ ଯୁଦ୍ଧ । ଗଣହତ୍ୟାର ଧମକ । ମୁଁ ସେଇ କଳିଙ୍ଗର ରାଜକୁମାରୀ ସନ୍ନ୍ୟାସିନୀ କାରୁବାକୀ । ଦେଖିବ ମୋ ଧମନୀର ରକ୍ତ, ଦେଖ !



କହୁକହୁ ଛୁରୀଧରି ହାତ ପାପୁଲିର ନାଡିକାଟି ଦେଲେ । ରକ୍ତର ଧାରରେ ରକ୍ତସ୍ନାତ ଅଶୋକ, ଉପଗୁପ୍ତ, କାରୁବାକୀ । ଦେଖ, କୁମାର ଦେଖ, ମୋ ଧମନୀର ରକ୍ତ ଦେଖ । ଚାଖ ମୋ ଧମନୀର ରକ୍ତ ତୃପ୍ତିହେଉ ତୁମର ରକ୍ତପିପାସୁ ତୃଷ୍ଣା, ଶାନ୍ତହେଉ ପ୍ରତିଶୋଧର ପୀଡା । ମୋ ମୃତ୍ୟୁରେ ତୁମର ଜୟଜୟ ହେଉ କହି ନିଜ ଛାତିରେ ଛୁରୀବିଦ୍ଧ କରିବା ପୂର୍ବରୁ ଅଶୋକ ତତ୍‌କ୍ଷଣାତ ଧରିନେଲେ ଛୁରୀକୁ । ହାତକଟି ରକ୍ତର ଧାରରେ ଲହୁଲୁହାଣ ଦୁଇପ୍ରାଣ । ସ୍ୱପ୍ନଭଳି ଘଟୁଥିଲା ସବୁ । ସମୟ ନଥିଲା ବୁଝିବାକୁ ହଠାତ୍ କଣ ସବୁ ଘଟୁଥିଲା । ରାଜକୁମାରୀ ଛୁରୀକୁ ଚାପି ଧରିରଖିଥିଲେ । ଅଶୋକ ଟାଣି ଧରିଥିଲେ । ରକ୍ତର ସ୍ରୋତ...

ଅଶୋକ : ଛାଡ । ଛୁରୀ ଛାଡ ।

କାରୁବାକୀ : ନା... । ନିଜକୁ ଶେଷ ନ କରି...

ଦୀର୍ଘ ସମୟର ଏ ଦୃଶ୍ୟ ଦେଖି ସମ୍ଭାଳି ପାରିଲେନି ଭିକ୍ଷୁ ଉପଗୁପ୍ତ । ଚିତ୍କାର କଲେ...

ଉପଗୁପ୍ତ : ଏ କଣ କରୁଛ ? ଓଃ ମୋ ଆତ୍ମା କଟି ରକ୍ତ ବୋହୁଛି । ହିଂସା ତ୍ୟାଗ କର ନଚେତ୍ ମୋ ପ୍ରାଣ ଛାଡିଯିବ, କହି ଆଃ ଚିତ୍କାର କରି କଚାଡି ହୋଇପଡିଲେ ।

ତାଙ୍କ ଜୀବନ ଛାଡିଗଲା ଭାବି ଦୁହେଁ ଛୁରୀ ଛାଡି ଉପଗୁପ୍ତଙ୍କୁ ଘର ଭିତରକୁ ଟେକିନେଲେ । ଓଢଣୀ କାନି ଚିରି ଦୁହେଁ ହାତରେ ପଟିଭିଡି ତାଙ୍କର ଚେତା ଫେରାଇ ଆଣିବାକୁ ଚେଷ୍ଟାକଲେ । ପାଣିଛାଟି ଦାନ୍ତ ଖୋଲିଲେ, ଆଖି ଖୋଲିଲେ ଭିକ୍ଷୁଙ୍କର ଚେତା ଫେରୁନାହିଁ । ସେ ଶୋଇଛନ୍ତି ଯେମିତି ଗଭୀର ନିଦ୍ରାରେ । ଲମ୍ବା ଲମ୍ବା ଦୀର୍ଘଶ୍ୱାସ । ନାଡିର ଗତି ଚଞ୍ଚଳ । ମୃତ୍ୟୁର ନିକଟବର୍ତ୍ତୀ । ଅଶୋକ କାରୁବାକୀ ହତୋତ୍ସାହ ଦିଶୁଥାନ୍ତି ଗଭୀର ପାପବୋଧରେ । ଈଶ୍ୱରଙ୍କୁ ପ୍ରାର୍ଥନା କରୁଥାନ୍ତି । ଭଗବାନ ବୁଦ୍ଧଙ୍କୁ ପ୍ରଣାମ କରୁଥାନ୍ତି । କ୍ଷମା କରିଦିଅ ପ୍ରଭୁ ଉପଗୁପ୍ତଙ୍କୁ ଫେରେଇଦିଅ । ସେ ଚେତନା ଫେରିପାଆନ୍ତୁ । କ୍ଷମାକର ଦୟାମୟ । ଆମ ଅହଂକାର ପାଇଁ କ୍ଷମାକର ପ୍ରଭୁ । ତାଙ୍କର ଏ ଅବସ୍ଥା ପାଇଁ ଆମେ ଦାୟୀ । ପ୍ରଭୁ ଶକ୍ତିଦିଅ । ସହାୟ ହୁଅ । କିଛି ସମୟପରେ ଉପଗୁପ୍ତ ଆଖି ଖୋଲିଲେ । ଦେଖିଲେ ଅଶୋକ କାରୁବାକୀ ତାଙ୍କ ପାଦ, ପାପୁଲିକୁ ମାଲିସ କରୁଛନ୍ତି । ତାଙ୍କର ପାଟି ଖୋଲିଲା ନାହିଁ । ସେ ପଡିଥିଲେ ଅବଶ ହୋଇ । ଅଶୋକ କାରୁବାକୀ ତାଙ୍କର ସେବା ଶୁଶ୍ରୂଷାରେ ମଗ୍ନଥିଲେ । ରାତ୍ରି ଯାଇ ପ୍ରଭାତ ହେଲା । ଅଶୋକ ଦ୍ୱାରରକ୍ଷୀକୁ ନିର୍ଦ୍ଦେଶ ଦେଲେ ତିନିଦିନ ଯାଏ କାହାର ସାକ୍ଷାତ ନକରିବାପାଇଁ । ମହାସେନାପତି ବନ୍ଦୀମାନଙ୍କ ବଧ ସମ୍ବନ୍ଧରେ ନିର୍ଦ୍ଦେଶପାଇଁ ଆସିଲେ । ଦ୍ୱାରରକ୍ଷୀଠାରୁ ଅନୁମତି ନପାଇ ଫେରିଗଲେ । ବନ୍ଦୀ ଶିବିରରେ ମୃତ୍ୟୁର ନୈରାଶ୍ୟ ନଥିଲା । ରଜାଦେଶ ପାଳନ ନହେବା ଦେଖି ସମସ୍ତେ ବିସ୍ମିତ ଆନନ୍ଦିତ ହେଲେ ।

## ସେବା

ଅଶୋକ କାରୁବାକୀଙ୍କ ସେବା ଶୁଶ୍ରୂଷାରେ ଧୀରେ ଧୀରେ ଆରୋଗ୍ୟ ଲାଭ କରୁଥିଲେ ଉପଗୁପ୍ତ । କାରୁବାକୀଙ୍କ ଯତ୍ନରେ ଅଶୋକଙ୍କ ହାତରେ କ୍ଷତ ଶୁଖୁଥିଲା । ଅଶୋକଙ୍କ ସେବାରେ କାରୁବାକୀଙ୍କ ଧମନୀରେ ଜୀବନର ସ୍ରୋତ ପ୍ରବାହିତ ହେଉଥିଲା । ନୀରବ, ଗମ୍ଭୀର ପରିବେଶ ।

ଦୋଦୋ ଚିହ୍ନା ମୁହଁ । ଅଶୋକ ଆଚମ୍ଭିତ, ଅତର୍କିତ ଘଟଣା ପ୍ରବାହରେ । ଛଳଚିତ୍ରର ଦୃଶ୍ୟଭଳି ସବୁଥିଲା ଅପ୍ରତ୍ୟାଶିତ ।

ଅଶୋକ : ଏ ସବୁ କଣ ଘଟୁଛି । ମୁଁ ଆଶା କରିନଥିଲି ? ତୁମକୁ ଦେଖିବା ମୋ ଭାଗ୍ୟରେ ଅସମ୍ଭବ ଥିଲା । ଏ ସବୁ ଭାଗ୍ୟର ଖେଳ ।

କାରୁବାକୀ : ଭାଗ୍ୟର ଖେଳ ? ସେ ଖେଳ ସରିଯାଇଛି ମଗଧ ଯେଉଁଦିନ କଳିଙ୍ଗ ଆକ୍ରମଣ କଲା । ସେ ଖେଳର ବିଜୟ ସ୍ୱପ୍ନ, ସ୍ୱପ୍ନ ହୋଇଯାଇଛି ତମେ ଯେଉଁଦିନ ଲକ୍ଷେ ବନ୍ଦୀଙ୍କୁ ହତ୍ୟାକଲ । ସେ ଖେଳରେ ତୁମେ ହାରିଯାଇଛ ।

ଅଶୋକ : ହଁ, ହାରିଯାଇଛି ଲକ୍ଷେ ବନ୍ଦୀଙ୍କୁ ହତ୍ୟାକରି ? ତୁମକୁ ଲଣ୍ଡିତ ମସ୍ତକ ଗୈରିକ ବସନରେ ସନ୍ନ୍ୟାସିନୀ ହେବା ଦେଖି ମୁଁ ହାରିଯାଇଛି । ତୁମେ ଏମିତି ମୋ ଉପରେ କାହିଁକି ପ୍ରତିଶୋଧ ନେଲ ?

କାରୁବାକୀ : ତୁମେ ମୋ ପାଇଁ ଯେପରି ପ୍ରତିହିଂସା ପରାୟଣ ହୋଇ ଲକ୍ଷେ ନିରୀହ ବନ୍ଦୀଙ୍କୁ ହତ୍ୟା କଲ ତାର ପ୍ରାୟଶ୍ଚିତ ନକଲେ ମୁଁ ବଞ୍ଚିପାରିବିନି । ମୋ ଲାଗି ତୁମର ଏ ନୃଶଂସ ଗଣହତ୍ୟା । ନିରୀହ ବନ୍ଦୀଙ୍କୁ ହତ୍ୟାକରି ମୋର ମାନ ସମ୍ମାନକୁ ତମେ ମାଟିରେ ମିଶାଇଦେଇଛ । ଏତେ ନିର୍ଦ୍ଦୟ ତୁମେ ହେଲ କେମିତି ? ତୁମର ନିଶ୍ଚୟ ମନେଥିବ ତୁମେବି ମୃତ୍ୟୁକୁ ଅପେକ୍ଷା କରିଥିଲ ବନ୍ଦୀଶାଳାରେ । ମୃତ୍ୟୁ ଆସିବା ପୂର୍ବରୁ ମୁଁ ଆସିଥିଲି ତୁମକୁ ମୁକ୍ତି ଦେବାକୁ । ଜୀବନ ଦାନର ଦୟା କରିଥିଲି । ତମେ ବଞ୍ଚିରହି ଶେଷକୁ ଚଣ୍ଡାଳ ହୋଇଗଲ । ଏଇଥିପାଇଁ କଣ ମୁଁ ତୁମକୁ ଦୟା କରିଥିଲି ? ମୁକ୍ତିର ଆଲୋକ ଦେଖାଇଥିଲି ? ବଞ୍ଚିରହିବାର ଆଶା ଦେଖାଇଥିଲି ? ତୁମର ମା, ତୁମର ପ୍ରାଣଦପିପ୍ରିୟ ଥିଲେ । ମା, ମାତୃଭୂମିଠାରୁ ଅନେକ ଦୂରରେ ତୁମକୁ ଅଜ୍ଞାତ ମୃତ୍ୟୁକୁ, ମୁଁ ସମ୍ଭାଳି ପାରିନଥିଲି । ଦୟାବତୀ ମା' ଧର୍ମା କୋଳକୁ ତୁମକୁ ଫେରାଇ ଦେବାର, ଏଇ କଣ ତୁମର ପୁରସ୍କାର ? ଜନ୍ମମାତ୍ରେ ମୃତ୍ୟୁ ସମ୍ଭବ । ସେମାନେ ମୋ ପାଇଁ, ମାତୃଭୂମି କଳିଙ୍ଗର ସମ୍ମାନପାଇଁ ଯେପରି ହସିହସି ପ୍ରାଣବଳୀ ଦେଲେ ସେମାନଙ୍କର କେଉଁ ଗୁଣକୁ ତମେ ସରିହେବ ? ସେମାନେ ମରି ଅମର ହୋଇଗଲେ ପ୍ରେମପାଇଁ, ସ୍ୱାଧୀନତା ପାଇଁ, ସମ୍ମାନ ପାଇଁ । ସେମାନେ ଏ ଜାତିର ବୀରପୁତ୍ର, ବରପୁତ୍ର । ବରବଧୂ, ବୀରବଧୂ, ବୀର ବୀରାଙ୍ଗନା । ସେମାନେ ଶହିଦ୍ ହୋଇଗଲେ ଦେଶପାଇଁ, ଜାତିପାଇଁ । ଜୀବନ ବଳିଦାନ ଦେଇ ସ୍ୱର୍ଗାରୋହଣ କଲେ । ତମେ ନୃଶଂସ ହତ୍ୟାକାଣ୍ଡ ଘଟାଇଲ । ତୁମକୁ ନର୍କରେ ବି ସ୍ଥାନ ମିଳିବ ନାହିଁ । ତୁମପରି ନରପିଶାଚ ପାଇଁ ତୁମ ମା'ଙ୍କ ଆଖିରୁ ଲୁହ ଶୁଖିବନି । ତାଙ୍କର ଆତ୍ମା ଶାନ୍ତି ପାଇବନି । ପ୍ରେମ କରି ସେ ରକ୍ଷିତା ପତ୍ନୀର ନିର୍ଯ୍ୟାତନା ସହିଥିଲେ । ତୁମର ଜନ୍ମ ଜାତକରେ ରାଜା ହେବାର ଭବିଷ୍ୟତ ପାଇଁ, ସେ ରାଜଅନ୍ତଃପୁରୀରେ ସମସ୍ତଙ୍କଠାରୁ ଅସହ୍ୟ ନିନ୍ଦା, ଅକଥନୀୟ ଅତ୍ୟାଚାର ସହିଥିଲେ । ତାଙ୍କ ଆଖିରୁ ଲୁହ ଝରୁଥିଲା ତୁମକୁ ଦେଖିଲେ ଶୁଖୁଥିଲା । ତୁମେ ତାଙ୍କୁ ତ୍ୟାଗ କରି, କଳିଙ୍ଗରେ ସନ୍ନ୍ୟାସୀ ହୋଇ ଆସିବାପରେ ତାଙ୍କ ଆଖିରୁ ଲୁହ ବୋହିଥିବ, ଶୁଖୁନଥିବ । ସେଇ ଲୁହ ଆଉ ଶୁଖିବ ନାହିଁ ତୁମ ମୃତ୍ୟୁରେ ବି ! ତୁମର ଏ କଳଙ୍କ ତାଙ୍କ ଆଖିର ଅଶ୍ରୁଧାରା ଧୋଇପାରିବ ନାହିଁ । ତୁମପରି ନରପିଶାଚ ପାଇଁ ତୁମ ମା କାହିଁକି ଲକ୍ଷେ ମା' ସେମାନଙ୍କର ଲକ୍ଷେପତ୍ନୀ ଲକ୍ଷାଧିକ ସନ୍ତାନ ଅଶ୍ରୁଗଡାଉଛନ୍ତି । ସେ ଲୁହର ଲେଲିହାନ ଶିଖାରେ ପୋଡି ପାଉଁଶ ହୋଇଯିବ ତୁମର ଗର୍ବ, ଅହଙ୍କାର । ନରପିଶାଚ ଚଣ୍ଡାଶୋକ ହୋଇ ତୁମେ ବଞ୍ଚିରହିବ, ମାନବଜାତିର କଳଙ୍କ ହୋଇ, ଶୌର୍ଯ୍ୟ ସାମ୍ରାଜ୍ୟର କଳଙ୍କ ହୋଇ । କଳିଙ୍ଗାମାନଙ୍କ ଜୀବନରେ ଉଲ୍କା ହୋଇ । ତୁମର ଏ ଜଘନ୍ୟ, ଘୃଣ୍ୟପରିଚୟର ମୃତ୍ୟୁ ନାହିଁ, ତୁମର ମୃତ୍ୟୁପରେ ବି ତୁମ ନାମରେ ତୁମେ ବଞ୍ଚିରହିବ ଚଣ୍ଡାଶୋକର ପରିଚୟ ନେଇ ଇତିହାସରେ, ଲୋକମୁଖରେ, ଜନ୍ମଜନ୍ମାନ୍ତରେ । ତୁମର ଜଘନ୍ୟ ପାପର ପ୍ରାୟଶ୍ଚିତ ନାହିଁ । ତୁମର ଯେମିତି ମୃତ୍ୟୁ ନାହିଁ ସେମିତି ଜୀବନ ନାହିଁ । ତମେ ହିଂସା, କ୍ରୋଧର କବନ୍ଧ ପରି ବଞ୍ଚିରୁହ । ତୁମପରି କବନ୍ଧକୁ ମୁଁ ଜୀବନଦାନ ଦେଇଥିଲି ଭାବିଲେ ଘୃଣା ଲଜ୍ୟାରେ ମୁଣ୍ଡମୋର ନଇଁଯାଉଛି । ମୁଁ କାହିଁକି ଏତେବଡ ପାପ କଲି ତୁମକୁ ବଞ୍ଚେଇରଖି ? ସତ୍ୟର ଆଲୋକ ପାଇଁ, ଧର୍ମ, ନ୍ୟାୟର ପ୍ରତିଷ୍ଠାପାଇଁ ମୁଁ ତୁମକୁ ବଞ୍ଚିବାକୁ ସୁଯୋଗ ଦେଇ ମହାପାପ କରିଛି ମହାପାପ । ମୋର ମୃତ୍ୟୁ ଲୋଡା । ତୁମ ପାଇଁ ମୋର ମୃତ୍ୟୁ କାହିଁ ? ତୁମେ ବଞ୍ଚିରହିବ ମୋର ନାମକୁ ବଞ୍ଚାଇ ରଖିବ ଏଇ ବିଡମ୍ବନା ? ମୁଁ ସହିପାରୁନି ତୁମର ନିଷ୍ଠୁରତା, ନିର୍ଦ୍ଦୟତା, ଯାହାର ସୀମା ନାହିଁ । ଓଃ ତମେ ବି ବିଭତ୍ସ, ବର୍ବର ! ବିଜୟ ଲିପ୍ସାରେ । ତୁମେ ଏତେ ନୃଶଂସ ହେଲ କେମିତି ? ଦୟାବତୀ ମା 'ଧର୍ମା'ର ପୁଅ ଏତେ ନୃଶଂସ ହୋଇପାରେନା । ତୁମେ ମା'ଧର୍ମାର ପୁଅ ନୁହଁ,ତୁମେ ଅବୈଧ ମା'ର ପୁଅ । ତୁମେ ଅବୈଧ ତୁମେ..

ଅଶୋକ : ବନ୍ଦକର । ବନ୍ଦକର ରାଜକୁମାରୀ । ସେ ଶଦ୍ଦ ମୁଁ ସହିପାରୁନି । ଓଃ ! କି ଭୀଷଣ କଷ୍ଟ । ସେ ଶଦ୍ଦ ମୁଁ ସବୁଠୁ ଶୁଣିଛି, ସହିଛି ନୀରବରେ ଅଶ୍ରୁଉଛନ୍ନ ହୋଇ, ତୁମ ଓଠରେ ସେ ଶଦ୍ଦ ମୁଁ ସମ୍ଭାଳି ପାରୁନି । ମତେ ପାରୁଛ ଯଦି ଘୃଣାକର ଜୀବନସାରା ଘୃଣାକର, କିନ୍ତୁ ସେ ଶଦ୍ଦକହି ଅପମାନିତ କରନାହିଁ । ମୃତ୍ୟୁଠାରୁ ଯନ୍ତ୍ରଣାଦାୟକ ସେ ଶଦ୍ଦ । ମୁଁ ବଞ୍ଚିପାରିବିନି । ମା' 'ଧର୍ମା' ମୋର ପ୍ରାଣଦପି ପ୍ରିୟ । ପିତା ମୋର ପରମପ୍ରିୟ ଯିଏ ମୋତେ ସନ୍ନ୍ୟାସୀ ହୋଇ ବଞ୍ଚିବାକୁ ଜୀବନଦାନ ଦେଇଛନ୍ତି ବିମାତାଙ୍କ ଷଡଯନ୍ତ୍ରରୁ ବଞ୍ଚାଇଛନ୍ତି । ମୁଁ ତାଙ୍କର ପ୍ରିୟତମ ସନ୍ତାନ । ମୁଁ ଅବୈଧ ନୁହେଁ, ମତେ ଆଉ ନିନ୍ଦିତ କରନାହିଁ ମୁଁ ସହିପାରିବିନି ତୁମର ଓଠରେ ଶାଣିତ ଶଦ୍ଦସବୁ ଅଣଲେଉଟା ଶରଭଳି ମତେ..ଓଃ ମୋ ହୃଦୟ ଥରିଉଠୁଛି ମୋ ମୁଣ୍ଡ କଣ ହୋଇଯାଉଛି । ଅବୈଧ... ଅବୈଧ... ଅବୈଧ...ମୋର ଜନ୍ମ... ଅବୈଧ ମୋର ମୃତ୍ୟୁ ଅବୈଧ... ଓଃ ମତେ ହତ୍ୟା କରିଦିଅ କହି ତଳେ ପଡିଗଲେ । ଚେତା ହରେଇ ପଡିଗଲେ ଅଶୋକ ।

କାରୁବାକୀ କଣ ହେଲା କହି କୋଳକୁତୋଳିଧରିଲେ । ଅଶୋକଙ୍କୁ ପାଣିଛାଟି ସାଷ୍ଟାଙ୍ଗ କଲେ । ବିଞ୍ଚଣାରେ ବିଞ୍ଚୁଥିଲେ । ନିଜର ଭାଗ୍ୟକୁ ନିନ୍ଦା କରୁଥିଲେ । ମୁଣ୍ଡପିଟି କ୍ରନ୍ଦନ କରୁଥିଲେ । ଆରୋଗ୍ୟ ଉପଗୁପ୍ତ ହଠାତ୍ କ୍ରନ୍ଦନ ଧ୍ୱନି ଶୁଣି ଉଠିଉଠି ଛିଡାହେଲେ । ଅଶୋକଙ୍କ ମୂର୍ଚ୍ଛା ଦେଖି ବ୍ୟସ୍ତ ହେଲେ ।

ଉପଗୁପ୍ତ : କାରୁବାକୀ ! ଏ କଣ ହେଲା ସମ୍ରାଟ ଅଶୋକଙ୍କର ?

କାରୁବାକୀ : ମୁଣ୍ଡବୁଲାଇ ପଡିଗଲେ । ନିଜର ଜନ୍ମ ମୃତ୍ୟୁକୁ ଧିକ୍କାର କରୁଥିଲେ, ଗଣହତ୍ୟାର ଗ୍ଳାନିରେ, ଅଧର୍ଯ୍ୟହୋଇ ପ୍ରଳାପ କରୁଥିଲେ ।

ଉପଗୁପ୍ତ : ବ୍ୟସ୍ତ ହୁଅନ୍ତୁ ନାହଁ । ସେ ଶୋଇରୁହନ୍ତୁ ।

ଉପଗୁପ୍ତ ତାଙ୍କ ହାତ ଓ କାରୁବାକୀ ତାଙ୍କର ପାଦକୁ ମାଲିସ୍ କରୁଥିଲେ । ବିଞ୍ଚୁଥିଲେ ଚେତା

ଫେରିବା ପାଇଁ । କିଛି ସମୟପରେ ଅଶୋକ ଚେତା ଫେରିପାଇଲେ । ଆଖି ଖୋଲିଲେ । ପୁଣି ଶୋଇପଡିଲେ । ଉପଗୁପ୍ତ କାରୁବାକୀଙ୍କୁ ପରାମର୍ଶ ଦେଲେ ଅଶୋକ ଶୋଇରୁହନ୍ତୁ, ସେ ସୁସ୍ଥ ହୋଇଯିବେ ।

ଉପଗୁପ୍ତ : ଗଣହତ୍ୟାର ଗ୍ଲାନିରେ ସମ୍ରାଟ ମ୍ରିୟମାଣ । ତାଙ୍କୁ ସମ୍ଭାଳିବା ଦାୟିତ୍ୱ ତୁମର । ତାଙ୍କର ଉପଯୁକ୍ତ ଯତ୍ନ ନିଅ । ସେ ମାନସିକ ଭାରସାମ୍ୟ ହରାଇଛନ୍ତି । କଣ ବୋଲି କଣ କରିପାରନ୍ତି । ତାଙ୍କ ପ୍ରତି ତୀକ୍ଷଣ ଦୃଷ୍ଟି ରଖ । ମାନସ ଚେତନାରେ ସେ ଗଭୀରଭାବେ ଆହତ । ତାଙ୍କର ହୃଦୟ କ୍ଷତ ଗଭୀର । ସେ ଯେମିତି ଝଡଭିତରେ ଦିଗହରା ପୋତଟିଏ । ତାଙ୍କୁ ବଞ୍ଚେଇରଖିବାର ଗୁରୁଦାୟିତ୍ୱ ତୁମର ।

କାରୁବାକୀ : ମୁଁ ଯେ ସନ୍ନ୍ୟାସିନୀ !

ଉପଗୁପ୍ତ : ଆହତ ସମ୍ରାଟଙ୍କର ସେବା କରିବା ତୁମର ପରମ କର୍ତ୍ତବ୍ୟ । ତାଙ୍କୁ ଧର୍ମ, ଅହିଂସା, ପ୍ରେମର ମାର୍ଗ ଦର୍ଶନ କରିବା ତୁମର ଶ୍ରେଷ୍ଠ ପରୀକ୍ଷା । ଭଗବାନ ବୁଦ୍ଧଙ୍କ ଆର୍ଶୀବାଦ ତୁମ ଉପରେ ଅଛି । ତୁମେ ସଫଳ ହେବ ମୋର ଦୃଢ ବିଶ୍ୱାସ ଅଛି । ଶରୀର କ୍ଷତର ଚିକିତ୍ସା ସହଜ । ମନ ହୃଦୟ କ୍ଷତର, ଖୁବ୍ ଜଟିଳ, କଷ୍ଟଦାୟକ । ଅସୀମ ଧୈର୍ଯ୍ୟ, ନିଷ୍ଠା, ପ୍ରେମ ଲୋଡା ।

କାରୁବାକୀ : ପ୍ରଭୁଙ୍କ ଆର୍ଶୀବାଦରୁ ମୁଁ ପ୍ରାଣପ୍ରାଣେ ଚେଷ୍ଟା କରିବି । ଉଭୟ ଗାଇ ଉଠିଲେ ''ବୁଦ୍ଧଂ ଶରଣଂମ୍ ଗଚ୍ଛାମି । ଧର୍ମଂ ଶରଣଂମ୍ ଗଚ୍ଛାମି । ସଘଂ ଶରଣଂମ୍ ଗଚ୍ଛାମି'' ।

ଅଶୋକ : (ଚେତା ଫେରିପାଇଲା ପରେ) ମତେ ଅବୈଧ କହିବାକୁ ତମକୁ ଅଧିକାର କିଏ ଦେଲା ?

କାରୁବାକୀ : କ୍ଷମା କର । ବହୁତ ଆଘାତ ଦେଇଛି । ତମକୁ ଅପମାନିତ କରି ମୁଁ ଅପମାନିତ, ଲଜ୍ଜିତ, ମତେ...

ଅଶୋକ : ତୁମକୁ କ୍ଷମା । ଚଣ୍ଡାଶୋକର କ୍ଷମା । କ୍ଷମା କହିଲେ ମୁଁ ବୁଝେ ମୃତ୍ୟୁଦଣ୍ଡ ।

କାରୁବାକୀ : ମୃତ୍ୟୁ ମୋର କାମ୍ୟ । ତୁମପ୍ରତି ମୋର ପ୍ରୀତିର ପ୍ରାପ୍ୟ । ଜୀବନଦାନର ପ୍ରତିଦାନ । ଲକ୍ଷେବନ୍ଦୀଙ୍କୁ ହତ୍ୟାକରି ତମର ରକ୍ତତୃଷ୍ଣା ମେଣ୍ଟିନି । ପୁଣି ମୋର ସନ୍ଧାନ, ଆତ୍ମସମର୍ପଣ ଲାଗି ଦେଢଲକ୍ଷ ବନ୍ଦୀଙ୍କୁ ହତ୍ୟା ଧମକ । ମୁଁ ପାରିଥାନ୍ତି ଆତ୍ମହତ୍ୟା କରିପାରିଥାନ୍ତି, ଅଜ୍ଞାତ ନିରୁଦ୍ଦିଷ୍ଟ ହୋଇପାରିଥାନ୍ତି । ତୁମ ପାଖରେ ଆତ୍ମସମର୍ପଣ କରିବାକୁ ମୁଁ ଭୟକରି ନାହିଁ । ଲକ୍ଷେବନ୍ଦୀଙ୍କ ନିର୍ମମ ହତ୍ୟାକୁ ମୁଁ ସହିଛି । ଦେଢଲକ୍ଷ ଆଉ କେତେ ? କିନ୍ତୁ, ମୋ ପାଇଁ ତୁମର ଏ କଳଙ୍କ ନେଇ ମାନବଜାତି ପାଖରେ ମୁଁ ଉତ୍ତରଦାୟୀ । ତେଣୁ ତୁମ ପାଖରେ ମୋର କ୍ଷମାଭିକ୍ଷା । ନୀରବ ଆତ୍ମସମର୍ପଣ । ନିସର୍ତ୍ତ ଆତ୍ମସମର୍ପଣ । ମନେ ଅଛି ତୁମର ଗୁପ୍ତଚର ବୃତ୍ତିଲାଗି କଳିଙ୍ଗ ତୁମକୁ ଦେଇଥଲା ମୃତ୍ୟୁଦଣ୍ଡ । ମୁଁ ମୁକୁଳାଇଥିଲି । ଆଜି ତୁମର ଏ ନିର୍ଦ୍ଦୋଷ ଗଣହତ୍ୟାପାଇଁ କଳିଙ୍ଗ ନୁହେଁ ସମଗ୍ର ମାନବଜାତି ତୁମର ଦଣ୍ଡବିଧାନ କରିଛି । ଜୀବନ୍ତ ମୃତ୍ୟୁ ନୁହେଁ । ମୃତ୍ୟୁପରେ ମୃତ୍ୟୁଦଣ୍ଡ । ସେହି ମୃତ୍ୟୁଦଣ୍ଡ ଘୋଷଣା ହେଉଥିବ ପ୍ରତିଦିନ । କାର୍ଯ୍ୟକାରୀ କରିବାକୁ ତମେ ନଥିବ । ତମେ ମରିଥିବ । ପ୍ରତିଦିନ ବଞ୍ଚୁଥିବ ସେଇ ଘୋଷଣା ଶୁଣି ପୁଣି ମରୁଥିବ । ତମ ମୃତ୍ୟୁର ଯେମିତି ଶେଷ ନାହିଁ, ତମ ନୃଶଂସତାକୁ ନିନ୍ଦାକରିବାକୁ ସେମିତି ଭାଷା ନାହିଁ । ତୁମ ଚାରିପଟେ ସୁନ୍ଦରୀଙ୍କ ଭିଡ । ସେଇ ଭିଡଭିତରୁ ବାହାରି



ଯାହାପାଇଁ ଏ ଗଣହତ୍ୟା ସେଇ ସୁନ୍ଦରୀ ମୁଁ । ସୁନ୍ଦରୀଙ୍କ ଭିଡ ଭିତରେ ମୁଁ ହଜିଯାଇନି ବରଂ ସମସ୍ତେ ହଜିଯାଇଛନ୍ତି । ମତେ ଖୋଜିବାକୁ ଆସି ତମେ ହଜିଯାଇଛ ହିଂସା, ହତ୍ୟା, ଯୁଦ୍ଧ, ଧ୍ୱଂସର ତାଣ୍ଡବ ଭିତରେ । ମୁଁ ଅପେଆପେ ଅବତରୀ ଆସିଛି ତମକୁ ଦଣ୍ଡଦେବାକୁ, ମାନବଜାତି ତମପ୍ରତି ଦଣ୍ଡବିଧାନ କରିବାପୂର୍ବରୁ । ତମେ ସମ୍ରାଟ । ତମର ମୃତ୍ୟୁ ପୂର୍ବରୁ ତମର ବିଚାର କରିବାକୁ ମୁଁ ଆସିଛି । ମୋର ମୃତ୍ୟୁ ପୂର୍ବରୁ ତୁମର ଦଣ୍ଡ ତୁମେ ଭୋଗିବ ।

ଅଶୋକ : ମୋର ଦଣ୍ଡବିଧାନ ତମେ କରିବ ? କଣ ମୋ' ଦଣ୍ଡ ?

କାରୁବାକୀ : ଗଣହତ୍ୟାର ଗୁରୁଦଣ୍ଡ । ତମେ ନିରାଶ୍ରୟ, ଅଶ୍ରୁମୁଖୀ ଆଖିରୁ ଲୁହ ପୋଛିଦିଅ, ପ୍ରେମ କରୁଣାର ସ୍ପର୍ଶଦେଇ ସେବାକର । ବିନମ୍ର କ୍ଷମାପାଇଁ ଅଶ୍ରୁ ନିବେଦନ କର । ସମସ୍ତଙ୍କୁ ନବଆଶା ଦିଅ । ଶାନ୍ତି, ପ୍ରୀତି, ପୁର୍ନଗଠନରେ ଲାଗିରୁହ । ହିଂସା ତ୍ୟାଗକର । କ୍ରୋଧ ତ୍ୟାଗକର । ହତ୍ୟା ବନ୍ଦକର । ଦେଢ ଲକ୍ଷବନ୍ଦୀଙ୍କୁ ହତ୍ୟା ଧମକରୁ ନିବୃତ୍ତ ହୁଅ । ଅସି ତ୍ୟାଗକର । ଧର୍ମ, ଅହିଂସାର ବ୍ରତ ପାଳନକର । ମାନବକଲ୍ୟାଣ ତୁମର ମାର୍ଗହେଉ ।

ଅଶୋକ : ଧନ୍ୟ କଲ୍ୟାଣୀୟା । ଧନ୍ୟ ମୋର ପ୍ରାଣ । ତୁମପାଇଁ ତୁମେ ମୋର ଶ୍ରେଷ୍ଠ ମାର୍ଗଦର୍ଶକ । ତୁମକୁ ଦେଉଛି ଏ ବିଶାଳ ମୌର୍ଯ୍ୟ ସାମ୍ରାଜ୍ୟର ଗୁରୁଭାର । ତାର ପରିଚାଳନା ଦାୟିତ୍ୱ ତୁମର । କଳିଙ୍ଗର ପୁର୍ନଗଠନ ଗୁରୁଦାୟିତ୍ୱ ତୁମର ।

କାରୁବାକୀ : ମୁଁ ପରାଧୀନା ରାଜକୁମାରୀ । ପୁଣି ଶତ୍ରୁରାଜ୍ୟର ! ରାଜକୁମାର ! ମତେ କ୍ଷମାକର । ହତ୍ୟା କର । ତୁମରି ଚିର ଅବାଞ୍ଛିତ ପ୍ରତି ଦୟାକର ।

ଅଶୋକ : ମୁଁ ଏହି ମୁହୂର୍ତ୍ତରେ ଘୋଷଣା କରୁଛି କଳିଙ୍ଗର ସ୍ୱାଧୀନତା । ତୁମକୁ ମୌର୍ଯ୍ୟ ସାମ୍ରାଜ୍ୟର ଦ୍ୱିତୀୟ ମହାପାଟରାଣୀର ମର୍ଯ୍ୟାଦା । ସ୍ୱୟଂଶାସିତ କଳିଙ୍ଗର ପୁନର୍ଗଠନ ତୁମରି ନିର୍ଦ୍ଦେଶରେ ପରିଚାଳିତ ହେଉ । (ଧନ୍ୟ ହେଲି ତୁମର...)

କାରୁବାକୀ : ମୁଁ ଯେ ସନ୍ନ୍ୟାସିନୀ । ମୋର ଏ ସବୁ କଣ ହେବ ?

ଅଶୋକ : ମୁଁ ତ ସନ୍ନ୍ୟାସୀ ଥିଲି । ତମେ ମତେ ସମ୍ରାଟର, ସିଂହାସନର, କ୍ଷମତାର ଗୁରୁଦଣ୍ଡ ଦେଲ । ମୁଁ ତୁମକୁ ସେହି ଗୁରୁଦଣ୍ଡ ଦେଉଛି ତୁମେ ଗ୍ରହଣ କର, ମତେ ଉଦ୍ଧାର କର । ମୋର ଶାନ୍ତି ଲୋଡା । ଜୀବନରେ ବହୁ ଦୁଃଖ ସହିଛି । ମୋ ଅପମାନର ଶେଷନାହିଁ । ମତେ ଆଶ୍ରୟ ଦିଅ । ମତେ ଅଭୟ ଦିଅ । ମତେ ବଞ୍ଚିବାକୁ ଦିଅ । ତୁମରି ପଣତକାନିରେ ପୋଛିଦିଅ ମୋ ହୃଦୟର ପାପ, ମୋ ଆଖିର ଲୁହ, ମୋ ଚେତନାରୁ ଅପମାନ । ମତେ ଗ୍ରହଣକର, ମତେ କ୍ଷମାକର । କେତେଦିନ ଆଉ ବଞ୍ଚିବି ? ମତେ...

କାରୁବାକୀ : ତୁମର ଗୁରୁଦାୟିତ୍ୱ ମୁଁ ଗ୍ରହଣ କଲି । ମୋ ସାଥିରେ ଉଚ୍ଚାରଣ କର ଅହିଂସାର ମନ୍ତ୍ର । ଅଶୋକ ଉଚ୍ଚାରଣ କରୁଥିଲେ 'ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଘଂ ଶରଣଂ ଗଚ୍ଛାମି ।'

ଅଶୋକ : ଧନ୍ୟ କଲ୍ୟାଣୀୟା କାରୁବାକୀ । ଧନ୍ୟ କଳିଙ୍ଗ ଜନନୀ ।

ଧନ୍ୟ ଦେବଭୂମି, ଧନ୍ୟ ତୁମ ପ୍ରେମ । ଜନ୍ମେ ଜନ୍ମେ ଧନ୍ୟ ।

■■

# ସ୍ରୋତସ୍ୱିନୀ ଦୟାର ଦୟା

ସ୍ରୋତସ୍ୱିନୀ, ତପସ୍ୱିନୀ ଦୟାର ବିଶାଳ ଜଳଭାଗ ଉପରେ ଅରୁଣ ଆକାଶର ଲାଲିମା ଅପୂର୍ବ ଦିଶୁଥିଲା । ଉଷାର ମଙ୍ଗଳ ଉତ୍ସବ, ପକ୍ଷୀକୂଳର ଗୀତିମୟ କାକଳି, କଳରବ ମୁଖର ଆକାଶ, ପ୍ରଶାନ୍ତ ନୀରବତାରେ ଧ୍ୟାନମଗ୍ନ ଧଉଳି, ବୌଦ୍ଧିକ ଚେତନାରେ ବେଦମୟ, ବାଙ୍ମୟ, ବିସ୍ମୟ । ଅଶୋକଙ୍କ ରକ୍ତ ଲୋଲୁପ ଆଖିରେ ଅନୁକମ୍ପା, ଧଉଳିର ଧର୍ଷିତା ମୁଖମଣ୍ଡଳକୁ ଅବଲୋକନ କରି । ଦୁଃଖିନୀ ମା ଧର୍ମାର ମୁହଁ ପ୍ରତିଫଳିତ ହୋଇଥିଲା ଲୋହିତ ଜଳଭାଗ ଉପରେ । ସର୍ବଂସହା ପରି ସବୁ ଦୁଃଖକୁ ଯେ ଆଶ୍ରୟ ଦେଇଥିଲେ, ଆଦରି ନେଇଥିଲେ ଆପଣାର କରି, ତାଙ୍କର ପ୍ରିୟ ପୁତ୍ର ଧର୍ମାଶୋକ ଆଜି ଧର୍ମହନ୍ତା, ପଶୁ ପିଶାଚ, ପାଷଣ୍ଡ, ନାରକୀୟ ନରମେଧ ଯୁଦ୍ଧରେ ଲିପ୍ତ । ଧଉଳିର ବୁକୁ ଉପରେ ଲକ୍ଷାଧିକ ମୃତ ଆହତ ଶବର ଦୃଶ୍ୟ ବେଦନାଦାୟକ, ଜୀବନ ପାଇଁ ଲଢୁଥିବା ସେନାର କ୍ରନ୍ଦନ ଧ୍ୱନି ନିରବି ଯାଇଥିଲା ମୃତ୍ୟୁର ନୀଳ ଲୋମଶ ହାତରେ । ସନ୍ନ୍ୟାସୀମାନଙ୍କ କରୁଣା କମ୍ପିତ ସ୍ପନ୍ଦନ, କ୍ରୋଧ ଓ କୂରତାର କ୍ଷତକୁ ସ୍ପର୍ଶ କରୁଥିଲା । ଦୟାର ଦେବୋପମ ଦୀପ୍ତିରେ ଦୀପ୍ତିମାନ ଦିଶୁଥିଲା ଦୂରନ୍ତ ଆକାଶ, ଯେଉଁଠି ପ୍ରତିଧ୍ୱନିତ ହୋଇ ଫେରୁଥିଲା ପୃଥିବୀକୁ 'ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଙ୍ଘ ଶରଣଂ ଗଚ୍ଛାମି'ର ଗୁରୁଗମ୍ଭୀର ଲଳିତ ମୂର୍ଚ୍ଛନା । ବୌଦ୍ଧଭିକ୍ଷୁ ଉପଗୁପ୍ତଙ୍କର ଆଖିରେ ଓଠରେ କରୁଣାର କଟାକ୍ଷ କୁଢ କୁଢ ଶବରେ ପ୍ରାଣର ସନ୍ଧାନ ପାଇଁ ସଞ୍ଚରି ଯାଉଥିଲା ସଞ୍ଜିବନୀ ଭଳି । ଜୀବନର ମହାର୍ଘ୍ୟ ଅନୁଭବ, ମହତ୍ତ୍ୱର ଉପଲବ୍ଧି, ପୃଥିବୀର ପ୍ରଥମ ଲାଲଛକ ସେ । ଦୟା ପ୍ରେମ କରୁଣାର ଅନାବିଳ ଦିବ୍ୟଦୃଶ୍ୟ, ମାନବାତ୍ମାର ମଙ୍ଗଳ ପାଇଁ ସମର୍ପିତ ପ୍ରାଣର ମଙ୍ଗଳବାର୍ତ୍ତା । ଅଶୋକ ଗୁରୁଗମ୍ଭୀର ଦିଶୁଥିଲେ । ଧର୍ମାର ପୁତ୍ର ଧର୍ମାଶୋକର ମୁଖ ସମ୍ମୁଖରେ ଶୋକ ବିମୁଖ ମା'ର ଆଖିରେ ଲୁହ, ବିକଳ ମୁହଁ ତାଙ୍କୁ ଅସ୍ଥିର କରିଦେଇଥିଲା । ଯାହାର ଅସିବଳରେ ଧରାଶାୟୀ ଧଉଳି, ଧ୍ୱଂସ ବିଧ୍ୱଂସ କଳିଙ୍ଗ, ଯାହାର ବିଜୟ ବାର୍ତ୍ତାରେ ଗର୍ବିତ ପିତା, ପିତାମହ, ସ୍ପର୍ଦ୍ଧିତ ମଗଧର ଶକ୍ତି ଆଗରେ ଅବନତ ଉଦ୍ଧତ କଳିଙ୍ଗ, ତାର ମହାମହିମ ମୁକୁଟ ମଣ୍ଡିତ ମହାସମ୍ରାଟ ଅଶୋକ ପ୍ରତିମୁହୂର୍ତ୍ତରେ ଜୀବନ ମୃତ୍ୟୁ, ରୋଗ,ଭୋଗ ତ୍ୟାଗ ଓ କ୍ରୋଧ ଭିତରେ ଜୀବନର ମହନୀୟତା ଉପଲବ୍ଧି କରୁଥିଲେ ମର୍ମେମର୍ମେ । ରକ୍ତ ତାଣ୍ଡବ ଦୃଶ୍ୟ ଦେଖିଲେ ସେ ଆନନ୍ଦରେ ଦିନେ ପାଗଳ ହୋଇ ଯାଉଥିଲେ, ପଥର ପାଲଟି ଯାଉଥିଲେ । ଅଥଚ ରକ୍ତର ବନ୍ଧନ ପାଖରେ ପ୍ରସ୍ତର ପ୍ରାଣ



ତାଙ୍କର ସ୍ୱଚ୍ଛ ସଲିଳପରି ପିଟି ହୋଇଯାଉଛି । ଆତ୍ମରକ୍ଷା ପାଇଁ ଅସିକୁ ସେ ଦିନେ ସମ୍ବଳଭାବେ ଗ୍ରହଣ କରିଥିଲେ । ସେହି ଅସି ଆଜି ତାଙ୍କୁ ଆତ୍ମ ସନ୍ତୋଷ ଦେଇପାରୁନି । ଅନ୍ତଃଶକ୍ତି ଆଗରେ ସବୁକିଛି ଅସହାୟ, ବୃଥା ନିରର୍ଥକ ମନେ ହେଉଛି ।

ମାତୃବତ୍ସଳ ହୃଦୟ ତାଙ୍କର ହାହାକାର କରି ଉଠୁଚି । ଯୁଦ୍ଧ ପାଇଁ ଅହମିକା ଓ ଯୁଦ୍ଧପରେ ଶାନ୍ତି ପ୍ରତିଷ୍ଠାର ଅହଙ୍କାର କ୍ଷୁର୍ଣ୍ଣହୋଇ ଯାଇଛି ଗୋଟିଏ ସନ୍ତାନହରା ମା'କୁ ଖାଲିହାତରେ ଫେରାଇ ଦେଲାପରେ । ସ୍ନେହମୟୀର ସ୍ନେହସଜଳ, ସତୃଷ୍ଣ ନୟନ ଯୁଗଳ ପାଖରେ ସେ ଏକ ଅପରାଧୀ । ତେଣୁ କ୍ରନ୍ଦନରତ । ଅବଚେତନ ମନର ଅତଳ ଗର୍ଭରେ ଅସିର ଅହମିକାକୁ ଚୂର୍ଣ୍ଣକରି ହିଂସା ହିଂସ୍ରତାପୂର୍ଣ୍ଣ ଅନ୍ତସାର ଶୂନ୍ୟ ଜୀବନ ତାଙ୍କୁ ବିତସ୍ପୃହ କରିଛି । ପ୍ରେମ କରୁଣା ଓ ଅନୁକମ୍ପାର ଅରୁଣୋଦୟ ସେ ଅନୁଭବ କରୁଛନ୍ତି । ଦୃଷ୍ଟି ତାଙ୍କର ଲମ୍ବିଯାଇଥିଲା ଦୟାର ଦୂରଦିଗନ୍ତକୁ ଯେଉଁଠି ସ୍ୱାଧୀନ ଭାବେ ଉଡ଼ିବୁଲୁଥିଲେ ପକ୍ଷୀକୂଳ ମୁକ୍ତିର ସଙ୍ଗୀତ ଗାନକରି । ନିବିଡ ନୀଳିମା ଭିତରେ ଉଜ୍ଜ୍ୱଳ ସ୍ୱର୍ଣ୍ଣଫଳକର ପ୍ରଶାନ୍ତ ପୀୟୂଷପ୍ରଭା ତାର ପ୍ରୀତିପୂର୍ଣ୍ଣ ସ୍ପର୍ଶରେ, ଉଦାର ତାଙ୍କର ହୃଦୟ । ଛୋଟପିଲା ପରି ସେ କହୁଥିଲେ, ଏଇ ଦେଖୁନା କେତେ ସୁନ୍ଦର ଦିଶୁଛି ସ୍ୱର୍ଣ୍ଣିମ ସୂର୍ଯ୍ୟୋଦୟ ।

ଅନେକ ସମୟ ଧରି ଅନତି ଦୂରରେ ସୁଶ୍ରୀ କାରୁବାକୀ ଅଶୋକଙ୍କର ଆବେଗକୁ ବିସ୍ମୟ ଚକ୍ଷୁରେ ଚାହିଁରହିଥିଲେ । ଅଶୋକଙ୍କ ହୃଦୟ ପରିବର୍ତ୍ତନ ପାଇଁ ସେ ଗୋଟାପଣେ ନିଜକୁ ସମର୍ପି ଦେଇଥିଲେ, ନିଜକୁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ କରି ରଖିଥିଲେ ହିଂସ୍ର ପଶୁକୁ ଅହିଂସ ଦୀକ୍ଷାରେ ଦୀକ୍ଷିତ କରିବା ପାଇଁ । ହଠାତ୍ ଅଶୋକଙ୍କ ଆଖିଦୁଇଟା ପଛପଟୁ ପାପୁଲିରେ ଚାପିଧରି ଧୀରେ କହିଲେ, ''କେମିତି ଦିଶୁଛି, ଖୁବ୍ ସୁନ୍ଦର । ସୁନାର ସୂର୍ଯ୍ୟୋଦୟ, ସ୍ୱାଧୀନ ପକ୍ଷୀକୂଳର ଅମିୟ ସଙ୍ଗୀତ, ପ୍ରକୃତିର ପ୍ରାଚୁର୍ଯ୍ୟ, ମନ ମୁଗ୍ଧକର ।

ଅଶୋକ : ଆରେ, ଛାଡ ମୋ ହାତ ।

କଳାବତୀ : କେମିତି ଦିଶୁଛି ପ୍ରକୃତିର ବୈଚିତ୍ର ।

ଅଶୋକ : ସବୁ ସୁନ୍ଦର ଦିଶୁଚି, ତମ ମୁହଁଠାରୁ ସୁନ୍ଦର ।

କଳାବତୀ : ଆଉ କଣ ଦିଶୁଚି ?

ଅଶୋକ : ଅନ୍ଧାର ଦିଶୁଚି ? ଅନ୍ଧାର ଭିତରେ ଜାକୁଜାକୁ ଦିଶୁଚି ତୁମରି ମୁହଁ ।

କଳାବତୀ : ସେଇ ଅନ୍ଧାର ମୋର ପ୍ରିୟ । ସେଇ ଅନ୍ଧାର ଭିତରେ ହଜିଯିବାକୁ...

ଅଶୋକ : ଅନ୍ଧାର ଭିତରେ !

କଳାବତୀ : ହଁ, ମୋର ମୁହଁ ଚାରିପଟେ ତମରି ମୁହଁ ମତେ ଅବରୁଦ୍ଧ କରିରଖିଛି ।

ଅଶୋକ : ସ୍ମିତହସି, ଆଲିଙ୍ଗନ ବଦ୍ଧ ହୋଇ କେହି ଅବରୁଦ୍ଧ ହୋଇଛି କି ? ଆଲିଙ୍ଗନ ବଦ୍ଧ ପୃଥିବୀ ଆକାଶର ମିଳନ ଦୃଶ୍ୟ କି ମଧୁର । ଅଥଚ ମୁଁ ଅନୁଭବ କରିପାରୁନି ମିଳନର ମାଧୁର୍ଯ୍ୟ, ରୂପସୁଧାକୁ । ଖୁବ୍ ଉଦାସ ଲାଗୁଛି ଜୀବନଧାରା ।

କଳାବତୀ : କାହିଁକି ଭାଙ୍ଗିପଡୁଛନ୍ତି ମହାରାଜ, କାଚଖଣ୍ଡ ଭଳି ?

ଅଶୋକ : ନରମେଧ ଯଜ୍ଞର ପୁରୋଧା ମୁଁ । ବହୁ ଧନଜନ କ୍ଷୟରେ ଏ ଯୁଦ୍ଧ ମତେ ଶାନ୍ତି, ସମ୍ମାନ ଦେଇନାହିଁ । କୁଖ୍ୟାତି, ଅଖ୍ୟାତି ଆଣିଦେଇଛି । ମାନସିକ ସ୍ତରରେ ମୁଁ ପଙ୍ଗୁ ହୋଇଯାଇଛି । ସନ୍ତାନହରା ମା', ସ୍ୱାମୀହରା ବିଧବା, ପିତାହରା ପୁତ୍ର କନ୍ୟାଙ୍କର ବୁକୁଫଟା ଶୋକ ମୋତେ ପାଗଳ କରିଦେଇଛି ।

କଳାବତୀ : ସମୟ ବଳବାନ । ସମୟ ସୁଅରେ ସବୁକିଛି ହଜିଯିବ । ବଞ୍ଚି ରହିବ ଆଦର୍ଶ । ତେଣୁ ଏବେବି ସମୟ ଅଛି ପୀଡିତ ପ୍ରାଣରେ ସ୍ନେହ ଓ ସାନ୍ତ୍ୱନା ଭରି ଦେବାକୁ ।

ଅଶୋକ : ନରମେଧ ଯଜ୍ଞରେ ଯେଉଁମାନେ ନିଜକୁ ଆହୁତି ଦେଇଛନ୍ତି ସେମାନଙ୍କର ଆତ୍ମୀୟ ସ୍ୱଜନଙ୍କର ଅଶ୍ରୁଆକୁଳ ଆଗ୍ନେୟ ଅଭିଶାପ ନିରବଧି ଅଶୋକର ଆତ୍ମା, ଚେତନାକୁ ଆଛନ୍ନ କରିଥିବ । ଯୁଦ୍ଧର ବିଭୀଷିକା ଠାରୁ ବାସ୍ତବତାର ବିଭତ୍ସତା ମତେ ଅସହାୟ କରିଦେଇଛି । ମୁଁ ଶାନ୍ତି ଚାହେଁ, ଆଶ୍ରୟ ଚାହେଁ ସବୁ କ୍ଷମତା, ଶକ୍ତି ସମ୍ପଦ ତୁମକୁ ଦେଇ ।

## ଆତ୍ମସମର୍ପଣ ସ୍ୱପ୍ନ

ସମ୍ମୁଖ ଯୁଦ୍ଧରେ କଳିଙ୍ଗକୁ ପରାସ୍ତ କରିବାକୁ ଅଶୋକ ତିନିମାସ ସମୟ ସ୍ଥିର କରିଥିଲେ ଅଥଚ ଯୁଦ୍ଧ ଛଅମାସ ଚାଲିଲାଣି ପରାଜୟର ସମ୍ଭାବନା କ୍ଷୀଣ । କେଉଁ ମୁହଁରେ ସେ ମଗଧ ଫେରିବେ ? କ'ଣ କହି ଆଶ୍ୱାସନା ଦେବେ ? ଏହି ବିଷୟରେ ମ୍ରିୟମାଣ ଦିଶୁଥିଲେ ମୌର୍ଯ୍ୟ ସମ୍ରାଟ ମହାବୀର ଅଶୋକ । ଯୁଦ୍ଧ ପରିସମାପ୍ତି ପାଇଁ କଳିଙ୍ଗ ମହାରାଜ, ମହାସେନାପତିଙ୍କୁ ଗୋପନ ଷଡଯନ୍ତ୍ରରେ ହତ୍ୟାକରିବାକୁ ମନ୍ତ୍ରଣା କଲେ ରାଧାଗୁପ୍ତଙ୍କ ସହିତ । ମଗଧର ଜଣେ ବ୍ୟବସାୟୀଙ୍କୁ ପ୍ରଲୋଭିତ କରି କଳିଙ୍ଗରାଜାଙ୍କ ମାଲ୍ୟାଣୀ ଘରେ ଅତିଥି ହୋଇ ସୁନ୍ଦର ବିଷାକ୍ତ ସୁରାପାତ୍ର ଉପହାର ଦେବାକୁ ନିର୍ଦ୍ଦେଶ ଦେଲେ । ମାଲ୍ୟାଣୀ ଘରୁ ରାଜନର୍ତ୍ତକୀ ସୁନ୍ଦର ସୁରାପାତ୍ରରେ ସୁରାପାନ ପାଇଁ ମହାରାଜ, ମହାସେନାପତିଙ୍କୁ ଦେଲାବେଳେ ବିଷାକ୍ତ ସୁରାପାତ୍ର ଓଷ୍ଠରେ ଲଗାଇବା ମାତ୍ରେ ସମସ୍ତେ ମୃତ୍ୟୁ ମୁଖରେ ଟଳିପଡିବେ ଧରାଶାୟୀ ବଟବୃକ୍ଷ ଭଳି । ଏହି ଯୋଜନା କାର୍ଯ୍ୟକାରୀ ହେଲା ଏବଂ କଳିଙ୍ଗର ମହାରାଜା, ମହାସେନାପତି ମୃତ୍ୟୁବରଣ କଲେ । ସୁରାପାତ୍ରକୁ ମହାରାଜା ରାଜନର୍ତ୍ତକୀଙ୍କ ଓଠରେ ସ୍ପର୍ଶ କରାଇଥିବାରୁ ରାଜନର୍ତ୍ତକୀ ମୃତ୍ୟୁବରଣ କଲେ । ପ୍ରଭାତରେ ଏହି ଖବର ବନାଗ୍ନି ଭଳି ବ୍ୟାପିଗଲା । ମହାରାଣୀ ଗଭୀର ଦୁଃଖରେ ଆତ୍ମ ବିସର୍ଜନ ଦେଲେ । ଏହିଭଳି ଘଡିସନ୍ଧି ମୁହୂର୍ତ୍ତରେ କାରୁବାକୀ ମହାରାଣୀଙ୍କ ବେଶପୋଷକରେ କଳିଙ୍ଗ ଯୁଦ୍ଧର ନେତୃତ୍ୱ ନେଇଥଲେ । ତା'ର ଓଜସ୍ୱିନୀ ଭାଷଣରେ କଳିଙ୍ଗସେନା ପ୍ରାଣ ଫେରିପାଇଥିଲା । ଯୁଦ୍ଧର ଘନଘଟାରେ ବହୁସେନା ପ୍ରାଣବଳି ଦେଇଥିଲେ । ଲକ୍ଷାଧିକ ଆହତ ଓ ବନ୍ଦୀ ହୋଇଥିଲେ । ଯୁଦ୍ଧର ପରିସମାପ୍ତି ପାଇଁ ମୌର୍ଯ୍ୟ ସମ୍ରାଟ ଅଶୋକ ଅଧୈର୍ଯ୍ୟ ହୋଇପଡିଲେ । ସେ ଘୋଷଣା କଲେ ଯୁଦ୍ଧ ସମାପ୍ତି କରି କାରୁବାକୀ ଆତ୍ମସମର୍ପଣ କରନ୍ତୁ ମଗଧ ଓ କଳିଙ୍ଗର ମଙ୍ଗଳ ପାଇଁ ନଚେତ ଦେଢଲକ୍ଷ ବନ୍ଦୀଙ୍କର ମୁଣ୍ଡକାଟ ହେବ ।

ଏହିପରି ଜଘନ୍ୟ ଘୋଷଣାରେ କାରୁବାକୀ ଭୟଭୀତ ଓ ସ୍ତମ୍ଭୀଭୂତ ହେଲେ । ଅନ୍ୟ ଉପାୟ ନଦେଖି ସେ ଯୁଦ୍ଧ ବିରତି ଘୋଷଣା କଲେ ଶାନ୍ତି ପ୍ରତିଷ୍ଠା ପାଇଁ । ଏଥିରେ ଅଶୋକ ଆନନ୍ଦିତ ହୋଇ ଶିବିରକୁ ଫେରିଲେ । ରାତ୍ରିର ଅନ୍ଧକାର ମଧ୍ୟରେ କଳାବତୀ ବୌଦ୍ଧଭିକ୍ଷୁଙ୍କ ପାଖରେ ଆତ୍ମସମର୍ପଣ କଲେ, ଦେଢଲକ୍ଷ କଳିଙ୍ଗ ସେନାର ଜୀବନ ପାଇଁ । ବୌଦ୍ଧଭିକ୍ଷୁ ଉପଗୁପ୍ତଙ୍କ ଠାରୁ ଦୀକ୍ଷାନେଇ ଲଣ୍ଡିତ ମସ୍ତକରେ ଉଚ୍ଚାରଣ କଲେ,'' ବୁଦ୍ଧଂ ଶରଣଂ ଗଛାମି, ଧର୍ମ ଶରଣଂ ଗଛାମି, ସଙ୍ଘ ଶରଣଂ ଗଛାମି'' । ସନ୍ନ୍ୟାସିନୀ ବେଶରେ ଉପଗୁପ୍ତଙ୍କ ସାଥିରେ ଅଶୋକଙ୍କ ଶିବିର



ନିକଟରେ ପହଞ୍ଚିଲେ । ଦ୍ୱାରରକ୍ଷୀଙ୍କୁ ପରିଚୟ ଦେଇ ଉପଗୁପ୍ତ ଅଶୋକଙ୍କ ପାଖରେ ଦଣ୍ଡାୟମାନ ହେଲେ । ''ବୁଦ୍ଧଂ ଶରଣଂମ୍ ଗଛାମିଂ, ସଙ୍ଘ ଶରଣଂମ୍ ଗଛାମିଂ, ଧର୍ମଂ ଶରଣଂମ୍ ଗଛାମି''ର ବଜ୍ର ନିନାଦ ମଙ୍ଗଳ ଧ୍ୱନିରେ ସମଗ୍ର ପରିବେଶ କମ୍ପିତ ହେଲା ।

ଅଶୋକ : ମହାଶୟ ଆସନ ଗ୍ରହଣ କରନ୍ତୁ । ଆସିବାର କାରଣ ଘନତିମିର ରାତ୍ରିରେ ।

ଉପଗୁପ୍ତ : ଆପଣଙ୍କ ଦର୍ଶନାଭିଳାଷୀ ବୌଦ୍ଧ ସନ୍ନ୍ୟାସିନୀ ।

ଅଶୋକ : ବୌଦ୍ଧସନ୍ନ୍ୟାସିନୀ ! ତାଙ୍କୁ ଭିତରକୁ ଡାକନ୍ତୁ । କଳାବତୀ ଅଶୋକଙ୍କ ନିକଟରେ ଆସନ ଗ୍ରହଣକରି ବସିଲେ, ଲଣ୍ଡିତ ମସ୍ତକ, ଗୈରିକ ବସନରେ ଯୌବନଦୀପ୍ତ ସୁଶ୍ରୀ କଳାବତୀଙ୍କୁ ଦେଖି ଅଶୋକଙ୍କର ବିସ୍ମୟର ସୀମା ରହିଲା ନାହିଁ । ନିର୍ବାକ, ନିସ୍ପନ୍ଦ ଭାବରେ ଦୁହେଁ ଦୁହିଁକୁ ଦେଖୁଥିଲେ ପ୍ରଣୟୀ ଯୁଗଳ ଭଳି ଦୀର୍ଘ ବ୍ୟବଧାନରେ । କିଛିସମୟ ପରେ...ରାଜକୁମାରୀ, ତୁମ ଆଗମନରେ କଳିଙ୍ଗର ମଙ୍ଗଳ କାମନା କରୁଛି । ଆଗମନର ଅଭିପ୍ରାୟ ବ୍ୟକ୍ତ କରନ୍ତୁ ।

କଳାବତୀ : ମୁଁ ବୌଦ୍ଧ ଭିକ୍ଷୁଣୀ । ଭିକ୍ଷାମାଗିବାକୁ ଆସିଛି ।

ଅଶୋକ : ଭିକ୍ଷା (ସ୍ମିତହସି) ଭିକ୍ଷାର ଆବଶ୍ୟକତା କ'ଣ ଅଛି ? ଆପଣ ଚାହିଁଲେ ସମଗ୍ର ମୌର୍ଯ୍ୟ ସାମ୍ରାଜ୍ୟକୁ ଆପଣଙ୍କ ପାଦତଳେ ରଖିଦେଇ ମୁଁ ବୌଦ୍ଧ ସନ୍ନ୍ୟାସୀ ହୋଇଯିବି । କ୍ଷମତାର ପ୍ରାଚୁର୍ଯ୍ୟ, ଅସିର ଅହମିକା, ମତେ ଶାନ୍ତି ଦେଇପାରିନାହିଁ । ମୁଁ ଶାନ୍ତି ଚାହେଁ ।

କଳାବତୀ : ଭିକ୍ଷାର ପ୍ରୟୋଜନ ରହିଛି ମହାମହିମ ମୌର୍ଯ୍ୟ ସମ୍ରାଟ । ସମ୍ରାଟର ଭୋଗବିଳାସ ଓ ସନ୍ନ୍ୟାସୀର ତ୍ୟାଗ, କଷ୍ଟ ଗୋଟିଏ ଖଣ୍ଡାର ଦୁଇଧାର । ସନ୍ନ୍ୟାସୀ ଜୀବନରେ ତ୍ୟାଗମୟ ଶାନ୍ତି ମୁଁ ଅନୁଭବ କରିଛି । ସମ୍ମତି ଦେଲେ ମୁଁ ଭିକ୍ଷା ମାଗିବି ।

ଅଶୋକ : ଧନ୍ୟ କଳିଙ୍ଗର ରାଜକୁମାରୀ କଳାବତୀ ବୌଦ୍ଧ ସନ୍ନ୍ୟାସିନୀ । ସମ୍ରାଟ ଜୀବନର ଅଶାନ୍ତି ଆତଙ୍କ ଅପେକ୍ଷା ସନ୍ନ୍ୟାସୀ ଜୀବନର ନୈସର୍ଗିକ ଶାନ୍ତି ଓ ଐଶ୍ୱର୍ଯ୍ୟ ମୋର ପ୍ରିୟ ଓ ଶ୍ରେୟ । କ୍ଷମତାର ଯନ୍ତାରେ ମୁଁ, ବାଘଭଳି ମୋର ଆତ୍ମା ଛଟପଟ ହେଉଛି । ଟିକିଏ ଶାନ୍ତିପାଇଁ ମୋର ପ୍ରିୟଭାଇ ଅନେକ ଦିନ ହେଲାଣି ବୌଦ୍ଧଧର୍ମ ଗ୍ରହଣକରି ରାଜସନ୍ନ୍ୟାସୀ ହୋଇ ସୁଖରେ କାଳାତିପାତ କରୁଛନ୍ତି । ପତ୍ନୀ ଦିବ୍ୟା 'ଦେବୀ' ବୌଦ୍ଧ ସନ୍ନ୍ୟାସିନୀ ହୋଇ ସୁନ୍ଦର ଜୀବନ ଯାପନ କରୁଛନ୍ତି । ପୁତ୍ର ମହେନ୍ଦ୍ର ଓ କନ୍ୟା ସଙ୍ଘମିତ୍ରା ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ପାଇଁ ଶ୍ରୀଲଙ୍କାରେ ଭଗବାନ ବୁଦ୍ଧଙ୍କ ଶାନ୍ତି, ଅହିଂସର ବାଣୀ ପ୍ରଚାର କରୁଛନ୍ତି । ଅଥଚ ମୁଁ କଳିଙ୍ଗ ବିଜୟ ସ୍ୱପ୍ନରେ ବହୁ ଅମୂଲ୍ୟ ଜୀବନ ଓ ଅକଳନ ଧନ ସମ୍ପତ୍ତି ନଷ୍ଟକରି ଅନୁତାପ ଅନଳରେ ଦଗ୍ଧୀଭୂତ ହେଉଛି । କଳଙ୍କିତ କୀର୍ତ୍ତି ନେଇ ମୁଁ ବଞ୍ଚିଛି । ଏହା ଭାଗ୍ୟର ବିଡମ୍ବନା । ଅଦୃଷ୍ଟର ନିଷ୍ପତିକୁ କିଏ ଅସ୍ୱୀକାର କରିବ ?

କଳାବତୀ : ପ୍ରତିଜ୍ଞା କରନ୍ତୁ ମତେ ଖାଲିହାତରେ ଫେରାଇ ଦେବେନାହିଁ ।

ଅଶୋକ : ଭିକ୍ଷାଦାନ ସମ୍ଭବ ହେଲେ ଆପଣଙ୍କୁ ଫେରାଇ ଦେବିନାହିଁ । କଳିଙ୍ଗର କଣ ଅଭାବ ଅଛି, ଯେ ରାଜକୁମାରୀ ଭିକ୍ଷା ମାଗିବେ ?

କଳାବତୀ : ମୋର ଭିକ୍ଷା ହେଉଛି କଳିଙ୍ଗର ଦେଢଲକ୍ଷ ବନ୍ଦୀ ସେନାଙ୍କୁ ଅବିଳମ୍ବେ ମୁକ୍ତ କରିବା । କଳିଙ୍ଗରେ ବନ୍ଦୀଥିବା ଲକ୍ଷାଧିକ ବନ୍ଦୀ ମଗଧ ସେନାକୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଆସିଛି । ଯୁଦ୍ଧର ନରସଂହାରରୁ ଯେଉଁମାନେ ବଞ୍ଚିଛନ୍ତି, ସେମାନଙ୍କର ଶୋକାକୁଳ ଆତ୍ମୀୟ ସ୍ୱଜନକୁ ଫେରାଇ

ଦେବା ମଙ୍ଗଳମୟ ହେବ । ସେମାନଙ୍କୁ ବଞ୍ଚାଇ ରଖିବା ଉଭୟ ରାଷ୍ଟ୍ରର ନୈତିକ କର୍ତ୍ତବ୍ୟ । ସେମାନଙ୍କ ମୁଖରୁ ହସ ଲୁଟିନେବାର ଅଧିକାର କାହାର ନାହିଁ । ମାନବାତ୍ମାର ବିନାଶ ନୁହେଁ ବିକାଶ ଲୋଡା । ଏହା ଭଗବାନ ବୁଦ୍ଧଙ୍କର ନୈସର୍ଗିକ ନିର୍ଦ୍ଦେଶ । ଆପଣ ଶୀଘ୍ର ବନ୍ଦୀମାନଙ୍କୁ ମୁକ୍ତିର ଆଲୋକ ଦେଖାନ୍ତୁ ଶାନ୍ତି ଓ ପ୍ରୀତିର ଅଲିଭା ମଶାଲ ହୋଇ । ଏହା ଯୁଗଯୁଗ ଧରି ଘୋଷଣା କରୁଥିବ । ଅସୀମୁନରେ ବିଜୟ ସମ୍ଭବ କିନ୍ତୁ ହୃଦୟ ବିଜୟ ଲାଗି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଲୋଡା, ଅହିଂସାର ଆତ୍ମୀୟତା ଲୋଡା । ସମ୍ମାନର ସହ ବଞ୍ଚିବାକୁ ଏ ଜୀବନ, ମୃତ୍ୟୁର ନୁହେଁ, ନିର୍ବାଣର ।

ଅଶୋକ : ଧନ୍ୟ ତୁମର ରଜନୀତି, ସ୍ପଷ୍ଟ ତୁମର କୂଟନୀତି, ବାଗଦତ୍ତା, ଧୀଶକ୍ତି । ବନ୍ଦୀମାନଙ୍କୁ ମୁକ୍ତି ଦେବାରେ ମୋର ଆପତ୍ତି ନାହିଁ । ସୌଭାଗ୍ୟକୁ ମୁଁ ବର୍ତ୍ତିଗଲି ମହାପାତକ ଦଶାରୁ, ତୁମରି ଆଗମନ ଯୋଗୁ । ନଚେତ୍ ପ୍ରତ୍ୟୁଷରେ ରଣଭୂମିରେ ଦେଢଲକ୍ଷ କଳିଙ୍ଗ ସେନାକୁ ହତ୍ୟାକରି ଚିରଦିନ ପାଇଁ କଳଙ୍କିତ କୀର୍ତ୍ତିହୋଇ ବଞ୍ଚିଥାନ୍ତି ଜନମାନସରେ । ତୁମେ ମତେ ମହାପାତକରୁ ଉଦ୍ଧାର କରିଛ । ମୋ ଜୀବନରେ ତୁମେ ହିଁ ଆଦର୍ଶ । ଭିକ୍ଷାଦାନ ଦେଉଛି ଶାନ୍ତି ପ୍ରତିଷ୍ଠା ପାଇଁ ଦେଢଲକ୍ଷ କଳିଙ୍ଗ ସେନାଙ୍କୁ ମୁକ୍ତିକରି । ତେବେ...

କଳାବତୀ : ଅଟକିଗଲେ କାହିଁକି ମହାରାଜ... ? ପ୍ରକାଶ କରନ୍ତୁ ।

ଅଶୋକ : ଦାନଦେଲି । ଦକ୍ଷିଣା ଦେବାକୁ ଚାହୁଁଛି ।

କଳାବତୀ : ଦକ୍ଷିଣା !!! ମଙ୍ଗଳମୟ, ଆନନ୍ଦମୟ । ପ୍ରକାଶ କରନ୍ତୁ ବିନା ଦ୍ୱିଧାରେ ।

ଅଶୋକ : ହଁ ଦକ୍ଷିଣା, ମୋ ହୃଦୟ, ମୋ ଜୀବନର ଶ୍ରେଷ୍ଠ ସମ୍ପତି, ମୋ ହୃଦୟ ସାମ୍ରାଜ୍ୟର ସମ୍ରାଜ୍ଞୀ ହେବାକୁ । ମୋ ହାତଧରି ଆଲୋକର ସନ୍ଧାନରେ ମତେ ନେଇଯାଅ । ଜୀବନର ଅବଶିଷ୍ଟ ଦିନସବୁ ତୁମରି ସ୍ନେହ, ସାହାଯ୍ୟ, ସାହଚର୍ଯ୍ୟରେ କଟିଯାଉ ଶାନ୍ତିରେ, ପ୍ରୀତିରେ, ଅହିଂସାରେ । ମହାରାଣୀ ଅସନ୍ଧିମିତ୍ରାଙ୍କ ବନ୍ଧ୍ୟାତ୍ୱ ପାଇଁ ମନ ପୋଡିଯାଉଛି ଅପୁତ୍ରିକ ଦୁଃଖରେ । ନବାଗତା ରାଣୀ ପଦ୍ମାବତୀ ଆସକ୍ତି ଶୂନ୍ୟ । ତୁମେ ମୋର ହୃଦୟ ସମ୍ରାଜ୍ଞୀ ହୋଇ ଦ୍ୱିତୀୟ ପାଟରାଣୀ ହେବାକୁ ମୋର ଇଚ୍ଛାକୁ ସମ୍ମାନ ଦିଅ, ଅଶୋକର ଆତ୍ମାକୁ ଆଲୋକିତ କର ଶାନ୍ତିର ଦୀପାଳି ହୋଇ, ନିର୍ବାଣ ପଥର ଯାତ୍ରୀ ହୋଇ ।

କଳାବତୀ : ଲଜ୍ଜିତ ନୟନରେ ଅଶ୍ରୁଝରାଇ କହୁଥିଲେ ଅତୀତର ଅପରାଧ, ଦୋଷତ୍ରୁଟି ପାଇଁ କ୍ଷମାକରନ୍ତୁ । ମହାକାଳର ଗତିରୋଧ କରିବାକୁ ମଣିଷର ସାଧ୍ୟ କାହିଁ ? କଳିଙ୍ଗକୁ ପୂର୍ବବତ ସ୍ୱୟଂ ଶାସିତ ରାଜ୍ୟର ମାନ୍ୟତା ଦିଅନ୍ତୁ । କଳିଙ୍ଗ ଉପକୂଳରେ ମଗଧର ବାଣିଜ୍ୟ ପୋତ ଦୂରଦେଶକୁ ଯାତାୟତ ପାଇଁ ସୁବିଧା କରାଯାଉ । କଳିଙ୍ଗରେ ପୁନଃରୁଦ୍ଧାର, ପୁନଃନିର୍ମାଣର ଯୁଗ ଆରମ୍ଭ ହେଉ । ପରାଧୀନ ହୋଇ କେହି ଶାନ୍ତିରେ ରହିନାହିଁ, କେଉଁଠି ଶାନ୍ତି ପ୍ରତିଷ୍ଠା ହୋଇନାହିଁ । ଅସିମୁନରେ ବାଧ୍ୟବାଧକତାର ଚୁକ୍ତି ମିଥ୍ୟା, ସନ୍ଦେହପୂର୍ଣ୍ଣ ଅହମିକାପୂର୍ଣ୍ଣ । ଏହାଦ୍ୱାରା ଯୁଦ୍ଧ ବିଗ୍ରହ, ରାଜଦ୍ରୋହ, ବିଦ୍ରୋହ ବନାଗ୍ନି ପରି ବ୍ୟାପୀ ଅଶାନ୍ତି ଓ ଆତଙ୍କର ବାତାବରଣ ସୃଷ୍ଟି କରିଥାଏ । ଶାନ୍ତି, ପ୍ରୀତିପାଇଁ ସମୃଦ୍ଧି ବିକାଶପାଇଁ ଶାସନରେ ସ୍ଥିରତା ଲୋଡା । ପ୍ରଜାକୁଳ ସହ ନିକଟ ସମ୍ପର୍କ ଲୋଡା । ମୁକ୍ତି ଓ ମଙ୍ଗଳ ପଥରେ ଆପଣଙ୍କ ହୃଦୟ ସମ୍ରାଜ୍ୟର ଅଧିକାରୀ ହୋଇ ଆପଣଙ୍କର ଉପଯୁକ୍ତ ସେବା କରିପାରିଲେ ପ୍ରାଣମୋର ସାର୍ଥକ ହେବ । ଜୀବନହାନୀ ନୁହେଁ ଜୀବନଦାନ; ଅହିଂସର ମାର୍ଗ, ମଙ୍ଗଳର ମାର୍ଗ, ପରମ କର୍ତ୍ତବ୍ୟ, ପୁଣ୍ୟ, ପବିତ୍ର ।



ଅଶୋକ : (ଆନନ୍ଦରେ) ତମଲାଗି ଜୀବନ ମୋର ଧନ୍ୟ ଓ ସାର୍ଥକ । ତୁମର ଗୁରୁଦାୟିତ୍ୱ ଶାସନ ପଚିଚାଳନା ଠାରୁ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ପର୍ଯ୍ୟନ୍ତ, ରାଜନୀତିଠାରୁ କୂଟନୀତି ପର୍ଯ୍ୟନ୍ତ ରଣକୌଶଳ ଠାରୁ ରଣଭୂମି ପର୍ଯ୍ୟନ୍ତ ତୁମେ ହେବ ମଗଧ ସାମ୍ରାଜ୍ୟର ଅଧୀଶ୍ୱରୀ, ଦ୍ୱିତୀୟ ମହାପାଟରାଣୀ ।

କଳାବତୀ : ମୁଁ ଯେ କଳିଙ୍ଗ କନ୍ୟା । ଭୁଲି ଯାଉଛନ୍ତି କାହିଁକି ? ମୁଁ ଶତ୍ରୁରାଜ୍ୟର କନ୍ୟା । ଏତେ କ୍ଷମତା, ସମ୍ପଦ, ହୃଦୟ, ଧର୍ମପ୍ରଚାରର ଦାୟିତ୍ୱ ପୁଣି ଶତ୍ରୁରାଜ୍ୟର କନ୍ୟାକୁ ଅସମ୍ଭବ ଲାଗୁନି । କାହିଁ ଇତିହାସରେ ଏଭଳି ଘଟସୂତ୍ର ଘଟିନାହିଁ ? ଦ୍ୱିତୀୟ ପାଟରାଣୀର ମର୍ଯ୍ୟାଦା ମୋ ପାଇଁ ?

ଅଶୋକ : ତୁମର ଆଗମନରେ ରାଜଧାନୀ ପାଟଳିପୁତ୍ରରେ ଆନନ୍ଦର ଝଡ ଉଠିବ । ପ୍ରାଣ ଚଞ୍ଚଳ କର୍ମ ଚଞ୍ଚଳ ହୋଇ ଉଠିବ କଳିଙ୍ଗଠାରୁ ମଗଧ ଯାଏ । ତୁମରି ପାଦର ଲକ୍ଷାରକ୍ତରେ ପ୍ରୀତିର ପଦ୍ମଫୁଲ ଫୁଟିବ, ତୁମରି କୁହୁକମୟ ହସରେ ମୁଁ ଭୁଲିଯିବି ରଣକ୍ଷତ, ରଣକ୍ଳାନ୍ତି । ନବଜୀବନ ପାଇଁ ପ୍ରଜା ମଙ୍ଗଳ କାର୍ଯ୍ୟରେ ଜୀବନ ବିତେଇବି ତୁମରି ପରାମର୍ଶରେ ମାନବଧର୍ମର ପୂଜାରୀ ହୋଇ । ମୁଁ ଘୋଷଣା କରୁଛି ମୋ ରାଜ୍ୟରେ ଆଉ ଯୁଦ୍ଧ ହେବନାହିଁ । ମୁଁ ଅସି ତ୍ୟାଗ କରୁଛି । ଆବଶ୍ୟକତା ଠାରୁ ଅଧିକ ପ୍ରାଣୀ ହତ୍ୟା ହେବ ନାହିଁ । ଗୋସମ୍ପଦର ସୁରକ୍ଷା ହେବ । ଯୁଦ୍ଧ ବିଜୟ ପରିବର୍ତ୍ତେ ଧର୍ମ ବିଜୟ ହେବ । ମତେ ସ୍ୱୀକାର କର, ମତେ ନେଇଯାଅ ନିର୍ବାଣର ପଥରେ, ନିତ୍ୟ ଆନନ୍ଦର ମାର୍ଗରେ ଶାନ୍ତି ପ୍ରୀତି ପୀୟୂଷର ପ୍ରାଚୁର୍ଯ୍ୟରେ ଐଶ୍ୱର୍ଯ୍ୟରେ ଆଲୋକିତ ହେଉ, ମୁଖରିତ ହେଉ ଏ ଜୀବନର ଧୂଳିମାଟି, ବନାନୀ, ତଟିନୀ, ଆକାଶ, ପୃଥିବୀ ।

କଳାବତୀ : ମହାରାଜାଙ୍କ ମହାପାଟରାଣୀ ହେବାର ଲାଳସା ମୋର ନାହିଁ । ଲକ୍ଷ ଲକ୍ଷ ନରନାରୀଙ୍କ ହୃଦୟ ଲୁଣ୍ଠନ କରି ଏ ଯେଉଁ ବିଜୟ, ବିଜୟ ନୁହେଁ ପରାଜୟ, ପରାଭବ । କୀର୍ତ୍ତି ନୁହେଁ ଅପକୀର୍ତ୍ତି । ଚଣ୍ଡାଶୋକର ଚଣ୍ଡାଳ କାର୍ଯ୍ୟ । ଅଶ୍ରୁମୁଖୀ ମା'ର ଅଶ୍ରୁମୋଚନ କରି ଯିଏ ଅଶୋକ ନାମର ଗୌରବ ମଣ୍ଡନ କରିଛି ସିଏ ଆଜି ଲକ୍ଷ ଲକ୍ଷ ନିରୀହ ମା'ଙ୍କ ହୃଦୟରେ ରକ୍ତର ତାଣ୍ଡବଲୀଳା ରଚନା କରିଛି । ସେମାନଙ୍କର ଆଖିର ଲୁହ ପୋଛି ନଦେବା ଯାଏ ଚଣ୍ଡାଶୋକର ମୃତ୍ୟୁ ନାହିଁ । ଜନ୍ମ ଜନ୍ମାନ୍ତରରେ ଚଣ୍ଡାଶୋକ ନାମରେ ଜନପଦରେ, ଜନମାନସରେ ଘୃଣାର ପାତ୍ର ହୋଇ ରହିବେ ଚିରଞ୍ଜୀବୀ ହୋଇ । ଲୋକମୁଖରେ ଘୃଣିତ ଚଣ୍ଡାଶୋକର କେଉଁ କୀର୍ତ୍ତି ପାଇଁ କଳିଙ୍ଗର ରାଜକୁମାରୀ ମଙ୍ଗଳସୂତ୍ର ପିନ୍ଧିବ ? ତୁମର ହୃଦୟ ପରିବର୍ତ୍ତନ ନହେବା ଯାଏ କୁମାରୀ ହୋଇ ରହିବ କଳାବତୀ ,ସନ୍ନ୍ୟାସିନୀର ପବିତ୍ର ଜୀବନ କାଟିବ କଳାବତୀ, ମା' ଧର୍ମାଭଳି ।

ଅଶୋକ : ମତେ ବଞ୍ଚାଅ ପ୍ରାଣସଖୀ । ତୁମରି ପଣତ ତଳେ ମତେ ବଞ୍ଚେଇ ରଖ । ତୁମରି ନିର୍ଦ୍ଦେଶରେ ଚଣ୍ଡାଶୋକର ରୂପାନ୍ତର ହେଉ । ମଙ୍ଗଳସୂତ୍ର ପିନ୍ଧି ମତେ ମଙ୍ଗଳମାର୍ଗରେ ନେଇଯାଅ । ଅନ୍ଧାରମୟ ମୋ ହୃଦୟରେ ଘୃତ ସଞ୍ଜୀବତୀ ଭଳି ଜଳ । ପଶୁମନରେ ପବିତ୍ର ମଶାଲ ଭଳି ଜଳିଜଳି ମତେ ବଞ୍ଚେଇରଖ । ମୁଁ ବଞ୍ଚିବାକୁ ଚାହେଁ ।

କଳାବତୀ : ରାଜକୁମାରୀର ପଣତ ତଳେ ଆତ୍ମସମର୍ପଣ କରୁଛନ୍ତି ମହାମହିମ ମଗଧ ସମ୍ରାଟ ଅଶୋକ । ଶତ୍ରୁ ରାଜ୍ୟର ରାଜକୁମାରୀ ପାଖରେ ଏପରି ନିଃସର୍ତ୍ତ ଆତ୍ମସମର୍ପଣର ମୂଲ୍ୟ ନାହିଁ । ମଙ୍ଗଳର ମାର୍ଗ, ତ୍ୟାଗ, ତପସ୍ୟାର ମାର୍ଗ ଯେଉଁଠି ଚିରଞ୍ଜୀବୀ ଜୀବନ ସେଠାରେ ମୃତ୍ୟୁ ନାହିଁ । ତୁମେ କଣ ଚାଲିପାରିବ ମଙ୍ଗଳ ମାର୍ଗରେ ମାନବାତ୍ମାର ଉତ୍କର୍ଷ ପାଇଁ, ଦେବୋପମ ଉତ୍ତରଣ ପାଇଁ ?

ଅଶୋକ : ମୁଁ ପାରିବି । ମତେ ଦିଗ ଦେଖାଅ, ଦିଗଦର୍ଶନ ଦିଅ । କ୍ଷମତାର ଅହଂ ଭାବରେ ମୁଁ ଟାଣି ହୋଇଯାଉଛି ଅନ୍ଧାର ଆଡକୁ । ମତେ ରକ୍ଷାକର ମା' ଧର୍ମାଙ୍କର ପ୍ରିୟପୁତ୍ର ଜନସମାଜରେ ବଞ୍ଚିନରହୁ ଚଣ୍ଡାଶୋକର ଚଣ୍ଡାଳ କାର୍ଯ୍ୟ ପାଇଁ । ମତେ ମଙ୍ଗଳ ମାର୍ଗରେ ନେଇଯାଅ ।

କଳାବତୀ : ରାଜାର ଧର୍ମ ପ୍ରଜାର ମଙ୍ଗଳ କାମନା ଓ ମଙ୍ଗଳ କାର୍ଯ୍ୟ । ମୁଁ ବୌଦ୍ଧ ସନ୍ନ୍ୟାସିନୀ । ବୌଦ୍ଧଭିକ୍ଷୁ ଉପଗୁପ୍ତ ମୋର ଗୁରୁଦେବ । ଜୀବନରେ ପ୍ରଥମ ଭିକ୍ଷା ମୁଁ ମାଗୁଛି ତୁମକୁ ମୋ ପଣତ କାନିରେ ଦେଢଲକ୍ଷ କଳିଙ୍ଗ ସେନାକୁ ଶ୍ରୀଘ୍ର ମୁକ୍ତି ଦିଅ । ବନ୍ଦୀ ମଗଧ ସେନାକୁ ମୁକ୍ତି କରିଦେବାର ନିର୍ଦ୍ଦେଶ ପାଳିତ ହୋଇଛି । କଳିଙ୍ଗର ରକ୍ଷାମନ୍ତ୍ରୀ ପ୍ରତ୍ୟକ୍ଷ ଦାୟିତ୍ୱରେ ଅଛନ୍ତି । ବନ୍ଦୀମାନଙ୍କର ମନରେ ମୁକ୍ତିର ଆନନ୍ଦ । ସେମାନଙ୍କର ପରିବାର ମୃତ୍ୟୁ , କଷ୍ଟଣର ଭୟ, ଆତଙ୍କରୁ ମୁକ୍ତି । ଆନନ୍ଦରେ ଉଲ୍ଲସିତ ସମସ୍ତେ । ତୁମେ ପ୍ରତିଜ୍ଞା କର, ଆଜିଠାରୁ ଆଉ ଅସ୍ତ୍ର ଧରିବନାହିଁ । ମୋ ସମ୍ମୁଖରେ ଅସ୍ତ୍ର ତ୍ୟାଗ କର । କଳିଙ୍ଗ ମୌର୍ଯ୍ୟ ସମ୍ରାଜ୍ୟରେ ସ୍ୱୟଂଶାସିତ ରାଜ୍ୟ ହେଉ । ଯୁଦ୍ଧ ବିଜୟନୁହେଁ ଧର୍ମର ବିଜୟ ଲାଗି ଅହିଂସର ଅଭିଯାନ ଆରମ୍ଭ ହେବ । ମାନବ ମଙ୍ଗଳ ଲାଗି ଧର୍ମର ବିକାଶରେ ମନପ୍ରାଣ ଢାଳି କାର୍ଯ୍ୟକରିବାକୁ ପଡିବ । ଧର୍ମର ବିଜୟ ବଳରେ ଚଣ୍ଡାଶୋକ ହେବ ମାନବ ଜାତିର ଧର୍ମାଶୋକ ।

ଅଶୋକ : (ଅସି ଫିଙ୍ଗି ଦେଇ) ମା' ଧର୍ମାଙ୍କ ନାମରେ ଶପଥ କଲେ କଳାବତୀଙ୍କ ସମ୍ମୁଖରେ । ମାନବାତ୍ମାର ମଙ୍ଗଳ ପାଇଁ ମୁଁ ଅସିତ୍ୟାଗ କରୁଛି । କ୍ଷମତା ଲୋଭ ହିଂସା, ଭୟ, ଆତଙ୍କର ଅବସାନ ଲାଗି ମୁଁ ଶାନ୍ତି, ପ୍ରୀତି, ଅହିଂସ ମାର୍ଗରେ ଚାଲିବି ନିଷ୍ଠାପର ଭାବେ । ମାନବାତ୍ମାର ବିକାଶ ଲାଗି ମାନବଧର୍ମର ବିକାଶ ପାଇଁ ଚେଷ୍ଟା କରିବି । ତୁମରି ନିର୍ଦ୍ଦେଶରେ, ନେତୃତ୍ୱରେ ନବଜୀବନର ସଞ୍ଚାର ହେଉ ମୋ ଆତ୍ମାରେ । ମୁଁ ଘୋଷଣା କରୁଛି ବନ୍ଦୀମାନଙ୍କ ମୁକ୍ତିସହ କଳିଙ୍ଗ ମୌର୍ଯ୍ୟ ସାମ୍ରାଜ୍ୟର ସ୍ୱୟଂଶାସିତ ରାଜ୍ୟ ହୋଇ ରହିବ । ଯୁଦ୍ଧ ବିଜୟ ପରିବର୍ତ୍ତେ ଧର୍ମ ବିଜୟ ଆରମ୍ଭ ହେବ । ଧର୍ମର ବିକାଶ ଲାଗି ଧର୍ମ ମହାପାତ୍ରମାନେ ନିଯୁକ୍ତ ହେବେ । ଆବଶ୍ୟକତାଠାରୁ ଅଧିକ ପଶୁପକ୍ଷୀ ହତ୍ୟା କରାଯିବ ନାହିଁ । ଅହିଂସା ଓ ପ୍ରେମର ପବିତ୍ର ପରିବେଶରେ ରାଜ୍ୟର ସର୍ବବିଧ ମଙ୍ଗଳ ମୁଁ ଚାହେଁ ।

ଉଭୟ ରାଜ୍ୟର ମଙ୍ଗଳ ପାଇଁ କଳାବତୀ ଓ ଅଶୋକ ଶୁଭପରିଣୟରେ ଆବଦ୍ଧ ହୋଇଥିଲେ । ରାଜଧାନୀ ତୋଷାଳୀ ଠାରୁ ପାଟଳିପୁତ୍ର ଯାଏ ଧର୍ମ ବିଜୟର ଶୋଭାଯାତ୍ରାରେ ଜନଗଣ ବିସ୍ମିତ, ଆନନ୍ଦିତ ହୋଇଥିଲେ । କଳାବତୀ ରାସ୍ତାଘାଟରେ ପାନ୍ଥନିବାସ ଓ ଗୋଶାଳା, କୂପ, ପୁଷ୍କରିଣୀ, ପଶୁପକ୍ଷୀଙ୍କ ଚିକିତ୍ସା କେନ୍ଦ୍ର ଖୋଲିବାକୁ ପରାମର୍ଶ ଦେଲେ । ମାନବ କଲ୍ୟାଣ ପାଇଁ ଅଶୋକ ଧନଭଣ୍ଡାର ଖୋଲି ଦେଇଥିଲେ । କଳିଙ୍ଗର ଜନସାଧାରଣ ମନରୁ ଯୁଦ୍ଧର ଆତଙ୍କ ଓ କ୍ରୂରତା ଯେପରି ଯୁଗ ଯୁଗ ପାଇଁ ବଞ୍ଚି ନରହେ ସେଥିପାଇଁ କଳାବତୀଙ୍କ ନିର୍ଦ୍ଦେଶରେ କଳିଙ୍ଗ ବିଜୟର ଶିଳାଲେଖରେ, କଳିଙ୍ଗ ରାଜାଙ୍କ ନାମ କଳିଙ୍ଗରେ ଖୋଦିତ ଓ ସ୍ଥାପିତ କରି ନଥିଲେ । କାରଣ ଭବିଷ୍ୟତରେ କଳିଙ୍ଗବାସୀ ମଗଧ ଉପରେ ଆକ୍ରମଣ କରି ନରସଂହାର କରିବାର ଭୟ ରହିଛି । କଳିଙ୍ଗରେ ଶିଳାଲିପି ସ୍ଥାପିତ ହେଲେ ପୁରୁଷ ପୁରୁଷ ଧରି କଳିଙ୍ଗବାସୀ ବର୍ତ୍ତମାନଠାରୁ ଏକ ଭୀଷଣ ସଂଘର୍ଷ ପାଇଁ କ୍ରୋଧ ଓ ଘୃଣାରେ କୁହୁଳୁଥିବେ, ଯାହାଦ୍ୱାରା ସବୁବେଳେ ଭୟ, ସନ୍ଦେହ, ଆତଙ୍କର



ବାତାବରଣ ସୃଷ୍ଟି ହେବ । ଯୁଦ୍ଧର ଉତ୍ତେଜନା ଲାଗିରହିବ । ଜନକଲ୍ୟାଣ ଲାଗି ଅଧିକ ଅର୍ଥ ବ୍ୟତିରେକ ଯୁଦ୍ଧ ପ୍ରସ୍ତୁତିରେ ଅଧିକ ଅର୍ଥ ଖର୍ଚ୍ଚ ହେବ । ଭବିଷ୍ୟତରେ ନରସଂହାର ଓ ବିଷାକ୍ତ ଯୁଦ୍ଧ ଛାୟାଠାରୁ କଳିଙ୍ଗବାସୀଙ୍କୁ ଦୂରରେ ରଖିବାକୁ ଅଶୋକ କଳାବତୀଙ୍କ ଚତୁର ବୁଦ୍ଧିକୁ ପ୍ରଶଂସା କରିଥିଲେ ।

ମହାପାତକ ଦୋଷରୁ ମୁକ୍ତି ପାଇଁ ଅଶୋକ କଳାବତୀ ସହିତ ତୀର୍ଥ ଭ୍ରମଣରେ ଗୟା ପର୍ଯ୍ୟନ୍ତ ଯାଇଥିଲେ । ନେପାଳ ଭ୍ରମଣ ପାଇଁ ଯାଇଥିଲେ । ପ୍ରଥମ ପତ୍ନୀ ଦିବ୍ୟାଙ୍କର ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରା ସିଂହଳରେ ବୌଦ୍ଧଧର୍ମର ବୋଧି ଓ ବାଣୀ ପ୍ରଚାର କରିବାକୁ ଯାଇଥିଲେ । ସାନଭାଇ ବିତାଶୋକ ବୌଦ୍ଧଧର୍ମ ଗ୍ରହଣ କରି ଧର୍ମ ବିବର୍ଦ୍ଧନ ନାମରେ ଧର୍ମ ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟ କରୁଥିଲେ । କଳିଙ୍ଗ ଯୁଦ୍ଧର ଅଢେଇ ବର୍ଷପରେ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ।

ବୌଦ୍ଧଧର୍ମ ଗ୍ରହଣ କରିଥିଲେ ମଧ୍ୟ ସେ ଧର୍ମନିରପେକ୍ଷତା ପ୍ରତି ଦୃଷ୍ଟି ଦେଇଥିଲେ । କଳିଙ୍ଗରୁ ଜୀନମୂର୍ତ୍ତି ଆଣି ପିଥାଣ୍ଡୋ ଠାରେ ସ୍ଥାପିତ କରିଥିଲେ । ଜୈନ ମୁନିମାନଙ୍କର ଗୁମ୍ଫା ଖୋଳାଇଥିଲେ । ବୌଦ୍ଧଧର୍ମର ପ୍ରସାର ଓ ପ୍ରଚାରଲାଗି ଧର୍ମ ମହାପାତ୍ରମାନଙ୍କୁ ଇଣ୍ଡୋନେସିଆ, ଚୀନ, ନେପାଳ, ଶ୍ରୀଲଙ୍କା, ଜାଭା, ସୁମାତ୍ରା, ବର୍ମା ପ୍ରଭୃତି ରାଜ୍ୟକୁ ପଠାଇଥିଲେ । ସମାଜର ବିକାଶ ପାଇଁ ଅଶୋକ ଧର୍ମ ବା ମାନବ ଧର୍ମର ଉତ୍‌ଥାନ ଲାଗି କାର୍ଯ୍ୟ କରିଥିଲେ । ଅହିଂସା ପରମଧର୍ମ, ପିତାମାତାଙ୍କ ସେବା, ସତ୍ୟବଚନ, ଚୌର୍ଯ୍ୟବୃତ୍ତି ନକରିବା, ପ୍ରଜାମାନଙ୍କୁ ନିଜ ପିଲାମାନଙ୍କ ପରି ଲାଳନ ପାଳନ କରିବା ପ୍ରଭୃତି କାର୍ଯ୍ୟପାଇଁ ଜନସାଧାରଣଙ୍କ ହୃଦୟ ସମ୍ରାଟ ହୋଇଥିଲେ । କଳାବତୀଙ୍କ ସ୍ନେହ ଓ ସାହଚର୍ଯ୍ୟ ଦ୍ୱାରା ସେ ଚଣ୍ଡାଶୋକରୁ ଧର୍ମଶୋକ ହୋଇଥିଲେ ।

କଳିଙ୍ଗ ଯୁଦ୍ଧରେ କଳିଙ୍ଗବାସୀଙ୍କର ବଳିଦାନରେ ଅଶୋକ ବିଶ୍ୱ ଦରବାରରେ ପୂଜିତ ହେଲେ । ଶାନ୍ତି ଓ ଅହିଂସା ଭାବରେ ବିଶ୍ୱଶାନ୍ତିର ଶିଳାନ୍ୟାସ କରିଥିଲେ ସେ । ଏଭଳି ଦୃଷ୍ଟାନ୍ତ ବିଶ୍ୱ ଇତିହାସରେ ବିରଳ । ଚଣ୍ଡାଶୋକକୁ ଧର୍ମାଶୋକରେ ପରିବର୍ତ୍ତନ କରିବା ଲାଗି କଳିଙ୍ଗଃମାନେ ଯେଉଁ ତ୍ୟାଗ, ଧୈର୍ଯ୍ୟ, ନିଷ୍ଠା, ବୀରତ୍ୱ ପ୍ରଦର୍ଶନ କରିଛନ୍ତି ତାର ପଟାନ୍ତର ନାହିଁ । ଅଶୋକଙ୍କ ହୃଦୟ ପରିବର୍ତ୍ତନ ଦ୍ୱାରା ଅଶୋକ ବିଶ୍ୱବିଜୟୀ ହୋଇଛନ୍ତି । ଅହିଂସର ବୀଜ ବୁଣିଛନ୍ତି । ଶାନ୍ତିର ସଞ୍ଜୀବନୀ ମନ୍ତ୍ର ପଢିଛନ୍ତି, ମାନବାତ୍ମାର ଦୁଃଖରେ ବତୁରି ଯାଇଛି ତାଙ୍କର ପାପାସକ୍ତ ପ୍ରାଣ, ଉଛୁଳି ପଡିଛି ତାଙ୍କର ଦେବୋପମ ବ୍ୟକ୍ତିତ୍ୱ । ମାନବ ଧର୍ମର ମହାନୁଭବତା ସେ ଅନୁଭବ କରିଛନ୍ତି ମର୍ମେମର୍ମେ । ଜଣେ ମହାନ ସେବକ ଭାବେ ସେ ଯେଉଁ ମାନବମଙ୍ଗଳ ସେବା କରିଯାଇଛନ୍ତି ତାହା ବିଶ୍ୱ ଇତିହାସକୁ ଉଦ୍‌ବୁଦ୍ଧ କରୁଥିବ ଯୁଗଯୁଗ ଧରି । ସେ ଦେଖାଇ ଦେଇଛନ୍ତି ଅସି ଦ୍ୱାରା ଯୁଦ୍ଧରେ ବିଜୟ ସମ୍ଭବ କିନ୍ତୁ ହୃଦୟର ବିଜୟ ଲାଗି ମାନବିକତା ଲୋଡା, ମହନୀୟତା ଲୋଡା । ଆତ୍ମାର ଆନନ୍ଦଠାରୁ ଆନନ୍ଦ ନାହିଁ ସେ ଅନୁଭବ କରିଛନ୍ତି । ସଂସାରରେ ସବୁକିଛି ନଶ୍ୱର, କ୍ଷଣସ୍ଥାୟୀ କିନ୍ତୁ ଅହିଂସର ଭାବାଦର୍ଶ ଅକ୍ଷୟ, ଅଜୟ, ଅମର । ଚିରନ୍ତନ ଅହିଂସାର ବାଣୀ ଓ ବୋଧି । ମାନବାତ୍ମାର ମହନୀୟ ଅନୁଭବ ଅହିଂସା । ବିଶ୍ୱଶାନ୍ତିର ମୁଖ୍ୟ ମାର୍ଗ । ମାନବତାର ଦେବୋପମ ବିକାଶ ଓ ପ୍ରକାଶର ଧାରା ଗଙ୍ଗୋତ୍ରୀ ଭଳି ନିର୍ମଳ, କୋମଳ, କୁସୁମିତ । ଅହିଂସର ଭାବଧାରା ଦ୍ୱାରା ଚିରନ୍ତନ ଶାନ୍ତି ସମ୍ଭବ । ମାନବ ଜାତିର ମଙ୍ଗଳ ସେଥିରେ ନିହିତ । ଯୁଦ୍ଧ ଆତଙ୍କଠାରୁ ବିଶ୍ୱବାସୀଙ୍କୁ ରକ୍ଷା କରିବାର ଅକ୍ଷୟ କବଚ । ମାନବାତ୍ମାର ବିଜୟ ଲାଗି ଏହାର ଗୁରୁତ୍ୱ ଏବେ ବି ଉପଲବ୍ଧି ହେଉଛି ।

■■

# କ୍ଷତିପୂରଣ:ଯୁଦ୍ଧକ୍ଷତ ଯୁଦ୍ଧକ୍ଷତିର

କଳିଙ୍ଗଯୁଦ୍ଧର ଲୋମହର୍ଷଣକାରୀ ଦୃଶ୍ୟରେ ବିଦୀର୍ଣ୍ଣ ପୃଥିବୀ, ବିବର୍ଣ୍ଣ ଆକାଶ, ବିଷର୍ଣ୍ଣ ବଦନା ପ୍ରକୃତି । ଅଶ୍ରୁଆକୁଳ ବ୍ୟାକୁଳ ହୃଦୟର ହାହାକାର, ପୁତ୍ର ପାଇଁ ଜନନୀର, ପ୍ରିୟତମ ପାଇଁ ପ୍ରିୟତମାର, ପ୍ରାଣର ପୁରୁଷ ପାଇଁ ପ୍ରତୀକ୍ଷିତା ପ୍ରୀତିସ୍ୱଦାର, ପ୍ରାଣର ଆବେଗରେ କମ୍ପିଉଠୁଥିବା, ସବୁ ହରେଇ ନିଃସ୍ୱ, ନୀରବ ଦିଶୁଥିବା ନିଷ୍ପାପ ମୁହଁ ସବୁ ଅବାରିତ ଅଶ୍ରୁପାତରେ ଶୁଷ୍କ, ନୀରସ । ଶାଣିତ ସେ ଦୀର୍ଘଶ୍ୱାସ, ତପ୍ତ ଶୋଣିତର ସ୍ପର୍ଶଭଳି । ନିଗିଡି ପଡୁଥିବା ଲୁହସବୁ ଯେମିତି ଧସେଇ ପଶୁଥିଲା ଫଟାଭୂଇଁ, ପଞ୍ଜରା ଭିତରେ, ମାଟିମାଆର ଦୁଃଖରେ ପ୍ରାଣପାତି ଦେବାପାଇଁ । ଯୁଦ୍ଧର ଲେଲିହାନ୍ ମଧ୍ୟରେ ମୃତ୍ୟୁର ହଳାହଳ ପାନକରି ନୀଳ ପଡିଯାଇଥିବା ମୁହଁସବୁ କେତେ କରୁଣ, କ୍ଲାନ୍ତ, ଅବସନ୍ନ । କୁଢ କୁଢ ଶବ । ଆହତ ପ୍ରାଣର ରବ । ଶ୍ୱାନ, ଶୃଗାଳ, ଶାଗୁଣାର ବିକଟ ଚିତ୍କାର ରଣଭୂମିକୁ ରୋମାଞ୍ଚିତ କରୁଥିଲା ଅଶ୍ରୁ ଓ ଆତଙ୍କରେ, ବିଭତ୍ସ ଆର୍ତ୍ତନାଦରେ । ମହାକାଳର ଲୋମଶ ନୀଳ ହାତ ଘୂରି ବୁଲୁଥିଲା ଅଦୃଶ୍ୟରେ । ନିଗିଡି ପଡୁଥିଲା ଲୁହସବୁ କଟା ଅଙ୍ଗରୁ କ୍ରୂର କରବାଳର ଆଘାତରେ । ରକ୍ତସ୍ନାତ ରଣାଙ୍ଗନ । ରକ୍ତମୁଖୀ ହିଂସ୍ର ପ୍ରାଣ । କାଳରାତ୍ରୀର ନିର୍ଜନତାରେ ଭୟଙ୍କର ଦିଶୁଥିଲା ରଣସ୍ଥଳୀ । ଭସ୍ମୀଭୂତ ଜନପଦ ନୀରବ ଶ୍ମଶାନ ପ୍ରାୟ ନିଶୂନ୍ । ନଗର, ପ୍ରାନ୍ତର, ଜନପଦଠାରୁ କ୍ଷେତ ଖମାର ଯାଏ ସବୁଠି ଧ୍ୱଂସର ଚିହ୍ନ, ଅଶୋକଙ୍କର ନିର୍ଦ୍ଦୟ, ନିର୍ମମ ପ୍ରାଣକୁ ବିଚଳିତ କରିଥିଲା । ଯୁଦ୍ଧର ନିର୍ମମତାକୁ ସେ ଅନୁଭବ କରିଥିଲେ, କଳିଙ୍ଗରେ ଅଗଣିତ ବେସାମରିକ ଶିଶୁ, ବୃଦ୍ଧ, ନାରୀ ପ୍ରାଣରେ କ୍ରୂର କୃପାଣର କଟାଦାଗ ଦେଖି । ତାଙ୍କର ରକ୍ତ ଲୋଲୁପ ଆଖି କ୍ଷଣିକ ପାଇଁ ଅଶ୍ରୁସଜଳ ହୋଇଉଠିଥିଲା ନୀରବରେ, ମାତା ଧର୍ମାଙ୍କର ଅଶ୍ରୁମୁଖୀ ଆଖି ଦେଖି ।

କଳିଙ୍ଗ ଯୁଦ୍ଧରେ ବିଜୟର ଆନନ୍ଦରେ ମଦମତ୍ତ ନ ଥିଲେ ସମର କୁଶଳ, ସୁଚତୁର ସମ୍ରାଟ ଅଶୋକ । ମଗଧଠାରୁ ଅନେକ ଦୂରରେ କ୍ଷମତାର କପଟ ଷଡଯନ୍ତ୍ର ତାଙ୍କୁ ଅବରୁଦ୍ଧ କରି ରଖିଥିଲା । ବିଶାଳ ମଗଧ ସାମ୍ରାଜ୍ୟର ସୁପରିଚାଳନାର ଗୁରୁଭାର ତାଙ୍କୁ ଗମ୍ଭୀର କରିଥିଲା । ସାମ୍ରାଜ୍ୟର ସ୍ଥାୟିତ୍ୱ ପାଇଁ କଳିଙ୍ଗରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ଥିଲା ଅପରିହାର୍ଯ୍ୟ । ଅବିଜିତ କଳିଙ୍ଗକୁ କପଟ ଯୁଦ୍ଧରେ ପରାଜିତ କରି ଚିରକାଳ ପଦାନତ କରି ରଖିବା ମଗଧ ପକ୍ଷେ ସମ୍ଭବ ନୁହେଁ,ସେ ଅନୁଭବ କରିଥିଲେ । କଳିଙ୍ଗର ଜନମାନସରେ ଯୁଦ୍ଧକ୍ଷତର ଅଲିଭା ଦାଗ ମଗଧ କବଳରୁ ମୁକ୍ତିପାଇଁ ସବୁଦିନ



ଉଦ୍‌ବୁଦ୍ଧ କରୁଥିବ । ପୀଡିତ ପ୍ରଜାପ୍ରାଣର ଉପଯୁକ୍ତ ଉପଶମ ପାଇଁ ଶାନ୍ତିନୀତି ଘୋଷଣା କରିଥିଲେ ଅଶୋକ । କ୍ଷତିପୂରଣ ପାଇଁ ରାଜକୋଷକୁ ଉନ୍ମୁକ୍ତ କରିଥିଲେ । ସୁଧମୁକ୍ତ ଋଣ, ବିହନ, କୃଷକମାନଙ୍କୁ ଦେବାକୁ ବ୍ୟବସ୍ଥା କରିଥିଲେ । ସ୍ଥାନେ ସ୍ଥାନେ ଅନ୍ନଛତ୍ର ଖୋଲିଥିଲେ, ଅନାଥଶ୍ରମ, ବାଳାଶ୍ରମ ଗୁଡିକର ଯତ୍ନ କରିଥିଲେ । ବ୍ୟବସାୟ, ବାଣିଜ୍ୟର ପୁନ୍‌ରୁତ୍‌ଥାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ରାସ୍ତାଘାଟ, ପାନ୍ଥଶାଳା, ପାନୀୟଜଳର ବ୍ୟବସ୍ଥା କରିଥିଲେ । କଳିଙ୍ଗର ବିଧି, ବ୍ୟବସ୍ଥା, ସଂସ୍କୃତିରେ ସେ ହସ୍ତକ୍ଷେପ କରିନଥିଲେ । ପ୍ରଜାତନ୍ତ୍ରକୁ ରାଜତନ୍ତ୍ରରେ ପରିଣତ କରିବାର ହୀନ ଉଦ୍ୟମଠାରୁ ସେ ନିଜକୁ ଦୂରେଇ ରଖିଥିଲେ । ବିଶାଳ ମଗଧ ସାମ୍ରାଜ୍ୟରେ କଳିଙ୍ଗକୁ ସ୍ୱୟଂ ଶାସନାଧୀନ ରାଜ୍ୟରୂପେ ଘୋଷଣା କରି ନିଜର ବିଚକ୍ଷଣ ବୁଦ୍ଧିମତାର ପରିଚୟ ଦେଇଥିଲେ । ପ୍ରତିନିଧି ସଭାର ପୁର୍ନଗଠନ ଓ ପ୍ରଜାମଣ୍ଡଳ ପାଇଁ ନିର୍ବାଚନ କରିବାକୁ ସ୍ୱୀକୃତି ଦେଇଥିଲେ । କଳିଙ୍ଗର ବିଧି ଓ ବିଚାର ବ୍ୟବସ୍ଥାକୁ ସେ ସମ୍ମାନ ଦେଇଥିଲେ । ସେ ଉପଲବ୍ଧି କରିଥିଲେ କଳିଙ୍ଗ ବିଭବଶାଳୀ ହେଲେ, ମଗଧ ବିଭବାନ୍ୱିତ ହେବ । ଜନମଙ୍ଗଳ କାର୍ଯ୍ୟକ୍ରମ ଓ ଜନହିତକର କାର୍ଯ୍ୟକ୍ରମ ଦ୍ୱାରା କଳିଙ୍ଗରେ ଦ୍ରୁତ ଗତିରେ ଶାନ୍ତି, ସ୍ଥିରତା ଫେରିଆସୁଥିଲା । ଜନକଲ୍ୟାଣ କାର୍ଯ୍ୟର ପ୍ରତ୍ୟକ୍ଷ ପରିଚାଳନା ଦାୟିତ୍ୱରେ ଥିଲେ ସ୍ୱୟଂ । ଧୀରେ ଧୀରେ ଜନମାନସରେ ତାଙ୍କର ଲୋକପ୍ରିୟ କାର୍ଯ୍ୟାବଳୀ ଦ୍ୱାରା ବିଶ୍ୱାସର ଭାବ ଫୁଟି ଉଠୁଥିଲା । ବହିର୍ବାଣିଜ୍ୟର ପୁନଃରୁତ୍‌ଥାନ ପାଇଁ ଆୟକର ଓ ବାଣିଜ୍ୟକରକୁ କୋହଳ କରିଥିଲେ । ବନ୍ଦରାଞ୍ଚଳକୁ କରମୁକ୍ତ କରିଥିଲେ ଓ ବିକାଶ ପାଇଁ ଦୃଷ୍ଟି ଦେଇଥିଲେ । ନିର୍ବାଚିତ ମନ୍ତ୍ରୀମଣ୍ଡଳକୁ ସ୍ୱୀକୃତି ଦେଇଥିଲେ ।

ରାଜଧାନୀ ତୋଷାଳୀରେ ମୁକ୍ତ ଦରବାର ଆୟୋଜନ କରି ଜନସାଧାରଣଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଘୋଷଣା କରିଥିଲେ । ପ୍ରତିଦିନ ପ୍ରଜାମାନେ ନିଜନିଜର ଦୁଃଖ ଦୁର୍ଦ୍ଦଶା ବର୍ଣ୍ଣନା କରି କ୍ଷତିପୂରଣ ଦାବି କରୁଥିଲେ । ଅଶୋକ ପ୍ରସନ୍ନ ଚିତ୍ତରେ ମୁକ୍ତହସ୍ତରେ କ୍ଷତିପୂରଣ ଦେଉଥିଲେ । କଳିଙ୍ଗର ହୃଦୟ ବିଜୟ ପାଇଁ ସେ ଯୁଦ୍ଧକ୍ଷତ ଓ ଯୁଦ୍ଧକ୍ଷତିର କଳାଦାଗ ଲିଭାଇବାପାଇଁ କ୍ଷତିପୂରଣ ବ୍ୟବସ୍ଥା କରି ବିଶ୍ୱ ଇତିହାସରେ ମହନୀୟ ଅଧ୍ୟାୟ ଉନ୍ମୋଚିତ କରିଥିଲେ । ମାନବତା ଓ ମାନବବାଦର ମୁକୁଟ ବିହୀନ ସମ୍ରାଟଙ୍କ ଚେତନାରେ କରୁଣାର ଅରୁଣୋଦୟ ଧର୍ମ ବିଜୟର ଶୁଭ ଶଙ୍ଖଧ୍ୱନି ଭଳି ପ୍ରତୀୟମାନ ହୋଇଥିଲା । ମାନବାତ୍ମାର ମଙ୍ଗଳପାଇଁ ଚିନ୍ମୟ ଚେତନାର ଉତ୍ତରଣ ତାଙ୍କୁ ଅଭିଭୂତ କରିଥିଲା ଦିବ୍ୟ ଆନନ୍ଦରେ । ଶୋକସନ୍ତପ୍ତ ଜନସାଧାରଣଙ୍କୁ ସେ ଉଦ୍‌ବୋଧନ ଦେଉଥିଲେ ଶାନ୍ତି, ପ୍ରୀତିର ମହାଭାବରେ ଉଦ୍‌ବୁଦ୍ଧ ହୋଇ । ଆଶାପ୍ଲୁତ ଆନନ୍ଦର ଅମିୟ ସନ୍ଦେଶ ସେ ବାଣ୍ଟୁଥିଲେ କ୍ଷତାକ୍ତ ପ୍ରାଣରେ ସଞ୍ଜୀବନୀ ବାରିପରି । ମହାକାଳମୁଖୀ ଜୀବନର ସାର୍ଥକତାକୁ ଉପଲ୍‌ବଧି କରିଥିଲେ ମର୍ମେମର୍ମେ । ଦିଗ୍‌ବିଜୟ ଜନିତ ଅହଙ୍କାର ତାଙ୍କୁ ଅନ୍ଧ ନ କରି ନୂତନ ଆଲୋକର ମାର୍ଗ ଦେଖାଇଥିଲା ଦୟା ଓ କ୍ଷମାର ଦୟାବତାର ହେବାପାଇଁ । କଳିଙ୍ଗର ଜନସାଧାରଣ ଆତଙ୍କିତ ନ ହେବାପାଇଁ ସେ ବହୁ ଯତ୍ନ କରିଥିଲେ ।

ପ୍ରତିଦିନ ପ୍ରଜାକୁଳ ବହୁ ଦୂରଦୂରାନ୍ତରୁ ଆସୁଥିଲେ କ୍ଷତିପୂରଣ ଆଶାରେ । ଧାଡି ବାନ୍ଧି ନିଜର ଦୁଃଖ ଜଣାଉଥିଲେ । ଅଶୋକ ଆବେଗ ଆକୁଳ ଚିତ୍ତରେ ଶୁଣୁଥିଲେ ଦୁଃଖ ଓ ଶୋକର ଇସ୍ତାହାର ସବୁ । ସାନ୍ତ୍ୱନା ଦେଉଥିଲେ ସନ୍ତାନବତ୍ସଳ ପିତା, ପ୍ରଜାବତ୍ସଳ ରାଜାପରି । ବେଳେବେଳେ ନିଜ ଆସନରୁ ଉଠିପଡି ବିନମ୍ର ଭାବରେ ବିନୟର ସହ କଥା ହେଉଥିଲେ । ସେମାନଙ୍କର ରହିବା,

ଖାଇବା ଓ ସୁରକ୍ଷାର ପର୍ଯ୍ୟାପ୍ତ ସୁବିଧା କରୁଥିଲେ ।

ବଣିକ : ମହାରାଜ ଏହି ଭୟାବହ ଯୁଦ୍ଧରେ ମୋର ବାଣିଜ୍ୟପୋତ ଧ୍ୱଂସ ପାଇଛି । ମୁଁ ନିଃସ୍ୱ, ଅସହାୟ । ମତେ ଅଭୟ ଦିଅନ୍ତୁ ।

ଅଶୋକ : ମହାମନ୍ତ୍ରୀ ବଣିକଙ୍କୁ ବାଣିଜ୍ୟପୋତ ନିର୍ମାଣ କରିବାକୁ ବ୍ୟବସାୟ ନିମିତ୍ତ ଉପଯୁକ୍ତ ଅର୍ଥ ପ୍ରଦାନ କର ।

ରମଣୀ : ମହାଭାଗ ମୁଁ ମୋର ସ୍ୱାମୀକୁ ହରାଇ ସର୍ବସ୍ୱ ହରାଇଛି । ସେ ରାଜକର୍ମଚାରୀ ଥିଲେ । ମତେ ବଞ୍ଚାନ୍ତୁ ।

ଅଶୋକ : ମହାମନ୍ତ୍ରୀ ! ଏହାଙ୍କର ଯୋଗ୍ୟପୁତ୍ରଙ୍କୁ ଉପଯୁକ୍ତ ରାଜକର୍ମରେ ନିଯୁକ୍ତି ଦିଅ ।

ବୃଦ୍ଧ : ମଗଧ ସମ୍ରାଟ ମୋର ସମସ୍ତ ଗୃହ ସମ୍ପତ୍ତି, କ୍ଷେତ, ଖମାର ପୋଡି ପାଉଁଶ ହୋଇଯାଇଛି । ବୃକ୍ଷମୂଳରେ ଜୀବନ ବିତୁଛି । ମତେ ସାହାଯ୍ୟ କରନ୍ତୁ । କୃଷିକର୍ମ କରି ବଞ୍ଚିପାରିବି ।

ଅଶୋକ : ମହାମନ୍ତ୍ରୀ ! କୃଷକଙ୍କୁ ଉପଯୁକ୍ତ ଆର୍ଥିକ ଅନୁଦାନ, ମୁକ୍ତ ବିହନ ସହ ଗୃହ ନିର୍ମାଣ ପାଇଁ ଉପକରଣ ଶୀଘ୍ର ଯୋଗାଇ ଦିଅ ।

ସଙ୍ଗୀତଜ୍ଞ : ମହାସମ୍ରାଟ । ମୁଁ ରାଜ ଅନ୍ତଃପୁରୀରେ ସଙ୍ଗୀତଜ୍ଞ ଥିଲି, ସଙ୍ଗୀତ ମୋର ପେଷା । ଯୁଦ୍ଧ ପରେ ମୁଁ ବେକାର । ଜୀବନ ମୋର ବିପନ୍ନ ।

ଅଶୋକ : ମହାମନ୍ତ୍ରୀ ! ସଙ୍ଗୀତଜ୍ଞଙ୍କୁ ରାଜଦରବାରରେ ନିଯୁକ୍ତି ଦିଅ । ସଙ୍ଗୀତ ସାଧନା ସହ ଏହାର ବିକାଶ ପ୍ରତି ସେ କାର୍ଯ୍ୟ କରିବେ । ସଙ୍ଗୀତଶାଳାରେ ସଙ୍ଗୀତଶିକ୍ଷାର କାର୍ଯ୍ୟକ୍ରମ ଆରମ୍ଭ କର ।

ଶିଳ୍ପୀ : ଯୁଦ୍ଧଯୋଗୁଁ ମୋର ସର୍ବନାଶ ଘଟିଛି ମହାଭାଗ । ଏହି ଭୟାବହ ଯୁଦ୍ଧରେ ନିର୍ମାଣରତ ମନ୍ଦିର, ବୌଦ୍ଧବିହାର, ଜୈନବିହାର, ମନ୍ଦିର ସବୁ ଧୂଳିସାତ୍ ହୋଇଛି ।

ଅଶୋକ : ମହାମନ୍ତ୍ରୀ, କଳିଙ୍ଗ କଳାର ଦେଶ । ଶିଳ୍ପୀ କୁଳର ଅଶେଷ କ୍ଷତି ଘଟିଛି ଏହି ଯୁଦ୍ଧରେ । ସେମାନଙ୍କର ବିକାଶ ମୁଁ ଚାହେଁ । ସେମାନେ ଚିର ଅମର ଅକ୍ଷୟ କଳାକୃତି ପାଇଁ । ସମୟ ସୁଅରେ ସମସ୍ତେ ହଜିଯିବେ କିନ୍ତୁ ବଞ୍ଚିରହିବ ସେମାନଙ୍କର ହାତ ଓ ହୃଦୟର କଳାକୀର୍ତ୍ତି ସବୁ । ଶିଳ୍ପୀମାନଙ୍କର ବସତି ସ୍ଥାପନ କରି ସେମାନଙ୍କୁ ପୁର୍ନଗଠିତ କର । ନବୀନ ଉତ୍ସାହର ସହ ସେମାନେ ଧ୍ୱସଂମୁଖୀ କ୍ଷତିଗ୍ରସ୍ତ ଅଟ୍ଟାଳିକା, ମନ୍ଦିର, ରାଜବାଟୀ, ଜୈନଧର୍ମ ବିହାର, ମଠ, ବୌଦ୍ଧପୀଠ ପ୍ରଭୃତିର ମରାମତି କରନ୍ତୁ ଓ ନବ ନିର୍ମାଣ ନିମିତ୍ତ ବନ୍ଦୋବସ୍ତ କର । ଶିଳ୍ପୀକୁଳର ସମୃଦ୍ଧି ମୋର କାମ୍ୟ ।

ପାଇକ : ମହାଭାଗ ଏହି ଯୁଦ୍ଧରେ ମୁଁ ମୋର ଦକ୍ଷିଣ ହସ୍ତ ହରାଇ ଅକର୍ମଣ୍ୟ ହୋଇଯାଇଛି । ପରିବାର ମୋର ଦୁଃଖ, ଦାରିଦ୍ର୍ୟରେ ଛଟପଟ ହେଉଛନ୍ତି ।

ଅଶୋକ : ମହାମନ୍ତ୍ରୀ ! ଆହତ ପାଇକଙ୍କର ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ସହ ପରିବାରର ଭରଣପୋଷଣ ନିମିତ୍ତ ଆର୍ଥିକ ବନ୍ଦୋବସ୍ତ କର ।

ସେନାପତି : ମଗଧ ସମ୍ରାଟଙ୍କୁ ଅଭିବାଦନ ଜଣାଉଛି । ମହାଭାଗ, ମୁଁ କଳିଙ୍ଗ ଯୁଦ୍ଧରେ ପ୍ରାଣବଳି ଦେଇଥିଲେ ପ୍ରାଣ ମୋର ସାର୍ଥକ ହୋଇଥାନ୍ତା । ଏବେ ବଞ୍ଚିବା ନିରର୍ଥକ । ମୁଁ କି



ସେବାରେ ଲାଗିପାରେ ?

ଅଶୋକ : ମହାମନ୍ତ୍ରୀ ! କଳିଙ୍ଗର ପୂର୍ବତନ ସେନାପତି ଅପୂର୍ବ ରଣକୁଶଳୀ । ତାଙ୍କର ଆପତ୍ତି ନ ଥିଲେ ମଗଧ ସାମ୍ରାଜ୍ୟର ରାଷ୍ଟ୍ରୀୟ ସେନାରେ ପୂର୍ବ କଳିଙ୍ଗର ସେନାପତି ପଦରେ ସସମ୍ମାନେ ନିଯୁକ୍ତି ଦିଆଯାଉ ।

ମହାମନ୍ତ୍ରୀ : ମହାରାଜ ! ଅସମ୍ଭବ ! ଏହା ଯେ ରଣନୀତିର ବିରୋଧୀ । କଳିଙ୍ଗର ପୂର୍ବତନ ସେନାପତିଙ୍କୁ ମଗଧର ରାଷ୍ଟ୍ରୀୟ ସେନାରେ ସେନାପତି ପଦରେ ନିଯୁକ୍ତ ଦେବା ପୂର୍ବରୁ ପୁଣି ଚିନ୍ତା କରିବାକୁ ଅନୁରୋଧ । ରାଷ୍ଟ୍ରହିତ...

ଅଶୋକ : ହଁ ରାଷ୍ଟ୍ରହିତ ନିମିତ୍ତ ମୋର ନିର୍ଦ୍ଦେଶ । ସେନାପତିର କର୍ତ୍ତବ୍ୟ, ଶତ୍ରୁ କବଳରୁ ଦେଶମାତୃକାକୁ ଉଦ୍ଧାର କରିବା । ଆଜି ମଗଧ ସାମ୍ରାଜ୍ୟର ସ୍ୱୟଂଶାସିତ କଳିଙ୍ଗର ସୁରକ୍ଷା ପାଇଁ ତାଙ୍କୁ ସେନାପତି ପଦରେ ଭୂଷିତ କରି କଳିଙ୍ଗର ସେନାପତିଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ପଡିବ ।

ମହାମନ୍ତ୍ରୀ : ଧନ୍ୟ, ଆପଣଙ୍କର ରାଷ୍ଟ୍ରନୀତି । ଆପଣଙ୍କର ନିର୍ଦ୍ଦେଶ ଅଚିରେ ପାଳିତ ହେବ ମହାରାଜ ।

ଜୈନ ସନ୍ନ୍ୟାସୀ : ମହାଭାଗ କଳିଙ୍ଗ ଯୁଦ୍ଧରେ ଜୈନ ବିହାରମାନଙ୍କର ବହୁକ୍ଷତି ଘଟିଛି । ଆପଣ ଧର୍ମ ବୀର । ଜୈନଧର୍ମର ସୁରକ୍ଷା ପାଇଁ ନିବେଦନ ।

ଅଶୋକ : ଆତଙ୍କର କାରଣ ନାହିଁ । ରାଜଧର୍ମରେ ସବୁଧର୍ମର ସ୍ଥାନ ସମାନ । ଜୈନ ଧର୍ମାଚାରୀ ମାନଙ୍କର ମଙ୍ଗଳ ମୋର ନିର୍ଦ୍ଦେଶ ।

ଜଣଙ୍କ ପରେ ଜଣେ ପ୍ରତ୍ୟେକ ପ୍ରଜାକୁ ବିପୁଳ କ୍ଷତିପୂରଣ ଦେଇ ଆତ୍ମତୃପ୍ତି ଅନୁଭବ କରୁଥିଲେ ଅଶୋକ । କଳିଙ୍ଗର ହୃଦୟ ବିଜୟ ପାଇଁ ଏ ଅଭିଯାନ । ରାଷ୍ଟ୍ରନୀତି ଓ କୂଟନୀତିରେ ପ୍ରବୀଣ ଅଶୋକଙ୍କ ପ୍ରାଣରେ ଆଶାପ୍ଲୁତ ଆନନ୍ଦ କଳିଙ୍ଗକୁ ମଗଧ ସାମ୍ରାଜ୍ୟରେ ମିଶାଇ କଳିଙ୍ଗବାସୀଙ୍କ ପ୍ରାଣରୁ ଯୁଦ୍ଧକ୍ଷତ ଲିଭାଇ, ପ୍ରତିଶୋଧ, ପ୍ରତିହିଂସାର ପ୍ରଳୟ ବହ୍ନିରୁ ମଗଧକୁ ସବୁଦିନ ପାଇଁ ବିପଦମୁକ୍ତ କରିଛନ୍ତି । ମୈତ୍ରୀ, ପ୍ରୀତି ଓ ଭାତୃତ୍ୱର ଅମର ଅଧ୍ୟାୟ ସୃଷ୍ଟି କରିଛନ୍ତି । କଳିଙ୍ଗ ସହ ବନ୍ଧୁତ୍ୱର ହାତ ବଢାଇ ସେ ରଣନୀତି ଭଳି କୂଟନୀତିରେ ଚରମ ବିଜୟ ଲାଭ କରିଛନ୍ତି । କଳିଙ୍ଗର ମାଟି, ଗୋଡି, ପାହଡ, ପର୍ବତ, ନଦ, ନଦୀ, ମହୋଦଧି ସହ ପ୍ରାଣ, ପ୍ରାଚୁର୍ଯ୍ୟକୁ ଜୟ କରିଛନ୍ତି ବୁଦ୍ଧି ବଳରେ । ସବୁଦିନେ ପ୍ରଜାମାନଙ୍କର ଭିଡ ଲାଗୁଥିଲା କ୍ଷତି ପୂରଣ ପାଇଁ । ପରେ ପରେ ସେମାନଙ୍କର ସଂଖ୍ୟା କମିବାରେ ଲାଗିଲା । ଦିନେ ଅଶୋକ ସମସ୍ତଙ୍କୁ କ୍ଷତି ପୂରଣ ଦେଇସାରି ଦେଖିଲେ ଦରବାରର ଶେଷ ଭାଗରେ ବୃକ୍ଷକୁ ଆଉଜି ବୁଢୀଟିଏ ବସିଛି । କୋଟରଗତ ଆଖିରେ ଅଶ୍ରୁ । ସର୍ବସ୍ୱ ହରାଇ ଯେପରି ନିଷ୍ପ୍ରଭ, ମଳିନ ଦିଶୁଥିଲେ କୋହ ଓ ମୋହରେ ଶୋକଚ୍ଛ୍ୱାସ ହୋଇ । ଅନ୍ତର ତାଙ୍କର ଯେପରି ଦୁହିଁ ହୋଇ ଯାଉଥିଲା ଅସୀମ ଦୁଃଖରେ । ଦାରୁଣ ଦୁର୍ଭାଗ୍ୟରେ । ଅଶୋକ ଅଭିଭୂତ ହୋଇପଡିଲେ ବୁଢୀର ଦୟନୀୟ ଅବସ୍ଥା ଦେଖି । ବୁଢୀକୁ ଆସ୍ତେ ଡାକିଲେ ସମ୍ବିତ ଫେରାଇ ଆଣିବାକୁ ।

ଅଶୋକ : ମା' ଉଠ ! (କଣ୍ଠରେ ଅନୁରାଗମୟ ଅପୂର୍ବ ଆର୍ଦ୍ରତା ବୁଢୀ ପ୍ରାଣକୁ ଆଲୋଡିତ କଲା । ବୁଢୀ ଆଖି ଖୋଲିଲେ ଆସ୍ତେ ଆସ୍ତେ ନିସ୍ତେଜ ପ୍ରାଣରେ ଆଶା ସଞ୍ଚାର ହେଲା ଭଳି ।

ଧୀର ସ୍ୱରରେ ପଚାରିଲେ, ''କିଏ'' ?

ଅଶୋକ : ମା', ମୁଁ ମଗଧ ସମ୍ରାଟ ଅଶୋକ । ଯୁଦ୍ଧରେ ତୁମେ କିଛି ହରାଇଥିଲେ ମୁଁ ଫେରାଇଦେବି ।

ବୁଢ଼ୀ : ହୁଁ ! ମତେ ମା ଡାକିବାର ଅଧିକାର ସେ ନରପିଶାଚ ଅଶୋକର ନାହିଁ । ନରରାକ୍ଷସ ଅଶୋକର ମା ମୁଁ ନୁହେଁ । ମା ଛେଉଣ୍ଡର ମା କାହିଁ ? ମୋ ପୁଅର ମା ମୁଁ । ଭେଣ୍ଡା ପୁଅ, ଯୁଆନ ପୁଅର ମା ମୁଁ । ଯାହାର ବଳିଲା ବଳିଲା ହାତ, ଗୋଡ ଦେଖିଲେ, ''ଯାହାର ମା' ଡାକରେ ପ୍ରାଣ ମୋର ପୂରି ଉଠୁଥିଲା । ସେଇ ପୁଅକୁ ମୋର, ରଣହନ୍ତା ଅଶୋକ ନିଜ ହାତରେ ନିଷ୍ଠୁର ଭାବେ... ଓଃ ମୋ ଛାତି ଫାଟି ଯାଉଛି । ଓଃ ଅସହ୍ୟ ସେ ଦୃଶ୍ୟ... ଅସହ୍ୟ ଯନ୍ତ୍ରଣାରେ ଫାଟି ଯାଉଛି ।

ଅଶୋକ : ଜଣେ ସାଧାରଣ ସୈନିକର ମା ତୁମେ । ଅଜୟ କଳିଙ୍ଗର ବୀରା ଜନନୀଙ୍କ ଆଖିରେ ଅଶ୍ରୁଶୋଭା ପାଏନା ।

ବୁଢ଼ୀ : ପୁଅ ମୋର ସାଧାରଣ ସୈନିକ ନ ଥିଲା । ଯାହାର ମୃତ୍ୟୁରେ ମୁଁ ଅଧୀର ହେବି । ସେ ଥିଲା ଅଜୟ କଳିଙ୍ଗର ତରୁଣ ସେନାପତି ଯିଏ ସେନାପତି ପଦକୁ ପ୍ରତ୍ୟାଖାନ କରି ସାଧାରଣ ସୈନିକ ଭାବେ ତାର ସାଥିମାନଙ୍କୁ ଦୁର୍ଦ୍ଧର୍ଷ ସେନାପତି କରି ଗଢିଥିଲା । ନାଁ ତାର ଶତଦ୍ରୁ (ମ)

ଅଶୋକ : ଶତଦ୍ରୁ ! ଓଃ କି ଭୀଷଣ ତାର ଶକ୍ତି, ସଂଗ୍ରାମ । ଥରି ଉଠୁଥିଲା ରଣଭୂମି । କମ୍ପିଉଠୁଥିଲା ରଥୀ, ମହାରଥୀଙ୍କର ପ୍ରାଣ ପଞ୍ଜର । ମନେ ପଡୁଛି ମୋର ସେଇ ରକ୍ତ କ୍ଷୟୀ ଦୃଶ୍ୟ । ଉତ୍ତର ଭାଗରେ ଯୁଦ୍ଧର ନେତୃତ୍ୱ ନେଇ କଳିଙ୍ଗ ସେନାପତି ଚଣ୍ଡସେନ ମଗଧ ସେନାରେ ଆତଙ୍କ ସୃଷ୍ଟି କରିଥିଲେ । ମଗଧ ସେନାକୁ ପରାଭବରୁ ରକ୍ଷା କରିବାକୁ ମୁଁ ନିଜେ ସମ୍ମୁଖ ସଂଗ୍ରାମରେ ନେତୃତ୍ୱ ନେଇଥିଲି । ଯୁଦ୍ଧର କ୍ଷୟକ୍ଷତି, ରକ୍ତର ହୋରିରେ ଲାଲ, ଲେଲିହାନ୍‌ମୟ ଦିଶୁଥିଲା ରଣଭୂମି । ଭୀଷଣ ସଂଗ୍ରାମ ବେଳେ ଗଜ ଓ ଅଶ୍ୱାରୋହୀଙ୍କ ଆକ୍ରମଣ ଓ ପଶ୍ଚାତ୍‌ଧାବନ ସମୟରେ କଳିଙ୍ଗ ସେନାର ପାଞ୍ଚଶତ ମୁଷ୍ଟିମେୟ ସେନା ଅତର୍କିତ ଭାବେ ମଗଧ ସେନାର ଉତ୍ତର ପଶ୍ଚିମ ପଟକୁ ପଶିଯାଇ ପଛଭାଗରୁ ସଶ୍ରୁଆସି ଆକ୍ରମଣ ଆରମ୍ଭ କରିଦେଇଥିଲେ । ମଗଧର ସେନା ଛିନ୍ନଭିନ୍ନ ହେଉଥିଲେ ସେମାନଙ୍କର ଅସମ୍ଭବ ରଣକୌଶଳ ଓ ଆକ୍ରମଣ ଆଗରେ । ସେମାନଙ୍କୁ ନିଶ୍ଚିହ୍ନ କରିବାପାଇଁ ସେନାପତି ରକ୍ଷାକବଚ ଦୁଇହଜାର ସେନାସହ ସଂଗ୍ରାମରେ ନେତୃତ୍ୱ ନେଇଥିଲେ । ସେଇ ରକ୍ତକ୍ଷୟୀ ରଣାଙ୍ଗନରେ କଳିଙ୍ଗର ମୁଷ୍ଟିମେୟ ସେନାରେ ସେନାପତି ନଥିଲେ । ସେନାପତି ରକ୍ଷାକବଚ ବିସ୍ମିତ, ସ୍ତମ୍ଭୀଭୂତ ହୋଇଥିଲେ ସେ ମୁଷ୍ଟିମେୟ କଳିଙ୍ଗ ସେନାର ବୀରତ୍ୱ, ବଳିଦାନରେ । ପ୍ରତ୍ୟେକ ସାଧାରଣ ସୈନ୍ୟ ଥିଲେ ଜଣେ ଜଣେ ଦୁର୍ଦ୍ଧର୍ଷ ତରୁଣ ସେନାପତି । ମଗଧ ଶକ୍ତିରେ ଆତଙ୍କ ଓ ରକ୍ତର ତାଣ୍ଡବଲୀଳା ସୃଷ୍ଟି କରିଥିଲେ ସେମାନେ । ଶତଦ୍ରୁ ଡାକରେ ସମସ୍ତେ ସମସ୍ତଙ୍କୁ ଜାଣୁଥିଲେ । ଅନେକ ଶତଦ୍ରୁଙ୍କ ମୃତ୍ୟୁରେ ଯେପରି ଶତଦ୍ରୁର ମୃତ୍ୟୁ ନ ଥିଲା । ଅଜୟ ଶତଦ୍ରୁ । ସେଦିନ କରାଳ ଯୁଦ୍ଧରେ ମଗଧର ଶ୍ରେଷ୍ଠ ସେନାପତି ରକ୍ଷାକବଚ ପ୍ରାଣବଳି ଦେଇଥିଲେ ଶତଦ୍ରୁ ହାତରେ । ଏ ସମ୍ବାଦ ପାଇବାମାତ୍ରେ ପ୍ରାଣ ମୋର ଥରି ଉଠୁଥିଲା ଅସମ୍ଭବ ପ୍ରତିଶୋଧର ବହ୍ନିରେ । କଳିଙ୍ଗ ସେନାପତି ଚଣ୍ଡସେନ ସହ ଯୁଦ୍ଧ ଅମୀମାଂସିତ ରଖି ମୁଁ ନିଜେ ଶତଦ୍ରୁ ସହ ସମ୍ମୁଖ ସମରରେ



ଅବତୀର୍ଣ୍ଣ ହୋଇଥିଲି । ଭୀଷଣ ସଂଗ୍ରାମ ପରେ ଆହତ ହୋଇ ଶତଦ୍ରୁ ମହାଭାରତର ବୀର ଅଭିମନ୍ୟୁ ଭଳି ଯୁଦ୍ଧ କରୁଥିଲେ, ଅଜୟ ସେନାପତି ଭଳି । ହଠାତ୍ ତୀର ମାଡରେ ସେ ଭୂପତିତ ହେବାବେଳେ ମଗଧର ସେନା ତାଙ୍କୁ ମାଡିବସି ବନ୍ଦୀକରି ଆଣିଥିଲେ ମୋ ପାଖକୁ । ବନ୍ଦୀ ଅବସ୍ଥାରେ ଶତଦ୍ରୁକୁ, ରଥ ଉପରେ ସେନାପତି ରକ୍ଷାକବଚର ମୃତ୍ୟୁର ପ୍ରତିଶୋଧ ପାଇଁ କଳିଙ୍ଗ ସେନାପତି ଚଣ୍ଡସେନ ଆଗରେ ଶତଦ୍ରୁର ମୁଣ୍ଡ କାଟି ଫିଙ୍ଗି ଦେଇଥିଲି ହିଂସ୍ରଭାବେ । ମୁଁ ଯେପରି ତାକୁ ହତ୍ୟା କରିଥିଲି ମୁଣ୍ଡ ମୋର ନଇଁ ଯାଉଛି ନୀରବରେ ତାର ଅସୀମ ବୀରତ୍ୱ, ଅପରାଜେୟ ଶକ୍ତି ଆଗରେ । ଶତଦ୍ରୁମର ଶକ୍ତି ଭଳି ଶତଦ୍ରୁ । ଧନ୍ୟ ଶତଦ୍ରୁ । ଧନ୍ୟ ତାର ବୀରା ଜନନୀ । ଯାହଙ୍କ ଆଗରେ ମୁଁ ଅପରାଧୀ ।

ବୁଢ଼ୀ : ହଁ ଶତଦ୍ରୁର ମଥା ମୁଁ ପଣତକାନୀରେ ଫେରିପାଇଥିଲି, କାନ୍ଦିଥିଲି ପ୍ରଥମ କରି କଳିଙ୍ଗର ଦୀପ୍ତିମାନ ସୂର୍ଯ୍ୟ ଅସ୍ତ ହେବାର ଆଶଙ୍କାରେ । ଆଜି କଳିଙ୍ଗର ମାଟି, ଗୋଡି, ପାଣି, ପବନ ପରାଧୀନ । କ୍ଷତିପୂରଣ ଦେଇ, କଳିଙ୍ଗର ହୃଦୟ ବିଜୟ ପାଇଁ ତୁମର ଏ ଯେଉଁ ଅଭିଯାନ କଳିଙ୍ଗ ଜନନୀକୁ ଅପମାନ କରିବାକୁ ନୁହେଁ ତ ?

ଅଶୋକ : ନା... ମା... ନା... କଳିଙ୍ଗ ଜନନୀ ବୀରା, ବନ୍ଦନୀୟା । ତାର ହୃତ ସମ୍ମାନ ଫେରାଇଦେବାକୁ ମୁଁ ଚାହେଁ । କୁହ ମା' କଣ ଚାହଁ ?

ବୁଢ଼ୀ : ଫେରେଇଦେ ମୋର ପୁଅକୁ ।

ଅଶୋକ : ଏ ଅସମ୍ଭବ ମା ! ମୃତ ପୁତ୍ରକୁ ମୁଁ କିପରି ଫେରାଇପାରିବି ? ଯେତେ ଧନ ରତ୍ନ ଚାହଁ... ମୁଁ ପାରିବି ।

ବୁଢ଼ୀ : ନା । ଜନନୀ ହୃଦୟର ମହନୀୟତା କେବଳ ମାତୃସ୍ନେହ ଲାଭ କରିଥିବା ତାର ପୁଅ ବୁଝିପାରେ । ଶତଶତ ଜନନୀଙ୍କ କୋଳଶୂନ୍ୟ କରି ତୁ ବୁହାଇଛୁ ତପ୍ତ ଶୋଣିତ ଧାରା । ପୁତ୍ରହରା ମା'ର ଶୋକ ତୁ କଣ ବୁଝିପାରିବୁ ?

ଅଶୋକ : (ମାତୃସ୍ନେହରୁ ବଞ୍ଚିତ ଅଶୋକ ମ୍ରିୟମାଣ ଦିଶୁଥିଲେ ଉଦାରତାରେ, ଅନୁକମ୍ପାରେ, ଅନୁତାପରେ ଲକ୍ଷ ଲକ୍ଷ ଜନନୀଙ୍କୁ ପୁତ୍ରଶୋକରେ ଭସାଇ ଦେଇ ''ମା' ଧର୍ମା''ଙ୍କର ଧର୍ମ କୀର୍ତ୍ତିରେ କଳଙ୍କ ବୋଳିଥିଲେ । ବ୍ୟାକୁଳ ହୋଇ ସେ କହିଲେ, ''ହଁ, ମା' ମୁଁ ପାରିବି, କୁହ ତୁମ ପ୍ରାଣର ବ୍ୟଥା, ତୁମ ପ୍ରାଣର ବ୍ୟଥା ମୁଁ ବୁଝିପାରିବି '' ।

ବୁଢ଼ୀ : ଆଜିଠାରୁ ଯୁଦ୍ଧ ବିଜୟ ପରିତ୍ୟାଗ କରି ଧର୍ମ ବିଜୟର ଅଭିଯାନ କର । ପ୍ରତ୍ୟେକ ପ୍ରାଣକୁ ଧ୍ୱଂସର ଆଶଙ୍କା ଓ ଆତଙ୍କଠାରୁ ଦୂରେଇ ଦେଇ ଶାନ୍ତି ଓ ପ୍ରୀତିର ପର୍ବ ସର୍ବତ୍ର ପାଳନ କର । ମଣିଷର ଶତ୍ରୁ ମଣିଷ ପାଲଟିଛି କ୍ଷମତାର ଲୋଭରେ । ଆଜିଯାଏ ମଣିଷ ମଣିଷ ହତ୍ୟାର ହୋରି ଖେଳୁଛି ପଶୁ, ପିଶାଚ, ପାଷଣ୍ଡ ହୋଇ । ଈଶ୍ୱରଙ୍କ ଲୀଳା ରାଜ୍ୟରେ ନାରକୀୟ ଲୀଳାରେ ମଗ୍ନ ମୋହଗ୍ରସ୍ତ ମାୟାବୀ ମଣିଷ । ଦୟା, ମାୟା, କ୍ଷମା, ପ୍ରେମର ଦେବୋପମ ଗୁଣାବଳୀର ବିକାଶ ପରିବର୍ତ୍ତେ ହିଂସା ଓ ଧ୍ୱଂସର ହିଂସ୍ରଦାନବ ପାଲଟିଛି ମଣିଷ । ହିଂସାର ପଥ ପରିହାର କରି ଅହିଂସ ଓ ପ୍ରେମର ମାର୍ଗ ବାଛିନିଅ । ମାନବ ଶିଶୁର ଦେବୋପମ ଉତ୍ତରଣ ପାଇଁ ମାନବତାକୁ ଧର୍ମର ମର୍ଯ୍ୟାଦା ଦିଅ । ହସି ଉଠିବ ଏ ଧରା ଶାନ୍ତି, ପ୍ରୀତି, ଅହିଂସାର ଅଜୟ ଶକ୍ତି ଆଗରେ । ଚିରଦିନ ପାଇଁ ଲୋପ ପାଇବ ପୃଥିବୀରୁ ଯୁଦ୍ଧର ଆତଙ୍କ । ଯୁଦ୍ଧର ତାଣ୍ଡବ ଲୀଳାରୁ ମୁକ୍ତି ମିଳିବ ମଣିଷ ଜାତିକୁ ।

ମହାକାଳମୁଖୀ  ମଣିଷଜାତି ବାଛିନେଉ 'ବଞ୍ଚିବା ବଢ଼ିବା'ର ପଥ, ମହାମାନବର ପଥ, ଶାନ୍ତି, ମୈତ୍ରୀର ପଥ, ଅହିଂସ-ଆନନ୍ଦର ପଥ । ଏଇ ଲୋମହର୍ଷଣକାରୀ ରକ୍ତକ୍ଷୟୀ କଳିଙ୍ଗ ଯୁଦ୍ଧରୁ ମଣିଷଜାତି ଶିଖୁ ''ଶାନ୍ତିର ମହାମନ୍ତ୍ର'' । ଲକ୍ଷ ଲକ୍ଷ ଦେବଶିଶୁର ପ୍ରାଣତର୍ପଣରେ ''ବିଶ୍ୱଶାନ୍ତି'' ପ୍ରତିଷ୍ଠିତ ହେଉ । ମାତୃ ହୃଦୟର ଲୁହରେ ଧୋଇ ହୋଇଯାଉ ଧରଣୀର ଦୁଃଖ । ''ବସୁଧୈବ କୁଟୁମ୍ବକମ୍'' ପ୍ରତ୍ୟେକ ପ୍ରାଣରେ ଶାନ୍ତି ଅହିଂସାର ସଞ୍ଜୀବନୀ ସଞ୍ଚରି ଯାଉ । ମଣିଷ ଜାତି ମୃତ୍ୟୁର ହାହାକାରରୁ ମୁକ୍ତି ପାଉ । ଏଇ ମୋର ମାଗୁଣି । ଏଇ ପଣତ କାନିରେ ଦେଇ ପାରିବୁ ପୁଅ ? ଶତଦ୍ରୁର ଶୋଣିତ ସାଉଁଟା ପଣତ କାନି ଏ ।

ଅଶୋକ : ପୁଅ ଡାକରେ ଅଶୋକଙ୍କର ପ୍ରାଣରେ ଅଦ୍ଭୁତ ଆଲୋଡନ ସୃଷ୍ଟି ହୋଇଥିଲା । ସେ ଶୁଣି ପାରୁଥିଲେ ଯେପରି ସ୍ନେହ କାଙ୍ଗାଳ ଅଶ୍ରୁମୁଖୀ ମା' ଧର୍ମା  ଧରଣୀର ଧୂଳି, ମାଟି, ପାଣି, ପବନରେ ଡାକି ବୁଲୁଛନ୍ତି ''ପୁଅ,ପୁଅ, ପୁଅ ମୋର'' । ମାନବ ଜାତିର ଉଜ୍ଜ୍ୱଳ କୀର୍ତ୍ତି, ଅନେକ ରକ୍ତକ୍ଷୟୀ ରଣାଙ୍ଗନର ଅଲିଭା କଳଙ୍କ ଉପରେ । ସେ ପାଗଳପ୍ରାୟ ବୁଢ଼ୀ ମା'ର ପାଦ ତଳେ ଲୋଟି ପଡିଲେ । ଚୁମୁଥିଲେ ସର୍ବଂସହା ଧରଣୀର ଧର୍ଷିତା ଛାତିକୁ, ଶୋଣିତସିକ୍ତ ମାଟିକୁ । ମା, ପୁଅ, ମଣିଷ ଓ ମାଟିର ମହାମିଳନରେ ଆକାଶରୁ ଝରିପଡୁଥିଲା ନୀଳିମା, ଲୋହିତ ପୃଥିବୀର ପ୍ରାଣକୁ ଶାନ୍ତ, ଶୀତଳ କରିବା ପାଇଁ । ଅଶୋକ ଆବେଗରେ କହୁଥିଲେ, '' ମା' ମୁଁ ପାରିବି । ପୃଥିବୀରୁ ଯୁଦ୍ଧର ଭୟ ସବୁଦିନ ପାଇଁ ଅପସରି ଯିବ । ଶାନ୍ତି ପ୍ରୀତି ଓ ଅହିଂସାର ନୂତନ ଯୁଗ ଆରମ୍ଭ ହେବ ଏ ପୃଥିବୀରେ । ଯୁଦ୍ଧ ବିଜୟର ବିଲୋପ ପାଇଁ ଧର୍ମ ବିଜୟର ମାର୍ଗ ମୁଁ ବାଛି ନେଉଛି ମାନବାତ୍ମାର ବିକାଶ ପାଇଁ, କ୍ଷମତାର ବିନାଶ ପାଇଁ '' ।

ବୁଢ଼ୀ : ପ୍ରୀତ ହେଲି ପୁଅ । ଏତିକି ମାଗୁଣି ମୋର ପୂର୍ଣ୍ଣ ହେବାପାଇଁ ଧାଇଁ ଆସିଥିଲି ମୁଁ । ମୁଁ ଏବେ ଯାଉଛି ।

ଅଶୋକ : ନା.. ମା'... ଯିବା ପୂର୍ବରୁ ଥରେ ଦେଇଯାଅ ତୁମର ପରିଚୟ । ମନେ ରଖିବି ଜନ୍ମଜନ୍ମାନ୍ତରେ ତୁମରି ପୁଅ ହୋଇ, ଏ ପୃଥିବୀରେ ଜନ୍ମ ନେବା ପାଇଁ, ଯେତେ ଦିନ ଯାଏ ଶାନ୍ତି, ଅହିଂସାର ପୃଥିବୀ ଯୁଦ୍ଧଭୟ, ଆତଙ୍କରୁ ମୁକ୍ତି ହୋଇନାହିଁ ।

ବୁଢ଼ୀ : ମୋର ପରିଚୟ । ମା'ର ପରିଚୟ ମା । ସେ ପ୍ରତ୍ୟେକ ସନ୍ତାନର ମା । ଏଇ ତୋର ବୁଢ଼ୀ ମାଆ କଳିଙ୍ଗାର ମାଳୀ (ମାଲ୍ୟାଣୀ) ମଲ୍ଲିକା, ଯାହାର କୋଳରେ ତୁ ବଢ଼ିଛୁ, ବର୍ଷକର ହେଲାବେଳେ ବଣିକଙ୍କ ମେଳରେ, ମୋ କୋଳରେ ପହଞ୍ଚି ଯାହାର ଥନ ଖାଇ ତୁ ବଞ୍ଚିଥିଲୁ, ବଢ଼ିଥିଲୁ କୈଶୋରରେ, ଯୌବନରେ, ଆମ୍ରକୁଞ୍ଜରେ, ରାଜକୁମାରୀର କୃଷ୍ଣ କୋମଳ ଆଖିରେ, ଓଠରେ । ମୋ ଆଖିରୁ ଲୁହ ପୋଛିବାକୁ ବିଧି ତତେ ବଞ୍ଚାଇ ରଖିଛି ଆଜିଯାଏ । ତୁ, ଶତଦ୍ରୁ ମୋର କ୍ଷୀରଖିଆ ଛୁଆ ତୁମେ ଦୁହେଁ । ବିଧିର ବିଧାନ ବିଚିତ୍ର  ତତେ ମୁଁ ଦେଖିଲି । ପ୍ରାଣମୋର ପୂରିଉଠୁଛି । ଆ ପୁଅ ଆଉଥରେ କୁଣ୍ଢାଇ ଧରେ ।

ଅଶୋକ : ଅସମ୍ଭାଳ ହୋଇ ଉଚ୍ଚସ୍ୱରରେ କ୍ରନ୍ଦନକରି ମା' ମା' କହି କୁଣ୍ଢାଇ ପକାଇଥିଲେ ''ମତେ କ୍ଷମାକର ମା' ମୋ ଭାଇକୁ ମୁଁ ହତ୍ୟା କରିଛି । ମୁଁ ହତ୍ୟାକାରୀ ମା' ମୁଁ ହତ୍ୟାକାରୀ, ମୁଁ...'' ।



ଅଶୋକଙ୍କୁ କୁଣ୍ଢାଇ ଧରି ମା କାନ୍ଦୁଥିଲେ ଆକାଶ ପୃଥିବୀକୁ ଏକାଠି କରି ମାତୃହରା ପୁଅ, ପୁତ୍ରହରା ମା' ଯେପରି ପରସ୍ପରକୁ ଫେରିପାଇ ।

ବୁଢ଼ୀ : ନା, ପୁଅ ନା...ଶତଦ୍ରୁର ମୃତ୍ୟୁ ନାହିଁ । ସେ ଅମର । ସେ ଅଜୟ ଯିଏ ଡେଇଁ ପଡିଛି ମହାକାଳ ଗର୍ଭକୁ ଶାନ୍ତି ଅହିଂସର ମାର୍ଗ ନିର୍ମାଣ ପାଇଁ, ମାନବଜାତିର ମଙ୍ଗଳ ପାଇଁ ପୁଣ୍ୟତୋୟା ଦୟାର ପବିତ୍ର ମାଟିରେ ଦଧିଚୀ ଭଳି ଯିଏ ରକ୍ତ ତର୍ପଣ କରିଛି, ପ୍ରାଣ ତର୍ପଣ କରିଛି ଯୁଦ୍ଧର ମହାମାରୀ, ଧ୍ୱଂସକାରୀ ଶକ୍ତିଠାରୁ ମାନବଜାତିକୁ ରକ୍ଷା କରିବାକୁ । ତୁ ପାରିବୁ ପୁଅ, ତୁ ପାରିବୁ, ମୋ ଆଖିର ଲୁହକୁ ମା' କ୍ଷୀରଭଳି ପିଇପାରିବୁ ।

ଅଶୋକ : ମା' ମୋର ପ୍ରଣାମ ଗ୍ରହଣ କର । ମୁଁ ତୁମ ସାଥିରେ ଯିବି ସେଇ କୁଟୀରକୁ ଯେଉଁଠି ମୁଁ ଖେଳୁଥିଲି ଧୂଳି, ମାଟିର, ଆମ୍ରକୁଞ୍ଜରେ କୈଶୋରରେ, ଯୌବନରେ ରାଜକୁମାରୀ କାରୁବାକୀର ପ୍ରୀତିପୂର୍ଣ୍ଣ କୃଷ୍ଣକମଳ କମ୍ପିତ ଦୁଇ ଆଖିରେ, ମୁଁ ସ୍ୱପ୍ନ ଦେଖୁଥିଲି ।

ବୁଢ଼ୀ : ନା ପୁଅ... ନା । ସେ କୁଟୀର, ସେ ଆମ୍ରକୁଞ୍ଜ, ସେ ସବୁଜ ବିଲବନ ସବୁ ଜଳିପୋଡି ପାଉଁଶ ହୋଇଯାଇଛି । ସେ ଜନପଦ ସବୁ ମାଟିରେ ମିଶିଯାଇଛି । ପୋଡା ଖପରାଭଳି କଳା ପଡିଯାଇଛି ତୋରି କୁନିକୁନି ପାଦଚିହ୍ନ ।

ଅଶୋକ : ମୁଁ ନରାଧମ ମା'... ମୋର କ୍ଷମାନାହିଁ । ଧ୍ୱଂସର ନାରକୀୟ ଲୀଳାଲାଗି ଦାୟୀ ଏଇ ଅଶୋକର ବଞ୍ଚିବାର ଅଧିକାରନାହିଁ । ହଠାତ୍ ଖଣ୍ଡା ଉଠାଇ ନିଜକୁ ହତ୍ୟା କରିବାକୁ ଉଦ୍ୟତ ହୁଅନ୍ତେ ମା କୁଣ୍ଢାଇ ଧରିଥିଲେ ଅଶୋକଙ୍କୁ ।

ବୁଢ଼ୀ : ''ନା'', ନା ପୁଅ ମୋର'' । ମା'ର ମର୍ଯ୍ୟାଦା ଲାଗି ତୋ ଭାଇ ଶତଦ୍ରୁର ସ୍ନେହପାଇଁ ତତେ ବଞ୍ଚିବାକୁ ପଡିବ ଧର୍ମରାଜ୍ୟ ପ୍ରତିଷ୍ଠା କରିବାକୁ ପଡିବ । କ୍ଷାନ୍ତ ହୁଅ ଏ ଦୁର୍ବାର ପ୍ରତିଶୋଧରୁ । କ୍ଷମା ମା'ର ସମ୍ବଳ । ମା'ର ପୁଅ, ମା ହୃଦୟର ପୁଅ କ୍ଷମାର ଅଧିକାରୀ'' ।

ଅଶୋକ : ମା' ମୋର ମାଗୁଣି ମୁଁ ବଞ୍ଚିଥିବା ଯାଏ ତୁମେ ମୋ ପାଖେପାଖେ ରହିବ ଧର୍ମ ବିଜୟ ପାଇଁ ମାର୍ଗ ବତାଇଦେବ । ଧର୍ମରାଜ୍ୟ ପ୍ରତିଷ୍ଠା କଲେ ପ୍ରାଣ ମୋର ଶାନ୍ତି ପାଇବ । ସନ୍ଧ୍ୟା ନଇଁ ଆସୁଥିଲା । ମୃଦୁ ଆଲୋକର ଐଶୀଯୁକ୍ତ ଆଭା ଆକାଶ ମଣ୍ଡଳକୁ ଆଲୋକିତ କରିଥିଲା । ନିକଟସ୍ଥ ଝରଣାର ପାଣିରେ ମୁଖ ପ୍ରକ୍ଷାଳନ କରି ଜଳପାନ ପରେ ତୃପ୍ତହୋଇ ଏହାର ନାମ ''ଅଶୋକ ଝର'' ଦେଲେ । ସେହି ସ୍ଥାନରେ 'ଅଶୋକ ସ୍ତମ୍ଭ' ନିର୍ମାଣ କରି, ଜନଜୀବନକୁ ଧର୍ମରାଜ୍ୟର ପ୍ରଜାଭାବେ ଜୀବନକୁ ଗଢ଼ିବାକୁ ଉପଦେଶ ଦେଲେ ।

■■

# କଳିଙ୍ଗ ଅବିଜିତମ୍ : ଶିଳାଲେଖ

ପ୍ରଭାତର ସୂର୍ଯ୍ୟ ପୂର୍ବ ଗଗନରେ ପ୍ରାଣମୟ ଦିଶୁଥିଲା । ନୀଳିମାର ନଈରେ ଶୁଭ୍ର ଆଲୋକଧାରାର ସ୍ନିଗ୍ଧ ପ୍ରକାଶ । ଅପୂର୍ବା ପ୍ରକୃତି । ମୃଦୁମନ୍ଦ ସମୀରଣରେ ପୁଷ୍ପ ବୀଥିକାର ମହକ । ମଧୁଗୁଞ୍ଜନର ଗୁଣୁଗୁଣୁ ସ୍ୱରଲହରୀ । ଦୂର ଦିଗ୍‌ବଳୟକୁ ଛୁଇଁ ଆକାଶ ଓ ପୃଥିବୀର ମୃଦୁ ଆଲିଙ୍ଗନ। ରାଜଉଦ୍ୟାନରେ ସବୁଜ ଶ୍ୟାମଳ ଦୁର୍ବାଦଳର ଦେବୋପମ ଦୀପ୍ତି । ମା' ମଲ୍ଲିକା ଫୁଲଚାଙ୍ଗୁଡ଼ି ଧରି ଫୁଲ ତୋଳୁଥିଲେ । ପ୍ରଶାନ୍ତ ବଦନରେ ଚାହିଁ ରହିଥିଲେ ଅଶୋକ । ଅନେକ ଦିନପରେ ସେ ଅନୁଭବ କରିଛନ୍ତି ମା' ଧର୍ମାଙ୍କର ଧର୍ମବିଶ୍ୱାସକୁ । ମନେପଡୁଛି ତାଙ୍କର କୈଶୋରର ସ୍ମୃତି । ମା' କହୁଥିଲେ, ''ଅଶୋକ ମୋର ଧର୍ମର ସନ୍ତାନ । ମୋର ବିଶ୍ୱାସ ପୁଅ ମୋର ବଡହେଲେ ଧର୍ମରାଜ୍ୟର ରାଜା ହେବ । ମୋର ଟେକ ରଖିବ ।'' ଆଖିରେ ତାଙ୍କର ସ୍ନେହ ସଜଳ ଅଶ୍ରୁବିନ୍ଦୁ ବିଜୟୀ ବଦନରେ ଉଜ୍ଜ୍ୱଳ ଦିଶୁଥିଲା । ମା' ମଲ୍ଲିକାଙ୍କର କ୍ଷମାଶୀଳ ହୃଦୟର ସ୍ନେହମୟ ସ୍ପର୍ଶରେ ସେ ଉଦାର ମାନବତାର ଉପାସକ ହୋଇଥିଲେ । ମା' ଫୁଲ ଚାଙ୍ଗୁଡ଼ି ରଖି ଅଶୋକଙ୍କ ଆଖିରୁ ଅଶ୍ରୁବିନ୍ଦୁ ପୋଛି ଦେଉଥିଲେ ନିଜ ପଣତକାନିରେ । ସେଇ ଅଶ୍ରୁସାଉଁଟା ପଣତ, ଶୋଣିତ ସାଉଁଟା ପଣତ, ଅଶୋକଙ୍କୁ ହୃଦୟ ବନ୍ଧନରେ ବାନ୍ଧି ରଖିଥିଲା ନିବିଡ ନୀଳିମା ଭଳି ।

ଅଶୋକ : (ଧୀର ସ୍ୱରରେ) ମା'... ଚଣ୍ଡାଶୋକର ଚଣ୍ଡାଳ ବୁଦ୍ଧି । କ୍ଷମତା ଲୋଭରେ କଳିଙ୍ଗ ବିଜୟ କରି ରକ୍ତସ୍ନାତ କଳଙ୍କିତ କୀର୍ତ୍ତିର ଅଧିକାରୀ । ମା' ଧର୍ମାଙ୍କର ଧର୍ମସନ୍ତାନ ଅଶୋକ, ପାପର ପାହାଡ ଉପରେ ଶୋଣିତ ପଥର ଭଳି ବଞ୍ଚିରହିଛି ଜନମାନସରେ ''ଚଣ୍ଡାଶୋକ''ର କଳଙ୍କିତ ନାମରେ । ମା' ଧର୍ମାଙ୍କର ନାମରେ କଳଙ୍କ ବୋଲି ବଞ୍ଚିରହିବାକୁ, ଏ ଅପବାଦ ଯୁକ୍ତ ରାଜଭୋଗ ମଧ୍ୟରେ ।

ମା ମଲ୍ଲିକା : ନା ପୁଅ... ତୁ ମୋର ହାତଗଢା ପୁଅ । ଏଇ ମାଟିର ଫୁଲ, ମମତାର ଫୁଲ, ମା' ଧର୍ମାଙ୍କର ମାନସପୁତ୍ର ''ଧର୍ମାଶୋକ'', ଧର୍ମରାଜ୍ୟର ରାଜା, ମୋର ଧର୍ମାଶୋକ । ଆଜିଠାରୁ ଧର୍ମାଶୋକ ନାମରେ ଜାଣିବେ ଜଗତବାସୀ ।

ଅଶୋକ : ମା' ଧନ୍ୟ ହେଲି ତୁମର ମୁଗ୍ଧ ମାତୃତ୍ୱରେ । ମୁଁ ତୁମର ପାଦଧୂଳି ନେଇ କହୁଛି ଧର୍ମାଶୋକ ରାଜ୍ୟରେ ଶୋକ ରହିବ ନାହିଁ । ଧର୍ମବାଟରେ ମତେ ତୁମେ ଧର୍ମରାଜ୍ୟର ରାଜା



କରିଛ । ଧନ୍ୟ ତୁମର ମହିମା । ଧନ୍ୟ ତୁମର ଆଦର୍ଶ । ଧନ୍ୟ ତୁମର ମଙ୍ଗଳ ଅଭିପ୍ସା ।

ମଲ୍ଲିକା : ମା'ର ଆଶୀର୍ବାଦରେ ଯଶସ୍ୱୀ ହୁଅ । ଅସିର ଅହଙ୍କାର ତ୍ୟାଗକରି ଐଶୀ ଚେତନାର ଆବାହକ ହୁଅ । ଜନମଙ୍ଗଳ ରାଜ୍ୟର ଅଧିକାରୀ ହୋଇ ମାନବଜାତିର ଆଦର୍ଶ ହୁଅ । ଯୁଦ୍ଧ ବିଜୟ ନୀତି ପରିତ୍ୟାଗ କରି ଧର୍ମ ବିଜୟ ନୀତି ଘୋଷଣା କର ।

ଅଶୋକ : ଧର୍ମ ବିଜୟ ଲାଗି ମୁଁ ଉଦ୍ୟମ କରିବି । ସବୁରି ପ୍ରାଣରୁ ଯୁଦ୍ଧର ଆତଙ୍କ ଲିଭାଇ ଶାନ୍ତି ଅହିଂସାର ବୀଜ ବୁଣିବି ମଣିଷ ଜାତିର ମଙ୍ଗଳ ପାଇଁ ।

ମଲ୍ଲିକା : ଶାନ୍ତି, ଅହିଂସାର ବିଜୟ ପଥରେ ପରାଜୟ ନାହିଁ, ପରାଭବ ନାହିଁ, ଅଛି ଚିରନ୍ତନ ଶାନ୍ତି, ପ୍ରୀତି, ପ୍ରାଚୁର୍ଯ୍ୟ । ତାର ଅଧିକାରୀ ହୁଅ । ଆଲୋକବର୍ତ୍ତିକା ଭଳି ମୁକ୍ତିର ଆଲୋକରେ ଆଲୋକିତ ହୁଅ ।

ଅଶୋକ : ମା... ମନରେ ମୋର ଗ୍ଳାନି ଆସୁଛି କହିବାକୁ ।

ମଲ୍ଲିକା : କୁହ..ମା ପାଖରେ ଗ୍ଳାନି ନାହିଁ ଅଛି ଗୌରବ । କ୍ଷମାର ମହିମାରେ ହୃଦୟ ଯାହାର ମହାନ୍, କରୁଣାର ନୀଳିମାରେ ଯିଏ ମହିୟସୀ, ଗରିୟସୀ ତା ପାଖରେ ଗ୍ଳାନି ନାହିଁ । କୁହ ଅନ୍ତର ଖୋଲି...

ଅଶୋକ : କଳିଙ୍ଗ ବିଜୟର ଶିଳାଲେଖ ସମ୍ପର୍କରେ କାଲି ବହୁ ଆଲୋଚନା ପରେ ମୁଁ ମନ୍ତ୍ରୀସଭାରେ ପ୍ରକାଶ କରିଛି, ମା'ଙ୍କର ଦିଗ୍‌ଦର୍ଶନ ବିନା କିଛି ନିଷ୍ପତ୍ତି ନେବି ନାହିଁ । ଶିଳାଲେଖରେ ''କଳିଙ୍ଗ ବିଜୟ'' ଲେଖି କଳିଙ୍ଗବାସୀଙ୍କ ହୃଦୟରେ ଆଘାତ ଦେଇ ଚିରଦିନ କଳଙ୍କିତ ହେବାର ଅଭିଳାଷ ମୋର ନାହିଁ । କଣ କଲେ ମୁଁ ନିନ୍ଦା କଳଙ୍କରୁ...

ମଲ୍ଲିକା : ଧର୍ମାଶୋକର ଶୋକ ନାହିଁ । ଧର୍ମରାଜ୍ୟରେ ପରାଜୟ ନାହିଁ। ଶିଳାଲେଖରେ ଲେଖାଯିବ ''କଳିଙ୍ଗ ଅବିଜିତ୍‌ମ୍'' । କଳିଙ୍ଗର ହୃଦୟ ବିଜୟ ପରେ କଳିଙ୍ଗ ଚିରଦିନ ପାଇଁ ''ଅବିଜିତ୍‌ମ୍'' । ଯୁଗ ଯୁଗ ଧରି କ୍ଷମତା ଲୋଭରେ ସମସ୍ତେ ମାଟି, ଗୋଡ଼ି, ପଥର, ବନ, କାନନ, ନଦୀ, ପର୍ବତ ଜୟ କରିଛନ୍ତି । ରାଜ୍ୟ ସହ ରାଜ୍ୟବାସୀଙ୍କ ହୃଦୟ ଜୟ କରି ଯେଉଁ ଅମର ଅଧ୍ୟାୟ ସୃଷ୍ଟି କରିଛୁ ତାହା ଅଜୟ, ଅବିଜିତମ୍ । ମାନବ ମଙ୍ଗଳ ପାଇଁ ମାନବ ଜାତିର ଆଦର୍ଶ ଇତିହାସ ।

ଅଶୋକ : ଧନ୍ୟ ମା... ଧନ୍ୟ ତୁମର ଧୀଶକ୍ତି । ଧନ୍ୟ ତୁମର ଧର୍ମାଶୋକ। ଚିର ନିନ୍ଦା, କଳଙ୍କରୁ ମତେ ବଞ୍ଚାଇ ରଖିବାକୁ ତମେ ମୋର ମା ଧର୍ମା... ମା'...

ମଲ୍ଲିକା : ମାନବର ଦେବୋପମ ବିକାଶ ଲାଗି, ସୃଷ୍ଟି ଚେତନାର ଚିନ୍ମୟ ପ୍ରକାଶ। ଦିବ୍ୟ ମାନସର ସନ୍ତାନ ମଣିଷ । ତେଣୁ ଦ୍ୱିତୀୟ ଶିଳାଲେଖରେ ଲେଖାଯିବ, ''ଦେବାନାଂ ପ୍ରିୟ ଅଶୋକ'' ଓ ସେଥିରେ ମାନବ ଧର୍ମର, ଅଶୋକ ଧମ୍ମର ସୁଗୁଣାବଳୀ ଖୋଦିତ ହେବ ।

ଅଶୋକ : ଆନନ୍ଦରେ ମା'ଙ୍କ ପାଦତଳେ ପିଲାଭଳି ଧୂଳିରେ ଗଡିଗଲେ ମା'ଙ୍କର ଚରଣ ରେଣୁ ସ୍ପର୍ଶକରି କାନ୍ଦି ଉଠିଲେ ମା'... ଅତୀତର ଚଣ୍ଡାଶୋକ ଆଜି ତୁମର ''ଦେବା ନାଂ ପ୍ରିୟ ଅଶୋକ''... ମା' ମୁଁ ତୁମର...

ମଲ୍ଲିକା : ହଁ ପୁଅ ମୋର 'ଦେବାନାଂ ପ୍ରିୟ ଅଶୋକ' ଦେବଭୂମି ଭାରତବର୍ଷର ଦିବ୍ୟ

ସନ୍ତାନ ଧର୍ମାଶୋକ ଆର୍ଯ୍ୟ ଚେତନାର ଉଦିତ ସୂର୍ଯ୍ୟ..ଦେବଗୁଣର ଅଧିକାରୀ, ଦେବତାମାନଙ୍କର ପ୍ରିୟ । ମାନବ ମଙ୍ଗଳ ତୁମର ବ୍ରତ । ମାନବାତ୍ମାର ବିକାଶ ଲାଗି କୁମର ତପସ୍ୟା, ଜୀବନ ଯଜ୍ଞକୁଣ୍ଡ ।

ବୌଦ୍ଧଧର୍ମକୁ ଭାରତ ବାହାରେ ପ୍ରସାର । ଅଶୋକଙ୍କ ଧର୍ମ ପ୍ରଚାର, ଧାର୍ମିକ ସ୍ୱାଧୀନତା, ଧର୍ମନିରପେକ୍ଷତା, ସର୍ବଧର୍ମ ସମନ୍ୱୟ, ଧର୍ମଚକ୍ର ପ୍ରବର୍ତ୍ତନ ।''ଜୀବେଦୟା'', ବୃଦ୍ଧ ପିତାମାତାକୁ ଯତ୍ନ, ଆଦର, ବୃକ୍ଷରୋପଣ, ଗୋସେବା । ମାତା-ବସୁମାତା-ଗୋମାତାର ସୁରକ୍ଷା, ସମ୍ମାନ, ପୂଜା । ଚିକିତ୍ସା କେନ୍ଦ୍ର ଓ ପାନ୍ଥଶାଳା ପ୍ରତିଷ୍ଠା । କଠୋର ସାମାଜିକ ବ୍ୟବସ୍ଥାକୁ କୋମଳ କରିବାକୁ ସେ ମାନବୀୟ ଗୁଣାବଳୀର ବିକାଶ ପାଇଁ ବ୍ୟକ୍ତି ଓ ସମାଜକୁ ଉପଦେଶ ଦେଇଥିଲେ, ଆଦେଶ ନୁହେଁ । ଆଦେଶ ବଳରେ ରାତାରାତି ସାମାଜିକ ବ୍ୟବସ୍ଥାକୁ ବଦଳାଇବା ଅସମ୍ଭବ ସେ ଅନୁଭବ କରିଥିଲେ । ଉଦାର ମାନବବାଦ ବିନା ଦେଶ, ବିଶ୍ୱର ଶାନ୍ତି ସୁରକ୍ଷା ଅସମ୍ଭବ ସେ ବୁଝିଥିଲେ । କ୍ଲିଓପାଟ୍ରାଙ୍କ ପାଇଁ ଟ୍ରୟ ଯୁଦ୍ଧ, ସୀତା ପାଇଁ ସ୍ୱର୍ଣ୍ଣଲଙ୍କା ଯୁଦ୍ଧ, ଦ୍ରୌପଦୀ ପାଇଁ ମହାଭାରତ ଯୁଦ୍ଧ । ସବୁଠି ଯୁଦ୍ଧ ଓ ଧ୍ୱଂସ ଲୀଳା । କଳିଙ୍ଗରେ ଯୁଦ୍ଧପରେ ଅସ୍ତ୍ର ତ୍ୟାଗ, ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଯୁଦ୍ଧକୁ ବିରୋଧ ବିଶ୍ୱ ଇତିହାସରେ ବିରଳ । କଳିଙ୍ଗ ଯୁଦ୍ଧ , ପ୍ରଥମ ମହାଯୁଦ୍ଧ ରାମାୟଣ, ମହାଭାରତ ଯୁଦ୍ଧ ପରେ । କଳିଙ୍ଗ ରାଜାଙ୍କ ସୁରକ୍ଷା ପାଇଁ ୬୦,୦୦୦ ପଦାତିକ, ୧୦୦୦ ଅଶ୍ୱାରୋହୀ, ୭୦୦ ଯୁଦ୍ଧ ହସ୍ତୀ । ତେଣୁ କଳିଙ୍ଗ ସେନା ବିଶାଳ ଥିଲା, ମଗଧ ସେନାର ସମକକ୍ଷ । କଳିଙ୍ଗର ମାଟି, ଗୋଡ଼ି, ପାହାଡ଼, ନଦୀ, ଗିରି ଜୟ-କଳିଙ୍ଗ ଜୟ ନୁହେଁ । କାରୁବାକୀର ହୃଦୟ ଜୟ ନ କରି କଳିଙ୍ଗ ବିଜୟ ଚିରସ୍ଥାୟୀ ନୁହେଁ । କଳିଙ୍ଗାଃର ହୃଦୟ ବିଜୟ ବିନା କଳିଙ୍ଗ ବିଜୟ ଅସମ୍ଭବ । କଳିଙ୍ଗାଃର ହୃଦୟ ବିଜୟ ଲାଗି ସେ ଘୋଷଣା କରିଥିଲେ ''କଳିଙ୍ଗ ଅବିଜିତମ୍'' ।

■■



# ହିମାଳୟ ଦର୍ଶନ ନେପାଳ ଭ୍ରମଣ

ମହାମାନ୍ୟ ମୌର୍ଯ୍ୟ ସମ୍ରାଟ ଅଶୋକ ଥିଲେ ସୁଚତୁର, ଗଭୀର ଦୂରଦୃଷ୍ଟି ସମ୍ପନ୍ନ, ଭାରତର ବରେଣ୍ୟ ଶାସକ । ସେ ଅନୁଭବ କରିଥିଲେ ହିଂସାର ବିଜୟ ବିଜୟ ନୁହେଁ ବରଂ ପ୍ରତିହିଂସା ପରାଜୟର ଚାବିକାଠି । ସ୍ୱାଧୀନତାପ୍ରିୟ ମଣିଷ ପ୍ରକୃତି ସହିତ ସଂଘର୍ଷ କରି ବଞ୍ଚିଶିଖିଛି । ମଣିଷ ଚାହେଁ ଶାନ୍ତିର ବିଜୟ ଦ୍ୱାରା ଶାସିତ ହେବାକୁ । ହିଂସାର ବିଜୟ ଦ୍ୱାରା ବଶୀଭୂତ ହେବା ତା'ପକ୍ଷରେ ଅସମ୍ଭବ । ବଳରେ ଓ ଛଳରେ ବିଶ୍ୱାସ ରଖି ବିଜୟର ସ୍ୱାଦ ଚାଖିଥିବା ଅଶୋକ ବୁଝିପାରିଥିଲେ ହିଂସାର ବିଜୟ ଚିରସ୍ଥାୟୀ ନୁହେଁ । କଳିଙ୍ଗର ମାଟି, ଗୋଡି, ପାହାଡ, ନଦ, ନଦୀ ଜୟକରି ସେ କଳିଙ୍ଗ ଜୟ କରିନାହାଁନ୍ତି, କାରୁବାକୀର ହୃଦୟ ଜୟ ନକରି ।

କାରୁବାକୀର ହୃଦୟ ଜୟକରି ସେ ଅନୁଭବ କଲେ କଳିଙ୍ଗ ବିଜୟ ଚିରସ୍ଥାୟୀ ନୁହେଁ । ତେଣୁ ସେ ପ୍ରଥମ କରି ବୁଝିପାରିଲେ କଳିଙ୍ଗାଃର ହୃଦୟ ବିଜୟ ବିନା କଳିଙ୍ଗ ବିଜୟ ଅସମ୍ଭବ । କଳିଙ୍ଗର ହୃଦୟ ବିଜୟ କଣ ସମ୍ଭବ ? ଲକ୍ଷଲକ୍ଷ କଳିଙ୍ଗର ବନ୍ଦୀସେନାଙ୍କ ବଳିଦାନରେ ଅଥୟ ଅସହାୟ ଯାହାର ମାଟି ଆକାଶ, ରକ୍ତାକ୍ତ, ପାଣି ପବନ, ମୃତ ଆହତର ଆର୍ତ୍ତଚିତ୍କାରରେ । ପୁତ୍ର ଶବକୁ ରକ୍ତନଦୀରେ ଦୁର୍ଯ୍ୟୋଧନର ସନ୍ତରଣ ପରି ଶାନ୍ତିପାଇଁ ଅଶ୍ରୁ ଆକୁଳ କ୍ରନ୍ଦନ କରିବାଠୁ ବଳି ପ୍ରତାରଣା କଣ ଅଛି ? ଏହି ତ ପାପସକ୍ତ ପ୍ରାଣରେ ଐଶୀ ଚେତନାର ଦିବ୍ୟ ଉତ୍ତରଣ ।

ଅଶୋକ ଥିଲେ ପ୍ରଚଣ୍ଡ ଭାଗ୍ୟବାଦୀ । ସେ ବିଶ୍ୱାସ କରିଥିଲେ ତାଙ୍କର ଜନ୍ମ ଜାତକକୁ, ସେ ଦିନେ ମହାଭାରତର ମହାମହିମ ସମ୍ରାଟ ହେବେ ବା ମହାମହିମ ସନ୍ନ୍ୟାସୀ ହେବେ । ହିଂସ୍ର ସମ୍ରାଟ-ଅହିଂସ ସନ୍ନ୍ୟାସୀ ଅସମ୍ଭବ । ଭାଗ୍ୟଦେଇଛି ହିଂସ୍ର ସମ୍ରାଟର ପ୍ରାଣଘାତକ ପରିଚୟ । ସେ ଦିନେ ଅହିଂସ ସନ୍ନ୍ୟାସୀ ହୋଇଥାନ୍ତେ ଶାନ୍ତି, ପ୍ରେମର ଜୟଗାନ କରୁଥାନ୍ତେ । ଅଥଚ ଏ କଣ ଅସି ବଳରେ ସେ ଆଜି ଅସୁର, ନରାସୁର । ଅଶାନ୍ତ, ଆତଙ୍କିତ ପ୍ରତିଟି ମୁହୂର୍ତ୍ତ । ସୁଖର ବିଭୋର ମୁହୂର୍ତ୍ତରେ ବି ସନ୍ଦେହୀ ଆଖିର ସତର୍କତା । ଓଃ ଭାଗ୍ୟପ୍ରତି ସେ ବୀତସ୍ପୃହ ହୋଇଥିଲେ । ଭାଗ୍ୟ ତାଙ୍କୁ କରିଦେଇଛି ନିର୍ମମ, ନିଷ୍ଠୁର, ନିର୍ଦ୍ଦୟ । ସେ ଦେଖୁଥିଲେ ଭୋଗ ବିଳାସର ସିଂହାସନ ଉପରେ ଭୟ ଆତଙ୍କର ସମାଧି । ଜୀବନପ୍ରତି ମାୟା ତାଙ୍କର ତୁଟିଥିଲା । ନିଜର ଜେଜେ ଚନ୍ଦ୍ରଗୁପ୍ତ ଶେଷ ଭାଗରେ ଉପବାସ ବ୍ରତ ପାଳନ କରି କର୍ଣ୍ଣାଟକର ଶ୍ରବଣ ବେଲଗାଓଁଠାରେ ସ୍ୱର୍ଗାରୋହଣ କରିଥିଲେ ।

ପିତାଙ୍କର ଉଦାର, ଅନୁରାଗ ଯୋଗୁଁ ସେ ବଞ୍ଚିଥିଲେ, ବିମାତା ମହାରାଣୀଙ୍କ ସମସ୍ତ କ୍ରୋଧ ସତ୍ତ୍ୱେ । ପିତା ବିନ୍ଦୁସାର ଚାହିଁଥିଲେ ସେ ମୁହୂର୍ତ୍ତକ ମଧ୍ୟରେ ମୃତ୍ୟୁ କୋଳକୁ ଫେରି ଯାଇଥାନ୍ତେ । ଯୋଗ୍ୟ ପିତାର ଆଦର୍ଶ ପୁତ୍ର ଏ କଣ ଅଶୋକ ? ଚଣ୍ଡାଶୋକର ପରିଚୟ ଚଣ୍ଡାଳ ପୁତ୍ରର ଏହି କଣ ଉପହାର ପ୍ରିୟପିତାର ଉଦାର ଅନୁରାଗ ପୂର୍ଣ୍ଣ ଜୀବନ ଦାନର ? ଏହି ପରିଚୟ ଦେଇ ବଞ୍ଚିବାକୁ ପିତା କଣ ତାଙ୍କୁ ବଞ୍ଚେଇ ରଖିଥିଲେ ? ସମ୍ରାଟ ନ ହେଉ ମହା ସନ୍ନ୍ୟାସୀ ହେବ ଏହି ଆଶା ତାଙ୍କୁ ବିଭୋର କରିଥିବ । ପ୍ରିୟ ପୁତ୍ରର ଯଶ କୀର୍ତ୍ତିରେ କୁଳ ଉଜ୍ଜ୍ୱଳ ହେବ । ପିତୃତ୍ୱ ତାଙ୍କର ସାର୍ଥକ ହେବ । କାରଣ ସେ ଅନୁଭବ କରିଥିଲେ ଶକ୍ତିଶାଳୀ ମୌର୍ଯ୍ୟ ସାମ୍ରାଜ୍ୟରେ ରକ୍ଷିତାର ପୁତ୍ର ଅଶୋକର ସ୍ଥାନ ନାହିଁ । ତେଣୁ ସେ ପଠାଇଥିଲେ ସନ୍ନ୍ୟାସୀ କରି ବଣିକଙ୍କ ମେଳରେ କଳିଙ୍ଗକୁ ଆତ୍ମ ନିର୍ବାସନ ଦେଇ, ଜୀବନଦାନ ଦେଇ । ଜଣେ ସନ୍ନ୍ୟାସୀ ପାଇଁ ନିଃସ୍ୱ ଜୀବନ ହିଁ ସମ୍ବଳ । ବଞ୍ଚିରହିବା ହିଁ ସର୍ବ ପ୍ରଥମ, ସର୍ବଶେଷ ସର୍ତ୍ତ । ତାଠାରୁ ଅଧିକ କଣ ଦେଇଥାନ୍ତେ ପିତା ? ସନ୍ନ୍ୟାସୀ ସନ୍ନ୍ୟାସୀ । ସନ୍ନ୍ୟାସୀ ପାଖରେ ରାଜପୁତ୍ରର ପରିଚୟ ତୁଚ୍ଛ । ପିତାଙ୍କର ମୋ'ପ୍ରତି ''ଜୀବନ ଦୟା''ର ଘୋର ବିରୋଧୀ ଥିଲେ ବିମାତା । ନିଃସ୍ୱ ଜୀବନର ଆଲୋକ ଦୀପ ଲିଭାଇ ଦେବାକୁ ଶିଶୁ ବୟସରୁ ଲାଗି ରହିଥିଲେ ବିମାତା, ମଗଧର ମହାରାଣୀ । ପିତା କେବେ ବି ସ୍ୱପ୍ନ ଦେଖି ନଥିବେ ତାଙ୍କ ହାତଗଢା ମୌର୍ଯ୍ୟ ସାମ୍ରାଜ୍ୟର ସିଂହାସନ ଅଶୋକ ଦିନେ ଅଧିକାର କରିବ ପ୍ରିୟଜନଙ୍କ ରକ୍ତନଦୀ ସନ୍ତରଣ କରି ? ଜଣେ ସନ୍ନ୍ୟାସୀ ପୁତ୍ରର ପିତା ଭାବେ ସେ ସ୍ୱପ୍ନ ଦେଖିଥିଲେ । କ୍ଷମତାର କୋଳାହଳ ହଳାହଳ ଠାରୁ ଶାନ୍ତିର ସ୍ୱର୍ଗୀୟ ନିଳୟରେ ଅମୃତ ଅସ୍ୱାଦନ ପାଇଁ ପିତା ମୋତେ ଦେଇଥିଲେ '' ଦୟାପୂର୍ଣ୍ଣ ଜୀବନଦାନ'' । ଅସିର ଅହମିକାକୁ ଅଙ୍ଗେ ଲିଭାଇଛନ୍ତି ସେ । ତେଣୁ ସେ ଚାହିଁ ନଥିଲେ ପ୍ରିୟପୁତ୍ର ତାଙ୍କର କ୍ଷମତାର ରକ୍ତସ୍ନାତ ରଣାଙ୍ଗନରେ ହଜିଯାଉ । କିନ୍ତୁ ଏ କଣ ଘଟିଲା ଜୀବନରେ ? ସେ କଣ ପ୍ରିୟ ପିତାଙ୍କର ଯୋଗ୍ୟ ପୁତ୍ର ? କଣ ସେ ତାଙ୍କର ଜୀବନଦାନ ଦୟାର ଉପଯୁକ୍ତ ଦାୟଦ ? ମୋର ମଙ୍ଗଳ କାମନା କରି ସେ ମତେ ଦୂରେଇ ରଖିଥିଲେ ହିଂସା,କ୍ଷମତା, କ୍ରୋଧ, କରବାଳଠାରୁ । କିନ୍ତୁ ମୁଁ ନିଜେ କଣ କରିଛି ? କଣ ପାଇଛି ତାଙ୍କ ମଙ୍ଗଳ ମାର୍ଗକୁ ପଛକରି ? ଜେଜେ ତ ଥିଲେ ସମ୍ରାଟ, ସନ୍ନ୍ୟାସୀ ? ଭାଇ ବିତାଶୋକ ରାଜପୁତ୍ର, ସନ୍ନ୍ୟାସୀ । ପତ୍ନୀ ଦିବ୍ୟା ଦେବୀ ରାଣୀ, ସନ୍ନ୍ୟାସିନୀ । ପୁତ୍ରକନ୍ୟା ସନ୍ନ୍ୟାସୀ, ସନ୍ନ୍ୟାସିନୀ । କଳିଙ୍ଗା କୁମାରୀ କାରୁବାକୀ ମଗଧର ଦ୍ୱିତୀୟ ମହାପାଟରାଣୀ, ସନ୍ନ୍ୟାସିନୀ । ପିତୃ ସତ୍ୟପାଳି ରାଜପୁତ୍ର ରାମଚନ୍ଦ୍ର ଥିଲେ ବନଗାମିନୀ ସନ୍ନ୍ୟାସୀ । ଅନୁଜ ଭରତ ଥିଲେ ସମ୍ରାଟ, ସନ୍ନ୍ୟାସୀ । ପିତା ବିନ୍ଦୁସାର ଥିଲେ ସମ୍ରାଟ ସନ୍ନ୍ୟାସୀ ଚନ୍ଦ୍ରଗୁପ୍ତଙ୍କର ପୁତ୍ର । ସନ୍ନ୍ୟାସୀପୁତ୍ର ଆଶାରେ ଅଶୋକକୁ ଜୀବନଦାନ ଦେଇ ସେ ଧନ୍ୟ । ଅଶୋକ ପାଖରେ ଆଜି ସନ୍ନ୍ୟାସୀ ପୁତ୍ରର ପରିଚୟ କାହିଁ ? ସଇତାନ ପୁତ୍ରର ପରିଚୟ । ବୀଭତ୍ସ ଲାଗୁଥିଲା ବଞ୍ଚିବାକୁ । କ୍ଷମତା ପ୍ରତି ମୋହ ତୁଟୁଥିଲା କିନ୍ତୁ କ୍ଷମତାର ମାୟା, ଶାସନର ଜାଲ ତାଙ୍କୁ ବାନ୍ଧି ରଖିଥିଲା । ସେ ଚାହୁଁଥିଲେ ମୁକ୍ତି । ମୁକ୍ତିର ମାର୍ଗ ।

ଜୀବନର ବାକି ଦିନସବୁ ବଞ୍ଚିବାକୁ ହେବ ଜଣେ କ୍ରୂର, ନରାସୁରର କୁଖ୍ୟାତି ନେଇ । ସେ କ୍ରୂର ପ୍ରଳାପ କରୁଥିଲେ ହାୟ ଭାଗ୍ୟ, ହାୟ ପିତା, ହାୟ ମାତା 'ଧର୍ମା' । ରାଣୀ ଜୀବନର ବିଭବ ବିଳାସଠାରୁ ଦୂରରେ ସାଧାରଣ ସନ୍ନ୍ୟାସୀ ପରି ବଞ୍ଚିଥିଲେ । ମୋ ଜନ୍ମଲଗ୍ନରେ ଶୋକାତୁରା ଜନନୀ



କେତେ ଖୁସି ହୋଇଥିଲେ । ସେ ମୋ ମୁହଁକୁ ଚାହିଁ ବଞ୍ଚରହିଥିଲେ । ମୋ ନାଁ ରଖିଥିଲେ ଅଶୋକ । ଶୋକାତୁରାର ଶୋକହରା ପୁତ୍ର ଅଶୋକ । ମା' ଧର୍ମାଙ୍କ ଧର୍ମବଳରେ ବଞ୍ଚିରହିଛି ଅଶୋକ । କେତେଥର ଯେ ମୃତ୍ୟୁ ଆସିଛି, ଫେରିଯାଇଛି ସେ କଥା ଭାବିଲେ ଭୟ,ଆତଙ୍କରେ ପ୍ରାଣମୋର ଶିହରି ଉଠୁଛି । ଭାଗ୍ୟବାନ ମୁଁ ବଞ୍ଚିରହିଛି । ମା ଚାହିଁ ନଥିଲେ ମୁଁ ଚଣ୍ଡାଶୋକ ହୋଇ ବଞ୍ଚିବାକୁ । ମା ଚାହିଁଥିଲେ ପୁତ୍ର ତାଙ୍କର ସନ୍ନ୍ୟାସୀ ହେଉ, କିନ୍ତୁ ବଞ୍ଚିରହୁ । ସନ୍ନ୍ୟାସୀ ଜୀବନରେ ଯେଉଁ ଶାନ୍ତି, ଆନନ୍ଦ ତାହା କ୍ଷମତାର ଖଣ୍ଡାଧାରରେ ନାହିଁ, ସଇତାନର ସିଂହାସନରେ ନାହିଁ । ରାଣୀ ଅନ୍ତଃପୁରରେ ସେ ଅନୁଭବ କରିଥିଲେ ବିଳାସ ଭିତରେ ନିରବ ନିର୍ଯ୍ୟାତନା । ଆତଙ୍କର ଷଡଯନ୍ତ୍ର । ଅଶାନ୍ତ ଅତୃପ୍ତ । ଅଦୃଶ୍ୟ ସଇତାନର ଶାଣିତ ଛୁରିକା । କିଏ ଜାଣେ କେତେବେଳେ କଣ ହେବ ? ମା' ଧର୍ମା ଚାହିଁଥିଲେ ପୁଅ ତାଙ୍କର ଆନନ୍ଦ ଓ ଅହିଂସାର ସ୍ୱର୍ଗୀୟ ଜୀବନ ଯାପନ କରୁ । ଭାଗ୍ୟ ତାଙ୍କୁ କରିଦେଇଛି କ୍ରୂର । କରବାଳଠାରୁ କ୍ରୂର । କାଳଭଳି କ୍ରୂର । ହାୟ ମୋ ଜନ୍ମରେ ମା' ଆଖିରୁ ଲୁହ ଶୁଖିଥିଲା, ଓଠରୁ ହସ ଝରିଥିଲା । ଆଜି ମୋ ମୃତ୍ୟୁରେ ପୁଣି ମା ଆଖିରୁ ଲୁହ ଝରିବ ମୋର କୃତକର୍ମର କଳଙ୍କ ଦେଖି । ଆଜି ସମ୍ରାଟ ଅଛି କାଲି ନଥିବି । କିନ୍ତୁ ଜନମୁଖରେ ଯେଉଁ ନିନ୍ଦା ତାର ଶେଷ କାହିଁ? ମୋ ମୃତ୍ୟୁପରେବି ? ପୁତ୍ରର ଯଶକୀର୍ତ୍ତିରେ ପିତାମାତାଙ୍କ ମୁଖ ଉଜ୍ଜ୍ୱଳ ହୁଏ । ମୋର ଯଶକୀର୍ତ୍ତି ମୁଁ ନିଜେ । ଜନମୁଖରେ ଯାହାର ପରିଚୟ 'କ୍ରୂର ଚଣ୍ଡାଶୋକ' ହାହାକାର କରୁଥିଲା ପ୍ରାଣ ତାଙ୍କର ।

ମହାରାଣୀ କାରୁବାକୀ ସମ୍ରାଟଙ୍କ ମନକଥା ବୁଝୁଥିଲେ । ଉଦାସ, ହତାଶ ସମ୍ରାଟଙ୍କ ସେବାରେ ସେ ଲାଗି ରହିଥିଲେ । ସମ୍ରାଟଙ୍କୁ ପରାମର୍ଶ ଦେଲେ ନେପାଳ ବୁଲିଗଲେ ଭଲ ହୁଅନ୍ତା । ହିମାଳୟର ସବୁଜ ସୁନ୍ଦର ଉପତ୍ୟକା, ବନଗିରି, ଉତ୍ତୁଙ୍ଗ ଶୈଳଶ୍ରେଣୀର ସୌମ୍ୟ ରୂପକାନ୍ତି, ପୁଷ୍ପିତା ଶିବଲୋକ, ଶ୍ୱେତମର୍ମର, ଶୁଭ୍ର ହିମଶୃଙ୍ଗର ସୌନ୍ଦର୍ଯ୍ୟ, ସୁର୍ଯ୍ୟୋଦୟ, ସୂର୍ଯ୍ୟାସ୍ତରେ, ପତଳା ମେଘର ପ୍ରବାହରେ, ପୁଲକ ଅପୂର୍ବ । ମହାରାଜ ସମ୍ମତି ଦେଲେ, ଦୁହେଁ ବୁଲିଗଲେ ନେପାଳ । ହିମାଳୟର ନୈସର୍ଗିକଙ୍କ ସୌନ୍ଦର୍ଯ୍ୟରେ ଅଭିଭୂତ ହେଲେ । ସତ୍ୟ-ଶିବ-ସୁନ୍ଦରର ପବିତ୍ର ସ୍ପର୍ଶ ପ୍ରାଣରେ ଅପୂର୍ବ ଆଲୋଡନ, ଆନନ୍ଦର ପ୍ଲାବନ ଭରିଦେଲା । ଯେପରି ସାଂସାରିକ ଜୀବନର ସମସ୍ତ ପାପ ପଙ୍କରୁ ମୁକ୍ତ । ବୌଦ୍ଧଧର୍ମ ଗ୍ରହଣ କରିବାକୁ କାରୁବାକୀ ଅଶୋକଙ୍କୁ କେବେ ବାଧ୍ୟ କରିନଥିଲେ । ତେଣୁ କଳିଙ୍ଗ ଯୁଦ୍ଧର ଅଢେଇବର୍ଷପରେ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ।

## କଳିଙ୍ଗଯୁଦ୍ଧ ଶିଳାଲେଖ

କଳିଙ୍ଗ ଯୁଦ୍ଧ । କଳିଙ୍ଗ ବିଜୟ । ଯୁଦ୍ଧ ବିଜୟ । କାରୁବାକୀର ହୃଦୟ ବିଜୟ । ପ୍ରେମ ବଳିଦାନର ବିଜୟ । ଦୟା କ୍ଷମାର ବିଜୟ । ହିଂସାର ହିଂସ୍ରତା ଉପରେ ଅହିଂସାର ଅମ୍ଳାନ ବିଜୟ । ଏତେବଡ ଯୁଦ୍ଧ ତାଙ୍କ ଜୀବନରେ ସମ୍ଭବତଃ ମହାଭାରତ ଯୁଦ୍ଧପରେ ଏହାହିଁ ମହାଭାରତର ପ୍ରଥମ ମହାଯୁଦ୍ଧ । ଆଲେକ୍‌ଜାଣ୍ଡରଙ୍କ ଭାରତ ଆକ୍ରମଣ ଖ୍ରୀଷ୍ଟପୂର୍ବ ୩୨୬ରେ ଏତେବଡ ଯୁଦ୍ଧ ହୋଇନାହିଁ । ଖ୍ରୀଷ୍ଟପୂର୍ବ ୩୨୬ରୁ ଖ୍ରୀଷ୍ଟପୂର୍ବ ୨୬୧ ପ୍ରାୟ ୬୫ବର୍ଷପରେ ଏ ମହାଯୁଦ୍ଧ । ଏତେବଡ ମହାଯୁଦ୍ଧର ସ୍ମୃତିକୁ ବିଜୟର ଗାଥାକୁ ସାଇତି ରଖିବାକୁ 'ଶିଳାଲେଖରେ' ସମ୍ରାଟ ନାଁ ଧରୁନାହାନ୍ତି । ବିଜିତ

ସମ୍ରାଟଙ୍କ ବିଚିତ୍ର ଖିଆଲ । କଳିଙ୍ଗ ବିଜୟ ଶିଳାଲେଖ ପାଇଁ ମନ୍ତ୍ରୀ ପରିଷଦଠାରୁ ଅନେକ ପ୍ରସ୍ତାବ, ପରାମର୍ଶ ଆସିଲାଣି କିନ୍ତୁ ସମ୍ରାଟ ଏଡେଇ ଚାଲିଛନ୍ତି ସବୁ ପ୍ରସ୍ତାବକୁ । ମଗଧର ମହାମନ୍ତ୍ରୀ, ବୁଦ୍ଧିଜୀବୀ ବିସ୍ମିତ । ସମ୍ରାଟଙ୍କ ମନକୁ ମୁଗ୍ଧ କଲାଭଳି ଅନେକ ଶିଳାଲେଖର ବାର୍ତ୍ତା ଦିଆଗଲାଣି । କିନ୍ତୁ ଏ କଣ ? ସମ୍ରାଟ ସବୁ ପଢୁଛନ୍ତି, ରଖୁଛନ୍ତି, କିଛି ଉତ୍ତର ନାହିଁ । ଯୁଦ୍ଧ ବିଜୟର ଅନେକ ଶିଳାଲେଖ ପୂର୍ବରୁ ଲେଖାଯାଇଛି । ତାର ଅନୁକରଣରେ ଅନେକ ଶିଳାଲେଖର ବାର୍ତ୍ତା ଲେଖାଗଲାଣି । ସମ୍ରାଟ କିଛି କହୁନାହାଁନ୍ତି, କଣ ଚାହୁଁଛନ୍ତି ସେ ? କିଏ ଜାଣିବ ତାଙ୍କ ମନର କଥା ? ଯେପର୍ଯ୍ୟନ୍ତ ସେ ନ କହିଛନ୍ତି, ଶିଳାଲେଖ ତାଙ୍କବିନା ନିର୍ଦ୍ଦେଶରେ ସ୍ଥାପନ କରିବା ଅସମ୍ଭବ । ଶିଳାଲେଖର ବାର୍ତ୍ତା ଯେମିତି ବୋଧଗମ୍ୟ ସେମିତି ହୃଦ୍‌ବୋଧ ହେବ । ସଂକ୍ଷିପ୍ତ ସୁନ୍ଦର ହେବ । ସମୟ ଗଡିଚାଲୁଛି । ମହାରାଜ ନାଁ ଧରୁନାହାଁନ୍ତି ଶିଳାଲେଖର । ସମସ୍ତେ ମନେମନେ ବ୍ୟସ୍ତ, ବିସ୍ମିତ । ଏତେବଡ ଯୁଦ୍ଧ ବିଜୟର ମାହାତ୍ମ୍ୟକୁ ମହାମାନ୍ୟ ମଗଧ ସମ୍ରାଟ ହାତଛଡା କରିବା, ଅଣଦେଖା କରିବା ବଡ ଅସହ୍ୟ । ଏହାର କାରଣ କଣ ହୋଇପାରେ ? ସମ୍ଭବତଃ ମଗଧର ଦ୍ୱିତୀୟ ମହାପାଟରାଣୀ କଳିଙ୍ଗକନ୍ୟା କାରୁବାକୀ ଆଘାତ ପାଇବେ ? ଦ୍ୱିତୀୟ ମହାପାଟରାଣୀ ପଦପୀ ବିଶ୍ୱ ଇତିହାସରେ ବିରଳ । ସେହି ବିରଳ ସୌଭାଗ୍ୟର ଅଧିକାରୀ କାରୁବାକୀ । ଏଇ ଭୟରେ ସମ୍ରାଟ ନୀରବ ନା କଣ ? କିନ୍ତୁ କଳିଙ୍ଗ ବିଜୟ ବିନା କଳିଙ୍ଗ କନ୍ୟା ଦ୍ୱିତୀୟ ମହାପାଟରାଣୀ ହେବା ଅସମ୍ଭବ ? କଳିଙ୍ଗ ସ୍ୱୟଂଶାସନାଧୀନ ହେଲେ ହେଁ ମଗଧର ନିୟନ୍ତ୍ରଣାଧୀନ । ଏକଥା ସମସ୍ତେ ଜାଣନ୍ତି । ତେବେ କଣପାଇଁ ସମ୍ରାଟ ନିରବ ? ଧୀରେଧୀରେ ଏକଥା ଜନମାନସରେ ପ୍ରଘଟ ହେଲାଣି । ସମ୍ରାଟ କଳିଙ୍ଗ ବିଜୟର ଶିଳାଲେଖ ଲେଖିବେ ନାହିଁ, ଏହା କିପରି କଥା ? ଏହି ବିଜୟରେ ମଗଧ ସେନାର ପ୍ରାଣବଳିକୁ ସମ୍ରାଟ କଣ ହେୟଜ୍ଞାନ କରୁଛନ୍ତି ନା କଣ ? ବହୁ ବିଚାର ବିମର୍ଷ ପରେ ମନ୍ତ୍ରୀପରିଷଦ ସମ୍ରାଟଙ୍କୁ ମଗଧ ଜନସାଧାରଣଙ୍କ ଇଚ୍ଛା, କଳିଙ୍ଗବିଜୟ ଶିଳାଲେଖକୁ ଲେଖି ସ୍ଥାପନ କରିବାପାଇଁ ପ୍ରକାଶ କଲେ । ସମ୍ରାଟ ପ୍ରକାଶ କଲେ ମୁଁ ଆଜିଯାଏ ଦେଖିଥିବା ଶିଳାଲେଖ ମତେ ଶାନ୍ତି ଦେଉନାହିଁ, ଆଘାତ ଦେଉଛି । ଏହାର ଅର୍ଥବୋଧ ସମ୍ପୂର୍ଣ୍ଣ ଲାଗୁନାହିଁ । ମୋର ମନୋନୀତ ହୋଇନାହିଁ । ତେଣୁ ରାଜ୍ୟର ସମସ୍ତ ପ୍ରଜାକୁ ଜଣାଅ ମାସକ ମଧ୍ୟରେ ଶକ୍ତି, ସୌନ୍ଦର୍ଯ୍ୟ, ସର୍ଜନର ଚମତ୍କାର ଶିଳାଲେଖଟିଏ ନିର୍ମାଣ ପାଇଁ ଯାହାର ବାର୍ତ୍ତା ମତେ ମନ୍ତ୍ରମୁଗ୍ଧ କରିଦେବ, ମୁଁ ତାକୁ ଏକଶତ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦେବି । ଏଭଳି ଘୋଷଣାରେ ମନ୍ତ୍ରୀପରିଷଦ ସ୍ତବ୍ଧ । ଏ କ'ଣ ଏତେ ଶିଳାଲେଖ ଦେଖିଦେଖି ଆଜିଯାଏ ସମ୍ରାଟ ନିରବ ଥିଲେ । ଯାହାହେଉ ମହାରାଜାଙ୍କ ନିର୍ଦ୍ଦେଶ ପାଳିତ ହେବ କହି ଫେରିଲା ବେଳେ ମହାରାଜ ''ଶୁଣ' କହି, କହିଲେ, ଏହି ଘୋଷଣା ମଗଧ ଓ କଳିଙ୍ଗର ସମସ୍ତ ପ୍ରଜାମାନଙ୍କ ପାଖରେ ଶୀଘ୍ର ପହଞ୍ଚେ ? ଧନ୍ୟ ସମ୍ରାଟ ! ଧନ୍ୟ ତାଙ୍କର ଇଚ୍ଛା ।

ରାଜ୍ୟସାରା ଘୋଷଣା କରାଗଲା କଳିଙ୍ଗ ଯୁଦ୍ଧରେ ଶିଳାଲେଖର ବାର୍ତ୍ତା ଦେବାପାଇଁ । ବହୁ ବାର୍ତ୍ତା ଆସିଲା । ସମ୍ରାଟ ସମସ୍ତ ବାର୍ତ୍ତା ସବୁଦିନେ ପଢନ୍ତି, ରଖନ୍ତି । ସମସ୍ତେ ସ୍ତବ୍ଧ ଏ କ'ଣ ସମ୍ରାଟ କୌଣସି ବାର୍ତ୍ତା ମନୋନୀତ କରୁନାହାନ୍ତି ! ମାସ ପୂରିବାକୁ ବସିଲାଣି । ସମ୍ରାଟ କିନ୍ତୁ ନିରୁତ୍ତର ଏହାର ସମାଧାନ ପାଇଁ ମହାମନ୍ତ୍ରୀ ଦିନେ ଦ୍ୱିତୀୟ ମହାପାଟରାଣୀ କାରୁବାକୀଙ୍କୁ ସାକ୍ଷାତ କରି ସମସ୍ତ କଥା ଜଣାଇଲେ । ମହାରାଜାଙ୍କର କୌଣସି ବାର୍ତ୍ତା ମନୋନୀତ ହେଉନାହିଁ । ଆପଣ ବୁଝାନ୍ତୁ



ମହାରାଜ ରାଜି ହେବେ ।

ରାତ୍ରିର ଶୟନ କକ୍ଷରେ କାରୁବାକୀ ମହାରାଜ ଅଶୋକଙ୍କ ସହିତ କଥା ହେଉଥିଲେ ।

କାରୁବାକୀ : ମହାରାଜ ଶିଳାଲେଖର ବାର୍ତ୍ତା ମନୋନୀତ ହେଲା ?

ଅଶୋକ : ନା ରାଣୀ.. ନା । ସବୁଦିନେ ବାର୍ତ୍ତା ଆସୁଛି ରାଜ୍ୟର ବିଭିନ୍ନ କୋଣରୁ । ସବୁ ପଢୁଛି, ରଖିଦେଉଛି ନିରବରେ ।

କାରୁବାକୀ : କଳିଙ୍ଗ ଉପରେ ମଗଧର ବିଜୟ ବାର୍ତ୍ତା । ଅସିର ବିଜୟ । କ୍ଷମତାର ବିଜୟବାର୍ତ୍ତା... ।

ଅଶୋକ : ନା – ରାଣୀ – ନା – ଅସହ୍ୟ ଲାଗୁଛି ଏ ବାର୍ତ୍ତାସବୁ । ଅଣନିଶ୍ୱାସୀ ଲାଗୁଛି ଏହାର ଧ୍ୱନି, ପ୍ରତିଧ୍ୱନି, ଶବ୍ଦ, ଛବି ଅସ୍ତବ୍ୟସ୍ତ ଲାଗୁଛି ହିଂସାର ଶୋଣିତସିକ୍ତ ଦୃଶ୍ୟସବୁ ।

କାରୁବାକୀ : ଅସହ୍ୟ ଲାଗୁଛି ?

ଅଶୋକ : ହଁ ରାଣୀ ହଁ ! ମୁଁ ସମ୍ରାଟ ତମେ ସନ୍ନ୍ୟାସିନୀ । ତୁମେ କୁହ ଶିଳାଲେଖର ଶାଣିତ ଶବ୍ଦସବୁ ମୋ ହୃଦୟ ଚିରି ଅସିମୁନରେ ଲେଖିଲାଭଳି ମୋତେ ଅସହ୍ୟ ଲାଗୁଛି ।

କାରୁବାକୀ : ମୁଁ ଜାଣେ ସମ୍ରାଟଙ୍କ ହୃଦୟର ବ୍ୟଥା ।

ଅଶୋକ : ତୁମେ କଣ ଚାହଁ ମୁଁ ସାଇତି ରଖିବି ହୃଦୟର ବ୍ୟଥାକୁ ଶିଳାଲେଖରେ ଯୁଗଯୁଗ ପାଇଁ... ?

କାରୁବାକୀ : ରାଜ୍ୟବାସୀଙ୍କ ଇଚ୍ଛାକୁ ସମ୍ମାନ ଦେବାକୁ ହେବ । ଏହି ମହାଯୁଦ୍ଧରେ ପ୍ରାଣବଳି ଦେଇଥିବା ଲକ୍ଷଲକ୍ଷ ସୈନ୍ୟଙ୍କ ବଳିଦାନକୁ ସ୍ମରଣ ରଖିବାକୁ ।

ଅଶୋକ : କଲ୍ୟାଣୀୟା କଣ କହୁଛ ତୁମେ ? ହିଂସାର ବାର୍ତ୍ତାକୁ

କାରୁବାକୀ : ନା... ଅହିଂସାର ବାର୍ତ୍ତାକୁ । କ୍ଷମାର ବିଜୟକୁ । ହୃଦୟର ପ୍ରେମକୁ, ମାନବାତ୍ମାର ମଙ୍ଗଳପାଇଁ, ଯୁଦ୍ଧତ୍ୟାଗର ଆଦର୍ଶକୁ, ଆହ୍ୱାନକୁ । ଲକ୍ଷଲକ୍ଷ ସେନାର ଆତ୍ମବଳିଦାନରେ ବୀତସ୍ପୃହ ସମ୍ରାଟଙ୍କର ଅସି ତ୍ୟାଗର ଅସମ୍ଭବ ନିଷ୍ପତ୍ତିକୁ, ଇତିହାସର ଅମର ଅଧ୍ୟାୟକୁ । ହିଂସା ଉପରେ ଅହିଂସାର ଅମ୍ଳାନ ବିଜୟ ଅନୁଭବକୁ । ଅକ୍ଷୟ କୀର୍ତ୍ତିକୁ ।

ଅଶୋକ : ଧନ୍ୟ ରାଣୀ, ଧନ୍ୟ ତୁମର ବାଣୀ, ବୋଧି, ବାଗ୍ମୀତା, ବିଚାରଧାରା । ଧନ୍ୟ ତୁମେ ଗୁଣୀଜ୍ଞାନୀ, ଧନ୍ୟ ମୋରପ୍ରାଣ, ତୁମକୁ ପାଇ । ତୁମେ ହିଁ ସର୍ବଶ୍ରେଷ୍ଠ ଶିଳାଲେଖର ବାର୍ତ୍ତା ଲେଖିପାରିବ, ଯାହାର ସନ୍ଧାନରେ ମୁଁ ଚିନ୍ତାମଗ୍ନ ଥିଲି । ତମେ ହିଁ ଲେଖିବ ମାନବଜାତିର ମଙ୍ଗଳପାଇଁ ଅମର ଶିଳାଲିପି । ପ୍ରେମ, ସ୍ୱାଧୀନତାର ମହାଯୁଦ୍ଧ, କଳିଙ୍ଗଯୁଦ୍ଧରେ ମୁଁ ପାଇଛି ପ୍ରେମ, ବଳିଦାନର ଅପୂର୍ବ ପରିଚୟ କଳିଙ୍ଗର ମାଟିରେ, କଳିଙ୍ଗାର ରକ୍ତରେ । ପ୍ରାତଃ ସ୍ମରଣୀୟ ସେମାନେ ଶାନ୍ତିପ୍ରିୟ ବିଶ୍ୱର, ଯୁଦ୍ଧ ପୀଡିତ ବିଶ୍ୱଜନତାର । ଅଭୂତପୂର୍ବ ସେମାନଙ୍କର ଆତ୍ମବଳିଦାନ ଯେମିତି କଳିଙ୍ଗ କନ୍ୟା କାରୁବାକୀର ଅହିଂସ ଆତ୍ମସମର୍ପଣ, ସନ୍ନ୍ୟାସିନୀର ଆତ୍ମସମର୍ପଣ ଅପୂର୍ବ, ଅଶ୍ରୁତ । ବିଶ୍ୱ ଇତିହାସରେ ବିରଳ । ପ୍ରେମ ଓ ବଳିଦାନରେ କଳିଙ୍ଗର ରକ୍ତରେ ଶୋଣିତସିକ୍ତ, ଚିରସ୍ମରଣୀୟ, ଅହିଂସାର ଅପୂର୍ବ ଶିଳାଲେଖ ।

ମହାରାଣୀ କାରୁବାକୀ ଅଶୋକଙ୍କ ପରାମର୍ଶରେ ଲେଖିଥିଲେ ଇତିହାସର ଅକ୍ଷୟ କୀର୍ତ୍ତିକୁ

ଶିଳାଲେଖରେ ଅନନ୍ୟ ଭାବେ ଯାହାର ପଟାନ୍ତର ନାହିଁ ବିଶ୍ୱରେ । ''କଳିଙ୍ଗ ବିଜୟ'' କାଟିଦେଇ ଅଶୋକ ''କଳିଙ୍ଗ ଅବିଜିତମ୍ '' ଲେଖିଦେଲେ ।

ଦେବାନାଂ ପ୍ରିୟ ଅଶୋକ ରାଜତ୍ୱର ଅଷ୍ଟମ ବର୍ଷରେ କଳିଙ୍ଗ ଜୟ କରିଥିଲେ । ଏଥିରେ ଲକ୍ଷାଧିକ କଳିଙ୍ଗ ସେନା ନିହତ ଓ ଦେଢଲକ୍ଷ ବନ୍ଦୀ ହୋଇଥିଲେ ।

କାରୁବାକୀ : ମହାରାଜ ଏ କଣ ''କଳିଙ୍ଗ ବିଜୟ''କୁ .... ।

ଅଶୋକ : ହଁ କଳିଙ୍ଗ ବିଜୟ ଅସମ୍ଭବ । ଏହା ହିଁ ମୋର ଆତ୍ମାର ଅନୁଭବ । କଳିଙ୍ଗର ମାଟି, ଗୋଡି, ପାହାଡ, ପର୍ବତ, ନଦୀ, ମହୋଦଧି ଅଧିକାର କରି ମୁଁ କହିପାରିବିନି କଳିଙ୍ଗ ବିଜୟ କରିଛି । କଳିଙ୍ଗର ହୃଦୟ ବିଜୟ ବିନା କଳିଙ୍ଗ ବିଜୟ ଅସମ୍ଭବ । ହୃଦୟ ବିଜୟ ଲାଗି ଲୋଡା ପ୍ରେମ, ଅହିଂସା । ଯେଉଁଠି ପ୍ରତିଶୋଧ ନାହିଁ, ପ୍ରତିହିଂସା ନାହିଁ, ପୀଡା ନାହିଁ, ପରାଭବ ନାହିଁ, ସେଠାରେ ବିଜୟର ଶବ୍ଦ କେତେ ଗ୍ଲାନିପୂର୍ଣ୍ଣ ।

କାରୁବାକୀ : ତେବେ କଣ ଲେଖିବେ ?

ଅଶୋକ : ଏଇ ମୁଁ ଲେଖିଦେଉଛି ''କଳିଙ୍ଗ ଅବିଜିତମ୍ ।''

କାରୁବାକୀ : ଚମତ୍କାର ଆପଣଙ୍କର ସର୍ଜନ ପ୍ରାଣର ସ୍ନିଗ୍ଧ ପ୍ରକାଶ । ଆପଣ ଯେମିତି ବ୍ୟାପ୍ତିରେ ବୋଧିସତ୍ତ୍ୱ, ଦୀପ୍ତିରେ ବୋଧିଦୀପ୍ତ ।

ଅଶୋକ : ମହାରାଣୀ ! ଆପଣ ଲେଖିଛନ୍ତି ଲକ୍ଷାଧିକ ସେନା ନିହତ ହୋଇଥିଲେ ।

କାରୁବାକୀ : କଣ ଲେଖିଥାନ୍ତି ?

ଅଶୋକ : ଲେଖନ୍ତୁ, ଲକ୍ଷାଧିକ କଳିଙ୍ଗ ସେନା ନିହତ ଓ ଦେଢଲକ୍ଷ ବନ୍ଦୀ ହୋଇଥିଲେ । ଏହି ଯୁଦ୍ଧରେ ଲକ୍ଷାଧିକ ମଗଧ ଓ କଳିଙ୍ଗର ସେନା ନିହତ, ଆହତ, ବନ୍ଦୀ ହୋଇଥିଲେ ହେଁ କଳିଙ୍ଗଃମାନଙ୍କର ବଳିଦାନରେ ମୋର ହୃଦୟ ପରିବର୍ତ୍ତନ ସମ୍ଭବ ହୋଇଥିଲା । ସେମାନେ ଲଢୁଥିଲେ ସ୍ୱାଧୀନତାପାଇଁ, ପ୍ରେମପାଇଁ । ମଗଧ ସେନା ଲଢୁଥିଲେ ବିଜୟପାଇଁ । କଳିଙ୍ଗଃମାନଙ୍କ ଉପରେ ଯୁଦ୍ଧ ଲଦି ଦେଇଥିଲେ ମଗଧରାଜ । ତେଣୁ ସେମାନେ ମହାନ୍ । ସେମାନଙ୍କର ବୀରତ୍ୱ, ବଳିଦାନରେ ମହୀୟାନ ଏ ମାଟି, ଆକାଶ, ଅନ୍ତରୀକ୍ଷ । ମୋର ହିଂସ୍ରପ୍ରାଣକୁ ଦୋହଲାଇ ଦେଇଥିଲେ ସେମାନେ ଅପୂର୍ବ ବଳିଦାନରେ, ସେମାନେ ଚିର ନମସ୍ୟ । ଯୁଦ୍ଧ ଇତିହାସରେ ସେମାନେ ମରଣଜୟୀ । ସେମାନଙ୍କୁ ସମ୍ମାନ ଦେବାକୁ...

କାରୁବାକୀ : ଧନ୍ୟ ସମ୍ରାଟ ଧନ୍ୟ ତୁମର ଚିନ୍ତା, ଚେତନାର ଦିଗ୍‌ବଳୟ । ଧନ୍ୟ ତୁମେ କଳିଙ୍ଗର ହୃଦୟରେ... ।

ଅଶୋକ : ମହାରାଣୀ, ମୋରଇଚ୍ଛା ଏହି ଶିଳାଲେଖ କଳିଙ୍ଗରେ ସ୍ଥାପିତ ହେବନାହିଁ । ସ୍ଥାପିତହେବ ମଗଧ ସୀମାର ଚତୁପାର୍ଶ୍ୱରେ । ମଗଧର ପ୍ରଜା ବିଜୟର ଗୌରବକୁ ସ୍ଥାନ ନଦେଇ କଳିଙ୍ଗର ଶକ୍ତି, ଶୌର୍ଯ୍ୟ, ପ୍ରେମ, ବଳିଦାନକୁ ସ୍ମରଣ ରଖିବେ, ସମ୍ମାନ ଦେବେ । ମତେ ମନେ ରଖିବେ । ସେମାନେ ଅସହାୟ ବୃଦ୍ଧ ପିତାମାତାଙ୍କ ସେବା କରିବେ ।

କାରୁବାକୀ : ଧନ୍ୟ ମହାରାଜ ଧନ୍ୟ ତୁମର ଉଦାର ଦୃଷ୍ଟିଭଙ୍ଗୀ । ତୁମପାଇଁ ମୋର ଜୀବନ ଧନ୍ୟ । କଳିଙ୍ଗରେ ସ୍ଥାପିତ ହେଲେ...



ଅଶୋକ : ନା', କଳିଙ୍ଗ ସ୍ୱୟଂଶାସିତ ସ୍ୱାଧୀନ ରାଜ୍ୟ । ତାକୁ ସମ୍ମାନ ଦେବାକୁ ମୋର ଏ ନିଷ୍ପତ୍ତି । କଳିଙ୍ଗ ରାଜାଙ୍କ ମୃତ୍ୟୁପରେ ଏ ଯୁଦ୍ଧର ନେତୃତ୍ୱ ନେଇ ତୁମେ ପ୍ରତ୍ୟେକ ପ୍ରଜାକୁ ଦେଇଛ ରାଜାର ଅଧିକାର । ତେଣୁ ରାଜା ନଥାଇ ମଗଧର ବିଜୟକୁ ଲେଖିବା ନିରର୍ଥକ । ଧନ୍ୟ କଳିଙ୍ଗର ପ୍ରତ୍ୟେକ ପ୍ରଜା ଯେଉଁଠି ରାଜା ସେଠାରେ ବିଜୟ ଅସମ୍ଭବ । ମୋର ପିତା ବିନ୍ଦୁସାର, ପିତାମହ ଚନ୍ଦ୍ରଗୁପ୍ତ କଳିଙ୍ଗର ଶକ୍ତି, ଶୌର୍ଯ୍ୟକୁ ସମ୍ମାନଦେଇ ଯୁଦ୍ଧ ନକରି ଅନୁଭବ କରିଥିଲେ ''କଳିଙ୍ଗ ଅବିଜିତମ୍'' । ମୁଁ ଯୁଦ୍ଧକରି ଅନୁଭବ କରୁଛି ''କଳିଙ୍ଗ ଅବିଜିତମ୍'' ।

## ବଂଶୀବାଦକ କୁନାଳ

ତୃତୀୟ ରାଣୀ ପଦ୍ମାବତୀଙ୍କ ପୁତ୍ର କୁନାଳ ଥିଲେ ଅଶୋକଙ୍କର ପ୍ରିୟ । ସମୟ ଚକ୍ରରେ ବିରଜା (ଯାଜପୁର)ର ତିସ୍ୟା ରକ୍ଷିତା ଅଶୋକଙ୍କ ସ୍ତ୍ରୀ ଭାବେ ସାତଦିନର ରାଜକାର୍ଯ୍ୟ ଚଳାଇ ଅଶୋକଙ୍କ ପ୍ରିୟପୁତ୍ର କୁନାଳଙ୍କୁ ଅନ୍ଧ କରିଥିଲେ ଓ ପରିଚୟ ଶୂନ୍ୟ ଜୀବନ ବିତାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଅଶୋକ କୁନାଳଙ୍କ ଆକସ୍ମିକ ଅନ୍ତର୍ଦ୍ଧାନ ଖବରରେ ମ୍ରିୟମାଣ ହୋଇଥିଲେ । ଅନ୍ଧ କୁନାଳ ଚମତ୍କାର ବଂଶୀବାଦନ କରି ଗ୍ରାମରୁ ଗ୍ରାମକୁ ଘୁରି ବୁଲୁଥିଲେ ଭିକ୍ଷା ଉଦ୍ଦେଶ୍ୟରେ । ଦିନେ ସମ୍ରାଟ ଅଶୋକ ପାଟଳିପୁତ୍ର ନିକଟରେ ଗଭୀର ରାତ୍ରିରେ ବୁଲୁଥିଲାବେଳେ ମଧୁର ବଂଶୀଧ୍ୱନି ତାଙ୍କ ହୃଦୟକୁ ଆହ୍ଲାଦିତ କଲା । ପରଦିନ ସକାଳେ ସେ ବଂଶୀବାଦକକୁ ଖୋଜି ଆଣିବା ପାଇଁ ସେ ଦୂତକୁ ନିର୍ଦ୍ଦେଶ ଦେଇଥିଲେ । କୁନାଳକୁ ଅନ୍ଧବଂଶୀ ବାଦକ ଭାବେ ଦେଖି ସେ ଗଭୀର ଦୁଃଖରେ ଚେତା ହରାଇଥିଲେ । ତାଙ୍କ ପୁତ୍ରର ସମସ୍ତ ଯତ୍ନ ନେଇଥିଲେ । ବୌଦ୍ଧ ସନ୍ନ୍ୟାସୀ ଙ୍କ ସ୍ପର୍ଶରେ କୁନାଳ ଦୃଷ୍ଟିଶକ୍ତି ଫେରି ପାଇଥିଲେ, ଶ୍ରୀକୃଷ୍ଣ, ଯୀଶୁଙ୍କର ଅନ୍ଧକୁ ଚକ୍ଷୁ ଦାନପରି । ଅଶୋକ କୁନାଳଙ୍କୁ ଗାନ୍ଧାରର ଶାସନ ଦାୟିତ୍ୱ ଦେଇଥିଲେ । କୁନାଳ ପରେ ଧର୍ମବିବର୍ଦ୍ଧନ ନାମରେ ବୌଦ୍ଧଧର୍ମର ପ୍ରଚାର, ପ୍ରସାର କରିଥିଲେ । ଅଶୋକ ନୃଶଂସ ପତ୍ନୀ ତିସ୍ୟାକୁ କ୍ଷମା କରିଥିଲେ ଅହିଂସାର ଚରମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ।

ଏଭଳି ଏକ କ୍ଷମାଶୀଳ, ଦୟାପୂର୍ଣ୍ଣ, ପ୍ରଭୁକୃପାପୂର୍ଣ୍ଣ ମହାନ୍ ଘଟଣାକୁ ବାଦଦେଇ ଅଶୋକଙ୍କ ଜୀବନକୁ ଶେଷ କରିବାକୁ ମୋର ଦରଦୀ ସର୍ଜନଶୀଳ ସ୍ରଷ୍ଟା ପ୍ରାଣ ସମ୍ଭାଳି ପାରିଲା ନାହିଁ । ତେଣୁ କୁନାଳଙ୍କ ଦିବ୍ୟ ଜୀବନର ଆଲୋକଚିତ୍ର ଆଙ୍କିବାକୁ ଉଚ୍ଛନ୍ନ ହେଲା ସ୍ରଷ୍ଟା । କୁନାଳଙ୍କ ଧରାବତରଣରେ ଧନ୍ୟ ମଗଧ, ଧନ୍ୟ ଅଶୋକ, ଧନ୍ୟ ପିତା, ଧନ୍ୟ ପିତୃତ୍ୱ । ଅହିଂସର ଅବତାର,'କୁନା' ଭଳି, 'ସୁନା' ଭଳି, 'ସୋମୁ' ଭଳି, 'ବୁଢିଆ' ଭଳି କୁନାଳ... କୁନାଳ... କୁନାଳ-ସ୍ନେହ କାଙ୍ଗାଳ ଶବ୍ଦଟିଏ ପ୍ରୀତପ୍ରାଣର କୋମଳ ପ୍ରୀତିପୂର୍ଣ୍ଣ ନାମଟିଏ – ସ୍ନେହମୟ ଉଚ୍ଚାରଣଟିଏ – ସ୍ନେହର ଶୀତଳ ସ୍ପର୍ଶଟିଏ । କୁନାଳ-ରାଜପୁତ୍ର କୁନାଳ-ସମ୍ରାଟ ଅଶୋକଙ୍କ ପ୍ରିୟପୁତ୍ର କୁନାଳ- ତୃତୀୟରାଣୀ ପଦ୍ମାବତୀଙ୍କ ପୁତ୍ର କୁନାଳ । କଳିଙ୍ଗ ଯୁଦ୍ଧବେଳେ ଜନ୍ମିତ କରୁଣାର ଅବତାର କୁନାଳ । ଅଶୋକଙ୍କ ଗଭୀର ପ୍ରେମର ମାଂସଳ ପ୍ରକାଶ କୁନାଳ । ଏହାର ଶବ୍ଦ, ପ୍ରତିଶବ୍ଦରେ ଭରିରହିଛି ଏକ ଅଦ୍ଭୁତ ଆକର୍ଷଣ, ଅନାହତ ଭଲପାଇବାର । କୁନାଳ, କୋମଳ ମାଂସର କଳିକା । କୋମଳ ପ୍ରେମର କମଳ,

କୁନାଳ । ଦେବଶିଶୁର କାନ୍ତି କରୁଣାରେ ସମୁଜ୍ଜ୍ୱଳ । ସୁନ୍ଦର ପ୍ରେମଭଳି ସୁନ୍ଦର ଫୁଲଭଳି ନାଁ ଟିଏ । ନିରବ ମୂର୍ଚ୍ଛନାଟିଏ । ବ୍ୟାକୁଳ ପ୍ରାଣର ବଂଶୀଧ୍ୱନି ସିଏ । କୁନାଳ ନାମ ନିର୍ବାଚନ ଅଶୋକଙ୍କ ପ୍ରୀତିପୂର୍ଣ୍ଣ ପିତୃପ୍ରାଣର ସ୍ନେହମୟ ଉଚ୍ଛ୍ୱାସ, ଏକ ନୈସର୍ଗିକ ନିବେଦନ, ଅନାବିଳ ଆତ୍ମାର, ଆଲୋକିତ ଆତ୍ମାର । କୁନାଳ, ପିତୃ ହୃଦୟର ଉଷ୍ମ ଶିହରଣ, ସ୍ନେହ କରୁଣାର ଏକ ଅନୁପମ ଉତ୍ତରଣ । ଐଶୀଶକ୍ତିର ଧରାବତରଣ । ଯେମିତି ଅହିଂସାର ଚରମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ସେ ନିଜ ହାତରେ ନିଜକୁ ଅନ୍ଧକରି । ପ୍ରିୟ ପିତାଙ୍କ ନିର୍ଦ୍ଦେଶ ପାଳନର ମିଥ୍ୟା ପୁତ୍ରକୁ ସନ୍ଦେହ ନକରି, ରାମଚନ୍ଦ୍ରଙ୍କ ବନ ଗମନ ଭଳି, ବିନା ଦ୍ୱିଧାରେ, ବିନା ବାଧାରେ, ବିନା ବାକ୍ୟବ୍ୟୟରେ ତାର ପଟ୍ଟାନ୍ତର ନାହିଁ । ହିଂସାର ଆଶ୍ରୟ ନେଇନାହାନ୍ତି ପିତାଙ୍କ ପ୍ରତି, ବିମାତା ତିସ୍ୟାରକ୍ଷୀତା ପ୍ରତି । କ୍ଷମତାରେ ରହି ଚକ୍ଷୁଦାନ ଲାଭ କରିବା ପରେ । ଅହିଂସାର ଅପୂର୍ବ ପରୀକ୍ଷା ଏ ? ପୁତ୍ରର ପିତାର ? ଧନ୍ୟ ପୁତ୍ର, ଧନ୍ୟ ପିତା, ଧନ୍ୟ କୁନାଳ, ଧନ୍ୟ ଅଶୋକ ! ସତ୍ୟ, ମିଥ୍ୟା, ସନ୍ଦେହର ଉର୍ଦ୍ଧ୍ୱରେ ଏପରି ମିଥ୍ୟା ନିଷ୍ଠୁର ପିତୃ ନିର୍ଦ୍ଦେଶ ପାଳନକରି କୁନାଳ ପ୍ରତ୍ୟେକ ସ୍ନେହ କାଙ୍ଗାଳ ପିତୃପ୍ରାଣକୁ ଅଶ୍ରୁସ୍ନାତ କରିଛନ୍ତି । ପିତାଙ୍କ ପ୍ରତି ପ୍ରଗାଢ଼ ଭକ୍ତି, ଭଲପାଇବାକୁ ପ୍ରଦର୍ଶନ କରିଛନ୍ତି । ତାଙ୍କ ଉଦାର ଅହିଂସ ପ୍ରାଣର ପଟ୍ଟାନ୍ତର ନାହିଁ । ଇତିହାସରେ ସେ ଅନନ୍ୟ । ସେ ଅହିଂସାର ଅବତାର । ଅହିଂସାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପିତାଙ୍କୁ ଉତ୍ତୀର୍ଣ୍ଣ କରାଇଛନ୍ତି । ଯୋଗ୍ୟ ପିତାଙ୍କର ଯୋଗ୍ୟ ପୁତ୍ର । ଜନ୍ମ ତାଙ୍କର ସାର୍ଥକ ହୋଇଛି । ପୁତ୍ର ମହେନ୍ଦ୍ର ସୁଦୂର ବିଦେଶରେ ସିଂହଳରେ ଧର୍ମ ପ୍ରଚାର କରିଛନ୍ତି, ପୁତ୍ର କୁନାଳ ରାଜପଦରେ ଧର୍ମ ବିବର୍ଦ୍ଧନ ହୋଇ ସ୍ୱଦେଶରେ ଧର୍ମ ପ୍ରଚାରକରି ଧନ୍ୟ ହୋଇଛନ୍ତି । ମହେନ୍ଦ୍ର କୁନାଳ ଗୋଟିଏ ବୃନ୍ତର ଦୁଇଟି କଳି । ଗୋଟିଏ ଶାଖାର ଦୁଇଟି ପ୍ରଶାଖା, ଗୋଟିଏ ଶିଖାର ଦୁଇଧାର, ଗୋଟିଏ ଚେତନାର ଦୁଇଦିଗ, ଗୋଟିଏ ପ୍ରକାଶର ପୂର୍ଣ୍ଣ ପରିଚୟ । ତାଙ୍କର ତୁଳନାନାହିଁ ।

ସୁନ୍ଦର, ସୁଗଠିତ, ସୌମ୍ୟକାନ୍ତ, ସୁଦର୍ଶନ,ଶ୍ରୀମନ୍ତ କୁନାଳଙ୍କ ଜୀବନରେ ହଠାତ୍ ଏତେବଡ଼ ଅଘଟଣ ଘଟିବବୋଲି ସେ ସ୍ୱପ୍ନରେ ସୁଧା ଭାବିନଥିଲେ । ପ୍ରିୟ ପିତା ତାଙ୍କ ପତ୍ର ପଢ଼ି ହଠାତ୍ ଅନ୍ଧ ହେବାକୁ ନିର୍ଦ୍ଦେଶ ଦେବେ ପୁଣି ନିରୁଦ୍ଦିଷ୍ଟ ହେବାକୁ । ମନରେ ପ୍ରଶ୍ନ ଉଠେ ଏତେ ବଡ଼ ଜଘନ୍ୟ ନିର୍ଦ୍ଦେଶ ରାଣୀ ତିସ୍ୟାରକ୍ଷିତା ପଠାଇଥିଲେ କାହିଁକି ? ଏପରି ଅତ୍ୟଧିକ ହିଂସା ପ୍ରଦର୍ଶନ ପୁତ୍ର କୁନାଳଙ୍କ ପ୍ରତି କାହିଁକି ? କୁନାଳ କ'ଣ ପାପ କରିଥିଲେ ? କାହାର ପ୍ରାଣନାଶ କରିଥିଲେ ? ନା । ତେବେ କାହିଁକି ତାଙ୍କ ପ୍ରତି ଏତେ ନିର୍ଦ୍ଦୟତା, ନିଷ୍ଠୁରତା ? ଅନେକ ପ୍ରଶ୍ନ ଅନେକ ଉତ୍ତର ସବୁ ପ୍ରଶ୍ନ ପ୍ରେମକୁ ନେଇ, ସବୁ ଉତ୍ତର ପ୍ରତ୍ୟାଖାନକୁ ନେଇ ।

କଳିଙ୍ଗ ଯୁଦ୍ଧ ପରେ ବିରଜା ଯାଜପୁରର ରାଜକୁମାରୀ ତିସ୍ୟା ଅଶୋକଙ୍କୁ ପ୍ରଲୁବ୍ଧ କରି ତାଙ୍କର ରକ୍ଷିତା ପତ୍ନୀର ମର୍ଯ୍ୟାଦା ଲାଭ କରିଥିଲେ । ସେ ଥିଲେ କପଟୀ, ଚତୁରୀ, କ୍ଷମତାଲୋଭୀ । ତାଙ୍କ ଭିତରେ ନ ଥିଲା ଦିବ୍ୟ ଦେହର ପ୍ରେମ, ଦିବ୍ୟ ମନର ପ୍ରେମ, ଥିଲା ଦେହଲୋଭର ଲାଳସା,ପାପ ପ୍ରତ୍ୟାଶା । ଦ୍ୱିତୀୟ ମହାପାଟରାଣୀ କାରୁବାକୀଙ୍କ କଳିଙ୍ଗ ଯାତ୍ରା ଯୋଗୁଁ ରାଜଧାନୀ ପାଟଳୀପୁତ୍ରରେ ତାଙ୍କର ସାମୟିକ ଅନୁପସ୍ଥିତି, ମହାରାଜ ଅଶୋକଙ୍କର ଆକସ୍ମିକ ଅସୁସ୍ଥତାର ସୁଯୋଗ ନେଇ କପଟୀ ତିସ୍ୟା ରାଜ୍ୟ ଶାସନର ଭାର ନେଇଥିଲେ ମାତ୍ର ସାତଦିନ ପାଇଁ । ସାତଦିନ



ରାଜକାର୍ଯ୍ୟ ଦେଖାଶୁଣାପାଇଁ ଅଶୋକ ଦେଇଥିଲେ ସ୍ୱହସ୍ତର ରାଜମୁଦ୍ରିକା । ଏହି ସୁଯୋଗରେ ତିସ୍ୟାରକ୍ଷିତା ପୁତ୍ର କୁନାଳ ଉପରେ ପ୍ରତିଶୋଧ ନେଇଥିଲେ ନିର୍ମମ ଭାବରେ, ବ୍ୟର୍ଥ ପାପ କାମନାର ପ୍ରତିଶୋଧ ।

ଯୌବନରେ ଅଶୋକଙ୍କ ରକ୍ଷିତା ରାଣୀହୋଇ ତିସ୍ୟା, ଅତ୍ୟଧିକ କାମନା ଲାଗି ଥିଲେ ଅତୃପ୍ତ । ସମବୟସ୍କ ରାଜକୁମାର କୁନାଳକୁ କାମନାର ରଙ୍ଗଫାସରେ ଧରିରଖି ଜୀବନକୁ ଉପଭୋଗ କରିବାକୁ ଉଦ୍ୟମ କରିଥିଲେ । ବିମାତାଠାରୁ ଦେହଦାନର ନିମନ୍ତ୍ରଣ, ପାପ ପ୍ରଣୟର ସମ୍ପର୍କକୁ ଦୃଢ଼ଭାବେ ପ୍ରତ୍ୟାଖାନ କରିଥିଲେ ରାଜକୁମାର କୁନାଳ ।

ତିସ୍ୟା କୁନାଳଙ୍କ ରୂପ ଯୌବନରେ ମୁଗ୍ଧ,ପ୍ରଲୁବ୍ଧ ହୋଇଥିଲେ । ପୁତ୍ର ସମ୍ପର୍କ ଆଳରେ କୁନାଳକୁ କୁଣ୍ଢାଇ ଧରି ଚୁମ୍ବନ ଦେଇଥିଲେ । କୁନାଳଙ୍କ ମୃଦୁ ପ୍ରତିରୋଧକୁ ପ୍ରତ୍ୟାଖାନ କରି ତାଙ୍କର ସମଗ୍ର ଶରୀରକୁ ଉନ୍ମୁକ୍ତ କରିଦେଇଥିଲେ । ଦେହ ମିଳନର ଅକୁଣ୍ଠ ନିମନ୍ତ୍ରଣକୁ ପ୍ରତ୍ୟାଖାନ କରିଥିଲେ କୁନାଳ ।

ତିସ୍ୟା : ଆରେ ଏ କ'ଣ ? ଏମିତି ଅବାଧ୍ୟ ହୁଅନା ।

କୁନାଳ : ନା ମା' ମତେ କ୍ଷମା କର । ମୁଁ ଏପରି କଳ୍ପନା ସୁଦ୍ଧା କରିନାହିଁ ।

ତିସ୍ୟା : ଡରିବାର କ'ଣ ଅଛି ? ମୁଁ ତୁମକୁ ଚାହେଁ । ତୁମ ଦେହରେ ହଜିଯିବାକୁ ଯୌବନରେ, ପ୍ରଣୟରେ ।

କୁନାଳ : ନା' ମୁଁ ପାରିବିନି ।

ତିସ୍ୟା : କାହିଁକି ? ଦେହ ମିଳନର ମଧୁ ଥରେ ଚାଖି ଦେଖ, କେତେ ମିଠା, ମମତା ସ୍ନିଗ୍ଧ, ଅମୃତ ଆନନ୍ଦର ଗନ୍ତାଘର । ତୁମେ ଭୁଲି ପାରିବନି ଯୌବନର ଦାବିକୁ, ଦେହ ମିଳନର ମାଧୁର୍ଯ୍ୟକୁ । ମତେ ଗ୍ରହଣ କର ।

କୁନାଳ : ନା ଏହା ପାପ ।

ତିସ୍ୟା : ପାପ ନୁହେଁ ? ଦେହ ମିଳନ ପାପ ନୁହେଁ । ମୋ ଦେହର ଅପୂର୍ବ ସୌନ୍ଦର୍ଯ୍ୟକୁ ଦେଖ । ଏଥିରେ ପାପ ନାହିଁ । ସେପରି ମିଥ୍ୟାକହି ମତେ କଷ୍ଟ ଦିଅନାହିଁ । ଆସ ମନଭରି ଉପଭୋଗ କରିବା ଏ ଦେହ, ଯୌବନ, ଜୀବନ ।

କୁନାଳ : ନା... ତମେ ନୀଚ... ଏତେ ପାପୀ ମୁଁ ଜାଣିନଥିଲି । ଜାଣିଥିଲେ ତୁମକୁ ...

ତିସ୍ୟା : ମତେ ? କ'ଣ କରିଥାନ୍ତ ? କ'ଣ କରିବ କର ?

କୁନାଳ : ତମକୁ କ'ଣ କରାଯାଇପାରିବ । କ୍ଷମା... କ୍ଷମା କରାଯାଇ ପାରିବ । ବୁଦ୍ଧଙ୍କ ଶରଣାପନ୍ନ ହୁଅ । କୁହ 'ବୁଦ୍ଧଂ ଶରଣଂମ୍ ଗଚ୍ଛାମି । ଧର୍ମଂ ଶରଣଂ ଗଚ୍ଛାମି । ସଂଘଂ ଶରଣଂ ଗଚ୍ଛାମି ।'

କାମନାର ବିନାଶରେ ଦୁଃଖର ବିନାଶ । ତୁମେ କାମନା ନିଆଁରେ ଛାରଖାର କରନାହିଁ ନିଜକୁ, ଦେହର ପବିତ୍ରତାକୁ । କାମନା ଭୋଗରେ ଆନନ୍ଦ ତମକୁ ଅନ୍ଧ କରିଦେଇଛି । କାମନା ତ୍ୟାଗରେ ଆନନ୍ଦ ତମେ ଲାଭକଲେ ଭୁଲିଯିବ କାମନାର ଅସାରତା, ଅନ୍ଧ ଅନୁସରଣ, ଅଳୀକତା । କାମନା ପାପ, କାମନା ମୃତ୍ୟୁ, କାମନା ନର୍କ, କାମନାର କାଳଫାଶ ତୁମକୁ ଧ୍ୱଂସ କରିଦେବା ପୂର୍ବରୁ ମୁକୁଳି ଆସ କାମନାରୁ । ମୁକ୍ତି ମିଳିବ । ଶାନ୍ତି ମିଳିବ । ଚିରନ୍ତନ ଶାନ୍ତି । ଚିରନ୍ତନ ମୁକ୍ତି । ମତେ

କ୍ଷମାକର ।

ତିସ୍ୟା : କ୍ରୋଧରେ ଗର୍ଜନକରି  ଫେରି ଯାଇଥିଲେ ବିଫଳ ହୋଇ ।

ରାଜକାର୍ଯ୍ୟ ଦେଖାଶୁଣା କରିବାର ସୁଯୋଗ ପାଇବା ମାତ୍ରେ ତିସ୍ୟାରକ୍ଷିତା ଜଘନ୍ୟ ପ୍ରତିଶୋଧ ନେଇଥିଲେ ପୁତ୍ରତୁଲ୍ୟ କୁନାଳ ଉପରେ । ପଠାଇଥିଲେ ଅଶୋକଙ୍କ ରାଜମୁଦ୍ରିକା ନାମାଙ୍କିତ ଚିଠି: ''କୁନାଳ ତୁମେ ମାତାତୁଲ୍ୟ  ତିସ୍ୟାରକ୍ଷିତାଙ୍କ ସହିତ ପାପ ପ୍ରଣୟରେ ଲିପ୍ତ । ତୁମର କ୍ଷମାନାହିଁ । ଏ ପତ୍ରପାଠ କରିବା ମାତ୍ରେ ନିଜ ହାତରେ ନିଜକୁ ଅନ୍ଧକରି ପାଟଳିପୁତ୍ର ତ୍ୟାଗ କରିବ ପରିଚୟ ଶୂନ୍ୟ ଜୀବନ ନେଇ... ।''

ଏହି ଜଘନ୍ୟ ନିର୍ଦ୍ଦେଶର ପତ୍ର ଦୂତଠାରୁ ପାଇବା ମାତ୍ରେ ପିତୃଭକ୍ତ କୁନାଳ ପଢୁପଢୁ ଗଭୀର ଦୁଃଖରେ ମ୍ରିୟମାଣ ହୋଇ ଭାଙ୍ଗିପଡ଼ିଲେ । ପିତା ତାଙ୍କୁ  ବିନାଦୋଷରେ ସନ୍ଦେହକରି ଏ ଦଣ୍ଡ ଦେଇଛନ୍ତି । ଯେଉଁ ପିତା ତାଙ୍କୁ ଏତେ ଭଲପାଆନ୍ତି ସେ ଶେଷରେ ସନ୍ଦେହ କଲେ ରାଣୀ ତିସ୍ୟାରକ୍ଷିତାର କୁପ୍ରରୋଚନାରେ । ସେ ନିଜକୁ ବିଶ୍ୱାସ କରିପାରିଲେ ନାହିଁ ପିତାଙ୍କର ରାଜମୁଦ୍ରିକାର ଛାପ ଦେଖି । ପତ୍ର ପଢ଼ି ପ୍ରଶ୍ନ କରିବେ କ'ଣ ? ନିଜ ଉପରେ ଜଘନ୍ୟ ପ୍ରତିଶୋଧ ନେବାକୁ ସ୍ଥିର କଲେ । ସଙ୍ଗେସଙ୍ଗେ ଛୁରୀମୁନରେ ନିଜର ଚକ୍ଷୁ ଦୁଇଟାକୁ ଫୁଟାଇ ଅନ୍ଧ କରିଦେଲେ । ରାତ୍ରିର ନୀରବ ପ୍ରହରରେ ପାଟଳିପୁତ୍ର ତ୍ୟାଗକରି ଚାଲିଗଲେ । କେତେବାଟ ବା ଯିବେ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇ ? ରାଜଦୂତ ଏହି ଘଟଣା ଦେଖି ହତଭୟ ହେଲେ । ସେ କୁନାଳକୁ ନିଜ ଘରେ ରଖି ଯତ୍ନକଲେ । କୁନାଳଙ୍କ ଚକ୍ଷୁର କ୍ଷତ ଭଲ ହେଲାପରେ ସେ ସମସ୍ତ କଥା କୁନାଳଙ୍କଠାରୁ ଶୁଣି ଦୁଃଖରେ ଭାଙ୍ଗିପଡ଼ିଲେ । କୁନାଳଙ୍କ ପ୍ରତିଶ୍ରୁତି ରକ୍ଷାକରି ରାଜଦୂତ ଦିନେ ଅଶ୍ୱପୃଷ୍ଠରେ କୁନାଳଙ୍କୁ ବସାଇ ପାଟଳିପୁତ୍ର ରାଜ୍ୟସୀମା ବାହାରେ ଛାଡ଼ିଦେଇ ଆସିଲେ ।

ଦୂତ : କୁମାର ! ଆପଣ ଏପରି ଦଣ୍ଡ ନିଜକୁ କାହିଁକି ଦେଲେ ?

କୁନାଳ : ପ୍ରିୟ ପିତାଙ୍କ ପତ୍ର ପଢ଼ିବା ପରେ ମୋର ଧୈର୍ଯ୍ୟ ନଥିଲା ପ୍ରତୀକ୍ଷା କରିବାକୁ ?

ଦୂତ : ଏପରି ନିର୍ଦ୍ଦେଶ ପିତାଙ୍କର ! ଏହା ଆପଣଙ୍କର ହୃଦବୋଧ ହୋଇଛି ?

କୁନାଳ : ରାଜମୁଦ୍ରିକାର ଛାପ ପତ୍ର ତଳେ ହୃଦବୋଧ ହୋଇଛି । ମୋତେ ପିତା ସନ୍ଦେହ କରିଛନ୍ତି, ଏହାହିଁ ମୋ ପାଇଁ ଜଘନ୍ୟ ପାପ । ତାର ପ୍ରାୟଶ୍ଚିତ ପାଇଁ ମୁଁ ନିଜକୁ ଅନ୍ଧ କରିଦେଇଛି ।

ଦୂତ : ପିତାଙ୍କୁ ସାକ୍ଷାତକରି ସନ୍ଦେହମୋଚନ କରିପାରିଥାନ୍ତେ । ସତ୍ୟକୁ ଆଲୋକିତ କରି ନିଜକୁ ପ୍ରତିଷ୍ଠିତ କରିପାରିଥାନ୍ତେ । ନିଜପ୍ରତି ହିଂସା ଆଚରଣ କଲେ କାହିଁକି ?

କୁନାଳ : ପିତାଙ୍କ ସନ୍ଦେହ ମୋଚନର ପରିଣାମ କି ଜଘନ୍ୟ ମୁଁ ଜାଣିଥିଲି । ବିମାତାଙ୍କ ମୃତ୍ୟୁଦଣ୍ଡ, ଅଙ୍ଗଛେଦନ ସୁନିଶ୍ଚିତ ଜାଣି ସେଥିରୁ ନିବୃତ ହେଲି । ପିତାଙ୍କୁ ଅହିଂସପଥରୁ ଫେରାଇ ଆଣିବାକୁ ମୁଁ ଚାହୁଁନଥିଲି । ହିଂସା-ପ୍ରତିହିଂସା-ହତ୍ୟା-ପ୍ରତିଶୋଧର ପୀଡ଼ା ସହିସହି ଚଣ୍ଡାଶୋକ ହୋଇଛନ୍ତି ସେ । ମୋ ପ୍ରତି ଅନ୍ୟାୟକୁ ସେ ସମ୍ଭାଳି ପାରିବେ ନାହିଁ । କ'ଣ ବୋଲି କ'ଣ କରିବସିବେ ? ଅହିଂସା ପ୍ରତି ତାଙ୍କର ପ୍ରୀତିକୁ ସଦୃଢ଼ କରିବାକୁ, ବିମାତାଙ୍କ ଜୀବନ ରକ୍ଷାପାଇଁ ମୁଁ ଏହି ନିଷ୍ପତି ନେଇଥିଲି । ସ୍ୱେଚ୍ଛାକୃତ ଭାବେ ମୁଁ ବିମାତାଙ୍କ ପଥରୁ ହଟି ଯାଇଛି । ସେମାନଙ୍କ ପ୍ରତି ହିଂସା କରିବି ନାହିଁ, ପିତାଙ୍କୁ ହିଂସାର ଆଶ୍ରୟ ନେବାକୁ ସୁଯୋଗ ଦେବିନାହିଁ । ତେଣୁ ମୋର



ଅହିଂସ ପ୍ରାଣର ସର୍ତ୍ତ ଅନ୍ଧହୋଇ ବଞ୍ଚି ରହିବି । ରାମଚନ୍ଦ୍ର ପିତୃସତ୍ୟ ପାଳି ବନଗମନ କରିଥିଲେ । ସେ ନିଜେ କୌଣସି ପାପ କରିନଥିଲେ ? ପ୍ରଶ୍ନ କରିନଥିଲେ ? ପିତାଙ୍କର ନିର୍ଦ୍ଦେଶ ଯେ ନିଜସ୍ୱ ନୁହେଁ ସେ ଜାଣି ସୁଦ୍ଧା ଚଉଦ ବର୍ଷ ବନ ଗମନକୁ ସ୍ୱୀକାର କରିଥିଲେ  ରାଜପଦର ଲୋଭ ତ୍ୟାଗ କରି । ତାଙ୍କପ୍ରତି ପିତା ଦଶରଥଙ୍କର ଯେତିକି ଅଧିକାର, ମାତା କୌଶଲ୍ୟାଙ୍କର ସେତିକି ଅଧିକାର । ସେ ପୁଣି ଧର୍ମପତ୍ନୀ ଗ୍ରହଣ କରିଛନ୍ତି । ପତ୍ନୀ ସୀତା ତାଙ୍କର ଅର୍ଦ୍ଧାଙ୍ଗିନୀ । ତାଙ୍କ ଉପରେ ଅଧିକାର ଅଛି । ତାଙ୍କର ପତ୍ନୀ ପ୍ରତି କର୍ତ୍ତବ୍ୟ ଅଛି । ରାଜାର ନିର୍ଦ୍ଦେଶ ପ୍ରଜା ପାଳନ କରିବାକୁ ବାଧ୍ୟ । ଅନ୍ୟାୟ ନିର୍ଦ୍ଦେଶ ବିରୁଦ୍ଧରେ ବିଚାର ବ୍ୟବସ୍ଥା ଅଛି । ପିତାର ନିର୍ଦ୍ଦେଶ ପୁତ୍ର ପାଳନରେ ବାଧ୍ୟ ବାଧକତା ନାହିଁ । ଏ ସବୁ ଜାଣିସୁଦ୍ଧା ଯୁବରାଜ ରାମଚନ୍ଦ୍ର ପିତାଙ୍କର ଧର୍ମରକ୍ଷା ପାଇଁ ବନବାସକୁ ଶ୍ରଦ୍ଧାର ସହିତ ଗ୍ରହଣ କରିଛନ୍ତି ବିମାତା କୈକେୟୀଙ୍କ ପ୍ରତି ପ୍ରତିଶୋଧର ଭାବନା ନରଖି । ବିମାତାଙ୍କ କପଟତା, କ୍ଷମତା ଲୋଭକୁ ସେ ସମ୍ମାନ ଦେଇଛନ୍ତି ସ୍ୱେଚ୍ଛାକୃତ ଭାବେ । ତାଙ୍କ ତୁଳନାରେ ମୁଁ କ'ଣ କରିଛି ? ସେ ବିବାହିତ, ବନବାସୀ । ମୁଁ ଅନ୍ଧ ମାତ୍ର । ମୁଁ ବଞ୍ଚିପାରିବି ଅହିଂସର ଆଶ୍ରୟରେ । ମୋର ଆଖି ନାହିଁ ମୁଁ ଧନ୍ୟ । ଅନ୍ୟାୟ ଦେଖିବି ନାହିଁ । ହିଂସା, ହତ୍ୟାର ନିର୍ଦ୍ଦୟ ଦୃଶ୍ୟ ଦେଖିପାରିବି ନାହିଁ । ହିଂସ୍ର ଦୃଶ୍ୟ ମୁଁ ଦେଖିଲେ ସହିପାରେ ନାହିଁ । ଶବ୍ଦଠାରୁ ଦୃଶ୍ୟର ପ୍ରଭାବ ତୀବ୍ର । ମୁଁ ଏଣିକି ପ୍ରଭୁଙ୍କ ସେବାରେ ବଞ୍ଚିରହିବି ।

ସତ୍ୟକୁ ଆଲୋକିତ କରି ପ୍ରତିଷ୍ଠା କରିବାକୁ କହୁଛ ? ସତ୍ୟ ଆଲୋକ । ଏହା  ଆପେ ଆପେ ପ୍ରତିଷ୍ଠିତ ହୁଏ । କେହି ପ୍ରତିଷ୍ଠା କରନ୍ତି ନାହିଁ । ସତ୍ୟର ଆଲୋକରେ ଯିଏ ଥରେ ଆଲୋକିତ ହୋଇଛି ସିଏ ଜୀବନସାରା ଜଳି ଜଳି ଆଲୋକ ବାଣ୍ଟିବା ଛଡ଼ା ଆଉ କ'ଣ କରିପାରିବ ? ପିତା ମତେ ପ୍ରାଣଭରି ଭଲ ପାଆନ୍ତି । ମୋ ପାଇଁ ସେ ହିଂସାର ଆଶ୍ରୟ ନିଅନ୍ତୁ ନାହିଁ । ମୁଁ କ'ଣ ଏ ଜୀବନରେ ଏତିକି କରିପାରିବି ନାହିଁ ଯେ ମୁଁ ପ୍ରଶ୍ନ କରିଥାନ୍ତି ? ଅନ୍ଧ ହେବାରେ ଗୌରବ ଅଛି । ମୁଁ ରାଜପୁତ୍ର, ଏଣିକି କ୍ଷମତା ଲୋଭରୁ ମୁକ୍ତ, ସଂସାରୀ ହେବାରୁ ମୁକ୍ତ । ଲୋଭ, ମାୟାରୁ ମୁକ୍ତ ସନ୍ନ୍ୟାସୀଭଳି ସମାଜର କଲ୍ୟାଣ କାମନାରେ ଏ ଜୀବନ ବିତିବ । ଆଖି ଥିଲା ସଂସାରକୁ ଦେଖୁଥିଲି । ଅନ୍ଧହେଲି ଅନ୍ଧ ହେବାର ଦୁଃଖକୁ ମୁଁ ଅନୁଭବ କରିପାରବି । ଏଇତ ମୋର ଜୀବନ ସାଧନା । ସାର୍ଥକ ଜୀବନ । ଅନ୍ଧାରେ ବଞ୍ଚିବାର କଳାକୁ ଆପଣେଇ ନେବା । ଭିକ୍ଷା ମାଗି ବଞ୍ଚିପାରିବି । ରାଜପୁତ୍ର ଆଜି ଭିକ୍ଷୁକ । ମୋର ମନରେ ଗର୍ବ ନ ଥିବ । ମୁଁ ରାଜପୁତ୍ର । ମୁଁ ଗର୍ବକୁ ଜୟ କରିଛି । ଜୟ କରିଛି ହିଂସାକୁ, ଲୋଭକୁ, ଆସକ୍ତିକୁ ।

ଦୂତ : ଧନ୍ୟ କୁମାର ଆପଣ ଜୟ କରିଛନ୍ତି ଅହିଂସାକୁ । ଅହିଂସାର ଅମିୟ ଆଦର୍ଶକୁ । ନିଜହାତରେ  ନିଜକୁ...

କୁନାଳ : ଅନ୍ଧ କରି...ନା । ଅହିଂସା ପାଖରେ ହିଂସାର ସ୍ଥାନନାହିଁ । ଯେତେ କଷ୍ଟହେଉ ଜୀବନ ବଳିଦାନରେ ତାର ଆଦର୍ଶକୁ ସୁରକ୍ଷିତ ରଖିବାର ସାଧନା, ଅହିଂସାର ସାଧନା, ଏତେ ସହଜ ନୁହେଁ । ସେଠାରେ କଷ୍ଟ ନାହିଁ, କ୍ଳେଶ ନାହିଁ, କାହାକୁ ଆଘାତ ଦେବାର ଅବକାଶ ନାହିଁ । ସେଠାରେ ପ୍ରଶ୍ନ ନାହିଁ, ପ୍ରତିବାଦ ନାହିଁ, ପ୍ରତିଶୋଧ ନାହିଁ । ଶରୀର ପର, ନଶ୍ୱର । ଆତ୍ମା ଆମର, ଅମର, ଅକ୍ଷୟ । ଅହିଂସ ଐଶୀ ଚେତନାର ଚରମ ଉତ୍ତରଣ । କେତେବେଳେ କଳ୍ପଲୋକରେ

ବିଚରଣ, ମୃତଲୋକରେ ଧରାବତରଣ । ମୃତ୍ୟୁରେ ଆତ୍ମା ଶରୀର ପରସ୍ପରକୁ ତ୍ୟାଗ କରନ୍ତି । ଜୀବନରେ ଶରୀରଠାରୁ ଆତ୍ମାର ଅଲଗା ରହିବାର ଅମର ଅନୁଭବ ଅହିଂସା । ଏହାକୁ ଗ୍ରହଣ କରିବା, ଜୀବନସାରା ଆପଣେଇବା, ସକଳ ବିଷମ ପରିସ୍ଥିତିରେ ଏତେ ସହଜ ନୁହେଁ । ଏ ସାଧନା ଜୀବନ ସାଧନା । ଅମର ଜୀବନ ସାଧନା । ସେଠାରେ ମୋହନାହିଁ , ମୃତ୍ୟୁନାହିଁ, ହିଂସାନାହିଁ, ହିଂସ୍ରତା ନାହିଁ, ଅହିଂସାର ଅନୁଭବ ଅପୂର୍ବ, ଆନନ୍ଦମୟ । ମୋର ସୁନ୍ଦର ଆଖି ଦୁଇଟା ବିମାତାଙ୍କୁ ଆସକ୍ତ କରିଥିଲା । ଏବେ ସେ ଆଖି ସେଥିରୁ ମୁକ୍ତ । ଏଣିକି କାହାକୁ ଆଘାତ ଦେବିନାହିଁ, କାହାକୁ ଆକର୍ଷିତ କରିବି ନାହିଁ । ଏଇତ ମୋର ସୌଭାଗ୍ୟ । ଅନାସକ୍ତ ସ୍ୱାଧୀନ ଭାବେ ବଞ୍ଚିପାରିବି ।

ଦୂତ : ମୋର ସନ୍ଦେହ ହେଉଛି ବିମାତାଙ୍କ ଚକ୍ରାନ୍ତ ଏ ନୁହେଁ ତ ?

କୁନାଳ : ବିମାତା ହେଲେ ବି ସେ ମୋର ମା' । ମା'ର ସ୍ଥାନ ସ୍ୱର୍ଗାଦପି ଗରୀୟସୀ । ଚିରବନ୍ଦନୀୟା ସେ । ତାର ଦୁଷ୍କର୍ମର ବିଚାର କରିବାକୁ, ଦଣ୍ଡ ଦେବାକୁ ମୁଁ କିଏ ? ସନ୍ତାନର ସେ ଅଧିକାର ନାହିଁ । ସେ କ୍ଷମାର ପାତ୍ରୀ । ତାଙ୍କର ଚକ୍ରାନ୍ତ ହୋଇପାରେ ମୁଁ ନିଃସନ୍ଦେହ । ତେବେ ସେ ଚାହିଁଥିଲେ ମୋତେ ଏକାନ୍ତରେ ହତ୍ୟା କରିପାରିଥାନ୍ତେ । ତା ନକରି ମତେ ଅନ୍ଧହେବାକୁ ସେ ସୁଯୋଗ ଦେଇଛନ୍ତି । ନିଜ ଆଖିରେ ଅନ୍ଧପୁଟୁଳି ବାନ୍ଧି ଅଭିନୟ କରିଛନ୍ତି । ଦିନ ଆସିବ ସେ ଅନ୍ଧପୁଟୁଳି ଖସିପଡ଼ିବ । ସେ ଅନୁଭବ କରିପାରିବେ ସତ୍ୟର ଆଲୋକକୁ, ଅହିଂସାର ଆଲୋକକୁ, ଦେହର ଊର୍ଦ୍ଧ୍ୱରେ ଆତ୍ମାର ଅମର ଅସ୍ତିତ୍ୱକୁ । ସେ ପାପ କରିଛନ୍ତି । ପ୍ରାୟଶ୍ଚିତ କରିବେ ସେ ? ଆଘାତ ଦେଇଛନ୍ତି । ଅନୁତାପ କରିବେ ସେ । ଏହିତ ଅହିଂସା ? ସେ ସୁଦିନ ତାଙ୍କ ଜୀବନରେ ଆସୁ ଏହି ଆଶାରେ ମୁଁ ବଞ୍ଚି ରହିବି ।

ଦୂତ : ପିତା ଜାଣିଲେ ତାଙ୍କର ପୁତ୍ର ଅନ୍ଧ ? କ'ଣ ହେବ ତାଙ୍କର ଅବସ୍ଥା ?

କୁନାଳ : ସେ ଜାଣିବାର ଅବକାଶ ନାହିଁ । ତୁମେ ସତ୍ୟକୁ ଗୋପନ ରଖିବାକୁ ପ୍ରତିଶ୍ରୁତି ଦେଇଛ । ସେ ଜାଣିବେ ମୁଁ ନିରୁଦ୍ଦିଷ୍ଟ ହୋଇଛି । ସମ୍ଭବତଃ ସନ୍ନ୍ୟାସୀ ବ୍ରତ ଗ୍ରହଣ କରିଛି । ଘନଜଙ୍ଗଲକୁ ଚାଲି ଯାଇଛି । ସଂସାର ପ୍ରତି ମୋର ଆକର୍ଷଣ କମ୍ ସେ ଭଲ ଭାବେ ଜାଣିଛନ୍ତି । ତେଣୁ ଏତେ କଷ୍ଟ ପାଇବେ ନାହିଁ ବରଂ ସତ୍ୟର ଅନୁସନ୍ଧାନ ଲାଗି ପୁତ୍ର ତାଙ୍କୁ ତ୍ୟାଗକରି ନିରୁଦ୍ଦିଷ୍ଟ ହୋଇଥିବାରୁ ସେ ମୋର ଫେରିବାକୁ ପ୍ରତୀକ୍ଷା କରିପାରିବେ । ମୋର ଅନୁପସ୍ଥିତିରେ ମୋର ମଙ୍ଗଳକାମନା କରିବେ । ଈଶ୍ୱରଙ୍କୁ ପ୍ରାର୍ଥନା କରିବେ । ଅହିଂସାପ୍ରତି ଆସକ୍ତ ହେବେ ଉଚ୍ଚାରଣରେ, ଆଚରଣରେ, ମାୟାକୁ ଅତିକ୍ରମ କରିବାକୁ ସାହସ କରିବେ । ମୋର ଦୁଃଖ ତାଙ୍କପାଇଁ ଅସହ୍ୟ ହେବନାହିଁ । ରାମଚନ୍ଦ୍ରଙ୍କ ପରି ଦଶରଥ ପୁତ୍ରଶୋକରେ ପ୍ରାଣତ୍ୟାଗ କଲାପରି ଏ ଅଘଟଣ ଘଟିବନାହିଁ ଏ ବିଶ୍ୱାସ ମୋର ଅଛି । ରାମଚନ୍ଦ୍ର ଅଙ୍ଗେ ଲିଭାଇଥିଲେ, ଅନୁଭବ କରିଥିଲେ, ସେ ପିତୃସତ୍ୟ ପାଳନ କଲେ ପିତା, ମାତା, ପତ୍ନୀ, ଭ୍ରାତା, ବନ୍ଧୁ, ରାଜ୍ୟବାସୀ ଗଭୀର ଶୋକରେ ଭାଙ୍ଗି ପଡ଼ିବେ । ଏତେ ଦୁଃଖ ସେ ସମସ୍ତଙ୍କୁ ଦେଇଥିଲେ ପ୍ରକାଶ୍ୟରେ ପିତୃସତ୍ୟ ପାଳି । ମୁଁ ସେଥିରୁ ବହୁ ଦୂରରେ । ମୋର ଅଜ୍ଞାତବାସ । ମୁଁ ଧନ୍ୟ ।

ଦୂତ : ଆପଣ ସମାଜରେ ବଞ୍ଚିବେ କିପରି ?



କୁନାଳ : ମୁଁ ମୌନବ୍ରତ ଅବଲମ୍ବନ କରିବି, ନିଶଦାଢ଼ି ଛାଡ଼ି ସନ୍ନ୍ୟାସୀ ଭଳି ବଞ୍ଚିବି । ମୋର ଶବ୍ଦ ଉଚ୍ଚାରଣରେ ରାଜକୀୟ ଠାଣି ଜନସାଧାରଣଙ୍କ ସନ୍ଦେହ ସୃଷ୍ଟି କରିବ । ମୁଁ ଭିକ୍ଷାବୃତ୍ତି କରି ବଞ୍ଚିପାରିବି ।

ଦୂତ : ରାଜପୁତ୍ର ''ଭିକ୍ଷା ମାଗିବେ କିପରି'' ? ସଙ୍କୋଚ ଲାଗିବ । ଶବ୍ଦ ଉଚ୍ଚାରଣରେ ସାମ୍ୟ ନ ଥିବ ।

କୁନାଳ : ହଁ ଠିକ୍ କହିଛ । ତେବେ ମୁଁ ବଂଶୀବାଦନ କରି ଠାରରେ ସାହାଯ୍ୟ ଭିକ୍ଷା ମାଗିବି । ମୋ ପାଇଁ ବଂଶୀଟିଏ ଆଣିଦିଅ । ମୁଁ ବଂଶୀବାଦନକୁ ଭଲପାଏ ।

ଦୂତ : ଆପଣ ସୁନାର ବଂଶୀ ବଜାଇଥିବେ । ମୋ ପାଖରେ ବାଉଁଶର ବଂଶୀ । ଏ କ'ଣ ଶୋଭା ପାଇବ ଆପଣଙ୍କୁ ?

କୁନାଳ : ଏଇତ ଭିକ୍ଷୁକର ସମ୍ବଳ, ଆନନ୍ଦର ଉତ୍ସ, ଜନଗଣକୁ ଆନନ୍ଦିତ କରିବାକୁ ସରଳ, ସୁନ୍ଦର ସାଧନାଟିଏ । କାହାର ସନ୍ଦେହ ନ ଥିବ । ଥିବ ଅନାବିଳ ଶ୍ରଦ୍ଧା । ଅତୁଟ ସ୍ନେହର ସ୍ପର୍ଶ । ଗ୍ରାମରୁ ଗ୍ରାମକୁ ଘୂରି ବୁଲିବାର ଏକ ଅନନ୍ୟ ଅନୁଭବ । ପିତାଙ୍କ ଶାସନରେ ପ୍ରଜାକୁଳଙ୍କ ପୀଡ଼ା, ଆନନ୍ଦ ସହ ଏକାକାର ହେବାର ଅପୂର୍ବ ସୁଯୋଗ ଇଏ । କଳିଙ୍ଗ ଯୁଦ୍ଧରେ ନିହତ ସେନାର ପରିବାରରେ ଅହିଂସର ଆନନ୍ଦ ବାଣ୍ଟିବାର, ରାତ୍ରି ବିତେଇବାର ସୁଯୋଗ ମିଳିବ, ପ୍ରିୟଜନଙ୍କ ଦୁଃଖରେ ଭାଗିହୋଇ ।

ଦୂତ : ଏ କି କଥା ? ଯୁଦ୍ଧରେ ହରେଇଥିବା ପ୍ରିୟଜନଙ୍କ ଘରେ !

କୁନାଳ : ହଁ, ଏଇତ ଅହିଂସ । ଯୁଦ୍ଧ ହେଉଥିବା ଯୁଦ୍ଧକ୍ଷେତ୍ରରେ ଆହତର ଚିକିତ୍ସା ହେଉଥିବ ଶତ୍ରୁମିତ୍ର ନ ଦେଖି । ଏଇତ ଅହିଂସା, ସେଠି ପର ଆପଣାର ନାହିଁ । ସମସ୍ତେ ଆପଣାର ଆତ୍ମୀୟ । ରାଜାର ଯୁଦ୍ଧକୁ ବିରୋଧ କରିବା ସନ୍ନ୍ୟାସୀର କ୍ଷମତା ସୀମିତ । ସନ୍ନ୍ୟାସୀ ହୋଇ ଯୁଦ୍ଧରେ ଆହତର ଚିକିତ୍ସା କରିବା ମୋ ଭାଗ୍ୟରେ ନାହିଁ । ତେବେ ଯୁଦ୍ଧରେ ନିହତ ପରିବାରରେ ମୁଁ ଆଶ୍ରୟ ନେଇ ତାଙ୍କର ଦୁଃଖରେ ଦୁଃଖୀ ହୋଇପାରିବି । ଏହି ତ ସୌଭାଗ୍ୟ । ବଂଶୀଧ୍ୱନିର ଅପୂର୍ବ ମାଦକତାରେ ସେମାନଙ୍କର ଦୁଃଖକୁ ଭୁଲାଇ ଦେଇପାରିବି ।

ଦୂତ : ଧନ୍ୟ କୁମାର, ଧନ୍ୟ ତୁମର ଜୀବନ । ଭଗବାନ ପାଖରେ ପ୍ରାର୍ଥନା, ତୁମର ଜୀବନ ଯାତ୍ରା ମଙ୍ଗଳମୟ ହେଉ ।

କୁନାଳ : ଧନ୍ୟ ହେଲି ଦୂତ ତୁମର ଶ୍ରଦ୍ଧା, ସହାନୁଭୂତି, ସେବା ସହଯୋଗରେ । ବିଦାୟ...

ଦୂତ : ବିଦାୟ ପୂର୍ବରୁ ଗୋଟିଏ ଅନୁରୋଧ ରକ୍ଷା କରିବେ ?

କୁନାଳ : କୁହ କ'ଣ ଅନୁରୋଧ ?

ଦୂତ : ମୋ ବଇଁଶୀ ମତେ ଫେରାଇଦେବେ ?

କୁନାଳ : ହଁ ଉପଯୁକ୍ତ ସମୟ ଆସିଲେ ଫେରାଇଦେବି । ବିଦାୟ ଦିଅ ।

ଦୂତ : ପ୍ରଣାମ କୁମାର ପ୍ରଣାମ ।

କୁନାଳଙ୍କ ଆକସ୍ମିକ ନିରୁଦ୍ଦିଷ୍ଟ ହେବା ଘଟଣାରେ ସମ୍ରାଟ ଅଶୋକ ଦୁଃଖରେ ମ୍ରିୟମାଣ ହେଲେ । ବହୁ ଦୂତଙ୍କ ଦ୍ୱାରା ଅନୁସନ୍ଧାନ ସତ୍ତ୍ୱେ ତଙ୍କର ସନ୍ଧାନ ମିଳିଲା ନାହିଁ । ଯେଉଁ ଦୂତ

କୁନାଲକୁ ଅନ୍ଧ ହେବାର ଦେଖିଥିଲେ, ଯତ୍ନ କରିଥିଲେ, ପାଟଳୀପୁତ୍ର ବାହାରେ ଛାଡ଼ିଦେଇଥିଲେ ସେ ଅଶୋକଙ୍କୁ ସୂଚନା ଦେଇଥିଲେ । କୁନାଳ ଦିବ୍ୟଜ୍ଞାନ ଲାଭ ଆଶାରେ ଘନଜଙ୍ଗଲକୁ ଯିବାକୁ କହୁଥିବାର ସେ ଶୁଣିଥିଲେ । ସେ ଦିନେ ଫେରିଆସିବେ ତେଣୁ ମହାରାଜ ତାଙ୍କର ମଙ୍ଗଳ କାମନା କରି ଦୁଃଖ ଭୁଲି ଗଲେ ତାଙ୍କର ସାଧନା ସଫଳ ହେବ । ଦୂତଠାରୁ ଏପରି ଶୁଣି ଅଶୋକ ଧୀରେଧୀରେ କୁନାଳଙ୍କ ଦୁଃଖଭୁଲି ତାଙ୍କ ଫେରିବା ବାଟକୁ ଚାହିଁ ରହିଲେ । ସେ ଜାଣିଥିଲେ କୁନାଳକୁ ସାଂସାରିକ ଆକର୍ଷଣ ବେଶୀ ଦିନ ବାନ୍ଧି ରଖିପାରିବ ନାହିଁ । ତେଣୁ ପିତାମହ ବିନ୍ଦୁସାର ପରି ସେ ତପସ୍ୟା ପାଇଁ ଯାଇଛି ନିଶ୍ଚୟ । କିଛିଦିନ ପରେ କୁନାଳର ହସ୍ତଲିଖିତ ପତ୍ରଟିଏ ଅଶୋକ ପାଇଥିଲେ ।

ସେଥିରେ ସେ ଉଲ୍ଲେଖ କରିଥିଲେ '' ମୁଁ ପ୍ରକୃତି କୋଳରେ ଶାନ୍ତିପୂର୍ଣ୍ଣ ଜୀବନ କାଟୁଛି । ଭଗବତ କୃପା ଲାଭପାଇଁ ତପସ୍ୟାରେ ସମୟ କାଟୁଛି । ମୁଁ ଭଲରେ ଅଛି । ମୋପାଇଁ ବ୍ୟଥିତ ହେବେ ନାହିଁ । ଆପଣଙ୍କର ମଙ୍ଗଳକାମନା କରିରହୁଛି ।

(ଇତି)

ଆପଣଙ୍କର ସ୍ନେହାଧୀନ ପୁତ୍ର

କୁନାଳ । ''

ଅଶୋକ ଆଶ୍ୱସ୍ତ ହୋଇଥିଲେ ପୁତ୍ର ତାଙ୍କର ବଞ୍ଚିରହିଛି । ସେହିଦିନଠାରୁ ସେ ସାଧୁ ସନ୍ନ୍ୟାସୀଙ୍କୁ ଭୋଜନ, ଦାନଦେଇ ପ୍ରିୟ କୁନାଳଙ୍କ ସମ୍ପର୍କରେ ପଚାରି ବୁଝନ୍ତି । ଉତ୍ତର ମିଳେନି । ସେ ପ୍ରତୀକ୍ଷା କରନ୍ତି, ଈଶ୍ୱରଙ୍କ ପାଖରେ ନିବେଦନ କରନ୍ତି କୁନାଳର ପ୍ରତ୍ୟାବର୍ତ୍ତନ ପାଇଁ । କୁନାଳଙ୍କ ପରିଚୟ ପାଇ ଜଣାଇଲେ ପ୍ରଚୁର ପୁରସ୍କାର ଦେବାକୁ ଅଶୋକ ରାଜ୍ୟସାରା ଘୋଷଣା କରିଥିଲେ । କୁନାଳଙ୍କ ସମ୍ବାଦ ମିଳିନଥିଲା ବହୁଚେଷ୍ଟା ସତ୍ତ୍ୱେ । ଦୀର୍ଘ ଦୁଇବର୍ଷ ହେଲା ସେ ନିରୁଦ୍ଦିଷ୍ଟ । ମାତା ଶଯ୍ୟାଶାୟୀ । ଦିନେ ଅଶୋକ ରାଜକାର୍ଯ୍ୟରେ ପାଟଳୀପୁତ୍ରର ବାହାରକୁ ଯାଉଥିଲେ । ତାଙ୍କର ଗସ୍ତ ଅନେକ ସମୟରେ ଖୁବ୍ ଗୋପନୀୟ ଥିଲା । ଦିନେ ଗଭୀର ରାତ୍ରିରେ ନିର୍ମଳ ଜ୍ୟୋତ୍ସ୍ନା ଆଲୋକରେ ଅଶ୍ୱ ପୃଷ୍ଠରେ ବସି ପାହାଡ଼ ପାଖ ଗ୍ରାମ ରାସ୍ତାରେ ଗଲାବେଳେ ସେ ହଠାତ୍ ଶୁଣିଲେ ଅନାହତ ସୁମଧୁର ବଂଶୀର ମୂର୍ଚ୍ଛନା ପାହଡ ଉପରୁ ଭାସି ଆସୁଛି । ଏତେ ରାତ୍ରିରେ ଏ ବଂଶୀଧ୍ୱନି । ସେ ବିସ୍ମିତ ଚକିତହୋଇ ଏକଧ୍ୟାନରେ ଶୁଣିଲେ ସେ ଗ୍ରାମ୍ୟ କୁଟୀରରୁ ଭାସି ଆସୁଥିବା ଅପୂର୍ବ ଆବେଗମୟ ବଂଶୀସ୍ୱନ କି ଚମତ୍କାର ଏ ବଂଶୀସ୍ୱନ ! ତନ୍ମୟ ଲାଗୁଥିଲା ତନୁମନ । ସୁମଧୁର ବଂଶୀସ୍ୱନର ଲଳିତ ମୂର୍ଚ୍ଛନା ଛୁଇଁ ଯାଉଥିଲା ସମୀରକୁ ଶାନ୍ତ ନିଶୀଥକୁ, ସୁଦୂର ଆକାଶକୁ, ଆକାଶର ଜହ୍ନକୁ, ସେହି ଜହ୍ନକୁ ଦେଖି ସ୍ୱପ୍ନ ବିଭୋର ମନକୁ, ମତୁଆଲା ହେଉଥିବା ମଧୁବାଳାକୁ, ମଧୁବାଳାର ପ୍ରୀତିରେ ମହକୁଥିବା ମନ ମଣିଷକୁ, ବିରହ ବ୍ୟଥାରେ ସ୍ମୃତି ସାଉଁଟୁ ଥିବା ପ୍ରିୟତମକୁ, ମିଳନ ଆକାଶରେ ଆକୁଳ ପ୍ରାଣସଖୀକୁ, ସ୍ନେହର ବନ୍ଧନ ତୁଟାଇ ଅସମ୍ଭାଳ ପୀଡିତ ପ୍ରାଣକୁ ଦରଦୀ ପିତୃହୃଦୟକୁ, ଦ୍ୟାବା ପୃଥିବୀକୁ, ପ୍ରକୃତିକୁ । ଧନ୍ୟ ସେହି ବଂଶୀବାଦକ ଯାହାର ଅଧର ସ୍ପର୍ଶରେ ଝରୁଥିଲା ଅମୃତ ପ୍ରୀତିଗୀତର ଶବ୍ଦହୋଇ, କେତେବେଳେ ବିରହ ବ୍ୟଥାର ସୁରହୋଇ, କେତେବେଳେ ଆଶା, ଆଲୋକର ଅଙ୍କୁରହୋଇ, କେତେବେଳେ ବିଭୁ ବନ୍ଦନାର ତାଳ, ଲୟ ହୋଇ, ତନ୍ମୟ



ହୋଇ, ଚିନ୍ମୟ ହୋଇ, ଚରମ ଆନନ୍ଦରେ ଆଶାପ୍ଲୁତହୋଇ, ଅନନ୍ତ ଐଶ୍ୱର୍ଯ୍ୟରେ ଆତ୍ମ ବିସ୍ମୃତହୋଇ, ଅନନ୍ତ ବ୍ରହ୍ମରେ ବିଲୀନହୋଇ । ଧନ୍ୟ ସେହି ବଂଶୀ ! ଶୂନ୍ୟ ନଳରେ ସର୍ଜନର ଅପୂର୍ବ ସର୍ଜନା, ଅପୂର୍ବ ସ୍ୱର ସଂଯୋଜନା, ଶ୍ରୋତାକୁ ଜଡେଇ ଧରେଇବାର ଯାଦୁ । ସ୍ୱରଶିଳ୍ପୀକୁ ସାରସ୍ୱତ ସାଧନାରେ ବୁଡେଇ ରଖିବାର ଏକାଗ୍ରତା । ମାନବାତ୍ମାର ଦୁଃଖକୁ ନିମିଷକରେ ଫୁଙ୍କି ଉଡ଼େଇଦେବାର ମହାମନ୍ତ୍ର ଯିଏ ଜାଣିଛି ଅମୃତ ଆନନ୍ଦକୁ ବାଣ୍ଟିବାର ସୁଖ ଯିଏ ଜାଣିଛି, ସେ ବଂଶୀବାଦକ ନୁହଁ, ସେ କଳା ସାଧକ, ସେ କବି, ସେ କଣ୍ଠଶିଳ୍ପୀ, ସାରସ୍ୱତ ସ୍ରଷ୍ଟା, ସର୍ଜନପ୍ରିୟ, ସର୍ଜନା ଯାର ଶ୍ରେୟ ସୁନ୍ଦରର, ମଙ୍ଗଳର, ଆନନ୍ଦର, ଅନ୍ୟନାମ ତାର କରୁଣାବିଧାନ, କଲ୍ୟାଣ କୃଷ୍ଣ, ବିଶ୍ୱ କଲ୍ୟାଣର କାଉଁରୀକାଠି । ରାଧାମୟ ପ୍ରାଣକୁ, ପ୍ରାଣୀକୁ, ପୃଥିବୀକୁ, ପ୍ରକୃତିକୁ ନିଜ ଇଚ୍ଛାରେ ନଚେଇବାର ସ୍ୱରମୟ ସାଧନଟିଏ, ଯନ୍ତ୍ରଟିଏ, ଅନୁଭବଟିଏ, ନିଜସ୍ୱ ଠାଣିରେ ଆପେ ଆପେ ଟାଣି ହୋଇଯିବାର ଟଣକଟିଏ । ଟାଣିଧରିବାର ଟଣକ ସିଏ ।

ବଂଶୀସ୍ୱନର ଦିବ୍ୟ ସମ୍ମୋହନରେ ଅଶୋକ ଆହ୍ଲାଦିତ ହୋଇଥିଲେ । ନିଜର ଅଶ୍ୱକୁ ନିକଟରେ ଥିବା ବୃକ୍ଷରେ ବାନ୍ଧି ଗ୍ରାମ ଭିତରକୁ ପ୍ରବେଶ କରି ସେହି ଗ୍ରାମରେ ବିଶ୍ରାମ ନେବାକୁ ସ୍ଥିର କଲେ । ହଠାତ୍ ଝୁଣ୍ଟି ପଡ଼ିଗଲେ । ମୁଣ୍ଡ ଫାଟି ରକ୍ତ ବୋହିବାରୁ ସେ 'ବଞ୍ଚାଅ' 'ବଞ୍ଚାଅ' କହି କ୍ଷତକୁ ଚାପି ଧରିଲେ । ଘର ଖୋଲି ବୃଦ୍ଧ ଜଣେ ଆସି ପ୍ରଦୀପ ଆଲୋକରେ ଦେଖିଲେ ବଣିକ ପୋଷାକରେ ଶ୍ମଶ୍ରୁଧାରୀ ତଳେ ପଡ଼ିଛନ୍ତି । ମୁଣ୍ଡରୁ ରକ୍ତର ଧାର ବୋହୁଛି । ସେ ସଙ୍ଗେସଙ୍ଗେ କ୍ଷତ ଉପରେ ପଟିବାନ୍ଧି ପଡ଼ୋଶୀକୁ ଡାକିଲେ । ମୋନୀବାବାଙ୍କ ପାଖକୁ ନେଇଗଲେ । ବିଳମ୍ବିତ ରାତିରେ ମୁଣ୍ଡଫାଟି ଥିବାରୁ ତାଙ୍କପକ୍ଷେ ଉପଯୁକ୍ତ ଚିକିତ୍ସା ସମ୍ଭବ ନ ଥିଲା । ତେଣୁ ଅଶୋକଙ୍କ କ୍ଷତ ଧୋଇଦେଇ ଗଦବାଟି ଲଗାଇଦେଲେ । କିଛି ଗଦ ରସ ପିଆଇଲେ । କିଛି ସମୟ ପରେ ଅଶୋକଙ୍କ ଚେତା ଫେରିଲା । ଉଷୁମ କ୍ଷୀର ଦେଲେ । କ୍ଷୀରପିଇ ଅଶୋକ ଶାନ୍ତ ଭାବରେ ଶୋଇଗଲେ ।

ସକାଳ ସୂର୍ଯ୍ୟଙ୍କର କୋଳାହଳ ଶୁଣି ସେ ଉଠି ପାରୁନାହାନ୍ତି । ରକ୍ତକ୍ଷୟ, ଉଦ୍‌ବେଗ ଜନିତ କ୍ଳାନ୍ତି ଦୂର ହୋଇନାହିଁ । ମୋନୀବାବା ଅଶୋକଙ୍କ ପାଖରେ ବସି ତାଙ୍କର ଶରୀରର ତାପମାତ୍ରା ଦେଖୁଥିଲେ । ଦେହ, କପାଳ, ଛାତି, ନାଡ଼ି ଉପରେ ସ୍ନେହ କୋମଳ ହାତରଖି, ସୁସ୍ଥହୋଇ ଉଠିବାକୁ ନୀରବ ପ୍ରାର୍ଥନା କରୁଥିଲେ । ପାଦ, ପାପୁଲିକୁ ମାଲିସ୍ କରୁଥିଲେ , ଧୀରେଧୀରେ ରକ୍ତ ସଂଚାଳନ ବୃଦ୍ଧିପାଇଁ । ଅଶୋକ ଅନୁଭବ କରୁଥିଲେ ଏକ ଦିବ୍ୟସ୍ପର୍ଶ ତାଙ୍କର ଶିରାପ୍ରଶିରାକୁ ଛୁଇଁଯାଉଛି ମୃତସଞ୍ଜୀବନୀ ହୋଇ । ସେ ଯେମିତି ଜୀବନ ଫେରି ପାଉଛନ୍ତି । ସ୍ନେହ କୋମଳ ସ୍ପର୍ଶରେ ଶିହରୀ ଉଠୁଛି ତାଙ୍କ ହୃଦୟର କୋଣ ଅନୁକୋଣ । ଧୀରେଧୀରେ ଆଖି ଖୋଲିଲେ । ଦେଖିଲେ ଅନ୍ଧ ମୋନୀବାବା । ଶ୍ମଶ୍ରୁମୟ ମୁଖ, ଗୌରବର୍ଣ୍ଣ ଉଜ୍ଜ୍ୱଳ କପାଳ, ଖଣ୍ଡାଧାର ଭଳି ନାକ, ଲମ୍ବା କାନ, ହାତର କମନୀୟତାକୁ । ଆଖି ପଡ଼ିଲା ଡ଼ାହାଣ ହାତର କାଣୀ ଆଙ୍ଗୁଠି ଉପରେ । ଅଗ୍ରଭାଗ ସାମାନ୍ୟ ବଙ୍କା । ସେ ବିସ୍ମିତ ହେଲେ । ଏଇ ତାଙ୍କ ପ୍ରିୟ ପୁତ୍ର କୁନାଳ ନୁହେଁ ତ ? କିନ୍ତୁ ଏ ଯେ ଅନ୍ଧ, ମୂକ, ମୋନୀବାବା ଯାହାର ପରିଚୟ ସେ ନିଜେ । ମୋ ପୁତ୍ର ମୂକ ନଥିଲା । ଏ କୁନାଳ ନୁହେଁ । କୁନାଳର ଆଖି ଅଛି, ସେ ଅନ୍ଧ କାହିଁକି ହେବ ? ଏ ତ ବଧୀର ନୁହଁନ୍ତି । ଆଶ୍ରମବାସୀଙ୍କ ସହାୟତାରେ ମୋର ନିଖୋଜ ପୁତ୍ର କଥା ପଚାରିଲେ କାଳେ କହିପାରିବେ କେବେ ତାଙ୍କୁ ସାକ୍ଷାତ କରିଛନ୍ତି କି ?

ଏହି ମୋନୀବାବାଙ୍କ ଆଶ୍ରମରେ କେବେ ରହିଥିଲା କି ? ମନରେ ଅନେକ ପ୍ରଶ୍ନ । ଆନ୍ଦୋଳିତ ହେଉଥିଲା ପିତୃହୃଦୟ ତାଙ୍କର ଦିବ୍ୟ ଆନନ୍ଦରେ । ତାଙ୍କର ପୁତ୍ର ଖବର ମିଳିପାରିବ ଏଇ ଆଶା ତାଙ୍କୁ ଅଧୀର କରୁଥିଲା । ତାଙ୍କର ଦୃଢ଼ ବିଶ୍ୱାସ ପୁତ୍ର ତାଙ୍କର ବଞ୍ଚି ରହିଛି ଯେଉଁଠି ଥାଉ, ଯେପରି ଥାଉ । ସେ ଦିନେ ନା ଦିନେ ଫେରିଆସିବ ମା' ପାଖକୁ । ଯାହାର ପଣତରେ ତାର ଦେହର ଧୂଳି ଲାଗିଛି । ଯାହାର କୋଳରେ ତାର ଶୈଶବ କଟିଛି । ସେ ଫେରିଆସିବ ତା'ର ପ୍ରିୟ ବାପା ପାଖକୁ ଯେ ତାଙ୍କୁ ଆଦର କରିଛି , କପଟ କ୍ରୋଧରେ କଟୁକଥା କହିଛି, ଗୋଳେଇ ପୋଳେଇ ଗେଲ କରିଛି, ପିତୃତ୍ୱରେ ଗୌରବାନ୍ୱିତ ହୋଇଛି । ବଡ଼ ହେବାର ଆନନ୍ଦରେ ଉଚ୍ଛୁଳି ଉଠିଛି ।

କିଏ ପୂରେଇଲା ତା ମୁଣ୍ଡରେ ସନ୍ନ୍ୟାସୀ ହେବାକୁ, ସାଧନା କରିବାକୁ, ସତ୍ୟ ଖୋଜିବାକୁ, ଦିବ୍ୟଜ୍ଞାନ ପାଇବାକୁ । ସଂସାର ଛାଡ଼ି କି ସାଧନା ? ସଂସାର ଠାରୁ ବଳି ବଡ଼ ବିଷମ ସାଧନା କ'ଣ ଅଛି ? ସହଜ ସାଧନା କ'ଣ ଅଛି ? ସବୁବେଳେ ବଢ଼ିବା, ବଞ୍ଚିବାର ଇଚ୍ଛା, ଆଗ୍ରହ, ନିଷ୍ଠା, ନିର୍ଭରଶୀଳତା । ଯେଉଁଠି ମୃତ୍ୟୁ, କ୍ଷୟ, ଧ୍ୱଂସର ହିସାବ କେହି କରିନଥାନ୍ତି । ଯେତେ ବିପଦ ଆପଦ ଆସୁ, ମୃତ୍ୟୁ ଆସୁ, ଧ୍ୱଂସ ଆସୁ ଡରନାହିଁ , ଭୟନାହିଁ । ସେଠାରେ ମୃତ୍ୟୁର ସ୍ଥାନନାହିଁ । ବଞ୍ଚିବା, ବଞ୍ଚିବାର ଯୋଗ, ଜୀବନଯୋଗ, ଜୀବନଯାଜ । ଜୀବନ ସାଧନାରେ ଜୀବନଯୋଗୀ । ଉନ୍ନତିର, ପ୍ରଗତିର ଯୋଗ କରିବାରେ ଜୀବନ ବିତିଯାଏ । ଈଶ୍ୱରଙ୍କ ସଂସାର ର ଯତ୍ନ କରିବାରେ, ଆନନ୍ଦର ରତ୍ନ ସାଉଁଟିବାରେ ଯେଉଁ ସତ୍ୟର ସନ୍ଧାନ ମିଳେ, ଦିବ୍ୟଜ୍ଞାନର ଅନୁଭବ ମିଳେ ତାର ପଟ୍ଟାନ୍ତର ନାହିଁ । ମଣିଷର ରୂପାନ୍ତର ଘଟେ । ଶିଶୁରୁ କିଶୋର, ଯୌବନରୁ ବୃଦ୍ଧ ଅବସ୍ଥାରେ ଶିଶୁ ସୁଲଭ ଆଚରଣ । ଦେହ ଲଙ୍ଗଳା, ମନ ଲଙ୍ଗଳା, ଆତ୍ମାର ଆହ୍ୱାନ ପାଖରେ, ଆତ୍ମଜ୍ଞାନୀର ଲଙ୍ଗଳା ଆତ୍ମସମର୍ପଣ ଶରୀରର, ଶବରେ, ଶେଷଶଯ୍ୟାରେ, ଶ୍ମଶାନରେ ।

ସଂସାର ସାଧନା ଶ୍ରେଷ୍ଠ ସାଧନା । ସଂସାରୀ ଶ୍ରେଷ୍ଠ ସନ୍ନ୍ୟାସୀ । ସଂସାର ଶ୍ରେଷ୍ଠ ସାଧନା କ୍ଷେତ୍ର । ସହଜ ଯୋଗ ,ସାମୂହିକ ଯୋଗର ସର୍ବୋତ୍ତମ ସ୍ଥାନ ସଂସାର । ଗୃହ ସଂସାର । ମାୟା ସଂସାର । ମିଥ୍ୟା ମୋହର ସଂସାର । ଏଠାରେ ସତ୍ୟର ଜ୍ଞାନ ଲାଭ ସହଜ, ସରଳ, ସୁନ୍ଦର । ନିଜେବଞ୍ଚି ଅନ୍ୟକୁ ବଞ୍ଚାଇବା, ସାମୂହିକ ଜନକଲ୍ୟାଣରେ ନିଜକୁ ଗୋଟାପଣେ ସମର୍ପି ଦେବା, ଜଗିରହିବା ଯୋଗୀହୋଇ । ଜାଗିରହିବା, ଲାଗିରହିବା ଉତ୍‌ଥାନପାଇଁ ଆନନ୍ଦ ପାଇଁ । ସେଇତ ଶ୍ରେଷ୍ଠ ସନ୍ନ୍ୟାସୀ, ଯିଏ ମୃତବତ୍ ପ୍ରାଣରେ ବଞ୍ଚିବାର ଉନ୍ମାଦନା ଆଣିଦିଏ, ଆଶାର ଜୀବନ୍ୟାସ ଦିଏ, ନବଜୀବନର ଶିଳାନ୍ୟାସ କରେ, ସ୍ୱପ୍ନକୁ ସଜେଇ ରଙ୍ଗଦିଏ ସଫଳତାର ଶିଳାଖଣ୍ଡକୁ ଯୋଡ଼ି ଯୋଡ଼ି ମନ୍ଦିର ଗଢ଼େ, ମୁଖଶାଳା ଗଢ଼େ, ମୂର୍ତ୍ତି ବସାଏ, ମଥା ରଖେ, ମଙ୍ଗଳ ମନାସେ, କଲ୍ୟାଣ କାମନାରେ ହଜିଯାଏ ଜୀବନର ବାକିଦିନସବୁ । ସ୍ମୃତି ସାଉଁଟେ, ପ୍ରୀତି ସାଉଁଟେ । ସମୟ ଅଣ୍ଟେ ନାହିଁ, ସରିସରି ଆସେ । ଅଣଲେଉଟା ମହାଯାତ୍ରାର ଆରମ୍ଭ ହୁଏ, ପାର୍ଥିବ ପ୍ରାଣ ପଡ଼ିରହେ, ପୋଡ଼ିଯାଏ ପ୍ରିୟଜନଙ୍କ ଅଶ୍ରୁ ଆକୁଳତା ଅଗ୍ନିଶିଖାରେ, ମିଶିଯାଏ ପଞ୍ଚଭୂତରେ, ପୁଣି ପୃଥିବୀକୁ ଫେରିବାର ପ୍ରତିଶ୍ରୁତି ରଖି, ଛାଡ଼ିଯାଏ ଅଲିଭା ପାଦଚିହ୍ନ, ଅସରା ସ୍ମୃତିର ପସରା, ପଟ୍ଟଚିତ୍ର, ଛବି ପ୍ରତିଛବି, ଧ୍ୱନି ପ୍ରତିଧ୍ୱନି । ସଂସାରୀର ହାତଗଢ଼ା ସଂସାର ତ୍ୟାଗ ଜୀବନସାଧନାର ଅମର ଅନୁଭବ, ଅନନ୍ୟ ଅନୁଭବ, ସ୍ୱର୍ଗୀୟ ଅନୁଭବ, ଉତ୍ତରଣ, ଅବତରଣ ।



ଘରସଂସାର ଛାଡ଼ି ଘନଜଙ୍ଗଲରେ ସନ୍ନ୍ୟାସୀ ସାଧନାର ନଶ୍ୱରତା କେବେ ବୁଝିବେ ଏମାନେ ? ସିଦ୍ଧିଲାଭ ପରେ ତ ପୁଣି ସଂସାର କ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ । ସଂସାରୀକୁ ଧର୍ମ,ଜ୍ଞାନ ଦାନ । କେହି ତ କହିନି ସଂସାର ଛାଡ଼ି ସନ୍ନ୍ୟାସୀ ହୁଅ । ଅରଣ୍ୟରେ ସାଧନା କର । ସଂସାରଛଡ଼ାଙ୍କ ଏ ଅଭିନୟ କାହିଁକି ? କାହିଁକି ତାଙ୍କପାଇଁ ଏତେ ଅଶ୍ରୁ, ଆକୁଳତା, ବ୍ୟଥା, ବ୍ୟାକୁଳତା ? ଫେରିଆସିବେ ଏଇ ପ୍ରତ୍ୟାଶାର ଯେମିତି ଶେଷନାହିଁ, ଆଖିରେ ନିଦନାହିଁ, ନିଜପ୍ରତି ନିଘାନାହିଁ । ଫେରି ପାଇବାର ଆଶା, ଖୋଜି ପାଇବାର ନିଶା ଅଦ୍ଭୁତ ଲାଗୁଛି, ଆଚମ୍ବିତ ଲାଗୁଛି । ଯିଏ ଗଲା ସିଏ ଗଲା, ତା ପାଇଁ ଏତେ ପାଲା,ଏତେ ପ୍ରତୀକ୍ଷା । ମେଷପଲରୁ ହଜିଯାଇଥିବା ମେଷ ଶାବକକୁ ଖୋଜିଲାପରି, ଏ ଖୋଜିବାର ଶେଷ କେବେ ? ଖୋଜରେ, ଖୋଜରେ, ଖଞ୍ଜାରେ ଖଞ୍ଜାରେ, ସକାଳ ସଞ୍ଜରେ, ବୁଦ୍ଧି ଖଞ୍ଜିବାରେ, ଶୁଣା ବିଶ୍ୱାସରେ ମୁଣ୍ଡ ଗୁଞ୍ଜିବାରେ, କେତେ ଦିଅଁ ଦେବତାଙ୍କ ପ୍ରସାଦ ଭୁଞ୍ଜିବାରେ, ନିଃସର୍ତ୍ତ ମାନ ଭଞ୍ଜନରେ, ନୀରବ ସ୍ମୃତି ଗୁଞ୍ଜନରେ ଯେମିତି କୃଷ୍ଣରହିତ କୁଞ୍ଜବନରେ ଏକା ଏକା । ଏକାକାର କରି ରାଧାମନର ଶୋକ, ଶଙ୍କା । ତା' ବିନା ସଳଖ ସୁନ୍ଦର ଜୀବନ ଯେମିତି ବଙ୍କାବଙ୍କା । ଯେମିତି ପୋଡ଼ି ଯାଉଛି ସ୍ୱର୍ଣ୍ଣଲଙ୍କା । ଉଜୁଡ଼ି ଯାଉଛି ଅଶୋକ ବନ । ନୀରବି ଯାଉଛି ନନ୍ଦନକାନନ ।

ମାୟାର ଖେଳ ଏ ମମତାର ଖେଳ । ସ୍ୱର୍ଣ୍ଣମୃଗର ମାୟାଖେଳ । ଖେଳୁଆଡ଼ର ମନନେଇ ଖେଳିବାକୁ ଏ ଜୀବନ । ଖେଳର ଶେଷନାହିଁ । ଖେଳିବାରେ ଶେଷନାହିଁ । ଅଛି ଅନନ୍ୟ ଆନନ୍ଦ । ଏକ ଦିବ୍ୟ ଅନୁଭବ । ଭଲ ପାଇବାର ଅପୂର୍ବ ଅନୁଭବ । ତାକୁ ସମ୍ବଳ କରି ସେ ଖୋଜୁଛନ୍ତି କୁନାଳକୁ, ପ୍ରିୟପୁତ୍ର କୁନାଳକୁ, ପତ୍ରଲେଖି ନିଜ ଇଚ୍ଛାରେ ନିରୁଦ୍ଦିଷ୍ଟ ହୋଇଥିବା ରାଜପୁତ୍ର କୁନାଳକୁ, ରାଜଭୋଗ ବିଳାସକୁ, ଭୁଲିଥିବା କୁନାଳକୁ, ଏକଲା ଚାଲିବାର ଜୀବନକୁ, ଆପଣେଇଥିବା କୁନାଳକୁ । କଳିଙ୍ଗ ଯୁଦ୍ଧ କ୍ଲାନ୍ତିକୁ ଭୁଲେଇ ଦେଇଥିବା ପ୍ରିୟପୁତ୍ର କୁନାଳକୁ, ରକ୍ତନଦୀରେ ଶବ ସାଉଁଟା ଦୁର୍ଯ୍ୟୋଧନ ଭଳି ସେ ସାଧୁ ସନ୍ନ୍ୟାସୀଙ୍କୁ ସାଉଁଟି ସାଉଁଟି ଶେଷ ଆଶା ହରେଇ ନାହାନ୍ତି । ଆଉଟୁ ପାଉଟୁ ହେଉଛନ୍ତି ଲୁହରେ, କୋହରେ, ସ୍ମୃତିରେ, ପ୍ରୀତିରେ ।

ଏଇ ସନ୍ନ୍ୟାସୀ ମୋର ପ୍ରିୟ କୁନାଳ ନୁହଁନ୍ତି ତ ? ସେଇ ବଙ୍କା କାଣୀ ଆଙ୍ଗୁଠିର ଆକର୍ଷଣକୁ ମୁଁ ଏଡ଼େଇ ପାରୁନି । ତେବେ ସେ ଅନ୍ଧ ହେଲା କାହିଁକି ? ସେ ମୂକ ହେଲା କେମିତି ? ତାକୁ ମୂକ କଲା କିଏ ? ଯାହା ଜଣା ପଡୁଛି ଜନ୍ମରୁ ତ ଏ ମୂକ ନୁହେଁ ? ଲମ୍ବା ଜିଭ, ସୁନ୍ଦର ଓଠରେ ବଂଶୀରେ ସୁର ଦେଉଛି । ପ୍ରେମ କରୁଣାପୂର୍ଣ୍ଣ ତାର ସୁନ୍ଦର ମୁହଁରୁ ସନ୍ନ୍ୟାସୀର ପ୍ରଶାନ୍ତ ଜ୍ୟୋତି ଧାରା ଯେମିତି ନିଗିଡ଼ି ପଡୁଛି । ମତେ ଲାଗୁଛି ସେ ମୋର ପୁଅ । ଯେ ମତେ ବଞ୍ଚେଇଛି ସେ ମୋର ପୁଅ । କେମିତି ଦେବି ମୋର ରାଜକୀୟ ପରିଚୟ ? କେମିତି ପାଇବି ତାର ପ୍ରକୃତ ପରିଚୟ ? ସନ୍ନ୍ୟାସୀ ପୁଅକୁ ପୁଅ କରିବି, ପଦ୍ମାବତୀକୁ ପୁଅ ଆଣିଦେବି, ତା ଆଖିରୁ ଅଶ୍ରୁ ପୋଛିବି । ଅସରା ସେ ଅଶ୍ରୁଧାରା, ଅବଦମିତ ସେ ପ୍ରୀତିଧାରା । ତାକୁ ଆଣିଦେବି ତା ଆଖିର ମଣି, ତା ପ୍ରାଣର ସ୍ପନ୍ଦନ; ତା ଜୀବନର ଆଲୋକ ରେଖା, ତା ଦେହର ମାସଂମୁକ୍ତା । କେମିତି କହିବି ଏ ତମ ପୁଅ ? କେମିତି କହିବି ସେ ଅନ୍ଧ ହୋଇ ଯାଇଛି ? କେମିତି କହିବି ସେ ମୂକ ହୋଇ ଯାଇଛି ? ଏମିତି ପୁଅକୁ କେମିତି ଗ୍ରହଣ କରିବ ସେ ? କ'ଣ କହିବ ମତେ ? କ'ଣ କରିଦେବ ଦେଖୁଦେଖୁ, ଶୁଣୁଶୁଣୁ, ଜାଣୁଜାଣୁ ? ସବୁ ହରେଇ କ'ଣ ମୁଁ ହାରିଯିବି ? ଭାଗ୍ୟ ମତେ ହାରିବାକୁ ଦେଇନାହିଁ ।

ମୁଁ ଜିତିଛି, ମତେ ଆହ୍ୱାନ କରିଥିବା ମଣିଷକୁ ଜିତିଛି, କ୍ଷମତାକୁ ଜିତିଛି, ଯୁଦ୍ଧକୁ ଜିତିଛି, ହିଂସାକୁ ଜିତିଛି, ଅନ୍ୟାୟକୁ ଜିତିଛି, ଅସହାୟତାକୁ ଜିତିଛି, ଆଖିଲୁହକୁ ଜିତିଛି, ପ୍ରୀତିଲୁହକୁ ଜିତିଛି, ରକ୍ତର ବନ୍ଧନକୁ ଜିତିଛି, ରକ୍ତର ସନ୍ଧାନ କରିବାକୁ କ'ଣ ହାରିଯିବି ? ନା, ନା, ନା ମୁଁ ଜିତିପାରିବି । ନିଶ୍ଚୟ ପାରିବି । ମୋ ପୁଅକୁ ମୁଁ ଫେରେଇ ନେଇ ପାରିବି ।

ଅଶୋକ ଆଶ୍ରମରେ ଅଛନ୍ତି । ଠିକ୍ ଭାବେ ସୁସ୍ଥ ହୋଇ ନାହାନ୍ତି । କିଛିଦିନ ବିଶ୍ରାମ ଲୋଡ଼ା । ସନ୍ନ୍ୟାସୀ ଅଶୋକଙ୍କ ଯତ୍ନ ନେଉଛନ୍ତି । ସକାଳେ, ସନ୍ଧ୍ୟାରେ ଚେରମୂଳ ଗୋରସ ଦେଉଛନ୍ତି, ମଧ୍ୟାହ୍ନରେ ଦିବ୍ୟ ଭୋଜନ, ଘୃତଅନ୍ନ, ଡାଲି, ଶାଗଭଜା, ବାରିର ଫଳମୂଳ । ଅଶୋକ ବନପର୍ବତର ଶୋଭାରେ, ଆଶ୍ରମର କଳରବ ମୁଖରିତ ପରିବେଶରେ ଆନନ୍ଦ ଅନୁଭବ କରୁଛନ୍ତି । ତାଙ୍କର ଅଜ୍ଞାତ ଯାତ୍ରାପାଇଁ ସମସ୍ତେ ସତର୍କ । ରାଜକାର୍ଯ୍ୟରେ କେହି ବିଶୃଙ୍ଖଳା କରିବାକୁ ସାହସ କରନ୍ତି ନାହିଁ । ତେଣୁ ସେ ନିଶ୍ଚିତ, ନିରାପଦ ଆଶ୍ରମରେ । ଆଶ୍ରମରେ ଭଜନ, କୀର୍ତ୍ତନ, ନାମଧାମ ଖୁବ୍ ମନଛୁଆଁ । ରାଜାର ଆଶ୍ରମ ଅନୁଭବ, ଅନୁପମ ଅନୁଭବ ।

ରାତ୍ରିର ଶୟନ କାଳରେ ଆଖିରେ ନିଦ ଆସୁନି । ମନରେ ଅନେକ ପ୍ରଶ୍ନ । ଯଦି ସନ୍ନ୍ୟାସୀ ଅନ୍ଧ ହୋଇଯାଇଛନ୍ତି ମୂକ କାହିଁକି ଲମ୍ବାଜିଭ ଥାଇ ? ଯଦି କେହି ଅନ୍ଧ କରିଦେଇଛନ୍ତି ତେବେ ମୂକ ରହିବାର ଆବଶ୍ୟକତା କେଉଁଠି ? କଥା କହିବାରେ ଅସୁବିଧା କେଉଁଠି ? ରହସ୍ୟ ଲାଗୁଛି ଏ କଥାସବୁ । କେମିତି ଏହାର ସମାଧାନ ହେବ ? ଆଶ୍ରମରେ କେହି କିଛି କହି ପାରୁନାହାନ୍ତି, ମୋନୀବାବାଙ୍କ ସମ୍ବନ୍ଧରେ । ତାଙ୍କ ନାଁ, ଗାଁ, ଠିକଣା ଯେମିତି ପରିଚୟ ଶୂନ୍ୟ । ଏକାନ୍ତ ସନ୍ନ୍ୟାସୀ । ସେ ମନେକଲେ ଯେମିତି ଜଘନ୍ୟ ଦୃଶ୍ୟରେ ପ୍ରିୟଜନକୁ ହରାଇବାର ଦେଖିଲେ ଜଣେ ହତଭୟ ହୋଇ ମୂକ ହୋଇଯାଏ ସେମିତି ପ୍ରିୟଜନ, ପ୍ରିୟ ଜିନିଷ ହରାଇବାର ଜାଣିଲେ ମୂକ କାହିଁକି କଥା ନ କହିବ ?

ଜଣେ ଅନ୍ଧ ହୋଇପାରେ, ମୂକ କାହିଁକି ହେବ ? ରହସ୍ୟମୟ ଲାଗୁଥିଲା ଏ ବିଷମ ପ୍ରଶ୍ନ । ମୂକ ମଣିଷର ଜିଭ ଖୁବ୍ ଛୋଟ । ମୋନୀବାବାଙ୍କର ବଡ଼ ଜିଭ । କଥା କହିବାରେ କୌଣସି ଅସୁବିଧା ନାହିଁ । ଜଣେ ଅନ୍ଧ ହୋଇ ସ୍ୱେଚ୍ଛାକୃତ ଭାବେ ମୂକ ରହିବ ଏ ତ ଅସମ୍ଭବ ? ପରିଚୟ ଦେଲେ କେହି କାହାର ପରିଚୟ ପାଇବ । କଥା କହିଲେ ପରିଚୟକୁ ଲୁଚାଇବାରେ ଅସୁବିଧା ନାହିଁ । ତେଣୁ ପରିଚୟ ଗୋପନ ରଖିବାକୁ କଥା ନକହିବା, ମୂକ ରହିବା, ମୌନବ୍ରତ ଅବଲମ୍ବନ କରିବାର କାରଣ କ'ଣ ? ମୂକର ମୌନବ୍ରତ କାହିଁକି ? ତେଣୁ ମୋର ସନ୍ଦେହ ହେଉଛି ସେ ପୂର୍ବରୁ କଥା କହୁଥିଲେ । ମୌନବ୍ରତ ଭାଙ୍ଗିଲେ କଥାକହି ପାରିବେ । ଏହା କିପରି ସମ୍ଭବ । ମୋନୀବାବାଙ୍କ ସହ ପ୍ରକାଶ୍ୟରେ ବେଶୀ ମିଳାମିଶାର ସୁବିଧାନାହିଁ । ସାମୟିକ ଦେଖାଚାହାଁ, ତାଙ୍କର ନୀରବ ଉପସ୍ଥିତି, ସ୍ନେହକୋମଳ କରସ୍ପର୍ଶ ।

ବାବାଙ୍କ ପରିଚୟ ପାଇଁ ଅଶୋକ ବ୍ୟାକୁଳ । ଏକ ନୀରବ ଅସହାୟତା ତାଙ୍କୁ ଅସ୍ଥିର କରୁଥିଲା । ସେ ମନେମନେ ଚିନ୍ତା କରୁଥିଲେ କ'ଣ କରିବେ, କ'ଣ ନ କରିବେ ? ଏପରି ପରିସ୍ଥିତିରେ କୁନାଳ ନାମ, ଶବ୍ଦ ଉଚ୍ଚାରଣ ଠିକ୍ ହେବନାହିଁ । କୁନାଳର ସନ୍ଧାନ କଥା କହିବା ମଧ୍ୟ ଉଚିତ୍ ନୁହେଁ । ହଠାତ୍ ସେ କିଛି ନିଷ୍ପତିରେ ପହଞ୍ଚି ପାରିଲେ ନାହିଁ । ରାତ୍ରି ଆସିଲା, ବୁଦ୍ଧ ପୂର୍ଣ୍ଣିମାର



ଜହ୍ନ ସମଗ୍ର ପରିବେଶକୁ ରଜତ ଜ୍ୟୋତ୍ସ୍ନାରେ ଝଲମଲ କରିଦେଲା । ପାହାଡ଼ରୁ ବହି ଆସୁଛି ସୁଶୀତଳ ସମୀରଣ । ବଣୁଆ ଫୁଲର ମହକ । ଆଶ୍ରମର ସୁବାସରେ ପୁଲକିତ ପ୍ରକୃତି, ପ୍ରାଣୀଜଗତ । ଜହ୍ନ ଛୁଇଁଲାଣି ମଥାନ ଉପର ଆକାଶ । ଅଖଣ୍ଡ ନୀରବତା । ଏମିତି ନିବିଡ଼ ରାତ୍ରିର ନୀରବତାକୁ ଭାଙ୍ଗି ମୋନୀବାବା, ଆଶ୍ରମ ନିକଟରେ ଉଚ୍ଚପଥର ଉପରେ ମୃଗ ଛାଲ ପକାଇ ବଂଶୀରେ ସୁରଦେଲେ । ମହମହ ସେ ସୁର । ସମଗ୍ର ପରିବେଶ ଯେମିତି ମେଘାଚ୍ଛନ୍ନ ମୋହାଚ୍ଛନ୍ନ ସେ ସୁରରେ । ସମସ୍ତେ ତନ୍ଦ୍ରାଚ୍ଛନ୍ନ ବଂଶୀସ୍ୱନର ଲଳିତ ମୂର୍ଚ୍ଛନାରେ । ଏମିତି ଦିବ୍ୟ ଅନୁଭବରେ ରୋମାଞ୍ଚିତ ଅଶୋକଙ୍କ ଦେହମନ । ବିଛଣାରୁ ଉଠିଦେଖିଲେ ଅନାହତ ବଂଶୀର ପ୍ରୀତିମଧୁର ସ୍ୱନ, ଶ୍ରୁତିମଧୁର ସ୍ୱର । ସ୍ୱପ୍ନାଚ୍ଛନ୍ନ ପ୍ରକୃତି ରଜନୀର ରଜତ ମାୟାରେ, ପୂନେଇ ଜହ୍ନର ପ୍ରୀତି ଆଲିଙ୍ଗନରେ । ଶୁଭ୍ର ମେଘଖଣ୍ଡ ଲଜ୍ଜା ଅବନତ ଆଖିରେ ଆଡ଼େଇ ଚାଲିଯିବାର ଅପୂର୍ବ ଦୃଶ୍ୟ ତାଙ୍କୁ କ୍ଷଣିକ ପାଇଁ ବିଭୋର କରିଦେଲା । ସେ ପୂର୍ବରୁ ବଂଶୀସ୍ୱନ ଶୁଣିଛନ୍ତି । ଏମିତି ଦିବ୍ୟ ପରିବେଶରେ ପ୍ରକୃତି କୋଳରେ ଏ ଚମତ୍କାର ବଂଶୀସ୍ୱନ ପୁଣି ଏକାନ୍ତରେ, ନିଶୀଥରେ, ନିଶ୍ଚୟ ନିଆରା । ଏକ ଅନନ୍ୟ ଅନୁଭବ ବଂଶୀଶିଳ୍ପୀର, ସାଧକର । ସନ୍ନ୍ୟାସୀର ବଂଶୀ ? ଭିକ୍ଷାପାତ୍ର ତ ଯଥେଷ୍ଟ । ପୂଜାପାଠ ନୀତି ନିୟମରେ ସମୟ ଅଭାବ । ସନ୍ନ୍ୟାସୀ କ'ଣ ଶିଳ୍ପୀ ? ଶିଳ୍ପୀ କ'ଣ ସନ୍ନ୍ୟାସୀ ହୁଏ ? ଜୀବନକୁ ଭଲପାଉଥିବା କଳାସାଧକ ସଂସାର ବିମୁଖ ସନ୍ନ୍ୟାସୀ ନୁହେଁ । ଆଶ୍ରମସାରା ସେ ବୁଲି ଦେଖୁଛନ୍ତି ବାବାଙ୍କର ପ୍ରିୟବସ୍ତୁ ବୋଲି କିଛି ସେ ଜାଣି ପାରୁନାହାନ୍ତି । ଲାଗୁଛି ଯେମିତି ତାଙ୍କର ହାତରେ ବଂଶୀ, ଓଠରେ ବଂଶୀସ୍ୱନ ସବୁଠୁ ପ୍ରିୟ । ବୋଧହୁଏ ପ୍ରାଣଠୁ ପ୍ରିୟ ଯେ' ଶୁଣିବ ଏ ବଂଶୀସ୍ୱନ, ସେ କହିବ । କି ଯାଦୁ ଅଛି ଏ ବଂଶୀସ୍ୱନରେ ? ସମସ୍ତେ ଶୁଣୁଛନ୍ତି ଏକାଗ୍ର ହୋଇ । ପ୍ରୀତିମଗ୍ନ, ମଧୁମଗ୍ନ ହୋଇ । ଜହ୍ନ ଆଲୁଅରେ ସାପ, ମୟୂର, ଗାଈ, ଚଢ଼େଇ, ପାହାଡ଼ ଉପରେ ହସ୍ତୀ, ବ୍ୟାଘ୍ର, ହରିଣ, ମଣିଷ, ବୃକ୍ଷଲତା, ମାଟି, ଆକାଶ, ପବନ, ପ୍ରକୃତି ସମସ୍ତେ ମସ୍‌ଗୁଲ ବଂଶୀସ୍ୱନରେ, ବଂଶୀ ବାଦନର ଅପୂର୍ବ ମାଦକତାରେ ବାବା ଆତ୍ମବିସ୍ମୃତ । ମହାଆନନ୍ଦରେ ମଜ୍ଜି ଯାଇଛନ୍ତି, ହଜି ଯାଇଛନ୍ତି ।

ପରଦିନ ସକାଳେ ଅଶୋକ ଦେଖିଲେ ବାବା ଖୋଜୁଛନ୍ତି ଶାଳଗ୍ରାମ । ଚିକ୍‌କଣ ମସୃଣ ଗୋଲ ପଥର । ସେଥିରେ ସୁନ୍ଦର ଭାବେ ଖୋଦିତ ହୋଇଛି ''ଅହିଂସା ପରମ ଧର୍ମ, ସର୍ବମାନ୍ୟ ଧନ୍ୟ ଧନ୍ୟ'' । ଆଶ୍ରମରେ ଉଦାର ଅହିଂସ ଭାବରେ ସମସ୍ତେ ଯେମିତି ଦୀକ୍ଷିତ । ହିଂସା ନାହିଁ, ଅସୂୟା ନାହିଁ । ସମସ୍ତେ ଆନନ୍ଦ ମଗ୍ନ, ଚିନ୍ତା ଶୂନ୍ୟ, ହିଂସାଶୂନ୍ୟ । ପବିତ୍ର ପୁଲକିତ ପରିବେଶ । ସୁନ୍ଦର, ମଙ୍ଗଳମୟ ଆଶ୍ରମର ଶୋଭାସମ୍ପଦ । ଅଶୋକ ସୁସ୍ଥବୋଧ କଲେ । ସେ ଯିବାକୁ ପ୍ରସ୍ତୁତ ହେଲେ । ସ୍ନାନ ଭୋଜନ ପରେ ଆଶ୍ରମର ଅନ୍ତେବାସୀଙ୍କ ସହ ଆଳାପ କଲେ । ଲେଖା ମାଧ୍ୟମରେ ବାବା ଅନ୍ତେବାସୀଙ୍କୁ ଅଶୋକଙ୍କ ଖବର ପଚାରିଲେ । ପରିଚୟ ଜାଣିବାକୁ ଆଗ୍ରହ ପ୍ରକାଶ କଲେ ଲିଖିତ ଭାବରେ । ଅଶୋକ ଗ୍ରାମ୍ୟ ଭାଷାରେ ଉତ୍ତର ଦେଲେ ।

ବାବା : ଆପଣଙ୍କୁ କେମିତି ଲାଗୁଛି ?

ଅଶୋକ : ଖୁବ୍ ଭଲ ଲାଗୁଛି ।

ବାବା : ଆପଣଙ୍କ ପରିଚୟ ?

ଅଶୋକ : ପରିଚୟ ! ବଣିକର ପରିଚୟ ବାଣିଜ୍ୟ, ବାଣିଜ୍ୟରେ ଲାଭ କ୍ଷତି । କିଣିଲା

ବେଳେ ଅଳ୍ପ ମିଛ, ବିକିଲାବେଳେ ବହୁତ ମିଛ, ଶୁଣିଲାବେଳେ ଖୁବ୍ ସତର୍କ । କହିଲାବେଳେ ସେ କହେ ତା'ଠାରୁ କେହି କହନ୍ତି ନାହିଁ ସତ । ଲାଭ ନହେଲେ ପେଟକୁ ଯିବନି ଭାତ । ସେ କ୍ରେତା, ଶ୍ରୋତା, ବିକ୍ରେତା, ଭାରି ହୁସିଆର । ମୂଳରେ ନ ଲାଗେ ହାତ । ଯେ ମିଛ ଜାଣିନାହିଁ ସେ ଜାଣିଛି ମିଛଠାରୁ ନାହିଁ ବଡ଼ସତ ।

ବାବା : ତୁମର ନାମ, ଗ୍ରାମ, ଠିକଣା ।

ଅଶୋକ : ଅଶୋକ ଦୂରଗ୍ରାମର ନାମ, ଠିକଣା ଦେଇ କହିଲେ ଆପଣଙ୍କ ନାମ, ଗ୍ରାମ ଠିକଣା ।

ବାବା : (ଅଳ୍ପ ହସି) ସନ୍ନ୍ୟାସୀର ନାମ, ଗ୍ରାମ, ଠିକଣା କାହିଁ ? ବୁଲିବୁଲି ବଞ୍ଚୁଥିବା ସନ୍ନ୍ୟାସୀର ଏଥିରେ ପ୍ରୟୋଜନ କ'ଣ ?

ଅଶୋକ : ମୋର ପୁଅ ସନ୍ନ୍ୟାସୀ ହୋଇ ଯାଇଛି । ମୁଁ ଖୋଜୁଛି ତାର ପରିଚୟ କେହି ଜାଣିଥିବେ ?

ବାବା : ସବୁ ସନ୍ନ୍ୟାସୀ କାହାର ପୁଅ, ପିତା, ସ୍ୱାମୀ । ଯିଏ ସଂସାର ଛାଡ଼ିଛି ତା ପଛରେ ବୃଥା ଧାଇଁ ଲାଭ କ'ଣ ? ସେ କ'ଣ ଆଉ ଫେରିବ ?

ଅଶୋକ : ନ ଫେରୁ । ମୁଁ ଜାଣିବି ପୁଅ ମୋର ଭଲରେ ଅଛି । ସମାଜର ସେବା କରୁଛି । ଭଗବାନଙ୍କର ପୂଜା କରୁଛି । ଶାନ୍ତିରେ ଅଛି । ସୁସ୍ଥ ଅଛି ।

ବାବା : ସନ୍ନ୍ୟାସୀ ସବୁବେଳେ ଭଲରେ ଥାଆନ୍ତି । ଅଭାବ ଅସୁବିଧା ନ ଥାଏ । ଶାନ୍ତିରେ ଥାଆନ୍ତି । ଶାନ୍ତିରେ କାର୍ଯ୍ୟ କରନ୍ତି । ତେଣୁ ବ୍ୟସ୍ତ ହେବାର ନହିଁ ।

ଅଶୋକ : ଆପଣ କେମିତି ଜାଣିବେ ସେ ବ୍ୟସ୍ତତା ? ଯିଏ ପୁତ୍ର ହରାଇଛି, ସ୍ୱାମୀ ହରାଇଛି, ପିତା ହରାଇଛି ?

ବାବା : ସଂସାରରେ ଏ ଜୀବନ ନଶ୍ୱର । ଦିନେ ନା ଦିନେ ହରାଇବାକୁ ପଡ଼ିବ । ଏ ନିତ୍ୟ ସତ୍ୟକୁ ମଣିଷ ନ ବୁଝି ଦୁଃଖ ପ୍ରକାଶ କରେ, ଏହାହିଁ ବିଡ଼ମ୍ବନା ।

ଅଶୋକ : ସେ ନଶ୍ୱର ସଂସାରରେ ସନ୍ନ୍ୟାସୀ ସାଧନାର ଫଳ ବାଣ୍ଟିଥାଏ । ତା'ର କଲ୍ୟାଣ କାମନା କରିଥାଏ । ସେ ନଶ୍ୱର ସଂସାର ଈଶ୍ୱରଙ୍କ ହାତଗଢ଼ା । ଈଶ୍ୱର ନଶ୍ୱର ନୁହନ୍ତି ଅବିନେଶ୍ୱର । ତାଙ୍କ ସଂସାର କାହିଁକି ନଶ୍ୱର ହେବ ? ଆତ୍ମା ଅମର । ଏହାର 'ଶରୀର ତ୍ୟାଗ' ମୃତ୍ୟୁର ଲକ୍ଷଣ ମାତ୍ର, ଘଟ ପରିବର୍ତ୍ତନ, ନୂତନ ଜୀବନର ଅୟମାରମ୍ଭ । ଯେଉଁ ସଂସାର ଛାଡ଼ିଥାଏ ସନ୍ନ୍ୟାସୀ ସେହି ସଂସାରକୁ ଫେରିଆସେ ସିଦ୍ଧି ଲାଭ ପରେ । ଯେଉଁ ଗୃହ ଛାଡ଼ିଛି ସେ ଘରକୁ ବାହୁଡ଼ି ଆସିବାରେ ଅସୁବିଧା କେଉଁଠି ?

ବାବା : ସେ ମୋହ-ମାୟାରେ ଘାଣ୍ଟି ହୋଇ ଲାଭ କ'ଣ ?

ଅଶୋକ : ସେହି ମୋହମାୟାରେ କଷ୍ଟ ପାଉଥିବା ଅଚିହ୍ନା ସଂସାରୀର କଷ୍ଟ ଲାଘବ କରିବାକୁ ସନ୍ନ୍ୟାସୀ କାହିଁକି ସେବା କରେ ? ସନ୍ନ୍ୟାସୀ ହୋଇ ଚିହ୍ନା ମଣିଷଙ୍କ ସେବାକଲେ କ୍ଷତି କ'ଣ ? ସେମାନଙ୍କ ପ୍ରତି ଥିବା ଦାୟିତ୍ୱରୁ ମୁକ୍ତି, ପୁଣି କର୍ତ୍ତବ୍ୟରୁ ମୁକ୍ତି, ଇଏ କେଉଁ କଥା ? ସେମାନଙ୍କର ଦୁଃଖ ବହିବନି, ସହିବନି, ବୋଲି କ'ଣ ଦେଖିବନି ? ଘୋର ଅନ୍ୟାୟ ।



ବାବା : ସମଗ୍ର ସଂସାର ସନ୍ନ୍ୟାସୀର ଘର । ସମସ୍ତେ ଆତ୍ମୀୟ, ପ୍ରିୟ ପରିଜନ ।

ଅଶୋକ : ଘର ଲୋକ କ'ଣ ପର ? ତାଙ୍କପ୍ରତି ସନ୍ନ୍ୟାସୀ କ'ଣ ଆଖିବୁଜିଦେବା ଠିକ୍ ? ଏପରି ଇଚ୍ଛାକୃତ ଅବହେଳା ପ୍ରିୟଜନଙ୍କ ପ୍ରତି ଅନ୍ୟାୟ ନୁହେଁ ତ ଆଉ କ'ଣ ? ଘୋର ଅନ୍ୟାୟ ।

ବାବା : ଭଗବାନଙ୍କ ସାଧନା ଲାଗି ସେମାନେ ସମର୍ପିତ । ଭଗବତ ସେବାରେ ସେମାନଙ୍କର ଆନନ୍ଦ । ଜୀବନର ଶାଶ୍ୱତ ସତ୍ୟ, ସନ୍ଧାନୀ ସେମାନେ । ପ୍ରିୟଜନଙ୍କ ପାଇଁ ତାଙ୍କ ପାଖରେ ସମୟ କାହିଁ ? ଭଗବାନଙ୍କ ବାଣୀ ପ୍ରଚାରରେ ତାଙ୍କ ଦିନ ବିତୁଛି । ସଂସାରର କଲ୍ୟାଣ ହେଉଛି ।

ଅଶୋକ : ସଂସାର ସାଧନା ଛାଡ଼ି ଭଗବାନ ସାଧନା କରିବାକୁ କିଏ ବୁଦ୍ଧି ଦେଲା ? ଭଗବାନ ସାଧନା ଲାଗି ସଂସାର ସାଧନା ତ୍ୟାଗ କ'ଣ ଜରୁରୀ ? ଯେଉଁମାନେ ପୁତ୍ର, ପିତା, ସ୍ୱାମୀ ହରେଇଛନ୍ତି ତାଙ୍କର କ'ଣ କଲ୍ୟାଣ ହୋଇଛି ? ଭଗବାନଙ୍କ ବାଣୀରୁ ସେମାନଙ୍କୁ ବଞ୍ଚିତ କରିବା କେଉଁ ବିଚାର ବୁଦ୍ଧି, ଆଦର୍ଶ ? ଗୌତମ ବୁଦ୍ଧ ବୋଧିତ୍ୱ ପ୍ରାପ୍ତି ପରେ ସ୍ୱଗୃହକୁ ଯାଇଥିଲେ, ପତ୍ନୀ ଗୋପାଙ୍କ ପାଖକୁ, ସଂଘରେ ସାମିଲ କରିବାକୁ । ତାଙ୍କଠାରୁ ସନ୍ନ୍ୟାସୀମାନେ କ'ଣ ଏତିକି ଶିଖିନାହାନ୍ତି ? ପରିବାର ପ୍ରିୟଜନ ସଂସାରୀ ମଣିଷର ପରମ ଆତ୍ମୀୟ । ସେମାନଙ୍କର ଅବଦାନ ଅଛି ସନ୍ନ୍ୟାସୀର ଜୀବନରେ । ସେମାନଙ୍କୁ ଅବହେଳା କରିବା ଅଶ୍ରୁସିକ୍ତ କରି ମାରିବାରେ କି ସୁଖ ସନ୍ନ୍ୟାସୀର ? ଭଗବାନ କ'ଣ ମନା କରିଛନ୍ତି ପ୍ରିୟଜନକୁ ଛାଡ଼ି ସମସ୍ତଙ୍କୁ ବାଣୀ ପ୍ରଚାର କରିବା ?

ବାବା : ଥରେ ଘରସଂସାର ତ୍ୟାଗକରି ଘରସଂସାରକୁ ଫେରିବା, ଆସକ୍ତି ପ୍ରକାଶ କରିବା ସନ୍ନ୍ୟାସୀର ଧର୍ମ ନୁହେଁ । ଆସକ୍ତି ଦୁଃଖ । ଆସକ୍ତିରୁ ମୁକ୍ତ ହେଲେ ସୁଖ ମିଳିବ । କାମନାର ବିନାଶରେ ଦୁଃଖର ବିନାଶ । ମଣିଷ ଦୁଃଖପାଏ କାମନାରୁ, ବ୍ୟକ୍ତି, ବସ୍ତୁର ପ୍ରାପ୍ତି କାମନାରେ, ମଙ୍ଗଳ କାମନାରେ, ଆନନ୍ଦ କାମନାରେ, ସବୁ ଭଗବାନକୁ ସମର୍ପି ଦିଅ । ଖୁବ୍ ଆନନ୍ଦ ପାଇବ । ସତ୍ୟର ସନ୍ଧାନ ପାଇବ ।

ଅଶୋକ : ତେବେ ସଂସାରୀମାନେ କ'ଣ ମିଥ୍ୟା, ଅନ୍ଧାର, ଆସକ୍ତି, କାମନାରେ, ଦୁଃଖରେ ବଞ୍ଚିଛନ୍ତି ? ସେମାନଙ୍କୁ ଜଙ୍ଗଲରେ ସତ୍ୟ ସନ୍ଧାନ କରିବାକୁ ନକହି 'ସତ୍ୟର ସାକ୍ଷାତ' ଦର୍ଶନ କରାଯାଉଛି କାହିଁକି ? ତୁମର ଅନୁଭବ କ'ଣ ସତ୍ୟ ? ଆସକ୍ତିବିନା ସଂସାରୀ ବଞ୍ଚିବା କ'ଣ ସମ୍ଭବ ?

ବାବା : କାହା ପ୍ରତି ଆସକ୍ତି ହୁଅନାହିଁ । ଆସକ୍ତି ମଣିଷକୁ ଅନ୍ଧ କରିଦିଏ । ଭଲପାଇବା ନାଁରେ ତମେ ଆସକ୍ତ ହୋଇ ପଡୁଛ । ତେଣୁ ଦୁଃଖ ପାଉଛ । ସନ୍ନ୍ୟାସୀର ଆସକ୍ତି ନାହିଁ, ଦୁଃଖ ନାହିଁ, ଲୋଭ ନାହିଁ, କାମନା ବାସନା ନାହିଁ, ଅଛି ଅନାବିଳ ଭଲପାଇବା, ନିବିଡ଼ ଭଲପାଇବା ।

ଅଶୋକ : ତୁମେ କ'ଣ ଭଲପାଅ ?

ବାବା : ତମେ ଜାଣି ଆଶ୍ଚର୍ଯ୍ୟ ହେବ ଏଇ ଦେଖୁଛ ମୋ ହାତରେ ବାଉଁଶର ବଇଁଶୀ । ବଂଶୀ ବାଦନ କଲେ ମୁଁ ସବୁ ଭୁଲିଯାଏ । ସଂସାରର ଦୁଃଖ, ପ୍ରାଣୀର ପୀଡ଼ା ।

ଅଶୋକ : ଚମତ୍କାର ତୁମ ଭଲ ପାଇବା । ମୁଁ ଏମିତି ଭଲ ପାଉଥିଲି ମୋ ପୁଅକୁ । ମତେ ଦିଅ ତୁମରି ସେହି ଭଲପାଉଥିବା ବଂଶୀକୁ । ବଜେଇବି ମୁଁ, ସଂସାରର ସବୁ ଦୁଃଖ ଭୁଲିଯିବି ।

ବାବା : ଏ କଥା ଶୁଣି ବାବା ଯେମିତି ସ୍ତମ୍ଭୀଭୂତ ହେଲେ । ମୋର ପ୍ରାଣପ୍ରିୟ ବଇଁଶୀ...

ଯିଏ, ମୋରନୁହେଁ... ଯାହାକୁ ଫେରାଇ ଦେବାକୁ ମୁଁ ପ୍ରତିଶ୍ରୁତି ଦେଇଛି... ଯିଏ ମତେ ବଞ୍ଚେଇ ରଖିଛି... ତାକୁ ... ନା... ନା... ତାଙ୍କର କଣ୍ଠ ଥରିଉଠିଲା । ଉର୍ଦ୍ଧ୍ୱସ୍ୱରରେ ସେ କମ୍ପୁଥିଲେ । ହାତ ହଲାଇ ମନା କରିଦେଲେ । ନା ବଂଶୀ ମୁଁ ଦେଇପାରିବି ନାହିଁ । ଏହାକୁ ଛାଡ଼ି ମୁଁ ବଞ୍ଚିପାରିବିନାହିଁ ।

ଅଶୋକ : ମୁଁ ତ ବଞ୍ଚିଛି ମୋର ପ୍ରିୟପୁତ୍ରକୁ ଛାଡ଼ି । ତମେ ବଇଁଶୀ ଛାଡ଼ି ବଞ୍ଚିପାରିବ ନାହିଁ, ବିଶ୍ୱାସ ହେଉନି । ପିତା, ମାତା, ପ୍ରିୟଜନଙ୍କୁ ଛାଡ଼ି ବଞ୍ଚିଛ । ଏ ବଇଁଶୀ କ'ଣ ସେମାନଙ୍କଠାରୁ ପ୍ରିୟ । ଛାର ବଇଁଶୀରେ ତୁମର ଏତେ ଆସକ୍ତି । ତୁମର ମୋହ ତୁଟିନାହିଁ ।

ବାବା : ବଇଁଶୀ ମୋର ନୁହେଁ । ମୁଁ ଭଲପାଏ, ମୋହଗ୍ରସ୍ତ ହେବି କାହିଁକି ?

ଅଶୋକ : ସଂସାରରେ କିଏ କାହାର ନୁହେଁ । କେଉଁ ବସ୍ତୁ କାହାର ନୁହେଁ । ଏସବୁ ଜାଣି ସମସ୍ତେ ଭଲ ପାଆନ୍ତି । ତମେ ଭଲ ପାଉଛ । ମୋହଗ୍ରସ୍ତ ନୁହଁ । ମତେ ବଇଁଶୀ ଦିଅ । ମୁଁ ନେବି ।

ବାବା : କ'ଣ କରିବ ?

ଅଶୋକ : ତମର ମୋହ ତୁଟିଯିବ, ଆସକ୍ତି କଟିଯିବ । ଏ ବଂଶୀ ତୁମକୁ ଭୁଲେଇ ଦେଇଛି ପ୍ରିୟଜନଙ୍କୁ, ତାଙ୍କର ଦୁଃଖକୁ ଅନୁଭବ କରିବାର ଶକ୍ତିକୁ, ଅଙ୍ଗେ ଲିଭେଇଥିବା ତମର ଅତୀତକୁ । ସେମାନଙ୍କ ପ୍ରତି ତମର କର୍ତ୍ତବ୍ୟକୁ, ଦାୟିତ୍ୱକୁ, ବିଚାରବୋଧକୁ ।

ବାବା : ଗୃହ ଜଞ୍ଜାଳରେ ବାନ୍ଧିହେବାକୁ କେହି କ'ଣ ସନ୍ନ୍ୟାସୀ ହୁଏ ? ତେଣୁ ଗୃହକୁ ଫେରି ଅତୀତ ପାଇଁ ଅଶ୍ରୁମୋଚନର ଆବଶ୍ୟକତା କ'ଣ ଅଛି ? ସମାଜରେ ସନ୍ନ୍ୟାସୀ କେତେ ଯେ, ତମେ ବ୍ୟାକୁଳ ହେଉଛ ସନ୍ନ୍ୟାସୀ ପୁତ୍ରକୁ ଫେରାଇ ନବାକୁ ?

ଅଶୋକ : ସେ ବ୍ୟାକୁଳ ବ୍ୟଥାକୁ ବୁଝିପାରିବନି ତମେ ସନ୍ନ୍ୟାସୀ । ଯାହାକୁ ଆମେ ରକ୍ତ ମାଂସରେ ଗଢ଼ିଛୁ, ଯାହାର ସାମାନ୍ୟ ଅସୁସ୍ଥତାରେ ଆମେ ରାତ୍ରି ଅନିଦ୍ରା ରହିଛୁ, ସେବା ଯତ୍ନ କରିଛୁ, ସେ ଆମକୁ ବୁଢ଼ାକାଳେ ଛାଡ଼ିଯିବ । କିଏ ସହିବ ଏ ଯନ୍ତ୍ରଣା ? ବୁକୁଫଟା ଯନ୍ତ୍ରଣା ? କିଏ ଆମ କଥା ବୁଝିବ ?

ବାବା : ଫଳ ଆଶା ନ ରଖି କର୍ମ କରିବାକୁ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି । ଫଳ ଆଶା ନ ରଖି ବୁଢ଼ାଲୋକେ ଗଛ ଲଗାନ୍ତି । ଫଳ ଆଶା ନ ରଖି ତମେ କର୍ମ କରିବା ଉଚିତ୍ ।

ଅଶୋକ : ଗଛ ଲଗାଉଥିବା ବୁଢ଼ା ଆଖିଆଗରୁ ଗଛ ଭାଙ୍ଗି ପଡ଼ିଲେ, କିଏ ହାଣିନେଲେ କେତେ କଷ୍ଟ ହେବ ସେ ଜାଣିଛି । ମୁଁ ଜାଣିଛି ସେ ପୀଡ଼ା, ଅଙ୍ଗେଲିଭା ପୀଡ଼ା । ତେଣୁ ଖୋଜୁଛି, ଆମକୁ ନ ପଚାରୁ, ଆମ ପାଖରେ ରହୁ । ଏ ଆଶାରେ ଏତେ ଦିନ ଗଲାଣି । ଆଉ କେତେ ଦିନ । ତାର ଟିକିଏ ଦୟା ହେଉନି । ତାର ବୁଢ଼ାବାପା, ମା' ପ୍ରତି । ସଂସାର ସାରା ବୁଲିବୁଲି ଲୋକଙ୍କୁ ଦୟା କରୁଛି, ମଙ୍ଗଳ କରୁଛି । ଆମେ କ'ଣ ଅଛୁଆଁ ନା ସଂସାର ବାହାର ମଣିଷ । ଆମେ ତାକୁ ଛୋଟରୁ ବଡ଼ କରିଛୁ, ତାର ଅଳି, ଅର୍ଦ୍ଦଳି ସହିଛୁ, ତାର ସେବା ଯତ୍ନ କରିଛୁ । ସେ ଆମକୁ ଦୟା କରିବନି ? ସେ କି ଦିବ୍ୟଜ୍ଞାନ ପାଇଛି ? କି ସାଧନା କରିଛି ? କି ସନ୍ନ୍ୟାସୀ ହୋଇଛି ? ଯିଏ ତାର ବଞ୍ଚିବାର ଧାର ଧାରିନି; ତାଙ୍କ ପ୍ରତି ତାର ଏତେ ଦୟା, ଦରଦ । ଆମପ୍ରତି ଏ ଅବିଚାର କାହିଁକି ? ଯିଏ ଏତିକି ବୁଝିପାରୁନି ତା'ଠାରୁ ଅଜ୍ଞାନ ନାହିଁ । ଏ ମୂଢ଼ ସଂସାରୀମାନେ ସେହି ଅଜ୍ଞାନ



ପଛରେ ମାତିଥିବେ । ତାଙ୍କରି କଥା ଶୁଣୁଥିବେ । ତାଙ୍କଠାରୁ ଦୟା, କରୁଣା, ମଙ୍ଗଳ ଆଶା କରୁଥିବେ । ପଥର ମୂର୍ତ୍ତି ପୂଜିଲା ପରି ଏହି ସଂସାରଛଡ଼ା ସନ୍ନ୍ୟାସୀଙ୍କୁ ପୂଜୁଥିବେ । ତମେ ସନ୍ନ୍ୟାସୀ ହୋଇଛ, ତମର ତ କେହି ପିତା, ମାତା, ପ୍ରିୟଜନ ଥିବେ ? ତମେ ତାଙ୍କୁ କେବେ ଦୟା କରିଛ, ତାଙ୍କ କଥା କେବେ ଭାବିଛ ?

ବାବା : ଭାବି ଲାଭ କ'ଣ ? ସନ୍ନ୍ୟାସୀର ଜୀବନ ଜଳଧାରା ଭଳି । ଯିଏ ପଛକୁ ଫେରିବା ସମ୍ଭବ ନୁହେଁ । ବହିଚାଲିବା ତାର ଧର୍ମ ।

ଅଶୋକ : ଆମେ ତ ବହିଚାଲିଛୁ ଘରଛଡ଼ା ସନ୍ନ୍ୟାସୀର ଦୁଃଖ, ଘର ବାହୁଡ଼ା ସନ୍ନ୍ୟାସୀର ସୁଖ ଆଶାରେ । ଲାଭ ଅଛି, ଲୋଭ ଅଛି, ଭଲ ପାଇବାର ଲୋଭ । ସନ୍ନ୍ୟାସୀର ଭଲ ପାଇବା କାହିଁ ? ସେ କ'ଣ ଜାଣିବ ଲାଭ କ'ଣ ?

ବାବା : ଏଥିରେ ତୁମର କ'ଣ ଲାଭ ହେବ ?

ଅଶୋକ : ତୁମର ପିତା ମାତା ତୁମକୁ ଫେରି ପାଇଲେ ମୁଁ ମୋ ପୁଅକୁ ହରେଇଥିବାର ଦୁଃଖ ଭୁଲିଯିବି । ମୁଁ ଚାହେଁ ସନ୍ନ୍ୟାସୀ ସଂସାରୀ ହୁଅନ୍ତୁ ।

ବାବା : ଅସମ୍ଭବ । ତମେ କ'ଣ ରାଜା ! କ'ଣ ହୁକୁମ୍ ଦେଲାଭଳି କହୁଛ ? ସାଧାରଣ ଶିଷ୍ଟାଚାର ଜାଣିନାହଁ କେମିତି କଥା କହିବାକୁ ହୁଏ ?

ଅଶୋକ : (ଗର୍ଜିଉଠି) ଅସମ୍ଭବ ନୁହଁ । ସମ୍ଭବ । ହଁ ମୁଁ ରାଜା । ମୁଁ ହୁକୁମ୍ କରୁଛି ସମଗ୍ର ମୌର୍ଯ୍ୟ ସାମ୍ରାଜ୍ୟରେ ସନ୍ନ୍ୟାସୀମାନେ ସଂସାରୀ ହେବେ । ସେମାନେ ମୋ ପୁଅକୁ ମୋଠାରୁ ଦୂରେଇ ଦେଇଛନ୍ତି । ତା ମୁଣ୍ଡରେ ସନ୍ନ୍ୟାସୀ ହେବାର ଭୂତ ପୂରାଇଛନ୍ତି । ଏତେଦିନ ହେଲା ତାର ପରିଚୟ କେହି କହୁନାହାନ୍ତି । ସମସ୍ତଙ୍କୁ ବନ୍ଦୀ କରିବି । ସମ୍ରାଟ ଅଶୋକଙ୍କୁ ତାର ପ୍ରିୟ ସନ୍ୟାସୀ ପୁତ୍ର କୁନାଳଙ୍କୁ ଫେରାଇ ନ ଦେଲେ ସନ୍ନ୍ୟାସୀ ଶୂନ୍ୟ କରିବି ଆର୍ଯ୍ୟାବର୍ତ୍ତକୁ ।

ବାବା : (କୁନାଳ ଶବ୍ଦରେ) ବାବାଙ୍କ ହୃତକମ୍ପ ସୃଷ୍ଟି ହେଲା । ସେ ଭୟ, ବିସ୍ମୟରେ... ତମେ ତେବେ ... ।

ଅଶୋକ : ହଁ ମୁଁ ଚଣ୍ଡାଶୋକ । ସମ୍ରାଟ ଅଶୋକ, ସନ୍ନ୍ୟାସୀ ଅଶୋକ, ସଂସାରୀ ଅଶୋକ, ଧର୍ମାଶୋକର ଖ୍ୟାତି ମତେ ଶାନ୍ତି ଦେଉନାହିଁ । ସନ୍ନ୍ୟାସୀ ପୁତ୍ର କୁନାଳ ତାର ସନ୍ନ୍ୟାସୀ ପିତା ପାଖକୁ ଫେରିଯିବାକୁ ତାର ଏତେ କୁଣ୍ଠା କାହିଁକି ?

କଳିଙ୍ଗ ଯୁଦ୍ଧରେ ଦେଢ଼ଲକ୍ଷ ବନ୍ଦୀ ହତ୍ୟା କରିବାର ପୂର୍ବରୁ ମୁଁ ପାଇଥିଲି କାରୁବାକୀକୁ, ସନ୍ନ୍ୟାସିନୀ କାରୁବାକୀକୁ । ମୁଁ ଖୋଜୁଥିଲି ତାର ପରଚିୟ । ମୃତ, ଜୀବନ୍ତ ପରିଚୟ । ଲକ୍ଷେ ବନ୍ଦୀଙ୍କ ହତ୍ୟାର ଦୃଶ୍ୟପରେ ପୁଣି ଦେଢ଼ଲକ୍ଷ ବନ୍ଦୀଙ୍କ ହତ୍ୟାର ପୁନରାବୃତ୍ତି ସେ ସମ୍ଭାଳି ପାରିନଥିଲେ । ଆତ୍ମସମର୍ପଣ କରିଥିଲେ । ସେ ସନ୍ନ୍ୟାସିନୀ ଥିଲେ । ତାହାର ସଂସାର ପ୍ରତି ମୋହ ନଥିଲା । ମାୟା ନଥିଲା । ଆସକ୍ତି ନଥିଲା । ଥିଲା ତାର ମାନବିକତା, ଗୁରୁଦାୟିତ୍ୱବୋଧ । କଠିନ କର୍ତ୍ତବ୍ୟ ଆଗରେ ନୀତି ନିୟମ ଯେ ନଗଣ୍ୟ ସେ ବୁଝିଥିଲା । ତେଣୁ ଆତ୍ମ ସମର୍ପଣ କରିଥିଲା ନିଜସ୍ୱ ନିଷ୍ପତ୍ତିରେ, ସ୍ୱଇଚ୍ଛାରେ । ରାଜାର ନିର୍ଦ୍ଦେଶ ପାଳନ ପ୍ରଜାର କର୍ତ୍ତବ୍ୟ । ପରମ କର୍ତ୍ତବ୍ୟ, ଅଖଣ୍ଡ କର୍ତ୍ତବ୍ୟ । ସେ ଯୋଗୀ ହେଉ କି ଭୋଗୀ ହେଉ ? ସଂସାରୀ ହେଉ କି ସନ୍ନ୍ୟାସୀ ହେଉ ? ଧନ୍ୟ କଳିଙ୍ଗ କନ୍ୟା

ସନ୍ନ୍ୟାସିନୀ କାରୁବାକୀ । ମୌର୍ଯ୍ୟ ସାମ୍ରାଜ୍ୟର ଶାସନ ପରିଚାଳନା କରୁଛି ମତେ ଗୁରୁଦାୟିତ୍ୱରୁ ମୁକ୍ତି ଦେଇଛି, ମତେ ସନ୍ନ୍ୟାସୀ କରିଛି, ଧନ୍ୟ ସମ୍ରାଟ ପଦରେ ସନ୍ନ୍ୟାସୀ ମୁଁ । ସନ୍ନ୍ୟାସିନୀ ହୋଇ ଦ୍ୱିତୀୟ ମହାସାମ୍ରାଜ୍ଞୀ ସେ । ମୁଁ ସମ୍ରାଟ ଯାହା ଚାହିଁବି କରିବି । ମତେ କେହି ପ୍ରତିରୋଧ କରିପାରିବେନି । କେହି ମୋର ଦୃଢ଼ ପ୍ରତିଜ୍ଞା, ସନ୍ନ୍ୟାସୀ ସଂହାର କାର୍ଯ୍ୟର ଗତିରୋଧ କରିପାରିବେନି । ଏତେ ସନ୍ନ୍ୟାସୀ ! ମୋର ପୁତ୍ରର ପରିଚୟ ଦେବାକୁ ଅସମର୍ଥ ନା ଅହଂକାର ! ମୃତ କି ଜୀବନ୍ତ କୁନାଳର ପରିଚୟ ମୋର ଲୋଡ଼ା । ତମେ ସନ୍ନ୍ୟାସୀ । ବାଉଁଶ ବଂଶୀପ୍ରତି ତୁମର ଏତେ ଆସକ୍ତି । ତମ ପରି ସନ୍ନ୍ୟାସୀମାନେ କି ଅହଂକାରୀ, ଆତ୍ମଗର୍ବୀ ମୁଁ ଅନୁଭବ କରୁଛି । ସେମାନଙ୍କର ଗଣହତ୍ୟା ଆବଶ୍ୟକ । ସେମାନେ ମୋର ପୁତ୍ରକୁ ଲୁଚାଇ ରଖିଛନ୍ତି । ତାର ପରିଚୟକୁ ଗୋପନ ରଖିଛନ୍ତି । ମୋର ଶାନ୍ତିଭଙ୍ଗ କରିଛନ୍ତି । ସମ୍ରାଟର ଶାନ୍ତିଭଙ୍ଗ ସନ୍ନ୍ୟାସୀର ଗୁରୁ ଅପରାଧ । ତାର କ୍ଷମା ନାହିଁ । ସନ୍ନ୍ୟାସୀ ସଂହାର ତାର ପରିଣାମ । ଏତେ କଠିନ ଏମାନଙ୍କର ହୃଦୟ ! ମୁଁ ଯୁବରାଜ ମହେନ୍ଦ୍ରକୁ ସନ୍ନ୍ୟାସୀ କରିଦେଇଛି ଜାଣି ସୁଦ୍ଧା ସେମାନେ ମୋର ପ୍ରିୟପୁତ୍ର ଯୁବରାଜ କୁନାଳକୁ ସନ୍ନ୍ୟାସୀ କରିଦେଇଛନ୍ତି । କି ଜଘନ୍ୟ ଚକ୍ରାନ୍ତ ଏମାନଙ୍କର ? ସେମାନଙ୍କୁ ହତ୍ୟା ନ କଲେ ମୁଁ ଶାନ୍ତି ପାଇବିନି ।

ସେହି ଶୁଭ କାର୍ଯ୍ୟର ଶୁଭାରମ୍ଭ ତୁମଠାରୁ ହେବ । ଏହିଠାରେ ଆରମ୍ଭ ହେବ । ଲୁଚାଇଥିବା ଖଡ଼୍‌ଗ ଉନ୍ମୁକ୍ତ କରି ଅଶୋକ ଗର୍ଜି ଉଠିଲେ, କୁହ ସନ୍ନ୍ୟାସୀ, ସମ୍ରାଟ ଅଶୋକଙ୍କ ପୁତ୍ର ସନ୍ୟାସୀ କୁନାଳଙ୍କୁ ତୁମେ ଜାଣିଛ ?

ବାବା : ଅଶୋକଙ୍କ ହିଂସାପ୍ରତି ଆଗ୍ରହ, ସନ୍ନ୍ୟାସୀ ସଂହାରର ପ୍ରତିଜ୍ଞା, ନିଜ ହାତରେ ନିଜପୁତ୍ରକୁ ଅଜ୍ଞାତରେ ହତ୍ୟା କରିବାର ନିର୍ମମ ଅପରାଧ, ଅହିଂସା 'ପରମଧର୍ମକୁ' ଧ୍ୱଂସ କରିବାର ଦୁର୍ବାର ଘୋଷଣାରେ, ଥରିଉଠିଲା ତାଙ୍କର ପ୍ରାଣତନ୍ତ୍ରୀ । ଏକି ନିମର୍ମ ଦୃଶ୍ୟ ସେ ଦେଖୁଛନ୍ତି । ଭାଗ୍ୟ ଯେମିତି ତାଙ୍କପାଇଁ ଏମିତି ଦୃଶ୍ୟଭୂମି ତିଆରି କରିଥିଲା । ସେ ଯେଉଁ ପିତାଙ୍କୁ ହିଂସାପଥରୁ ଫେରେଇ ଆଣିଥିଲେ ବିମାତାଙ୍କ ପ୍ରତି ହିଂସା ଆଚରଣ ନ କରିବାକୁ ନିଷ୍ପତ୍ତି ନେଇ, ସନ୍ନ୍ୟାସୀ ହୋଇଥିଲେ ନିଜ ହାତରେ ଅନ୍ଧ ହୋଇଥିଲେ, ମୂକ ହୋଇ ଅହିଂସାର ଚରମ ସାଧନା କରିଥିଲେ ତାର ଏ କି ଜଘନ୍ୟ ପରୀକ୍ଷା ? ପ୍ରଭୁ ମୋତେ ଉଦ୍ଧାର କର । ନିରବ ରହିଲେ ପିତାର ପୁତ୍ର ହତ୍ୟାରେ ସୀମିତ ହେବନି ହିଂସାର ଦୁର୍ବାର ପ୍ରତିଜ୍ଞା । ଆର୍ଯ୍ୟାବର୍ତ୍ତ ହେବ ସନ୍ନ୍ୟାସୀ ଶୂନ୍ୟ । ସନ୍ନ୍ୟାସୀ ସଂହାର ଦୃଶ୍ୟ ସେ ସମ୍ଭାଳି ପାରୁନଥିଲେ । ସେ ନ ଦେଲେ କିଏ ଦେବ ତାଙ୍କର ପରିଚୟ ? ତାଙ୍କ ପ୍ରିୟ ପୁତ୍ର କୁନାଳର ପରିଚୟ ? ହିଂସାର ଏତେବଡ଼ ଆୟୋଜନ, ଅଟଳ ପ୍ରତିଜ୍ଞା ଆଗରେ ଅସହାୟ ତାଙ୍କର ଅନ୍ତରାତ୍ମା । ଅହିଂସାର ସକଳ ସାଧନା କ'ଣ ବ୍ୟର୍ଥ ହେବ ? ନା' ସେ ପିତାଙ୍କୁ ଅହିଂସା ପଥରୁ ଫେରିଯିବାକୁ ଦେବେ ନାହିଁ । ଏ ତାଙ୍କ ପିତୃଭକ୍ତିର ପରମ ପରୀକ୍ଷା, ଚରମ ପରୀକ୍ଷାର ବେଳ । ଏ ପରୀକ୍ଷାରେ ତାଙ୍କୁ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ । ସମୂହ ସ୍ୱାର୍ଥ, ନିରୀହ ସନ୍ନ୍ୟାସୀଙ୍କ ଜୀବନ ରକ୍ଷା ତାଙ୍କର ପରମ କର୍ତ୍ତବ୍ୟ । ଧର୍ମଭୂମି, ଆର୍ଯ୍ୟାବର୍ତ୍ତକୁ ସେ ସନ୍ନ୍ୟାସୀ ଶୂନ୍ୟ କରିବାକୁ ଦେବେନାହିଁ । ହୃଦୟ ତାଙ୍କର ଥରି ଉଠିଲା ଦୟା, ଅନୁକମ୍ପା, ଅହିଂସା, ପ୍ରେମର ଦିବ୍ୟ ଭାବରେ ଉଚ୍ଛୁଳି ଉଠିଲା । କାତର କମ୍ପିତ ଓଠରୁ ମୌନବ୍ରତ ଭାଙ୍ଗି ଝରିପଡ଼ିଲା । ହଁ, ହଁ ...



ଅଶୋକ : ହଁ ଶବ୍ଦ ଶୁଣି ଅଶୋକ ଅବାକ୍ ହୋଇଗଲେ । ସନ୍ନ୍ୟାସୀ ମୁଖରେ ''ହଁ'', ସେ ଆନନ୍ଦର ଆତିଶଯ୍ୟରେ ମାଟିରେ ଗଡ଼ିଗଲେ । ଏତେଦିନ ପରେ ସେ ସନ୍ଧାନ ପାଇଛନ୍ତି ତାଙ୍କ ପୁତ୍ର କୁନାଳର ଯାହାର ସୂଚନା ସନ୍ନ୍ୟାସୀ ଜାଣିଛି । ଉଠି କହିଲେ ସନ୍ନ୍ୟାସୀ ମୋର କ୍ରୋଧ କିମ୍ବା କରବାଳ ଆଗରେ ମିଥ୍ୟା କହୁନାହଁ ତ ? ମିଥ୍ୟାର ପରିଣାମ ଭୟାଭୟ । ମିଥ୍ୟା ମୁଁ ଶୁଣୁନାହିଁ ତ ?

ବାବା : ନା... ନା...

ଅଶୋକ : କାହିଁ, କେଉଁଠି ମୋର ପୁତ୍ର ? ପୁତ୍ର ମୋର ମୃତ ନା ଜୀବନ୍ତ ? ମତେନେଇ ଚାଲ ମୋର ପୁତ୍ରର ପରିଚୟ ମତେ ଦିଅ ।

ବାବା : (ଧୀର ଶବ୍ଦରେ) ଶବ୍ଦଶୂନ୍ୟ ଓଠରେ, ଶବ୍ଦରେ, କ୍ଷୀଣ ସ୍ୱର ''ପୁତ୍ର ଜୀବନ୍ତ'' । ତାର ପରିଚୟ ଖୁବ୍ ନିକଟରେ ।

ଅଶୋକ : କୁହ ସନ୍ନ୍ୟାସୀ କୁହ ? କାହିଁ କେଉଁଠି ? ସତ କୁହ ? ମୁଁ ସମ୍ଭାଳି ପାରୁନି । ମୋର ପ୍ରିୟ ପୁତ୍ର କୁନାଳ ମୋ କୋଳକୁ ଫେରିଆସିବ ?

ବାବା : ଫେରି ଆସିବ । ତେବେ ତୁମକୁ ପ୍ରତିଜ୍ଞା ଫେରାଇ ନେବାକୁ ହେବ ।

ଅଶୋକ : ହଁ ସନ୍ନ୍ୟାସୀ, ମୁଁ ପ୍ରତିଜ୍ଞା କରୁଛି ମୁଁ ସନ୍ନ୍ୟାସୀ ସଂହାର କରିବି ନାହିଁ ।

ବାବା : ମୁଁ କ'ଣ ପାଇବି ତୁମ ପୁତ୍ରକୁ ଫେରାଇ ଦେଲେ ?

ଅଶୋକ : ମୁଁ ପ୍ରତିଜ୍ଞା କରୁଛି ସତ୍ୟ-ସତ୍ୟ-ସତ୍ୟ । ତ୍ରିବାର ସତ୍ୟ । ତୁମେ ଯାହା କହିବ ତାହା ଦେବି, ଯାହା କହିବ ମୁଁ କରିବି ।

ବାବା : କୁହ, ଧର୍ମର ଗ୍ଲାନି କରିବ ନାହିଁ । ଧର୍ମର ରକ୍ଷା କରିବ । ଧର୍ମ ପାଳନ କରିବ । ଅହିଂସ ଧର୍ମ ପାଳନରୁ ଫେରିବ ନାହିଁ । ଅହିଂସା ପରମ ଧର୍ମ, ତମେ ପାଳନ କରିବ ।

ଅଶୋକ : ମୁଁ ପ୍ରତିଜ୍ଞା କରୁଛି ମୁଁ ନିଶ୍ଚୟ ପାଳନ କରିବି । ଅହିଂସା ପରମଧର୍ମ, ମୋର ପ୍ରାଣଦାନରେ ମୁଁ କୁଣ୍ଠିତ ହେବିନାହିଁ । ଯେତେ ଦୁଃଖଆସୁ, ଝଡ଼ଆସୁ, ମୋର ପ୍ରତିଜ୍ଞା ଅଟଳ । ଅହିଂସା ପରମଧର୍ମ ପାଳନ କରିବି । ପ୍ରାଣପାତି ତାର କରିବି ପ୍ରତିଷ୍ଠା । କୁହ ପୁତ୍ର କୁନାଳ ମୋର କାହିଁ ? ସନ୍ନ୍ୟାସୀ କୁନାଳ ମୋର କାହିଁ ?

ବାବା : (ତାଙ୍କର ହୃଦୟ ଫଟାଇ ବାହାରି ପଡ଼ିଲା) ବାପା... ଆ... ଏହି ଶବ୍ଦ ଶୁଣି ଅଶୋକ ଅନ୍ଧ ସନ୍ନ୍ୟାସୀ ପୁତ୍ର କୁନାଳକୁ କୁଣ୍ଢାଇ ପକାଇ ତଳେପଡ଼ି ଅଚେତ ହୋଇଗଲେ । ବାବା ଅଶୋକଙ୍କ ପାଦତଳେ ପଡ଼ି ଗଡ଼ିବାକୁ ଲାଗିଲେ । ଆଶ୍ରମବାସୀ ଏ ଦୃଶ୍ୟ ଦେଖି ସ୍ତବ୍ଧ ଓ ଚକିତ । ଅଶୋକଙ୍କୁ ସାଷ୍ଟାଙ୍ଗ କରି ଚେତା ଫେରାଇଲେ । ଅଶୋକ ଚିତ୍କାରକରି କହିଲେ କୁନାଳ ସତ କୁହ ? ମୁଁ କ'ଣ ଦେଖୁଛି ? ତୁମକୁ ଅନ୍ଧ କଲା କିଏ ? କାହାର ଏତେ ସାହସ ? ସମ୍ରାଟର ପୁତ୍ରକୁ ଅନ୍ଧ କରିବାର ଦୁଃସାହାସ ? କୁହ କୁନାଳ, କିଏ ସେ ଚଣ୍ଡାଳ ? ମୋଠାରୁ ଚଣ୍ଡାଳ ? ଯିଏ ନିଜର ପ୍ରିୟପୁତ୍ର ଯୁବରାଜ ମହେନ୍ଦ୍ରକୁ ସନ୍ନ୍ୟାସୀ କରି ସିଂହଳକୁ ପଠାଇଛି, ମହାରାଣୀ ଦେବୀଙ୍କୁ ସିଂହାସନ, ରାଜଭୋଗରୁ ବଞ୍ଚିତ କରି ସନ୍ନ୍ୟାସିନୀ କରିଛି ? କୁହ କୁନାଳ କୁହ ସେ କିଏ ? ମୁଁ ସମ୍ଭାଳି ପାରୁନି ! ସେ ପୁଣି ମୋଠାରୁ ଚଣ୍ଡାଳ ? ଏମିତି କୋଉ ରାଜା ଅଛି ନିଜର ବଡପୁଅକୁ ବଡଝିଅକୁ, ବଡରାଣୀକୁ ... ?

ବାବା : କ୍ଷମାକର ପିତା, କ୍ଷମାକର । ତମେ ପ୍ରତିଜ୍ଞା କରିଛ, ଚଣ୍ଡାଳକୁ କ୍ଷମାକର । ମୁଁ ସେହି ଚଣ୍ଡାଳ, ବିମାତା ତିସ୍ୟାଙ୍କ ଚକ୍ରାନ୍ତରେ ନିଜହାତରେ ନିଜକୁ ଅନ୍ଧ କରିଦେଇଛି । ମୂକଭଳି ହୋଇ ମୌନବ୍ରତ ପାଳୁଛି । ରାଜ ପରିଚୟକୁ ଲୁଚାଇ ଜଙ୍ଗଲରେ, ଆଶ୍ରମରେ ଅହିଂସ ସାଧନା କରୁଛି । ତମକୁ ଅହିଂସ ପଥରୁ ବିଚ୍ୟୁତ ନ କରିବାକୁ, ବିମାତା ପ୍ରତି ହିଂସା ନ କରିବାକୁ ତୁମେ, ତୁମ ପୁତ୍ରଭକ୍ତିର ଋଣ ସୁଝିବାକୁ ଅହିଂସା ପରମଧର୍ମ ପାଳିବାକୁ, ମୁଁ ସନ୍ନ୍ୟାସୀ ପଥ ବାଛି ନେଇଥିଲି । ମତେ କ୍ଷମାକର ।

ଅଶୋକ : ଧନ୍ୟ କୁନାଳ, ଧନ୍ୟ ତୋର ପିତୃଭକ୍ତି । ରାମାୟଣର ଶ୍ରବଣକୁମାର ର ପିତୃଭକ୍ତି ଭଳି ତୁମେ ଦେଇଛ ଏ ଅନ୍ଧକୁ ଆଲୋକ, ଅହିଂସର ଆଲୋକ । ଧନ୍ୟ ପୁତ୍ର, ଧନ୍ୟ ତୁମର ଜୀବନ । ଧନ୍ୟ ତୁମର ଜନ୍ମ । ମୁଁ ଜାଣିଥିଲି ତୁମେ ନିରୁଦ୍ଦିଷ୍ଟ ହେବା ପଛରେ କାହାର ଚକ୍ରାନ୍ତ ଅଛି । ମୁଁ ସନ୍ଦେହ କରୁଥିଲି ବିମାତା ତିସ୍ୟାକୁ । ତୁମର ପତ୍ର ପାଇ, ମୁଁ ଖୋଜି ଚାଲିଲି ତୁମକୁ, ତୁମ ଫେରିବା ପଥକୁ ଚାହିଁ ରହିଲି । ମା ପଦ୍ମାବତୀ ତୁମରି ଦୁଃଖରେ ଶଯ୍ୟାଶାୟୀ । ତୁମକୁ ଦେଖିଲେ ସେ ଜୀବନ ଫେରି ପାଇବ । ଚାଲ ଫେରିଚାଲ । ତୁମର କିଛି ଅସୁବିଧା ହେବନାହିଁ ।

କୁନାଳ : ବାପା ମୁଁ ସନ୍ନ୍ୟାସୀ ।

ଅଶୋକ : ହଁ ସନ୍ନ୍ୟାସୀ । ସନ୍ନ୍ୟାସୀ ଧର୍ମ ପାଳନରେ ଅସୁବିଧା ନାହିଁ । ସମସ୍ତ ସୁବିଧା ତୁମରି ନିର୍ଦ୍ଦେଶରେ ପାଳିତ ହେବ ।

କୁନାଳ : ବାପା ତମେ ବିମାତାକୁ ଦଣ୍ଡଦେବ ନାହିଁ । ଜୀବନରେ ହିଂସା ଆଚରଣ କରିବ ନାହିଁ । ଅହିଂସାର ଧର୍ମ ପାଳନ କରିବ । ତମେ ପ୍ରତିଜ୍ଞା କରିଛ ।

ଅଶୋକ : ହଁ ମୁଁ ପ୍ରତିଜ୍ଞା କରିଛି , ମୁଁ ହିଂସା ଆଚରଣ ବିମାତାଙ୍କ ପ୍ରତି କରିବି ନାହିଁ । ତୁମେ ତୁମ ବିଚାରରେ ଦଣ୍ଡଦିଅ, କ୍ଷମାକର, ମୋର ଆପତ୍ତି ନାହିଁ ।

କୁନାଳ : ବାପା, ବନବାସୀ ରାମଚନ୍ଦ୍ର ବିମାତା' କୈକେୟୀଙ୍କୁ କ୍ଷମା କଲାଭଳି ମୁଁ କ୍ଷମା କରିଦେଇଛି ବିମାତାଙ୍କୁ । ତୁମେ ...

ଅଶୋକ : ମୁଁ ଧନ୍ୟ ତୁମପରି ପୁତ୍ର ପାଇ । ଚାଲ ଫେରିଚାଲ ।

ଆଶ୍ରମର ସମସ୍ତ ପ୍ରାଣୀ, ବୃକ୍ଷ, ପୂଜାସ୍ଥଳୀ ପାଟଳିପୁତ୍ରର ରାଜପ୍ରାସାଦକୁ ନିଆଗଲା । କୁନାଳଙ୍କ ପ୍ରତ୍ୟାବର୍ତ୍ତନରେ ସମଗ୍ର ରାଜଧାନୀ ଆନନ୍ଦ ଉଲ୍ଲାସରେ ପ୍ରକମ୍ପିତ ହେଲା । ସବୁଠି ସ୍ୱାଗତ, ତୋରଣ, ଫୁଲର ତୋରଣ, ଦେବ ବନ୍ଦନା, ସମଗ୍ର ରାଜପଥ ଉତ୍ସବମୁଖର । ଅଶୋକ କୁନାଳଙ୍କୁ ଦେଖି ବିମାତା ଭୟ, ବିସ୍ମୟରେ ଅଶୋକଙ୍କ ପାଦତଳେ ଲମ୍ବହୋଇ ପଡ଼ି କ୍ଷମାଭିକ୍ଷା କଲେ । ଅଶୋକ କ୍ଷମା କଲେ ପୁତ୍ରମୁହଁକୁ ଚାହିଁ । ବିମାତା ଜୀବନ ଦାନ ପାଇ ଘୋର ଅନୁତପ୍ତ ହେଲେ ଅଶ୍ରୁ ଅନୁଶୋଚନାରେ । ରାଜପୁତ୍ର କୁନାଳଙ୍କ ସୁରକ୍ଷା, ସମ୍ମାନପାଇଁ ଅଶୋକ କୁନାଳଙ୍କୁ ସନ୍ନ୍ୟାସୀ ସାଧନା ସହ ରାଜ୍ୟରେ ଧର୍ମ ବିବର୍ଦ୍ଧନ ପଦବୀରେ, ଧର୍ମର ପ୍ରଚାର, ପ୍ରସାର ଦାୟିତ୍ୱ ଦେଲେ । ବୌଦ୍ଧ ସନ୍ନ୍ୟାସୀଙ୍କ ସ୍ପର୍ଶରେ କୁନାଳ ଦୃଷ୍ଟି ଶକ୍ତି ଫେରି ପାଇଲେ ଶ୍ରୀକୃଷ୍ଣ ଅନ୍ଧକୁ ଚକ୍ଷୁଦାନ ଦେଲାଭଳି ।

କୁନାଳ : ପିତା...

ଅଶୋକ : କୁନାଳ, ମୁଁ ସମ୍ରାଟ । ତୁମେ ସନ୍ନ୍ୟାସୀ, ପୁତ୍ର, ପ୍ରଜା । ରାଜାର ନିର୍ଦ୍ଦେଶ ପାଳନ ତୁମର ଧର୍ମ । ତୁମର ସନ୍ନ୍ୟାସୀ ଧର୍ମ ପାଳନରେ ନିରପେକ୍ଷତାକୁ ମୁଁ ସମ୍ମାନ ଦେଇଛି । ତୁମେ ମୋର ନିର୍ଦ୍ଦେଶରେ ରାଜଧର୍ମ ପାଳନ କରିବ । ମୁଁ ସର୍ବସମକ୍ଷରେ ଘୋଷଣା କରୁଛି ତୁମେ ଆଜିଠାରୁ ଗାନ୍ଧାର ରାଜ୍ୟର ଶାସନଭାର ଗ୍ରହଣକର । ନିଜ ଧର୍ମସହ ଗୁରୁ ରାଜଧର୍ମ ତୁମେ ଆନନ୍ଦରେ ପାଳନକର । ରାଜ ସନ୍ନ୍ୟାସୀର ସୁଶାସନରେ ପ୍ରଜାର ମଙ୍ଗଳ ସମ୍ଭବ ।

କୁନାଳ : ଧନ୍ୟ ପିତା, ତୁମରି ଅହିଂସ ଆଦର୍ଶରେ ମୁଗ୍ଧ ହୋଇ ମୁଁ ତୁମରି ଗୁରୁ ଦାୟିତ୍ୱକୁ ଆନନ୍ଦର ସହ ପାଳନ କରିବି । ସନ୍ନ୍ୟାସୀର ସଂସାରୀ ଦାୟିତ୍ୱ ପାଳନକରି ଅସମ୍ଭବକୁ ସମ୍ଭବ କରିଥିଲେ କୁନାଳ । ସମବେତ ଜନତା ଜୟଧ୍ୱନି କଲେ ପିତାଙ୍କ ସମ୍ମାନରେ । ଏପରି ଘଟଣା ଇତିହାସରେ ବିରଳ, ଅନନ୍ୟ, ଅସାଧାରଣ । ସମବେତ ପ୍ରଜାଙ୍କ ଜୟ ଜୟଧ୍ୱନି । ଜୟ ସମ୍ରାଟ ଧର୍ମାଶୋକଙ୍କ ଜୟ । ଜୟ ଗାନ୍ଧାର ଯୁବରାଜ, ଧର୍ମପୁତ୍ର କୁନାଳଙ୍କ ଜୟ, ଜୟ ଭଗବାନ ବୁଦ୍ଧଙ୍କର ଜୟ, ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି । ଅଶୋକଙ୍କ ପରେ ଅନ୍ଧ କୁନାଳ ସମ୍ରାଟ ହୋଇଥିଲେ । ନିଜର ପୁତ୍ର ସମ୍ପ୍ରତି ସାହାଯ୍ୟରେ ରାଜ୍ୟ ଚଳାଉଥିଲେ ଅନ୍ଧ ଧୃତରାଷ୍ଟ୍ର ପରି ।

## କଳିଙ୍ଗଯୁଦ୍ଧର ସ୍ୱତନ୍ତ୍ରତା : ଏକ ବିସ୍ମୟ

ଅଶୋକ ମହାରାଜ ବିନ୍ଦୁସାରଙ୍କ ରକ୍ଷିତା ପତ୍ନୀ, ବ୍ରାହ୍ମଣୀ କନ୍ୟା ଧର୍ମାର ବଡ଼ପୁଅ । ଅଶୋକଙ୍କ ଜନ୍ମ ପରେ ପୁଅର ଜାତକ ଦେଖି ଜୈନ ପଣ୍ଡିତମାନେ ଭବିଷ୍ୟତ ବାଣୀ କରିଥିଲେ ଅଶୋକ ଦିନେ ଭାରତ ବର୍ଷର ସମ୍ରାଟ ହେବେ, ଭ୍ରାତୃହତ୍ୟା କରି ରାଜ ପରିବାର ଧ୍ୱଂସ କରିବେ ବା ମହାସନ୍ନ୍ୟାସୀ ହେବେ । ଏପରି ଭବିଷ୍ୟତବାଣୀ ତାଙ୍କ ଶିଶୁ ଜୀବନପାଇଁ ବିପଦ ଥିଲା । ତାଙ୍କ ମା'ପ୍ରତି ନିର୍ଯ୍ୟାତନା ବଢ଼ିବାରେ ସହାୟକ ହୋଇଥିଲା । ସନ୍ନ୍ୟାସୀ ହେବାର ସମ୍ଭାବନାଟିଏ ତାଙ୍କୁ ବଞ୍ଚିରହିବାକୁ ସୁଯୋଗ ଆଣିଦେଇଥିଲା । ମହାରାଜ ଦୟାକରି ଅଶୋକଙ୍କୁ ନିଃସ୍ୱ ନିର୍ବାସନ ଜୀବନ ପାଇଁ କଳିଙ୍ଗ ପଠାଇଥିଲେ । ନିଜଦେଶ ମଗଧଠାରୁ ବହୁଦୂରରେ ପଡ଼ୋଶୀ ରାଜ୍ୟରେ ନିଃସ୍ୱ ଜୀବନଧରି ବଞ୍ଚୁଥିବା ଅଶୋକ କ୍ଷମତାପ୍ରତି ଆଶା ରଖିବା ସ୍ୱପ୍ନ ଥିଲା, ସର୍ବୋପରି ଅସମ୍ଭବ ଥିଲା । ରାଜପୁରୀରେ ଯୁବରାଜ ସୁମନ (ସୁମନ୍ତ), ଏକଶତ ରାଜକୁମାର, ଶକ୍ତିଶାଳୀ କେନ୍ଦ୍ରୀୟ ମଗଧ ସେନା, ପ୍ରାଦେଶିକ ସେନା ଥାଉଥାଉ ରକ୍ଷିତା ପୁତ୍ର, ଅବୈଧ ପୁତ୍ର ଅଶୋକର ରାଜକ୍ଷମତା ଆଶା କରିବା ଅସମ୍ଭବ ଥିଲା । ତେଣୁ ତାର ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଶାକ୍ୟ ରାଜକୁମାର ଗୌତମ ବୁଦ୍ଧଙ୍କୁ ଯେପରି ନାରୀ, କ୍ଷମତା, ବିଳାସ ପ୍ରତି ଆକୃଷ୍ଟ କରିବାକୁ ସନ୍ନ୍ୟାସୀ-ବିମୁଖ କରିବାକୁ ସକଳ ଯତ୍ନ କରାଯାଇଥିଲା; ସେହିପରି ଅଶୋକଙ୍କୁ ସନ୍ନ୍ୟାସୀମୁଖୀ କରିବାକୁ ଓ କ୍ଷମତା ବିମୁଖ କରିବାକୁ ସମସ୍ତ ଉଦ୍ୟମ କରାଯାଇଥିଲା । ଏପରିକି ପିଲାଦିନେ ଅକାଳ ପୀଡିତ ଶିଶୁମାନଙ୍କୁ ପିତାମାତା ଦେବାଦେବୀ, ଫକୀର, ସନ୍ନ୍ୟାସୀ, ଚଣ୍ଡାଳକୁ, ଯମ, ପଠାଣକୁ ଦାନକରି ଦେଇଥାନ୍ତି; କେବଳ ବଞ୍ଚିରହିବା, ସର୍ବନିମ୍ନ ଆଶା କରି । ଯେପରି ଫକୀର ମୋହନ ସେନାପତି,ଡାକନାମ ଫକୀର । ପଠାଣି ସାମନ୍ତ ଚନ୍ଦ୍ରଶେଖର, ଡାକନାମ ପଠାଣି । ନାମକରଣକୁ କଦର୍ଯ୍ୟ କରି ଡକାଯାଏ ଯେପରି ଯମର ଦୃଷ୍ଟି ନ ଯିବ । ମୋର ଜେଜେ

ବାହୁଡ଼ି ସାହୁ ଡାକନାମ (ବାହୁଡ଼ା) ବାହୁଡ଼ା ଦିନ ଜନ୍ମ । ଜନ୍ମପରେ ଭାଇମାନେ ଯମପୁରକୁ ବାହୁଡ଼ି ଯାଇଛନ୍ତି । ଏ ଶିଶୁ ମଧ ବାହୁଡ଼ିଯିବ ତେଣୁ ଯମ ଏହାର ଜୀବନପ୍ରତି ଦୃଷ୍ଟି ନ ଦେଉ । ଡାକନାମ ଗାଣ୍ଡୁଆ, ଗୋବରା, କେଳା ।

ତେଣୁ ଅଶୋକଙ୍କୁ ବଞ୍ଚିରହିବାର ସର୍ବନିମ୍ନ ସର୍ତ୍ତରେ ମହାରାଣୀଙ୍କ କୋପଦୃଷ୍ଟିରୁ ବଞ୍ଚାଇବାକୁ ଅଶୋକଙ୍କୁ ଚଣ୍ଡାଳକୁ ଦାନ କରାଯାଇଥିଲା । ତେଣୁ ତାଙ୍କୁ ଡାକୁଥିଲେ''ଚଣ୍ଡାଳ'' । ସେତେବେଳେ ସମାଜରେ ଚଣ୍ଡାଳର ଜୀବନ କହିଲେ ନିଃସ୍ୱଃ, ଅସହାୟ, ନିର୍ବିକାର, ମୃତ୍ୟୁ ପ୍ରତୀକ୍ଷାରେ, କୌଣସି ଆଶା ନ ରଖି ମୁଠାଏ ଖାଇ ବଞ୍ଚିବାର ସର୍ବନିମ୍ନ ଜୀବନ । ଆମ୍ଭେମାନେ କେହି କେହି ଖରାପ କର୍ମ କଲେ '' ଆରେ ଚଣ୍ଡାଳରେ'', ''ଚଣ୍ଡାଳ କ'ଣ କଲା'' କହି ବ୍ୟଥିତ ହୋଇଥାଉ । ରାଜବଂଶକୁ ହତ୍ୟାକରିବା ଚଣ୍ଡାଳର କାର୍ଯ୍ୟ । ତେଣୁ ଏପରି କାର୍ଯ୍ୟପ୍ରତି ଘୃଣାଭାବ ସୃଷ୍ଟି କରିବାକୁ ତାଙ୍କ ମନରେ ଉଦ୍ୟମ କରାଯାଇଥିଲା । ହିଂସା, କ୍ଷମତା, ରକ୍ତପାତ ଠାରୁ ଦୂରେଇ ରଖାଯାଇଥିଲା । ଶେଷକୁ ସନ୍ନ୍ୟାସୀ କରି ଦେଶତ୍ୟାଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କାରଣ ମହାରାଣୀଙ୍କ ଦୃଷ୍ଟିରେ ଦେଶ ଭିତରେ ସନ୍ନ୍ୟାସୀଟିଏ ମଧ ଶାସନପ୍ରତି ବିପଦ ହୋଇପାରେ । ଯେଉଁ ମଗଧ ରାଜ୍ୟର ସୁରକ୍ଷାପାଇଁ ଚନ୍ଦ୍ରଗୁପ୍ତ ପ୍ରବୀଣ କୂଟନୀତିଜ୍ଞ ଚାଣକ୍ୟଙ୍କ ସହାୟତାରେ ଗଢ଼ିଥିଲେ, ଯିଏ ବେଣାମୂଳରେ ଗୁଡ଼ଦେଇ ପିମ୍ପୁଡ଼ିଙ୍କ ଦ୍ୱାରା ତାର ବିନାଶ କରୁଥିଲେ ସେଠାରେ ଅଶୋକଙ୍କ କ୍ଷମତାକୁ ଫେରିବାର ସମସ୍ତ ପଥକୁ ସମାପ୍ତ କରାଯାଇଥିଲା, ସିଂହାସନର ସୁରକ୍ଷାପାଇଁ । ତେଣୁ ତାଙ୍କର ଦେଶାନ୍ତର ହୋଇଥିଲା । ପୁଣି ପଶ୍ଚିମ ବା ଉତ୍ତରପଶ୍ଚିମ ରାଜ୍ୟକୁ ନହୋଇ କଳିଙ୍ଗକୁ ହୋଇଥିଲା କାରଣ ପଶ୍ଚିମରେ ଅଶୋକ ବିଦେଶୀ ଶକ୍ତିଙ୍କ ସହାୟତା ପାଇପାରନ୍ତି ବା ଉତ୍ତରପଶ୍ଚିମରେ ଦୁର୍ଦ୍ଧର୍ଷ ଜନଜାତି (ଆଫଗାନ୍)ମାନଙ୍କର ସହାୟତା ପାଇପାରନ୍ତି; ଯେଉଁମାନଙ୍କ ସହାୟତାରେ ଚନ୍ଦ୍ରଗୁପ୍ତ ସେନାଗଢି ଚାଣକ୍ୟଙ୍କ ପରାମର୍ଶରେ ନନ୍ଦରାଜ୍ୟକୁ ଧ୍ୱଂସକରି ରାଜା ହୋଇଥିଲେ । ଗ୍ରୀକ୍‌ବୀର ଆଲେକଜାଣ୍ଡରଙ୍କୁ ଯେଉଁମାନେ ପ୍ରବଳ ପ୍ରତିରୋଧ କରିଥିଲେ, ସେମାନଙ୍କର ଶକ୍ତି ପ୍ରତି ମଗଧର ଭୟଥିଲା । କଳିଙ୍ଗ ସ୍ୱାଧୀନ, ଶକ୍ତିଶାଳୀ, ଉଦାର, ଧର୍ମ ନିରପେକ୍ଷ ଥିଲା । କ୍ଷମତା ଲାଳସା ନ ଥିଲା । ରାଜ୍ୟ ଅଧିକାର କରିବାର ପ୍ରବୃତ୍ତି ନ ଥିଲା, ନ ଥିଲା ରାଜତନ୍ତ୍ର, ନ ଥିଲା କ୍ଷମତାବିଳାସ । ସେଠାରେ ଅଶୋକଙ୍କ ଜୀବନ ମଗଧ ପାଇଁ ସବୁ ଦୃଷ୍ଟିରୁ ନିରାପଦ ଥିଲା ।

ତେଣୁ ଅଶୋକ କଳିଙ୍ଗ ଆସିଥିଲେ । ସନ୍ନ୍ୟାସୀଟିଏ କରି ଗଢ଼ିବାକୁ ଅଶୋକଙ୍କୁ ବ୍ରତ, ଉପବାସ, ପୂଜା, ଧର୍ମପ୍ରତି ଆକୃଷ୍ଟ କରିବାକୁ ଉଦ୍ୟମ କରାଯାଇଥିଲା । ପିଲାଦିନେ ନୈଷ୍ଠିକ, ଧର୍ମୀୟ ପରିବେଶରେ ରାଜ ପରିବାରଠାରୁ ଦୂରରେ ବଢୁଥିଲେ । କାରଣ ନିର୍ଯ୍ୟାତନା, ନିର୍ମମ ଆଚରଣ ଦ୍ୱାରା ମଣିଷ ଭିତରେ କ୍ରୋଧ, ପ୍ରତିଶୋଧ ଭାବନା ସୃଷ୍ଟି ହୁଏ । ତେଣୁ ମୃତ୍ୟୁଦଣ୍ଡ ବା ନିର୍ଯ୍ୟାତନା ଦିଆଯାଇନଥିଲା । ରାଜପରିବାରର ପରିଚୟ ବେଳେବେଳେ ମଣିଷକୁ ସାଧାରଣ ଜନତା, ଜୀବନ ଅପେକ୍ଷା ଉଚ୍ଚତର ବୋଲି ଅହଂଭାବ ସୃଷ୍ଟି କରିଥାଏ । ତେଣୁ ରାଜ ପରିଚୟ ଲୋପ କରିବାକୁ ଚଣ୍ଡାଳକରି ଦିଆଯାଇଥିଲା । କାରଣ ଚଣ୍ଡାଳର ପରିଚୟ ନାହିଁ । ଆମେ ସାଧାରଣତଃ ଘରବାରିରୁ ଭାଇଭାଗ ନ ଦେଲେ ବା କମ୍ ବେଶି ହେଲେ ବିବ୍ରତ ହୋଇପଡୁ । ଯେଉଁଠି ରାଜ୍ୟ ସିଂହାସନ ଉପରେ ଅଧିକାର ପୁଣି, ହରେଇବାର ଭୟ, ସେଠାରେ ଅଶୋକଙ୍କ



ସ୍ଥିତିକୁ ନ୍ୟୂନ କରାଯାଇଥିଲା । ସେ ସମୟରେ ବୌଦ୍ଧଧର୍ମ, ଜୈନଧର୍ମ; ଅହିଂସର ବାଣୀ, ଆଦର୍ଶ ଉପରେ ପ୍ରତିଷ୍ଠିତ ଥିଲା । ତେଣୁ ଅହିଂସ ପ୍ରତି ଆକୃଷ୍ଟ କରିବାକୁ ତାଙ୍କର ଯତ୍ନ କରାଯାଇଥିଲା । ହିଂସାକାଣ୍ଡ, ହତ୍ୟା ପ୍ରତି ଘୃଣା ଓ ଭୟଭାବ ସୃଷ୍ଟି କରିବାକୁ ତାଙ୍କ କୋମଳ ମନରେ ତାଙ୍କ ଆଖି ଆଗରେ ନିଷ୍ଠୁର ହତ୍ୟାକାଣ୍ଡ, ରକ୍ତର ବିଭତ୍ସତା ସୃଷ୍ଟି କରାଯାଉଥିଲା । ସେ ଭାରି ଭୟଭୀତ ହେଉଥିଲେ ପିଲାବେଳେ । ହତ୍ୟାକାଣ୍ଡ, ହିଂସାକୁ ଘୃଣା କରୁଥିଲେ । ରକ୍ତ ଦେଖିଲେ ଭୟ କରୁଥିଲେ । ବେହୋସ ହୋଇଯାଉଥିଲେ । ସେ ଥିଲେ ବ୍ରାହ୍ମଣ ମାଆର ପିଲା । ବୈଶ ପିତାଙ୍କର ସନ୍ତାନ । ତାଙ୍କ ଜନ୍ମରେ , ରକ୍ତରେ ନ ଥିଲା ହିଂସା ପ୍ରବଣତା ।

ଗୋଟିଏ ଅବୋଧ ଶିଶୁ ପାଖରେ ତାର ଜନ୍ମଜାତକ, ଭାଗ୍ୟ, ଭବିଷ୍ୟତ ବାଣୀର ମୂଲ୍ୟ କେତେ ? ଯାହା ତାର ରାଜପରିଚୟ ଭିତରେ ବାତ୍ସଲ୍ୟ ବିଭବ ବିଳାସକୁ ଛଡ଼େଇ ନେଇଥିଲା । ଭାଗ୍ୟବଳରୁ ସେ ସବୁ ଫେରି ପାଇଥିଲେ । ସ୍ୱଇଚ୍ଛାରେ ଶେଷରେ ସବୁ ଫେରାଇ ଦେଇଥିଲେ ।

କାରୁବାକୀର ଜୀବନ ଥିଲା ଅଶୋକଙ୍କ ଭଳି ପରିଚୟ ଶୂନ୍ୟ, ଅସହାୟ । ଜୀବନରେ ସେ ମଧ ମହାପାଟରାଣୀର ମର୍ଯ୍ୟାଦା ଲାଭ କରିଥିଲେ ବର୍ତ୍ତମାନକୁ ପୁଞ୍ଜିକରି, ଭବିଷ୍ୟତର କଳ୍ପିତ ଦୂରତାକୁ ଅତିକ୍ରମ କରି । ସେମାନେ ସମସ୍ତଙ୍କ ପାଇଁ ବିସ୍ମୟ ସୃଷ୍ଟି କରିଛନ୍ତି । ପ୍ରେମପାଇଁ ଯୁଦ୍ଧରେ ଦେଢ଼ଲକ୍ଷ ଶତ୍ରୁ ସେନାଙ୍କୁ ପଣବନ୍ଦୀ ରଖିବା ଅଶୋକଙ୍କ ପାଇଁ ଥିଲା ଅଭୂତପୂର୍ବ ଘଟଣା । ଯୁଦ୍ଧ ସମାପ୍ତି ପୂର୍ବରୁ କଳିଙ୍ଗ କୁମାରୀର ଆତ୍ମସମର୍ପଣ, ପୁଣି ବୌଦ୍ଧ ଭିକ୍ଷୁଣୀର ବେଶରେ, ଲଣ୍ଡିତ ମସ୍ତକରେ, କାମନାଶୂନ୍ୟ, କ୍ଷମତାଶୂନ୍ୟ, ଆସକ୍ତିଶୂନ୍ୟ ନମ୍ର ପରିଚୟରେ ଦେଢ଼ଲକ୍ଷ ସେନାର ଜୀବନଦାନ ଭିକ୍ଷା, ଏକ ବୀରୋଚିତ ଗୌରବମୟ ଅସାଧାରଣ ଘଟଣା । ଯୁଦ୍ଧ, ହିଂସା ଉପରେ ଅହିଂସା ଓ ପ୍ରେମର ସର୍ବକାଳୀନ ବିଜୟ । ଅଶୋକ କଳିଙ୍ଗ ଜିତିଥିଲେ ଯୁଦ୍ଧରେ । କାରୁବାକୀ ଅଶୋକଙ୍କୁ ଜିତି ନେଲେ ପ୍ରେମରେ, ଜିତିଥିଲେ ମଗଧକୁ । ପ୍ରେମରେ ଜିତିଲେ କଳିଙ୍ଗକୁ । ଅସାଧାରଣ ବୁଦ୍ଧି, ବାଗ୍ମୀତା, ବିଶାଳ ହୃଦୟର ଅଧିକାରୀ ଥିଲେ ରାଜକୁମାରୀ । ପଣବନ୍ଦୀ ବିନିମୟରେ ଅଶୋକ ଚାହିଁଥିଲେ କଳିଙ୍ଗ କୁମାରୀର ଆତ୍ମସମର୍ପଣ, ପ୍ରେମ, ଦେହ ମିଳନ, ଆସକ୍ତି, କାମନା ଯୌବନର ପୂର୍ଣ୍ଣ ଉପଭୋଗ । ସନ୍ନ୍ୟାସୀ-ଦୀକ୍ଷା ନେଇ ଆସକ୍ତି, କାମନାର ସୀମା ପାରିହୋଇ ଯାଇଥିଲେ କାରୁବାକୀ । ତାର ପାର୍ଥିବ ଆତ୍ମସମର୍ପଣ ଅଶୋକଙ୍କୁ ଯେମିତି ସ୍ତମ୍ଭୀଭୂତ କରିଥିଲା ସେମିତି ତାର ପାର୍ଥିବ ଆକର୍ଷଣ ଶୂନ୍ୟ ଆତ୍ମପ୍ରକାଶ ତାଙ୍କୁ ଅଭିଭୂତ କରିଥିଲା । ଅହଂଭାବ ତାଙ୍କର ଅପସରି ଯାଇଥିଲା କଳିଙ୍ଗ କୁମାରୀର ଦିବ୍ୟଶକ୍ତି ପୂର୍ଣ୍ଣ ଚାହାଣିରେ । ନିର୍ମଳ, ନିଷ୍ପାପ ସେ ଚାହାଣି । ଅମ୍ଳାନ, ପ୍ରୀତିପୂର୍ଣ୍ଣ ସେ ଚାହାଣି । ସ୍ୱର୍ଗୀୟ ସୌନ୍ଦର୍ଯ୍ୟପୂର୍ଣ୍ଣ ସେ ଚାହାଣି । କ୍ଷମତାର ସମ୍ରାଟ ପାଖରେ କ୍ଷମାଶୀଳ ନାରୀର କରୁଣାସିକ୍ତ, କଲ୍ୟାଣମୟ ସେ ଚାହାଣି । ଅଶୋକ ହିଂସାବଳରେ ବାଧ୍ୟ କରିଥିଲେ ପ୍ରେମ । କାରୁବାକୀ ପ୍ରେମବଳରେ ବାଧ୍ୟ କରିଥିଲେ ହିଂସାମୁକ୍ତ, ଅହିଂସ ଆନନ୍ଦମୟ ଜୀବନ, ଅଶୋକଙ୍କର । ଅବୋଧ ଶିଶୁ ପରି ଅଶୋକ ଆନନ୍ଦପୂର୍ଣ୍ଣ ଜୀବନର ଅନୁଭବ କରିଥିଲେ, କଲ୍ୟାଣୀୟାର ସ୍ନେହ କୋମଳ ପ୍ରୀତିପୂର୍ଣ୍ଣ ବ୍ୟବହାରରେ । ମହାବୀର ଆଲେକ୍‌ଜ୍ୟାଣ୍ଡର ପୁରୁଙ୍କର ବୀରୋଚିତ ବ୍ୟବହାରରେ ମୁଗ୍‌ଧ ହୋଇ ରାଜ୍ୟ ଫେରାଇ ଦେଇଥିଲେ । କିନ୍ତୁ ଅଶୋକ ରାଜକୁମାରୀକୁ କଳିଙ୍ଗର ସ୍ୱାଧୀନତା ଫେରାଇ ଦେଇଥିଲେ । ସେତିକି ନୁହେଁ ହୃଦୟର ରାଣୀ,

ମଗଧ ସାମ୍ରାଜ୍ୟର ଦ୍ୱିତୀୟ ମହାପାଟରାଣୀର ମର୍ଯ୍ୟାଦାରେ ପୁରସ୍କୃତ କରିଥିଲେ ।

ଆତ୍ମସମର୍ପଣ ଥିଲା ପଣବନ୍ଦୀ ବିନିମୟରେ ବାଧ୍ୟ ବାଧକତା । ଆତ୍ମସମ୍ମାନ ଦୃଷ୍ଟିରୁ ରାଜକୁମାରୀ ସନ୍ନ୍ୟାସିନୀ ହୋଇଥିଲେ । ତାହାର କାରଣ ଜାଣିଥିଲେ ସେ । ଅଶୋକ ଚାହୁଁଥିଲେ ଦେହ ସର୍ବସ୍ୱ ପ୍ରେମ ରାଜକୁମାରୀର । ରାଜକୁମାରୀ ଜଣେଇ ଦେଇଥିଲେ ଦେହଭୋଗର ଊର୍ଦ୍ଧ୍ୱରେ ପ୍ରେମ । ଦେହ ମିଳନର ଅନେକ ଊର୍ଦ୍ଧ୍ୱରେ । ପ୍ରେମର ଅନୁଭବ ଦିବ୍ୟ, ଆନନ୍ଦମୟ, ସ୍ୱର୍ଗୀୟ ସୁନ୍ଦର, ଚିର କଲ୍ୟାଣକର ମଙ୍ଗଳକର, ମହାନ । ଦେହ ମିଳନର ଆନନ୍ଦ ଅଳୀକ । ପ୍ରେମ ମିଳନର ଆନନ୍ଦ ଅନନ୍ତ କାଳଯାଏ । ଅନନ୍ତ ବ୍ରହ୍ମରେ ବିଲୀନ ଆତ୍ମା ଭଳି ଅଖଣ୍ଡ ଆନନ୍ଦମୟ ସଚ୍ଚିଦାନନ୍ଦ ।

ଅଶୋକଙ୍କ ଜୀବନରେ ପ୍ରଥମେ ସେ ଯେଉଁ ନାରୀ ସହିତ ମିଳିତ ହୋଇଥିଲେ ସେ ଥିଲେ ଅସହାୟା, ଦିବ୍ୟା ଦେବୀ । ସେ ମହାରାଣୀ ନ ହୋଇ ହୋଇଥିଲେ ବୌଦ୍ଧ ସନ୍ନ୍ୟାସିନୀ । ପୁଣି ତାଙ୍କର ବଡପୁତ୍ର ମହେନ୍ଦ୍ର, କନ୍ୟା ସଙ୍ଘମିତ୍ରା , ଯୁବରାଜ ନହୋଇ ଧର୍ମ ପ୍ରଚାର ପାଇଁ ଯାଇଥିଲେ ସୁଦୂର ସିଂହଳ । ଭାଗ୍ୟର ବିସ୍ମୟ ଯୁବରାଜ ଥିଲେ ଧର୍ମଯାଜକ ।

ବିଡମ୍ବନା ଏହିଯେ କଳିଙ୍ଗ ରାଜାଙ୍କ ନାମ ଲିପିବଦ୍ଧ ହୋଇନାହିଁ କେଉଁଠି ? ଶିଳାଲେଖ ନାହିଁ କଳିଙ୍ଗରେ, ଶିଳାଲେଖରେ ହତ୍ୟା ଓ ବନ୍ଦୀ ସେନାର ବିବରଣୀ ବିସ୍ମୟକର ।

ଅଶୋକଙ୍କ ଜୀବନ ଥିଲା ନାରୀମୟ । ବହୁନାରୀ ସମ୍ଭୋଗରେ ସେ ଅନୁଭବ କରିଥିଲେ ଦେହ ମିଳନର କ୍ଷୁଧା ପ୍ରେମ । କାରୁବାକୀଙ୍କ ସାନ୍ନିଧ୍ୟରେ ସେ ଅନୁଭବ କରିଥିଲେ ଦେହ ମିଳନର ଊର୍ଦ୍ଧ୍ୱରେ ପ୍ରେମର ଅନୁଭବ ସ୍ୱର୍ଗୀୟ ଯେଉଁଠି କାମନା ନାହିଁ, କାମକ୍ରୀଡା ନାହିଁ, ଭୋଗବିଳାସର କଳୁଷତା ନାହିଁ । ଅଛି ଅଖଣ୍ଡ ଆନନ୍ଦ, ଅମ୍ଳାନ ଆନନ୍ଦ, ଅହିଂସ ଆନନ୍ଦ । ପାର୍ଥିବ ଜୀବନର ପରିପୂର୍ଣ୍ଣ ଉପଲବ୍ଧି । ଦିବ୍ୟ ଜୀବନର ସ୍ୱର୍ଗୀୟ ପରିଚୟ । ଯେଉଁଠି ମାନବୀୟ ଚେତନାର ରାଜହଂସୀ ପ୍ରକୃତିର ନିର୍ମଳ ଜଳରାଶିରେ ଊର୍ଦ୍ଧ୍ୱମୁଖୀ ହୋଇ ପାନକରୁଛି ଦିବ୍ୟପ୍ରେମର ଆଲୋକଧାରା । ଆତ୍ମା ପରମାତ୍ମାର ମହାମିଳନ ଭଳି ସେହି ମିଳନରେ ବାଧା ନାହିଁ, ବ୍ୟାଘାତ ନାହିଁ, ବ୍ୟାହତ ହେବାର ନାହିଁ, ହିଂସା ନାହିଁ, ହିଂସ୍ରତା ନାହିଁ, ହିସାବ ନିକାସ ନାହିଁ, କ୍ଳାନ୍ତି ନାହିଁ, କୋଳାହଳ ନାହିଁ, କ୍ଳେଷ ନାହିଁ, କଳୁଷତା ନାହିଁ, ବିଷାଦ ନାହିଁ, ବିଷମତା ନାହିଁ । ଚିରନ୍ତନ ପ୍ରେମର ଧାରା ବୋହି ଆସୁଛି ଆଲୋକ ହୋଇ, ନିରନ୍ତର ପ୍ରେମର ଅମୃତଧାରା ପାନ କରୁଛି ଆହ୍ଲାଦିତ ହୋଇ, ଏକାକାର ହୋଇ, ଏକାନ୍ତରେ ଯେମିତି ଚିରକାଳ ଐକ୍ୟବଦ୍ଧ,ଆଲିଙ୍ଗନ ବଦ୍ଧ, ଦୁଇ ଆବଦ୍ଧ ହୃଦୟ ଅନନ୍ତକାଳ ଯାଏ ଏମିତି ରହିବାକୁ ବଦ୍ଧ ପରିକର । ସେ ଚେତନାରେ ମୃତ୍ୟୁ ନାହିଁ, ସେ ପ୍ରୀତିରେ ବିରାମ ନାହିଁ, ସେ ଆନନ୍ଦର ଅବସାନ ନାହିଁ, ସେ ଅନୁଭବର ବିକଳ୍ପ ନାହିଁ । ଯେମିତି ନିର୍ବିକାର, ନିର୍ବିକଳ୍ପ, ଚିରକାଳ ନୀଳ । ତନ୍ମୟ, ତରଳଭାବ, ଉତ୍ତରଳ ଉଚ୍ଛଳଭାବ, ଅଭୟ ଚିନ୍ମୟଭାବ । ମହାକାଳ ମୁଖରିତ ଭାବ, ବୋଧିଦୀପ୍ତ ବୋଧିସତ୍ତ୍ୱଭାବ, ଶୁଦ୍ଧ ବୁଦ୍ଧ ପ୍ରବୁଦ୍ଧ ଭାବ । ଚିର ପ୍ରବାହମାନ, ଚିର ପ୍ରକାଶପୂର୍ଣ୍ଣ, ଚିରନ୍ତନ ପ୍ରୀତିପୂର୍ଣ୍ଣ, ପୂର୍ଣ୍ଣମୟ, ପ୍ରାଣମୟ, ବିସ୍ମୟ, ବାଙ୍ମୟ ।

ଅଶୋକ ହିଂସା ତ୍ୟାଗକରିବା, ଯୁଦ୍ଧ ତ୍ୟାଗକରିବା ଯେମିତି ବିସ୍ମୟକର ସେମିତି ରାଜ୍ୟବାସୀଙ୍କୁ ଶ୍ରଦ୍ଧାରେ ଏହାକୁ ଆପଣାର କରିବାକୁ ଉପଦେଶ ଦେବା ଏକ ଅସାଧାରଣ ଘଟଣା । ଯେମିତି ହିଂସ୍ର



ଜୀବନରେ ଅହିଂସାର ଅବତାର ହୋଇ ଆତ୍ମସମର୍ପଣ କରିଥିଲେ କାରୁବାକୀ, ରକ୍ତସ୍ନାତ ଶାଣିତ ଜୀବନରେ ସ୍ନେହ ପ୍ରେମର ଶିଳାନ୍ୟାସ କରିଥିଲେ ସେ । ଯେମିତି ଦସ୍ୟୁ ରତ୍ନାକର ଜୀବନରେ ଦେବର୍ଷି ନାରଦଙ୍କ ସ୍ନେହମୟ ନମ୍ର ପଶ୍ନଟିଏ, ଘରେ ବୁଝିଆସ ତୁମ ପାପରେ ପରିବାର ଭାଗ ନେବ ନା ନାହିଁ ? ଭୟ ଶଙ୍କିତ, ଜୀବନରେ ଅଭୟ ଆନନ୍ଦର ଜୀବନ୍ୟାସ ଦେଇଥିଲେ ସେ । ସମ୍ରାଟଙ୍କ ପ୍ରେମ, ସନ୍ନ୍ୟାସିନୀର ପ୍ରତିବଦ୍ଧତା ଭାବିଲେ ବିସ୍ମିତ ହେବାକୁ ହୁଏ । ଏମିତି କ'ଣ ସତରେ ସମ୍ଭବ ହୋଇଥିଲା କଳିଙ୍ଗ କୁମାରୀ ପକ୍ଷରେ ? ଭାବିଲେ ଗର୍ବ, ଆନନ୍ଦରେ ଦେହ, ମନ, ହୃଦୟ ରୋମାଞ୍ଚିତ ହୋଇଉଠୁଛି । ମାନବବାଦର ମହାଭାବରେ ମହିୟାନ,ମହିୟସୀ ସେ । ଯାହାଙ୍କ ଜନ୍ମଲଗ୍ନରେ ଧନ୍ୟ ହୋଇଛି କଳିଙ୍ଗ ଜନନୀର ମାଟି, ଆକାଶ, ମହାକାଶ । ତାଙ୍କୁ ପ୍ରଣାମ, କବିପ୍ରାଣର ପ୍ରଣାମ, କବିପ୍ରିୟାର ପ୍ରଣାମ, କଳାଶକ୍ତିର ପ୍ରଣାମ, ସର୍ଜନପଣର ସାରସ୍ୱତ ପ୍ରଣାମ । କଳିଙ୍ଗର ବରପୁତ୍ର, ବରବଧୂର ବୀରୋଚିତ ପ୍ରଣାମ । ଏ ଜାତିର ଅକ୍ଷୟ କୀର୍ତ୍ତି ଖ୍ରୀ.ପୂ. ୨୬୧ର କଳିଙ୍ଗ ଯୁଦ୍ଧ, ୧୨୫୭ ଖ୍ରୀଷ୍ଟାବ୍ଦର କୋଣାର୍କ ମନ୍ଦିର । ଏମିତି କାଳଜୟୀ କୀର୍ତ୍ତି ଗୋଟିଏ ଜାତିର ଭାଗ୍ୟ, ଭବିଷ୍ୟତ, ଚେତନା, ଶକ୍ତି, ସର୍ଜନ ଓ ସୌନ୍ଦର୍ଯ୍ୟର ଚିରନ୍ତନ ସ୍ୱାକ୍ଷର ବହନ କରେ । କଳିଙ୍ଗର ମାଟି, ପାଣି, ପବନରେ ରାଜକୁମାରୀ କଳାବତୀ ଥିଲେ ମାଂସର କୋଣାର୍କ । ଶ୍ୟାମଳ କୃଷ୍ଣଶିଳାର ଶାଣିତ ପ୍ରକାଶ ତଳେ ପ୍ରୀତିର କୋମଳ ସ୍ପର୍ଶଟିଏ । ଯାହାକୁ ଧ୍ୱଂସ କରିପାରିନାହିଁ କଳିଙ୍ଗ ଯୁଦ୍ଧ । ସେ ଯୁଦ୍ଧର ନିୟନ୍ତା । କାମନାର ଲେଲିହାନ୍ । କାଳର ଆବାହନ । ସେହି ମାଂସର କୋଣାର୍କ ଦେଖି ଅଭିଭୂତ ହୋଇଥିଲେ ସନ୍ନ୍ୟାସୀ ଅଶୋକ କୈଶୋରରେ, ସମ୍ରାଟ ଅଶୋକ ଯୌବନରେ, ସନ୍ୟାସୀ ସମ୍ରାଟ ଜୀବନରେ । ଯାହାର ରୂପରେ ବିମୋହିତ, ବିମୁଗ୍ଧ, ବିଦଗ୍ଧ ଅଶୋକ, ଆଶାନ୍ୱିତ ସାଧାରଣ ସନ୍ନ୍ୟାସୀ ଜୀବନରୁ ସମ୍ରାଟର ସିଂହାସନ ଯାଏ । ଯାହାର ରୂପରେ ଅଶୋକଙ୍କ ଆଖିରେ ଅନନ୍ତ କାମନା, ତାର ସ୍ପର୍ଶରେ ଅଶୋକ ଅନୁଭବ କରିଥିଲେ କାମନାଶୂନ୍ୟ ନିର୍ବିକଳ୍ପ ସମାଧି । ଧନ୍ୟ ଯାହାର ରୂପରେ କାମନା, ପ୍ରୀତିରେ ନିର୍ବାଣ ଲାଭ କରିଥିଲେ ସନ୍ନ୍ୟାସୀ ସମ୍ରାଟ । ଆଜିର କୋଣାର୍କ ତାର ରୂପାନ୍ତର ନୁହେଁ ତ ଆଉ କ'ଣ ? ଶିଳାକନ୍ୟାର ନଗ୍ନ ନିଟୋଳ ରୂପ, କାମନା କମ୍ପିତ ଆଖି, ଓଠ, ଯୌବନରେ ସ୍ମିତ, ସ୍ପର୍ଦ୍ଧିତ ମୁଗ୍ଧ,ମହିମାମୟ କୁଚ, ଅସଞ୍ଜାତ କଟୀ, ଅସମ୍ଭାଳ କାମକ୍ରୀଡ଼ା, ଦେହ ମିଳନର ଆମନ୍ତ୍ରଣ । ଭୋଗବାଦର ଜୟ ଜୟକାର । କାମନାର କୈଳାସ, ବାସନାର ବୈକୁଣ୍ଠ । ସମ୍ଭୋଗ ପାଇଁ ସୀମାହୀନ ଶବ୍ଦାବଳୀ । ମାନବ ଶରୀରର ଶ୍ରେଷ୍ଠ ଅନୁଭବ ଦେହ ମିଳନର ସୁଖ, ସମ୍ଭୋଗ । ମାନବ ଜୀବନର ଶ୍ରେଷ୍ଠ ଅନୁଭବ ଏ ସବୁର ଊର୍ଦ୍ଧ୍ୱରେ ଯାହାର ପୂଜାପାଇଁ ମଣିଷର ଜନ୍ମ । ଯାହାର ପ୍ରତିଷ୍ଠା କୋଣାର୍କ ଭିତରେ । ଯାହାର ଦର୍ଶନ ଲାଗି ଧାଇଁ ଆସିଛି ମଣିଷ ଭିତରକୁ । ମନ୍ଦିର ବାହାରେ ଦର୍ଶନ, ଭିତରେ ଦର୍ଶନ । ବିଶ୍ୱଦର୍ଶନ । ସୁନ୍ଦରୀ ଦର୍ଶନ, ସନ୍ନ୍ୟାସୀ ଦର୍ଶନ, ଶରୀର ଦର୍ଶନ, ଆତ୍ମାର ଦର୍ଶନ । ଭୋଗବାଦର ଦର୍ଶନ, ତ୍ୟାଗବାଦର ଦର୍ଶନ । ବାହାରେ ଅପୂର୍ଣ୍ଣ, ଭିତରକୁ ଯିବାକୁ ଉତ୍କଣ୍ଠା, ଉତ୍ସାହ । ଭିତରେ ପୂର୍ଣ୍ଣ । ଜୀବନର ପୂର୍ଣ୍ଣ ଉପଲବ୍ଧି । ଯେଉଁଠୁ ଫେରିବାକୁ ହୁଏ ପଛକୁ, ଯିବାକୁ ହୁଏ ନାହିଁ ଆଗକୁ । ଭିତରେ ଶେଷ ହୋଇଯାଇଛି ମାୟାର ଖେଳ, ଦେହର ଭୂଗୋଳ, କାମନାର ଖୋଡ଼ତାଳ, ଭୋଗବାଦର ଦର୍ଶନ, ଦେହ ମିଳନର ଆଶା, ସମ୍ଭୋଗ ଲାଳସା । ଜୀବନର ଯାତ୍ରା ଯେମିତି ଅପୂର୍ଣ୍ଣରୁ ପୂର୍ଣ୍ଣତା ଆଡ଼କୁ । ଶରୀର ସୁଖର

ଊର୍ଦ୍ଧ୍ୱରେ ଦିବ୍ୟପ୍ରେମର ଉପଲବ୍ଧି ଆଡ଼କୁ । ଯେଉଁଠି କାମନାର ସଡି ଚଢ଼ି ଯିବାକୁ ହୁଏ ନିଷ୍କାମ ପ୍ରାପ୍ତିପାଇଁ । ଯେଉଁଠି ବଦଳିଯାଏ ମଣିଷର ଚିରାଚରିତ ଦର୍ଶନ ଦେହ ଭୋଗର, ଲୋଭ ଲାଳସାର, କଳୁଷ କାମନାର । ଶରୀରର ନଶ୍ୱରତା ଉପଲବ୍ଧି କରିହୁଏ । ଐଶ୍ୱରୀୟ ଉପଲବ୍ଧି ଆସେ । ଦେହ ମୁଖଶାଳା, ମନ ମନ୍ଦିର, ଆତ୍ମା ଈଶ୍ୱର । ମୁଖଶାଳା ଏତେ ସୁନ୍ଦର । ମନ୍ଦିର ଅତି ସୁନ୍ଦର । ଈଶ୍ୱର ଦିବ୍ୟ ସୁନ୍ଦର । ମୁଖଶାଳା, ମନ୍ଦିର ଭିତରେ ଈଶ୍ୱର, ଶରୀର ଭିତରେ

ଈଶ୍ୱର । ମନମୁଗ୍ଧ ହୋଇଯାଏ ପରମ ଜ୍ଞାନ ପ୍ରାପ୍ତିରେ । ପରମ ପ୍ରେମରେ ମଜ୍ଜିଯାଏ ପରମ ସହିତ, ପରମାତ୍ମା ସହିତ, ପରାତ୍ପର ପ୍ରସଙ୍ଗ ନ ରଖି ଯାହାର ପ୍ରାସଙ୍ଗିକତା ଶୂନ୍ୟ, ଯେଉଁଠି ପ୍ରଶ୍ନ ଶେଷ, ପ୍ରୟାସ ଶେଷ । ସବୁ ଆକାଙ୍‌କ୍ଷାର ମିଳନ ସ୍ଥଳ । ସକଳ ସମ୍ଭୋଗର ସଙ୍ଗମ ସ୍ଥଳ ।

କଳିଙ୍ଗ ଯୁଦ୍ଧଠୁ କୋଣାର୍କ । ଆଖି ପାଉନି ଏତେ ଲମ୍ବା ସମୟର ଇତିହାସ । ମାଟିଗୋଡ଼ିର କୋଣାର୍କ, ମଣିଷ ତିଆରି କୋଣାର୍କ, ମାଂସର କୋଣାର୍କ, ଶିଳାର କୋଣାର୍କ, ନାରୀମାଂସର କୋଣାର୍କ, ନଗ୍ନ ଶିଳାର କୋଣାର୍କ । କଳିଙ୍ଗର ଗର୍ବ, କଳିଙ୍ଗାଃ ଜନନୀର ଗୌରବ । ଧନ୍ୟ କଳିଙ୍ଗ ଜନନୀ । ଧନ୍ୟ ତାର ଇତିହାସ । ଧନ୍ୟ ତାର ମାଂସର କୋଣାର୍କ କାରୁବାକୀ, ଶିଳାର କୋଣାର୍କ ଶିଳ୍ପୀ, ମାଟିର କୋଣାର୍କ ହୀରାକୁଦ । କୋଣାର୍କ ଯାହାର ବିଶ୍ୱ ପରିଚୟ ସେ ଚିରକାଳ ଧନ୍ୟ । ଧନ୍ୟ ତାର ସେବାରେ ଜୀବନ । ପୂଜାରେ ଜୀବନ । ଯା' ଲାଗି ସୁନ୍ଦର, ସର୍ଜନପଣର ଚିର ବନ୍ଦନା ଗାଏ । ସେ ଆଜି ଡାକୁଛି ଉଠ ଜାତିସ୍ମର ବିଶ୍ୱ ଡ଼ାକରା ଦିଏ । ବିଶ୍ୱ ଡାକରା ଦିଏ ।

ଅଶୋକ ଥିଲେ ଏ ଦେଶର ପ୍ରଥମ ସମ୍ରାଟ ଯିଏ ଧର୍ମନିରପେକ୍ଷତାକୁ ସମ୍ମାନ ଦେଇଥିଲେ କଳିଙ୍ଗଯୁଦ୍ଧ ପରେ । ବ୍ରାହ୍ମଣ, ବୌଦ୍ଧ, ଜୈନ ସମସ୍ତଙ୍କ ଭିତରେ ଧର୍ମୀୟ ସଦ୍‌ଭାବନା ପ୍ରତିଷ୍ଠିତ ହୋଇଥିଲା । ଅଶୋକଙ୍କ ଧର୍ମ ଥିଲା ସ୍ୱତନ୍ତ୍ର । ଧର୍ମ ଲଦି ନ ଥିଲେ କାହା ଉପରେ । ଧର୍ମ ନିରପେକ୍ଷ ଶାସନଧାରା ପାଇଁ ଚିରକାଳ ସ୍ମରଣୀୟ ସେ । ଧର୍ମ ନିରପେକ୍ଷ ଶାସନ ପାଇଁ ଅଶୋକଙ୍କୁ ମାର୍ଗ ଦର୍ଶନ ଦେଇଥିଲେ ଧର୍ମପ୍ରାଣା କାରୁବାକୀ । ଧର୍ମର ଶାସନ ପାଇଁ ସେ ବଦଳାଇଥିଲେ ଅଶୋକଙ୍କ ଦୀର୍ଘ ଆଠ ବର୍ଷର କ୍ରୂର, କଷଣ ଶାସନ । ରୁଦ୍ର, ଦମନ ଶାସନ, ସନ୍ଦେହ ସଇତାନର ଶାସନ । ଚଣ୍ଡାଶୋକର ଚଣ୍ଡାଳ ଶାସନକୁ ଧର୍ମୀୟ ସ୍ପର୍ଶ ଦେଇ ଧର୍ମାଶୋକ, ଧର୍ମର ଶାସନ ପ୍ରତିଷ୍ଠା କରିଥିଲେ କାରୁବାକୀ । ଧର୍ମୀୟ ଶାସନର ପ୍ରାଣପ୍ରତିଷ୍ଠାତା ଥିଲେ କାରୁବାକୀ । କଳିଙ୍ଗଯୁଦ୍ଧ ପରେ କଳିଙ୍ଗ କୁମାରୀ କାରୁବାକୀ ବଦଳାଇ ଦେଇଥିଲେ ଅଶୋକଙ୍କ ଜୀବନ, ଧର୍ମ, ବିଶ୍ୱାସକୁ, ଶାସନ ବ୍ୟବସ୍ଥାକୁ । ବିଶ୍ୱ ଇତିହାସରେ ଅଶୋକଙ୍କ ଜୟଗାନ କଳିଙ୍ଗ ଯୁଦ୍ଧପରର ଜୀବନ, ଶାସନ ପାଇଁ, ପୂର୍ବର ନୁହେଁ, ଏହା ବିଶ୍ୱବାସୀ ଚିରକାଳ ମନେରଖିଛନ୍ତି । ସତରେ କେତେ ମହାନ୍ କାରୁବାକୀ । ବିଶ୍ୱ ଇତିହାସରେ ଏମିତି କେଉଁ କନ୍ୟା ଅଛି,ଦେବକନ୍ୟା ଅଛି; ଯିଏ ବଦଳାଇ ଦେଇଛି ବ୍ୟକ୍ତି, ବିଶ୍ୱାସ, ସନ୍ନ୍ୟାସୀକୁ, ବ୍ୟବସ୍ଥାକୁ, ସମ୍ରାଟକୁ, ସାମ୍ରାଜ୍ୟକୁ, ଶାସନକୁ, ଧର୍ମ ବିଶ୍ୱାସକୁ, ବିଚାରଧାରାକୁ । ଶତ୍ରୁରାଜ୍ୟର କନ୍ୟା ସମ୍ରାଟଙ୍କ ସହଧର୍ମିଣୀ ହୋଇ ହତ୍ୟା, ଷଡଯନ୍ତ୍ରର ଜାଲବୁଣି ସମ୍ରାଟଙ୍କୁ ହତ୍ୟା କରିପାରିଥାନ୍ତେ । ଏକ ଲକ୍ଷ କଳିଙ୍ଗ ସେନାଙ୍କ ହତ୍ୟାର ପ୍ରତିଶୋଧ ନେଇପାରିଥାନ୍ତେ । ଅସମ୍ଭବ ନ ଥିଲା । ସେ ହିଂସା, ହତ୍ୟାଠାରୁ ଦୂରରେ ଥିଲେ, କ୍ରୋଧ, ପ୍ରତିଶୋଧଠାରୁ ବହୁ ଦୂରରେ । ଅଶୋକଙ୍କ ଧର୍ମର ପ୍ରତିଷ୍ଠା, ପ୍ରଚାର ପାଇଁ କାରୁବାକୀ ଯତ୍ନ କରିଥିଲେ । କାରୁବାକୀଙ୍କର ଧର୍ମବିଚାର ଥିଲା



ଅଶୋକଙ୍କ ଧର୍ମ । ଧନ୍ୟ କାରୁବାକୀ ଯାହାଙ୍କ ଇଚ୍ଛାରେ ଅଶୋକଙ୍କ ଯୁଦ୍ଧଘୋଷ ବଦଳି ଯାଇଥିଲା ଧର୍ମଘୋଷରେ । ପ୍ରାଣୀହତ୍ୟା, ପ୍ରାଣୀ ନିର୍ଯ୍ୟାତନା ବନ୍ଦ । ଆଜିଯାଏ ଧର୍ମପ୍ରଚାର କରୁଥିଲେ ଧର୍ମଯାଜକ । ସମ୍ରାଟ ଧର୍ମ ପ୍ରଚାର କଲେ, ବୌଦ୍ଧଧର୍ମ ପ୍ରସାରର ବ୍ୟବସ୍ଥା କଲେ, ଦେଶ ଭିତରେ, ଦେଶ ବାହାରେ ସୁଦୂର ସିଂହଳ, ଇଣ୍ଡୋନେସିଆ, ବର୍ମା, ସୁମାତ୍ରା, ବୋର୍ଣ୍ଣିଓ ଦେଶକୁ ଯାହା ଆଜିଯାଏ ଭାରତର କୌଣସି ସମ୍ରାଟଙ୍କ ପକ୍ଷରେ ସମ୍ଭବ ହୋଇନାହିଁ । ଅଶୋକଙ୍କ ପକ୍ଷେ ସମ୍ଭବ ହୋଇନଥିଲା, ସର୍ବଶକ୍ତିମାନ କ୍ଷମତାର ଅଧିକାରୀ ହୋଇ ଦୀର୍ଘ ଆଠବର୍ଷ କାଳ ରାଜତ୍ୱରେ ବହୁନାରୀ, ରାଜ ଅଧିକାରୀଙ୍କ ଗହଣରେ । ଯାହାକୁ ସମ୍ଭବ କରିଥିଲେ ବିଶ୍ୱପ୍ରାଣା କଳିଙ୍ଗ କନ୍ୟା କାରୁବାକୀ । ଯାହାଙ୍କ ପରାମର୍ଶ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବଯୁଗର ନିର୍ମାଣ ହୋଇଥିଲା ଭାରତରେ । ଧର୍ମ ଯୁଗର ଅୟମାରମ୍ଭ ହୋଇଥିଲା । ଖ୍ରୀଷ୍ଟଧର୍ମର ବହୁପୂର୍ବରୁ, ମହମ୍ମଦଙ୍କ ଜନ୍ମର ବହୁପୂର୍ବରୁ, ଖ୍ରୀଷ୍ଟପୂର୍ବ ଯୁଗରେ ବିଦେଶରେ ଧର୍ମ ପ୍ରଚାର ବ୍ୟବସ୍ଥା କରି କାରୁବାକୀ ଯେଉଁ ଦୂରଦୃଷ୍ଟିର ପରିଚୟ ଦେଇଛନ୍ତି ତାହା ବିଶ୍ୱ ଇତିହାସରେ ବିରଳ । ବୌଦ୍ଧଧର୍ମ ଥିଲା ସେ ଯୁଗର ମାନବ କଲ୍ୟାଣମୟ ଯୁଗଧର୍ମ । ଯେଉଁଠି ନଥିଲା ବ୍ରାହ୍ମଣ ଧର୍ମର ମୁକ୍ତି, ମୋକ୍ଷପାଇଁ ପୂଜାପାଠ, ଜୈନଧର୍ମର ଅହିଂସ, ଉପବାସ, ଆମରଣ ଅନଶନ, ଦେହକଷ୍ଟ, ଜୀବନ ତ୍ୟାଗ । ବୌଦ୍ଧଧର୍ମରେ ଥିଲା କାମନାରୁ ମୁକ୍ତି, ଦୁଃଖରୁ ମୁକ୍ତି, ଅହିଂସର ଉପାସନା, ଜାତି ଧର୍ମ ଊର୍ଦ୍ଧ୍ୱରେ ମାନବକୁ ସମ୍ମାନ, ଜୀବନର ବୈଜ୍ଞାନିକ ଅନୁଧ୍ୟାନ, ସତ୍ୟର ବାସ୍ତବ ଉପଲବ୍ଧି ତଥାକଥିତ ସ୍ୱର୍ଗ, ଭଗବାନ, ଆତ୍ମା, ଜୀବାତ୍ମା, ପରମାତ୍ମାକୁ ବାଦ୍‌ଦେଇ ଏକ ଶାନ୍ତ, ସମୃଦ୍ଧ, ସରଳ, ଅହିଂସା ଜୀବନ ବଞ୍ଚିବାକୁ ବୌଦ୍ଧିକ ପ୍ରେରଣା, ପ୍ରଥମକରି ଧର୍ମରେ । ମଣିଷକୁ ଭଲପାଇବାକୁ ପ୍ରେରଣା । ଯିଏ ଶିକ୍ଷା ଦେଇଥିଲା ହିଂସା ବିରୁଦ୍ଧରେ ଅହିଂସାର ଆତ୍ମ ସମର୍ପଣ ନୁହେଁ, ଆତ୍ମ ସୁରକ୍ଷା, ବଞ୍ଚିବା ବଢ଼ିବାର ବିଜ୍ଞାନ ସମ୍ମତ ଯୁକ୍ତିଯୁକ୍ତ ଶିକ୍ଷା, ଚେତନାରେ ସ୍ୱାଧୀନତା । କି ବୁଦ୍ଧି ! କି ବିଚକ୍ଷଣତା ! କି ବ୍ୟକ୍ତିତ୍ୱ ! ଧନ୍ୟ କାରୁବାକୀ । ଧନ୍ୟ ତାର ନାରୀତ୍ୱ, ଧନ୍ୟ ତାର ନାରୀଜନ୍ମ । ଧନ୍ୟ ତାର ପ୍ରେମ, ଧର୍ମପାଇଁ ନୀରବ ଆତ୍ମାହୁତି, ଆତ୍ମୋତ୍ସର୍ଗ । ପ୍ରେମ, ସ୍ୱାଧୀନତା ଲାଗି ଲକ୍ଷେ ଦେଶବାସୀଙ୍କ ପ୍ରାଣବଳି ଦାନର ଦୁଃଖକୁ ଯେ ସହିଥିଲା ଅହିଂସାର ଆଦର୍ଶ ପାଇଁ ଛାତିକୁ ପଥର କରି ସେ ଧନ୍ୟ, ଚିରକାଳ ଧନ୍ୟ । ଭାରତୀୟ ନାରୀଶକ୍ତିର ସେ ଏକ ଅଲିଭା ଉଜ୍ଜ୍ୱଳ ବହ୍ନିଶିଖା ଯାହାର ଜୀବନ ଦର୍ଶନ, କର୍ମ ପ୍ରେରଣା, ଧର୍ମ ଧାରଣା ଯୁଗଯୁଗଧରି ସମସ୍ତଙ୍କୁ ପ୍ରେରଣା ଦେଉଥିବ । ''ବସୁଧୈବ କୁଟୁମ୍ବକମ୍''ର ଆଦର୍ଶ ପ୍ରତିଷ୍ଠା ପାଇଁ ଉଦ୍‌ବୁଦ୍ଧ କରୁଥିବ । ବୌଦ୍ଧ ଧର୍ମକୁ ବିଶ୍ୱଧର୍ମରେ ପରିଣତ କରିବାକୁ ମାନବ ଜାତିର ମଙ୍ଗଳ ପାଇଁ ସେ ଯେଉଁ ଦିଗ୍‌ଦର୍ଶନ ଦେଇଛନ୍ତି ତାର ପଟାନ୍ତର ନାହିଁ । ମହାଭାରତ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ରଥରେ ମହାରଥୀ ଶ୍ରୀକୃଷ୍ଣଙ୍କର ସାରଥି କାର୍ଯ୍ୟ ଭଳି, ସେ ଥିଲେ ଧର୍ମ ବିଜୟର ମହାନ ସାରଥି ଯାହାର ସେନାପତି ଥିଲେ ନାମମାତ୍ର ସମ୍ରାଟ ଅଶୋକ । ସେ ଦେଖାଇ ଦେଇଥିଲେ ଦୃଢ଼ ଇଚ୍ଛାଶକ୍ତି, ସଙ୍କଳ୍ପ ଥିଲେ ଅସମ୍ଭବକୁ ସମ୍ଭବ କରିହେବ । ପଙ୍ଗୁ ଗିରି ଲଙ୍ଘିପାରେ, ମୂକ ବାଚାଳ ହୋଇପାରେ, ଚଣ୍ଡାଳ ଦେବତା ''ଦେବାନାଂପ୍ରିୟ'' ହୋଇପାରେ । ସେ ନିଜ ହାତରେ ଅଶୋକଙ୍କୁ ଗଢ଼ିଦେଲେ ଅସମ୍ଭବକୁ ସମ୍ଭବ କରିଦେଲେ । ଦୁର୍ବାର ପ୍ରାଣଶକ୍ତି, ପ୍ରଚଣ୍ଡ ପ୍ରେରଣା ଓ ପବିତ୍ର ପ୍ରେମର ଦେବୀ ଥିଲେ ସେ । ଥିଲେ ଦେବକନ୍ୟା । ଦିବ୍ୟଶକ୍ତିର ଅଧିକାରୀ । ମହାଶକ୍ତିର ମାଂସପିଣ୍ଡଟିଏ । ଫ୍ରାନ୍‌ସର ଜୋଆନ୍‌ଅଫ ଆର୍କ ପରି ସେ

ଥିଲେ ଅସାଧାରଣ, ଶକ୍ତିଶାଳୀ, ସମର ନିପୁଣା, ଧର୍ମପ୍ରାଣା । ଯଥାର୍ଥରେ ମୌର୍ଯ୍ୟ ସାମ୍ରାଜ୍ୟର ମୁଣ୍ଡି ମାରିଥିଲେ ସେ, ବାରବର୍ଷର ଧର୍ମପଦ କୋଣାର୍କ ମନ୍ଦିରର ମୁଣ୍ଡି ମାରିଲାପରି । ପ୍ରତ୍ୟେକ ରଜାର ଶହଶହ ରାଣୀ, ରକ୍ଷିତା କିନ୍ତୁ ପାଟରାଣୀ ଗୋଟିଏ । କିନ୍ତୁ କାରୁବାକୀ ଥିଲେ ଦ୍ୱିତୀୟ ପାଟରାଣୀ ଯାହା ଏକ ବିରଳ ଘଟଣା । ଏଥିରୁ ତାଙ୍କର ପ୍ରଚଣ୍ଡ ପ୍ରଭାବ, ପ୍ରତିଷ୍ଠା, ପାରଦର୍ଶିତାର ପ୍ରମାଣ ମିଳେ ।

ଏତେ କ୍ଷମତାର ଅଧିକାରୀ ହୋଇ ବି ନିଜପାଇଁ କିଛି କରିଯାଇ ନାହାନ୍ତି । ଜ୍ଞାନ, ଧନ, ଧର୍ମ, କ୍ଷମତାର ଶୀର୍ଷ ସ୍ଥାନରେ ଥାଇ ସେ ଚରମ ତ୍ୟାଗର ଦେବୀ । ଚାହିଁଥିଲେ ନିଜ ନାଁରେ ଅନେକ କିଛି କରିପାରିଥାନ୍ତେ, କିଛି କରିପାରି ନାହାନ୍ତି ନିଜପାଇଁ, କିଛି ନିଜର ପାର୍ଥିବ ପରିଚୟ ଛାଡ଼ି ଯାଇନାହାନ୍ତି । ଛାଡ଼ି ଯାଇଛନ୍ତି ଚିରକାଳ ତ୍ୟାଗର ଚିରନ୍ତନ ଆଦର୍ଶକୁ, ଧର୍ମ ନିରପେକ୍ଷ, ଉଦାର ଶାସନ ଧାରାର ଆଦର୍ଶକୁ , ବୌଦ୍ଧଧର୍ମକୁ ବିଶ୍ୱଧର୍ମ କରିବାର ଅଦମ୍ୟ ଅଭୀପ୍ସାକୁ । ଧର୍ମ ବଳରେ ଭାରତ ବିଶ୍ୱର ନେତୃତ୍ୱ ନେବାକୁ, ଧର୍ମ ବିଜୟର ସର୍ବ ଶକ୍ତିଶାଳୀ ବିଜୟକୁ, ପ୍ରେମ, ଅହିଂସାର ପ୍ରତିଷ୍ଠାକୁ, ମାନବ ଜାତିର ମଙ୍ଗଳ ପାଇଁ ହିଂସା, ହତ୍ୟା, ତ୍ୟାଗ କରିବାକୁ, ଦେଶ ଦେଶ ଭିତରେ ଶାନ୍ତିପୂର୍ଣ୍ଣ ସହ ବସ୍ଥାନକୁ । ଗର୍ବ ଓ ଗୌରବର କଥା ବିଶ୍ୱ ଇତିହାସରେ ତାଙ୍କର ତୁଳନା ନାହିଁ । ଚଣ୍ଡାଶୋକକୁ ସେ ହିଁ କରିଥିଲେ ଧର୍ମାଶୋକ, ଧର୍ମ ବଳରେ । ସେ ଧର୍ମ ମାନବୀୟ ଚେତନାରେ ଉଦ୍‌ବୁଦ୍ଧ ବୌଦ୍ଧଧର୍ମର । ସେ ନିଜ ହାତରେ ଗଢ଼ିଥିଲେ ରାକ୍ଷସ ଅଶୋକକୁ ''ଦେବାନାଂପ୍ରିୟ'' ଅଶୋକ କରି । ପ୍ରେମ, ଅହିଂସ ବଳରେ ହିଂସ୍ର ଚରିତ୍ରକୁ ବଦଳାଇ ଦେଇ ସେ ଅସମ୍ଭକୁ ସମ୍ଭବ କରିଛନ୍ତି । ସେ ଅଶୋକକୁ ବଦଳାଇ ଦେଇ ଭାରତ ବର୍ଷର ଇତିହାସକୁ ବଦଳାଇ ଦେଇଛନ୍ତି । ଭାରତର ରାଜନୈତିକ ଭବିଷ୍ୟତକୁ ଦିଗ୍‌ଦର୍ଶନ ଦେଇଛନ୍ତି, ଯେଉଁ ନୀତି, ଆଦର୍ଶକୁ ସ୍ୱାଧୀନ ଭାରତର ଶାସନ ବ୍ୟବସ୍ଥାରେ ବ୍ୟବହାର କରାଯାଉଛି । ଆଜି ବିଶ୍ୱରେ ଉଚ୍ଚ ପ୍ରଶଂସିତ ଭାରତର ସ୍ୱାଧୀନ ବୈଦେଶିକ ନୀତି, ଧର୍ମ ନିରପେକ୍ଷତା ଆଦର୍ଶ, ପଞ୍ଚଶୀଳ ନୀତି, ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ । ଏହା ପଛରେ ଆଲୋକ ବର୍ତ୍ତିକା ଭଳି ଯିଏ ଆଲୋକ ବିତରଣ କରୁଛନ୍ତି, ସେ ସେଯୁଗର ଅସାଧାରଣ ନାରୀନେତ୍ରୀ, କଳିଙ୍ଗକୁମାରୀ କାରୁବାକୀ । ମହାନ୍ କୂଟନୀତିଜ୍ଞ ଚାଣକ୍ୟଙ୍କ ବିଚାରଧାରାରେ ନିର୍ମାଣ ହୋଇଥିଲା ମୌର୍ଯ୍ୟ ଶାସନର ବିଧି, ବ୍ୟବସ୍ଥା । ତାହା ଥିଲା ଗୋଟିଏ ଦେଶର ସୁରକ୍ଷା, ମଙ୍ଗଳ ପାଇଁ ଉଦ୍ଦିଷ୍ଟ । କାରୁବାକୀ ସେହି ଶାସନ ବ୍ୟବସ୍ଥାକୁ ବଦଳେଇ ଦେଇଥିଲେ ବିଶ୍ୱଶାସନ ବ୍ୟବସ୍ଥାରେ । ଇଏ କ'ଣ କମ୍ ଦାନ ବିଶ୍ୱ ମଣିଷକୁ କଳିଙ୍ଗ କନ୍ୟାର । କାରୁବାକୀ ଲାଗି ଅଶୋକ ବିଶ୍ୱରେ ପୂଜିତ । କାରୁବାକୀର ପୂଜାଲାଗି ବିଶ୍ୱବାସୀ ନିଜକୁ ପ୍ରସ୍ତୁତ କରିନାହାନ୍ତି, ମଗଧବାସୀ ମନ୍ଦିର ଗଢ଼ିନାହାନ୍ତି, ମାନସିକ ଦାରିଦ୍ର୍ୟରେ ବର୍ତ୍ତମାନର ପଙ୍ଗୁ ସ୍ୱାଧୀନ କଳିଙ୍ଗାଃମାନେ କ'ଣ ବା କରନ୍ତେ ? ଯେଉଁ ବୀରକନ୍ୟାର ସ୍ଥିତି ଭାରତ ଇତିହାସରେ ଧାଡ଼ିଟିଏ, ଆଧୁନିକ କଳିଙ୍ଗାଃମାନଙ୍କ ପାଇଁ କଳିଙ୍ଗ ଯୁଦ୍ଧରେ କାରୁବାକୀ 'ଶବ୍ଦଟିଏ' ମାତ୍ର, ତାର ପୂଜା ପାଇଁ ପୂଜାବେଦୀ ତିଆରି ହୋଇନି, ପୂଜାରୀ ଜନ୍ମ ହୋଇନି, ପୂଜାଫୁଲ ଫୁଟିନାହିଁ । ଏ ଜାତିର ମାଟିରେ, ସେ ମାଟିରେ ମଉଳି ପଡ଼ିଥିବା ମଣିଷର ମନରେ ଅଛୁଆଁ, ପଛୁଆ, ଅସହାୟ, ଅନଗ୍ରସରେ ଆକ୍ରାନ୍ତ ଶିଶୁଟିର ଆଖିରେ ସ୍ୱପ୍ନ ଆସିବ କେଉଁଠୁ ସେ ସ୍ୱପ୍ନ ଦେଖିବ ? ସେ ସ୍ୱପ୍ନରେ ଫୁଲ ଫୁଟିବ, ମହକ ଖେଳିବ, ସେ ମତୁଆଲା ହେବ ମାଟିର ଗନ୍ଧରେ, ଆକାଶର ରଙ୍ଗରେ । ଗୋଟିଏ ବୀରପୁଙ୍ଗବ



ସର୍ଜନ ପୂଜିତ ଜାତିର ଅସହାୟ ଅବସ୍ଥା ଯେମିତି ଅସହ୍ୟ ସେମିତି ଅବିଶ୍ୱସନୀୟ । ଯେମିତି କୋଣାର୍କ ଭାଙ୍ଗି ଯାଇଛି, କୋଣାର୍କର ଶିଳ୍ପୀ ହଜିଯାଇଛି, ହଜି ଯାଇଛି ସର୍ଜନ ମାଟିରେ, ଯେମିତି କଳିଙ୍ଗ ଯୁଦ୍ଧରେ ଲକ୍ଷାଧିକ କଳିଙ୍ଗସେନାର ବୀରତ୍ୱପୂର୍ଣ୍ଣ ବଳିଦାନ ସହିତ ସମ୍ମାନ ଓ ସ୍ୱାଧୀନତା ପ୍ରିୟ କଳିଙ୍ଗାର ଶକ୍ତି ଶୌର୍ଯ୍ୟ ଶେଷ ହୋଇଯାଇଛି । କଳିଙ୍ଗ ଯୁଦ୍ଧ ଯେମିତି କଳିଙ୍ଗାମାନଙ୍କ ପାଇଁ ପରାଜୟର କାହାଣୀଟିଏ, ଅପମାନର ଅଧ୍ୟାୟଟିଏ ହୋଇରହିଛି ଯୁଗେ ଯୁଗେ, ଏ ଜାତିର ଚେତନାରେ, ଭାବିଲେ ଅଶ୍ରୁ, ଅବଶୋଷରେ ହାହାକାର କରି ଉଠୁଛି ମୋର ଆତ୍ମା ।

ମହାଭାରତ ଯୁଦ୍ଧ ପରେ ଭାରତବର୍ଷରେ ସମ୍ମାନ, ସ୍ୱାଧୀନତା ପାଇଁ ଏ ଯେଉଁ ମହାଯୁଦ୍ଧ କଳିଙ୍ଗାଃମାନେ ଲଢ଼ିଥିଲେ, ତୋଷାଳୀଠାରେ କଳିଙ୍ଗ ଯୁଦ୍ଧରେ, ଆକୁମାରୀ ହିମାଚଳ ମୌର୍ଯ୍ୟ ଭାରତ ବିରୁଦ୍ଧରେ, ଆର୍ଯ୍ୟ ଭାରତ ବିରୁଦ୍ଧରେ,ଏମିତି ମହାଯୁଦ୍ଧ କେଉଁ ଜାତି ଲଢ଼ିଛି ଏ ଦେଶରେ ? ଇତିହାସ ଯାହାର ସାକ୍ଷୀ, ଯାହାର ରାଜସାକ୍ଷୀ ସ୍ୱୟଂ ସମ୍ରାଟ ଆଶୋକ । ସମ୍ମାନ ଓ ସ୍ୱାଧୀନତାର ପୁଣ୍ୟତୀର୍ଥ ତୋଷାଳୀ, ରକ୍ତସ୍ନାତ ତୋଷାଳୀ, ଯାହାର ଶିଳାରେ ଖୋଦିତ ହୋଇଛି ରକ୍ତ ବଦଳରେ ସ୍ୱାଧୀନତା, ଯାହାର ଧୂଳିରେ ରକ୍ତ ରଞ୍ଜିତ ହୋଇଛି ଜାତୀୟ ସମ୍ମାନଲାଗି ଆତ୍ମବଳିଦାନର ଅମର ସଙ୍କଳ୍ପଟିଏ, ସେ ଏ ଜାତିର ଜାତୀୟ ତୀର୍ଥ, ସମ୍ମାନ ଓ ସ୍ୱାଧୀନତାକୁ ପ୍ରାଣଭରି ଭଲପାଉଥିବା ମାନବୀୟ ଚେତନାର ମୁକ୍ତିପୀଠ । ସେଠି ପରାଜୟର ପ୍ରଶ୍ନ ନାହିଁ । ଯେଉଁଠି ବଞ୍ଚିବାପାଇଁ ସ୍ୱାଧୀନତା ସର୍ବନିମ୍ନ ସର୍ତ୍ତଟିଏ, ସମ୍ମାନର ସହ ବଞ୍ଚିବା ପାଇଁ ଶକ୍ତି ଓ ଶୌର୍ଯ୍ୟର ପରିଚୟଟିଏ ଲୋଡ଼ା । ଅଶୋକ ଅନୁଭବ କରିଥିଲେ, ଅଙ୍ଗେ ଲିଭେଇ ଥିଲେ ସେହି ଲୋମହର୍ଷଣକାରୀ ରକ୍ତକ୍ଷୟୀ ଯୁଦ୍ଧ ଅନୁଭବକୁ । ଯୁଦ୍ଧରେ ଚରମ ସ୍ୱାଧୀନତା ପ୍ରିୟ ଦୁର୍ଦ୍ଧର୍ଷ କଳିଙ୍ଗାମାନଙ୍କୁ ପରାଜିତ କରିବା ଯେମିତି ଅସମ୍ଭବ ସେମିତି ଗୋଟିଏ ଅପରାଜେୟ ଜାତିର ସ୍ୱାଧୀନ ଚେତନାକୁ ଅପହରଣ କରିବା ଅସମ୍ଭବ । ତେଣୁ ସେ ଦୃଢ଼ କଣ୍ଠରେ ସ୍ୱୀକାର କରିଥିଲେ, ଶିଳାଲେଖରେ ଲିପିବଦ୍ଧ କରିଥିଲେ, 'କଳିଙ୍ଗାଃ ଅବିଜିତମ୍' । ଗୋଟିଏ ବିଜିତ ସମ୍ରାଟର ଏ ସ୍ୱୀକାରକ୍ତି ସମ୍ମାନବୋଧ ବିଶ୍ୱ ଇତିହାସରେ ବିରଳ । ସମ୍ମାନ ସ୍ୱାଧୀନତା ପ୍ରିୟ କଳିଙ୍ଗାଃମାନଙ୍କ ପାଇଁ ଏହାଠାରୁ ଅଧିକ ସମ୍ମାନ ଆଉ କ'ଣ ଥାଇପାରେ ? ହିଂସା, ହତ୍ୟାର ଉପାସକ ସମ୍ରାଟ ଚଣ୍ଡାଶୋକଙ୍କ ପକ୍ଷରେ ଏ ପ୍ରକାର ସ୍ୱୀକାରକ୍ତି ଅବିଶ୍ୱସନୀୟ, ସତ୍ୟ । ଏଥିରୁ ଏହି ମହାଯୁଦ୍ଧର ଭୟାବହତା, ଏଥିରେ ଭାଗନେଇଥିବା ବିଜୟୀ ବରପୁତ୍ର ଓ ବରବଧୂମାନଙ୍କ ବଳିଦାନ, ଅସୀମ ସାହସ, ଶୌର୍ଯ୍ୟ ଓ ଶକ୍ତିର ପ୍ରଦର୍ଶନ ଅନୁମେୟ । ସେମାନଙ୍କ ବନ୍ଦନା ଲାଗି ଶୋଇପଡ଼ିଛି ଏ ଜାତି, ଏ ଜାତିର ଦାୟାଦ ମିଥ୍ୟା ପରାଜୟର ଗ୍ଲାନିରେ । ପୁଣି ପଣବନ୍ଦୀ, ପ୍ରେମର ବିଜୟ ନାଟକରେ ମ୍ଲାନ ହୋଇ । ଭାରତ ଦେଖିଛି ରକ୍ତପିପାସୁ ଆଲେକ୍‌ଜ୍ୟାଣ୍ଡର, ତୈମୁର୍‌ଲଙ୍ଗ୍, ଚେଙ୍ଗିଜ୍ ଖାନ୍, ଔରଙ୍ଗଜେବ୍ । ସମସ୍ତଙ୍କଠାରୁ ଚରମ ରକ୍ତ ପିପାସୁ ନିଷ୍ଠୁର ଥିଲେ ଚଣ୍ଡାଶୋକ ଅଶୋକ ଯିଏ ଏକା ନିଜର ୧୦୦ ଭାଇଙ୍କୁ ହତ୍ୟାକରି ସମ୍ରାଟ ହୋଇଥିଲେ, ମହାଭାରତ ଯୁଦ୍ଧରେ ପାଣ୍ଡବ ପାଞ୍ଚଭାଇ କୌରବ ୧୦୦ ଭାଇଙ୍କୁ ହତ୍ୟାକରି ସିଂହାସନ ଲାଭ କଲାଭଳି । ସେହି ଅଶୋକଙ୍କର ସମ୍ମାନପୂର୍ଣ୍ଣ ସ୍ୱୀକୋରକ୍ତି ଧରି ରଖିଛି ବିଭୀଷିକାମୟ କଳିଙ୍ଗ ଯୁଦ୍ଧର ଆଲୋକ ଚିତ୍ର, ଶବ୍ଦ ତରଙ୍ଗକୁ, ବିଶ୍ୱବାସୀଙ୍କୁ ସ୍ମରଣ କରାଇ ଦେବାକୁ ଗୋଟିଏ ଜାତି ଏତେ ଶକ୍ତିଶାଳୀ ହୋଇପାରେ ? ଏତେ ସ୍ୱାଧୀନତା ପ୍ରିୟ ହୋଇପାରେ ? ସ୍ୱାଧୀନତା ପ୍ରିୟ ଗୋଟିଏ ଜାତିର ଅସମ୍ଭବ

ବୀରତ୍ୱରେ ସେ ମୁଗ୍ଧ, ତାର ବୀରୋଚିତ ବଳିଦାନରେ ସେ ସ୍ତବ୍ଧ । ମହାଭାରତର ମହାବୀର ଭୀଷ୍ମଙ୍କୁ ଶରଶଯ୍ୟାରେ ଶାୟିତ କଲାଭଳି ଅର୍ଜୁନ 'ବୀର ବୁଝେ ବୀର ଅଭିଳାଷ' ପରି ମହାବୀର ଅଶୋକ ସମଗ୍ର କଳିଙ୍ଗାମାନଙ୍କୁ ମହାବୀର ଉପାଧିରେ ଭୂଷିତ କରିଛନ୍ତି । କଳିଙ୍ଗ ଯୁଦ୍ଧ ଏ ଜାତିର ମହାଯୁଦ୍ଧ ଯାହାର ତୁଳନା ନାହିଁ । ଏହି ଯୁଦ୍ଧରେ ଆତ୍ମବଳି ଦେଇଥିବା ମହାଯୋଦ୍ଧାମାନଙ୍କର ମୃତ୍ୟୁ ନାହିଁ । ସେମାନେ ଅମର, ଅମର ତୀର୍ଥ ସେ ମାଟି, ସେ ମୁହାଣ । ବନ୍ଦନା କରୁଛି ଯିଏ ପୁଣ୍ୟତୀର୍ଥ ତୋଷାଳୀଚରଣ, ବିଶ୍ୱପ୍ରାଣ କଳିଙ୍ଗାଃର ଯୋଗ୍ୟ ବୀରପଣ । ସମ୍ମାନ ଓ ସ୍ୱାଧୀନତା ଚିରକାଳ ଯାହାର ଭୂଷଣ । କାଳ କାଳ ଲାଗି ଯିଏ ଲଢ଼ିଥିଲେ ମୃତ୍ୟୁଞ୍ଜୟୀ ରଣ । 'ପ୍ରାଣ ଯାଉ ପଛେ, ପଣ ଯା'ର ନଦେଖିବ ପରାଜିତ ପ୍ରାଣ' ।

ଚଣ୍ଡାଶୋକ ଯେଉଁ କଳିଙ୍ଗାଃମାନଙ୍କୁ ସମ୍ମାନ ଦେଇଛନ୍ତି, ସେମାନଙ୍କର ଶକ୍ତି ଶୌର୍ଯ୍ୟକୁ ସ୍ୱୀକାର କରିଛନ୍ତି, ସ୍ୱାଧୀନତା ପାଇଁ ଅପୂର୍ବ ବଳିଦାନର ବନ୍ଦନା କରିଛନ୍ତି ଶତ୍ରୁ ହୋଇ, ସେହି କଳିଙ୍ଗାଃମାନଙ୍କୁ ସମ୍ମାନ ଦେବାକୁ କେବେ ଏ ଜାତିର ଶିଳ୍ପୀ ନିହାଣ ଧରିବ, ତୂଳିରେ ଆଙ୍କିବ, କବି କବିତା ଲେଖିବ, ଶିଳାରେ, ଛବିରେ, ଶବ୍ଦରେ ? ସେ ସୁଦିନ ଆସିବ, କୋଣାର୍କରେ ସୂର୍ଯ୍ୟୋଦୟ ଏ ଜାତି ଦେଖିବ । ମୁକ୍ତି ତୀର୍ଥ ତୋଷାଳୀର ଚରଣ ପୂଜିବ ।

ଯୁଦ୍ଧଖୋର ଅଶୋକ ଯୁଦ୍ଧରେ ଜିଣିନଥିଲେ କଳିଙ୍ଗକୁ, ଜିଣିଥିଲେ କପଟରେ । ଦେଢ଼ଲକ୍ଷ ସେନାକୁ ପଣବନ୍ଦୀ ରଖି ବିଜୟପାଇଁ ସ୍ୱାଧୀନତାପ୍ରିୟ ଗୋଟିଏ ଦୁର୍ଦ୍ଧର୍ଷ ଜାତିକୁ ବାଧ୍ୟ କରିବା, ତା'ଉପରେ କୌଣସି ବଳିଷ୍ଠ କାରଣ ନ ଥାଇ ଯୁଦ୍ଧ ଲଦିଦେବା । ଛଳଯୁଦ୍ଧର ଆଶ୍ରୟ ନେବା, ଯୁଦ୍ଧର ନୀତି ନିୟମ ଭାଙ୍ଗି ନିର୍ଦ୍ଦୟ ଆଚରଣ ପ୍ରଦର୍ଶନ କରିବା, ରାତ୍ରିର ପ୍ରଭାତ ପୂର୍ବରୁ ମୃତ ବା ଜୀବନ୍ତ ଅବସ୍ଥାରେ କାରୁବାକୀ ଆତ୍ମ ସମର୍ପଣ ନ କଲେ ଦେଢ଼ଲକ୍ଷ ସେନାଙ୍କୁ ହତ୍ୟା କରିବାର ପାଗଳାମୀ କେଉଁ ପୌରୁଷର ସ୍ୱାକ୍ଷର ବହନ କରେ ଯେ ସେ କଳିଙ୍ଗ ବିଜୟର ଇତିହାସ ଲେଖିଥାନ୍ତେ ? ମହାଭାରତ ଯୁଦ୍ଧ ପରେ କଳିଙ୍ଗ ଯୁଦ୍ଧ ଥିଲା କଳିଙ୍ଗାମାନଙ୍କ ପାଇଁ ଆର୍ଯ୍ୟଭାରତ ବିରୁଦ୍ଧରେ, ମୌର୍ଯ୍ୟଭାରତ ବିରୁଦ୍ଧରେ, ମହାଯୁଦ୍ଧ ଯେଉଁ ଯୁଦ୍ଧରେ ସେମାନଙ୍କ ଶକ୍ତି, ଶୌର୍ଯ୍ୟର ସ୍ୱାକ୍ଷର ସେମାନେ ଲେଖିଥିଲେ ରକ୍ତରେ, ଖାଲି ସେତିକି ନୁହେଁ ମହାଭାରତର ନିର୍ମାଣ ପାଇଁ ଅସୀମ ବୀରତ୍ୱ, ବଳିଦାନର ପରିଚୟ ସହ ଯୋଗଦାନ କରିଥିଲେ । ଯାହାର ପ୍ରଭାବରେ ସେମାନେ ସୁରକ୍ଷିତ ରଖିଥିଲେ ସ୍ୱାଧୀନତାକୁ ମୌର୍ଯ୍ୟଯୁଗଠାରୁ ଗୁପ୍ତଯୁଗ, ଗୁପ୍ତଯୁଗଠାରୁ କୁଷାଣଯୁଗ, ହର୍ଷଯୁଗରୁ ଆଧୁନିକ ଯୁଗ ଯାଏ ।

ଏହି ମହାଯୁଦ୍ଧରେ ଆଶୋକ ନିଜର ପରାଜୟ ଆସନ୍ନ ଜାଣି ପଣବନ୍ଦୀର ଆଶ୍ରୟ ନେଇଥିଲେ । ବହୁଭାବେ କ୍ଷତିଗ୍ରସ୍ତ ଆଘାତପ୍ରାପ୍ତ ହୋଇଥିଲେ ପ୍ରିୟଜନ, ପ୍ରିୟ ସେନାପତିକୁ ହରାଇ । ବୀରତ୍ୱର ସହ ଯୁଦ୍ଧରେ ବିଜୟ ଲାଭ କରିବା ବା ପରାଜୟ ସ୍ୱୀକାର କରିବା ସେ ଯୁଗର ଯୁଗଧର୍ମ ହୋଇଥିବାବେଳେ, ରାଜଧର୍ମ ହୋଇଥିବାବେଳେ ଅଶୋକ ପଣବନ୍ଦୀ ରଖି ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଇଥିଲେ । ଯୁଦ୍ଧ ଇତିହାସରେ ଏଭଳି ଘଟଣା ବିରଳ ଅଟେ । ଏଥିରୁ ସେ କିଭଳି ଭାବରେ ଯୁଦ୍ଧରେ ଛଳନାର ଆଶ୍ରୟ ନେଇଥିଲେ ତାହା ଅନୁମେୟ । ନଦୀ, ନଦ, ସମୁଦ୍ର, ବନ, ପର୍ବତ ଘେରା ଦୁର୍ଗମ ରାଜ୍ୟର ବାସିନ୍ଦା କଳିଙ୍ଗାଃମାନେ ଥିଲେ ଆଫଗାନ୍‌ମାନଙ୍କ ଭଳି ଦୁର୍ଦ୍ଧର୍ଷ, ସମରପ୍ରିୟ,



ଶାନ୍ତିପ୍ରିୟ । ଗରିଲା ଯୁଦ୍ଧ, ହସ୍ତୀଯୁଦ୍ଧ, ମଲ୍ଲଯୁଦ୍ଧରେ ସେମାନେ ଥିଲେ ଅଦ୍ୱିତୀୟ । ସେମାନଙ୍କର ସାମରିକ ଶକ୍ତିକୁ ଅଶୋକଙ୍କ ପରେ ଚ୍ୟାଲେଞ୍ଜ କରିବାକୁ ସେ ଯୁଗର ସମଗ୍ର ଆର୍ଯ୍ୟଭାରତର ଶକ୍ତି ସାହସ କରିନଥିଲା ଦୀର୍ଘ ୧୭୦୦ ବର୍ଷ ଧରି ଯାହା ବିଶ୍ୱ ଇତିହାସରେ ବିସ୍ମୟ ଓ ବିରଳ । ଭାରତର ନେପୋଲିୟନ ସମୁଦ୍ରଗୁପ୍ତ କଳିଙ୍ଗ ଅଧିକାର କରିବାର ଦୁଃସାହସ କରିନଥିଲେ । ବାହ୍ୟଶକ୍ତି ପଡ଼ୋଶୀର ସହାୟତା ବିନା କଳିଙ୍ଗରାଜ ଐର ଖାରବେଳ ଯେଭଳି ଯବନ୍‌ମାନଙ୍କୁ ଭାରତବର୍ଷରୁ ତଡ଼ି ଦେଇଥିଲେ, ମଗଧକୁ ପଦାନତ କରି କ୍ଷମା କରିଥିଲେ ତା'ର ଇତିହାସ ଏବେବି ବିଶ୍ୱବାସୀଙ୍କୁ ରୋମାଞ୍ଚିତ କରେ । ଏତେ ଶକ୍ତି କ୍ଷମତାର ଅଧିକାରୀ ହୋଇ ସେମାନେ ପଡ଼ୋଶୀକୁ କେବେ ଆକ୍ରମଣ କରିନଥିଲେ । କାହାଉପରେ ଯୁଦ୍ଧ ଲଦି ଦେଇନଥିଲେ । ଆର୍ଯ୍ୟଭାରତ ଅଧିକାର ପାଇଁ ମନବଳେଇ ନଥିଲେ । ଅଥଚ ଦେଶ ବାହାରେ ଶୈଳେନ୍ଦ୍ର ସାମ୍ରାଜ୍ୟ ଗଠନ କରିଥିଲେ । କଳିଙ୍ଗଯୁଦ୍ଧର ଭୟାବହତା ଚଣ୍ଡାଶୋକପାଇଁ ଥିଲା କଳ୍ପନାତୀତ । ରକ୍ତର ବିଭୀଷିକା ଦେଖି ଆନନ୍ଦରେ ଉଚ୍ଛନ ହେଉଥିବା ଅଶୋକ ଅସହାୟ ବିଚଳିତ ହୋଇପଡ଼ିଥିଲେ ସେହି ଯୁଦ୍ଧର ରକ୍ତସ୍ନାତ ଦୃଶ୍ୟ ଦେଖି । ଯାହାଙ୍କ ଜୀବନରେ ଯୁଦ୍ଧ, ମୃତ୍ୟୁ ଥିଲା ପ୍ରିୟଖେଳ ସେ ସେଠାରେ ସଂଜ୍ଞା ହରାଇଥିଲେ । ସେ ଲିପିବଦ୍ଧ କରିଥିବା 'ଏକ ଲକ୍ଷ କଳିଙ୍ଗ ସେନାର ମୃତ୍ୟୁ' ତାଙ୍କ ହୃଦୟକୁ ଆଲୋଡ଼ିତ କରିଥିଲା । ସେ ମୃତ୍ୟୁ କିପରି ଥିଲା ଯାହା ତାଙ୍କର ପିଶାଚ ପ୍ରାଣ, ଯୁଦ୍ଧଖୋର ମନ, ନିଷ୍ଠୁର ହୃଦୟକୁ ତରଳାଇ ଦେଇଥିଲା ? ଯୁଦ୍ଧ ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ଚାଲିଥିଲା । ସୀମାନ୍ତଠାରୁ ରାଜଧାନୀଯାଏ ଜଳ,ସ୍ଥଳ ଯୁଦ୍ଧ ଚାଲିଥିଲା ଅବିରାମ ଭାବରେ । ଯୁଦ୍ଧକ୍ଷେତ୍ରରେ ମରୁଥିବା ମଗଧ ସେନାର ସମ୍ବାଦ ଶୁଣି ସେ ତାର ହିସାବ ରଖୁନଥିଲେ କିମ୍ବା ବିଚଳିତ ହେଉନଥିଲେ । ଶତ୍ରୁସୈନ୍ୟ କଳିଙ୍ଗର ହିସାବ ବା ରଖନ୍ତେ କାହିଁକି ? ଶତ୍ରୁସୈନ୍ୟର ମୃତ୍ୟୁରେ ବିଚଳିତ କାହିଁକି ହେବେ ? ଖୁସିରେ ଆତ୍ମହରା ନହୋଇ ? ଏହା ନିଶ୍ଚିତ ଏକ ବିରଳ ଘଟଣା । ପରାଜୟପାଇଁ ଦୁର୍ଦ୍ଧର୍ଷ କଳିଙ୍ଗକୁ ବାଧ୍ୟ କରିବା, ଭୟଭୀତ କରିବା, କାରୁବାକୀର ସମ୍ବାଦ ଦେବାକୁ ବନ୍ଦୀ ଲକ୍ଷାଧିକ ନିରସ୍ତ୍ର କଳିଙ୍ଗ ସେନାକୁ ବାଧ୍ୟ କରି, ବିଫଳ ହୋଇ ହତ୍ୟା କରିବାକୁ ନିର୍ଦ୍ଦେଶ ଦେବା, ନିଜର ଉପସ୍ଥିତିରେ ଓ ଘୋଷଣା କରିବା କଳିଙ୍ଗାମାନେ କାରୁବାକୀଙ୍କୁ ମୃତ ଜୀବିତ ଅବସ୍ଥାରେ ଆଣି ଦିଅନ୍ତୁ କିମ୍ବା କାରୁବାକୀ ପ୍ରଭାତ ପୂର୍ବରୁ ଆତ୍ମସମର୍ପଣ କରନ୍ତୁ ନଚେତ୍ ଅବଶିଷ୍ଟ ବନ୍ଦୀ ଦେଢ଼ଲକ୍ଷ ସେନାଙ୍କୁ ହତ୍ୟା କରିବେ । ଗୋଟିଏ ପ୍ରଭାତରେ ଏକଲକ୍ଷ ବନ୍ଦୀ ନିରସ୍ତ୍ର ସେନାଙ୍କୁ ହତ୍ୟାକରି ଯୁଦ୍ଧର ନିୟମ ଲଙ୍ଘି ଯେଉଁ ହୃଦୟ ବିଦାରକ ଦୃଶ୍ୟ ସୃଷ୍ଟି କରିଥିଲେ ସେଥିରେ କଳିଙ୍ଗା ପ୍ରାଣରେ ଭୂମିକମ୍ପ ସୃଷ୍ଟି ହୋଇଥିଲା । ଆଉ ଗୋଟିଏ ପ୍ରଭାତରେ ଦେଢ଼ଲକ୍ଷ ସେନାର ମୃତ୍ୟୁକୁ ପ୍ରତୀକ୍ଷା କରିବାକୁ କାହାର ଧୈର୍ଯ୍ୟ ନଥିଲା, ଜାତୀୟ ସମ୍ମାନ ପାଇଁ କାରୁବାକୀର ସନ୍ଧାନ ଦେବାକୁ କୌଣସି କଳିଙ୍ଗା ସାହସ କରିନଥିଲେ । ଦାରୁଣ ଜାତୀୟ ବିପର୍ଯ୍ୟୟରେ ନିଷ୍ପତ୍ତି ନେଇଥିଲେ ସ୍ୱୟଂ ସେନାପତି ରାଜକୁମାରୀ କାରୁବାକୀ ଆତ୍ମ ସମର୍ପଣ ପାଇଁ । ତାଙ୍କୁ କେହି ପ୍ରବର୍ତ୍ତାଇ ନଥିଲେ । ତାଙ୍କର ଅନ୍ତରାତ୍ମା ଚରମ ଦୁଃଖରେ ଆନ୍ଦୋଳିତ ହୋଇଥିଲା ବନ୍ଦୀ ନିରସ୍ତ୍ର ପ୍ରିୟ କଳିଙ୍ଗାର ଦେଢ଼ଲକ୍ଷ ସେନାର ଜୀବନ ପାଇଁ ନୁହେଁ, ନିଜସ୍ୱ ସମ୍ମାନ, ସ୍ୱାଭିମାନ ପାଇଁ । ତାଙ୍କ ପାଇଁ ସେମାନେ କାହିଁକି ଶାଣିତ କରବାଳ ପାଖରେ ମୁଣ୍ଡ ନୁଆଁଇବେ ? ଯାହା ସେମାନେ କରିନାହାନ୍ତି ଯୁଗଯୁଗ ଧରି । ମୃତ କି ଜୀବିତ ସନ୍ଧାନ ନଦେଲେ,

ସତ୍ୟ ନକହିଲେ, ତତ୍‌କ୍ଷଣାତ୍ ମୁଣ୍ଡ କାଟ ହେବ । ଏଭଳି ନିର୍ମମ ଧମକ ଆଗରେ ଲକ୍ଷେ ବନ୍ଦୀସେନାର ଅଟଳ ନୀରବତା, ନିଜ ଦେଶପାଇଁ, ଜାତିପାଇଁ, ଜାତୀୟ ସମ୍ମାନବୋଧ, ସ୍ୱାଧୀନତା ପାଇଁ, ହସିହସି ହତ୍ୟା ଧମକକୁ ସ୍ୱୀକାର କରିବାର ଅପୂର୍ବ ସାହସିକତା ଦେଖି ଅଶୋକ ଭୟଙ୍କର ଭାବେ କ୍ରୋଧିତ, ଅପମାନିତ ହୋଇଥିଲେ । ଅଜ୍ଞାନ ହୋଇ ପାଗଳପରି ନିରସ୍ତ୍ର ବନ୍ଦୀପ୍ରଜା ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇ ଦେଖୁଥିଲେ ସେହି ଦୃଶ୍ୟକୁ, ଶୁଣୁଥିଲେ ଗଗନପବନ, ପ୍ରକମ୍ପିତ ଗର୍ବାନ୍ୱିତ ସ୍ୱର କଳିଙ୍ଗାର 'ଜୟ କଳିଙ୍ଗ ଜନନୀ କି ଜୟ', 'ଜୟ କାରୁବାକୀ କି ଜୟ', 'ଜୟ କଳିଙ୍ଗ କି ଜୟ' । ସେହି ଲୋହିତ ସିକ୍ତ ଲୋମହର୍ଷଣକାରୀ ଦୃଶ୍ୟ, ପୁଣି ଦେଢ଼ଲକ୍ଷ ବନ୍ଦୀଙ୍କୁ ହତ୍ୟାର ଧମକ ।

ପ୍ରଭାତ ପୂର୍ବରୁ ଏହଭଳି ହତ୍ୟା, ହିଂସ୍ରତାର ଚରମ ମୁହୂର୍ତ୍ତରେ କାଳରାତ୍ରିର ଶେଷ ପ୍ରହରରେ ରାଜକୁମାରୀ କଳିଙ୍ଗକନ୍ୟା କାରୁବାକୀର ନମ୍ର, ନିଷ୍କାମ ଆତ୍ମସମର୍ପଣ, ଲଣ୍ଡିତ ମସ୍ତକରେ, ଗୈରିକ ବସନରେ, ବୌଦ୍ଧ ଭିକ୍ଷୁଣୀ ରୂପରେ ଦେଖି ଅଶୋକ ହତୋତ୍ସାହିତ ହୋଇଥିଲେ । କ'ଣ ଏହି ଲଣ୍ଡିତ ବୌଦ୍ଧ ସନ୍ନ୍ୟାସିନୀର ଆତ୍ମସମର୍ପଣ ପାଇଁ ସେ ଏଭଳି ଗଣ ହତ୍ୟାକାଣ୍ଡ ଘଟାଇଥିଲେ ଲକ୍ଷେ ବନ୍ଦୀଙ୍କ ମୁଣ୍ଡକାଟି ? ଏ କ'ଣ ସେହି ରାଜକୁମାରୀ, ଯାହାର ପ୍ରେମରେ ନିଜକୁ ସମ୍ରାଟ ପଦରେ ପ୍ରତିଷ୍ଠିତ କରିଛନ୍ତି ସେ ନିଜ ହାତରେ ଶହେ ଭାଇଙ୍କୁ ହତ୍ୟାକରି ? କ'ଣ ଏହାରି ପାଇଁ ସେ ଆସିଛନ୍ତି ସୁଦୂର ମଗଧରୁ କଳିଙ୍ଗର ରାଜଧାନୀ ତୋଷାଳୀକୁ ରଣହୁଙ୍କାର ଦେଇ ? ଗୋଟିଏ ସ୍ୱାଧୀନ, ଧର୍ମ ନିରପେକ୍ଷ ରାଷ୍ଟ୍ର ଉପରେ ଯୁଦ୍ଧ ଭଳି ଦାରୁଣ ଦୁଃଖ ଲଦି ଦେଇଛନ୍ତି ? କ'ଣ ସନ୍ନ୍ୟାସିନୀର ପ୍ରୀତିପାଇଁ ଭାଗ୍ୟ ତା'ଙ୍କୁ ବଞ୍ଚେଇ ରଖିଥିଲା ବାରମ୍ବାର ? ସନ୍ନ୍ୟାସିନୀର ପ୍ରୟୋଜନୀତା ବା କ'ଣ ? ସେ ତ ସନ୍ନ୍ୟାସୀଭଳି ବଞ୍ଚିଥିଲେ କୈଶୋରରେ ? କାହିଁକି ଏ ସମ୍ରାଟ ହେବାପାଇଁ ତାଙ୍କର ଏହି ଜୀବନବ୍ୟାପୀ ହିଂସ୍ର ସାଧନା ? କ'ଣ ସନ୍ନ୍ୟାସିନୀକୁ ନେଇ ସେ ଘର ସଂସାର କରିବେ ? ନା ନେଇଯିବେ ମଗଧ ? ମୋର ସମସ୍ତ ଅହଂକାର, ଅହମିକାକୁ ଏ ଯେମିତି ଛଡ଼େଇ ନେଇଛି ଯୋର କରି ? ଅନୁଶୋଚନାରେ ସେ ଅଶ୍ରୁପ୍ଲାବିତ ହେଉଥିଲେ । ଅସହାୟ ମନ ତାଙ୍କର ଭାଙ୍ଗି ପଡୁଥିଲା କାଚଖଣ୍ଡ ପରି । ସେ ଆତ୍ମ ବିସ୍ମୃତ ହେଉଥିଲେ ଦୁଃଖ, ଦୟା, ଦୁଷ୍କର୍ମରେ । ନିଜ ଉପରୁ ନିୟନ୍ତ୍ରଣ ହରାଇ ପ୍ରଳାପ କରୁଥିଲେ, ସଂଜ୍ଞାହୀନ ହେଉଥିଲେ । ଯେମିତି ଜୀବନ ତାଙ୍କର ବ୍ୟର୍ଥ ହୋଇଛି ବିଷୟ ବାସନା, ବ୍ୟର୍ଥ ହୋଇଛି ଯୁଦ୍ଧ ଜିଣିବାକୁ ସମସ୍ତ ଛଳ, ବଳ, କଳ, କୌଶଳ । ଦେବର୍ଷି ନାରଦଙ୍କ ପ୍ରଶ୍ନ ପାଖରେ ଅସହାୟ ଦସ୍ୟୁ ରତ୍ନାକର ପରି ସେ ଉତ୍ତର ପାଉନାହାନ୍ତି ? ଆନ୍ଦୋଳିତ ମନ, ଅବସନ୍ନ ମନ, ନିଃସ୍ୱପ୍ରାଣ ଚେତନାରେ ଅଶୋକ ବଞ୍ଚୁଥିଲେ 'ଜଡବତ୍' । ସେ ମୂକ ପାଲଟି ଯାଇଥିଲେ । ସଂଜ୍ଞା ଫେରିପାଇଲେ ବାଉଳି-ଚାଉଳି ହେଉଥିଲେ । ଯାହାପାଇଁ ତାଙ୍କର ଏଇ ରକ୍ତକ୍ଷୟୀ ନରମେଧ ଯଜ୍ଞ ତା'ର ଏ କି ରୂପ, କି ବେଶ ଭୂଷା, କି ଜୀବନ ? ସନ୍ନ୍ୟାସିନୀ ପାଇଁ ସମ୍ରାଟଙ୍କର ଏ ମହାଯୁଦ୍ଧ, ନୀରବ ଆତ୍ମାହୁତି ପ୍ରତି ମୁହୂର୍ତ୍ତରେ ଚେତନାର କୋଣେ କୋଣେ, ଆତ୍ମାରେ ? ଏହାଠାରୁ ଭଳି ବଡ଼ ଦଣ୍ଡ, କି ଭାଗ୍ୟର ପରିହାସ ଆଉ କ'ଣ ହୋଇପାରେ ? ଏହାକୁ କ୍ରୋଧରେ ହତ୍ୟାକରିବାକୁ କ'ଣ ସେ ଲକ୍ଷେ ଲୋକଙ୍କୁ ହତ୍ୟାକରି କଳିଙ୍ଗ ଆସିଛନ୍ତି ? ଏ ପ୍ରଶ୍ନର ଉତ୍ତର ନଥିଲା । ଏ ପାପର ପ୍ରାୟଶ୍ଚିତ ନଥିଲା । ଜୀବନ ପ୍ରତି ଲୋଭ ନଥିଲା । କ୍ଷମତା ପ୍ରତି ମୋହ ତୁଟି ଯାଇଥିଲା । କିଂକର୍ତ୍ତବ୍ୟବିମୂଢ଼ ହୋଇ ସେ ବଞ୍ଚିଥିଲେ ଅଭିଶପ୍ତ ପିଶାଚ ପରି ।



ମଗଧଠୁ କଳିଙ୍ଗ, ସବୁଠି ମୃତ୍ୟୁର ହାହାକାର । ନରରାକ୍ଷସ ଅଶୋକର ନିନ୍ଦାଗାନ । ତାଙ୍କ ଲାଗି ସବୁଠି ଅଶ୍ରୁ, ଆତଙ୍କ, ଅଭିଶାପର ଯେମିତି ଶେଷ ନାହିଁ । ଏଇଥିପାଇଁ କ'ଣ ସେ ଜନ୍ମ ହୋଇଥିଲେ ? ଜନ୍ମ ଲଗ୍ନରେ ଜୈନ ସନ୍ନ୍ୟାସୀଙ୍କ ହାତଗଢା ତାଙ୍କର ଜାତକ, ତାଙ୍କଠାରୁ ଛଡ଼େଇ ନେଇଥିଲା କୈଶୋରର ସ୍ନେହ, ରାଜ ପରିଚୟ ? ଆଜି ଏ ବୌଦ୍ଧ ସନ୍ନ୍ୟାସିନୀ ତାଙ୍କ ବଞ୍ଚିବାର ଅଧିକାରକୁ ଛଡ଼େଇ ନେଇଛି ?

ରାଜକାର୍ଯ୍ୟ ପ୍ରତି ବିମୁଖ ସମ୍ରାଟ । କେଉଁଥିରେ ଆଗ୍ରହ ନାହିଁ । ଆସକ୍ତି ନାହିଁ । ଅଶୋକଙ୍କର ଅବସାଦପୂର୍ଣ୍ଣ ଅସହାୟତାକୁ ଉପଲବ୍ଧି କରିଥିଲେ କାରୁବାକୀ । ବିଶାଳ ମଗଧ ସାମ୍ରାଜ୍ୟର ସୁରକ୍ଷା, ସୁପରିଚାଳନା, କଳିଙ୍ଗର ପୁର୍ନଗଠନର ଗୁରୁଦାୟିତ୍ୱ ସେ ଗ୍ରହଣ କରିଥିଲେ ଦ୍ୱିତୀୟ ମହାପାଟରାଣୀ ପଦବୀରେ । ଇତିହାସରେ ରାଜା ଚନ୍ଦ୍ରଗୁପ୍ତ, ଖାରବେଳ, ରାଜପୁତ୍ର ଗୌତମ ସନ୍ନ୍ୟାସୀ ହୋଇଛନ୍ତି । ସନ୍ନ୍ୟାସୀ ରାଜା ହୋଇନାହାନ୍ତି । ସନ୍ୟାସିନୀ ପାଟରାଣୀ ହେବା ଏକ ବିରଳ ଘଟଣା । ପାଟରାଣୀର ସ୍ଥାନ ରାଜଅନ୍ତପୁରେ । ସମ୍ରାଟଙ୍କ ବିଚଳିତ ଅବସ୍ଥାରେ ପାଟରାଣୀ ପଦରେ କାରୁବାକୀ ବିଶାଳ ମଗଧ ସାମ୍ରାଜ୍ୟର ଶାସନ ଦାୟିତ୍ୱ ଗ୍ରହଣ କରିବା, ସ୍ୱୟଂ ଶାସିତ କଳିଙ୍ଗରେ ଶାନ୍ତି ପ୍ରତିଷ୍ଠା କରିବା, ଶାସନ ବ୍ୟବସ୍ଥାକୁ ଉଦାର ଧର୍ମ ନିରପେକ୍ଷ ମାନବୀୟ କରିବା ଥିଲା ଗୁରୁତ୍ୱପୂର୍ଣ୍ଣ । ତାଙ୍କରି ଉଦ୍ୟମରେ ଶାସନ ବ୍ୟବସ୍ଥାରେ ଧର୍ମ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା । ଏଇ ତ ସ୍ୱତନ୍ତ୍ରତା । ପଞ୍ଚଶୀଳ ନୀତି, ଧର୍ମ ନିରପେକ୍ଷତା, ବିଦେଶରେ, ସ୍ୱଦେଶରେ ଧର୍ମୀୟ ପ୍ରଚାର, ପ୍ରସାର, ସରକାରୀ ପ୍ରୋତ୍ସାହନରେ । ତାଙ୍କର ଅବଦାନ ଅବିସ୍ମରଣୀୟ । ସମୟ ଚକ୍ରରେ ରାଜା, ବ୍ୟକ୍ତି ବଦଳିପାରେ କିନ୍ତୁ ପ୍ରତିଷ୍ଠିତ ଶାସନ ବ୍ୟବସ୍ଥା ଅସମ୍ଭବ । କ୍ଷମତାସୀନ ସ୍ୱାର୍ଥାନ୍ଧ କ୍ଷମତାଧାରୀମାନେ ଏହାର ବିରୋଧ କରିଥାନ୍ତି । କାରୁବାକୀଙ୍କ ସଫଳତା ଏକ ବିସ୍ମୟ । କାରୁବାକୀ ଅଶୋକଙ୍କ ଯତ୍ନ ନେଇଥିଲେ ତାଙ୍କୁ କୌଣସି କଥାରେ ବାଧ୍ୟ କରିନଥିଲେ । କିଛି ଲଦି ଦେଇନଥିଲେ । ଅଶୋକ ତାଙ୍କର କୌଣସି କଥାକୁ ପ୍ରତିବାଦ କରିନଥିଲେ । ତେଣୁ କଳିଙ୍ଗ ଯୁଦ୍ଧର ଦୀର୍ଘ ଅଢ଼େଇ ବର୍ଷ ପରେ ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ।

ଯେଉଁ କଳିଙ୍ଗର ମାଟିରେ ଅସହାୟ ଅପରିଚିତ ସନ୍ନ୍ୟାସୀ ଅଶୋକ ସମ୍ରାଟର ସ୍ୱପ୍ନ ଦେଖିଥିଲେ, ତାକୁ ସ୍ୱୀକାର କରିଥିଲେ, ଯେଉଁ ମାଟିର ମୋହ, ତାଙ୍କୁ ସମ୍ରାଟରୁ ସନ୍ନ୍ୟାସୀ କରିଦେଇଥିଲା ତାର ସ୍ୱତନ୍ତ୍ରତା ଚିରକାଳ ବିସ୍ମୟ । କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜ୍ଜୁନଙ୍କ ଅସ୍ତ୍ରଧାରଣ, ଅସ୍ତ୍ରତ୍ୟାଗ ପୁଣି ଅସ୍ତ୍ରଧାରଣ । ତୋଷାଳୀରେ ଅଶୋକ ନିରସ୍ତ୍ର, ଅସ୍ତ୍ରଧାରଣ, ଅସ୍ତ୍ରତ୍ୟାଗ । ଏଇ ତ ଅହିଂସମାଟିର ଚମତ୍କାରିତା । ଅହିଂସର ମନ୍ତ୍ର ଫୁଙ୍କୁଚି ଆକାଶ । ଅହିଂସର ଗୀତ ଗାଉଛି ପବନ । ଅହିଂସର ଗୁଣଗାନ କରୁଛି ସମୁଦ୍ର । ଯେଉଁ ନଦୀର ନାଁ ଦୟା ତାର ପୌରାଣିକତା, ଅମରଗାଥା, ଗୌରବର ପ୍ରଭାବରେ ଅଶୋକ ପ୍ରଭାବିତ ହୋଇଥିଲେ । ଏମିତି ନଦୀ କାହିଁ ପୃଥିବୀରେ ? ନାଁ ଯା'ର ''ଦୟା'' । ଯେଉଁ ଦୟାନଦୀ କୂଳରେ ନିର୍ଦ୍ଦୟତା ପ୍ରଦର୍ଶନ କରି ଅଶୋକ ବୃତ୍ତାସୁରଠାରୁ ବଳି ପାପ କରିଥିଲେ, ଲକ୍ଷେ ବନ୍ଦୀ କଳିଙ୍ଗାଃକୁ ଏକତ୍ର ହତ୍ୟାକରି ତାର ପୂତ ପବିତ୍ର ନୀଳ ଜଳଧାରାକୁ ଲୋହିତ ରଙ୍ଗରେ ଲେଲିହାନ କରିଥିଲେ । ସେଇ ପୁଣ୍ୟତୋୟା ଦୟାର ଦିବ୍ୟ ସ୍ପର୍ଶରେ ''ଦେବାନାଂ ପ୍ରିୟ'' ପାଲଟି ଥିଲେ ଅଶୋକ, ଦୟାର ମାହାତ୍ମ୍ୟରେ, ମହାର୍ଘ୍ୟ ଅନୁଭବରେ ଆତ୍ମ ବିସ୍ମୃତ

ହୋଇଥିଲେ ଏହାହିଁ ଦୟାର ଚମତ୍କାରିତା । ଚଣ୍ଡାଳକୁ ଦୟା, ଚଣ୍ଡାଶୋକକୁ ଦୟା, ଦିବ୍ୟ ପ୍ରେମର ଦୟା, ଅହିଂସାର ଦୟା, ଦସ୍ୟୁ ରତ୍ନାକରକୁ ଦୟା ପରି, ବୃତ୍ତାସୁରର ନିଧନ ପାଇଁ ଦଧିଚୀଙ୍କର ଅସ୍ଥିଦାନର ଦୟା ପରି ଚଣ୍ଡାଶୋକର ପାର୍ଥିବ ପତନ ନୁହେଁ  ପବିତ୍ର ପରିବର୍ତ୍ତନ କଳିଙ୍ଗାଃର ରକ୍ତଦାନରେ, ପ୍ରୀତିରେ । ଧନ୍ୟ ଦୟା ଯିଏ ଦେଖିଛି ଅନାସକ୍ତ ଅସ୍ଥିଦାନର ଅଶ୍ରୁ ମଣ୍ଡିତ ଦୃଶ୍ୟକୁ । ଅପରାଜୟ କଳିଙ୍ଗାଃର ରକ୍ତଦାନର ହୃଦୟ ବିଦାରକ ଲୋମହର୍ଷଣକାରୀ ଦୃଶ୍ୟଭୂମିକୁ । ତା'ର ସ୍ୱତନ୍ତ୍ରତା ଏକ ବିସ୍ମୟ । ଲକ୍ଷେ ନରହତ୍ୟାର ପାପରେ ପାପୀ ଅଶୋକଙ୍କୁ ଯେଉଁ ଦୟା ପାପମୁକ୍ତ କରିଥିଲା ତାର ପବିତ୍ରତା ବଡ଼ଦାଣ୍ଡର ଧୂଳି ପରି । ବାଇଶି ପାହାଚର ଉଠାଣି ପରି । ବଡ଼ ଠାକୁରଙ୍କର ଦୃଷ୍ଟି ଭଳି ପବିତ୍ର । କେବେ ସେହି ପୁଣ୍ୟତୋୟାରେ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରିବ ଏ ଜାତି ? କେବେ ସମୂହ ବୁଡଦାନର ପର୍ବ ପାଳିବ ଏ ଜାତିର ଦାୟାଦ ? କେବେ ଆସିବ ସେ ସୁଦିନ ? ପ୍ରଣାମ ପୁଣ୍ୟତୋୟା, ପ୍ରଣାମ । ଏକାମ୍ର ଚରଣ ଚୁମୁଚି ଦୟା । ଶୈବ ତୀର୍ଥ ଲିଙ୍ଗରାଜଙ୍କ ପବିତ୍ର ପୂଜାରିଣୀ ହୋଇ ମନ୍ଦିରର ମୁଖଶାଳା ପରି, ମୁକ୍ତି ଆଗର ମାୟାପରି, ଶ୍ରୀକ୍ଷେତ୍ର ପ୍ରବେଶ ପୂର୍ବରୁ ଏକାମ୍ରର ସ୍ୱର୍ଗୀୟ ସ୍ପର୍ଶ । ଦୟାର ଦିବ୍ୟ ସ୍ପର୍ଶରେ ମଣିଷ ପାଇଛି ପବିତ୍ରତାର ପରିଚୟ ପତ୍ର । ମାୟା ବନ୍ଧନରୁ ସେ ଯେମିତି ଟାଣି ହୋଇ ଯାଉଛି ମୁକ୍ତି ଆଡ଼କୁ । ମିଳନ ମୁଖର ମନ, ଆତ୍ମା ତାର ପୂତ ପବିତ୍ର ପୁଣ୍ୟତୋୟାର ପ୍ରବାହ ଭଳି ପ୍ରବହମାନ, ଅଣଲେଉଟା, ଆସକ୍ତିର ସକଳ ଆକର୍ଷଣ ସତ୍ତ୍ୱେ, ମିଥ୍ୟାମୋହର ବ୍ୟାକୁଳ ପ୍ରଦର୍ଶନ ସତ୍ତ୍ୱେ ମିଳନ  ଆକୁଳ ଆତ୍ମା ତାର ମହୋଦଧିମୁଖୀ ଯାହାର କୂଳରେ ମୁକ୍ତିଧାମ, ସ୍ୱର୍ଗଧାମ, ଯେଉଁଠି ଶେଷ ହୋଇଛି ପାର୍ଥିବ ପରିଚୟର, କ୍ଷଣଭଙ୍ଗୁର ମାୟା ମୋହର । ଧନ୍ୟ ସେ ମାଟି, ମାଟିର ମାୟା, ମାଟିରେ ମୁକ୍ତି । ଚିରନ୍ତନ ମୁକ୍ତି । ଚିରସୁନ୍ଦର ମୁକ୍ତି । ସେ ମୁକ୍ତି ଆଶାରେ, ପ୍ରୀତିରେ, ପ୍ରତୀକ୍ଷାରେ...ପୀଡିତ ପ୍ରାଣ, ପ୍ରଣମ୍ୟ ପ୍ରାଣସତ୍ତା, ପ୍ରାଣୋଚ୍ଛଳ, ପ୍ରଣୟୋଚ୍ଛଳ ପ୍ରାଣସଖୀର ସ୍ନେହରେ ଅଶ୍ରୁରେ ଆନନ୍ଦରେ । ପ୍ରଣାମ ।

## ଆତ୍ମସମର୍ପଣ ପୂର୍ବରୁ ସନ୍ନ୍ୟାସିନୀ ନିଷ୍ପତ୍ତି ବିରଳ

ପ୍ରେମ ଓ ସ୍ୱାଧୀନତାର ମହାଯୁଦ୍ଧ କଳିଙ୍ଗଯୁଦ୍ଧରେ ଆତ୍ମସମର୍ପଣ ପାଇଁ କଳିଙ୍ଗର ରାଜକୁମାରୀ କାରୁବାକୀଙ୍କ ନିଷ୍ପତ୍ତି ଯେମିତି ଅସାଧାରଣ, ହଠାତ୍ ବୌଦ୍ଧଧର୍ମ ଗ୍ରହଣ କରି ଲଣ୍ଡିତ ସନ୍ନ୍ୟାସିନୀ ବେଶରେ ଆତ୍ମସମର୍ପଣ କରିବା ସେମିତି ଅଭୂତପୂର୍ବ । ଅଶୋକଙ୍କ କଳିଙ୍ଗଯୁଦ୍ଧ ନିଷ୍ପତ୍ତି, ତାଙ୍କର ବ୍ୟକ୍ତିଗତ ପ୍ରେମ ଓ ସମ୍ମାନର ମହାଯୁଦ୍ଧ । କଳିଙ୍ଗାଃମାନଙ୍କ ପାଇଁ ସ୍ୱାଧୀନତା ଓ ସମ୍ମାନର ମହାଯୁଦ୍ଧ । ଲକ୍ଷାଧିକ ନିରୀହ ଜନତାଙ୍କ ହତ୍ୟା, ଦେଢଲକ୍ଷ ବନ୍ଦୀଙ୍କୁ ହତ୍ୟା ଧମକ ଦେଇ ସେ ଚାହିଁଥିଲେ କାରୁବାକୀଙ୍କର ସନ୍ଧାନ, ଜୀବନ୍ତ ଓ ମୃତ ଅବସ୍ଥାରେ ପ୍ରାପ୍ତି । କାରୁବାକୀଙ୍କ ଆତ୍ମସମର୍ପଣ ତାଙ୍କର ଗୁରୁତ୍ୱ, ବ୍ୟକ୍ତିତ୍ୱ, ଶକ୍ତି ଓ ପ୍ରୀତିର ସ୍ୱାକ୍ଷର ବହନ କରେ । ଯୁଦ୍ଧରେ କଳିଙ୍ଗର ରାଜା, ମହାସେନାପତିଙ୍କ ମୃତ୍ୟୁ, ମହାରାଣୀଙ୍କ ଆତ୍ମହତ୍ୟାରେ ସେ ବିଚଳିତ ନ ହୋଇ ଯୁଦ୍ଧ ଚଳାଇଥିଲେ ଛଦ୍ମବେଶରେ । ନେତୃତ୍ୱ ନେଇଥିଲେ ମହାଯୁଦ୍ଧର ମହାନାୟିକା ହୋଇ । ଅସାଧାରଣ ତାଙ୍କର ଶକ୍ତି, ସାମର୍ଥ୍ୟ ଓ ନେତୃତ୍ୱ । ଅଶୋକଙ୍କୁ ଭଲପାଉଥିଲେ ସତ କିନ୍ତୁ ସେ ବୁଝିଥିଲେ ଦେଶପ୍ରେମ ପାଖରେ ବ୍ୟକ୍ତିପ୍ରେମର



ସ୍ଥାନ ନାହିଁ । ଦେଶ ବଡ । ଦେଶବାସୀଙ୍କ ସମ୍ମାନ ପାଇଁ ସେ ଅଶୋକଙ୍କୁ ପ୍ରତ୍ୟାଖାନ କରିଥିଲେ । ପ୍ରୀତିର ନିବେଦନକୁ ନୀରବ ସମ୍ମାନ, ସ୍ୱୀକୃତି ଦେଇଥିଲେ । ମହାଯୁଦ୍ଧ ଶେଷରେ ରାଜା, ରାଣୀ, ସେନା ଆତ୍ମସମର୍ପଣ କରିନାହାନ୍ତି । ଆତ୍ମସମର୍ପଣର ସର୍ତ୍ତ ଅଶୋକଙ୍କର ଅଦ୍ଭୁତ । ମୃତ ବା ଜୀବିତ ଅବସ୍ଥାରେ କାରୁବାକୀଙ୍କ ସନ୍ଧାନ ଓ ସାକ୍ଷାତ ସେ ଚାହିଁଥିଲେ ।

ଦେଶ ଓ ଜାତିର ଦାରୁଣ ବିପର୍ଯ୍ୟୟରେ ଭାଙ୍ଗିପଡି ନାହାନ୍ତି ରାଜକୁମାରୀ । ଚାହିଁଥିଲେ ଆତ୍ମହତ୍ୟା କରିପାରିଥାନ୍ତେ । ସେ ତାହା କରିନଥିଲେ । ଆତ୍ମସମର୍ପଣ କରି ନିଜର ଅପୂର୍ବ ସାହସର ପରିଚୟ ସେ ଦେଇଛନ୍ତି । ସେ ଅନୁଭବ କରିଥିଲେ ତାଙ୍କ ମୃତ୍ୟୁରେ ଚଣ୍ଡାଶୋକ ପାଗଳ ହୋଇଯିବେ । ସମସ୍ତଙ୍କୁ ହତ୍ୟା କରି ମହାଭାରତର ନିର୍ମମତାକୁ ବଳିଯିବେ । ଏଭଳି ଘଟଣାକୁ ସେ ରୋକିବାକୁ ନିଷ୍ପତ୍ତି ନେଇଥିଲେ । ଆତ୍ମସମର୍ପଣ ପାଇଁ ସେ ମାନସିକ ଭାବେ ପ୍ରସ୍ତୁତ ହୋଇଥିଲେ, ପ୍ରେମିକ ଚଣ୍ଡାଶୋକର ଧ୍ୱଂସଲୀଳାରୁ ବନ୍ଦୀ ଦେଶବାସୀଙ୍କୁ ରକ୍ଷା କରିବାକୁ । ଅଶୋକଙ୍କ ହୃଦୟର ଅପପାନ କ୍ଷତକୁ ସେ ଅନୁଭବ କରିଥିଲେ । ସେ କିପରି ଅଶୋକଙ୍କ ପ୍ରତି ନିର୍ମମ ବ୍ୟବହାର କରିଥିଲେ, ଘୃଣା କରିଥିଲେ ତାଙ୍କୁ ଭର୍ତ୍ସନା କରିଥିଲେ, ତାଙ୍କର ନିନ୍ଦା କରିଥିଲେ, ସେ ମନେ ରଖିଥିଲେ । ଏତେ ନିନ୍ଦା, ଗାଳି ଶୁଣି କେଉଁ ମଣିଷ ବଞ୍ଚିପାରିବ ନୀରବରେ ? ପୁଣି ସେ ତ ସମ୍ରାଟ । ନାରୀର ଲାଞ୍ଛନା କେଉଁ ପୁରୁଷ ସହିପାରିବ ? ପ୍ରିୟନାରୀର ଲାଞ୍ଛନା, ପ୍ରିୟତମାର ଲାଞ୍ଛନା, ଚିରବାଞ୍ଛିତାର ଲାଞ୍ଛନା କିଏ ସମ୍ଭାଳିପାରିବ ? କେଉଁ ପ୍ରିୟତମ ସହିପାରିବ ଜୀବନସାରା ସେଇ କଠୋର କଥା, କଡା ଅପମାନ, ନିର୍ଦ୍ଦୟ ଅପମାନ, ନିର୍ଘାତ ଅପମାନ, ଇଚ୍ଛାକୃତ ଅପମାନ,ଜୀବନବ୍ୟାପୀ ଅପମାନ ?

''ତୁମର ପରିଚୟ ତୁମେ ନିଜେ । ମୁଁ ତୁମକୁ ଘୃଣା କରେ । କଳିଙ୍ଗର ରାଜକୁମାରୀର ଜନ୍ମ ରାଜକୁମାର ପାଇଁ...କଳିଙ୍ଗର ରାଜକୁମାରୀ ପ୍ରେମ କରିଜାଣେ । ପୁରସ୍କାର ବି ଦେଇଜାଣେ । ତୁମକୁ 'ଜୀବନଦାନ' । ତୁମେ ଚାଲିଯାଅ...''

କଳିଙ୍ଗର ବନ୍ଦୀଶାଳାରେ ଅଶୋକ ମୃତ୍ୟୁଦଣ୍ଡ ପାଇଥିଲେ ଭଲ ହୋଇଥାନ୍ତା । ଅଶୋକ ପଳାତକଭାବେ ସାଧାରଣ ଜୀବନ ବିତେଇ ଅପମାନ ସହି ମରି ଯାଇଥିଲେ ଭଲହୋଇଥାନ୍ତା । ସେ ଯେ ସମ୍ରାଟ ହୋଇଛନ୍ତି ନିଜର ପରିଚୟ ନିଜପାଇଁ ତିଆରି କରିଛନ୍ତି । ଅବୈଧର ଅପମାନରେ ଜଳୁଛନ୍ତି ଜୀବନସାରା । ସେହି ଅପମାନର ଜ୍ୱାଳା ପ୍ରିୟତମାର ପ୍ରୀତି ପ୍ରତ୍ୟାଖାନରେ ଅସହ୍ୟ ... । ଅସହ୍ୟ ପୀଡାରେ ସେ ଛଟପଟ ହେଉଛନ୍ତି । ହିଂସା, ପ୍ରତିହିଂସା, ପ୍ରତିଶୋଧର ପିଶାଚ ପାଲଟି ଯାଇଛନ୍ତି । ସେ ପୀଡା ପ୍ରାଣାନ୍ତକ । ଅବୈଧର ଅପମାନ ପୁଣି ପ୍ରାଣ ସର୍ବସ୍ୱ ପ୍ରିୟତମା ପାଖରୁ.... । ଅସମ୍ଭବ ସେ ଜ୍ୱାଳା । ଯାହାର ପ୍ରଶଂସାରେ ଅଶୋକ ଶତମୁଖ । ତାର ପୀଡାରେ ସେ ଶତଖଣ୍ଡ । ଜୀବନ୍ତ ମୃତ୍ୟୁଦଣ୍ଡ ସେ ଭୋଗୁଛନ୍ତି ।  ତେଣୁ ସେ ଚାହିଁଛନ୍ତି ପ୍ରୀତିପର୍ଣ୍ଣାର ଆତ୍ମସମର୍ପଣ, ପ୍ରୀତିର ନୁହେଁ ଶକ୍ତିର, ଅଶ୍ରୁର ନୁହେଁ ଅସିର । ତେଣୁ ତାଙ୍କର ଏ ଭୟାବହ ମହାଯୁଦ୍ଧ । କଳିଙ୍ଗ ସାମ୍ରାଜ୍ୟ ତାଙ୍କର ଶତ୍ରୁ ନୁହେଁ, କଳିଙ୍ଗବାସୀ ତାଙ୍କର ଶତ୍ରୁ ନୁହଁନ୍ତି । ତେବେ, ରାଜକୁମାରୀର ସଯତ୍ନ ସାୟିତା ଅପମାନକୁ ନେଇ ସେ ମରିପାରିବେନି । ଜୀବଦ୍ଦଶାରେ ବଞ୍ଚିପାରିବେନି ।

ଏଭଳି ଦାରୁଣ ପରିସ୍ଥିତିରେ ରାଜକୁମାରୀ ନିଜ ଭାଗ୍ୟକୁ ଧିକ୍କାର କରୁଥିଲେ । କାହିଁକି ସେ ଏତେ ନିଷ୍ଠୁର ହେଲେ ତାଙ୍କୁ ପ୍ରାଣଭରି ଭଲପାଉଥିବା ପ୍ରିୟତମ ପ୍ରତି ? କ'ଣ ସେ ତାଙ୍କର ଚରିତ୍ର

ଲୁଣ୍ଠନ କରିଥିଲେ ? ନା ବଳାତ୍କାର କରିଥିଲେ ? ନା ବାଧ୍ୟକରି ପ୍ରେମ ଚାହିଁଥିଲେ ? ନା ଜୀବନରେ କ୍ଷମତା ସିଂହାସନର ସ୍ୱପ୍ନ ଦେଖୁଥିଲେ ? ତାଙ୍କର ଚରିତ୍ର କଣ ଖରାପ ? ତେବେ ମୁଁ କାହିଁକି ଏତେ ନିଷ୍ଠୁର ଅପମାନ ଦେଲି ? ନିର୍ଯ୍ୟାତନା ଦେଲି ? ଏ ସବୁ ପାଇଁ ମୁଁ ଦାୟୀ । ଏ ଧ୍ୱଂସଲୀଳାର ଉତ୍ତରଦାୟୀ ମୁଁ । ମୋ ପାଇଁ ଏ ମହାଯୁଦ୍ଧ ପ୍ରେମର, ସ୍ୱାଧୀନତାର, ସମ୍ମାନବୋଧର, ପ୍ରତିହିଂସାର, ପ୍ରତିଶୋଧର । ଏହାର କ'ଣ ଶେଷ ନାହିଁ ?

ମୋ ପାଇଁ ଯେଉଁ ମହାଯୁଦ୍ଧ ତାହାର ସମାପ୍ତି ମୋ ବିନା ସମ୍ଭବ ନୁହେଁ । ଅଶୋକଙ୍କ ସର୍ତ୍ତ ପାଳନ କରିବାର ଦାୟିତ୍ୱ ମୋର । ମୋର ପ୍ରୀତିପାଇଁ, ମୋର ସନ୍ଧାନପାଇଁ, ଲକ୍ଷେ କଳିଙ୍ଗର ନିରୀହ ଜନତା ପ୍ରାଣବଳି ଦେଲେ । ରାତ୍ରି ପ୍ରଭାତ ପୂର୍ବରୁ ମୋର ସନ୍ଧାନ ନ ମିଳିଲେ ପୁଣି ଦେଢଲକ୍ଷ ବନ୍ଦୀଙ୍କୁ ହତ୍ୟା ଧମକ୍ । ଏତେ ବଡ ହତ୍ୟାକାଣ୍ଡର କାରଣ ମୁଁ । ଧିକ୍ ଶତ ଧିକ୍ ମୋର ଜନ୍ମ । ଅନାଥିନୀଭାବେ ମୁଁ ପଡିଥିଲି ରାସ୍ତାରେ । ମୋ'ପ୍ରତି କାହିଁକି କଳିଙ୍ଗରାଜଙ୍କ ଦୟା ହେଲା । ସେ ମୋର ଲାଳନପାଳନ କଲେ । ମତେ ରାଜକୁମାରୀର ମର୍ଯ୍ୟାଦା ଦେଲେ । ମୋର ଜନ୍ମର ପରିଚୟ ଈଶ୍ୱରଙ୍କ ବ୍ୟତୀତ ମୁଁ ଜାଣିନାହିଁ । କେଉଁ ରାଜା ଅନାଥ ଶିଶୁଙ୍କୁ ପାଳନ୍ତି ଯେ ମୋତେ ପାଳିଲେ ରାଜପୁରୀର ବିଭବ ବିଳାସରେ ? ଏତେ ସୌଭାଗ୍ୟ ମୋର ! ପୁଣି ମୋରି ପାଇଁ ଏତେ ବଡ ଯୁଦ୍ଧ, ଏତେ ବଡ ହତ୍ୟାକାଣ୍ଡ ! ମୁଁ କାହିଁକି ବଞ୍ଚିଛି ? ମରିଯାଇଥିଲେ ଭଲ ହୋଇଥାନ୍ତା । ମୁଁ ମହାପାପୀ । ଧର୍ମଶାସ୍ତ୍ରରେ ଅଛି ପ୍ରୀତିପୁଣ୍ୟ । ପ୍ରୀତିଦାନ ମହାପୁଣ୍ୟ । ମୁଁ କାହିଁକି ଏତେ କାର୍ପଣ୍ୟ କୁଣ୍ଠିତ ହେଲି ? ମୋରି ପାଇଁ ମୋର ଦେଶବାସୀ ଦାରୁଣ ଦୁଃଖ ଭୋଗିଲେ । ଏ ଦେହଟା ମୋର ଶତ୍ରୁ । ଏ ଦେହରେ କଣ ଥିଲା ଯେ, ଏହାକୁ ରାଜା ଅନାଥିନୀ ନକରି ଅନାଥାଶ୍ରମରେ ନଛାଡି ରାଜକୁମାରୀର ମର୍ଯ୍ୟାଦା ଦେଲେ ? ରାଜକୁମାରୀର ଦେହଟା ନେଇ ମୁଁ ସ୍ୱପ୍ନ ଦେଖିଲି ରାଜକୁମାରର । ଏ ଦେହର ଦାବିକୁ ଅସ୍ୱୀକାର କରିପାରିଲିନି । ଅଶୋକ ପରି ନିରୀହ, ଅସହାୟ, ଅଜ୍ଞାତ, ଅନାସକ୍ତ କିଶୋର ସନ୍ନ୍ୟାସୀକୁ ମୁଁ ସ୍ୱପ୍ନ ଦେଖାଇଲି, ରାଜକୁମାରର ମର୍ଯ୍ୟାଦା ଦେଲି ମୋ ହୃଦୟଭିତରେ । ପ୍ରିୟତମର ସମ୍ମାନ ଦେଲି, ପ୍ରୀତିର ଲାବଣ୍ୟ କୋମଳ ସ୍ୱର୍ଗୀୟ ଆନନ୍ଦରେ ମୁଁ ଅଭିଭୂତ ହେଲି । ତାଙ୍କ ଆଖିରେ ଆଖିରଖି ମୁଁ ସ୍ୱପ୍ନରାଜ୍ୟରେ ଘୂରି ବୁଲୁଥିଲି । ଅଥଚ ଶେଷରେ ପ୍ରିୟତମର ନିର୍ମଳ କୋମଳ ହୃଦୟକୁ ନିର୍ମମଭାବେ କ୍ଷତବିକ୍ଷତ କଲି । ମୋର କେଉଁ ଅଧିକାର ଅଛି ତାଙ୍କ ଉପରେ ? ତାଙ୍କୁ ଅପମାନ ଦେବାକୁ ? ମୋର ବଂଶ ପରିଚୟ ଜନ୍ମ ଅଜ୍ଞାତ ଜାଣିବି ମୁଁ କେଉଁ ସାହସରେ ତାଙ୍କୁ କହିଥିଲି କଠୋର ଭାବେ ? 'ରାଜକୁମାରୀର ଜନ୍ମ ରାଜକୁମାର ପାଇଁ' ତୁମର ପରିଚୟ ତୁମେ ନିଜେ । ସେ ଅବୈଧ, ମୁଁ ଅବୈଧ । ସେ ଅସହାୟ ପରିତ୍ୟକ୍ତ । ମୋର ସେଇ ଭାଗ୍ୟ । ମୁଁ ଆଶ୍ରିତ । ସେ ଆଶ୍ରିତ ।

ଈଶ୍ୱରଙ୍କ ସୃଷ୍ଟି ଚିରସୁନ୍ଦର, ଅବୈଧ ନୁହେଁ । ପିତାମାତାଙ୍କ କୋଳରୁ ଜନ୍ମନେଇଥିବା ଶିଶୁ ଚିରନ୍ତନ ପ୍ରେମର କଳିକା । ଯାହାର ଯୌବନରେ, ତନୁକାନ୍ତିରେ ଚହଟେ ଚଉଦିଗ, ମହକେ ମୂଳକ ମନଠୁ ହୃଦୟ । ମନ ମଣିଷର ଆଖି, ଓଠ ଛାତିରେ ବୋଳିହୋଇଯାଏ ପ୍ରୀତି, ନେସି ହୋଇଯାଏ ଭୀତି ନୀରବରେ, ନିଥର ଛାତିରେ, ଥିର କମ୍ପନରେ । ଚମକିଯାଏ ଛାତି । ଚମକି ଚାହେଁ ଆଖି । ଚୁପିଚୁପି କହେ ଓଠ, ଛପିଛପି ଦେଖେ ଫେରିବା ଦିନର ବାଟ । ଆଖିରେ କୁହୁକ, ଓଠରେ କୁହୁକୁହୁ ସ୍ୱର । ଓଠତଳେ ମାଂସର କୋଣାର୍କ ଦୁଇ ଯଶୋଧନ,ଐଶ୍ୱର୍ଯ୍ୟ କାଞ୍ଚନ ସ୍ତନ । ଜହ୍ନଭଳି ଜାଜ୍ୱଲ୍ୟମାନ, ମାର୍ବଲଭଳି ମସୃଣ, ଦୁଧସର ଭଳି ଚିକ୍କଣ, କଦମ୍ବଭଳି କୋମଳ, ରେଶମ ଭଳି ମୁଲାୟମ, ବେଲ ଭଳି ବର୍ତ୍ତୁଳ । ତୃପ୍ତନାରୀ ମାଂସର ମସୃଣ ମାଧୁର୍ଯ୍ୟରେ, ସ୍ନିଗ୍ଧ ସୌକୁମାର୍ଯ୍ୟରେ, ମାଂସଳ ମଣ୍ଡିତ ଶାଣିତ ସୌନ୍ଦର୍ଯ୍ୟରେ, ଯୌବନ ସୁନ୍ଦର ଦେହ, ଦୀପ୍ତ କପାଳ, ଉଜ୍ଜ୍ୱଳ ଆଖି, ବଳିଷ୍ଠ ବାହୁ, ବିସ୍ତୃତ ବପୁ, ସୁଗଭୀର ନାଭି, କୃଷ୍ଣ କୋମଳ ତ୍ରିଭୁଜକେନ୍ଦ୍ର ଉପରେ ମସୃଣ ମାଂସର ଲମ୍ବଲଳିତ ବଳରେଖା, ଦେବଶିଶୁର ବାର୍ତ୍ତାବହ । କେତେବେଳେ କୋମଳ କଠିନ, କେତେବେଳେ ଶାନ୍ତ ସ୍ପର୍ଦ୍ଧିତ, କେତେବେଳେ ଉତ୍ତପ୍ତ ଉଦ୍ଦୀପ୍ତ, କେତେବେଳେ ଉଦ୍ଧତ ଅଣାୟତ । ଦୁଇ କୋଣାର୍କକୁ ଛୁଇଁ ସ୍ନିଗ୍ଧ ଲାବଣ୍ୟମୟ ତନୁଦେଶ । ତା ତଳକୁ ସୁନ୍ଦର, ସୁଗଭୀର ନାଭିଦେଶ, କମନୀୟ କଟୀ । ତା ତଳକୁ ଯୌବନର ନଈ, ମାଂସର ପାହାଡ ଫଟେଇ ବହିଛି କୃଷ୍ଣକୁଞ୍ଚିତ କେଶରାଶି ଦେଇ । ସକଳ ଆକର୍ଷଣର କେନ୍ଦ୍ର, ଯୌବନର ଗୋପନର ଗନ୍ତାଘର । କାବ୍ୟମୟ, କୃଷ୍ଣକୋମଳ ତ୍ରିଭୁଜ । ସୃଷ୍ଟିର ପ୍ରବେଶ ଦ୍ୱାର, ଦେହମିଳନର ମୁଖବନ୍ଧ, ମୁଖଶାଳା । ଦେବଶିଶୁର ପାର୍ଥିବ ଧରାବତରଣ ଲାଗି ନବ ସର୍ଜନାର ସୁନ୍ଦର ସ୍ୱାଗତ ତୋରଣ । ସର୍ଜନର ବିଭବ ବିଳାସରେ ଅପୂର୍ବ ତାର ସୁଷମା, ମାଂସର କାରୁକାର୍ଯ୍ୟ, କମନୀୟ ଛଟା, ଯେମିତି ସର୍ଜନ ଶିଳ୍ପୀର ଶେଷ ସ୍ପର୍ଶ । ରଙ୍ଗତୂଳୀ ନାହିଁ, ନିହାଣ ମୁଗୁର ନାହିଁ । ଅଛି ଶିଳ୍ପୀ ହାତର ଯାଦୁ, ସୁନ୍ଦର ମନର ସ୍ୱର୍ଗୀୟ କଳ୍ପନାକୁ ରୂପ ଦେବାକୁ ଅଦମ୍ୟ ଅଭିଳାଷ ସ୍ୱର୍ଗଶିଳ୍ପୀର । କେତେ ସୁନ୍ଦର ମାଂସର ସ୍ନିଗ୍ଧ ସୌକୁମାର୍ଯ୍ୟ, ଲଳିତ ଲାବଣ୍ୟର କୋମଳ ପ୍ରକାଶ । ଶ୍ୱେତ ଆରକ୍ତ ପଦ୍ମର ପୁଷ୍ପିତ ପାଖୁଡା ପରି, କୃଷ୍ଣଶ୍ୟାମଳ ସୁନ୍ଦର, ସମୁଜ୍ଜ୍ୱଳ ଶତଦଳ ପରି, ଆରକ୍ତ କରତଳ ପରି କମନୀୟ, ଲୋଭନୀୟ । ବିଭୋର ଶିଳ୍ପୀ ପ୍ରାଣର ଚିରସୁନ୍ଦର ପ୍ରକାଶ । ନୃତ୍ୟ ଚପଳ ପ୍ରକାଶ । ଯାହାର ସୌନ୍ଦର୍ଯ୍ୟରେ କାମନା କ୍ଳାନ୍ତ, ବାସନା ବୈକୁଣ୍ଠ , ମନ ମନ୍ତ୍ରମୁଗ୍ଧ, ତନୁ ତନ୍ଦ୍ରାଛନ୍ନ ତାର ତୁଳନା ନାହିଁ । ଯେଉଁଠି ନୀରବ ରଙ୍ଗ ତୂଳୀ, ନିର୍ବାକ ନିହାଣ ମୁଗୁର । ନୀରବ ଦ୍ରଷ୍ଟା ଦୁଇ ଆଖି । ଅର୍ଦ୍ଧଉନ୍ମୀଳିତ, ଲଜ୍ଜା ଅବନତ, ବ୍ୟାକୁଳ ବିଭୋର । ପୂଜାରୀର, ପ୍ରିୟତମର, ପ୍ରାଣସଖାର, ମଧୁଶଯ୍ୟାରେ ଆଦ୍ୟ ଅଙ୍କୁରର ଦିବ୍ୟ ଅନୁଭବ । ମୁଗ୍ଧ ଅନୁଭବ । ପ୍ରୀତି ଅନୁଭବ । ଶ୍ୱେତକୃଷ୍ଣ ଶ୍ୟାମଳ ସୌନ୍ଦର୍ଯ୍ୟର ଲୋଭନୀୟ ସ୍ପର୍ଶ ଆଖିରେ, ଆଲୋକରେ, ଏକାନ୍ତରେ, ଗୋପନରେ । ଅନନ୍ତ ଐଶ୍ୱର୍ଯ୍ୟର ଉଚ୍ଛଳ ପ୍ରକାଶ । ପ୍ରାପ୍ତିରେ ଏକାକାର ଉତ୍ସବ ମୁଖର ଦେହ, ମନ, ହୃଦୟ । ସୌନ୍ଦର୍ଯ୍ୟର ଗୋପନ ଗନ୍ତାଘର, ଅନ୍ୱେଷାର ଶୋଷ, ଯୌବନର ରହସ୍ୟ ରୋମାଞ୍ଚ, ସବୁ ଠୁଳ ହୋଇଛି ସେଇଠି ଯେଉଁଠୁ ଆରମ୍ଭ ପାର୍ଥିବ ପରିଚୟ, ଦେହମିଳନର ମଧୁପର୍ବ । ପ୍ରୀତିଦାନର ପୁଣ୍ୟତୀର୍ଥ । ନାରୀଦେହର ଖେଳ ନଦୀଭଳି, ନିର୍ଝର ଭଳି, ନୀଳନୀଳ ସ୍ୱପ୍ନ ଭଳି, ଢଳଢଳ ସୂର୍ଯ୍ୟଭଳି କେତେବେଳେ ଶାନ୍ତ ସୁନ୍ଦର, ଉଷ୍ଣ ଉର୍ମିଳ, ଆନନ୍ଦ ଉଚ୍ଛଳ । କେତେବେଳେ କଠିନ କୃପାଣ, କୃପଣ କାର୍ପଣ୍ୟ, ଅଶ୍ରୁ ଉଚ୍ଛ୍ୱାସ, ଅସରନ୍ତି ରହସ୍ୟର ମାୟାଖେଳ, ନିଆଁର, ନର୍କର, ନିର୍ଯ୍ୟାତନାର । ନଗ୍ନନାରୀ ଉଲଗ୍ନ ପୁରୁଷ । ନଗ୍ନମନ ଉଲଗ୍ନ ଇଚ୍ଛା । ଲଙ୍ଗଳା ଦେହ ନାରୀର,ଫୁଙ୍ଗୁଳା ଦେହ ପୁରୁଷର । ପୁରୁଷ ଦେହରେ ସର୍ଜନର ଅପୂର୍ବ ସମ୍ଭାର ଯାହାର ସୌନ୍ଦର୍ଯ୍ୟରେ ମୁଗ୍ଧ ନାରୀ ତୃପ୍ତ ନାରୀ ତାର ସ୍ପର୍ଶରେ । ତା ଆଖିରେ ଅପୂର୍ବ ଆନନ୍ଦ କୋମଳ ମାଂସର କମନୀୟ କାରୁକାର୍ଯ୍ୟରେ । ମାଂସର ମସୃଣ ମାଧୁର୍ଯ୍ୟରେ, ସ୍ନିଗ୍ଧ ସୌକୁମାର୍ଯ୍ୟରେ, ମାଂସଳ ମଞ୍ଜୁଳ ଶାଣିତ ସର୍ଜନାରେ । ହାତମୁଠାରେ କୋମଳମାଂସର ସ୍ପର୍ଶରେ ଚେତନା ବିସ୍ମୃତ

ନାରୀ । ମିଠାମିଠା ଭାବରେ ନିଠେଇ ଦେଖିବାରେ ମୁଠେଇ ଧରିବାରେ ଆନନ୍ଦ ବିଭୋର ପ୍ରାଣ ଯେମିତି ହାତମୁଠାରେ ଆନନ୍ଦର ଗୋପନ ଉତ୍ସଟିଏ, ଐଶ୍ୱର୍ଯ୍ୟଟିଏ । ଦେହ ମିଳନର ଦିବ୍ୟ ଅନୁଭବରେ ମୁଗ୍ଧନାରୀ ମୃଦୁମନ୍ଦ ସ୍ପର୍ଶରେ ଆପେଆପେ କଠିନ ହେବାର କଳା, କୋମଳ ହେବାର ମୁଗ୍ଧ ଚପଳତା ଦେହମନକୁ ଉଚ୍ଛନ୍ନ କରିଦିଏ ରୋମାଞ୍ଚରେ । ଧନ୍ୟ ପୁରୁଷର ପ୍ରାଣ । ଅପୂର୍ବ ସେ ଅନୁଭବ । ଅପୂର୍ବାର ଆଦ୍ୟ ସ୍ପର୍ଶଭଳି । ସେ ଅନୁଭବର ମହୋତ୍ସବର ଯେମିତି ଶେଷନାହିଁ । ଶିରାରେ ଶିରାରେ ସ୍ନିଗ୍ଧ ଶାଣିତ ଶିହରଣ, କ୍ଷଣିକେ ଆନନ୍ଦ ସାଗରରେ ଲମ୍ଫ ଦେବାକୁ ମେଘ ଭଳି, ନଦୀ ଭଳି, ଜଳପ୍ରପାତ ଭଳି । ସେ କାମନାରେ କ୍ଳାନ୍ତି ନାହିଁ । ସେ ମିଳନରେ ଇତି ନାହିଁ । ପ୍ରୀତି ଅଛି ପୂର୍ଣ୍ଣଚ୍ଛେଦ ନାହିଁ । ତୃପ୍ତି ଅଛି, ତୃଷ୍ଣା ଅଛି, ତନ୍ଦ୍ରା ଅଛି । ବଞ୍ଚିଲା ବାସନା ଅଛି, ବିତୃଷ୍ଣା ନାହିଁ । ଛନ୍ଦିଛନ୍ଦି ମନ୍ଥିଲାଭଳି ,ଖୁନ୍ଦିଖୁନ୍ଦି କୁନ୍ଦିଲାଭଳି କଠିନ କୋମଳ କମ୍ପିତ ଅନୁଭବ, ଆକୁଣ୍ଠ ଅନୁଭବ , ଅକୁଣ୍ଠିତ ଅନୁଭବ । ମହୋତ୍ସବମୟ ସେ ମିଳନ । ମହୋଦଧିମୟ ସେ ମିଳନ । ମହାକାଶମୟ ସେ ମିଳନ । ଅସୀମ ଅନ୍ୱେଷାପୂର୍ଣ୍ଣ, ଅନନ୍ତ ଉଚ୍ଛ୍ୱାସପୂର୍ଣ୍ଣ, ଆବେଗ ଉଲ୍ଲାସପୂର୍ଣ୍ଣ । ଯେମିତି ସେ ଅନ୍ୱେଷାର ଶେଷ ନାହିଁ । ପ୍ରାପ୍ତିର ପରିବର୍ତ୍ତନ ନାହିଁ, ଜାଣିବି ସେ ପ୍ରତ୍ୟାବର୍ତ୍ତନର ପରିସମାପ୍ତି ନାହିଁ । ନିଃସର୍ତ୍ତ ପଥିକ ସେ । ସେ ପଥରେ ବାଧା ନାହିଁ, ବିପଦ ନାହିଁ । ପ୍ରାପ୍ତି ଅପ୍ରାପ୍ତିରେ ଥକିପଡେ ନାହିଁ । ମୁହୂର୍ତ୍ତେ ନିଖୋଜ ହୋଇ ଖୋଜିପାଇବାର ନିଶାରେ ନିମଗ୍ନ । ପ୍ରାପ୍ତି ଆଶାରେ ପ୍ରଲ୍‌ବୁଧ ପଥିକ ଯେମିତି ଦିବ୍ୟ ଆନନ୍ଦ ପାନରେ ବିଭୋର ବିସ୍ମୃତ, ଗୋପନ ଦାନରେ, ଦାନଗ୍ରହୀତାର ପ୍ରତିଦାନରେ । ନୀରବ ନିଥର, ଶାନ୍ତ କୋମଳ ପ୍ରୀତପ୍ରାଣର ସ୍ୱତଃ ସମର୍ପଣ । ଯେମିତି ବିସ୍ମୟ ସେମିତି ବିଭବମୟ । ସକଳ ପ୍ରାପ୍ତିର ସ୍ୱର୍ଗୀୟ ଅନୁଭବଟିଏ । ଅତୁଳ ସମ୍ପଦର ପରମ ପ୍ରାପ୍ତିଟିଏ । ପାର୍ଥିବ ପ୍ରାଣର ପୂର୍ଣ୍ଣ ପରିଚୟଟିଏ । ଯେଉଁଠି ସ୍ୱପ୍ନର ରଙ୍ଗଭୂମିରେ ଜହ୍ନଫୁଲର ଶେଯ, ଚନ୍ଦନବନର ବାସ୍ନା, ଧାନକ୍ଷେତର ଦିଗନ୍ତ, ଦିଗବଧୂର ନୃତ୍ୟବାଦ୍ୟ, ଦୂର ଆକାଶରେ ମେଘର ରୋଷଣି, ଫଗୁଣର କୁହୁତାନ, ସ୍ୱତଃ ଉଷ୍ଣଶୀତ ସ୍ପର୍ଶ, ହାତପାଆନ୍ତାରେ ପ୍ରୀତିମଗ୍ନା ପ୍ରାଣସଖୀ, ପ୍ରିୟତମା, ପ୍ରିୟମ୍ବଦା । ଉଛୁଳି ପଡିବାର ମୁହୂର୍ତ୍ତଏ ଉବୁଟୁବୁ ଆନନ୍ଦରେ । ଦେହମିଳନର ଅନନ୍ୟ ଅନୁଭବରେ, ଅନୁପମ ଅନୁଭବରେ ଆଦ୍ୟ ଆଷାଢର ବାରିପାତ ପରି, ଶିଶିରସ୍ନାତ ଦୂର୍ବାଦଳର ମୁକ୍ତାଭଳି,ଚୁନାଚୁନା ବରଫର ସ୍ନିଗ୍ଧ ଶୀତଳ ସ୍ପର୍ଶଭଳି, ବର୍ଷାଭଳି । ଜହ୍ନଦେହର ଜ୍ୟୋତ୍ସ୍ନାଭଳି । ପ୍ରୀତିପୁଷ୍ପର ପାଖୁଡା ଭଳି । ମିଛିମିଛିକା ନିଖୋଜ ହେବା, ନାଚିନାଚିକା ଧରାପଡିବା ଝରଣା ନଦୀ କୂଳେ । ନୀଳ ଆକାଶ ତଳେ, ଲହରୀ ମାଳେ ମାଳେ ।

ସେଇ ଦେହର ଖେଳ ଏ ଜୀବନ । ଜୀବନର ନାଟକ । ମନ ନାଚୁଥାଏ । ମଣିଷ ନାଚୁଥାଏ । ଜୀବନର ବଂଶୀ ବାଜୁଥାଏ । ମିଳନବଂଶୀ, ମୋହନବଂଶୀ ବାଜୁଥାଏ, ବାଜୁଥାଏ ଦେବଶିଶୁର ଧରାବତରଣଠାରୁ ସ୍ୱର୍ଗାରୋହଣ ଯାଏ । ସେ ବଂଶୀ, ସେ ବଂଶୀ ବାଦକକୁ ଜାଣିବାରେ, ସେ ବଂଶୀର ସ୍ୱର, ସଙ୍ଗୀତ ଶୁଣିବାରେ ସରିଯାଏ ସମୟ, ସରିଯାଏ ଏ ଜୀବନ । ସରେନାହିଁ ସେ ସଙ୍ଗୀତ, ମରେନାହିଁ ସେ ମିଳନ ମୂର୍ଚ୍ଛନା ଦେହମିଳନର, ବିଦେହ ମିଳନର, ବିଭୁପଦ ମିଳନର । ମହାକାଳ ସାଇତି ଥାଏ ସ୍ମୃତିକୁ, ପ୍ରୀତିକୁ,ଏ ପୃଥିବୀକୁ ଫେରିବାର ପ୍ରତିଶ୍ରୁତିକୁ । ଦେବଶିଶୁର ପାର୍ଥିବ ପରିଚୟକୁ, ପଞ୍ଚଭୂତର ମାଟିରେ, ଆକାଶରେ, ପ୍ରକୃତିରେ ।



'ଅବୈଧ' କହି ମୁଁ ପ୍ରେମିକ ଅଶୋକଙ୍କୁ ଆଘାତ ଦେଇଛି । ସେଥିପାଇଁ ମୁଁ ଦାୟୀ । ମୋର ସ୍ପର୍ଶ, ସମର୍ପଣ ବିନା ସମ୍ଭବନୁହେଁ ଚଣ୍ଡାଶୋକର ହୃଦୟ ପରିବର୍ତ୍ତନ । କେମିତି ଆତ୍ମସମର୍ପଣ କରିବି ବୁଝିପାରୁନି । ଅତୀତର ପ୍ରିୟତମ ଅସହାୟ ଅଶୋକ ଆଜି ସମ୍ରାଟ ଅଶୋକ । ମୁଁ ରାଜକୁମାରୀ । ସେ ବିବାହିତ । ବହୁନାରୀଙ୍କ ବାହୁବନ୍ଧନରେ ଜୀବନ ତାଙ୍କର ବର୍ଣ୍ଣିଳ, ବିଭବମୟ, ବିଳାସମୟ । ସେ ମତେ କିଭଳି ସମ୍ମାନ ପ୍ରଦର୍ଶନ କରିବେ ? ମୋ ଉପରେ ପ୍ରତିଶୋଧ ନେବେ ? କେଉଁ ମୁହଁରେ ମୁଁ ଯିବି ? ଅଶୋକଙ୍କୁ ଅପମାନିତ କରି ମୁଁ ମହାପାପ କରିଛି ଏ ଦେହର ଦାବିକୁ ତୁଟାଇ । ଲକ୍ଷେ ଦେଶବାସୀଙ୍କ ମୃତ୍ୟୁର କାରଣ ହୋଇଛି । ଏ ଦେହ ଉପରେ ମୋର କେଉଁ ଅଧିକାର ? ମୋର ମୃତ୍ୟୁ ଲୋଡା । ମୃତ୍ୟୁରେ ମୋ ପାପର ପ୍ରାୟଶ୍ଚିତ ସମ୍ଭବ ନୁହେଁ । ମତେ ଦେହର ଅହଂକାରକୁ ହଟେଇବାକୁ ହେବ । ଯାହାଙ୍କୁ ପ୍ରତ୍ୟାଖାନ କରିଛି ତାଙ୍କ ସହିତ ମୁଁ ପୁନଃମିଳିତ ହେବାରେ କେଉଁ ଗୌରବ ଅଛି । ଏ ଦେହ ମୋର ଶତ୍ରୁ । ଏହାପାଇଁ ମୁଁ ବହୁ କଷ୍ଟ ପାଇଲିଣି । ଏ ଦେହରେ ଏମିତି କଣ ଅଛି ଯେ ମୁଁ ନିଜକୁ ଅହଂକାରରେ ଅନ୍ଧ କରିଦେଲି ? ଅପମାନରେ ତାଙ୍କୁ ଲହୁଲୁହାଣ କରିଦେଲି ? ସେଇ ଅପମାନରେ ସେ ଜଳୁଛନ୍ତି ଜୀବନସାରା ହୁତ୍‌ହୁତ୍ ହୋଇ । ଜୀବନରେ ଧନ, କ୍ଷମତା, ସମ୍ଭୋଗ, ବିଭବ ବିଳାସ ସତ୍ତ୍ୱେ ଜୀବନ ତାଙ୍କର ଅପୂର୍ଣ୍ଣ । କଣ ତାଙ୍କ ସହିତ ଘରସଂସାର କରିବି ? ନା ତାଙ୍କ ଘରସଂସାର ଭାଙ୍ଗିବି ? ମହାରାଣୀ ହେବି ନା ମହାରାଣୀଙ୍କ ସଉତୁଣୀ ହେବି ? ନା ରକ୍ଷିତା ହେବି ନା ତାଙ୍କ କ୍ରୋଧରେ ଧର୍ଷିତା ହେବି ଦ୍ରୌପଦୀଭଳି ? ନା ଏ ପାପୀ ଜୀବନରେ ସୁଖ ସମ୍ଭୋଗର ସ୍ଥାନ ନାହିଁ । ମୋ ପାପର ପ୍ରାୟଶ୍ଚିତ ଲୋଡା । ଏ ସବୁର ତ୍ୟାଗ କରିବାକୁ ମୁଁ ପ୍ରତିଜ୍ଞା କରୁଛି । ନାରୀ ଜୀବନର ସୌନ୍ଦର୍ଯ୍ୟକୁ ବର୍ଜନ କରୁଛି । ରାଜକୁମାରୀର ଗର୍ବ, ଅହଂକାରକୁ ତ୍ୟାଗ କରୁଛି । ତାଙ୍କ ପାଖରେ କ୍ଷମା ମାଗିବା ବ୍ୟତୀତ କଣ କରିପାରିବି ? ମୋ ପରି କଠିନ ହୃଦୟା, କ୍ରୋଧୀ ପାପିନୀକୁ ସେ କଣ କ୍ଷମା କରିବେ ? ମତେ ହତ୍ୟା କରନ୍ତୁ ମୋର ଦୁଃଖ ନାହିଁ । ମତେ ଅନ୍ତତଃ ଜୀବଦ୍ଦଶାରେ କ୍ଷମା କରନ୍ତୁ, ଥରୁଟିଏ ଦୟା କରନ୍ତୁ । ଦଣ୍ଡ ଦିଅନ୍ତୁ ।

ରାଜକୁମାରୀର ବିଭବବିଳାସ, ଶକ୍ତି, କ୍ଷମତାର ଅହଙ୍କାର ନେଇ ଆତ୍ମସମର୍ପଣ କରିବାରେ କେଉଁ ଗୌରବ ଅଛି ? ସେ ଅଧିକାର ମୁଁ ହରେଇଛି । ସଂସାରର ସମସ୍ତ ଆକର୍ଷଣକୁ ତ୍ୟାଗ କରିବାକୁ ସଂକଳ୍ପ କରିଛି । କେମିତି ଯିବି କାମନାରେ ଅନ୍ଧ ସମ୍ରାଟଙ୍କ ପାଖକୁ, ପ୍ରତିହିଂସାରେ ପାଗଳ ପ୍ରେମିକ ସମ୍ରାଟଙ୍କ ପାଖକୁ । ସଂସାରର ଆକର୍ଷଣ ମୋ ପାଇଁ ତୁଚ୍ଛ । ମୁଁ ସନ୍ନ୍ୟାସିନୀ ହୋଇ ଯିବା ଉଚିତ୍ ହେବ । ହିଂସା, କାମନାର ନିଆଁରେ ପବିତ୍ର ଘୃତଭଳି ଜଳିଯାଉ ଏ ଜୀବନ । ନିଶେଃଷ ହୋଇଯାଉ ଏ ଦେହର ଦାବି, ଅନ୍ଧ ଅହଙ୍କାର । ନିରାଶ୍ରୟା ହୋଇ ଜନ୍ମ ହୋଇଥିଲି, ନିରାଶ୍ରୟା ହୋଇଯିବି । ଜଣେ ହିଂସ୍ର ପଶୁପାଖରେ ଆତ୍ମସମର୍ପଣର ଅର୍ଥ ଜୀବନ୍ତ ମୃତ୍ୟୁ । ଏହା ହିଁ ମୋ ପାଇଁ ମଙ୍ଗଳକର । ମହାଶାସ୍ତି ମହାପାପର ।

କଳିଙ୍ଗରେ ଜୈନଧର୍ମ, ବୌଦ୍ଧଧର୍ମର ପ୍ରଭାବ । ମୁଁ କାହାକୁ ଗ୍ରହଣ କରିବି ଜୈନଧର୍ମରେ ଅହିଂସର ଆଦର୍ଶ ପାଳନ ସ୍ୱେଚ୍ଛାକୃତ ମୃତ୍ୟୁ, ଶରୀର କଷ୍ଟ ବରଣ ? ବୌଦ୍ଧଧର୍ମରେ କାମନାର ବିନାଶରେ ଦୁଃଖର ବିନାଶ । 'ବୁଦ୍ଧଂ ଶରଣଂ, ଧର୍ମଂ ଶରଣଂ, ସଂଘଂ ଶରଣଂ'ରେ ଜୀବନର ମୁକ୍ତିପଥ । ସଂଘର ଆଶ୍ରିତ ଏହି ବୌଦ୍ଧ ସନ୍ନ୍ୟାସୀମାନେ ଆହତ ସେନାର ଚିକିତ୍ସାରେ ଲାଗିଛନ୍ତି

ନବ ଜୀବନର ସ୍ପର୍ଶ ଦେଉଛନ୍ତି, କୁଢକୁଢ ଶବ ଭିତରେ ଜୀବନର ସନ୍ଧାନ କରୁଛନ୍ତି । ସେଠାରେ ଶତ୍ରୁ, ମିତ୍ର କେହିନାହିଁ । ଆହତ ମଣିଷର ସେବା ତାଙ୍କର ଶ୍ରେଷ୍ଠ ସାଧନା । ଅହିଂସାର ଶ୍ରେଷ୍ଠ ସାଧନା । ସେଇ ବୌଦ୍ଧଧର୍ମ ମୁଁ ନେବି । ବୌଦ୍ଧସନ୍ନ୍ୟାସିନୀ ମୁଁ ହେବି । କାମନା ତ୍ୟାଗ କରି ଦୁଃଖକୁ ତ୍ୟାଗ କରିବି । ମୋ ପାପର ପ୍ରାୟଶ୍ଚିତ ପାଇଁ ଏହାହିଁ ଶ୍ରେଷ୍ଠ ମାର୍ଗ ।

ଗଭୀର ରାତ୍ରିର ଘନଅନ୍ଧକାର ମଧ୍ୟରେ ଦୁଇ ନାରୀରକ୍ଷୀ ସହ ଅଶ୍ୱପୃଷ୍ଠରେ ରାଜକୁମାରୀ କାରୁବାକୀ ଛଦ୍ମବେଶରେ ବୌଦ୍ଧସନ୍ନ୍ୟାସୀ ଉପଗୁପ୍ତଙ୍କ ଆଶ୍ରମ କୁଟୀର ନିକଟରେ ପହଞ୍ଚିଲେ । ଗଭୀର ରାତ୍ରିରେ କୁଟୀରର ଦ୍ୱାରଦେଶରେ କରାଘାତ କଲେ । ଉପଗୁପ୍ତ ପ୍ରଦୀପ ପ୍ରଜ୍ୱଳିତ କରି ଦେଖିଲେ ନାରୀଟିଏ । ଭିତରକୁ ଡାକିଲେ । ତାଙ୍କ ବିସ୍ମୟର ସୀମା ନ ଥିଲା । କିଏ ଏ ନାରୀ ? ଏତେ ରାତ୍ରିରେ ? କେଉଁ ଉଦ୍ଦେଶ୍ୟରେ ଆସିଛି ? ଅନେକ ଆଶଙ୍କା ତାଙ୍କ ମନରେ ।

ଉପଗୁପ୍ତ : ଦେବୀ ତୁମର ପରିଚୟ । ଏତେ ରାତ୍ରିରେ ଆସିବାର କାରଣ ?

କାରୁବାକୀ : ପ୍ରଣାମ ମହାତ୍ମା ଉପଗୁପ୍ତ ମହାରାଜ । ମୋର ପରିଚୟ ମୁଁ ହଜେଇଦେଇଛି । ମୁଁ ନାରୀ । ନାରୀ ଦୁର୍ବଳା, ଅସହାୟା । ଏହି ପରିଚୟ ନେଇ ଆସିଛି, ମତେ ସାହାଯ୍ୟ କର ।

ଉପଗୁପ୍ତ : ମୁଁ ବୌଦ୍ଧଭିକ୍ଷୁ । ଜଣେ ଭିକ୍ଷୁଠାରୁ ଆପଣ କଣ ଆଶା କରନ୍ତି ? କୁହନ୍ତୁ ସମ୍ଭବ ହେଲେ...

କାରୁବାକୀ : ହଁ, ଭିକ୍ଷା ମାଗିବାକୁ ଆସିଛି ।

ଉପଗୁପ୍ତ : (ଆଶ୍ଚର୍ଯ୍ୟ ହୋଇ) ଭିକ୍ଷା ? ଭିକ୍ଷୁଠାରୁ ! ମୁଁ ବୁଝିପାରୁନି ଦେବୀ ।

କାରୁବାକୀ : ମତେ ଗ୍ରହଣ କର । ମତେ ଆଶ୍ରୟ ଦିଅ । ମତେ ମୋର ପାପକୁ ପ୍ରାୟଶ୍ଚିତ କରିବାକୁ ସୁଯୋଗ ଦିଅ ।

ଉପଗୁପ୍ତ : ହଁ, ଦେବୀ ତୁମକୁ ଭଗବାନ ବୁଦ୍ଧ ଗ୍ରହଣ କରିବେ । ତୁମକୁ ଆଶ୍ରୟ ଦେବେ । ଜୀବନର ଅଭୟ ଦେବେ । ତୁମେ ଯାଅ ପ୍ରଭାତ ହେଲେ ଆସିବ ।

କାରୁବାକୀ : ନା... ସେ ପ୍ରଭାତ ଆସିବା ପୂର୍ବରୁ ଅନେକ ଡେରି ହୋଇଯାଇଥିବ । କଳିଙ୍ଗର ଦେଢ଼ଲକ୍ଷ ବନ୍ଦୀ ଅଶୋକଙ୍କ ହାତରେ ପ୍ରାଣବଳି ଦେବେ ।

ଉପଗୁପ୍ତ : (ବିସ୍ମିତ ହୋଇ) ଦେବୀ ତୁମେ ଏ କଣ କହୁଛ ? ତେବେ ତୁମେ କଣ ?

କାରୁବାକୀ : ହଁ ମୁଁ ସେଇ ହତଭାଗିନୀ କଳିଙ୍ଗର ରାଜକୁମାରୀ କାରୁବାକୀ । ଯାହାର ସନ୍ଧାନ ପାଇଁ ସମ୍ରାଟକଙ୍କ ଏ ନିର୍ମମ ପ୍ରତିଜ୍ଞା ଲକ୍ଷେ ବନ୍ଦୀଙ୍କୁ ହତ୍ୟା କରିବାପରେ ।

ଉପଗୁପ୍ତ : ତୁମେ ବଞ୍ଚିଛ ଦେବୀ । ଭଗବାନ ବୁଦ୍ଧ ତୁମର ମଙ୍ଗଳ କରନ୍ତୁ । ତୁମେ ଫେରିଯାଅ । ତୁମେ ଫେରିଯାଅ । ତୁମର ସନ୍ଧାନ କେହି ପାଇଲେ... ?

କାରୁବାକୀ : କେଉଁଠିକି ଫେରିଯିବି ? ଜୀବନ ବନ୍ଧନ ତୁଟାଇ ମୁଁ ଆସିଛି । ଜୀବନର କାମନା ତ୍ୟାଗକରି ଆସିଛି ତୁମରି ଶରଣାପନ୍ନ ହୋଇ । ମୁଁ ମହାପାପୀ । ମୋ ପାପର...

ଉପଗୁପ୍ତ : କଣ ତୁମର ହୋଇଛି ? କୁହ ଦେବୀ...

କାରୁବାକୀ : ଏ ମହାଯୁଦ୍ଧ, ନରମେଧ ଯୁଦ୍ଧ ପାଇଁ ମୁଁ ଦାୟୀ । ଅଶୋକଙ୍କୁ ଅବୈଧ ରାଜପୁତ୍ର କହି ଅପମାନିତ କରି ତାଙ୍କୁ ଜୀବନସାରା ଦାରୁଣ ଦୁଃଖ ଦେଇଛି । ମତେ ନିବିଡ ଭାବେ



ଭଲପାଉଥିବା ତାଙ୍କର ବହୁବାଞ୍ଛିତା ଠାରୁ ନିର୍ମମ ଅପମାନକୁ ସେ ସହିବା ଅସମ୍ଭବ । ଦାରୁଣ ସେ ପୀଡା । ପୁଣି, ପ୍ରିୟତମାଠାରୁ ଯାହାର ପାଦରେ କଣ୍ଟା ଫୁଟିଲେ ତାଙ୍କ ହୃଦୟରୁ ରକ୍ତ ଛୁଟେ, ଯାହାର ସାମାନ୍ୟ ଦୁଃଖରେ ସେ ଦଧିଚୀ, ତାଙ୍କ ପ୍ରତି ମୁଁ ନିଷ୍ଠୁର ଆଚରଣ କରିଛି । ପ୍ରୀତି ପ୍ରତ୍ୟାଖାନ କରି ଘୃଣାକରି ତାଙ୍କୁ ମୁଁ ଭୟଙ୍କର ଭାବେ ଆଘାତ ଦେଇଛି । ଅସହ୍ୟ ଅପମାନରେ ଉଛନ୍ନ କରିଛି । ମୋ ଉପରେ ପ୍ରତିଶୋଧ ପାଇଁ ତାଙ୍କର ଏ ମହାଯୁଦ୍ଧ, ପ୍ରେମ-ପ୍ରତିଶୋଧର ମହାଯୁଦ୍ଧ, ହିଂସା ପ୍ରତିହିଂସାର ମହାଯୁଦ୍ଧ । କାମନା କ୍ରୂରତାର ମହାଯୁଦ୍ଧ । ଏହାର ଶେଷନାହିଁ । ଏ ଯୁଦ୍ଧର କାରଣ ମୁଁ । ଏ ନରସଂହାରର ମୁଖ୍ୟନାୟିକା । ତେଣୁ ତାଙ୍କର ଏ ସର୍ତ୍ତ ପ୍ରଭାତ ପୂର୍ବରୁ ଜୀବନ୍ତ, ମୃତ ଅବସ୍ଥାରେ ମୋର ସନ୍ଧାନ, ଆତ୍ମସମର୍ପଣ ? ମୋ ପାଇଁ ଏ ମହାଯୁଦ୍ଧ । ମୁଁ ମହାପାପୀ । ମତେ କ୍ଷମାକର । ଉଦ୍ଧାର କର । ମତେ ଆଶ୍ରୟ ଦିଅ । ଅଭୟ ଦିଅ । ମତେ ଦୀକ୍ଷାଦିଅ, ସନ୍ନ୍ୟାସିନୀର ଦୀକ୍ଷା ।

ଉପଗୁପ୍ତ : ତଟସ୍ଥ ହୋଇ ଶୁଣୁଥିଲେ ସେ କାହାଣୀ । ଗୋପନ ସତ୍ୟର ନିର୍ମମ ଇତି କଥା । ରାଜକୁମାରୀ ତୁମେ ଦୀକ୍ଷା ନେବ ଏତେ ରାତ୍ରିରେ ?

କାରୁବାକୀ : ହଁ, ଅହିଂସର ଦୀକ୍ଷା, କାମନା ତ୍ୟାଗରେ ଦୁଃଖ ତ୍ୟାଗର ଦୀକ୍ଷା,ଧର୍ମର ଶରଣାପନ୍ନ ହେବାର ଦୀକ୍ଷା । ଦୀକ୍ଷା ପାଇଁ ହୃଦୟର ଦାବି ଯଥେଷ୍ଟ । ରାତ୍ରି ପ୍ରତିବନ୍ଧକ ନୁହେଁ । ଏ ତ ଉପଯୁକ୍ତ ସମୟ ମତେ ଦୀକ୍ଷା ଦିଅ । ସଂଘରେ ଗ୍ରହଣକର । ମତେ ସନ୍ନ୍ୟାସିନୀ କରିଦିଅ । ମତେ ସନ୍ନ୍ୟାସିନୀ କରି ନେଇଯାଅ ସମ୍ରାଟ ଅଶୋକଙ୍କ ପାଖକୁ । ମୁଁ ଆଉ ଯୁଦ୍ଧ ଚାହେଁନା । ନର ସଂହାରର ପୁନରାବୃତ୍ତି ଚାହେଁନା । ଧ୍ୱଂସଲୀଳା ଚାହେଁନା ।

ଉପଗୁପ୍ତ : ତୁମକୁ ଦେଖିଲେ ! ମୋର ଭୟ ହେଉଛି ।

କାରୁବାକୀ : ମତେ ହତ୍ୟା କରିବେ ଏଇ ଭୟ ? ଏଥିରେ ଭୟ କରିବାର କଣ ଅଛି ? ଏହା ତ ମୋ ପରି ମହାପାପୀର ମହାଭାଗ୍ୟ । ମୋର ମୃତ୍ୟୁରେ ଶାନ୍ତ ହେବ ତାଙ୍କର କ୍ରୋଧ । ଶେଷ ହେବ ଧ୍ୱଂସଲୀଳା । ମତେ ସାହଯ୍ୟ କର ।

ଉପଗୁପ୍ତ : ଏଭଳି ମହାନ ଘଟଣାର ମୂକସାକ୍ଷୀ ଭଳି ସେ ଯେପରି ବିସ୍ମିତ ସେପରି ଭୟଭୀତ ହୋଇଥିଲେ । ସ୍ୱପ୍ନପରି ଲାଗୁଥିଲା ଘଟଣାସବୁ । ଏ କଣ ରାଜକୁମାରୀ ସନ୍ନ୍ୟାସିନୀର ଦୀକ୍ଷା ନେବେ ? ସମ୍ରାଟଙ୍କ ପାଖରେ ଆତ୍ମସମର୍ପଣ କରିବେ ? ଧନ୍ୟ, କଳିଙ୍ଗ ରାଜକୁମାରୀ, ଧନ୍ୟ ତାଙ୍କର ସାହସ, ନିଷ୍ଠା, ଅଧ୍ୟବସାୟ, ଧୈର୍ଯ୍ୟ, ଧୀମତ୍ତା, ଧର୍ମପ୍ରୀତି । ଏପରି ନାରୀ ମୁଁ ଦେଖିନାହିଁ ମୋ ଜୀବଦ୍ଦଶାରେ । ଏ ତ ଶ୍ରେଷ୍ଠ ସାଧିକା ଅହିଂସାର । ଭଗବାନ ବୁଦ୍ଧଙ୍କର ପ୍ରିୟ, ଶ୍ରେୟ, ଗର୍ବ, ଗୌରବ । ରାଜଭୋଗ ବିଳାସ ତ୍ୟାଗକରି ଆସିଥିବା ଏ ଅସାମାନ୍ୟା ରାଜକୁମାରୀର ସାହସ ଦେଖି କୃତକୃତ ହେଉଥିଲେ ମହାତ୍ମା ଉପଗୁପ୍ତ । ସମୟ ସରିଆସୁଛି । ଭଗବାନ ବୁଦ୍ଧଙ୍କ ଶରଣାପନ୍ନ ହେବାକୁ ଶପଥ ପାଠ କରାଇ କାରୁବାକୀଙ୍କୁ ଲଣ୍ଡିତ ମସ୍ତକ, ଗୈରିକ ବସନରେ ଦୀକ୍ଷା ଦେଇ ଅଭିଷିକ୍ତ କଲେ । କାରୁବାକୀ ପରମ ଆନନ୍ଦରେ ଗାଇ ଉଠିଲେ ଉପଗୁପ୍ତଙ୍କ ସହ ''ବୁଦ୍ଧଂ ଶରଣଂ ଗଛାମି, ଧର୍ମଂ ଶରଣଂ ଗଛାମି, ସଂଘଂ ଶରଣଂ ଗଛାମି ।'' କାରୁବାକୀଙ୍କୁ ନେଇ ଉପଗୁପ୍ତ ସମ୍ରାଟ ଅଶୋକଙ୍କ ଶିବିରକୁ ଗଲେ ଆତ୍ମସମର୍ପଣ ପାଇଁ ।

■■

# କଳିଙ୍ଗ ଯୁଦ୍ଧର ଆଲୋକଚିତ୍ର

ଖ୍ରୀ.ପୂ. ୨୬୧ । ମଗଧ କଳିଙ୍ଗ ସମ୍ପର୍କର ଉତ୍‌ଥାନ-ପତନର ରେଖାଚିତ୍ର । ଆର୍ଥିକ ବାଣିଜ୍ୟ, କୂଟନୀତି, ସାମରିକ, ଶାନ୍ତି, ବନ୍ଧୁତ୍ୱ, ରାଜନୀତି, ସମର କୌଶଳ, ଗୁପ୍ତଚରଗିରି । ଅଶୋକ ରାଜ୍ୟ ଅଭିଷେକର ୮ ବର୍ଷ ପରେ କଳିଙ୍ଗ ଅଭିଯାନ । ତେଣୁ ଅଶୋକଙ୍କ ସହିତ କଳିଙ୍ଗର ସମ୍ପର୍କ କିପରି ଥିଲା ? ନିଶ୍ଚୟ ତିକ୍ତମଧୁର । କଳିଙ୍ଗର ପରିଚୟ, ଶକ୍ତିର ,ସମୃଦ୍ଧିର, ସର୍ଜନର । କଳିଙ୍ଗର ଭୟ ଥିଲା ମଗଧର ଶକ୍ତି ବୃଦ୍ଧି ଓ ଦାକ୍ଷିଣାତ୍ୟ ଅଧିକାର । ଦକ୍ଷିଣରେ କଳିଙ୍ଗର କୂଟନୀତି ବ୍ୟର୍ଥ ତଥା ସମଗ୍ର ଭାରତବର୍ଷ ଅଧିକାର କରିବାର ସ୍ୱପ୍ନ ମୌର୍ଯ୍ୟମାନଙ୍କର । ତେଣୁ କଳିଙ୍ଗାମାନେ ଶାନ୍ତିନୀତି ପରି ଯୁଦ୍ଧ ପ୍ରସ୍ତୁତିରେ ଲାଗିଥିଲେ ସ୍ୱାଧୀନତାର ସୁରକ୍ଷା ପାଇଁ । ରାଜଦୂତମାନଙ୍କର ଭୂମିକା, ଦୂତୀମାନଙ୍କର ପ୍ରାଧାନ୍ୟ, ବଣିକ, ସାଧୁ, ସନ୍ନ୍ୟାସୀ, ଗୁପ୍ତଚରଙ୍କ ଗୁପ୍ତତଥ୍ୟ ଆଦାନପ୍ରଦାନ ଥିଲା ଗୁରୁତ୍ୱପୂର୍ଣ୍ଣ । ମଗଧର ରାଜନୈତିକ, ଆର୍ଥିକ, ସାମରିକ ଉତ୍‌ଥାନ ପ୍ରତି କଳିଙ୍ଗର ସତର୍କ ଦୃଷ୍ଟି ଥିଲା । ମଗଧର ମଧ୍ୟ ଦୃଷ୍ଟିଥିଲା କଳିଙ୍ଗ ଉପରେ । ଶୀତଳ ଯୁଦ୍ଧ, ଛାୟା ଯୁଦ୍ଧ ସତ୍ତ୍ୱେ ମୁହାଁମୁହିଁ ସମରକୁ ଏଡେଇ ଚାଲିଥିଲେ ଦୁଇ ଶକ୍ତିଶାଳୀ ରାଜ୍ୟର ରାଜନୀତିଜ୍ଞମାନେ ।

ଅଶୋକଙ୍କ ବ୍ୟକ୍ତିଗତ କ୍ରୋଧ, ଅପମାନର ଗୁପ୍ତ ଶିଖା ତଥା ଛଳଯୁଦ୍ଧର କୌଶଳ ଓ ଦୂରଦୃଷ୍ଟିସମ୍ପନ୍ନ କୂଟନୀତି ପ୍ରତି କଳିଙ୍ଗର ସତର୍କ ଦୃଷ୍ଟି ଥିଲା । କଳିଙ୍ଗ ସୀମାରେ ବିଶାଳ ମୌର୍ଯ୍ୟ ସମ୍ରାଜ୍ୟର ସ୍ଥିତି ଦିନେ କଳିଙ୍ଗର ସ୍ୱାଧୀନତା ପ୍ରତି ବିପଦର କାରଣ ହେବ କଳିଙ୍ଗାମାନେ ଅନୁଭବ କରିଥିଲେ । ସେମାନେ ଅବଗତ ଥିଲେ ମୌର୍ଯ୍ୟମାନଙ୍କର ରାଜ୍ୟ ଲିପ୍‌ସାକୁ ମହାମହିମ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କଠାରୁ ବିନ୍ଦୁସାରଙ୍କ ପର୍ଯ୍ୟନ୍ତ । ଚାଣକ୍ୟଙ୍କ ଚତୁରତାରୁ ବିଦେଶୀ ମହାବୀର ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡରଙ୍କ ମନରେ ଭୀତି ସଞ୍ଚାର କରି ତକ୍ଷଶୀଳାରୁ ଯେପରି ଫେରିଆସିଥିଲେ, ଶକ୍ତିଶାଳୀ ନନ୍ଦରାଜାଙ୍କୁ କ୍ଷମତାଚ୍ୟୁତ କରି ଚନ୍ଦ୍ରଗୁପ୍ତ ଯେପରି ବିଶାଳ ମୌର୍ଯ୍ୟ ସାମ୍ରାଜ୍ୟର ଗଠନ କରିଥିଲେ ତାର ରୋମାଞ୍ଚ ଭରା ଅନୁଭବ, ମୌର୍ଯ୍ୟ ଶକ୍ତି ଓ ସାହସ ସମ୍ବନ୍ଧରେ କଳିଙ୍ଗାମାନେ ଅଜ୍ଞ ନ ଥିଲେ, ଅବଗତ ଥିଲେ । କାରଣ ସୁଦୂର ସମୁଦ୍ରରେ ବର୍ହିବାଣିଜ୍ୟରେ ଦକ୍ଷ କଳିଙ୍ଗାମାନେ ବେଶ୍ ଚତୁର, ବୁଦ୍ଧିମାନ, ଶାନ୍ତି ଓ ଯୁଦ୍ଧପ୍ରିୟ ଥିଲେ । ସାହସୀ ଓ ଶକ୍ତିଶାଳୀ ଥିଲେ ଇଂରେଜମାନଙ୍କ ପରି । ବିଦେଶରେ କଳିଙ୍ଗାମାନେ ଶୈଳେନ୍ଦ୍ର ସାମ୍ରାଜ୍ୟ ଗଠନ କରି ଭାରତରେ ସେମାନଙ୍କର ନିଜସ୍ୱ ଶକ୍ତି



ଓ ସ୍ୱାଭିମାନର ଇତିହାସ ଗଢିଥିଲେ । କେବଳ ସେତିକି ନୁହେଁ ସେମାନେ କଳିଙ୍ଗ ସାଗର ନାମ ଦେଇ ସେମାନଙ୍କର ଆଧିପତ୍ୟକୁ ପ୍ରତିଷ୍ଠା କରିଥିଲେ । ବର୍ହିବାଣିଜ୍ୟ ଲାଗି ସୁଦୂର ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ଇଣ୍ଡୋନେସିଆ, ମାଲେସିଆକୁ ଯାଉଥିଲେ । ଅତୀତରେ କେହି ରାଜା କଳିଙ୍ଗ ସ୍ପର୍ଶ କରିବାକୁ ସାହସ କରି ନଥିଲେ । ତେବେ ନନ୍ଦରାଜ ମହାପଦ୍ମନନ୍ଦଙ୍କ କଳିଙ୍ଗ ବିଜୟ ଘଟଣାର ପୂର୍ଣ୍ଣାଙ୍ଗ ବିବରଣୀ ସମ୍ବନ୍ଧରେ ଇତିହାସ ନୀରବ । ସମ୍ଭବତଃ ସେ ହିଁ ଥିଲେ ଅଶୋକ । କାରଣ ଶକ୍ତିଶାଳୀ ନନ୍ଦ ସାମ୍ରାଜ୍ୟରେ କଳିଙ୍ଗ ପରାଧୀନ ହୋଇଥିଲେ ଚ଼ନ୍ଦ୍ରଗୁପ୍ତ ନନ୍ଦବଂଶକୁ ଧ୍ୱଂସକରି ଏତେ ବଡ ସାମ୍ରାଜ୍ୟର ଅଧିକାରୀ ହେଲେ ଛୋଟ ରାଜ୍ୟ କଳିଙ୍ଗକୁ ଛାଡି ଦେଲେ କେମିତି ? ତେଣୁ ନନ୍ଦ ଯୁଗରେ କଳିଙ୍ଗ ସ୍ୱାଧୀନ ଥିଲା । ତାଙ୍କ ପୁଅ ବିନ୍ଦୁସାର ଅମିତ୍ରାଘାତ ଶତ୍ରୁଶୂନ୍ୟ ଉପାଧି ଗ୍ରହଣ କରି ମଧ୍ୟ ପଡୋଶୀ କଳିଙ୍ଗକୁ ଭୟ କରୁଥିଲେ ଦମ୍ଭ କରିବାକୁ । ତାଙ୍କର ଅବୈଧ ପୁତ୍ର, ରକ୍ଷିତା ପୁତ୍ର ଅଶୋକ କଳିଙ୍ଗରେ ଅପମାନ ପାଇଥିଲେ ମଧ୍ୟ ରାଜସିଂହାସନ ଅଧିକାର କରିବାର ୧୨ ବର୍ଷ ପରେ ରାଜତ୍ୱର କିଳଙ୍ଗ ଯୁଦ୍ଧ କରିବାକୁ ସାହସ ତୀବ୍ର ଅପମାନରେ ପ୍ରତିଶୋଧ ପାଇଁ ୧୨ ବର୍ଷର ଯୁଦ୍ଧ ପ୍ରସ୍ତୁତି, ସତର୍କ କୂଟନୀତି, ଉଷ୍ମ ଶୀତଳ, ସ୍ନିଗ୍ଧ ଶାଣିତ ସମ୍ପର୍କ, ଭାରତ-ପାକିସ୍ତାନ ସମ୍ବନ୍ଧ ଭଳି, କିଛି କମ୍ କଥାନୁହେଁ । ସେ ଜାଣିଥିଲେ ମୌର୍ଯ୍ୟ ସିଂହାସନରେ ରକ୍ଷିତା ପୁତ୍ର ଅଶୋକର ଅଧିକାର ନାହିଁ । ସହଜେ ସେ ମୌର୍ଯ୍ୟ ରାଜବଂଶର ୧୦୦ ଭାଇଙ୍କୁ ହତ୍ୟା କରିଥିଲେ କ୍ରୋଧରେ । ସେ ଥିଲେ ଅବୈଧ ମୌର୍ଯ୍ୟ ସମ୍ରାଟ ଲୋକମୁଖରେ । ତେଣୁ ସମସ୍ତଙ୍କ ଦୃଷ୍ଟିକୁ ଘୃଣା, ସନ୍ଦେହ, ଅବିଶ୍ୱାସକୁ ଏଡେଇ ପ୍ରୀତିଭାଜନ ହେବାକୁ ସେ ପୂର୍ବର ଗୌରବମୟ ପରିଚୟକୁ ଧାରଣ କରିଥିଲେ । ନନ୍ଦବଂଶର ସହାୟତା ପାଇଁ ଶାସନରେ ଓ ବିଦ୍ରୋହ ଦମନରେ ସେ ନିଜକୁ ମହାପଦ୍ମନନ୍ଦ ଭାବେ ଘୋଷଣା କରିଥିଲେ । ମହାପଦ୍ମନନ୍ଦ ଖାରବେଳଙ୍କ ମହାମେଘବାହନ ଉପାଧି ଭଳି ପ୍ରତୀତ ହେଉଛି, ରଜାର ଜନ୍ମଦତ୍ତ ନାମଭଳି ନୁହେଁ । ଅଶୋକ ପ୍ରେମ ଓ ଅହିଂସାର ଆଦର୍ଶ ପାଇଁ ଶତ୍ରୁ ରାଜ୍ୟ କଳିଙ୍ଗକୁ ସ୍ୱାଧୀନତା ଦେଇଥିଲେ, ପୁର୍ନନିର୍ମାଣ କରିଥିଲେ, କେନାଲ ଖୋଳାଇଥିଲେ ରାଜଧାନୀକୁ । ଜୀନମୂର୍ତ୍ତି ନେଇଥିଲେ ମଗଧକୁ । ଶତ୍ରୁ ରାଜ୍ୟର କନ୍ୟାକୁ ବିବାହକରି, କ୍ଷମତା ଦେଇଥିଲେ ଅହିଂସାର ବିଶ୍ୱାସ ପାଇଁ, ବିଜୟ ପାଇଁ । ବିଶ୍ୱକୁ ସେ ତଟସ୍ଥ କରିଦେଇଥିଲେ ତାଙ୍କର କାର୍ଯ୍ୟରେ, ବିଶ୍ୱାସରେ । ନଚେତ୍ ଶତ୍ରୁ ମହାପଦ୍ମନନ୍ଦ କଳିଙ୍ଗ ଅଧିକାର କରି ଧନରତ୍ନ ଲୁଟି କରି କଳିଙ୍ଗ ରାଜଧାନୀରେ ଉନ୍ନୟନ କାର୍ଯ୍ୟ କରିବା, କେନାଲ ଖୋଳାଇବା ବିପୁଳ ରାଜକୋଷ ବ୍ୟୟରେ ସମ୍ଭବ ନୁହେଁ । କାରଣ ଆବଶ୍ୟକତା ଅନୁଯାୟୀ ପୂର୍ବରୁ କଳିଙ୍ଗ ରାଜ କେନାଲ ଖୋଳାଇ ନଥିଲେ ଯେ ଶତ୍ରୁ ଆସି ଖୋଳାଇଲା, ଏହା ଅସମ୍ଭବ । ମୋ ମତରେ ନିଶ୍ଚିତରେ ଅଶୋକ ହିଁ ମହାପଦ୍ମନନ୍ଦ । ଏହା ସତ୍ୟର ନିକଟବର୍ତ୍ତୀ । ଅସ୍ୱୀକାର କରିହେବନି, କରିଥିଲେ ଖ୍ରୀଷ୍ଟପୂର୍ବ ୨୭୩ରୁ ୨୬୧ ଦୀର୍ଘ ୧୨ ବର୍ଷ । ଏତେ ସହଜ ନଥିଲା କଳିଙ୍ଗ ବିଜୟ ।

ଅବ୍ୟାହତ ରହିଥିଲା କଳିଙ୍ଗ ଯୁଦ୍ଧର ପରବର୍ତ୍ତୀ କାଳ ଯାଏ । ଐର ଖାରବେଳ ବିଜ୍ଞ ରାଜ ପରିଷଦଙ୍କ ଦ୍ୱାରା ରାଜା ଘୋଷିତ ହୋଇଥିଲେ ଓ ଖାରବେଳଙ୍କ ରାଜତ୍ୱରେ ମଗଧ ବିଜୟ ଲାଭ ପରେ ରାଜଭୋଗ, ବିଭବ ବିଳାସରୁ ଓହରି ଯାଇ ଆଧାତ୍ମିକ ମାର୍ଗକୁ ବାଛିନେଇ ବିଶ୍ୱ ଇତିହାସରେ ମହାନ୍ ଅଧ୍ୟାୟ ସୃଷ୍ଟି କରିଥିଲେ । ଅଶୋକଙ୍କ କଳିଙ୍ଗ ବିଜୟ ଅସି ଶକ୍ତି ଓ ଅଶ୍ରୁର, ଧ୍ୱଂସ ଲୀଳା ଓ

ଲୁହ ଲହୁର କରୁଣ ବିଜୟ ଥିଲା ଅଥଚ ଖାରବେଳଙ୍କ ମଗଧ ବିଜୟ, କ୍ଷମତା ଓ କ୍ଷମାର ବିରଳ ବିଜୟ ଥିଲା । ଅଶୋକଙ୍କ ପରି ଖାରବେଳ ଯୁଦ୍ଧ ପରେ ହିଂସା ତ୍ୟାଗକରି ହୋଇଥିଲେ ସନ୍ନ୍ୟାସୀ ସମ୍ରାଟ କିନ୍ତୁ ଖାରବେଳ କ୍ଷମତାରୁ ଓହରି ଯାଇଥିଲେ ସ୍ୱଇଚ୍ଛାରେ ଅଥଚ ଅଶୋକ କ୍ଷମତାକୁ ଜାବୁଡି ଧରିଥିଲେ । ଉଭୟେ ନିଜସ୍ୱ ମହିମାରେ ମହମାନ୍ୱିତ ସତ୍ୟ କିନ୍ତୁ ଖାରବେଳଙ୍କ ସ୍ୱତଃ ମହତ୍ତର କ୍ଷମତା ତ୍ୟାଗ ଓ ସନ୍ନ୍ୟାସ ଯୋଗ ମାନବ ଇତିହାସର ଏକ ମହନୀୟ ଘଟଣା, ବିରଳ, ବିଶ୍ୱ ବନ୍ଦନୀୟ । ଏଥି ପୂର୍ବରୁ ସମ୍ରାଟ ଚନ୍ଦ୍ରଗୁପ୍ତ ଜୀବନର ଶେଷ ଭାଗରେ କ୍ଷମତା ଛାଡି ଜୈନଧର୍ମ ଗ୍ରହଣ କରି କର୍ଣ୍ଣାଟକର ଶ୍ରବଣ ବେଲଗାଓଁଠାରେ ଅନାହାର ବ୍ରତରେ ପ୍ରାଣତ୍ୟାଗ କରିଥିଲେ ।

ପ୍ରଥମ ଶତାବ୍ଦୀରେ ୧ ୦ ୦ ଖ୍ରୀଷ୍ଟାବ୍ଦରେ ଖାରବେଳ ଦିଗ୍‌ବିଜୟରେ ବାହାରି ମଗଧ ବିଜୟ ପୂର୍ବରୁ ବିଦେଶୀ ଶକ୍ତିକୁ ତଡିଦେଇ ମଗଧ ବିଜୟ କରିଥିଲେ । ଏହା ପରଠାରୁ କଳିଙ୍ଗୀଃମାନେ ଦୀର୍ଘ ୧ ୫ ୬ ୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱାଧୀନ ରାଷ୍ଟ୍ରଭାବେ ଭାରତ ବର୍ଷରେ ତିଷ୍ଠି ରହିଥିଲେ କିନ୍ତୁ କୌଣସି ପଡୋଶୀ ଦେଶକୁ ଅଧିକାର ନ କରି ନିଜର ଦୂରଦର୍ଶିତା, ତଥା ମହାନ ରାଷ୍ଟ୍ରନୀତିର ପରିଚୟ ଦେଇଥିଲେ । ‘ବସୁଧୈବ କୁଟୁମ୍ବକମ୍’ରେ ବିଶ୍ୱାସ କରି ଆଜିର ଧର୍ମ ନିରପେକ୍ଷ ରାଷ୍ଟ୍ର ଭାବେ କୌଣସି ବାହ୍ୟ ଚାପର ବଶବର୍ତ୍ତୀ ନ ହୋଇ ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିଥିଲେ । ଏହା ଭାରତ କାହିଁକି ସମଗ୍ର ବିଶ୍ୱରେ ବିରଳ ଘଟଣା । ୧ ୫ ୯ ୨ରେ ମୋଗଲ ସମ୍ରାଟ ଆକବରଙ୍କର ହିନ୍ଦୁ ରାଜପୁତ୍ ସେନାପତି ମାନସିଂହ ଓଡ଼ିଶା ଅଧିକାର କରି ଓଡ଼ିଶାର ସମର କୌଶଳର ଭୂୟସୀ ପ୍ରଶଂସା କରିଥିଲେ । ପରବର୍ତ୍ତୀ ସମୟରେ ଇଂରେଜମାନେ ସୁଦୂର ଦାକ୍ଷିଣାତ୍ୟରେ ଇଂରେଜ ଶାସନର ମୂଳଦୁଆ ପକାଇ ଦୀର୍ଘ ୪ ୦ ୦ କି.ମି. ଜଳପଥ ଅତିକ୍ରମ କରି ସୁଦୂର ବଙ୍ଗଳାର ପଲାସୀଠାରେ ଶାସନ ପ୍ରତିଷ୍ଠା କରି ଓଡ଼ିଶାକୁ ସ୍ପର୍ଶ କରିବାକୁ ବ୍ୟର୍ଥ ହୋଇଥିଲେ । ୧ ୭ ୫ ୭ରୁ ୧ ୮ ୦ ୩ ମାତ୍ର ୫ ୩ ବର୍ଷ ମଧ୍ୟରେ ଇଂଗ୍ରେଜମାନେ ସମଗ୍ର ଭାରତ ଅଧିକାର କରି ଶେଷରେ ଓଡ଼ିଶା ଅଧିକାର କରିଥିଲେ, ଆକବରଙ୍କ ପରି । ୧ ୮ ୦ ୩ରୁ ୧ ୮ ୫ ୭ ମାତ୍ର ୫ ୫ ବର୍ଷପରେ ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମର ବିପ୍ଲବ ବହ୍ନି ଜାଳିଥିଲେ ଓଡଶାର ମହାବୀର ସୁରେନ୍ଦ୍ର ସାଏ । ଦୁର୍ଦ୍ଧର୍ଷ ପାଇକ ଯୁଦ୍ଧରେ ପରାହତ ଇଂଗ୍ରେଜ, ଅପମାନ ଜର୍ଜରିତ ଇଂଗ୍ରେଜ ଜାତି ମେଜର ବେଜେଲଗେଟ୍‌ଙ୍କ ଶୋଚନୀୟ ମୃତ୍ୟୁରେ, ମହାବୀର ରଘୁ ଦିବାକରଙ୍କ ଠେଙ୍ଗାମାଡରେ । ଏଥିରୁ ସ୍ୱାଧୀନତା ପ୍ରିୟ ଓଡ଼ିଶାର ଶକ୍ତି ଓ ସାହାସକୁ କଳନା କରାଯାଇପାରେ । ୧ ୮ ୫ ୭ରୁ ୧ ୯ ୪ ୭ ଦୀର୍ଘ ୯ ୦ ବର୍ଷ କାଳ ଇଂଗ୍ରେଜ ଜାତିକୁ ଆତଙ୍କିତ କରିଥିଲେ ଓଡ଼ିଆ ପୁଅମାନେ । ଓଡ଼ିଶାକୁ ଧ୍ୱଂସ କରିବାକୁ ସେମାନେ ଚକ୍ରାନ୍ତ କରିଥିଲେ । ଓଡ଼ିଶାର ସମର ଶକ୍ତିର ପ୍ରତୀକ ପାଇକ ଜାତିକୁ ଭୂମିହୀନ, ଜାଗିରିହୀନ କରି ପଙ୍ଗୁ କରିଦେଇଥିଲେ ଇଂଗ୍ରେଜମାନେ ଚତୁରତାର ସହିତ ଶିକ୍ଷିତ ବଙ୍ଗାଳୀ ଜମିଦାରଙ୍କ ସହାୟତାରେ । ଇଂଗ୍ରେଜମାନେ ଓ ସ୍ୱାଧୀନତା ପରେ ସର୍ବଭାରତୀୟତାର ନାମରେ ଏ ଜାତିକୁ ଅବହେଳିତ, ମୂକ, ବଧିର କରି ରଖିଛନ୍ତି ଏ ଦେଶର ବୁଦ୍ଧିଜୀବୀମାନେ । ଏହାହିଁ ଗଭୀର କ୍ଷୋଭ ଓ ପରିତାପର ବିଷୟ । ଯୁଗଯୁଗ ଧରି ବିଶ୍ୱରେ ‘‘କଳିଙ୍ଗସାଗର’’ ନାଁରେ ପରିଚିତ ମହୋଦଧିର ନାମକୁ କପଟରେ ବଙ୍ଗୋପସାଗର ନାମ ଦିଆଯାଇ ଆମର ଗର୍ବ ଓ ଗୌରବକୁ ଚତୁରତାର ସହ ଲୁପ୍ତ କରାଯାଇଛି ଦୁର୍ବଳ ଯୁବଶକ୍ତି ଓ ଅସହାୟ ବୁଦ୍ଧିଜୀବୀଙ୍କ ନୀରବତାର



ସୁଯୋଗ ନେଇ । ଏହା ହିଁ ଭାଗ୍ୟର ବିଡ଼ମ୍ବନା। ମାଟି କାନ୍ଦୁଛି, କାନ୍ଦୁଛି ମାଟି ଉପରେ ଆକାଶ ।ସ୍ୱାଧୀନତାର ଚେତନାରେ ସିକ୍ତ ଏହାର ମାଟି, ଗୋଡି ଯେଉଁ ମାଟିରେ ମହାତ୍ମା ଗାନ୍ଧୀ ସଂକଳ୍ପ କରିଥିଲେ ଆଣ୍ଟୁ ପିନ୍ଧା ଲୁଗାର ସଂକଳ୍ପ, ଏକ ସ୍ୱାଧୀନ ଭାରତର ସ୍ୱପ୍ନ, ସ୍ୱରାଜର ସମ୍ମାନ, ସମୂହ ଦୁଃଖ ସୁଖରେ ସମଭାଗୀ ହେବାର ମହାନ ସଂକଳ୍ପ । ମହାଭାରତୀୟ ସଂକଳ୍ପ । ସେହି ମହନୀୟ ସଂକଳ୍ପ ଆଜି ମ୍ଳାନ, ଏଇ ସ୍ୱାଧୀନ ଭାରତରେ ଅନଗ୍ରସର ଓଡ଼ିଶା, ଅବହେଳିତ ଓଡ଼ିଆ ପୁଅର ଅଶ୍ରୁ, ଅସହାୟତାରେ । ଗୋଟିଏ ଦୁର୍ଦ୍ଦଶ ସ୍ୱାଧୀନତା ପ୍ରିୟ ବୀରଜାତିର ଦୁର୍ଦ୍ଦର୍ଷ ଦେଖିଲେ ଦୁଃଖ ଲାଗୁଛି ପୂର୍ବପୁରୁଷଙ୍କ ଦାୟାଦ ହୋଇ, ଉତ୍ତର ପୁରୁଷଙ୍କ ପାଖରେ ଉତ୍ତରଦାୟୀ ହୋଇ ।

ଇତିହାସରୁ ଜଣାଯାଏ ଖ୍ରୀଷ୍ଟପୂର୍ବ ୧ ୦ ୦ ୦ରେ ମହାଭାରତ ଯୁଦ୍ଧପରେ ଖ୍ରୀଷ୍ଟପୂର୍ବ ୬ ୦ ୦ରେ ଷୋଡ଼ଶ ଜନପଦ ଭାରତରେ ପ୍ରତିଷ୍ଠିତ ହେଇଥିଲା । ସେମାନଙ୍କ ବାହାରେ କଳିଙ୍ଗ ଭାରତର ପୂର୍ବ ଉପକୂଳରେ ସ୍ୱାଧୀନ ଶକ୍ତିଶାଳୀ ରାଷ୍ଟ୍ରଥିଲା । ଖ୍ରୀଷ୍ଟପୂର୍ବ ୬ ୦ ୦ରୁ ଖ୍ରୀଷ୍ଟପୂର୍ବ ୨ ୬ ୧ ମଧ୍ୟରେ ଦୀର୍ଘ ୩୩୯ ବର୍ଷ ମଧ୍ୟରେ କଳିଙ୍ଗ ଯୁଦ୍ଧଭଳି ମହାଯୁଦ୍ଧ କଳିଙ୍ଗରେ ହୋଇନଥିଲା । ଅବଶ୍ୟ ମୌର୍ଯ୍ୟମାନଙ୍କ ପୂର୍ବରୁ ନନ୍ଦବଂଶର ରାଜା ମହାପଦ୍ମନନ୍ଦ କଳିଙ୍ଗ ବିଜୟକରି କଳିଙ୍ଗରୁ ଜୀନମୂର୍ତ୍ତି ନେଇଯାଇଥିଲେ । ତେବେ ଏହି ବିଜୟର ଧାରା ବିବରଣୀ ଲିପିବଦ୍ଧ ହୋଇନାହିଁ । ଏହାର ଭୟାବହତା ସମ୍ପର୍କରେ ଇତିହାସ ନୀରବ । ତେବେ ଖ୍ରୀଷ୍ଟ ପୂର୍ବ୨୬୧ର କଳିଙ୍ଗ ଯୁଦ୍ଧ ସମ୍ଭବତଃ ଇତିହାସର ଭୟାବହ ରକ୍ତସ୍ନାତ ମହାଯୁଦ୍ଧ ଥିଲା ମହାଭାରତ ଯୁଦ୍ଧପରେ । ଖ୍ରୀ:ପୂ ୨ ୬ ୧ରୁ ୧ ୫ ୬ ୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ ୧ ୭ ୦ ୦ ବର୍ଷଧରି କଳିଙ୍ଗ ସ୍ୱାଧୀନଥିଲା ଯାହାକି ସମଗ୍ର ଭାରତରେ କାହିଁକି ସମଗ୍ର ବିଶ୍ୱରେ ଏକ ବିରଳ ଘଟଣା, ଏକ ବିସ୍ମୟ । ଏତେ କାଳ ପୃଥିବୀର କୌଣସି ଦେଶ ସ୍ୱାଧୀନଭାବେ ତିଷ୍ଠି ରହିପାରି ନାହିଁ ଯାହା କଳିଙ୍ଗାମାନେ ତାଙ୍କର ବୁଦ୍ଧି, ବାହୁ, ବୀରତ୍ୱ ବଳରେ ସମଗ୍ର ବିଶ୍ୱବାସୀଙ୍କୁ ଚକ୍‌ମା ଦେଖାଇ ଦେଇଥିଲେ। ଏଥିପାଇଁ ସେମାନେ ବିଶ୍ୱବନ୍ଦନୀୟ। ଏପରିକି ପରାଧୀନ ଭାରତବର୍ଷରେ ସେମାନଙ୍କର ଲଢୁଆ ପ୍ରବୃତ୍ତି ପାଇଁ, ଇଂରେଜମାନେ ପ୍ରଥମେ କେରଳ, କର୍ଣ୍ଣାଟକ, ତାମିଲନାଡୁ ଜୟକରି ପରେ କଳିଙ୍ଗ ଉପକୂଳ ଅତିକ୍ରମ କରି ସୁଦୂର ବଙ୍ଗଳାର ପଲାସୀଠାରେ ଇଂରେଜ ସାମ୍ରାଜ୍ୟ ନିର୍ମାଣ କରିଥିଲେ । ୧ ୭ ୫ ୭ର ପଲାସୀଠାରୁ ଇଂରେଜମାନେ ସମଗ୍ର ଭାରତକୁ ଅଧିକାର କରି, ୧ ୮ ୦ ୩ ରେ, ଶେଷରେ ଓଡ଼ିଶା ଅଧିକାର କଲେ। ୧ ୮ ୧ ୭ରୁ ୧ ୮ ୨ ୫ ର ଶକ୍ତିଶାଳୀ ପାଇକ ବିଦ୍ରୋହର ନେତୃତ୍ୱ ନେଇ ଖୋର୍ଦ୍ଧାର ସେନାପତି ବକ୍ସି ଜଗବନ୍ଧୁ ଓ ଜୟୀ ରାଜଗୁରୁ ଦୁର୍ଦ୍ଧର୍ଷ ଗରିଲା ଯୁଦ୍ଧଦ୍ୱାରା ଇଂରେଜମାନଙ୍କୁ ଲହୁଲୁହାଣ କରି ଦେଇଥିଲେ । ଚାଷବାସ ତ୍ୟାଗକରି ଜଙ୍ଗଲରେ ରହି ଇଂରେଜ ସହିତ ବିଶ୍ୱପ୍ରସିଦ୍ଧ ଅସହଯୋଗ ଅହିଂସ ଆନ୍ଦୋଳନ ଆରମ୍ଭ କରିଥିଲେ ୧ ୮ ୨ ୦ରେ ତାର ତୁଳନା ନାହିଁ ଯାହାର ପୁନାରବୃତ୍ତି କରିଥିଲେ ମହାତ୍ମାଗାନ୍ଧୀ ୧ ୦ ୦ ବର୍ଷ ପରେ ୧ ୯ ୨ ୦ରେ । ୧ ୮ ୦ ୩ରୁ ମାତ୍ର ୫ ୩ ବର୍ଷପରେ ୧ ୮ ୫ ୭ରେ ଭାରତର ପ୍ରଥମ ସ୍ୱାଧୀନତା ଯୁଦ୍ଧରେ ଅଂଶ ଗ୍ରହଣ କରିଥିଲେ ପୁରୀର ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)। ବହୁ ଚକ୍ରାନ୍ତକରି ଓଡ଼ିଶାକୁ ପଙ୍ଗୁକରି ଦେଇଥିଲେ ବୁଦ୍ଧିଆ ଇଂରେଜମାନେ । ତାର ପରିଣତିରେ ଆଜି ଗୋଟିଏ ସ୍ୱାଧୀନ, ସାହସୀ, ଶକ୍ତିଶାଳୀ ରାଷ୍ଟ୍ରର ସନ୍ତାନମାନେ ପଛୁଆ, ଅବହେଳିତ, ଦରିଦ୍ର ହୋଇ ବିଶ୍ୱ ଦରବାରରେ ଘୋର ଲଜ୍ଜାରେ ମୁଣ୍ଡଟେକି ଚାଲି ପାରୁନାହାଁନ୍ତି ଭାବିଲେ ଆଖିରେ ଲୁହ ଆସିଯାଉଛି ।

ଯେମିତି ଏ ଲୁହ ଶୁଖିବାର ନୁହେଁ । ମହାମନ୍ତ୍ରୀ ସିବେଇ ସାମନ୍ତରାର ସମ୍ମାନ ରଖିବାକୁ ହେଲେ ଆମର ବୁଦ୍ଧିଆ ବରପୁତ୍ର, ବରବଧୂମାନେ ଯାଉଥାଳି ମଝିରୁ ହାତ ପୂରାଇ ଖାଇବାର ଲୋଭ ଛାଡନ୍ତୁ । ବୁଢ଼ାବୁଢ଼ୀଙ୍କ ବୁଦ୍ଧିରେ ବାଟ ଚାଲନ୍ତୁ । ଯେଉଁମାନେ ଏ ଜାତିକୁ ନୀଳବର୍ଣ୍ଣ ଶୃଗାଳ ପରି ହତଶ୍ରୀ କରି ଲୁଣ୍ଠନ କରୁଛନ୍ତି ସମ୍ପଦକୁ, ସ୍ୱାଭିମାନକୁ; ସେମାନଙ୍କୁ ଆମ ଅତୀତର ପରିଚୟ ଦେବାକୁ ସମୟ ଆସିଛି । ବର୍ତ୍ତମାନକୁ ଅସ୍ୱୀକାର କରି ଭବିଷ୍ୟତକୁ ଗଢିବାକୁ , ଖଣ୍ଡିତ ଭାରତକୁ ଯୋଡିବାକୁ କ୍ରାନ୍ତିର ଆହ୍ୱାନ ଆସିଛି ।

## କଳିଙ୍ଗ ଯୁଦ୍ଧ ବିରଳ

ବିଶ୍ୱ ଇତିହାସରେ କଳିଙ୍ଗ ଯୁଦ୍ଧ ଯେମିତି ରୋମାଞ୍ଚକର ସେମିତି ଲୋମହର୍ଷଣକାରୀ । ଏହାର ଐତିହାସିକ ଗୁରୁତ୍ୱ ମାନବ ଜାତି ପାଇଁ ଚିରସ୍ମରଣୀୟ । ଏହାର ବର୍ଣ୍ଣନା ଅଶୋକଙ୍କ ନିଜସ୍ୱ ଶିଳାଲେଖରେ ଯେପରି ସଂକ୍ଷିପ୍ତ ସେହିପରି କଳିଙ୍ଗାଃ ମାନସପଟରେ ବିସ୍ମୃତ । ଏହି ଯୁଦ୍ଧର ବିସ୍ତୃତ ବିବରଣୀ ଆଜି ମଧ୍ୟ ପ୍ରତ୍ୟେକ କଳିଙ୍ଗାଃ ମାନସପଟରେ ଅସ୍ପଷ୍ଟ, ଏହା ହିଁ ବିଡ଼ମ୍ବନା । କଳିଙ୍ଗ ଯୁଦ୍ଧ କିଭଳି, କେଉଁକେଉଁ ସ୍ଥାନରେ, କେଉଁ ମାସରେ ଘଟିଥିଲା ? ରଣକ୍ଷେତ୍ରର ଧ୍ୱଂସଲୀଳା କେତେ ଭୟାବହ ଥିଲା ? ତାର ମୂକସାକ୍ଷୀ ଦୟାନଦୀର ନୀଳ ଲୋହିତ ଜଳଧାରା, ଧଉଳିର ବଣ, ପାହାଡ଼, ମାଟି, ଗୋଡ଼ି, ପାଣି, ପବନ, ଆକାଶ ଓ ମହାକାଶ । ରଣାଙ୍ଗନର ଆଲୋକଚିତ୍ରକୁ ଧରିରଖିଛି, ଶବ୍ଦକୁ ସାଇତି ରଖିଛି ମହାଶୂନ୍ୟ । ଏହି ଯୁଦ୍ଧକୁ ପ୍ରାଚୀନ କାଳରେ ସୁନ୍ଦରୀ କ୍ଲିଓପାଟ୍ରାଙ୍କ ପାଇଁ ଟ୍ରୟନଗରୀ ଯୁଦ୍ଧ, ଶିଖମାନଙ୍କର କାଲୁଘର ଯୁଦ୍ଧ, ମରାଠାମାନଙ୍କ ପାଇଁ ତୃତୀୟ ପାନିପଥ ଯୁଦ୍ଧପରି ଭୟାବହ ଥିଲା ।

ଖ୍ରୀ.ପୂ. ୧୦୦୦ ମହାଭାରତ ଯୁଦ୍ଧପରେ କଳିଙ୍ଗାମାନେ ପ୍ରଥମକରି ମଗଧ ସହିତ ମହାଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ ଖ୍ରୀ.ପୂ. ୨୬୧ରେ । ମହାଭାରତ ଯୁଦ୍ଧକୁ କଳିଙ୍ଗର ରାଜା ଯୁଦ୍ଧହସ୍ତୀ, ମଲ୍ଲଯୋଦ୍ଧା ଓ କଳିଙ୍ଗ ସେନା ପଠାଇଥିଲେ ଦୁର୍ଯ୍ୟୋଧନର ସହାୟତା ପାଇଁ । କଳିଙ୍ଗାଃମାନେ ଉତ୍ତର ପଶ୍ଚିମ ସୀମାନ୍ତର ଦୁର୍ଦ୍ଧର୍ଷ ଉପଜାତି ଭଳି, ଆଫଗାନ୍ ଯୋଦ୍ଧାଭଳି ସେମାନଙ୍କର ସାହସ ଓ ବୀରତ୍ୱ ପାଇଁ ଚିରକାଳ ପ୍ରଶଂସିତ ।ଏପରିକି କଳିଙ୍ଗ ରାଜ୍ୟ ଦୁର୍ଯ୍ୟୋଧନର ଇନ୍ଦ୍ରପ୍ରସ୍ଥ ଆଧୁନିକ ଦିଲ୍ଲୀଠାରୁ ବହୁଦୂରରେ ଶକ୍ତିଶାଳୀ ଦୁର୍ଗମ ସ୍ୱାଧୀନ ରାଜ୍ୟଥିଲା । ତେଣୁ ପାଣ୍ଡବମାନେ ଦୁର୍ଯ୍ୟୋଧନର କ୍ଷମତା ଲିପ୍‌ସାକୁ ଧ୍ୱଂସ କରିବାକୁ, ପଶାଖେଳରେ ସର୍ବସ୍ୱ ହରାଇ ଅଜ୍ଞାତବାସ ପରେ ରାଜ୍ୟ ଫେରି ପାଇବାର ଆଶାରଖି ନିରାପଦ ଆଶ୍ରୟସ୍ଥଳ ବାଛିଥିଲେ ବିରାଟ ରାଜ୍ୟକୁ, କଳିଙ୍ଗ ସାମ୍ରାଜ୍ୟର ପ୍ରାଦେଶିକ ରାଜ୍ୟକୁ ।

ବଣ ପାହାଡ଼ ଘେରା ଦୁର୍ଗମ ସ୍ଥଳଭାଗ, ନଦୀ, ନାଳ, ହ୍ରଦ, ସମୁଦ୍ର ସଂଯୁକ୍ତ ବିଶାଳ ଜଳଭାଗ ପାଣ୍ଡବଙ୍କ ଅଜ୍ଞାତବାସ ପାଇଁ ପ୍ରକୃଷ୍ଟ ସ୍ଥାନ ଥିଲା ଦୁର୍ଯ୍ୟୋଧନର ରକ୍ତ ଲୋଲୁପ ଆଖିରୁ ଲୁଚି ରହିବାକୁ । ପଶାଖେଳରେ ୧୨ ବର୍ଷର ବନବାସ ସର୍ତ୍ତପରେ ୧ ବର୍ଷର ଅଜ୍ଞାତବାସର ସର୍ତ୍ତ, ଦୁର୍ଯ୍ୟୋଧନର କ୍ଷମତା ଲୋଭ, ରାଜ୍ୟଲିପ୍‌ସାର ଭୟାବହ ଦୂରଭିସନ୍ଧି ବୁଝାପଡେ । ବିରାଟ ରାଜ୍ୟର



ଶକ୍ତି, ସାହସ ଓ ସ୍ୱାଧୀନତା ପ୍ରିୟ କଳିଙ୍ଗାଃର ଦୁର୍ଦ୍ଧର୍ଷ ମାନସିକତା ,ମହାଭାରତରେ ତାର ବର୍ଣ୍ଣନା ଜୀବନ୍ତ । ଦୁର୍ଯ୍ୟୋଧନର ଦୁଃସାହସ ଗୋଧନ ହରଣ ପ୍ରୟାସ । ସାମାନ୍ୟ ଗୋଧନ ହରଣ ପ୍ରୟାସକୁ ସ୍ୱାଧୀନତାପ୍ରିୟ କଳିଙ୍ଗାମାନେ (ବିରାଟ ରାଜ୍ୟର) ବରଦାସ୍ତ କରି ନ ଥିଲେ । ଯେଉଁ ସମୟରେ ପ୍ରବଳ ପ୍ରତାପୀ ରାଜା ଦୁର୍ଯ୍ୟୋଧନ ଅନ୍ୟ ରାଜାମାନଙ୍କର ମନରେ ଭୀତି ସଞ୍ଚାର କରୁଥିଲେ ।

ସେ ସମୟରେ ରାଜା ବିରାଟ ଦୁର୍ଯ୍ୟୋଧନର ବିଶାଳ ସୈନ୍ୟଶକ୍ତି, ରଥୀ, ମହାରଥୀ ଆଗରେ ଯୁଦ୍ଧପାଇଁ ନିଜପୁତ୍ର ଉତ୍ତରକୁ ପଠାଇଥିଲେ ବୀରଦର୍ପରେ ସେନାପତିକରି । ଯୁଦ୍ଧର ପରିଣତିକୁ ଭ୍ରୂକ୍ଷେପ ନ କରି, ପାଣ୍ଡବଙ୍କ ସହାୟତା ବିନା ଦୁର୍ଯ୍ୟୋଧନକୁ ଶାସ୍ତିଦେବାକୁ । ତେବେ ଏହି ଯୁଦ୍ଧରେ ଛଦ୍ମବେଶୀ ପାଣ୍ଡବମାନେ ସେମାନଙ୍କର ପକୃତ ପରିଚୟ ଗୋପନରଖି ଭାଗ ନେଇଥିଲେ ବିଭିନ୍ନ ବିଭାଗରେ ନୃପତିଙ୍କ ଅନୁମତିରେ । ରଣକ୍ଷେତ୍ରରେ ନୃତ୍ୟଗୁରୁ ବୃହନ୍ନଳା ଅର୍ଜୁନ ଭାଗ ନେବାକୁ ରାଜାଙ୍କୁ ମିନତି କରିଥିଲେ, ସେନା ଓ ସେନାପତିଙ୍କ ପଥକ୍ଲାନ୍ତି, ରଣକ୍ଲାନ୍ତି ମେଣ୍ଟିବାକୁ ନୃତ୍ୟଗୀତରେ ଆମୋଦିତ କରିବାକୁ । ଭୀମ ପାକଶାଳାରେ ସେନାଙ୍କ ଭୋଜନ ପ୍ରସ୍ତୁତି, ନକୁଳ ଓ ସହଦେବ ଅଶ୍ୱମାନଙ୍କର ଯତ୍ନ, ଅସୁସ୍ଥଙ୍କ ସେବା, ବିଶ୍ୱସ୍ତ ଯୁଧିଷ୍ଠିର ଯୁଦ୍ଧ ଖବର ପାଇ ରଣଭୂମିକୁ ଯାଇଥିଲେ । ପାଣ୍ଡବମାନେ ସେମାନଙ୍କ ସାଧନା ସିଦ୍ଧ ଅସ୍ତ୍ରଶସ୍ତ୍ରର ଶକ୍ତି ପରୀକ୍ଷା, କୌରବଙ୍କ ଅସ୍ତ୍ର ଶକ୍ତିର ଆକଳନ, ରଣ କୌଶଳ, ସର୍ବୋପରି କଳିଙ୍ଗ ସେନାର ରଣ କୌଶଳ, ଶକ୍ତି ଜାଣିବାକୁ ଯୁଦ୍ଧରେ ଭାଗ ନେଇଥିଲେ । କୌରବ ଶକ୍ତି ବିରୁଦ୍ଧରେ କଳିଙ୍ଗ ଶକ୍ତି ଓ ପାଣ୍ଡବ ଶକ୍ତିର ପରୀକ୍ଷାସ୍ଥଳୀ ଏହି ବିରାଟ ଯୁଦ୍ଧ ଥିଲା ମହାଭାରତ ଯୁଦ୍ଧର ପ୍ରଥମ ପର୍ବ ଯାହାର ଶେଷ ପର୍ବ ଅନୁଷ୍ଠିତ ହୋଇଥିଲା ହରିଆନାରେ ବ୍ୟାସ ସରୋବର ନିକଟରେ କୁରୁକ୍ଷେତ୍ରରେ । ଏହି ମହାଭାରତ ଯୁଦ୍ଧରେ ଭୀଷ୍ମ, ଦ୍ରୋଣ,କର୍ଣ୍ଣ, ଶଲ୍ୟ, ଅଶ୍ୱତଥାମା, ଦୁଃଶାସନ, ଦୁର୍ଯ୍ୟୋଧନ ପ୍ରଭୃତି ଓ ଅର୍ଜୁନ, ଉତ୍ତର ପ୍ରଭୃତି ମଲ୍ଲ ମହାଯୋଦ୍ଧା, ରଥୀ, ମହାରଥୀ ସେନା ସମାରୋହ ଅଭୂତପୂର୍ବ । କଳିଙ୍ଗ ମାଟିରେ ଏହା ହିଁ ମହାଭାରତର ପ୍ରଥମ ମହାଯୁଦ୍ଧ, ମହାଭାରତ ଯୁଦ୍ଧ, ରାମାୟଣ ଯୁଦ୍ଧ ପରେ । ଏହି ମହାସମରରେ କଳିଙ୍ଗାମାନେ ବିଜୟୀ ହୋଇଥିଲେ । ପାଣ୍ଡବମାନେ ଯୁଦ୍ଧ ଶେଷରେ ପ୍ରକୃତ ପରିଚୟ ଦେଇଥିଲେ । ବିରାଟ ରାଜା ଦୁର୍ଯ୍ୟୋଧନକୁ କ୍ଷମା କରିଥିଲେ । ବନ୍ଧୁତା ପର୍ବ ଆରମ୍ଭ ହୋଇଥିଲା । ଏହି ଯୁଦ୍ଧର ବିଶେଷତ୍ୱ ଏହି ଯେ କଳିଙ୍ଗା ଓ ପାଣ୍ଡବମାନେ କୌରବ ଶକ୍ତିକୁ ଚକ୍‌ମା ଦେଖାଇଥିଲେ ରଣ କୁଶଳ ଶ୍ରୀକୃଷ୍ଣଙ୍କ ଅନୁପସ୍ଥିତିରେ । କଳିଙ୍ଗର ଜନଗଣ ସମର କୁଶଳ ଥିଲେ ନିୟମିତ ସେନାର ନିର୍ଭର ଯୋଗ୍ୟ ଚକ୍ରବ୍ୟୁହ ଭଳି । ଯୁଦ୍ଧ ଭୟାବହତାର ତୀବ୍ରତା ଦେଖି ସେନାପତି ଉତ୍ତର ସେବାରତ କର୍ମଚାରୀମାନଙ୍କୁ ଓ ସେବକ ପାଣ୍ଡବମାନଙ୍କର ଆଗ୍ରହ ଲାଗି ନିର୍ଦ୍ଦେଶ ଦେଇଥିଲେ ପର୍ଯ୍ୟାୟକ୍ରମେ ଯୁଦ୍ଧରେ ଅଂଶ ଗ୍ରହଣ କରିବାକୁ । କଳିଙ୍ଗାମାନଙ୍କର ମଲ୍ଲଯୁଦ୍ଧ, ଅସି ଯୁଦ୍ଧ, ଅର୍ଜୁନଙ୍କ ଧର୍ନୁଯୁଦ୍ଧ, ଭୀମଙ୍କ ଗଦାଯୁଦ୍ଧରେ ସ୍ୱାଧୀନତା ପ୍ରିୟ କଳିଙ୍ଗର ମାଟିଗୋଡି, ପାହାଡ଼ ପର୍ବତ, ପାଣି ପବନ, ଆକାଶ ମହାକାଶ ପ୍ରକମ୍ପିତ ହୋଇଉଠିଥିଲା ।

ଏହି ମହାଯୁଦ୍ଧ ପୂର୍ବରୁ ଦୁର୍ଯ୍ୟୋଧନ କଳିଙ୍ଗର ବିରାଟ ରାଜ୍ୟରୁ ଗୋଧନ ହରଣର ଭୟାବହତା ଉପଲବ୍ଧି କରି ନିଜ ସାଥିରେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଶଲ୍ୟ, ଦୁଃଶାସନ ପ୍ରଭୃତି ରଥୀ, ମହାରଥୀ, ବିଶାଳ ସେନା ସହ କଳିଙ୍ଗ ଆସିଥିଲେ । ଏହି ମହାଭାରତ ଯୁଦ୍ଧ ଘଟିଥିଲା କଳିଙ୍ଗରେ ଓ ମଗଧର

ସୀମାନ୍ତରେ । ରକ୍ତସ୍ନାତ ମାଟି, ମହୋଦଧି, ଆକାଶରୁ ମହାକାଶ ଦିବ୍ୟ ଅସ୍ତ୍ରଶସ୍ତ୍ରର ପ୍ରୟୋଗରେ, ଆଲୋକର ଝଲକରେ । ସମଗ୍ର ମହାଭାରତରେ ମହାଶକ୍ତିଶାଳୀ କୌରବ ରାଜା ଦୁର୍ଯ୍ୟୋଧନଙ୍କୁ ଚ୍ୟାଲେଞ୍ଜ କଲାଭଳି ରାଜା ନ ଥିଲେ,ରାଜ୍ୟ ନ ଥିଲା, ଥିଲେ କଳିଙ୍ଗାମାନେ, ଥିଲା କଳିଙ୍ଗର ମାଟି, ଗୋଡି । କଳିଙ୍ଗର ମାଟିଥିଲା ପ୍ରଥମ ମହାଯୁଦ୍ଧର ମହାଭାଗ୍ୟ ମହାଭାରତରେ । ବିଦେଶ ମାଟି ଲଙ୍କାଭୂମିରେ ରାମ ରାବଣର ମହାଯୁଦ୍ଧ ପରେ ଭାରତରେ କଳିଙ୍ଗ ମାଟିରେ ଲଢିଥିଲେ ଭାରତୀୟମାନେ ପ୍ରଥମ ମହାଭାରତ ଯୁଦ୍ଧ । ସାମାନ୍ୟ ଗୋଧନ ହରଣ ଲାଗି, ଗୋଧନ ସମ୍ମାନ ଲାଗି ସ୍ୱାଧୀନତା ପ୍ରିୟ କଳିଙ୍ଗାର ସ୍ୱାଭିମାନ, ଶକ୍ତି ଓ ଶୌର୍ଯ୍ୟର ପରିଚୟ ଯେମିତି ଗୌରବମୟ ସେମିତି ଉଦାର ମାନବୀୟ ଚେତନାରେ ମହିମାମୟ । ମହାବଳୀ ମହାରାଜା ଦୁର୍ଯ୍ୟୋଧନ ସମେତ ସମଗ୍ର କୌରବ ସେନାକୁ ବନ୍ଧନ ମୁକ୍ତକରି ଦୟା,କ୍ଷମାର ଯେଉଁ ଆଦର୍ଶ ଇତିହାସ ସୃଷ୍ଟି କରିଥିଲେ କଳିଙ୍ଗାଃମାନେ ତାର ପଟାନ୍ତର ନାହିଁ ବିଶ୍ୱ ଇତିହାସରେ, ସମଗ୍ର ଆର୍ଯ୍ୟାବର୍ତ୍ତରେ । ଦଣ୍ଡକାରଣ୍ୟରେ ରାମଚନ୍ଦ୍ର, ସୀତା, ଲକ୍ଷ୍ମଣ ସମୟ କାଟିଥିଲେ ଦେବଭୂମି କଳିଙ୍ଗରେ । ଏହାର ଦିବ୍ୟଶୋଭା, ସମ୍ପଦରେ ମୁଗ୍ଧ ଚକିତ ହୋଇଥିଲେ । ଏହି ଦେବଭୂମିରେ ପାଣ୍ଡବମାନେ ଦିବ୍ୟ ଅସ୍ତ୍ରର ସନ୍ଧାନଲାଗି ସାଧନା କରିଥିଲେ, ପରେ କଳିଙ୍ଗ ରାଜକନ୍ୟା ଚିତ୍ରାଙ୍ଗଦା ଦୁର୍ଯ୍ୟୋଧନଙ୍କ ପତ୍ନୀ ହେବାର ଗୌରବ ଲାଭ କରିଥିଲେ । ସ୍ୱର୍ଗକୁ ଅର୍ଜୁନ ଯାଇଥିଲେ । ଅର୍ଜୁନ ବିରାଟ କନ୍ୟା ଉତ୍ତରାକୁ ବିବାହ କରିଥିଲେ । ଏହି ଦେବଭୂମିରେ ଶ୍ରୀକୃଷ୍ଣଙ୍କ ସତ୍ତା ଦ୍ୱାରକାରୁ ଦାରୁମୂର୍ତ୍ତି ଜଗନ୍ନାଥ ରୂପେ ପୂଜା ପାଇଥିଲେ । ଏହି ଦେବଧାମରେ ଖ୍ରୀ.ପୂ. ୨୦୦ ରେ ଶଙ୍କର ଗୋବର୍ଦ୍ଧନ ପୀଠ ସ୍ଥାପନ କରିଥିଲେ । ସବୁଧର୍ମ,ମତର ସାଧୁ, ସନ୍ଥ, ସନ୍ନ୍ୟାସୀ ପୁରୁଷୋତ୍ତମ କ୍ଷେତ୍ର ପୁରୀକୁ ଆସିଥିଲେ । ଏହି କଳିଙ୍ଗରେ ଗୃହଯୁଦ୍ଧ, ଶତ୍ରୁଭୟ ନଥିଲା । କଳିଙ୍ଗର ଜନପଦରେ ଉଦାର ଆତିଥେୟତାରେ ମୁଗ୍ଧହୋଇ ଏହାକୁ ଉପଯୁକ୍ତ ଅଜ୍ଞାତ ସ୍ଥଳଭାବେ ବାଛିଥିଲେ ପାଣ୍ଡବମାନେ । ଏଠାରେ ଦିବ୍ୟ ଅସ୍ତ୍ର ଲାଗି ସାଧନା ମଗ୍ନ । କଳିଙ୍ଗର ଶାନ୍ତି,ସ୍ଥିରତା, ଶକ୍ତି, ଶୌର୍ଯ୍ୟ, ସ୍ୱାଧୀନତା ପ୍ରିୟ, ସ୍ୱାଭିମାନର ଧାରା ମହାଭାରତ ଯୁଗରୁ ମୌର୍ଯ୍ୟଯୁଗ ଯାଏ,୧୦୦୦ଖ୍ରୀ.ପୂ ରୁ ୨୬୧ ଖ୍ରୀ.ପୂ, ଦୀର୍ଘ ୭୦୦ ବର୍ଷଧରି ଅବ୍ୟାହତ ଥିଲା । ଏଠାରେ ଆତିଥେୟତାରେ ମୁଗ୍ଧ ହୋଇଥିଲେ ଅଶୋକ । କ୍ଷମାର ଏହି ମହନୀୟ ଚେତନାର ଝଲକ ମହାଭାରତର କାହାଣୀ,କଥାରୂପରେ ଅଶୋକ ରାଜପରିବାରରେ ଅବଗତ ହୋଇଥିଲେ ବାଲ୍ୟକାଳରେ । କଳିଙ୍ଗାଃର ଶକ୍ତି, ଶୌର୍ଯ୍ୟ, ବୀରତ୍ୱର ଗାଥା ମହାଭାରତ ପରି ଶୁଣିଥିବେ ନିଜର ପିତା, ପିତାମହଙ୍କ ମୁଖରୁ । ପାଣ୍ଡବମାନଙ୍କ ଭଳି ଅଶୋକ କଳଙ୍ଗକୁ ଆସିଥିଲେ ଆତ୍ମଗୋପନ ପାଇଁ, ଆଶ୍ରୟ ପାଇଁ ଅଥଚ ଯାଇ ନଥିଲେ ସୁଦୂର କାନ୍ଦାହାର ବା ଇରାନ ବା ନେପାଳକୁ ।

ମହାଭାରତର ପ୍ରଥମ ମହାଯୁଦ୍ଧ, ପ୍ରଥମ ମହାଭାରତ ଯୁଦ୍ଧ ହିଁ ପ୍ରଥମ କଳିଙ୍ଗ ଯୁଦ୍ଧ ଦୁର୍ଯ୍ୟୋଧନ ଓ ବିରାଟ ମଧ୍ୟରେ । ଯାହାର ପରିଣତି ଥିଲା କ୍ଷମତାର ବିଜୟ ଉପରେ କ୍ଷମାର ବିଶ୍ୱକଲ୍ୟାଣୀୟ ବିଜୟ, ବିଶ୍ୱବନ୍ଦନୀୟ ବିଜୟ । ସେହି ବିଜୟ ବାର୍ତ୍ତାର ବାର୍ତ୍ତାବହ ଥିଲେ କଳିଙ୍ଗାଃମାନେ । ଅଶୋକଙ୍କ ସହ କଳିଙ୍ଗ ଯୁଦ୍ଧରେ ଯେଉଁ କ୍ଷମାର ବିଜୟ ଘଟିଥିଲା ତାହା ଥିଲା ସ୍ୱାଧୀନତା ପ୍ରିୟ କଳିଙ୍ଗାଃମାନଙ୍କର ବୀରୋଚିତ ଆତ୍ମବଳିଦାନ ଓ ପରମା ସୁନ୍ଦରୀ କଳିଙ୍ଗ କୁମାରୀ କାରୁବାକୀଙ୍କ ପ୍ରେମଦାନର ପବିତ୍ର ଉପହାର । ହୃଦୟର ପ୍ରୀତି ବିନିମୟ ପାଖରେ ପାଶବ ଶକ୍ତିର ପବିତ୍ର ପୁଷ୍ପିତ



ପରିବର୍ତ୍ତନ ଚିର ଅମ୍ଳାନ । ପ୍ରୀତି ପଣ୍ୟ ନୁହେଁ,ପୁଣ୍ୟ । ପୁଣ୍ୟତୋୟା ଭଳି, ପୂର୍ଣ୍ଣିମା ଭଳି ଫାଲଗୁନ୍ ଭଳି । ଚିରସୁନ୍ଦର ପକ୍ଷୀର ଚିରସବୁଜ ଉପତ୍ୟକା, ସୀମାହୀନ ସ୍ୱାଧୀନତା, ସ୍ୱାଭିମାନର ଦୂରନ୍ତ ଦିଗବଳୟ । ତେଣୁ ପାଷାଣ ପ୍ରାଣରେ ପାବନୀର ପାବନ ପ୍ଲାବନ ପାଇଁ ପ୍ରେମମୟୀ କାରୁବାକୀ ମାଗି ନ ଥିଲେ ମଗଧର ସାମ୍ରାଜ୍ୟ, ମହାରାଣୀ ପଦବୀ କିମ୍ବା ମୁକ୍ତା ଖଚିତ ସ୍ୱର୍ଣ୍ଣିମ ସିଂହାସନ । ପଣତ କାନିରେ ସେ ଭିକ୍ଷା ମାଗିଥିଲେ ବୌଦ୍ଧଭିକ୍ଷୁଣୀର ବେଶରେ ତ୍ୟାଗର ମହାମନ୍ତ୍ରରେ ଅଭିମନ୍ତ୍ରିତ ହୋଇ । ସେ ଭିକ୍ଷା ଥିଲା, ଅସିର ଅହଂକାର ପାଖରେ ଅହିଂସର ଅଶ୍ରୁସଜଳ ଭିକ୍ଷା, କ୍ରୂରତା ପାଖରେ କରୁଣାର କୃପାଜଳ ଭିକ୍ଷା । ଦାନବ ପାଖରେ ଦେବୀର ଦିବ୍ୟସୁନ୍ଦର ହୃଦୟର ଭିକ୍ଷା, ପ୍ରାଣସଖୀ ପାଖରେ ପ୍ରିୟତମର ପ୍ରୀତିସିକ୍ତ ନିଃସର୍ତ୍ତ ଆତ୍ମ ସମର୍ପଣର ଅଶ୍ରୁ ଉଚ୍ଛ୍ୱାସ ପ୍ରେମର ଭିକ୍ଷା, କେଉଁ ପ୍ରିୟତମା ସମ୍ଭାଳିପାରିବ ? କେଉଁ ପ୍ରିୟତମ ସମ୍ଭାଳିପାରିବ ? ପ୍ରାଣସର୍ବସ୍ୱ ପ୍ରାଣସଖୀ ପାଖରେ, ଦୁଃଖରେ ବତୁରା ତା'ର ଓଠରେ, କାନ୍ତି ଓ କରୁଣାରେ ସମୁଜ୍ଜ୍ୱଳ ତାର ଆଖିରେ ଯିଏ ଯେତେ ଜ୍ଞାନ, ଧନ, କ୍ଷମତାର ଅଧିକାରୀ ହୋଇଥାଉନା କାହିଁକି ? କିଏ ଏଡେଇ ପାରିବ ତାର କ୍ଷମା ସୁନ୍ଦର ହୃଦୟର ଭିକ୍ଷାକୁ, ଭାଷାକୁ, ଭିକ୍ଷା ତ ନୁହଁ ଅଦମ୍ୟ ଅଧିକାରକୁ, ଅସମ୍ଭବ ଆଧିପତ୍ୟକୁ, ଦିବ୍ୟ ପ୍ରେମରସରେ ଦ୍ରବୀଭୂତ ହୋଇ ଦିବ୍ୟପ୍ରେମ ଭାବରେ ଭାବବିଭୋର ହୋଇ, ଯେ ଅଶୋକ ଏଡାଇ ଦେଇଥାନ୍ତେ ପ୍ରାଣସଖୀର ଅଶ୍ରୁସଜଳ ଆଖିର କରୁଣା କମ୍ପିତ କୃଷ୍ଣକମଳ, କାନ୍ତିକୋମଳ କଟାକ୍ଷକୁ, ନୀରବ ସମ୍ମୋହନର ଚାହାଣି, ଚାଲିକୁ, ଲାବଣ୍ୟମୟୀର ସ୍ନିଗ୍ଧ ସୌନ୍ଦର୍ଯ୍ୟର ସୌକୁମାର୍ଯ୍ୟକୁ । ଅଶୋକ ଚାପି ଧରିଥିଲେ କାରୁବାକୀର ପଲ୍ଲବିତ କରପଲ୍ଲବକୁ, ଚାହିଁ ରହିଥିଲେ ଦୋଳିତ ଲମ୍ବିତ ଦୁଇ ଓଢଣୀକୁ । ଅଶ୍ରୁଧାରେ ଦୀପ୍ତ ଦୁଇ ସ୍ତନମଣ୍ଡଳକୁ, ମୁକ୍ତା ଭଳି ଢଳଢଳ ମୁଖ ମଣ୍ଡଳକୁ । ବିଚିମାଳା ପରି ଉଛୁଳି ଉଛୁଳି, ଉଛୁଳି ପଡିଥିଲେ ଅସମ୍ଭାଳ ହୋଇ ଅଶୋକ କାରୁବାକୀର କପାଳରେ, କୃଷ୍ଣଘନର ଭ୍ରମ ଭାଙ୍ଗି, ମେଘଫାଙ୍କରେ, ସୂର୍ଯ୍ୟମୁଖୀର ସ୍ୱର୍ଣ୍ଣିମ କପାଳରେ ପ୍ରେମିକ କବିର ବୋକଟିଏ, ଆଙ୍କିଦେଲେ ଚିବୁକ ଉପରେ ଚୁମାଟିଏ, ଚୂନାଚୂନା ଢେଉର ଚିହ୍ନ, ଅଜସ୍ର ଉଚ୍ଛ୍ୱାସର ସ୍ଫଟିକ ବିନ୍ଦୁସବୁ ଚିକ୍‌ଚିକ୍ ଦିଶୁଥିଲେ । କାରୁବାକୀର କୋମଳ କଟୀରେ ଆସାଡ୍ ହୋଇଯାଇଥିଲେ ଅଶୋକ । ନିର୍ବାକ, ନିରୁତ୍ତର ଅଶୋକ, ନିରୁପମ ଅଶୋକ, ଯେତେବେଳେ ଶୁଣିଲେ ସର୍ବକ୍ଷମାର ସ୍ୱର, ଚିର ସ୍ୱାଧୀନତାର ସ୍ୱର, କଳିଙ୍ଗର ହୃତ ଗୌରବର ସ୍ୱର, ଚିରଶାନ୍ତିର ସ୍ୱର, ଚିରନ୍ତନ ଜୀବନର ସ୍ୱର । ପରାଧୀନ ପ୍ରାଣସଖୀ ଯେ ? ପ୍ରାଣ ତାଙ୍କର ଫାଟି ପଡୁଥିଲା ଦୁଃଖରେ, ଦୟାରେ, ଦିବଙ୍ଗତମାନଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳିରେ । ଯାହାପାଇଁ ତାଙ୍କର ଏହି ଭୀଷଣ ଯୁଦ୍ଧ, ଭୟାବହ ନରସଂହାର, ଲୋମଟାଙ୍କୁରା, ଲୋମହର୍ଷଣକାରୀ ଜୀବନରେ ଜଲ୍ଲାଦ ପାଲଟି ଯାଇଛନ୍ତି, ଯାହାଙ୍କ ପାଇଁ ସେ ଲହୁ-ଲୁହାଣ ହୋଇ ବହୁ ଧନଜନ କ୍ଷୟରେ ଧ୍ୱଂସଲୀଳା ଦେଖି ବଞ୍ଚିରହିଛନ୍ତି, ସେ ଆଜି ପରାଧୀନ । ବିଜିତ ପ୍ରାଣ ତାଙ୍କର ପରାଧୀନ ପ୍ରାଣସଖୀ ପାଖରେ ଯେମିତି ବିଶାଳ ଶିଳାଖଣ୍ଡ ପାଖରେ ମଥା ପିଟୁଥିବା ବୀଚିମାଳା । ତାଙ୍କର ବିଜୟଶ୍ରୀ ଶ୍ରୀହୀନ, ଅଜସ୍ର ସେନା, ହାତୀ, ଘୋଡା, ମୁକୁଟ, ସିଂହାସନ ଅଥଚ ସ୍ୱାଗତ ଉତ୍ସବରେ କିଏ ତାଙ୍କର ବନ୍ଦନା କରିବ ? ତାଙ୍କ ହୃଦୟର ବନ୍ଦନା କରିବ ? କିଏ ପ୍ରଦୀପ ପ୍ରଜ୍ୱଳିତକରି ସମ୍ବର୍ଦ୍ଧନା କରିବ ? କିଏ ଭାଗନେବ ହୃଦୟ ମିଳନର ଭବ୍ୟ ସମାରୋହରେ ? କଣ ଆହତ, ପୀଡିତ, ଅସହାୟ କଳିଙ୍ଗଃର ବୃଦ୍ଧବୃଦ୍ଧା, ଅନାଥ ଶିଶୁ,

ଅଶ୍ରୁମୁଖୀ ବିଧବାଗଣ ? ନା ପୂତିଗନ୍ଧମୟ ଶବମାଳାର ଅସଂଖ୍ୟ ନରକଙ୍କାଳର ନଗ୍ନ ଲୁଣ୍ଠିତ କଳେବର ? ପରାଜିତ କଳିଙ୍ଗା ପରାଧୀନ ପ୍ରାଣସଖୀ । ପରାହତ ତାଙ୍କର ପ୍ରାଣ । କଳିଙ୍ଗ ବିଜୟ, ବିଜୟନୁହେଁ କାରୁବାକୀ ବିନା । ପରାଧୀନ ପ୍ରୀତିସ୍ପଦାର ହୃଦୟ ବିଜୟଲାଗି ସେ ନୀରବ ସମ୍ମତି ଦେଇଥିଲେ । ପରମ କଲ୍ୟାଣୀୟା କୋଳରେ ମଥାରଖି ନିଃସର୍ତ୍ତ ସମର୍ପଣ ମୁଦ୍ରାରେ ମୋହିତ ଅଶୋକ । ସମ୍ଭାବନାର କଅଁଳ ପତ୍ରଭଳି ସ୍ୱର୍ଣ୍ଣିମ ସୂର୍ଯ୍ୟୋଦୟର ସକାଳ, ପୂର୍ଣ୍ଣତୋୟା ଦୟାର ଦିଗଧାରେ ଦେଖୁଥିଲେ ପ୍ରଣୟୀ ଯୁଗଳ । ପରମା ସୁନ୍ଦରୀ ପ୍ରକୃତି ରାଣୀର ଅରୁଣ ଉଷାର ଆଶାନ୍ୱିତ ଛବି, ଅମ୍ଳାନ ଆନନ୍ଦରେ ଆଲୋକର ଉତ୍ସ, ସବୁଜ ବନଭୂମିରେ ଝରିଝରି ପଡୁଥିବାର ବିମୋହନ ଦୃଶ୍ୟରେ ବିସ୍ମିତ. ବିମୋହିତ ପ୍ରୀତପ୍ରାଣ । ଅଶୋକ ଆନନ୍ଦ-ମଗ୍ନ କବିଭଳି ପଢୁଥିଲେ ଦୟା, କ୍ଷମା, କରୁଣାର କବିତା କାରୁବାକୀର ଆଖିରେ ଆଖିରଖି, ହାତରେ ହାତରଖି । ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି ।

■■



# କଳିଙ୍ଗ ଯୁଦ୍ଧର ସମ୍ଭାବ୍ୟ କାରଣ

କଳିଙ୍ଗ ସାମ୍ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ଯାଏ ବିଶାଳ ସାମ୍ରାଜ୍ୟ, ମୌର୍ଯ୍ୟ ସାମ୍ରାଜ୍ୟ ସୁଦୂର ଆଧୁନିକ ଆଫ୍‌ଗାନିସ୍ଥାନର ହିନ୍ଦୁକୁଶ ପର୍ବତ ମାଳାଠାରୁ କଳିଙ୍ଗ ସୀମା ଯାଏ ବିଶାଳ ସାମ୍ରାଜ୍ୟର ଏକମାତ୍ର ଶକ୍ତିଶାଳୀ ପଡୋଶୀ ରାଷ୍ଟ୍ର ଭାବେ ମଗଧର ହୃତ୍‌କମ୍ପ ସୃଷ୍ଟି କରୁଥିଲା । କଳିଙ୍ଗାମାନେ ମହାଭାରତ ଯୁଗରୁ ଏକ ସୁଗଠିତ, ଶକ୍ତିଶାଳୀ, ଶାନ୍ତିକାମୀ ରାଷ୍ଟ୍ର ଭାବେ ପ୍ରସିଦ୍ଧ ଥିଲେ ଅଥଚ ମୌର୍ଯ୍ୟମାନଙ୍କ ଇତିହାସ ଥିଲା ମାତ୍ର ଦୁଇ ପୁରୁଷରଏକଶତ ବର୍ଷର ଇତିହାସ ଯାହାକୁ ନିର୍ମାଣ କରିଥିଲେ ଅଶୋକଙ୍କ ପିତାମହ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, କୂଟନୀତି ବିଶାରଦ ଚାଣକ୍ୟଙ୍କ ସହାୟତାରେ ନନ୍ଦବଂଶକୁ ସମୂଳେ ଧ୍ୱଂସକରି । ଶକ୍ତିଶାଳୀ ନନ୍ଦବଂଶ ଭଳି ଦିନେ ମୌର୍ଯ୍ୟମାନେ ମହାଭାରତର କ୍ଷଣ ଭଙ୍ଗୁର ମାଟିରେ ମିଶିଯିବେ, ସେହି ଆଶଙ୍କାରେ ଅସ୍ଥିର ହେଉଥିଲେ ଅଶୋକ । ସେ ଅନୁଭବ କରିଥିଲେ ଅସିର କ୍ଷମତା ଉପରେ ରାଜତନ୍ତ୍ର ଓ ରାଜାର ଦକ୍ଷତା ଉପରେ ତାର ପରମାୟୁ, ଭାଗ୍ୟ, ଭବିଷ୍ୟତ ଯୋଡି ହୋଇଥିଲା । ସବୁଠି ଶକ୍ତି ଓ ପ୍ରତିଶକ୍ତିର ଛକାପନ୍‌ଝା ଖେଳ । ସାମ୍ରାଜ୍ୟର କୋଣେକୋଣେ ବିଶ୍ୱାସ ଓ ସନ୍ଦେହର ଛାଇ ଆଲୁଅ, ମୃତ୍ୟୁର କଳାଛାଇ, ଅଥଚ ତୋଷାଳୀରେ ପ୍ରଜାତନ୍ତ୍ରର ରାଜା ଶକ୍ତିଶାଳୀ, ସୁଦୃଢ, ଶାନ୍ତ । ସକଳ ସନ୍ଦେହ, ବିଦ୍ରୋହର ବହୁଦୂରରେ ଅର୍ନ୍ତଦ୍ୱନ୍ଦ୍ୱ ଗୃହ ବିବାଦ ଶୂନ୍ୟ କଳିଙ୍ଗର ରାଜା ସୁନିଦ୍ରା ଯାଉଥିଲେ ଅଥଚ ମଗଧରେ ରାଜାଙ୍କ ଆଖିରେ ନିଦ ନଥିଲା । ପ୍ରତି ରାତିରେ ସେ ବଦଳାଉଥିଲେ ଶଯ୍ୟା, ଶଯ୍ୟା ସଙ୍ଗିନୀ, ଦୂତୀ, ଦେହରକ୍ଷୀ । ନିଜର ଏକଶତ ଭାଇଙ୍କୁ ହତ୍ୟା କରି, ଯୁବରାଜ ସୁମନଙ୍କୁ ହତ୍ୟା କରି ରକ୍ଷିତା ପୁତ୍ର ଅଶୋକର ସିଂହାସନ ଆରୋହଣକୁ ମଗଧବାସୀ ବରଦାସ୍ତ କରିନଥିଲେ । ସର୍ବତ୍ର ଘୃଣା, ସନ୍ଦେହ, ଅପମାନ,ପ୍ରତିଶୋଧର ନିଆଁ । ସ୍ଥାନେ ସ୍ଥାନେ ବିଦ୍ରୋହ । ରାଜପୁତ୍ରମାନଙ୍କର ବନ୍ଧୁବାନ୍ଧବମାନେ କ୍ଷୁବ୍ଧ, କ୍ରୋଧିତ । ସୁଯୋଗ ଅପେକ୍ଷାରେ ନୀରବ । ସାମରିକ ଶାସନର କଡା ନିର୍ଦ୍ଦେଶରେ ରାଜ୍ୟବାସୀ ଥରହର । କଠୋରଭାବେ ବିଦ୍ରୋହ ଦମନ କରି କ୍ଲାନ୍ତ, ଶ୍ରାନ୍ତ ମଗଧ ସମ୍ରାଟ ଅଶୋକ । ଅନ୍ତଃବିଦ୍ରୋହ ପଛରେ କଳିଙ୍ଗର ପରୋକ୍ଷ ସାହାଯ୍ୟ ସମର୍ଥନର ସୂଚନା ଗୁପ୍ତଚରଙ୍କଠାରୁ ପାଇ ଅଶୋକ କ୍ରୋଧାନ୍ୱିତ ହୋଇଥିଲେ । ଗୁପ୍ତଚରମାନଙ୍କ ସୂଚନାକୁ ସେ ସତ୍ୟ ସୂଚନାରୂପେ ଗ୍ରହଣ କରୁଥିଲେ । ଅଶୋକଙ୍କ ଆସ୍ଥାଭାଜନ ଓ ପୁରସ୍କାର ଆଶାରେ ସେମାନେ ବେଳେ ବେଳେ ମିଥ୍ୟା, ମନଗଢା, ଅତିରଞ୍ଜିତ ତଥ୍ୟ ପ୍ରଦାନ

କରୁଥିଲେ କଳିଙ୍ଗ ବିରୁଦ୍ଧରେ ଅଶୋକଙ୍କୁ ଉତ୍ତେଜିତ କରିବାକୁ । ଯଥା କେଉଁ ବଣିକ ଗୁପ୍ତରେ କଳିଙ୍ଗର ଘନ ଜଙ୍ଗଲରେ ବାଘ, ଭାଲୁ ମୁଖରେ ବା ଦୁର୍ଘଟଣାରେ ମୃତ୍ୟୁବରଣ କଲେ ସେମାନେ ଖବର ଦେଉଥିଲେ କଳିଙ୍ଗରେ ସେମାନଙ୍କୁ ନିର୍ମମ ଭାବେ ହତ୍ୟା କରାଯାଉଛି । ସମୁଦ୍ରରେ ଆକସ୍ମିକ ଝଡତୋଫାନରେ ମଗଧର ବାଣିଜ୍ୟ ତରୀ ଧ୍ୱଂସହୋଇ ଜଳମଗ୍ନ ହେଲେ ସେମାନେ ଖବର ଦେଉଥିଲେ କଳିଙ୍ଗର ବଣିକମାନେ ଧନରତ୍ନ ଲୁଣ୍ଠନକରି ତରୀଗୁଡିକୁ ଧ୍ୱଂସ କରିଛନ୍ତି । ସମ୍ୟକ ସତ୍ୟ ସହିତ ଅତିରଞ୍ଜିତ ମିଥ୍ୟା ଅଶୋକଙ୍କୁ ଉତ୍ତେଜିତ କରିଥିଲା ଆଧୁନିକ ପାକିସ୍ତାନ ଶାସକଙ୍କ ଅବସ୍ଥା ଭଳି । ମହାରାଜ ବିନ୍ଦୁସାରଙ୍କ ଜ୍ୟେଷ୍ଠପୁତ୍ର ଯୁବରାଜ ସୁମନ ଥିଲେ ମୌର୍ଯ୍ୟ ସାମ୍ରାଜ୍ୟର ନ୍ୟାୟୋଚିତ ଅଧିକାରୀ । ଅଶୋକ ଯେଉଁଭଳି ଧ୍ୱଂସଲୀଳା ରଚନା କରି ସିଂହାସନ ଆରୋହଣ କଲେ ତାହା ଅତୀବ ହୃଦୟ ବିଦାରକ, ଜଘନ୍ୟ, ଦାରୁଣ ଦୃଶ୍ୟ ଥିଲା । ପ୍ରତିଶୋଧର ଭାବନା ଯେ କେତେ ତୀବ୍ର ତାହା ଦିନେ କଳିଙ୍ଗ-ପ୍ରତି ପ୍ରତିଫଳିତ ହେବ ତାହା ଅନୁଭବ କରିଥିଲେ କଳିଙ୍ଗରାଜା । ମୌର୍ଯ୍ୟ ସାମ୍ରାଜ୍ୟର ସ୍ଥପତି ଚନ୍ଦ୍ରଗୁପ୍ତ, ଚାଣକ୍ୟ,ସୁନିର୍ମାତା ବିନ୍ଦୁସାର କଳିଙ୍ଗ ସ୍ପର୍ଶ କରିବାକୁ ସାହସ କରିନଥିଲେ ସତ୍ୟ କିନ୍ତୁ ଚଣ୍ଡାଳରାଜ, କ୍ରୁର, ନିର୍ମମ ଅଶୋକ ଯେ ଦିନେ ଦୁଃସାହସ ନକରିବେ ଏହା ମର୍ମେମର୍ମେ ବୁଝିଥିଲେ କଳିଙ୍ଗାମାନେ । ଦୁର୍ବଳ ଯୁବରାଜ ସୁମନ ଅପେକ୍ଷା ଶକ୍ତିଶାଳୀ ସମ୍ରାଟ ଅଶୋକ ବଡ ବିପଦ । ତେଣୁ କଳିଙ୍ଗରାଜ ଅଶୋକଙ୍କୁ ସ୍ୱୀକୃତି ଦେଇଥିଲେ ମଗଧ ସମ୍ରାଟ ଭାବେ, ମୌର୍ଯ୍ୟ ସମ୍ରାଟ ଭାବେ ନୁହେଁ । ତେଣୁ ଅଶୋକ ବ୍ୟଥିତ ହୋଇଥିଲେ ବିଡମ୍ବିତ ସତ୍ୟକୁ ସ୍ୱୀକାର କରି । ଚଣ୍ଡାଶୋକର ଚଣ୍ଡାଳ କାର୍ଯ୍ୟରେ ଥରହର ମାଟି ଆକାଶ । ଅବୈଧ ରାଜପୁତ୍ରର ସିଂହାସନ ଅଧିକାରକୁ ଅଟ୍ଟହାସ୍ୟ କରୁଥିଲା ଆତଙ୍କିତ ଜନରବ, ଅତିରଞ୍ଜିତ ଜନଶ୍ରୁତି । ଅସହାୟ ଅଶୋକଙ୍କ ହୃଦୟରେ ସ୍ଥାନ ନଥିଲା ଦୟା, କ୍ଷମା, ଦରଦ ଲାଗି । ବଞ୍ଚି ରହିବାକୁ ସେ ବାଛିଥିଲେ ଧ୍ୱଂସର ମାର୍ଗ, ଶତ୍ରୁକୁ କଳେବଳେ ଛଳେ ଧୂଳିସାତ୍ କରିବାର ଦୁର୍ବାର ମାର୍ଗ । ଉଭୟ ରାଷ୍ଟ୍ରମଧ୍ୟରେ ରାଜନୈତିକ କୂଟନୈତିକ ସମ୍ବନ୍ଧ ସତ୍ତ୍ୱେ ସୀମାନ୍ତରେ ଉତ୍ତେଜନା, ଶଙ୍କା ଓ ସନ୍ଦେହର ବାତାବରଣ ଉଷ୍ମ ଥିଲା । ଅଶୋକଙ୍କୁ ଦୁର୍ବଳ କରିବାକୁ ମଗଧ ସାମ୍ରାଜ୍ୟର ଅସନ୍ତୁଷ୍ଟ ଲୋକମାନଙ୍କୁ ବିଦ୍ରୋହ ପାଇଁ ଧନ, ଅସ୍ତ୍ରଶସ୍ତ୍ର ଗୁପ୍ତରେ ଯୋଗାଇ ଦେଉଥିଲେ କଳିଙ୍ଗରାଜା । ଅନ୍ତଃବିଦ୍ରୋହ ଦମନରେ ଅସ୍ତବ୍ୟସ୍ତ ଅଶୋକ କଳିଙ୍ଗ ଯୁଦ୍ଧପାଇଁ ନୀରବ ପ୍ରସ୍ତୁତିରେ ଲାଗି ପଡିଥିଲେ । ମଗଧ ତୋଷାଳୀର ସମ୍ବନ୍ଧ ସୁଧାରିବାକୁ ଛଳନାର ଆଶ୍ରୟ ନେଇଥିଲେ । କଳିଙ୍ଗର ବିପୁଳ ଧନରତ୍ନ ପ୍ରତି ତାଙ୍କର ଲୋଭ ଥିଲା । ମୌର୍ଯ୍ୟ ସାମ୍ରାଜ୍ୟ ତୁଳନାରେ କଳିଙ୍ଗ କ୍ଷୁଦ୍ର ଅଥଚ ଅହଂକାରୀ । ଏଥିରେ କ୍ଷୁବ୍ଧ ଅଶୋକ । କଳିଙ୍ଗ ସାଗରରେ କଳିଙ୍ଗ ବଣିକମାନଙ୍କର ଆଧିପତ୍ୟ ଓ ମଗଧର ସମୁଦ୍ର ତଟରୁ ବହୁ ଦୂରରେ ବହିର୍ବାଣିଜ୍ୟର ଅସୁବିଧା । ସୁନାବ୍ୟା ଗଙ୍ଗାନଦୀ ମଧ୍ୟ ଦେଇ ସମୁଦ୍ର ମଧ୍ୟରେ ବାଣିଜ୍ୟରେ ପ୍ରତିରୋଧ ସୃଷ୍ଟି କରୁଥିଲେ ଜଳଦସ୍ୟୁମାନେ । ତେଣୁ ଅଶୋକ ଥିଲେ ଦୃଢ ପ୍ରତିଜ୍ଞ ଜଳଦସ୍ୟୁମାନଙ୍କୁ ଦମନ ପାଇଁ । ସର୍ବୋପରି ଅଶୋକ ଥିଲେ ଭାଗ୍ୟବାଦୀ । ସେ ଯେଉଁଭଳି ଜନ୍ମରୁ ସମସ୍ତ ଘାତ ପ୍ରତିଘାତ ମଧ୍ୟରେ ଗତିକରି ଜୀବନର ପ୍ରତିକୂଳ ସ୍ରୋତରେ ବିଜୟ ହୋଇଥିଲେ ତାହା ଥିଲା ଅସାଧାରଣ । ସମସ୍ତ ଚକ୍ରାନ୍ତ ସତ୍ତ୍ୱେ ସେ ଯେପରି ସିଂହାସନ ଆରୋହଣ କଲେ ତାହା ସମସ୍ତଙ୍କୁ ବିସ୍ମିତ କରିଥିଲା । ଭବିଷ୍ୟତବାଣୀର ସତ୍ୟତା ସେ ଉପଲବ୍ଧି କରିଥିଲେ । ଦିନେ କଳିଙ୍ଗ ବିଜୟ



କରି ସେ ସମଗ୍ର ଭାରତ ବର୍ଷର ମହାମହିମ ସମ୍ରାଟ ହେବେ, ଏହି ଆଶା ତାଙ୍କ ମାନସପଟକୁ ଆଚ୍ଛନ୍ନ କରିରଖିଥିଲା । ଦୁର୍ଜୟ କଳିଙ୍ଗ ଜୟ ଅସମ୍ଭବ ଜାଣି ସୁଦ୍ଧା ସେ ଥିଲେ ଆଶାନ୍ୱିତ । ସେହି ଭୀଷଣ ସଂଘର୍ଷର ପରିଣତି ଓ ରୂପ ରେଖର ନକ୍ସା ସେ ତିଆରି କରୁଥିଲେ ଧୈର୍ଯ୍ୟ, ସାହସ ସହିତ ଗୋପନୀୟ ଭାବେ, ନାଟକୀୟ ଭାବେ । ପିତା, ପ୍ରପିତାମହଙ୍କ ସ୍ୱପ୍ନର କଳିଙ୍ଗକୁ କରଗତ କରିବାକୁ ସେ ଥିଲେ ଦୃଢ ପ୍ରତିଜ୍ଞ । ବ୍ୟକ୍ତିଗତ ଜୀବନରେ ଦାରୁଣ ବ୍ୟଥା ପ୍ରିୟତମା କାରୁବାକୀର ନିବିଡ ପ୍ରେମ, ନୀରବ ସ୍ୱୀକୃତି ସତ୍ତ୍ୱେ ଚରମ ଅପମାନ, ଘୃଣା, ପ୍ରତ୍ୟାଖାନ ଯେପରି ବେଦନା ଜର୍ଜରିତ ସେହିପରି ଅଶୋକଙ୍କ ଲାଗି ସମସ୍ତ ନିନ୍ଦା, ନିର୍ଯ୍ୟାତନା ସତ୍ତ୍ୱେ ଅଶୋକଙ୍କ ନିକଟରେ ପ୍ରାଣସଖୀର ମୌନତା, ଅଯାଚିତ ଉଦାର ଆତିଥ୍ୟ, ସ୍ନେହ, ପ୍ରେମ, ପ୍ରତିଶ୍ରୁତି ସର୍ବୋପରି ହୃଦୟ ସୁନ୍ଦର କଥାରେ, ବ୍ୟଥାରେ, ମାନବୀୟ ସୌନ୍ଦର୍ଯ୍ୟରେ ମୁଗ୍ଧ ମୋହିତ ଅଶୋକଙ୍କ କବି ଦୃଷ୍ଟିରେ ସୁଠାମ ଅଙ୍ଗଲତିକାରେ ଲଳିତ ଲାବଣ୍ୟର ବର୍ଣ୍ଣଛଟା, ଯୌବନର ପ୍ରାଣୋଚ୍ଛଳ ପ୍ରକାଶରେ ପ୍ରଣୟ ଉଚ୍ଛଳ ତାଙ୍କର ପ୍ରାଣଶକ୍ତି ଓ ପୌରୁଷ ପାଖରେ ଅପହଞ୍ଚ ପ୍ରାଣସଖୀର ପୀଡା ଯେମିତି ଉତୁଙ୍ଗ ନୀଳ ପର୍ବତ ଉପରେ ଆମୋଦିତ ହସ୍ତୀ ପାଦଦେଶରେ ବନ୍ୟ ହରିଣୀର ବେପଥୁ । ମିଳନ ଆକୁଳ ପ୍ରାଣରେ ବ୍ୟାକୁଳ ପ୍ରତୀକ୍ଷା । ବେଦନାୟିତ ବଂଶୀଧ୍ୱନି ଯେମିତି ଆକାଶର ମେଘ, ମାଟିର ମୟୂର ମଧ୍ୟରେ ସବୁ ବନ୍ଧନ ତୁଟେଇ ଅଜାଡି ହୋଇ ପଡିବାକୁ ଅକାତରେ, ଅନୁରାଗରେ, ଅବାରିତ ଜଳଧାରା ଭଳି ଆକାଶରୁ ଆତ୍ମସମର୍ପଣର ଅନନ୍ୟ ଅନୁଭବ । ଅସହ୍ୟ, ଅଦମ୍ୟ ସେ ଅନୁଭୂତି, ଅନୁଭବ । ଜୀବନ ଓ ମୃତ୍ୟୁର ଦୋଛକି ଉପରେ ସ୍ୱପ୍ନ ଦେଖିବାର ନିଶା, ଜହ୍ନକୁ ଜାବୁଡି ଧରିବାର ପ୍ରୟାସ, ହତ ହୃଦୟର ଅଧିକାରକୁ ଛଡେଇ ଆଣିବାର ଅସମ୍ଭବ ଅଙ୍କକଷା ଯେମିତି ଜନ୍ମରୁ ଜନ୍ମାନ୍ତର ଯାଏ, ଗ୍ରହରୁ ଗ୍ରହାନ୍ତର ଯାଏ । ହରେଇବାର ଆଶାଙ୍କାରେ ମ୍ଳାନ ଦିଶୁଥିଲା ତାଙ୍କର ମୁହଁ । ହାହାକାର କରୁଥିଲା ପ୍ରାପ୍ତିର ପୃଥିବୀ । ହାରିଯିବାର ମୁହୂର୍ତ୍ତ ଯେମିତି ମୃତ୍ୟୁଠାରୁ ହଳାହଳ । ଅସହ୍ୟ ଯନ୍ତ୍ରଣାରେ ଯୁଗପତ୍ ଆନନ୍ଦରେ ଆଉଟୁପାଉଟୁ ହେଉଥିଲେ ସେ । କଳିଙ୍ଗକୁ ହରେଇବା ଯେପରି ଅସମ୍ଭବ, ହୃଦୟ ସମ୍ରାଜ୍ଞୀ କାରୁବାକୀକୁ ହରେଇବା ସେମିତି ଅସମ୍ଭବ, ଅସହାୟ ତାଙ୍କର ଅନ୍ତରାତ୍ମା, ବିକଳ, ବିବ୍ରତ, ମନେମନେ ଅସମ୍ଭାଳ, ଅଣାୟତ୍ତ । ମନେପଡୁଥିଲା ବିଗତ ଦିନର ସ୍ମୃତି ମରଣଜୟୀଯେ କଲ୍ୟାଣୀୟା ! ଲେଖୁଥିବ ଯେବେ ମରଣରେ କ୍ଷଣେ ରହିଯା ଦେଖିବି ମୋରି ପ୍ରିୟଙ୍କୁ , ନୀଳ ଆକାଶରୁ ସବୁଜ ଧରିତ୍ରୀକୁ, ଯାହା ଲାଗି ଜଳି ମରିଛି ସାଇତି ରଖିଛି ପ୍ରୀତିକୁ । ପ୍ରଣାମ । ପଦ୍ମାବତୀଙ୍କ ପାଇଁ ପୁରୁଷୋତ୍ତମଙ୍କ କାଞ୍ଚିଯୁଦ୍ଧ ଭଳି କାରୁବାକୀ ହୃଦୟ ଜଡାଇ ଧରିରଖିବାର ଅପୂର୍ବ ପ୍ରୟାସ । କେଉଁ ପ୍ରେମିକ ପ୍ରୀତିକୁ ପରାହତ କରିପାରିବ ? ସହଜେ ସେ ସମ୍ରାଟ ପୁଣି କବି ସର୍ଜନ ଶକ୍ତିର । ସାତ ସପନରେ ସଖୀ ବୋଲି କହି ଭଲ ପାଏ ଯିଏ ମୋତେ ।ଏଇ ଜୀବନରେ ଫେରିକି ପାଇବି ସତେ ? ଏଥିପାଇଁ ଅଶୋକଙ୍କ କଳିଙ୍ଗ ଯୁଦ୍ଧ । ପ୍ରାଣସଖୀ ପାଇଁ ପ୍ରୀତପ୍ରାଣର ପ୍ରାଣ ସର୍ବସ୍ୱ ପଣ ପ୍ରୀତି ହୃଦୟର ଶକ୍ତି ପାଖରେ ଅନାହତ, ଅପରାଜେୟ, ପରୁଷାକାରର ଆହ୍ୱାନ ଯେମିତି ଅବଦମିତ ସେମିତି ଆଦିମ ଉଚ୍ଛ୍ୱାସରେ ଉତ୍ଫୁଲ୍ଲିତ । ଚଣ୍ଡାଳ ଗଜପତି ପୁରୁଷୋତ୍ତମ ଚଣ୍ଡାଶୋକ ମଗଧ ସମ୍ରାଟ ଅଶୋକ ଯେମିତି ଅପରାଜେୟ ଇଚ୍ଛାଶକ୍ତିର ଅଧିକାରୀ । ଏ ଯୁଦ୍ଧ ଯେମିତି ଅବଶ୍ୟମ୍ଭାବୀ ସେମିତି ଅସମ୍ଭବ ଲାଗୁଥିଲା ଏହାର ଭୟାବହ ପରିଣତି । ପରମ କଲ୍ୟାଣୀୟା ପ୍ରୀତିସ୍ୱଦା ପ୍ରାଣସଖୀକୁ ହରେଇ ବଞ୍ଚିବାର ବିଡମ୍ବନାକୁ

ଅନୁଭବ କରିଥିଲେ ପ୍ରେମିକ ସମ୍ରାଟ, ନରପତି ସକଳ ଜ୍ଞାନ, ଧନ, ଯୌବନର ବିଳାସ ସତ୍ତ୍ୱେ, ରାଣୀ, ମହରାଣୀ ମଧ୍ୟରେ । ପ୍ରାଣସଖୀ ପାଇଁ କୋମଳ ପ୍ରାଣର ଏ କଠୋର ପରୀକ୍ଷା । ପ୍ରାଣବଳିଦାନର ପ୍ରାକ୍‌ସର୍ତ୍ତ ହିଁ ଯେଉଁ ବିଜୟୀ ଯୁଦ୍ଧର ପରିକଳ୍ପନା । ପ୍ରୀତି ହୃଦୟର ପ୍ରତିବଦ୍ଧତା ପାଖରେ ଯେମିତି ହାର ମାନିଥିଲା କାଳ, ମହାକାଳ । ଧାରେ ହସ, ଧାରେ ଲୁହରେ ଅପୂର୍ବ ଦିଶୁଥିଲା ପ୍ରୀତିମଗ୍ନା । ପ୍ରାଣମୟ ଲାଗୁଥିଲା ପ୍ରୀତିଲଗ୍ନାର ପଣତ ଢଙ୍କା ମୁହଁ, ଅନାବୃତ ଆଖି, ଓଠ, ଛାତି, ଅସଜଡା ଦେହ । ପ୍ରଣାମ ।

■■